# ଓଡ଼ିଆ
# ସାହିତ୍ୟର କ୍ରମ-ପରିଣାମ

## ଦ୍ୱିତୀୟ ଭାଗ

ନୀଳକଣ୍ଠ ଦାସ

Digitized by srujanika@gmail.com

# ଓଡ଼ିଆ ସାହିତ୍ୟର
# କ୍ରମ-ପରିଣାମ

## ଦ୍ୱିତୀୟ ଭାଗ—ଓଡ଼ିଆ ସଂସ୍କୃତି ଓ ସାହିତ୍ୟ

Purchased with the assistance
of the Govt. of India Under the
Scheme of Financial Assistance
to Voluntary Educational
Organisations working Public
Libraries/MSS. Libraries in the Year

ପଣ୍ଡିତ ନୀଳକଣ୍ଠ ଦାସ

ନବଭାରତ ଗ୍ରନ୍ଥାଳୟ

Digitized by srujanika@gmail.com

ନବଭାରତ ଗ୍ରନ୍ଥାଳୟ,
କଟକ—୨

ପ୍ରଥମ ସଂସ୍କରଣ
୧୯୫୩
ଏକହଜାର

ସାତଟଙ୍କା ଅଠଅଣା

ମୁଦ୍ରାକର
ବନମାଳୀ ମିଶ୍ର
ନବଭାରତ ପ୍ରେସ
କଟକ—୨

Digitized by srujanika@gmail.com

## ଦ୍ୱିତୀୟ ଭାଗର 'ଆଦ୍ୟକଥନୀ'

'ପ୍ରଥମ ଭାଗ' ଭୂମିକାରେ ଲେଖିଥିଲି, "ଏହା ପରେ ପୁସ୍ତକ ଖଣ୍ଡିକର ନାମ ହେବ 'ପରିଣାମରେ ଗତି' ।" ମାତ୍ର ପରିଣାମରେ ସମୟର ସ୍ତର-ଭେଦରେ ଗତି ଦେଖାଇ ଓଡ଼ିଆ ସାହିତ୍ୟ ଆଲୋଚନା କରିବାର ସାମଗ୍ରୀ ନାହିଁ । ତା ସବୁ ଖୋଜି କାଢ଼ିବା ପାଇଁ ମଧ୍ୟ ବାୟୁ-ମଣ୍ଡଳ ତିଆରି ହୋଇ ନାହିଁ । ଆମ ସାହିତ୍ୟର ଯାହା ବା ଆଲୋଚନା ହୋଇଛି ବା ହେଉଛି, ତାକୁ ଉପମା ଦେଇ କହିଲେ କୁହାଯିବ, 'ଅନ୍ଧମାନେ ହାତୀ ଦେଖିବା ପରି' । କିଏ କେଉଁଠାରୁ ପୁଚ୍ଛାଏ ଧରି ଆଲୋଚନା କରି ଯାଉଛି । ସଂସ୍କୃତିର ପୀଠ ସଙ୍ଗେ ପ୍ରବାହର ସଙ୍ଗତିକୁ ତୁଳନାରେ ଆଣି ବିଚାର ନ କଲେ ପରିଣାମରେ ଗତି ସ୍ପଷ୍ଟ ଦେଖି ହେବ ନାହିଁ । ତେଣୁ ସଂକେତରେ ଓଡ଼ିଆ ସଂସ୍କୃତିର ପୀଠ ଓ ସାହିତ୍ୟରେ ତାହାର ପ୍ରକାଶ ଦେଖାଇବା ପାଇଁ ଯଥାସାଧ୍ୟ ସୂଚନା ଏ ଖଣ୍ଡିକରେ ଦିଆ ଯାଇଛି । ଆଶା ହୁଏ, ଆମ ସାହିତ୍ୟ ସାଧକମାନେ ଏହି ସଙ୍କେତର ଧାରା ଧରି ସତ୍ୟାସତ୍ୟ ନିରୂପଣ କରି ସାହିତ୍ୟ ଆଲୋଚନା କରିବେ । 'ବଙ୍ଗାଳି ବୋଲି' ଉପେନ୍ଦ୍ର ଭଞ୍ଜଙ୍କର କି ନୁହେଁ, 'ଅଲଙ୍କାର ବୋଲି' ଦୀନକୃଷ୍ଣଙ୍କର କି ନୁହେଁ, ଏ ଭଳି ନିଷ୍ଫଳ ଆଲୋଚନା ପାଇଁ ବର୍ତ୍ତମାନ ସମୟ ଆସି ନାହିଁ । ଆଗ ଓଡ଼ିଆ ସାହିତ୍ୟର ମୂଳ ପ୍ରକୃତି ଓ ପରିଣାମ ଧାରା ଠିକ୍ ନ କଲେ

Digitized by srujanika@gmail.com

ଏ ସବୁ କସରତ ଅବାନ୍ତର । ଖାଲି ବର୍ଣ୍ଣନା-ସ୍ୱତ୍ତ ଦେଖି ଗଙ୍ଗାଧର ମେହେରଙ୍କୁ ଓ୍ୱାର୍ଡ଼ସ୍‌ଓ୍ୱାର୍ଥଙ୍କ ସଙ୍ଗେ ତୁଳନା କରିବାରେ ଦେଶପ୍ରୀତି ଖୁବ୍ ଥାଇପାରେ । କିଂତୁ ମନେ ରଖିବାର ଅଛି, କେବଳ ଦେଶପ୍ରୀତିରେ ଗବେଷଣା ବିଗିଡ଼ି ଯାଏ । ବ୍ୟାଖ୍ୟାରେ ସତ୍ୟକୁ ଯୋଡ଼ାଇବା ଗୌଣତ୍ୱ ମନୋବୃତ୍ତିର ଗୋଟିଏ ସହଜ ପ୍ରକାଶ । ଓଡ଼ିଆ ସାହିତ୍ୟରେ କଥା ଭାରତର ଅନ୍ୟାନ୍ୟ ସାହିତ୍ୟରେ ଏହା ଖୁବ୍ ପ୍ରକାଶ ପାଇଛି । କିଂତୁ ଆଜ ଆଲୋଚନାକୁ ସ୍ୱାଧୀନ କରିବାକୁ ହେଲେ ଆଉ ସେ ଚିନ୍ତା ଚଳିବ ନାହିଁ ।

ଆଉ ଗୋଟିଏ କଥା ଏଠି କହିଦିଏ । ଏହା ଦେଶପ୍ରୀତି ପର ହଠାତ ଦେଖାଯାଇପାରେ । କିଂତୁ ଏହା ସତ୍ୟ । ପୂର୍ବ ଓ ପଶ୍ଚିମ (East and West) କଥାଟି ବହୁକାଳରୁ କୁହା ହୋଇଆସୁଛି । ପୂର୍ବ ଭୂଭାଗର ସାହିତ୍ୟ ନିଜ ଗୌରବରେ ଫୁଟି ହୋଇ ଏ ଭେଦ କାଣ୍ଟି କହେ, କେବଳ ବହୁ ଯୁକ୍ତି କରି ଆସିଥିବା କଥା ଅଜଣା ନୁହେ । କିଂତୁ ପଶ୍ଚିମ ସାହିତ୍ୟର ମୌଳିକ ଭକ୍ତିଧର୍ମ ଓ ପୂର୍ବ ଭୂମିର ସାହିତ୍ୟରେ ସେହିପରି ମୌଳିକ ଦାର୍ଶନିକ ଧର୍ମର ପ୍ରଭାବ ବରାବର ରହି ଆସିଛି । ଏହି ରୀତିରେ ସାମାଜିକ ଚଳଣି ଗଢ଼ିଛି । ଅସ୍ୱୀକାର କରିହେବ ନାହିଁ, ପ୍ରତୀଚ୍ୟର ଭକ୍ତି ଧର୍ମ ପ୍ରଭାବରେ ପ୍ରାଚ୍ୟର ଦର୍ଶନ ଧର୍ମ ବହୁ ଭାବରେ ଅଭିଭୂତ ଓ ପୀଡ଼ିତ ହୋଇ ଆସିଛି । ଭକ୍ତି ଧର୍ମରେ କର୍ମର ଦାୟିତ୍ୱ, ଯାହାର କର୍ମ ତାହାର ନୁହେ । ଦର୍ଶନ ଧର୍ମରେ କାହାର ନିଜ କର୍ମରେ ଦାୟିତ୍ୱର ଧାରଣା ହେଉଛି, ମୂଳତଃ ଭେଦର ସତ୍ୟ ସଙ୍କେତ । ଏହି ପ୍ରାଚ୍ୟ ଦାର୍ଶନିକ ଧର୍ମ ସଙ୍କୁଚିତ ହୋଇ ହୋଇ ଓଡ଼ିଶାରେ ଏବେ ବି ବରାବର ଲୋପ ପାଇ ନାହିଁ । ପୁରୁଷୋତ୍ତମ ଜଗନ୍ନାଥ, ଏହି ସଂସ୍କୃତି ଓ ସାହିତ୍ୟର ନିତ୍ୟ ସଙ୍କେତ ହୋଇ

Digitized by srujanika@gmail.com

ଏବେ ମଧ୍ୟ ରହିଛି । କିଂତୁ କାରଣ କହିବା ଦରକାର ନାହିଁ, ଏ ମହା ପ୍ରଭେଦଟି ମଧ୍ୟ ବହୁ ଭାବରେ ଭକ୍ତି ଧର୍ମରେ ଆବୃତ ହେବା ସଙ୍ଗେ 'ମୈତ୍ରୀଦେବ ଜଗନ୍ନାଥ'ଙ୍କୁ 'କରୁଣାମୟ ପତିତପାବନ'ରେ ପରିଣତ କରିବାର ଉଦ୍ୟମ ବହୁକାଳରୁ ଚାଲି ଆସିଛି । ଜୈନଧର୍ମର ମହା-ପ୍ରଚାରକ ମଧ୍ୟପନ୍ଥୀ ଶାକ୍ୟମୁନି, ଜିନ ବା ବୁଦ୍ଧ, ଏହି ପୀଠରେ ଅମ୍ବଦାନ କରି ପରେ ମହାଯାନର କରୁଣାମୟ ବୁଦ୍ଧଦେବରେ ପରିଣତ ହୋଇଥିଲେ । ଜଗନ୍ନାଥଙ୍କୁ ସେହି କରୁଣାମୟ ବୁଦ୍ଧରୂପେ ଦେଖିବାର ପ୍ରଚେଷ୍ଟା ଯେ ହୋଇଛି, ତା ବୁଝାଇବା ଦରକାର ନାହିଁ ।

କିଂତୁ ଆଜି ପୃଥିବୀରେ କରୁଣାମୟ ପତିତ ପାବନ, ଅର୍ଥାତ୍ ଭକ୍ତି ଧର୍ମର ଈଶ୍ୱର ଆଉ ରହି ପାରୁ ନାହାନ୍ତି । ନିରୀଶ୍ୱର ହେବା ସଙ୍ଗେ ସଙ୍ଗେ ପୃଥିବୀ ଆସ୍ତିକତା ହରାଉଛି । ମାତ୍ର କେବଳ ଭୌତି-କତା ସମାଜର କର୍ମ-ନୀତିର ନିୟାମକ ହୋଇ ପାରିବ ନାହିଁ । ମାନବ, କେବଳ ଶରୀର ବା 'ଅଜୀବ' ନୁହେଁ । ତାହାର ଆତ୍ମା ବା 'ଜୀବ' ଅଛି । 'ଜୀବ', 'ଅଜୀବ'ର ଏହି ସମାଧାନର ଆଦର୍ଶ, ସମାଜର ଚଳଣିକୁ ପ୍ରଭାବିତ ନ କଲେ, ମାନବ ସମାଜର ଚିରକାମ୍ୟ ଶାନ୍ତି, ସଂତୋଷ ବା ଏକ କଥାରେ କହିଲେ ସମାଧାନର ଶୃଂଖଳା ଓ ସୌନ୍ଦର୍ଯ୍ୟ – ବେଦ ଭାଷାରେ ସତ୍ୟରେ ଋତ—ଫୁଟିବ ନାହିଁ । ମାନବ ସମାଜ ଆଜି ସେହି ସମାଧାନକୁ ଖୋଜି ବସିଛି । ଓଡ଼ିଆର ସଂସ୍କୃତି ଓ ସାହିତ୍ୟର ମର୍ମରୂପେ ଯେଉଁ ଦର୍ଶନ-ଧର୍ମ ପୀଠ ଅତି କ୍ଷୀଣ ହେଲେ ମଧ୍ୟ ଜୀବନ୍ତ ଅଛି । ସେହି ଦୃଷ୍ଟିରେ ଆମ ସାହିତ୍ୟର 'ମରଣାମରେ ଗତି' ମିଟାଇ ନ ଦେଖିଲେ ବସ୍ତ୍ୱାଂଶମାନଙ୍କର ଆଲୋଚନା ଉଦ୍ଦେଶ୍ୟହୀନ ହୋଇ ଭ୍ରଷ୍ଟ ହେବ । ଏହି ଆଲୋଚନା ପ୍ରାଣ-ବନ୍ତ ହୋଇ ଫୁଟିଲେ, ଓଡ଼ିଆ ଏବା ଅଙ୍କ ପୃଥିବୀର ସଂଘର୍ଷ-ସମା-

Digitized by srujanika@gmail.com

ଧାନରେ ଧାସପ୍ରମ୍ଭ ରୂପେ ବାଛି ଦେଖାଇ ପାରିବେ । ଏଇ କଥାଟି ସର୍ବଦା ମନେ ରଖି ସାହିତ୍ୟ ଆଲୋଚନାରେ ଗତି କରିବାର ଅଛି ।

ସେଇ ଦୃଷ୍ଟିରେ ସାହିତ୍ୟ କ୍ରମ-ପରିଣାମର ଏ ଭାଗଟି ଲେଖା ଯାଇଛି । ମାତ୍ର ଏଥିରେ ସଂସ୍କୃତର ସେଇ ମୂଳଟି ପ୍ରତି ବରାବର ସଂକେତ ଥିଲେ ମଧ୍ୟ ସାଙ୍ଗୋପାଙ୍ଗ ଭାବରେ ସେ ମୂଳଟିର ଇତିହାସ ଓ କ୍ରମପରିଣାମ ଆଲୋଚନା କରାଯାଇନାହିଁ । ପୁଣି ସେଇ ସାହିତ୍ୟ ଓ ଶିଳ୍ପକୁ ମଧ୍ୟ ପରିଥରେ ଧାରାବାହିକ ଭାବରେ ସ୍ତରକୁ ସ୍ତର ଉଦାହରଣ ସହିତ ଚିହ୍ନାଇ ଦେଖି ନେବାର ଅଛି । ଏ ଦୁଇଟି ପାଇଁ ଆଉ ଦୁଇଟି ଭାଗ ଲେଖିବାର କଳ୍ପନା ଅଛି । ଏହା ପର ଭାଗଟି ସେଥିପାଇଁ ହେବ, ପୃଥିବୀର ଧର୍ମ ଓ ତହିଁରେ ଜଗନ୍ନାଥ ଧର୍ମର ଗତି ଓ ପରିଣତି; ତାପରେ ସେଇଦୃଷ୍ଟିରେ ଲିଖିତ ସାହିତ୍ୟ ଓ ଶିଳ୍ପାଦିର ସ୍ତରମାନଙ୍କର ଆଲୋଚନା ।

ଏ ଭାଗଟି ଛପାଇବାରେ ବହୁଦିନ ବିତି ଯାଇଛି । ପ୍ରଥମରୁ ପ୍ରାୟ ୧୦୦ ପୃଷ୍ଠା ପର୍ଯ୍ୟନ୍ତ ଦୁଇ ତିନି ବର୍ଷ ତଳେ ଲେଖାହୋଇ ଛପା ହୋଇ ଯାଇଥିଲା । ତା ପରେ ଏବେ ଗୃତମାସ ଭିତରେ ବାକିତକ କ୍ରମେ କ୍ରମେ ଛାପାଖାନାକୁ ଦେବାପାଇଁ ଲେଖା ଯାଇଛି । ତେଣୁ ପର-ବର୍ତ୍ତୀ ଅଂଶମାନ ଲେଖିଲା ବେଳକୁ ପୂର୍ବବର୍ତ୍ତୀ ଅଂଶମାନ ଛାପା ହୋଇ-ଯାଉଥିଲା । ଏଥିରେ ଯାହା ଅସୁବିଧା ହୋଇଥିବ, ତା ପାଠକମାନେ ବୁଝିପାରିବେ ଓ ତ୍ରୁଟି ସହିଯିବେ ବୋଲି ଅନୁରୋଧ କରୁଛି । ବନ୍ଧୁ-ମାନେ ମୋତେ ଏ ଲେଖା ଓ ଛାପାରେ ବହୁ ଆନ୍ତରିକ ସାହାଯ୍ୟ କରିଛନ୍ତି । ସେମାନଙ୍କ ମଧ୍ୟରେ ଅଧ୍ୟାପକ ପଣ୍ଡିତ ଶ୍ରୀ ବାନାମ୍ବର ଆଚାର୍ଯ୍ୟ, ସାହିତ୍ୟାଚାର୍ଯ୍ୟ, ବିଦ୍ୟାଭୂଷଣ ଓ ଶ୍ରୀ ବନମାଳୀ ମିଶ୍ର ବି.ଏ.,— ଏ ଦୁହିଁଙ୍କର ନାମ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ । ତା ଛଡ଼ା,

Digitized by srujanika@gmail.com

ଅଧ୍ୟାପକ ପ୍ରବର ପଣ୍ଡିତ ଶ୍ରୀ କରୁଣାକର କରଙ୍କ ଗ୍ରାହକତା ଓ ସାହାଯ୍ୟ କଥା ମଧ୍ୟ ଏଠି କହି ଦେବାର ଅଛି । ଏମାନଙ୍କ ସାହାଯ୍ୟ ଓ ଆନ୍ତରିକ ସହଯୋଗିତା ବିନା ଏ ଗ୍ରନ୍ଥଟି ଛପାହୋଇ ପାରିଥାନ୍ତା କି ନା, ହୋଇଥିଲେ ଏଇପରି ହୋଇପାରି ଥାନ୍ତା କି ନା, ସଂଦେହ । ସେମାନଙ୍କୁ ଓ ଅନ୍ୟ ଯେଉଁମାନେ ପ୍ରତ୍ୟକ୍ଷ ବା ଅବାନ୍ତର ଭାବରେ ସାହାଯ୍ୟ କରିଚନ୍ତି, ସେ ସମସ୍ତଙ୍କୁ ମୁଁ ଆନ୍ତରିକ କୃତଜ୍ଞତା ଜଣାଉଅଛି ।

ଛପାଖାନାରେ ଆଜିକାଲି ଓଡ଼ିଆ ଅକ୍ଷରର ଯେ ଦଶା ହୋଇଚି, ସେଥିରେ ଛପାରେ କେତେକ ଅନିବାର୍ଯ୍ୟ ଭୁଲ ରହି ଯାଇଚି । ତା ଛଡ଼ା ନିବାର୍ଯ୍ୟ ଭୁଲ ମଧ୍ୟ କଦାଚିତ୍ ଠାଏ ଠାଏ ଅଛି । ପାଠକେ ଏତିକି ବି ସହି ସମ୍ଭାଳି ପଢ଼ିବେ ବୋଲି ଆଶା ଓ ଅନୁରୋଧ କରେ ।

ନବଭାରତ ଅଫିସ
୨୦-୨-୧୯୫୩

ନୀଳକଣ୍ଠ ଦାସ

# ବିଷୟ ସୂଚୀ

## ପ୍ରଥମ ଅଧ୍ୟାୟ


**ସୂଚନା—ଓଡ଼ିଆ ଜୀବନ ଓ ଜଗନ୍ନାଥ** ୧—୪୯

ଓଡ଼ିଶା ପୁଣ୍ୟଭୂମି—୧ । ଏହା ଏକ ଇତିହାସର ସ୍ମୃତି ନୁହେ—ମୋଗଲଯୁଗ—୧ । ତୁଳନାରେ ଠିକ୍ ପୂର୍ବ ଯୁଗ—୨ । ମରହଟ୍ଟା କାଳ—୩ । ଏକ କାଳ—୪ । ଆଉ ଗୋଟିଏ ଦୁର୍ଗତି—୫ । ଗୌଣତ୍ୱ—ମନୋବୃତ୍ତି—୬ । ତଥାପି ଓଡ଼ିଆ ସର୍ବ ପରିଶତ—୭ । କାଳେ କାଳେ ମହାପୁରୁଷ ଓ ସନ୍ଥମାନେ ଏହି ଭୂମିକୁ ଅଜଚନ୍ତ୍ର—୮ । କ୍ଷେମ—୮ । ଇନ୍ଦ୍ରଦ୍ୟୁମ୍ନଙ୍କ କଥା—୯ । ବଜ୍ରଯାନ ଓ ସହଜଯାନ—୧୦ । ଖାଲି ଜଡ଼ତ୍ୱସ୍ଥାନ ନୁହେ, ଜଗନ୍ନାଥ ମଧ୍ୟ—୧୧ । ହିନ୍ଦୁ ତନ୍ତ୍ର ଓ ଯୌନଚର୍ଯ୍ୟା—୧୩ । ତନ୍ତ୍ରରେ ମଧ୍ୟ ଓଡ଼ିଶା ଓ ଜଗନ୍ନାଥ—୧୪ । ଶଙ୍କରାଚାର୍ଯ୍ୟ—୧୬ । ରାମାନୁଜ—୧୭ । ମୁସଲମାନ କାଳ—୧୮ । ସନ୍ଥମାନେ—୧୯ । ସହିଷ୍ଣୁତା, ମୈତ୍ରୀ ନୁହେ—୨୧ । ସିକନ୍ଦର ଲୋଦୀଙ୍କ ଧାର୍ମିକତା—୨୧ । ନାନକ ଓ ଶିଖଧର୍ମ—୨୨ । ମହାତ୍ମାଗାନ୍ଧି—୨୩ । ଏ ସବୁ ଜଗନ୍ନାଥର ମୈତ୍ରୀ-ଧର୍ମ ନହେ—୨୪ । ଯଥାର୍ଥ ମୈତ୍ରୀର ସଙ୍କେତ—ଅଗ୍ରୁବରେ—୨୪ । ଉଦାହରଣ—୨୫ । ପୁରୀର ଆତିଥେୟତା ଓ ଜନସେବା—୨୭ । ଏଥିରେ କୃତ୍ରିମତା ନାହିଁ—୨୮ । ଆଉ ଗୋଟିଏ ଅନୁଭବ କଥା—ପୁରୀ କଂଗ୍ରେସ—୨୯ । ଅଭ୍ୟର୍ଥନା ସଭାରେ ପଣ୍ଡା—୩୦ । ପଣ୍ଡାଙ୍କ ସଂଗେ କଥାବାର୍ତ୍ତା—୩୧ । ପଣ୍ଡାଙ୍କ କାର୍ଯ୍ୟ—୩୩ । ଓଡ଼ିଆଙ୍କ ଅତିଥି-


Digitized by srujanika@gmail.com

ସେବା—୩୩ । ବିଦ୍ୟାପିଠ— ୪ । ବୁଦ୍ଧଦନ୍ତ—୩୪। ଇତିହାସରେ ପ୍ରାଣପ୍ରାଚୁର୍ଯ୍ୟର ଦୃଷ୍ଟାନ୍ତ—୩୫ । ଖାରବେଳଙ୍କ ପ୍ରଥମ ମଗଧ ଅଭିଯାନ—୩୫ । ତାହାଁରୁ କ'ଣ ବୁଝାଯାଏ—୩୫ । ଶାରଳାଦାସ —୩୬ । ଦ୍ରାବିଡ଼ ଲେଖ—୩୭ । ଶାସନ କପର ଚଳୁଥିଲା—୩୭ । କଳିଂଗର ଲୋକଶାସନ ଓ ତା ପରିଣତି—୩୯ । ବିଦ୍ରୋହର ଦୃଷ୍ଟାନ୍ତ—୪୦ । କଳିଙ୍ଗ ସାମ୍ରାଜ୍ୟ—ବ୍ରହ୍ମବାଦ ଓ ଜୈନ ପରଂପରା —୪୨ । ଭାରତର ଧର୍ମ, ଜୈନଧର୍ମ ଓ କଳିଙ୍ଗ—୪ । ଖାରବେଳ କଅଣ ଥିଲେ ?—୪୩ । ଅଶୋକଙ୍କ କଳିଙ୍ଗ ବିଜୟ—୪୪ । ଓଡ଼ିଶାର କୃଷକ ସେନା—୪୫ । ସାମନ୍ତ ଓ ସେନା—୪୬ । ଅମ ଭୋଗୀ ଓ କାଙ୍ଗାଳ ଭୋଜନ—୪୭ ।

## ଦ୍ୱିତୀୟ ଅଧ୍ୟାୟ

କଥା କିଂବଦନ୍ତୀ ପ୍ରଭୃତିର ସଂକେତ ୪୯—୯୯

ଲୋକ ସାହିତ୍ୟର କ୍ଷେତ୍ର—୪୯ । ଧର୍ମ ସାହିତ୍ୟ ଓ କାବ୍ୟ ସାହିତ୍ୟ—୪୯ । ସାରଳାଦାସ ଓ ପଞ୍ଚସଖା—୫୧ । ପ୍ରଭାବ ଭିତରେ ମୂଳ ଦେଖିବାକୁ ହେବ—୫୨ । ହାତୀ ସୁନା କଳସ ଢାଳିବା କଥା —୫୩ । କଥାଟିରୁ ଏବେ କଣ ବୁଝନ୍ତୁ—୫୩ । କଥାଟିର ଯଥାର୍ଥ ଅର୍ଥ-ବ୍ୟାପ୍ତି—'ମହାସାମନ୍ତ୍ରକ'—୫୪ । ଜନତା ଓ ମହାଜନ —୫୫ । ସ୍ୱଳ୍ପ ଶାସନ—୫୬ । ଏହା ଜୈନ ପରଂପରା—୫୮ । 'ହାତୀ ସୁନା କଳସ ଢାଳିବା'କଥାର କି ଗତି ହେଲା ?—୫୯ । ଏହି ଚଳଣିର ଇତିହାସରେ ସାକ୍ଷ୍ୟ—୬୦ । ଭୌମ ସମ୍ରାଟମାନଙ୍କ କାଳରେ—୬୧ । ସୋମ କେଶରୀ ଓ ଗଂଗ କାଳ—୬୩। 'ବାରଣ ବଢ଼ୈଇରେ ଦାୟୀ, କ ପୁଅରେ ଦାୟୀ'—୬୪ । ମତ୍ତଭାନୁ ଦେବ—୬୬ । କପିଳେନ୍ଦ୍ର ଦେବ—୬୭ । ଏ କପିଳେନ୍ଦ୍ର ହେଉଛନ୍ତି 'ଓଡ଼

Digitized by srujanika@gmail.com

କପିଳା'—୬୯ । ସାହିତ୍ୟର ପ୍ରମାଣ—୭୦ । କିମ୍ବଦନ୍ତୀର ପ୍ରମାଣ—୭୨ । ନବାଙ୍କରେ ନିପୁଣତା—୭୪ । ଅତ୍ର କାସିଅ କପିଳାର କହିଅଛି ? — ୭୫ । କପିଳେନ୍ଦ୍ରଦେବଙ୍କ ଧର୍ମକର୍ମ—୭୭ । ସେ ସବୁର ପଥାର୍ଥ ପ୍ରକାର ଓ ଅର୍ଥବ୍ୟାପ୍ତି—୭୮ । 'ଛେରା ପହରା'—୭୯ । ପୋଇଲ ପୁଅ ପୁରୁଷ—୮୦ । ସେଇ ଏକା ବସ୍ତୁ ହେଲେ—୮୧ । ଛେରା ପହରା ଓ ଜଗନ୍ନାଥ ଧର୍ମ—୮୨ । ଉପାସନା ଓ ଭଜନା-ପ୍ରାକୃତ ଧର୍ମରେ—୮୩ । - ଜଗନ୍ନାଥ ଧର୍ମରେ —୮୫ । ମାହାର ଓ ମାହାରୀଣୀ—୮୬ । ମାହାରୀ—୮୮ । ଓଡ଼ିଆ ସଂସ୍କୃତିରେ ମାହାରୀ—୯୦ । ନୃତ୍ୟ ଓ ସଂଗୀତ— ନୃତ୍ୟ—୯୨ ।—ସଂଗୀତ—୯୪ । ଛାନ୍ଦ—୯୫ । ଓଡ଼ିଶୀ ସଂଗୀତ—୯୬ । ଶବ୍ଦମାନଙ୍କର ପ୍ରୟୋଗ ଓ ଅର୍ଥ-ବ୍ୟାପ୍ତି—୯୮ ।

## ତୃତୀୟ ଅଧ୍ୟାୟ

**କେତେକ ଅନୁଷ୍ଠାନ ଓ ଉପାଖ୍ୟାନର ଭିତ୍ତି, ବ୍ୟାପ୍ତି ଓ କଳନା** ୯୯—୧୪୫

ଓଡ଼ିଆର ଗୌଣତ୍ୱ ମନୋବୃତ୍ତି—୯୯ । ଏଥିରେ ସତ୍ୟ ଅଛି —୧୦୧ । 'ଛେରାପହରା'ର ଅର୍ଥ ଓ ଆନୁଷଙ୍ଗିକ ଶବ୍ଦମାନ—୧୦୬ । 'ଛେରାପହରା'ଟି ଏକା କପିଳେନ୍ଦ୍ର ଦେବଙ୍କ କାର୍ଯ୍ୟ—୧୦୮ । କାଞ୍ଚିରାଜ ତା ବୁଝିବେ କିଆଁ - ଦକ୍ଷିଣ ସ୍ମାର୍ତ୍ତଧର୍ମ—୧୦୯ । ଶଙ୍କରଙ୍କ ଅଦ୍ୱୈତବାଦର ଗୋଲକଧନ୍ଦା—୧୧୧ । ସହଜିଆଙ୍କ ସାମ୍ୟଧର୍ମ—୧୧୨ । କାଞ୍ଚିରାଜ କ'ଣ କଲେ—୧୧୩ । କିଂଭୂ ପୁରୁଷୋତ୍ତମ ସହିତେ କପଟ ? —୧୧୪ । ବିଜିତର ଇଷ୍ଟଦେବଙ୍କ ଦାସ୍ୟ—୧୧୫ । ପୁରୁଷୋତ୍ତମଙ୍କ ବିଜିତ ଦେବଦ୍ୱୟ—କାଞ୍ଚି ଗଣେଶ—୧୧୭ ।—ସାକ୍ଷିଗୋପାଳ—୧୨୦ । ଏଇ ସାକ୍ଷିଗୋପାଳଙ୍କ ସନ୍ଦେହ—

Digitized by srujanika@gmail.com

୧୨୨ । ସେ କଅଣ ଥିଲେ ?—୧୨୩ । 'ସତ୍ୟବାଦୀ'—୧୨୪ । ଗୌଡ଼ୀୟଙ୍କ ହାତେ ସତ୍ୟବାଦୀଙ୍କ ଗତି—୧୨୬ । ଭକ୍ତଙ୍କ ଚର୍ମ—୧୨୮ । ଭକ୍ତର ଭଗବାନ—ଖଣ୍ଡଗିରି—୧୩୧ । ସାକ୍ଷିଗୋପାଳଙ୍କ ଦଶା ସେଇଆ ହେଲା—୧୩୧ । ସାକ୍ଷିଗୋପାଳ ଉପାଖ୍ୟାନ—୧୩୨ । ବଡ଼ବିପ୍ର ସ୍ନେହବିପ୍ର କଥା—୧୩୩ । ଓଡ଼ିଶାରେ ତା'ରଗତି—୧୩୪ । ସାକ୍ଷିଗୋପାଳଙ୍କ ପରକୀୟା ପ୍ରେମ—୧୩୫ । ସାକ୍ଷିଗୋପାଳଙ୍କ ପରକୀୟା—ଲକ୍ଷ୍ମୀ—୧୩୬ । ଲକ୍ଷ୍ମୀଉପାଖ୍ୟାନ—୧୩୭ । ସାକ୍ଷିଗୋପାଳଙ୍କ ରାଧା—୧୩୯ । ସେଥିରେ ପୁଣି ସେବକଙ୍କ କୃତିତ୍ୱ—୧୪୧ । ବୃନ୍ଦାବନରେ ସେଇ କଥା ୧୪୪ ।

## ଚତୁର୍ଥ ଅଧ୍ୟାୟ

ଭକ୍ତିମାର୍ଗ ଜଗନ୍ନାଥ ଓ ଅଦ୍ଭୁତ କ୍ରିୟା ୧୪୬—୧୯୬

ଭକ୍ତିଧର୍ମର ପ୍ରକୃତ ଓ ପ୍ରତିଷ୍ଠା—୧୪୬ । ଅସହ୍ୟସ୍ପୃଶ୍ୟତା—୧୫୧ । ଭଲାଇବା ୧୫୩ । ବହୁତ ୧୫୪ । ଜଗନ୍ନାଥରେ ଅବେଶ ଓ ଅପଲାପ—୧୫୮ । ଚଳନ୍ତି ବସ୍ତୁ—୧୬୦ । ଜଗନ୍ନାଥଙ୍କ ବାଂଶ ଅଭିଯାନ—୧୬୨ । ମାଣିକ ଗଉଡୁଣୀ ଓ ମାଣିକ ପାଟଣା—୧୬୪ । ଏଥିରେ ତତ୍ତ୍ୱ ନାଇ, କି ସତ୍ୟନାଇ—ଜୈନ ଓ ଭକ୍ତ—୧୬୬ । କାହାଣୀର ସାହିତ୍ୟିକ ବିଚାର ୧୭୧ । ତେବେ ମାଣିକ ଗଉଡୁଣୀ କିଏ ଓ କଣ ? ୧୭୫ । ମିଥ୍ୟାର ଔଦ୍ଧତ୍ୟ—୧୭୬ । ଶାରୁକିନ ବା ଷାର୍ଗିନ ୧୭୮ । ସ୍ୱୟଂ ସାରଳା ଦାସ ୧୮୧ । ତାଂକୁ ଦେବୀ ଏବା ମଣିଷ କଲେ—୧୮୩ । ସାରଳା ଦାସଙ୍କ ତନ୍ତ୍ର ସାଧନା—୧୮୪ । ପୁରୁଷୋତ୍ତମଦେବ ମାଣିକ ଠାକୁ କାନ୍ଧରେ ବସାଇଥିଲେ କି ?—୧୮୭ । ବଳରାମ ଦାସ ତେବେ ଏଠି କିଏ ?—୧୮୯ ।

Digitized by srujanika@gmail.com

## ପଞ୍ଚମ ଅଧ୍ୟାୟ

### ମିଥ୍ୟାରେ ସାହସିକତା—ପୌରାଣିକ ଓ ଭକ୍ତିକ ମିଥ୍ୟା

### ୧୯୭—୨୪୨

ପୁରାଣର ପ୍ରକାଶ ଧାରା—୧୯୭ । ଏ କ୍ଷେତ୍ରରେ ଭାରତ ଓ ଓଡ଼ିଶା—୧୯୯ । ପୁରାଣ ମିଥ୍ୟା—'ସହସ୍ରାକ୍ଷ'—୨୦୩ । ସ୍ୱର୍ଗଙ୍ଗା ଓ ଷଟ୍‌କୃତ୍ତିକା—୨୦୪ । କାର୍ତ୍ତିକେୟ ଜନ୍ମ—୨୦୫ । କର୍ଣ୍ଣ ଓ ସାର୍ଗନ ସଂଗେ ତୁଳନା—୨୦୬ । ଉପାଖ୍ୟାନଟିର ସଙ୍କେତ—୨୦୭ । ସମାଜ ପ୍ରଗତିର ସ୍ତର ଓ ପ୍ରକାର—୨୧୦ । ଓଡ଼ିଆ ସାହିତ୍ୟରେ ଦେଖ—ଶ୍ୱେତକଳ୍ପ କଥା—୨୧୧ । କୁବେରଙ୍କ ଧାନଦେବା କଥା—୨୧୫ । ଓଡ଼ିଆ ଜାତୀୟ ସାହିତ୍ୟ—୨୧୮ । ଅଦ୍ଭୁତ କିଂବଦନ୍ତୀର ବିକାଶ-ପ୍ରକାର—ଆମ ହରିଚଣ୍ଡୀ—୨୨୦ । ସାରଳା ଦାସଙ୍କ ଦେଶପ୍ରୀତି—୨୨୪ । ଉଦାହରଣରେ ସାରଳା ଦାସଙ୍କ ନାରୀ ଓ ବ୍ରହ୍ମଚର୍ଯ୍ୟ—୨୨୬ । ଭୀଷ୍ମଙ୍କ ଶେଷଦଶା—୨୨୭ । ତା ଅର୍ଥ ବ୍ୟାପ୍ତି—୨୨୭ । ଚଣ୍ଡୀ ପୁରାଣ ଓ ବିଲଙ୍କା ରାମାୟଣ—୨୨୮ । ଚଣ୍ଡୀଙ୍କ ମହିଷାସୁର ବଧ—୨ ୦ । ସହସ୍ରାମୁଖୀ ରାବଣ—ରାବଣ ନିଧନରେ ସୀତା—୨୩୦ । ନର ଓ ନାରୀର ସାମାଜିକ ସମ୍ବନ୍ଧ—୨୩୩ । ସେଥିରେ ଧର୍ମ ଓ ଦର୍ଶନର ପ୍ରାବଲ୍ୟ—୨୩୪ । ଏ ପ୍ରାବଲ୍ୟ କାହିଁ ଭିତରେ ଦେଖ—୨୩୬ । ସେଥିରେ ପୁଣି ନାରୀର ବ୍ୟକ୍ତି-ଧର୍ମ—୨୩୭ । ପୁରୁଷର ଏ କ୍ଷେତ୍ରରେ ଦୁର୍ବଳତା—୨୪୦ । ନାରୀର ସତୀତ୍ୱ—୨୦୦ । ସାହିତ୍ୟରେ ସାରଳା ଦାସଙ୍କ ନାରୀ ଶବ୍ଦର ଅର୍ଥ—୨୪୧ ।

## ଷଷ୍ଠ ଅଧ୍ୟାୟ

### ପୌରାଣିକ ମିଥ୍ୟାର ବ୍ୟାପ୍ତି ଓ ପରିଣତି···୨୪୩-୨୯୬

ପୌରାଣିକ ଓ ଭକ୍ତିକ ମିଥ୍ୟାର ସମ୍ବନ୍ଧ—୨୪୩ । ପୁରାଣର ଇତିହାସ ଓ ତହିଁରେ ତା ଗତି—୨୪୬ । ଏକ ପୁରାଣ ଆଖ୍ୟାନର

Digitized by srujanika@gmail.com

ଭିନ୍ନ ଭିନ୍ନ ରୂପ—୨୪୮ । ବୋଉ ଓ ମା—୨୫୨ । ଶବ୍ଦାର୍ଥ ଓ ସେଥିରେ ଗତି—୨୫୩ । ପୁରାଣ, ଲୋକ-କଥା ଓ ଲୋକଗୀତ—୨୫୫ । ମହାଭାରତ ଲେଖାର ପରଂପରା—୨୫୭ । ସାରଳା ମହାଭାରତ ୨୫୯ । ସଂସ୍କୃତ ମହାଭାରତ ସଙ୍ଗେ ସମ୍ବନ୍ଧ—୨୬୧ । ସାରଳା ଦାସଙ୍କ ଲେଖାର ସ୍ଥିତି-ଓ ପରିସର—୨୬୪ । ସେକାଳ ଓଡ଼ିଆ ଗଦ୍ୟ ନରସିଂହ ଦେବଙ୍କ ଶିଳାଲିପି—୨୬୬ । ମାଦଳା ପାଞ୍ଜିରେ ନରସିଂହ ଦେବ—୨୬୭ । ଏବ ମାଦଳାପାଞ୍ଜି ଭୋଇବଂଶରୁ ପ୍ରାଚୀନ ନୁହେ—୨୬୯ । ଚଇତନ୍ୟଙ୍କ ଚକଡ଼ା—୨୬୯ । ଜାତିସ୍ମରତ୍ୱ ୨୭୦ । ସାରଳା ଦାସଙ୍କ ଦାଣ୍ଡିବୃତ୍ତ—୨୭୩ । ଅମ ଛନ୍ଦ ଓ ଛାନ୍ଦ ନାମ୍ବମରେ ଦାଣ୍ଡିବୃତ୍ତର ପ୍ରଭାବ—୨୭୪ । ସଂସ୍କୃତ ବୃତ୍ତ—୨୭୫ । ଉଦାହରଣରେ 'ଇନ୍ଦ୍ରବଜ୍ରା' ବୃତ୍ତ—୨୭୬ । ଓଡ଼ିଆ ପଦ୍ୟରେ ବର୍ଣ୍ଣୋଚ୍ଚାରଣ—୨୭୭ । ବୃତ୍ତ ଓ ବାଣୀ—ବୃତ୍ତ—୨୭୯ । ବାଣୀ ଓ ରାଗ—୨୮୧ । କଳସାବାଣୀ—୨୮୩ । କଳସର ସମ୍ପର୍କ—୨୮୦ । ଏବ ଓଡ଼ିଆରେ 'କଳସା' ଶବ୍ଦ—୨୮୫. କଳସାର ଭଉ—୨୮୬ । ଓଡ଼ିଆ ବୃତ୍ତ ଓ ଛନ୍ଦରେ ଶବ୍ଦ ବଞ୍ଛାଦାସ—୨୮୮ । କଳସା ଚଉତିଶାର ପରମ୍ପରା—୨୮୯ । ମାର୍କଣ୍ଡ ଦାସଙ୍କ କେଶବ କୋଇଲି ୨୯୦ । 'ଛାନ୍ଦ'ର କ୍ରିୟା ଓ କରଣୀ—୨୯୧ । ଜଗନ୍ନାଥ ଦାସ ଓ ଭାଗବତ ବୃତ୍ତ—୨୯୬ ।

## ଷଷ୍ଠ ଅଧ୍ୟାୟର ପରିଶିଷ୍ଟ

**ଗୀତ, ପ୍ରବନ୍ଧ ଓ ଛାନ୍ଦ** ୨୯୮—୩୨୮

କଳସା ଓ ମଙ୍ଗଳ—୨୯୮ । ଛାନ୍ଦ ବିକାଶର ଆଲୋଚନା—୨୯୯ । ପ୍ରବନ୍ଧ—୩୦୦ । ପ୍ରଭାବତୀ ପ୍ରବନ୍ଧରୁ ରାଗ—୩୦୧ । କୋଇଲି ଓ କେଶବ କୋଇଲି—୩୦୪ । କେଶବ କୋଇଲିର କାଳ—୩୦୫ ।

Digitized by srujanika@gmail.com

ଲୋକଗୀତ ଓ ପ୍ରବନ୍ଧ— ୩୦୮ । ବାଦ୍ୟପାଲା—୩୦୯ । ଶାର୍ଙ୍ଗ ଦେବଙ୍କ 'ସଂଗୀତ ରତ୍ନାକର'—୩୧୦ । ଗ୍ରନ୍ଥକାରଙ୍କ ପରିଚୟ—୩୧୦ ଏ ଶାର୍ଙ୍ଗଦେବ ଓଡ଼ିଆ ?—୩୧୨ । ତୁରଙ୍ଗ ଓ ସାରଙ୍ଗ—୩୧୩ ଅନ୍ୟାନ୍ୟ ନାମ ୩୧୪ । ପାରିଭାଷିକ ଶବ୍ଦାବଳୀ— ୩୧୫ । ଗଉଣି— ୩୧୬ । ଚର୍ଯ୍ୟା— ୩୧୬ । ଗୁଳ ଓ ଗୁଳ ବନ୍ଧ—୩୧୭ । କୋଇଲି ଓ ଚଉତିଶାର - ଅଦ୍ୱମରୂପ ଓର୍ଦ୍ଧ୍ୱ, ଲୋଳି—୩୧୭ । କୋଇଲି ଲୋ - ୩୧୯ । ଶଂକରାଭରଣ – ୩୨୨ । ଶାରଂଗ ୩୨୨ । ବାଗ ଓ ଛନ୍ଦ—୩୨୨ । ଚତୁର୍ବିଂଶାକ୍ଷରେ ଛନ୍ଦର ଗଢ଼—୩୨୩ । ୨୩ ଅକ୍ଷର—୩୨୫ । ୨୨ ଅକ୍ଷର ୩୨୫ । ୨୧ ଅକ୍ଷର—୩୨୫ । ୨୦ ଅକ୍ଷର —୩୨୬ । ୧୯ ଅକ୍ଷର— ୩୨୭ । ୧୮ ଅକ୍ଷର ୩୨୭ । ୧୭ ଅକ୍ଷର—୩୨୭ ।

## ସପ୍ତମ ଅଧ୍ୟାୟ

ସାରଳା ସାହିତ୍ୟ ଓ ପୌରାଣିକ ମିଥ୍ୟା—୩୨୯—୩୮୪

ସାରଳା ମହାଭାରତର ଏତେ ଆଲୋଚନା କାହିଁକି ?—୩୨୯ । ଜୈନ ସଭ୍ୟତା, ସାହିତ୍ୟ ଓ ତନ୍ତ୍ରର ବିଷୋଦର ଫଳ ୩୩୦ । ତା ଦେଖିବାରେ ଅସୁବିଧା—୩୩୧ । ଅଞ୍ଚମାନଙ୍କ ସଂସ୍କରଣ—୩୩୨ । ଖେଦା ଲେଖାର ସଂଭାବ୍ୟ କାରଣ—୩୩୫ । ହଳଖା ପୋଥି ଓ ଛାପାବହି - ୩୩୭ । ଏବ ଛାପା ମହାଭାରତ ୩୩୯ । 'ରକାଦରକର୍ମ' ଓ ଅମରେଶ୍ବରର ମାଟିବୋର କାହା—୩୩୯ । ଅନ୍ୟାନ୍ୟ ସ୍ପଷ୍ଟ ଅସଙ୍ଗତର ଦୃଷ୍ଟାନ୍ତ ୩୪୩ । ପୁରୁଣା ଛାପା ବହି ଓ ନୂଆ ଛାପା ବହି—୩୪୮ । ପୌରାଣିକ ମିଥ୍ୟାରେ ସତ୍ୟର ପ୍ରକାଶ—୩୬୦ । ଆଉ ଗୋଟିଏ ପ୍ରକାର କଳ୍ପନା—୩୬୨ । ସାରଳା ସାହିତ୍ୟରେ ସେଇ ସତ୍ୟର

Digitized by srujanika@gmail.com

ପ୍ରାଣ-ପ୍ରତିଷ୍ଠା—୩୬୩ । ବିଶ୍ୱକ୍ସେନଙ୍କ ସହଜଧର୍ମ—୩୬୪ । ତାର୍କ୍ଷି ପକ୍ଷୀ କଥା—୩୬୬ । ଅଗ୍ନିକ ଋଷିଙ୍କ କଥା—୩୬୭ । କର୍ଣ୍ଣ ପୁଅକୁ ହାଣି ବ୍ରାହ୍ମଣକୁ ଖାଇବାକୁ ଦେବା କଥା—୩୬୮ । ଖଳକାର ଜଳ ବୃତ୍ତାନ୍ତ ସିଂଧୁ ଓ ପରଦାର—୩୭୩ । ଅଲେଖ ଓ ସହଜଧର୍ମ, ଧନ ପୋତିବା—୩୭୯ । ଏ ପରଦାର ଓ ସ୍ୱଧାପ୍ରୀତି କଥା କେବଳ ଲେଖା ?—୩୮୦ । ସାରଳାଦାସଙ୍କ ଧର୍ମ—୩୮୧ । ଅନ୍ୟମାନଙ୍କ ଚରିତ ଓ ଚଳଣି—୩୮୩ । ସାରଳା ସାହିତ୍ୟ ଏକା ଓଡ଼ିଆ ସାହିତ୍ୟର ଦର୍ପଣ——୩୮୪ ।

## ସପ୍ତମ ଅଧ୍ୟାୟର ପରିଶିଷ୍ଟ

ସାରଳାଦାସ ୩୮୪—୩୯୨

## ଅଷ୍ଟମ ଅଧ୍ୟାୟ

ବୈଷ୍ଣବ-ସାହିତ୍ୟ ଓ ଭକ୍ତିକ ମିଥ୍ୟା ୩୯୩—୪୬୧

ଭାରତର ଦାର୍ଶନିକ ଧର୍ମ—୩୯୩ । ଶୈବ ଧର୍ମ—୩୯୪ । ସେଥିରେ ପୌରାଣିକ ମିଥ୍ୟା—୩୯୫ । ଦେବୀ-ଧର୍ମ—୩୯୬ । ତନ୍ତ୍ର ଓ ଦେବୀ—୩୯୮ । ଦେବୀ ଧର୍ମ ଓ ଭକ୍ତି—ଉଡ୍ଡୀୟାନ ଓ ଓଡ଼ିଶା—୩୯୯ । ଏହି ଅର୍ଥ କରିବାର ପ୍ରକାର ଓ ପରମ୍ପରା—୪୦୩ । ଭଂଜ ସାହିତ୍ୟରେ ପ୍ରତିବାଦ—୪୦୫ । ଭକ୍ତିର ମିଥ୍ୟାର ପ୍ରସାର—ଉଦାହରଣ—୪୦୫ । ଦାର୍ଢ୍ୟତାଭକ୍ତି ରସାମୃତ'ର ଜ୍ଞାନ ଓ ପ୍ରଚାର—୪୦୭ । ଦ୍ୱିତୀୟ ଭାଗ—୪୧୦ । ରାମଦାସଙ୍କ ଧର୍ମ—୦୧୨ । 'ଭକ୍ତିର କଳ୍ପ'—୪୧୨ । ଜୟଦେବ ଓ ସଂକର୍ଣ୍ଣ—୪୧୪ । ଏହି ଚଳଣିରେ ବୃତ୍ତାନ୍ତ—୪୧୬ । 'ଦାର୍ଢ୍ୟତା'ରେ ସଂକୋଚ ଓ ନାମ ମହିମାର

Digitized by srujanika@gmail.com

ସୂଚନା-୪୨୦ ।‘ଦାର୍ଢ୍ୟତାଭକ୍ତି ରସାମୃତ’ର ଶେଷ ଅଧ୍ୟାୟ—୪୨୧ । ‘କୃଷ୍ଣବାସୀ’—୪୨୫ । ନାମେ ଭକ୍ତର କୁନସ୍ୱାଦ-୪୨୭ । ଯୌନ ସଙ୍କେତ ଓ ସାହିତ୍ୟ—୪୨୮ । ସାମାଜିକ ସଙ୍କୋଚ—ସିଂହାବଲୋକନ—୪୩୧ । ସେଇ ସଙ୍କୋଚର ବିପାକ—୪୩୩ । ସହଜିଆ ବୈଷ୍ଣବ ଓ ତାନ୍ତ୍ରିକ—୪୩୫ । ପ୍ରାଚୀନ ଓଡ଼ିଶାର ଭୂମିଭାଗ ଓ ଉତ୍କର୍ଷରେ ବଙ୍ଗଯାନ—୪୩୭ । ଭାବଦା ଚରିତ—୪୪୧ । ଭାଷାରେ ଭୂମିଭାଗ ଓ ତଥ୍ୟ ଭଳନା—୪୪୧ । ଅଗନ୍ତୁକ ମୁସଲମାନ ଧର୍ମ—୪୪୩ । ପୀର—ସନ୍ତୁ ସତ୍ୟନାରାୟଣ—୪୪୪ । ମୁସଲମାନ ପ୍ରଭାବରେ ଧର୍ମର ଗତି—୪୪୫ । ସେଥିରେ ଭକ୍ତିର ମିଥ୍ୟାର ଦୃଷ୍ଟାନ୍ତ—୪୪୬ । ଚୈତନ୍ୟ ମହାପ୍ରଭୁ—୪୪୭ । ପାଲ—୪୫୦ । ଜିକାଥ ମେଲା—୪୫୧ । ଅଦ୍ଭୁତ ଗାନ୍ଧ—୪୫୦ । ଓଡ଼ିଆଙ୍କ ଭିତରେ ଅବତାର—୪୫୩ । ପାଦ୍ରୀ ସାହିତ୍ୟ—୪୫୪ । ମହିମା ଧର୍ମ—୪୫୬ । ଏ ଧର୍ମଟି କ’ଣ ? —୪୫୯ ।

## ଅଷ୍ଟମ ଅଧ୍ୟାୟର ପରିଶିଷ୍ଟ—୧

ଦେବୀପୂଜା ୪୬୧—୪୬୧

## ଅଷ୍ଟମ ଅଧ୍ୟାୟର ପରିଶିଷ୍ଟ—୨

“ଚର୍ମ ବେଢିଛି ପିନା ଚଉବଣିଙ୍କ
ଚଉ ତୁ ଦଅ ନଳଗିରିବାଯୀଙ୍କ” ୪୭୨-୪୮୪

## ଅଷ୍ଟମ ଅଧ୍ୟାୟର ପରିଶିଷ୍ଟ—୩

ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ଉପଲକ୍ଷେ ୪୮୪—୪୯୮

Digitized by srujanika@gmail.com

ଉପେନ୍ଦ୍ରଭଞ୍ଜଙ୍କ ଉପଯୋଗୀତା ୪୮୪ । ଉପେନ୍ଦ୍ର ସାହିତ୍ୟର ଫଳ—୪୮୬ । ଏହାର ପ୍ରକାର—୪୮୬ । ଏହାର ଯଥାର୍ଥତା—୪୮୭ । ଗ୍ଳାନ ସାହିତ୍ୟ ଓ ଭଞ୍ଜ—୪୮୭ । ଭଞ୍ଜ ସାହିତ୍ୟର ଆଉ ଗୋଟିଏ ଦିଗ—୪୮୮ । ଶବ୍ଦାଳଙ୍କାର ଓ ଶବ୍ଦଚିତ୍ର —୪୮୯ । ସମାଲୋଚନାମୂଳକ ବ୍ୟାଖ୍ୟାର ସୂଚନା—୪୮୯ । ସାହିତ୍ୟ ମୀମାଂସାର ମତ—୪୯୦ । ୧—ବୈଦର୍ଭୀ ରୀତି—୪୯୦ । ୨—ବୈଦଗ୍ଧ୍ୟରୀତି—୪୯୧ । ୩—ଅବେଳକ୍କ ରୀତି—ଅର୍ଥାଳଙ୍କାର-ନିବନ୍ଧା—୪୯୧ । ୪ । ଗୌଡ଼ୀରୀତି—ଶବ୍ଦାଳଙ୍କାର ପରମା—୪୯୨ । ଉଦାହରଣରେ ନୈଷଧ ଓ ଦଭୀମ ଲେଖ—୪୯୨ । ଶ୍ଳେଷ ଓ ଶ୍ଳେଷର କାବ୍ୟତ୍ୱ—୪୯୩ । ଚିତ୍ରକାବ୍ୟ—୪୯୪ । ଭଞ୍ଜଙ୍କ ଅର୍ଥାଳଙ୍କାର—୪୯୫ । ସଂଗତ—୪୯୫ । ଭଂଜୀସୂଙ୍କ ଚିତ୍ରକାବ୍ୟ—୪୯୬ । ଅନ୍ତର୍ଲାପି ବହିର୍ଲାପି—୪୯୭ । ଯମକ—୪୯୭ । ଗୌଡ଼ୀରୀତି ଓ ମଢା-ଛତା—୪୯୭ । ଭଞ୍ଜଙ୍କ ଦେଶ ପ୍ରତିଷ୍ଠାର ପନ୍ଥା ବର୍ଜ—୪୯୮ ।

## ମୂଳରୁ

ଆଦ୍ୟକଥନୀ /—।/
ବିଷୟସୂଚୀ (୧)—(୧୦)

—❋—

Digitized by srujanika@gmail.com

# ଓଡ଼ିଆ ସଂସ୍କୃତି ଓ ସାହିତ୍ୟ

## ପ୍ରଥମ ଅଧ୍ୟାୟ

## ସୂଚନା—ଓଡ଼ିଆଜୀବନ ଓ ଜଗନ୍ନାଥ

### ଓଡ଼ିଶା ପୁଣ୍ୟଭୂମି

ଓଡ଼ିଶା ବହୁକାଳରୁ ପ୍ରଖ୍ୟାତ ଭୂମି। ସେକାଳର ମୂଳ ପୁଣି କେତେ ଦୂରରେ—କାହିଁ—ତା କିଏ କହିବ ? ଅତିପୁରା କାଳରୁ ଏହାର ନାମ ଥିଲା, କଳିଙ୍ଗ। Encyclopedia Britannica ( ଇଂରେଜୀ ବିଶ୍ୱକୋଷ ) ଏବେ ବି ଲେଖିଚନ୍ତି, Whole of Orissa is holy ground ( ଓଡ଼ିଶା ଗୋଟାଯାକ ପୁଣ୍ୟଭୂମି—ଦେବଭୂମି )। ଭାରତରେ ବହୁ ତୀର୍ଥ ଓ ପବିତ୍ର ଭୂମି ଅଛି। ବୈଦିକ ତଥା ପୌରାଣିକ ସଭ୍ୟତା, ଇତିହାସ ଓ ପରମ୍ପରାର ସ୍ମାରକ ସ୍ଥାନମାନ ବହୁତ ଅଛି। ଏମାନଙ୍କ ମଧ୍ୟରୁ ପୁଣି ଅନେକ ଓଡ଼ିଶା ଓ ଓଡ଼ିଶାର ସ୍ଥାନମାନଙ୍କଠାରୁ ପୁରୁଣା ଓ ଏଥିର ବି ଧନଜନ ପ୍ରଭୃତିରେ ଖୁବ ବଡ଼। କିନ୍ତୁ ତଥାପି ଅନ୍ୟ କୌଣସି ସ୍ଥାନ ସମ୍ବନ୍ଧରେ ଏମିତି କଥା କେହି କେବେ କହି ନାହାନ୍ତି ପୃଥିବୀର ଚିହ୍ନାଇବାକୁ ଯାଇ ନାହାନ୍ତି।

### ଏହା ଏବ ଇତିହାସର ସ୍ମୃତି ନୁହେଁ—ମୋଗଲଯୁଗ

ଓଡ଼ିଶାର ଏ ତୁଙ୍ଗ ଗୌରବ କଥା ଭାବିଲେ ଆଜି ଏବେ ବିସ୍ମୟ ଲାଗେ। ଏହା ଏବ ଇତିହାସର ମୃତ ସଂକେତ ନୁହେଁ।

Digitized by srujanika@gmail.com

ଏହି ଇତିହାସର କଙ୍କାଳ ପୃଷ୍ଠଭୂମିରେ ବରଂ ଏଭଳି ଗୌରବର ସ୍ମୃତି ଲୁଚି ଯିବାର କଥା । ଏହି ଦେଶ, ମୋଗଲ ଶକ୍ତିଙ୍କ ହାତରୁ ଏ ଗୃହିଣନ୍ତ ଯେଉଁ କାଳ ଓଡ଼ିଶାର ଅବସ୍ଥା କଣ ହୋଇଥିଲା । ଟିକିଏ ତଳେଇ କରି ଦେଖିଲେ, ଯେ କେହି ଦେଖି ପାରିବେ, ବିଶ୍ୱ ସାହିତ୍ୟକୁ ଦାନ କରିବା ଭଳି ଜୀବନ୍ତ ବା ନୂତନ ଏଥିରେ କିଛି ନାହିଁ । ଭାଙ୍ଗି ଯାଉଥିବା ବା ଭାଙ୍ଗି ଯାଇ-ଥିବା କଙ୍କାଳ ଶିଳ୍ପ ଯେପରି ପ୍ରାଚୀନତାର ସାକ୍ଷୀ ଧରେ ଓ ଅମର ଥିଲା ଓ ହୁଏତ ଅଛି ବୋଲି ଦେଖାଇ ହେବାର ସ୍ପର୍ଦ୍ଧା କରେ, ଏଠାରେ ତା ହୁଏତ ଟୁଚ୍ ଅଛି । ଭାବରେ ସହଜସ୍ୱାଦ୍ୟ ଯୌନ-ପ୍ରସଂଗର ଏକାନ୍ତ ଅବଲମ୍ବନଠାରୁ ଭାଷାରେ ଶବ୍ଦ ଚମ-ରତ ଓ ଶବ୍ଦାଳଂକାରମାନଙ୍କର ଅତିକାସ୍ତୁ ପ୍ରୟୋଗ ପର୍ଯ୍ୟନ୍ତ —ସବୁଥିରେ କାରେଣି ଦେଖିଲେ କ'ଣ ଦେଖାଯାଏ ? ଜୀବନ୍ତତା ଓ ମୌଳିକତା ନଥିଲେ, ଚିନ୍ତା ଓ ଭାବର ଯେ ପ୍ରତିକ୍ରିୟା ଓ ପ୍ରକାଶ ହେବାର କଥା, ଏ ତାହାଁ ଇ । ତା ପରେ ପୁଣି ସେହି ପଞ୍ଚ ସ୍ମୃତିରେ ଅନୁକରଣ । ଉଦାହରଣ ସ୍ୱରୂପ, ରାମ ଦାସଙ୍କ 'ଦାର୍ଢ୍ୟତାଭକ୍ତି' ଭାଷାରେ ଯା ହେଉ, ଚିନ୍ତା ଓ ଭାବରେ କଦାପି ଓଡ଼ିଆ ସାହିତ୍ୟନୁହେ । କବିବର୍ଣ୍ଣଙ୍କ ପାଲି କଥା କହିବା ଦରକାର ନାହିଁ । ଏହା ଚିନ୍ତା ଓ ଭାବରେ ନୁହେଁ, କି ଭାଷାରେ ପର୍ଯ୍ୟନ୍ତ ବି ଓଡ଼ିଆ ନୁହେଁ ।

## ତୁଳନାରେ ଠିକ୍ ପୂର୍ବ ଯୁଗ

ରାଜନୀତିକ ପରାଧୀନତାରେ ସମାଜ ଓ ସାହିତ୍ୟର ଗତି କଣ ହୁଏ, ତା ତୁଳନାରେ ଦେଖିବା ପାଇଁ ଠିକ୍ ମୋଗଲ ପୂର୍ବ ଯୁଗର ଅବସ୍ଥା ଯା ଜଣା ଅଛି, ତା ପ୍ରତି ଟିକିଏ ନଜର ଦିଆଯାଉ । ମୋଗଲ ପୂର୍ବ ଯୁଗରେ ଏ ଦେଶରେ ଗୃହବିବାଦ

Digitized by srujanika@gmail.com

ଓ ବହୁବିବାଦ ଘେନି ଯୁଦ୍ଧ ବରାବର ଲାଗି ରହୁଥିଲା । ପ୍ରତାପରୁଦ୍ରଙ୍କ କାଳରେ ମଧ୍ୟ ସାହିତ୍ୟରେ ପରାଧୀନତା ଓ ଅନୁକରଣର ଆର୍ତ୍ତନାଦ ଖୁବ୍ ସ୍ପଷ୍ଟ । ପଞ୍ଚସଖାଏ ରାଧାକୃଷ୍ଣ ଭକ୍ତିର ପ୍ଲାବନ ଘଟେଇବା ଭିତରେ ଓଡ଼ିଶାର ପାରଂପରିକ ଧର୍ମଗୁରୁ ରଖିବାରେ ଯେ ଉଦ୍ୟମହୀନ ହୋଇଚନ୍ତି, ତା ଅଜଣା ନୁହେଁ । ତଥାପି ଏତେ ବିପ୍ଳବ ଭିତରେ ଓଡ଼ିଶାର ସ୍ୱାଧୀନ ଜନତା ତଥା ସ୍ୱାଧୀନ ନୃପତିଙ୍କ ସେନା ଧନେ ପରଂପରାର ଅଗ୍ରଣୀ ଥିବା ତେଲେଙ୍ଗା ମୁକୁନ୍ଦ ଦେବଙ୍କୁ ସମ୍ରାଟ କରି ବାଞ୍ଛୁଥିଲେ । ମୁକୁନ୍ଦ ଦେବଙ୍କ ତିରୋଧାନର ୬ ବର୍ଷ କି ୮ ବର୍ଷ ପରେ ୧୫୭୪ ବା ୧୫୭୬ ରେ ପର୍ତ୍ତୁଗିଜ ପର୍ଯ୍ୟଟକ ବର୍ବୋସା ଆସିଥିଲେ ଏଇ ଓଡ଼ିଶା ଦେଶ ବୁଲି ଦେଖିବାକୁ । ସେ ଲେଖିଚନ୍ତି, "୬ । ୮ ବର୍ଷ ତଳେ ପର୍ଯ୍ୟନ୍ତ ଏ ଦେଶର ଲୋକେ ଏତେ ସୁଶାସନରେ ଥିଲେ ଯେ, ଏବେ ମଧ୍ୟ ଦେଶ ଭିତରେ ଲୋକେ ଯେ କୌଣସି ସ୍ଥାନରୁ ଯେ କୌଣସି ସ୍ଥାନକୁ ସୁନା ରୁପା, ଧନ ଦୌଲତ, କଣା ବଣା କାଂସ ପ୍ରଭୃତି ଘେନି ନିର୍ଭୟରେ ଦିନ ରାତ ସବୁବେଳେ ଯିବା ଆସିବା କରି ପାରୁଚନ୍ତି ।" ସେ ଲେଖିଚନ୍ତି, ସେତେବେଳେ ଭାରତର ଅନ୍ୟ କୌଣସି ପ୍ରାନ୍ତରେ ଏହା ସଂଭବ ନ ଥିଲା । ପୁଣି ସେ କହନ୍ତି, ଓଡ଼ିଶାରେ ମଧ୍ୟ ସ୍ଥଳ ବିଶେଷରେ ଏ ନିୟମରେ କଦାଚିତ୍ ଉତ୍ପାତ ମଧ୍ୟ ଦେଖାଯିବା ଆରମ୍ଭ ହୋଇ ଆସୁଥିଲା ଓ ଲୋକେ ପୂର୍ବ-ଶାସନ କଥା କହି ଝୁରି ହେଉଥିଲେ ।

## ମରହଟ୍ଟା କାଳ

ଏହିପରି ପୂର୍ବ ଗୌରବର ହ୍ରାସମାନ ମୋଗଲ କାଳର ଠିକ୍ ପୂର୍ବରୁ ବା ପରେ ତେତେ ଘଟଣାରେ

Digitized by srujanika@gmail.com

ଦୃଷ୍ଟାନ୍ତ ଦେଇ ହୁଡ଼ାପାଇ ପାରେ । ମୋଗଲଙ୍କ ଅଧୀନରେ ଅତି ଦୀର୍ଘ ସମୟରେ ଏବ ପୂର୍ବକାଳ ମାନ ଖଣ୍ଡଯୋଗ ଥିବା ଖୋରଧାର ରାଜାଏ ଯେଉଁ ଶାସନ ବସାଇଛନ୍ତି, ସେଥିରେ ମଧ୍ୟ ଯେ ସ୍ୱାଧୀନ ଗ୍ରାମ ଶାସନ ଶୃଂଖଳାର ଅବଶେଷ ପ୍ରକାଶ ପାଇଛି, ତା ଏବେ ବି ଦେଖିବାର ଜିନିଷ । ମାତ୍ର ଏ ସବୁ ସତ୍ତ୍ୱେ ମୋଗଲ କାଳରୁ ଆମର ଯେ ଦୁର୍ଗତି ଆରମ୍ଭ ହୋଇ ଥିଲା, ତା ଉତ୍ତରୋତ୍ତର ବୃଦ୍ଧିରେ ଚାଲିଲା । ମରହଟ୍ଟା ଯୁଗ ବୋଲି ଏହାଭିତରେ ସାହିତ୍ୟରେ ଗୋଟିଏ ସ୍ୱତନ୍ତ୍ର ଯୁଗ ନାହିଁ । ଅବଶ୍ୟ ମରହଟ୍ଟାଏ ଜଗନ୍ନାଥଙ୍କୁ ଅସମ୍ମାନ କରିବା ଓ ଲୁଟି କରିବା ଓ ଓଡ଼ିଶା ରକ୍ଷାଙ୍କ ହିଅରେ ସନ୍ତୋଷ ହବାଭଳି କାର୍ଯ୍ୟମାନ କରି ନ ଥିଲେ । କିନ୍ତୁ ମରହଟ୍ଟା ରାଜ୍ୟଟି ଥିଲା ଗୋଟିଏ ଭାରତୀୟ ଅମ୍ବରଷ୍ୟରେ ଘୋର ଦୁର୍ଦ୍ଦିନ । ସେଥିରେ ଓଡ଼ିଆ ଓ ଓଡ଼ିଶାର ମୈତ୍ରୀ ଧର୍ମ ଓ ସ୍ୱାଧୀନ ତଥା ସ୍ୱଚ୍ଛନ୍ଦ ମାନବୀୟ ବିକାଶ ଭୂମି ନବ ସାହିତ୍ୟର ଧାରା ଚିହ୍ନାଇବା ଭଳି କିଛି ପ୍ରେରଣା ନଥିଲା । ଫଳତଃ ଓଡ଼ିଆ ସାହିତ୍ୟରେ ଏହି ଯୁଗରେ ଘୋର ଚର୍ବିତ-ଚର୍ବଣ ଛଡ଼ା ଅନ୍ୟ କିଛି ପ୍ରକାଶ ପାଇ ନାହିଁ ।

## ଏବ କାଳ

ଇଂରେଜ ଯୁଗ ବେଳକୁ ଓଡ଼ିଶାରେ ଅତି ଦୟନୀୟ ଗଳ୍ପ ନ ଥିଲା । ଭଞ୍ଜଯୁଗରେ ଅନ୍ତତଃ ଶବ୍ଦ ଓ ଶବ୍ଦାଳଂକାର କସରତରେ ଅନେକ 'ବୋଲି' ହେଲେ ଯାହା କିଛିଏ ଅମୂଲ୍ୟ ଥିଲା, ତା ଏବେ ଘୋର ଅନୁକରଣରେ ଅବଲୁପ୍ତ ହେଲା । ଏତ ଅନେ ଅନେ ବିଦେଶୀ ଅଣ-ଓଡ଼ିଆଙ୍କ ଲେଖାରୁ ସଂକେତ ନେଇ ଗ୍ରନ୍ଥାଦିର ସଂଗତ ଓ ସମୀଚୀନତାର ଧାର କାଟି ନବୃତି ଭୁବନେଶ୍ୱରର

Digitized by srujanika@gmail.com

'ଶିଖର', 'ଖାକରା', 'ପିଢ଼'ଠାରୁ କୋଣାର୍କରେ ମୈଥୁନୀ ବିଳାସର କୁତ୍ସିତ ଅଙ୍ଗ ଭଙ୍ଗୀ ପର୍ଯ୍ୟନ୍ତ ଓ ବୌଦ୍ଧ ତାନ୍ତ୍ରିକର ନଗ୍ନ ମାତୃକା ମୂର୍ତ୍ତି ଠାରୁ କାଠଯୋଡ଼ିର ବିଶାଳ ପଥର ବନ୍ଧ ପର୍ଯ୍ୟନ୍ତ ସବୁ କୃତି ଓ କୀର୍ତ୍ତି ଘେନି ଯେପରି ଗର୍ବ କରୁ, ସେଇପରି ସହଜିଆ ବୈଷ୍ଣବଙ୍କ ରାଗାନୁଗ ରସ ସାହିତ୍ୟଠାରୁ ଭଞ୍ଜ, ଯଦୁମଣିଙ୍କ ଶବ୍ଦ କଳା ଓ ଛନ୍ଦ ସାହିତ୍ୟ ପର୍ଯ୍ୟନ୍ତ ଆବୃତ୍ତି ଓ ଅନୁକରଣ କରି କୃତାର୍ଥ ହେଉ । ତା ଛଡ଼ା ଏବେ ଯାହା ନୂଆ, ତାର ଜନ୍ମ ପୁଣି ଇନ୍ଦ୍ରଧନୁ, ବଙ୍ଗଳାର ଦ୍ୱନ୍ଦ୍ୱରେ—ରାଧାନାଥ, ମଧୁଙ୍କ ପଦ୍ୟ ଓ ଗଦ୍ୟ ସାହିତ୍ୟରେ । ଏଥିରେ ପୁଣି କଣ ଦେଖାଯାଏ ? ଏକ ଅଡ଼େ ନୂଆ ବୋଲି ଅବୁଝା ଅନୁକରଣର ଅମଦାନୀ; ଅନ୍ୟ ଅଡ଼େ, ଲୋକଙ୍କୁ ମନାଇବାର ସ୍ପଷ୍ଟ ଉଦ୍ୟମ । କୌଣସି ଠାରେ ଏଇ ଅନୁକରଣ ଓ ଅନ୍ୟପର ହେବାର ଅଭିମାନରେ ଯାହାବା କିଛି ହୁଏତ ନୂଆ ପଥ ବାହାରି ପଡ଼ିଛି, ତା ପୁଣି ସମଗ୍ର ସାହିତ୍ୟ ଦୃଷ୍ଟିରେ ପ୍ରାସଙ୍ଗିକ ନୁହେଁ; ଅବାନ୍ତର—ନିୟମ ନୁହେଁ, ନିପାତନ । ମୋଟାମୋଟି ଗୋଟିଏ କଥାରେ କହିଲେ, ପରାଧୀନତାର ଏ ପ୍ରତିସ୍ପର୍ଦ୍ଧା, ଏ ଅଜ୍ଞାତ ବା ଜ୍ଞାତ ଅନୁକରଣ ନାନା ରଂଗରେ ନାନା ରୂପଧରି ଏବେ ବି ଚାଲିଛି । ସେ କଥା ଏବେ ଥାଉ ।

## ଆଉ ଗୋଟିଏ ଦୁର୍ଗତି

ଏଇ ଦୁଇ ଶହ ବର୍ଷ ଭିତରେ ପୁଣି ପରିସ୍ଥିତିର ପ୍ରେରଣାରେ ଆଉ ଗୋଟିଏ ଘୋର ବଜ୍ରପାତ ଘଟିଥିଲା । ଏହା ପୁଣି ସବୁ ଦୁର୍ଦ୍ଦଶାର ମୂଳରେ । ଇତିହାସ ତଥା ଭୂଗୋଳରେ ପର୍ଯ୍ୟନ୍ତ ଓଡ଼ିଶା ଏକା ବେଳକେ ନିଜତ୍ୱ ହରାଇ ବସିଥିଲା । ହୋଇପାରେ, ପରାଧୀନର ଭାବ ଓ ଚିନ୍ତାରେ ନିଜତ୍ୱ ଫୁଟିବାର ସୁଗମ ଯୋଗ ବା ବାଟ ସେତେ ନ ଥାଏ ।

ତା ଭାଷା ମଧ୍ୟ ସେହି ହେତୁ ଅନୁକରଣରେ ଭାରାକ୍ରାନ୍ତ, ପୁଣି ଗତାନୁଗତିକ ଓ ନୀରସ ହୁଏ । ମାତ୍ର ନିଜର ବୋଲି ସ୍ଥାନ ନ ରହିଲେ ବା, ଲୋକ କହନ୍ତି, 'ଥାନ ଛୁଟିଗଲେ', ଚିନ୍ତାର ପରଂପରା ବା ବ୍ୟକ୍ତିତ୍ୱର ଶୃଂଖଳା ପର୍ଯ୍ୟନ୍ତ ଛିନ୍ନ ଭିନ୍ନ ହୋଇ ଲୋପ ପାଇବାକୁ ବସେ । ଓଡ଼ିଶାରେ ତା ହିଁ ହୋଇଛି । ତାହିଁ କିନା, ଓଡ଼ିଶାର ନିଜ ଇତିହାସ ବା ଘଟଣା ପରଂପରାର ସଂରକ୍ଷକ ବା ସ୍ମାରକ ବୋଲି ନିର୍ଦ୍ଦିଷ୍ଟ କିଛି ନ ଥିଲା । ଅନ୍ୟାନ୍ୟ ଅନେକ ପ୍ରାନ୍ତ ବା ପ୍ରଦେଶମାନଙ୍କ ପରି ଓଡ଼ିଶା ଗୋଟିଏ ପ୍ରାନ୍ତ ବା ପ୍ରଦେଶ ନ ଥିଲା । ସ୍ପଷ୍ଟ ଭୌଗୋଳିକ ସ୍ଥିତିରେ ମଧ୍ୟ ମାନଚିତ୍ରରେ ପର୍ଯ୍ୟନ୍ତ ଓଡ଼ିଶାର କୌଣସି ସ୍ୱତନ୍ତ୍ର ପଦଚିହ୍ନ ନ ଥିଲା । ପାର୍ଶ୍ୱବର୍ତ୍ତୀ ପ୍ରଦେଶମାନଙ୍କରେ ଏହା ଖଣ୍ଡ ଖଣ୍ଡ ହୋଇ ମିଶି ରହିଥିଲା । ଅପସ୍ତାର ସ୍ୱତନ୍ତ୍ର ସାହିତ୍ୟ ଧାରାକୁ ସମୃଦ୍ଧ ବଙ୍ଗ ସାହିତ୍ୟରେ ଉପଯୋଗୀ ସ୍ତରରେ ମିଶାଇବା ପାଇଁ ଓଡ଼ିଆର ଯେ ଉଜ୍ଜ୍ୱଳ ଉପାଦାନ ଥିଲା, ପରାଧୀନତାର କଳଂକ ତାକୁ ମଳିନ କରି ଥିଲା ଓ ଓଡ଼ିଆର ସାହିତ୍ୟ ବାହନ, ଭାଷା, ଥିଲେ ମଧ୍ୟ ତାର ଆଦର ନ ଥିଲା । ସେତିକି ନୁହେଁ; ତାର ସ୍ପଷ୍ଟ ହତାଦର ମଧ୍ୟ ହେଉଥିଲା ।

### ଗୌଣତ୍ୱ-ମନୋବୃତ୍ତି

କାହିଲ ଓ ମୋହକର ଗୌଣତ୍ୱ-ମନୋବୃତ୍ତି, ଅର୍ଥାତ୍, 'ଅମେ କିଛି ନୋହୁଁ', ଏଇ ମନୋଭାବ, କ୍ଷୟ ରୋଗପରି ଓଡ଼ିଆର ଶ୍ୱାସ ଯନ୍ତ୍ରଠାରୁ ହୃତ୍‌ପିଣ୍ଡ ପର୍ଯ୍ୟନ୍ତ ଗ୍ରାସ କରି ବସିଥିଲା । ବାକ୍ୟ, ଚିନ୍ତା ତଥା ଭାବରେ ଏହା ସ୍ପଷ୍ଟ ବାରି ହେବା ଭଳି ପ୍ରକାଶ ପାଉଥିଲା । ଅଧିକ ଫଳାଇ କହିବା ଦରକାର ନାହିଁ । ତିରିଶ ଚାଳିଶ ବର୍ଷତଳର ମାତ୍ର କଥା କହୁଛି । ସେତେବେଳେ ଓଡ଼ିଆ କୃତବିଦ୍ୟମାନେ କଲିକତାରେ ଅପଣା ଭିତରେ ଓଡ଼ିଆ ଭାଷାରେ କଥାବାର୍ତ୍ତା

Digitized by srujanika@gmail.com

ହେବାକୁ କୁଣ୍ଠା ଓ ସଙ୍କୋଚ ବୋଧ କରୁଥିଲେ । ଗଂଜାମ ଜୟପୁର ଅଂଚଳରେ ନିଜକୁ ଦାଣ୍ଡରେ ନିରାମିଷାଶୀ ବୋଲି ପରିଚୟ ଦେଇ ଓଡ଼ିଆ ଶିକ୍ଷିତ ଓ ବଣିକମାନେ ତେଲୁଗୁ ଓ ତାମିଲଙ୍କ ସମାଦରରୁ ଆତ୍ମରକ୍ଷା କରିବାର ଆଶା ଓ ଉଦ୍ୟମ କରୁଥିଲେ ।

## ତଥାପି ଓଡ଼ିଆ ସବୁ ସହିଛି

ତଥାପି ଏସବୁ ଭିତରେ ଯାହା ଦେଖିବାକୁ ହେବ, ଓଡ଼ିଆର ବିପୁଳ ପ୍ରାଣ-ପ୍ରାଚୁର୍ଯ୍ୟ ଓ ଅସୀମ ତଥା ଅନନ୍ତ ଅମରତ୍ୱ । ଏଇ ସମସ୍ତ ବିକଟ ଅନୁଭୂତି ଓ ଦାରୁଣ ଯାତନା ଭିତରେ—ବରଂ ଏଇ ଅନୁଭବ ଓ ଏଇ ଯାତନା ଭେଦ କରି—ଦେଖିବାକୁ ହେବ, ଓଡ଼ିଆ ସାହିତ୍ୟର ପବିତ୍ର ଓ ସନାତନ ପ୍ରାଣଧାରା । ବେଶି ଖୋଜିବାକୁ ହେବ ନାହିଁ । ତାର ସଙ୍କେତ ତଥା ପ୍ରମାଣ ଏତେବେଶି ସ୍ପଷ୍ଟ । ଇତିହାସର ସମସ୍ତ ଦୁର୍ଗତି ଭେଦ କରି ଓଡ଼ିଆର ଶତାବ୍ଦୀର ଭିତରେ ସେଇ ପ୍ରାଣଧାରାର ସଙ୍କେତ ଏବା ଦେଖିବାର ଜିନିଷ । ବୈଦିକ 'ଉମା—ହୈମବତୀ'ଙ୍କ ଆବିର୍ଭାବ ସ୍ଥଳୀ ତୁଷାରାବୃତ ହିମାଳୟର ଉଚ୍ଚ-ଶୋଭିତ ଶୃଙ୍ଗତଟ ତଥା ନୀଳକଣ୍ଠ ଶିଖରୁ ତମାଳ-ତାଳ-ବନରାଜି-ନୀଳା ଦ୍ରାବିଡ଼ କନ୍ୟାକୁମାରୀର ବେଳା ପର୍ଯ୍ୟନ୍ତ ଏବା ଓଡ଼ିଆ ଖାଲି ଥିଲା ନୁହେଁ, ଏସମସ୍ତ ଦୁର୍ଗତି ଭିତରେ ଏବେ ବି ହେଉଛି, ସବୁ ସହିଛି; ଖାଲି ସହିଛି ନୁହେଁ—ଅଦ୍ଭୁତ ଓ ସମାଧାନ । ଏ ପରିଚୟ, ଏ ଅଧିକାର, ଏ ସମ୍ମାନ ପ୍ରାଚୀନରେ ଅତି ତାହାର ନ ଥିଲା—ଏବେ ବି ନାହିଁ । ରାଜନୀତିର ପରାଧୀନତା ଏହାକୁ ମଳିନ ବା କଳଂକିତ କରି ନାହିଁ; ପରନ୍ତୁ ଅନେକ ଜନିତ ସଙ୍କୀର୍ଣ୍ଣତା ଏହାକୁ ବାଧାଗ୍ରସ୍ତ କରି ଖାଲି ନୀରବ ଅନୁବର୍ତ୍ତନରେ ମଧ୍ୟ ପଛେଇ କରି ପାରି ନାହିଁ ।

Digitized by srujanika@gmail.com

'କାଳେ କାଳେ ମହାପୁରୁଷ ଓ ସନ୍ଥମାନେ ଏହି ଭୂମିକୁ ଭଜିଛନ୍ତି

ବରଂ ଯୁଗେ ଯୁଗେ ମହାପୁରୁଷ ଓ ସନ୍ଥମାନେ ନିଜ ନିଜ ମାନବ ସେବା ଧର୍ମର ପ୍ରେରଣା ଓ ମୁକ୍ତି ପାଇଁ ଏହି ପୁଣ୍ୟ ପ୍ରବଣ ଭୂମିକୁ ଏକା ଅଣ୍ଡାଭର କୃତାର୍ଥ ହୋଇଛନ୍ତି । ମୁସଲମାନ କାଳର କୌଣସି କୌଣସି ସାଧୁ ସନ୍ଥ ଧର୍ମ ଦଳନରୁ ବାହାର ପାଇବାକୁ ଏଠାକୁ ପଳାଇ ଆସି ଥିଲେ ବୋଲି କେତେ ପଣ୍ଡିତ କହନ୍ତି । ସେଥିରେ ପୂର୍ଣ୍ଣ ସତ୍ୟ ନ ଥାଇ ପାରେ, ହୁଏତ କିଛି ହେଲେ ସତ୍ୟ ଥାଇ ପାରେ । କିନ୍ତୁ ଏ ଭୂମିର ଶୁଦ୍ଧ ନୈର୍ଯ୍ୟକୁ ଅଣ୍ଡା ଭର ଏଠାକୁ ଆସିବା ବହୁ ପ୍ରାଚୀନ କାଳରୁ ଚାଲି ଆସିଛି ।

ଦେହମ

ସିଂହଳରେ ବୌଦ୍ଧଧର୍ମର ଯେଉଁ ପରଂପରା ଅଛି ତାର ଭିତ୍ତି ହେଉଛି, କଳିଂଗ ଓ କଳିଂଗରେ ବୁଦ୍ଧ-ଦନ୍ତ । 'ଥେରବୁଦ୍ଧ ଘୋଷ' ଶାକ୍ୟମୁନି ବୁଦ୍ଧଙ୍କ ଠାରୁ ଜିନଶ୍ରେଷ୍ଠଙ୍କ ଦାନ୍ତ ପଢ଼ି ବର୍ଷ ପାନ୍ତରେ ସଂଗ୍ରହ କରି ଥାନ ଖୋଜି ଖୋଜି ଉତ୍ତର ଦିଗରୁ ଯେଉଁ ବାଟେ ଭେଟାଣି ମହା ଦୁର୍ଗମ ହିଂସ୍ର ଜନ୍ତୁ ସଂକୁଳ ଗିରି-ବନ-ପଥ ଭେଦ କରି କଳିଂଗ ଦେଶ କଳିଙ୍ଗ ରାଜ ବ୍ରହ୍ମଦତ୍ତଙ୍କ ପାଖେ ଆଣି ସେ ପାବନ ସ୍ମାରକଟି ରଖିଥିଲେ । ତାହାଙ୍କ ଯେ ସେ ଏହା କର ଥିଲେ, ତା ଅଙ୍କ କେବଳ ଅନୁମାନ ଓ କଳ୍ପନା ଏକା ଭଳିରୁ ପାରେ । ଯେ ଯା ହେଉ, ଏ କୃତିର ଫଳ ଏ ଭୂମି ଲୋକଙ୍କର ସେ କାଳେ ବି ଧର୍ମ ରାଜ୍ୟରେ, ଅର୍ଥାତ୍, ସମାଜରେ ବ୍ୟକ୍ତିର କର୍ତ୍ତବ୍ୟ ସମାଧାନ ଶୃଙ୍ଖଳାରେ, କି ପ୍ରତିଷ୍ଠା ଥିଲା ଓ ତା ପୁଣି କେତେ ପ୍ରାଚୀନ ଓ ପ୍ରସାରିତ ଥିଲା, ତା ଏଥିରୁ ବେଶ ଜଣାପଡୁଛି । ଏଟି ବିଶେଷରେ ମନେ ରଖିବାର ଅଛି, ବୁଦ୍ଧଦେବ ଅନ୍ୟ କୌଣସି ସ୍ମାରକ ଅନ୍ୟ

Digitized by srujanika@gmail.com

କୌଣସି ଅନୁପସ୍ଥିତଙ୍କ ପାଶକୁ ପଠାଇ ଦିଆ ଯାଇଥିବାର ପ୍ରମାଣ ବା କିଂବଦନ୍ତୀ ପର୍ଯ୍ୟନ୍ତ ବି ନାହିଁ । ପୁଣି ବୁଦ୍ଧଦେବଙ୍କ ସଙ୍ଗେ ବା କଳିଂଗ ସଙ୍ଗେ ମଧ୍ୟ ଜୀବଦ୍ଦଶାରେ ଶାକ୍ୟମୁନିଙ୍କର କୌଣସି ସାକ୍ଷାତ୍ ସମ୍ବନ୍ଧ ଥିବାର ଜଣା ନାହିଁ । ଶାକ୍ୟମୁନି ବୁଦ୍ଧଙ୍କର ଅଧମ ଓ ଅପରିବର୍ତ୍ତିତ ମୈତ୍ରୀ ଧର୍ମ ଓ କର୍ମ ବା ଶୀଳ ମଧ୍ୟରେ କୈବଲ୍ୟ ବା ନିର୍ବାଣ ଲାଭ କଳିଂଗରେ ବହୁ କାଳରୁ ଅଦ୍ଭୁତ ଅଭ୍ୟସ୍ତ ଓ ପ୍ରତିଷ୍ଠିତ ପନ୍ଥା ବା ମାନବ ସାଧନାର ମାର୍ଗ ଥିବାର ସଙ୍କେତ ଏଠି ସ୍ପଷ୍ଟ । ମନେ ହୁଏ, ଯାହା କଳିଂଗରେ ଅଦ୍ଭୁତ, ଅଭ୍ୟସ୍ତ ଓ ପ୍ରତିଷ୍ଠିତ ଥିଲା, ତାକୁଇ ଉତ୍ତର ପୂର୍ବ ଭାରତରେ ଶାକ୍ୟମୁନି ନିଜର ପରି-ମାର୍ଜିତ 'ମଧ୍ୟ ପନ୍ଥା' ବୋଲି ପ୍ରଚାର କରିଥିଲେ ।

## ଇନ୍ଦ୍ରଦ୍ୟୁମ୍ନଙ୍କ କଥା

ପୁଣି ଦେଖ, ଇନ୍ଦ୍ରଦ୍ୟୁମ୍ନଙ୍କ କଥା । ଅବଶ୍ୟ ଇତିହାସରେ ଏ କଥାର ସାକ୍ଷ୍ୟ ମିଳି ନାହିଁ । ଐତିହାସିକ ଭାବରେ ଇନ୍ଦ୍ରଦ୍ୟୁମ୍ନ କିଏ, ସେ ଠିକ୍ କେଉଁ କାଳ ବା ସ୍ଥାନର ଲୋକ, ତା କହିବାର କୌଣସି ସାଧନ ମିଳି ନାହିଁ । ତଥାପି ଏହା ସତ୍ୟ ଯେ, ଅତି ପ୍ରାଚୀନ କାଳରେ—ହୁଏତ ଅଗମିକ ବାସୁଦେବ କୃଷ୍ଣଙ୍କ ବ୍ୟାପକ ପ୍ରତିଷ୍ଠା ପୂର୍ବରୁ ଯେଉଁ ବୈଦିକ ବିଷ୍ଣୁଙ୍କ ଉପାସନା ଅର୍ଯ୍ୟ ଧର୍ମରେ ପ୍ରତିଷ୍ଠିତ ଥିଲା, ତାଙ୍କର କାଳରୁ ଉତ୍ତର ଭାରତର ପରମ ବୈଷ୍ଣବ ଇନ୍ଦ୍ରଦ୍ୟୁମ୍ନ, ନାନା କଷ୍ଟ ଭୋଗି, ଦୁର୍ଗ ଗିରି ବନ ନଦୀ ପ୍ରାନ୍ତର ପାର ହୋଇ ଏଇ ଓଡ଼ିଶାରେ ଆସି ଶବର ଦେବ ଜଗନ୍ନାଥ-ନୀଳମାଧବ ବା ପୁରୁଷୋତ୍ତମଙ୍କୁ ଭକ୍ତି ସେଇ ପୁରୁଷୋତ୍ତମଙ୍କ ଅନୁମତି ନ ପାଇବା ଯାଏ ନିଜ ବୈଷ୍ଣବତ୍ୱରେ ସାଫଲ୍ୟ ଦେଖି ନାହାନ୍ତି । ସେଥିପାଇଁ ପୁଣି ତାଙ୍କୁ ନିଜ ବେଦ-ଧର୍ମର ଅଗ୍ରହ ଛାଡ଼ି, ଯୋଗ ଶବର ତଥା ଶବର ଦେବତାଙ୍କୁ

Digitized by srujanika@gmail.com

ସନ୍ତୋଷ ଓ ପ୍ରୀତ କରିବା ପାଇଁ ନିଜର ସ୍ବାର୍ଥ ବ୍ରାହ୍ମଣ ମନ୍ତ୍ରୀ ବିଦ୍ୟାପତିଙ୍କୁ ଶବର କନ୍ୟାଙ୍କ ସଙ୍ଗେ ପ୍ରକାଶ୍ୟ ସାମାଜିକ ବିଧିରେ ସମସ୍ତଙ୍କ ଆଗେ ବିବାହ ଦେଇ ଜଗନ୍ନାଥ ଧର୍ମକୁ କାର୍ଯ୍ୟରେ ସ୍ୱୀକାର କରିବାକୁ ହୋଇଥିଲା । ଏହି ଓଡ଼ିଆ ଭୂମିରୁ, ଏହି ଓଡ଼ିଆଙ୍କ ପ୍ରାଚୀନ ପୁରୁଷଙ୍କ ବିଶ୍ୱଧର୍ମରୁ ଦୀକ୍ଷା ଗ୍ରହଣ କରି ଇନ୍ଦ୍ରଦ୍ୟୁମ୍ନ ବୈଷ୍ଣବ ଭକ୍ତର ପୁରାଣ ଓ କିଂବଦନ୍ତୀରେ ପ୍ରତିଷ୍ଠା ଲଭିଥିଲେ ।

## ବଜ୍ରଯାନ ଓ ସହଜ ଯାନ

ତାପରେ ଜଣାଯିବା ଭଳି ଇତିହାସ ହେଉଛି, ବିକୃତ ମହାଯାନ ବୌଦ୍ଧଧର୍ମରୁ ପ୍ରକାଶ ପାଇଥିବା ଉତ୍ତର ପୂର୍ବ ଭାରତ, ନେପାଳ ଓ ତିବ୍ବତର ବଜ୍ରଯାନ ଓ ତହିଁରୁ ମନକୁ ବାହାରି ପଡ଼ିଥିବା ସହଜଯାନ । ଏମାନଙ୍କ ଧର୍ମ ଓ ଉପାସନାର ପ୍ରଭାବ, ସାଧନ ଓ କ୍ରିୟା ଗତ ଏଠି ବର୍ଣ୍ଣନା କରିବା ଦରକାର ନାହିଁ । ଧର୍ମ ନାମରେ ଘୋର ଇନ୍ଦ୍ରିୟ ସେବା ଓ ବ୍ୟଭିଚାରକୁ ଏପରି ସ୍ୱଚ୍ଛନ୍ଦ ପ୍ରଚାର ଓ ପ୍ରୟୋଗ କରିବା ପୃଥିବୀରେ ଅନ୍ୟ କ୍ୱାପି ଦେଖା ନାହିଁ । ତଥାପି ଏଠି ବି ଦେଖିବାର ଜିନିଷ, ଏହି ଅତିସ୍ୱାଦ୍ୟ ଇନ୍ଦ୍ରିୟ ପରିତୃପ୍ତିକୁ ମଧ୍ୟ ଧର୍ମ ଓ ସତ୍ କାର୍ଯ୍ୟ ବୋଲି ପ୍ରତିଷ୍ଠା ଦେବା ପାଇଁ, ଏହି ବ୍ୟଭିଚାରର ପ୍ରବର୍ତ୍ତକମାନେ ତତ୍ପର କହନ୍ତି, ଏସବୁ ବଜ୍ରଯାନ ଓ ସହଜଯାନ ବାହାରିଛି, ଠିକ୍ ମହାଯାନରୁ ନୁହେଁ, ଏ ସବୁର ମୂଳ ହେଉଛି, ବୌଦ୍ଧାଗମର ଅନ୍ୟ ଗୋଟିଏ ଯାନ ବା ମାର୍ଗରେ । ସେ 'ଯାନ' ଟି ହେଉଛି, ଓଡ଼ିଯାନ ବା 'ଉଡ୍ଡିୟାନ' । ପୂର୍ବୋତ୍ତର ବଙ୍ଗ ଓ ଅସାମର କାମାଖ୍ୟା (କାମାକ୍ଷୀ ବା କାମରୂପ), ଶ୍ରୀହଟ୍ଟ (ସିଲେଟ) ଓ ପୂର୍ବବଙ୍ଗରେ ଗାଦିମାନ ବସାଇ ତଥାକଥିତ 'ସିଦ୍ଧ'ମାନେ ଶହ ଶହ ବର୍ଷ ଧରି

Digitized by srujanika@gmail.com

‘ପଞ୍ଚ ମ-କାର’-ସେବା ପ୍ରଭୃତି ଯେଉଁ ବୀଭତ୍ସ ଭ୍ରଷ୍ଟାଚାରକୁ ‘ସାଧନା’ ବୋଲି ଅଭ୍ୟାସ ଓ ପ୍ରଚାର କରୁଥିଲେ, ସେମାନେ କହୁଥିଲେ, ସେ ସବୁର ଅନ୍ୱେଷଣା ହୋଇଚି, ‘ଉଡ୍ଡିୟାନ’। (‘ସାଧନ ମାଳା’— pp. 453, 465.) ମାତ୍ର ଏବେ ମଧ୍ୟ ଓଡ଼ିଆର ସାମାଜିକ ଜୀବନରେ ସେ ସବୁର ଚିହ୍ନ ବର୍ତ୍ତେ ନାହିଁ। ଓଡ଼ିଶାର ଗାଦିପୁରୁଷ ବା ନିର୍ବାଣ ସେବୀ ଶୂନ୍ୟବାଦୀ ସାଧକମାନେ ଇନ୍ଦ୍ରିୟ ସଂଯମ ଓ ବ୍ରହ୍ମଚର୍ଯ୍ୟ ଛଡ଼ା ଆଉ କିଛି କେବେ ‘ସାଧନ’ ବୋଲି ପ୍ରଚାର କରି ନାହାନ୍ତି। ଏସବୁ ଆଲୋଚନା କଲେ, ଠିକ୍ ମନେ ହୁଏ, ଯେକୌଣସି ଧର୍ମ ବା ଆଚାରର ପ୍ରଚାର କରିବାରେ ଏହା ‘ଓଡ଼ିଆଙ୍କର’ ବୋଲି କହିଦେଲେ ଯେତେବେଳେ ଲୋକେ ନ ପଚାରି ଗ୍ରହଣ କରୁଥିଲେ। ଉଡ୍ଡିୟାନ ବା ଓଡ୍ରମାଟି ବୋଲି କହି ଲୋକେ ନିଜ ସ୍ୱେଚ୍ଛା ମଦ୍ୟମୈଥୁନାଦିର ଘୋର ଅପଚାରକୁ ପର୍ଯ୍ୟନ୍ତ ଲୋକଙ୍କୁ ଧର୍ମ ନାମରେ ଭରାଇ ପାରୁଥିଲେ। ଓଡ଼ିଆଙ୍କର ପ୍ରତିଷ୍ଠା କେତେ ଥିଲା, ତା ଏଥିରୁ ବେଶ୍ ଅନୁମାନ କରିହେବ।

ଖାଲି ଉଡ୍ଡିୟାନ ନୁହେଁ, ଜଗନ୍ନାଥ ମଧ୍ୟ

ସେତିକି ନୁହେଁ। ମଦ୍ୟମୈଥୁନାଦିର ବ୍ୟବହାରରେ ଜାତି ନାରୀ ଭେଦରେ ମନୁଷ୍ୟଙ୍କୁ ସମାନ କରିବାର ଯେ ଧର୍ମ ଓ ଆଚାର ଓଡ଼ିଆଙ୍କ ଦେଣା ବୋଲି ପ୍ରୟୋଗ ଓ ପ୍ରଚାର କରାଯାଉଥିଲା, ସେଥିରେ ପୁଣି ଜଗନ୍ନାଥଙ୍କ ନାମ ମଧ୍ୟ ଖୁବ୍ ଭାମରେ ଲାଗୁଥିଲା। ଏଇପରି ଜଗନ୍ନାଥଙ୍କୁ ସ୍ମରଣ ଓ ନମସ୍କାର କରି ସେମାନେ ନିଜର ‘ନବୀନ-ସାମ୍ୟବାଦ’କୁ ବିଶ୍ୱ ବ୍ୟାପୀ ପ୍ରତିଷ୍ଠା ଦେବାକୁ ଲୋଡ଼ୁଚନ୍ତି। ତଥାକଥିତ ରାଜମୁନି ‘ସିଦ୍ଧ’ ଅନଙ୍ଗ ବଜ୍ର (ଖ୍ରୀ: ୭ମ ଶତକ) ନିଜର ‘ପ୍ରଜ୍ଞୋପାୟ ବିନିଶ୍ଚୟସିଦ୍ଧି’ରେ ନିଜର ଏଇ ସାମ୍ୟ ବୁଦ୍ଧିରେ ‘କରୁଣା’ ବା ‘ପରହିତ’ ବ୍ରତକୁ ଲକ୍ଷ୍ୟ କରି କହୁଚନ୍ତି----

Digitized by srujanika@gmail.com

"ଯଥା ସମୁଦ୍ରତରଙ୍ଗିତ ଚର୍ଚ୍ଚାଣାଂ ପ୍ରେକ୍ଷା ।
ଅଙ୍ଗମାତ୍ରେ ଜଗନ୍ନାଥା ସୁଷ୍ଠୁଃ ସର୍ବାର୍ଥ ସଞ୍ଚିତଃ ॥"

(୨ୟ ଅଧ୍ୟାୟ ୨୬ ଶ୍ଲୋକ)

ଅର୍ଥାତ୍, ସମୁଦ୍ରରେ ଯେପରି ତରଙ୍ଗର ଅବସ୍ଥାନରେ ମଣ୍ଡଳରେ ସୌନ୍ଦର୍ଯ୍ୟ ଅଛି, ସଂସାର ବସ୍ତୁ ପ୍ରକୃତ ନ ହେଲେ ଏହା ସବୁ ନାମମାତ୍ରର ଛିଦ୍ର ପରି ଦେଖାଯିବ। ସୁତରାଂ ଏ ଜଗନ୍ନାଥ ସେହି ଏହା ଉପାୟ ହେବ। ନିଜର ଜ୍ଞାନ ତତ୍ତ୍ୱର ଉପାସ୍ୟ ବିଦ୍ୟାମାନଙ୍କୁ ଏଥିପାଇଁ ସେ ଯେପରି କି ଜଗନ୍ନାଥଙ୍କ ନାମରେ ଅର୍ପଣ କରନ୍ତି। ତାଙ୍କ ଶିଷ୍ୟ ସହଜଯାନ ପ୍ରବର୍ତ୍ତକ ଇନ୍ଦ୍ରଭୂତି ନିଜର 'ଜ୍ଞାନ ସିଦ୍ଧି' ଗ୍ରନ୍ଥ ଆରମ୍ଭ କରନ୍ତି---

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜିନ ବରାର୍ଚ୍ଚିତଂ ।
ସର୍ବବୁଦ୍ଧମୟଂ ସିଦ୍ଧିବ୍ୟାପିନଂ ଗଗନୋପମଂ । ୧ ।
ସର୍ବଦଂ ସର୍ବସତ୍ତ୍ୱେଭ୍ୟଃ ସର୍ବଜ୍ଞଂ ବରବଜ୍ରିଣଂ ।
ଭକ୍ତ୍ୟାହଂ ସର୍ବଭାବେନ ବକ୍ଷ୍ୟେ ତତ୍ସାଧନଂ ପରଂ । ୨ ।

(୧ମ ଅଧ୍ୟାୟ)

ଅର୍ଥାତ୍, ଜଗନ୍ନାଥଙ୍କୁ ପ୍ରଣିପାତ କରି ଭକ୍ତି ଭାବରେ ତାଙ୍କର ଶ୍ରେଷ୍ଠ ସାଧନ ସବୁ ପ୍ରକାରରେ ମୁଁ କହିବି। ଏ ଜଗନ୍ନାଥ କିପରି ? ସେ-ହେଉଛନ୍ତି, ସବୁ ଶ୍ରେଷ୍ଠ ଜିନଙ୍କ ଅର୍ଚ୍ଚିତ, ସବୁ ବୁଦ୍ଧ ସ୍ୱରୂପ, ସିଦ୍ଧିରେ ବ୍ୟାପକ, ଆକାଶପରି (ଶୂନ୍ୟ), ସମସ୍ତଙ୍କୁ ସବୁ ଦିଅନ୍ତି, ସର୍ବଜ୍ଞ, ପୁଣି ସବୁଠୁ ଶ୍ରେଷ୍ଠ ବଜ୍ରୀ (ବଜ୍ରଯାନ ତନ୍ତ୍ରସେବୀ ବା ଇନ୍ଦ୍ରଭୂତିସେବାରେ ଦୁର୍ଭେଦ୍ୟ)—ଜ୍ଞାନସିଦ୍ଧି—

(୧ମ ଅଧ୍ୟାୟ ୧୧ ଶ୍ଲୋକ ଦେଖ)

ବଡଦାଣ୍ଡ କଥା, ମେଳା, ଭାଙ୍ଗ ହାଡ଼ ଛୁଆଁର ମୁଣ୍ଡରୁ ଜୀବନ୍ତ ଦେହ ପରି ଓ ଶୂନ୍ୟରୁ ଅମୃତ ଫଳାଇଲାପରି

Digitized by srujanika@gmail.com

ଅନ୍ତ୍ୟ ସର୍ଗ ବୋଲି କହିଲେଲେ, କଂସ ଭରଲଙ୍କ ଚାମଙ୍କୁ ଛୁଟିଲେ ଦେଲେ, ମୋହିନୀର ଶେଷ ଲୋକରାଶି ଲୋକ ଓ ରୀତି ସାଧନାରେ ତନ୍ମୟତା, ପ୍ରେମରୋଗରେ ଚରୁଣ ଓ ସାଂପ୍ରତ ପ୍ରକୃତ ରସ ଉଦ୍ଦୀପନ ଅଧିକାର୍ହ ହୋଇ ପାରେ । ପ୍ରେମ ସାହିତ୍ୟ କ୍ଷେତ୍ରରେ ଏପରି ସର୍ବୋଚ୍ଚ ସ୍ଥାନ ଲାଭ କରିବାକୁ ହେବ ।

## ହିନ୍ଦୁତନ୍ତ୍ର ଓ ଯୌନଚର୍ଯା

ବର୍ତ୍ତମାନ ଭାରତରୁ ବାହାରେ ଥିଲେ, ହିନ୍ଦୁ ରୀତି ନୀତି ଅନେକ ପଣ୍ଡିତଙ୍କର ମତ । ଯେଉଁ ପରବର୍ତ୍ତୀ ଭାରତରେ ହିନ୍ଦୁମାନଙ୍କ ବର୍ତ୍ତମାନର ଲୋପ ହେଲା ବା ଉତ୍ତରବର୍ତ୍ତୀ ହୋଇ ଆସିଲା ସେ, ହିନ୍ଦୁମାନେ ଏତେ ଅର୍ବାଚୀନ ବୋଲି ମନେ ହେଉନାହିଁ । ମହାଭାରତରେ ପାଣ୍ଡୁ ଯେତେବେଳେ ଅନ୍ୟ ପୁରୁଷ ଅଧୀନରେ ପୁତ୍ର ଜନ୍ମକରିବା ପାଇଁ କୁନ୍ତୀଙ୍କି ପ୍ରବର୍ତ୍ତାଇ ଦେଉଛନ୍ତି, ସେତେବେଳେ ସେହା କହନ୍ତି, ଯୌନ କ୍ରିୟାରେ ନରନାରୀ ମଧ୍ୟ ପୂର୍ବେ ପଶୁପକ୍ଷୀ ପରି ଥିଲେ । ଅତୀତରେ ବାଛ ବିଚାର ନ ଥିଲା । ନାରୀମାନେ ମୁକ୍ତ ( ଅନାବୃତାଃ ସ୍ତ୍ରିୟଃ ସର୍ବାଃ ) ଥିଲେ । ପୁରୁଷ ତାଙ୍କୁ ଅନୁଗ୍ରହ କରି ତାଙ୍କ ସଂଗମ କରୁଥିଲେ । ଏହାହିଁ ସନାତନ ଧର୍ମ । ( ସ୍ତ୍ରୀଣାମନୁଗ୍ରହକରଃ ସହି ଧର୍ମଃ ସନାତନଃ ) । କେବଳ ପାଣ୍ଡୁ ସେହି ସଂପର୍କରେ ପୁଣି କହିଛନ୍ତି, "ଉତ୍ତର କୁରୁ ଦେଶରେ ଏବେ ବି ଏହି ଆଚରଣ ଲୋକଙ୍କର ସେଇଥିର ଚଳେ ।" ଏହି ଉତ୍ତର କୁରୁ ଦେଶ ବହୁ ସଂଭବ ହେଉଛନ୍ତି, କାଶ୍ମୀର ଓ ହିମାଳୟର ତଳଭୂମି । ନେପାଳ ଓ ଆସାମ ମଧ୍ୟ ଏହାର ବଂଗ ଓ ମଗଧ ଏହାର ଅନ୍ତର୍ଭୁକ୍ତ ଥାଇପାରେ । ପୁଣି ଶ୍ୱେତକେତୁଙ୍କ ଉପାଖ୍ୟାନରେ ଯେଉଁ ବଂଗ ଦେଶର ଉଲ୍ଲେଖ ଅଛି, ସେଠାରେ ଯେ ସେକାଳେ ସେହି ପ୍ରଥା ଚଳୁଥିଲା, ତାର ଅନୁମାନ, ସେହି ଉପା-

Digitized by srujanika@gmail.com

ଖ୍ୟାନରେ ସ୍ପଷ୍ଟ । ଅତଏବ ପୂର୍ବ ଭାରତରେ ବୁଦ୍ଧ ନାମ ଧରି ଯେପରି ଯୌନ ସ୍ୱୈରାଚାରକୁ ବୈଧ କରି ଇନ୍ଦ୍ରିୟପରାୟଣତାକୁ ମହାଯାନରୁ ନିର୍ଗତ ବଜ୍ରଯାନ ତନ୍ତ୍ର ବୋଲି ସମାଜରେ ପ୍ରଚାର କରା ଯାଇଥିଲା, ତେଣେ କାଶ୍ମୀର ଓ ହିମାଳୟ ନଠଭୂମିରେ ଶକ୍ତି ବା ଦେବୀଙ୍କ ନାମରେ ହିନ୍ଦୁ ବା ବୈଦିକ ଧର୍ମଚକ୍ର 'ଆଗମ' ବୋଲି ସେଇ ଏକ ତନ୍ତ୍ର ବିକାଶ ପାଇଥିଲା । ନେପାଳ ଥିଲା ବୁଦ୍ଧଙ୍କର ଜନ୍ମଭୂମି । ସେଇବାଟେ ବୌଦ୍ଧ ଧର୍ମ ବୋଲି ଏହି କଦାଚାର ମଧ୍ୟ ଭୋଟ ଦେଶ ବା ତିବ୍ବତ ପ୍ରଭୃତିରେ ପଶିଥିଲା । ଏଇ କାଶ୍ମୀରର ଅଂଚଳରେ 'ଦେବୀ' ସ୍ତୁତି ଅତି ପ୍ରାଚୀନ । କେନୋପନିଷଦ୍‌ରେ ସ୍ପଷ୍ଟ ଅଛି, ଦେବତାମାନଙ୍କୁ ବ୍ରହ୍ମ ବିଷୟରେ ଉପଦେଶ ଦେବା ପାଇଁ 'ଉମା' ଦେଖାଇଥିଲେ, ସ୍ୱୟଂ 'ହୈମବତୀ ଉମା' । ଧ୍ୟାନୀବୁଦ୍ଧମାନଙ୍କ ଶକ୍ତିମାନେ ମହାଯାନର 'କରୁଣା' କଳ୍ପନାରୁ ବାହାରି ବଜ୍ରଯାନ ତନ୍ତ୍ରର ପ୍ରକାଶରେ ଶ୍ରେଷ୍ଠ ଉପାଦାନ ଯୋଗାଇ ଥିଲେ । ତାଙ୍କର ଏଇ ବୈଦିକୀ ଦେବୀ ତଥା ପରବର୍ତ୍ତୀ ଆଗମର ଦେବୀଙ୍କ ସଂଗେ କି ସମ୍ବନ୍ଧ, ତା ଅବଶ୍ୟ ଏବେ ଏକା କଥାରେ କହିଦେବା ଦୁଷ୍କର । ମାତ୍ର ବେଦକାଳରୁ ବେଦରେ ଆଗମ-ସ୍ତୁତିରେ ସେଇ ଦେବୀ, ଏକା ବିଶ୍ୱ ଜନନୀ ଆଦ୍ୟାଶକ୍ତିରୂପ ପରେ ପ୍ରକାଶ ପାଇଥିଲେ ।

## ତନ୍ତ୍ରରେ ମଧ୍ୟ ଓଡ଼ିଶା ଓ ଜଗନ୍ନାଥ

ଏଇ ଦେବୀ ପୁଣି ବିଶ୍ୱର ଆଦିମାତା ରୂପେ ପୃଥିବୀର ଇତିହାସରେ ବହୁ ପ୍ରାଚୀନ, ଓ ସେହି ହିସାବରେ ତାଙ୍କର ଖାଲି ଦେବମାନବ ସର୍ବଜ୍ଞ ପୁରୁଷ ଗୋଷ୍ଠୀ ସଂଗମ କରିବାଠା ବାବିଲନ, ଇଜିପ୍ଟ, କ୍ରୀଟ, କାପାଡୋସିଅ ପ୍ରଭୃତିର ଲେଖା-ସାହିତ୍ୟରେ ଖୁବ୍ ଦେଖିବାକୁ ମିଳେ । ଭାରତରେ ହିନ୍ଦୁ ଓ ବୌଦ୍ଧ ତନ୍ତ୍ର ଦୁହେଁ, ସାକ୍ଷାତ୍ ଓ ଅସାକ୍ଷାତ୍ ଭାବରେ ଏଇ ଆଦିମ

Digitized by srujanika@gmail.com

ସର୍ବବ୍ୟାପୀ ଧାରଣା ପୀଠରେ ପ୍ରତିଷ୍ଠିତ ବୋଲି ମନେ ହୁଏ । ଶୁଦ୍ଧତାର ସଂଯମ ଓ ବ୍ରହ୍ମଚର୍ଯ୍ୟରେ ବିଶ୍ୱସେବା କଳିଙ୍ଗରେ ବହୁ ପ୍ରାଚୀନ କାଳରୁ ସ୍ୱୀକୃତି ଥିଲା ଓ ସେଇ ଦୃଷ୍ଟିରେ ଯୌନଚର୍ଯ୍ୟା ଓ ଇନ୍ଦ୍ରିୟସେବା ଅଧର୍ମ ବୋଲି ଶିଷ୍ଟ ସମାଜରେ ବିବେଚିତ ହେଉଥିଲା । ପୁଣି ଏ ସବୁ ସଂଯତ ଆଚରଣରେ ସେକାଳ ଜଣାଶୁଣା ଜଗତରେ କଳିଙ୍ଗ ବା ଓଡ୍ର ତଥା ଓଡ୍ରର ମୈତ୍ରୀଦେବ ଜଗନ୍ନାଥ ଥିଲେ, ଆଦର୍ଶ । ତେଣୁ 'ନାମେ ଭକ୍ତି'ର ଆଶ୍ରୟ କରି, ଗ୍ରନ୍ଥ ଲେଖି ଲୋକଙ୍କୁ ଭୁଲାଇ, ସେଇ ସୂତ୍ରରେ ଅଦ୍ଭୁତ କ୍ରିୟାର ପ୍ରଚାର କରି ଯେପରି ବୃନ୍ଦାବନର ଯୁବତୀଙ୍କ ଭିତରେ ଥୋଇ କୃଷ୍ଣଙ୍କ ନାମରେ ତାଙ୍କର ସବୁ କୁକ୍ରିୟା, କଦାଚାର ଓ ପାପକୁ ଲୋକେ ଏବେ ବି ଏ ଦେଶରୁ ଆମେରିକା ଯାଏ ଧର୍ମ ବୋଲି ବିକୁଛନ୍ତି, ସେଇପରି ତାନ୍ତ୍ରିକମାନେ ଓଡ଼ିଶା ଓ ଜଗନ୍ନାଥ ନାମ ଧରି 'ସନ୍ଧ୍ୟା ଭାଷା'ରେ ସାହିତ୍ୟ ଓ 'ଗୁପ୍ତଲୀଳା'ର ଅଙ୍କୁର ଫୁଟାଇ ଥିଲେ । ବୌଦ୍ଧ ତନ୍ତ୍ରରେ 'ଅଦ୍ୱୟ ବଜ୍ର' ଓ 'ଇନ୍ଦ୍ରଭୂତି'ଙ୍କ ଲେଖାକୁ ସଂକେତରେ ଦେଖାଇ କୁହାଯାଇଛି । ତାପରେ ସେଇ ତନ୍ତ୍ର ହିନ୍ଦୁ ତନ୍ତ୍ରରେ ପରିଣତ ହୋଇ ସେଥିରୁ ଯେଉଁ 'ଭୈରବ-ଭୈରବୀ' ବାହାରି ନରକଙ୍କାଳର ସ୍ୱୈରମାଗମ-ସାଧନାରେ ସିଦ୍ଧିରୂପେ ସେଇ ପୂର୍ବୋତ୍ତର ଭାରତରେ ପ୍ରକାଶ ପାଇଥିଲେ, ତାଙ୍କ ସମ୍ବନ୍ଧରେ ସେଇ ତନ୍ତ୍ରରେ ବଚନ ରହିଛି—

"ବିରଜା ଭୈରବୀ ଯତ୍ର
ଜଗନ୍ନାଥସ୍ତୁ ଭୈରବଃ"

ଅର୍ଥାତ୍, ଏଥିରେ ବିରଜା ହେଉଛନ୍ତି, ଭୈରବୀ ଓ ଜଗନ୍ନାଥ ହେଉଛନ୍ତି ଭୈରବ । ବିରଜା ହେଉଛନ୍ତି, ସେକାଳ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ । ସେକାଳ ରାଜଧାନୀ ଯାଜପୁରରେ ତାଙ୍କ ସ୍ଥାନ ।

Digitized by srujanika@gmail.com

ଯାଜପୁରକୁ ସେକାଳେ "ବିରଜା-ବାସ୍ତବ୍ୟ-କ୍ଷେତ୍ର" ବା "ବିରଜା-କ୍ଷେତ୍ର" ବୋଲି କହୁଥିଲେ । ଏହି ବିରଜା ପୁଣି କେଉଁ କାଳରୁ ଓ କେଉଁ କାରଣରୁ ତା ଠିକ୍ କହିହେବନାହିଁ । ସବୁ ପ୍ରତିଷ୍ଠିତ ଗ୍ରାମ ଦେବତା ଓ ବଣଦେବୀଙ୍କ ପରି ହୁଏତ ତାଙ୍କ ସ୍ଥାନ ବହୁକାଳରୁ ଥିଲା । ପରେ ଶକ୍ତିରେ ଯେପରି ଅନେକ ଦେବୀ ପ୍ରତିଷ୍ଠା ପାଇଥିଲେ ଓ ବେଳେ ବେଳେ ନାମ ବଦଳାଇ ଥିଲେ, ବିରଜାଙ୍କ ସମ୍ବନ୍ଧରେ ସେଇଆ ଯେ ନ ହୋଇଥିବ ତା କିଏ କହିବ ? କାଳକ୍ରମେ ପୁଣି, ଖୁବ୍ ସମ୍ଭବ ଏହି ବିରଜା ହୋଇଥିଲେ, ବିମଳା । ବିରଜା ଓ ବିମଳା—ଦୁଇଟି ଶବ୍ଦର ଅର୍ଥ ଏକା । ପୁଣି 'ବିମଳା ଭୈରବୀ ଯତ୍ର' ବୋଲି ତନ୍ତ୍ରରେ କୁହାଯାଇ ଥିବା ବଚନର ପାଠାନ୍ତର ମଧ୍ୟ ଅଛି । ପରବର୍ତ୍ତୀ କାଳରେ ସେଥିପାଇଁ ଜଗନ୍ନାଥଙ୍କ ମନ୍ଦିରର ବେଢ଼ା ଭିତରେ ବିମଳା ମନ୍ଦିରର ପ୍ରତିଷ୍ଠା ମଧ୍ୟ ହୋଇଛି । ପୁଣି ଏଥିର ପରେ ସେଠାରେ ଲୁଗୁଡ଼ ଭଳି ପାର୍ଥିବ ଓ ଅଶ୍ୱିନ ମହାଷ୍ଟମୀ ଦିନ ବୋଦା ପକାଇବା ମଧ୍ୟ ତାନ୍ତ୍ରିକମାନେ ଚଳାଇ ଦେଇଛନ୍ତି । ସେତିକି ନୁହେଁ, ଜଗନ୍ନାଥ ତାନ୍ତ୍ରିକ କି ବୈଷ୍ଣବ, ଏ ବିବାଦ ମଧ୍ୟ ପୁରା ସମାଧାନ ନ ହେବାର କାରଣ ଏବେ ବହୁତ ହୋଇଯାଇଛି । ସେ କଥା ପରେ କୁହାଯିବ ।

## ଶଙ୍କରାଚାର୍ଯ୍ୟ

କେବଳ ବୁଦ୍ଧଙ୍କୁ ହିନ୍ଦୁ ଦେବତା କରିବାରେ ବା ଶୁଦ୍ଧ ବୌଦ୍ଧ ତନ୍ତ୍ର ସାଧନାରେ ଜଗନ୍ନାଥ ଓ ଓଡ଼ିଆ ଧର୍ମ ଯେ ଲେଖା ପଡ଼ିଛି, ସେତିକି ନୁହେଁ । ସେହି ବୌଦ୍ଧ ଶୂନ୍ୟବାଦୀ ବୁଦ୍ଧଙ୍କୁ ପୁଣି ବେଦ, ବ୍ରହ୍ମସତ୍ତା ପ୍ରଚାର କରିବାରେ ଦାର୍ଶନିକବର ଶଙ୍କରାଚାର୍ଯ୍ୟ ମଧ୍ୟ ଏହି ଜଗନ୍ନାଥ ଧାମକୁହିଁ ନିଜର ଶ୍ରେଷ୍ଠ କର୍ମ କେନ୍ଦ୍ର କରି ଯାଇଛନ୍ତି ।

Digitized by srujanika@gmail.com

ମନେରଖିବାର ଅଛି, ଶଂକରାଚାର୍ଯ୍ୟ ଉତ୍ତର ବା ଉତ୍ତରପୂର୍ବ ଭାରତର ନୁହନ୍ତି । ସେ ପ୍ରେରଣା ବା ପ୍ରଭାବ ଯେମିତି ନସ ଶ୍ରୀହର୍ଷଙ୍କ ଅପି ନ ଥିଲେ । ତାଙ୍କ ଅଧିଷ୍ଠାନ କେରଳ, ଦକ୍ଷିଣ ଭାରତର ଶେଷଭୂମି ।

## ରାମାନୁଜ

ସେଇ ଆଡ଼ୁ ପୁଣି ଆସିଥିଲେ, ଅଲୱାର ପନ୍ଥୀ, ଶ୍ରୀବୈଷ୍ଣବ ରାମାନୁଜ । ଏବେ ମଧ୍ୟ ପୁରୀ ନଗର ଦେଖିବାରେ ଗଲେ ବୁଲକୁ ଦଣ୍ଡଥିବା ବୈଷ୍ଣବଗଣ ଜଣାଶୁଣା ରାମାନୁଜୀ ଚିତା ଅନେକ ଲକ୍ଷ କରିଥିବେ । ପୁରୀର ଏମାର ମଠ ଓ ଲେଙ୍ଗୁଳା ବୁଲର ଅନ୍ୟ ନାମ ହେଉଛନ୍ତି, ସେଇ ରାମାନୁଜଙ୍କ ଅବଦାନ । ତା ଛଡ଼ା ପୁରୀ ହେଉଛି ରାମାନୁଜଙ୍କର ଏକ ପ୍ରତିଷ୍ଠିତ ସ୍ଥାନ । ଅଧିକାଂଶ ମଠ ଏଠାରେ ରାମାନୁଜୀ । ତେବେ ଓଡ଼ିଆ ସାହିତ୍ୟ ଓ ସମାଜରେ ରାମାନୁଜୀଙ୍କର ପ୍ରତିଷ୍ଠା ନାହିଁ । ରାମାନୁଜୀଙ୍କ ସମୟରେ ଅଦମ୍ୟ ଗଙ୍ଗ ବଂଶୀ ସମ୍ରାଟମାନେ ପୁରୀ ମନ୍ଦିରରେ ଜଗନ୍ନାଥ ନିକଟରେ ସ୍ଥାପିତ ଥିଲେ, ନଟବ ଦାସୀ ବା ମାହାରୀ । କିନ୍ତୁ ସେ ଅନୁଷ୍ଠାନଟି ଏବେ କୌଣସି ସ୍ଥାନରେ ବଞ୍ଚି ରହିଥିଲେ ହିଁ ଓଡ଼ିଆ ଜୀବନରେ ପ୍ରତିଷ୍ଠା ପାଇ ନାହିଁ । ଦେବଦାସୀ ଛଡ଼ା, ଆଉ ଗୋଟିଏ ତାଙ୍କ ପ୍ରବର୍ତ୍ତିତ ଅନୁଷ୍ଠାନ ହେଉଛି, ବୈଷ୍ଣବ ମୂର୍ତ୍ତିଙ୍କ ଭିତରେ ଅଛନ୍ତି ବ୍ରହ୍ମଗୁରୁ । ଏମାନଙ୍କ ଧନ ବା ପ୍ରତିଷ୍ଠା ନିଲାଇଛି ପୁଣି ମୂର୍ଖତାର ଅହଂକାର ଯେଉଁ ବାଧିଛି ମୂଳରୁ ଅଛନ୍ତି ବ୍ରହ୍ମଗୁରୁ ଧରିଥିବା ଲୋକେ ଅଛି, ଅନେକ ଚଳାଇଲେ ଏହି ଭାରତର ଧାର୍ମିକ ସମାଜକୁ ଏହା ଗଣା ନୁହେଁ ଛନ୍ଦଭାବର ଦଣ୍ଡି ଅଛି କରୁଣ କରନ୍ତି, ତା ଏଠାରେ କହିବା ଦରକାର ନାହିଁ । ତଥାପି ସବୁ ରାମାନୁଜୀଙ୍କର କାଳେ କାଳେ ପ୍ରତିଷ୍ଠା

Digitized by srujanika@gmail.com

ମାଇବାର ସ୍ଥାନ ଯେପରିକି ଏହି ଜଗନ୍ନାଥ—ଏହି ଓଡ଼ିଆର ମୈତ୍ରୀ ଦେବ ଜଗନ୍ନାଥ । ଏହି ଜଗନ୍ନାଥଙ୍କ ନାମ ମାନରେ ଯେପରିକି ସନ୍ଥ ରାମାନୁଜଙ୍କ ନିସ୍ତାର । ଭାରତର ସର୍ବତୀର୍ଥ ଓ ଧାମମାନଙ୍କରେ ଏହି ଜଗନ୍ନାଥ ଯେପରି ତାଙ୍କର ଶ୍ରେଷ୍ଠ ଗନ୍ତବ୍ୟ ଓ ଶ୍ରେଷ୍ଠ ଆଶ୍ରୟ: ସବୁ ମନ୍ଦସାଧନାର ସିଦ୍ଧି ଯେପରିକି ଏକଠାବଦ୍ଧ ।

## ମୁସଲମାନ କାଳ

ଯେଉଁ ରାମାନୁଜଙ୍କ ସମୟରୁ ଭାରତରେ ପଶିଲେ, ମୁସଲମାନ । ଭାରତ ମନୁଷ୍ୟ ଦେଖିଥିଲା । ସିକନ୍ଦର ବା ଅଲେକଜାଣ୍ଡର ଭଳି 'ମହାସାସୁର' ଦେଖିଥିଲା । କିନ୍ତୁ ମୁସଲମାନ ଦେଖି ନ ଥିଲା । ହୁଏତ ଅସୁରଙ୍କ କଥା, ପରଂପରାରେ ଥିଲା । ଏବେ ଲେଖ ପ୍ରମାଣରୁ ଜଣା ହେଉଛି ଅସୁରମାନେ, ନିଜ ରାଜ୍ୟ ବା ସମ୍ରାଟ୍ ଯେ ଅସୁର ତାଙ୍କ ବିରୋଧୀଙ୍କୁ ଶିଶୁବୃଦ୍ଧ ନର ନାରୀ ନିର୍ବିଶେଷରେ ହତ ବଧ କରି, କାହାର ହାତ ଗୋଡ଼ ନାକ କାନ କାଟି, କାହାକୁ ବା ଆଖି ଫୁଟାଇ ଲହୁ ଭରା ଶରୀରରେ ପଞ୍ଚି ମଣ୍ଡା ମାଛି ଡାଆଁଶରେ ଖଣ୍ଡ ଖଣ୍ଡ ମରିବା ପାଇଁ ଛାଡ଼ି ଦେଇ ଆସୁଥିଲେ । ଅସୁର ଅସୁରୁଣୀଙ୍କ କାହାଣୀରେ ଏସବୁ ସତ୍ୟର ଅଭାବ ନ ଥିଲା ନୁହେଁ । ମାତ୍ର ମୁସଲମାନ୍ ! ସେ ଯେ କଳ୍ପନାରୁ ଅତୀତ ! ଲୁଟି ଭଣ୍ଡି ଧ୍ୱଂସ କରିବା, ଯୁବତୀ ଦେଖିଲେ ବନ୍ଦୀ କରି ନେଇ ମସଜିଦ ପାଖରେ ବଳାତ୍କାର କରିବା, ହିନ୍ଦୁଙ୍କ ଧର୍ମ ଜାଗାରେ ହାଣି ତାଙ୍କ ମୁଣ୍ଡରେ ବିଜୟସ୍ତମ୍ଭ ଗଢ଼ି ଗଢ଼ି ଦିଲ୍ଲୀରୁ ଦ୍ୱାରସମୁଦ୍ର ମାଏଁ ଯିବା ପ୍ରଭୃତି ସବୁ ହୋଇ ପାରେ ବୋଲି ଏ ଦେଶରେ କେହି କଳ୍ପନା କରି ନ ଥିଲେ । ମୁସଲମାନଙ୍କ ଧର୍ମରେ ତଥା ଦୃଷ୍ଟିରେ ମୁସଲମାନ ଏକା ମନୁଷ୍ୟ । ଅଲ୍ଲାଙ୍କୁ ନ ମାନିଲେ ସହସ୍ର ପାପୀ କହୁଛନ୍ତି, ସେଥିରେ ହିନ୍ଦୁଏ ହେଲେ ବୁଡ଼ିବା ।

Digitized by srujanika@gmail.com

ପାଇଁ ପ୍ରଶ୍ନ କଲେ, ସବନ୍ତା । ସେ ହେଲେ କାଫେର୍ ବା ଅମୁସଲମାନ । ମୁସଲମାନର ଧର୍ମ ହେଉଛି, ସବୁ ଅମୁସଲମାନଙ୍କୁ ଲୋପ କରି ପୃଥିବୀକୁ ଖାଲି ମୁସଲମାନ ମୟ କରିବା । ସ୍ୱର୍ଗ ଭିତରରେ କେବଳ ଭୋଗ ଛଡ଼ା ଆଉ କିଛି ନାହିଁ । ପର-ଲୋକରେ ମଧ୍ୟ ସ୍ୱର୍ଗରେ ଭୋଗ । ସେ ଭୋଗରେ ସ୍ୱର୍ଣ୍ଣ ନାରୀ ଏବଂ ସ୍ୱାଦ୍ୟ ମୁସଲମାନର ଆଉ କିଛି ନାହିଁ । ଏ ସବୁ ଭାରତ ଦେଖି ନ ଥିଲା । ତେଣୁ ଏହି ଲୁଣ୍ଠନ, ନରହତ୍ୟା, ବିଶ୍ୱାସଘାତକତା ପ୍ରଭୃତି ଯେଉଁ ଦୁର୍ବଳ ଲଜ୍ଜା ଓ ଭୋଗ ସଂଗ୍ରହ ଜନିତ ଆକ୍ରମଣ ଓ ଧ୍ୱଂସ ଲୀଳା ଭିତରେ ଭାରତର ପତନ ମହାନ୍ ଘଟେ ଓ ଆତଙ୍କ କାଳ ।

## ସନ୍ଥମାନେ

ଏହିପରି ସଂକଟ ଓ ଆତଙ୍କ କାଳରେ ବାହାରନ୍ତି ସନ୍ଥମାନେ । ମୋଜେସ୍ (ମୁଷା) ଯୀଶୁଙ୍କଠାରୁ ମହାତ୍ମା ଗାନ୍ଧିଙ୍କ ଯାଏ ପୃଥିବୀରେ ଦର୍ଶନସ୍ଥାନ ଜନତାର ପ୍ରାକୃତ ଧର୍ମ ପରଂପରାଚ୍ୟୁତ ପରାଧୀନ ସ୍ୱାର୍ଥିତ ଜନତାର ମୁକ୍ତି ମନ୍ତ୍ର ଅର୍ଚ୍ଚନାଦରୂପେ ବହୁ ସନ୍ଥ ବାହାରିଛନ୍ତି । ଭାରତରେ ସେମାନଙ୍କର ସଂଖ୍ୟା ନାହିଁ । ଏହି ସଂଘର୍ଷକୁ ତାତ୍ତ୍ୱିକ ମାନବ ଧର୍ମର ପ୍ରକାଶ ସଂଗେ, ସମାଧାନରେ ଆଣିବା ପାଇଁ ଅମର ଅବତାରବାଦ । ସେଇ ସମାଧାନକୁ ଯୁକ୍ତି-ଯୁକ୍ତ ବ୍ୟାଖ୍ୟା ଦେବାପାଇଁ ଗୀତା କହନ୍ତି—

"ଯଦା ଯଦା ହି ଧର୍ମସ୍ୟ
ଗ୍ଲାନିର୍ଭବତି ଭାରତ
ଅଭ୍ୟୁତ୍ଥାନମଧର୍ମସ୍ୟ
ତଦାତ୍ମାନଂ ସୃଜାମ୍ୟହଂ ।

Digitized by srujanika@gmail.com

ପରିତ୍ରାଣାୟ ସାଧୂନାଂ
ବିନାଶାୟ ଚ ଦୁଷ୍କୃତାଂ
ଧର୍ମ ସଂସ୍ଥାପନାର୍ଥାୟ
ସଂଭବାମି ଯୁଗେ ଯୁଗେ ।"

ଗୀତାର ଏ ଶ୍ଳୋକ ବୁଝନ୍ତି ସ୍କୁଲ ପିଲାଏ ମଧ୍ୟ ଜାଣନ୍ତି । ଏହାର ମର୍ମ ହେଉଛି, ଧର୍ମର ଗ୍ଲାନି ହେଲେ, ଅଧର୍ମ ବଢ଼ିଲେ ମୁଁ ଆପଣାକୁ (ଅବତାର କରି) ସୃଷ୍ଟି କରେ (ଏଇପରି ଅବତାର ହୋଇ) ମୁଁ ଦୁଷ୍କୃତୀଙ୍କୁ ନାଶ କରେ । ସାଧୁଙ୍କୁ ତ୍ରାଣ କରେ ଓ ପୁଣି ଧର୍ମ ସ୍ଥାପନ କରେ । ହେଗେଲଙ୍କ 'ପଞ୍ଚ— ପରମେଶ୍ୱର'ଙ୍କ ଭିତରେ ଏଇ ସାଧୁ ହେଉଛନ୍ତି, ପ୍ରଥମ । ଆମର ସବୁ ଧର୍ମ, ଦର୍ଶନ ଓ ସାଧନାର ପରଂପରାର ମୂଳ ହେଉଛି, ଜୈନ । ତେଣୁ ଆମ ଅବତାର ପରଂପରାରେ କେବଳ ମନୁଷ୍ୟ ନ ଆଉ ହଂସ, ମାଛ, ଭଇଁର ପ୍ରଭୃତି ଜନ୍ତୁ ଠାରୁ ନୃସିଂହ ଓ କଳ୍କୀ ପର୍ଯ୍ୟନ୍ତ କଳ୍ପିତ ମୂର୍ତ୍ତି ସମସ୍ତେ ସ୍ଥାନ ପାଇଛନ୍ତି । କିନ୍ତୁ ମୁସଲମାନର ପାଶବିକତା ଓ ଇଂରେଜ ପ୍ରେରିତ ଖ୍ରୀଷ୍ଟାନଙ୍କ ଅଭିସନ୍ଧିପର ନିଯୋଗ ନିଦାରୁଣ ଧାର୍ମିକତା ଭିତରେ ଭାରତର ଅନେକ ଭାଗରେ ନାନକ, କବୀର, ଚୈତନ୍ୟଙ୍କଠାରୁ ମହାତ୍ମା ଗାନ୍ଧିଙ୍କ ଯାଏ ଆମର ସବୁ ସନ୍ଥମାନେ ଐତିହାସିକ ପୁରୁଷ । ବିଶେଷ ଲକ୍ଷ୍ୟ କରିବାର କଥା, ଏ ସଂକଟ ଓ ଅନ୍ଧକାଳରେ ମଧ୍ୟ ସେଇ ନାନକ, ରାମାନନ୍ଦ, କବୀରଙ୍କଠାରୁ ଚୈତନ୍ୟଙ୍କଯାଏ ସବୁ ସନ୍ଥ ମହନ୍ତ ସାଧକ ମହାପୁରୁଷମାନେ ପ୍ରାଣର ପ୍ରେରଣା ନେବାକୁ ଆସିଛନ୍ତି, ଏଇ ଦୈବୀ ଦେବ ଜଗନ୍ନାଥଙ୍କ ସାମ୍ୟଧର୍ମ ଭୂମିକୁ । ଶେଷକୁ ସ୍ୱୟଂ ମହାତ୍ମା ଗାନ୍ଧି । ନିଜର ହରିଜନ ସେବା ସେ ଆରଂଭ କରିଥିଲେ ଏହି ଜଗନ୍ନାଥ ଭୂମିରୁ ପଦବ୍ରଜରେ ଚାଲି, ସାଧନାର ସୂତ୍ର ଦେଇ ।

Digitized by srujanika@gmail.com

## ସହିଷ୍ଣୁତା ମୈତ୍ରୀ ନୁହେଁ

ଅବଶ୍ୟ ଏ ସନ୍ଥ ମହାତ୍ମାମାନେ ଖ୍ରୀଷ୍ଟାନ ମୁସଲମାନଙ୍କ ଅଲ୍ଲା ଓ ଈଶ୍ବରଙ୍କୁ ଚିହ୍ନି ନ ଥିଲେ । କି ଯଥାର୍ଥ ମୈତ୍ରୀ ଧର୍ମ ଭଳି, ତା ହୁଏତ ବୁଝି ନ ଥିଲେ । ତା ବୁଝିବାର ହୁଏତ ପରିସ୍ଥିତି ନ ଥିଲା । ପରାଧୀନ ପୀଡ଼ିତର ଆତ୍ମରକ୍ଷାର ପ୍ରଚେଷ୍ଟା ଭିତରେ ମୈତ୍ରୀରେ ଅସ୍ବାଦ ସ୍ବତୋବିକାଶ ଫୁଟିବାର ନୁହେଁ । ଅନୁଭୂତି ଅନୁମାନର ଗମ୍ୟ ନୁହେଁ । ସବୁ ବିରୋଧ ସହିଗଲେ ଯେ ସହିଷ୍ଣୁତା ଫୁଟେ, ସେଥିରେ ମୈତ୍ରୀର ସାମ୍ୟ କାହିଁ ଅଛି ? ବରଂ ଏପରି ସହିଷ୍ଣୁତାରେ ଆକ୍ରମଣକାରୀର କର୍ତ୍ତୃତ୍ବଶକ୍ତି ଗାଢ଼ତର, ହୋଇ ପାରେ । ତା ହୁଏ । ଏଠେ ଈଶ୍ବରରେ ନିଷ୍ଠ ଆତ୍ମସମର୍ପଣର ଭକ୍ତି ଆସିଗଲେ ପୁଣି ସହିଷ୍ଣୁତାର ଅବଶ୍ୟ ହୁଏ । ମୋ ଈଶ୍ବର ପରି ପୁଣି କିଏ ଅଛି ? ମୋ ଭକ୍ତିପରି ପୁଣି ଅନ୍ୟ କାହାର ହୋଇପାରେ ? ଉଚ୍ଚତାର ଅହଂକାର ସଂଗେ ଏ ଉଦାରତା ମିଶିଲେ, ସମାଜରେ କି ବିକୃତ ରୂପ ଫୁଟିପାରେ, ତା ବୁଝିବା ପାଇଁ ଇତିହାସରୁ ଗୋଟିଏ ଉଦାହରଣ ଦେଖ ।

## ସିକନ୍ଦର ଲୋଦୀଙ୍କ ଧାର୍ମିକତା

ଦିଲ୍ଲୀର ସମ୍ରାଟ୍ ସିକନ୍ଦର ଲୋଦୀ (ଖ୍ରୀ.୧୪୮୮—୧୫୧୭) ଧାର୍ମିକ ମୁସଲମାନଙ୍କ ଭିତରେ ବଡ଼ ସଂମ୍ମାନିତ ଥିଲେ । ତା ଛଡ଼ା ସେ ବଡ଼ ନ୍ୟାୟପର ଦୟାଶୀଳ ଓ ଉତ୍ତମ ଲୋକ ଥିଲେ । ସେ ସହଜରେ କାହାକୁ ହତ୍ୟା କରୁ ନ ଥିଲେ, କି ପ୍ରାଣଦଣ୍ଡ ଦେଉ ନ ଥିଲେ । ବିଦ୍ରୋହୀ ହୋଇ ଥିବା ଓ ହେଉଥିବା ଭାଇ ଅମୀର୍‌ମାନଙ୍କୁ ସେ ଜାଣି ସାର କ୍ଷମା ଦେଉଥିଲେ ଓ ଅମୀର୍ ପରି ବ୍ୟବହାର କରୁଥିଲେ । ହିନ୍ଦୁଙ୍କ, ସେ ଦେବପୂଜକ କାଫେର ବୋଲି ଘୃଣା ହୁଏତ କରୁଥିଲେ । ମାତ୍ର ତାଙ୍କୁ କି ହତ୍ୟାକରିବା

Digitized by srujanika@gmail.com

ବା ପ୍ରାଣଦଣ୍ଡ ଦେବାରେ ସେ କୁଣ୍ଠା ପ୍ରକାଶ କରୁଥିଲେ । ହେଲେହେଁ, ଏ ସବୁ ସତ୍ତ୍ୱେ ସେ ବଡ଼ ଧାର୍ମିକ ମୁସଲମାନ ଥିଲେ । କବୀରଙ୍କର ଜଣେ ବ୍ରାହ୍ମଣ ଶିଷ୍ୟ ପ୍ରଚାର କରୁଥିଲେ, ସବୁ ଧର୍ମର ଈଶ୍ୱର ଏକ, ମନ ଦେଇ ପୂଜା ପ୍ରାର୍ଥନାଦି କଲେ, ଯେ ବାଟେ ହେଉ ପଛକେ, ଈଶ୍ୱର ତା ଶୁଣନ୍ତି ଓ ଦେଖନ୍ତି । ଅର୍ଥାତ୍, ଅଲ୍ଲା, ଈଶ୍ୱର, ସବୁ ଏକ । ସିକନ୍ଦର ସେ ବ୍ରାହ୍ମଣଙ୍କୁ ଧରାଇ ଆଣି, ୧୨ଜଣ ନିମନ୍ତ୍ରିତ ମୁଲ୍ଲାଙ୍କ ଆଗେ ନିଜ ମତ ବୁଝାଇବାକୁ ଆଦେଶ ଦେଲେ । ଶେଷକୁ ସେ ବ୍ରାହ୍ମଣ ଧର୍ମକ୍ଷେତ୍ରରେ ନିଜର ଏ ସହିଷ୍ଣୁତା ଛାଡ଼ିବାକୁ ନାରାଜ ହେବାରୁ ସିକନ୍ଦର ବ୍ରାହ୍ମଣଟିର ପ୍ରାଣଦଣ୍ଡର ଆଦେଶ ଦେଲେ । କେବଳ ପଚାରିବାରେ ସିକନ୍ଦର କହିଥିଲେ, ଅଲ୍ଲାଙ୍କ ଛଡ଼ା ଅନ୍ୟ ଈଶ୍ୱର ଅଛନ୍ତି ବା କୋରାନ ଛଡ଼ା ଅନ୍ୟ ଶାସ୍ତ୍ର ଅଛି ବୋଲି ସ୍ୱୀକାର କଲେ, ସେଥିରେ ଧର୍ମ ବିଷୟରେ ଯେଉଁ ସହିଷ୍ଣୁତା ପ୍ରକଟିତ, ତା କୋରାନର ବିରୋଧୀ; ଅତଏବ ଧାର୍ମିକର ଅସହ୍ୟ ।

## ନାନକ ଓ ଶିଖଧର୍ମ

କବୀରଙ୍କର ଆଉ ଜଣେ ପ୍ରଚ୍ଛନ୍ନ ଶିଷ୍ୟ ହେଉଛନ୍ତି, ନାନକ । ଐତିହାସିକ ଏଲଫିନ୍‌ଷ୍ଟୋନ ସାହେବ ଲେଖିଛନ୍ତି, କବୀରଙ୍କ ପରି ନାନକ ମଧ୍ୟ ଜଣେ ଈଶ୍ୱରବାଦୀ, ଭକ୍ତ ଓ ଦ୍ୱୈତବାଦୀ ଥିଲେ । ସବୁ ଧର୍ମ ମତ ଓ ଆଚରଣ ସମାନ ବୋଲି ବିଶ୍ୱାସ, ସର୍ବଂସହତା ଧରିବା ଥିଲା, ତାଙ୍କ ଧର୍ମ । ସେ କହୁଥିଲେ ଭକ୍ତି, ଈଶ୍ୱରଙ୍କର ସାନ୍ନିଧ୍ୟ; କି ଏ ଢଙ୍ଗେ ମତରେ, କି ପ୍ରକାର ବା ପ୍ରଣାଳୀରେ ଭକ୍ତି କଲ, ସେଥିରେ କିଛି ଯାଏ ଆସେ ନାହିଁ । ହିନ୍ଦୁ ଓ ମୁସଲମାନ ଦୁହିଁଙ୍କ ଆରାଧନା ଈଶ୍ୱରଙ୍କ ପାଖେ ଏକ । ଏପରି ମତରେ ହିନ୍ଦୁ, ମୁସଲମାନ, ଦୁହେଁ ଏକାଠି ଶାନ୍ତିରେ ନିଜ ନିଜ ଧର୍ମରେ ନିଷ୍ଠ

Digitized by srujanika@gmail.com

ରହିବାର କଥା । ମାତ୍ର ଏମାନେ ବିଶ୍ୱବ୍ୟାପୀ ଉଦାରତା ଓ ସହିଷ୍ଣୁତା ବିଶେଷରେ ଧାର୍ମିକ ମୁସଲମାନର ଅସହ୍ୟ ହେଲା । ଫଳରେ ମୁସଲମାନ ଅଧିକାର ଚଳିଗଲା ଓ ଖ୍ରୀ୧୬୦୬ ରେ ଶିଖ ଗୁରୁଙ୍କୁ ପ୍ରାଣଦଣ୍ଡ ଦେଲେ । (Elphinstone's Historyof India 7th Ed. p. 678.)

ମହାତ୍ମା ଗାନ୍ଧି

ଆପଣି ଆଚରଣରେ ମୁସଲମାନଙ୍କୁ ଆପଣାର କରିବାର ଏ ନିଷ୍ଫଳ ଉଦ୍ୟମ ଆଜ ସନ୍ତାନମାନେ ଚଳାଉ କରି ଅଛନ୍ତି । ସେମାନଙ୍କ ଚୈତନ୍ୟର କଥା କହିବା ଅଳ୍ପ ଏଠି ଦରକାର ନାହିଁ । ମହାତ୍ମା ଗାନ୍ଧି ମଧ୍ୟ ଶେଷକୁ ଏକ ପ୍ରକାର ନିରାଶ ହୋଇ ପ୍ରେମ ଦୂର କରାଇ ଆପଣାର ତଥା ହିନ୍ଦୁଙ୍କ ଏକ ପ୍ରକାର ଅସ୍ପୃଶ୍ୟତାର କୁହୁକରେ ଭୁଲାଇବାର ବ୍ୟର୍ଥ ପ୍ରୟାସ କରି ଯାଇଛନ୍ତି । ଯାଙ୍କ

'ଈଶ୍ୱର ଅଲ୍ଲା ତେରେ ନାମ୍
ସବକୋ ସନ୍ମତି ଦେ ଭଗବାନ୍'

ଗୋଟିଏ ହେଲେ ଧାର୍ମିକ ମୁସଲମାନଙ୍କୁ ଭୁଲାଇ ନାହିଁ, ଭୁଲାଇ ପାରିବ ନାହିଁ । ବିଶେଷତଃ ଖାଣ୍ଟି ମୁସଲମାନଙ୍କ ମନରେ ଧର୍ମ ଏହା ପୈତୃକ ଅସହିଷ୍ଣୁତା ଅଟଇ ଓ ସେହି ସୂତ୍ରରେ ବୁଝ ଅଛି ଅଭିସନ୍ଧିପର ରାଜନୀତିର ଧାରଣା ସୃଷ୍ଟି କରି ସାମ୍ପ୍ରଦାୟିକ ସାହିତ୍ୟ ତଥା ରାଜନୀତିକ ସଂସ୍କୃତିରେ ଯେ ବିଚ୍ଛେଦ ଓ ବୀଭତ୍ସତା ପୁଷ୍ଟାଇଛି, ତାର ଫଳ ଆମର ଏବେ ବି ଜୀବନ୍ତ ଓ ସରସ । ପାକିସ୍ଥାନର ପାଞ୍ଚନଦୀର କର୍ଣ୍ଣ ବୋଲି ଏବେ ଖାଦ୍ୟଶୀଧୁ ସିନ୍ଧୁ ଓ ପଞ୍ଜାବ ସଭ୍ୟତାର ଦେଶ ଇତିହାସ ଲେଖା ହୋଇଛି. ସେଥିରୁ ଏହା ବେଶ୍ ଜଣା ପଡ଼ିବ, ଏ ଧର୍ମ ଅସହିଷ୍ଣୁତାର ବ୍ୟାପ୍ତି ଓ ପରିଣତି କଣ ।

Digitized by srujanika@gmail.com

## ଏ ସବୁ ଜଗନ୍ନାଥଙ୍କ ମୈତ୍ରୀ ଧର୍ମ ନୁହେଁ

ମାତ୍ର ଏସବୁ ତଥାକଥିତ ଧର୍ମ ସମନ୍ୱୟ ଧର୍ମ ସହିଷ୍ଣୁତା ସଂକେତ ଜଗନ୍ନାଥଙ୍କ ମୈତ୍ରୀଧର୍ମର କୌଣସି ଝଙ୍କୃତି, ସାଦୃଶ୍ୟ ବା ସଂପର୍କ ନାହିଁ। ଏ ସବୁ ଜଗନ୍ନାଥର ମୈତ୍ରୀ ଧର୍ମ ତ ନୁହେଁ। ସେ ଜୀବନ୍ତ ମୈତ୍ରୀକୁ ବୁଝିବାରେ ବରଂ ଏ ସବୁ ଭ୍ରାନ୍ତି। ତଥାପି ଏ ଭ୍ରାନ୍ତିରେ ମଧ୍ୟ ପୁଷ୍ଟି ଦେଉଛି, ନିରାଶ୍ରୟର ଆଶା, ନିରାଶର ଆଶା, ସେହି ମୈତ୍ରୀ ଦେବତା ଜଗନ୍ନାଥ। ଅବଶ୍ୟ ଏହି ଭଳି ଭ୍ରାନ୍ତିର କାରଣ ଯେ ଖାଲି ପରଧର୍ମ ପୀଡ଼ାର ଉନ୍ମାଦରେ, ତା ନ ହୋଇ ପାରେ। ଏପରି ଉନ୍ମାଦରେ ସଭ୍ୟତା ଓ ସାହିତ୍ୟ ଧ୍ୱଂସ ହୁଏ, କେତ ମାଏ। ପାରସ୍ୟଠାରୁ ଇଜିପ୍ତ ଯାଏ ସମସ୍ତ ପ୍ରାଚୀନ ପ୍ରାଚ୍ୟର ଭୂଇଁ ସଭ୍ୟତାରେ ତା ଦେଖା ଯାଇଛି। ଭାରତ କିନ୍ତୁ ବହୁକାଳ୍ ଧର୍ମ ସମନ୍ୱୟର ଦେଶ, ଆଗମ ନିଗମ ପୁରାଣ ବେଦ ସବୁ ଏଠି ଏକାକାର। ଯୋଗ ପନ୍ଥରେ ପ୍ରତିଷ୍ଠ ଲିଂଗ ଏଠି ଈଶ୍ୱର ପ୍ରକାଶ ଶକ୍ତିରେ ମହାମଙ୍ଗଳର ପ୍ରତୀକ—ଅନନ୍ତ ବୈଚିତ୍ର୍ୟ ଭିତରେ ମୋହନ ମେଳାର —ସତ୍ୟରେ ଉଦାର ସାମ୍ୟ ସଂକେତ। ଶବରର କାଠ ଦେବତା ଏଠି ଦାରୁବ୍ରହ୍ମ ପୁରୁଷୋତ୍ତମ ଜଗନ୍ନାଥ। ଏ ସବୁ ମତରେ ସୁସଂଗତ ଭାବରେ ବୁଝାଇ ଦିଆଯିବ। କିନ୍ତୁ ଏଠି ଏତିକି କହିବାର କଥା ଯେ, ଏସବୁ ଜଗନ୍ନାଥର ମୈତ୍ରୀ ନୁହେଁ। ବରଂ ଏସବୁକୁ କଳିଂଗର ଦାର୍ଶନିକ ଶିଶୁ ସୁହୃଷ ସେବାର ଅବସ୍ଥା ଅନୁକରଣ ବୋଲି କୁହାଯାଇ ପାରେ।

## ଯଥାର୍ଥ ମୈତ୍ରୀର ସଂକେତ—ଆଗ୍ରହରେ

ତେବେ ଜଗନ୍ନାଥଙ୍କର ସେ ମୈତ୍ରୀ କଅଣ? ତା କିପରି କଅଣ ଦେଖି ଜାଣିବାକୁ ହେବ? ବଚନ ଅଛି— 'ଅଗ୍ରହ

Digitized by srujanika@gmail.com

'ପ୍ରଭବୋ ଧର୍ମଃ'। ଆଚାରରେ ଧର୍ମ ପ୍ରକାଶ ପାଏ। ସେଧର୍ମ ପୁଣି ନିହିତ, ବ୍ୟକ୍ତି କର୍ମରେ ସମାଜର ଶୃଂଖଳାପୂର୍ଣ୍ଣ ବା ଧାର୍ମିକ-ଶୃଂଖଳା-ଗଣ୍ଡିତ ବ୍ୟକ୍ତି କର୍ମ। ସଂସ୍କୃତି ଓ ଇତିହାସର ଶତ ବୈଚିତ୍ର୍ୟ ଭିତରେ ମଧ୍ୟ ଯେଉଁ ଗଭୀର ମାନବତା ଓ ଜୀବନ୍ତ ପରଂ-ପରାର ସାର୍ଥକତା ଦେଖା ଓଡ଼ିଆ ଏତେ ଭଲ ମୁକ୍ତ ନେଇ ଦେଇ ହୋଇଛି, ତାର ସଂକେତ ଓ ଲକ୍ଷଣ ଓଡ଼ିଆର ଆଚାରରେ—ତା ପୁଣି ନୈତିକଦେବ ଜଗନ୍ନାଥଙ୍କ ସଂପର୍କରେ—ଦେଖିବାକୁ ମିଳେ। ଯୁକ୍ତି ହେଉ, ବା ପାରଂପରିକ ଧାରଣାରେ ହେଉ, ଅନୁଭୂତିର ଅବବୋଧରେ ହେଉ, ବା ଶ୍ରୁତିର ଅବଗତିରେ ହେଉ, ସ୍ମୃତିର କଳନାରେ ହେଉ, ବା ଅନୁମାନର କଳ୍ପନାରେ ହେଉ—ଯେ କୌଣସି ହେତୁରୁ ହେଉ, ଓଡ଼ିଆର କଅଣ ଦେଖି ତା ଭିତରେ କି ନୈତିକ କି ସଂକେତ ପାଇ, ସନ୍ଥଠାରୁ ସାଧକ ଯାଏ, ଭକ୍ତଠାରୁ ଦାର୍ଶନିକ ଯାଏ, ପୁଣି ସର୍ବସମେତ ଜନସାଧାରଣ ଏଠାକୁ ଅର୍ଥୀ ହୋଇ ଓ 'ଯାତ୍ରୀ' ହୋଇ ଆସୁଛନ୍ତି, ତା ଏବେ ବୁଝିବାର ଅଛି। ବର୍ଣ୍ଣନାରେ ପୁଣି ତା ହଠାତ୍ ବୁଝି ବୁଝାଇବା କଷ୍ଟ। ତା ଦେଖି ବୁଝିବାର ଜିନିଷ। ଆଚାରର ସଂକେତ ସବୁଦା ଦେଖି ବୁଝି ହୋଇ ଯାଏ। ବୁଝାଇ ତତ୍ତ୍ୱ କହିବାକୁ ବସିଲେ, ତା ଢେର ଭ୍ରମ ହୁଏ। ଅତର୍କିତ କ୍ରିୟାରେ ଅଜ୍ଞାତ ଭାବରେ ଲୋକର ସଂସ୍କାରଗତ ବ୍ୟକ୍ତିତ୍ୱ ତା କର୍ମରୀତିରେ ଧରାଯାଏ। ସାବଧାନ ହୋଇ କହି ଲେଖି-ଥିବା ତେଲକଥା ପ୍ରକୃତ କଥା, ତା ଜଣାଯାଏ ନାହିଁ। ତେଣୁ ଅନୁ-ଭବକୁ ଗୋଟିଏ କଥା କହି ଆରମ୍ଭ କରୁଛି।

### ଉଦାହରଣ

ଆଜକୁ ପ୍ରାୟ ପଚିଶ ବର୍ଷ ତଳର କଥା। ମୁଁ ପିଲାହୋଇ ଥାଏ, ପୁରୀ ଜିଲାସ୍କୁଲରେ ପଢୁଥାଏ। ସେ କାଳ ଜିଲାସ୍କୁଲ ହେଉଛି, ଏବେର ସଂସ୍କୃତ କଲେଜ। ସେତେବେଳେ ତା ଆଗକୁ ସମୁଦ୍ର କୂଳ ଯାଏ

Digitized by srujanika@gmail.com

ଖାଲି ଭାଲୁ । ଏବେ ପୋଷ୍ଟ ଅଫିସ ଆଗରେ ଗଣ୍ଡିକବେଞ୍ଚ ବୋଲି ଯେଉଁ ବଡ଼ କୋଠାଟି ଅଛି, ସେଇଟି ମାଳ ଥାଏ । ଭିତରେ ସେ କାଳ ଓକିଲ ହରବଲ୍ଲଭ ବୋଷଙ୍କର ସେ ବଡ଼ିଆ କୋଠାଟି ଖାଲି ପଡ଼ିଥାଏ । ବଡ଼ ବଡ଼ ଲୋକେ ଯାତ୍ରୀ ହୋଇ ପୁରୀକୁ ଦର୍ଶନକୁ ଆସିଲେ, କେବେ କେବେ ସେ ଘରେ ଉପରେ ରହନ୍ତି । ଯାତ୍ରୀ ହୋଇ ସେତେବେଳେ ଆସିଥିଲେ, ବିଜୟାନଗରର ମହାରାଜା । ସେ ବଡ଼ ସାଜ ସଜ୍ଜାରେ ଆସିଥାନ୍ତି । ଆମେ ସବୁ ଦେଖିବାକୁ ଗଲୁ । ଯାଇ କଣ ଆଗ ଦେଖିଲୁ ? ଦେଖିଲୁ, ଜଗନ୍ନାଥଙ୍କ ପଣ୍ଡା ସେମାନଙ୍କ ସଙ୍ଗେ ସ୍ୱଚ୍ଛନ୍ଦ ସେମାନଙ୍କ ଭାଷାରେ କଥା ବାର୍ତ୍ତା କରି ଯାଉଛନ୍ତି । ବୁଝିଲୁ, ସେ ଦୁଇଟି ଭାଷାରେ କଥା କହୁଛନ୍ତି—ତାମାଡ଼ୀ ଓ ମଲୟାଳୀ । ସେ ଖାଲି ତାଙ୍କ ଭାଷାରେ ଯେ କଥା କହୁଛନ୍ତି, ସେତିକି ନୁହେଁ । ବୁଝିଲୁ, ମହାରାଜା ଓ ତାଙ୍କ ଗହଣରେ ଥିବା ସବୁ ଲୋକଙ୍କୁ ସେ ନିଜ ଖର୍ଚ୍ଚରେ ରସଦ ଓ ଯାନ ବାହନ ଆଦି ସବୁ ଯୋଗା-ଉଛନ୍ତି । ପଚ୍ଛରେ ଜାଣିଲୁ, ଯେ ଯେଉଁ ଅଂଚଳ ପାଇ ପଣ୍ଡା, ସେ ସେଠା ଭାଷା ଶିଖି ଥାନ୍ତି—ବିଧିମତେ ଶିକ୍ଷକ ରଖି ଭଲକରି ଶିଖି ଥାନ୍ତି । ପୁଣି ଯେ ଦର୍ଶନକୁ ଯାତ୍ରୀ ହୋଇ ଆସନ୍ତି, ସେ ସମସ୍ତେ ପଣ୍ଡାଙ୍କର ଅତିଥି—ଯଥାର୍ଥ ଅତିଥି; ଯେ କୌଣସି ମତର, ଯେ କୌଣସି ପ୍ରଦେଶ ବା ଖାଦ୍ୟ ଦାନରେ ବା ଭାଷାରେ ଅତିଥି କେହି ନୁହନ୍ତି । ଯାହାର ଯାହା ଦରକାର, ଆଦରରେ ତାକୁ ତା ଦେଇ ତୋଷିବାକୁ ହେବ । 'ସର୍ବଦେବମୟ' ବୋଲି ଅତିଥିଙ୍କ କଥା ଶାସ୍ତ୍ରରେ ଅଛି, ପଣ୍ଡାର ଯାତ୍ରୀ ହେଉଛି, ଠିକ୍ ସେଇ ଅତିଥି । ସେଥି-ରେ ପୁଣି ଧନୀକୁ ଧନୀ ପରି ଓ ଗରିବକୁ ଗରିବ ପରି ସେବା ଯତ୍ନ ଲୋକେ ଚଳିଲେ ମଧ୍ୟ ତାଙ୍କୁ ଚର୍ଚ୍ଚା କରୁଥାଏ । ସେ ଚର୍ଚ୍ଚାରେ ଆଦର ବା ଅନାଦର ଉପର ବିଶେଷ ଆପତ୍ତି ନାହିଁ । ମହାରାଜା ଓ ତାଙ୍କ ଲୋକଙ୍କୁ ପଣ୍ଡା ଯେଉଁ ଭଳି ମିଠାଇ ଆଦିରେ ଖାତିରି ଓ ଲୋକାମଙ୍କର ଯୋଗାଇବା ପର୍ଯ୍ୟନ୍ତ ଏବେ ମୋ ମନେ ଅଛି ।

Digitized by srujanika@gmail.com

## ପୁରୀର ଆତିଥେୟତା ଓ ଜନସେବା

ପରେ ଅନ୍ୟ ତୀର୍ଥମାନଙ୍କରେ ଦେଖିବ । ସେଠି ପଣ୍ଡାମାନେ ନିଜର ବ୍ୟବସାୟ ବୃଦ୍ଧିରେ ନିଜନିଜ ପାଇଁ ନିର୍ଦ୍ଦିଷ୍ଟ ଅଂଚଳର ଭାଷା ହୁଏତ ଯେ କୌଣସି ପ୍ରକାରର ଦାମ ଚଳିବା ଭଳି ଶିଖି-ଥାନ୍ତି । ଏହା ହୁଏତ ଶ୍ରେଷ୍ଠ ଧାମ ପୁରୀର ଅନୁକରଣରେ ଆରମ୍ଭ ହୋଇ ଥାଇପାରେ । ମାତ୍ର ସ୍ୱତଃ ଉଦ୍ଭୂତ ନୁହେଁ, ଅନୁକରଣରେ ନୁହେଁ, କି ଅନୁକରଣରେ ପର୍ଯ୍ୟନ୍ତ ନୁହେଁ, ଜଗନ୍ନାଥ ଭୂମି ପୁରୁଷୋତ୍ତମ-ପୁରୀରେ ଯେ ଅନ୍ତରର ଆତିଥେୟତା, ତା ଅନ୍ୟତ୍ର କୁଆଡ଼ି ନାଇ । ପୁରୀ ପଣ୍ଡାଙ୍କର ପରଂପରାରେ ଚଳିଚଳିତ ରୀତି ହେଉଛି, ଓଡ଼ିଶା ଓ ବାହାର ଯାତ୍ରୀଙ୍କୁ ଛାଡ଼, ଅନ୍ୟ ପ୍ରଦେଶଠାରୁ ଯାତ୍ରୀ ଆସିବେ, ସେ ପୁରୀ ଆସିବାଠାରୁ ପୁରୀ ଛାଡ଼ିବା ଯାଏ, ନିଜ ପଣ୍ଡାଙ୍କ ଅତିଥି ହୋଇ ରହିବେ, ଖାଇବା ରହିବାରେ ନିଜର କିଛି ଖର୍ଚ୍ଚ କରିବେ ନାହିଁ, କିମ୍ବା ପୁରୀ ଛାଡ଼ିଲା ବେଳେ ସେଥିପାଇଁ କିଛି ଦେବେ ନାହିଁ । ସେତେବେଳେ ଯାତ୍ରୀଙ୍କୁ ଭୋଗ ଭାତ ଖାଇବା ଓ ଖଇରାତ କରିବା ଉଦ୍ଦେଶ୍ୟରେ ଯେଉଁ କୋଇଲି-ବୈକୁଣ୍ଠରେ ପଣ୍ଡାଙ୍କୁ ଯାହା 'ଅଟିକା' ଦେବେ, ସେତିକି ମାତ୍ର ସେ ଦେବେ । ସେ ଦେବାରେ କୌଣସି ବାଧ୍ୟ ବାଧକତା ନାଇ, କି ଗଣନା-ଚଳନା ନାଇ । ଅଧେ ଟଙ୍କେ ଦେଲା, ସେ କଥା କେହୁ ଖୋଜିବେ ନାଇ, କି କହିବେ ନାଇ । ପଚାଶ ବର୍ଷ ପୂର୍ବାରେ ପଣ୍ଡାଙ୍କ ଅତିଥି ହୋଇ ଯଦି ଆଠ ଅଣା 'ଅଟିକା' ଦେଇ ଯିବାର ଦୃଷ୍ଟାନ୍ତ ବିରଳ ନୁହେଁ । ତା ଛଡ଼ା ନିଜର ଫେରିବା ବାଟ ଖର୍ଚ୍ଚ ବା ଅନ୍ୟ କିଛି ଅଭାବ ପଡ଼ିଲେ ଯାତ୍ରୀଏ ପଣ୍ଡାଙ୍କଠାରୁ ଧାର କରି ଯିବା ଗୋଟିଏ ସାଧାରଣ ପାରଂପରିକ ରୀତି । ଏ ରୀତି ଦୁଇ ଏକର ନୁହେଁ । ରେଳ ନ ଥିବା ବେଳୁ ଏହି ରୀତି ଚଳି ଆସୁଛି । ଏହା ପୁଣି ଅଦ୍ୟାବଧି ଅଛି । ଏ ଉଧାର ଯାତ୍ରୀଏ ଶୁଝନ୍ତି— କିଂତୁ ପ୍ରକୃତ ନ କରି ଅଳ୍ପ ଅଳ୍ପ କରି ଶୁଝୁଥାଆନ୍ତି । ପଣ୍ଡାଏ ମଧ୍ୟ ପୁରୁଷାନୁକ୍ରମେ ତାଙ୍କ-

Digitized by srujanika@gmail.com

ଠାରୁ ଚଣ୍ଡାଳ ଯାଏ ସକଳ ଜାତି ନା ଏଇପରି ଭକ୍ତିରେ ଏକା ସ୍ଥାନରେ ଆଦାୟ କରୁଥାନ୍ତି । ପଣ୍ଡାଙ୍କ ଲୋକେ ଏଇପରି ଯାତ୍ରୀଙ୍କ ଘରକୁ ଅତିଥି ହୋଇ ହୋଇ ବର୍ଷକୁ ଛମାସକୁ ଆଠ ଅଣା ଟଙ୍କାଏ ଲେଖାଏ କର ମଧ୍ୟ ଉଧାର ଟଙ୍କା ଯାତ୍ରୀଙ୍କ ଆଦାୟ କରିବାରେ ଲାଗି ଥାନ୍ତି । ଏହାଇ ହେଉଛି, ଜଗନ୍ନାଥ ବା ଜଗନ୍ନାଥ ଭୂମି ଓଡ଼ିଶାର ସାରା ଭାରତ ସଙ୍ଗେ ଚିରନ୍ତନ ଆତିଥ୍ୟ-ଆତିଥେୟତାର ନିତ୍ୟ ସମ୍ବନ୍ଧ । ପ୍ରାଣ-ପ୍ରାଚୁର୍ଯ୍ୟର ପାବନ ପ୍ରତିଷ୍ଠାନ ଉପରେ ଆଦାନ ପ୍ରଦାନର ଏ ସରଳ ସରସ ଓ ସ୍ୱଚ୍ଛନ୍ଦ ଲୀଳା କୌଣସି କୃତ୍ରିମ ଧର୍ମ-ସମନ୍ୱୟର ପରଦା ତଳରେ । ଈଶ୍ୱର, ଅଲ୍ଲାଙ୍କୁ ମିଶାଇ ଖେଚେଡ଼ି ଭଳି ଚଳେଇ ଯାଉଥିବା ଧର୍ମ ସମନ୍ୱୟ ଶତ ସଂସ୍କରଣ ପରେ ମଧ୍ୟ ତୁଳନା ପାଇ ହେଲେ ବି ଏହା ପାଖକୁ ଆସି ପାରିବ ନାହିଁ ।

ଏଥିରେ କୃତ୍ରିମତା ନାହିଁ

ଏ ଆତିଥ୍ୟ-ଆତିଥେୟତାରେ କୃତ୍ରିମତା (ଯାହା ଫଳେ ଅନ୍ୟ ପ୍ରାଣ ପ୍ରାଚୁର୍ଯ୍ୟ ସାମ୍ୟ ଓ ମୈତ୍ରୀଭାବ ଏକା ଜଣା ପଡ଼େ ନା ଠିକ ରହିବ ବୋଲି ବିଶ୍ୱାସ କରିବା ଭଳି) ନ ନଥିବାର ସ୍ପଷ୍ଟ ସଂକେତ ମଧ୍ୟ ଠିକ୍ ସେଇ ଧର୍ମ ପରମ୍ପରାରେ ଅଛି । ତା ହେଉଛି, ଖାଇବାକୁ ଓ ରହିବାକୁ ଦେବାରେ ବଙ୍ଗାଳୀ ଓ ଓଡ଼ିଆଙ୍କ ପାଇଁ ବ୍ୟବସ୍ଥା । ଏ ବ୍ୟବସ୍ଥାର ମୂଳ ହେଉଛି, ଯାହାକୁ [illegible] ଦରକାର । ପୁରୀ ପାଖ ଲୋକଙ୍କର ପଣ୍ଡାଙ୍କ ସଂଗେ ବେଶି ସମ୍ବନ୍ଧ ନ ଥାଏ । ଓଡ଼ିଶାର ଅନ୍ୟ ଅଂଚଳ ଲୋକଙ୍କୁ ପଣ୍ଡାଏ ଓଳିଏ ମାନ ଖାଇବାକୁ ପୁଣି ଦରକାର ହେଲେ, ରହିବାକୁ ଦିଅନ୍ତି । ବଙ୍ଗ ଦେଶ ଲୋକଙ୍କ ପାଇଁ ଯେତେ ମାନ ଚିନ୍ତା । ମାନ ଏସବୁ ସତ୍ତ୍ୱେ, 'ଦର୍ଶନ' କରାଇବା, ବୁଲାଇ ତୀର୍ଥ ଓ ଦର୍ଶନୀୟ ସ୍ଥାନମାନ ଦେଖାଇବା ସେଇପରି ଅନ୍ୟାନ୍ୟ ସେବା କରିବା, 'ଅଟିକା' ବନ୍ଧାଇବା, ଉଧାର ଦେବା ଓ ଆଦାୟ କରିବା ପ୍ରଭୃତି

Digitized by srujanika@gmail.com

କାର୍ଯ୍ୟରେ ସବୁ ଅଂଚଳର ସବୁ ଯାତ୍ରୀ ସମାନ । ସବୁ ଯାତ୍ରୀଙ୍କୁ ସେବା କରିବାରେ ପଣ୍ଡାଏ ସବଦା ତତ୍ପର ଥାନ୍ତି । ପୁରୀ ପଣ୍ଡାଙ୍କର ଏ ବିଶେଷତ୍ୱ ଭାରତରେ ଅନ୍ୟ କୌଣସି ତୀର୍ଥ ସ୍ଥଳରେ ଦେଖା-ନାହିଁ ।

## ଆଉ ଗୋଟିଏ ଅନୁଭବ କଥା—ପୁରୀ କଂଗ୍ରେସ

ଏଇ ପରଂପରାର ପ୍ରେରଣା ପୁଣି ଓଡ଼ିଆ ଜୀବନର କଳ୍ପନା ଓ ଶିଳ୍ପଚରଣ ହେତୁ ଅଭ୍ୟାସରେ ଲୋକଙ୍କର ଏହା ଏକା-ଠେଲକେ କିପରି ହୃଦ୍‌ଗତ ହୋଇ ଯାଇଛି, ତା ଭଲ କରି ଫଳାଇ ଦେଖାଇ ଦେବା ପାଇଁ ନିଜ ଅନୁଭବରୁ ଆଉ ଗୋଟିଏ କଥା କହୁଛି । ଏ ୧୯୩୧ ଖ୍ରୀଷ୍ଟାବ୍ଦ କଥା । କରାଚୀ କଂଗ୍ରେସ ପରର ପୂର୍ବରେ ୧୯୩୨ ବସନ୍ତ କାଳରେ କଂଗ୍ରେସର ( କାର୍ଯ୍ୟ ମହାସଭାର ) ବୈଠକ ବସିବାର ଥିଲା । ସେଥିପାଇଁ ଯୋଗାଡ଼ ଚାଲିଥାଏ । ( ଅବଶ୍ୟ ସେ ବର୍ଷ ସେ କଂଗ୍ରେସ ବୈଠକ ହେବା ପୂର୍ବରୁ ଇଂରେଜ ସରକାର କଂଗ୍ରେସ ଅନୁଷ୍ଠାନ ଗୁଡ଼ିକୁ ବେ-ଆଇନ କରି ଦେଇଥିଲେ ଓ କଂଗ୍ରେସ ଲୋକେ ଧରା ହୋଇ ଯିବାରୁ ସେ ବର୍ଷ କଂଗ୍ରେସ ବସି ନଥିଲା । ) ଏହାପୂର୍ବରୁ ଗୟା ପ୍ରୟାଗ ପ୍ରଭୃତି ତୀର୍ଥସ୍ଥାନରେ କଂଗ୍ରେସ ଅଧିବେଶନମାନ ହୋଇ-ଥିଲା । କିନ୍ତୁ ସେଠା ପଣ୍ଡାମାନେ ସେଥିରେ ଯୋଗ ଦେଇନ୍ତି ନାଇ, କି ଅଭ୍ୟର୍ଥନା ସଭାରେ ସଭ୍ୟ ହୁଅନ୍ତି ନାଇ । ସବୁଠି ଧାରଣା, ପଣ୍ଡାମାନେ 'ତୀର୍ଥକାକ' । ସମାଜର ସୁଖ ଦୁଃଖ, ଜଗତର ସୌହାର୍ଦ୍ଦ ବିଷୟରେ ତାଙ୍କର ବିଶେଷ କିଛି ଭାବନାର ବା କର-ବାର ନାଇ । ପୁଣି ପୁରୀରେ ଅଭ୍ୟର୍ଥନା ସଭାରେ ସଭ୍ୟ ହେଲେ ଜଣକେ ପଚିଶ ଟଙ୍କା ଲେଖାଏଁ ଚାନ୍ଦା ଦେବାକୁ ପଡ଼ିବ । ସେତେ-ବେଳେ ଓଡ଼ିଶା-କଂଗ୍ରେସ ମୁଖ୍ୟଙ୍କ ଭିତରୁ ପ୍ରାୟ ପନ୍ଦର୍ଅଣ୍ଡା ଜନ-

Digitized by srujanika@gmail.com

ପରିଷଦଙ୍କର ପୁଣି ଧାରଣା ଥିଲା, ମୂଳ ପଣ୍ଡାଙ୍କ ଅନୁକ୍ରମେ ପୁରୀ ସହର ତଥା ପୁରୀଜିଲ୍ଲାର ଲୋକେ ହିଁ ସେମାନେ ସମର୍ଥ, ସେପାଇଁ ମଞ୍ଚରେ ଦେଖା ପଡ଼ିଲେ, ଊର୍ଦ୍ଧ୍ୱରୁ ପ୍ରସରୁଥିବା ତରଙ୍ଗ ପରି ମନ୍ଦିରରୁ ପ୍ରସରୁଥିବା ଭାବ ଓ କ୍ରିୟା ତରଙ୍ଗରେ ପ୍ରଭାବିତ । ତେଣୁ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ବହୁ ମତରେ ପୁରୀରେ କଂଗ୍ରେସ କରିବାକୁ ନାନା କାରଣରୁ ବାଧ ଦେଖାଉଥିଲେହେଁ, ପୁରୀଛଡ଼ା ଅନ୍ୟାନ୍ୟ ସ୍ଥାନରେ—ବିଶେଷରେ ଓଡ଼ିଶାର ରାଜନୈତିକ ଜୀବନ କେନ୍ଦ୍ର କଟକର ଲୋକେ ବହୁ ସଂଖ୍ୟାରେ ଅଭ୍ୟର୍ଥନା ସଭାର ମେମ୍ବର ହେବେ ଓ ସେଇମାନେ ନିଜ ଜିଲ୍ଲା କେନ୍ଦ୍ରରେ ଅଭ୍ୟର୍ଥନା ସଭା ଗଢ଼ି ପୁରୀରେ ଯାଇ କଂଗ୍ରେସ କରିବେ—ଗୟ-କଂଗ୍ରେସରେ ପ୍ରାୟ ଗୟା ବାହାର ବନ୍ଧୁମାନେ ଗୟାରେ ଯାଇ ସବୁ କାମ କଲାପରି ପୁରୀ ବାହାର ଓଡ଼ିଆଏ ପୁରୀରେ ସବୁକାମ ଚଳାଇବେ । ମାତ୍ର ବହୁଚେଷ୍ଟା କରି ମଧ୍ୟ କଟକରେ ଅଭ୍ୟର୍ଥନା ସମିତି ସଭ୍ୟସଂଗ୍ରହ ଆଶାନୁରୂପ ଅଗ୍ରସର ହେଲ ନାହିଁ । ପୁରୀଜିଲ୍ଲା ସମ୍ବନ୍ଧରେ ସେ ପ୍ରଶ୍ନ ଉଠିଲା ନାହିଁ । ସାଧାରଣ ଧାରଣା ପୁଣି ଶୁଣା ଯାଉଥାଏ—ଦେଶଭକ୍ତଙ୍କର କି କଂଗ୍ରେସ କି ଜାତୀୟତା ?

## ଅଭ୍ୟର୍ଥନା ସଭାରେ ପଣ୍ଡା

ହେଲେହେଁ ଅତି ଉପର ସ୍ତରର ଦୁଇ ଗୁଟିକଣ କଂଗ୍ରେସ ମୁଖ୍ୟଙ୍କ ଭିତରେ ଚିନ୍ତା ପଡ଼ିଲା । ସେମାନେ ବୁଝିଲେ, ପୁରୀରେ ଜାତୀୟତାର ପ୍ରଭାବ ସ୍ପଷ୍ଟ ଦେଖା ନଗଲେ, ପୁରୀ କଂଗ୍ରେସ ସଫଳ ହେବ ନାହିଁ । ପଣ୍ଡାଙ୍କ ଭିତରେ ପୁଣି ଅଙ୍କୁରରୋପଣ ନ ହେଲେ ପୁରୀ ଜାଗିବ ନାହିଁ । ସେଥିପାଇଁ ପୁରୀ ଅଧିବେଶନର ଅତି ଅଳ୍ପ କେତେକଙ୍କ ଭିତରେ ଚିନ୍ତା ପଡ଼ିଲା, କୌଣସିମତେ ଜଣେ ହେଲେ ପଣ୍ଡାଙ୍କୁ

Digitized by srujanika@gmail.com

ଅଭ୍ୟର୍ଥନା ସମିତିରେ ମେମ୍ବର କରିବା କାର୍ଯ୍ୟରେ 'ଆଉ ସମସ୍ତେ ଲାଗିଯିବା' । ତା ହେଲେ ଅନ୍ତତଃ ପୁରୀରେ ଗୋଟାଏ ତରଙ୍ଗ ସୃଷ୍ଟି ହେବ । ମୁଁ ସେ ଯାଏଁ ଏକ ପ୍ରକାର ଅନାସକ୍ତ ପରି ଥିଲି । କିନ୍ତୁ ସେଦିନ ସେ ଖବର ଶୁଣି ଚମକି ପଡ଼ିଲି । ସେ ହେଉଛି ୧୯୩୧ ସେପ୍ଟେମ୍ବର ୮ ତାରିଖ ଦିନ ସାଧୁଆ ବେଳ । କିନ୍ତୁ ପ୍ରସ୍ତାବ ହୋଇ ଯାଇଛି, ସେଇ ସେପ୍ଟେମ୍ବର ୨୦ ତାରିଖ ସୁଦ୍ଧା ଯେଉଁ ଜିଲ୍ଲାରେ ବେଶି ଅଭ୍ୟର୍ଥନା ସମିତି ମେମ୍ବର ହେବେ, ସେଇ ଜିଲ୍ଲାର କେନ୍ଦ୍ରରେ, ପ୍ରାୟ ସେଇ ଜିଲ୍ଲାରୁ ମେମ୍ବରଙ୍କ ନେଇ ପୁରୀ କଂଗ୍ରେସର ଅଭ୍ୟର୍ଥନା ସମିତି ଗଢ଼ା ହେବ । ଏହା ହୋଇଥିଲା ପୁଣି କଟକକୁ ପୁରୀ ଉପରେ ପ୍ରତିପତ୍ତି ଦେବାର ଗୂଢ଼ ଉଦ୍ଦେଶ୍ୟରେ । କଟକ ଜିଲ୍ଲାର ଲୋକ ସଂଖ୍ୟା ପୁରୀର ଅଢ଼ାଇ ଗୁଣ । ସେତେବେଳେ ପୁଣି କଟକ ଥିଲା, ଓଡ଼ିଶା ରାଜ୍ୟର କେନ୍ଦ୍ର । ଏକମାତ୍ର କଲେଜ ଓ ଏକମାତ୍ର ଜଜ୍ କୋର୍ଟ ଏଇଠି । ସେଇ ପରି ଇଞ୍ଜିନିୟରିଂ ସ୍କୁଲ, ମେଡ଼ିକାଲ ସ୍କୁଲ ପ୍ରଭୃତି ରାଜ୍ୟୀୟ ସମସ୍ତ ଶିକ୍ଷା ଅନୁଷ୍ଠାନମାନ ଏଇଠି—ଓଡ଼ିଆଙ୍କ ରାଜନୈତିକ ଜୀବନ କେନ୍ଦ୍ର ବି ଏଇଠି । ତଥାପି କଟକକୁ ପୁରୀ ଉପରେ ପ୍ରତିପତ୍ତି ଦେଇ ଦେଇ ଏବେ ସମଗ୍ର ଓଡ଼ିଶାର ପ୍ରତିପତ୍ତି ଯିବା ଉପରେ । କଂଗ୍ରେସ ବୈଠକ ହୁଏତ ସେ ବର୍ଷ ଆଦୌ ହୋଇ ପାରିବ ନାହିଁ ।

**ପଣ୍ଡାଙ୍କ ସଙ୍ଗେ କଥାବାର୍ତ୍ତା**

ମାନ ପୂଜା ସମ୍ବନ୍ଧରେ ମୋର ଚିରକାଳ ଧାରଣା ଭିନ୍ନ । ମୁଁ ଏବେ ପୁରୀ ପଣ୍ଡାଙ୍କ ଭିତରେ ମେମ୍ବର କରିବାର ସାକ୍ଷାତ୍ ଭାର ନେଲି, ଓ ତାଙ୍କ ସଙ୍ଗେ ପୁରୀ ଜିଲ୍ଲା ତଥା ଓଡ଼ିଶାରେ ମେମ୍ବରକରିବା ଓ କରାଇବାରେ ଉତ୍ସାହ ଦେବାକୁ ତାହାର

Digitized by srujanika@gmail.com

ପଡ଼ିଲା । ଦନଅଙ୍କ ମାନ ବାରଟି । କାମ ଏତେ ବିସ୍ତୃତ । ତା ପ୍ରାପ୍ତ ଆରମ୍ଭ ହୋଇ ନାଇ, ଜାଣିଲେ ହୁଏ । ମୁଁ ସେଠାରୁ ଉଠି ଯାଇ ପଣ୍ଡାଙ୍କୁ ଭେଟି କହିଲି (ଏଇ ମର୍ମରେ)—

"ସାରା ଭାରତର ମୁଖ୍ୟ ଲୋକେ କଂଗ୍ରେସ କରିବାକୁ ତମ ଦ୍ୱାରକୁ ଆସିବେ । ଆସି ଅନେକେ ଏଠି ଦର୍ଶନ ମଧ୍ୟ କରିବେ । ସେମାନେ ପୁରୀ ଆସିଲେ, ତାଙ୍କର ସବୁ ଏଠି ଅଭ୍ୟର୍ଥନା କରିବ କିଏ ? ପୁରୀକୁ ଲୋକେ ଆସିଲେ, ତାଙ୍କୁ ଅଭ୍ୟର୍ଥନା କରିବାର ଭାର ହଜାର ହଜାର ବର୍ଷ ଧରି ତମେ ନେଇ ଆସିଚ । ଅଭ୍ୟର୍ଥନା କରିବାର ପୂର୍ଣ୍ଣ ଅଧିକାର ଏକା ତମର । ତମର ସେ ଅଧିକାର, ତମର ସେ 'ଗୌରବ, ତମରି ଏକା ସେ ପୈତୃକ ଧନ । ଆଜି କଣ ତମେ ସେ ଅଧିକାର, ସେ ଗୌରବ, ସେ ଚିର ସଂଚିତ ଧର୍ମ-ଧନ ଛିଣ୍ଡି ଦବ ? ଆଜି କଣ ସାରା ଭାରତର ଲୋକେ ଏଠି କ୍ଷୁଣ୍ଣ ହୋଇ ଦେଖିବେ, ଜଗନ୍ନାଥଙ୍କ ପଣ୍ଡାଏ ଅଯୋଗ୍ୟ 'ତୀର୍ଥ-କାକ' ? ତା ହେଲେ, ସେ କଣ କହିବେ ? ତମ ପୂର୍ବ ପୁରୁଷେ ହୁଏତ ତମର ଏ ଅଣ୍ଟି ଉପରୁ ଦେଖିବେ; ହୁଏତ ବ୍ୟଥିତ ହେବେ । ତମ ତର୍ପଣର ଜଳୋଦକ ଆଉ ତାଙ୍କୁ ହୁଏତ ରୁଚିବ ନାଇ । ମୈତ୍ରୀଦେବ ଜଗନ୍ନାଥ କଳଙ୍କିତ ହେବେ । ମୈତ୍ରୀଦେବଙ୍କ ଏ ବିଶ୍ୱସେବା ଧର୍ମ ପ୍ରକୃତ, ତମ ପିତୃ ପୁରୁଷଙ୍କ ଶ୍ରେଷ୍ଠ କୀର୍ତ୍ତି । ଏ ବିଶ୍ୱବାସୀ ତମର ଅତିଥି । ତମ ପିତୃପୁରୁଷର ଏ ମହା କୀର୍ତ୍ତି ତମେ ଲୋପ କରିବ ? ତା ହବ ନାଇ । ଉଠ, ଧନୁର୍ଦ୍ଧର । ପୁରୀରେ ଅନେକର ଅଭ୍ୟର୍ଥନା ତମ କାର୍ଯ୍ୟ । ତମେ ତା ନ କରିଲେ, ଆଉ କିଏ କରିବ ?"— ଇତ୍ୟାଦି ।

Digitized by srujanika@gmail.com

## ପଣ୍ଡାଙ୍କ କାର୍ଯ୍ୟ

ଏଡ଼କଟରେ ଯେପରିକ ପଣ୍ଡାଙ୍କର ହୋସ୍ ଅସିଗଲା । ତାଙ୍କ ମୁହଁରେ କ୍ରୋଧ ଖେଳିଗଲା । ତାଙ୍କର ଯେପରିକ ନୂତନ ଜୀବନ ଜାଗି ଉଠିଲା । ଫଳରେ ସେଇ ବାର ଦିନ ମଧ୍ୟରେ ସମସ୍ତ ଓଡ଼ିଶାରୁ ଅଭ୍ୟର୍ଥନା ସଭାର ୨୫୬ଜଣ ମେମ୍ବର ହୋଇଥିଲେ—୫୪୩ । ସେଥିରୁ ପୁରୀ ଜିଲ୍ଲାରୁ ହୋଇଥିଲେ ୨୯୭ ଓ କେବଳ ପୁରୀ ପଣ୍ଡା ହୋଇଥିଲେ ୧୬୬ । ତା ପରେ ସେଇ ପଣ୍ଡାମାନେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ; ଆଇନ ଅମାନ୍ୟ ପ୍ରଭୃତି ସବୁ କରିଥିଲେ ଓ ଜେଲ୍ ବି ଯାଇଥିଲେ । ଜେଲରେ ମଧ୍ୟ ବିହାର କର୍ମୀ ଓ ଓଡ଼ିଶାର ଅନ୍ୟାନ୍ୟ କର୍ମୀଙ୍କ ଭିତରେ ତାଙ୍କର ଖୁବ୍ ପ୍ରତିଷ୍ଠା ହୋଇଥିଲା ।

## ଓଡ଼ିଆଙ୍କ ଅତିଥିସେବା

ଜଗନ୍ନାଥ-ଭକ୍ତ-ଭାବିତ ଲୋକଙ୍କର ଏଇ ଅତିଥିସେବା—ଏଇ ନିଃସଂଗ ପର-ପ୍ରାଣତା ହେଉଛି, ଓଡ଼ିଆଙ୍କର ଚିରନ୍ତନ ସମାଜ ସାଧନା । ଏହାର ବଡ଼ିମା ପ୍ରକାଶିଇ ହେଉଛି, ଓଡ଼ିଆ ସଂସ୍କୃତି ଓ ଓଡ଼ିଆ ସାହିତ୍ୟ । ପରମ୍ପରାରେ ଓ ଇତିହାସରେ ଏହାହିଁ ଦେଖାଯାଏ । ସାଧାରଣ ଜୀବନର କର୍ମ ପ୍ରବାହରେ ଏହାହିଁ ଲକ୍ଷ୍ୟ କରିବାର ଜିନିଷ । ଏହାହିଁ ଏକା ଓଡ଼ିଆ ଜାତିର ଜାତୀୟ ସଂକେତ । ଇତିହାସର ଧାରା ଧରି ବିଷୟଟିର ଆଲୋଚନା କଲେ ପୁଣି ଏହା ମଧ୍ୟ ଦେଖାଯାଏ ଯେ, ଲୋକେ କିପରି ଓଡ଼ିଆର ଏଇ ଅନାସକ୍ତ ଆତିଥେୟତା ଓ ଉଦାରଚିତ୍ତର ସୁବିଧା ନେଇ, ଅତିଥି ହୋଇ ଆସି ନାନାର ଅସତ୍ପନ୍ଥା ଓ ସ୍ୱାର୍ଥ ପର୍ଯ୍ୟନ୍ତ ସାଧନ କରିବାରେ ଲାଗିଛନ୍ତି ଓ କରୁଛନ୍ତି । ସେଇ ସଂପର୍କରେ ଓଡ଼ିଆର



Digitized by srujanika@gmail.com

ବସ୍ତୁ ସତ ବ ହୋଇପାରେ । ତଥାପି ଓଡ଼ିଆ ଜାତିର ଜାତୀୟତ୍ୱର ଅନ୍ୟତମ ସେବାକୁ କଳଙ୍କିତ କରି ନାହାନ୍ତି ।

**ବିଦ୍ୟାପତି**

ପରଂପରାର ବିଦ୍ୟାପତି ଜଗନ୍ନାଥଙ୍କୁ ଇନ୍ଦ୍ରଦ୍ୟୁମ୍ନଙ୍କର ବନ୍ଧିବା ପାଇଁ ପାଞ୍ଚି ଏଦେଶକୁ ଆସିଥିଲେ । ସେ ପ୍ରଥମେ ଏ କ୍ଷେତ୍ରରେ ସ୍ଥାନ ପାଇ ନ ଥିଲେ; ନୀଳମାଧବ-ଜଗନ୍ନାଥଙ୍କୁ ଠାବ କରି ପାରି ନ ଥିଲେ । କିଂତୁ ସେ ହେଲେ, ଅତିଥି । ସେଇ ସୁବିଧା ନେଇ ସେ ପରେ ସୈନ୍ୟ ସାମନ୍ତ ସହ ଇନ୍ଦ୍ରଦ୍ୟୁମ୍ନଙ୍କୁ ନେଇ ଆସି ଶେଷରେ ଜଗନ୍ନାଥଙ୍କୁ ନିଜର କରିଥିଲେ । ଏଇପରି ଶବରର ନୀଳମାଧବ ଜଗନ୍ନାଥ ହୋଇଥିଲେ, ଇନ୍ଦ୍ରଦ୍ୟୁମ୍ନଙ୍କ ବୈଦିକ ବସ୍ତୁ ।

**ବୁଦ୍ଧଦନ୍ତ**

ବୁଦ୍ଧଦନ୍ତ ପ୍ରତି ପ୍ରସଙ୍ଗାନ୍ତରରେ ଲକ୍ଷ୍ୟ କରାଯାଇପାରେ । ସେଠାରେ ମଧ୍ୟ ସେଇ କଥା । କୁହାଯାଇଛି, ଶାକ୍ୟମୁନି ବୁଦ୍ଧ କଳିଙ୍ଗରେ କିଏ ? ନିଜ ଜୀବଦ୍ଦଶାରେ ସେ କେବେ କଳିଙ୍ଗ ବା କଳିଙ୍ଗ ଲୋକଙ୍କୁ ଭେଟିବାର ପ୍ରମାଣ ନାହିଁ । ତାଙ୍କ ସାକ୍ଷାତ ପ୍ରଭାବ କଳିଙ୍ଗରେ ପଡ଼ି ନ ଥିଲା । ମାତ୍ର କ୍ଷେମ, ତାଙ୍କ ଦାନ୍ତକୁ ଏଇଠାକୁ ଆଣିଥିଲେ, ଓ ଏଠି ଆଦର ପାଇଥିଲେ । ତା ପରେ ଉଜ୍ଜୟିନୀ ରାଜକୁମାର ଆସି କଳିଙ୍ଗରାଜ ଗୁହସିଂହଙ୍କ ଘରେ ହୋଇଥିଲେ ଅତିଥି—ଠିକ୍ ବିଶ୍ୱାବସୁଙ୍କ ଘରେ ବିଦ୍ୟାପତି ଅତିଥି ହେଲାପରି । ତାଙ୍କ ସେନା ଗୁହସିଂହ ଜୁଆଁର ଭାରତର ଆକ୍ରମଣ ମଧ୍ୟ ସହି ଥିଲେ, ପୁଣି ଉପଦ୍ରବ ସହି ନ ପାରି ତାଙ୍କୁଇ ଚୋରି କରିଥିବାରୁ ସେଇ ଝିଅଜୋଇଁଙ୍କ ହାତେ ଦନ୍ତଟି ସିଂହଳକୁ ପଠାଇ ଦେଇଥିଲେ ।

Digitized by srujanika@gmail.com

## ଇତିହାସରେ ପ୍ରାଣପ୍ରାଚୁର୍ଯ୍ୟର ଦୃଷ୍ଟାନ୍ତ

ଏସବୁ ଏକପ୍ରକାର ପୁରାଣ ଓ କିଂବଦନ୍ତୀର ପରିଂପରା କଥା। ଏପରି କଥାରେ ସତ୍ୟ ଥାଏ; ମାତ୍ର ଘଟଣାମାନ ଠିକ୍ ଯେ ସେହି ପରି ଘଟିଥିଲା, ତା ନ ହୋଇପାରେ। ମାତ୍ର କେତେକ ଇତିହାସର ଘଟଣାମାନଙ୍କରେ ମଧ୍ୟ ଓଡ଼ିଆର ଏହି ବିଶ୍ୱ-ସମାଜ-ସେବା ଓ ଅନନ୍ୟସାମାନ୍ୟ ପ୍ରାଣପ୍ରାଚୁର୍ଯ୍ୟ ଖୁବ୍ ଦେଖିବାକୁ ମିଳେ।

## ଖାରବେଳଙ୍କ ପ୍ରଥମ ମଗଧ ଅଭିଯାନ

ସମ୍ରାଟ ଖାରବେଳ ଅଭିଯାନରେ ବାହାରିଥିଲେ ମଗଧ ଜିଣି 'ପାଟଳୀପୁତ୍ର'ରୁ 'କଳିଙ୍ଗଜିନ'ଙ୍କୁ ପୁଣି କଳିଙ୍ଗକୁ ନେଇ ଆସିବାକୁ। ପାଟଳୀପୁତ୍ର ଯାଏ ପହଂଚିବା ପୂର୍ବରୁ ବାଟରେ ଖବର ପାଇଲେ, ଯବନମାନେ 'ପାଟଳୀପୁତ୍ର' ଧ୍ୱଂସ କରି ମଗଧ ଅଧିକାର କରିବାକୁ ଆସୁଛନ୍ତି। ସେକାଳ ମଗଧ ସାମ୍ରାଜ୍ୟର ସେତେବେଳର ଦୁର୍ବଳତା ଖାରବେଳ ବୁଝିଥିଲେ। ସଙ୍ଗେ ସଙ୍ଗେ ସେ ନିଜର ପାଟଳୀପୁତ୍ର ଅଭିଯାନ ଛାଡ଼ି, ଦଉଡ଼ିଲେ ଯବନମାନଙ୍କୁ ଆଗ ତଡ଼ି ଘଉଡ଼ି ଦେବା ପାଇଁ। ସେଥିପାଇଁ ସମସ୍ତ ସେନା ନେଇ ତାଙ୍କୁ ଅଜ୍ଞାତ ବନ ପ୍ରାନ୍ତର ଭେଦି ଯିବାକୁ ହୋଇଥିଲା, ଯେତେଦୂର ମଥୁରାଏ, ଅଗ୍ରାପାଏ—ଏଥିରେ ପୁଣି ଯବନଙ୍କ ଆଡୁ ବାଟଯାକ ଆକ୍ରମଣର ନିରନ୍ତର ଭୟ। ଏପରି ଯବନଙ୍କୁ ଘଉଡ଼ିବାର ଅଭିଯାନରେ ପୁଣି ଖାରବେଳଙ୍କର ସାକ୍ଷାତ୍ ସ୍ୱାର୍ଥ କିଛି ନ ଥିଲା। ବରଂ, ସାଧାରଣ ବୁଝିବା ଭଳି, ସାକ୍ଷାତ୍ ସ୍ୱାର୍ଥ ଥିଲା, ମଗଧର କ୍ଷମତା ଓ ଦର୍ପ ଖର୍ବ କରିବାରେ।

## ତହିଁରୁ କଣ ବୁଝାଯାଏ ?

ପୃଥିବୀର ଅନେକ ବିଜୟ ଅଭିଯାନ କଥା ଜଣା ଅଛି, ସେଥିରେ ଏପରି ଅଭିଯାନ ଦେଖାନାହିଁ। ନନ୍ଦରାଜା କଳିଙ୍ଗକୁ

Digitized by srujanika@gmail.com

ରାଣି କଳିଂଗର ଉପାସ୍ୟ ଜିନଙ୍କୁ ନିଜ ରାଜଧାନୀକୁ ଫେରାଇବା କଳିଙ୍ଗ ପକ୍ଷରେ କମ୍ ଅପମାନକର କଥା ନୁହେ । ତିନିଶହ ବର୍ଷ ଯାଏ କଳିଙ୍ଗ ତାକୁ ପେସରିବ ନ ପାରି ହେଉଥିଲା । ତଥାପି ମଗଧ ଲୋକ ବା ମଗଧ ସମ୍ରାଟଙ୍କ ଉପରେ କଳିଙ୍ଗର କ୍ରୋଧ ବା ବିଦ୍ୱେଷ ଥିବାର କୌଣସି ସଂକେତ ମିଳୁ ନାଇ । କେବଳ ଜିନଙ୍କୁ ଫେରାଇ ନେବାରେ ଯେତିକି ଦରକାର ମଗଧକୁ ସେତିକି କଷ୍ଟ ଦେବାକୁ ହେବ । ସୁବିଧା ଦେଖି ମଗଧକୁ ଧ୍ୱଂସ କରିବା କଳିଙ୍ଗ ସେନା ବା ଖାରବେଳଙ୍କ ମତଲବ ନୁହେ । ଏ ପୁଣି ଜଣେ ସମ୍ରାଟ୍ଙ୍କର ଏକ ମତଲବର ଫଳ ହୋଇ ନ ପାରେ । ଶହକାଳ କଳିଙ୍ଗର ଲୋକେ ହେଉଛନ୍ତି କଳିଙ୍ଗ ସେନା । ରାଜା ସମ୍ରାଟମାନେ ତାଙ୍କର ଜାତୀୟ ଜୀବନର ସଂକେତ ବା ନେତା । ଲୋକେ ତାଙ୍କୁ ବାଛନ୍ତି । ସେ କଥା କ୍ରମେ ବୁଝାଯାଉଛି ।

## ସାରଳା ଦାସ

କଳିଙ୍ଗରେ ରାଜା-ପ୍ରଜା ସଂବନ୍ଧ କିଅଣ ଥିଲା, ସଂକ୍ଷେପରେ ତା ବୁଝାଇବା ପାଇଁ ସାରଳାଦାସଙ୍କ ଲେଖାରୁ ଉଦ୍ଧାର କରି ଅନ୍ୟତ୍ର ଦିଆଯାଇଛି ( ୧ମ ଭାଗ—ପୃ· ୨୩୦ ) । ସାରଳାଦାସ କହନ୍ତି—

"ଯେ ଯାହା ଅର୍ଜଇ ସେ ତହିଁର ଦୁଇ ଭାଗ
ସୈନ୍ୟ ପାଳିବାକୁ ନେଇ ଥୋଏ ରଜାଆଗ ॥"

—ମହାଭାରତ, ଭୀଷ୍ମପର୍ବ, ଶୁକ୍ର ଉପାଖ୍ୟାନ ।

ସାରଳାଦାସ ଏହା ଲେଖିଛନ୍ତି, ଖ୍ରୀ, ୧୫ ଶ ଶତକରେ । ଏଥିରୁ ବୁଝାଯାଏ, ସେକାଳ ଯାଏ ମଧ୍ୟ ଓଡ଼ିଆଙ୍କର ଏତେ ବିରାଟ କଳିଙ୍ଗ ସାମ୍ରାଜ୍ୟରେ ଲୋକଶାସନ ଓ ଲୋକ ସ୍ୱାଧୀନତା କାର୍ଯ୍ୟରେ ଚାଲୁଥିଲା । କେବଳ ସମ୍ରାଟଙ୍କର ଅତି ଆବଶ୍ୟକୀୟ ଜରୁରୀ ସେନା

Digitized by srujanika@gmail.com

ଓ ଯୁଦ୍ଧ ସରଂଯାମ ପ୍ରସ୍ତୁତ ପାଇଁ ଲୋକେ ଅପଣା ଭିତରେ ଗ୍ରାମ-ସଭାମାନଙ୍କରେ ବିଗ୍ଣର କରି ବଳାଗ୍ଭଗ ଠିକ କରି, ନିଜେ ତା ସଂଗ୍ରହ କରି ସମ୍ରାଟଙ୍କ ପାଖକୁ ପଠାଇ ଦେଉଥିଲେ । ତା ଛଡ଼ା ଲୋକେ ନିଜର ଶାସନ ଓ ବିଗ୍ଣରାଦକାର୍ଯ୍ୟ ଗ୍ରାମସଭା ଦ୍ୱାରାରେ ନିଜେ କରୁଥିଲେ ।

## ଦ୍ରାବିଡ଼ ଲେଖ

କଳିଙ୍ଗ ହେଉଚି, ମୂଳତଃ ଦ୍ରାବିଡ ଭୂମି । ଓଡ଼ିଆମାନେ ବି ମୂଳତଃ ଏକ ଦ୍ରାବିଡ଼ ଜାତି । ଶବରମାନେ ପ୍ରଥମ ଏଇ ଦ୍ରାବିଡ ଭୂମିର ଅଧିବାସୀ ଥିଲେ । ଦ୍ରାବିଡ଼ର ଦାର୍ଶନିକ ସଭ୍ୟତା କଳିଂଗରେ ଅମରତ୍ୱ ଲାଭ କରିଥିଲ ଓ କରି ଆସିଛି । ଜଗନ୍ନାଥ ହେଉଛନ୍ତି, ସେଇ ସଭ୍ୟତାର ପ୍ରତୀକ ଓ ସଂକେତ । ଏ ସବୁ କଥା ପରେ ପ୍ରସଂଗତଃ ଆଲୋଚନା କରାଯିବ । ଏବେ କଳିଂଗକୁ ଲାଗିଥିବା ଦ୍ରାବିଡ଼ ଭୂମିରେ ଖ୍ରୀ ୧୦ମ ଶତକ ବେଳକୁ ସାମ୍ରାଜ୍ୟର ଶାସନ —ବିଗ୍ଣଭଣାଦ କାର୍ଯ୍ୟ—କପରି ଚଳୁଥିଲା ସେ ବିଷୟ ଥାଇ ମନ୍ଦିର ଗାତ୍ରରୁ ଲେଖମାନ ମିଳୁଛି । ସେ ସବୁ ଲେଖରେ ଲୋକ ଶାସନ ପରଂପରାର ଯେ ସଂକେତମାନ ମିଳୁଛି, ତାହାଇ ଥିଲା, ସାରଳା ଦାସଙ୍କ ଲେଖାର ଭିତ୍ତି । ସେ ଲେଖମାନଙ୍କରୁ ଦେଖାଯାଏ, ସାମ୍ରାଜ୍ୟ ଥିଲା । ସମ୍ରାଟଙ୍କ ନାମରେ ତା ଥିଲା; କିନ୍ତୁ ସମ୍ରାଟଙ୍କର ତା ନ ଥିଲା । ସମ୍ରାଟ ଏଥିରେ ଥିଲେ, ଶୃଂଖଳିତ ସାମ୍ରାଜ୍ୟର ସଂକେତ ମାତ୍ର ।

## ଶାସନ କପରି ଚଳୁଥିଲା

ଏଇ ଲେଖମାନଙ୍କରୁ ସଂଗ୍ରହ କରି ଭାରତ ପ୍ରେମିକ ହାଭେଲ୍ ସାହେବ ( E. B. Havell ) ଲେଖିଛନ୍ତି, କୌଟିଲ୍ୟ ପଣ୍ଡିତଙ୍କ ଲେଖାରୁ ଆର୍ଯ୍ୟ ଶାସନର ଯେଉଁ ଶୃଂଖଳା ଦେଖାଯାଏ,

Digitized by srujanika@gmail.com

କିଂବା ମେଗାସ୍ଥିନିସ୍‌ଙ୍କ ବିବରଣୀରୁ ଯାହା ଅନୁମାନ ହୁଏ, ସେଥିରେ ସରକାରଙ୍କ ବିଭାଗ ଓ ବିଭାଗୀୟ ମନ୍ତ୍ରୀମାନେ ଥିଲେ । ତା ଛଡ଼ା ପ୍ରଜାମୁଖ୍ୟ ପୁରୋହିତ ବ୍ରାହ୍ମଣଙ୍କର ସଭା ଓ ସଭାପତି ପ୍ରଭୃତି ଥିଲେ । ଏ ସମସ୍ତେ କିନ୍ତୁ 'ଆଜ୍ଞାବହୀ'ନ ଥିଲେ କି ବୋଲକର ଭଳି କାମ କରୁ ନ ଥିଲେ । ତାଙ୍କର ସବୁ ଯଥାର୍ଥ କ୍ଷମତା ଥିଲା । ସେମାନେ ତା ବିଧିମତେ ଚଳାଉଥିଲେ । କିନ୍ତୁ ଗୋଟିଏ କଥା ଯେ କେନ୍ଦ୍ର ଶାସନରେ ନ ଥିଲା । ତା ହେଉଛି, ଗ୍ରାମ ଶାସନ—ଦ୍ରାବିଡ଼ ଲେଖମାନଙ୍କରୁ ସଂକେତରେ ମିଳୁଥିବା ସ୍ୱାଧୀନ ଲୋକ ଶାସନ । ଏହି ଗ୍ରାମ ଶାସନ ବା ଲୋକ ଶାସନରେ ଗ୍ରାମ ଲୋକେ ନିଜ ସଭାରେ ନିଜ ଗ୍ରାମର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବିଚାରଣା ଓ ସ୍ଥାନୀୟ ଶାସନର ଅନ୍ୟାନ୍ୟ ବିଭାଗମାନ ନିଜେ ନିଜେ ଚଳାଉ ଥିଲେ । ଏ ସବୁ ବିଭାଗପାଇଁ ଗ୍ରାମ ସଭାର ଭିନ୍ନ ଭିନ୍ନ କମିଟିମାନ ଥିଲା । ଏହା ବାସ୍ତବରେ କିପରି ଚଳୁଥିଲା, ତାହା ଦେଖାଇ ଦେବାପାଇଁ ସେ ଲେଖମାନଙ୍କୁ ସାକ୍ଷୀକରି ଲେଖିଛନ୍ତି, ସମ୍ରାଟ୍ ବା ରାଜାଙ୍କ ସୈନ୍ୟ ଓ ଅନ୍ୟାନ୍ୟ ଆବଶ୍ୟକୀୟ କେନ୍ଦ୍ର ବିଭାଗମାନ ଚଳାଇବା ପାଇଁ କର ଦେବାକୁ ହେବ, ତା ଗ୍ରାମମାନଙ୍କରେ ଗ୍ରାମ ସଭାମାନେ ଠିକ୍ କରି, ଆଦାୟ କରି ସେଥିପାଇଁ ଗ୍ରାମସଭାଙ୍କ ନିଯୁକ୍ତ କର୍ମଗୁରୁଙ୍କ ହାତରେ ପଠାଇ ଦେଉଥିଲେ । ଏହି କର୍ମଗୁରୁଙ୍କ ନାମ ଥିଲା, 'ଭୋଜକ' ବା 'ଭୋଇ' । ପୁଣି ଗ୍ରାମସଭାର କମିଟି—ବିଶେଷରେ 'ନ୍ୟାୟପଞ୍ଚ' କମିଟି—ର କାର୍ଯ୍ୟରେ କୌଣସି ପକ୍ଷର ସଂଦେହ ହେଲେ, ରାଜାଙ୍କଠାରୁ ପୁନର୍ବିଚାରଣା ବା ଅପିଲ ପାଇଁ ଯାଉଥିଲା । ରାଜା ବା ସମ୍ରାଟ୍ ସେଥିପାଇଁ ମକଦ୍ଦମାର ଗୁରୁତ୍ୱ ଅନୁସାରେ କୌଣସି ବିଭାଗୀୟ ଉଚ୍ଚ କର୍ମଗୁରୁ ବା ମନ୍ତ୍ରୀଙ୍କୁ ପଠାଉଥିଲେ ।

Digitized by srujanika@gmail.com

ନଗରେତ୍ ନିଜେ ଆସୁଥିଲେ । ନିଜେ ଅସି 'ନ୍ୟାୟପଞ୍ଚ'ଙ୍କୁ ଅଲଗା କରି ଡାକି, ତାଙ୍କଠୁ ସମସ୍ତ ବିଷୟ ଶୁଣି, ଦରକାର ହେଲେ, ଅନ୍ୟ ପ୍ରମାଣାଦି ନେଇସାରି ଅଲଗା ଥାନରେ 'ନ୍ୟାୟ-ପଞ୍ଚ'ମାନଙ୍କୁ ଡାକି ନିଜର ସ୍ୱୀକୃତି କହି ଦେଇ, ସେଇ ନ୍ୟାୟଟି ଶୁଣାଇ ଦେବାକୁ କହୁଥିଲେ । ଅପିଲର ଏଇ ନ୍ୟାୟଟି ମଧ୍ୟ ରାଜା, ମନ୍ତ୍ରୀ, ବା ରାଜକର୍ମଚାରୀଙ୍କ ପରାମର୍ଶରେ ଠିକ୍ କରାହୋଇ ଥିବା 'ନ୍ୟାୟପଞ୍ଚ'ଙ୍କ ସିଦ୍ଧାନ୍ତ ବୋଲି ଶୁଣାଇ ଦିଆ ଯାଉଥିଲା । ଏ ସଂପର୍କରେ ପୁଣି ବିଶେଷ କଥାଟି ହେଉଛି, ସମ୍ରାଟ୍ ମଧ୍ୟ ନିଜର ମତ ଶୁଣାଇଲାବେଳେ 'ପଞ୍ଚ'ଙ୍କୁ ସଂବୋଧନ କରୁଥିଲେ— 'ଶ୍ରୀକର୍ଯାଃ' (ତାମିଲ୍ ଉଚ୍ଚାରଣରେ ଲେଖମାନଙ୍କରେ ଅଛି— 'ତିରୁବଡ଼ିଅର୍' ) । ଅର୍ଥାତ୍, ହଜୁର୍ ବା ତୁମ୍ଭମାନେ— ଇଂରେଜୀରେ ହାଭେଲସାହେବ ଏହାର ଅନୁବାଦ କରିଛନ୍ତି, Your Majesties । ଏ ସଂବୋଧନ ପ୍ରାଚୀନ ଅଧିପତିମାନଙ୍କୁ ହିଁ ଏକା କରାଯାଇ ଥାଏ । ( E. B. Havell's 'The History of Aryan Rule in India'—pp. 228 & 229 )—

## କଳିଙ୍ଗର ଲୋକଶାସନ ଓ ତା ପରିଣତି

ଯେତେଦୂର ଜଣାଯାଏ, ଏସବୁ ଦ୍ରାବିଡ଼ର ଜୈନ ପରଂପରା ! ଦେଶ ସ୍ୱାଧୀନ ଥିବା ଯାଏ କଳିଙ୍ଗ ସାମ୍ରାଜ୍ୟରେ ଏଇ ଶାସନ ତଥା ବିଚାର ବିଧାନ ଚାଲୁଥିଲା । ବିରାଟ ସାମ୍ରାଜ୍ୟ ଥିଲେହେଁ, ସମ୍ରାଟ୍ ଖୁବ୍ ସଂଭବ ଅଦୌ ସ୍ୱେଚ୍ଛାଚାରୀ ନ ଥିଲେ । ସେ ଥିଲେ, ଲୋକ ଶାସନର ସଂକେତ ମାତ୍ର । ବୁଦ୍ଧଦେବ ବା ମହାବୀରଙ୍କ ସମୟକୁ ମଗଧ ଓ କୋଶଳ ସାମ୍ରାଜ୍ୟର ଉପକଣ୍ଠରେ ଶାକ୍ୟ, ବଜ୍ଜୀ, ଲିଚ୍ଛବୀ, ବିଦେହ, ମଲ୍ଲ, ଭର୍ଗ, କୋଲିୟ, ବୈଶାଳୀ ପ୍ରଭୃତି ଯେଉଁ ଲୋକ ଶାସନ ଚାଳିତ କ୍ଷୁଦ୍ର ରାଜ୍ୟମାନ ଅବଶିଷ୍ଟ ଥିଲା,

Digitized by srujanika@gmail.com

କଳିଂଗର ଉତ୍କଳ ଜନତା ଖୁବ୍ ସଂଭବ ଅବହମାନ କାଳରୁ ସେଉପରି ବୌଦ୍ଧ ଶିଷ୍ଟ ବଶିଷ୍ଟଙ୍କ ଶାସନରେ ଚଳୁଥିଲେ । ଅବଶ୍ୟ ପରବର୍ତ୍ତୀ କାଳରେ ସଂସ୍କୃତର ନାନା ବିକ୍ଷୋଭ ଭିତରେ ପୁରୀପୁର ଏଇପରି ଲୋକଧର୍ମର ନୀରବ ନିଷ୍ଠାଧର ଶାସନ ଚଳୁଥିଲା ବୋଲି କହିବା ହୁଏତ ବରାବର ଠିକ୍ ହେବ ନାହିଁ । ସେ ଯା ହେଉ, ମୋଗଲ ଶାସନ ପରେ, ପରାଧୀନ ଓଡ଼ିଶାରେ ପରିସ୍ଥିତି ବହୁ ଜଟିଳ ହୋଇ ଥିଲା, ସଂଦେହ ନାହିଁ । ଏପରି ବିକଟ ବଜ୍ରପାତରେ ଜାତି ବରାବର ଧ୍ୱଂସ ପାଇବାର କଥା । ତା ଯେ ହୋଇ ନାହିଁ —ଅଜ୍ଞ ବି ହୋଇ ଫେରିବାର ସଂଭାବନା ଯେ ଅଛି—ସେତିକି ଏକା ସୌଭାଗ୍ୟର କଥା । ତଥାପି ସେ ପ୍ରୋତ୍ସାହିତ ଆତ୍ମରକ୍ଷାର ପ୍ରଚେଷ୍ଟାରେ, ଔଷଧରୁ ମାରାତ୍ମକ ବ୍ୟାଧି ବାହାରିଲା ପରି ଆମର ବହୁ ଅସଂଗତ ଓ ଅନଭିଳଷିତ ଅଭ୍ୟାସ ଓ ମନୋବୃତ୍ତି, ସତେ ଆମକୁ ସ୍ୱର୍ଗ ସଂପଦ ଦେଲାପରି, ଆମକୁ ମୁଗ୍ଧ କରିଛି—ଆମକୁ ଗ୍ରାସ କରିଛି ; ସେଥିରୁ ମୁକ୍ତିପାଇବା ବଡ଼ କଷ୍ଟ । ମାତ୍ର ମୁକ୍ତି ନ ପାଇବାକୁ ଗତ୍ୟନ୍ତର ନାହିଁ । ତେଣୁ ଅନାସକ୍ତ ଭାବରେ ସେଇ ବଜ୍ରପାତଜନିତ ଆମ କ୍ରିୟାକୁ ଯଥାଯଥ ଭାବରେ କଳନାରେ ଆଣିବାକୁ ହେବ ଓ ତାହା ସଂଗେ ଇତିହାସର ସ୍ମାରକ ସଂକୁ ସବୁକୁ କଳ୍ପନାରେ ପୁନର୍ଜୀବିତ କରି ଭବିଷ୍ୟତର ଜୀବନଧାରା ନିୟମିତ କରିବାକୁ ହେବ ।

**ବଜ୍ରପାତର ଦୃଷ୍ଟାନ୍ତ**

ବଜ୍ରପାତଫଳରେ ଆମେ କଣ ନ କରିଛୁ ? ମୋଗଲ ବା ମୁସଲମାନଙ୍କ କାଳରେ ଓ ପ୍ରଭାବରେ କୋରାଣ ନିର୍ଦ୍ଦେଶିତ ଏକ ଅଲ୍ଲାଙ୍କ ନାମରେ ଯେଉଁ ଶାସନ ଚଳିଛି, ତାକୁ ମୁଣ୍ଡପୋଡ଼ି ( ବା, ଠିକ୍ କଥାରେ, ମୁଣ୍ଡପାତି ) ସହିବାକୁ ବାଧ୍ୟ ହୋଇଛୁ । ହିନ୍ଦୁ-

Digitized by srujanika@gmail.com

ମାନେ 'ଜଜିଅ' ବା 'ମୁଣ୍ଡକର' ଦେଇ 'ଜହାଦ୍' ବା ତଥା କଥିତ ଧର୍ମ ଯୁଦ୍ଧରେ ପଣ୍ଡା, ଧନ, ଜନ, ଯୁବତୀ, ଇତ୍ୟାଦି—ଏସବୁ ହରାଇ, 'ପାଗାମ୍ବର' ମହାପ୍ରଭୁ ଓ ତାଙ୍କ ଭକ୍ତ 'ପୀର'ମାନଙ୍କୁ ଶିରଣି-ନୈବେଦ୍ୟରେ ସତ୍ୟ ନାରାୟଣ ରୂପେ ପୂଜାକରି ସ୍କନ୍ଦପୁରାଣ ପ୍ରଭୃତିରେ ତାଙ୍କ ମହିମା କୀର୍ତ୍ତନ କରିଅଛନ୍ତି । ସେଇ ଅଲ୍ଲାଙ୍କ 'ପାଗା-ମ୍ବର' ଓ 'ପୀର'ମାନଙ୍କ ଅନୁକରଣରେ କବୀର, ନାନକଙ୍କଠାରୁ ଚୈତନ୍ୟ, ଏପରିକି ମାହାତ୍ମା ଗାନ୍ଧିଙ୍କ ପର୍ଯ୍ୟନ୍ତ ବଡ଼ ପୁଣି ଶତ ଶତ ସାନ ସନ୍ଥ ଉପସନ୍ଥ ସୃଷ୍ଟି କରି ନିଜ ଧର୍ମରକ୍ଷାର ଉଦ୍ୟମ କରିଛନ୍ତି; ପୁଣି ଅଧୂରେ ନିଜର ଉପାସ୍ୟ ବିଶ୍ୱଦେବ ବା ଜଗନ୍ନାଥଙ୍କ ଶୁଦ୍ଧ ଓ ଯଥାର୍ଥ ସ୍ୱରୂପକୁ ଭୁଲି ଲୋକ ସଂଗ୍ରହର ନିଷ୍ଫଳ ଉଦ୍ୟମରେ ସବୁ ଧର୍ମର ଈଶ୍ୱର ସମାନ ବୋଲି ପ୍ରଚାର କରିବାର ପାଗୁଳି ଧରି ଧରି ଶେଷକୁ ବାନ୍ତି କଲାପରି ବାହାର କରିଛନ୍ତି—"ଈଶ୍ୱର ଅଲ୍ଲା ତେରେ ନାମ୍; ସବ୍‌କୋ ସନ୍ମତି ଦେ ଭଗବାନ୍ ।" ଏସବୁ ଭିତରେ ନିଜର ପରଂପରା ଏ ଦେଶରେ ବଂଚାଇ ରଖିବା ଏକପ୍ରକାର ଅସଂଭବ କହିଲେ ଚଳେ । କଳିଂଗର ସ୍ୱାଧୀନତା ଓ ପୁଣି ତାର ସ୍ୱରାଜ୍ୟ ବହୁଦିନ ଜୀବିତ ଥିଲେ ମଧ୍ୟ, ନାନାଭାବରେ ଏହା ଯେ ବହୁକାଳୁ ପ୍ରଭାବିତ ଓ ପୀଡ଼ିତ ହୋଇ ଥିଲା, ତା ଜଣାଶୁଣା । ଏହାର ଐତି-ହ୍ୟର ଶୁଦ୍ଧତା ମଧ୍ୟ ସେଇ କାରଣରୁ ଆବୃତ ଓ ମଳିନ ହୋଇ ଆସୁଥିଲା । କପୂର ଉଡ଼ିଯାଇ ଅନେକ କ୍ଷେତ୍ରରେ ଖାଲି କନାଇ ସ୍ମାରକ ହୋଇ ପଡ଼ି ରହିଲା । ତଥାପି ଓଡ଼ିଆର ସେଇ ଅମୃତ ଜୀବନ-ଧାରାର ଯେ ସଂକେତ ଏବେ ବି ଅଛି, ସେତିକି ଏକା ଅକ୍ଷିଣୀୟ । ଓଡ଼ିଆର ସ୍ୱାତନ୍ତ୍ର୍ୟ ମଳିନ ହୋଇଛି, କିନ୍ତୁ ଲୁପ୍ତ ଯାଇ ନାହିଁ; ଶୁଷ୍କ ହୋଇଛି, ମାତ୍ର ନିର୍ଜୀବ ହୋଇ ନାହିଁ । ପ୍ରାଣ-ପ୍ରକାଶର ଏଇ ଧାରାଟି ଏବେ ଦୃଷ୍ଟାନ୍ତ ମାନରେ ହେଲେହେଁ, ଅନୁପୂର୍ବିକ ଦେଖା-

Digitized by srujanika@gmail.com

ଯାଉ । ସେଥିରୁ ମଧ୍ୟ ଧରା ପଡ଼ିବ, ଉପରେ କୁହା ଯାଇଥିବା ଜୈନ ଧର୍ମ ପ୍ରଭାବିତ ଦ୍ରାବିଡ଼ ଲେଖଗୁଡ଼ିକରେ ମିଳୁଥିବା ପରଂପରା କଳିଂଗ ତଥା ଓଡ଼ିଶାରେ କି ଗଢ଼ରେ ଚାଲି ଆସିଛି ।

## କଳିଙ୍ଗ ସାମ୍ରାଜ୍ୟ—ବ୍ରହ୍ମଦତ୍ତ ଓ ଜୈନ ପରଂପରା

ଏବେ ସାମ୍ରାଜ୍ୟ ବୋଇଲେ ଆମେ ଯା ବୁଝୁଁ ବା ଅତି ପ୍ରାଚୀନ କାଳରେ ସୁମେର-ଅକ୍କାଡ଼, ବାବିଲନ, ଅସୁର (ଆସିରିଆ) ମିଶର ପ୍ରଭୃତି ପ୍ରାଚ୍ୟ ଦେଶ ବା ଗ୍ରୀସ, ରୋମ ଆଦି ଦେଶମାନଙ୍କରେ ଯେଉଁ ସାମ୍ରାଜ୍ୟ ପ୍ରକାଶ ପାଇଥିଲା, କଳିଂଗ ସାମ୍ରାଜ୍ୟ ତା ନ ଥିଲା । ଏହାର ସୂଚନା ଦିଆ ଯାଇଛି । 'ଶାକ୍ୟମୁନି'ଙ୍କ ପିତା, 'ଶୁଦ୍ଧୋଦନ' ଯେପରି ଶାକ୍ୟମାନଙ୍କର ରାଜା ଥିଲେ, ମନେ ହୁଏ, କଳିଂଗର 'ବ୍ରହ୍ମଦତ୍ତ' ଯେ ହୁଅନ୍ତୁ, ସେ ସେଇ ଧରଣର ସମ୍ରାଟ ଥିଲେ—ସେ ଥିଲେ, ସମାଜନେତା । ଜୈନ ପରଂପରାରେ ସମ୍ରାଟ ବୋଇଲେ, ଠିକ୍ ଏଇପରି ସମାଜ ନେତାଙ୍କୁ ବୁଝାଉଥିଲା । ଉଦାହରଣ ସ୍ୱରୂପ, ସେଇ ଜୈନ ପରଂପରାର ମଗଧ-ସମ୍ରାଟ ଚନ୍ଦ୍ରଗୁପ୍ତଙ୍କ କଥାଟି ସମସ୍ତେ ଜାଣିଥିବେ । ମଗଧରେ ଲଗେ ଲଗେ ବାରବର୍ଷ ହେଲା, ଅନାବୃଷ୍ଟି । ସାମ୍ରାଜ୍ୟର ସଂଚିତ ଶସ୍ୟସବୁ ସରିଗଲା । ଖାଇବାକୁ ନ ପାଇ ଲୋକେ ମଲେ । ସେଥିପାଇଁ ସାମ୍ରାଟ୍ ନିଜେ ଦେଶ ଛାଡ଼ି ଦ୍ରାବିଡ଼କୁ ଚାଲି ଯାଇ ମଧ୍ୟ ସେଠି ପ୍ରଜାଙ୍କ ଦୁଃଖରେ ସମଦୁଃଖୀ ହୋଇ ନିଜେ ଅନାହାରରେ ପ୍ରାଣତ୍ୟାଗ କଲେ । ଜୈନ ପରଂପରାରେ ରାଜା-ପ୍ରଜାର ସଂପର୍କ ହେଉଛି, ଏଇପରି । ଏଥିରେ ଠିକ ଏବ ନିର୍ବାଚନ ପରି ଅଜଣା ଭୋଟ ଓ ନିର୍ବାଚନ ନ ଥାଇ ପାରେ; ତା ହୁଏତ ନ ଥିଲା । ଜୈନ ଧର୍ମର ବିଶ୍ୱସେବାରେ ତା ହୁଏତ ଦରକାର ନ ଥିଲା । ମାତ୍ର ରାଜା ଓ ସମ୍ରାଟ ଥିଲେ, ଲୋକଙ୍କ ପାଇଁ ; ଲୋକେ ନ ଥିଲେ, ରାଜା-ସମ୍ରାଟଙ୍କ ପାଇ । ବ୍ରହ୍ମଦତ୍ତ ଥିଲେ, ଜୈନ । ତେଣୁ ଜିନ-ଶ୍ରେଷ୍ଠ ବୁଦ୍ଧଙ୍କ ସ୍ମାରକକୁ ସେ ଆଦର କରି ରଖିଥିଲେ ।

Digitized by srujanika@gmail.com

## ଭାରତର ଧର୍ମ, ଜୈନ ଧର୍ମ ଓ କଳିଂଗ

ଏଠି ଅଳ୍ପରେ କହି ଦେବାର ଅଛି, ଜୈନ ଧର୍ମ ହେଉଛି, ଭାରତର ଦାର୍ଶନିକ ଧର୍ମର ମୂଳ । ବୌଦ୍ଧଧର୍ମ ବୋଲି ଯାହାକୁ କହନ୍ତି, ତା ଏଇ ଜୈନଧର୍ମର ଏକ ସଂସ୍କୃତ ପ୍ରକାଶ । ସମସ୍ତ ଉପନିଷଦ ତଥା ସାଂଖ୍ୟ ବେଦାନ୍ତର ମୂଳ ହେଉଛି, ଜୈନ ଦର୍ଶନ । ସେଇ ଅନୁକ୍ରମେ ଧର୍ମ ହେଉଛି, ସମାଜରେ ବ୍ୟକ୍ତିର କର୍ମ—ସମାଜ ଦୃଷ୍ଟିରେ ବା ବିଶ୍ୱମଂଗଳ ଦୃଷ୍ଟିରେ ବ୍ୟକ୍ତିର କର୍ମ । ସେଇଥିରୁ ସମସ୍ତଙ୍କର ସ୍ୱଧର୍ମ ଓ ସେଇ ଅନୁକ୍ରମେ ରାଜା-ସମ୍ରାଟଙ୍କ ଧର୍ମ । ଏଇ ଧର୍ମ କଳିଂଗରେ ବହୁ ପ୍ରାଚୀନ କାଳରୁ ପ୍ରଚଳିତ ଓ ଅଭ୍ୟସ୍ତ ଧର୍ମ ତଥା ଚଳଣି ଥିଲା । ଖାରବେଳଙ୍କ ଶିଳା ଲେଖରୁ ଜଣାଯାଏ, ତାଙ୍କର ୩୦୦ ବର୍ଷ ପୂର୍ବରୁ ଏଇ କଳିଂଗର ବହୁପ୍ରାଚୀନ ଓ ପ୍ରତିଷ୍ଠିତ କଳିଂଗ ଜିନଙ୍କୁ ମଗଧର ନନ୍ଦରାଜ ବଳାତ୍କାରରେ ଘେନି ଯାଇ ଥିଲେ । ସେଇ ଉପାସ୍ୟ ଜିନଙ୍କୁ ଫେରାଇ ଆଣିବାକୁ ଖାରବେଳଙ୍କୁ ଜାତୀୟ ଜୈନ-ଯାତ୍ରା କରିବାକୁ ପଡ଼ିଥିଲା ।

## ଖାରବେଳ କଅଣ ଥିଲେ ?

ସଂଦେହ ନାଇ, ଖାରବେଳ ଥିଲେ, ଜୈନ । ପୁଣି ସେ ଥିଲେ କଳିଂଗ ସମ୍ରାଟ । ମାତ୍ର ନିଜର ବଂଶ ପରଂପରା ଓ ବଂଶ ଗୌରବ ଘେନି ସେ ବିଶେଷ କିଛି ବଡ଼ାଇ କରିବାର ଜଣାନାଇ । ଏଥିପାଇଁ ପଣ୍ଡିତମାନେ କେତେ ପ୍ରକାର ମତ ଦିଅନ୍ତି ଓ ସେଇ ମତମାନ ଘେନି ବାଣ୍ଟି ହୁଅନ୍ତି । କିଏ କହେ, ସେକାଳେ କଳିଂଗରେ ସମସ୍ତେ, ତଥା ସମ୍ରାଟ୍ ବି, ମାତୃକୁଳୀ ଥିଲେ । ବାପକୁ ଜାଣିବା ବା ବାରିବା କଷ୍ଟ ଥିଲା । ସେଥିପାଇଁ ସେ ପିତୃପରଂପରାହା ସ୍ପଷ୍ଟ କରି କହି ନାହାନ୍ତି । ଏ ଯୁକ୍ତି, ଯୁକ୍ତି ନୁହେ । ଏହା ଯୁକ୍ତିର ଏକ ବିଡ଼ଂବନା । ଏକାଳର ବା ଅନ୍ୟ ସାହିତ୍ୟ ଓ ସଭ୍ୟତାର 'ପର-

Digitized by srujanika@gmail.com

ରଙ୍ଗରେ ଦେଖି ବୁଝି ବସିଲେ ଚିନ୍ତା ଓ ଜ୍ଞାନ, ଏଇପରି ଭ୍ରଷ୍ଟ ହୁଏ । ସେ ଯେବେ ମାତୃକୁଳୀ ଥାନ୍ତେ, ମାତୃକୁଳ ପରଂପରାରେ ଯେବେ ସମାଜ ଚାଲୁଥାନ୍ତା, ତେବେ ସେ କଥା ପ୍ରକାଶ କରିବାରେ କୁଂଠା କରନ୍ତେ କାହିଁ ? ପୁଣି ବାପ ବା ପୂର୍ବାଧିକାରିଙ୍କ ନାମ ବା ନ କହନ୍ତେ କାହିଁ ? ପୁଣି ପିତା ନାମ ସଂପର୍କାଦି ନ ଜାଣିବା ଭଳି ମାତୃକୁଳିତ୍ୱ ସେତେବେଳକୁ କଳିଂଗରେ ଚାଲୁଥିବାର କୌଣସି ପ୍ରମାଣ ମିଳି ନାଇ । ପୁଣି କେହି କେହି କହନ୍ତି, ଖାରବେଳ ନିଜେ ସମ୍ରାଟ୍ ହେବାକୁ ଉଠି ଯାଇଥିଲେ; ମାତ୍ର ତାଙ୍କ ବାପେ, ବଡ଼ ବାପେ ସାଧାରଣ ଲୋକ ଥିଲେ । ଏ କଥାଟି ସଂଭବ । ଜନସାଧାରଣଙ୍କ ନେତାରୂପେ ଖାରବେଳ କଳିଂଗ ଧର୍ମର ସଂକେତ ଘେନି ଆତ୍ମରକ୍ଷା ଓ ଆତ୍ମପ୍ରତିଷ୍ଠାର ପ୍ରତୀକ ପରି ଇତିହାସରେ ଦେଖା ଦେଇଥିଲେ । ଏଇ ଧାରାରେ ଦୃଷ୍ଟି ଦେଲେ ଖାରବେଳଙ୍କୁ ବୁଝିବାରେ ବହୁ ଅସୁବିଧା କଟିଯିବ । ନଚେତ୍, ଆମ ଏବର ଆଗନ୍ତୁକ ସମ୍ରାଟ୍ ଓ ସାମ୍ରାଜ୍ୟ ଧାରଣା ଘେନି ସେକାଳ କଳିଂଗ ସମ୍ରାଟ୍‌ଙ୍କୁ ବୁଝି ବସିଲେ, କାଠ ବଣା ହେବାର ସାର ହେବ ।

## ଅଶୋକଙ୍କ କଳିଂଗ ବିଜୟ

ସମ୍ରାଟ୍ ଅଶୋକ କଳିଂଗକୁ ସେନା ଘେନି ଆସିଥିଲେ, ଜିଣିବାକୁ ଓ ସେ କଳିଂଗକୁ ଜିଣିଥିଲେ ଯେପରି, ତା ସେ ନିଜେ କହିଚନ୍ତି । ସେଥିରେ କଳିଂଗର ଯେ ରକ୍ତପାତ, ଯେ ଲୋକ କ୍ଷୟ ଓ ଯେ ବିତ୍ପାତ ଘଟିଥିଲା, ତା ପୃଥିବୀର ଇତିହାସରେ ବେଶି ଦେଖା ନାଇ । କାହିଁକି ନା, ଅଶୋକ, ଜୈନ୍ ପରଂପରାର ସମ୍ରାଟ୍ ନ ଥିଲେ । ତାଙ୍କ ପିତାମହ ଚନ୍ଦ୍ରଗୁପ୍ତ ଶେଷକୁ ଜୈନ ଯୋଗୀ ରୂପେ ଅନାହାରରେ କୈବଲ୍ୟ ଲାଭ କରିଥିବା କଥା ଘଟଣାରେ ସତ ହେଉ ବା ଆଦର୍ଶରୂପେ କଳ୍ପିତ ହେଉ, କଳିଂଗ ଜେତା

Digitized by srujanika@gmail.com

ଅଶୋକ ଥିଲେ, ଚନ୍ଦ୍ରଗୁପ୍ତ କୌଟିଲ୍ୟଙ୍କ ବ୍ୟବସ୍ଥାଗତ ସମ୍ରାଟ୍ । କିନ୍ତୁ କଳିଂଗରେ କୌଟିଲ୍ୟ ନ ଥିଲେ, କି ତାଙ୍କ ପ୍ରଭାବ ନ ଥିଲା । ଏ ମହା ଲୋକକ୍ଷୟରେ ମର୍ମାହତ ହୋଇ ଅଶୋକ ଶିଳା ଦେହରେ ଏ ଯୁଦ୍ଧ କଥା ଏତେ କରି ଲେଖିଚନ୍ତି । କିନ୍ତୁ ଏଥିରେ କଳିଂଗର ରଜା ବା ସମ୍ରାଟ୍ଙ୍କ ନାମ ଗନ୍ଧ ନାହିଁ । ସେକାଳ ହିନ୍ଦୁ ସମ୍ରାଟ୍ ଅଶୋକଙ୍କୁ ବାଧା ଦେବାରେ କଳିଂଗ ଲୋକେ, ଯେପରିକି ବାଡ଼ିଗାଣିରେ ଲକ୍ଷ ଲକ୍ଷ ପିମ୍ପୁଡ଼ି ପଡ଼ିଯାଇ ଅନ୍ୟ ପାଇଁ ନିଜର ଶରୀରକୁ ଭେଳା କରିବାରେ ଲଗିଲା ପରି ମରିଚନ୍ତି । ଲୋକଙ୍କର ଏଇ ଦୁଃଖ ଦୈନ୍ୟ ଓ ସମୂହ ଆତ୍ମତ୍ୟାଗର କଥା ଏଠା ସେଥିରେ ଦେଖିବାକୁ ମିଳେ । ଏହାରି ପ୍ରଭାବରେ ଅଭିଭୂତ ହୋଇ ଚଣ୍ଡାଶୋକ ହୋଇଯାଇ ଥିଲେ ଧର୍ମାଶୋକ—ସେକାଳ ହିନ୍ଦୁତ୍ୱ ଛାଡ଼ି ସେ ହୋଇ ଯାଇଥିଲେ, ବୌଦ୍ଧ । ସେଇ ଦିନଠାରୁ ସେ ବୁଝିଥିଲେ, ସେ ହୋଇଚନ୍ତି, ଲୋକଙ୍କ ପାଇଁ—ଲୋକେ ତାଙ୍କ ପାଇଁ ନୁହନ୍ତି ।

## ଓଡ଼ିଶାର କୃଷକ ସେନା

ସେବେ କଳିଂଗ ସେନା ନିଜ ନେତାଙ୍କୁ ଧରି ନିଜ ଧର୍ମ ଓ ସଂସ୍କୃତି ରକ୍ଷାରେ ଯୁଦ୍ଧକୁ ବାହାରିଥିଲେ । ଏହାର ସଙ୍କେତ ଏବେ ବି ଓଡ଼ିଶାରେ ସ୍ପଷ୍ଟ । ଓଡ଼ିଆ ଲୋକେ ବି ସବଂଶ ଚିହ୍ନାଇ ହୁଅନ୍ତି, ଜେନା, ସାମନ୍ତ, ରାଉତ, ବିଶ୍ୱାଳ, ମଲ୍ଲିକ, ନାୟକ, ମହାନ୍ତି, ମହାପାତ୍ର ପ୍ରଭୃତି 'ସାଗିଅ' ( ସଙ୍ଘ ବା କୁଟୁମ୍ବ ଅଥବା ଗୋଷ୍ଠୀନାମ ) ରେ । ଏସବୁକୁ ବ୍ୟୁତ୍ପତ୍ତିରେ ପର୍ଯ୍ୟାଲୋଚନା କରିବା କଷ୍ଟ । ନାୟକ, ନାୟକରୁ ପଟ୍ଟନାୟକ ଓ ପାଣ, ପାଣରୁ ମହାପାଣ ପରି ଶବ୍ଦମାନ, ଖୁବ୍‌ସମ୍ଭବ, ପରବର୍ତ୍ତୀକାଳରେ ସଂସ୍କୃତର ମୂଳ ଓ ପ୍ରଭାବ ଧରି ତିଆରି କରା ହୋଇଛି । ଏହା ଛଡ଼ା ପ୍ରାୟ ସବୁ, ମନେ

Digitized by srujanika@gmail.com

ହେଉଛି, କଂଗ୍ର ଦେଶୀ, ଦ୍ରାବିଡ଼ ଓ କଦାଚିତ୍ ନିଷାଦ, ଶବ୍ଦ । ସବୁ ଶବ୍ଦକୁ ସଂସ୍କୃତ ମୂଳରୁ କାଢ଼ିବାର ଅଲଂଘ୍ୟ ନେଶାଇ କେତେକଙ୍କର ଅଛି । ଦୃଷ୍ଟାନ୍ତ ସ୍ୱରୂପ ସେମାନେ, 'ରାଉତ' ଶବ୍ଦର ମୂଳ ଦେଖନ୍ତି, 'ରାଜପୁତ୍ର' ବା ପ୍ରାକୃତ 'ରାଅପୁତ୍' ଶବ୍ଦରେ । କିନ୍ତୁ ଯଥାର୍ଥରେ 'ରାଉତ୍' ହେଉଛି ଗୋଟିଏ ପ୍ରାଚୀନ ଦ୍ରାବିଡ଼ ବା 'ତାମିଲ' ଶବ୍ଦ । ଏହାର ଅର୍ଥ ହେଉଛି, ଘୋଡ଼ାରେ ଚଢ଼ିଥିବା ଲୋକ, ଅଶ୍ୱାରୋହୀ, ସାଦୀ । ସେହିପରି 'ମାହୁଁତ୍' ବା 'ମହନ୍ତ' ବୋଲି ଶବ୍ଦ ଏବେ ବି ଓଡ଼ିଆରେ ଚଳେ । ଏହାର ଅର୍ଥ ହେଉଛି, ଗଜାରୋହୀ, ନିଷାଦୀ । କିଏ ଜାଣେ, ମହାମାତ୍ର ସାଙ୍ଗିଅଛି ସେହି ମୂଳରେ ପ୍ରତିଷ୍ଠିତ ନୁହେଁ । ଏହିପରି ଅନୁସଂଧାନ କଲେ ଜଣାଯିବ, ଏହି ଶବ୍ଦମାନଙ୍କ ଭିତରୁ ପ୍ରାୟ ସବୁ ଗୁଡ଼ିକ ମୂଳତଃ ଅତି ପ୍ରାଚୀନ ଦେଶୀ ଶବ୍ଦ । କେହି କେହି ବା ନୂତନ ସଂସ୍କରଣ ମାତ୍ର ପାଇଛନ୍ତି । ଏଥିରୁ ଜଣାଯାଏ, ଏ ଦେଶରେ ଲୋକେ ଥିଲେ, ସେନା ଓ ସେନା ଥିଲେ, ଲୋକ । ସାମନ୍ତ ହୋଇଲେ, ନେତୃସ୍ଥାନୀୟ ମୁଖ୍ୟ ଲୋକ—ଶିଷ୍ଟ ଓ ବଶିଷ୍ଟ ଲୋକ । ଏହି ସେନା ଓ ସାମନ୍ତଙ୍କର ଥିଲା, ଦେଶ, ରାଜ୍ୟ ବା ସାମ୍ରାଜ୍ୟ । ରାଜା ଓ ସମ୍ରାଟ, ସମୂହଗତ ଧର୍ମ ବା କର୍ତ୍ତବ୍ୟ ପରଂପରାରେ ଏହି ସାମନ୍ତମାନଙ୍କ ମତ ଓ ପରାମର୍ଶରେ ଦେଶ ଓ ସମାଜକୁ ଚଳାଉ ଥିଲେ । ଅଶୋକଙ୍କ ଯୁଦ୍ଧରେ ଏହି 'ସାମନ୍ତଚକ୍ର' ଜନତାକୁ ଧରି ବାଧା ଦେଇଥିଲେ । ରାଜା ବା ସମ୍ରାଟ ହୁଏତ ଥିଲେ । ମାତ୍ର ସେ ଥିଲେ, ନିମିତ୍ତ ମାତ୍ର ।

## ସାମନ୍ତ ଓ ସେନା

'ପରଚଣ୍ଡୁ'ରେ ଦେଖିବା କଥା କହୁଥିଲି । ଓଡ଼ିଆ ପରଂପରାଗତ ସମାଜର ଏହି 'ସାମନ୍ତ' ଓ 'ସେନ'ାକୁ ଠିକ୍ ବୁଝି ନ ପାରି ଏବେ ଅନେକେ ତାଙ୍କୁ ଇଂଲଣ୍ଡ ପ୍ରଭୃତିର ସେକାଳ ଲର୍ଡ (Lord)

Digitized by srujanika@gmail.com

ଓ ସର୍ଫ (Serf) ଭଳି ବୋଲି ମନେ କରନ୍ତି । କିନ୍ତୁ ଏପରି ଦେଖି ପୃଥିବୀର ସବୁଠା ସମାଜକୁ ସମାନ ମନେ କରିବା ଠିକ୍ ନୁହେଁ । ପରଂପରା ଶୁଣି ନୀରସ ହୋଇ ଯାଇଥିଲାବେଳେ ବି ଆମ ରାଜା-ଜାମୀମାନେ ବ୍ରାହ୍ମଣଙ୍କ ଭିତରେ ସମାଜ ମୁଖ୍ୟ ତିଆରି କଲା-ବେଳେ ତାଙ୍କ ନାମ ଦେଇଛନ୍ତି, ‘ସାମନ୍ତ’ । ସଂସ୍କୃତ ରୀତି ଧରି ଅନେକେ ଏହାର ଅର୍ଥ ଓ ବ୍ୟାପ୍ତି କିଛି ବୁଝି ପାରନ୍ତି ନାହିଁ । ପୁଣି ସାଙ୍ଗିଆ ଭିତରେ ‘ରଥ’ (ବ୍ରାହ୍ମଣ), ମହାନ୍ତି ( ବ୍ରାହ୍ମଣ, କରଣ, ଖଣ୍ଡାୟତ ), ରାଉତ, ବାହୁବଳ ( ଖଣ୍ଡାୟତ, ଚଷା ), ଓ ପାଇକରା, ପାଟେଖରା, ପରିଜା ( ଚଷା, ଶୁଧ ବା ଶୁଦ୍ର ) ପ୍ରଭୃତିରେ ରଥ, ମହନ୍ତ ( ହସ୍ତୀ-ସେନା ), ରାଉତ ( ଅଶ୍ୱ-ସେନା ), ପାଇକ (ପଦାତିକ) —ଏଇ ଚତୁରଙ୍ଗ ସେନାର ଛାଇ ମଧ୍ୟ ଏ ଦେଶରେ ଗୋଟିଏ ଖୁବ୍ ଲକ୍ଷ୍ୟ କରିବାର ଜିନିଷ । ଏଇ ସାମନ୍ତ ଓ ସେନା ବା ଜନମୁଖ୍ୟ ଓ ଜନସାଧାରଣଙ୍କୁ ଯେନି ଏ ଦେଶର ସମାଜରେ କିପରି ଜନ-ମୈତ୍ରୀ ଓ ସ୍ୱାଧୀନ ଲୋକଶାସନ ଚାଲୁଥିଲା, ଚଳଣି ଓ ପରଂପରାର ସଂକେତରୁ ତା ଏବେ ଟିକିଏ ଦେଖାଯାଉ ।

## ଆମ ଭୋଜୀ ଓ କାଂଗାଳ ଭୋଜନ

ଏଇ ଚଳଣିର ସୂଚନା ଦେଖାଇ ଦେବାପାଇଁ ନିଜ ଅନୁଭବରୁ ଗୋଟିଏ କଥା କହୁଛି । ଏ ୧୯୨୬ ମସିହା ମାର୍ଚ୍ଚମାସ କଥା । ଦିଲ୍ଲୀରେ କେନ୍ଦ୍ର ବ୍ୟବସ୍ଥାସଭାର ବଜେଟ୍ ବୈଠକ ଚାଲିଥାଏ । ପୁଅର ବ୍ରତୋପନୟନ ପାଇଁ ମୋଟେ ୨।୩ ଦିନ ଗ୍ରାମକୁ ଆସିବାକୁ ପଡ଼ିଥିଲା । ବ୍ୟବସ୍ଥା-ସଭାର ବନ୍ଧୁମାନେ ଏହା ଜାଣି ଥିଲେ । ଫେରିବା ପରେ ଜଣେ ଗୋରା ଇଂରେଜ ବନ୍ଧୁ ମତେ ଅଭିବାଦନ ଜଣାଇ ଖୁସିରେ ପଚାରିଲେ, ପଣ୍ଡିତେ, ତମେ ବହୁତ କାଙ୍ଗାଳଙ୍କୁ ଭୋଜନ ଦେଇଥିବ ( Pandit, “You must have

Digitized by srujanika@gmail.com

fed lots of poor people”) । ମୁଁ ଏହା ଶୁଣି ଚମକି ପଡ଼ିଲି । ବୁଝାଇ କହି କହିଲି, ‘ସାହେବ, କାଙ୍ଗାଳ ଭୋଜନ ଆମର ସାମାଜିକ କର୍ମ ନୁହେଁ । ତା, ହୁଏତ, ଏବର ଅମଦାନୀ । ଆମେ ଖୁଆଉ, ନିମନ୍ତ୍ରିତ ବ୍ୟକ୍ତିଙ୍କୁ—ଅତିଥିଙ୍କୁ । କ୍ରମେ ପ୍ରସଙ୍ଗ କ୍ରମେ ମୁଁ ବୁଝାଇ ଗଲି—ଆମ ଭୋଜିରେ ଗରିବ ଥାଆନ୍ତି, ଧନୀ ଥାଆନ୍ତି; ପୁଣି ଆମର ଭୋଜନରେ ଜାତିଭେଦ ହେଉଚି ଗୋଟିଏ ଅଙ୍କୁର । ସେଥିରେ ଆମ ନିମନ୍ତ୍ରିତଙ୍କ ଭିତରେ ପୁରୋହିତ ଓ ବହୁସଂମାନିତ ବିଦ୍ୟାବିନୟସମ୍ପନ୍ନ ବ୍ରାହ୍ମଣଠାରୁ, ହୁଏତ ପୂର୍ବେ କୁକ୍କୁର ମାଂସ ରାନ୍ଧି ଖାଉଥିବା ‘ଶ୍ୱପାକ’ ବା ‘ବାଇଦକରଅ’ ଜାତି ପର୍ଯ୍ୟନ୍ତ ସମସ୍ତେ ଥାଆନ୍ତି । କିନ୍ତୁ ସେ ସମସ୍ତେ ଆମର ଅତିଥି । ସମସ୍ତଙ୍କୁ ଖାଇବାକୁ ଦେଇ ନ ସାରିବାଯାଏ ଗୃହସ୍ଥ ଅଭଥେସ୍ତ ଉପବାସୀ ଥାଏ । ସାମାଜିକ ବୈଠକରେ ଯେଉଁ ସ୍ଥାନରେ ତାକୁ ଚର୍ଚ୍ଚା କରାଯାଏ ସତ, ମାତ୍ର ଆମ ଭୋଜିରେ କାଙ୍ଗାଳ ଚେନ୍ହ ନୁହେଁ । ରନ୍ଧା ବଢ଼ାରେ ଯାହାର ପ୍ରତି ଅବହେଳା ବା ଅନାଦର ନାହିଁ, କିମ୍ବା ଅନିମନ୍ତ୍ରିତ ଭଳି ତାହାର ପ୍ରତି ବ୍ୟବହାର କରାଯାଏ ନାହିଁ । ସାହେବଟି ଏକଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ମାତ୍ର ଏବର ଅମଦାନୀ ମହାପୁରୁଷଙ୍କ ଶ୍ରାଦ୍ଧରେ ତଥା ବୈଷ୍ଣବ ମଠପତି ପ୍ରଭୃତିଙ୍କ ‘କାଙ୍ଗାଳ ଭୋଜନ’ ଯେ ଯଥାର୍ଥରେ ଓଡ଼ିଶାରେ ଅଗନ୍ତୁକ ଅନୁଷ୍ଠାନ, ଏହା ସମ୍ଭବେ ବୁଝି ପାରୁଥିବେ । ଏଥିରେ ଦେବା ଓ ଖାଇବା ଭିତରେ ଦର୍ପ ଓ ଦୈନ୍ୟର ସମ୍ପର୍କ, ଦେବାରେ ପୁଣ୍ୟ ନାହିଁ, କି ଖାଇବାରେ ଗୌରବ ନାହିଁ । ଜଗନ୍ନାଥଙ୍କ ସାମ୍ୟଧର୍ମ ଏଥିରୁ ଭିନ୍ନ । ତା ଅଛି, ଆମ ଭୋଜିର ଅତିଥି ସେବାରେ । ଓଡ଼ିଆର ଗାର୍ହସ୍ଥ୍ୟ ଧର୍ମ ସଙ୍ଗେ ଏ ଅତିଥି ସେବା, ସମାଜର ମେରୁଦଣ୍ଡରୂପେ ଏବେ ବି ଜୀବିତ ଅଛି । ପଣ୍ଡାଙ୍କ ଅତିଥି ସେବା ସମ୍ପର୍କରେ ଯାହା

Digitized by srujanika@gmail.com

ଲୁହାଯାଇଛି, ତାକୁ ମଧ୍ୟ ଏଥିସଂଗେ ମିଶାଇ ନେବାକୁ ହେବ । ଦେଖିବାକୁ ହେବ, ଓଡ଼ିଆର ଜୀବନ ସଂକେତ ହେଉଛି ଜଗନ୍ନାଥଙ୍କ ମୈତ୍ରୀ ଓ ସ୍ୱୟଂ ଜଗନ୍ନାଥ ।

—o—

## ଦ୍ୱିତୀୟ ଅଧ୍ୟାୟ

## କଥା କିଂବଦନ୍ତୀ ପ୍ରଭୃତିର ସଂକେତ

### ଲୋକ ସାହିତ୍ୟର କ୍ଷେତ୍ର

ସମାଜର ଚଳଣି ଦେଖାଇବା ପାଇଁ ଏପରି ଦୃଷ୍ଟାନ୍ତ ବହୁତ ଦିଆଯାଇପାରେ । ଆମ ଗାର୍ହସ୍ଥ୍ୟ ଜୀବନ ମଧ୍ୟ ଏଥି ସଂଗେ ଈଶ୍ୱରଙ୍କୁ ଆଣିବାର କଥା । ଏବେ ବି ଆମ ମାଇପେ ଗୁରୁବାର-ଲକ୍ଷ୍ମୀ ପୂଜାରେ, ଲକ୍ଷ୍ମୀଙ୍କୁ କୋଡ଼ ମେଲେଇ କୋଡ଼ମେଲ ଭରି ଧାନ ମୁଗ ମାଗିଲାବେଳେ କଉ ପୁଅଙ୍କର ବୋଇତ ବଣିଜଠାରୁ ପୁଅ ଝିଅଙ୍କର ଯେ ସୌହାର୍ଦ୍ଦ୍ୟ ଓ ଶୁଭକାମନା କରନ୍ତି, ତାର ଛନ୍ଦେ ଛନ୍ଦେ ଜାତୀୟ ଲୋକସାହିତ୍ୟର ପରିଚୟ ମିଳେ । କିନ୍ତୁ ସେ ସବୁ ସାର କାଢ଼ି ମାପି ଦେଖିବା ଏବେ ସହଜ ବା ସଂଭବ ନୁହେଁ । ପ୍ରଧାନ କାରଣ ହେଉଛି, ସେ ସବୁ ପ୍ରକାଶିତ ହୋଇନାହିଁ । ପୁଣି ସାରଳାଦାସ ବା ସେଇଭଳି ଭକ୍ତଙ୍କ ଛଡ଼ା ଅନ୍ୟ କାହାରି ଲିଖିତ ସାହିତ୍ୟରେ ତାର ବିଶେଷ ଆଭାସ ମିଳେ ନାହିଁ ।

### ଧର୍ମ ସାହିତ୍ୟ ଓ କାବ୍ୟ ସାହିତ୍ୟ

ପଞ୍ଚସଖାଙ୍କ ଠାରୁ ଆମ ସାହିତ୍ୟ ହେଉଛି, ଧର୍ମ ସାହିତ୍ୟ, ନ ହେଲେ ଭାବକାନ୍ତ ଅତି କୃତ୍ରିମ କାବ୍ୟ ସାହିତ୍ୟ । ସାମନ୍ତ ସିଂହାରଙ୍କ 'କାନନରେ କୃଷ୍ଣ ବିଲମ୍ବିତ' ହେବାବେଳେ ଯଶୋଦାଙ୍କର ବାତ୍ସଲ୍ୟ-ଶୋକ ପ୍ରକାଶ ପାଇଛି । କିନ୍ତୁ ସେଥିରେ ଯଥାର୍ଥ ମା' କେତେ ଓ ପ୍ରଭୁଭକ୍ତ ଲେଖକର ଅତିକାବ୍ୟ କଳ୍ପନା କେତେ



Digitized by srujanika@gmail.com

ତା ଭାବ ଦେଖାଇବା ସଂଭବ ହେଲେହେଁ, ସମସ୍ତଙ୍କ ପକ୍ଷରେ ହୃଦୟଙ୍ଗ ସଂଗତ ନୁହେଁ । 'କର୍ଣ୍ଣେ ନନ୍ଦ ସୁତ ହେବା ଶୁଣି', 'କଳା-କର-ମୁଖୀ ଗୋପୀ'ଏ ଯାହାହେଲେ, ତା ପରେ ଯମୁନା କୂଳେ କୃଷ୍ଣଙ୍କ ବଂଶୀସ୍ୱନ ଶୁଣି ଗୋପଯୁବତୀଏ ଯେପରି ଉଦ୍ଭ୍ରାନ୍ତ ହେଉଥିଲେ, ତା ସବୁ କୌଣସି ସମାଜର ସାଧାରଣ ସ୍ୱାଭାବିକ ଦୋଗୁଣୀଙ୍କଠାରେ ଦେଖାଯାଏ ବୋଲି କୁହାଯାଇ ପାରିବ ନାହିଁ । ଉତ୍ତର ଭାରତରେ ମାଇପେ କୂଳରେ ଲୁଗା ଥୋଇ ନଦୀରେ ଗାଧୁଅନ୍ତି । ମାତ୍ର ଓଡ଼ିଶାରେ ତା ନାହିଁ । ପୁଣି ସେଇ ଉତ୍ତର ଭାରତରେ ମଧ୍ୟ କୃଷ୍ଣ ଯେପରି ବସ୍ତ୍ର ହରଣ କରି କଦମ୍ବ ଗଛ ଉପରେ ବସି ଯୁବତୀଙ୍କର କରପୁଟରେ ବସ୍ତ୍ର ପ୍ରାର୍ଥନା ଲୋଡ଼ିଥିଲେ, ତା କୌଣସି ସମାଜର ସ୍ୱାଭାବିକ ଚିତ୍ର ନୁହେଁ, ହୋଇ ନ ପାରେ । ପୁଣି କାବ୍ୟ ସାହିତ୍ୟରେ ଦେଖ । ଉଦାହରଣ ସ୍ୱରୂପ, 'ରହଃସ୍ଥାନ ନିକଟରୁ ସହଜେ ଚଳୁ' ବୋଲି ସଖୀମାନେ ଝିଙ୍କି ଭିଡ଼ ଲବଣ୍ୟବତୀଙ୍କୁ କେଳି ମନ୍ଦିରରେ ପୁରାଇବା, କେଳି ମନ୍ଦିର ଭିତରେ ବ୍ରୀଡ଼ା, ମାନ ଓ ଗୃଧ୍ନୁ ପ୍ରଭୃତିର ଅଭିନୟ, ଓ 'କେଳିସଦନ ବାହୁଡ଼ା ପଥଦୂତୀ' 'ସୁଠକଶୀ'ର ହାବ ଭାବ ଗତି ସଂକେତାଦ ବର୍ଣ୍ଣନାରେ ହୃଦୟ ଖୋଜିଲେ ମାନବିକତା ସଂଗେ ସଂଭବତଃ କିଛି ଓଡ଼ିଅତ୍ୱ ଥାଇପାରେ । ମାତ୍ର ଅତ୍ୟନ୍ତ ଗୋପ୍ୟର ପ୍ରକାଶ ଭିତରେ ସେ ସବୁର କ୍ଷୀଣ ସ୍ପନ୍ଦନକୁ ଠିକ୍ ଜାତୀୟ ସାହିତ୍ୟ ବୋଲି କହିହେବ ନାହିଁ । ପୁଣି ସଂଗେ ସଂଗେ ବନ ବିହାରଠାରୁ ଜଳକେଳି ଯାଏ ବେଶରଚନାଠାରୁ ରତି ଲେଖାଯାଏ କ୍ରମାପି ସାହିତ୍ୟର ଗତି ସ୍ୱାଭାବିକ ନୁହେଁ —ଅଳଂକାରର ଅତି କୃତ୍ରିମତା ଭିତରେ କଥୋପକଥନର ଅନ୍ତର୍ଲିପି ବହୁଳପି ଓ 'ବୋଲନ୍ତି ଗୋମନ୍ଦ-ଛନ୍ଦେ ହସ ହସ ହୋଇ' ଭଳି କାବ୍ୟ ଭିତରୁ ଜାତିକୁ କାଢ଼ି ଦେଖାଇବା ଯେପରି କଷ୍ଟ, ଦେଖିବା ବି ସେଇ ପରି

Digitized by srujanika@gmail.com

ହୁଏତ । ବାସ୍ତବରେ ଏ ଯେଉଁ କାଳର ସାହିତ୍ୟ, ସେତେବେଳେ ଯଥାର୍ଥ ଓଡ଼ିଆ ବୋଲି ଗର୍ବ ଓ ଗୌରବ କରିବାର କଣ ଥିଲା ? ତା ବାହି ଦେଖାଇବା ଦୁର୍ଘଟ । ତେବେଲେହେଁ ଭକ୍ତି ଧର୍ମର ନିତ୍ୟ-ଉପାଦାନରୂପେ ମନାଇବାର ଦୌରାତ୍ମ୍ୟ ଓ ଭେଦ ଦୃଷ୍ଟି ଭିତରେ ମୈତ୍ରୀଦେବ ଜଗନ୍ନାଥଙ୍କ ସତ୍ତା, କାବ୍ୟର କୃତ୍ରିମତା ତଥା ଗତାନୁଗତିକ ଅଳଂକାର ଭିତରେ ଓଡ଼ିଆର ବ୍ୟକ୍ତି କର୍ମରେ ଜାତ ବା ପର୍ଯ୍ୟସ୍ତ ସମାଜ ଦୃଷ୍ଟି ଓ ତଦ୍‌ଗତ ସଂଯମ ଶୃଙ୍ଖଳାବଳି ଜାତୀୟ ଲକ୍ଷଣ ସବୁ ଏଠା ଦେଖିବାର ଜିନିଷ ।

## ସାରଳାଦାସ ଓ ପଞ୍ଚସଖା

ସାରଳା ଦାସରେ ଜାତୀୟ ସାହିତ୍ୟର ସ୍ୱାଧୀନ ଓ ପ୍ରଚୁର ପ୍ରକାଶ ଯେପରି ସ୍ୱଚ୍ଛନ୍ଦ ଓ ସ୍ୱାଦ୍ୟ, ପଞ୍ଚସଖାଙ୍କ ସାହିତ୍ୟରେ ଆତ୍ମରକ୍ଷାର ଦୁର୍ବଳ ପ୍ରଚେଷ୍ଟା ସେହିପରି ଗୌଣତ୍ୱ-କ୍ଲିଷ୍ଟ ଓ ପୀଡ଼ାଦାୟକ । ଏ ଦୁହିଁଙ୍କ ସାମଂଜସ୍ୟରେ ଉଠିବ ଯେଉଁ ପୃଷ୍ଠପଟ ତା ଉପରେ ପୁଣି ଏକ ପୂର୍ଣ୍ଣ ସର୍ବାଙ୍ଗୀନ ଓଡ଼ିଶାର ଜୀବନ ଓ ସାହିତ୍ୟ ଚିତ୍ର ଫୁଟାଇବାକୁ ହେବ । ତଥାପି ସେହି ସାରଳା ଦାସ ଓ ପଞ୍ଚସଖାଙ୍କୁ ବୁଝିବାକୁ ହେଲେ ଇତିହାସର ପ୍ରତିଲୋମରେ ଅନ୍ତର ଗତି କରିବା ଦରକାର । ଉଦାହରଣ ସ୍ୱରୂପ, ସାରଳାଙ୍କ ମହାଭାରତରେ କୃଷ୍ଣ ଯେ, ଜଗନ୍ନାଥ ସେହି, ବୋଲି ସାରଳା ବାରମ୍ବାର ଦର୍ଶାଇଛନ୍ତି । ଏଣେ ପୁଣି ପୁରୀର ଜଗନ୍ନାଥ, ଭକ୍ତଙ୍କର ଯେତେ ଓ ଯେତେ ଆକାରେ କୃଷ୍ଣ ହୋଇଥିଲେ ମଧ୍ୟ, ଓଡ଼ିଶାରେ ଲୋକଙ୍କର ସେ ଏବେ ବି କୃଷ୍ଣ ନୁହନ୍ତି । ଜଗନ୍ନାଥ-ଭକ୍ତର ମାଳୀ ଭଳକ ନାହିଁ ବା ହୋଇ ଯୌବନ ନାହିଁ; ଜଗନ୍ନାଥ-ଭକ୍ତର ଏବେ ବି ପରକୀୟା ନାହିଁ, ବା ଦେବଦାସୀ,ଜଗନ୍ନାଥରେ ପଶି ମଧ୍ୟ ପଶି ପାରି ନାହାନ୍ତି ।

Digitized by srujanika@gmail.com

ତଥାପି ସାରଳା ଦାସଙ୍କର ଗ୍ରନ୍ଥ ପାଞ୍ଚଶହ ବର୍ଷ ପୂର୍ବରୁ ପଦ୍ମପୁରାଣର ଉତ୍କଳ ଖଣ୍ଡରେ ସୁଭଦ୍ରାଙ୍କ ସଂବନ୍ଧରେ ଲେଖା ଅଛି,

"ତସ୍ୟ ଶକ୍ତିସ୍ୱରୂପେୟଂ
ଭଗିନୀ ସ୍ତ୍ରୀ-ପ୍ରବର୍ତ୍ତିକା"

(୧୯ଶ ଅଧ୍ୟାୟ ୧୭ଶ ଶ୍ଳୋକ)

ଏହାର ଅର୍ଥ ହେଉଛି, ସୁଭଦ୍ରା ହେଉଛନ୍ତି ଜଗନ୍ନାଥ ରୂପୀ କୃଷ୍ଣ ବାସୁଦେବଙ୍କ ଶକ୍ତି ଓ ଭଗିନୀ ନହେଲେହେଁ ସେ ତାଙ୍କର ସ୍ତ୍ରୀ ବା ଭାର୍ଯ୍ୟା । ଏହା ଓ ଏଇ ଭଳି ଲେଖାମାନ ଓଡ଼ିଆଙ୍କର ନୁହେଁ । କାରଣ, ସ୍ତ୍ରୀ କଥାଟି ଓଡ଼ିଆରେ ଭାର୍ଯ୍ୟା ଅର୍ଥରେ ବ୍ୟବହାର କରାଯାଏ ନାହିଁ । ଏହା ସୁସ୍ପଷ୍ଟତଃ କୌଣସି ବଙ୍ଗଭାଷାଭାଷୀଙ୍କ ଲେଖା । ପଞ୍ଚସଖା ଏଇ ବଙ୍ଗାଳୀ ରାଧାକୃଷ୍ଣ ଓ ପରକୀୟା ଧର୍ମରୁ ଆତ୍ମରକ୍ଷା କରିବାରେ ଏକ ପ୍ରକାର ଷଡ଼ଯନ୍ତ୍ର । ହେଲେହେଁ ସାରଳା ଦାସଙ୍କ ବେଳକୁ ଏଇ ଭକ୍ତି ଧର୍ମ ଓଡ଼ିଆ ଶିଷ୍ଟଙ୍କ ଭିତରେ ଅନେକଙ୍କୁ ଗ୍ରାସ କରି ସାରିଥିଲା, ଓ ତାହାର ଦେବୀ ପଥ ସାରଳା ଦାସଙ୍କୁ କମ ପ୍ରଭାବିତ କରି ନ ଥିଲେ ।

## ପ୍ରଭାବ ଭିତରେ ମୂଳ ଦେଖିବାକୁ ହେବ

ତେଣୁ ଏ ସମସ୍ତ ପ୍ରଭାବ ତଥା ଅପପ୍ରଭାବ ଭିତରେ ଜଗନ୍ନାଥ-ଧର୍ମୀ ଓଡ଼ିଆର ଯଥାର୍ଥ ମୌଳିକ ଓ ବିଶୁଦ୍ଧ ସାହିତ୍ୟ ପୀଠ ଦେଖିବାକୁ ହେଲେ, ପରଂପରା ତଥା ବସ୍ତୁ ସଂସ୍କାରର ଆବରଣ ଫେଡ଼ାଇ ଦେଖିବାର କଥା । ସାରଳା ଦାସ ପ୍ରଭୃତିଙ୍କୁ ସେନା ପରବର୍ତ୍ତୀ ପରାଧୀନ ଓଡ଼ିଶାର କୁଣ୍ଠିତ ସାହିତ୍ୟରେ ମୌଳିକ ଓଡ଼ିଆ ଜୀବନର ସଂକେତ ଖୋଜିଲେ ମିଳିବ ସତ, ମାତ୍ର ସେ ସବୁ ଖୋଜିବା ପୂର୍ବରୁ ମତଂପରାଗତ କଥା, କିଂବଦନ୍ତୀ ଫେଡ଼ି, ଦରକାର ହେଲେ ଇତିହାସ ଓ ଦଳିଲ ସଂଗେ ତା ମିଳାଇ ନେଇ

Digitized by srujanika@gmail.com

ସାହିତ୍ୟ ସ୍ୱରୂପର ସଂକେତ ଅଗ ଧରି ରଖିବା ଦରକାର । ଏ ସବୁରେ ପରଂପରାର କଥା ଓ କିଂବଦନ୍ତୀ ବଡ଼ କାମ ଦିଏ ।

## ହାତୀ ସୁନା କଳସ ଢାଳିବା କଥା

ଉଦାହରଣ ସ୍ୱରୂପ, ଦେଖ, 'ହାତୀ ସୁନା କଳସ ଢାଳିବା' କଥା । ଏହା ଓଡ଼ିଶାରେ ଦୀର୍ଘ କାଳର ପରଂପରାରେ ଚଳି ଆସିଛି । ଏବେ ବି ଆମ ଜନଶ୍ରୁତିରେ ଏହା ଗୋଟିଏ ଜୀବନ୍ତ ଓ ସ୍ମାରକ ପ୍ରବଚନ । ଏହା ଆମ ଗ୍ରାମ ମାନଙ୍କରେ ଗୋଟିଏ ସାଧାରଣ କଥା । ଏଥିରେ ଭକ୍ତିର ଦୈନ୍ୟ ବା ଆତ୍ମ-ସମର୍ପଣ ଆଦୌ ନାହିଁ । ଜଗନ୍ନାଥ ଧର୍ମୀ ସ୍ୱାଧୀନ ସାମାଜିକ ମାନବର ଶକ୍ତି ଏଥିରେ ସ୍ପଷ୍ଟ । ଏ କଥାଟିର ଅର୍ଥ ଓ ଇତିହାସରେ ଏହାର କାହିଁକି ଚଳଣି ଧାରା ଦେଖିଲେ, ଓଡ଼ିଆ ଜୀବନ କେତେକ ବୁଝି ହେବ ଓ ଓଡ଼ିଆ ସାହିତ୍ୟର ମୂଳ ସ୍ୱରୂପ ଦେଖିବାରେ ଖୁବ୍ ସୁବିଧା ହେବ।

## କଥାଟିରୁ ଏବେ କଣ ବୁଝନ୍ତି ?

'ହାତୀ ସୁନା କଳସ ଢାଳିବା' ବୋଇଲେ ଲୋକେ ଏବେ ବୁଝନ୍ତି ରାଜାଙ୍କର ପୁଅ ବା ସେହି ପରି କେହି ଉତ୍ତରାଧିକାରୀ ନ ଥିଲେ, ପାଟ, ମନ୍ତ୍ରୀ, ସାମନ୍ତ ଓ ସେନାପତି ପ୍ରଭୃତି ବସି ପୂର୍ବ ରାଜାଙ୍କ ପାଟ ହାତୀକୁ ପାଣିଭରା ସୁନା କଳସ ଦେଇ ଛାଡ଼ି ଦିଅନ୍ତି । ସେ ହାତୀଟି ନିଜ ଇଚ୍ଛାଓ ଆହାରରେ ସେ କଳସଟି ଧରି ବୁଲି ବୁଲି ଯା ଉପରେ ତା ଢାଳି ଦିଏ, ସେ ହୁଏ ରାଜା । ସେ ଆସି ସିଂହାସନରେ ବସି ଆଦେଶ ଦେଲେ ପୂର୍ବ ରାଜାଙ୍କ ଶବ ଦାହ ହୁଏ । ଏଇଥିପାଇଁ କେତେବେଳେ ଶବଦାହ କ୍ରିୟା ପାଞ୍ଚ ସାତ ଦିନ ପର୍ଯ୍ୟନ୍ତ ବନ୍ଦ ରହେ । ଶବକୁ ସେଥି ପାଇଁ 'ତେଲକା ପଡ଼ା' କରି ରଖନ୍ତି, ଅର୍ଥାତ୍, ଶବ ଦେହରେ ଲୁଗା ଗୁଡ଼ାଇ ତାକୁ

Digitized by srujanika@gmail.com

ଗୋଟିଏ ଚେଲଭସ୍ମ ଢଙ୍ଗରେ ବୁଝାଇ ଦିଅନ୍ତି । ଏଣୁ ରାଷ୍ଟ୍ରର ଅର୍ଥ ହେଉଛି, ରଜା, ରାଜ୍ୟର ଗୋଟିଏ ସଂକେତ — ସେ ଗୋଟିଏ ବ୍ୟକ୍ତି ନୁହେଁ । ରାଜା ମରି ଯାଇପାରେ । କିନ୍ତୁ ରାଜ୍ୟର ଶୃଙ୍ଖଳା ଓ ଶାସନ ସଂକେତ ମରିବାର ନୁହେଁ । ସେ ଚିରନ୍ତନ ।

## କଥାଟିର ଯଥାର୍ଥ ଅର୍ଥ-ବ୍ୟାପ୍ତି—'ମହାସାମନ୍ତ ଚକ୍ର'

ମାତ୍ର ହାତୀ ଘୁଞ୍ଚାଇଲେ ଟାଳିବା'ର ଯଥାର୍ଥ ଅର୍ଥ ନୁହେଁ ଯେ, ହାତୀ ନିଜେ ନିଜେ ଯାଇ ଅବସ୍ଥାନ ବାଛି ଉପରେ ମାଟିଥିବା ପାଣି ଅଞ୍ଜଳି ନେଇ ଢାଳି ନିଥାଉଥ ହାରରେ ଟେକି ପିଠିରେ ବସାଇ ସେହି ଅସ୍ଥ ସିଂହାସନରେ ଥୋଇ ଦେଉଥିଲା । କଥାଟି ହେଉଛି, ରାଜା ବା ସମ୍ରାଟ୍ ସର୍ବଦା ଗୋଟିଏ ପରିଷଦ ଯୋଗେ ଶାସନ କରୁଥିଲେ । ସେନାପତି ଓ ମନ୍ତ୍ରୀମାନେ ହେଉଛନ୍ତି, ଏହି ପରିଷଦ । ଏହି ପରିଷଦକୁ ପରାମର୍ଶ ଦେବାପାଇଁ ପୁଣି ଥିଲେ, ଗ୍ରାମଣି ବା ପ୍ରଜାମୁଖ୍ୟମାନେ । ଏ ସମସ୍ତେ ବସୁଥିଲେ । ପୂର୍ବେ ଗ୍ରାମଶାସନ ପ୍ରଥା ସଂବନ୍ଧରେ ଲେଖା-ପ୍ରମାଣ ଯାହା ମିଳି ଯାଉଛି, ସେଇ ପଦ୍ଧତିର ଏହି ବସ୍ତୁଲୋକେ ଗ୍ରାମମାନଙ୍କୁ ନେଇ ଯାଏ ସର୍ବତ୍ର ଲୋକଶାସନ ଚଳାଉ ଥିଲେ । ଏହି ବସ୍ତୁଲୋକଙ୍କ ପରିଷଦଟିର ନାମ ଥିଲା, 'ସାମନ୍ତ ଚକ୍ର' । ଏହା ଏବର ମନ୍ତ୍ରୀସଙ୍ଘ ବା କ୍ୟାବିନେଟ୍ (Cabinet) ପରି । ପରାମର୍ଶ ଦାତାଙ୍କୁ ନେଇ ଏହି ସାମନ୍ତ ଚକ୍ରର ନାମ ଥିଲା 'ମହାସାମନ୍ତ-ଚକ୍ର' । ଏହାକୁ ଏବର ବ୍ୟବସ୍ଥା ସଭା ବା ପାର୍ଲିମେଣ୍ଟ ସଂଗେ ତୁଳନା କରାଯାଇପାରେ । ଦରକାର ପଡ଼ିଲେ ଏହି 'ମହାସାମନ୍ତ-ଚକ୍ର' ବସି ନୂଆ ରଜା ବା ସମ୍ରାଟ୍ ସ୍ଥିର ବା ଠିକ୍

Digitized by srujanika@gmail.com

କରୁଥିଲେ । ଏଇପରି ସେମାନେ ଯାହାଙ୍କୁ ବାଛୁଥିଲେ, ପାଟ ହାତୀ ବା ମୁଖ୍ୟହାତୀ ହାତେ ତାର ମୁଣ୍ଡରେ ପୁଷ୍ପ କଳସ ଢଳାଇ ତାଙ୍କୁ ଅଣି ସିଂହାସନରେ ବସାଉଥିଲେ, କିଂବା ସିଂହାସନରେ ବସାଇ ଅଭିଷେକରେ ହାତୀ ହାତେ ପୁଷ୍ପକଳସ ଢଳାଉଥିଲେ । ଏହି ପ୍ରକାରରେ ଲୋକଙ୍କ ସ୍ୱରାଜ୍ୟ ବା ସାମ୍ରାଜ୍ୟ ଲୋକେ କରୁଥିଲେ ।

## ନିର୍ବାଚନ ଓ ମହାଜନ

ଏବେ ବାଛିବା ବା ନିର୍ବାଚନ କଥାଟି ଶୁଣିଲେ, ଲୋକେ ବୁଝନ୍ତି ଭୁଟ୍ଟଥିବେ, ମୁଣ୍ଡ ଗଣତିର ଫଳାଫଳ । ଏ ମୁଣ୍ଡ ଗଣତିରେ ପୁଣି କେହୁ କାହା ମତ ଜାଣିବେ ନାଇ । ମାତ୍ର ମୁଣ୍ଡ ଗଣତିର ଶ୍ରେଷ୍ଠରେ ଯେତେବେଳେ ଏ ବସ୍ତୁ ବସ୍ତୁ ହେଉ ନ ଥିଲା । (୧) ଅଧିକାର ଓ ଭୋଗ ଛଡ଼ାଇବାରେ ସମାଜକୁ ନିତ ନୂଆ ଭରିବାର ପ୍ରଚେଷ୍ଟାରେ ଯେ ନିର୍ବାଚନ—(୨)ଧର୍ମ, ଅର୍ଥାତ୍, ସାମାଜିକ ମାନବର ବ୍ୟକ୍ତି-କର୍ମ, ଅଥବା, ସମାଜ କଲ୍ୟାଣରେ ନିଜ ବ୍ୟକ୍ତିତ୍ୱର ସାର୍ଥକତା ଦେଖିବାରେ ବ୍ୟକ୍ତିର ଯେଉଁ କର୍ମ, ସେଥିରେ ଯେ ନିର୍ବାଚନ—ଏ ଦୁଇଟିର ପ୍ରକୃତି ଓ ଗତି ଭିନ୍ନ । ଗୋଟିଏ ନିଜ ଲାଭ ବା ମଂଗଳର ଅଦାଜ ଓ ଅନୁସରଣରେ କର୍ମ ଅଦାୟ କରି ସମାଜ ସଂଗ୍ରହିଲବା; ଅନ୍ୟଟି ହେଉଛି, ସ୍ୱଧର୍ମର ସ୍ୱାଭାବିକତାରେ ଦାନ ଧର୍ମ ପାଳନ କରି ସମାଜର ସ୍ଥିତି ଓ ଗତି ଠିକ୍ ରଖିବା । ତେଣୁ ଏ ନିର୍ବାଚନରେ ସ୍ୱଜ କର୍ମରେ ଅଭ୍ୟସ୍ତ ଥିବା ଲୋକେ, ନେତୃତ୍ୱ ଓ ଶାସନକୁ ଯେଉଁମାନେ ବା ଗ୍ରହଣ, ସେମାନେ ଯାଙ୍କୁ ବାଛି ହୋଇ ଯାଉଥିଲେ ଓ ସେମାନେ ଥିଲେ ସ୍ୱତନ୍ତ୍ର ଯଥାର୍ଥ ଗୃହକ ଓ ଶାସକ । ଲୋକେ ମଧ୍ୟ ଗ୍ରାମମାନଙ୍କରେ ସେଇପରି ଗୁଣ-

Digitized by srujanika@gmail.com

ଗରିମାବନ୍ତ ଶିଷ୍ଟ ଓ ବିଶିଷ୍ଟ ଲୋକଙ୍କୁ ସଂମାନ କରୁଥିଲେ । ସମସ୍ତ ଜନଙ୍କ ବା ବିଶେଷରେ ଏହି ସଂମାନିତ ଓ ଗୁଣୀ ଗରିମାବନ୍ତ ଲୋକଙ୍କୁ କହୁଥିଲେ 'ମହାଜନ' । ଏବେ ବି ପରଂପରା ଓ ପ୍ରଥା ଅନୁକ୍ରମେ ଚଳାଯାଉଥିବା ପୁରୀ ପାଖ ଶାସନମାନଙ୍କରେ 'ମହାଜନ,' ଓ 'ମହାଜନ ସଭା' ଅଛି । ସେଥିରେ ପୂର୍ବସ୍ମୃତିର ଛାୟା ଓ ସଂସ୍କାର ବେଶ୍ ଦେଖିବାକୁ ମିଳେ । ସେଥିରେ ଗ୍ରାମର ମହାଜନ ସଭା ଗ୍ରାମ-କୋଠ-ଦେଉଳୀ-ଦେବୋତ୍ତର ସବୁ ବୁଝନ୍ତି । ରାସ୍ତା, ବନ୍ଧ, ନାଳ ପ୍ରଭୃତି ଏବେ ତାଙ୍କର କାମ । ଯେତେଦିନଯାଏ ଚାଟଶାଳୀ ଓ ଚତୁଷ୍ପାଠୀରେ ପାଠ ପଢା ହେଉଥିଲା, ସେତେଦିନ ଯାଏ ଏହି ମହାଜନ ସଭା ବା ମହାଜନେଇ 'ଅବଧାନ' ଓ 'ଅପଟଣି'ଙ୍କୁ ରଖାଇ, ପିଲାଙ୍କ ଦରମାର ହାର ଓ ଖାଇବାକୁ ଦବାର ପାଳି ପ୍ରଭୃତି ଠିକ୍ କରି ଗ୍ରାମ ଶିକ୍ଷାର ବ୍ୟବସ୍ଥା କରୁଥିଲେ । କୂଅ ଖୋଳେଇ ବଗିଚା ଲଗାଇବା ଧାର୍ମିକର କାର୍ଯ୍ୟ ଥିଲେ ବି ମହାଜନେ ତାକୁ ସଫା କରିବା ପ୍ରଭୃତିରେ ନିଜ୍ ଜାଗ୍ରତ ରହୁଥିଲେ । ଗ୍ରାମରେ ଚୋରୀ, ବଦମାସି, ମନୋମାଳିନ୍ୟ ପ୍ରଭୃତି ସବୁ ସେମାନେ ବୁଝି ନିଷ୍ପତ୍ତି କରୁଥିଲେ । ଏବେ ବି ଅନେକଠାରେ ପରଂପରାଧର ଏସବୁ ନ୍ୟୁନାଧିକ ଚଳନ୍ତି । ଏଥିରେ ଜାଣିବା ଶୁଣିବା ଲୋକଙ୍କ ଖାତିର ଖୁବ୍ ଅଛି । କିନ୍ତୁ ଧନୀ ନିର୍ଧନ ଭେଦ ଆଦୌ ନାଇ । ଧନୀ ବା କ୍ଷମତାଶାଳୀ ବୋଲି କେହି ସେଠି ବଡ ନୁହେ । ନିର୍ଧନ ସଂଗେ ତା ମତର ମୂଲ୍ୟ ସମାନ । (ଓଡ଼ିଆ ସାହିତ୍ୟର କ୍ରମ ପରିଣାମ—ପ୍ରଥମ ଭାଗ—ପୃ ୨୬୫—୨୬୭ ଦେଖ) ।

## ରାଜ୍ୟଶାସନ

ଠିକ୍ ଏଇରୀତିରେ ନିର୍ବାଚିତମାନଙ୍କଦ୍ୱାରା ରାଜ୍ୟ ଶାସନ ଚାଲୁଥିଲା । ବିଦ୍ୟା ତଥା ଗୁଣ କର୍ମର ପରଂପରା ଏ ଦେଶରେ ବହୁ

Digitized by srujanika@gmail.com

କାଳରୁ ବହୁ ପରିମାଣରେ କୌଟୁମ୍ବିକ ଓ ପୂର୍ବ-ପର-ପୁରୁଷା-
ନୁଗତ ଥିବାରୁ ହୁଏତ ବହୁକାଳରୁ ରାଜା ମନ୍ତ୍ରୀ ପାତ୍ର ସେନାପତି
ପ୍ରଭୃତି—ଏପରିକି 'ମହାସାମନ୍ତ ଚକ୍ର' ମଧ୍ୟ ବହୁ ସ୍ଥଳରେ ପିତା-
ପୁତ୍ର-କ୍ରମେ ହୋଇ ଯାଉଥିଲେ । ମାତ୍ର ତା ବୋଧେ ନ ଥିଲା ।
ଏ ରୀତି ଓ ଏ ଚଳଣିରେ ରାଜା ଖରାପ ହେବାର ସେତେ ସଂଭାବନା
ନ ଥିଲା । ପ୍ରଧାନ ଓ ସାକ୍ଷାତ୍ କାରଣ ହେଉଛି, ସେତେବେଳେ ଥିଲେ
ସେନା, ପୁଣି ସାମନ୍ତମାନେ ଥିଲେ ସେହି ମୁଖ୍ୟ ଓ ସେନାଙ୍କ
ଗୁରୁକ । ତା ଛଡ଼ା ମହାସାମନ୍ତ ଚକ୍ର ଗୋଟାଏ ବସ୍ତୁ ଖାଲି ଶୁଷ୍କ
ଆଦର୍ଶର ସଂକେତ ମାତ୍ର ନ ଥିଲା । ଏହା ଥିଲା, ଜୀବନ୍ତ ଓ ଲୋକ
ମଙ୍ଗଳପାଇଁ ସର୍ବଦା ତତ୍ପର । ତଥାପି ରାଜା ଓ ବିଶେଷରେ ରାଜପୁତ୍ର
ଏ ସବୁ ସତ୍ତ୍ୱେ ବେଳେ ବେଳେ ଯେ ବିଗିଡ଼ି ଯାଉଥିବେ, ଏହା
ସଂଭାବନାର ଅତୀତ ନୁହେଁ । ସେପରି ହେଲେ, ସେ ତଡ଼ା ଖାଉ
ଥିଲେ । ସିଂହଳ-ବିଜୟୀ ବିଜୟ ସିଂହଙ୍କ ଉପାଖ୍ୟାନର ଐତିହାସି-
କତା ଯା ହେଉ, ମାତାମହଙ୍କ ରାଜ୍ୟରେ ତାଙ୍କ ପିତା ସିଂହବାହୁଙ୍କ
ଗାଦି ଓ ପରେ ପିତୃରାଜ୍ୟରୁ ସେହି ବିଜୟସିଂହଙ୍କ ନିଜ ନିର୍ବାସନ
କଥା ସୋଢ଼କ ଏଠି ବିଶେଷରେ ସ୍ମରଣୀୟ । ଏଥିରୁ ଜଣାଯାଏ
ଦୁଷ୍ଟବୃତ୍ତତା ହେତୁରୁ ଅଗ୍ରାହ୍ୟ ଓ ଅସ୍ପୃହଣୀୟ ହେଲେ, ରାଜା ଓ
ଯୁବରାଜଙ୍କୁ ବାହାର କରି ଦେବାର ରୀତି ଥିଲା । ସିଂହବାହୁ ଥିଲେ,
ପିତୃହନ୍ତା । ସେଥିପାଇଁ ସେ ମାତାମହଙ୍କ ରାଜ୍ୟରେ ସ୍ଥାନ ପାଇ
ନ ଥିଲେ ଓ କଳିଂଗ ଅଞ୍ଚଳୁ ପଳାଇ ଅପ ଜଙ୍ଗଲ କାଟି ନବରାଷ୍ଟ୍ର
ସ୍ଥାପନ କରି ସେଠି ଜନରଂଜନରେ ଲାଗି ଥିଲେ । ସେଠି ମଧ୍ୟ ପରେ
ପୁଣି ତାଙ୍କ ଯୁବରାଜ ବିଜୟସିଂହ, ଦୁରନ୍ତତା କରିବାରୁ ନିଜ
ସଖା ସହକର୍ମୀଙ୍କ ସହିତ ପିତୃରାଜ୍ୟରୁ ବିତାଡ଼ିତ ହୋଇଥିଲେ ।
ଏହା ମୁଖ୍ୟତଃ ସେ କାଳ କଳିଂଗ ପରଂପରା ।

Digitized by srujanika@gmail.com

## ଏହା ଜୈନ ପରଂପରା

କଳିଂଗର ଏଇ ପରଂପରାଟି ହେଉଛି, ଅତି ପ୍ରାଚୀନ ଜୈନ ପରଂପରାର ସ୍ପଷ୍ଟ ଫଳ । ଟିକିଏ ପ୍ରସଂଗାନ୍ତର ହେଲେ ହେଁ ଏଇଠାରେ ମନ୍ତବ୍ୟ ରଖିବାର ଅଛି, ସମସ୍ତ ଭାରତର ଆଦିମ ଧର୍ମ ଓ ପରଂପରା ହେଉଛି, ଜୈନ । ଜୈନର ଜଗତରେ ଏକମାତ୍ର ଦାର୍ଶନିକ ଧର୍ମ । ପ୍ରାକୃତ-ଜନପ୍ରିୟ ଭକ୍ତି ଓ ସେଇ ଭକ୍ତିରେ ଆତ୍ମସମର୍ପଣ, ଓ ପ୍ରାର୍ଥନା ତଥା ବଳି ପ୍ରଭୃତିରେ ପ୍ରାକୃତ ମାନବ, ଆସ୍ତିକ କିମ୍ବା ବୋଲି ନାମ ଦେଇ, ସମାଜରେ ଯେଉଁ ଲକ୍ଷ ବନ୍ଧନରେ ବାନ୍ଧେ । ଏହାର ପରଂପରାଟି ପରେ ନିର୍ଦ୍ଧର୍ମ ବୋଲି ପିଟାଇ ରଖିଛି, ସେ ସବୁ ଜୈନ ଧର୍ମରେ ହେୟ ଓ ଜୈନ ପରଂପରାରେ ଅସହ୍ୟ । ଜୈନର ପ୍ରାର୍ଥନୀୟ ଈଶ୍ୱର ତ ନାହାନ୍ତି । ଗୁରୁଙ୍କୁ ମଧ୍ୟ ଏପରି ପୂଜା ପ୍ରାର୍ଥନା କରିବା ମନା । ଏ ସବୁକୁ ସେମାନେ କହନ୍ତି 'ମିଥ୍ୟାଦର୍ଶନ-ଶଲ୍ୟ' (Mrs. Stevenson's The Heart of Jainism. p. p. 130-131)। ସମସ୍ତ ଉପନିଷଦ ଓ ବୌଦ୍ଧ ଦର୍ଶନ ଜୈନପ୍ରଭାବର ଫଳ । ବରଂ କୁହାଯାଇପାରେ ଏହା ଜୈନ ଦର୍ଶନର ଜନ୍ମସ୍ଥାନ । ଯାହାକୁ ଆମେ ବୌଦ୍ଧଧର୍ମ ବୋଲି କହୁଁ, ତା ମଧ୍ୟ ଜୈନ ଧର୍ମର ଗୋଟିଏ ସମ୍ପୃକ୍ତ ପ୍ରକାଶ (Vide, Ibid p. 50) ଏସବୁ କଥା ପରେ ପ୍ରସଂଗାଧୀନ ଭାବରେ କୁହାଯିବ । ଏଠି ଏତିକି କହିବାର କଥା, କଳିଂଗର ଏଇ ବଳଣି ସମ୍ବନ୍ଧରେ ସବୁ ଭାରତର ସମାଜକୁ ପ୍ରଭାବିତ କରିଥିଲା । ପୂର୍ବୋକ୍ତ ଭାରତରେ ବହୁକାଳରୁ ସମ୍ରାଟ୍ ଓ ସାମ୍ରାଜ୍ୟର ପ୍ରକାଶ ପାଇଥିବାର ଇତିହାସରୁ ଜଣାଯାଏ, ସଂଘ । ମାନ ଶାକ୍ୟ, ଲିଚ୍ଛବୀ, ବୈଶାଳୀ ପ୍ରଭୃତିରେ 'ଗଣ-ତନ୍ତ୍ର'ମାନ ସେ ସମୟରେ ବହୁକାଳ ଯାଏ ଗଢ଼ି ଉଠିଥିଲା । ଏପରିକି, କାଶ୍ମୀର ଇତିହାସ, କହ୍ଲଣଙ୍କ 'ରାଜତରଙ୍ଗିଣୀ'ରେ ଯାହା ଉଲ୍ଲେଖ ଅଛି, ସେଥିରୁ ଜଣାଯାଏ, ଖ୍ରୀଷ୍ଟ ଜନ୍ମପୂର୍ବ ଷଷ୍ଠଶତରେ କାଶ୍ମୀର

Digitized by srujanika@gmail.com

ରାଜ୍ୟରେ ମନ୍ତ୍ରୀମାନେ, 'ଭଲଯ଼' ନାମକ ଜଣେ ଅତ୍ୟାଗୃହୀ ରାଜାଙ୍କୁ ପଦଚ୍ୟୁତ କରି ତାହାର ବଧ କରିଦେଇଥିଲେ । ଭାଗବତ ଓ ପଦ୍ମପୁରାଣରେ ଥିବା 'ବେଣ'ରାଜାଙ୍କ ଉପାଖ୍ୟାନ ସମସ୍ତେ ଜାଣିଥିବେ । ଏହି 'ବେଣ' ଅତ୍ୟାଗୃହୀ ଓ ଅପାଂକ୍ତେୟ ହେବାରୁ ଲୋକ-ମୁଖ୍ୟମାନେ ତାଙ୍କୁ ମାରି ପକାଇ ଥିଲେ, ଓ ତାଙ୍କର ଶରୀରଜାତ ପୃଥୁଙ୍କୁ ରାଜା କରିଥିଲେ । ପଦ୍ମପୁରାଣ କହନ୍ତି ଏହି ପୃଥୁ, ରାଜା ହୋଇ ମାଗଧ ଓ ସୂତ (ବନ୍ଦୀ ଓ କଥକ) ମାନଙ୍କୁ ମଗଧ, ପୁଣି ସୁବର୍ଣ୍ଣ (ଗୀତ ଗାଇ ବୁଲୁଥିବା, ଚେଟୀ ମାନଙ୍କୁ କଳିଂଗ ଦାନ କରିଥିଲେ । ଏଥିରୁ ଜଣାପଡ଼େ, ଭାଗୀରଥୀଠାରୁ ବ୍ରହ୍ମପୁତ୍ର ତଟ-ଭୂମି ପର୍ଯ୍ୟନ୍ତ ମଗଧ ବଙ୍ଗ ଅଂଗ କଳିଂଗରେ ଭାରତର ମୌଳିକ ଜୈନ ସଭ୍ୟତା ଓ ଚଳଣି ବହୁକାଳ ପର୍ଯ୍ୟନ୍ତ ଜୀବନ୍ତ ଥିଲା । ଅଥବା ନାନା ସ୍ଥାନୀୟ ସାମାଜିକ କାରଣରୁ ତା ଗୁରୁତ୍ୱ ସଂକୁଚିତ ହୋଇ ଆସି କଳିଂଗରେ ଶେଷ ଆଶ୍ରୟ ନେଇ ନିଜ ଗୌରବରେ ମୁଣ୍ଡକଟକ ଜଗନ୍ନାଥଙ୍କୁ ଦେଇ ଚିରନ୍ତନ ଅସ୍ମିତାରେ ଜାଗ୍ରତ ଓ ଜୀବନ୍ତ ଥିଲା ।

'ହାତୀସୁନା କଳସ ଢାଳିବା' କଥାର କି ଗତି ହେଲା ?

ଏହି ଜୈନ ପରଂପରାରେ କଳିଂଗ ବା ପ୍ରାଚୀନ ଓଡ଼ିଆ ଜାତିର ଧର୍ମ ଓ ସମାଜ ଗଢ଼ିଥିଲା । ତାର ସ୍ପଷ୍ଟ ସଂକେତମାନ ଏବେ ବି ଲୋକ ସାହିତ୍ୟ ଓ ଲୋକ ଚଳଣିରେ ଖୁବ୍ ମିଳିବ । ଯେଉଁ ମହାଜନ କଥା କୁହାଗଲା ତାହାମଧ୍ୟ ଗୋଟିଏ ଜୈନ ଚଳଣିର ସ୍ମାରକ । ଏଇସବୁ ଆଉ କେତେ କେତେ ସଂକେତର ଦୃଷ୍ଟାନ୍ତ ଦିଆଯାଇପାରେ । ମାତ୍ର ସେ ସବୁ କଥାକୁ ଅଥବା ପୂର୍ବରୁ ଯେଉଁ 'ହାତୀ ସୁନା କଳସ ଢାଳିବା' କଥାଟି କୁହାଯାଉଥିଲା, ତାର କି ଗତି ଓ ପରିଣତି ହୋଇଛି, ତା ଆଗ ଦେଖାଯାଉ । ତା ପରେ ଲୋକ ସାହିତ୍ୟର ବ୍ୟାପ୍ତି ବୁଝିବା ଢେର ସୁଗମ ହେବ ।

Digitized by srujanika@gmail.com

## ଏ ଚଳଣିର ଇତିହାସରେ ସାକ୍ଷ୍ୟ

ପ୍ରବଚନ ଓ କିଂବଦନ୍ତୀମାନଙ୍କରେ ଚଳଣିର ଯେଉଁ ସୂଚନା ମିଳେ, ତେବେ କେବଳ ତାର ମୂଳ ଭାବରେ ତଥା ଧାରଣାରେ ବନ୍ଧୁ ବୁଝିବେ । ଓଡ଼ିଆଙ୍କ ଅନୁଷ୍ଠାନିକ ଗ୍ରନ୍ଥ ମାନ୍ୟ ସଂବନ୍ଧରେ ମଧ୍ୟ ସେଇକଥା । ସାଧବ-ବୋହୂ ବୋଇତ ବନ୍ଦାଇ ଯିବା କଥା, ଜଗେଲ୍ ଓଡ଼ିଆ ଖୁବ ଗୌରବ ଭରେ ଲେଖିଚନ୍ତି । ଏବେ ମଧ୍ୟ ପିଠଉ ଝୋଟି ପାହାନ୍ତିଅରୁ ଅସ କୂଳବଧୂ ଓ କୁଆଁରୀ ଝିଅସୁଣୀ-ମାନେ ଅଗଣାରେ ସମୁଦ୍ର କୂଳେ ବୋଇତ ଲେଖି, ସେ ବୋଇତ ପେଟରେ ମୁଠାଏ ଲେଖାରେ ଧନ ଧାନ୍ୟ ଭର୍ତ୍ତି କରି, ସମୁଦ୍ର ଭିତରେ ସେଇ ଚିତ୍ରରେ ମଗର କୁମ୍ଭୀର ମାଛ ଲେଖି, ବଡ଼ ସକାଳୁ ତାକୁ ବନ୍ଦାଇ ବସନ୍ତି । ମାର୍ଗଶିର ଶୁକ୍ଳ ପଞ୍ଚମୀ ଓ ସେଇ ଶୁକ୍ଳ ପକ୍ଷର ଅନ୍ୟ କେତେକ ତିଥିରେ 'ଓଷା' କରି ବର ପୁଅ ବାପ ଭାଇମାନଙ୍କର ବୋଇତ ବଣିଜରେ ବିଦେଶରେ ମଙ୍ଗଳ ହେଉ ଓ ସେମାନେ ଭଲରେ ଫେରନ୍ତୁ ବୋଲି ବୋହୂ ଝିଅ ସମସ୍ତେ କାମନା କରନ୍ତି । କିଂତୁ ଅତୀତ କେତେକାଳ ହେଲେ ଯେଉଁ ସାଧବ ବୋହୂ ତା ବରପୁଅଙ୍କୁ ସତେ ବନ୍ଦାଇଥରେ ଦେଇ ଥିଲା ଓ ସମୁଦ୍ର ପାରେ ଦୂର ରାଜ୍ୟରେ ତା ଶୁଭ କାମନା କରି ତା ଫେରିବାକୁ ପ୍ରତୀକ୍ଷା କରିଥିଲା ଓ ସତରେ ପୁଣି ସେ କେତେକାଳ ବଞ୍ଚିଲେ ପୁରୁଷ, କେତେ ଯୁଗ ଧରି ଏହା କରିଥିଲା, ତା ଆଜି କିଏ କହିବ ? ଓଡ଼ିଶାର ଓଡ଼ିଆଙ୍କ ଗୋଟିଏ ପୁରୁଷ ତଳୁ ହୁଏତ ଜୀବନ୍ତ ଚଳଣିରୁ ଯେ ଇତିହାସରୁ ଲୋପପାଇ ଅନୁଷ୍ଠାନିକ ପର୍ବ ମାନରେ ପରିଣତ ହୋଇ ସାରିଥିଲା । ମାତ୍ର ଏଇ 'ଖାଈ ସୁନାକଳସ ବାଲିବା' ଅନୁଷ୍ଠାନଟିର ଯେ ଚଳଣି ଥିଲା, 'ଗୁଡ଼େଶ୍ୱର ପାଠକ' ବା ଏବ ଯାଜପୁରରେ ସଙ୍ଗୃହୀତ କରୁଥିବା ହୌମବଣ (ସଂଭବତଃ

Digitized by srujanika@gmail.com

ଖ୍ରୀଷ୍ଟ ୮ମ ଓ ୯ମ ଶତକ )ର ଶାସନ-ଲେଖମାନଙ୍କରେ ତାର ସୁନ୍ଦର ବର୍ଣ୍ଣନା ମିଳେ ।

## ଭୌମ ସମ୍ରାଟ୍‌ମାନଙ୍କ କାଳରେ

ଏହି ଭୌମ ସମ୍ରାଟ୍‌ମାନେ ନିଜକୁ ସାର୍ବଭୌମ ରାଜ ଚକ୍ରବର୍ତ୍ତୀ ବୋଲି ବର୍ଣ୍ଣନା କରି ଜନତଃ ପରିଚୟ ଦେଇଛନ୍ତି—'ଗୁଣମାଳୋଜ୍ଜ୍ୱଳକୁଳେ,' ଅର୍ଥାତ୍, ସର୍ବଗୁଣାନ୍ୱିତ ଉଜ୍ଜ୍ୱଳ କୁଳରେ ଆମର ଜନ୍ମ । ହୋଇପାରେ, ଉଜ୍ଜ୍ୱଳ କୁଳ, ବୋଇଲେ, ଏଠି ଉତ୍କଳର 'ମହାଜନ-'ବଂଶ—କାରଣ, ରାଜକୁଳ ବା ସମ୍ରାଟ କୁଳ ବୋଲି ସେମାନେ ଲେଖରେ କହୁ ନାହାନ୍ତି । ଭାରତର ଅନ୍ୟାନ୍ୟ ସ୍ଥାନରେ ସେତେ ବେଳକୁ—ସେତେ ବେଳକୁ ଆହୁରି ତାର ବହୁପୂର୍ବରୁ—ରାଜା ସମ୍ରାଟ୍‌ମାନେ, କିଏ ସୂର୍ଯ୍ୟ ବଂଶ, କିଏ ଚନ୍ଦ୍ର ବଂଶ, କିମ୍ବା ଶ୍ରେଷ୍ଠ କ୍ଷତ୍ରିୟ ବୋଲି କିଏ ଚେଦୀ ବଂଶ, କିଏ ଗୁପ୍ତ ବଂଶ, ପୁଣି କିଏ ବା ନିଜର ବଡ଼ ପୁରୁଷ ନାମରେ ଶୁଙ୍ଗ ବଂଶ ବା କାନ୍ୱ ବଂଶ, ପୁଣି କିଏ ସାତବାହନ ବଂଶ, କିଏ ପଲ୍ଲବବଂଶ—ଏହିପରି ପରିଚୟ ଦେବାରେ ଲାଗିଲେଣି । ଏପରି ପରିବେଶ ଓ ପରିସ୍ଥିତି ଭିତରେ, ନିଜକୁ ମହାରାଜାଧିରାଜ, ପରମ ଭଟ୍ଟାରକ, ପରମ ମାହେଶ୍ୱର (ପରମେଶ୍ୱର) ବୋଲି ବର୍ଣ୍ଣନା କରି 'ଗୁଣମାଳୋଜ୍ଜ୍ୱଳ-କୁଳେ' ଆମର ବା ଆମମାନଙ୍କର ଜନ୍ମବୋଲି ଗର୍ବ କରିବା କିଛି ସାମାନ୍ୟ କଥା ନୁହେଁ । ତାଙ୍କର ବଂଶରେ ପ୍ରଚଳିତ ରୀତି ଥିଲା —'ସ୍ୱାମୀ ଧୂଳି କଳସ ଢାଳିବା' । ସମସ୍ତ ଶାସନଟି ଚଳୁଥିଲା, ମହାସାମନ୍ତମାନଙ୍କ ତତ୍ତ୍ୱାବଧାନ ଓ ପରାମର୍ଶରେ, ସାମନ୍ତମାନଙ୍କୁ ନେଇ । ସମ୍ରାଟ୍ ଥିଲେ, ମାତ୍ର ଏହି ଚକ୍ରର କୀଳକ ଓ ନେତା । ଲେଖରେ ଅଛି—ଏହି ସମ୍ରାଟ୍ ଶୁଭଙ୍କର ଦେବ ବା ସିଂହଦେବଙ୍କ ଅକାଳ ବିୟୋଗ ବେଳକୁ ତାଙ୍କ ପୁଅ ପିଲା ହୋଇ ଥିଲେ । ତେଣୁ

Digitized by srujanika@gmail.com

ସାମ୍ରାଜ୍ୟର 'ମହାସାମନ୍ତଚକ୍ର' ମୃତ ସମ୍ରାଟଙ୍କ ମାତା ବିଜ୍ଜୁବନ ମହାଦେବୀଙ୍କୁ ବହୁତ ଅନୁନୟ ଓ ଅନୁରୋଧ କରି ଶିଶୁ ନାତିଟି ପାରିବା ଯାଏ ସିଂହାସନରେ ବସାଇଥିଲେ । ତମ୍ବାପଟା ଲେଖରେ ଅଛି —

"...... ଦେବ ପୂର୍ବମପି ଦେବ୍ୟା ଗୋସ୍ୱାମିନ୍ୟା ଧର୍ମ ଧନ ପ୍ରଧାନୟା ପ୍ରଜାନୁଗ୍ରହତତ୍ପରୟା ଧାରିତେବେୟଂ ବସୁନ୍ଧରା ତଦଧୁନାପି ପ୍ରସୀଦ ତଥୈବ ସୁଚିରଂ ଧାରୟସ୍ୱୈନାଂ କ୍ରିୟତାଂ ଲୋକାନୁଗ୍ରହଃ ସ୍ୱୀକ୍ରିୟତାମ୍ବା ପ୍ରକ୍ରମାଗତ କରରାଜ୍ୟଶ୍ରୀରିତି---ମହତା ସାମନ୍ତଚକ୍ରେଣ ନିବେଦ୍ୟମାନା କାତ୍ୟାୟନୀବ ସିଂହାସନମାରୁଢା..." ଏହାର ଅର୍ଥ ହେଉଛି,

'ହେ ଦେବି, ପୂର୍ବେ ବି ସଂସାର ଛାଡ଼ି ଧର୍ମ କାର୍ଯ୍ୟକୁ ନିଜର ସର୍ବସ୍ୱ କରିଥିବା ଗୋସ୍ୱାମିନୀ, ପ୍ରଜାଙ୍କ କଥା ରକ୍ଷାକରି (ପ୍ରଜାଙ୍କୁ ଅନୁଗ୍ରହ କରି) ବହୁକାଳ ଏଇ ସାମ୍ରାଜ୍ୟ (ବସୁନ୍ଧରା) ଚଳାଇ ଥିଲେ । ସେଇପରି ଏବେ ତୁମେ ପ୍ରସନ୍ନ ହୁଅ; ସେଇପରି ଯେତେକାଳ ଦରକାର ( ସୁଚିର କାଳ ) ଏ ସାମ୍ରାଜ୍ୟ ଧରି ରଖ; ଲୋକଙ୍କୁ ଅନୁଗ୍ରହ କର ( ତାଙ୍କ କଥା ରକ୍ଷାକର ); ପରଂପରାଗତ କରରାଜ୍ୟ ଲକ୍ଷ୍ମୀଙ୍କୁ ନିଜର ବୋଲି ସ୍ୱୀକାର କର ।' ମହାସାମନ୍ତଚକ୍ର ଏଇପରି ନିବେଦନ କରିବାରୁ କାତ୍ୟାୟନୀ ପରି ସେ (ଶୋକ ଓ ବୈରାଗ୍ୟ ଛାଡ଼ି )ସିଂହାସନରେ ବସିଲେ ।

ମହାସାମନ୍ତଚକ୍ର ହେଉଛନ୍ତି ସାମ୍ରାଜ୍ୟର ଲୋକ ମୁଖ୍ୟ ବା ବଶିଷ୍ଟ ପ୍ରଜାମାନେ । ଏକଥା ଏ ଲେଖରେ ସ୍ପଷ୍ଟ । ପୁଣି ଏ ଅନୁରୋଧ କଛୁ ଚଧିରତା ନୁହେ । ଏହାର ସ୍ପଷ୍ଟ ପ୍ରକାଶ ପାଉଛି । ପୁଣି ଏଇ ଲେଖଟିର ଏଇ ଅଂଶରୁ ମଧ୍ୟ ସ୍ପଷ୍ଟ ଜଣା ପଡୁଛି, ଏଇ ପରି ମହାସାମନ୍ତଚକ୍ରର ଅନୁରୋଧ କ୍ରମେ ପ୍ରଜାଙ୍କ କଥା ରକ୍ଷା କରି ଏଥି ପୂର୍ବରୁ ଆଉରି କେବେ କୌଣସି 'ଗୋସ୍ୱାମିନୀ', ଅର୍ଥାତ୍, ସଂସାର ତ୍ୟାଗ

Digitized by srujanika@gmail.com

କର ତପସ୍ୱିନୀ ହୋଇଥିବା କୌଣସି ନାରୀ ( ଖୁବ୍ ସଂଭବ, ରାଣୀ ) ଚକ୍ରବାଳ ସିଂହାସନରେ ବସି ସାମ୍ରାଜ୍ୟ ସଂଚାଳକ ଥିଲେ । ଏହି ଭୌମ ବଂଶରେ ପୁଣି ଅନ୍ୟାନ୍ୟ ନାରୀ—ରାଣୀ ଓ ରାଜ କନ୍ୟା —ମାନେ ରାଜ୍ୟ ଚଳାଇ ଥିବାର ପ୍ରମାଣ ଲେଖମାନଙ୍କରୁ ମିଳେ । ଅବଶ୍ୟ ନାରୀକୁ ସିଂହାସନରେ ବସାଇବା କିନ୍ତୁ ସାଧାରଣ ରୀତି ନ ଥିଲା । ମାତ୍ର 'ପୁରୁଷ' ଉତ୍ତରାଧିକାରୀ ନ ମିଳିଲେ, ଏହିପରି ପ୍ରଜା ଏ ନାରୀକୁ ବାଛୁଥିଲେ—ଅନ୍ୟ ପୁରୁଷ ଉତ୍ତରା-ଧିକାରୀ ମିଳିବାଯାଏ । ଶିକ୍ଷା ଓ ଆତ୍ମବଢେଇରୁ କୁଳ ପରଂପରାରେ ଆସ୍ଥା ଦୂର୍ ପ୍ରକାଶ ପାଇଥିଲା । ପିତା ପୁତ୍ର କ୍ରମେ କର୍ମପ୍ରବାହ ଓ ପରଂପରା ଲୋକେ ଆଶା ଓ ଅପେକ୍ଷା କରୁଥିଲେ । ସେଥିପାଇଁ ସମୁଚିତ ଶିକ୍ଷାର କଠୋର ବ୍ୟବସ୍ଥା ଥିଲା । ଖାରବେଳ ଲେଖରୁ ମଧ୍ୟ ଏହା ସ୍ପଷ୍ଟ ଜଣାଯାଏ । ଏ ସବୁ ସଂଗେ ସେହି ସବୁ ଲେଖରୁ ସେକାଳ ଉଚ୍ଚକୁଳର ସମୁଚିତ ନାରୀଶିକ୍ଷା ଓ ସୁସଂଯତ ଓ ସୁସ୍ଥିତ ନାରୀ ସ୍ୱାଧୀନତାର ଯେ ଆଭାସ ମିଳେ ତା ହୁଏତ ଏବେ ବି ଅନେକ କ୍ଷେତ୍ରରେ ସମାଜରେ ଆଦୌ ଅଗ୍ରାହ୍ୟ ହେବ ନାହିଁ । ମାତ୍ର ଏସବୁ କହିବାର ଅବକାଶ ପରେ ପୁଣି ମିଳିବ । 'ହାତୀ ସୁନକଳସ ତାଳିକା'ର ପରଂପରାଟି ଏବେ ଇତିହାସ ଧାରାରେ ଅନୁସରଣ କରାଯାଉ ।

## କୋଶଳ କେଶରୀ ଓ ଗଂଗ କାଳ

ଓଡ଼ିଆ ସଭ୍ୟତା ଓ ସାହିତ୍ୟରେ ଏକାନ୍ତ ଭାବ କହିବାକୁ ଗଲେ, ଏ ଏକ ଦୁସ୍ଥାଳ । ଭାଷା ବା ଲିଖିତ ସାହିତ୍ୟ ତଥା ଶିଳ୍ପର କଥା ପରେ କୁହାଯିବ । ଏବେ ସଭ୍ୟତା ବା ଧର୍ମର କଥା । କୋଶଳରୁ ବୌଦ୍ଧର ହୀନଯାନ ଓ ହୃଦୂର ତନ୍ତ୍ର ଗର୍ଭିତ ମେଞ୍ଜ ଶୈବ ଧର୍ମ ଆସିଥିଲା ଓ ପରେ ଗଂଗଙ୍କ ସଂଗେ ଦକ୍ଷିଣରୁ

Digitized by srujanika@gmail.com

ରାମାନୁଜଙ୍କୁ ଧରି ଯେଉଁ ଆଲବାର ଶ୍ରୀବୈଷ୍ଣବଧର୍ମ ଓ ବଂଗଅଞ୍ଚଳ ବୃନ୍ଦାବନ ବାସୀ ଦକ୍ଷିଣୀ ନିଂବାର୍କଙ୍କ ରାଧାକୃଷ୍ଣଙ୍କୁ ଯେଉଁ ଜୟଦେବ ପ୍ରମୁଖ ଯେଉଁ ସହଜିଆ ବୈଷ୍ଣବ ଧର୍ମର ପ୍ରାବଣ୍ୟ ବନ୍ୟା ଛୁଟାଇ ଥିଲେ, ତାର ସ୍ୱାଦ୍ୟ ଓ ସ୍ପୃହଣୀୟ ସେବା ଯେ କୌଣସି ବଳିଷ୍ଠ ମାନବ ସମାଜପଥରେ ଯୋଗ୍ୟକର । ତେଣୁ ସେକାଳ ସାହିତ୍ୟରେ କଳିଂଗର ପୂର୍ବ ପରଂପରା ବାରି ଦେଖିବା ସହଜ ନୁହେ ।

## 'ବାରଣ ବଢ଼େଇରେ ଦାୟ୍,କ ପୁଅରେ ଦାୟ୍'

ସେହିକାଳ କଥାକୁ ଧରି ଗୋଟିଏ ପ୍ରଧାନ କିଂବଦଂତୀ ପୁଣି ହେଉଛି —କୋଣାର୍କ ଦେଉଳ ତୋଳାରେ ନରସିଂହ ଦେବ, ଶିବେଇ ସାଆଁତର ଓ ଭଣ୍ଡ଼ି ସଙ୍ଗେ ଥିବା ପ୍ରବଚନଟି—'ବାରଣ ବଢ଼େଇରେ ଦାୟ୍, କ ପୁଅର ଦାୟ୍ ।' ଆମ ଲୋକ ସାହିତ୍ୟରେ ଏ କିଂବଦନ୍ତୀ, ବିଶେଷରେ ଏ ପ୍ରବଚନଟିର ପ୍ରସିଦ୍ଧି ଏବେ କମ୍ ନୁହେ । ଏହାକୁ ଧରି ଅନେକେ ଗୀତ, ଗପ, ନାଟକ ଏବେ ଲେଖା ହୋଇ ଯାଇଛି—ଦେଶପାଇଁ ଓ ଦଶପାଇଁ ବଢ଼େଇ ବାଳକର ଆତ୍ମତ୍ୟାଗର ଆଦର୍ଶ ଦେଖାଇ, ହୁଏତ ଇଂରେଜ ବିରୁଦ୍ଧରେ ସ୍ୱଦେଶ-ପ୍ରାଣତା ଶିଖାଇବା ପାଇଁ । ମାତ୍ର ଯେ ଯା ହେଉ, ବଢ଼େଇ ବାଳକର ସମାଜ ସେବା ଖୁବ୍ ଉଚ୍ଚଦରର ହୋଇପାରେ । ହୁଏତ ଏହା ପ୍ରାଣ ପୀଡ଼ାର ପ୍ରାଚୀନ ପରଂପରାର ଏକ ପ୍ରଚଣ୍ଡ ପ୍ରକାଶ । ଏ କିଂବଦନ୍ତୀରେ ବଢ଼େଇ ପିଲାଟିର ମା, ବାପଙ୍କ ଯେଉଁ ଯେଉଁ କଥା ଗୁଡ଼ିକ ଅଛି, ସେଥିରେ ପୁଣି ଓଡ଼ିଆ ଗାର୍ହସ୍ଥ୍ୟ ଜୀବନର ନିଷ୍ଠାପର ଦାଂପତ୍ୟ ସଂଗେ ବାତ୍ସଲ୍ୟର ସରଳତା ଓ ସାଧୁତା ସୁନ୍ଦର ପ୍ରକାଶ ପାଇଛି । ଶିବେଇ ସାମନ୍ତା ତାଙ୍କ କାଠ ଖାଇଲଟ୍ରେ ଲେ ନଈ ଭିତରେ ମୂଳଦୁଆ ପକାଇବାର

ପ୍ରକାର, ବୃଢୀଠାରୁ ଯେପରି ଶିଖିଥିଲେ, ସେ କଥାଟି ଅବଶ୍ୟ ପୃଥି-ବୀରେ ଗୋଟିଏ ବହୁ ପ୍ରାଚୀନ କଳ୍ପନା ବା ଶଙ୍କା । ବୌଦ୍ଧ ଜାତକରେ ମଧ୍ୟ ଏକଥାଟି ଥିବାର ଅନେକେ ଜାଣିଥିବେ । ତଥାପି ଏଠି ଏ କଥାର ସଂଯୋଜନାରୁ ଜଣାଯାଏ, ସମ୍ରାଟ ନରସିଂହ ଦେବ କୌଣସି ବ୍ୟକ୍ତିଗତ କାରଣରୁ କିଂବା ଶାମନ୍ତିଅଞ୍ଚଳରେ ହୁଏତ ପ୍ରତି ଷ୍ଠିତର ପ୍ରଧାନ ଶିବେଇ ସାଥିଙ୍କୁ ଅପଦେଶ କରିଥିଲେ, ଗୃହନ୍ତା ନାଣ୍ଡ ପଞ୍ଚିରେ ମନ୍ଦିର ଗଢ଼ିବାକୁ । ସାଥି ନିଶ୍ଚୟ ସେଇଥିପାଇଁ ବାରଂ-ବାର ଅନୁରୋଧ କରି ହୋଇ ବାହ୍ୟା ପର କ୍ରୁଦ୍ଧଥିଲେ—ଓଗାର ନବ୍ୟ ନ ମାନି । ତା ପରେ, ଅମୃତ-ପାନ ସୂର୍ଯୋଦୟ ପୂର୍ବନ୍ତୁ ଦେଉଳର ଶିଖର ମୂଳ କଳସ, ଚକ୍ର, ଚନ୍ଦ୍ର ( ଅମୃଧ ) ବସାଇ ନ ପାରିଲେ କାରଣରୁ ଯାହ ଘଟେଇ ହଣା ଶାଇବେ ଧିରାକ୍ସ ସମ୍ରାଟଙ୍କର ଯେ ଅପଦେଶଟି ପ୍ରଚଳିତ ହୋଇଥିଲା, ଏହା କଳିଂଗ ସଭ୍ୟତାର କେଉଁ ଗୁଣ ବା କୌଶଳ ପ୍ରକାଶ କରୁଛି, ତା ବୁଝିବାରେ ଅସୁବିଧା ହେଉ ନାହିଁ । ବଢ଼େଇ ଜାତିର ମହାନ୍ଦ୍ୟସ୍ତା ଦେଖାଇବା ପାଇଁ ସମ୍ରାଟଙ୍କର ଏ କୁତ୍ସିତ ଶର୍ତ୍ତଟି ପୁଷ୍ଟପଟ ପର କଳ୍ପନା ପରି ହୋଇଛି ବୋଲି କହିବା ଅବଶ୍ୟ ଠିକ୍ ହେବ ନାହିଁ । ମୋଟ କଥା, 'ଶାଣ୍ଡୀ ଧୁଆ କଳସ ଭାଙ୍ଗିବା' ପରି ଅନୁଷ୍ଠାନର ଏକ ଧାର୍ମିକ ପାର୍ଶ୍ୱ ବର୍ତ୍ତମାନ-ରେ କି ଗତି ହୋଇ ଥିଲା, ତା କହିବା ସହଜ ନୁହେଁ, କି ସୁଗମର ବି ନୁହେ । ଯେଉଁ ଦେଶରେ 'ମହାସାମନ୍ତବର୍ଗ' ଓ 'ମହାଜନ'ମାନେ ରାଜାଙ୍କୁ ବାନ୍ଧୁଥିଲେ ଓ ପଦେ ପଦେ ପରାମର୍ଶ ଦେଇ ରାଜ୍ୟ ଚଳାଉ ଥିଲେ, ସେହି ଦେଶରେ ରାଜାଙ୍କ ଆଦେଶରେ ବାରଶହ ବଢ଼େଇ ସ୍ତ୍ରୀ ପୁତ୍ର ପରିବାରଙ୍କ ସହିତ ସମ୍ପନ୍ନ ମୃତ ଘୁଞ୍ଚ ଦିନମାନ କାମ କରି ସେମାନଙ୍କୁ ନିର୍ଦ୍ଦିଷ୍ଟ ସମୟରେ ରାଜାଙ୍କ ମନ୍ଦିରକୁ ଗୁଡ଼ି କାମଟି ଶେଷ

Digitized by srujanika@gmail.com

କର ନ ପାରିଲେ, ପାଇବେ ମୁଣ୍ଡକାଟ । ଏଥିରେ ପୂର୍ବ ଅବସ୍ଥାର ପରିବର୍ତ୍ତନ ଅଙ୍କ ବୁଝାଇବା ଦରକାର ନାହିଁ ।

## ମତ୍ତଭାନୁ ଦେବ

ମତ୍ତଭାନୁ ଦେବ ହେଉଛନ୍ତି, ଗଂଗ ବଂଶର ଶେଷ ସମ୍ରାଟ । ବହୁ ପୂର୍ବରୁ ସେ ବଂଶ ସ୍ୱରୂପର ଶିକ୍ଷାରେ ତଥା ସାଧାରଣ ଅଗ୍ରସରରେ ଓଡ଼ିଆ ହୋଇ ଯାଇଥିଲେ । ବରଂ କୁସଂସ୍କାରରେ, ଭାବ ଓ ଚଳଣିରେ ବଙ୍ଗ ଅଧୀନ ପ୍ରଦେଶରେ ଦେଖିବାକୁ ସମସ୍ତେ ଏକାପରି ହୋଇଯାଇଥିଲେ । ସେତେବେଳେହେଁ ଅନ୍ତଃ ମଣ୍ଡଳ ପଲ୍ଲୀ ଗ୍ରାମର ଯେଉଁ ଦୃଶ୍ୟ ଦେଖୁଥିଲା, ତା ଖୁବ୍ କରୁଣ ଅଟେ । ଧନ ଓ ଶ୍ରମରେ ପୂଜା ଓ ଶିଳ୍ପୀଙ୍କୁ ବାଧ୍ୟ କରି ରାଜ ମନ୍ଦିର ଗଢ଼ାଇବାର ଫଳରେ ଯେ ସାମ୍ରାଜ୍ୟ ଧର୍ମ କଠୋରରୁ କଠୋରତର ଭାବରେ ଜାଗ୍ରତ ହୋଇ ଭକ୍ତର ଭଗବାନଙ୍କ ପାଖରେ ଆତ୍ମସମର୍ପଣ ଓ କରୁଣା ଭିକ୍ଷାରେ ପରିଣତ ହୋଇଥିଲା, ସେହି ରାଜଧର୍ମ ବା ରାଜାନୁଗତ ଧର୍ମ ତଳେ ପୀଡ଼ିତ ଓଡ଼ିଆର ଜନଶାସନ ସଙ୍ଗେ ଜଗନ୍ନାଥର ଦୈବୀ ଧର୍ମ ବରାବର ଅସ୍ପୃଶ୍ୟତାର ପ୍ରଚେଷ୍ଟା ହେଉଛି ନ ଥିଲା । ଶରୀର ଓ ପ୍ରାଣପୀଡ଼ାର ଶତ ତୀବ୍ରତା ଭିତରେ ଓଡ଼ିଆ ମରି ଯାଇ ନ ଥିଲା । ଗଂଗବଂଶର ଶେଷ ସମ୍ରାଟ ମତ୍ତଭାନୁ ଦେବଙ୍କ ଐତିହ୍ୟର କଥା ଏବେ ବି ଦେଶରେ ଅନେକେ କହନ୍ତି । ଲୋକରେ ମଧ୍ୟ ତାଙ୍କର ତିନୋଟି ନାମ ଏବେ ଶୁଣାଯାଏ—(୧) ଅକଟା ଅବଟା; (୨) ନିଃଶଙ୍କ ଭାନୁ ଓ (୩) ମତ୍ତଭାନୁ । ଅକଟା ଅବଟା ବୋଇଲେ, ଅବୁଝାମଣା, ଅମଣିଷ, ଅଚଂଚଳା, ଏକବାଟିଆ । ଅତଏବ ଏହି ନାମମାନଙ୍କରୁ ତାଙ୍କ ପ୍ରକୃତି ଓ ପ୍ରଚାର ଜଣା ପଡ଼ୁଛି । ମାତ୍ର ସତ ଛୁଟୁ ନ ପାରେ, ଯେତେ ଐତିହ୍ୟଗତ ହେଲେ ମଧ୍ୟ ଗଂଗ ସମ୍ରାଟମାନେ ୧୬ ଜଣ ଜନମୁଖ୍ୟଙ୍କୁ ସବୁବେଳେ ପାଖରେ ରାଜା, ମନ୍ତ୍ରୀ, ସଚିବ,

ସେନାପତିରୂପେ ରହି ଶାସନ ଚଳାଉ ଥିଲେ । କପିଳେଶ୍ୱର ରାଉତରାୟ ବା କପିଳ ରାଉତ ଥିଲେ ତାଙ୍କର ସେନାପତି । ଏହି କପିଳ ରାଉତ ହେଉଛନ୍ତି, ଓଡ଼ିଶାର ପ୍ରସିଦ୍ଧ ସୂର୍ଯ୍ୟବଂଶୀ ସମ୍ରାଟ୍ କପିଳେନ୍ଦ୍ରଦେବ ।

## କପିଳେନ୍ଦ୍ର ଦେବ

ଏହି କପିଳେନ୍ଦ୍ର ପୁଣି, ଏକ କଥାରେ କହିଲେ, ହେଉଛନ୍ତି, ଓଡ଼ିଶା ଇତିହାସରେ ଏକାଧାରରେ ସମୁଦ୍ରଗୁପ୍ତ ଓ ତାଙ୍କ ପୁଅ ବିକ୍ରମାଦିତ୍ୟ । କଥାରେ ଅଛି, ଏ ଥିଲେ ପ୍ରଥମେ ରାଜାଙ୍କର ଗାଈ ଜଗା ପିଲା—ଲୋକେ କହନ୍ତି, 'କପିଳା ଗଇଡ଼' । ଏହି 'କପିଳା ଗଇଡ଼' ମୁଣ୍ଡରେ 'ହାତୀ ସୁନା କଳସ ଢାଳିବା' କଥା ଟି ହୁଏତ ଓଡ଼ିଶାରେ କୌଣସି ଶିଶୁଶ୍ରେଣୀର ବାଳକଙ୍କୁ ବି ଅଜଣା ନୁହେଁ । ଓଡ଼ିଆ କିଂବଦନ୍ତୀରେ ଏହା ଗୋଟିଏ ଅତ୍ୟନ୍ତ ଜଣାଶୁଣା କଥା । ଏବେ ଯେଉଁ ମାଦଳାପାଞ୍ଜି ମିଳୁଛି, ତା କପିଳେନ୍ଦ୍ରଙ୍କର ଅନ୍ତତଃ ଦେଢ଼ଶ ବର୍ଷ ପରେ ଲେଖା । ଏ ଲେଖା ହୁଏତ ସ୍ମୃତିରୁ ବା ପୁରା କିଂବଦନ୍ତୀରୁ । ଏହା ଲେଖାହେଲା ବେଳକୁ ପୁଣି ଜଗନ୍ନାଥଙ୍କ ଉପରେ ଗୌଡ଼ୀୟ ଭକ୍ତ ବୈଷ୍ଣବଙ୍କ ପ୍ରଭାବ ଖୁବ୍ ପଡ଼ିଥିଲା ଓ ବିଶେଷରେ ବଙ୍ଗାଏ ଗୌଡ଼ୀୟ ବୈଷ୍ଣବଙ୍କୁ ହୁ[illegible] ଅନୁଷ୍ଠାନିକ ସ୍ତରରେ ମନ୍ଦିରଠାରୁ ଦୂରେଇବାର ଆରମ୍ଭ କରିଥିଲେ । ଭକ୍ତର ଆତ୍ମସମର୍ପଣ ହେତୁରୁ ସବୁ ଲୋକ-ଚଳଣି 'ପ୍ରଭୁ' 'ଶ୍ରୀକୃଷ୍ଣ-ଜଗନ୍ନାଥ'ଙ୍କ କାର୍ଯ୍ୟ ବୋଲି ପ୍ରକାଶ ଓ ପ୍ରଚାର କରିବା ଏକଣି ସଂଗତ ଓ ସତ୍ୟ ରୂପେ ପ୍ରଚାର କରାଯାଉଥିଲା । ସେଥିପାଇଁ ପରବର୍ତ୍ତୀ କାଳରେ ଏହି ମାଦଳାପାଞ୍ଜିରେ ଲେଖା ଅଛି, ମତ୍ତଭାନୁଦେବଙ୍କ ପୁଅ ନ ଥିଲା, କି ଅନ୍ୟ କେହି ଉତ୍ତରାଧିକାରୀ ନ ଥିଲେ । ତେଣୁ ସେ 'ଦାର୍ଢ୍ୟତାଭକ୍ତି' ଗୁଣର ଭକ୍ତଙ୍କ ସହ

Digitized by srujanika@gmail.com

ଜଗନ୍ନାଥ-ବୃକ୍ଷଙ୍କୁ ଜଣାଣ କଲେ । ଜଗନ୍ନାଥ ତାଙ୍କୁ ସପନେଇଲେ, 'କାଲି ସକାଳେ ଗୋଟିଏ ଟୋକା କମଳାଙ୍କ 'ମହନ' ପାଖେ ଶୋଇରହି ମହାପ୍ରସାଦ ଖଣ୍ଡେ ଖାଉଥିବ ଓ ତା ପାଖକୁ ଗଲେ ସେ ପଳାଇବ । ସେଇ ଏକା ହେବ ରାଜାଙ୍କ ଉତ୍ତରାଧିକାରୀ ।' ପରଦିନ ସକାଳେ ମନ୍ତ୍ରୀମାନେ ଦରଶନକୁ ଯାଇ ଫେରନ୍ତେ ସେଇଠାରେ ସେଇଭଳି ଟୋକାଟିଏ ଦେଖିଲେ । ତା ନାମ 'କପିଳ' । ସେ ସୂର୍ଯ୍ୟ ବଂଶର ଜଣେ ସନ୍ତାନ । ସେ ଜଣେ ବ୍ରାହ୍ମଣ ଘରେ ଗାଈ-ଜଗା-ପିଲା ଥିଲେ । ତା ପରେ କିଛି କାଳ ଦେଉଳରେ ପାତ ଶେଷକୁ ମାଗି ଖାଉଥିଲେ । 'ମନ୍ତ୍ରୀମାନେ' ଏଇ 'କପିଳ'ଙ୍କୁ ପୋଷ୍ୟପୁତ୍ର-ରୂପେ ଗ୍ରହଣ କଲେ ଓ ସେଇ ବେଳେ 'କପିଳେନ୍ଦ୍ରଦେବ' । ଏହା ଯେ ପରେ ଲେଖା ହୋଇଥିବା ରାଜଭକ୍ତ ଓ କୃଷ୍ଣଭକ୍ତଙ୍କ ମନଗଢ଼ା କଥା, ଏହାର ପ୍ରମାଣ ବାହାରୁ ଖୋଜିବା ବା ଅନୁମାନ କରିବା ଦରକାର ନାହିଁ । ଗଂଗବଂଶର ପୋଷ୍ୟପୁତ୍ର ସୂର୍ଯ୍ୟବଂଶ'ର ହୁଅନ୍ତି ନାହିଁ । କିଂବା 'ସତ୍ୟଗୀର'ଙ୍କ ପ୍ରକାର ଧରି ଚୋର ଓ ମାଗିଖିଆ ପିଲାଙ୍କୁ ପ୍ରବଳ ପ୍ରତାପ ସମ୍ରାଟରେ ପରିଣତ କରି ଲୋକଙ୍କୁ ନିଜର ଏକାନ୍ତ ଅଦ୍ଭୁତ ମହାତ୍ମ୍ୟରେ ମଜାଇ ଭକ୍ତ କରିବା ଜଗନ୍ନାଥଙ୍କ କର୍ମ ନୁହେ । ପୁଣି ପ୍ରତାପରୁଦ୍ରଙ୍କ ସମୟରେ ଲିଖିତ ଗ୍ରନ୍ଥ ( ଶରଦେବାଚାର୍ଯ୍ୟଙ୍କ ଭକ୍ତି ଭାଗବତ ) ରୁ ମିଳେ, ଗଂଗବଂଶର ଶେଷରାଜା ନିଜଙ୍କ ଭାଇ ବଡ଼ ଉଚ୍ଛନ୍ନ ଓ ଇନ୍ଦ୍ରିୟାସକ୍ତ ଥିଲେ । ତେଣୁ ରାଜ୍ୟର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ବାଛି କପିଳେନ୍ଦ୍ରଙ୍କୁ ରାଜା କଲେ । ସେଇଠାରୁ ଗଂଗ ବଂଶ ଗଲା ଓ ସୂର୍ଯ୍ୟବଂଶ ହେଲା । ପୁଣି ୧୮ଶ ଶତକର ମଧ୍ୟ ଭାଗରେ ଗଂଜାମର ଚୋଡଳା ପାଠ-ଗଡ଼ର ରାଜାଙ୍କର ପଣ୍ଡିତ ବାସୁଦେବ ସୋମଯାଜୀ ଲେଖିଥିବା 'ଗଙ୍ଗ-ବଂଶାନୁଚରିତ'ରେ ଯାହା ଲେଖା ଅଛି, ସେଥିରୁ ଅନୁମାନ ହୁଏ,

Digitized by srujanika@gmail.com

ଗଙ୍ଗବଂଶର ଶେଷରାଜା ଅପାରଗ ଭାନୁଦେବଙ୍କୁ ଦେବ ରାଜପଦରୁ ତଡ଼ା ଖାଇଥିଲେ ଓ ତାଙ୍କ ମନ୍ତ୍ରୀ-ସେନାପତି କପିଳେନ୍ଦ୍ରଙ୍କୁ ରାଜପଦରେ ବସାଇ ଦିଆଯାଇଥିଲା । ପୁଣି ଏଇ ତଡ଼ା ଖାଇଥିବା ଗଂଗ ବଂଶ ଓଡ଼ିଶାରୁ ଚାଲିଯାଇ ଗଂଜାମ ଜିଲାର ଗୁଡ଼ାରି ନିକଟରେ ନିଜ ରାଜଧାନୀ କରି ପୁଣି ସେଠି ରାଜତ୍ୱ କରିବାରେ ଲାଗିପଡ଼ିଥିଲେ ।

## ଏ କପିଳେନ୍ଦ୍ର, ହେଉଛନ୍ତି 'ଓଡ଼ କପିଳା'

ଉପରେ ଯାହା କୁହାଗଲା, ଏ ସବୁ କଥାରେ ସତ୍ୟ ଅଛି । ଅଥଚ କୌଣସିଟି ପୂର୍ଣ୍ଣ ସତ୍ୟ ନୁହେଁ । ହୁଏତ ମହାପ୍ରସାଦ ଗପର ଗାଂପି ଖାଇବା ଅବସ୍ଥାରୁ କପିଳ ସତରେ ଉଠିଥିଲେ । ମାତ୍ର ଜଗନ୍ନାଥଙ୍କ ଅଭିରୁଚି କିମ୍ବା ଓ କୁହୁକ ହେତୁରୁ ନୁହେଁ, ନିଜର ପ୍ରତିଭା ଓ ବିଚକ୍ଷଣତା ବଳରେ । ସମ୍ରାଟ ହେଲାପରେ, ଅନ୍ୟାନ୍ୟ ରାଜା ସମ୍ରାଟଙ୍କ ପରି ସମାନ ହେବାପାଇଁ ସେ 'ସୂର୍ଯ୍ୟ ବଂଶୀ' ହୋଇଥିଲେ ଓ ନିଜର 'ଓଡ଼' ଥିବାରୁ ତାଙ୍କ 'ଓଡ଼ଣୀ' ହୋଇ ଥିଲେ ମଧ୍ୟ ସେ ଗଂଗ ସମ୍ରାଟମାନଙ୍କ ରୀତି ଅନୁକରଣ କରି ବନ୍ଧୁ ରାଜାଙ୍କ କନ୍ୟାଙ୍କୁ ଏକ ପରେ ଏକ ବିବାହ ହୋଇଥିଲେ । ମାତ୍ର 'ଓଡ଼' କପିଳା ବା କପିଳେନ୍ଦ୍ରଙ୍କ ମହତ୍ତ୍ୱ ଏଡ଼ା ଏ ସବୁରେ ଖୋଜି ଦେଖିବାର କଥା ନୁହେଁ । ସମ୍ରାଟ-ପୀଡ଼ାରେ ଏତେକାଳ ଲୁପ୍ତପ୍ରାୟ ହୋଇଯାଇଥିବା ଜଗନ୍ନାଥ ଧର୍ମୀ ଓଡ଼ିଆ ଜୀବନର ଫଲ୍‌ଗୁଧାର ଏଇ କପିଳଙ୍କଦାରେ ପୁଣି ପ୍ରକଟିତ ହୋଇ ପ୍ରକାଶ ପାଇଥିଲା । ଏହାଙ୍କ ସମୟକୁ ଓଡ଼ିଆଏ ନିଜର ସ୍ୱାଧୀନ ଓ ସ୍ୱଚ୍ଛନ୍ଦ ଚଳଣିରେ ପୁଣି ଜାଗ୍ରତ ହୋଇ ଉଠିଥିଲେ ଓ କପିଳେନ୍ଦ୍ର ଥିଲେ ସେଇ ଜାଗରଣର ସଂକେତ । ଖାଲି ବିଜୟ ବା ଦିଗ୍‌-ବିଜୟରେ ନୁହେଁ, ଏ ମହାଜାଗରଣର ଜୀବନ୍ତ ସ୍ପନ୍ଦନ ଦେଖରେ

Digitized by srujanika@gmail.com

ଖେଳି ଯାଇଥିଲା ଓ ଓଡ଼ିଆର ଜୀବନ ସାଧନା ସତେ ଯେପରି ଲୁହିତ ସ୍ୱର୍ଗରେ ନୂତନ ରୂପଧର ସୃଷ୍ଟି କରିଥିଲା ।

### ସାହିତ୍ୟର ପ୍ରମାଣ

ଭୌମବଂଶ ବା କଳିଙ୍ଗ କୁଳର ଯେଉଁ ରାଜା ପ୍ରଜାର ସଂବନ୍ଧ ଓ ଜୀବାଚନ ସ୍ୱଚ୍ଛ କଥା କୁହା ଯାଇଛି, ତା ଏବେ ମନ୍ତ୍ର-ଭାନୁଙ୍କ ବେଳକୁ ପୁଣି ସୃଷ୍ଟି ହେଉଛି । ଏ ମଧ୍ୟରେ ପ୍ରତାପୀ କୋଶଳ-କେଶରୀ ତଥା ଗଂଗମାନେ ଧର୍ମ ତଥା ଧନ ଗୌରବରେ କିଛି କମ ନ ଥିଲେ । ଏଇ ପାଞ୍ଚଶହ ବର୍ଷ ଭିତରେ ପୁଣି ଲକ୍ଷପ୍ରଦ ଶୀସ୍ୱମୀତମାନଙ୍କ ସବୁ ଓଡ଼ିଶାର ଏ ସୃଷ୍ଟି ସେ ସୃଷ୍ଟି ଯାଏ ବିରାଟ କଳା କୌଶଳ ଦେଖି ବିଶାଳ ମନ୍ଦିର ମାନ ହୁଏତ ଯେପରିକି ପ୍ରଜାଙ୍କ ଅନ୍ତରର ଦର୍ପ ଶୋଷିତରେ ଧର୍ମ ତଥା ଦେବତାଙ୍କ ଅର୍ଚ୍ଚନ ପାଇଁ ତୋଳା ହୋଇଥିଲା । ହୁଏତ ଅନ୍ତ୍ୟଜ ଓ ପ୍ରତିଷ୍ଠାବନ୍ତ ବ୍ୟକ୍ତିଙ୍କ ସ୍ୱାର୍ଥ ଅନୁବର୍ତ୍ତନ ଭଳି ସେମାନେ ୧୨ଟି ମନ୍ତ୍ରୀଙ୍କୁ ତାଙ୍କ ପରାମର୍ଶରେ ଶାସନ ଚଳାଇବାର ପଦ୍ଧତିଟି ରଖି ଥିଲେ । ପୁଣି ହୁଏତ ଗ୍ରାମ ଶାସନର ଛବିଟି ଠିକ ଯେପରି, ସେଇପରି ଥିଲା । କିନ୍ତୁ ସେ ସବୁରେ ଯଥାର୍ଥ ଜୀବନ ନ ଥିଲା । ‘ଏକାବଳୀ’ରେ ସାହିତ୍ୟସେବୀ ଓ ସାହିତ୍ୟଜ୍ଞ ବିଦ୍ୟାଧର, ନରସିଂହ ଦେବଙ୍କୁ ଯେ ଖୋସାମୋଦିଆ କରିଛନ୍ତି, ତା ଭକ୍ତି-ବାଦୀ ବୈଷ୍ଣବଙ୍କ ‘ଗୋବିନ୍ଦ ବିରୁଦାବଳୀ’କୁ ହୁଏତ ବଳି-ଯାଇଛି । ମାତ୍ର କପିଳେନ୍ଦ୍ରଙ୍କ ସୂର୍ଯ୍ୟବଂଶ-ଗୌରବ ସତ୍ତ୍ୱେ ତାଙ୍କର ସାରଳାଦାସ ତାଙ୍କୁ ‘ଗୋପାଳ ନୃପତି ମଲ୍ଲଧ୍ୱଜ’-ସମ୍ରାଟ ବୋଲି କହି କପଟ ଜାତିର ସଂକେତ ଦେଇଛନ୍ତି, ଦେଖ—

ସାରଳାଦାସ ଲେଖିଛନ୍ତି—

“ଗୋପାଳ ନୃପତି ନାମ ମଲ୍ଲଧ୍ୱଜ ବୀର
ଯୁଗାବତୀ ବୋଲୁଣ ଯେ ଦୁହିତା ତାହାର ।

Digitized by srujanika@gmail.com

ସସାଗର ପୃଥ୍ୱୀକି ନବ ଭାଗ କଲେ
ଜବଖଣ୍ଡ ମେଦିନୀ ନବ ପୁତ୍ରଙ୍କୁ ଦେଲେ ।
ରାଜାର ଜ୍ୟେଷ୍ଠପୁତ୍ର ନାମ ସ୍ଥୂଳଜିତ
ଓଡ଼ଣୀ ଭାରିଜା ତାର ଅଟଇ ସଂଗତ ।
ମାହାଙ୍କର ଭାଗ ଯେ ଓଡ଼ରାଷ୍ଟ୍ର ମଣ୍ଡଳେ
ତେଣୁ ଓଡ଼ିଶାକୁ ଓଡ଼ରାଷ୍ଟ୍ର ଯେ ବୋଲଇଲେ" ।

କଥାଅଛି, କପିଳେନ୍ଦ୍ରଦେବଙ୍କର ଅଠରଟି ପୁଅ ଥିଲେ । ସେ ସବୁ ପରେ ବଡ଼ ହୋଇଥିବା ରାଜଜେମାମାନଙ୍କ ପୁଅ । ଗଜପତି କପିଳ ରାଜା ହେବା ପୂର୍ବରୁ ତା'ର ଏକ 'ଓଡ଼ଣୀ' ଭାରିଯା ଥିଲା । ତାର ପୁଅ ହେଉଛି, ପୁରୁ । ସେ ବଡ଼ ପୁଅ; କିନ୍ତୁ ରାଜ କନ୍ୟାଙ୍କ ପୁଅ ନୁହେ । ରାଜ କନ୍ୟା ଓ ସେଇ କନ୍ୟାଙ୍କ ପୁଅମାନେ ସେ ଓଡ଼ଣୀକୁ କହୁଥିଲେ, 'ପୋଇଲି' —କାରଣ, ସେ କ୍ଷତ୍ରିୟ ବଂଶରେ ଜନ୍ମିତା ନ ଥିଲା । ପୁରୁ ବା ବାଳିବଜ୍ରୀ ପୁରୁଷୋତ୍ତମ-ଦେବଙ୍କୁ, ଏବେ ବି ଓଡ଼ିଆଏ ମନେ ରଖିଚନ୍ତି, 'ପୋଇଲି ପୁଅ ପୁରିଅ' ବୋଲି । ନିଜ ଗୁଣରେ ସେଇଏହି! ରାଜ୍ୟର ଉତ୍ତରାଧିକାରୀ ରୂପେ ବସ୍ଥି ହୋଇଥିଲେ ଓ ଅନ୍ୟ ପୁଅମାନଙ୍କୁ କପିଳେନ୍ଦ୍ର ଉପାନ୍ତ ପ୍ରଦେଶମାନଙ୍କର ଶାସନ ଭାର ଦେଇଥିଲେ । ପରଂପରାର ଅଠର ପୁଅ ନ ଲେଖି, ସାରଳାଦାସ ନଅ ପୁଅଙ୍କୁ ନଅ ଭାଗ କରିଦେଇ ଓଡ଼ରାଷ୍ଟ୍ରଟି ପୁରୁଙ୍କୁ ଦେଲେ ବୋଲି କହୁବାଟି ଝୁଦ୍ ସଂଭବ ପୁରାଣ କଥା ସଙ୍ଗେ ମିଶାଇବା ପାଇଁ କରାଯାଇଛି । ପୁରାଣ କହନ୍ତି,ମନୁ ପୃଥିବୀକୁ ଦଶଭାଗ କରି ନଅ ପୁଅଙ୍କୁ ନଅ ଭାଗ ଦେଲେ । ବାକି ଭାଗଟି ହେଉଛି ଉତ୍କଳଖଣ୍ଡ । ତାକୁ ସେ ଦେଲେ, ନିଜ କନ୍ୟାର ପୁତ୍ର ସୁଦ୍ୟୁମ୍ନଙ୍କୁ । ଏଠାରେ ମଧ୍ୟ

ଓଢ଼ଣୀର ହଗ ଓଢ଼ସଣ୍ଡୁଛି ପୁରୁ ଖାଇଲେ ବୋଲି କୁହାଯାଇଛି । ଏସବୁ କଥା ଏବେ ଥାଉ । ଓଡ଼ିଆ ଜୀବନ ଓ ଜାତୀୟ ସାହିତ୍ୟ ଉପରେ ପୁଣି କିପରି ଉଠି ଥିଲା, ତାହାହିଁ ଏଠି ଦେଖିବାର କଥା ।

**କିଂବଦନ୍ତୀର ପ୍ରମାଣ**

'ହାତୀ ସୁନା କଳସ ଢାଳିବା' କଥା କୁହା ଯାଉଥିଲା । ନା ପ୍ରକୃତରେ କି ଜନିଷ ଥିଲା—ଏଇ ବଚନଟି ଓଡ଼ିଆ ଚଳଣି ତଥା ଓଡ଼ିଆ ସାହିତ୍ୟର କିରୂପ ପ୍ରକାଶ କରୁଥିଲା, ତା କୁଳିଳ-କୁଳୀ ଢୋଲିସ ସମ୍ରାଟଙ୍କ ଲେଖାରୁ ଉଦ୍ଧାର କରି ଦେଖାଇ ଦିଆଯାଇଛି । ଏବେ ଏଇ ଯାଥାର୍ଥ "ବୀର ଶ୍ରୀଗଜପତି ଗୌଡ଼େଶ୍ୱର ନବକୋଟି-କର୍ଣାଟ-କଳବରଗେଶ୍ୱର-ପ୍ରତାପ-ଶ୍ରୀ କପିଳେନ୍ଦ୍ରଦେବ"ଙ୍କ ସବଧରେ ଜନଶ୍ରୁତିରେ ଏଇ ହାତୀ ସୁନା କଳସ ଢାଳିବା କଥାଟିଇ ବରବର ଶୁଣାଯାଏ । ସେତିକି ନୁହେଁ । ଯାହା ଶୁଣାଯାଏ, ସେଥିରୁ ଏକ ପ୍ରକାର ପ୍ରାମାଣ୍ୟଭାବରେ ମନେ ହୁଏ, ସତ୍ୟକୁ ଉପଯୁକ୍ତ ଋଙ୍କା ନ ମିଳିଲେ, ଏହାଇ ସେପରିକି ଓଡ଼ିଆଙ୍କର ସର୍ବଂସ୍ୱ ନିର୍ଦ୍ଦିଷ୍ଟ ଏକମାତ୍ର ତତ୍ତ୍ୱ । କପିଳେନ୍ଦ୍ରଙ୍କ ସବଧରେ ଜଗନ୍ନାଥଙ୍କ ଅତିମାନବିକ ବା ଅତି ଭୌତିକ ମହିମା କଳ୍ପନା ଓ ସ୍ୱଗୁର ଉଦ୍ଦେଶ୍ୟରେ ମାଦଳାପାଞ୍ଜି ଲେଖକ ଯାହା କହନ୍ତୁ, କିଂବା ବାସୁଦେବରଥ ପ୍ରଭୃତି ଜଳକର କୌଣସି ପୃଷ୍ଠ ପୋଷକ ସ୍ୱାମୀଙ୍କ ବଂଶ ଗୌରବ ଦେଖାଇବା ପାଇଁ ଯାହା ପ୍ରକ୍ଷେପ ବା ଅର୍ଥ କରନ୍ତୁ, ଜନାଜନରେ ଗଢ଼ିଅସୁଥିବା କିଂବଦନ୍ତୀର ମହତ୍ତ୍ୱରୁ ସାତ ସତ୍ୟ ସଙ୍ଗରେ ମେଳେ ନାହିଁ । ପ୍ରତାପରୁଦ୍ର ହେଉଛନ୍ତି, କପିଳେନ୍ଦ୍ରଙ୍କ ନାତି । ତାଙ୍କ କାଳର ଇବଦେବାଗ୍ରହ, ସତ୍ୟରେ କେବଳ ସୂର୍ଯ୍ୟବଂଶଟି ଲଗାଇବା ଛଡ଼ା ଅନ୍ୟ ବିଶେଷ କିଛି ବଦଳାଇ ନାହାନ୍ତି । ସେବର ଚଳିଅସୁଥିବା କିଂବଦନ୍ତୀଟି ହେଉଛି ଏଇ—

Digitized by srujanika@gmail.com

କାଶିଆ ବାହ୍ମଣ ଓ କପିଲା ଗଉଡ଼, ଦୁଇଟି ପିଲା । ଦେଖ ଦୁହେଁ ଭାରି ସାଙ୍ଗ ସୁଖ । କପିଲା ନିତ ଗାଈଜଗି ଯାଏ । କାଶିଆ ତା ସଙ୍ଗେ ଗଛଅକୁ ଯାଏ । ଦୁହେଁ ଗାଁଅଠୁ ଦୂର ପଡ଼ିଆରେ ଦିନଯାକ ବଇଁଶି ବଜାନ୍ତି, ଗୀତବୋଲନ୍ତି । ସଞ୍ଜକୁ ଘରକୁ ଆସନ୍ତି । ଦିନେ କପିଲା ଅଗରୁ ଦାଣ୍ଡ ଫିଟେଇ ଯାଇ ଗାଈଙ୍କି ପଡ଼ିଆରେ ଚରିବାକୁ ଛାଡ଼ିଦେଇ ଆପେ ଗୋଟିଏ ବରଗଛ ମୂଳେ ଚିତ୍ ହୋଇ ପଡ଼ି ବଇଁଶି ବଜାଉ ବଜାଉ ବଇଁଶିଟି ଛାତି ଉପରେ ପକାଇ ଦେଇ ନିଦୋଳ ନିଦରେ ଶୋଇ ପଡ଼ିଲା । କାଶିଆ ଅସ୍ତଅସ୍ତ ଖଣ୍ଡେ ଦୂରରୁ ଦେଖିଲା, କପିଳା ଶୋଇଛି, ତା ମୁଣ୍ଡଉପରେ ଗୋଟାଏ ବଡ଼ ନାଗସାପ ଫଣା ଟେକି ରହିଁଛି । କାଶିଆ ଏହା ଦେଖି ଚକ୍କା ହୋଇ ଠିଆ ହୋଇଗଲା । କେତେବେ-ଳେକେ ସାପଟି ମୁଣ୍ଡ ଲୁଚାଇ ତା ବାଟେ ବାଟେ ଚାଲିଗଲା । ତହୁଁ କାଶିଆ ଯାଇ କପିଳାକୁ ଉଠାଇ ସବୁକଥା କହିଲା; କହିଲା, ‘କପିଳା, ଏ ତୋର ଗୋଟାଏ ରାଜଯୋଗର ଲକ୍ଷଣ, ତୁ ରଜାହବୁ ।’ କପିଳା ଥଟ୍ଟାରେ କହିଲା, ‘ସତେ, ମୁଁ ରଜା ହେଲେ, ତତେ ଗୋଟେ ମନ୍ତ୍ରୀ କରି ଦେବି ।’ କାଶିଆର କିନ୍ତୁ ଏହି ରାଜ ଯୋଗରେ ଖୁବ୍ ବିଶ୍ୱାସ ଥିଲା । ସେ କପିଳାକୁ ସତ୍ୟ କରାଇ, ଦେଶେ ଯାଇ ରହିଲା । କେତେ କାଳ ପରେ ସତକୁସତ କପିଳା ମୁଣ୍ଡରେ ହାତୀ ସୁନା କଳସ ଢାଳିଲା; କପିଳା ରଜାହେଲା । ରଜା ହେଲା ବେଳକୁ ସେ ଅବଶ୍ୟ ବିମଳାଙ୍କ ‘ମହନ’ ପାଖେ ଖପସରୁ ଅଭିଜ୍ଞା ଦୂରେ ଖାଉ ନ ଥିଲା, କି ସତରେ କାହାଧରେ ବାନ୍ଧି କରୁ ନ ଥିଲା । ସେତେବେଳକୁ ନିଜ ଗୁଣକର୍ମ ପ୍ରକାଶ କରି ହୋଇଥିଲା, ଷୋଳମନ୍ତ୍ରୀଙ୍କ ଭିତରେ ପ୍ରଧାନ, ଅର୍ଥାତ୍ ସେନା-ପତି । ଏବେ ସାମ୍ରାଜ୍ୟର ସଂକଟବେଳ ଦେଖି ଓ କପିଳେନ୍ଦ୍ରଙ୍କ

Digitized by srujanika@gmail.com

ଭଳି ସୁଦକ୍ଷ ନେତା ପାଇ ସାମ୍ରାଜ୍ୟର ସେଇ 'ମହାସାମନ୍ତଚକ୍ର' ପୁଣି ଜାଗି ଉଠିଲେ ଓ ଦୁରନ୍ତ ଦୁଷ୍ଟବଂଶ ମନ୍ତ୍ରୀମାନଙ୍କୁ କାଢ଼ି ଠିକ୍ ପୂର୍ବ ତ୍ରିଭୁବନ ମହାଦେବୀଙ୍କୁ 'ଅନୁନୟ ବିନୟରେ ଅନୁରୋଧ କରି ସିଂହାସନରେ ବସାଇଲା ପରି କପିଳେନ୍ଦ୍ରଙ୍କୁ ସିଂହାସନଉପର ବସାଇଲେ ।

ନିର୍ବାଚନରେ ନିପୁଣତା

ଭୌମ ବଂଶର 'ତ୍ରିଭୁବନ ମହାଦେବୀ' ଓ ସେଇ ବଂଶର ବା ତା ପୂର୍ବରୁ ଅନ୍ୟ କୌଣସି ରାଜବଂଶର 'ଗୋସ୍ୱାମିନୀ'ଙ୍କ କଥା ଭୌମ ଲେଖରୁ ଉଦ୍ଧାର କରାଯାଇଛି । ହାତୀ ସେ ଘଟଣା ମାନଙ୍କରେ ତାଙ୍କ ମୁଣ୍ଡରେ ସୁନା କଳସ ଢାଳି ଥିଲା । ସେ ନିର୍ବାଚନ କେତେ ସମୀଚୀନ ଓ ଉପଯୁକ୍ତ ହୋଇ ଥିଲା, ତା କହିବା ଦରକାର ନାହିଁ । ଏବେ ଏଇ କପିଳେନ୍ଦ୍ର ଦେବଙ୍କ କଥା ଦେଖ । କଳିଂଗର ଯେ ଜନ-ସ୍ୱାଧୀନତା ଓ ଜନ ଶାସନ-ପରଂପରା ଓଡ଼ିଆ ସାହିତ୍ୟ ତଥା ସଭ୍ୟତାର ଭିତ୍ତିପୀଠ, ତା ଏଠାରେ ପରିସ୍ଫୁଟ । ହାତୀସୁନା କଳସ ଢାଳିବା କଥାଟିରେ ତା ପୁଣି ହୋଇଛି ରନ୍ଧ୍ରେ, ରନ୍ଧ୍ରେ ଅନ୍ତର୍ନିହିତ । ସମ୍ରାଟ୍ ରୂପେ ବଛାହେଲା ବେଳକୁ, କପିଳେନ୍ଦ୍ର ହୋଇ ଥିଲେ, ସାମ୍ରାଜ୍ୟର ପ୍ରଧାନ ମନ୍ତ୍ରୀ ଓ ସେନାପତି । ଦକ୍ଷିଣରେ ଦୁରନ୍ତ ପ୍ରବଳ ଶତ୍ରୁଙ୍କୁ ଜିଣି ଓ ଦଣ୍ଡଦେଇ ସେତେବେଳକୁ ସେ ଖୁବ୍ ନାଁ କରି ସାରିଲେଣି । ସେ ବଛା ହେଲେ; ହେଲେହେଁ ପୁଣି ଆଉ କାହାର ଈର୍ଷା ବା ଅସୂୟା ପ୍ରକାଶ ପାଇବାର ଜଣା ନାହିଁ । ଏ ମୁଣ୍ଡ ଗଣତି ଭୋଟର ନିର୍ବାଚନ ନୁହେଁ । ଏ ଯଥାର୍ଥ ଗୁଣ ଗ୍ରାହିତାର ନିର୍ବାଚନ । ଏହା ସର୍ବସଂମତ । ନିର୍ବାଚନର ପୁଣି ଏଥିରେ କୌଣସି ହୀନ ଅଭିଳାଷ ବା ସଂକୀର୍ଣ୍ଣ ସ୍ୱାର୍ଥ ନାହିଁ । ସେଥିପାଇଁ ଭୋଟ ସଂଗ୍ରହ ନାହିଁ, କି ଲାଞ୍ଚଦେବା ନାହିଁ, କି 'ହାତୀ

Digitized by srujanika@gmail.com

ଦେଖି କି ଛାଡି ଦେବେ' ନାହିଁ । ଜଗନ୍ନାଥଧର୍ମରେ ଏସବୁ ହୋଇ ନ ପାରେ । ନିଜକୁ ସେବା ବାଟେ କୈବଲ୍ୟର ସୁଯୋଗ ଦେବାପାଇଁ ଯାହାର ସମାଜ ଓ ଜଗତ, ସେହି ସ୍ଥଳରେ ଯେ ଜଗତ ରୂପୀ ମୂର୍ତ୍ତି ବା ଜଗନ୍ନାଥଙ୍କ ଉପାସନା କରେ, ତା ସ୍ୱାର୍ଥ ଓ ତା ଅଭିଳାଷ, ନିଜ ଭୋଗ ଠିକ ରଖି ସେଇ ଦୃଷ୍ଟିରେ ଅନ୍ୟକୁ ଓ ସମାଜକୁ ସଂଭାଳିବାର ଯେ ସ୍ୱାର୍ଥ ଓ ଅଭିଳାଷ, ତାଠାରୁ ପରିମାଣରେ ନୁହେଁ, ପ୍ରକୃତି ଓ ପ୍ରକାରରେ ଭିନ୍ନ । ଈଶ୍ୱର ବା କୃଷ୍ଣଙ୍କ ଠାରେ ନିଜ ଭୋଗ ସମୃଦ୍ଧି ଓ ସଂମାନ ମାଗିବା ଲୋକର ଆଗ୍ରହ ଓ ଚଳଣି ଯାହା, ନିଜ କୈବଲ୍ୟର ଏକମାତ୍ର ଉପାୟ ରୂପେ ଯେ ସମାଜ ବା ଜଗତ୍ ସେବା କରିବାକୁ ବାହାରିଛି, ତା ଆଗ୍ରହ ଓ ଚଳଣି ତା ନୁହେଁ—ହୋଇ ନ ପାରେ । ନିଜ ଉପାସ୍ୟ ଈଶ୍ୱରଙ୍କ କଳ୍ପିତ ଆଦେଶରେ ବା ତାଙ୍କର କଳ୍ପିତ ଇଚ୍ଛାର ଅନୁବର୍ତ୍ତନ କରି ଯେ ଦୁଃସ୍ଥ ବା ଦୁର୍ଗତଙ୍କୁ ଲୁଣ୍ଠନ କରେ, ବୈଷ୍ଣବୀ ତନ୍ତ୍ର, ତା ତାର ବୁଝିବାର ପରିସର ଭିତରେ ନାହିଁ । ଜଗନ୍ନାଥର ବୈଷ୍ଣବୀଧର୍ମ ବୁଝିବା ତଥା ଜଗନ୍ନାଥ ଉପାସନା କରିବା ତା କର୍ମ ନୁହେଁ ।

**ଅଉ କାସିଆ କପିଳାର କି ଭେଟ ?**

ଚଳଣିରେ କପିଳେନ୍ଦ୍ର କଣ ଥିଲେ, ତା ଦେଖିଲେ, କଥାଟି ଦୃଷ୍ଟାନ୍ତରେ ବେଶ ବୁଝାଯିବ । ସେଇ କିଂବଦନ୍ତୀରେ ପୁଣି ଅଛି, କପିଳେନ୍ଦ୍ର ସମ୍ରାଟ ହେବା ପରେ, ସେଇ ପିଲାଦିନର ସଂଗୀ 'କାଶିଅ' ବାହ୍ମଣ ବହୁ ଚେଷ୍ଟା କରି, ବହୁ ଲୋକଙ୍କ ଅନୁସରଣ କରି ଅପ ଦିନେ କପିଳେନ୍ଦ୍ରଙ୍କ ସଙ୍ଗେ ଦେଖା କଲା । କପିଳେନ୍ଦ୍ର ତାକୁ ଦେଖିଲା କ୍ଷଣି ପୁଣି ତାଙ୍କ ପାଖେ ସେଇ 'କପିଳା ଗଉଡ଼' ହୋଇ ଗଲେ । ଦୁହିଁଙ୍କର ପିଲାଦିନର ସୌହାର୍ଦ୍ଦ୍ୟ ଯେମିତି ଫେରି ଆସିଲା । ଦୁଃଖ ସୁଖ କଥାବାର୍ତ୍ତା ସବୁ ପଡ଼ିଗଲା । ଶେଷକୁ

Digitized by srujanika@gmail.com

'କାଶିଅ'ଙ୍କୁ ମନ୍ତ୍ରୀ କରିବା ପାଇଁ ସତ୍ୟ କରି ଥିବା କଥା କାଶିଅ ମନେ ପକାଇ ଦେଲା । କପିଳେନ୍ଦ୍ର କହିଲେ, 'ହଁ, ମୁଁ ସେ କଥା ବିଷୟରେ ଅଣ ଜନେ ଅଛି ।' କାଶିଅ କହିଲା, 'ଅନ୍ୟ କାଶିଅ କପିଳାର କି ଭେଟ ?' ଅର୍ଥାତ୍, ସମ୍ରାଟଙ୍କୁ ମୋ ଭଳି ଲୋକ ଅନ୍ୟ ଏପରି ଅନୁଗ୍ରହ ମାଗିବାକୁ ଅକ୍ଷମ ଅଥବା ଠିକ୍ ହେବ ନାଇ, ତା ମୁଣ୍ଡ ସମ୍ଭବ ନୁହେଁ । କପିଳେନ୍ଦ୍ର ସେହି କ୍ଷଣି କାଶିଅଙ୍କ ସ୍ୱଚ୍ଛନ୍ଦ କରିବା ପାଇଁ ମହେଶ୍ୱର ଭୂମି ଥିବା ଭଳି ଗୋଟିଏ ଶାସନ ଦାନ କଲେ । ତାର ଅବଶେଷ ଏବେ ବି ଅଛି । ତା ବେଳଠାରୁ ପୁରୀଜିଲ୍ଲା ନିମାପଡ଼ା ଥାନାର ବଳଂଗା ପାଖ 'କାଶିଅ ଶାସନ' ବା କାଶିଅ-ବେରବୋଇ-ଶାସନ । କପିଳେନ୍ଦ୍ର ପିଲା-ଦିନେ ଗରିବ ଥାଇ ପାରନ୍ତି, ସେତେବେଳେ ସାମ୍ରାଜ୍ୟର ମହାଜନ ସେବାରେ ଅବଶ୍ୟକ ପଡ଼ିବାରୁ ନିଜର ପୂର୍ବପୁରୁଷଙ୍କ ସଂଗେ ପୂର୍ବସଂପର୍କ ସ୍ଥାପନ କରି ରାଜାମାନଙ୍କୁ ବଞ୍ଚେଇ ପାରନ୍ତି । ମାତ୍ର ସମ୍ରାଟ ଓ କବିଲେକ ହୋଇ ମଧ୍ୟ ସେ କାଶିଅଙ୍କୁ ସେଇ କପିଳା ପରି ଦୁଏତ ସଭାସଦ୍ ମାନଙ୍କ ଆଗରେ ଗଦ ଗଦ ହୋଇ କୁଣ୍ଢାଇ ଦବାଇବାରେ କୁଣ୍ଠିତ ନୁହନ୍ତି, କି ନିଜର ସହଲ ପନ୍ନୀ ଓଡ଼ଣୀକୁ ବା ତା ପୁଅକୁ ତଳେ ହେଲେ ଭୁଲି ଯାଇ ନାହାନ୍ତି । ପୁଣି ସେଇ ସମ୍ରାଟ କପିଳେନ୍ଦ୍ରଙ୍କ ଅତି ସମ୍ମାନିତ ବୟସର ( ଦୁଏତ, ଶେଷ ବର୍ଷର ) ଗୋଟିଏ ଶିଳା ଲିପିରେ ଅଛି, ସେ ସେଥିରେ ସାମ୍ରାଜ୍ୟର ସମସ୍ତ ଭୂମି ଓ ନିଜର ସବୁ ଧନ ରତ୍ନ ଜଗନ୍ନାଥଙ୍କୁ ଉତ୍ସର୍ଗ କରି ଦେଇଛନ୍ତି । ସେ କହିଛନ୍ତି, "ଶ୍ରୀ ଜଗନ୍ନାଥ ମୋହର ରାଜ୍ୟ ଅଭ୍ୟନ୍ତର ଙ୍କଣ୍ଟୁ ମୋହର ଯେତେ ରତ୍ନ ପଦାର୍ଥ ଅଛି, ସେ ଭୋଜନ ହୋଇଁ ଅର ଅନଧନ ଯେତେ ଅଛି ମୁଇଁ ବ୍ରାହ୍ମଣ ହାତରେ ଯେତେ ଦେଇ ପାରେ ତାହା ଦେବି ଏ ଭୂମିଗଣ୍ଡ

Digitized by srujanika@gmail.com

ଓ ଜାହାକୁ ଅନୁଗ୍ରହ କରିଥା ମୋକ୍ଷର ସେ କେବେ ନୁହେଁ ।"
(ଖ୍ରୀ ୧୪୬୭ ର ଲିପି—ସୂର୍ଯ୍ୟ ନାରାୟଣ ଦାସ—ଓଡ଼ିଆ ସାହିତ୍ୟର ଇତିହାସ—ପ୍ରଥମ ଭାଗ, ଦ୍ୱିତୀୟ ସଂସ୍କରଣ—ପୃ ୧୭୧ )

## କପିଳେନ୍ଦ୍ରଙ୍କ ଧର୍ମ କର୍ମ

ଏତିକି ନୁହେଁ । ରାଜତ୍ୱର ଦ୍ୱିତୀୟ ବର୍ଷ ( ଖ୍ରୀ ୧୪୩୭ ) ଜଗନ୍ନାଥଙ୍କ ଦେଉଳରେ ଖୋଦିତ ଶିଳାଲେଖରେ ରାଜମନ୍ତ୍ରୀ ପୁରୋହିତ ମାନଙ୍କୁ ସାକ୍ଷୀ କରି ସେ ପ୍ରଜାଙ୍କୁ ଲୁଣ ଓ କଉଡ଼ି ଉପରୁ ଟିକସ ଛାଡ଼ କରି ଘୋଷଣା ପ୍ରକାଶ କରିଛନ୍ତି । ଖ୍ରୀ ୧୪୫୯ ରେ ସେହି ଜଗନ୍ନାଥ ମନ୍ଦିର ଦେହରେ ଉତ୍କୀର୍ଣ୍ଣ ଏକ ଲେଖରୁ ଜଣାଯାଏ, ସେ ନିଜର ସମସ୍ତ ମୂଲ୍ୟବାନ୍ ପଦାର୍ଥମାନ ବ୍ରାହ୍ମଣ ମାନଙ୍କୁ ଦାନ କରିବେ ବୋଲି ବ୍ରତ ଗ୍ରହଣ କରି ଥିଲେ । ଖ୍ରୀ୧୪୫୦ ରେ ଦାକ୍ଷିଣାତ୍ୟ ବିଜୟରୁ ଫେରି ଆସି ସେହି ଅଭୁ ଅଣିଥିବା ଅତିମୂଲ୍ୟବାନ୍ 'ପୁଣ୍ଡରୀକ-ଗୋପ' ଶାଢ଼ୀ ଜଗନ୍ନାଥଙ୍କୁ ଦେଇଥିଲେ । ମନେ ରଖିବାର ଅଛି, ଶାଢ଼ୀ ପିନ୍ଧିବାପାଇଁ କପିଳେନ୍ଦ୍ରଙ୍କର ଓଡ଼ିଶୀ ଠାରୁ ସେବକନ୍ୟାମାନଙ୍କ ପର୍ଯ୍ୟନ୍ତ ସ୍ତ୍ରୀର ସଂଖ୍ୟା କିଛି କମ୍ ନ ଥିଲା । ଖ୍ରୀ : ୧୪୬୪ରେ ପୁଣି କପିଳେନ୍ଦ୍ର, ରାଜ୍ୟର ସମସ୍ତଙ୍କୁ ଶୁଣେଇଲା ଜଣାଇ ଏକ ଘୋଷଣା ଜଗନ୍ନାଥ ମନ୍ଦିର ଦେହରେ ଖୋଳାଇ ଥିଲେ । ସେ ବସ୍ତର ଅନୁନ୍ନତ ଭାବରେ ପ୍ରଜାଙ୍କର ଅତି ନିର୍ମମ ଶୃଙ୍ଖଳ ଗ୍ରହଣ ପରି ସାମ୍ରାଜ୍ୟର ସର୍ବାଙ୍ଗ ଭୁଲି ଶାସନ ନିଜେ ଯାଞ୍ଚ କରି ଦେଉଥିଲେ, ଓ ପୁଣ ସଜାର ବ୍ୟବସ୍ଥା କରୁଥିଲେ । ଏହି କାର୍ଯ୍ୟ କରୁ କରୁ ଦକ୍ଷିଣରେ କୃଷ୍ଣା କୂଳରେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତ୍ୟୁ ସମୟରେ ତାଙ୍କଠାରେ ଥିବା ସମସ୍ତ ମଣି ମୁକ୍ତାଦି ଜଗନ୍ନାଥଙ୍କୁ ଦେବାପାଇଁ ସେ ନିଜର ଛଅଜଣ ବିଶ୍ୱସ୍ତ ମହାପାତ୍ରଙ୍କୁ ଦେଇଥିଲେ । ସେମାନେ ପୁରୀକୁ

Digitized by srujanika@gmail.com

ଅସି ତା ସବୁ ଜଗନ୍ନାଥଙ୍କୁ ଦେଇ ସେଥିପାଇଁ ମନ୍ଦିରରେ ଏକ ଲିପି ଖୋଳାଇ ଥିଲେ ।

## ସେ ସବୁର ଯଥାର୍ଥ ପ୍ରକାର ଓ ଅର୍ଥ ବ୍ୟାପ୍ତି

ଅଜିତ ଭକ୍ତିମୟ ଜଗତ୍ । ସେଥିରେ ଏ ସବୁରେ ଦେବତା ବ୍ରାହ୍ମଣ ଭକ୍ତି ଓ ଜଗନ୍ନାଥ ଭକ୍ତି ଖୁବ୍ ଦେଖାଇ ଦିଆଯାଇ ପାରେ । ମାତ୍ର ଠିକ୍ ଦେଖି ବସିଲେ ଦେଖାଯିବ, ଏ ସବୁରେ ଅନ୍ଧ ଭକ୍ତିର ନାମଧର୍ମ ବା ସେଇ ସଂପର୍କୀୟ ଭକ୍ତି-କୃତ୍ୟ ଜମା ନାହିଁ । କାମନାକ୍ଲିଷ୍ଟ ଭକ୍ତର ମୁକ୍ତି ବହୁତ ଠାରୁ ପୂଜା ଦାସ ଧନାଦି ପାଇବାର ପ୍ରତୀକ୍ଷାରେ ଯେ ପ୍ରାର୍ଥନା ବା ପ୍ରାର୍ଥନାଗର୍ଭିତ ପୂଜା ଓ ଉପାସନା, ତା ଏଥିରେ ଅଦୌ ନାହିଁ; ଥାଇ ନ ପାରେ । ପଞ୍ଚସଖାଙ୍କ ଦେହକୁ ପୀଡ଼ିତର ଯେ ଆତ୍ମରକ୍ଷାର ଅର୍ତ୍ତନାଦ ପ୍ରକାଶ ପାଇଛି, ହଁ, ହଁ, ପରକୀୟା ସାଧନାରେ ସର୍ବଦା ପୂର୍ବ ଭାବରେ ଥିବା ତମ ରାଧା କୃଷ୍ଣ ଯାହା, ଆମ ଜଗନ୍ନାଥ ଏକାରେ ଠିକ୍ ସେଇଆ—ବାହିଁ କନା,

"ରାଧାଙ୍କ ସ୍ୱୟଂ ଜଗନ୍ନାଥ ।
ରାଧାରୁ ଜନ୍ମିଛି ଜଗତ ।
ମାୟା ବ୍ରହ୍ମ ଶ୍ରୀ ପରଂ ବ୍ରହ୍ମରେ ।
ଅଛନ୍ତି ଶ୍ରୀ ନୀଳାଚଳରେ ।
ନୀଳାଚଳରେ ପରଂବ୍ରହ୍ମ ।
ରାଧାଙ୍କ ସଂଗେ କୃଷ୍ଣ ଜାଣ ।"

( ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ପ୍ରଥମ ଭାଗ, ପୃଃ ୧୮୨, ଦେଖ । ) — ବୋଲି ବରଦ ମୁଦ୍ରାଦିର ତଥ୍ୟର କଥା ହୋଇ ଥିବା ସେଉଁ ଦର୍ଶନବ୍ୟାଖ୍ୟାର ବଖାଣ ହୋଇଛି, ତାହାର ସତ୍ତା ଏଥିରେ ନାହିଁ । ଏହାର ଅନ୍ୟତମ ପ୍ରମାଣ ପୁଣି ହେଉଛି, ସାରଳାଦାସଙ୍କ ବିଶାଳ ଲିଖିତ ସାହିତ୍ୟ ।

Digitized by srujanika@gmail.com

‘ଛେରା ପହରା’

ଚଳଣିରେ ଏହାର ଦୃଷ୍ଟାନ୍ତ ପୁଣି ହେଉଛି ‘ଛେରା ପହରା’ ! ବିଶ୍ଵରୂପୀ ପୁରୁଷର ସେବାରେ କୌଣସି କର୍ମ ହେୟ ବା ମହାପାଦେୟ ନୁହେଁ—ସବୁ କର୍ମ ସମାନ । ମନୁଷ୍ୟ ନାନା କାରଣରୁ ଯାହାକୁ ହେୟ ବା ଘୃଣ୍ୟ ମନେକରେ, ସେଇ କାମଟି ହେଉଛି ସମ୍ରାଟଙ୍କର । ଚଳଣିରେ ଏ ମୈତ୍ରୀ ଅଦ୍ଵିତୀୟ । ଏଇ ମୈତ୍ରୀ ଧର୍ମର ପାଳନ ହିଁର ବଡ଼ପାତ ଘଟିବାରୁ ପୁରୁଷୋତ୍ତମଦେବଙ୍କ ବାହିଁ ଅବଧାନ । କାରଣ ତା ଛଡ଼ା କାହିଁ ରାଜ୍ୟ ସଙ୍ଗେ ଆଉ କିଛି ବିବାଦ ସେ ଘଟଣାରେ ଥିବାର ଜଣାନାହିଁ । ପୁଣି ଦେଖ, କପିଳେନ୍ଦ୍ରଙ୍କର ବ୍ରାହ୍ମଣପ୍ରୀତି କିଛି କମ୍ ନ ଥିଲା । ତଥାପି କଥାଅଛି, ସେଇ କପିଳେନ୍ଦ୍ରଙ୍କର ଛେରା ପହଁରାରେ ପ୍ରକାଶିତ ଏଇ ସାମ୍ୟ ଧର୍ମର ଚଳଣି ସହି ନ ପାରି ଚୈତନ୍ୟଙ୍କ ପୂର୍ବ ପୁରୁଷ ଉପେନ୍ଦ୍ର ମିଶ୍ର ପ୍ରଭୃତି ବ୍ରାହ୍ମଣମାନେ ସ୍ୱସ୍ଥାନ ଯାଜପୁର ଛାଡ଼ି ଜନ୍ମଭୂମି ସଲେଟକୁ ଚାଲି ଯାଇଥିଲେ । ସ୍ୱାଦ୍ୟ ଭକ୍ତିଧର୍ମର କବଳରେ ପଡ଼ି ପରେ ପ୍ରତାପରୁଦ୍ର ଯେପରି ରାଜ୍ୟ ସମ୍ପଦ ଓ ଗୋପୀନାଥ ବଡ଼ଜେନାଙ୍କ ପରି କର୍ତ୍ତବ୍ୟ ପରାଙ୍ମୁଖ ଓ ଦାୟିତ୍ୱ ଜ୍ଞାନହୀନ ପ୍ରଜାଜୀବୀ ଶାସନ-କର୍ତ୍ତାଙ୍କୁ ଧର ଉକ୍ତିର ହୀନତାକୁ ରାଜଭକ୍ତିର ଧାର୍ମିକତା ବୋଲି ବୁଝି, ରାଜ୍ୟକୁ ଓ ରାଜ୍ୟ ଲୋକଙ୍କୁ ଚିରକାଳ ପାଇଁ ରୁଦ୍ର ବୈରବକୁ ଠେଲି ଦେଇ ନିଜର ସାଯୁଜ୍ୟ ମୁକ୍ତି ପାଇ—

“କଦାଚିତ୍ କାଳନ୍ଦୀ ତଟ ବିପିନ ସଂଗୀତକ ତର
ମୁଦାଭୀର ନାରୀ--ବଦନ କମଳାସ୍ୱାଦ ମଧୁପ”

“ଜଗନ୍ନାଥ ସ୍ୱାମୀ” ଙ୍କୁ ଗୁହାରି କରିଥିଲେ, କପିଳେନ୍ଦ୍ର ସେ ଭଳି କିଛି କେବେ ଭଳି ସମ୍ରାଟ ନ ଥିଲେ । କପିଳେନ୍ଦ୍ର ଭଲ କରି ବୁଝିଥିଲେ, ଦୃଢ଼ କର୍ତ୍ତବ୍ୟ ପାଳନ ହେଉଛି

ଜଗନ୍ନାଥ ଧର୍ମର ସମର୍ଥ ଅଗ୍ରୁର । ଦେଖାଯାଏ, ରାଜ୍ୟ ପାଇବାର ଦ୍ୱିତୀୟ ବର୍ଷ (ଖ୍ରୀ ୧୪୩୭) ସାମନ୍ତ ରାଜାମାନଙ୍କୁ ନିଜ କର୍ତ୍ତବ୍ୟରେ ରଖାଇବା ପାଇଁ କପିଳେନ୍ଦ୍ର ଗୋଟିଏ ସ୍ପଷ୍ଟ ଓ ସୁଚେତ ଘୋଷଣା କରିଥିଲେ । ସେଥିରେ ସେ କହିଥିଲେ, "ସାମନ୍ତ ରାଜାମାନେ ଅଧିପତିଙ୍କ ହିତାର୍ଥେ କାର୍ଯ୍ୟ କରିବେ ଓ ଧର୍ମ ପଥରେ ରହିବେ । ଅଧର୍ମାଚରଣ ସେମାନେ କଦାପି କରିବେ ନାହିଁ । ଅଧିପତିଙ୍କ ପ୍ରତି ଅନ୍ୟାୟ ଆଚରଣ କଲେ ସେମାନଙ୍କୁ ସେମାନଙ୍କ ରାଜ୍ୟରୁ ବାହାର କରି ଦିଆଯିବ ଓ ସେମାନଙ୍କ ସଂପତ୍ତି ସାମ୍ରାଜ୍ୟର କରି ନିଆଯିବ ।" ଏହା ଭୁବନେଶ୍ୱର ମନ୍ଦିର ଦେହରେ ଖୋଦିତ ହୋଇଥିଲା । ଧର୍ମଗୁରୁ ବାସୁ ମହାପାତ୍ର ଓ ଭୁବନେଶ୍ୱର ମହାପାତ୍ରଙ୍କ ଉପସ୍ଥିତିରେ ଏ ଘୋଷଣା କରାହେଲା ବୋଲି ମଧ୍ୟ ଲେଖରେ ଅଛି । କପିଳଙ୍କ ନିର୍ବାଚନ ଯେ ଠିକ୍ ହୋଇଥିଲା, ତା ବୁଝାଇବା ଆଉ ଦରକାର ନାଇ ।

## ପୋଇଲ ପୁଅ ପୁରିଆ

ଜଗନ୍ନାଥ ଧର୍ମୀ ଓଡ଼ିଆର ପରଂପରାରେ 'ହାତୀ ସୁନା କଳସ ଢାଳିବା' କଥାଟି କିଂତୁ କପିଳେନ୍ଦ୍ର ଭୁଲି ନ ଥିଲେ । ସେ ବଡ ସୁଦକ୍ଷ ବିଚକ୍ଷଣ ସମ୍ରାଟ ଥିଲେ ଓ ବୁଝି ଥିଲେ, ନିର୍ବାଚନରେ ଉତ୍ତରାଧିକାରୀ ବାଛିବା ଛଡ଼ା ଅନ୍ୟ ପନ୍ଥା ଠିକ୍ ନୁହେଁ । ସେଥିପାଇଁ ସେ ନିଜେ ବଡ଼ ଚିନ୍ତିତ ହୋଇ ପଡ଼ିଥିଲେ । କାହାକୁ ନିର୍ବାଚନ କଲେ ଭଲ ହେବ, ତା ହୁଏତ ସେ ଜାଣି ଥିଲେ—ପାତ୍ରମନ୍ତ୍ରୀମାନେ ହୁଏତ ଅନୁମାନ କରିଥିଲେ । କିଂତୁ ରାଜାଙ୍କର ଥିଲେ ଅନେକ ପୁଅ—କିଂବଦନ୍ତୀ କହେ, ଅଠରଟି । ସେମାନେ ପୁଣି ଥିଲେ, ବଡ ବଡ ରାଜାଙ୍କ ନାତି ଓ ଭଣଜା । କପିଳେନ୍ଦ୍ରଙ୍କ ପହିଲି ଝିଅଙ୍କା ପୁଅ ପୁରୁ । ତାକୁ ମୁପର କଲ ବୋଲି କହୁ ନ ଥିଲ ।

Digitized by srujanika@gmail.com

ରାଣୀ ଓ ରାଜପୁତ୍ରମାନେ, ତଥା ଲୋକେ ପୁଣି ଯେ 'ଓଡ଼ଣୀ'କୁ କହୁଥିଲେ, ଗୋଇଲ ଓ ତା ପୁଅ ହୋଇଥିଲା—ଗୋଇଲ ପୁଅ ପୁରିଅ। କଅଣ କରାଯାଏ ? ରାଜତ୍ୱ କାହାକୁ ଦେଇଯିବେ ? ରାଜତ୍ୱର ସଂକେତ ପୁଣି ହେଉଛି, 'ଛେରା ପହଁରା'। ସମ୍ରାଟ୍ ଜାଣିଥିଲେ, ରାଣୀ ପୁଅ ତା ବାଧ୍ୟ ହୋଇ ହୁଏତ କେତେଧନ କରିବେ। ସାମ୍ରାଜ୍ୟ ମଧ୍ୟ ସେମାନେ ବେକରେ ପଡ଼ିଲେ, ସେଇପରି, ବାଧ୍ୟ ହୋଇ ଚଳାଇବାର ଉଦ୍ୟମ କରିବେ। ତା ତ ହବ ନାଇଁ। ସାମ୍ରାଜ୍ୟ ସେବା ଯେ ଜଗନ୍ନାଥ ସେବା। ସେଥିପାଇଁ କପିଳେନ୍ଦ୍ର ଜଗନ୍ନାଥଙ୍କୁ ସ୍ମରୁଥାନ୍ତି। ଜାଣୁଥାନ୍ତି ପୁରିଅ ଛଡ଼ା ଅନ୍ୟ କେହି ଉପଯୁକ୍ତ ନୁହନ୍ତି। ତେବେ ହଠାତ୍ ପାତ୍ର ମନ୍ତ୍ରୀ ରାଜପୁତ୍ର ସମସ୍ତଙ୍କୁ ଜଣାଇ ଦେଲେ— "ଅନ୍ୟ ଜଗନ୍ନାଥ କହି ଦେବେ, ହାତୀ କାହା ମୁଣ୍ଡରେ ସୁନା କଲସ ଢାଳିବ।" ଅର୍ଥାତ୍, କିଏ ଉତ୍ତରାଧିକାରୀ ହେବ ?

## ସେଇ ଏକା ବଞ୍ଚା ହେଲେ

ସମସ୍ତେ ଦରଶନକୁ ବାହାରିଛନ୍ତି। ସମ୍ରାଟ ଅଛନ୍ତି, ପୁଅମାନେ ଅଛନ୍ତି, ପାତ୍ର ମନ୍ତ୍ରୀ ସେନାପତି ସମସ୍ତେ ଅଛନ୍ତି। ସମସ୍ତେ ବାଇଶି ପାହାଚ ଉପରେ ଜୁଟିଛନ୍ତି। ହଠାତ୍ ପବନରେ ସମ୍ରାଟଙ୍କ ଉତ୍ତରୀ ବା ପାଗୁଡ଼ିଟି ଉଡ଼ି ଯାଇ ପଛକୁ ଟିକିଏ ଦୂରରେ ପଡ଼ିଗଲା। ସମ୍ରାଟ୍ ଚମକିଗଲେ। ସମସ୍ତେ ଚହଟିଲେ, ପଛକୁ ଚାହିଁଲେ। କିଏ ଦଉଡ଼ିଲା ଖଟଣି ଗୃହର ଅସି ପାଗୁଡ଼ିଟି ଆଣିଦେବ ବୋଲି ରାଜପୁତ୍ର ଓ ମନ୍ତ୍ରୀ ଚକିତ ଅପେକ୍ଷା କରୁଥାନ୍ତି, ହଠାତ୍ 'ପୁରିଅ' ସମ୍ରାଟଙ୍କ ପଛଟରୁ ଦଉଡ଼ି ଯାଇ, ପାଗୁଡ଼ିଟି ଗୋଟାଇ ଆଣି ସମ୍ରାଟଙ୍କ ଆଗରେ ଯଥାସ୍ଥାନରେ ସଜାଡ଼ି ପକାଇ ଦେଲା। କେବେ ତା ଛଡ଼ା ଆଉ କିଏ 'ଛେରାପହଁରା'ର ଭାଜନ ? ଜଗନ୍ନାଥ ଏବେ ଜଣାଇ ଦେଲେ, ପୁରିଅ ଏକା ଓଡ଼ିଶାର ସମ୍ରାଟ ପଦକୁ ଯୋଗ୍ୟ।

Digitized by srujanika@gmail.com

ପରେ ତୃତୀୟ କିଂବଦନ୍ତୀରେ ପଶିଲା; କପିଳେନ୍ଦ୍ରଙ୍କୁ ଜଗନ୍ନାଥେ ପୂର୍ବସ୍ୱପ୍ନରେ ସଚେତନ କରିଥିଲେ—'କାଲି ସମସ୍ତଙ୍କୁ ଘେନି ମୋ ଦର୍ଶନକୁ ଯିବୁ । ବାଇଶି ପାହାଚ ଉପରେ କାହାରୁ ପାଦୁକା ଛଡ଼ା ଯିବ । ରାଜାଙ୍କୁ ଅପେକ୍ଷା ନ କରି ଯେ ତୋ କାନ୍ଧରେ ପାଦୁକା ଆଣି ଥୋଇ ଦେବ, ସେଇ ଏକା ମୋ ଛେରାପହଁରାକୁ ଯିବ । ସେଇ ତୋ ପରେ ସିଂହାସନ ପାଇବ ।' ଏ କିଂବଦନ୍ତୀର ମୂଳ ଯା ହେଉ, ଏଥିରେ ଉକ୍ତେ ଯା ବା ଭର୍ତ୍ତି କରନ୍ତୁ, କପିଳେନ୍ଦ୍ରଙ୍କ କାଳରେ ତଥା କପିଳେନ୍ଦ୍ରଙ୍କଠାରେ ଓଡ଼ିଆ ଜୀବନ କିପରି ନିଜର ପୂର୍ଣ୍ଣ ପ୍ରକାଶରେ ଜୀବନ୍ତ ହୋଇ ଉଠିଥିଲା, ତାହାହିଁ ଦେଖିବାର କଥା ।

## ଛେରା ପହଁରା ଓ ଜଗନ୍ନାଥ ଧର୍ମ

'ଛେରାପହଁରା' କଥା ସଂକେତରେ କୁହାଯାଇଛି । ସମାଜର ଶ୍ରମ-ଶୃଙ୍ଖଳା-ସଂସ୍ଥାନରେ ଏହାର ପ୍ରତିଷ୍ଠା ଓ ପ୍ରୟୋଗ ଅନ୍ତ ଟିକିଏ ଭଲ କରି ବୁଝି ରଖିବା ଦରକାର । କାରଣ, ଜଗନ୍ନାଥ ଧର୍ମର ଏହି କାର୍ଯ୍ୟରେ ଏକ ସ୍ପଷ୍ଟ ସୂଚନା । ପୁଣି ଏହା ମଧ୍ୟ ଓଡ଼ିଶା ସାହିତ୍ୟର ପ୍ରାଣ ପ୍ରକାଶ କରିବାରେ ହେଉଛି, 'କଳ' ବା ମାଟି ଛାଟି । ସୂଚନା ଦିଆଯାଇଛି, ଜଗନ୍ନାଥଙ୍କ ନୈମିଦୀ ଧର୍ମରେ ଏହା ବ୍ୟକ୍ତି କର୍ମର ସଂକେତ । ସେଇ ନୈମିଦୀ ଦୃଷ୍ଟିରେ ବ୍ୟକ୍ତିକର୍ମର ପ୍ରକାର କଣ ହେବ, କି ବଗୁଣରେ ବ୍ୟକ୍ତି କର୍ମର ମୂଲ୍ୟ ଧରା ହେବ, 'ଛେରାପହଁରା' ହେଉଛି, ତାକୁ ପ୍ରମାଣ କରିବାରେ ଗୋଟିଏ ବଡ଼ ସ୍ପଷ୍ଟ ଓ ସୁନ୍ଦର ଦୃଷ୍ଟାନ୍ତ । କଥାଟି ହେଉଛି ଏଇ—ସମାଜ ବା ଜଗତ ପାଇଁ—ଅର୍ଥାତ୍, ସମାଜର ମଙ୍ଗଳ ବା ଜଗତର ସ୍ଥିତି ରକ୍ଷା ଓ ପ୍ରଗତିର ପନ୍ଥା ପାଇଁ ଆମେ ଯେ କର୍ମ କରୁଛୁ, ତା ନୁହେ । ଜାଗତିକ ପ୍ରାକୃତ ମାନବର ଏ ସାଧାରଣ ନୈତିକ ପୀଠରେ ଯେଉଁ ବ୍ୟକ୍ତି, କର୍ମ ସେଥିରେ ଜଗନ୍ନାଥ ଧର୍ମର ନୈତିକତା ନାହିଁ । ଜଗନ୍ନାଥଧର୍ମର ମୀଠ ପୀଠ ହେଉଛି,

Digitized by srujanika@gmail.com

ଅନ୍ୟପାଇଁ କର୍ମ କରିବାର ସୁବିଧା ଆମକୁ ଦେଇ ଆମର ନିରନ୍ତର ମଙ୍ଗଳ ସାଧନ କରିବାକୁ ଏ ଜଗତ୍ ବିଦ୍ୟମାନ ଅଛି । ସେଇ ଜଗତ୍‌ରୂପ ପୁରୁଷ ହେଉଛନ୍ତି, ଜଗନ୍ନାଥ । ଜଗତର ନାଥ, ଜଗନ୍ନାଥ—ଏସବୁ ଅଂଟିକ୍ ନୁହେଁ । ମୋର ମଙ୍ଗଳ ପାଇଁ ଅଛି ସେଇ ଜଗତ୍, ଯାହାର ଆଦାନ-ପ୍ରଦାନ ଗତି କିମ୍ବା ପ୍ରବାହରେ, ମୁଁ ବୋଲି ବ୍ୟକ୍ତି ପ୍ରକାଶ ପାଉଛି ଓ ପୂର୍ଣ୍ଣ ହେଉଛି, ଯହିଁରେ ନିଜକୁ ବିସ୍ତୀର୍ଣ୍ଣ କରି ମିଶାଇ ପାରିଲେ ମୋର ପରମ ଲାଭ, ପରମ ମଙ୍ଗଳ, ମୁକ୍ତି ବା ନିର୍ବାଣ, ସେଇ ଜଗତର କର୍ମ ପରମ୍ପରାରେ ନିଜକୁ ଅବାଧରେ ପ୍ରତିଷ୍ଠିତ ରଖିବାକୁ ହେବ । ସମାଜ ହେଉଛି, ମାନବ-ବ୍ୟକ୍ତିର ସେଇ ଜଗତ୍ । ସେଇ ସମାଜ ଜଗତ୍‌ର କର୍ମ-ଶୃଂଖଳା ଭିତରେ ନିଜକୁ ନିର୍ବିଘ୍ନ ଭାବରେ ଓ ଅବାଧରେ ମିଶାଇ ଦେବାର କର୍ମ ହେଉଛି, ଜଗନ୍ନାଥ ଧର୍ମ । ଏହା ମୈତ୍ରୀଧର୍ମ । ଛେରାପହରା ଭଳି ମାହାରକୁ ଯୋଗ୍ୟ ବୋଲି ବୁଝାଯାଉଥିବା କର୍ମକୁ ନିଜେ ରଜା ନିଜର ବୋଲି ଗ୍ରହଣ କରି ଏଇ ମୈତ୍ରୀର ପ୍ରତିଷ୍ଠା କରି ସଂଗଠିତ ଓ ଦୃଢ଼ କରି ଥିଲେ ତା ବୁଝା ଯାଉଛି । ଏଇ ଐତିହ୍ୟଟିର ସଂକେତ ମାଧ୍ୟମରେ ସେଇ ବିଶ୍ୱମୈତ୍ରୀ ବା ଜଗନ୍ନାଥ ଧର୍ମର କର୍ମ ଓ ଦର୍ଶନ ସଂକେତରେ ପ୍ରକାଶ ପାଉଛି, ତା ସହିତ ଭାବ ଉପାସନା ବା ଭଜନା କଲେ ବିଶ୍ୱଧର୍ମ ଓ ବିଶ୍ୱକର୍ମରେ ମାନବ ଅଭିଭୂତ ହେବାର କଥା ।

## ଉପାସନା ଓ ଭଜନା—ପ୍ରାକୃତଧର୍ମରେ

ଅବଶ୍ୟ ଧର୍ମ ସଙ୍ଗେ ଉପାସନା ଓ ଭଜନାର ନିତ୍ୟ ସମ୍ପର୍କ, କହିଲେ ହୁଏ । କିନ୍ତୁ ଏଇ ଭଜନା ଓ ଉପାସନା ବୋଲିଲେ କଅଣ ବୁଝାଯାଏ ? ସାଧାରଣତଃ ବୁଝାଯାଏ ଉପାସ୍ୟ ଦେବତା ଓ

Digitized by srujanika@gmail.com

ଉପାସ୍ୟ ପୁରୁଷର ସ୍ତୁତିଗାନ ଓ ତାହାଠାରେ ଆତ୍ମ ସମର୍ପଣ । ବହୁକାଳରୁ ଏଥିପାଇଁ ମନୁଷ୍ୟ ନିଜ ଭାଗ୍ୟ ନିୟାମକ ନାନା ଭୂତ, ପ୍ରେତ, ପୂର୍ବ ପୁରୁଷ, ଦେବ, ଦେବୀ ଉପାସନା ଓ ଭଜନା କରି ଆସିଛି । କେବେଠୁ ଯାହା ସେ ଏହା କରି ଆସିଛି, ତା କିଏ କହିବ ? ସମାଜର ଅତି ଆଦିମ କାଳରୁ ମଧ୍ୟ ଏହା ଆରମ୍ଭ ହୋଇ ସାରିଥିଲା । କ୍ରମେ ଏଇ ବୁଦ୍ଧିରେ ଈଶ୍ୱର, ଈଶ୍ୱରଦତ୍ତ, ଈଶ୍ୱର ପ୍ରେରିତ, ଅବତାର, ଈଶ୍ୱର ପୁତ୍ର, ପଇଗମ୍ବର, ସିଦ୍ଧ, ପ୍ରଫେଟ୍, ପୀର ପ୍ରଭୃତି କଳ୍ପନା କରି ମନୁଷ୍ୟ ସେଇ କଳ୍ପନାକୁ ସାମାଜିକ ଓ ଆତ୍ମିକ ପ୍ରତିଷ୍ଠା ଦେଇ ତାକୁଇ ଉପାସନା ଓ ଭଜନା କରିବାରେ ଲାଗି ଗଲା । ଏଇ କଳ୍ପନାର ପ୍ରତିଷ୍ଠା, ପରମ୍ପରା ଓ କ୍ରିୟାଇ ଆଜି ପୃଥିବୀରେ ସାଧାରଣତଃ ଧର୍ମ ନାମରେ ପରିଚିତ । ପାର୍ସିଧର୍ମ, ଖ୍ରୀଷ୍ଟ ଧର୍ମ, ମୁସଲମାନ୍ ଧର୍ମ, ବୈଷ୍ଣବ ଧର୍ମ, ଶୈବ ଧର୍ମ, ଦେବୀଧର୍ମଠାରୁ ବଣର କାଠଖଣ୍ଡ ଧର୍ମ, ସିଂଗ୍‌ବୋଂଗା ଧର୍ମ ପ୍ରଭୃତି ସବୁଧର୍ମ ଏଇ ଶ୍ରେଣୀର ଧର୍ମ । ଖ୍ରୀଷ୍ଟଧର୍ମ ଏଇ ଧର୍ମମାନଙ୍କ ମଧ୍ୟରେ ଗୋଟିଏ ସ୍ପଷ୍ଟ ଓ, ବହୁଜନ ସେବିତ ଉଦାହରଣ । ଏଥିରେ ନିଜର ପ୍ରାପ୍ତି ପାଇଁ— ବିଶେଷରେ ଇହକାଳରେ ସାଂସାରିକ ସୁଖ ଓ ମଲାପରେ ସ୍ୱର୍ଗର ଭୋଗ ବିଳାସ ପାଇଁ—ମନୁଷ୍ୟ ଉପାସ୍ୟଠାରେ ଆତ୍ମସମର୍ପଣ କରି, ସେଇ ଉପାସ୍ୟର ସର୍ବ ପ୍ରକାର ସ୍ତୁତି ଗାନ କରେ । ନିଜର ଏଇ ସୁଖ ଦାନ ଛଡ଼ା ଅନ୍ୟ ପାଇଁ କର୍ମ କରିବାର ଆତ୍ମିକ କାରଣ ହେଉଛି, ଈଶ୍ୱରାଦେଶ ବା ଉପାସ୍ୟର ଇଚ୍ଛା । ଗ୍ରାମପାନ ସମସ୍ତେ ଗ୍ରାମ ଦେବତାଙ୍କର ପୁଅ ଝିଅ । ଗ୍ରାମ ଲୋକଙ୍କ ପାଇଁ କାମ କଲେ, ଗ୍ରାମଦେବତା ଖୁସି-ହେବେ । ସେଇ ପରି କୌଣସି ବିଶେଷ ଧର୍ମାବଲମ୍ବୀପାଇ

Digitized by srujanika@gmail.com

ସେହି ଧର୍ମର ଉପାସ୍ୟ ବା ଈଶ୍ୱରଙ୍କର ହୁଏତ ପୂଜା କନ୍ୟା, ନଚେତ୍ ଭକ୍ତି ଓ ସ୍ତୁତି-ପାଠ । ସେ ସମସ୍ତଙ୍କୁ ଅନୁଗ୍ରହ କରିବା, ବା ସେହିସବୁ ଦୁଃସ୍ଥ, ଦୁର୍ଦ୍ଦଶାଗ୍ରସ୍ତ ଓ ପତିତଙ୍କୁ ତ୍ରାଣ ତଥା ପାବନ କରିବା ସେହି ସେହି ଉପାସ୍ୟ ବା ଈଶ୍ୱରଙ୍କର କାମ । କେବଳ ନିଜ ପାଇଁ ନ କରି ପର ପାଇଁ କର୍ମ କରିବାରେ ଉପାସ୍ୟ ବା ଈଶ୍ୱରଙ୍କର ସେହି କାର୍ଯ୍ୟରେ ମନୁଷ୍ୟ ସାହାଯ୍ୟକରେ ବା ଈଶ୍ୱର ବା ଉପାସ୍ୟର ମନକୁ ପାଇବା ଭଳି କାମ କରେ । ଯୀଶୁ ସେଦିନ ଘୋଷଣା ପ୍ରଚାର କରିଥିଲେ, ସମସ୍ତେ ଈଶ୍ୱରଙ୍କ ପୁଅ ଝିଅ, ତେଣୁ ସମସ୍ତେ ଭାଇ ଭଉଣୀ । ନିଜ ଭାଇ ଭଉଣୀ ବୋଲି ବିଚାରି ସମସ୍ତଙ୍କ ମଙ୍ଗଳ ପାଇଁ କାମ କର । ଏହାହିଁ କାର୍ଯ୍ୟରେ ଭକ୍ତି ବା ଭଜନା ଓ ଏହି ସ୍ତୁତି ଅର୍ଥାତ୍, ଉପାସ୍ୟ ବା ଈଶ୍ୱରରେ ଗୁଣ ଓ ଶକ୍ତି ଆରୋପକରି ତାହାର ଗାନ କରିବା ହେଉଛି ଉପାସନା । ଏହା ପ୍ରାକୃତ ଧର୍ମ ।

—ଜଗନ୍ନାଥ ଧର୍ମରେ

ଜଗନ୍ନାଥ ଧର୍ମ ଏହି ପ୍ରାକୃତଧର୍ମଠୁ ଭିନ୍ନ । ଉପାସନା ବା ଭଜନା ବୋଇଲେ, ସେଥିରେ ସ୍ତୁତିର ପ୍ରଶଂସାଗାନ ବା ସ୍ତାବକର ଆକାଂକ୍ଷା ବା ଅଭିଳାଷଦ୍ୱନ୍ଦ୍ୱ ଆରୋପିତ ଯଶୋଗାନ ନୁହେଁ । ଉପାସନା ବୋଇଲେ, ଉପାସ୍ୟର ପାଖରେ ରହିଲା ପରି ବିଚାର ବା ଉପାସ୍ୟ ସନ୍ନିଧିରେ ରହି ତନ୍ମୟ ହେବାର ନିରଂତର ପ୍ରୟାସ । ଭକ୍ତି ବା ଭଜନା ମଧ୍ୟ ଏକ୍ଷେତ୍ରରେ ସେହିପରି । ଭକ୍ତି ଏଠି ହେଉଛି, ଉପାସ୍ୟରେ ଏକପରି 'ପରାନୁରକ୍ତି' । ତେଣୁ ଜଗନ୍ନାଥ ଧର୍ମରେ ଉପାସ୍ୟର ଧାରଣା ଅନ୍ୟ ପ୍ରକାରର । ସମାଜ ବା ଜଗତ ପାଇଁ କରିବାଟା ଜଗନ୍ନାଥ ଧର୍ମରେ ବ୍ୟକ୍ତି-କର୍ମର ଉଚ୍ଚ [illegible] ପୀଠ ନୁହେଁ । ଜଗନ୍ନାଥଧର୍ମରେ କର୍ମ ବା ବ୍ୟକ୍ତି କର୍ମର ନୈତିକ ପୀଠ

Digitized by srujanika@gmail.com

ହେଉଛି, ଏଇଃ—ଅନ୍ୟପାଇଁ କର୍ମ କରିବାର୍ ସୁବିଧା ଆମକୁ ଦେଇ, ଆମ ଭୋଗ-ତୃଷ୍ଣାର ବନ୍ଧନ ମୁକୁଳା କରି ଆମର ନିରଂତର ମଂଗଳ ସାଧନ କରିବାକୁ ଏ ଜଗତ ବିଦ୍ୟମାନ ଅଛି—ଏହା ପୂର୍ବେ ସୂଚନାରେ କୁହା ଯାଇଛି । ଦେଖ, ସାଧାରଣ ଅନୁଭବରେ ଆତ୍ମାର ବଂଧନ ଫିଟି ଗଲେ ମୁକ୍ତି ବା ନିର୍ବାଣ ଅଡ଼କୁ ଗତି ଲାଭ ହୁଏ । ମୋ ନିଜ 'ଆତ୍ମା ପୁରୁଷ' ତୃପ୍ତ ହେବ ବା ଆନନ୍ଦ ପାଇବ ବୋଲି ମୁଁ ଭୋଗରେ ମାତେ । କିଂତୁ ପରିବାରର ସୁଖ କାମନାରେ ମୁଁ ନିଜ ସୁଖ ଦୁଃଖ ଭୁଲି ପରିବାରରୂପ ପୁରୁଷ ବା ପରିବାର-ପୁରୁଷକୁ ଉପାସନା କରି ସେଇ ପରିବାରର ସୁଖ ଦୁଃଖକୁ ପୁରିପୂରି ମୋର ସୁଖ ଦୁଃଖ ବୋଲି ବୁଝେ—ମୁଁ ନ ଖାଇ ମଧ୍ୟ ମୋ ପୁଅଝିଅ ମାଇପ ଖାଇଲେ ମୁଁ ସୁଖୀ ହୁଏ । ମୋ ଆତ୍ମା ପୁରୁଷ, ନିଜର ସଂକୀର୍ଣ୍ଣ ବ୍ୟକ୍ତି ବଂଧନକୁ ମୁକୁଳା କରି ସମସ୍ତ ପରିବାରରେ ବ୍ୟାପ୍ତ ହୋଇ ଏକାକାର ବା ତନ୍ମୟ ହୋଇଯାଏ । ସେଇପରି, ଦେଶାତ୍ମବୋଧ । ମୋ ଦେଶ-ରୂପ ପୁରୁଷକୁ ମୁଁ ଯେବେ ଭଜେ, ତେବେ ମୁଁ ଜେଲ ଗଲେ ବା ଫାଶି ପାଇଲେ ମଧ୍ୟ ଦେଶର ମଂଗଳ ସେଥିରେ ହେଉଛି ବୋଲି ମୁଁ ଆନନ୍ଦରେ ତା ସବୁ ଭୋଗେ । ସେତେବେଳେ ମୋର ଆତ୍ମା ପୁରୁଷ, ମୁଁ ନୁହେଁ; ଏହା ସମସ୍ତ ଦେଶ ସଂଗେ ଏକାକାର । ସେଇପରି ସମସ୍ତ ମାନବ ସମାଜ ବା ଜଗତକୁ, ନିଜର ଆତ୍ମା ପୁରୁଷ ସଂଗେ ଏକ କରି ଗୋଟିଏ ପୁରୁଷ ବୋଲି ବୁଝି ସେଇ ଶ୍ରେଷ୍ଠତମ ପୁରୁଷ ବା 'ପୁରୁଷୋତ୍ତମ'କୁ ଭଜିଲେ, ଉପାସନା କଲେ, ବା ସେଇ ଜଗତ୍ ସ୍ୱରୂପ ପୁରୁଷର, ପୁରୁଷୋତ୍ତମର ବା ଜଗତର ସୁଖ ଦୁଃଖରେ ନିଜେ ସୁଖୀ ବା ଦୁଃଖୀ ହେଲେ, ସେଇ ହେଲା ଜଗତ୍ ପୁରୁଷ ବା ଜଗନ୍ନାଥର ଉପାସନା । କୁହାଯାଇଛି, ଜଗନ୍ନାଥ

Digitized by srujanika@gmail.com

ବୋଲିଲେ, ଜଗତର ପ୍ରଭୁ, ବା ନିଗ୍ରହାନୁଗ୍ରହ ସମର୍ଥ ବିଭୂତିମନ୍ତ ବିଭୁ,' ଏପରି ଅର୍ଥ ନୁହେଁ । ଭକ୍ତି ଧର୍ମର ପ୍ରଭାବରେ ଏପରି ବିଦର୍ଥ ହୁଏତ ପ୍ରବର୍ତ୍ତି ପାଇଛି । ମାତ୍ର ଏହାର ମୌଳିକ ଓ ପ୍ରକୃତ ଅର୍ଥ ହେଉଛି, ଜଗତ୍ ରୂପ ଉପାସ୍ୟ ପୁରୁଷ । ଏଇ ଜଗତ୍‌ସ୍ୱରୂପ ପୁରୁଷଙ୍କୁ ବା 'ପୁରୁଷୋତ୍ତମ'ଙ୍କୁ ନିଜ କର୍ମରେ ଉପାସନା କରିବାଇ—ନିଜର ବ୍ୟକ୍ତି-କର୍ମକୁ ଏଇପରି ଜଗତ୍ ବା ଜଗତ୍-ପୁରୁଷ-ବୁଦ୍ଧିରେ ନିୟୋଜିତ କରି ଚଳିବାଇ—ଜଗନ୍ନାଥ ଧର୍ମ । ସେଇ ବୁଦ୍ଧିରେ କଲେ, କୌଣସି କର୍ମ ଉଚ୍ଚ ବା ଉପାଦେୟ ନୁହେ, କି କୌଣସି କର୍ମ ନୀଚ ବା ହେୟ ନୁହେ । ତେଣୁ ସାଧାରଣ ଜନ ସମାଜରେ ଯାହାକୁ ଘୃଣ୍ୟ କର୍ମ ବୋଲି କହିବାର କାରଣ ଅଛି, ସମାଜର ମୁଖ୍ୟ ଲୋକେ ସେଇଥିରେ ଜଗତ୍ ପୁରୁଷର ବା ମାନବ ସମାଜର ସେବା ଭକ୍ତି ଆଦର୍ଶରେ ତଥା କାର୍ଯ୍ୟରେ ଜଗନ୍ନାଥ ଧର୍ମର ଯଥାର୍ଥ ଉପାସନା ଦେଖାଇବା ଉଚିତ । ସେଇ କାରଣରୁ ଏକା ସ୍ୱୟଂ ମହାରାଜା ହେଉଛନ୍ତି ଜଗନ୍ନାଥଙ୍କର ଏକ ସେବକ ବା 'ନିଯୋଗ' । ଶ୍ରେଷ୍ଠ ସେବକ ହୋଇ ମଧ୍ୟ ତାଙ୍କ ନିଯୋଗ କର୍ମ ହେଉଛି, 'ଛେରା ପହରା' ବା ମାହାର (ହାଡ଼ୀ) ର କାର୍ଯ୍ୟ ।

## ମାହାର ଓ ମାହାରାଣୀ

ଏଠାରେ ଲକ୍ଷ୍ୟ କରିବାର ଅଛି, ଓଡ଼ିଆରେ ମଇଳା ସଫା କରିବା ହାଡ଼ୀ ବା ମେହେନ୍ତର ପାଇଁ ଯେଉଁ ଶବ୍ଦଟି ବ୍ୟବହୃତ ହୁଏ, ତା ହେଉଛି, ମାହାର । ପୁରୀରେ ଏଇ ଶବ୍ଦଟି ଏବେ ବି ଚଳେ । ଏହା ଅବଶ୍ୟ ମରହଟ୍ଟୀ 'ମାହାର' ନୁହେ । ମରହଟ୍ଟା ଦେଶରେ ମାହାରମାନେ ସ୍ୱତନ୍ତ୍ର ଜାତି । ମଇଳା ସଫା କରିବା ବା ମେହେନ୍ତରଙ୍କ ସଂଗେ ତାଙ୍କର ସଂବଧ ନାଇ । ଓଡ଼ିଆ 'ମାହାର'

Digitized by srujanika@gmail.com

ଶବ୍ଦ ହୋଇଛି, 'ମହାରାଜ୍' ଶବ୍ଦରୁ । ମାହାର-ନାରୀଙ୍କୁ ପୁଣି କହନ୍ତି, 'ମାହାରାଣୀ' । 'ମେହେନ୍ତର ପାଇଖାନା ସଫା କଲଣି ?' ନ କହି, ଏବେ ବି ପୁରୀରେ କହନ୍ତି, 'ମାହାରାଣୀ ବାଡ଼ଘରଟି ଖଟିଲଣି ?' ଓଡ଼ିଆରେ ଏଇ ପ୍ରୟୋଗରେ 'ଖଟିବା' କଥାଟିରେ ହୁଏତ ଜଗନ୍ନାଥଙ୍କ ନିଯୋଗର 'ଖଟଣି' (ସେବାକାମ କରିବା)ର ସଂବନ୍ଧ ଅଛି କି ନା ତା ଚିନ୍ତା କରିବାର କଥା । ଦେଉଳରେ କରିଯିବା କାର୍ଯ୍ୟ ସଂବନ୍ଧରେ 'ଖଟଣି' ଶବ୍ଦଟି ବହୁ ସାଧାରଣ । ସୁଆର ଓ ପଣ୍ଡାଙ୍କ ଖଟଣିରେ ଯେଉଁ ମହାପ୍ରସାଦ ବରାଦ ଦିଆହୋଇ ଥାଏ, ଯାହା ନିଅନ୍ତି, ତାଙ୍କୁ ମଧ୍ୟ ଖଟଣି କହନ୍ତି । ପୁଣି ଦେଖିବାର ଅଛି, ଅନ୍ୟ ପ୍ରାକୃତମାନଙ୍କରେ ପାଇଖାନା ସଫା କରିବା ଅର୍ଥରେ ଓଡ଼ିଆ ପରି ଖଟ୍ ଧାତୁ ପ୍ରୟୋଗ କରନ୍ତି ନାହିଁ । ମହାପ୍ରଭୁଙ୍କ 'ଛେରାପହଁରା' ଖଟଣିରୁ ଓଡ଼ିଆ 'ମାହାର' ଶବ୍ଦ ଓ ତାର କର୍ମ ପ୍ରକାଶ କରିବାରେ 'ଖଟ୍' ଧାତୁର ପ୍ରୟୋଗ ଆସିଛି ବୋଲି ମନେ ହୁଏ ।

## ମାହାରୀ

ଏଇ ପରି ଆଉ ଗୋଟିଏ ଶବ୍ଦ ହୋଇଛି, 'ମାହାରୀ' । ଏହା ଗୋଟିଏ ପୁରା ଓଡ଼ିଆ ଶବ୍ଦ । ପୁରୀ ମନ୍ଦିରରେ ଜଗନ୍ନାଥଙ୍କ ପାଖେ ନାଚିବା 'ଖଟଣି' 'ନିଯୋଗ' ରେ ଥିବା ଅପ୍ସରୀ ବା ବେଶ୍ୟାଙ୍କର ଏଇ ନାମ । ଦକ୍ଷିଣରେ ଏଇପରି ମନ୍ଦିର- ଓ ମଠ-ବେଶ୍ୟା ବହୁତ ଥାଆନ୍ତି । ସେଠି ଏମାନଙ୍କ ନାମ 'ଦେବଦାସୀ' । କିନ୍ତୁ ଓଡ଼ିଶାରେ କୌଣସି ଦେବ, ଦାସୀ ରଖନ୍ତି ନାହିଁ—ବିଶେଷରେ ଜଗନ୍ନାଥଙ୍କ ପାଖେ ସେ ପଦ ଚଳେ ନାହିଁ । ଏଠି 'ନିଯୋଗ' ନିଜ ନିତ୍ୟକର୍ମର 'ସେବା' 'ଖଟନ୍ତି' । 'ଖଟ୍' ଧାତୁର ମୂଳ ବୋଧହୁଏ ସଂସ୍କୃତ 'ଘଟ୍' । ସ ଉଦ୍ୟମେ ଘଟତେ, ଅର୍ଥାତ୍ ସେ ସେଥିକୁ ଯୋଗ୍ୟ । ହୁଏତ ସେଇପରି ହେଲା—'ନିଯୋଗ'

Digitized by srujanika@gmail.com

ସେବା 'ଖଟନ୍ତି'—ଅର୍ଥାତ୍ ସେ ନିଜର ଯୁକ୍ତ ବା ଯୋଗ୍ୟକର୍ମ କରନ୍ତି । ମାହାରୀଙ୍କ ଖଟିବା ଠିକ୍ ସେଇପରି । ତେଣୁ ପୁରୀରେ ମାହାରୀ ଜଗନ୍ନାଥଙ୍କର ଏକ 'ନିଯୋଗ' ହୋଇଯାଇଚନ୍ତି । ଓଡ଼ିଶାର ଜନ ଭାଷାରେ ମଧ୍ୟ ନାରୀ ନିଜର ଯୋଗ୍ୟ କର୍ମରେ, ଅର୍ଥାତ୍, ପ୍ରଜା ହେଉକ ନାରୀଯୋଗ୍ୟ କର୍ମରେ, ନିଯୋଗରେ ରହିବାକୁ 'ଖଟିବା' କହନ୍ତି; ଯଥା:—'ମୋ ବୋହୂ ତିନିବରଷ ଖଟିଲଣି; କିନ୍ତୁ ଫଳ ଫଳ ନାହିଁ ।' ମାତ୍ର ଏଠାରେ ବିଶେଷ ଦେଖିବାର କଥା, ଏଇ ମାହାରୀଙ୍କ 'ନିଯୋଗ' 'ଖଟଣି', ମହାରୀଙ୍କ 'ଦେବଦାସୀ' ଶବ୍ଦକୁ ସମାନ ହୋଇ ଯାଇଛି । ଏଇ ଅପସରାଙ୍କ ଯୋଗ୍ୟକର୍ମ, ଅର୍ଥାତ୍, ଏମାନଙ୍କୁ ଯାହା 'ଲଜ୍' ସେଇ କର୍ମ, ଦକ୍ଷିଣ ଭାରତ ବା ଦ୍ରାବିଡ଼ ଭୂମିର ସମାଜରେ ବଡ଼ ଆଦର ଓ ସମ୍ମାନର ବସ୍ତୁ । ମାତ୍ର ଜଗନ୍ନାଥ ଭୂମି ଓଡ଼ିଶାରେ ତାହା ସେପରି ନୁହେ । ଓଡ଼ିଆ ସମାଜରେ ତା ଘୃଣିତ କର୍ମ । ପାଇଖାନା ବା ବାଡ଼ତାଟି ଯେପରି ଶରୀରର ସ୍ୱଚ୍ଛତା ଓ ପରିଚ୍ଛନ୍ନତା ହିସାବରେ ଗୃହସ୍ଥର ଆବଶ୍ୟକ, ଅଥଚ ଘୃଣ୍ୟସ୍ଥାନ, ଓଡ଼ିଆ ବହୁକାଳରୁ ବୁଝିଥିଲେ, ଦାସୀଘରଟା ସମାଜର ମାନସିକ ତଥା ନୈତିକ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ରକ୍ଷା କରିବା ପାଇଁ ସେଇପରି ହୁଏତ ଆବଶ୍ୟକ ହେଲେହେଁ ଘୃଣ୍ୟ ସ୍ଥାନ । ସହରରେ ଗୃହସ୍ଥ ଘରେ ପାଇଖାନା ନ ଥିଲେ, ଘରଦ୍ୱାର ବାଟ ଘାଟ ସବୁ ଅପରିଷ୍କାର ହେବ । ସେଇପରି ସମାଜରେ ଦାସୀଘର ନ ଥିଲେ ଯତ୍ର ତତ୍ର ଯୌନଯୋଗ ଦେଖା ଦେବାର ସମ୍ଭାବନା ଅଛି । ଏହା ବୋଲି ମାହାରୀର କର୍ମ ସମାଜରେ ଉନ୍ନତ ବା ସମ୍ମାନିତ କର୍ମ ହୋଇ ନ ପାରେ । ଏଇ ହିସାବରେ ହୁଏତ 'ଦେବଦାସୀ' ନାମକୁ ମାହାରୀ ଖଟଣି ; ତେଣୁ 'ମହାରାଜ' କେବଳ ସେଇଁ 'ମାହାର' ହୋଇଛି

Digitized by srujanika@gmail.com

ତାର କାର୍ଯ୍ୟ ସ୍ତ୍ରୀଲିଂଗ ପ୍ରୟୋଗରେ 'ମାହାରୀ' ହୋଇଛି ବୋଲି ଠିକ୍ କରିବାରେ ଅସଙ୍ଗତ କିଛି ନାହିଁ ।

## ଓଡ଼ିଆ ସଂସ୍କୃତିରେ ମାହାରି

ଭାରତୀୟ ସଭ୍ୟତାରେ ବେଶ୍ୟା ଓ ଅପ୍ସରା କିଛି ଅଜ୍ଞାତ ବା ସେ ଧନର କଥା ନୁହେଁ । ବହୁକାଳରୁ ଏହା ଏକ ପ୍ରକାର ଗୋଟିଏ ସାମାଜିକ ଅନୁଷ୍ଠାନ । ଅତି ପ୍ରାଚୀନ କାଳରୁ ଅଜଯାଏ ଏହା ଦ୍ରାବିଡ଼ ଭାରତରେ ଗୋଟିଏ ଉଚ୍ଚ ଶ୍ରେଣୀଙ୍କ ଆଦୃତ ଓ ସଂମାନିତ ଜିନିଷ । ଦେବଦାସୀ ଅନୁଷ୍ଠାନଟିର ମୂଳ କଣ, ଏହା କାଳରେ କେତେ ଦୂରରେ, ତା ନିର୍ଦ୍ଧାରଣ କରିବା କଷ୍ଟ । ବୋଧହୁଏ ପ୍ରାଚୀନ ବାବିଲନ୍‌ର ଅତି କାମୁକ ଓ ସ୍ବୈରିଣୀ ମାତୃଦେବୀଙ୍କ ଉପାସନା ଓ ତୋଷଣ ସଙ୍ଗେ ଏହାର ସମ୍ବନ୍ଧ ଥିଲା । ଏବେ କିଂତୁ ଦ୍ରାବିଡ଼ରେ ଦେବଦାସୀ ବା ବେଶ୍ୟାମାନେ ଚିରସଧବା ବୋଲି ବିବାହ ଯାତ୍ରାରେ ଆଗରେ ଯାଆନ୍ତି; ଆଉ ହୁଳହୁଳି ଦେବା ତାଙ୍କର କାମ, ତାଙ୍କୁ ଦେଖିଲେ କନ୍ୟାର ସର୍ବମଂଗଳ । ଏଠାରେ ଦେବଦାସୀ 'ରଖିବା'ରେ ଛଳେ ହେଲେ ଅପବାଦ ନାହିଁ । ନୈଷ୍ଠିକ ବ୍ରାହ୍ମଣ ଠାରୁ ହାଇକୋର୍ଟ ଜଜ୍ ପର୍ଯ୍ୟନ୍ତ ସମସ୍ତେ ଅନ୍ତତଃ ସେଦିନ ଯାଏ ଦେବଦାସୀ ରଖି ପରେ ତାଙ୍କ ପୁଅଝିଅଙ୍କୁ ନିଜ ପିଲାଙ୍କ ପରି ମନୁଷ୍ୟ କରୁଥିଲେ । ଏଇ ଦେବଦାସୀ ଓ ଦେବଦାସୀ ଶ୍ରେଣୀୟ ନାରୀଙ୍କର ଆଉ ଗୋଟିଏ କାମ ହେଉଛି, ଗାଇବା ଓ ନାଚିବା । ଦେଉଳ ଓ ମଠମାନଙ୍କରେ ଦେବଦାସୀ ନାଚନ୍ତି ଓ ଗାଆନ୍ତି । ସେଥିପାଇଁ ଦାବଡ଼ ମହିଳାଙ୍କ ଭିତରେ ପର୍ଯ୍ୟନ୍ତ ନୃତ୍ୟଗୀତର ଖୁବ୍ ପ୍ରସାର ଓ ପ୍ରତିଷ୍ଠା । ସେଇ ହେତୁରୁ ଏକା ସଙ୍ଗୀତ—ଯନ୍ତ୍ର ତାଳ ଲୟଯୁକ୍ତ ସଙ୍ଗୀତ—ବିଜ୍ଞାନ ଓ ନୃତ୍ୟ ବିଦ୍ୟା ପାଇଁ ଦ୍ରାବିଡ଼ ପ୍ରସିଦ୍ଧ । ଦ୍ରାବିଡ଼ ସଂସ୍କୃତିରେ

Digitized by srujanika@gmail.com

ଏହା ଗୋଟିଏ ପ୍ରଧାନ ଅଂଗ । ଏଇ ଦେବଦାସୀ ହେଉଛନ୍ତି, ଓଡ଼ିଶାରେ ମାହାରୀ । ଏହାଙ୍କୁ ଜଗନ୍ନାଥଙ୍କୁ ଅଣିଥିଲେ, ଚଳଙ୍ଗ ଉକେତା ଗଂଗସମ୍ରାଟମାନେ—ହୁଏତ ଚୋଡ଼ଗଙ୍ଗ ବା ତାଙ୍କର କୌଣସି ପୂର୍ବ ନାତି । ସେଥି ସଂଗେ ପୁରୀ ମନ୍ଦିରରେ ପଶିଲା ବେଶ୍ୟା-ନାଚ ଓ ସଂଗୀତ । ଜୈନଭୂମି କଳିଂଗର ଯୌନ-ବ୍ରହ୍ମଚର୍ଯ୍ୟ-ମୂଳକ ଅନନ୍ୟସାଧାରଣ ସମାଜ ସାଧନାରେ ଏଇଠାରେ ପ୍ରଥମେ ବାଜିଲା ଏକ ଗୁରୁ ଧକ୍କା—ପଶିଲା ଏକ ଘୋର ବିକ୍ଷୋଭ । ସଂଗେ ସଂଗେ ଜୟଦେବ ସେଇ ମନ୍ଦିର ଭିତରେ ସଂଗୀତ ସୂତ୍ରରେ ବଙ୍ଗ ଅଡୁ ଆଣି ପୂରାଇଲେ ରାଧାଙ୍କର "ପୀନ-ପୟୋଧର-ପରିସର-ମର୍ଦ୍ଦନ-ଚଞ୍ଚଳ-କରଯୁଗ-ଶାଳୀ" ସହଜିଆ ବୈଷ୍ଣବଙ୍କ ଉପାସ୍ୟ "ବନମାଳୀ" । ତଥାପି ଦେଖିବାର ଅଛି, ଏ ସମସ୍ତେ ଏତେ ସମର୍ଥନ ପାଇ, ଏତେ ସମ୍ଭାର ସମାରୋହରେ ପୁରୀ ମନ୍ଦିରରେ ପୂଜ୍ୟ ହେଲେ ମଧ୍ୟ, ଓଡ଼ିଆର ଚଳନ୍ତି ଓ ପ୍ରତିଷ୍ଠିତ ସମାଜ ସେଥିରେ ଅଭିଭୂତ ବା ଆତ୍ମବିସ୍ମୃତ ହୋଇନାହିଁ । ଏହେ ସ୍ୱାଦ୍ୟ ସାଧନା ତାକୁ ପଥଭ୍ରଷ୍ଟ କରି ନାଇ । ପୁରୀଦେଉଳର ମାହାରୀ ଓଡ଼ିଶାରେ ଅନ୍ୟନ ପ୍ରାପ୍ୟ ନାହାନ୍ତି । ପୁଣି ପୁରୀ ମାହାରୀ ହେଉଛନ୍ତି ଆଦର୍ଶରେ ଚିର କୁମାରୀ—କେବଳ ଜଗନ୍ନାଥଙ୍କୁ ଘେନି ସେ ସନାଥା ଓ ସଧବା । ପୁରୁଷ ସଂଗ କରିବା ଧରି ପଡ଼ିଲେ, ପୁରୀ ମାହାରୀଙ୍କ ହେତା, ବର୍ଜ୍ଜନ, ଝମ୍ପୀ, ଖଟଣି—ସବୁ ଗଲା । ଅବଶ୍ୟ, ମାହାରୀଏ ପୁରୁଷସଂଗ ଜମା ନ କରନ୍ତି, ଏହା କହିବାର ଅଭିପ୍ରାୟ ନୁହେ । କିନ୍ତୁ ଦେବଦାସୀଙ୍କ ପରି ତା କରିବାରେ ସେ ସମାଜରେ ସ୍ୱାଧୀନ ନୁହନ୍ତି, କିଂବା ବେଶ୍ୟା ବୃତ୍ତି କରିବାରେ ତାଙ୍କର ସ୍ୱାଚ୍ଛନ୍ଦ୍ୟ ନାଇ । ପ୍ରାୟ ୫୦ ବର୍ଷର କଥା ହେବ । ମୁଁ ପୁରୀରେ ଥାଇ ପୁରୀଜିଲ୍ଲା ସ୍କୁଲରେ ପଢ଼ୁ ଥାଏ ।

Digitized by srujanika@gmail.com

ଜାଣିଲି, ସେତେବେଳେ କେତେ ଶୋଭା ଯାତ୍ରାରେ ଛକ ମାହାରୀଙ୍କ ଦ୍ୱାରେ ପ୍ରେମିକ ପୁରୁଷମାନଙ୍କୁ ଧରି ସେଇ ପ୍ରେମିକ ଓ ସେଇ ମାହାରୀଙ୍କଠାରୁ ଜରିଇ ଟଙ୍କା ଆଦାୟ କରୁଥିଲେ । ଏହା ଜଗିବା ପାଇଁ ପୁଣି 'ଦୋସରା ନିଯୋଗ' ବୋଲି ନିଯୋଗ ବି ଅଛନ୍ତି । ଏଥିରୁ ବେଶ ବୁଝାଯାଉଛି, ମାହାରିଙ୍କ ବୃତ୍ତି ଛେଗ ସହଗ କରିକୁ ମାହାରୀଙ୍କ ବୃତ୍ତି ପୁରୁଷର ଯୌନ କ୍ଷୁଧା ତୋଷଣ, ସମାଜରେ ସମାନ ସ୍ତରରେ ନୀଚ ଓ ଘୃଣ୍ୟ କର୍ମ ହୋଇ ଯାଇଛି । ଛେଗ ସହଗଟି କେବଳ ଶାସ୍ତ୍ରିକ ଥିବାରୁ ଜଗନ୍ନାଥ ଧର୍ମରେ ଉଚ୍ଚସ୍ଥାନ ପାଇଛି । ମାତ୍ର ଧର୍ମନାମରେ ବେଶ୍ୟାସଙ୍ଗ ରୂପ ଅଗନ୍ତୁକ କଥାଟି ଆତ୍ମିକ ଓ ନୈତିକ ବସ୍ତୁ ଥିବାରୁ ବେଶ୍ୟାକୁ ଯେବେ 'ମାହାରୀ' ବୋଲି ଡାକଲେ ମଧ୍ୟ, ସେ ଜଠି ପାରୁ ନାଇ । 'ମାହାରୀ', ଯଧ କେବେ 'ମାହାରଣୀ' ହୋଇ ପାରି ନାଇ ।

**ନୃତ୍ୟ ଓ ସଂଗୀତ—ନୃତ୍ୟ**

ନୃତ୍ୟ ଓ ସଂଗୀତ ଏ ଦୁଇଟିର ପ୍ରବୃତ୍ତି ହେଉଛି, ଏକପ୍ରକାର ମାନବର ଜୀବଧର୍ମରେ । ଅତି ଆଦମ ସମାଜରେ ନର ନାରୀଙ୍କ ମଧ୍ୟରେ ଏହାର ପ୍ରଚଳନ ଦୂର୍ ଦେଖାଯାଏ । ଜୀବ ଜଗତରେ ମଧ୍ୟ—ବିଶେଷରେ କେତେକ ପକ୍ଷୀଙ୍କ ମଧ୍ୟରେ—ଏହା ଖୁବ୍ ବାହିହେବ । ଏ ସବୁଠାରେ ପୁଣି ଆଦମ ମାନବ ସମାଜରେ ଏଇ ନୃତ୍ୟ ସଂଗୀତର ମୂଳ ହେଉଛି, ଯୌନ କାମନା ଓ ଯୌନ ଯୋଗର ସ୍ପୃହା । ସେଥିପାଇଁ ଜୈନ ସାଧନାର ପରମପୀଠ ଓ ଅତି ସୂକ୍ଷ୍ମ ନିର୍ଯାସ ଜଗନ୍ନାଥ ଧର୍ମ ତଥା ଓଡ଼ିଆ ସଂସ୍କୃତିରେ ଏଇ ନୃତ୍ୟ ସଂଗୀତର ସରସର ଓ ପ୍ରତିଷ୍ଠା ପ୍ରାଚୀନ କାଳରେ କପଟ ଥିଲା, କହୁ ହେଉ ନାଇ । କିନ୍ତୁ ଓଡ଼ିଆ ଜୀବନ ଓ ଶିଳ୍ପରେ ଛନ୍ଦ ଓ ଭଙ୍ଗୀର ଅଭାବ ନ ଥିଲା । ଉଦୟ-ଗିରିର ବ୍ୟାଘ ଗୁମ୍ଫା, ସର୍ପ ଗୁମ୍ଫା, ରାଣୀହଂସପୁର ଚିତ୍ରର ଅନୁପାତ ସୌଷ୍ଠବ ଓ

Digitized by srujanika@gmail.com

ବାତ୍ସାୟନ-ସ୍ମରଣୀୟଠାରୁ ଚଳନ୍ତ ସମାଗମରେ ଗୀତ ହେଉଥିବା ଦାଣ୍ଡି ବୃତ୍ତର ଗଦ୍ୟକବିତା ଓ ସ୍ୱର-ଛନ୍ଦ ପର୍ଯ୍ୟନ୍ତ ସବୁକୁ ଏହା ଅନୁସନ୍ଧାନ କରାଯାଇ ପାରେ । ମାତ୍ର ମାହାରୀଙ୍କ ସଙ୍ଗେ ଆସିଲା ସେଇଁ ନାରୀ ନୃତ୍ୟ ଓ ତଦାଶ୍ରିତ ସଙ୍ଗୀତ, ତାହାର ଛନ୍ଦ ଓ ଶିଳ୍ପ କୌଣସିଟି ନିର୍ଦ୍ଦୋଷ ନୁହେଁ । ଦୁଇଟିଯାକ ଯୌନ ସୂଚନାରେ ଲାବଣ୍ୟମୟ ଓ ମୌଳିକ ଜୀବଧର୍ମରେ ପ୍ରାଣବନ୍ତ । ଉଦାହରଣ ସ୍ୱରୂପ ଏଠି ଉଦ୍ଧୃତି ବଣଦ କରିବାକୁ କୁହାଯାଇପାରେ, ନାରୀର-ସ୍ତନ-ନିତମ୍ବ-ସୌଷ୍ଠବ ଓ ଶ୍ରୋଣୀ-ଜଘନ-ଲାବଣ୍ୟ କେବେହେଁ ଧୂମ୍ରମୀଳ ବନାନୀ ଶୋଭିତ ଦୂର ପର୍ବତର ପ୍ରତ୍ୟାଶା-ହୀନ ସୌନ୍ଦର୍ଯ୍ୟ ପରି ଅଥବା ଘନ ଦୁର୍ଦ୍ଦିନର ଚାନ୍ଦ୍ରକରାଳ ଘଟା ଭିତରେ କେବେବା ଅକସ୍ମାତ୍ ବିଦ୍ୟୁତ୍ ବା ଇନ୍ଦ୍ରଧନୁର ହ୍ଲାଦମୀ ସ୍ନିଗ୍ଧତା ପରି ନିର୍ଦ୍ଦୋଷ ନୁହେଁ—ହୋଇ ନ ପାରେ । ସେଥିପାଇଁ ମାହାରୀର ନୃତ୍ୟକଳା ଓଡ଼ିଆ ସମାଜରେ ସମ୍ମାନ ପାଇ ନାହିଁ, କି ପଶି ପାରିନାହିଁ । ମାହାରୀ ନାଚ ଏବେ ବି ଗୋଟିଏ ଯୌନ ସୂଚନା ଗ୍ରସ୍ତ ବିଳାସ ହୋଇ ରହିଛି । ନାରୀନୃତ୍ୟର ପ୍ରତିଷ୍ଠା ଏ ସମାଜରେ ନାହିଁ । ଦ୍ରାବିଡ଼ଭୂମି ରାଜମହେନ୍ଦ୍ରୀରେ ସମ୍ରାଟ-ପ୍ରତିନିଧିତ୍ୱ କରୁଥିବା ରାୟ ରାମାନନ୍ଦ, ଦାସୀ ବା ମାହାରୀ ପରିବର୍ତ୍ତରେ, ଯୋଡ଼ା ନବ-ନାରୀର ତରୁଣୀ ଏଡ଼ ଦେବଦାସୀ ବାଛି ନୃତ୍ୟ ପୁରାଇବା ପାଇଁ 'ଗୋଟିପୁଅ'ର ସୃଷ୍ଟି କରିଥିଲେ । ମାତ୍ର ସମାଜ ତାଙ୍କୁ ବି ସମ୍ମାନ ବା ପ୍ରତିଷ୍ଠା ଦେଇ ନାହିଁ । ବରଂ ଅର୍ଦ୍ଧ-ଯୌନ-ସଂକେତରେ କଳୁଷଯୁକ୍ତ ହୋଇ ସମାଜରେ ତା ଯେ ସ୍ଥାନ ଲାଭ କରି, ଯେପରି ବଞ୍ଚି ରହିଛି, ତା କହିବା ଦରକାର ନାହିଁ ।

Digitized by srujanika@gmail.com

—ସଂଗୀତ

ନୃତ୍ୟ ସଂଗେ ପୁଣି ସଂଗୀତ । ଏହା ମଧ୍ୟ ସ୍ପଷ୍ଟ ବିଦ୍ୟାରୂପେ ସାମାଜିକ ସ୍ତରରେ ଖୁବ୍ ସମ୍ଭବ ଆସିଥିଲା, ସେଇ ଗାଂଗମାନଙ୍କ ସଂଗେ । ନୃତ୍ୟରୁ ଯାହା ବା ସଂଗୀତ ଥିଲା, ତା ପ୍ରକାର ଓ କିମ୍ବା ଏପରି ଥିବାର ପ୍ରମାଣ ନାହିଁ । ମାହାରୀ ସଂଗେ ଆସିଲା, ସଂଗୀତ । ତେଣୁ ଯୌନ ବିଳାସର ସଙ୍କେତ ଏଥିରେ ଜଡ଼ିତଥିଲା ଓ ଫଳରେ ଓଡ଼ିଆର ସଂସ୍କୃତିରେ ଏହା ଖାପ ଖାଇବା ଭଳି ଜିନିଷ ନ ଥିଲା । ଆଦର୍ଶରେ କୈବଲ୍ୟ ସେବୀ ଜଗନ୍ନାଥଧର୍ମୀ ଓଡ଼ିଆ ଚିରକାଳ ଇତିହାସରେ ଓ ପରଂପରାରେ ହେଉଛି ଇନ୍ଦ୍ରଦ୍ୟୁମ୍ନ ଜେତା ବା 'ଜଣ' ଆଦର୍ଶରେ ଗଢ଼ା ହୋଇଥିବା ସମାଜର ସାଧକ । ସେ ହେଉଛି 'ସାଧୁ' । ତେଣୁ 'ମାହାରୀ' ସଂଗେ ଅଣାଯାଇ ଥିବା ଦକ୍ଷିଣୀ ବା କର୍ଣ୍ଣାଟୀ ସଂଗୀତ ଓଡ଼ିଶାରେ ଶିଷ୍ଟ-ସମାଜରେ ପଶି ପାରିନାହିଁ । ମାହାରୀ ନୃତ୍ୟରେ ଜଡ଼ିତ ଥିବା ଏଇ ସଂଗୀତର ପୁଣି ଯେ ପରିଣାମ ହୋଇଛି, ତା ମଧ୍ୟ ଦେଖିବାର ଜିନିଷ । ସଂଗୀତ ହେଉଛି ପୁସ୍ତ ପୁର ସ୍ୱରଶିଳ୍ପ; ଏହା ଏକ କଳା । ସେ ଭାବରେ ଶିଷ୍ଟମାନଙ୍କ ମଧ୍ୟରେ ଏହାର ଚର୍ଚ୍ଚା ବା ଶିକ୍ଷା ଚଳାଣି ପାଇ ନାହିଁ । ତେଣୁ ଦଶହରା ପରି ଜାତୀୟ ଉତ୍ସବମାନଙ୍କରେ ଏହାର ସ୍ଥାନ ହୋଇ ନାହିଁ । ବିବାହ ଉତ୍ସବମାନଙ୍କରେ ସାମାଜିକ ସ୍ତରରେ ମାହାରୀ ପଶି ପାରି ନାହାନ୍ତି । ଅନ୍ୟପ୍ରକାର ନୃତ୍ୟ-ଗୀତ ସଂଗୀତ ମଧ୍ୟ ସେ ସବୁଠାରେ ଦେଖା ଦେଇ ନାହିଁ ।

ଛାନ୍ଦ—

ତଥାପି ଯେତେ 'ଜଣ' ହେଲେ ବି, ଇନ୍ଦ୍ରଦ୍ୟୁମ୍ନର ଆଦର୍ଶରେ ସାମାଜିକ ଓ ବ୍ୟକ୍ତି ଜୀବନ ଗଢ଼ିବାର ପ୍ରଯତ୍ନ କଲେବି, ଓଡ଼ିଆର

Digitized by srujanika@gmail.com

ସଂଯମ ସ୍ନିଗ୍ଧ ପ୍ରାଣରେ ଛନ୍ଦର ଅଭାବ କେବେ ନ ଥିଲା । ଅତି ପ୍ରାଚୀନ କଳିଙ୍ଗ ଖୋଦନ ଗୁମ୍ଫାର ଅବଶେଷ ଉଦୟଗିରିର ବ୍ୟାଘ୍ର ଗୁଂଫା, ଅନନ୍ତ (ସର୍ପ) ଗୁଂଫା, ରାଣୀହଂସପୁର ପ୍ରଭୃତି ତଥା ଘୁଣ୍ଟିଇ ଦିଆ ଯାଇଛି । ଖୋଦନରେ ବସିଷ୍ଠବାସ୍ତୁ ବାଘ ଓ ସାପର ମୁଖବ୍ୟାଦାନ ଯେ ସବୁ ଗୁଂଫାରେ ଦେଖିଲେ, ଏବେ ବି ଦର୍ଶକଙ୍କୁ ଭରମାଡ଼େ । ଅନୁପାତ ସୌଷ୍ଠବ ସଙ୍ଗେ କଳନା ଓ ଚରିତ୍ରର ଅଭିବ୍ୟକ୍ତି ଏ ସବୁ ଶିଳ୍ପରେ ଏକା ଦେଖିବାର ଜିନିଷ । ତା ବର୍ଣ୍ଣନାରେ ସହଜରେ ବୁଝାଇ ହେବ ନାହିଁ । ରାଣୀହଂସପୁରର ପଥର ଖୋଳା ଦୋ ମହଲା ଶ୍ରେଣୀର ସୌଷ୍ଠବ ଓ ଶୃଂଖଳା ସେଇପରି ବିସ୍ମୟକର । କଳ୍ପନା ଓ କଳନାରେ ଏହା ଶିଳ୍ପୀର ପ୍ରାଣ ପ୍ରକାଶ କରୁଛି । ପୁଣି ସେଥିରେ ଯେଉଁ କୈଳି ଯାତ୍ରା ଓ ତହିଁ ସଂଗେ ନାରୀ ସମାଗମର ଛବି ଖୋଦନରେ ଫୁଟାଇ ଦିଆଯାଇଛି, ସେଥିରେ ଗତିର ଭଙ୍ଗୀ ଓ ବ୍ୟବହାର ତଥା ଆଦାନ ପ୍ରଦାନର ଦ୍ୟୋତନା ସର୍ବତ୍ର ଏବେ ବି ସ୍ପଷ୍ଟ । ତା ଛଡ଼ା ଆମ ଦାଣ୍ଡି ବୃତ୍ତ ଏକ ଅନନ୍ୟ-ସାଧାରଣ ବସ୍ତୁ । ଗଦ୍ୟ ପଦ୍ୟର ସଂମିଶ୍ରଣରେ ସେ ଯେଉଁ ଜୀବନ୍ତ ଛନ୍ଦ, ତାର ଗତି ଓ ଭାବ ଦ୍ୟୋତନା ଯେ ଜଣିଛି ସେ ଜାଣେ । ଏବେ ଦକ୍ଷିଣୀ ବା କର୍ଣ୍ଣାଟୀ ସଂଗୀତ ଆସି ପହଁଚିଲା । ତାକୁଇ ଧରି ଓଡ଼ିଆ ଏବେ ବାହାର କଲା ନିଜର 'ଛାନ୍ଦ' ସଂସ୍କୃତି । ତାର ସାଧାରଣ ଅର୍ଥ ନାଂ ହେଉଛି 'କଳସାଗୀତ' ବା 'କଳସାବାଣୀ' । ବଂଗ୍ଳ ଓଡ଼ିଆରେ କଳସା ହୋଇଲେ ମାର୍ଜିତ । କଳସା-ଗୀତ ହୋଇଲେ,ସଂଗୀତ ସଂପର୍କରେ ମାର୍ଜିତ ହୋଇଥିବା ଗୀତ । ମନେହୁଏ, ଅତି ଆଦିମ ଛାନ୍ଦ କାଳରେ ଏହା ଚଉତିଶାରେ ବ୍ୟବହୃତ ହୋଇ-ଥିଲ । ସାରଳା ଦାସଙ୍କ ବେଳକୁ ଏହା ଚଉତିଶା ବା ଅନ୍ୟ

କୌଣସି ଉଦ୍‌ବଧ ନିର୍ଦ୍ଦିଷ୍ଟ ରଚନାରେ ପ୍ରୟୋଗ କରାହୋଇ ଥିଲା କି ନା, ଠିକ୍ କହି ହେଉ ନାଇ । ମାତ୍ର ସାରଳା ଦାସ 'ପଢନ୍ତି କଳସା', ଅର୍ଥାତ୍, କଳସା ଆଲୋଚନା କରନ୍ତି ବୋଲି ଲେଖି-ଛନ୍ତି । ତେଣୁ ସେତେବେଳକୁ ସଙ୍ଗୀତର ସ୍ୱରତାଳ ନିୟମ ଧରି ଦାଣ୍ଡି ବୃତ୍ତରୁ 'ଛାନ୍ଦ'ର ବିକାଶ, ବିସ୍ତାର ଓ ପ୍ରୟୋଗ ଆରମ୍ଭ ହୋଇ ସାରିଥିଲା । ଯୌନ ସଂଭୋଗରେ ଜଡ଼ିତ ହୋଇ ନାଟ୍ୟରେ ଆବଦ୍ଧ ଥିବା ସଙ୍ଗୀତକୁ ଏଇପରି ଓଡ଼ିଆ ନିଜର ସାର୍ବଜନୀନ ଆଭରଣ ପରି ବଳିଷ୍ଠ ଉଦ୍ଭାବନୀ ଶକ୍ତିରେ ଜୀବନ୍ତ ଓ ମୂର୍ତ୍ତିମନ୍ତ କରି ଫୁଟାଇଲା ସର୍ବଜନସେବ୍ୟ ସ୍ୱରସାହିତ୍ୟ ନିବନ୍ଧ ଭାନ୍ତ କବିତା । ତାହାହିଁ ଓଡ଼ିଆ ଛାନ୍ଦସାହିତ୍ୟ । ଭାଷାଚାତୁର୍ଯ୍ୟରେ ପୁଣି ଏହା ଅନନ୍ୟସାଧାରଣ । ଭାବର ଛନ୍ଦ ଓ ଦ୍ୟୋତନା ସଙ୍ଗେ ମିଳାଇ କବିତା ଲେଖିବା ସଂସ୍କୃତରେ ଅଛି । ଜୟଦେବଙ୍କ ପର କବିମାନେ ତା ଖୁବ୍ ଦେଖାଇଛନ୍ତି । ସମାୟୁତରେ ମଧ୍ୟ ତାର ଦୃଷ୍ଟାନ୍ତ ବିରଳ ନୁହେଁ । କିନ୍ତୁ ଓଡ଼ିଆ ଛାନ୍ଦ ସାହିତ୍ୟ ପରି ସେ ସବୁ ହୁଏତ ଏତେ ସୂକ୍ଷ୍ମ ଓ ଗଭୀର ନୁହେଁ । ଓଡ଼ିଆରେ ଯେପରି ପଦ-ବିନ୍ୟାସ ଛଡ଼ା କେବଳ ଛାନ୍ଦର ସ୍ୱରରେ ବା ଛାନ୍ଦ-ନିବଦ୍ଧ ସଙ୍ଗୀତର ସ୍ୱର ଶିଳ୍ପରେ ଭାବରେ ସ୍ପଷ୍ଟ ବ୍ୟଞ୍ଜନା ଲାଭ କରେ, ଅନ୍ୟତ୍ର ତା ସେପରି ଦେଖାଯାଏ ନାଇ । ସେ ଯା ହେଉ ଓଡ଼ିଆ ଛାନ୍ଦ ଓ ତହିଁ ସଙ୍ଗେ କର୍ଣ୍ଣାଟୀ ସଙ୍ଗୀତର ସମ୍ବନ୍ଧ ବିସ୍ତୃତ ଗୋଟିଏ ବିଶାଳ ଆଲୋଚନା । ଏ ବିଷୟ ଧରି ଆମ ପୂର୍ବସୂରୀମାନେ 'ପ୍ରବନ୍ଧ' ବୋଲି ଆଲୋଚନାମାନ କେତେକ ଲେଖିଥିଲେ । ତାର ବିଶେଷ ବିସ୍ତାର ହେବା ଉଚିତ । ମାତ୍ର ସେ ବିଶେଷ ବିସ୍ତାରର କ୍ଷେତ୍ର, ଏ ନୁହେଁ । ଏଠାରେ କେବଳ କଥା କର୍ଣ୍ଣାଟୀ ସଙ୍ଗୀତ, ମାହାରୀ-ମାଧ୍ୟମରେ ଆଜି ଏ ଭୂମିରେ ନିଃସ-

Digitized by srujanika@gmail.com

ଟୋଟରେ ପ୍ରସବ ପାଏ ନାଇ। 'ଗ୍ଣ୍ଡ'ରୂପରେ ଓଡ଼ିଆ ଘରେ ଏହାର ପୁନର୍ଜନ୍ମ ହୋଇ ଯାଇଛି।

## ଓଡ଼ିଶୀ ସଂଗୀତ

ଓଡ଼ିଶି ସଙ୍ଗୀତ କହିଲେ କଥାଟା ଶୁଣାଯାଏ। ଏହି ଭାଗଟି ହୁଏତ ତାହାରି ଗଂଗ ପରବର୍ତ୍ତୀ କାଳରେ ଗୌଣ-ମନୋଭାବରୁ ଗ୍ରସ୍ତ ଓଡ଼ିଆର ଆମର ଅଛି ବୋଲି ଦେଖାଇ ହେବାର ସ୍ପର୍ଦ୍ଧାରୁ। ତଥାପି କଳନଟି ଅଛି। ଯେତେଦୂର ଜଣାଯାଏ, ଏହା ସେଇ କର୍ଣାଟୀ ସଙ୍ଗୀତର ଏକ ଭଙ୍ଗୀ। ଏହା କିଏ ଅଧିକ ଖ୍ରୀଷ୍ଟକାଳ ଓ ପ୍ରାବଲ୍ୟ ପରିବର୍ତ୍ତନରେ ସଙ୍ଗୀତ ଏଥିରେ କିଛିଏ ବେଶୀ। ଏହାର ସ୍ଥାନ ଥିଲା, 'ଜାଗାଘର'। 'ଜାଗା' ବା 'ଜାଗାଘର' ବୋଇଲେ, ବ୍ୟାୟାମସ୍ଥାନ। ଜାଗା ଶବ୍ଦଟି ଏଇ ଯୋଗରୂଢ଼ ଅର୍ଥରେ, କେବେ ଚଳିଲା, କହି ହେଉନାଇ। ଓଡ଼ିଶାର ପୁର ପଲ୍ଲୀରେ ସର୍ବତ୍ର ଏହା ଥିଲା। ହୁଏତ ଏହା ପ୍ରାଚୀନ ମହାଜନ-ସଙ୍ଘ-ଗୃହର ଅବଶେଷ। ଏବେ ମଧ୍ୟ ପୁରୀରେ ଓ କୌଣସି କୌଣସି ପଲ୍ଲୀରେ ଏହା ଅଛି। ପୂର୍ବେ ସମ୍ରାଟଙ୍କ କୃଷ୍ଣ ସେନା ଓ ଖୁବ୍ ସମ୍ଭବ ଅତି ପୁରାକାଳରେ ପୁରପଲ୍ଲୀର ସ୍ୱାଧୀନ 'ମହାଜନ'ମାନଙ୍କ ସ୍ୱତନ୍ତ୍ରର ଏହା ମଧ୍ୟ ଥିଲା ଶରୀରସାଧନା—ଆମଦେଶୀ କଥାରେ 'ଜରକ୍ସନ ବିଦ୍ୟା' ସାଧନା-ର ସ୍ଥାନ। ଯୁଦ୍ଧରେ ଅସ୍ତ୍ରଶସ୍ତ୍ର ଚାଳନା ଓ ମଲ୍ଲବିଦ୍ୟାର ବ୍ୟବହାର ଏଇଠାରେ ଶିକ୍ଷା ଓ ଅଭ୍ୟାସ କରୁ ହେଉଥିଲା। ସାଧାରଣ ଲୋକା ଜନ୍ତୁର ଆଲୋଚନାଦ ପାଇଁ ଏହାମଧ୍ୟ ଥିଲା, ଏବର କ୍ଲବ୍-ଘର ପରି। ଯେତେଦୂର ମନେହୁଏ, ଶୁବକ କୀଡ଼ା ଓ ଯୁଦ୍ଧଲୀଳାର ନୃତ୍ୟ ରଂଗ ଭୂମି ଏଇ 'ଜାଗା'ରେ 'ମହାରି'ଙ୍କ ସଙ୍ଗୀତ ପ୍ରଥମେ ପଶିଥିଲା ଓ ଏଇଠାରେ ତା ଓଡ଼ିଶି ସଙ୍ଗୀତରେ

Digitized by srujanika@gmail.com

ପରିଣତ ହୋଇ ଥିଲା । ସେଇ ହେତୁ ଶ୍ରେଷ୍ଠ ପଣ୍ଡିତଙ୍କ ଭିତରେ ଏବେ ମଧ୍ୟ ଜାଗା ଓ ଜାଗାରେ ସଂଗୀତ ଚର୍ଚ୍ଚା ପ୍ରତି ଘୃଣାର ସ୍ପଷ୍ଟ ଛାପ୍ ରହିଛି । ଏ ଘୃଣାର ପ୍ରତିକ୍ରିୟାରେ ପୁଣି ଜାଗା ମଧ୍ୟ ଅନେକ ସ୍ଥଳରେ ଯୁବକଙ୍କୁ ଭ୍ରଷ୍ଟାଚାର କରିଛି ।

"ପଶା, ସତଞ୍ଚା, ପାଗରଙ୍ଗ
କୁଆ, ନ୍ୟାୟୂଦଳ, ବେଶ୍ୟାସଂଗ,"

ପ୍ରଭୃତି ଅପକର୍ମ ଅନେକଠାରେ ଜାଗାରେ ଗୁଣ ଅଧିକେ ପଶିଥିଲା । ଏହା ଲୁଚିବା ଦରକାର ନାଇ । ଏ ସବୁର ମୂଳରେ ମାହାରୀ ଓ ମାହାରୀ-ସଂଗୀତ । ତା ପୁଣି ବଳେଇତାଙ୍କର ଜଗନ୍ନାଥ-ବାଟେ ଛପି ଭୃଶି କରିବାର ଉଦ୍ୟମ । ତା ନ ହେଲେ ସଂଗୀତ ସ୍ବାଦ ଓ ସଂଗୀତ ବିଦ୍ୟା ପରି ଜିନିଷ ଓଡ଼ିଆ ସମାଜରେ ଏପରି ଅବହେଳିତ ଓ ଘୃଣ୍ୟସ୍ଥାନ ପାଇବାର ଅନ୍ୟ କାରଣ ଅଛି ବୋଲି ମନେ ହେଉନାଇ ।

## ଶବ୍ଦମାନଙ୍କର ପ୍ରୟୋଗ ଓ ଅର୍ଥବ୍ୟାପ୍ତି

ମାହାର ଓ ମାହାରୀ ଦେଇ ଜଗନ୍ନାଥ ଧର୍ମ ତଥା ଓଡ଼ିଆ ସଂସ୍କୃତି ସଂବଧରେ କେତେକ କଥା କୁହାଗଲା । ମାହାର ଏଇ ଦେଶୀ । ସମାଜରେ ଶ୍ରମ-ସମାନ ପ୍ରକାଶ ଓ ପ୍ରଚୁର କରି ସମାଜର କର୍ମନିଷ୍ଠା ଓ ପରିଚ୍ଛନ୍ନତା ଦେଖାଇବା ଓ ରଖିବାରେ ତା ଗୋଟିଏ ସ୍ପଷ୍ଟ ସଙ୍କେତ ଓ ଉପାଦାନ । ମାହାରୀ ଏ ଦେଶୀ ନୁହେ । ଏହା ବଳେଇତାଙ୍କ ଦ୍ୱାରା ବିଦେଶରୁ ଆଗତ । ନୈତିକ ଓ ପାରମାର୍ଥିକ ସ୍ତରରେ ଏହା ଘୃଣ୍ୟ । ଏ ଘୃଣ୍ୟ ବସ୍ତୁକୁ ମାହାର କର୍ମପର ସମାନ ଦେବାକୁ ଚେଷ୍ଟା କମ କରାହୋଇ ନାଇ । କିନ୍ତୁ ସବୁ ଚେଷ୍ଟା ନିଷ୍ଫଳ ହୋଇଛି । ଆଜି ମଧ୍ୟ ଦେଉଳରେ ମାହାରୀ

Digitized by srujanika@gmail.com

ନାଚ୍ଚିତ୍ର,କିଂବା ସମାଜରେ ତାର ପ୍ରଭାବ ନାଇ, କି ତା ନାଚିବାରେ ଆଉ ବିଶେଷ କିଛି ନାଇ । ସେ ଯାହାହେଉ ମାହାରୀଙ୍କୁ, ମାହାର ଓ ମହା-ସ୍ୱଜାଙ୍କ ନାମ ସଂକେତରେ ବୁଝାଇବା ଚେଷ୍ଟା ହୋଇଛି । ତେଣୁ ମାହାର ଓ ମହାସ୍ୱଜାଙ୍କ ସଂଗେ ତାଙ୍କ ଛେତ୍ୱଯହସ୍ୱ ଓ ସେଥିସଂଗେ ମାହାରୀ ଶବ୍ଦର ଅର୍ଥବ୍ୟାପ୍ତି ପ୍ରତି ଟିକିଏ ଧ୍ୟାନ ଦେବାର ଅଛି ।

—※—

# ତୃତୀୟ ଅଧ୍ୟାୟ

## କେତେକ ଅନୁଷ୍ଠାନ ଓ ଉପାଖ୍ୟାନର ଭିତ୍ତି, ବ୍ୟାପ୍ତି ଓ କଳନା

### ଓଡ଼ିଆର ଗୌଣତ୍ୱ ମନୋବୃତ୍ତି

ଓଡ଼ିଶାର ସଂସ୍କୃତି ଓ ସାହିତ୍ୟ କଥା ଭାବିଲା ବେଳେ ଖାଲି ଜାତ-ପ୍ରୀତିରେ ମୁହ୍ୟମାନ ହୋଇ ବର୍ତ୍ତମାନକୁ ଗୁହିଁଲେ ଭ୍ରାନ୍ତିରେ ବାହବଣା ହେବା ସ୍ୱାଭାବିକ । ସେଥିରେ ପୁଣି ଆମର ପ୍ରତିସ୍ପର୍ଦ୍ଧୀ । ତାଙ୍କ ପିଲାମାନେ ଯେତେବେଳେ ସ୍ୱର୍ଗକୁ ଯାଇ ଯାଙ୍କୁ [illegible] ଥିଲେ, ତେତେବେଳେ ଆମର ଭକ୍ତ ବୋଲି ବ୍ରହ୍ମାଙ୍କୁ ଧରିଆଣି ଗୋଡ଼ ଧୋଉଣି ଦେଖାଉ-ଥିଲେ, କାରଣ ସେ ସମସ୍ତେ ତାଙ୍କର କୁଳଗୁରୁ, ଆମର । 'କୃତ୍ତିବାସ'ଙ୍କଠୁ 'ଜୟଦେବ' ଯାଏ ସମସ୍ତେ ଆମର; ଚୈତନ୍ୟ ଓଡ଼ିଆ ଥିଲେ; ସେ ପୁଣି ସବୁ ବଙ୍ଗାଳୀ ଶିଷ୍ୟଙ୍କୁ ଛାଡ଼ି ଆମ ଜଗନ୍ନାଥ ଦାସଙ୍କୁ କହୁ-ଥିଲେ 'ଅତି ବଡ଼' । ବଜ୍ରଯାନକୁ ସହଜଯାନ ବା ସହଜିଆ ଧର୍ମ ବାହାର ଥିଲା ଓ ସହଜିଆଏ ଖାଦ୍ୟପେୟର ସବୁ ବିଧିନିଷେଧରେ ଜଳାଞ୍ଜଳି ଦେଇ ନରନାରୀର ଯେଉଁ ଦେହର ସମାଗମକୁ ତଥା କହୁଥିଲେ 'ଶୂନ୍ୟସାଧନା' ବା ନିର୍ବାଣସାଧନାର ପୀଠ କରି, ସେହା

Digitized by srujanika@gmail.com

ନେତ୍ରୀ ଓ ବାବାଜୀ-ମାନଙ୍କ ଦ୍ୱାରା ସମାଜରେ ସମସ୍ତଙ୍କୁ ସମାନ କରି ଜାତିଭେଦର ସମାଧାନ କରିଥିଲେ । ତେବେହେଁ, ଆମେ ଆଜ ପ୍ରତି-ସ୍ପର୍ଧାର ଗର୍ବ କରି କହୁଁ, ସେଇ ସହଜିଆ ମାର୍ଗ ବାହାର କରିଥିଲେ ଜଣେ ଓଡ଼ିଆ ରାଜକନ୍ୟା ଓ ରାଣୀ—ଲକ୍ଷ୍ମୀଂକରା । 'ଚର୍ଯ୍ୟାପଦ' ଭଳି ବଜ୍ରଯାନ ଓ ସହଜଯାନର ଲେଖାଯାକ ବଂଗଳା ବୋଲି ବଂଗାଳୀ କହୁଛନ୍ତି; ମାତ୍ର ସେସବୁ ସେକାଳ ଓଡ଼ିଆ ଭାଷା—ବଂଗଳା ନୁହେ । ଖାଲି ଭାଷା ଓଡ଼ିଆ ନୁହେଁ, ସେସବୁ ହେଉଛି ଓଡ଼ିଆ ସଭ୍ୟତାର ପ୍ରକାଶ କରୁଛି । ଏଭଳି ହାସ୍ୟାସ୍ପଦ ଯୁକ୍ତି ଓ ଆଲୋଚନାମାନ ବହୁତ ଏବେ ଶୁଣାଯାଉଛି । ଏସବୁ ପରାଧୀନର ଗୌଣିଜ୍ଞ ମନୋବୃତ୍ତିର ଅଜ୍ଞାତ ପ୍ରକାଶ । ଏଥିରେ ସ୍ୱାଧୀନ ଚିନ୍ତା ନାହିଁ, କି ଆଲୋଚନା ନାହିଁ । ଏଯୁଗରେ ଏଭଳି ସାହିତ୍ୟିକ ପରାଧୀନତା ଓଡ଼ିଆର ଆରଂଭ ହୋଇଛି, ପ୍ରତାପରୁଦ୍ର କାଳରୁ । ତେଣୁ ଏହି ଗୌଣିଜ୍ଞର ମନୋବୃତ୍ତି ପ୍ରକାଶ ପାଇଛି ସେହି ଦିନୁ । ଜଗନ୍ନାଥ ଦାସଙ୍କ ସଂବଂଧରେ କୁହାଯାଇଛି, ସେ କହୁଥିଲେ:—

"ନୀଳାଚଳରେ ପରଂବ୍ରହ୍ମ,
ରାଧାଙ୍କ ସଂଗେ କୃଷ୍ଣ ଜାଣ ।"
"ରାଧାଙ୍କେ ବଶ ଜଗଜିତି,
ରାଧାରୁ ସୃଜିତ ଜଗତ ।"

( ପ୍ରଥମ ଭାଗ ପୃଷ୍ଠା ୧୮୭ ଦେଖ )

ଏହାର ପରଂପରା ଆମର ଏବେ ନାନା ଭାବରେ ଚାଲିଛି । ଏଥିରେ ପ୍ରଭାବିତ ହୋଇ ଦିନେ ଭଂଜୀୟ କାବ୍ୟର ଘୋର ଯୌନ-କଳା ପ୍ରକାଶ ପାଇଥିଲା । ଅଜ୍ଞାତସାରରେ ଯେପରିକି ତାହା ପ୍ରକାଶ କରୁଥିଲା, 'ହେ ଗୌଡ଼ୀୟ, ତମ ପାରସ୍ପର୍ଣ କୃଷ୍ଣ ଓ ମାତା-ସର୍ବସ୍ୱ

Digitized by srujanika@gmail.com

ତଥାକଥିତ ସନ୍ନ୍ୟାସୀ ବାବାଜୀଙ୍କର ପରଦାରା ସଂଗବିଳାସ ଖୁବ୍ ଥାଇପାରେ; କିନ୍ତୁ ଆସ, ଦେଖ, ଆମ ଶ୍ରେଷ୍ଠ ଓ ପ୍ରତିଷ୍ଠିତ ଗୃହସ୍ଥଙ୍କର ବୈଧ ନାରୀ-ସଙ୍ଗ-ବିଳାସ ପାଖେ ସେ କି ତୁଚ୍ଛ ?' ଏଇ ନିକଟରେ ମଧ୍ୟ ରାଧାନାଥ, ଗଙ୍ଗାଧର, ନନ୍ଦକିଶୋର ପ୍ରଭୃତିଙ୍କ ଲେଖାରେ ସେଇ ମନୋବୃତ୍ତିର ଅଜ୍ଞାତ ଅଭିବ୍ୟକ୍ତି ଯଥେଷ୍ଟ ଅଛି । ନନ୍ଦକିଶୋର ମଧ୍ୟ ଓଡ଼ିଆଙ୍କ ଦୈନ୍ୟ ଦେଖାଇବାକୁ ଯାଇ କହିଛନ୍ତି:—

"ଉତ୍କଳ କୈବର୍ତ୍ତେ ଜୟ କଲେ ଯେଉଁ ଦେଶ,
ସେହି ଦେଶ ହଟେ ଏବେ ଉତ୍କଳୀୟେ ମେଷ ।"

ଏଥିରେ ସତ୍ୟ ଅଛି

ମାତ୍ର ଏଭଳି ଗୌରବଭ୍ରଷ୍ଟ ମନୋବୃତ୍ତି ଓ ତଜ୍ଜନିତ ହାସ୍ୟାସ୍ପଦ ପ୍ରତିଦ୍ୱନ୍ଦ୍ୱୀ ସବୁବେଳେ ହୁଏ ନାଇ, ମନକୁ ହୁଏ ନାଇ । ଯାହାର ଏପରି ମନୋବୃତ୍ତି ହେବାର କାରଣ ଥାଏ, ତାହାର ଏହା ହୁଏ ଓ ଯାହାର ସେଭଳି କାରଣର ପ୍ରତିଷ୍ଠା ଓ ଗଭୀରତା ଯେତେ ବେଶୀ ତାର ଏ ମନୋବୃତ୍ତି ସେତେ ସ୍ଥାୟୀ ଓ ବ୍ୟାପକ ହୁଏ । ଏ ମନୋବୃତ୍ତିଟି ବରଂ ଏକ ଅଜ୍ଞାତ ପ୍ରତିବାଦ । ସାନ, ବଡ଼ଙ୍କୁ; ଅଳ୍ପଶକ୍ତିସଂପନ୍ନ, ବହୁଶକ୍ତି-ମାନଙ୍କୁ ପ୍ରଭାବ ଓ ପ୍ରକ୍ରିୟାରେ ଅନୁକରଣ କରିଯିବା ସ୍ୱାଭାବିକ । ସେଇ ଅନୁକରଣରେ ଦୁହେଁ ମିଶି ଏକ ହୋଇଯାନ୍ତି । ଭାରତରେ ଏହାର ଉଦାହରଣ ସର୍ବତ୍ର ରହିଛି । ଏଇ ଓଡ଼ିଶାରେ ମଧ୍ୟ ହିନ୍ଦୁ ଅଣ୍ଡି ଶୂଦ୍ରଙ୍କର ଓ ଶୂଦ୍ର ଶତଧା ବିଭକ୍ତ ହେଲେହେଁ ଅଲଗା ନୁହନ୍ତି । ସମସ୍ତେ ଜଗନ୍ନାଥଧର୍ମୀ । ଦେଖ, ମହାଭାରତରେ ପାଣ୍ଡୁ ନିଜେ ପୁତ୍ର ଜନ୍ମ କରିବା କ୍ରିୟାରେ ଅକ୍ଷମ ଥିବାରୁ ଅନ୍ୟ-ଅଢ଼େ ପୁତ୍ର ଜନ୍ମ କରାଇନେବା ସାଧୁ ବୋଲି ବୁଝାଇବାକୁ ଯାଇ କୁନ୍ତୀଙ୍କୁ କହିଛନ୍ତି:—

Digitized by srujanika@gmail.com

"ଜମ୍ବୁଦ୍ୱୀପେଷୁ ଚ ରଂଭୋରୁ
କୁରୁଷ୍ୱଦ୍ୟାପି ପୂଜ୍ୟତେ
ସ୍ତ୍ରୀଣାମନୁଗ୍ରହକରଃ
ସ ହି ଧର୍ମଃ ସନାତନଃ ।"

ଅନ୍ୟତ୍ର ଅଛି :—

"ଅନାବୃତା ସ୍ତ୍ରିୟଃ ସର୍ବା
ନରଶ୍ଚ ବରବର୍ଣ୍ଣିନି
ସ୍ୱଭାବ ଏବ ଲୋକାନାଂ
ବିକାରୋଽନ୍ୟ ଇତି ସ୍ମୃତଃ ।"

ଏହାର ଅର୍ଥ ହେଉଛି, ସ୍ତ୍ରୀଙ୍କ ପ୍ରତି ଅନୁଗ୍ରହ କରି ପୁରୁଷମାନେ ତାଙ୍କ ସଂଗେ ସଂଗମ କରନ୍ତି । ହେ ରମ୍ଭୋରୁ, ଏବେ ବି ଉତ୍ତର-କୁରୁରେ ଏଇ ସନାତନ ଧର୍ମ ଲୋକରେ ପ୍ରତିଷ୍ଠିତ ଅଛି ( ପୂଜା ପାଉଛି ) । ଅନ୍ୟତ୍ର, ହେ ବରବର୍ଣ୍ଣିନି, ନାରୀମାନେ ଓ ପୁରୁଷମାନେ ସମସ୍ତେ ଅନାବୃତ ( କେହି ବିବାହାଦିର ବନ୍ଧନରେ ବନ୍ଧା ନୁହନ୍ତି ) । ଏହାଇ ଲୋକର ସ୍ୱଭାବ ବା ପ୍ରକୃତି । ଏଥିରୁ ଯାହା ଭିନ୍ନ ( ବିବାହାଦି ), ତା ହେଉଛି ବିକାର ବା ବିକୃତି । ଉତ୍ତର-କୁରୁ ପ୍ରଭୃତିରେ ବହୁକାଳ ଯାଏ ପ୍ରତିଷ୍ଠିତ ଓ ପ୍ରଚଳିତ ଥିବା ନରନାରୀର ସ୍ୱୈର ଓ ଯଦୃଚ୍ଛା ସଂଗମ-ଆଚାର ଉପରେ ପ୍ରତିଷ୍ଠିତ ହୋଇଥିଲା ତନ୍ତ୍ର । ଏଇ ତନ୍ତ୍ରାଚାର ଶକ୍ତିତନ୍ତ୍ର ଓ ବୌଦ୍ଧତନ୍ତ୍ର ରୂପେ କାଶ୍ମୀର, ନେପାଳ, ତିବ୍ବତ, ବଙ୍ଗ ଓ ଆସାମରେ ସାମାଜିକ ଆଚାରର ପୀଠରୂପେ ବହୁକାଳ ଥିଲା । ଏବେ ବି ମୁସଲମାନର ଆଚାର ଓ ଭକ୍ତି-ଧର୍ମରେ ରଂଜିତ ହୋଇ ଗୌଡ଼ୀୟ ବା ସହଜିଆ ବୈଷ୍ଣବ ତଥା 'ବାଉଲ' ଓ ତଦ୍ବିଧ ଅନ୍ୟାନ୍ୟ ସଂପ୍ରଦାୟମାନ ଏଇ ପୀଠରେ ପ୍ରତିଷ୍ଠିତ । ବଙ୍ଗସାହିତ୍ୟ ସମାଲୋଚନାରେ ପ୍ରାମାଣ୍ୟ ପୁରୁଷ ସ୍ୱର୍ଗତ

Digitized by srujanika@gmail.com

ଦୀନେଶଚନ୍ଦ୍ର ସେନ ଲେଖିଛନ୍ତି, "ଏହା (ସହଜିଆର 'କାୟାସାଧନା') ସେଇ ସୁପ୍ରାଚୀନ ତାଂତ୍ରିକ ଧର୍ମ । ସହଜିଆଏ ହିନ୍ଦୁତନ୍ତ୍ର ସଂଗେ ଯୋଗ ରଖିବାକୁ ଚେଷ୍ଟା କରିଛନ୍ତି, କିଂତୁ ବୌଦ୍ଧତନ୍ତ୍ରଇ ତାଙ୍କର ଭିତ୍ତି । ଏଇ ସଂପ୍ରଦାୟ ଭିତରେ ଖୁସି-ବିଶ୍ୱାସୀ, ରାମ-ବଲ୍ଲଭୀ, ସାହେବ ଧନୀ, ଦରବେଶୀ, ସହଜିଆ, କର୍ତ୍ତାଭଜା, ବଳରାମୀ, ହଜରାତି, ଗୋବରାଇ, ପାଗଳନାଥୀ, ପାଞ୍ଚପଣ୍ଡା ପ୍ରଭୃତି ଯେ ସକଳ ଶ୍ରେଣୀ ଅଛନ୍ତି, ସେମାନେ ହିନ୍ଦୁଙ୍କ ପ୍ରଧାନ ପ୍ରଧାନ ସଂସ୍କାରଗୁଡ଼ିକ ମୂଳରେ କୁଠାରାଘାତ କରିଛନ୍ତି; କୌଣସି କୌଣସିଠାରେ ମୁସଲମାନ ଗୁରୁ, ବ୍ରାହ୍ମଣ ତାହାର ଶିଷ୍ୟ; ହିନ୍ଦୁଙ୍କ ଭିତରେ ବି ଗୋମାଂସ କୌଣସି କୌଣସି ଶ୍ରେଣୀରେ ନିଷିଦ୍ଧ ନୁହେ ।" ପୁଣି ସେ ଲେଖିଛନ୍ତି, "ସ୍ତ୍ରୀଜାତି ସଂବଂଧରେ ଏମାନଙ୍କର ଯେଉଁ ମତ, ତା ଏକାବେଳକେ ସାମାଜିକ ଆଦର୍ଶକୁ ଓଲଟପାଲଟ କରିଦେଇଛି ।" (ବୃହତ୍ ବଂଗ—ପୃଷ୍ଠା ୭୭୯) । ଏଇ ଆଦର୍ଶ ଓ ଆଚାରକୁ ଆଜି ଉଚ୍ଚକୋଟିର ବଙ୍ଗାଳୀମାନେ ମଧ୍ୟ ବୁଦ୍ଧିର କୌଶଳ ଖେଳାଇ ଶ୍ରେଷ୍ଠ ଦର୍ଶନ ଓ ଦାର୍ଶନିକ ଜୀବନସାଧନା ଓ ଖୁବ୍ ହେଲେ ସେଇ ଆଦର୍ଶ ସାଧନାର କଥଂଚିତ୍ ଲୌକିକ ଅପଚାର ମାତ୍ର ବୋଲି ପ୍ରଚାର କରୁଛନ୍ତି— ସଫା ଫିଙ୍ଗିଦେଇ ନାହାନ୍ତି । ସେତିକି ନୁହେ, ଧନେ ଏଇ ଦର୍ଶନ ପାଇଁ ନାଲନ୍ଦାପରି ସେକାଳର ବିଶ୍ୱବିଶ୍ରୁତ ମହାବିହାରରେ, ପୁଣି ଏଇ ସାଧନା ବା ତଥାକଥିତ 'ଯୋଗ' ପାଇଁ 'ବିକ୍ରମଶିଳା'ରେ ସାମ୍ରାଜ୍ୟଠାକର ଧନ ବି ଖର୍ଚ୍ଚ କରା ହୋଇଥିଲା । ଏସବୁ ଲଙ୍ଘାଇ ତିବ୍ବତ ଓ ମଙ୍ଗୋଲିଆ ପର୍ଯ୍ୟନ୍ତ ଏହାର ପ୍ରଚାର ମଧ୍ୟ କରାହୋଇ ଥିଲା । ଏବେ ଗୌଡ଼ୀୟ ମଠ ଓ ଅନୁଷଙ୍ଗିକ ନେତାମାନଙ୍କ ଗୁରୁଭାଇ ମିଳନ, ଚରଣ ଦାସଙ୍କ ଶିଷ୍ୟାଶିଷ୍ୟ-ସମାଗମ, ଆଦମାତାଙ୍କ ଅଦ୍ଭୁତ ଦର୍ଶନ ପ୍ରଭୃତି ନିତ୍ୟବର୍ଦ୍ଧମାନ ଅନୁଷ୍ଠାନସବୁ ତାହାର

Digitized by srujanika@gmail.com

ନୂତନ ସଂସ୍କରଣ । ସେକାଳ ତିବ୍ବତ ପରି ଅଞ୍ଚଳ ମଧ୍ୟ ଅପେରଭାବରେ ଏହାର ପ୍ରଚାର, ଓ ପୂର୍ବର ସିଦ୍ଧ ମହାପୁରୁଷ ଓ ଗୁରୁମାନଙ୍କର ଅଦ୍ଭୁତ କିମ୍ବା ବଖାଣି ଶିଷ୍ୟ ଶିଷ୍ୟା କରିବା କାର୍ଯ୍ୟ କମ୍ ଚାଲି ନାହିଁ । ଅଧମ ଓ ଆଗନ୍ତୁକମାନେ, ସମସ୍ତେ ପୁଣି କଏ ଦର୍ଶନ ହିସାବରେ, କଏ ସାଧନାର ବାସ୍ତବତା ହିସାବରେ, କଏ ଫଳପ୍ରାପ୍ତି ହିସାବରେ, କଏ ବା ସ୍ୱାଦ୍ୟ ଇନ୍ଦ୍ରିୟସେବାରେ ଆକୃଷ୍ଟ ହୋଇ—ଏହିପରି ନାନା ଭାବରେ ବଙ୍ଗଦେଶରେ ଓ ବାହାରେ ଏହାକୁ ଆଦରନ୍ତି । ଶାସନରେ ତଥା ଚିନ୍ତାରେ ଓଡ଼ିଶା ନାନାଭାବରେ ପରାଧୀନ ଥିବାରୁ ଗତ ଚାରିଶ ବର୍ଷଭିତରେ ସ୍ୱାଧୀନଭାବରେ ଓଡ଼ିଶାରେ ଏହା ପ୍ରଚାର କରିବାର କମ୍ ଉଦ୍ୟମ ହୋଇ ନାହିଁ । ସମ୍ରାଟ ପ୍ରତାପରୁଦ୍ରଙ୍କୁ ଧରି ପୁଣି ଏ ପ୍ରଚାର ଆରମ୍ଭ ହୋଇଛି ଓ ଜଗନ୍ନାଥଙ୍କୁ କେନ୍ଦ୍ର କରି ଏ ପ୍ରଚାର ଚାଲିଛି । ଅଧିକ ଦେଖାଯିବା ଭଳି କେତେକ ଫଳ ନ ହୋଇଛି, ନୁହେଁ । ସମାଜର ଶିଷ୍ଟ ଓ ବରେଣ୍ୟମାନ୍ୟ ଲୋକେ ବଡ଼ଶୁଖୁଆ ଧରି 'ବାଘା ବାବା' 'ପାଗଳା ବାବା'ଙ୍କ ପାଖକୁ ପାଗଳ ହୋଇ ଦୌଡ଼ିବାର ଓ ଜାଲିଅବେଦାର ରଥୋତ୍ସବରେ ଯୋଗ ଦେବାର ଏବେମଧ୍ୟ ମୁଁ ଦେଖିଛି, ଶୁଣିଛି, ଯିପରି ସେ ମହାପୁରୁଷମାନେ ଖନା ନଅଁରେ ଚଲମ ଲଗାଇ ଶିଷ୍ୟଙ୍କୁ ପ୍ରସାଦ ଦଅନ୍ତି ଓ ଯୁବତୀ ଶିଷ୍ୟା-ଶିଷ୍ୟ ସ୍ତ୍ରୀସ୍ୱାମୀମାନଙ୍କୁ ସନ୍ତାନ ଲାଭ କରିବାରେ ଅଦ୍ଭୁତଭାବରେ ସାହାଯ୍ୟ କରନ୍ତି । ବୈଷ୍ଣବମାନେ ଘରେ ଘରେ ମନ୍ତ୍ରଦବାରେ କାନ ଫୁଙ୍କି ବୁଲିବା ଓ ଫଳରେ କୌଣସି କୌଣସି ଶିଷ୍ୟ-ଶିଷ୍ୟାଙ୍କର ସଂପୂର୍ଣ୍ଣ ଆତ୍ମନିବେଦନ ଲାଭ କରିବା ସାଧାରଣ କଥା । ଏହାଛଡ଼ା ଅତି ପୂର୍ବେ ଉଡ୍ଡିୟାନ ତନ୍ତ୍ର-ସାଧନାରେ ଓଡ଼ିଶାକୁ ବଙ୍ଗୀୟ ଦେହସାଧନା ବା ଇନ୍ଦ୍ରିୟସେବାର ଆଦର୍ଶ ବୋଲି କହି ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କରଙ୍କ ପରି ରଜାରାଣୀ ଶ୍ରେଣୀର ଲୋକଙ୍କୁ ଭୁଲାଇ

Digitized by srujanika@gmail.com

ଧର୍ମଧାମରେ ଔଦାର୍ଯ୍ୟ ସେଠାରେ ପ୍ରଗଳ୍ଭ କରିଥିବାର ଦୃଷ୍ଟାନ୍ତ ମଧ୍ୟ ଅଛି । ତଥାପି ଓଡ଼ିଆ ମାନି ଯାଇ ନାହିଁ । ଜଗନ୍ନାଥ ବା ଓଡ଼ିଆ ସମାଜ ଏଥିରେ ଦୁର୍ବଳ ହୋଇଛି, କିନ୍ତୁ ଅଭିଭୂତ ହୋଇ ଅସ୍ତିତ୍ୱ ହରାଇ ନାହିଁ । ଏବେ ମଧ୍ୟ କହୁଛି, ଏ ସବୁ ଆମର । ଏହାର ଅର୍ଥ, ଅନ୍ୟ ଧର୍ମରେ ଆମ ମାର୍ଗରେ ନାହିଁ; କିନ୍ତୁ ପରସ୍ପର ଗୋଳମାଳ ନାହିଁ । ସାମାଜିକ ଭାବ ରାଜ୍ୟରେ ଯେବେଠାରୁ ବଙ୍ଗଳାର ଅନୁକରଣ କଲେ ମଧ୍ୟ, ତେବେ ହୋଇ ପଡ଼ିଲେ, ଓଡ଼ିଆ ଚରିତ୍ର ପଡ଼ୁଛି—ବୃନ୍ଦାବନରେ ଭୁବନେଶ୍ୱର ମୂର୍ତ୍ତି ଦେଖାଯାଉଛି; ପଲ୍ଲୀ ସ୍ଥାନରେ ବଙ୍ଗଦେଶୀୟ ଗାନବାଦ୍ୟ ଶୁଣୁଛି, ମାଛ 'ବୋଇଲ'ରେ ପର୍ଯ୍ୟନ୍ତ, ଆଉ କିଛି ନ ପାଇ ନିଜ ଜଦୁଆମିର କୃତିତ୍ୱ ବଖାଣି କରୁଛି । ଲିଖିତ ସାହିତ୍ୟରେ ଗୌରବ୍ୟ ଅନେକ ବୃତ୍ତିର ଅଜ୍ଞାତ ବାଦ୍ୟ ପ୍ରକାଶ କରିବାଠାରୁ ଏସବୁ କାର୍ଯ୍ୟ ଭାବ ଓ ଧାରଣାରେ ଯାହା ସତ୍ୟ ଅଛି, ତା ହେଉଛି, ବଡ଼ ଘର ଭାଙ୍ଗିଗଲେ ବେଳେ, ସେ ଘରର ଲୋକଙ୍କର ଯେଉଁ ମନୋଭାବ ହୁଏ, ଠିକ୍ ସେଇଆ । ତାଙ୍କୁ ସାଧାରଣ ଲୋକ ପରି—ଇତର ଲୋକ ପରି—ବ୍ୟବହାର କଲେ ସେ ସହନ୍ତି ନାହିଁ । ଓଡ଼ିଆଙ୍କ ଅବସ୍ଥା ଏବେ ସେଇଆ ହୋଇଛି । ପୂର୍ବେ ଯେଉଁ ଘର ଥିଲା, ଆଜି ଭାଙ୍ଗି ଯାଉଛି, ତାହାହିଁ ଦେଖିବାକୁ ହେବ । ସେଥିରେ କ୍ରମ-ପରିଣାମର ସୂଚନା ବେଶି ସ୍ପଷ୍ଟ ହେବ । ଇତିହାସର ଶିକ୍ଷା ମଧ୍ୟ ଏଥିରେ ଦୃଢ଼ ଓ ପ୍ରତିଷ୍ଠିତ ହେବ । ସୂଚନାରେ କୁହାଯାଇଛି, ଏହାର ପୂର୍ବ ଯୁଗରେ ଗୌଡ଼ୀୟ ସଂଘ ଦ୍ରାବିଡ଼ୀୟ ପ୍ରଭାବ କିଛି କମ୍ ପଡ଼ି ନ ଥିଲା । ଏ ଦୁଇଟି ଯୁଗର ସନ୍ଧିସ୍ଥଳ ହେଉଛି କପିଳେନ୍ଦ୍ର-ପୁରୁଷୋତ୍ତମ ଯୁଗ । କପିଳେନ୍ଦ୍ରଙ୍କ ବେଳେ ଓଡ଼ିଆର ଜଗନ୍ନାଥ ଧର୍ମ ଓ ସଭ୍ୟତା ଯେପରିକି ଯୁଗାନ୍ତ ଅବସାଦ ଗ୍ଲାନି ଦେହରୁ ଝାଡ଼ି ନୂତନ ତେଜ ଓ କର୍ମଠତାରେ ଜାଗି ଉଠିଥିଲା । ଏହା ଓଡ଼ିଆର ଉଦ୍‌ବୋଧ ( Renaisance ) କାଳ ।

Digitized by srujanika@gmail.com

କେବଳ 'ଛେରା ପହଁରା'ଟି ଏଇ ଉଦ୍‌ବୋଧନର ସଂକେତ ବହୁଲେ, ହୁଏ । ସାରଳା ଦାସଙ୍କ ସ୍ୱାଧୀନ ଓ ମୁକ୍ତ ଓଡ଼ିଆ ସାହିତ୍ୟରେ ଓଡ଼ିଆ ଜୀବନର ଜ୍ୱଳନ୍ତ ପ୍ରାକୃତିକ ନି ଲକ୍ଷିତଭାବରେ ଅବଶ୍ୟ ଅଛି । ଯଥାର୍ଥ ଲକ୍ଷିତ ସମ୍ବନ୍ଧ ବୋଲି ତା ଛଡ଼ା ଆମକୁ ଆଉ କିଛି ମିଳୁନାହିଁ । ସେ ଯା ହେଉ, 'ଛେରାପହଁରା' ଅନୁଷ୍ଠାନ ଓ ତଦାନୁସଂଗିକ କିଂବଦନ୍ତୀ ଓ ଉପାଖ୍ୟାନମାନ ତଥା ସେଇ ସଂପର୍କୀୟ ଅନ୍ୟାନ୍ୟ କେତେକ କଥା ଏଠି ଆଗ ଆଲୋଚନା କରି ଓଡ଼ିଆ ସଂସ୍କୃତି ଓ ସାହିତ୍ୟରେ ସେସବୁର ସଂକେତ କ୍ରିୟା ଓ ପ୍ରଭାବ ଦେଖା ଦିଆଯାଉ ।

## 'ଛେରାପହଁରା'ର ଅର୍ଥ ଓ ଆନୁସଂଗିକ ଶବ୍ଦମାନ

ପ୍ରସଙ୍ଗତଃ ଛେରା ପହଁରା କଥାଟି କୁହାଯାଇଛି । କିନ୍ତୁ ଶବ୍ଦଟିର ଅର୍ଥ କଣ, କହିବା କଷ୍ଟ । ଏହାର ମୂଳ ସଂସ୍କୃତ, କି ଦ୍ରାବିଡ଼, କି ଶବର, କି ଅନ୍ୟ କିଛି, ତା ଜଣା ପଡ଼ୁନାହିଁ । ଓଡ଼ିଆ ଶବ୍ଦମାନଙ୍କର ଆଲୋଚନା—ଉତ୍ପତ୍ତି, ବ୍ୟୁତ୍ପତ୍ତି ଓ ପରିଣତି ସଂବନ୍ଧୀୟ ବିଚାର—ହୋଇ ନାହିଁ । ଅନେକ ଶବ୍ଦର ମୌଳିକ ବ୍ୟୁତ୍ପତ୍ତିଗତ ଅର୍ଥ ଆମକୁ ଏବେ ଛାଡ଼ି ଦେବାକୁ ହେଉଛି; କିଂବା ଅନୁମାନରେ, ଯାହାକୁ କହନ୍ତି, ଠାସକୁମାରି ଧରି ନେବାକୁ ହେଉଛି । ପୁଣି ବହୁକାଳରୁ ପରଂପରା ପଡ଼ିଯାଇଛି, ସବୁ ଶବ୍ଦର ଯେପରିକି କେଉଁନାକେଉଁ ସଂସ୍କୃତ ମୂଳ ନିଶ୍ଚେ ଅଛି । ସେଭଳି ସଂସ୍କୃତ ପଣ୍ଡିତେ ହୁଏତ କହିବେ ଏହା ହେଉଛି, 'ସିକ୍ତ ବହୁକାର' ଶବ୍ଦର ଅପଭ୍ରଂଶ । ସିକ୍ତ ବୋଇଲେ ଛିଂଚୁ, ବହୁକାର ବୋଇଲେ, ଓଳାଇବା । କିନ୍ତୁ ପହଁରା ଶବ୍ଦଟିକୁ ସଂସ୍କୃତରେ ବହୁକାର କରାଯାଇଛି ବୋଲି ମନେ ହୁଏ । 'ଭାଷାକୋଷ'ରେ ତହିଁରେ 'ଛେର' ଶବ୍ଦଟିକୁ ଛର୍‌ଧାତୁମୂଳକ ବୋଲି କହିଛନ୍ତି । ସେ

Digitized by srujanika@gmail.com

ଯା ହେଉ, ବ୍ୟବହାରରୁ ଜଣାଯାଏ, 'ଛେଷ ପହସ' ବୋଇଲେ ଛୁଂଚୁ ଓଳିଆକାମ ଅର୍ଥାତ୍ ପାଣି ଛୁଂଚି ଓଳାଇ ଥାନ ବା ବାଟ ପରିଷ୍କାର କରିବା । ଶବ୍ଦଟି କିଂତୁ ପ୍ରୟୋଗରେ ଯୋଗରୂଢ଼ । କେବଳ ଜଗନ୍ନାଥଙ୍କ ସେବା କାମରେ ଥାଳ ବା ବାଟ ଓଳାଇବା ଛଡ଼ା ଅନ୍ୟତ୍ର ଏ ଶବ୍ଦର ବ୍ୟବହାର ଚଳେ ନାହିଁ । ଜଗନ୍ନାଥ ବହୁକାଳର । ସେଥିପାଇଁ ବହୁ ପ୍ରାଚୀନ ଅପଭ୍ରଂଶ ଓ ଦେଶୀଶବ୍ଦର ଅବଶେଷ ସେଠି ଏବେ ଅଛି । ସେସବୁର ଅର୍ଥ ବୁଝା ଯାଉ ନାହିଁ, କିଂବା ଅର୍ଥ ବୁଝାଗଲେ ମଧ୍ୟ ତା ଅନ୍ୟତ୍ର ଚଳେନାହିଁ । ପିଠରେ 'ଚଢ଼େଇ ଲେଦା' ମିଠେଇରେ 'ମଗଜ-ଲଡ଼ୁ', ଚଳଣିରେ ପହଣ୍ଡି, ନିଯୋଗଭିତରେ ତଳି-'ଛୁ', ଉପର-'ଛୁ'; ସେଇପରି 'ଗୁଣ୍ଡିଚ୍ଚ'ଘର, କୋଇଲି-ବୈକୁଣ୍ଠ—ଏସବୁର ଅର୍ଥ ବାରିବା ସହଜ ନୁହେଁ । ପଣ୍ଡ ବା ପଡ଼ରୁ 'ପହଣ୍ଡି' ହୋଇପାରେ; 'ଛୁ' ବୋଇଲେ ସ୍ଥିତ ବା ଥିବା ହୋଇପାରେ । କିନ୍ତୁ ତା ଏତେ ପ୍ରାଚୀନ ଯେ ଏବେ ଅନ୍ୟତ୍ର ଚଳେ ନାହିଁ । କୋଇଲି ଓ ଗୁଣ୍ଡିଚ୍ଚ ଦୁଇଟି ଯାକ ଅତି ପ୍ରାଚୀନ ଦ୍ରାବିଡ଼ ଶବ୍ଦ । କୋଇଲି ବୋଇଲେ ଦେବଗୃହ (ସଂବଲପୁର—'ଗୁଡ଼ି'), ଗୁଣ୍ଡିଚ୍ଚ ବୋଇଲେ ଉଦ୍ୟାନଗୃହ । ଛେଷ ପହସ ସେଇପରି ଗୋଟିଏ ଶବ୍ଦ । ଓଳିଆ ଅର୍ଥରେ ପହସ ଶବ୍ଦ ଏବେ ଏକପ୍ରକାର ଚଳେ । ମଳ ଛୁଂଚିବା ଅର୍ଥରେ ଛେଷ ଚଳେ ନାହିଁ । ତରଳ ମଳ ଓ ତରଳ ମଳତ୍ୟାଗ କରିବା ଅର୍ଥରେ ଛେଷଶବ୍ଦ ଏବେ ଚଳେ । ମନେ ହୁଏ, ଶବ୍ଦଟିର ଅର୍ଥ ବ୍ୟାପ୍ତିରେ ଏହା ଅଧୋଗତି । ଯେପରିକି ଗନ୍ଧ ଶବ୍ଦ ସୁଗନ୍ଧ ଅର୍ଥରେ ଏବେ ଆଉ ଚଳେ ନାହିଁ । ଗନ୍ଧ ବୋଇଲେ, ଏବେ ଦୁର୍ଗନ୍ଧ; ଗନ୍ଧାଉଛି, ଦୁର୍ଗନ୍ଧ କରୁଛି । ସେଇପରି ଦେହସ୍ତରୁ ପଡ଼େ ଯେଉଁ ମଳ, ସେଇ ଏବେ ଛେଷ । ଜଗନ୍ନାଥ ଦାସ ଭାଗବତରେ ଲେଖିଛନ୍ତି:—

Digitized by srujanika@gmail.com

"ହୋଣା କମ୍ବଳ ଗୃହ ମଧ୍ୟେ
ଚନ୍ଦନ ଛେରା ସଞ୍ଜଧାନେ ।"

ଏଠାରେ ଛେରାର ଅର୍ଥ ଯାହା, ଛେରା-ପହଁରାରେ ସେହିଆ । ଛେରା ହୋଇଲେ ଚୂର୍ଦ୍ ଚହଲିଆ ଓଦାସ ଚନ୍ଦନ, କର୍ପୂର ଆଦି ମିଶ୍ରିତ ଛିଞ୍ଚିବା ବା ଛିଞ୍ଚୁ ହୋଇ ପଡ଼ୁଥିବା ସେହିପରି ତରଳ ଦ୍ରବ୍ୟ । ଓଡ଼ିଶା ରଜା ଯେତେବେ ଦର୍ଶନକୁ ଯାଆନ୍ତି ସେତିକିବେଳେ ସିଂହାସନ ଗୃହପାଣ୍ଟ 'ଛେରାପହଁରା' କରନ୍ତି । ଆଗେ ଆଗେ ଜଣେ ଚନ୍ଦନକର୍ପୂର ପାଣି ଛିଞ୍ଚି ଛିଞ୍ଚି ଯାଏ; ପଛେ ପଛେ ରଜା ଖଡ଼ିକାମୁଠା ଧରି ଓଳାଇ ସଫା କରି ଯାଆନ୍ତି । ସେହିପରି, ଠାକୁର ରଥକୁ ବିଜେ ହେଲା-ବେଳେ ବାହୁଡ଼ା ଓ ରଥଯାତ୍ରାରେ ରଜା 'ଛେରାପହଁରା' କରନ୍ତି । ମାଦଳା ପାଞ୍ଜିରେ ଥିଲେ ମଧ୍ୟ ଏବେ ରଜା ଦର୍ଶନକୁ ଗଲେ ସିଂହା-ସନ ଗୃହପାଖେ ଛେରାପହଁରା ଅଉ କରୁନାହାନ୍ତି । ମାତ୍ର ପହଣ୍ଡି ବେଳେ ଓ ରଥଯାତ୍ରାରେ ଏବେ ବି ଏହା କରା ହୁଏ । ଏହି ଛେରାପହଁରା ଜଗନ୍ନାଥଙ୍କର ଗୋଟିଏ ସେବା । ଏହା ନିତେ ମହାରାଜାଙ୍କର । ମହାରାଜା ଶବ୍ଦଟି ଶୁଦ୍ଧ କରି ସଂସ୍କୃତରେ କହିଲେ ହେବ 'ମହାରାଜ' —ଏହା ଭାଷାରେ ହୁଏ, ପୁଣି କେବେ ତାକୁ 'ମହାରାଜ' । ମହାରାଜାଙ୍କ ନାମ କରେ ବୋଲି, ହାଡ଼ି ବି ହେଲ ମହାରାଜ୍ ବା ସଂକ୍ଷେପରେ ଓ ସ୍ୱରପରିଣାମରେ 'ମାହାର' । ସେହିଜାତିର ସ୍ତ୍ରୀ ହେଲ 'ମାହାରଣୀ'; ପୁଣି ସମାଜରେ ସେହିପରି ଅନ୍ୟ ଏକ ନୀଚ ବା ଘୃଣ୍ୟ କାର୍ଯ୍ୟ କରୁଥିବା ନୃତ୍ୟସଥବା ନାରୀ ହେଲ 'ମାହାରୀ' ଏହା କ୍ରମାଗତ ତରଳ ମଳ ଅର୍ଥରେ ଛେରା ଶବ୍ଦର ପ୍ରୟୋଗ, ଏହି ସଂପର୍କରେ ଖୁବ୍ ଅନୁମାନ ମଧ୍ୟ କରାଯାଇପାରେ ।

'ଛେରାପହଁରା'ଟି ଏକା କପିଳେନ୍ଦ୍ରଦେବଙ୍କ କାର୍ଯ୍ୟ ତାଙ୍କର ଭସ୍ୱପାଇତ (ପୂର୍ବ ୭୬ ପୃଷ୍ଠା ଦେଖ), ଶିଳା-ଲେଖରେ ସର୍ବପ୍ରଥମରେ କହିଛନ୍ତି ସ୍ପଷ୍ଟ କହୁଛନ୍ତି, "ଶ୍ରୀ ଜଗନ୍ନାଥ

Digitized by srujanika@gmail.com

ମୋହର ବାହ୍ୟ ଅଭ୍ୟନ୍ତର ଜାଣ ମୋହର ଯେତେକ ଜନ୍ତୁ ପଦାର୍ଥ ଅଛି ସେ ତୋହର × × × ଏ ଭୂମିଖଣ୍ଡ ( ତୋହର ଏହାଙ୍କୁ ) ଅନୁଗ୍ରହେ ଦେଇଥା ମୋହର ସେ କେବେ ନୁହେଁ।" ଏଭଳି ଲିପିର ଦୁଇଶହ ବର୍ଷପରେ ନରହରିତୀର୍ଥ ଶିବଜୀଙ୍କ ସମ୍ବନ୍ଧରେ ବି ଏଇ-ପରି ଏକ କଥା ଶୁଣାଯାଏ। ସାନ୍ଧ୍ୟ ସମ୍ପଦ ସବୁ ଶିବଜୀ ଏଇପରି ସମସ୍ତ ରାଜ୍ୟ ଅର୍ପଣ କରିଥିଲେ ଓ ପରେ ସେଇ ରାମଦାସଙ୍କ ଠାରୁ ନେଇ ଭାର ଶାସନ ଓ ରକ୍ଷଣାବେକ୍ଷଣ କରୁଥିଲେ। ତାହାଙ୍କ ମୁସଲମାନ ଓ ଦଳିତ ହିନ୍ଦୁଧର୍ମକୁ ରକ୍ଷା କରି ପୁଣି ଉଠାଇବାକୁ ଶିବଜୀ ନିଜର ଏକାନ୍ତ କର୍ମ ବୋଲି ବିଚାରୁଥିଲେ। ନିଜର ହେଲେପାଇଁ ପରିବାର ବା ଲୋକସେବା ନାମରେ କିଛି ସେ ରାଜ୍ୟବିଜୟ ଓ ଧନ ବା ରାଜ୍ୟ ସଂଗ୍ରହରେ ମାତି ନ ଥିଲେ। ଗୀତାରେ ଅର୍ଜୁନ ମଧ୍ୟ ସେଇପରି ଆର୍ଯ୍ୟ ଧର୍ମ ଓ ସ୍ୱଧର୍ମ ରକ୍ଷା ପାଇଁ 'ଅନାର୍ଯ୍ୟ ଜୁଷ୍ଟ', 'କ୍ଳୈବ୍ୟ' ଛାଡ଼ି କୃଷ୍ଣଙ୍କ 'ଉଦର୍କ' ଏବଂ 'ଧର୍ମ ସଂସ୍ଥାପନା' ନିମନ୍ତେ ଘୋର ଶତ୍ରୁକ୍ଷୟ କର୍ମରେ ମାତିଥିଲେ। କପିଳେନ୍ଦ୍ର ଦେବ ସେଇପରି ହୁଏତ ସେଇ ମହାଭାର-ତୀୟ କଳିଙ୍ଗ-ପରଂପରା ଧରି, ବ୍ରାହ୍ମଣ ଧର୍ମର ପୁନରୁଦ୍ଧାର ଓ ପୁନଃ ପ୍ରତିଷ୍ଠା ପାଇଁ ଲଢିଥିଲେ। କିନ୍ତୁ ମନେ ହୁଏ, ଏବଂ ଶେଷପର୍ଯ୍ୟନ୍ତ ସେବାଟି ସେ ନିଜେ କରିବା ଅଭ୍ୟସ୍ତ କରୁଥିଲେ। ସେଇଠାରୁ ଏ ସେବାଟି ହୋଇ ଯାଇଥିଲା ମହାରାଜାଙ୍କର ନିଜର।

## କାଂଚିରାଜ ତା ବୁଝିବେ କିଆଁ ? —ଦକ୍ଷିଣୀ ସ୍ମାର୍ତ୍ତଧର୍ମ

ଦୂର ସଂଲଗ୍ନ ଦକ୍ଷିଣରୁ ଆସିଥିବା ତେଲଙ୍ଗମାନେ ଏହା କଦାପି ନିଜେ କରୁ ନ ଥିଲେ। ଅତଏବ ସେମାନେ ଏହା କରୁଥିବାର ବା ସେମାନଙ୍କ ସମ୍ମୁଖରେ ଏହା ମହାରାଜାଙ୍କର କାମ ହୋଇଥିବାର କୌଣସି ପ୍ରମାଣ ନାଇ। ପୁଣି ଆଜି ଗୋଟିଏ ଅନ୍ଧ ଦେଖିଲେ ମଧ୍ୟ

Digitized by srujanika@gmail.com

ଗଂଗ-ସମ୍ରାଟମାନେ ଚେଳପଦବର୍ଗଙ୍କୁ ନଜର କରିଥିବା ସଂଭବ ନୁହେଁ। ତାଙ୍କ ପକ୍ଷରେ ଏହା ନୀଚ ଜାତିର କାମ। ବୈଦିକ ହିନ୍ଦୁର ଥିଲା ଚତୁର୍ବର୍ଣ୍ଣ ବା ଜାତି। କିନ୍ତୁ ଦ୍ରାବିଡ଼ରେ ବହୁ ପ୍ରାଚୀନ କାଳରୁ 'ପଞ୍ଚମ' ଜାତି ହୋଇଥିଲେ—ଅସ୍ପୃଶ୍ୟମାନେ। ତାଙ୍କୁ ଏବେ ବି ସେ ଅଞ୍ଚଳମାନଙ୍କରେ 'ପଞ୍ଚମ' (ସେ ଅଞ୍ଚଳ ଉଚ୍ଚାରଣରେ, 'ପଞ୍ଚମା') ବୋଲି କହନ୍ତି। ସେମାନଙ୍କ ଘର ପାଖରେ, ବା ସେମାନେ ଘର ମାଡ଼ି ପକାଇଲେ, ଉଚ୍ଚ ଜାତି ମ୍ଳାନ ହୁଏ। ସେମାନଙ୍କ କଥା-ଶବ୍ଦ ଶୁଣିଲେ ଉଚ୍ଚଜାତିମାନେ—ବିଶେଷରେ ବ୍ରାହ୍ମଣ—ଭୋଜନ ଛାଡ଼ି ଉଠିଯାନ୍ତି। ତିରୁଭଲ୍ଲୁରରେ ମଧ୍ୟ 'ପଞ୍ଚମା'ମାନେ ବିଗ୍ରହପତିଙ୍କଠାରୁ ଦୂରରେ ରହନ୍ତି ଓ ତାଙ୍କପାଇଁ ଅଲଗା ନିର୍ଦ୍ଦିଷ୍ଟ ଥିବା ସୀମା ଡେଇଁ ଯାଇପାରନ୍ତି ନାହିଁ। ବିଗ୍ରହର ଦଣ୍ଡବିଧାନରେ ମଧ୍ୟ ଏଇ ଜାତି ବିଗ୍ରହର ଦେଖିବା ଇତରବିଶେଷ ହୁଏ। ଅଳ୍ପ ଦିନ ତଳ ପର୍ଯ୍ୟନ୍ତ ଏହାହିଁ ଥିଲା ସେ ଅଂଚଳର ରୀତି। ଦ୍ରାବିଡ଼ର ଯେଉଁ ରାମାନୁଜୀ ବୈଷ୍ଣବମାନେ ଗଂଗ-ସମ୍ରାଟଙ୍କ ସଂଗେ ଏ ଭୂମିକୁ ଆସିଥିଲେ, ସେମାନେ ଏଇ ସ୍ମାର୍ତ୍ତଧର୍ମର ଭେଦନୀତିରେ ପୁରାପୁରି ଅଭ୍ୟସ୍ତ ଥିଲେ; ଏବେ ବି ଅଛନ୍ତି। ନିଜ ଅନୁଭବରୁ କହୁଛି, ଜଣେ ଶିକ୍ଷିତ ସୁବକ୍ତା ନୈଷ୍ଠିକ ରାମାନୁଜୀ ବୈଷ୍ଣବ ମହନ୍ତଙ୍କୁ ମୁଁ ମୋ ହାତରେ ହଣାଦେହାଇ ନଖିଛନ୍ତି ହୋଇଥିବା ପଣା ଏଠାଏ ପର୍ଯ୍ୟନ୍ତ ପିଅଇ ପାରି ନ ଥିଲି। ମୁଁ ପୂର୍ବ ଓଡ଼ିଶାର ସ୍ମାର୍ତ୍ତ ବ୍ରାହ୍ମଣ, ପରଂପରା ଓ ଅଭ୍ୟାସରେ ନୈଷ୍ଠିକ ବୋଲି ବି ସେ ମହନ୍ତଙ୍କର ମୋ ପ୍ରତି ଅନ୍ୟଥା ଆଦର ଓ ସମ୍ମାନ କିଛି କମ୍ ନ ଥିଲା। ଏଇପରି, ଶାସ୍ତ୍ରଠାରୁ ଆଚାର ପର୍ଯ୍ୟନ୍ତ ବିଶ୍ଳେଷଣ ଓ ବିଚାର କରି ଦେଖିଲେ ବୁଝାପଡ଼େ, ବିଶିଷ୍ଟାଦ୍ୱୈତ (ରାମାନୁଜୀ)ର ଜଟିଳ ଦାର୍ଶନିକ ଭକ୍ତିବାଦ ସଂଗେ ଦ୍ରାବିଡ଼ ସମାଜର ପ୍ରତିଷ୍ଠିତ ଜାତି-ଭେଦର ଅତି ଦୃଢ଼ ଓ ଘନିଷ୍ଠ ସଂବନ୍ଧ।

Digitized by srujanika@gmail.com

## ଶଙ୍କରଙ୍କ ଅଦ୍ୱୈତବାଦର ଗୋଲକଧନ୍ଦା

ଶଙ୍କରାଚାର୍ଯ୍ୟଙ୍କ ପ୍ରବର୍ତ୍ତିତ ଓ ପ୍ରଚାରିତ ଅଦ୍ୱୈତବାଦ ବରଂ ଘୋଡ଼ାଇ କରି ଏକ ଗୋଲକଧନ୍ଦାରେ କଥାଟା କହୁଥିଲେ—ଜ୍ଞାନୀ ହେଲେ, ଭେଦାଭେଦ ଭୁଲିଯାଇ ଅନ୍ତରରେ ସମସ୍ତଙ୍କୁ ସମାନ ବ୍ୟବହାର କରିବ । ଏ କଥା ମୈତ୍ରୀ ନୁହେଁ—ଏହା ମୈତ୍ରୀର ଅଭାସ ମାତ୍ର—ମୈତ୍ରୀପରି ଦେଖାଯାଉଛି ମାତ୍ର । ଜ୍ଞାନୀ ବୋଲି ଲୋକଙ୍କୁ ଆଗ ଜାଣିଲେ, ତାର ସାମ୍ୟବ୍ୟବହାର ସହିଯିବ, ନା ଲୋକର ସାମ୍ୟବ୍ୟବହାର ଆଗ ଦେଖିଲେ ତାକୁ ଜ୍ଞାନୀ ବୋଲି ଜାଣିବ, ସ୍ୱା ଜଏ କହିବ ? 'କରେ, ତୁ ସମାଜରେ ଏପରି ସାମ୍ୟବ୍ୟବହାର କରୁଛୁ, ତୁ କଣ ଜ୍ଞାନୀ ?' କିଏ ଏବେ ଅଭିଜ୍ଞ ପ୍ରମାଣ ଦେଇ କହିବ ଯେ ସେ ଜ୍ଞାନୀ ? ଏଇ ଅଦ୍ୱୈତଜ୍ଞର ଅଭିସଂମତ ବଚନ ହେଉଛି:—

"ନିସ୍ତ୍ରୈଗୁଣ୍ୟେ ପଥି ବିଚରତଃ
କୋ ବିଧିଃ କୋ ନିଷେଧଃ ।"

ଅର୍ଥାତ୍, ସତ୍ତ୍ୱ ରଜ ତମ—ତିନି ଦଉଡ଼ି ଛିଣ୍ଡାଇଦେଇ ଯେ ସମ୍ମୁଖରେ ଚାଲୁଛି, ତାର ବିଧି କଣ, ପୁଣି ନିଷେଧ ବା କଣ ? ମାତ୍ର ଜଣେ ଶିଷ୍ୟ ପୂର୍ବେ ଏତ ମହାନ ବଚନକୁ ତାଚ୍ଛଲ୍ୟରେ ଅନୁବାଦ କରିବାର ମୁଁ ଶୁଣିଛି । 'ଗୁରୁଦେବଙ୍କର କାନ୍ଧରେ ଦେଇ ଯେ ବଡ଼ ଦାଣ୍ଡକୁ ବାହାରେ ପଡ଼ିଛି ତା ପାଇଁ ଆଉ ବ୍ରାହ୍ମଣ କଣ ପୁଣି ଚଣ୍ଡାଳ କଣ ?' ତେଣୁ, ଜ୍ଞାନୀ, ହୋଇଗଲେ କିଛି, ଜଳ ଜଳ ହୋଇ ମଣିଷକୁ କପାଳରେ ସମସ୍ତେ ଜାଣିବା ଭଳି, ବ୍ରହ୍ମଲିପିରେ 'ଜ୍ଞାନୀ' ବୋଲି ଲେଖି ହୋଇଯିବ ନାହିଁ, କିମ୍ବା ଅପର ଓ ବ୍ୟବହାରରେ ସମସ୍ତଙ୍କୁ ସମାନ କରିଦେବାଟା ଜ୍ଞାନ ପାଇ ଯାଇଥିବାର ନିତ୍ୟ ସଙ୍କେତ ବୋଲି କହି ହେବ ନାହିଁ ।

Digitized by srujanika@gmail.com

—ସହଜିଆଙ୍କ ସାମ୍ୟଧର୍ମ

ଏପରି ପନ୍ଥା ଓ ବ୍ୟବହାରରେ ସମସ୍ତଙ୍କୁ ସମାନ କରିବାର ଏକ ଦୃଷ୍ଟାନ୍ତ ହେଉଛି, ସେଇ ଗାଂଗେୟ ଦେଶରୁ ବଙ୍ଗଅଞ୍ଚଳୁ ଜୟଦେବଙ୍କ ସଂଗେ ଜଗନ୍ନାଥ ଭୂମିରେ ଦେଖିଥିବା ସହଜିଆ ବୈଷ୍ଣବ ବା 'ଗୌଡ଼ୀୟ' ଧର୍ମ । ଯେଉଁ ସହଜିଆଙ୍କ ଧର୍ମାଚରଣରୁ ଏହା ବାହାରିଥିଲା, ତାହା ଏକ ସାମ୍ୟବାଦ । ମାତ୍ର ଏ ସାମ୍ୟବାଦରେ ଜନତାଙ୍କ ଦୈହିକ ଚିନ୍ତା ବର୍ତ୍ତ ପର୍ଯ୍ୟନ୍ତ ନାହିଁ । ଏହି କଥାକୁ ଲକ୍ଷ୍ୟ କରି ଅନ୍ୟତ୍ର କୁହାଯାଇଛି, ସହଜିଆଙ୍କ ସାମ୍ୟ, ବାହାରିଥିଲା, ବଜ୍ରଯାନୀଙ୍କ 'ପଞ୍ଚ ମକାର'ସାଧନାରୁ । ଏହା ଜନ୍ମ ବୋଲି ଦେଖାଇହେବାର ସାମ୍ୟ ସାଧନା । ତେଣୁ ସାମ୍ୟବାଦ ନାମରେ ଏହା ସାମ୍ୟର ଏକ ଅପଚାର— ବରଂ କୁହାଯାଇ ପାରେ, ଏହା ସାମ୍ୟର ଏକ ବୀଭତ୍ସ ଉପହାସ ଓ ବିକଟ ବିଡ଼ମ୍ବନା । 'ବାବାଙ୍କ' 'ମାତା' ସଂବନ୍ଧରେ ପ୍ରଚଳିତ ପ୍ରବଚନର 'ବାର ଜାତ ତେର ଗୋଲ', ଅର୍ଥାତ୍, ଜାତିବର୍ଣ୍ଣ ନିର୍ବିଶେଷରେ ନରନାରୀ ମାନେ ସ୍ୱୈର ସମାଗମରେ ଏ ବୈଷ୍ଣବଧର୍ମ ଓ ସାଧନାରେ ଯେତେବେ ସାମ୍ୟ-ଉପାସକ ଓ ସମାନ, ତା ପୁଣି ଅତି ବିକୃତପ୍ରାପ୍ତ ନ ହେଲେ, କୌଣସି ମାନବସମାଜର କାମ୍ୟ ହୋଇ ନ ପାରେ । ଦ୍ରାବିଡ଼ରେ ଶଙ୍କର ପ୍ରବର୍ତ୍ତିତ ଅଦ୍ୱୈତଜ୍ଞାନ ବାଦୀର ବ୍ୟବହାରରେ ଏ ଛଳନା ଓ ଏ ପତନ ଓ ପ୍ରକାଶ ପାଇବାର ଜଣା ନାହିଁ । ପରବର୍ତ୍ତୀ କାଳରେ ଗୌଡ଼ୀୟ ଓ ଦାକ୍ଷିଣାତ୍ୟ ବୈଷ୍ଣବଙ୍କ ଭିତରେ ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ, ପୁଣି ଆଦାନ-ପ୍ରଦାନର ଫଳ ବା ଅନ୍ତର୍ନିହିତ ସାମଂଜସ୍ୟ ହେତୁରୁ ପ୍ରଏତ ଗୌଡ଼ୀୟ ବୈଷ୍ଣବ ସମାଜର ଏକେଲା ରୋଗ ଦ୍ରାବିଡ଼ୀୟ ରାମାନୁଜୀଙ୍କ ଭିତରେ ପ୍ରକାଶ ନ ପାଇଛି, କହିହେବ ନାହିଁ । କିନ୍ତୁ ସେସବୁ ସତ୍ତ୍ୱେ ରାମାନୁଜୀ ବୈଷ୍ଣବମାନେ ଜାତିଭେଦର ଅଂଗ ଓ ଆଚାରରେ ଶଙ୍କରପନ୍ଥୀଙ୍କଠାରୁ ଅଧିକ ସାବଧାନ ଥିଲେ ।

Digitized by srujanika@gmail.com

ବଙ୍ଗଦେଶରେ ପୁରୀକୁ ଆସିଥିଲେ, ସେମାନଙ୍କ ଭିତରେ ବହୁଗୁଣ-ସନ୍ନ୍ୟାସୀ । ଅଗ୍ରରେ ନିଷ୍ଠା 'ଦେଖାଇବାର' ଥିଲା, ଯେତିକି କ, ସେମାନଙ୍କର ସର୍ବସ୍ୱ । ଯେତିକି ମନେ ହୁଏ, ପୌରାଣିକ ଜଗନ୍ନାଥରେ ସ୍ମାର୍ତ୍ତଅଗ୍ରର ଉନ୍ନତି କରିଥିଲେ, ଏହି ରାମାନୁଜ-ଭକ୍ତ-ଭାବିତ ଗଂଗ-ସମ୍ରାଟ୍‌ମାନେ । ହୁଏତ ପୌରାଣିକ ଜଗନ୍ନାଥ ଧର୍ମରେ ସ୍ମାର୍ତ୍ତ 'ମୁକ୍ତିମଣ୍ଡପ' ପ୍ରତିଷ୍ଠାର କାରଣ ପୂର୍ଣ୍ଣ ଏଇଠାରେ । ଏହି ଗଂଗମାନଙ୍କ ପରେ, କପିଳେନ୍ଦ୍ର; ତାଙ୍କ ପରେ ପୁରୁଷୋତ୍ତମ ସମ୍ରାଟ୍ ହୋଇଥିଲେ । ଏହିମଧ୍ୟରେ ସାମାଜିକ ଅଗ୍ରର ଯେ ବଦଳିଯାଇଛି, ତାହା ଦର୍ଶାଇବାରେ ଯେ ତ୍ରୁଟି ନ ଥିବ, ଏହା ସ୍ୱାଭାବିକ ।

## କାଂଚିରାଜ କ'ଣ କଲେ ?

ଏହି ରାମାନୁଜୀୟ ସ୍ମାର୍ତ୍ତଧର୍ମ ଓ ତଦାନୁସଂଗିକ ସମାଜ-ପ୍ରଭାବିତ ଓଡ଼ିଶାର ଗଂଗ-ସମ୍ରାଟ୍‌ମାନଙ୍କ ପରଂପରା ଓ ପ୍ରତିଷ୍ଠା ଅନୁଧ୍ୟାନ କରି, ଓ ସେଥିରେ ପ୍ରଭାବିତ ହୋଇ ଦକ୍ଷିଣ କାଂଚୀରାଜ ପୁରୁଷୋତ୍ତମ ଦେବଙ୍କୁ କନ୍ୟା ଦାନ କରିବା ଠିକ୍ କରି ସାରିଥିଲେ । ମାତ୍ର ତାଙ୍କ ଭେଦଧର୍ମୀ ସ୍ମାର୍ତ୍ତ ମନ୍ତ୍ରୀ ଓଡ଼ିଶା ଦେଶକୁ ଆସି ଦେଖିଲେ ଯେ, ସମ୍ରାଟ୍ ପୁରୁଷୋତ୍ତମ ରଥଯାତ୍ରାବେଳେ ଜନତା ଗହଳିରେ ନିଜର ମାନ ମହତ୍ତ୍ୱରେ ଜଳାଂଜଳି ଦେଇ, 'ଝାଡ଼ୁମୁଠା' ଧରି, ହୁଏତ ଗୋବରପାଣି ଛିଂଚି ଛିଂଚି, ବାଟ ଓଳାଉଥିଲେ । ଏହା ଦେଖି ସେ ଯେପରିକି- ନିରାଶ ହୋଇଗଲେ; କିନ୍ତୁ ବୁଝିପାରିଲେ ନାହିଁ । ଭାବିଲେ—ଏ ରାଜା, ନା ହାଡ଼ି ? ଷଡ଼ିପ୍ର, ନା 'ଗଞ୍ଜ' ? ଅବଶ୍ୟ ବେଶ୍ ବୁଝାଯାଉଛି, ଏଥର ରାଜଜାମୀଙ୍କ ପରି ସମ୍ରାଟ୍ ପୁରୁଷୋତ୍ତମ, ରଥପଥରେ ସୁନା ଖଡ଼ିକା ଛୁଆଇଁ, ଅତୀବ ଭକ୍ତ ବୋଲି, ଦୀନଭାବ ଅଭିନବ ଦେଖାଇ ହେବା ପାଇଁ 'ଛେରାପହଁରା' କରୁ ନ ଥିଲେ ।

Digitized by srujanika@gmail.com

ଯଥାର୍ଥରେ ସେ କରୁଥିଲେ, 'ମାହାର' କୃତ୍ୟ । ସେଇଥିପାଇଁ ଏହା କାଂଚିରାଜାଙ୍କ ଘୃଣା ଓ କନ୍ୟାଦାନରେ ଅସଂମତି ।

କିଂତୁ ପୁରୁଷୋତ୍ତମ ସହିବେ କିପରି ?

କାଂଚିରାଜ-କନ୍ୟା ପଦ୍ମାବତୀ ଓ ଓଡ଼ିଶାସମ୍ରାଟ୍ ପୁରୁଷୋତ୍ତମ— ଏ ଦୁହିଁଙ୍କ ବିଭାଘର କଥା ଏ ଦେଶରେ ସାଧାରଣ କିଂବଦନ୍ତୀ । ଇତିହାସର ସତ୍ୟରେ ତାର ପ୍ରତିଷ୍ଠା ଯେ ନୁହଁ, ସେଥିପାଇଁ 'ସାକ୍ଷି-ଗୋପାଳ' ଓ 'କାଂଚି-ଗଣେଶ'ଙ୍କ ପରି ସ୍ମାରକମାନ ମଧ୍ୟ ପ୍ରମାଣ-ରୂପେ ବିଦ୍ୟମାନ । କନ୍ୟାଟିକୁ ପାଇବା ନ ପାଇବାରେ ପୁରୁଷୋତ୍ତମ-ଙ୍କର ଅବଶ୍ୟ ବିଶେଷ ପ୍ରୀତି ବିରକ୍ତି ଥିବା ପରି ଜଣା ପଡ଼ୁ ନାଇ । ଓଡ଼ିଆଙ୍କ ସମାଜରେ କେବେ ବହୁବିବାହ ଥିଲା ପରି ଲାଗୁ ନାଇ । ରାଜାଏ ବି ହେଉଥିଲେ ଏକ-ପତ୍ନୀକ । ଗଂଗମାନଙ୍କ ଉତ୍ତରୁ ଓ ତାଙ୍କର ପ୍ରଭାବରେ ଖାଲି ଚହଲାଇ ହେବା ପାଇଁ କପିଳେନ୍ଦ୍ର ସମ୍ରାଟ୍ ହେଲା ପରେ, କେତେକ ବଡ଼ ବଡ଼ ରାଜା ସମ୍ରାଟଙ୍କ ଝିଅଙ୍କୁ ବିଭା ହୋଇଥିଲେ । ପୁରୁଷୋତ୍ତମଙ୍କର ସେଇ ସ୍ଥିତି । ସେଇଥିପାଇଁ ସାମ୍ରାଜ୍ୟର ସୀମାରେ ଥିବା ପ୍ରତିଷ୍ଠିତ କ୍ଷତ୍ରିୟ କାଂଚିରାଜବଂଶ ସଂଗେ, ଖୁବ୍ ସଂଭବ, ତାଙ୍କ ବିଭାଘର । ପଦ୍ମାବତୀ, ପୁରୁଷୋତ୍ତମଙ୍କୁ ବିଭା ହୋଇଥିଲେ । କିଂତୁ ତା'ପରେ ଆଉ ବିଶେଷ କିଛି ସେ ସଂବଂଧରେ କିଂବଦନ୍ତୀରେ ନାଇଁ, କିଂବା ଇତିହାସରେ ଥିବାର ମଧ୍ୟ ଜଣା ନାଇ । ହେଲେହେଁ କାଂଚିମନ୍ତ୍ରୀ ଓ ତାଙ୍କ କଥାରେ କାଂଚିରାଜା ଯାହା କଲେ, ସେଥିରେ ଇଚ୍ଛିତରେ ବାଧା ପଡ଼ିଲା । ଜଗନ୍ନାଥଙ୍କ ସେବା ଯୋଗୁଁ ଏହା ପୁଣି ହେଲା । ଜଗନ୍ନାଥଙ୍କ ସେବାରେ ଘୃଣା ଓ ଅବଜ୍ଞା କାର୍ଯ୍ୟରେ ଲୁଚାଇବାକୁ ହେବ । ହୁଡ଼ର କାମ ଯେ ବିଶ୍ୱବିକାଶ ଓ ବିଶ୍ୱ-ସେବାରେ ମହାମୈତ୍ରୀର ସଂକେତ ଓ ସେଥିପାଇଁ ତା ଯେ ସମାଜ-ନେତା ସମ୍ରାଟଙ୍କ କର୍ମ—ଏହାହିଁ ଅଗୁରରେ ହେଲା ଯଥାର୍ଥ ଧର୍ମ ।

Digitized by srujanika@gmail.com

ଏ ଧର୍ମର ଅପଳାପ ଅସହ୍ୟ । ଏଇଥିପାଇଁ, ଏହାର ବୃଦ୍ଧାର ଭାଂଶସଭାଙ୍କୁ ମନାଇବା ପାଇଁ ପୁରୁଷୋତ୍ତମଙ୍କ କାଂଚି ଅଭିଯାନ । ଏଇଥିପାଇଁ ଏବା ପୁରୁଷୋତ୍ତମ ପଣ କରିଥିଲେ, ଭୋଗାଏ ସାମ୍ରାଜ୍ୟ । ପୁଣି ଏଇଥିପାଇଁ ସେ କାଂଚିରୁ ଓଡ଼ିଶାକୁ ଘେନି ଆସିଥିଲେ, ନିଜ ଜଗନ୍ନାଥଙ୍କ ପାଇଁ ସେଠା ଦେବତାଙ୍କ ରତ୍ନ-ସିଂହାସନ ସଂଗେ ସେଠାର ଇଷ୍ଟଦେବ, ଯୋଜନମ୍ନୀ ଗଣେଶ ଓ ସେଠା ଭେଦଧର୍ମର ସାକ୍ଷୀ, 'ସାକ୍ଷିଗୋପାଳ' ।

## ବିଜିତର ଇଷ୍ଟଦେବଙ୍କ ଦାସ୍ୟ

ଅମାନିଅଁକୁ ଜିଣି ତାଙ୍କ ଧନଧାନ୍ୟାଦି ସଂଗେ ତାଙ୍କ ଦେବ-ଦେବୀଙ୍କୁ ନିଜ ଦେବଦେବୀ କରି ବା ନିଜ ଦେବଦେବୀଙ୍କ ସଂଗେ ଅଥବା ତାଙ୍କ ତଳେ ରଖିବା ପାଇଁ ନିଜ ଦେଶ ବା ଦେବସ୍ଥଳୀକୁ ଘେନି ଆସିବା ପୃଥିବୀର ସଭ୍ୟତାରେ ଗୋଟିଏ ବହୁ ପ୍ରାଚୀନ ରୀତି । ପାଞ୍ଚ ଛଅ ହଜାର ବର୍ଷ ତଳେ ଏହା ପ୍ରାଚୀନ ସୁମେର, ଅକ୍କାଡ୍ (ଏବର ଦକ୍ଷିଣ ମୋସୋପଟାମିଆ), ଦେଶମାନଙ୍କରେ ଚଳୁଥିବାର ପ୍ରମାଣ ସେ ଦେଶର ସେ କାଳ ଲେଖମାନଙ୍କରୁ ମିଳେ । ଏହାର ହଜାରେ ଦି ହଜାର ବର୍ଷ ପରର ଯେଉଁ ଲେଖ-ମାନ ମିଳୁଛି, ସେଥିରୁ ଜଣାଯାଏ, ସେଇ ସୁମେରୁ ଓ ଅକ୍କାଡ୍ର ନାମ ହୋଇ ଯାଇଥିଲା, ବାବିଲନ ଓ ତା ଉତ୍ତରକୁ ଉଠାଣ ପାଇଥିଲା ଅସୁର ଦେଶ । ଏଇ ଅସୁର ଦେଶର ଜାତୀୟ ଦେବ ତେଜବନ୍ତ ଅସୁର, ଲୋକଙ୍କ ନାମ ଅସୁର ଓ ସଭ୍ୟତାକୁ ପଣ୍ଡିତମାନେ କହନ୍ତି, ଅସୁର ସଭ୍ୟତା । ଏମାନେ ବହୁକାଳରୁ ସେଆଡ଼େ ବିରାଟ ସାମ୍ରାଜ୍ୟମାନ କରିଥିଲେ । ଏହାର ପଶ୍ଚିମକୁ ବହୁକାଳରୁ ଥିଲା, ଇଜିପ୍ତ ସାମ୍ରାଜ୍ୟ । ବାବିଲନ୍‌ଠାରୁ ଅସୁର ଦେଶ ସମସମ

Digitized by srujanika@gmail.com

ଇଜିପ୍ଟ ପର୍ଯ୍ୟନ୍ତ ସବୁ ସାମ୍ରାଜ୍ୟ ଓ ରାଜ୍ୟମାନଙ୍କରେ ସେକାଳେ ଏଇପରି କଳିଙ୍ଗର ଦେବଦେବୀଙ୍କୁ ଘେନି ଆସି ରଖିବା ଗୋଟିଏ ସାଂସ୍କୃତିକ ରୀତି ପ୍ରଚଳିତ ଥିଲା ( D. A. Mackenzi's Myths of Babylon and Assyria Chaptres XIX & XX; ପୁଣି Z. A. Ragozin's Assyria— the Story of the Nations Series. P. 50 ଓ ଏଇସବୁ ଦେଶର ଅନ୍ୟାନ୍ୟ ଇତିହାସମାନ ଦେଖ )। ଏଇ ରୀତି ବହୁକାଳ—ଏପରିକି, ହଜାର ହଜାର ବର୍ଷ—ଚଳିଥିବାର ପ୍ରମାଣ ମିଳେ। ଦେଶକୁ ଜିଣିବାଠାରୁ ପୁଣି ସ୍ଥଳ ବିଶେଷରେ ନିଜ ଦେଶର ଦେବତାଙ୍କ ପାଖେ ବିଜିତ ଦେଶର ଅଧିଷ୍ଠାତ୍ରୀ ଦେବତାଙ୍କ ଗୌଣତ୍ୱ ଓ ଦାସ୍ୟର ସଂକେତରେ ମଧ୍ୟ ପ୍ରକାଶ ପାଉଥିଲା। ଓଡ଼ିଶା ବା କଳିଙ୍ଗର ସେ ସବୁ ପ୍ରାଚୀନ ଦେଶ ଓ ସଭ୍ୟତା ସଙ୍ଗେ କି ସମ୍ପର୍କ ଥିଲା, ତା ଠିକ୍ ପ୍ରମାଣ କରି ଦେଖାଇଦେବା ଭଳି ଲିଖିତ ବା ଅଙ୍କିତ ସରଞ୍ଜାମ ଅବଶ୍ୟ ମିଳି ନାହିଁ। ମାତ୍ର ଦେଶମାନଙ୍କର ପ୍ରାଚୀନ ଲେଖମାନଙ୍କରୁ ଯେଉଁସବୁ ବାସ୍ତବ ପରମ୍ପରା ଓ କିମ୍ବଦନ୍ତୀମାନ ମିଳୁଛି, ତାହାର ଅବଶେଷ ବା ଅସ୍ପଷ୍ଟ ରୂପ ଦେଶମାନଙ୍କ ଏଇ ଚଳଣିରେ ମଧ୍ୟ ଖୋଜିବା ଅତି ଦୁରୂହ। ଏକେଶ୍ୱରବାଦୀ ଧର୍ମଧ୍ୱଜୀର ମହାଜନତା ପୁଣି ବହୁକାଳ ସେ ଦେଶମାନଙ୍କରେ ସେସବୁ କୀର୍ତ୍ତି ଓ ପରମ୍ପରା ଲୋପକରିବାରେ ଯେପରି ସ୍ପଷ୍ଟ ଓ ସାକ୍ଷାତ କାମ କରି ଆସିଛି, ସେଥିରେ ସେଠା ସଭ୍ୟତାର ପ୍ରାଚୀନ ଧାରା ଏକାବେଳକେ ଲୁପ୍ତ ପାଇଛି, କହିଲେ ଚଳେ। କିନ୍ତୁ ଭାରତ ତଥା ଦ୍ରାବିଡ଼ ସଭ୍ୟତାରେ ସେ ସବୁର ବହୁ ସଙ୍କେତ ଏବେ ବି ମିଳୁଛି। ବିଶେଷରେ ଖୁବ୍ ଜଣା ପଡ଼ୁଛି, କଳିଙ୍ଗ ଯେପରି କି ସେଇ ଭୂମି ସଙ୍ଗେ ଘନିଷ୍ଠ

Digitized by srujanika@gmail.com

ସମ୍ପର୍କରେ ଥିଲା । ତୁଏର ଉଲ୍ଲିପ୍ତ, କୀଃ ସମେତ ଭାରତର ସିଂଧୁ ଗଂଗା, ମହାନଦୀ ପ୍ରଭୃତି ନଦୀମାନଙ୍କ ଅବବାହିକାର ସମଭୂମି ସବୁରେ ଗୋଟିଏ ପ୍ରକାର ସଭ୍ୟତା ପ୍ରଚାର ପାଇଥିଲା । ଆଜି ଭାରତରେ, ବିଶେଷତଃ କଳିଂଗରେ, ଶିଦ୍ଧା ପଡ଼ରା ଉଲ ତାର ଅବଶେଷମାନ ଗଚ୍ଛିତ ଅଛି ।

## ପୁରୁଷୋତ୍ତମଙ୍କ ବିଜିତ ଦେବଦ୍ୱୟ—କାଂଚି ଗଣେଶ

ଭାଣ୍ଡଗଣେଶ ଓ ସାକ୍ଷିଗୋପାଳ—ଏହି ଦୁଇଟି ବିଜୟନଗର ଇଷ୍ଟଦେବଙ୍କୁ ନେଇ ଆସିଥିଲେ, ପୁରୁଷୋତ୍ତମ ଦେବ, ପଦ୍ମାବତୀଙ୍କ ସଙ୍ଗେ । ରାଜ୍ୟ ଜିଣି ସେ ଏହା କରିଥିଲେ । କୃଷ୍ଣାପାଣ୍ଡି, ନାରୀ-ପାଇଁ ବା ରମଣୀଲୋଭରେ ସେ ପଦ୍ମାବତୀଙ୍କୁ ଜିଣି କରି ଆଣି-ବାକୁ ଯାଇ ନ ଥିଲେ । ନାରୀଲୋଭରେ ରାଜ୍ୟଜିଣିବାକୁ ଯିବା ସେତେବେଳକୁ ବହୁପୂର୍ବରୁ ମୁସଲମାନମାନେ ଆରମ୍ଭ କରି ସାରି-ଥିଲେ । ମାତ୍ର ମୁସଲମାନମାନେ ଯେପରି ସେ ବୁଦ୍ଧିରେ ଏହା କରୁ-ଥିଲେ, ଭାରତୀୟ ଆଦର୍ଶରେ ତା ଅସହ୍ୟ ଥିଲା । ତଥାପି ନାରୀପାଇଁ ଯୁଦ୍ଧକୁ ଯିବା ଓ ଜିଣି କରି ନାରୀକୁ ନେଇ ଆସିବା କର୍ମରେ ଭାରତ କ୍ଷତ୍ରିୟର ପରଂପରା ନ ଥିଲା, ନୁହେଁ । ଜୟଚନ୍ଦ୍ରଙ୍କ କନ୍ୟା ସଂଯୁକ୍ତାଙ୍କୁ ପୃଥ୍ୱୀରାଜ ଲୁଟିକରି ନେଇ ଆସିଥିବା କଥା ଏବେ କୌଣସି ସ୍କୁଲ ପିଲାକୁ ମଧ୍ୟ ଅଜଣା ନାହିଁ । ମହାଭାରତରେ ଭୀଷ୍ମ, କାଶୀରାଜ-କନ୍ୟା, ଅମ୍ବା, ଅମ୍ବିକା, ଅମ୍ବାଳିକାଙ୍କୁ ଜିଣିକରି ନେଇଆସିଥିବା କଥା ପୁରାଣ ଓ କିଂବଦନ୍ତୀ ପ୍ରସିଦ୍ଧ । ସ୍ୱୟଂବରରେ ଏକ କ୍ଷତ୍ରିୟ ପାଇ-ଥିବା ନାରୀକୁ ଅନ୍ୟ କ୍ଷତ୍ରିୟ ଜିଣି ଛଡ଼ାଇ ନେବାର ପରଂପରା ମଧ୍ୟ ଏ ଦେଶରେ ଅପ୍ରଚଳିତ ନ ଥିଲା । ମାତ୍ର ପୁରୁଷୋତ୍ତମଙ୍କର

Digitized by srujanika@gmail.com

ସନ୍ନ୍ୟାସୀଙ୍କୁ ଭକ୍ତି କରି ଆସିଛନ୍ତି, ସେ ସବୁ ଅଗୁର ପରଂପରାର ଅଙ୍ଗ ନ ଥିଲା । ଓଡ଼ିଆର ଅଗୁର ବା ପରଂପରାରେ ସେ କଥା ଥିବାର ବି ପ୍ରମାଣ ନାହିଁ । ଗଂଗଙ୍କ ପୂର୍ବରୁ ବି କଳିଂଗର ରାଜା ଓ ସମ୍ରାଟମାନେ ବହୁପତ୍ନିକ ଥିବାର ଜଣା ନାହିଁ । ନାରୀପ୍ରତି ଅଯଥା ଆସକ୍ତି କରିବା କଳିଂଗ ବା ଓଡ଼ିଆର ସଂସ୍କୃତି ନୁହେଁ । ବ୍ରହ୍ମଚର୍ଯ୍ୟ ତା'ର ଆଦର୍ଶ । ଏକଥା ପୂର୍ବେ କେତେକ ଉଦାହରଣ ଦେଇ ବୁଝାଯାଇଛି ( ପ୍ରଥମ ଭାଗ—୪ର୍ଥ ଓ ୫ମ ଅଧ୍ୟାୟ ଦେଖ ) । ସେହିପରି ଦେବୋପାସନାରେ ବି ଜଗନ୍ନାଥଧର୍ମୀ ଓଡ଼ିଆର ଶବଭାଲ ବିଶିଷ୍ଟତା ଅଛି । ସେ ଦୃଷ୍ଟିରେ ଦେଖିଲେ ମଧ୍ୟ ଦେବମୂର୍ତ୍ତି ଦୁଇଟିଙ୍କ ସେବା ପୂଜାରେ ଅମୃତଯୋଗ ଭଖ ସମ୍ପର୍କରେ 'କୈବଲ୍ୟ'ର ନିଷ୍ଠାବର୍ତ୍ତୀ ହେବାପାଇଁ ଗୋପାଳ ଓ ଗଣେଶଙ୍କୁ ପୁରୁଷୋତ୍ତମ ବାଂଧିରୁ ଧେନ ଆସିଥିଲେ ବୋଲି କହିବାର କାରଣ ନାହିଁ । ରାଜ୍ୟ ଜିଣି, ମନ୍ଦିର ବା ଦେବମୂର୍ତ୍ତି ଭାଙ୍ଗିବା ଫିଙ୍ଗିବା ବା ନଷ୍ଟ କରିବା ରୀତିରେ ନ ଥିଲା । ପ୍ରାଚୀନ ବାବିଲନ୍ ପ୍ରଭୃତିରେ ଚଳୁଥିବା ବିଜିତ ଦେବଦେବୀଙ୍କର ଯେଉଁ ଦାସ୍ୟ ପରଂପରା କଥା କୁହା ହୋଇଛି, ସେଥିରେ ମଧ୍ୟ ବାହାର ଦେବଦେବୀଙ୍କୁ ଫିଙ୍ଗିଦିଆ ହୁଏ ନାହିଁ । ମାତ୍ର ଦରବାର-ମନ୍ତ୍ରୀ ସମାଜରେ ଇତର ବିଶେଷ ହୋଇ ଥାଏ । ବିଜିତଙ୍କ ଦେବଦେବୀଙ୍କୁ ନିଜ ଦେବଦେବୀଙ୍କ ସଂଗେ ଏକ କରି ଦିଆହୁଏ, ଦୁହିଁଙ୍କ ସ୍ଥାନ ସମାନ କରି ଦିଆହୁଏ; କିଂବା ବିଜିତ ଦେବଦେବୀଙ୍କ ସ୍ଥାନ ଗୌଣ କରି ଦିଆହୁଏ; କେତେ କେତେ ପୁଣି ଦରବାର ମନେ କରେହେଲେ, ଯାହା ତାଙ୍କର ତଦଭ୍ୟାସ ଓ କଦାଗ୍ରହ ବୋଲି ବିବେଚିତାଏ ବୁଝନ୍ତି, ତା ଛଡ଼ାଇବାର ଉଦ୍ୟମ କରାହୁଏ । ପୁରୁଷୋତ୍ତମଙ୍କଠାରେ ଏ କ୍ଷେତ୍ରରେ ସେହି ପ୍ରାଚୀନ ପରଂପରାର

Digitized by srujanika@gmail.com

ପ୍ରସ୍ତର ଦେଖା ଯାଉଛି । ଗଣେଶଙ୍କୁ ଆଣି ସେ ଜଗନ୍ନାଥଙ୍କ ଠିକ୍ ପଛକୁ ବା ପଶ୍ଚିମକୁ ଉତ୍ତର ବେଢ଼ାକୁ ଲଗାଇ, ସାଧାରଣ ଆଖି ନ ପଡ଼ିବା ଭଳି ଜାଗାରେ ରଖିଥିଲେ — ଯେପରିକି ଜଗନ୍ନାଥଙ୍କୁ ନିରନ୍ତର ଖୁଣ୍ଟି ଖୁଣ୍ଟି ସେ ଶିକ୍ଷା ଦେବେ ଓ ସତର୍କ କେବେ । ତାହିଁକି ନା ଏଇ ଗଣେଶଙ୍କୁ ଦେଖିଲେ, ସଦ୍ୟାଦେବ ଷଦ୍ଗୁଣ ଗଣେଶଙ୍କୁ ଦେଖିବାର ଭାବ ଜାଗ୍ରତ ହୁଏ ନାହିଁ । ପୁସ୍ତକରେ ଏହି ତାଂତ୍ରିକ ଗଣେଶଙ୍କ ନାମ ଦିଆଯାଇଛି, 'ଉଣ୍ଡ୍ରଗଣେଶ'— ପଣ୍ଡିତେ କହନ୍ତି, 'ଚୌର ଗଣପତି' ( ସ୍ୱୈର ଗଣେଶ ) । ଉଣ୍ଡ୍ର ଓ ସ୍ୱୈର—ଏ ଦୁଇଟି ଶବ୍ଦ ଏଠି ଗାଳି । ଏ ଗାଳିର କାରଣ ହେଉଛି, ଏ ଗଣେଶ, ଜଂଘରେ ଗୋଟିଏ ନଗ୍ନ ନାରୀ ବସାଇ ନିଜ ଶୋଣ୍ଡଦ୍ୱାରାକୁ ସେଇ ନାରୀର ମୁକ୍ତ ଯୋନିରେ ଭର୍ତ୍ତି କରି ବସିଛନ୍ତି । ଏ କେଉଁ ତାଂତ୍ରିକ ଗଣପତି ବା କେଉଁ ଗାଣପତ୍ୟ ତାଂତ୍ରିକ, ତା କହିବା କଷ୍ଟ । ହେଲେହେଁ ଗୋଟିଏ କଥା କହିବା ଏଠି ଅଦୌ କଷ୍ଟ ନୁହେଁ । ସେ କଥାଟି ହେଉଛି, ଏଭଳି ଗଣେଶଙ୍କୁ ପୂଜା କରି ସତର୍କ ହେବାପାଇଁ ପୁରୁଷୋତ୍ତମ ଆଣି ନ ଥିଲେ । କୌତୁକ କରି ତାଙ୍କୁ ଦାଣ୍ଡରେ ଦେଖାଇବା ପାଇଁ ଆଣିଥିଲେ; ଏହା ମଧ୍ୟ କହି ହେଉ ନାହିଁ । ଏହା ଜଗନ୍ନାଥଧର୍ମୀର ଅସ୍ତ୍ର ନୁହେଁ, କି ଭାରତୀୟ ସଂସ୍କୃତି ନୁହେଁ । ପ୍ରାଚୀନ ବାବିଲନ୍, ଅସୁର ଓ ଭାରତ ଦେଶର ଅସୁର ସଂସ୍କୃତି ସଙ୍ଗେ ଏହାର ସଂପର୍କ ଅଛି ବୋଲି କହିଲେ ବି ଦେଖିବାର ଅଛି, କୌଣସି ଜାତିର ଦେବଦେବୀ ମୂର୍ତ୍ତିକୁ ଏପରି ହାସ୍ୟାସ୍ପଦ ଭାବରେ ନିଗୃହୀତ କରିବା ସେ ସବୁ ଦେଶରେ ମଧ୍ୟ ନ ଥିଲା । କଥା ହେଉଛି, ଜଗନ୍ନାଥଧର୍ମୀ ପୁରୁଷୋତ୍ତମ ବୁଝିଥିଲେ, ଏହି ବିଜାତ ଦେବଙ୍କୁ ଜଗନ୍ନାଥଙ୍କ ଅତି ସନ୍ନିଧିରେ ନିତ୍ୟଶିକ୍ଷା

Digitized by srujanika@gmail.com

ଓ ଜାତ୍ୟଶାସନରେ ରଖିବା ଦରକାର; ପୁଣି ତାଂତ୍ରିକ ତଥା ତାଂତ୍ରିକ ଲେଖକଙ୍କୁ ଜଗନ୍ନାଥଧର୍ମ ଓ ସେହି ଧର୍ମର ପାବନ ସଙ୍କେତ 'ନୀଳମାଧବ'ର ଜାତୀୟ ମର୍ଯ୍ୟାଦାରେ ଅଭିଭୂତ କରିବାର ଏହାହିଁ ପ୍ରକୃଷ୍ଟ ଉପାୟ ।

— ସାକ୍ଷିଗୋପାଳ

ପୁଣି ସାକ୍ଷିଗୋପାଳଙ୍କ କଥା । ଏ ବି ସେଇ ବିଜୟରେ ସେଇ ଗଣେଶଙ୍କ ପରି ଧରାହୋଇ ଆସି ଓଡ଼ିଶାରେ ରଖାହୋଇ ଥିଲେ । ଗଣେଶ ଆସିଥିଲେ, ଯେପରି ଲୁଟ ଧନ, ସେପରି ଲୁଟରେ ସେ ଏଠାକୁ ଆସିଛନ୍ତି । କିନ୍ତୁ ଓଡ଼ିଆ-ସଂସ୍କୃତିର ଧାରା ଧରି ସାକ୍ଷିଗୋପାଳଙ୍କୁ ଏବେ, ପୁଣି ଚିହ୍ନିବା ଦୁର୍ଘଟ । ଏ 'ଗୋପାଳ' ପୁଣି କାହାର ସାକ୍ଷୀ ? ଏ ବା କିଏ ? ଅନ୍ୟ ସଂସର୍ଗରେ ଲୁଚାଯାଇଛି; ଏଠି ପୁଣି ଅଜ୍ଞାତରେ ରହେ; ଏ ଏବେ ହୋଇଛନ୍ତି, ଚୈତନ୍ୟଙ୍କ ଭାବ-ମାଳିକ-ଭାବ୍ୟ ଲୀଳାର ପ୍ରତୀକ, ଅଥବା ଜଗନ୍ନାଥରେ ଆରୋପିତ, ଗୌଡ଼ୀୟ ବୈଷ୍ଣବଙ୍କ ହେଉ:—

“× × କାଳିନ୍ଦୀ-ତଟ-ବିପିନ-ସଙ୍ଗୀତକରଃ
ମୁଦାଭୀର-ନାରୀ-ବଦନ-କମଳା ସ୍ୱାଦ-ମଧୁପଃ”

ତଥା ଜୟଦେବଙ୍କ ଭାଷାରେ ରାଧା ଓ ଗୋପୀଙ୍କ—“ପୀନ ପୟୋଧର-ପରିସର ମର୍ଦ୍ଦନ-ଚଂଚଳ-କରଯୁଗଶାଳୀ,” “ବନମାଳୀ”। ତଦନୁକମ୍ପେ ସଂବଦନ୍ତି ପୁଣି ରାଧାଙ୍କ ହୋଇଛି ଏ ବୃନ୍ଦାବନରୁ “ପରକୀୟା” ଲୀଳା ଛାଡ଼ି ଆସିଥିଲେ, ଦେବଦାସୀ-ପ୍ରଥା, ଭଣ୍ଡ-ଗଣପତି-ସେବନ, ଦ୍ରାବିଡ଼ ଭୂମିରେ ଜାତ ବ୍ରାହ୍ମଣ, ଆଉ ବ୍ରାହ୍ମଣ ଉଭୟେ କନ୍ୟା-ଦାନ ଦେଇ ଜନ୍ମିଥିବା କଳି ଛିଣ୍ଡାଇବା ପାଇଁ—ଏତ ମତ ଭଲ

Digitized by srujanika@gmail.com

ମାନବସମାଜରେ 'ଜଗନ୍ନାଥଙ୍କ' ଭଳି ଅନୁଷ୍ଠାନ ଓ କ୍ରିୟାରେ ପ୍ରକାଶିତ ମୈତ୍ରୀଧର୍ମର ପ୍ରତିଷ୍ଠା ପାଇଁ ନୁହେ । ଚୈତନ୍ୟ ସ୍ୱୟଂ ଉତ୍କଳର ସେକାଳ ରାଜଭବନରେ ଦେଖି ମୂର୍ତ୍ତିର ଲାବଣ୍ୟ ତଥା ଗଠନର ପାରିପାଟ୍ୟରେ ମୁଗ୍ଧ ଓ ବନ୍ଦୀ ହୋଇଥିଲେ । ସେଇ ପ୍ରଭା-ବରେ ଅଭିଭୂତ ଥାଇ ସେ ପୁରୀରେ ଆସି ସିଂହାସନରେ ଜଗ-ନ୍ନାଥଙ୍କୁ 'ଦର୍ଶନ' କଲାବେଳେ ବି ସେଠାରେ ଚତୁର୍ଦ୍ଧାମୂର୍ତ୍ତି ଜଗ-ନ୍ନାଥଙ୍କୁ ନ ଦେଖି, ଦେଖିଥିଲେ, ଯମୁନା କୂଳରେ ଗୋପୀଙ୍କୁ ଚୁମ୍ବନ ଦେଇ ବୁଲୁଥିବା ସେଇ ବଂଶୀଧାରୀ ଗୋପାଳଙ୍କୁ । ହେଲେ-ହେଁ, ଏଠି ମନେ ରଖିବାର ଅଛି, ପୁରୁଷୋତ୍ତମ, ଏଇ ଭାଗବତୀୟ 'ଗୋପାଳ' ମୂର୍ତ୍ତିକି ରଖିଥିଲେ, ସରବଦା ବନ୍ଦ । 'ଚଣାପିତଳ' ତିଆରି ରାଧାକୃଷ୍ଣ, ସୁନାମିଶା ପିତଳର ଚକ୍‌ଚକ୍ ମୂର୍ତ୍ତି ଦେଖାଇ ଓଡ଼ିଆଣୀ ବସ୍ତ୍ରଭୂଷଣରେ ମଣ୍ଡିତ ହୋଇ ଏବେ ଅବଶ୍ୟ ସତ୍ୟବାଦୀ ମନ୍ଦିରରେ ତାଙ୍କ ପାଖେ ରଖା ହୋଇଛି । କିଂବା ଭାଂଗରେ ତାଙ୍କର ରାଧା ଥିବାର କିଂବା ପୁରୁଷୋତ୍ତମ, ରାଧାସଙ୍ଗେ ତାଙ୍କୁ ପୂଜା କରିବାକୁ କଳ୍ପନା ପର୍ଯ୍ୟନ୍ତ କରି ଥିବାର ଜଣା ନାଇଁ । ପୁଣି ପୁରୁଷୋତ୍ତମଙ୍କ ଭାଇଙ୍କ ବହୁକାଳ ପାଏ ସ୍ୱେ ଗୋପାଳ, ରାଜାଙ୍କ ପରବର୍ତ୍ତୀ ରୂପେ ମୁସଲମାନ ଉପଦ୍ରବେ ନାନା ସ୍ଥାନରେ ବହୁ ରହୁ ଶେଷକୁ ପୁରୀରାଜା ଭୋଇବଂଶୀୟ ଦ୍ୱିତୀୟ ରାମଚନ୍ଦ୍ରଦେବ (୧୮୧୭-୧୮୫୬ ଖ୍ରୀଷ୍ଟାବ୍ଦ)ଙ୍କ ସାନ ପୁଅ ପଦ୍ମନାଭ ରାୟସାହେବଙ୍କ ପରବର୍ତ୍ତୀ ରୂପେ ସେଇ ପରବର୍ତ୍ତୀଙ୍କ ପାଇଁ ତହିଁର ଭୁବନେଶ୍ୱରରେ ଅତଏବରେ ତିଆରି ହୋଇଥିବା ସତ୍ୟବାଦୀର 'ଗୁପ୍ତବୃନ୍ଦାବନ'କୁ ଅଣାହୋଇଥିଲେ । ତା ପରେ ପୁଣି ଏଇ ସତ୍ୟବାଦୀକୁ ଅଣାହେବା ଘଟଣାର ବହୁପୂର୍ବରୁ ପରଲୋକ ହୋଇଥିବା ଗଞ୍ଜାମର ଭୁଗ୍ରାମ ନିବାସୀ ରାମଦାସଙ୍କ ରଚିତ ଓ ପରବର୍ତ୍ତୀ 'ଭକ୍ତ'ମାନଙ୍କ ମାହାତ୍ମ୍ୟବଳ

Digitized by srujanika@gmail.com

ଗଳ୍ପନ୍ୟାସରେ ବର୍ତ୍ତମାନ 'ଦାର୍ଢ୍ୟତାଭକ୍ତିରସାମୃତ' ଭଳି ଲୁପ୍ତୋକ୍ତ ଧର୍ମ ଗ୍ରନ୍ଥରେ ଏହାଙ୍କର ସ୍ଥାନ ହୋଇଥିଲା । ଏଇସବୁ ଏ ଲୌକିକ ଦେବ 'ଗୋପାଳ' ପ୍ରାୟ ଗତ ସାତଶତବର୍ଷ ହେଲା ଓଡ଼ିଶାର ଧର୍ମ, ସଂସ୍କୃତି ଓ ସାହିତ୍ୟର ନାନାସ୍ତରଣିତ ଦେହରେ ଧରି ସେସବୁକୁ ନାନାଭାବରେ ପ୍ରଭାବିତ କରି, ସେଇ ସମସ୍ତ ସ୍ତରଣର ଓ ପ୍ରଭାବର ସହିତ ସେପରି ଜ 'ସତ୍ୟବାଦୀ' ସାକ୍ଷୀ ରୂପେ 'ସାକ୍ଷିଗୋପାଳ' ହୋଇ ବକୁଳ-ପୁନ୍ନାଗ-କୁଞ୍ଜମଣ୍ଡିତ 'ଗୁପ୍ତ-ବୃନ୍ଦାବନ'ରେ ରାସ-ଲୀଳାରେ ମାତିଛନ୍ତି ।

### ଏଇ ସାକ୍ଷିଗୋପାଳଙ୍କ ପରିଚୟ

ଓଡ଼ିଆ ଧର୍ମ ଓ ସଂସ୍କୃତି, ତଥା ଓଡ଼ିଆ ସାହିତ୍ୟର କ୍ରମପରିଣାମ ଦେଖିବାରେ ଏଇ ସାକ୍ଷିଗୋପାଳ ପୁଣି ହୋଇଛନ୍ତି ଯଥାର୍ଥ ଐତିହାସିକ ସାକ୍ଷୀ । କହିଲେ ଚଳେ, ଓଡ଼ିଆ ସଭ୍ୟତାର ଏ ହୋଇଛନ୍ତି, ମୂର୍ତ୍ତିମନ୍ତ ସଂକ୍ଷିପ୍ତସାର । ତେଣୁ ଏଠି ଏଇ ଦେବଙ୍କ ପୂର୍ବପର ଇତିହାସ ଓ ତଦାନୁସଙ୍ଗିକ ବିଷୟମାନ ଧରି କିଛିଏ ଆଲୋଚନା କରିବା ଦରକାର । ଓଡ଼ିଆ ସମାଜ ଓ ସାହିତ୍ୟ ଆଲୋଚନାରେ ଏହା ଗୋଟିଏ ଯଥାର୍ଥ ମୁଖବନ୍ଧ ପରି ହେବ । ଧର୍ମ ଓ ସଂସ୍କୃତି ହିସାବରେ ପୁରୁଷୋତ୍ତମ ହୋଇଛନ୍ତି, ଓଡ଼ିଶାର ଶେଷ ସ୍ୱାଧୀନ ସମ୍ରାଟ । ପ୍ରତାପରୁଦ୍ରଙ୍କ ଦେହକୁ ଶୁଣାଗଲା, ଯେଉଁରିକ ହୃଦ୍-ବେଗର ସାଧାରଣ ପୀଡ଼ାରେ ଜାତିଟାର ଆର୍ତ୍ତନାଦ । ପଞ୍ଚସଖାଙ୍କ ଲେଖାରେ ତା ଏକ ପ୍ରକାର ସ୍ପଷ୍ଟ । ତେଣୁ ଏଇ ସାକ୍ଷିଗୋପାଳ ଆମ ଜାତୀୟ ପରିସ୍ଥିତି ଓ ପରିଣତି ଖୋଲାଭାବରେ ନେଇ କାହ୍ନୁ ଅଜ୍ଞାପାଏ ସତରେ ସାକ୍ଷୀ ହୋଇ, ସବୁ ଦେଶବାସୀଙ୍କ ଅଂଗେ ନିଭାଇ ବହିଛନ୍ତି । ସେ କଅଣ ଥିଲେ, କଅଣ ହେଲେ ଓ ହୋଇଛନ୍ତି, ତାହାହିଁ ତାଙ୍କର ପରିଚୟ ।

Digitized by srujanika@gmail.com

## ସେ କଅଣ ଥିଲେ ?

ବାସ୍ତବରେ ତାଙ୍କ ନାମଟି ସାକ୍ଷିଗୋପାଳ ନ ଥିଲା । ତାଙ୍କ ନାମ ଥିଲା 'ଗୋପାଳ' । ମହାଭାରତର ନାରାୟଣୀୟ ଉପାଖ୍ୟାନଟିକୁ କୃଷ୍ଣ-ଭକ୍ତିଧର୍ମର ଅତିଆଦିମ ପ୍ରମାଣ ବୋଲି ପଣ୍ଡିତମାନେ କହନ୍ତି । ସେହି ଭକ୍ତ କୃଷ୍ଣଙ୍କୁ ବୈଦିକ ବିଷ୍ଣୁଙ୍କ ସଙ୍ଗେ ଏକ କରିବାର ଉଦ୍ୟମ ହୋଇଥିଲା । ଏହି କୃଷ୍ଣଙ୍କୁ ବିଷ୍ଣୁ ରୂପରେ ସାମ୍ପ୍ରଦାୟିକ ଭାବରେ ପ୍ରତିଷ୍ଠା ଦେଇଥିଲେ, ରାମାନୁଜ-ସମ୍ପ୍ରଦାୟ । ଦକ୍ଷିଣ ଭାରତରେ ଏହି ରାମାନୁଜ ସମ୍ପ୍ରଦାୟର ମୂଳ ପ୍ରତିଷ୍ଠାତା ହେଉଛନ୍ତି 'ଆଳବାର'ମାନେ । ଭକ୍ତି ଧର୍ମରେ 'ପ୍ରପତ୍ତି', ଅର୍ଥାତ୍, ଉପାସ୍ୟ କୃଷ୍ଣଙ୍କଠାରେ ଭକ୍ତର ଅକୁଣ୍ଠିତ ଓ ସମ୍ପୂର୍ଣ୍ଣ ଆତ୍ମଦାନ କଥାଟି ଏହିମାନଙ୍କର । କୃଷ୍ଣ ନାମଟି କିନ୍ତୁ ଭାରତ ସାହିତ୍ୟରେ ବହୁ ପ୍ରାଚୀନ । ଋଗ୍ବେଦ ୮. ୭୪ ସୂକ୍ତର ଋଷି ହେଉଛନ୍ତି, କୃଷ୍ଣ; କୌଷୀତକି ବ୍ରାହ୍ମଣ (୩୦.୯) ଓ ପାଣିନି (୪.୧.୯୬) ରୁ ଦେଖାଯାଏ, ସେ ଜଣେ ଆଙ୍ଗିରସ; ଛାନ୍ଦୋଗ୍ୟ ଉପନିଷଦ୍ (୩.୧୭) ରେ ଅଛି, ଦେବକୀ ପୁତ୍ର କୃଷ୍ଣ ଆଙ୍ଗିରସ ଗୋତ୍ରୀୟ 'ଘୋର' ଋଷିଙ୍କଠାରୁ ଯଜ୍ଞ-ତତ୍ତ୍ୱ ଶିକ୍ଷା କରୁଥିଲେ । ଏଥିରୁ ଜଣାଯାଏ ଉପନିଷଦ କାଳ ଯାଏ କୃଷ୍ଣ ବୋଲି ଏକ ବା ଏକାଧିକ ଋଗ୍ବେଦୀୟ ବ୍ୟକ୍ତିଙ୍କ ସମ୍ବନ୍ଧରେ ପରମ୍ପରା ଥିଲା । ଜଣେ ଦେବକୀ-ପୁତ୍ର କୃଷ୍ଣ ମଧ୍ୟ ଥିଲେ । ସେହି ହୁଏତ ବସୁଦେବପୁତ୍ର ବା 'ବାସୁଦେବ' ହୋଇ ପାରନ୍ତି । ଏହା ଛଡ଼ା ପୁଣି ଋଗ୍ବେଦ (୮.୯୬.୧୩-୧୫)ରେ ଅଛି, ଇନ୍ଦ୍ରଙ୍କ ସଙ୍ଗେ ଯୁଦ୍ଧ କରିବାକୁ ଦଶ ସହସ୍ର ସେନା ଘେନି କୃଷ୍ଣ ବୋଲି ଜଣେ ଦସ୍ୟୁରାଜା ଅଂଶୁମତୀ କୂଳରେ ଅପେକ୍ଷା କରିଥିଲେ । ଏହି-ପରି ଇନ୍ଦ୍ର ବିରୋଧୀ କୃଷ୍ଣଙ୍କ କଥା ମଧ୍ୟ ବେଦରେ ଅନ୍ୟତ୍ର ଅଛି;

Digitized by srujanika@gmail.com

କୃଷ୍ଣଙ୍କର ବହୁତ ଗାଈ ଥିଲା, ଯମୁନା କୂଳରେ ସେ ଗୋଚାରଣ କରୁଥିଲେ, ଏସବୁ କଥାର ସଙ୍କେତ ଋଗ୍‌ବେଦରେ ଅଛି । ଅଂଶୁମତୀ ଯେ ଯମୁନା, ପଣ୍ଡିତମାନେ ଏହା ଠିକ୍ କରନ୍ତି । ରଘୁନାଥ ଗୋପାଳ ବୃନ୍ଦାବନର ନିଜ ଅନୁସନ୍ଧାନ ଫଳରେ କହନ୍ତି, ବୈଦିକ କାଳରେ 'ଆଭୀର' ବୋଲି ଏକ ଜାତିର ଲୋକ ଗୋରୁ ପଲ ନେଇ ଯମୁନା ଅଂଚଳରେ ବୁଲୁଥିଲେ । ସେମାନେ 'ରାଜ-ଗୋପାଳ' ପୂଜା କରୁଥିଲେ । ମନେହୁଏ ଏଇ କୃଷ୍ଣ, ଏବ ହୁଅନ୍ତୁ ବା ଭିନ୍ନ ଭିନ୍ନ ହୁଅନ୍ତୁ, ନାନା ଭାବରେ ପରଂପରାରେ ଗଢ଼ିଆସି ହୋଇଛନ୍ତି, 'ଅଭିରା-ନାରୀ-ବଦନ-କମଳାସ୍ୱାଦ-ମଧୁପ' କୃଷ୍ଣ, ବାଳ ଗୋପାଳ, ବା ଖାଲି, ଗୋପାଳ । ଗାଈଜଗା ଟୋକାଏ ବଂଶୀ ବଜାଇ ଗାଈ ଚରାଇବା ସାଧାରଣ କଥା । କପିଳେନ୍ଦ୍ର ଦେବ, କପିଳ ଗଜଢ଼ ଥିଲାବେଳେ ସେଇଅ କରୁଥିବା କଥାଟି ପ୍ରତି ଲକ୍ଷ୍ୟ କରି ପାରନ୍ତି (ପୂର୍ବ ପୃଷ୍ଠା ୭୩ ଦେଖ) । ସେଇ ବଂଶୀଧାରୀ 'ଗୋପାଳ'ଙ୍କର ସୁନ୍ଦର ମୂର୍ତ୍ତିଟିଏ କରାଇ ତା ଅଣାଇ କାଂଚିରାଜ ନିଜର ଅଧିଷ୍ଠାତ୍ରୀ ଦେବତା ରୂପେ ପୂଜା କରୁଥିଲେ । ସେଇ କମନୀୟ ଗୋପାଳ ମୂର୍ତ୍ତିଟି ସମ୍ରାଟ୍ ପୁରୁଷୋତ୍ତମଦେବ ନେଇଆସି ନିଜ ବଜପୁର ସାକ୍ଷୀ ରୂପେ ଘରଦଅଁ କରି ରଖିଥିଲେ । ହୁଏତ ସେଥିପାଇଁ ସେଇକାଳୁ ଲୋକେ ସେଇ ଗୋପାଳଙ୍କୁ 'ସାକ୍ଷିଗୋପାଳ' ବୋଲି କହୁଥିବେ, କାଂଚୀ ପରେ ହୁଏତ ସେଇ ଜନଲକ୍ଷ୍ୟରେ ସେ ନାମ ହୋଇଥିବ ।

'ସତ୍ୟବାଦୀ'

ମାତ୍ର, ମନେହୁଏ, ସାକ୍ଷିଗୋପାଳ ନାମଟି ମୂଳତଃ ଓଡ଼ିଆଙ୍କ ଦେବା ନାମ ନୁହେଁ । ଓଡ଼ିଶାରେ ତାଙ୍କ ପ୍ରଚଳିତ ନାମଟି

Digitized by srujanika@gmail.com

ହେଉଛି, ସତ୍ୟବାଦୀ । କନ୍ଦରବାଉ ଗ୍ରାମରୁ 'ଗୁପ୍ତବୃନ୍ଦାବନ'କୁ ଆସିବା ପରେ ମଧ୍ୟ କେତେ କାଳ ପାଏ, ଅନ୍ତତଃ ସ୍ଥାନୀୟ ଲୋକଙ୍କ ଭିତରେ ସାକ୍ଷିଗୋପାଳ ନାମଟି ଚଳୁ ନ ଥିଲା, ବା ପ୍ରାୟ ଜଣା ନ ଥିଲା । ପୁରୁଷୋତ୍ତମଦେବ, ଦୂତଠାରୁ କାଂଚିରାଜଙ୍କ ହେୟ-ସଦୃଶ ପ୍ରତି ଅବଜ୍ଞା ଶୁଣି 'ସତ୍ୟ' କରିଥିଲେ ଯେ, ସେ କାଂଚି ଜିଣି ପଦ୍ମାବତୀଙ୍କୁ ଆଣି ହାଡ଼ିକୁ ଦାନ କରାଇବେ । ପରେ କାଂଚିଜିଣି ପଦ୍ମାବତୀଙ୍କୁ ଆଣି, ସ୍ୱାଂକୁ ହାଡ଼ିକୁ ଦାନ କରାଅ ବୋଲି ମନ୍ତ୍ରୀଙ୍କୁ ଦେଲେ ଓ ସଙ୍ଗରେ ଆଣିଥିବା ଗୋପାଳଙ୍କୁ ପରେ ରଖି-ଥିଲେ । ପରେ କଥା ଅଛି, ହେରାପଞ୍ଚମୀ ଚଳୁଥିଲା ବେଳେ ପୁରୁଷୋତ୍ତମଙ୍କୁ କନ୍ୟାଟି ଦେଇ ମନ୍ତ୍ରୀ କହିଥିଲେ, "ଏ କନ୍ୟା ଯେଉଁ ହାଡ଼ିକ ଲୁଚ୍, ସେଇ ହାଡ଼ିକ ମୁଁ ସ୍ୱାଙ୍କୁ ଦେଲି; ଗ୍ରହଣ କରିବା ହେଉ ।" ଏଇଥିରୁ ମହାରାଜ ପୁରୁଷୋତ୍ତମଦେବ ସତ୍ୟ ରକ୍ଷା କରିଥିଲେ । ସେଇ 'ସତ୍ୟ' କଥାରେ ଏ ପରଦଅଁ ଗୋପାଳ ସତ୍ୟ ବା ଠିକ୍ ସାକ୍ଷ୍ୟ ଦେବେ ବୋଲି ତାଙ୍କ ନାମ ହୋଇଥିଲା, 'ସତ୍ୟବାଦୀ ସାକ୍ଷିଗୋପାଳ' । ଆଉ ଦିଅଟି ହେଉଛନ୍ତି, ଭଣ୍ଡ ଗଣେଶ ବା ଚୌର-ଗଣପତି । ସତ୍ୟବାଦୀ-ସାକ୍ଷୀ ହେବା ଭଳି ଏଇ ଗଣେଶଙ୍କ ଆକାର ପ୍ରକାର ନ ଥିଲା । ତାଂକୁ ସାକ୍ଷୀ କଲେ ସେ ସତ୍ୟ ନ କହି ପାରନ୍ତି । ତେମନ୍ତ ଚତୁର୍ଭୁଜଅ ମୂର୍ତ୍ତି ଥିବାରୁ ମଧ୍ୟ ଗୋପାଳଙ୍କୁ ସତ୍ୟବାଦୀ ସାକ୍ଷୀ ନାମ ଦେବାର ଗୋଟିଏ କାରଣାନ୍ତର ହୋଇପାରେ । ମାତ୍ର ଏଥିରେ ରୂପା-ନୁଗୀୟ ସମ୍ପ୍ରଦାୟର 'ପ୍ରଭାବ' ନାହିଁ, ଗୌଡ଼ୀୟ ଭକ୍ତଙ୍କର ଅପଥା ଅଚେଷ୍ଟ ନାହିଁ । ପୁଣି ଆଜିର ଲୋକେ ଏହାଙ୍କୁ ସଂକ୍ଷେପରେ କହୁଥିଲେ ସତ୍ୟବାଦୀ; ଗୌଡ଼ୀୟମାନେ କହୁଲେ ସାକ୍ଷିଗୋପାଳ । ପୁଣିର ରାମଚନ୍ଦ୍ର ଦେବ ବଞ୍ଜଳ ଚୁରିଅନା ବେତକା ପ୍ରଭୃତି ପୂର-

Digitized by srujanika@gmail.com

ଗଛ ଲଗାଇ ଗୁପ୍ତ ବୃନ୍ଦାବନ ତିଆରି କରିଥିଲେ,ଅଲସା ମୌଜାକୁ ଖଣ୍ଡ କରେ । ସେ ଖଣ୍ଡ ହେଲା 'ଫୁଲ ଅଲସା'; ଅନ୍ୟଖଣ୍ଡ, 'ମୂଳ ଅଲସା' । ଏଇ ଫୁଲ ଅଲସା—ଗୁପ୍ତ ବୃନ୍ଦାବନକୁ ସତ୍ୟବାଦୀ ଅଣା ହେଲେ ପ୍ରାୟ ଖ୍ରୀଷ୍ଟ ୧୮୩୦ରେ ଓ ସେଠି ରଖା ହେଲେ 'ସିଦ୍ଧ ବକୁଳ' ନାମକ ଏକ ପୁରାତନ ବକୁଳ ମୂଳେ । ସେଇ ସିଦ୍ଧ ବକୁଳ ନାମକ ଏକ ଜଗନ୍ନାଥ ମୂର୍ତ୍ତିଙ୍କ ଆଗେ ଗୋଟିଏ ମଣ୍ଡପରେ । 'ବାବା ବ୍ରହ୍ମଚାରୀ' ନାମକ ଜଣେ ସନ୍ନ୍ୟାସୀ ତାଙ୍କ ପାଇଁ ଏ ମନ୍ଦିରଟି ତିଆରି କଲେ, ଭକ୍ତଙ୍କ ଚାନ୍ଦାରେ । ମନ୍ଦିର ପ୍ରତିଷ୍ଠା ପୂର୍ବରୁ ତାଙ୍କ କାଳ ହେବାରୁ ତାଙ୍କ ଶିଷ୍ୟ ଲକ୍ଷ୍ମୀନାରାୟଣ ବ୍ରହ୍ମଚାରୀ ସେଇପରି ବଙ୍ଗ ଓ ଉତ୍ତର ଭାରତରୁ ଚାନ୍ଦା ଆଣି ପ୍ରାୟ ୧୮୪୨ରେ ଏଇ ମନ୍ଦିର ପ୍ରତିଷ୍ଠା କରି ଗୋପାଳଙ୍କୁ ସେଇଠାରେ ଆଣି ବସାଇ ଥିଲେ । ତ'ର ସ୍ଥାନୀୟ ନାମ ଥିଲା, ସତ୍ୟବାଦୀ । ସେଇ ଅନୁସାରେ ସେଇ ସ୍ଥାନର ନାମ ସତ୍ୟବାଦୀ; ଥାନା, ଡାକଘର, ରେଲ ଷ୍ଟେସନ, ସବୁ ଥିଲା ସତ୍ୟବାଦୀ । ରେଲ-ଷ୍ଟେସନ ମୋଟେ ଦୁଇ ବର୍ଷପରେ ଖ୍ରୀ୧୮୯୯ରେ ସାକ୍ଷିଗୋପାଳ ହେଲା । ଡାକଘର ତା'ର ପ୍ରାୟ ୨୫ ବର୍ଷ ପରେ ସାକ୍ଷିଗୋପାଳ ହେଲା,ଥାନାଟି ଏବେ ଅଛି, ସତ୍ୟବାଦୀ । କିନ୍ତୁ ସତ୍ୟବାଦୀ ବୋଲି ଗ୍ରାମ ନାହିଁ, କି ସାକ୍ଷିଗୋପାଳ ବୋଲି ବି ନାହିଁ ।

## ଗୌଡ଼ୀୟଙ୍କ ହାତେ ସତ୍ୟବାଦୀଙ୍କ ଗତି

ଉପରୁ ପରସ୍ପରା ଦକ୍ଷିଣିଭକ୍ତଙ୍କ ହାତେ ସେ କିଅଣ ହୋଇ-ଥିଲେ, କହି ହେଉନାହିଁ । ମାତ୍ର ଓଡ଼ିଶାରେ ଆସି ୫୦ ଟା ବର୍ଷ ବଞ୍ଚିଚନ୍ତି କି ନାହିଁ, ଭକ୍ତ ସମ୍ରାଟ୍ ପ୍ରତାପରୁଦ୍ରଙ୍କ ରାଜତ୍ୱ କାଳରେ ଚୈତନ୍ୟ ଏଇ ଗୋପାଳଙ୍କୁ ଦେଖିଦେଇ ଭାବାବେଶରେ

Digitized by srujanika@gmail.com

ବିହ୍ୱଳ ହୋଇଗଲେ । ଏବେ ଗୋପାଳ ପଡ଼ିଗଲେ, ଗୌଡ଼ୀୟ ଭକ୍ତଙ୍କ ହାତେ । ଚକ୍ରପାଣୀଙ୍କ ଉନ୍ନତ ସାଧନାର ଅଦ୍ଭୁତ ସିଦ୍ଧିମୋହ ଓ ତହିଁ ସଙ୍ଗେ ଘୋର ଅନାଚାରର ଓଡ଼ିଆ ଜୀବନ ଓ ସଂସ୍କୃତିକୁ ବିକୃତ କରିବାକୁ ଖୁବ୍ ଉଦ୍ୟମ କରିଥିଲା । ବାମାଚାରୀମାନଙ୍କ 'ପଞ୍ଚମ'ର କଥା କୁହା ଯାଇଛି । ତାର ପ୍ରଭାବ ମଧ୍ୟ ଗୋଟାଏ ସାମ୍ରାଜ୍ୟ ଶକ୍ତି ସଙ୍ଗେ ପ୍ରାୟ ତିନିଶ ବର୍ଷ ନ୍ୟୂନାଧିକ କାର୍ଯ୍ୟ କରି-ଥିଲା । ଜୟଦେବଙ୍କ ପରେ ସହଜିଆ ବୈଷ୍ଣବ ମଧ୍ୟ ସେ ପ୍ରବାହରେ ନିଜର ଧାରା ମିଶାଇ ଦେଇଥିଲେ । କ୍ଷେତ୍ରରେ ଭକ୍ତିପାଣି ପଶୁଥିଲା । କିନ୍ତୁ କ୍ଷେତ୍ର ମଲ୍ଲ ନ ଥିଲା । ଚୈତନ୍ୟଙ୍କର ଏହି ଭାବାବେଗ ଓଡ଼ିଶାରେ ଯେଉଁ ବନ୍ୟା ଛୁଟାଇ ଦେଲା, ଓଡ଼ିଆ ଜୀବନ, ସଂସ୍କୃତି ଓ ସାହିତ୍ୟ ଉପରେ ତାର ସାଂଘାତିକ ପ୍ରଭାବ ଓ ଅଭିମୋହକର ପ୍ରମାଦ କଥା ବିସ୍ମୃତ ହେଲେ ଅନ୍ଧ ଯଥାର୍ଥରେ ଯେପରିକି ଅଂଗ ପ୍ରତ୍ୟଂଗ ନଷ୍ଟ ହୋଇଯାଏ, କର୍ମଶକ୍ତି ଶିଥିଳ ହୋଇଯାଏ, ପ୍ରାଣ ଶୁଖିଯାଏ । କଳିଂଗର ଆଦର୍ଶ ସାଧନା ଦୀପସ୍ତମ୍ଭପରି ଦକ୍ଷିଣ ଓ ବିଶେଷତଃ ପୂର୍ବୋତ୍ତର ଭାରତର ଆଧ୍ୟାତ୍ମସ୍ୱାଦ୍ୟ ଉଦ୍ଭବ ସେବାର ଧର୍ମକୁ ଚିରକାଳ ଯେପରିକି ସୀମାରେ ଓ ସଂଘାତରେ ରଖିଥିଲା । ମାହାତ୍ମ୍ୟ ପରି ଅନୁଷ୍ଠାନ, କବିର, ଗୋଜ ମୂର୍ତ୍ତି ଲକ୍ଷ୍ୟର ଶୃଙ୍ଖଳରେ ପଡ଼ିଲା ପରେ ଏ ଭୂମିରେ ଆସି ପଡ଼ିଥିଲା । ଓଡ଼ିଆର ପ୍ରତିଷ୍ଠିତ ପାରଂପରିକ ସ୍ୱାତନ୍ତ୍ର୍ୟ କଳାରେ ଗଂଗଭାଳିନ ମୂର୍ତ୍ତିଚିତ୍ର:ସଲୁଷ ସମସ୍ତ ଅପକୀର୍ତ୍ତି ଓ ଅପପ୍ରଚାର ସତ୍ତ୍ୱେ ଯୌନଚର୍ଯ୍ୟାର ସେ ସବୁ ବୀଭତ୍ସ ନଗ୍ନରୂପ ଓଡ଼ିଆର ବ୍ରହ୍ମଚର୍ଯ୍ୟମୂଳକ ଛନ୍ଦଂଗ ସଭ୍ୟତାକୁ ଯଥାର୍ଥରେ ସ୍ପର୍ଶ କରି ପାରି ନ ଥିଲା; ତିମଳା ବହୁ ସଂସ୍କାରରେ ଶ୍ରୀମନ୍ଦିରରେ ପଶି ମଧ୍ୟ ପ୍ରତିଷ୍ଠା ପାଇ ପାରି ନ ଥିଲେ; ଶତ ଚେଷ୍ଟା ସତ୍ତ୍ୱେ ଲକ୍ଷ୍ମୀପାକରେ 'ମଦ୍ୟମାଂସ ମୀନ ମୁଦ୍ରା' ପଶି ପାରି ନ

Digitized by srujanika@gmail.com

ଥିଲା;'ହଠ୍‌ଯୋଗ ତନ୍ତ୍ର'ରେ ବାମାଚାରପନ୍ଥୀ ପ୍ରତିଷ୍ଠିତ ହେବା ଫଳରେ ଥାଇ, ବହୁ ପାଳିତ ବଳକା-ପୀଠ ମଧ୍ୟ ନଷ୍ଟ ହେବାକୁ ବସିଥିଲା । କିନ୍ତୁ ଚୈତନ୍ୟ ଆସି ସବୁ ଯେପରି ଓଲଟି ପାଲଟି କରିଦେଲେ । ତାଙ୍କର ଯୋଗ ସ୍ୱୟଂ କପିଳେନ୍ଦ୍ରଙ୍କ ଜାତ ସାମ୍ରା-ଜ୍ୟଟା ପତନର ସ୍ୱର୍ଗକୁ ସହଜ ଓ ସରଳ ବାଟ ଖୋଲିଲେ । ତାଙ୍କରଠାରୁ ଘୋଟିଲା, ସ୍ୱବଶ୍ୟତାର ତାଡ଼ନାରେ ଧର୍ମ ଧ୍ୱଜାର ଅଜ୍ଞାନ ମୋହ, ଧାର୍ମିକତା ନାମରେ ଘୋର ମିଥ୍ୟାଚାର ଓ ପ୍ରତା-ରଣା, ସେଥି ସଂଗେ ଦୈନ୍ୟ ନାମରେ ମୂର୍ଖତା ଓ ଅହଂକାରର ବୁଦ୍ଧାନ୍ତ ଭଙ୍ଗିମା,'ମାତା' ନାମକୁ କଳଙ୍କିତ କରି ସବୁ 'ବାବା'ଜୀ-ଙ୍କର ଧର୍ମ ସାଧନା ନାମରେ କେବଳ ଯୌନ ଭ୍ରଷ୍ଟାଚାର ଓ ଧର୍ମ-ନାମିତ ପାପବିସ୍ତାର ସମସ୍ତ ଦୁର୍ଗନ୍ଧ ।

## ଭକ୍ତଙ୍କ କର୍ମ

କ୍ରମେ ପ୍ରସଙ୍ଗାଧୀନ ଭାବରେ ଘଟଣାମାନ ଧରି ଭକ୍ତଙ୍କ କର୍ମ, ତା ଉତ୍ସ ଓ ପ୍ରଭାବ ସମ୍ବନ୍ଧରେ ବୁଝାଯିବ; ପୁଣି ସେଥିରେ ଚୈତନ୍ୟଙ୍କୁ ଧରି ଗୌଡ଼ୀୟମାନେ ଆଜି ମଧ୍ୟ ପୃଥିବୀରେ ଧର୍ମ ନାମରେ କି ପାପାଚାର ଚଳାଇଚନ୍ତି ତା ଦୃଷ୍ଟାନ୍ତରେ ବୁଝାଇ ଦଆ ହେବ । ମାତ୍ର ଏଠି ସାକ୍ଷିଗୋପାଳଙ୍କ ଭୃତ୍ୟୋ ବଳାଶ ବୁଝିବାର ମୁଖବନ୍ଧରେ ଏତିକି କହିଦେବା ଦରକାର ଯେ, ଭକ୍ତଙ୍କ ଭାବ ଓ କୃତିତ୍ୱରେ ଗୌଡ଼ୀୟ ବୈଷ୍ଣବଙ୍କୁ ଛେଡ଼ି ଯିବା ଭଳି ଭକ୍ତ ଆଜି ପୃଥିବୀରେ ନାହାନ୍ତି । ମୁସଲମାନ ଭକ୍ତ, କିନ୍ତୁ ସେମାନେ ଦୁରନ୍ତ ଓ ଦୁର୍ଦ୍ଧର୍ଷ—ଯାହା କରନ୍ତି, ତା ଦାଣ୍ଡରେ କହନ୍ତି, କରନ୍ତି । ତାଙ୍କର ଦର୍ଶନ ନାହିଁ, କ ଶାନ୍ତି ନାହିଁ, କ ଯୁକ୍ତି ନାହିଁ । ଦୃଷ୍ଟାନ୍ତ ସ୍ୱରୂପ, ଭୋଗଣ୍ଡ କହନ୍ତି, ଯେ କୌଣସି ମନ୍ତ୍ରେ

Digitized by srujanika@gmail.com

'କାଫେର୍' କୁ ଧାର୍ମିକ (ମୁସଲିମ୍) କର, ନ ହେଲେ ନଷ୍ଟକରି ଦିଅ; ଯେ କୌଣସି ମତେ ମାନବ ସମାଜକୁ ଅମୁସଲମାନ-ଶୂନ୍ୟ କରିବାଇ ଧର୍ମକାର୍ଯ୍ୟ । ହିନ୍ଦୁ ଯୁବତୀଙ୍କ ସତୀତ୍ୱ ନଷ୍ଟ କଲେ, ସେ ଆଉ ଅମୁସଲମାନ ରହି ପାରିବେ ନାହିଁ । ଅତଏବ ଯେ କୌଣସି ପ୍ରକାରେ ତାଙ୍କୁ ସେଇ ପନ୍ଥାରେ ମୁସଲମାନ ଧର୍ମ ଛୁଆଁଇ ଦିଅ । ଏଇସବୁ ଆମେ ଯାହାକୁ କହୁଁ ନାରୀଧର୍ଷଣ, ସେ ହେଲା ତାଙ୍କର ମହାଧର୍ମକାର୍ଯ୍ୟ । ସେଇ ସବୁ ହିନ୍ଦୁହତ୍ୟା । କିନ୍ତୁ ଗୋଷ୍ଠୀସ୍ୱାର୍ଥ ସମସ୍ତ ମୂଢ଼ତା ଓ ଦୁଷ୍କ୍ରିୟା ସବୁରେ ଅନ୍ଧ ଦର୍ଶନର ହେତ୍ୱାଭାସ; ତାଙ୍କ ଘୋର ଅହଂକାରର ଆବରଣ ହେଉଛି, ଆଦର୍ଶ ଜନସ୍ୱର ପ୍ରତାରଣା । ମନୁଷ୍ୟକୁ ସ୍ୱଭାବ କର, ଅଭ୍ୟସ୍ତ କିସ୍ୱାକ ଅଭିବାସ୍ତ ହତ ଭାରତରେ ଲୁଟିଲ ସେମାନେ ଷଡ଼ଯନ୍ତ୍ରର ଜୀବାଣୁ ସବୁ ମାନବ ସମାଜରେ ପଶନ୍ତି । ସମାଜ ନିଜ ଜୀବନୀ ଶକ୍ତି ବଳରେ ଏ ବିଷ ଜୀର୍ଣ୍ଣ କରିପାରେ; ଫିଙ୍ଗି ଦେଇ ପାରେ । ମାତ୍ର ଓଡ଼ିଆର ସେ ଜୀବନୀ ଶକ୍ତି ଗଲା ସ୍ୱଖଣ ବର୍ଷ ହେଲା କ୍ଷୟ ପାଉଛି । ସେ ପେସବକ ଆଁ କର ବସିଛି, ଖାଲି ଅନୁକରଣ କରିବାକୁ ଓ ସେଇ ଅନୁକରଣକୁ ନିଜର ବୋଲି ଗର୍ବ କରିବାକୁ । ଯେ ଯା ହଉ, କୁହାଯାଉଥିଲା, ଭକ୍ତଙ୍କର ଛାପ ହେଉଛି ମିଥ୍ୟା ଛଅବ କରି ତାକୁ ସତ୍ୟ ବୋଲି ପ୍ରଚାର କରିବା । ଏହା ଆଜିର ରାଜନୀତି ଶିଳ୍ପ; ଏହାଇ ତାଙ୍କର ଜୀବିକା । ସେଇ ମିଥ୍ୟା ଜାଲରେ ବିଶ୍ୱାସ କରାଇ ମନାଇ, 'ଭକ୍ତଙ୍କ କାର୍ଯ୍ୟ' କରିବାରେ ତାଙ୍କ ଉଦ୍ଭାବନୀ ଶକ୍ତି ଓ ଦକ୍ଷତାର ପଟାନ୍ତର ନାହିଁ । ନାଗ ସାପ ତୁଣ୍ଡରେ ଧଇଲେ କ ଫଳ ନ ଦିଏ ? ଏଇ ସଙ୍କୀର୍ତ୍ତନିଆଙ୍କ ଦୁଆ ଦେଖ—

"ହରିବୋଲ୍ ଭାଇ ଗୋବିନ୍ଦ ବୋଲ୍
ଭାଙ୍ଗିଲା ପଥର ବୁଢ଼ଲା ପୋଲ ।"

Digitized by srujanika@gmail.com

ଏଇ 'ଅଘଟନ ଘଟନା ପଟୀୟସୀ' 'ଭକ୍ତିଶକ୍ତି' ସବୁ ଭକ୍ତି ଧର୍ମରେ ଭକ୍ତଙ୍କର ଏକମାତ୍ର ସମ୍ବଳ । ଯାହାର ଏଶକ୍ତି ଯେତେ ପ୍ରବଳ, ତାର 'ଭକ୍ତି-ବାଦ'ଟି ସେତେ ବେଶୀ । ଭକ୍ତି ହେଉଛନ୍ତି 'ନିଗ୍ରହାନୁଗ୍ରହ ସମର୍ଥ' ଈଶ୍ୱର, 'ଭକ୍ତିବାଦ' ହେଉଛି, ସେଇ ଅଂଶର ଲୋକ ବା ଐଶ୍ୱର୍ଯ୍ୟ ସମ୍ପନ୍ନ ବ୍ୟକ୍ତି—ମହାପୁରୁଷ ବା ଗୁରୁ । ଈଶ୍ୱର, ଭକ୍ତକୁ ଅଭକ୍ତକୁ ବାରିବା ପାଇଁ ଭୁବନ, ସୁନତ୍‌ଠାରୁ ଡୋର, ତୌପୂଜା, ଶିଖା, ତିଳକ ପର୍ଯ୍ୟନ୍ତ ବହୁ ବ୍ୟବସ୍ଥା ଏ ଭକ୍ତିଧର୍ମ ମାନଙ୍କରେ ଅଛି । ଧର୍ମୋନ୍ମାଦ ଓ ମତାନ୍ଧତା ଏସବୁ ଧର୍ମର ନିତ୍ୟସାଥୀ । ଏଠି ଆଉ ଦୃଷ୍ଟାନ୍ତ ଦେଇ ନ ବୁଝାଇ ଏତିକି ମାତ୍ର କୁହାଯାଉ ଯେ, ପ୍ରତାରଣା ଏଥିରେ ସତ୍ୟ; ସତ୍ୟ ଏଥିରେ ଛଳନା । ହଠକାରିତାର ଆତ୍ମପ୍ରତାରଣା ମଧ୍ୟ ଏଥିରେ ଆଧ୍ୟାତ୍ମିକ ଦିଶିଛି ବୋଲି ଅନେକୁଏ ଓ ସେଇ ସିଦ୍ଧିରମୋହରେ ପରର ପ୍ରବଞ୍ଚନା ସୁଲଭ ହୁଏ । ତାତ୍ତ୍ୱିକ ଭାବରେ ଦେଖିଲେ, ଏହାଇ ମୋଟାମୋଟି ହେଉଛି, ଭକ୍ତି ଧର୍ମର ପ୍ରକୃତ ଓ ସେଥିରେ ପରକୁ ମନାଇବାର ପନ୍ଥା । ପକ୍ଷାନ୍ତରେ ଏଇ ସମ୍ପର୍କରେ ମନେ ରଖିବାର ଅଛି, ଏ ଧର୍ମୋନ୍ମାଦ ଓ ତଜ୍ଜନିତ ମତାନ୍ଧତା ଓଡ଼ିଆର ନୁହେଁ, କି ଏ ପ୍ରଭୁ ଜଗନ୍ନାଥ ଭବନ୍ତୁ ନାଇ । ସେଥିପାଇଁ ସବୁଆଡ଼େ ସାମ୍ପ୍ରଦାୟିକତାର ଏତେ ପରିପୀଡ଼ନ ସତ୍ତ୍ୱେ, ଜଗନ୍ନାଥଙ୍କ ଭକ୍ତ ବା ଜପଃସବକୁ ଚିହ୍ନିବା ଚିହ୍ନାଇବାର, କୌଣସି ଅନୁଷ୍ଠାନ ନାଇ, କି ସଙ୍କେତ ନାଇ—ଭୁବନ ନାଇ, ସୁନତ୍ ନାଇ, ନାମ ବଦଳାଇବା ନାଇ, କ୍ଷୌର ନାଇ, ଗୈରିକ ନାଇ, ବ୍ରତ ନାଇ, ମାଳା ନାଇ, ପଇତା ନାଇ, ଡୋର ନାଇ, ଶିଖାନାଇ, ତ୍ରିପୁଣ୍ଡ୍ର ନାଇ, ତିଳକ ନାଇ, ଗୁମ୍ଫା ନାଇ, ନସ୍ ନାଇ, ନାମାବଳୀ ନାଇ, ପୂଜାପାଠର ଛଳନା ନାଇ, ଅଙ୍ଗ ନାଇ, କି ଆବଟ ନାଇ—ସେପରି କିଛି ନାଇ ।

Digitized by srujanika@gmail.com

## ଭକ୍ତର ଭଗବାନ—ଖଣ୍ଡଗିରି

କିନ୍ତୁ ଭକ୍ତର ଭଗବାନ୍ ଭିନ୍ନ ଜିନିଷ । ଛିତ ଭକ୍ତ ପାଇଁ ଯେ ଭକ୍ତର ଯାହା ଦରକାର ତା ସେ କରନ୍ତି; ଅବତାର ହୋଇ ସବୁ ଭକ୍ତଙ୍କୁ ରକ୍ଷା କରନ୍ତି । ଜୟଦେବଙ୍କ ଦଶଅବତାର କଥା ସମସ୍ତେ ଜାଣନ୍ତି । ଜଗନ୍ନାଥ ସେଥିରେ ବୁଦ୍ଧାବତାର । ସୁଖର କଥା, ଏ ବୁଦ୍ଧ ବଜ୍ରଯାନୀଙ୍କ ପୂଜନଙ୍କ ଧ୍ୟାନୀବୁଦ୍ଧ ନୁହନ୍ତି । ଜୟଦେବଙ୍କ ବର୍ଣ୍ଣନାରେ ମଧ୍ୟ, ଏ ସେଇ ବୁଦ୍ଧ, ଯେ କହୁଥିଲେ—

"ସର୍ବେ ଭବନ୍ତୁ ସୁଖୀନଃ
ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ
ମା କଶ୍ଚିଦ୍ ଦୁଃଖ ଭାଗ୍ ଭବେତ୍ ।"

( ସମସ୍ତେ ସୁଖୀ ହୁଅନ୍ତୁ; ସମସ୍ତେ ନିରୋଗ ହୁଅନ୍ତୁ; ସମସ୍ତେ ମଙ୍ଗଳ ଦେଖନ୍ତୁ; କେହି ଦୁଃଖ ନ ପାଉ ) । କିନ୍ତୁ ତାଙ୍କ ପରେ ଯେଉଁ ଅବତାର ଆସିବେ, ସେ ହେଉଛନ୍ତି କଲ୍କି; ଜୟଦେବ କହନ୍ତି, ମ୍ଲେଚ୍ଛଙ୍କୁ ହାଣି ସଫା କରିବା ପାଇଁ ସେ ବିରାଟ ଖଣ୍ଡା ଧରି ବାହାରିବେ । ସମସ୍ତେ ଜାଣିଥିବେ, ଭକ୍ତେ କହନ୍ତି, ସେ ଘୋଡାରେ ବସି ଆସି ଠିଆ ହେଲା ମାତ୍ରକେ ଖଣ୍ଡଗିରିରୁ ବାଆନ ହାତ ଖଣ୍ଡା ବାହାରିବ । ତାକୁ ଧରି ସେ ଦେଖି ଦେଖି ମାଟି ତଳେ ନଥିବା ଲୋକଙ୍କୁ ନିର୍ମମ ଭାବରେ ହାଣି ହାଣି ଗୁଳିଯିବେ । ସେଇ ଖଣ୍ଡା ଥିବାରୁ ନାମଟି ହୋଇଛି, 'ଖଣ୍ଡାଗିରି' ବା ଖଣ୍ଡଗିରି ।

## ସାକ୍ଷିଗୋପାଳଙ୍କ ଦଶା ଚୋରଇଆ ହେଲା

ପୁରୁଷୋତ୍ତମ ଦେବ କହିଥିବା ସତ୍ୟ ଓ ଧର୍ମ ବିଜୟର ସାକ୍ଷୀ, ଏବେ ହେଲେ, 'ଗ୍ଲୋବଟ୍ରଟର'କୁ କନ୍ୟା ଦେବାରେ 'ଢଙ୍କ

Digitized by srujanika@gmail.com

ବିପ୍ରଙ୍କ ସାକ୍ଷୀ । ଭକ୍ତମାଳ୍ ସ୍ତବରେ ଗଳ୍ପଟି ବେଶ୍ ଫୁଟି ଉଠିଲା । ଏହାକୁ ସତ୍ୟ ବୋଲି ଧରିନେଇ ଅନେକ ଭକ୍ତଙ୍କୁ କହିଲେ ଓ ପ୍ରଚାର କଲେ । କ୍ରମେ ଆଗ ପ୍ରାକୃତ ଲୋକେ, ପରେ ଶିକ୍ଷିତ ବ୍ୟକ୍ତିମାନେ ଏହାକୁ ସତ ବୋଲି ବୁଝି ବୁଝାଇବାରେ ଲାଗିଲେ । ଶେଷକୁ ଦାର୍ଢ୍ୟତାଭକ୍ତି ରସାମୃତ ପୁସ୍ତକରେ ଭକ୍ତେ ଏହାକୁ ଭର୍ତ୍ତିକରି ଦେଲେ—ସେଇ ଶ୍ୟାମଦାସେ କୃଷ୍ଣଚନ୍ଦ୍ର ବୋଲି ଆଉ ଏକ ହରେକୃଷ୍ଣ ମିତ୍ରର ଅବଲମ୍ବନରେ । 'ଦାର୍ଢ୍ୟତା-ଭକ୍ତି'ରେ ଯାହା ଥାଉ ପିଲାଦିନେ ପ୍ରାୟ ୭୦ ବର୍ଷ ତଳେ ମୋର ଶୁଣା-ଗଳ୍ପଟି ହେଉଛି ଏଇଆ ।

## ସାକ୍ଷିଗୋପାଳ ଉପାଖ୍ୟାନ

ବିଦ୍ୟାନଗର ( ଦକ୍ଷିଣର ବିଜୟନଗର ସାମ୍ରାଜ୍ୟ )ର ଦୁଇଟି ବ୍ରାହ୍ମଣ—ଜଣେ ବୟସ୍କ, ଜଣେ ଯୁବକ—ତୀର୍ଥକରି ଯାଇଥିଲେ । ବୟସ୍କଟି ରୋଗରେ ପଡ଼ିଲା । ଯୁବକର ସେବାରେ ସଂତୁଷ୍ଟ ହୋଇ ରୋଗରୁ ଉଠିଥିବା ବୟସ୍କଟି ବୃନ୍ଦାବନରେ ଏକ ମନ୍ଦିରରେ ଗୋପାଳ ମୂର୍ତ୍ତି ଆଗରେ ପରେ ଯାଇ ନିଜ ଝିଅଟିକୁ ସେଇ ଯୁବକ ବ୍ରାହ୍ମଣକୁ ବିଭା କରାଇବ ବୋଲି କହିଲା—ସତ୍ୟ କଲା । ଗ୍ରାମକୁ ଦୁହେଁ ଫେରିଲେ । ସେଠି ନିଜ କୁଟୁମ୍ବାଦିଙ୍କ କଥାରେ ପଡ଼ି ଶ୍ରେଷ୍ଠ ବ୍ରାହ୍ମଣ ଥିବାରୁ ସେ ଯୁବକଟିକୁ କନ୍ୟା ଦେବାକୁ ବୟସ୍କ ମନାକଲେ । ଯୁବକ କହିଲା, 'ସତ୍ୟ କରିଛ' । ବୟସ୍କ କହିଲା, 'ସାକ୍ଷୀ ଡାକ୍' । ଯୁବକ ବୃନ୍ଦାବନ ଯାଇ ସେଇ ଗୋପାଳଙ୍କ ପାଖେ ଧନ୍ଦା ପଡ଼ିଲା, ଅସ, ଆସ ତୁମକୁ ସେଠି ବୁଢ଼ା ମତେ ଝିଅ ଦେବ ବୋଲି ସତ୍ୟ କରିଥିଲା କି ନାଇଁ, କହିବ । ଶେଷକୁ ଗୋପାଳ ହଁ କଲେ, କହିଲେ, ଆଗେ

Digitized by srujanika@gmail.com

ଆଗେ ଗୁଲ, ମୁଁ ପଛେ ପଛେ ଯାଉଛି, କିଂତୁ ସନ୍ଦେହ କରି ପଛକୁ ଗୁହିଁବୁ ନାହିଁ, ଗୁହିଁଲେ ମୁଁ ସେଇଠି ରହିଯିବି । ବାଟରେ ଗୁଲିଲା ବେଳେ କୃଷ୍ଣଙ୍କ ନୁପୁର ଧ୍ୱନି, ଝୁମ୍ ଝୁମ୍ ଶୁଭୁଥିଲା । ଗୋଦାବରୀ ( କେହି କେହି ଏବେ ଭୂଗୋଳ ଧରି ସଂଶୋଧନ କରି କହନ୍ତି, କାବେରୀ ) ନଦୀ ପାରି ହେବା ବେଳେ ବାଲିରେ ନୁପୁର ପୋତିହୋଇ ପଡ଼ିବାରୁ ଆଉ ଝୁମ୍ ଝୁମ୍ ଶୁଭିଲା ନାହିଁ । ଯୁବକ ପଛକୁ ଗୁହିଁ ଦେଲେ । ଗୋପାଳ ସେଇଠି ରହିଗଲେ । କେତେକାଳ ପରେ କାଂଚୀରାଜ ସେଇଠାରୁ ସେ ମୂର୍ତ୍ତିକୁ ନେଇ ଯାଇ ସେବା ପୂଜା କରୁଥିଲେ ।

## ବଡ଼ବିପ୍ର ଛୋଟବିପ୍ର କଥା

ଏ କିଂବଦନ୍ତୀଟି ଗୌଡ଼ୀୟ ଭକ୍ତଙ୍କ ଗଢ଼ା କଥା, ଏଥିରେ ସନ୍ଦେହ କରିବାର କିଛି ନାହିଁ । ଏହା କେବେ ଆରଂଭ ହେଲା; ଆରମ୍ଭ ହେଲାବେଳେ ଏହାର ରୂପ ଓ ପ୍ରକାର କଅଣ ଥିଲା, ତା କହି ହେଉନାହିଁ । ଦାର୍ଢ୍ୟତା ଭିତରେ ଏବେ କେତେ ଦିନ ହେଲା ଏଇ ଗଳ୍ପ ଭର୍ତ୍ତି କରି ହୋଇଛି । ସେଥିରେ ଗଳ୍ପଟି ଟିକିଏ ଭିନ୍ନ, ନାମଟି ହେଉଛି, 'ବଡ଼ବିପ୍ର ଛୋଟ ବିପ୍ର ଚରିତ'—'ସାକ୍ଷିଗୋପାଳ କଥା' ନୁହେଁ । ଭକ୍ତଙ୍କ ନାମଟି ସେଥିରେ କରି ହୋଇଛି ଓ ବୁଢ଼ା ଓ ଯୁବକ—ଦୁଇ ଭକ୍ତଙ୍କୁ ବଡ଼ କରିଯାଇଛି । ଗୋପାଳଙ୍କୁ ନିର୍ମମ କରି ଯାଇ ନାହିଁ । ସେଥିରେ କୁହାଯାଇଛି, ଗ୍ରାମରେ ଆସି ଝିଅ ଦବାରେ ବୁଢ଼ା ଉସ୍ତଜି ନ ଥିଲା । କିନ୍ତୁ କୃଷ୍ଣଙ୍କ କେବେ ବିଶ୍ୱପର କରାଇ ଦେଲେ ନାହିଁ । ବୁଢ଼ା ସଙ୍ଗରେ ଯୁବକ ଦାଅଁକୁ ଡାକି ଗଲେ । ତାଅଁକ ଝୁନ୍ ଝୁନ୍ ଶବ୍ଦ ଓ ଭକ୍ତଙ୍କ ଗାଁ ମୁଣ୍ଡ ଯାଏ ଶୁଭୁଥିଲା । ସେଇଟି ହେତୁ ଧାନର [illegible] ଥିବାରୁ ନୁପୁରର [illegible] ବନ୍ଦ ହୋଇଗଲା ଓ [illegible]

Digitized by srujanika@gmail.com

ଦବାରୁ ସେ ସେଇଠାରେ ରହିଗଲେ । କିନ୍ତୁ ସାକ୍ଷୀ ଦେଇ ସାରିବା ଯାଏ ପଥର ହୋଇ ନ ଥିଲେ । ବଡ଼ବିପ୍ର ବା କାଏଁ ବ୍ରାହ୍ମଣର ଝିଅକୁ, ଶ୍ରେଷ୍ଠବିପ୍ର ବା ଧନାଢ୍ୟ ବ୍ରାହ୍ମଣଙ୍କୁ ବିଭା କରାଇ ଦେଇ ତା ପରେ ଯାଇ ପଥର ହେଲେ ।

## ଓଡ଼ିଶାରେ ତା'ର ଗତି

ଏ କାହାଣୀର ନୂତନ ମିଥ୍ୟାକାଳ, ମିଥ୍ୟାସ୍ଥିର ଓ ମିଥ୍ୟା ପ୍ରସ୍ଥର ବୁଝିବାରେ ଅଳ୍ପ ବିଶେଷ ଅସୁବିଧା ନାହିଁ । ଅବଶ୍ୟ ଓଡ଼ିଶାର ଜଳବାୟୁରେ ଏପରି ଗୋଟାଏ ଉପାଖ୍ୟାନ ଫୁଟିବାକୁ,ଯେତେହେଲେ ମନେହୁଏ, ସାତେ ଛଅଶହ ବର୍ଷରୁ ଅଧିକ କାଳ ଲାଗି ଯାଇ-ଥିଲା । ସ୍ୱାଧୀନ ଓଡ଼ିଶାର ଜଟିବନ୍ଧ ରାଜତ୍ୱକାଳରେ ଏ ଥିଲେ ଶତ୍ରୁଦେବ । ତାପରେ ମୋଗଲଙ୍କ ଅଧୀନରେ ଓ ଅନୁଗ୍ରହରେ ରାଜା ରହିଲେ ଖୋରଧାରେ । ଗୋପାଳ ମଧ୍ୟ ସଂଗେ ନିଆ ହେଲେ । ମୁସଲମାନଙ୍କ ଘନ ଘନ ଆକ୍ରମଣ ଓ ଲୁଣ୍ଠନ ମଧ୍ୟରେ ସେ ପୁଣି ରାଜାଙ୍କ ସଂଗେ ଠାକୁ ଠା ଜନପଦ ଜାଗା ଦେଖିଲେ— ଆଗ ଚିଲ୍କାକୂଳ ଭଣ୍ଡାରବାଇ ଗ୍ରାମ, ତାପରେ ଏବର ଜଟଣୀ ପାଖ ରଥୀପୁର ଗ୍ରାମ । ମହାରାଷ୍ଟ୍ରୀଙ୍କ ଅମଳରେ ଜଗନ୍ନାଥଙ୍କର କିଂଚିତ ସୁବିଧା କରି ହୋଇଥିଲା । କିନ୍ତୁ ଏ ସବଦେଶୀ ଗୋପାଳଙ୍କ ନାମ ବିଶେଷ ପଡ଼ିଥିବାର ଜଣା ନାଇ । ମନେ ହୁଏ, ଏତେ ଦିନ ସେ ମଦନ ମୋହନ ମୂର୍ତ୍ତି ଏବ ପ୍ରକାର ଲୋକଚକ୍ଷୁର ଅନ୍ତରାଳରେ ଥିଲେ; ବିଶେଷରେ ଭକ୍ତଚକ୍ଷୁ ତାଙ୍କୁ ମିଥ୍ୟାସ୍ରୋତରେ, କାଳକାଳ ବହିବାର ସେତେ ସୁବିଧା ହୁଏତ ପାଇ ନ ଥିଲା । ଏ ମଧ୍ୟରେ ରାଜା ଚୌଡୀପୁ ଭକ୍ତିରେ ପ୍ରେରିତ ହୋଇ ଚୌଡୀପୁ ନିଷ୍କୃତ 'ଠାକୁରାଣୀ'ଙ୍କୁ ଡାଗ୍ରେଷ୍ଟ କରି ସାରିଥିଲେ । ଇଂରେଜ ଆମଳରେ ବିମଚନ୍ଦ୍ର ଦେବ, ଅଗି ହୋଇ ପୁରୀରେ । ସେଇ ଏକା

ସତ୍ୟବାଦୀର ଜୀର୍ଣ୍ଣ ପ୍ରାନ୍ତରରେ 'ଗୁପ୍ତବୃନ୍ଦାବନ' ରଚନା କରି ବକୁଳ ମୂଳେ କୁଞ୍ଜ ଭିତରେ ବଂଶୀଧାରୀ ଗୋପାଳଙ୍କୁ ମଣ୍ଡପରେ ଠିଆ କରାଇଦେଲେ । କ୍ରମେ ଶ୍ୟାମଦାସ ଭକ୍ତଙ୍କ 'ଚୈତନ୍ୟ', 'ମନ'କୁ ସାକ୍ଷିଗୋପାଳଙ୍କ ଅତ୍ୟଦ୍ଭୁତ ଉପାଖ୍ୟାନଟି ବହୁ ପିଢ଼ାର ବାଟ ସୁଗମ ହୋଇଗଲା । ତା ପୁଣି ଦିଶାକୁ ମିଥ୍ୟାରେ ପ୍ରମାଣ କରିବା ନ୍ୟାୟରେ ଏବେ ଶ୍ୟାମଦାସଙ୍କ 'ଦାର୍ଢ୍ୟତାଭକ୍ତି ରସାମୃତ' ପୁସ୍ତକରେ ଗୋଟିଏ ଅଧ୍ୟାୟ ରୂପେ ପୂରାଇ ଦିଆଗଲା ।

## ସାକ୍ଷିଗୋପାଳଙ୍କ ପରକୀୟା ପ୍ରେମ

ଓଡ଼ିଆ ଲିଖିତ ସାହିତ୍ୟ ବୋଲି ଆମେ ଯାହାକୁ ଦେଖୁ ପାଉଛୁ, ତା ସବୁ ପ୍ରାୟ ପ୍ରତାପରୁଦ୍ର କାଳର ପରେ । ସାମାନ୍ୟ କେତେକ ମାତ୍ର ପ୍ରତାପରୁଦ୍ରଙ୍କ ପୂର୍ବର । ପ୍ରତାପରୁଦ୍ରଙ୍କ ପର ସାହିତ୍ୟ ପ୍ରାୟ ସବୁ ପୁଣି ସାକ୍ଷାତ୍ ଭାବରେ ଗୌଡ଼ୀୟ ବୈଷ୍ଣବ ଧର୍ମର ସଂଘରେ ଥିଲା ବା ପରୋକ୍ଷଭାବରେ ଗୌଡ଼ୀୟ ବୈଷ୍ଣବ-ସାହିତ୍ୟ ପ୍ରଭାବର ଫଳ । 'ଦାର୍ଢ୍ୟତାଭକ୍ତି ରସାମୃତ' ଗୌଡ଼ୀୟ ଶ୍ୟାମଦାସଙ୍କର ବା ତାଙ୍କ ନାମରେ ଲେଖା, ପୁଣି ଏବର ଲେଖା । ତେଣୁ ସାହିତ୍ୟ ବା ଧର୍ମ ହିସାବରେ ଯା ହେଉ, ସେ ଗ୍ରନ୍ଥଟିର ଆଲୋଚନାରେ ଏ ଯୁଗର ସମସ୍ତ ଲେଖା ସାହିତ୍ୟର ଚରିତ୍ରଟିଏ ମିଳିବ । ସେ ହିସାବରେ ତା ଉପାଦେୟ । ତେଣୁ ତାର ବିଶେଷ ଆଲୋଚନା ଦରକାର । ମାତ୍ର ଏଠି ସାକ୍ଷିଗୋପାଳଙ୍କ କଥାଟି ଅନୁସରଣ କରିବାକୁ ହେବ । ଗୌଡ଼ୀୟ ବୈଷ୍ଣବଙ୍କ ହାତେ ପଡ଼ି ସେ ବଡ଼ବଡ଼ ଗୋଷ୍ଠୀପତିଙ୍କ ଭିତରେ ସ୍ୱଭାବରେ ଜାତିକୁଳ ଛଡ଼ାଇ ପୁଣି ଯେଉଁ ପଥରକୁ ସେଇ ପଥର ହୋଇଗଲେ ଓ ତାପରେ କାଞ୍ଚିରୁ ସତ୍ୟବାଦୀ ବକୁଳ ବନକୁ ଆସିଗଲେ । କିନ୍ତୁ

Digitized by srujanika@gmail.com

ସେଇଠି ତାଙ୍କ ଦଶା ସାର ହେଲା ନାଇ । ଅଦ୍ଭୁତ କିମ୍ବା ଦେଖାଇ ଭକ୍ତ ସେବା କରିବାଟା ତାଙ୍କର ଏକ ପ୍ରକାର ସରିଗଲା । ଏଣିକି ଭକ୍ତେ ବଢ଼ିବେ; ସେଇଭକ୍ତେ ତାଙ୍କୁ ସେବା କରିବେ । କିନ୍ତୁ ଗୌଡ଼ୀୟ ବୈଷ୍ଣବଙ୍କର ଅନ୍ତର ଗୋଟିଏ ଦିଗରେ ଆଦର୍ଶ ଦେଖାଇ-ବାର ଅଛି । ସେ ହେଉଛି, ରାଧିକାରେ କୃଷ୍ଣଙ୍କ ପରକୀୟା ପ୍ରେମ । ସତ୍ୟବାଦୀକୁ ଆସି ଦେଉଳରେ ରହି ସେ ଲକ୍ଷଣ ବି ତାଙ୍କଠାରେ ପ୍ରକାଶ ପାଇଲା । ହୁଏତ 'ଦାର୍ଢ୍ୟତାଭକ୍ତିରସାମୃତ' ପୁସ୍ତକରେ ତାକୁ ଭର୍ତ୍ତି କରି ଦେବାର ସୁବିଧା ଭକ୍ତଙ୍କର ଆଉ ସେତେ ନାହିଁ । ଦାର୍ଢ୍ୟତା ପୋଥି ଛପା ହୋଇଛି; ଆଉ ଖେଦା ଲେଖାରେ ନାଇ । ତଥାପି ଉପାଖ୍ୟାନଟି ଭକ୍ତେ ଭୁଆଇ କହି ପାରନ୍ତି । ପ୍ରାୟ ଖ୍ରୀଷ୍ଟାବ୍ଦ ୧୮୬୨ରେ ସାକ୍ଷିଗୋପାଳ ସତ୍ୟବାଦୀରୁ ଏ ଦେଉଳକୁ ଆସିଲେ । ତାର କୋଡ଼ିଏ ଛବିଶବର୍ଷ ପୂର୍ବରୁ ଗୋପାଳ ସେଇ ଉଦ୍ୟାନରେ ଡିଙ୍ଗିବଲ୍ଲଭଠାରେ ରଖା ହେଲା ବେଳୁ ତାଙ୍କ ସେବା ପୂଜା ପାଇଁ ସେବକମାନଙ୍କୁ ଅଣା ହୋଇ ତାଙ୍କ ଗୁପ୍ତବୃନ୍ଦାବନର 'ସେବକ ସାଇ'ରେ ରଖା ହୋଇଥିଲା । ମାତ୍ର ଏବେ ଅନ୍ତତଃ ସତୁରି ବରଷ ହେଲା ତାଙ୍କ ରାଧିକାଙ୍କ ଉପାଖ୍ୟାନ ଆମ ଲେଖା ସାହିତ୍ୟକୁ ଆସି ପାରିଲାଣି ।

## ସାକ୍ଷିଗୋପାଳଙ୍କ ପରକୀୟା—ଲକ୍ଷ୍ମୀ

ସ୍ୱର୍ଗତ କବି ରାଧାନାଥ ରାୟ ଲେଖିଚନ୍ତି:—

"ଦ୍ୱିଜକନ୍ୟା ଲକ୍ଷ୍ମୀ ସ୍ନାନେ ପୂତନାସ
ସୌଗନ୍ଧିକ ଗନ୍ଧେ ଗୃହ୍ଣ ବନୃଶାସ ।"

ସତ୍ୟବାଦୀ ମନ୍ଦିର ପାଖ ସେବକ ସାଇ ବାଡ଼ିଆଡ଼େ ବନୃଶାସ ନଦୀ । ଦ୍ୱିଜ କୋଇଲେ, ଏଠି ସେଇ ସେବକସାଇ ଗ୍ରାମର-

Digitized by srujanika@gmail.com

ସେବକ-ବ୍ରାହ୍ମଣ । ସେ ବ୍ରାହ୍ମଣର ନାତି ପର୍ଯ୍ୟନ୍ତ ସେ ଉପାଖ୍ୟାନରେ ଶୁଣିଥିଲି । ନାମଟି ହେଲା ମହାପାତ୍ର । ମନେ ହେଉଛି, ଖ୍ରୀ ୧୯୦୨-ରେ ହେବ, କଟକର ରାମକୃଷ୍ଣ ସାହୁ ନାମକ ବ୍ରାହ୍ମ ହୋଇ ଯାଇଥିବା ଜଣେ ଡାକ୍ତର 'ଲକ୍ଷ୍ମୀ' ନାମକ ଗୋଟିଏ କାବ୍ୟ ଲେଖି ଛପାଇ ଥିଲେ । କାବ୍ୟଟି ବଡ଼ ସୁନ୍ଦର । ମୁଁ ତା ପଢ଼ିଥିଲି । କିନ୍ତୁ ଏବେ ଆଉ ତା ବଜାରରେ ମିଳୁ ନାହିଁ । ସେ କାବ୍ୟଟି ସେ ଏହି ଲକ୍ଷ୍ମୀ ଉପାଖ୍ୟାନ ଘେନି ଲେଖି ଥିଲେ । କବି ରାଧାନାଥ ଚିଲିକାରେ ପୁଣି ଏହା ଲେଖିଛନ୍ତି । ଚିଲିକା ଖ୍ରୀ ୧୮୯୨ ପୂର୍ବରୁ ଲେଖା ହୋଇ ନ ଥିଲା । ମୁଁ ମଧ୍ୟ ଏ ଉପାଖ୍ୟାନ ମୋ ପିଲାଦିନେ ଆମ ଗାଁଆରେ ଶୁଣିଥିଲି—ଚାଟଶାଳୀ (ଚାଟଶାଳ) ରେ ପଢ଼ିବା କାଳରେ, ଅର୍ଥାତ ଖ୍ରୀ ୧୮୯୧।୯୨ରେ ସେତେବେଳକୁ ଉପାଖ୍ୟାନଟି ସତ୍ୟବୋଲି ପ୍ରଚଳିତ ହୋଇଥିଲା—ତା ପୁଣି ଏହି ଦୀର୍ଘ ତିରିଶବର୍ଷ ଭିତରେ । ପୁଣି ସେହି ସେବକ ସାଇକି ଲାଗିଥିବା ମୋ ଗ୍ରାମର ଶିକ୍ଷିତ ଅଶିକ୍ଷିତମାନେ ପୂର୍ଣ୍ଣ ସତ୍ୟବୋଲି ବିଶ୍ୱାସ କରି ସେ କଥାଟିକୁ ପ୍ରଚୁର ଭକ୍ତିଭାବରେ ନମିତ ହୋଇ ଯାଉଥିଲେ । ସେହି ଉପାଖ୍ୟାନର କଥାକଥିତ ଭକ୍ତି-ବିଶ୍ୱାସର ସତ୍ୟଟିକୁ ଆଶ୍ରୟକରି ଜାତୀୟ ସାହିତ୍ୟର କାବ୍ୟକଳା ପ୍ରକାଶ କରିବାରେ କବି ରାଧାନାଥ ସେହି ଲକ୍ଷ୍ମୀସ୍ନାନ କରିଥିଲି ବୋଲି 'ଉନ୍ନତରଙ୍ଗ' ପାଣିକୁ ପୁଣ୍ୟ ମନେକରି ଉପରେ ଉଲ୍ଲିଖିତ ହୋଇଥିବା ଚରଣ ଦଉଟି ଲେଖି ଯାଇଛନ୍ତି । ଏଇପରି ସତ୍ୟବାଦୀର ଏକ ମନ୍ଦିରକୁ ଫେଣା ହୋଇ ସେଠାରେ ବସିଥିବା ସାକ୍ଷିଗୋପାଳଙ୍କ ପଦ୍ମଜାୟା-ପ୍ରେମ ଓଡ଼ିଆ ସାହିତ୍ୟର ବିଷୟ ହୋଇ ଯାଇଛି ।

ଲକ୍ଷ୍ମୀଉପାଖ୍ୟାନ

କଥାଟି ହେଉଛି, ଏହିଃ—ସେବକ-ସାଇରେ ଲକ୍ଷ୍ମୀ ବୋଲି ଗୋଟିଏ ବ୍ରାହ୍ମଣ ସେବକର ଗୋଟିଏ ବାଳାସ୍ତ୍ରୀ ବିଧବା

Digitized by srujanika@gmail.com

ଝିଅ ଥିଲା । ତାର ପେଟ ହୋଇଯିବାର ଜଣା ପଡ଼ିଲା । ରାତରେ ସାକ୍ଷିଗୋପାଳ କୁଆଡ଼େ ସେ ଯୁବତୀର ବାପକୁ ସପନେଇ କହିଲେ:—“ତୁ ମୋ ଭକ୍ତ, କିଛି ଚିନ୍ତା କରନା । ମୋର ଏଠି ରାଧା ନାହିଁ । ଏକାରେ ବଂଶୀଧର ରତ୍ନଧନ ସିଂହାସନରେ ବହୁଳ ଚୁମ୍ବନା କୁଞ୍ଜ ଭିତରେ ଠିଆ ହୋଇଛି । ତୋ ଝିଅ ଲକ୍ଷ୍ମୀ ହେଉଛି, ମୋ ରାଧା । ମୁଁ ତା ପେଟ କରିଛି । ତେଣେ କାହିଁକି ଲୋକେ ନିନ୍ଦୁଛନ୍ତି । ଲକ୍ଷ୍ମୀକି ବା କାହିଁକି କଣ କହୁଛନ୍ତି । ମୋ ପାଇଁ ଗୋଟିଏ ରାଧା ତିଆରି କରି ଦେଉଳରେ ମୋ ପାଖେ ସିଂହାସନରେ ଠିଆ କରାଇଦେଲେ ଦେଖିବୁ, ତୋ ଅଗ ଗୋଡ଼ରେ ଘଣ୍ଟା ବାଜିବ ନାହିଁ । ସମସ୍ତେ ସବୁ କଥା ଜାଣିଯିବେ—ମୁଁ ତା, ଯେପର ହେବ ସେପରି, ଜଣାଇ ଦେବ ।” ଭକ୍ତ ସେତିକରେ ବା ବୁଝିଯିବ କପରି ? ଏ ଭକ୍ତିଧର୍ମରେ ଭଗବାନ୍ ଯେପରି ଭକ୍ତକୁ ବହୁଥାନ୍ତି — ବିଶ୍ୱାସ ଠିକ୍ ଅଛି କି ନା, ଜାଣିବାକୁ ଭକ୍ତକୁ ପରଖୁଥାନ୍ତି— ଭକ୍ତ ବି ସେଇପରି ସବୁବେଳେ ସଂଦେହରେ ‘ଝିଅ’, ‘ନଟ-ନାଗର’ କୃଷ୍ଣ-ଭଗବାନଙ୍କୁ ବହୁଥାନ୍ତି, ପରଖୁଥାନ୍ତି । ଭକ୍ତ ତେଣୁ ସେଇ ସ୍ୱପ୍ନରେ କହିଲେ, “ମହାପ୍ରଭୁ, ମୁଁ ଯେତେ ଯାହା କହିଲେ, ଲୋକେ ଶୁଣିବେ କିଆଁ ? ଶୁଣିଲେ ବା ବିଶ୍ୱାସ ଯିବେ କିଆଁ ? ତମେ ମୋ ଝିଅ ପାଖକୁ ଆସୁଛ ବୋଲି ପ୍ରମାଣ କଣ ?” ଗୋପାଳ କହିଲେ, “ଅଚ୍ଛା, ଆଜି ମୁଁ ଗଲାବେଳେ ତୋ ଝିଅ ଶେଯରେ ମୋ ବଂଶୀଟା ପକାଇ ଦେଇଯିବି । ସକାଳୁ ସମସ୍ତେ ଦେଖିବେ; ଜାଣିବେ ।” ଭକ୍ତର ନିଦ ଭାଙ୍ଗିଗଲା । ସେ ସକାଳୁ ଦେଖିଲା ଝିଅ ଶୋଇଥିବାଘରେ ଶେଯରେ ଗୋପାଳଙ୍କ ହାତ ବଂଶୀଟି ପଡ଼ିଛି । ତେଣେ ଦେଉଳରେ ଗୋପାଳଙ୍କ ହାତରେ ବଂଶୀ ନାହିଁ । ଖୋଜି ଯାଇଛି ହୋ ହଲ୍ଲା ପଡ଼ିଗଲା । ବଂଶୀଟି

Digitized by srujanika@gmail.com

ଲକ୍ଷ୍ମୀ ଶେଜରୁ ଉଠିଲା । ଲକ୍ଷ୍ମୀ ବାପଠୁ ତା ସପନ କଥା ସମସ୍ତେ ଶୁଣିଲେ । ସେଠୁ 'ଛଣା' ପିତଳରେ "ଓଡ଼ିଆଣୀ" ରାଧା ତିଆର ହେବାର ଭାଗ ଲାଗିଗଲା । ମୂର୍ତ୍ତିଟି ତିଆର କରିବା ପାଇଁ କଣ୍ଠପୁର ରଜା ୧୦୮ଟି ଜମ୍ବୁପୁଷ୍ପ ମହଜୁ ଦେଇଥିଲେ । ମୂର୍ତ୍ତି ତିଆର କରୁଥିବା ପିତଳରେ ବଣିଆଏ ତା ସବାଇ ଥିଲେ ବୋଲି ଶୁଣାଯାଏ । ଲୋକେ କହନ୍ତି, ସେଇଥିପାଇଁ ମୂର୍ତ୍ତିଟି ଏତେ ଚକ୍ ଚକ୍ ଦିଶେ । ସେ ଯା ହଉ, କଥା ଅଛି, ରାଧା ମୂର୍ତ୍ତି ତିଆରି ଆରମ୍ଭ ହେଲାବେଳକୁ ଲକ୍ଷ୍ମୀର ହେଲା, ଜର । ମୂର୍ତ୍ତିର ମୁହଁଟି ତିଆର ହେଲାବେଳକୁ ତାର ହେଲା ପିତ୍ତ-ଶ୍ଳେଷ୍ମାରେ ସନ୍ନିଦୋଷ ସଂନିପାତ । ମୂର୍ତ୍ତିଟି ସିଂହାସନରେ ଠିକ ପ୍ରତିଷ୍ଠା କରା-ହେଲା ବେଳକୁ ତେଣେ ଲକ୍ଷ୍ମୀର ପ୍ରାଣ ଛାଡ଼ିଗଲା ବୋଲି ଶୁଣାଯାଏ, ସେଦିନ ଲୋକେ ଦେଖିଚନ୍ତି, ଦିନ ଦିପହରେ ଗୋଟାଏ ଅଲୁଅ ଲକ୍ଷ୍ମୀ ଦେହରୁ ବାହାରି ଶୂନ୍ୟରେ ଯାଇ ଯାଇ ସିଂହାସନରେ ରାଧାମୂର୍ତ୍ତି ଦେହରେ ମିଶିଗଲା । ବର୍ତ୍ତମାନ ପ୍ରଚଳିତ ଗଳ୍ପଟି ଏଇଠି । ସେତେବେଳେ ମୁଁ ଶୁଣିଥିବା ଉପାଖ୍ୟାନଟି ବା ରାମକୃଷ୍ଣ ସାହୁଙ୍କ ଲକ୍ଷ୍ମୀ କାବ୍ୟର ଉପାଖ୍ୟାନଟି ମୋଟା ମୋଟି ଏଇପରି ଥିଲା । ହୁଏତ ଲକ୍ଷ୍ମୀ ବାପ, ବଂଶୀ ଦେଉଳର ଆଗରୁ ସ୍ୱପ୍ନ ଦେଖିଥିଲା, କି ବଂଶୀ ଛାଡ଼ିପିବା ପ୍ରମାଣ କରିବା ପାଇଁ ଗୋପାଳ ବଂଶୀ ହଜିବା ପରେ ସପନେଇ ଥିଲେ, ତା ଠିକ ମନେ ହେଉନାହିଁ । ତେବେ ସେଥିରେ ଏଠି କିଛି ଯାଏ ଆସେ ନାଇ ।

## ସାକ୍ଷୀଗୋପାଳଙ୍କ ରାଧା

ଲକ୍ଷ୍ମୀ-ଉପାଖ୍ୟାନଟି ଗୋଟିଏ ଭୂଆ କଥା; ଏବର କଥା । ମୁଁ ପୁଣି ନିକଟବର୍ତ୍ତୀ କାଳର । ସେଥିପାଇଁ ସାମାନ୍ୟ

Digitized by srujanika@gmail.com

ଅନୁସନ୍ଧାନରେ ମୁଁ ସେ ଉପାଖ୍ୟାନର ସତ୍ୟ ସଂବଂଧରେ ଯାହା ଜାଣି ପାରିଛି,ତା ଏଠି ଲେଖୁଛି । ଲକ୍ଷ୍ମୀ ଉପାଖ୍ୟାନଟି ବାହାରିଛି ଦେଉଳ-ସିଂହାସନରେ ରାଧା ମୂର୍ତ୍ତିଟି ବସାଇବାକୁ । ସେ ରାଧା ମୂର୍ତ୍ତିର ଇତିହାସଟି ହେଉଛି, ଏଇ:—

ଗୋପାଳ ବଲ୍ଲଭର କାଂଶଠାରୁ ସତ୍ୟବାଦୀ ବକୁଳ-ବନର ମନ୍ଦିରକୁ ଆସିବା (୧୮୬୨ଖ୍ରୀଷ୍ଟାବ୍ଦ) ଯାଏ ଥିଲେ, ଏକା । ମୂଳରୁ ରାଧାକୃଷ୍ଣ ଉପାସନାର କୃଷ୍ଣ ସେ ନ ଥିଲେ । ପୁଣି ଗୋପାଳ ନାମଟିରେ ଯେଉଁ ଉପାସ୍ୟ ନାମଟିର ବ୍ୟବହାର କରାଯାଏ, ସେ ହେଉଛନ୍ତି—ବାଳଗୋପାଳ । ପରବର୍ତ୍ତୀ କାଳରେ ଗୌଡୀୟ ଓ ଗୌଡ଼ୀୟ-ପ୍ରଭ-ପ୍ରଭାବିତ ବୈଷ୍ଣବମାନେ, ବାଳକ କାହ୍ନୁଙ୍କ, ଶିଶୁକୃଷ୍ଣଙ୍କୁ ମଧ୍ୟ ପ୍ରୌଢ଼ା ଯୁବତୀ ଗୋପୀଙ୍କ କାମ-ଚେଷ୍ଟାରେ ଅତି ଅଦ୍ଭୁତ ଭାବରେ ତୃପ୍ତି ଦାୟକ ବୋଲି ବର୍ଣ୍ଣନା କରି ତାହାଙ୍କୁ ଶୃଂଗାର ରସରେ ପରିଣତ କରିବାର ଚେଷ୍ଟା ଦେଖାଇଥିଲେ ମଧ୍ୟ, ମୂଳତଃ ବାଳଗୋପାଳ ଯଥାର୍ଥ ବାଳକ ଥିଲେ; ବରଂ କୁହାଯାଇପାରେ, ଯୁବକ ହେଲେ ମଧ୍ୟ ଚାରିତ୍ର୍ୟରେ ବାଳକ ଥିଲେ;ଅର୍ଥାତ୍ ଗୋପୀ ବା ରାଧାଙ୍କ ସଂଗେ କେଳିକଳାରେ କୁଶଳତା ଦେଖାଇ ନଥିଲେ । କିଂତୁ ଓଡ଼ିଶାର କୌଣସି କ୍ଷେତ୍ର ଧନିଷ୍ଠ ଗୌଡୀୟ-କୃଷ୍ଣ ଧର୍ମରେ ଖୁବ୍ ପ୍ରଭାବିତ ହୋଇ ଯାଇଥିଲେ । ସେଇ ପରି ଜଣେ ବଶିଷ୍ଠ ଥିଲେ ସେ କାଳ ବଣପୁର ରାଜା । ସେ ସତ୍ୟବାଦୀ ଦର୍ଶନକୁ ଆସିଥିଲେ, ଦେଖିଲେ ଏ କୃଷ୍ଣଂକ ପାଖେ ରାଧା ନାହାନ୍ତି । ତେଣୁ ସେ ନିଜେ ଦରବାରରୁ ଏଇ ରାଧା ମୂର୍ତ୍ତିଟି ପିତଳରେ ତିଆରି କରାଇ, ସିଂହାସନରେ ବସାଇ ପ୍ରତିଷ୍ଠା କରାଇଥିଲେ । ପଦ୍ମନାଭ ରଥୁସାହେବ ଓ ତାଂକ ପ୍ରେମଣଦାତାଂକ ମତ ଅନୁସାରେ

ମୂର୍ତ୍ତିକି ରୂପ, ବେଶ, ବାସ, ଠାଣି ଓ ଭୂଷଣରେ ଠିକ ଓଡ଼ିଆଣି କରି ହୋଇଥିଲେ ବୋଲି ମୁଁ ଶୁଣିଥିଲି । ଯଥାର୍ଥରେ ସତ୍ୟବାଦୀର ରାଧା ଏକ ପୂର୍ଣ୍ଣ ଓଡ଼ିଆଣୀ ପରି ବ୍ରୀଡ଼ା-ବସାଣିତ ଭଙ୍ଗୀରେ ଠିଆ-ହୋଇଛନ୍ତି । ବସ୍ତ୍ର ହରଣରେ ବା ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ପ୍ରସ୍ତରରେ ରଚିତ ହୋଇଥିବା ଯମୁନା କୂଳ ଅଂଚଳର ଉତ୍ତର ପ୍ରଦେଶିନୀ ଗଉଡୁଣୀ ସେ ନୁହନ୍ତି । ସେ ଯା ହଉ, ରଣପୁର ସଙ୍ଗାଂକ ରାଧା ମୂର୍ତ୍ତିକୁ ଓ ମୂର୍ତ୍ତିଟି ଓଡ଼ିଆଣୀର ମୂର୍ତ୍ତି ହୋଇ ଥିବାରୁ ସେଥିରୁ ବାହାରି ପଡ଼ିଲା ଭକ୍ତଂକ ଅଦ୍ଭୁତ ଲକ୍ଷ୍ମୀ ଉପାଖ୍ୟାନ । ଏହାଇ ଅସ ଭକ୍ତିଧର୍ମ ।

## ସେଥିରେ ପୁଣି ସେବକଙ୍କ କୃତିତ୍ୱ

ଏସବୁ ମିଥ୍ୟା ଯେ କେବଳ ଭକ୍ତଂଙ୍କର—ବିଶେଷରେ ସହଜିଆ ଗୌଡ଼ୀୟ ଭକ୍ତଂଙ୍କର—ବେପାର, ତା ନୁହେ । ଆଜ-କାଲି ସେଥିରୁ ଲାଭ ଉଠାଇବା ବାଲା ଅଛନ୍ତି । ଏ ସବୁ ଅଦ୍ଭୁତ କ୍ରିୟା ଓ ମିଥ୍ୟା ତାଂକୁ ସୁହାଏ । ଏସବୁ ମିଥ୍ୟା ସେ ପାଇଲେ, ସେଥିରୁ ସେ ବାଧ ଫେଣାଇଲା ପରି ଫେଣାଇ ପଥରକୁ ପିଠା କରନ୍ତି । ସେ ଦଳକ ହେଉଛନ୍ତି, ଦଅଁ ସେବକ—ବିଶେଷରେ ଯେଉଁମାନେ ଦଅଁ ନାମ ଧରି ଯାତ୍ରୀଂକୁ ଲୁଟାଇ ଖାଉଥିବା କରନ୍ତି । ସତ୍ୟବାଦୀଂକ ସେବକ ଏବେ ସାକ୍ଷିଗୋପାଳ ନାମଟିର ଗୋଟିଏ ନୂତନ ରମ୍ୟ ଅର୍ଥ ଦେଲେଣି । ଯାତ୍ରୀଂକ ଆକର୍ଷଣ ସେଥିରେ ଖୁବ୍ ବଢ଼ିଛି । ସେ କହୁଛନ୍ତି, ପୁରାଣରେ ଅଛି, ଜଗନ୍ନାଥେ ଏଇ ଗୋପାଳଙ୍କୁ ଏଠି ଠିକ୍ ଜଗନ୍ନାଥଂଙ୍କ କଳେବର ପଞ୍ଚକ୍ରୋଶି ସୀମା ବାହାରେ ରଖାଇଛନ୍ତି, ସାକ୍ଷୀ ହେବା ପାଇଁ । ମାତ୍ର ସେ କ'ଣ ସାକ୍ଷ୍ୟ ଦେବେ ? କେଉଁଟି ? ମଲାପରେ, ଯମଦୂତ

Digitized by srujanika@gmail.com

ଓ ବିଷ୍ଣୁଦୂତ ଦୁହେଁ ଲୋକଙ୍କୁ ଭିଡ଼ା ଭିଡ଼ି କରିବା କଥା ଲୋକ ପ୍ରସିଦ୍ଧ—ପୁରାଣରେ ବି ଅଛି। ବୈଷ୍ଣବଙ୍କୁ ଯମଦୂତେ ନେଇଗଲେ ବି ଯମରାଜଙ୍କ ପାଞ୍ଜିଆ ଚିତ୍ରଗୁପ୍ତ ନିଜ ପାଞ୍ଜି ଖୋଲି ଦେଖି ଯେବେ କୁହନ୍ତି ସେ ବିଷ୍ଣୁଭକ୍ତ ବୋଲି, ତେବେ ଯମଦୂତ କ୍ଷମା ପ୍ରାର୍ଥନା କରି ତାଙ୍କୁ ବିଷ୍ଣୁଦୂତଙ୍କ ହାତରେ ଛାଡ଼ି ଦିଅନ୍ତି। କିନ୍ତୁ ସେଥିପାଇଁ ପ୍ରାୟ ମଣିଷ ଲୋକଟି ଚିତ୍ରଗୁପ୍ତଙ୍କ ପାଖେ ଦାବି କରୁଥାଏ। ବେଳେ ବେଳେ ଚିତ୍ରଗୁପ୍ତ ସାକ୍ଷୀ ଲୋଡ଼ନ୍ତି। ଅବଶ୍ୟ ଜଗନ୍ନାଥଙ୍କୁ ଦର୍ଶନ କଲେ ବିଷ୍ଣୁଲୋକ ହୁଏ। କିନ୍ତୁ ଚିତ୍ରଗୁପ୍ତଙ୍କ ସନ୍ଦେହ ହେଲେ, ଏଇ ଗୋପାଳ ହେଉଛନ୍ତି ସାକ୍ଷୀ। ସେଥିପାଇଁ ଏଇ ଗୋପାଳଙ୍କ ନାମ ହୋଇଛି ସାକ୍ଷିଗୋପାଳ। ଏ କଥାଟି ଏବେ ବି କିମ୍ବଦନ୍ତୀ ହୋଇଛି କି ନାହିଁ ଜଣାନାହିଁ। ପୁସ୍ତକୁ ଚେଇ ହଜା ଅଙ୍କକ ପ୍ରାୟ ୫୦ ବର୍ଷର କଥା (ଖ୍ରୀ—୧୮୯୯)। ମୁଁ ସତ୍ୟବାଦୀରେ ନୂଆ ସତ୍ୟବାଦୀ ସ୍କୁଲ ଚଳିବା ତାର ୧୨ବର୍ଷ ପରେ (୧୯୧୧)। ସେତେବେଳକୁ ଏ କଥା ବାହାରି ନ ଥିଲା। ମୁଁ ସ୍କୁଲଟିର ସତ୍ୟବାଦୀ ମନ୍ଦିର ପଛଆଡ଼େ ବସାଘର ଥାଏ। ସେଇ ସମୟରେ ବୃନ୍ଦାବନରେ ଥିବା ଚୈତନ୍ୟ ଶିଷ୍ୟ ସତ୍ୟବାଦୀର ଗୁପ୍ତ ବୃନ୍ଦାବନରେ ପ୍ରତିଷ୍ଠିତ ହୋଇଥିଲେ। ତା ପରୁ ସେଠା ସେବକଙ୍କ ମୁହଁରେ। ଶୁଣିଲି ଧୂଆ ପୋଖରୀର ନାମ ହୋଇଗଲା, 'ଶ୍ୟାମକୁଣ୍ଡ'। କେଉଁଟା ହେଲା, 'ରାଧାକୁଣ୍ଡ'। ଆଉ ଗୋଟିଏ ଅତି କୌତୁକାବହ କଥା ଏଠି କହୁଦିଏ। ସ୍କୁଲ ପାଖକୁ ଲାଗି ବଜାର ବଣ ଭିତରେ ଅଛି ଗୋଟିଏ ଲମ୍ବା ଖାଇ। ସେଥିରେ ବର୍ଷାଦିନେ ପାଣି ଥାଏ। ତା ନାମ ଥିଲା, ଇଂବଲିଂଗା। ଜଣେ ସେବକ ହଠାତ୍ ଦିନେ ଆସି ମତେ ବଡ଼ ସଂକୀର୍ତ୍ତନର ପରିଚୟ ଦେଲେ, "ଏଇ 'ଇଂବଲିଂଗା'କୁ ଦେଖାଇ ଆମେ କହୁଥିଲୁ ଏ ହେଉଛି

Digitized by srujanika@gmail.com

ଗିରିଗୋବର୍ଦ୍ଧନ । ଏବେ ଜଣେ ଯାତ୍ରୀ ପଚାରୁଛନ୍ତି—'ଗିରିଗୋବର୍ଦ୍ଧନ ତ ଗୋଟାଏ ପାହାଡ଼; ଏ ତ ଗୋଟାଏ ପାଣି ଖାଲ, ଏ କପରି ଗିରିଗୋବର୍ଦ୍ଧନ ହେଲା ?—ଆମେ ତାକୁ କଣ କହିବୁ ?" ମୁଁ କୌତୁକରେ କହିଦେଲି, "ଯାଅ କହିଦବ, ଏଇ ଗୁପ୍ତ ବୃନ୍ଦାବନରେ ରାଧାଙ୍କ ସଂଗେ କେଳି କରିବାକୁ କୃଷ୍ଣ ରାତ୍ରରେ ଆସନ୍ତି । ଥରେ ଗୋପରେ ଗୋପୀ ଓ ଗୋପାଳମାନେ କାତର ହୋଇ ଡାକିଲେ—'ଇନ୍ଦ୍ର ଶିଳା ଶିଳ ବୃଷ୍ଟି କଲେ; ରକ୍ଷାକର, କୃଷ୍ଣ ।' କୃଷ୍ଣଙ୍କୁ ଏଭଳି ଶୁଭିଲା । ସେ ହାତରେ ଏଇ ମାଟିଖଣ୍ଡ ତାଡ଼ି ଦେଇ ଆକାଶ ମାର୍ଗରେ ବୃନ୍ଦାବନ ଯାଇ ଏଇ ମାଟି ଖଣ୍ଡ ଟେକିଧରି ସାତଦିନ ଗୋପୀ ଓ ଗୋପାଳମାନଙ୍କୁ ଇନ୍ଦ୍ରଙ୍କ କୋପରୁ ରକ୍ଷା କଲେ । ତାପରେ ସେଇ ମାଟିଖଣ୍ଡ ସେଠି ଫିଙ୍ଗି ଦେଇଥିଲେ । ସେଇ ଏବେ ହୋଇଛି, ସେଠି ଗିରି ଗୋବର୍ଦ୍ଧନ ! ସେଇମାନ୍ତି ପ୍ରଥମେ ଏଇଠୁ ଯାଇ ଥିବାରୁ ଏ ବି 'ଗିରି ଗୋବର୍ଦ୍ଧନ' ।" ସତକୁ ସତ ଏବେ ସେଇ ଲଂବଲିଂଗା ହୋଇଛି, ସତ୍ୟବାଦୀ ଗୁପ୍ତ ବୃନ୍ଦାବନର 'ଗିରିଗୋବର୍ଦ୍ଧନ' । ଏଇପରି ତୀର୍ଥ ମନ୍ଦିର ମୂର୍ତ୍ତି ଅନୁଷ୍ଠାନ ସବୁ ପ୍ରତ୍ୟକ୍ଷ ଫଳପ୍ରଦ ଓ ଚିରନ୍ତନ ହୋଇଯାଏ । ପୁରୀ ବଡ଼ ଦେଉଳରେ ଦକ୍ଷିଣ ଦ୍ୱାରର ପଶିବା ବାଟ ଡାହାଣକୁ ଯେଉଁ ବିରାଟ ହନୁମାନ ମୂର୍ତ୍ତିଟି ଅଛି, ତାକୁ ଭାବନ୍ତି ଚିରନ୍ତନ ପାଷାଣମୂର୍ତ୍ତି । କିନ୍ତୁ ୧୮୯୯ ଖ୍ରୀଷ୍ଟାବ୍ଦରେ ସେକାଳ ବଂଗଳାର ଉଡ୍‌ବର୍ନ୍ ସାହେବ ପୁରୀକୁ ବୁଲି ଆସିଲା ବେଳେ ସେଠି ତାଙ୍କ ସମ୍ମୁଖରେ ନଡ଼ା ଓ ପାଳ ଗୁଡ଼ିଆ ହୋଇ ମେଞ୍ଚା ମେଞ୍ଚା ଚକଟା କଳା କାଦୁଅ ଛଟା ହେଉଥିବାର ଦେଖି ପଚାରିବାରେ ଜାଣିଥିଲେ; ଗୋଟିଏ ମହାବୀର ମୂର୍ତ୍ତି ତିଆରି ହେଉଛି । ସେଇଟି ପ୍ରାଚୀନ ନୁହେଁ, କି ପାଷାଣ ନୁହେଁ ।

Digitized by srujanika@gmail.com

## ବୃନ୍ଦାବନରେ ସେଇକଥା

ଗୌଡ଼ୀୟ ବୈଷ୍ଣବଙ୍କର ଏ ସବୁରେ କୃତିତ୍ୱ ବଡ଼ ବେଶୀ । ତାଙ୍କ ଭିତରେ ଅଦ୍ଭୁତ କର୍ମସିଦ୍ଧ ଓ ମହାପୁରୁଷ ନାଭ ଦାହାଲୁ-ଚନ୍ଦ୍ର । ଇତିହାସ ଓ ପରଂପରାରେ ମଧ୍ୟ ଏ ସବୁ ପାଇଁ ତାଙ୍କର ଯେତେ ମାଇ ମଣଲ୍ଲ ଅଛି, ତା ପୃଥିବୀରେ ଆଉ କାହାର ଅଛି ବୋଲି ମନେ ହେଉନାଇ । ତାର୍କିକ, ବଜ୍ରଯାନୀ, ସହଜିଆ ପ୍ରଭୃତିର ତଥାକଥିତ ସିଦ୍ଧ ସାଧକମାନେ ଏଇ ବୈଷ୍ଣବଂକ ପୂର୍ବସୂରି । ଓଡ଼ିଶାର ଯେତେବେଳେ ଧନ ରାଜ୍ୟ ଶିଳ୍ପ ବାଣିଜ୍ୟ —ଏପରିକି ଭଣା ଭାଷା ପର୍ଯ୍ୟନ୍ତ କିଛି ନ ଥିଲା, ସେଇ ଅତ ଦୁର୍ଦ୍ଦିନରେ ଏମାନେ ସ୍ୱଚ୍ଛନ୍ଦ ପ୍ରବେଶ କରି ମାନବ ସମାଜର ଶ୍ରେଷ୍ଠ ସଂପଦ ଜଗନ୍ନାଥ ଧର୍ମ ଓ ସଂସ୍କୃତିକୁ ଏଇପରି ଅନ୍ତଭ୍ରଷ୍ଟ ଓ ନାରଖାର କରି ପକାଇଚନ୍ତି । ସେକଥା ପରେ ପୁଣି ପ୍ରସଙ୍ଗ ଧରି କୁହାଯାଉଚି । ଏବେ ବୃନ୍ଦାବନ ଓ 'ଗୋପାଳ'ଙ୍କ କଥା ଦେଖାଯାଉ । ଗୋଟିଏ କଥାରେ କହି ଦେଲେ, କୁହାଯିବ, ଆଜି କାଲିର ବୃନ୍ଦାବନର ଇତିହାସ ଓ ସତ୍ୟବାଦୀ ଗୁପ୍ତ ବୃନ୍ଦାବନର ଇତିହାସ ଭିତରେ ବସ୍ତୁତଃ ବିଶେଷ ଭେଦ ନାଇ । ଏବ ଯମୁନାକୂଳ ବୃନ୍ଦାବନଟି ମଧ୍ୟ ଗୌଡ଼ୀୟ ବୈଷ୍ଣବଙ୍କ କୃତୀ । ପଣ୍ଡିତମାନେ ବି କହୁଚନ୍ତି, ବୈଦିକ କାଳର ବୃନ୍ଦାବନ ନଦୀ ଗର୍ଭରେ ଯାଇଚି ବା ନଦୀର ଧାର ବାରଂବାର ବୁଲିଯିବାରେ ନଷ୍ଟ ହୋଇ ଯାଇଚି । ଏ ବୃନ୍ଦାବନଟି ଏବର । ସନ୍କୁସତ କୃଷ୍ଣଦାସ କବିରାଜଙ୍କ 'ଚୈତନ୍ୟଚରିତାମୃତ' ଦେଖଉଚି, ଏବେ ସେଠା ପଣ୍ଡାଙ୍କର ପ୍ରଧାନ—ପ୍ରଧାନ ବାହ୍ନିକ, ଦୁଏକ, ଏକମାତ୍ର— ଶାସ୍ତ୍ର । ଚୈତନ୍ୟ ଯାହାକୁ 'ଶ୍ୟାମକୁଣ୍ଡ' ବୋଲି କହୁଥିଲେ,

Digitized by srujanika@gmail.com

ସେଇ ଏବେ ସେଠି ଶ୍ୟାମକୁଣ୍ଡ; ଯାହାକୁ ଚୈତନ୍ୟ 'ରାଧାକୁଣ୍ଡ' ବୋଲି କହିଥିଲେ, ସେଇ ଏବା 'ରାଧାକୁଣ୍ଡ' । ଏଇପରି ସବୁତୀର୍ଥ । ପଣ୍ଡାଙ୍କୁ ଯେତେ ପଚାରିଲେ, ସେ ସେଇସବୁ କଥା କହି, ମୋ ଆଗେ 'ଚୈତନ୍ୟଚରିତାମୃତ'ରୁ ଉଦ୍ଧାର କରି ଶୁଣାଇ ବସିଲେ । ସେମାନଙ୍କର ମାତୃଭାଷା ଅବଶ୍ୟ ବଂଗଳା ନୁହେ । ଅନ୍ୟ କୌଣସି ଶାସ୍ତ୍ର ପୁରାଣରୁ ଏଇ ସବୁତୀର୍ଥ ଓ ଅନୁଷ୍ଠାନର ବିବରଣ କହ ବୋଇଲେ, ସେମାନେ ଆଉକିଛି କହି ପାରିଲେ ନାଇ । ବୃନ୍ଦାବନର ସବୁ ମନ୍ଦିର ପୁଣି ଅଳ୍ପ ଦିନର । ଯେଉଁ ମନ୍ଦିରରୁ ଗୋପାଳ ଯାଇ ସାକ୍ଷିଗୋପାଳ ହୋଇଚନ୍ତି ବୋଲି ପଣ୍ଡାମାନେ ଦେଖାଇଲେ, ସେଠି ମୂର୍ତ୍ତିର ପଥର ବଇଠାକି ଖାଲି ପଡ଼ିଛି । ସେ ମନ୍ଦିରଟି ବି ବଡ଼ ପ୍ରାଚୀନ ନୁହେ । ଏ ସବୁ ଦେଖି ମୋର ସତ୍ୟବାଦୀ ଗୁପ୍ତବୃନ୍ଦାବନର 'ଶ୍ୟାମକୁଣ୍ଡ' 'ରାଧାକୁଣ୍ଡ' ଓ 'ଗିରି ଗୋବର୍ଦ୍ଧନ' ମନେ ପଡ଼ିଲା । ବିଶେଷରେ ସାକ୍ଷିଗୋପାଳଙ୍କର ବୋଲି ମନ୍ଦିର ଭିତରେ ଯେଉଁ ଖାଲି ବଇଠିକି କରା ହୋଇଛି, ତା ଦେଖି ତଥାକଥିତ ଭକ୍ତମାନେ ମିଥ୍ୟାଗୁରବରେ ଜାଣିଶୁଣି କେତେ ଦୂର ଯାଇ ପାରନ୍ତି, ସେ କଥା ଚିନ୍ତାକରି ମନରେ ବଡ଼ ବୀଭତ୍ସ ଭାବ ହେଲା । ଜାଣିଶୁଣି ଲୋକଙ୍କୁ ଠକିବାପାଇଁ ଏପରି କାମ କରି ଯେଉଁମାନେ ଧର୍ମଧ୍ୱଜୀ ହୁଅନ୍ତି, ସେମାନଙ୍କୁ କି ଭାଷାରେ ବର୍ଣ୍ଣନା କରାଯିବ, ତା କହିବା ବଡ଼ ଦୁର୍ଘଟ । ତଥାପି ପ୍ରାକୃତ ଜନର ତାହାରି ଚିରକାଳ ଧର୍ମପନ୍ଥା ହୋଇ ଆସିଛି ।

---

# ଚତୁର୍ଥ ଅଧ୍ୟାୟ

## ଭକ୍ତିମାର୍ଗ ଜଗନ୍ନାଥ ଓ ଅଦ୍ଭୁତ କ୍ରିୟା

### ଭକ୍ତି ଧର୍ମର ପ୍ରକୃତ ଓ ପ୍ରତିଷ୍ଠା

କେବଳ ଗୌଡ଼ୀୟ ବୈଷ୍ଣବଙ୍କ ଭିତରେ ପରକୀୟା-ରସ-ସୁଖ ମାଧ୍ୟମକୁ ଅବଲମ୍ବନ କରି ଭକ୍ତିଧର୍ମ ପ୍ରକାଶ ପାଇଛି । ଏହାର ତତ୍ତ୍ୱ ବା ମୂଳ ପୁଣି ଦାର୍ଶନିକ ସ୍ତରରେ ନାନା ପ୍ରକାରରେ ବ୍ୟାଖ୍ୟା କରାଯାଏ । ସେଥିରୁ ପ୍ରଧାନ ବ୍ୟାଖ୍ୟାଟି ହେଉଛି, ସମାଜର ବନ୍ଧନ ଧର୍ମ ଭିତରେ ପରକୀୟା-ରସ-ସୁଖ ଲୋଡ଼ିବାରେ ଓ ସେଥିରେ ସର୍ବଦାନର ତ୍ୟାଗର ଯେ ସୁଖ ଅଛି, ମାନବ ପୁଣି ସେଥିରେ ଯେପରି ଆତ୍ମ ବିସ୍ମୃତ ହୁଏ, ଆଉ କାହିଁରେ ସେ ଅନୁଭବ ସମ୍ଭବ ନୁହେଁ । ଈଶ୍ୱରଙ୍କୁ ଭକ୍ତି କରିବାରେ ସେହିପରି ଆତ୍ମବିସ୍ମୃତ ହେବାର ସଙ୍କେତ ଶିକ୍ଷାରମ୍ଭ ତେଣୁ ହୁଏ, ଏଇ ପରକୀୟା ପ୍ରେମରେ । ଏଇ ଭାବରେ ଧାଳିତ ଓ ପ୍ରୋତ୍ସାହିତ ହୋଇ ବଙ୍ଗୀୟ ପଣ୍ଡିତବର ସ୍ୱର୍ଗୀୟ ଦୀନେଶଚନ୍ଦ୍ର ସେନ ଏଇ ଗୌଡ଼ୀୟ ବୈଷ୍ଣବଙ୍କ ପୂର୍ବ ପୁରୁଷ ସହଜିଆଙ୍କ ସପକ୍ଷରେ ଲେଖିବାକୁ ଯାଇ କହିଛନ୍ତି—

"ନର ନାରୀର ପ୍ରେମ, ଈଶ୍ୱର ପ୍ରେମର ବାଟ ଦେଖାଇ ଦିଏ । ବୋଧହୁଏ, ଚଣ୍ଡୀଦାସଙ୍କ ପୂର୍ବେ ଏତେ ବଡ଼ ସତ୍ୟଟା ଏପରି ସ୍ପଷ୍ଟ ଭାବେ ଆଉ କେହି କହି ନ ଥିଲେ ।" × × ×

"ସତ୍ତ୍ୱମଠ ଯେଉଁଠାରେ ବଳି ଦେଇଛନ୍ତି ଓ ଆତ୍ମ ଜଗତର ସହଜିଆ—ଏମାନେ ପ୍ରାଚୀନ ସମ୍ପ୍ରଦାୟ ମତକୁ ସ୍ୱୀକାର ଧ୍ୱସ୍ତ କରନ୍ତି ।

Digitized by srujanika@gmail.com

ଏପରି କର୍ତ୍ତିକ ବାହାରୁ ଜଗତରେ ଥିଲେ । × × ସ୍ୱାମୀଙ୍କ ଭକ୍ତ ସେମାନଙ୍କ ପ୍ରଣୟୀ ସଙ୍ଗରେ ଯିବାର ଦୁର୍ଦାନ୍ତ ସ୍ୱାଧୀନତା ବଂଗଳା ଛଡ଼ା ଅନ୍ୟ କଏ କଳ୍ପନା କରି ପାରନ୍ତି ? କେଉଁଠି ଶାସ୍ତ୍ର, କେଉଁଠି ପୁରାଣବାଦ—ସବୁ ପିଠିକି ପକାଇ ଏମାନେ ଆଗକୁ ଚାଲିଚନ୍ତି ।" (ବୃହତ୍) ବଂଗ ପୃଷ୍ଠା ୭୨୮ ଓ ୭୬୧୨ । ଏଇ ବୈଷ୍ଣବ ସାହିତ୍ୟ ଏକ ପ୍ରକାର କହିବାକୁ ଗଲେ ସମସ୍ତ ଭାରତକୁ ପ୍ରଭାବିତ କରିଛି । ସମସ୍ତ ଭାରତର ଦର୍ଶନକ ମୈତ୍ରୀ ଧର୍ମ ଉପରେ ନାନା ଭାବରେ ଓ ନାନା ରୂପରେ ଏହାର ଛାପ ପଡ଼ି ଯିବାର କଥା; ପଡ଼ି ଯାଇଛି । ଓଡ଼ିଶାର ଜଗନ୍ନାଥ ଧର୍ମ କିନ୍ତୁ ମୂଳତଃ ପ୍ରାକୃତ ଧର୍ମ ନୁହେଁ । ଏହା ସାର୍ବଭୌମ ଅବବୋଧ ଉପରେ ପ୍ରତିଷ୍ଠିତ ମହାଭାରତୀୟ ମୈତ୍ରୀ ଧର୍ମ । ସେ ମୈତ୍ରୀଧର୍ମରେ ମହାଭାରତୀୟ ସାହିତ୍ୟ ଓ ସଂସ୍କୃତିର ପ୍ରାଣ ଏବେ ମଧ୍ୟ ଖୋଜି ଦେଖିହେବ । ସେପରି ଦେଖି ବସିଲେ, ତା ଉପରୁ ଭକ୍ତିଧର୍ମର ଛାପଟି ପୋଛି ଦେବା ଦରକାର, ସେ କଳଙ୍କ ମାଜି ନ ଦେଲେ ସ୍ପଷ୍ଟ ଦର୍ଶନ ମିଳିବ ନାହିଁ । ଜଗନ୍ନାଥର ଧର୍ମ ତଥା ସଂସ୍କୃତି ଦେଖିବାକୁ ଗଲେ ଏହା ଏକାନ୍ତ ଦରକାର । ଏଇ ଜଗନ୍ନାଥର ଧର୍ମ ଓ ସଂସ୍କୃତି ହେଉଛି, ଓଡ଼ିଆ ସାହିତ୍ୟର ଭିତ୍ତି ଓ ପିଣ୍ଡ । କେବଳ ଗୌଡ଼ୀୟ ବୈଷ୍ଣବ ମତର କଥା କହୁଛି 'ଅପ୍ରାକୃତ-ପ୍ରେମ' ତା ଅଛି ପ୍ରାକୃତ ଇନ୍ଦ୍ରିୟ-ସେବା ଯେ ପୁଣି ଏ କ୍ଷେତ୍ରରେ ଅନିବାର୍ଯ୍ୟ, ସେଥିକି ନୁହେଁ । ମିଥ୍ୟାକୁ ସତ୍ୟ, ଅହିତକୁ ହିତ ଓ 'ପ୍ରେୟ'କୁ 'ଶ୍ରେୟ' ବୋଲି ବଖାଣି ଭୁଲାଇବା ପାଇଁ ଭକ୍ତି ଧର୍ମରେ ଆଜି ଯେ ସବୁ ସାଧନମାନ ଅଛି, ତା ସଂଗତି ମଧ୍ୟ ଅଛି ଦୁର୍ଲଙ୍ଘ୍ୟ । ଏହା ପୁଣି ଅତି ପ୍ରାଚୀନ । ଏ ଦୁଇଟିରେ ପୁଣି ଜଡ଼ିତ ହୋଇ ରହିଛି, ଅଭ୍ରାନ୍ତ-କିମ୍ବାର ଅବରୋଧ । ଏ ସବୁ ମାନବ ସମାଜକୁ ଘୋଟି ରହିଛି ।

Digitized by srujanika@gmail.com

ବିଦ୍ରୋହୀର ମନୋବୃତ୍ତି ନ ଧରିଲେ ତାର ସଂସ୍କାର କରିବା ଦୁର୍ଗମ । ତେଣୁ ଏ କ୍ଷେତ୍ରରେ ସୁନ୍ଦର ସତ୍ୟଟି ପ୍ରକାଶକଲେ ମାନବର 'ଦର୍ଶନ' ଫୁଟାଇବା ପାଇଁ ଅନେକେତନା କଷ୍ଟ ହେବାର କଥା । ଅପାତ ସ୍ୱାଦ୍ୟ ଭକ୍ତି ଧର୍ମରେ ମଜ୍ଜି ରହିଥିବା ଲୋକଙ୍କ ପକ୍ଷରେ ତା ହୁଏତ ଅସହ୍ୟ ହେବ । ବିଶେଷତଃ, ଭକ୍ତିଧର୍ମର ପ୍ରକୃତ ହେଉଛି, ସେଥିରେ ମନୁଷ୍ୟ ଅନ୍ଧ ଓ ଅସହାୟ ହୁଏ । ସ୍ପଷ୍ଟ ଇନ୍ଦ୍ରିୟ ସେବା ହୁଏତ ଏବେ ସବୁ ଭକ୍ତିଧର୍ମରେ ନାହିଁ । ମାତ୍ର ଭକ୍ତି ଦେଖାଇବା ଓ ପ୍ରାର୍ଥନା ବା ଯାଚ୍ଞା ପୂର୍ଣ୍ଣ ହେବ ପ୍ରଭୃତି ଭଙ୍ଗି ଲୋଭ ତଥା ପର କାଳରେ ସ୍ୱର୍ଗ ଲୋଡ଼ିବା ଓ ପାଇବା ହେଉଛି, ଭକ୍ତିଧର୍ମର ପ୍ରେରଣା । 'ଚଣ୍ଡୀ'ପାଠରେ ପାସ୍ୱପୂର୍ଣ୍ଣ କରାହୁଏ—

"ରୂପଂ ଦେହି, ବଳଂ ଦେହି, ଯଶୋ ଦେହି, ଦ୍ୱିଷୋଜହି"

(ହେ ଦେବୀ, ମତେ ରୂପଦିଅ, ବଳଦିଅ, ଯଶଦିଅ, ମୋ ଶତ୍ରୁ-ନାଶକର) । ଖ୍ରୀଷ୍ଟଭକ୍ତ ବା ଖ୍ରୀଷ୍ଟାନମାନେ ସବୁବେଳେ ଗୀର୍ଜାରେ ଜଣାଣ କରନ୍ତି, "Father, give me my daily bread" (ପିତୃଦେବ, ପ୍ରତିଦିନ ମତେ ଖାଇବା ମୁଠାକ ଦେଉଥାଅ) । ମୁସଲମାନ ଦିନକେ ପାଞ୍ଚଥର ପ୍ରାର୍ଥନା କରେ । ତାଙ୍କ ଧର୍ମ ଅନୁକରଣରେ ଆମ ସତ୍ୟପୀର ପୂଜା ଓ ପାଳର ଅଭିବ୍ୟକ୍ତି ଓ ଫଳପ୍ରାପ୍ତି କଥା ସମସ୍ତେ ଜାଣି ଥିବେ । ଏଥିପାଇଁ ଆମ ପୁରାଣରେ ସତ୍ୟନାରାୟଣ ପୂଜା ମଧ୍ୟ ପ୍ରକ୍ଷିପ୍ତ ହୋଇ ଯାଇଛି । ଆମର ଯେତେ ସ୍ତୁତି ଓ ଜଣାଣ ସବୁ ଅଛି, ସେଥିରେ କାଲି ଏ ଜୀବନରେ ଓ ମଲାପରେ ସ୍ୱର୍ଗ ମାଗିବା ଛଡ଼ା ଆଉ କଅଣ ଅଛି ? ସମସ୍ତ ବେଦ ଓ ସେଥିରେ ଥିବା ଯାଗ ଯଜ୍ଞାଦି ସେଇଥି । ତେଣୁ ଏଗୁଡ଼ିକ ଧର୍ମ-କାର୍ଯ୍ୟ ବୁଝେ ହୋଇ ଗୀତାରେ ସ୍ପଷ୍ଟ ଅନାଦରରେ ସମାଲୋଚନା

Digitized by srujanika@gmail.com

ବର ବୁଝା ଯାଉଛି (ଗୀତା ୨ୟ ଅଧ୍ୟାୟ ୪୨-୪୨ଶ୍ଳୋକ ଦେଖ)। ଗୀତାର ସେହି ଶ୍ଳୋକଗୁଡ଼ିକ ଓ ତାର ଅର୍ଥ ଏଇଃ—

(ନୀଳକଣ୍ଠ-ଗୀତା ଦେଖଃ—)

ଯାମିମାଂ ପୁଷ୍ପିତାଂ ବାଚଂ ପ୍ରବଦନ୍ତ୍ୟ ବିପଶ୍ଚିତଃ
ବେଦବାଦରତାଃ ପାର୍ଥ ନାନ୍ୟଦସ୍ତୀତି ବାଦିନଃ । ୪୨ ।
କାମାତ୍ମାନଃ ସ୍ୱର୍ଗପରା ଜନ୍ମକର୍ମ-ଫଳପ୍ରଦାମ୍
କ୍ରିୟା ବିଶେଷ ବହୁଳାଂ ଭୋଗୈଶ୍ୱର୍ଯ୍ୟଗତିଂ ପ୍ରତି । ୪୩।
ଭୋଗୈଶ୍ୱର୍ଯ୍ୟ ପ୍ରସକ୍ତାନାଂ ତୟାପହୃତ ଚେତସାମ୍
ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧୀୟତେ । ୪୪ ।

ଅର୍ଥ—[ ବେଦକର୍ମରେ ଲାଗିବାଟାକୁ ଏ ଯୋଗବୋଲି ବୁଝିବାର ନୁହେଁ । ସ୍ୱର୍ଗାଦି ନାନା ପ୍ରକାର ଫଳଲାଗି ବେଦର କର୍ମକାଣ୍ଡରେ ମାତିବା ଲୋକଙ୍କର ମୁକ୍ତି ପାଇଁ ଏକାଗ୍ରତା ହୁଏ-ନାହିଁ ବୋଲି କହୁଛନ୍ତି । ]—ହେ ପାର୍ଥ ବେଦର କର୍ମକାଣ୍ଡ ବିଧି ବିଧାନରେ ମାତି, ଏଇ କର୍ମକାଣ୍ଡ ବିଧିଗୁଡ଼ା ଅଲବତ୍ତ କର୍ମନାହିଁ ବୋଲି ଘୋଷଣା କରି, ଫଳ କାମନାରେ ଭରା, ସ୍ୱର୍ଗହିଁ ସବୁ ବୋଲି ସେଇ ସ୍ୱର୍ଗଗତ ଲୋଭ ଥିବା ଅଜ୍ଞାନମାନେ, କର୍ମ ଅନୁସାରେ ମିଳିବା ଜନ୍ମମାନ ଓ ଇହଜନ୍ମରେ କର୍ମଫଳ ଦେବାଭଳି ଭୋଗ ଶକ୍ତି ଲକ୍ଷ୍ୟ ସାଧିବାକୁ, ସେଇ ସେଇ ଭଳି କ୍ରିୟାକାଣ୍ଡଭରା ଏଇ ଯେଉଁ ମନଲୋଭାଣିଆ କଥା କହନ୍ତି, ସେଇ କଥାରେ ଭୁଲି ସେଇ ଭୋଗ ବିଭବ ପାଇଁ ମାତିଥିବା ଲୋକଙ୍କର ସମାଧିରେ ବ୍ୟବସାୟାତ୍ମିକା ବୁଦ୍ଧି ହୁଏ ନାହିଁ । ( ଅର୍ଥାତ୍ ଉପାସନାର ଏକାଗ୍ରତାରେ ଈଶ୍ୱର ସ୍ୱରୂପ ପୁରୁଷ ବା ଜଗନ୍ନାଥ ପୁରୁଷୋତ୍ତମରେ ମନ ବସେ ନାହିଁ ବା ଥିର୍ ରହେନାହିଁ । ) ( ୪୨-୪୩-୪୪ )

Digitized by srujanika@gmail.com

ତ୍ରୈଗୁଣ୍ୟବିଷୟା ବେଦା ନିସ୍ତ୍ରୈଗୁଣ୍ୟୋଭବାର୍ଜୁନ
ନିର୍ଦ୍ୱନ୍ଦ୍ୱୋ ନିତ୍ୟସତ୍ତ୍ୱସ୍ଥୋ ନିର୍ଯୋଗକ୍ଷେମ ଆତ୍ମବାନ୍ ।୪୫।

ଅର୍ଥ—[ କର୍ମକାଣ୍ଡ ଯଥାର୍ଥରେ କି ଜ୍ଞାନ ତାହାପୁଣି ଅଳ୍ପରେ କହିଦେଇ, କର୍ମରେ ପ୍ରକୃତ ମୋକ୍ଷ ସାଧନ କିପରି ହେବ ତା ବତାଉଛନ୍ତି । ]—ବେଦର କର୍ମକାଣ୍ଡ ଯାକ, ସତ୍ତ୍ୱ, ରଜ, ତମ, ଏଇ ତିନିଗୁଣ ବା ମାୟାକୁ ଧରି ଥାଅନ୍ତି । (ଅର୍ଥାତ୍ ସେ ସବୁ ମାୟା ବା ଅଜ୍ଞାନରେ ଲିପ୍ତ; ସେଥିରେ ସଂସାର ବନ୍ଧନ ଛୁଟି ନ ପାରେ ) ତୁ ମାୟା ଛୁଟାଇ ଉପରକୁ ଉଠିବାରେ ଲାଗ୍ । ( ମାୟା ଛୁଟାଇ ଉଠି ନିର୍ଗୁଣାତୀତ ହେବାର ପନ୍ଥା କ'ଣ, ତା ଦେଖାଇ ଦେଉଛନ୍ତି । )—ସୁଖ ଦୁଃଖ ପ୍ରଭୃତି ଦ୍ୱନ୍ଦରେ ଏପାଖ ସେପାଖ ହେବା ଛାଡ଼ି ନିର୍ଦ୍ୱନ୍ଦ ହୋ । ସର୍ବଦା ସତ୍ତ୍ୱମାଇଁ ବ୍ୟାକୁଳ ହେବା ସ୍ୱତ ଛୁଟା । ନିଜକୁ ଠିକ୍ ରଖ ( ଅର୍ଥାତ୍, କାହିଁକେ ବିଭୋଳ ହୋ ନା, କି ବଡ଼ାଇ କରନା—ଆତ୍ମା ବା ବ୍ରହ୍ମରେ ବୁଦ୍ଧି ଠିକ୍ ରଖ ) । ୪୫ ।

ଯାବାନର୍ଥ ଉଦପାନେ ସର୍ବତଃ ସଂପ୍ଳୁତୋଦକେ
ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ ।୪୬।

ଅର୍ଥ—( କାହିଁକିନା ) ସବୁଆଡ଼େ ବଢ଼ି ବ୍ୟାପିଗଲେ ଲୋକର ଗଡ଼ିଆରେ ଯେତିକି କାମ, ବେଦର ମର୍ମ ଠିକଣା କରି ଜାଣିଥିବା ଲୋକର ( ଅତଏବ ବୁଦ୍ଧି ଠିକ୍ ରଖି, ବ୍ରହ୍ମରେ ନିଷ୍ଠା ବାନ୍ଧିଥିବା ଲୋକର ) ବେଦକର୍ମକାଣ୍ଡରେ ସେତିକି କାମ । (ଅର୍ଥାତ୍ ବଢ଼ି ବେଳେ ଗଡ଼ିଆ ମୋଟେ ଲୋଡ଼ା ନହେଲା ପରି, ବେଦକୁ ଠିକ୍ ବୁଝିଥିବା ଲୋକର କର୍ମକାଣ୍ଡରେ କିଛିମାତ୍ର ଲୋଡ଼ାନାହିଁ ।

Digitized by srujanika@gmail.com

## ଅସହିଷ୍ଣୁତା

ଏଇ ଭକ୍ତିଧର୍ମ ହେଉଛି, ମାନବର ଆଦିମ ଧର୍ମ । ଠିକ୍ ଆଦିମ ଭାବରେ ଏବେ ବି ରହିଛି । ହୁଏତ ତା ଗଣ୍ଡି ବଢ଼ିଛି । କିନ୍ତୁ ପ୍ରକୃତି ବଦଳି ନାଇ । ତା ବଦଳି ପାରେ ନା । ବଦଳିଲେ ତା ଆଉ ଭକ୍ତିଧର୍ମ ହୋଇ ରହିବ ନାଇ । ଜ୍ଞାନର ଆଲୋଚନା ବା ଯୁକ୍ତି ସେଠି ନାଇ । ଏଇ ଯୁକ୍ତି ପ୍ରତି ଭୟ ଜ୍ଞାତ ଭାବରେ ହେଉ, ଅଜ୍ଞାତ ଭାବରେ ହେଉ, ଭକ୍ତଙ୍କ ଧାରଣାରେ ଥାଏ । ବୈଷ୍ଣବଙ୍କର ବଡ଼ କଥାଟି ହେଉଛି, "ବିଶ୍ୱାସ ମିଳଇ ହରି ତର୍କେ ବହୁଦୂର ।" ସବୁ ଭକ୍ତିଧର୍ମର ଏହାଇ ହେଲା ମୂଳମନ୍ତ୍ର । ସେଇ କାରଣରୁ ସେମାନେ କାର୍ଯ୍ୟରେ ପାଳିତ ହୋଇ ଉଚ୍ଛ-ବଢ଼ୁଥିବା ଜୀବଜନ୍ତୁପରି ହୋଇପାରନ୍ତି—ଅନ୍ତତଃ ସେଇପରି ହୋଇଯିବା ତାଙ୍କର କାମ୍ୟ ଓ ତାଙ୍କର କାମ । ଏଇ ଦୀନ ମନୋବୃତ୍ତିରେ ସେମାନେ ମାନବର ସ୍ୱାଧୀନ ଚିନ୍ତା ଓ ଯୁକ୍ତିକୁ ଡରନ୍ତି ଓ ତା ବିରୁଦ୍ଧରେ ଆତ୍ମରକ୍ଷା କରିବାକୁ ଦଳ ବାନ୍ଧି ଜାଗ୍ରତ ରହନ୍ତି । ସେଥିରେ ପୁଣି ଧନୀ ଓ ମହାପୁରୁଷ, ପ୍ରେରିତ ଓ ଅବତାର ପ୍ରଭୃତିମାନେ ଦଳପତି ବା ଦଳରକ୍ଷିଆଳ ହୋଇ ଲୋକଙ୍କର ଭୁଲାଇ ମନାଇ ଦଳ ବଢ଼ାଇବାରେ ଓ ଦଳ ରକ୍ଷିବାରେ ଲାଗନ୍ତି । ଏଇ ଦଳ ସବୁ ଚିହ୍ନାଇବା ଓ ପରସ୍ପର ମଧ୍ୟରେ ଭେଦ ଜଣାଇବା ପାଇଁ, ଅଷ୍ଟ୍ରେଲିଆ ମହାଦେଶର ବିସ୍ତୀର୍ଣ୍ଣ ପ୍ରାନ୍ତରମାନଙ୍କରେ ମେଣ୍ଢାପଲ ରଖି ପଶୁପାଳୀଏ ନିଜ ନିଜ ମେଣ୍ଢାରେ ଚିହ୍ନାଇବା ପାଇଁ ଭିନ୍ନ ଭିନ୍ନ ଲାଂଛନ (ଲଗ୍ନହୋଇ ଥିବା ଚିହ୍ନ)ର ବ୍ୟବସ୍ଥା କଲାପରି, ଡୋର, କୌପୀନ, ଜଟା, ଜୁବନ, ସୁନତ ଭଳି ଲାଂଛନମାନଙ୍କର ବ୍ୟବସ୍ଥା ମଧ୍ୟ କରିହୁଏ । ଏଇସବୁ ଭୟ ସଂକୋଚ ଛାଡ଼ି ସ୍ପଷ୍ଟ ଚିନ୍ତା ପ୍ରକାଶ କରିବାକୁ ଗଲେ

Digitized by srujanika@gmail.com

ଜୁହାପିବ, ଏମାନେ ସ୍ୱଧର୍ମ ଆଚରଣ କରନ୍ତି ଓ ଫଳରେ ଅସହିଷ୍ଣୁ ହୁଅନ୍ତି । ଅସହିଷ୍ଣୁତା ହେତୁରୁ, ଏଇ ଦଳ ବୃଦ୍ଧି ଓ ଦଳ ରକ୍ଷାର ଏକାନ୍ତ ଉପାଦାନ ଓ ଅବଲମ୍ବନ । ଥିଓରିରେ ଏହାକୁ 'ଖଲ୍ଲଧର୍ମ' କହନ୍ତି । ଖଲ୍ଲର ମନୋବୃତ୍ତି ସଙ୍ଗେ ଭଲ୍ଲୁକର ମନୋବୃତ୍ତି ବେଶ୍ ତୁଳନା କରାଯାଇପାରେ । ଖଲ୍ଲ, ମାଂସାଶୀ ନୁହେଁ, ସେ ମଣିଷ ଖାଏ ନାହିଁ । କିନ୍ତୁ ମନୁଷ୍ୟକୁ ଦେଖିଲେ ସେ ଭାବେ—ଏ ମତେ ମାରିବ କି ବୋଲି । ସେଥିପାଇଁ ସେ ମନୁଷ୍ୟକୁ ସଂପୂର୍ଣ୍ଣ ବାଂଗୁଡ଼ି ପକାଏ । ଏମାନେ ସେହିପରି ଜଗତକୁ ଡରନ୍ତି; ବାହ୍ୟିକନା, ଏମାନେ ମନୁଷ୍ୟର ସ୍ୱାଧୀନ ଚିନ୍ତା ଓ ଯୁକ୍ତିକୁ ଡରନ୍ତି ଓ ପାଳିତ ପଶୁ ପ୍ରାଣୀପରି ନିଜ ଅନ୍ନଦାତା ପକ୍ଷକୁ ସବୁ ଆକ୍ରମଣ ବା ଆଶଙ୍କାରୁ ଜଗିଲା ପରି, ଏମାନେ ନିଜ ସ୍ୱର୍ଗୀୟ ବିଧାତା ଓ ସ୍ୱର୍ଗଦାତା ଉପାସ୍ୟଙ୍କୁ ଅନ୍ୟର ଆକ୍ରମଣ ଓ ଆକ୍ରମଣ ଶଙ୍କାରୁ ରକ୍ଷା କରନ୍ତି । ଭାରତୀୟ କୃଷ୍ଣଭକ୍ତ ବୈଷ୍ଣବଙ୍କଠାରୁ ଇହୁଦୀ ଖ୍ରୀଷ୍ଟାନ ମୁସଲମାନ ପର୍ଯ୍ୟନ୍ତ ସବୁ ଭକ୍ତି ଧର୍ମରେ ଏଇ ଲକ୍ଷଣମାନ ସ୍ପଷ୍ଟ । ଲାଂଛନ ଓ ଅସହିଷ୍ଣୁତା ବା ପରସ୍ପର ଦ୍ୱେଷ ଏମାନଙ୍କର ନିତ୍ୟ ବୃତ୍ତି ଓ ନିତ୍ୟଧର୍ମ । ମନେ ରଖିବାର ଅଛି, ସମାଜରେ ଉଦାର ମନସ୍ୱୀ ଦାର୍ଶନିକମାନଙ୍କ ଭିତରେ ସାମ୍ୟଧର୍ମୀ ବୋଲି ନିଜର ଇଜ୍ଜତ୍ ସମ୍ଭାଳିବା ପାଇଁ ଏମାନେ ଯେଉଁ ମୈତ୍ରୀର ଛଦ୍ମ କରନ୍ତି, ତାର ନାମ ହେଉଛି, ସହିଷ୍ଣୁତା, ଇଂରେଜୀରେ Tolerance । ସହିବାରେ ସାମ୍ୟ ଫୁଟିବାର ନୁହେଁ; ଫୁଟେ ନାହିଁ । କଥାରେ କହନ୍ତି, ପଚାରିଲେ ନାହିଁ, ଆଜ୍ଞା ଭକ୍ଷଣ କରିବ ? ପଚାରିବାରେ ଯେପରି ଡର ଛାଡ଼େ ନାହିଁ, ସହିଷ୍ଣୁତା, ଅର୍ଥାତ୍, ସହିବା ବା ସମ୍ଭାଳିବାରେ ସେହିପରି ଅନାଦର ତୁଟେ ନାହିଁ । ସହିଷ୍ଣୁତା, ମୈତ୍ରୀ ତ ନୁହେଁ; ଏହା ବରଂ ମୈତ୍ରୀର ବିରୋଧୀ । ଏଇ ସାମାନ୍ୟ କଥାଟା ଭକ୍ତ

Digitized by srujanika@gmail.com

ବୁଝନ୍ତି ନାହିଁ । ବରଂ ଭାଗବତରୁ ପ୍ରାମାଣ୍ୟ ବଚନ ଦିଅନ୍ତି, 'ତରୋରପି ସହିଷ୍ଣୁନା, କୀର୍ତ୍ତନୀୟଃ, ସଦାହରିଃ ଅର୍ଥାତ୍, ହରିକୀର୍ତ୍ତନର ଅଧିକାରୀ ବୃକ୍ଷ ଗଛଠାରୁ ଅଧିକ ସହିଷ୍ଣୁ ହେବ । ସ୍ୱଧର୍ମ ସାଧନାର ଢଂଗ ନମ୍ରତା ବା ଯୋଗ, ଏ ନୁହେଁ । ସହିଗଲେ, ହୁଏତ ଭଲଯିବ; ବଦଳି ଯିବ ନାହିଁ ।

## ଭୁଲାଇବା

ଭକ୍ତିଧର୍ମକୁ ବୁଝି ଓଡ଼ିଆ ସଭ୍ୟତାର ମହା ଜଗନ୍ନାଥ ମୈତ୍ରୀଧର୍ମକୁ ନିର୍ମଳ କରି ଦେଖାଇବାରେ ନାନା ଭାବରେ ନାନା ସନ୍ଦର୍ଭରେ ଏସବୁ ଲକ୍ଷଣ ଓ ଗୁଣ ବାରଂବାର କହିବାକୁ ହେବ । ସେସବୁ କହିବା ବିଶେଷ ଦରକାର । କାହିଁକନା, ଭକ୍ତି ଧର୍ମର ପରଂପରା ଓ ପ୍ରତିଷ୍ଠା ମାନବ ସମାଜରେ ବଡ଼ ଦୃଢ଼ । ଲୋକଙ୍କୁ ଡରାଇ, ଲୋଭାଇ ବା ଅନ୍ୟ ଯେ କୌଣସି ପ୍ରକାରରେ ଭୁଲାଇ ନିଜର ଦଳ ଭାରି କରିବାର ପରଂପରା ଏଥିରେ ସଭ୍ୟତାର ଆଦିମ କାଳରୁ ଚାଲି ଆସିଛି । ଭୁଲାଇବା କଥାଟିର ଅର୍ଥ ହେଉଛି, ଭଲ ବୋଲି ମନାଇ ନେବା—ଖରାପକୁ ଭଲ ବୋଲି ବୁଝାଇ କୌଣସି ଖରାପ କାର୍ଯ୍ୟରେ ପ୍ରବର୍ତ୍ତାଇ ନେବା । ଧର୍ମ ପ୍ରଚାର, ପୃଥିବୀରେ ଠିକ୍ ସେଇ କଥା । ଅବଶ୍ୟ ଭଲ ଜିନିଷଟାଏ ବୁଝାଇ ବୁଦ୍ଧିକୁ ସଫାଠିକ ବା ସୂକ୍ଷ୍ମ-ଦଳ ଯୁକ୍ତ କରିଦେବା ଅଲଗା କଥା । ସେଥିରେ କେତେକ କଥା ଶ୍ରଦ୍ଧା ବା ବିଶ୍ୱାସରେ ଗ୍ରହଣ କରିବାକୁ ହୁଏ । ଧର, ଶିକ୍ଷକ ଯଦି ଶିଷ୍ୟକୁ କହନ୍ତି, ହିମାଳୟ ୨୯୧୪୧ ଫୁଟ ଉଚ୍ଚ, ଶିଷ୍ୟ ତା ଗ୍ରହଣ କରେ । କିନ୍ତୁ ଏଇ ଉପମାରେ ଭକ୍ତି ଧର୍ମ ପ୍ରସ୍ତୁତିକୁ ଠିକ୍ ବୋଲି କହିବା ଚଳିବ ନାହିଁ । ଭକ୍ତିରେ ଯୁକ୍ତି ନାହିଁ । ଶ୍ରଦ୍ଧା ସେଠି ପ୍ରଭୁର

Digitized by srujanika@gmail.com

ସହାୟକ ନୁହେଁ, ବରଂ ସ୍ୱର୍ଗର ପ୍ରତିଷେଧକ । ଉଦ୍ଧାରକାର ସ୍ୱର୍ଗ ପୁଣି ବଡ଼ କଥା । ଏଇ ଯେଉଁ ଗୌଡ଼ୀୟ ବୈଷ୍ଣବଙ୍କ ଧର୍ମାର୍ଥ ଯୌନଚର୍ଯ୍ୟା, ତାକୁ ଅତି ବ୍ରହ୍ମଚର୍ଯ୍ୟ-ପର ଜୈନଙ୍କ ଭିତରେ ପ୍ରଚଳ-ନର ଉଦ୍ୟମ ଦେଖ । ଜୈନମାନଙ୍କର ଗୋଟିଏ ହରିବଂଶ ବୋଲି ପୁରାଣ ଅଛି । ସେଇଟି ହିନ୍ଦୁ ହରିବଂଶର ଅନୁକୃତ, ଓ ସେଥିରେ ହିନ୍ଦୁ ହରିବଂଶ ମହାଭାରତର ଅଂଶରୂପେ ଗୃହୀତ ହୋଇଛି, ତା ଜାଣିବାଭଳି ପ୍ରାମାଣିକ ଅନୁସନ୍ଧାନ ହୋଇ ନାହିଁ । ସେ ଯାହେଉ, ସେଇ ଜୈନ ହରିବଂଶରେ ବିଧାନ ଅଛି, ସିଦ୍ଧ ତୀର୍ଥଙ୍କର ପ୍ରଭୃତିଙ୍କ ମୂର୍ତ୍ତି ରଖିବାର ଯେଉଁ ମନ୍ଦିର କରିବ, ସେଥିରେ ବାହାରେ ନୁହେଁ, ଦେହରେ କାମଦେବ ଓ ରତିଙ୍କ ମୂର୍ତ୍ତି ନିର୍ମାଣ କରି ରଖିବ । ସେଥିର କାରଣ ପୁଣି ସେଇ ଗ୍ରନ୍ଥରେ ଦିଆ ହୋଇଛି, ଏଇସବୁ ଯୌନଲୀଳାର ମୂର୍ତ୍ତି ଦେଖିବା ପାଇଁ ଲୋକେ ଆକୃଷ୍ଟ ହୋଇ ସେଠାକୁ ଆସିବେ ଓ ଆସିଲେ, ଧର୍ମ କଥା ଶୁଣିବେ । ଆମ ମନ୍ଦିରମାନଙ୍କରେ ଯେଉଁ ସବୁ ଯୌନଚର୍ଯ୍ୟାର ମୂର୍ତ୍ତି ଖୋଦିତ ଅଛି, ତାର ମୂଳ ଏଇଠାରେ ବୋଲି ମଧ୍ୟ କାହାରି କାହାରି ମତ । କିନ୍ତୁ ସେଥିରୁ ଆମ ମନ୍ଦିର ଦେହରେ ଥିବା ମୂର୍ତ୍ତି ବାହାରିଛି, ଓ ଆମ ମନ୍ଦିର ଦେହରେ ଥିବା ମୂର୍ତ୍ତି ଯେଉଁ ଚର୍ଯ୍ୟା ଓ ଯେଉଁ ବିଦ୍ୟା ବା ସାଧନାକୁ ବାହାରୁଛି, ସେଇ-ଥିରେ ଜୈନର ମନ୍ଦିର ନିର୍ମାଣ କଳା ପ୍ରଭାବିତ ହୋଇଥିଲା, ସେ କଥାର ବିଚାର ଏଠି ନୁହେଁ । ତା ଯଥାସ୍ଥାନରେ ହୁଏତ କରିହେବ ।

## ବିଭୂତି

ସିଦ୍ଧ ବୋଇଲେ, ନିଗ୍ରହାନୁଗ୍ରହ ସମର୍ଥ ପୁରୁଷ । ଯାହା-କରେ ସେ ଏ ଶକ୍ତିପଣିଆ କରି ପାରନ୍ତି, ସେ ସବୁ ହେଲା,

Digitized by srujanika@gmail.com

ବିଭୂତି, ଅର୍ଥାତ୍, ଶକ୍ତିର କରଣୀ ବା କ୍ରିୟା । ଏହି ଶକ୍ତି-ପୁରୁଷ ହେଉଛନ୍ତି, ଈଶ୍ୱର ଓ ଏହି ବିଭୂତିର ଅନ୍ୟ ନାମ ହେଉଛି ଐଶ୍ୱର୍ଯ୍ୟ । ଭକ୍ତମାନେ ଏହି ଐଶ୍ୱର୍ଯ୍ୟକୁ ବର୍ଣ୍ଣନା କରି ଏହାକୁ ଅଣିମାଦି ଅଷ୍ଟଧା ବା ଆଠପ୍ରକାରରେ ନିର୍ଦ୍ଦେଶ କରିଛନ୍ତି, ତା ହେଲା:—

"ଅଣିମା ଲଘିମା ବ୍ୟାପ୍ତିଃ ପ୍ରାକାମ୍ୟଂ ମହିମା ତଥା
ଈଶିତ୍ୱଂ ଚ ବଶିତ୍ୱଂ ଚ ତଥା କାମାବସାୟିତା" ।

(ଅଣିମା=ଅଣୁଠାରୁ ସୂକ୍ଷ୍ମ ହେବା; ଲଘିମା=ଅତି ହାଲୁକା ହୋଇ ସୂର୍ଯ୍ୟଲୋକ ପର୍ଯ୍ୟନ୍ତ ଛୁଟିବାର କ୍ଷମତା; ବ୍ୟାପ୍ତି=ସବୁଠି ବ୍ୟାପି ରହିବା ଶକ୍ତି; ପ୍ରାକାମ୍ୟ=ଯେପରି ଇଚ୍ଛା ହେବ, ସେପରି ହେବା ବା କରିବାର କ୍ଷମତା; ମହିମା=ଯେତେ ଇଚ୍ଛା ସେତେ ବଡ଼ ହୋଇ ପାରିବାର କ୍ଷମତା; ଈଶିତ୍ୱ=ସମସ୍ତଙ୍କୁ ଶାସନରେ ରଖି ଚଳାଇବାର କ୍ଷମତା; ବଶିତ୍ୱ=ସମସ୍ତ ପ୍ରାଣୀଙ୍କୁ ବଶ କରିବାର ଶକ୍ତି; କାମାବ-ସାୟିତା=ଯେଉଁ ଭୋଗ ଇଚ୍ଛା କରିବ, ତା ପାଇପାରିବାର କ୍ଷମତା ।) ଏହି ଶକ୍ତି ବା ଈଶ୍ୱରଙ୍କୁ ମନୁଷ୍ୟ ନାନା ଭାବରେ ନାନା ଦେଶ-ସ୍ଥିତିରେ ଅତି ଆଦିମ କାଳରୁ କଳ୍ପନା କରି ଆସିଛି । ଏହି କଳ୍ପନାକୁ ସତ୍ୟ କରିବାରେ କାଳରେ ନାନା ଯୁକ୍ତି ଓ ଦର୍ଶନର ଧକ୍କା ବାଜିବାରୁ ମାନବର ଏହି କଳ୍ପନା କ୍ରମେ ଏକେଶ୍ୱର-ବାଦରେ ପରିଣତ ହୋଇ, ଭକ୍ତର ଅସିହିଷ୍ଣୁତାର ଚକ୍ଷିରେ ଆହୁତ ହୋଇ ଆସିଛି । ମାନବ ନିଜଶକ୍ତିରେ ବହୁ କାର୍ଯ୍ୟ କରୁଥାଏ; ପ୍ରକୃତିକୁ ଅଧୀନ କରେ, ଶାସନ କରେ; ନିଜର ଭାଗ୍ୟ ଓ ପରିସ୍ଥିତି ତିଆର କରେ, ଭୋଗ କରେ । ତଥାପି ବେଳେବେଳେ ଯାହା ଘଟେ ସେଥିରେ ତାର କଳନା ଓ କ୍ରିୟାର କିଛି ଫଳ ହୁଏ ନାହିଁ । ସେ ନିରାଶ୍ରୟ ହୋଇ ପ୍ରକୃତିର କ୍ରୀଡ଼ନକ ମାତ୍ର ହୁଏ । ସେଥିରେ ସେ ଅଜ୍ଞା

Digitized by srujanika@gmail.com

ଲୋକେ ଓ ସେହି ଅଶରୀରୀକୁ ନିଜପରି ପୁରୁଷ ବୋଲି କଳ୍ପନା କରି ସୁଖୀ ହୁଏ । ସେଥିରେଇ ନିଜେ ନ କରି ପାରିବା ଭଳି ସାଧାରଣ ମନୁଷ୍ୟ ପକ୍ଷରେ ଆଦୌ ସମ୍ଭବ ନ ହେଲା ଭଳି, ଅଦ୍ଭୁତ କ୍ରିୟାମାନ ସେହି ଅଶରୀରୀ ପୁରୁଷଠାରେ ଆରୋପ କରି ତାକୁହିଁ ସତ୍ୟ ବୋଲି ଧରିବସେ । ସେ ସବୁ କ୍ରିୟା କର୍ମରେ ମାନବୀୟ ଯୁକ୍ତି ବା ଶୃଙ୍ଖଳା ନ ଥାଏ । ଆମରି ଦେଶରେ ପ୍ରଚଳିତ ଓ ସ୍ୱୀକୃତ କଥାରେ ଦେଖଃ—ମନୁଙ୍କ ପରି ଆଦିମ ପୁରୁଷ ଯେବେ ସୁପୁତ୍ର ମାନବମାନଙ୍କର ସ୍ରଷ୍ଟା ଓ ଶାସକ ଥିଲେ, ତାଙ୍କ ବାପ ପିତାମହ ବ୍ରହ୍ମା ଯେବେ କପରି କେଉଁଠୁ ଗୋହାଣ କ ସୃଷ୍ଟି କଲେ ଓ ମନୁଷ୍ୟ ସମାଜକୁ ବେଦ ଦେଲେ, ତାଙ୍କ ବାପ ନାରାୟଣ ସମୁଦ୍ରରେ ବାସୁକିକୁ ପହଁରାଇ ତା ପିଠିରେ ଶୋଇ ତା ଫଣାଗୁଡ଼ିକୁ ଛତା କରି, ପାଖରେ ଲକ୍ଷ୍ମୀ ସରସ୍ୱତୀଙ୍କୁ ବସାଇ, ଗୋଡ ଘସାଇ, କପରି ଯେବେ ସୃଷ୍ଟି ପୂର୍ବରୁ ଲକ୍ଷ୍ମୀସରସ୍ୱତୀ-ଲୋଲୁପ ମଧୁ କୈଟଭକୁ ମାରି, ତାଙ୍କରି ମେଦ (ମାଂସ) କୁ ସମୁଦ୍ର ପାଣିରେ ଚକଟି 'ମେଦିନୀ' ତିଆରି କଲେ, ଲକ୍ଷ୍ମୀ ସରସ୍ୱତୀଙ୍କ ପରି ସୁନ୍ଦରୀ ସାଧ୍ୱୀ ପତ୍ନୀ ଥିବାସ୍ଥଳେ ନିଜ ନାଭିରୁ ଏକ ପଦ୍ମ କାଢ଼ି, ସେଇଥିରେ ବ୍ରହ୍ମାଙ୍କୁ ବିନା ମାଆରେ ଜନ୍ମକରି, ସେଇ ମେଦିନୀ ଉପରେ ସୃଷ୍ଟି ତିଆରି କରିବାକୁ ବରଗି ଦେଲେ—ସେ ସବୁରୁ ମାନବ ଯୁକ୍ତି-ଶୃଙ୍ଖଳା ଓ ପୂର୍ବ ପର ସଙ୍ଗତି ଲଗାଇ ବୁଝି ବୁଝାଇବାର ଶକ୍ତି ସେଇ ବ୍ରହ୍ମା କାହିଁକି ସ୍ୱୟଂ ସେଇ ନାରାୟଣ ବା ଜଳଶାୟୀ ବିଷ୍ଣୁଙ୍କର ବି ଅଛି, କି ନା ସଂଦେହ । ମଧ୍ୟଯୁଗୀୟ ଅଳଂକାର ଶାସ୍ତ୍ରରୁ ରୂପକ ବା ଉପମା ଅଳଂକାରକୁ ଆଣି ଯେତେ ଲଗାଇଲେ ମଧ୍ୟ ସେ ସଂଦେହର ନିରସନ ନାହିଁ । ସୃଷ୍ଟି ଓ ପାଳନର ବହୁ-ନାୟକ-ଭାବ ଏଡ଼ି ଏଇ ନାରାୟଣୀୟ ଧାରଣା ଏକେଶ୍ୱର

Digitized by srujanika@gmail.com

ଅଡ଼କୁ ଯାଇ ହିନ୍ଦୁ ଖ୍ରୀଷ୍ଟ ଓ ମୁସଲମାନ ଧର୍ମ ସବୁ ଶ୍ରେଷ୍ଠଧର୍ମର ମଞ୍ଚକୁ ଉଠିଲା ବୋଲି ଯୁକ୍ତି କରି ଅନେକ ବକ୍ତା ଓ ବୁଦ୍ଧିମନ୍ତଙ୍କୁ ଭୟହେତୁ ନିବାରଣ କରିବାର ଉଦ୍ୟମ କଲେ ମଧ୍ୟ, ଏ ମଞ୍ଚରେ ସେ ଦଂଗଲକୁ ଶାନ୍ତ କରି ଖେଳାଇବାର ଉପାୟ ନାହିଁ । କାହିଁକି ନା, କୌଣସି ଭକ୍ତିଧର୍ମ ଅନ୍ୟ ଭକ୍ତି ଧର୍ମ ସଙ୍ଗେ ସମାନ ହୋଇ ନ ପାରେ, ସମାନ ନୁହେ । ନା, ଠିକ ନୁହେ । ପ୍ରତ୍ୟେକ ଭକ୍ତିଧର୍ମ ଅନ୍ୟସବୁ ଭକ୍ତିଧର୍ମଠାରୁ ବଡ଼ । ଏତା ବୈଷ୍ଣବଙ୍କ ଭିତରେ କଏ ନାକ ଅଗରୁ ତିଳକ କାଟିବ, କଏ ନାକ ମୂଳରୁ କାଟିବ, ଏଇ ଟିକକ ଝଗଡ଼ା ଅଦ୍ୟାପି ତୁଟିନାଇ । ସହିଷ୍ଣୁତାର ଏଠି ଅର୍ଥ ବା ମୂଲ୍ୟ କଣ ? କିଂତୁ ସୃଷ୍ଟି ଯା ହେଉ, ଦର୍ଶନ ଯା ହେଉ, ଅଦ୍ଭୁତ କ୍ରିୟାର ପ୍ରଚାର ଓ ପ୍ରସାର ଏ ସବୁଥିରେ ବର୍ଣ୍ଣନର କ୍ରମ ବର୍ଦ୍ଧମାନ ପରଂପରାରେ ସ୍ଥଳିତ । କୃଷ୍ଣ ଗୋବର୍ଦ୍ଧନ ପର୍ବତକୁ ଟେକିଧରି ଗୋକୁଳର ନର-ନାରୀ-ଗୋଧନାଦିଙ୍କୁ ସାତଦିନ ବ୍ୟାପୀ 'ଶିଳାପାତ ପଥର ବୃଷ୍ଟି'ରୁ ରକ୍ଷା କରିବା ଓ ଖଣ୍ଡେ ରୁଟିରେ ୫୦୦୦୦ କ୍ଷୁଧିତ ଲୋକଙ୍କୁ ପୂରା ଖାଇବାକୁ ଦେଇପାରି ମରି ଜୀଅନ୍ତା ହୋଇଥିବା ଯୀଶୁଖ୍ରୀଷ୍ଟ ମରିବାର ୪୦ଦିନ ପରେ କବରରୁ ଉଠି-ଆସି ଶିଷ୍ୟମାନଙ୍କୁ ଦର୍ଶନ ଦେଇ ପିତାଠାରୁ ଶୀଘ୍ର, ପୟଗମ୍ବର, ଅବତାର, ପ୍ରଫେଟ୍, ସନ୍ଥ ଓ ଶ୍ରେଷ୍ଠ ଭକ୍ତମାନଙ୍କ ଦାର୍ଶନିକତା ଭକ୍ତି-ଗ୍ରନ୍ଥ-ସୁଲଭ ବହୁ ଦୈନନ୍ଦିନ ଚଳଣିରେ ବହୁ ଅଦ୍ଭୁତ କ୍ରିୟାର ଗଳ୍ପ ଶୁଣା ଅଛି । ଭକ୍ତଙ୍କର ପୁଣି ସେ ସବୁ ନିତ ତଥ୍ୟ ଲାଗେଣି । ତା ନ ହେଲେ, ଭକ୍ତର ଯେ ଭଗବାନ୍, ତାଙ୍କ ମହିମା କୀର୍ତ୍ତନ କରି ସାମାନ୍ୟ ଜନକୁ ଭୁଲାଇବାର ଅନ୍ୟ ଉପାୟ ବା କଅଣ ଅଛି ? ଜଣେ କୃତବିଦ୍ୟ ଓ ଯୁକ୍ତିବାଦୀ ବୋଲି ପରିଚିତ ଖ୍ରୀଷ୍ଟିୟାନ ହୋଇଥିବା ଲୋକ କହିବାର ମୁଁ ଜାଣେ, ତାଙ୍କର ଅତ୍ୟନ୍ତ

Digitized by srujanika@gmail.com

ଅର୍ଦ୍ଧରାତ୍ର ବେଳେ ନିଜେ ଯିଶୁଖ୍ରୀଷ୍ଟ ଅଜ୍ଞାତ ଭାବରେ ତାଙ୍କ ଯୁବତୀ ପତ୍ନୀଙ୍କ ହାତେ ସମସ୍ତଙ୍କ ଅଜ୍ଞାତରେ ତାଙ୍କ ନିଜ ଖର୍ଚ୍ଚ ପାଇଁ ଟଙ୍କା ଦେଇଯାନ୍ତି । ନବ ଖ୍ରୀଷ୍ଟୀୟାନ ଭକ୍ତଙ୍କ ଯିଶୁଖ୍ରୀଷ୍ଟ ସାକ୍ଷାତ୍‌ଗୋପାଳଙ୍କ ପରି ବଂଶୀଧାରୀ ହୋଇଥିଲେ; ଯୁବତୀ ପତ୍ନୀଙ୍କ କୋଳରେ ସଦା-ନନ୍ଦ ବୋଧହୁଏ, ବଂଶୀଟି ଦ୍ୱିଜକନ୍ୟା ଲକ୍ଷ୍ମୀ କୋଳରେ ପଡ଼ି ରହିଲା ପରି ପଡ଼ି ରହୁଥାନ୍ତା । ମାତ୍ର ଯିଶୁ ଭକ୍ତର ସେ ସୌଭାଗ୍ୟ କାହିଁ ? କୌଣସି ତଥାକଥିତ ସିଦ୍ଧ ବାବାଜୀ ଏବେ ବନା ନିଅଁରେ ଅକସ୍ମାତ୍ ଆଶ୍ଚର୍ଯ୍ୟଜନକ ଭାବରେ ଧଇମ ଲଗାଇ ଦେବାର ଅଦ୍ଭୁତ ବିଭୂତି ଦେଖାଇ ଜଣେ ବିଶ୍ୱ ବିଦ୍ୟାଳୟ ଉପାଧିଧାରୀ ଲୋକଙ୍କୁ ବଡ଼ ଶିଷ୍ୟଟାଏ କରି ପକାଇଥିବା କଥା ମୁଁ ନିଜେ ଜାଣେ ।

## ଜଗନ୍ନାଥରେ ଆକ୍ଷେପ ଓ ଅପଲାପ

ସହଜିଆ ଓ ଗୌଡ଼ୀୟ ବୈଷ୍ଣବେ ବହୁ ଚେଷ୍ଟାକରି ମଧ୍ୟ ଜଗନ୍ନାଥଙ୍କୁ କୃଷ୍ଣ କରିପାରି ନାହାନ୍ତି; ତେଣୁ ପରକୀୟା-ପ୍ରେମ -ଧର୍ମ ଜଗନ୍ନାଥରେ ପଶି ପାରି ନାହିଁ । ମାତ୍ରାସ୍ତେ 'ଚକ୍ରସିଂହାର' ବେଳେ ପ୍ରତିଦିନ ଚନ୍ଦ୍ରଭାଲ୍ ଜୟଦେବଙ୍କ ଗୀତ ଗୋବିନ୍ଦ ବୋଲୁଛନ୍ତି, ସହଜିଆ ଓ ଗୌଡ଼ୀୟମାନେ ମାତ୍ରାଧିକ ଦେଉଳରେ ସହଜ ଭକ୍ତ ବୋଲି ଦରବାର ପଶୁଛନ୍ତି, ଯେତେବେଳେ ସେଇ ଚଳିତରେ ଭଳି 'ପତିତପାବନାଷ୍ଟକ' ଜଗନ୍ନାଥଙ୍କ ଆଗେ ବୋଲି ସ୍ତୁତି କରୁ-ଛନ୍ତି, କିନ୍ତୁ ପୁରୀ ଏବେ ବି ବୃନ୍ଦାବନ ବା ନବଦ୍ୱୀପ ହୋଇ ନାହିଁ, କିଂବା ଜଗନ୍ନାଥେ ଗୋପୀ ଓ ରାଧାଙ୍କ କିଶୋର କୃଷ୍ଣ ହୋଇ ନାହାନ୍ତି । ଶ୍ରୀମଦ୍‌ଭଗବଦ୍‌ଗୀତାର କୃଷ୍ଣଙ୍କ ସଙ୍ଗେ ତାଙ୍କୁ ଏକ ବୋଲି ଦେଖାଇବାର ଚେଷ୍ଟା ହୋଇଛି । କିନ୍ତୁ ସେ ଚେଷ୍ଟାର ଫଳରେ କୃଷ୍ଣ ହୋଇଛନ୍ତି, ପୁରୁଷୋତ୍ତମ ବା ଜଗନ୍ନାଥ; ପୁରୁଷୋତ୍ତମ, କୃଷ୍ଣ ହୋଇ ନାହାନ୍ତି । କୃଷ୍ଣ ସେଠି କହୁଛନ୍ତି:—

Digitized by srujanika@gmail.com

"ଯସ୍ମାତ୍ କ୍ଷରମତୀତୋଽହଂ
ଅକ୍ଷରାଦପି ଚୋତ୍ତମଃ
ଅତୋଽସ୍ମି ଲୋକେ ବେଦେ ଚ
ପ୍ରଥିତଃ ପୁରୁଷୋତ୍ତମଃ ।"

—ଗୀତା, ଅ-୧୫, ଶ୍ଳୋ-୧୮ ।

(ଏଇ ଗ୍ରନ୍ଥର ପ୍ରଥମ ଭାଗ ୧୭୮ ପୃଷ୍ଠା ଦେଖ) ।

ମହାଭାରତୀୟ ଉପାଖ୍ୟାନ (ଶାନ୍ତିପର୍ବଶେଷ ୧୮ ଅଧ୍ୟାୟ) ରେ ମଧ୍ୟ ଜଗନ୍ନାଥଙ୍କୁ ସାକ୍ଷାତ୍ ନାରାୟଣ ବୋଲି କୁହା ଯାଇଛି । ଏହାର ଅର୍ଥ ହେଉଛି, ଯେଉଁ ନାରାୟଣୀୟ ଧର୍ମ କଥା କୁହାଯାଉଛି, ସେଇଟି ହେଉଛି, ପ୍ରକୃତ ଜଗନ୍ନାଥ ଧର୍ମ । ସେଇଠାରେ ମଧ୍ୟ କୁହାଯାଇଛି, ଏଇ ଧର୍ମ, ଅର୍ଥାତ୍, ଏଇ ଜଗନ୍ନାଥ ଧର୍ମଇ 'ହରିଗୀତା' ବା 'ଭଗବତ୍ ଗୀତା' ରେ ଶୃଙ୍ଖଳିତ ଓ ଯୁକ୍ତି-ଯୁକ୍ତ ଭାବରେ ବୁଝାଇ କୁହା ଯାଇଛି । ବୈଶମ୍ପାୟନ ସେଠି ଜନ୍ମେଜୟଙ୍କୁ କହୁଛନ୍ତି:—

"ଏଷ ଧର୍ମୋ ଜଗନ୍ନାଥାତ୍
ସାକ୍ଷାତ୍ ନାରାୟଣାତ୍ ନୃପ
ନାରଦେନାନୁସଂପ୍ରାପ୍ତଃ ।
ସରହସ୍ୟଃ ସସଂଗ୍ରହଃ ।
ଏବମେଷ ମହାନ୍ ଧର୍ମଃ
ସ ତେ ପୂର୍ବଂ ନୃପୋତ୍ତମ
କଥିତୋ ହରିଗୀତାସୁ
ସମାସ-ବିଧି କଳ୍ପିତଃ ।"

(ଶାନ୍ତି ପର୍ବ—ଅଧ୍ୟାୟ ୩୪୭—ଶ୍ଳୋକ ୧୦, ୧୧—ବଙ୍ଗବାସୀ ସଂସ୍କରଣ)

Digitized by srujanika@gmail.com

## ଚଳନ୍ତି ବିଷ୍ଣୁ

ଚଳନ୍ତି ବିଷ୍ଣୁ କଥାଟି ଏ ସଂପର୍କରେ ହଠାତ୍ ମନେ ପଡ଼େ । ପୁରୀ ରାଜାଙ୍କୁ ଏବେ ବି ଯାତ୍ରୀ କହନ୍ତି ଠାକୁର ରଜା—ଭଦ୍ର, ସଂସ୍କୃତ ଭାଷାରେ ସ୍ଥାନୀୟ ଲୋକେ, ତଥା ଯାତ୍ରୀଏ, ସମସ୍ତେ କହନ୍ତି ଚଳନ୍ତି ବିଷ୍ଣୁ । ହଠାତ୍ ମନେ ହେବ, ଓଡ଼ିଶା ରାଜାଙ୍କର ଏ ନାମଟି ମଧ୍ୟ ଗୌଡ଼ୀୟ ବୈଷ୍ଣବଙ୍କ କୀର୍ତ୍ତି । ଯେଉଁଠାରେ 'ଗୌର ସୁନ୍ଦର' ଙ୍କର ସ୍ୱୟଂ ମହାରାଜ, ଯାହାର ସଙ୍ଗେ, ଏକ ହୋଇ ବୈଷ୍ଣବ ନୀତିକୁ ନିଜ ଜିହ୍ୱାରେ ଅଙ୍ଗୀକାର କରିଥିଲେ, ସେଠି 'ଚଳନ୍ତି ବିଷ୍ଣୁ' ଭଳି କଥାଟା ରାଜାଙ୍କଠାରେ ଲାଗିବା ଅଦ୍ଭୁତ ନୁହେଁ । ଅବଶ୍ୟ ମିଥ୍ୟା ରଚନାରେ ଏହା ଯେପରି ଧାଂଶ ଅନୁପାନ ଭଳି କଥାରେ ଲଗାଇ ଦିଆଯାଇଛି, ତା ଗୌଡ଼ୀୟ ବୈଷ୍ଣବଙ୍କ ଛଡ଼ା ଅନ୍ୟ କାହାରି କର୍ମ ନୁହେଁ । ମାତ୍ର ଏ କଥାଟିର ପରଂପରା ଅନ୍ୟଭାବରେ ବହୁ ପ୍ରାଚୀନ ବୋଲି ମନେ ହେଉଛି । କେବଳ ନୁହେଁ, ଓଡ଼ିଶାର ସଂସ୍କୃତରେ ପ୍ରାଚୀନ ବାବିଲନ ପୁସ୍ତକରେ ଅତି ପ୍ରାଚୀନ କାଳରେ ଚଳୁଥିବା ବହୁ ଅସୁର ଈଶ୍ୱରଙ୍କର ସଂକେତମାନ ଦେଖାଯାଏ । ଏହା ସେଇଥିରୁ ଗୋଟିଏ । ଅନେକେ ପୁଣି ବିସ୍ମିତ ହେବେ, ଓଡ଼ିଶାର ଏଇ 'ଚଳନ୍ତି ବିଷ୍ଣୁ' ପରଂପରାଟି ସଂଗେ ସେସବୁ ଦେଶମାନଙ୍କର ରୀତିନୀତି ଏକପ୍ରକାର ଧରଣର ମିଳି ଯାଉଛି । କୌଣସି ରାଜାଙ୍କୁ ଉପାସ୍ୟ ଦେବଙ୍କ ଶ୍ରେଷ୍ଠ ସେବକ କରି, ତାଙ୍କୁ ସେଇ ଦେବଙ୍କ ଚଳନ୍ତି ସ୍ୱରୂପ ବୋଲି ମନେ କରିବା, ଆଉ [illegible]ଠାରେ ପୁଣି ଥିବାର ଜଣାନାଇ । ଏହା ଥିଲ ବାବିଲନ, ଇଜିପ୍ଟ ପ୍ରଭୃତିରେ—ବିଶେଷରେ ପୁଣି ନିଗ୍ରଜ୍ଞଙ୍କର ସ୍ତବରେ ଅସୁରଦେଶରେ, ଅସୁରଙ୍କ ଭିତରେ ଓ ତାଙ୍କ ଉପାସ୍ୟ ଅସୁରଙ୍କ-ଠାରେ । ଏଠି ପୁଣି ମନେ ରଖିବାର ଅଛି, 'ସେଇ' ଦେଶର ନାମ

Digitized by srujanika@gmail.com

ଥିଲା 'ଅସୁର' ବା ଅସୁର ଦେଶ; (ପରବର୍ତ୍ତୀ କାଳରେ ଗ୍ରୀକ-
ମାନେ ତାକୁ କହୁଲେ ଅସିରିଆ); ସେଠା ଲୋକଙ୍କ ନାମଥିଲା,
'ଅସୁର'; ପୁଣି ଉପାସ୍ୟଙ୍କ ନାମଥିଲା 'ଅସୁର'। ଇଜିପ୍ଟ, ବାବି-
ଲନ ପ୍ରଭୃତି ଦେଶ ଓ ସାମ୍ରାଜ୍ୟମାନଙ୍କରେ ଅତି ପ୍ରଥମେ ହୁଏତ
ରାଜାମାନେ ଥିଲେ ଉପାସ୍ୟ ବା ଉପାସ୍ୟଙ୍କ ଶ୍ରେଷ୍ଠ ଉପାସକ। କିନ୍ତୁ
ପରବର୍ତ୍ତୀ କାଳରେ ସେସବୁଠି ଉପାସ୍ୟଙ୍କ ସମ୍ପର୍କରେ ପୁରୋହିତ-
ମାନେ ପ୍ରତିଷ୍ଠା ପାଇଥିଲେ ଓ ସମାଜରେ ଆଗ ପୁରୋହିତ,
ତାପରେ ରାଜା ସ୍ଥାନ ପାଇବା ଠିକ୍ ହୋଇ ଯାଇଥିଲା। କିନ୍ତୁ
ଅସୁରଙ୍କ ଭିତରେ ତା କେବେ ହୋଇ ନ ଥିଲା। ରାଜା ବା
ସମ୍ରାଟ୍ ଇ ସେଠାରେ ଅସୁରଙ୍କର ଶ୍ରେଷ୍ଠ ଉପାସକ ଥିବେ। ଇତି-
ହାସରେ ଏଇ ଅସୁରଙ୍କର କୀର୍ତ୍ତି ଦୀପ୍ତି ଫୁଟିଥିଲା, ଅଜକୁ ପ୍ରାୟ
୨୬୦୦ ଠାରୁ ୩୩୦୦ ବର୍ଷ—ଏଇ ସାତଶହ ବର୍ଷ ଭିତରେ।
ସେତେବେଳେ ଏଇ ଅସୁରଙ୍କର ବିଶାଳ ସାମ୍ରାଜ୍ୟ ଓ ବିରାଟ ପ୍ରତାପୀ
ସମ୍ରାଟ ଥିଲେ। ଏଇ ଉପାସକ ସମ୍ରାଟ ଅସୁରଙ୍କୁ ଦେହଧାରୀ ବା
ଚଳନ୍ତ 'ଅସୁର' ବୋଲି ଲୋକେ ବୁଝୁଥିଲେ। ମନେ ହୁଏ,
ଏଇ ପରଂପରା ଓଡ଼ିଶାରେ ଲୋକକଥାରେ ଥିଲା, ସମ୍ଭବତଃ
ବହୁ ପୂର୍ବ କାଳରୁ। ଦେଖାଯିବ ଏଇପରି ସେ ଦେଶମାନଙ୍କର ସେଇ
କାଳର ବହୁ ପରଂପରା ଓ ଚଳଣିର ସଙ୍କେତ ଓଡ଼ିଆ ସଭ୍ୟତା ଓ
ସାହିତ୍ୟରେ ଏବେ ବି ଅଛି। ଉଦାହରଣ ସ୍ୱରୂପ, ମନ୍ଦିର ସ୍ଥାପତ୍ୟରେ
'ଶିଖର' ନାମ ପ୍ରାଚୀନ ବାବିଲନର, ଜିକୁରାତ୍ Ziqqurat,
ଜିଗୁରାଟ୍, (Ziggurat), ଗଠନରେ ପୁରମନ୍ଦିରର ବାଇଶି ଆକାର,
ଚତୁର୍ଦ୍ଧାମୂର୍ତ୍ତିର ସଙ୍କେତ ସବୁ ୪୦୦୦ ବର୍ଷରୁ ଅଧିକ କାଳତଳେ ସେ
ଦେଶମାନଙ୍କରେ ଥିବାର ଲେଖ ପ୍ରମାଣ ମିଳୁଛି। ମନେ ରଖିବାର
ଅଛି, ଅସୁର ଓ ଆଖପାଖ ସେକାଳ ଜାତି ଓ ରାଜ୍ୟ, ସାମ୍ରାଜ୍ୟ-

Digitized by srujanika@gmail.com

ମାନଙ୍କର ସଭ୍ୟତା, ପ୍ରାଚୀନ ସୁମେର-ଅନାର୍ଯ୍ୟ ଓ ସୁମେର-ସେମିଟିକ-ପ୍ରଭାବିତ ବାବିଲନ ସଭ୍ୟତାରୁ ବହୁ ଉପାଦାନ ଗ୍ରହଣ କରି ନିଜର କରିଥିଲା । ବିଶେଷ କଥା, ସେ କାଳ ଅସୁର ସାମ୍ରାଜ୍ୟର ସୀମାନ୍ତ—ଖାତ୍ତି (ହିଟାଇଟ୍) ରାଜ୍ୟରୁ ଏବେ ଯେଉଁ ପର୍ବତବାସିନୀ (ପାର୍ବତୀ) ସିଂହବାହିନୀ ଦେବୀଙ୍କ ପରିତ୍ୟକ୍ତ ମୂର୍ତ୍ତି ମିଳୁଛି, ତାର ନାମ ଥିଲା 'ମା' (ସଂସ୍କୃତ, 'ଉମା') ପୁଣି 'ବଉ' (Bau,Baau, 'ବୋଉ') । ବୁଝା ଯାଉଛି, ସେକାଳେ ମଧ୍ୟ ଏ ଦେଶମାନଙ୍କରେ ମାତାକୁ 'ବୋଉ' ବୋଲି ଡାକୁଥିଲେ । ଏଥିପରେ ଆମ ମାଦଳା-ପଞ୍ଜିର ଯବନ ରକ୍ତବାହୁର ଜଗନ୍ନାଥ ଆକ୍ରମଣ ଉପାଖ୍ୟାନ ସହିତ ଅନେକ କଥା ସେହିସବୁ ଦେଶର ଘଟଣା ଓ ପରମ୍ପରା ବୋଲି ମନେ ହୁଏ । ଜଗନ୍ନାଥର ଇତିହାସ କଥା କହିଲାବେଳେ ସେସବୁ କଥା ବିଶେଷ କରି କୁହାହେବ । ଏଥିସହ ଚଳନ୍ତି ବିଷ୍ଣୁ କଥାଟି, ମନେ ହୁଏ, ଅତି ପ୍ରାଚୀନ ପରମ୍ପରା । ମାତ୍ର କପିଳେନ୍ଦ୍ର-ଦେବ 'ଚେଉପଢ଼ସ୍ତ' ସେବାକି ନିଜର କରି ମେହୀଦେବ ଜଗନ୍ନାଥଙ୍କ ପାଖେ ମହାରାଜ ଓ ମହାବଳକୁ ଏକ କରିଦେଇ ଓ ଜଗନ୍ନାଥଙ୍କୁ ନିଜର ସର୍ବସ୍ୱ ସମର୍ପିଦେଇ ନିଜେ ଜଗନ୍ନାଥଙ୍କ ଶ୍ରେଷ୍ଠ ଉପାସକ ବୋଲି ଲୋକରେ ପରିଚିତ ହେବା ପରେ ହୁଏତ ତାଙ୍କୁ ଲୋକେ ଚଳନ୍ତି ବିଷ୍ଣୁ ବୋଲି କହୁଥିବେ, ତାଙ୍କ ପୁଅ ପୁରୁଷୋତ୍ତମ ପରେ ସେଇ ବୈଷ୍ଣବୀଧର୍ମର ଉତ୍କର୍ଷ ରକ୍ଷା କରିବା ପାଇଁ କାଞ୍ଚି ଅଭିଯାନ କରିଥିଲେ । ପରେ ଭକ୍ତମାନେ ସେଇ କାଞ୍ଚି ଅଭିଯାନ ସମ୍ପର୍କରେ ଏଇ ପରମ୍ପରାର ଜନଶ୍ରୁତିକି ଅତି ଅଦ୍ଭୁତ ଭାବରେ ଲଗାଇ ଦେଇଛନ୍ତି ।

## ଜଗନ୍ନାଥଙ୍କ କାଞ୍ଚି ଅଭିଯାନ

ଚଳନ୍ତି ଅସୁରଙ୍କର ଉପାସ୍ୟ ଅସୁରଙ୍କ ସଙ୍ଗେ ଗୋଟିଏ ବିଶେଷ ସମ୍ପର୍କ ହେଉଛି, ଉପାସକ ଅସୁର (ସମ୍ରାଟ୍)ଙ୍କ ସଙ୍ଗେ

Digitized by srujanika@gmail.com

ଜଗାସୀ ଅସୁର ଯୁଦ୍ଧକୁ ଯାନ୍ତି। ସେକାଳ ଲେଖରୁ ମିଳୁଛି, ଅଭିଯାନ ଆରମ୍ଭରେ ଜଗାସନା ପରେ ସମ୍ରାଟଙ୍କୁ ଅସୁର କହୁଥିଲେ, "ଯା, ଉପ୍ସୁ କରନା, ଅଟେ ତୋ ସଙ୍ଗେ ସଙ୍ଗେ (ପାଖେ ପାଖେ) ଘୋଡ଼ାରେ ଚଢ଼ି ଯାଉଚୁ।" ଏଠାରେ ଓ ଏହା କହିବାରେ ଅସୁରଙ୍କ ସଙ୍ଗ ଚନ୍ଦ୍ରଦେବଙ୍କ ପର ଭାଇ ବ ଅଛନ୍ତି। ସେଥିପାଇଁ ଅସୁର କହୁଚନ୍ତି 'ଅଟେ' ('ମୁଁ' ବୋଲି କହୁନାହାନ୍ତି)। (Story of Assyria by) Z.A. Ragozin p.8 & 9 ଦେଖ)। ଅନ୍ୟତ୍ର ଦେଖ:— "ଇଜିପ୍ଟର ଫାରାଓ (ରାଜା)ଙ୍କୁ ତାଙ୍କ ନିଜ ଦେବଙ୍କ ନରଦେହଧାରୀ (ଅବତାର) ବୋଲି ବସୁଥିଲେ ପର ଅସୁରଦେଶର ସମ୍ରାଟଙ୍କୁ ଜଗାସୀ ଅସୁରଙ୍କ ନରଦେହଧାରୀ ପ୍ରତୀକ ବୋଲି ବସୁର ଜଣାଯାଉଥିଲା। ସମ୍ରାଟଙ୍କ ସଙ୍ଗେ ଅଭିଯାନରେ ଯାଉଥିଲେ 'ଅସୁର' (ଜଗାସୀ)। ସମ୍ରାଟ ଯେଉଁଠିକି ଯାଉଥିଲେ, ସେଠିକି ଯାଉଥିଲେ ଅସୁର। (Myths of Babylonia & Assyria by D. A. Mackenzie p.352 ଦେଖ)। ଏପରିକି ଅଭିଯାନ ସଙ୍ଗେ 'ଅସୁର' (ଜଗାସୀ) ଘୋଡ଼ାରେ ଚଢ଼ି ଗଲାବେଳେ ବାଟରେ ସେନାଙ୍କୁ ଓ ସମ୍ରାଟଙ୍କୁ ଦର୍ଶନ ଦେବାପାଇଁ କେବେ କେବେ ଦେଖାଯାଉଥିବାର ମଧ୍ୟ ସେ ସବୁ ଦେଶର ଲେଖ-ବର୍ଣ୍ଣନାରୁ ମିଳୁଛି। ଏହାପରେ ସେଠାରେ ସମ୍ରାଟ୍ ଯୁଦ୍ଧ କରନ୍ତି, ସେଇ ଅସୁରଙ୍କ ସହାୟତା ଓ ସାହଚର୍ଯ୍ୟରେ। ପୁଣି ସବୁ ଅଭିଯାନରେ ସର୍ବଦା ଅସୁରଙ୍କ ସଙ୍କେତ ସମ୍ରାଟଙ୍କ ସଙ୍ଗେ ସଙ୍ଗେ ସମାନ୍ତରାଳରେ ରଥରେ ଯାଉଥିଲା। ଏଠି ଅନ୍ୟ ଗୋଟିଏ କଥା ଲକ୍ଷ୍ୟ କରିବାର ଅଛି, ସେ ଅସୁରଙ୍କ ମୂର୍ତ୍ତି ନ ଥିଲ; କେବଳ ଗୋଟିଏ ସଂକେତ ଥିଲା ଓ ସେଇ ସଂକେତ ନିଶାଣ ପରି ସମ୍ରାଟଙ୍କ ସଙ୍ଗେ ବୁହାହୋଇ ଯାଉଥିଲା। ଏଠିମଧ୍ୟ ସେଇପରି ପୁରାଣ ଓ କିଂବଦନ୍ତୀରୁ ଜଣାଯାଏ, 'ବସ୍ତୁ'

Digitized by srujanika@gmail.com

ରୂପରେ ପରିଣତ ହେବା ପୂର୍ବରୁ ଜଗନ୍ନାଥରେ ଏକକ ଚତୁର୍ଦ୍ଧାମୂର୍ତ୍ତି ନ ଥିଲା । ତାଂକ ସାଂକେତିକ ନାମ ଥିଲା 'ନୀଳମାଧବ ।' ସେଇ ନାମରେ ଖଣ୍ଡେ କଳାପଥର ସଂକେତରେ ତାଂକ ଉପାସନା ପ୍ରତିଷ୍ଠିତ ଥିଲା । ସେ ଦେଶମାନଂକରେ ପୁଣି ପରଂପରା ଥିଲା, ଶତ୍ରୁ ସମ୍ରାଟ୍‌ଙ୍କୁ ନ ମାନିଲେ, ବା ଅପମାନ ଦେଲେ, ତା ହେଉଥିଲା ଉପାସ୍ୟ ଅସୁରଙ୍କ ପ୍ରତି ଅବମାନନା ବା ଅପମାନ । ସେଇ ଅବମାନନା ବା ଅପମାନର ପ୍ରତିଶୋଧ ନେବାପାଇଁ ଯୁଦ୍ଧ ହେଉଥିଲା, ସମ୍ରାଟଙ୍କ ଅଭିଯାନ । ରାଜ୍ୟ, ଅସୁର( ଉପାସ୍ୟ )ଙ୍କର, ଯୁଦ୍ଧ ଅସୁରଂକର ବିଜୟ ଅସୁରଂକର, ଶତ୍ରୁ ଅସୁରଂକର, ମାନ ଅପମାନ—ସବୁ ସେଇ ଅସୁରଂକର । ଏହାଇ ଥିଲା ସେ ସଭ୍ୟତା, ସେ ଧର୍ମ । ଆମ 'ଚକ୍ରବର୍ତ୍ତୀ' ସମାଟ୍ ପୁରୁଷୋତ୍ତମଂକ ସଂଗେ ତାଙ୍କ ଓ ତାଙ୍କ ଲୋକଂକ ଇଷ୍ଟ ଉପାସ୍ୟ ପୁରୁଷୋତ୍ତମ ବା ଜଗନ୍ନାଥ ନିଜ ଭାଇ ବଳଭଦ୍ରଂକୁ ସଂଗେ ନେଇ କଳାଘୋଡ଼ା ଧଳା ଘୋଡ଼ାରେ ବସି କାଂଚିରାଜାଙ୍କ ଅହଙ୍କାର ପ୍ରତିଶୋଧ ନେବା ପାଇଁ ଅଭିଯାନ ସଂଗେ ଯାଇ ସମ୍ରାଟ୍‌ଂକୁ ଜିଣାଇଥିବା କଥାଟିକୁ ସେ ଦେଶର ସେଇ ପ୍ରାଚୀନ ପରଂପରା ସଂଗେ ତୁଳନା କରିବାକୁ ଅଦୌ ପରିଶ୍ରମ ପଡ଼ୁ ନାଇ । ଏ ଦୁଇଟିଯାକ ସେପରିକ ଏକା କଥା । ଦୁଇଟିଯାକ କଥା ଏକା ପରଂପରାରୁ ବାହାରିଛି ବୋଲି ସିଦ୍ଧାନ୍ତ କରିବାରେ ଆପତ୍ତି କିଛି ନାଇ ।

## ମାଣିକ ଗଉଡୁଣୀ ଓ ମାଣିକପାଟଣା

ମାତ୍ର କିଂବଦନ୍ତୀ କହେ, ପଛରେ ଜଗନ୍ନାଥେ, ବଡ଼-ଠାକୁରେ ଦୁହେଁ ଏଇପରି ପୁରୁଷୋତ୍ତମଙ୍କୁ ଯୁଦ୍ଧରେ ସାହାଯ୍ୟ କରି ଜିଣାଇ ଦବାପାଇଁ କଳା ଘୋଡା ଧଳା ଘୋଡାରେ ବସି, ସଜ୍ଜିତ-ରୂପେ ଯାଉଥିଲେ । 'ଖଭଡ' କଥାଟିକୁ ରାଜପୁତ ଖଦର

Digitized by srujanika@gmail.com

ଅପଭ୍ରଂଶ ବୋଲି କହନ୍ତି । ମାତ୍ର ତା ନୁହେଁ । ଏହା ପ୍ରାଚୀନ ଦ୍ରାବିଡ଼ ଶବ୍ଦ । ଏହାର ଅର୍ଥ, ଅଶ୍ୱାରୋହୀ । ଏ କଥା ଅନ୍ୟତ୍ର କୁହାଯାଇଛି । ଏହା ଓଡ଼ିଆଶବ୍ଦ ଓ ବହୁକାଳରୁ ଚଳୁଥିଲା— କ୍ଷତ୍ରିୟ ଜାତି ଅର୍ଥରେ ରାଜପୁତ୍ ଶବ୍ଦ ଚଳିବା ପୂର୍ବରୁ । ଏଠାରେ ତେଣୁ ବୁଝିବାକୁ ହେବ, ଜଗନ୍ନାଥେ ବଡ଼ଠାକୁରେ ଅଶ୍ୱାରୋହୀ ସୈନ୍ୟ ରୂପରେ ଯାଉଥିଲେ । ଚିର୍ ପ୍ରାଚୀନ ଅସୁର, ତାଙ୍କ ସମ୍ରାଟ୍‌ଙ୍କ ସଙ୍ଗେ ଅଭିଯାନରେ ସାଧାରଣତଃ କାହାକୁ ଦେଖା ନ ଦେଇ, ଅଥଚ ସମ୍ରାଟଙ୍କୁ ଜଣାଇ ଦେବାଭଳି ମଝିରେ ମଝିରେ ନିଜେ ଯାଉଥିବା କଥାଟି ଜଣାଇ ଦେଇ ଯାଉଥିଲେ । କାହିଁକନା, ଏଠି ନିଜକୁ ଜଣାଇ ଦେବା କଥା ଦେନ ମାଣିକ ଗଉଡୁଣୀ କଥାଟି ଅଛି । ଗୋପାଳ, ଭକ୍ତକୁ ବଡ଼ ଜାତିଆ କନ୍ୟା ବରାଇ ଦେବାପାଇଁ ବୃନ୍ଦା-ବନରୁ କାଂଚିକୁ ଆସିଲା ପରି, ଏ କଥାଟି ହେଉଛି, ଭକ୍ତର ମନଗଢ଼ା କଥା । କଥାଟି ହେଉଛି ଏଇ । ବାଟରେ ଦିଅଁଙ୍କୁ ଶୋଷ କଲା । ଦିଅଁ ପାଣି ପିଅନ୍ତି ନାହିଁ । ପୂଜା ଅର୍ଘ୍ୟ ଓ ଧୂପ ପ୍ରଭୃତିରେ, ଦିଅଁଙ୍କ ଆଁଚୁଳିବାର ବ୍ୟବସ୍ଥା ଅଛି; ଦିଅଁ ପଣା ପିଅନ୍ତି, କିନ୍ତୁ ପାଣି ପିଇବାର ଦେଖାନାହିଁ । ସେଇବାଟେ ଅହିବାରେ ଦହି ମୁଣ୍ଡାଇ 'ମାଣିକ' ବିକିବାକୁ ଯାଉଥିଲା, ସଭଳ 'ଦହି କିଏ ନବ ଦହି', ବୋଲି ଡାକୁଥିଲା । ଦି ରାଜକେ ତାଠୁଁ ଅଞ୍ଜୁଳାରେ ଦହି ଖାଇଲେ । ସେଠି ପାଖରେ ହାତ ଧୋଇବାକୁ ପାଣି ଥିଲା କି ନାହିଁ, ସେ କଥା କିଂବଦନ୍ତୀରେ ନାହିଁ । ହୁଏତ ଠାକୁରେ ମୁଣ୍ଡରେ ହାତ ବୋଳି ଦେଇଥିବେ । ବସ୍ତୁ ପ୍ରସାଦରେ ସେଇଆ ହେଉଛି, ପ୍ରଚଳିତ ଓ ଶାସ୍ତ୍ରୀୟ ବିଧି । କିନ୍ତୁ ମାଣିକକୁ ଦହି ବଇଉ ତ ଦେବାକୁ ହେବ । ଠାକୁରଙ୍କ ପାଖେ ସେ ସବୁ କିଛି ନ ଥିଲା—ତାଙ୍କ ହାତ ଅଂଗୁଠିରେ ଥିଲା, ରତ୍ନମୁଦି । ଦେଇଆସୁ

Digitized by srujanika@gmail.com

ଟେବ ମାଣିକକୁ ଦେଲେ । ମାଣିକ 'ନାହିଁ' କଲା । କହିଲା, ସ୍ୱାମୀ ମୁଁ, କଅଣ କରିବ ? ମତେ କଉଡ଼ି ଦଅ । ଠାକୁରେ କହିଲେ, 'ପଛରେ ଗଜପତି ଆସୁଛି—ସଇନ ସାମନ୍ତ ଘେନି । ତୁ ଏ ମୁଦି ଧରି ଏଇଠି ଟିକିଏ ବସି ଥା । ତାଙ୍କୁ ଏ ମୁଦି ଦେଖାଇବୁ । ସେ ତତେ କଉଡ଼ି ଦେବେ । ଆମେ ଆଗେ ଆଗେ ଯାଉଛୁ । ଗଜପତିଙ୍କୁ କହି-ଦେବୁ ।' ଏତିକି କହି ଠାକୁରେ ଖଣ୍ଡେ ଦୂର ଯାଇ ଅଦୃଶ୍ୟ ହୋଇ-ଗଲେ । ମାଣିକ ବାଟ ହୋଇ ଠିଆ ହୋଇଛି । ଦୂରରେ ଧୂଳି ଉଡ଼ିଲା, ଶବ୍ଦ ଶୁଭିଲା । ସୈନ୍ୟସାମନ୍ତ ଆସିଲେ, ଆଗେ ଆଗେ 'ଗଜପତି' ଆସୁଛନ୍ତି । ମାଣିକ ତାଙ୍କୁ ଭେଟି ଆଗେ ଯାଇଥିବା ସାଙ୍ଗତେ ଦହି ଖାଇବା କଥା କହି, ମୁଦି ଦେଇ ପଇସା ମାଗିଲା । ସମ୍ରାଟ ମୁଦିଟି ଦେଖି ଦେଖି ଚିନ୍ତା କଲେ । ପରେ ମାଣିକାଠାରୁ ସବୁ ଶୁଣି ବୁଝି ପାରିଲେ—ଜଗନ୍ନାଥେ ବଡଠାକୁରେ କାଞ୍ଚି ଯୁଦ୍ଧକୁ ଯାଉଛନ୍ତି । ମାଣିକକୁ କଉଡ଼ି ଦେଲେ, ଆଉ ବହୁତ ପୁରସ୍କାର ଦେଲେ । କାଞ୍ଚିରେ ଯୁଦ୍ଧ କ୍ଷେତ୍ରରେ ଦେଖିଲେ, ସତେ ଯେପରି କଳା ଘୋଡ଼ା ଧଳା ଘୋଡ଼ାରେ ବସି ଦୁଇ ପୁରୁଷ ଜଣ ସୈନିକ ଶତ୍ରୁ ସୈନ୍ୟଙ୍କୁ ହାଣିଦେଇ ଯାଉଛନ୍ତି । ଯୁଦ୍ଧରେ ଜିଣା ହେଲା । ଫେରି ଆସିଲା ବେଳକୁ ମାଣିକକୁ ଖୋଜିଲେ । ତାକୁ କହିଲେ, 'ମାଟିଆରେ କଣ୍ଢେଇର କୁଣ ଗଡ଼ାଇ ପାଣି ଭରି ଗଳ୍ପା ।' ପାଣି ଯେତେଦୂର ପଡ଼ିଲା, ଆଡ଼ ଦୀର୍ଘରେ ସେତିକ ଜମି ତାକୁ ଦେଲେ । ତା ନାଁ ହେଲା, 'ମାଣିକପାଟଣା' ଏବେ ଏହି ଗାଆଁଟି ଚିଲିକା କୂଳରେ ଅଛି । ସେଠା ଦହି ବି ଏବେ ଓଡ଼ିଶାରେ ପ୍ରସିଦ୍ଧ । ଚାଙ୍କିଣି-ଆରେ ବସା ହୋଇଥିବା ମାଣିକପାଟଣା ଦହି ସେଇ ଚାଙ୍କିଣିଆରେ ପୁରୀରେ ଆସି ବେଳେ ବେଳେ ବିକାହୁଏ । ତାକୁ ଛୁରିରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତି ।

Digitized by srujanika@gmail.com

## ଏଥିରେ ତତ୍ତ୍ୱ ନାହିଁ, କି ସତ୍ୟ ନାହିଁ—ଜୈନ ଓ ଭକ୍ତି

ଏଥିରେ ସତ୍ୟ ନାହିଁ ବୋଲି କହିଲେ, କଥାଟି ପୁରା କୁହା ହେଲା ନାହିଁ । ଏସବୁ କୌଣସି ଅଦ୍ଭୁତ କ୍ରିୟାରେ ସତ୍ୟ ନାହିଁ; ଥାଇ ନ ପାରେ । ଏହା ସ୍ଥୂଳ ଭାବରେ କୁହା ଯାଇଛି । ଏଠି ତାର କାରଣ ଓ କ୍ରିୟା ଗତି ଧର୍ମ ଆଉ ଟିକିଏ ବିସ୍ତାର କରାଯାଉ । ତାହିଁକିନା, ଏ ବିସ୍ତାରରେ ବିରାମ ନାହିଁ । ବିଶେଷ-ଷରେ ପୁଣି ଓଡ଼ିଶାର ସାହିତ୍ୟ ଓ ସଂସ୍କୃତିକୁ ଏ ସବୁ ଭିତରୁ କାଢ଼ି ସଫା କରି ଦେଖିବା ଦରକାର । ବସ୍ତୁର ଭଲ ଦେଖିଲେଇ, ଦେଖାଯିବ, ଅନ୍ଧ ଅଧମ ଭାବରୁ ମନୁଷ୍ୟ ନିଜର ଅତି ସୀମାବଦ୍ଧ ଶକ୍ତିରେ କାତର ହୋଇ ସର୍ବଦା ଆଶ୍ରୟ ଖୋଜି ଆସିଛି । ସେଥିପାଇଁ ତାହାରି ଓ, ଅବରକୁ ( Oracle ) ପ୍ରଭୃତି ଅତିମାନବିକ ଜ୍ଞାନ, ଦେବ, ଦେବୀ, ସିଦ୍ଧ, ଗୁରୁ, କାଳେଶ୍ୱରୀ, ଅବତାର, ପ୍ରଫେଟ, ପୀର, କୃଷ୍ଣ, ମହାପ୍ରଭୁ, ଯୀଶୁ, ମହମ୍ମଦ, ସନ୍ଥ ଇତ୍ୟାଦି ନାନା ଅବଲମ୍ବନ । ଏହା ଉପରେ ନୂଆ, ଯୁଗ ଯୁଗ ଧରି ବିକାଶ ପାଇଛି । ସେଇଥିରୁ ପୁଣି ବିକାଶ ପାଇଛି, ଅଦ୍ଭୁତ କ୍ରିୟାର ପରଂପରା (ପ୍ରଥମ ଭାଗ—ପୃ ୨୯-୩୦ ଦେଖ) । 'ଭକ୍ତର ଭଗବାନ' ମଧ୍ୟ ଏଇ ଦୁର୍ବଳ ଓ ଅସଂଗତ ଶରଣବୃତ୍ତିର ଏକ ସ୍ୱାଭାବିକ ବିକାଶ । ମାନବ ସମାଜରେ ତଥା ବ୍ୟକ୍ତିବୋଧରେ ଭକ୍ତି ଏକ ବିଚିତ୍ର ବସ୍ତୁ । ଶାସ୍ତ୍ରରେ, ଦର୍ଶନରେ, ଯୁକ୍ତିରେ ତା ଆଲୋଚନାରେ ଏହାର ସ୍ଥାନ ନାହିଁ । ଜଗତର ଏକମାତ୍ର ଦାର୍ଶନିକ ଧର୍ମ—ଜୈନ ଧର୍ମରେ ଏଇ ଭକ୍ତି ଓ ଭକ୍ତିଚର୍ଯ୍ୟା, ଅର୍ଥାତ୍, ଭକ୍ତିଜନିତ ଆଚରଣକୁ ଅଷ୍ଟାଦଶ ପାପ ମଧ୍ୟରେ ଗୋଟିଏ ବଡ଼ ପାପ ବୋଲି ନିର୍ଦ୍ଦେଶ ଓ ବର୍ଣ୍ଣନା କରାଯାଇଛି । ସେମାନେ ଏହାର ନାମ ଦେଇଛନ୍ତି 'ମିଥ୍ୟା ଦର୍ଶନ ଶଲ୍ୟ' । ଏଥିରେ ଦଅଁଙ୍କ ପାଖେ,

Digitized by srujanika@gmail.com

ଗୁରୁଙ୍କ, ପାଖେ, ବା ସାଧୁଙ୍କ ପାଖେ, ପ୍ରାର୍ଥନା କରିବା, 'ମାନସିକ କରିବା' ପ୍ରଭୃତି ମନା । ତାଙ୍କର ସେ ସବୁ'କୋଫୋଡ଼ିକ ମିଥ୍ୟାବୁଦ୍ଧି' ( Stevenson's 'Heart of Joinism'—PP. 130-31 ) ଭଗବାନଙ୍କୁ ଜୈନ, ଏଇ କଥାକୁ ନିଜ ପ୍ରଣୀତ ପ୍ରାମାଣିକ ଜୈନଗ୍ରନ୍ଥ ( Outlines of jainism ) ରେ କହନ୍ତି, ଈଶ୍ୱର, ବା ତାଙ୍କ ସଂଥ, ପେଗମ୍ବର ବା ପ୍ରିୟ, କେହୁ, ମାନବ-ଜୀବନରେ ହସ୍ତକ୍ଷେପ କରି ପାରିବେ ନାହିଁ । ମନୁଷ୍ୟ ଯାହା କରେ ସେଥିପାଇଁ ତାର ଆତ୍ମା ଏକା ସାକ୍ଷାତ ଭାବରେ ଅବଶ୍ୟ ଦାୟୀ, ଆଉ କେହୁ ନୁହେ । (No God, or his Prophet or Deputy or beloved can interfere with human life. The soul,& it alone, is directly & necessarily responsible for all that it does."—P. 4. ) । ମାନବର ବ୍ୟକ୍ତିପରି ଯେଉଁ ଈଶ୍ୱର ପୁରୁଷ,ତାଙ୍କର ଜୈନ ଧର୍ମରେ ସ୍ଥାନ ନାଇ । ସେ ଦରକାର ନାହାନ୍ତି ( "A personal God has no place in Jainism. He is not needed" —Ibid P: 28. )। କିଂତୁ ଯେତେ ପାଞ୍ଚିତ ମାନବ ହୋଇ ଗର୍ବ କଲେ ମଧ୍ୟ ଭକ୍ତର ଏ ଚିନ୍ତା ବା ଏ ଧାରଣା କରିବାର ଶକ୍ତି ନାଇ । କୁହାଯାଇଛି, ସତ୍ୟ-ସମ୍ଭାବଜନ୍ତ ମାନବ-ସାହିତ୍ୟ ହୋଇ ଗୌରବିତ ଭକ୍ତି ଧର୍ମର ସ୍ୱରୂପ ହେଉଛି,

"ବିଶ୍ୱାସେ ମିଳଇ ହରି ତର୍କେ ବହୁଦୂର ।"

ତର୍କ ଏଥିରେ ତ୍ୟାଜ୍ୟ । ଏଥିପାଇଁ ବାହାରେଛି, ଓ ଏଥିରେଇ ବଢ଼ିଛି, ଅନ୍ଧ ଗୁରୁ ପରଂପରା । ବଂଗ ଦେଶର ତାଂତ୍ରିକ ତଥା ବଙ୍ଗଳୀୟ ଗୌଡ଼ୀୟ ବୈଷ୍ଣବଙ୍କ ଭିତରେ ଏଇ ଗୁରୁ ପରଂପରାର ମନ୍ତ୍ର ଦେବା ଓ ମନ୍ତ୍ର ନେବା

Digitized by srujanika@gmail.com

ଦେଶ ଯେ ବାଉସ୍ତ 'ଅସୁର' ଫୁଟିଥିଲା, ତା ଇତିହାସ ପ୍ରସିଦ୍ଧ । ଏହାର ଫଳ ତା ସ୍ରଷ୍ଟା ଓ ସ୍ରଷ୍ଟ ସମାଜକୁ ଘାରୁଛି । ଓଡ଼ିଶାରେ ମଧ୍ୟ ଚୈତନ୍ୟଙ୍କ ପରେ ତାର ଅନ୍ଧ ଅନୁକରଣର ବିଡ଼ମ୍ବନା କଥା କହିବା ଦରକାର ନାହିଁ । ଯୁକ୍ତି ନ ଥିବାରୁ ସର୍ବତ୍ର ଏଇ ଅନ୍ଧପରମ୍ପରା ସମାଜରେ ଗୋଟିଏ କୁଷ୍ଠରୋଗ ପରି ବ୍ୟାପି ରହିଲା । ମହାନ୍ତବାଦ ହୋଇଲା ଏହାର ମହାଫଳ । କାନ ଫୁଙ୍କଦେଲେ ଗୁରୁର ଅବାଧ୍ୟ ହେବାକୁ ଓ 'ଶିଷ୍ୟ'ର ଅଲଂଘ୍ୟ ପାପବୋଲି ଯେଉଁର କ ସ୍ଵତଃସିଦ୍ଧ । ଆମ ଭକ୍ତି ଧର୍ମର ଏହାଇ ଶ୍ରେଷ୍ଠ ଅବଦାନ ଓ ସ୍ପଷ୍ଟ ପ୍ରକାଶ । ପୁଣି ସମାଜରେ ଖୋସାମୋଦ ଓ ଧନଶାଳୀ ତଥା ବଳଶାଳୀର ସମ୍ମୁଖେ ତୋଷଣ ଅଭ୍ୟାସ କରିବାର ମହା ସାଧନା ହେଉଛି, ଏଇ ଭକ୍ତି ଧର୍ମ । 'ଅଭକ୍ତ' ପ୍ରତି ଘୃଣା ଓ ବିଦ୍ଵେଷ ଏଇ ଧର୍ମର ନିତ୍ୟ ଉପାଦାନ । ଦେବଙ୍କ ପାଖେ ଦାନବ, ( ପାରସ୍ୟରେ ) ଅହୁର ( ଅସୁର ) ଙ୍କ ପାଖେ ଦୈବ, ଅର୍‌ମଜ୍ଦ ବା ମାଜ୍ଦାଙ୍କ ପାଖେ ଅଂଗ୍ରମନ୍ୟୁ ବା ଅହ୍ରିମନ୍, ପୁଣି ଆଲ୍ଲା ବା ଈଶ୍ଵରଙ୍କ ପାଖେ ସଇତାନ୍ ହେଉଛନ୍ତି, ଏଇ ଘୃଣା ଓ ବିଦ୍ଵେଷର ବିଗ୍ରହବନ୍ତ ମୂର୍ତ୍ତି । ଏମାନଙ୍କର ପ୍ରଭାବରୁ ଛଡ଼ାଇବା ପାଇଁ ଈଶ୍ଵର ପ୍ରେରିତ କଳ୍କି ତଥାକଥିତ ଆଧ୍ୟାତ୍ମିକ ବିଶ୍ଵସମ୍ରାଟ୍‌ମାନେ ଅଦ୍ଭୁତ କିସ୍ସା ଦେଖାଇ—ପୁଣି ଦରକାର ପଡ଼ିଲେ, ନାସ୍ତ୍ରେଲ୍ ପର୍ଯ୍ୟନ୍ତ ଦେଖାଇ—ଲୋକଙ୍କୁ ଭୁଲାଇବାରେ ଓ ମନାଇବାରେ ଲାଗିଥାନ୍ତି; ପାରନ୍ତୁ, ନ ପାରନ୍ତୁ, ପୁଣି, ପ୍ରେରିତାଙ୍କୁ ବରଟି, ନିଜେ ଅବତାର ହୋଇ, ଅନ୍ତର୍ଦ୍ଧାନ ସ୍ଥାନରେ ପ୍ରାଣପଣେ ଲାଗିଥାନ୍ତି—ମନୁଷ୍ୟଙ୍କୁ ଭୋଗାଇ, ଉପରେ 'ସତ୍ୟସମାଚାର' ଶୁଣାଇ ଯେତେ ବିଫଳ ହେଲେ ମଧ୍ୟ ଲାଗିଥାନ୍ତି, ଛାଡନ୍ତି ନାହିଁ । ଏଇ ସବୁ ଭିତରେ ମାଣିକ ଗଉଡୁଣୀ ଆଖ୍ୟାନର ସ୍ଥାନ । ତେଣୁ 'ଚଳନ୍ତି-ବିଷ୍ଣୁ'ଙ୍କ କାର୍ଯ୍ୟ କରିବାରେ ସ୍ଵୟଂ ଅବତରନ୍ତି ବା ବଡ ଦେଉଳରେ

Digitized by srujanika@gmail.com

ବସିଥିବା ଜଗନ୍ନାଥ ବନ୍ଧୁ, ବା କୃଷ୍ଣ, ତାଙ୍କ ବଡ଼ଭାଇ ବଳରାମ ବା ଦେବଠାକୁରଙ୍କୁ ଧରି ଯାଆନ୍ତି କହିଲେ, ତାର ମଧ୍ୟ ସମାଲୋଚନା ନାଇ ପୁଣି ସମାଜରେ ଏପରି ପ୍ରତିଷ୍ଠିତ ଜିନିଷର ସମାଲୋଚନା ନିମନ୍ତେ ଶକ୍ତି ଓ ସାମଗ୍ରୀ ସଂଗ୍ରହ ବା ଅର୍ଜନ କରିବାର ସାହସ ମଧ୍ୟ ସୁଲଭ ନୁହେଁ । ସୁତରାଂ, ବାଇବଲ୍ କାଳରୁ, ଅର୍ଥାତ୍ ଆଜକୁ ଅନ୍ତତଃ ପାଞ୍ଚ ହଜାର ବର୍ଷ ତଳୁ, ଏସବୁ ପୁଣି ଏପରି ଚାଲି ଆସିଛି । ସେଇକାଳୁ ଏଇସବୁ ମଦ୍ୟ ମିଥ୍ୟା ଓ ଏଥିରେ ମିଶିକରିଥିବା କୁହୁକ ସାଧନାକୁ ସତ୍ୟ ଓ ପାବନ ଶାଶ୍ୱତତଥ୍ୟ ବୋଲି ଶିଷ୍ଟ ଓ ଶିକ୍ଷିତ ଲୋକେ ମାନି ମନାଇ ଆସିଛନ୍ତି । ହୁଏତ ପାରଂପରିକ ଆସ୍ଥା ଓ ଅଭ୍ୟାସର ଫଳ ଆଜି ଏପରି ମାନିବା ଓ ମନାଇବାରେ ନୈତିକ ବ୍ୟଭିଚାର ଓ ଅପରାଧ ଲୋକେ ଜାଣି ପାରୁ ନାହାନ୍ତି । ତେବେ ହେଁ ଇତିହାସ ତଥା ଆଚରଣରେ ଏଇ ମନାଇବାର ଗତି କି ଭୀଷଣ, କି ବୀଭତ୍ସ ! ଏ କ୍ଷେତ୍ରରେ କ୍ଷମତା ଥିଲେ, ଶାସନ ଓ ଦଣ୍ଡର ସୀମା ନାଇ । ମନୁଷ୍ୟ ଏଇ କ୍ଷେତ୍ରରେ ଏକା ପାଶବିକ ଅତ୍ୟାଚାର ଦେଖାଇ ଆସିଛି । ଅବଶ୍ୟ ପାଶବିକ ଶବ୍ଦର ପ୍ରୟୋଗ ଏଠି ଯଥାର୍ଥ ନୁହେଁ । ପଶୁର ବ୍ୟକ୍ତିତ୍ୱ ନାଇ, କି ବୁଦ୍ଧିବୃତ୍ତି ନାଇ । ପଶୁ କୌଣସି ଭୁଲ ଉଦ୍ଦେଶ୍ୟ ରଖି ଆଚରଣ କରେ ନାଇ । ପକ୍ଷାନ୍ତରେ, ପଶୁକୁ ଆଜି ଦଣ୍ଡ ଦେଲେ, କାଲିକି ତାର ଫଳ ହୁଏତ କିଛି ନାଇ, କିଂବା ଗୋଟିଏ ପଶୁକୁ କୌଣସି ଦୋଷରେ ଦଣ୍ଡ ଦେଲେ, ଅନ୍ୟ ପଶୁ ସେଥିରୁ କିଛି ଶିଖିବ ନାଇ । ପଶୁର ଫଳାଫଳ ବୁଝିବାର ଓ ଆଦର୍ଶ ଧରି ରଖିବାର ଶକ୍ତି ନାଇ । ମନୁଷ୍ୟକୁ ଦଣ୍ଡଦେଇ ଫଳାଫଳ ଦେଖାଇ ମନାଇବାକୁ ହୁଏ । ଏକର ଜିଅନ୍ତାରେ ଚମଡ଼ା ଛାଲି ଦେଲେ, ଅନ୍ୟ ଡରି ଶରକାଇରୁ ମାନିଯାଏ । ସେଇ ପ୍ରାଚୀନ କାଳର ଅସୁର ସମ୍ରାଟମାନେ ଠିକ ଏଇ

Digitized by srujanika@gmail.com

ଖ୍ରୀଷ୍ଟରେ ମନାଇବା ଆରମ୍ଭ କରିଥିବାର ପ୍ରମାଣ ମିଳେ । ଏସବୁ 'ଅସୁର' (ଜରାଥୁସ୍ତ୍ର)ଙ୍କ ଅଦ୍ଭୁତ ଧର୍ମ । ଯୀଶୁଖ୍ରୀଷ୍ଟଙ୍କ ଜାତି ଇହୁଦୀଙ୍କ ଇତିହାସରେ ତାଙ୍କ ଜିହୋଭା (ଈଶ୍ୱର)ଙ୍କୁ ଯେଉଁ ଏପରି ଅଦ୍ଭୁତ ଭାବରେ ଶତ୍ରୁ କବଳରୁ ନିଜ ଲୋକଙ୍କୁ ରକ୍ଷାକରିବାର ପରମ୍ପରା ବହୁତ ଅଛି । ଏସବୁ ଭକ୍ତ ସଂରକ୍ଷଣ ଓ ବିଜୟ ଉପରେ ପୁଣି ଅସୁର ଓ ଜିହୋଭା ପ୍ରଭୃତି ତାଙ୍କ ଈଶ୍ୱରମାନଙ୍କ ଅଦ୍ଭୁତ କିମ୍ବା ବର୍ବର ରକ୍ତେ ରକ୍ତେ ପରି ବହୁତ । ଜଗନ୍ନାଥ ବଳଭଦ୍ରଙ୍କ କାଞ୍ଚି ଅଭିଯାନର ଅନୁଷ୍ଠାନ ମାଣିକ ଉପାଖ୍ୟାନଟି ଠିକ ସେହିଭଳି କଥାଟିଏ । ସେ ଦେଶମାନଙ୍କର ପାରମ୍ପରିକ ଗୀତ ଓ ଆଚରଣ ସଙ୍ଗେ ଜଗନ୍ନାଥଙ୍କ ସଂପର୍କ ଯା ହେଉ, ଏଥିରେ କୌଣସି ବାସ୍ତବ ଭିତ୍ତି ନାହିଁ, କି ଐତିହାସିକ ସତ୍ୟ ନାହିଁ-ଥାଇ ନ ପାରେ । ମାନବ ସମାଜର ବ୍ୟବହାରରେ—ଧର୍ମରେ—ଧର୍ମଧ୍ୱଜୀ ମୁଖ୍ୟ ପଣ୍ଡାଙ୍କଠାରୁ ତଥାକଥିତ 'ତୃଣାଦପି ସୁନୀଚ ତରୋରପି ସହିଷ୍ଣୁ' ବୈଷ୍ଣବଙ୍କ ପର୍ଯ୍ୟନ୍ତ— ସମସ୍ତଙ୍କ ଏହା ବହଳ କୋଳାହଳରେ ଏହାର ଭୂୟସୀ ପ୍ରତିଷ୍ଠା ସତ, କିନ୍ତୁ ତା ସଙ୍ଗେ ଏଥିରେ ତତ୍ତ୍ୱ ନାହିଁ, କି ତଥ୍ୟ ନାହିଁ । ଭକ୍ତମାନେ ଏହିସବୁ କଥାମାନ ବହୁ ପ୍ରଚାର କରି ମିଥ୍ୟାକୁ ସତ୍ୟ କରି ରଖି ଆସିଛନ୍ତି—ରଖୁଛନ୍ତି । ଏହା ତାଙ୍କର ଗୋଟିଏ ଅତି ମନୋହର କଳା ବିଦ୍ୟା । ତଥାପି ଏହା ମିଥ୍ୟା ଓ ଦର୍ଶନ ହିସାବରେ ସମାଜର ଦୁର୍ଗତି ଓ ଅଧୋଗତିର ହେତୁ ।

## କଥାଟିର ସାହିତ୍ୟିକ ବିଚାର

ପୁଣି ବଡ଼ଦେଉଳ ଜଗମୋହନ କାନ୍ଥରେ ଏହି କଳା-ଘୋଡ଼ା, ଧଳା ଘୋଡ଼ାରେ ଚଢ଼ିଥିବା ଶ୍ରୀକୃଷ୍ଣ ଓ ଦହି ମୁଣ୍ଡାଇ ଠିଆ ହୋଇଥିବା ମାଣିକ ପରି ଗୋଟିଏ ମାଇପିଙ୍କର ସୁନ୍ଦର ପଥାପ୍ରତିମା

Digitized by srujanika@gmail.com

ମୂର୍ତ୍ତି ଅନେକେ ଦେଖିଥିବେ । ବଳରାମ ଦାସ, ଚୈତନ୍ୟଙ୍କ ସମସାମୟିକ । ତାଙ୍କ ନାମରେ 'ବେଢ଼ା ପରିକ୍ରମା' ବୋଲି ଗୋଟିଏ କ୍ଷୁଦ୍ର ପୁସ୍ତିକା ମିଳେ । ସେଥିରେ 'ବାଇଶ ପାହାଚ' ଡେଇଁ 'ଭିତର ବେଢ଼ା' ବୁଲି କଅଣ କଅଣ ଦେଖିବ, ତାର ଏକ ବର୍ଣ୍ଣନା ଅଛି । ସେଥିରେ ଜଗମୋହନର ଉତ୍ତର ପଟ ଦ୍ୱାରରେ ପଶିଲେ ବେଢ଼କୁ ବାଆଁ ହାତ ପାଖକୁ କାନ୍ଥରେ ଏଇ ମୂର୍ତ୍ତି ମାନଙ୍କ କଥା କୁହା ଯାଇଛି । ଓଡ଼ିଆ ଲିଖିତ ସାହିତ୍ୟରେ ସମାଲୋଚନାମୂଳକ ଲେଖା ପ୍ରାୟନାହିଁ, କହିଲେ ଚଳେ । ଯାହା ବା ଅଛି, ସେଥିରେ ରନ୍ଧ୍ରେ ରନ୍ଧ୍ରେ ଭକ୍ତିର ପ୍ରଭାବ ଓ ଭକ୍ତି ସାହିତ୍ୟର ମୋହ, ପୂର୍ଣ୍ଣ । ଭକ୍ତିରେ ସ୍ୱାଧୀନ ଚିନ୍ତା ଓ ନିର୍ବିକଳ୍ପ ଆଲୋଚନା ଫୁଟିବାର ନୁହେଁ । ସେଥିରେ ପୁଣି ଭକ୍ତକୁ ଭକ୍ତକର ତାଙ୍କ ଲେଖା ବା କଥାକୁ ପ୍ରାମାଣ୍ୟ ବୋଲି ଧରି ସାହିତ୍ୟ ଲେଖି ବସିଲେ ଯେ କୌଣସି ଜାତୀୟ-ସାହିତ୍ୟର ଧାରା ଏଇ ମରୁଭୂମିରେ ଭ୍ରଷ୍ଟ ହୋଇ ଲୋପ ପାଇବାର କଥା । ଉଦାହରଣ ସ୍ୱରୂପ, ଏବେ ଓଡ଼ିଶାର ମଧ୍ୟଯୁଗୀୟ ବୈଷ୍ଣବଧର୍ମ କଥା ଆଲୋଚନା କରିବାକୁ ଯାଇ ଅଧ୍ୟାପକ ପ୍ରଭାତ ମୁଖର୍ଜି ଲେଖିଛନ୍ତି, ଜଗମୋହନ କାନ୍ଥର ଏଇ ମାଣିକ-ଉପାଖ୍ୟାନ ଚିତ୍ରଟି ଖୋଦ୍ ପୁରୁଷୋତ୍ତମ ଦେବଙ୍କ ଆଦେଶରେ ଖୋଦିତ ହୋଇ-ଥିଲା । ଏହାର ପ୍ରମାଣ ସ୍ୱରୂପ ସେ ପୁଣି ସେଇ 'ବେଢ଼ାପରିକ୍ରମା' ପୁସ୍ତକରୁ ଉଦ୍ଧାର କରନ୍ତି,

"ଏଥି ଅନନ୍ତରେ ଜଗମୋହନରେ
ଦେଖିବ କେନା ଭାଇକି
ରଙ୍ଗସ୍ତେ ଘୋଡ଼ାରେ ଚଢ଼ିଣ ପଦ୍ମିନୀ
କାଞ୍ଚି କାବେରୀ ପାର୍ଥିକ ।"

(Vaisnavism in Orissa-p.46 )

Digitized by srujanika@gmail.com

ଅବଶ୍ୟ କାଂଚି-କାବେରୀ ବା ପୁରୁଷୋତ୍ତମଦେବଙ୍କ କାଂଚି-ଅଭିଯାନ ଓ ବିଜୟ ପ୍ରତି ଐତିହାସିକ ଭାବରେ କଥ୍ୟ କରୁଥିବେଲେ, ସେ ମାଣିକଆଖ୍ୟାନକୁ ଯୁଦ୍ଧରେ ଐଶୀସାହାଯ୍ୟର ପ୍ରମାଣ ବୋଲି ସ୍ପଷ୍ଟ କହୁ ନାହାନ୍ତି । କିଂତୁ ମିଥ୍ୟା ବୋଲି ମଧ୍ୟ କହୁ ନାହାନ୍ତି— ତୁ ଏତ କହିବାକୁ ସାହସ କରି ନାହାନ୍ତି । ବରଂ ସେ ଲେଖିଚନ୍ତି, ଏହି କଥାର ପ୍ରସଙ୍ଗରେ ଜଗନ୍ନାଥଙ୍କୁ କାଂଚିରାଜ ଯେଉଁ ଅପମାନ ଦେଲେ, ତାର ସମୁଚିତ ଦଣ୍ଡ ଦେବାପାଇଁ ପୁରୁଷୋତ୍ତମ ଥରେ କାଂଚିରାଜଙ୍କ ବିରୁଦ୍ଧରେ ଅଭିଯାନ କରି ପରାସ୍ତ ହୋଇ ଫେରିଲେ। ତା ପରେ ଜଗନ୍ନାଥଙ୍କ ସାହାଯ୍ୟ ପାଇବେ ବୋଲି ନିଶ୍ଚିତରେ ଜାଣି, ଅନ୍ତରରେ ଅଭିଯାନ କଲେ । ଏଇ ଦ୍ଵିତୀୟ ଥର ଅଭି-ଯାନରେ ସେ ମାଣିକର ଆଖ୍ୟାନକୁ ଉଲ୍ଲେଖ କରିଚନ୍ତି, ପୁରୁ-ଷୋତ୍ତମ ନିର୍ଭର ପାଇଥିବା ପ୍ରଭୁଙ୍କ ସାହାଯ୍ୟ ("divine help" କୁ ଯେପରିକି ସତ ବୋଲି ପ୍ରମାଣ କରିବାକୁ । ଯୁକ୍ତି ଓ ଅଲୋ-ଚନାରେ ଏଇ ଗୀତକୁ କହନ୍ତି—

"ନାସ୍ତିବେଳାସ୍ତି ମେ ହାନିଃ ଅସ୍ତି ବେଳାସ୍ତି ନୋ ଫଳଃ".

ଏହାର ଓଡ଼ିଆ ହେବ,

ନାହିଁ ଯେବେ ନାହିଁ ମୋର ଦୁଃ,
ଥିଲେ ଏକା ମଙ୍ଗ ସେ ନାସ୍ତିକ ।

ଏହାଇ ଉକ୍ତର ଅକାଟ୍ୟ ଯୁକ୍ତି ବୋଲି କୁହାଯାଏ । ଭକ୍ତର ମିତ କହ, ଭ୍ରାନ୍ତ ମନାଅ, ଅନାସ୍ଥିର-ବ୍ୟବସ୍ଥିର ଭକ୍ତ—ଯାହା କହ ବା କର—ଈଶ୍ଵର ଭଳି ନିଗ୍ରହାନୁଗ୍ରହ ସମର୍ଥ ବିଶ୍ଵସମ୍ରାଟ ପଦ ଦଣ୍ଡ ପୁରସ୍କାର ଦେବାକୁ ନାହାନ୍ତି, ତେବେ ହକ୍କ କ ଗଲା ? ସେ ନିଜ କଥା ଓ ହିନ୍ଦୁବେ ସଂସାର ଓ ଲୋକଙ୍କୁ ଧ୍ଵଂସ କଲେ

Digitized by srujanika@gmail.com

ମଧ୍ୟ ତାର ସତ କଣ ? କିଂତୁ ଯେବେ ସତରେ ଦଣ୍ଡ ପୁରସ୍କାରର ସର୍ବସାମର୍ଥ୍ୟରେ ପ୍ରତିଷ୍ଠିତ ସେପରି ଜଣେ ସମ୍ରାଟ ଥାଆନ୍ତି, ତେବେ ଯେ ତାଙ୍କୁ ନ ମାନି ସ୍ୱୈରତା ଆଦର୍ଶକୁ ମାନୁଛି, ସେଇ ଏକା ନଷ୍ଟ ହେବ । ଭକ୍ତି-ସ୍ତବ-ସ୍ତବକ ବା ଭକ୍ତି-ଛନ୍ଦରେ ପ୍ରସ୍ତାବିତ ଆଲୋଚନା ଓ ସମାଲୋଚନାର ଏହାହିଁ ସୂତ୍ର । ତା ନ ହେଲେ, ଭକ୍ତଙ୍କ ମିଥ୍ୟା ବେଳେ ବେଳେ କପଟ ଲୋକଙ୍କୁ ଜନ୍ମାନ୍ଧ ବଳପର କରି ଦେଇ ଲୋକରେ ପ୍ରତିଷ୍ଠା ପାଏ । ସତ୍ୟବାଦୀ ସେବକ ଧାଇକର ଘଟିଥିବା 'ଲକ୍ଷ୍ମୀ' ଅଖ୍ୟାନ କଥା କୁହା ଯାଇଛି । ଖ୍ରୀଷ୍ଟାବ୍ଦ ୧୮୯୨ରେ ପ୍ରକାଶିତ 'ଉଲ୍କା' କାବ୍ୟରେ ରାଧାନାଥ ଏହା ପ୍ରକାଶ କରିଥିଲେ । ତାପରେ ଛବିଶବର୍ଷ ପୂର୍ବରୁ (୧୮୬୬ରେ) ପାଣ୍ଡିଗୋପାଳ ଏବର ଏହି ମନ୍ଦିରକୁ ଆସିଥିଲେ । ୧୮୬୬ର କେତେ ବର୍ଷ ପରେ ରାଧା ମୂର୍ତ୍ତି ତିଆରି କରାହୋଇ ସେଠି ରଖା ହୋଇ-ଥିଲେ । ତା ପରେ ନିଶ୍ଚୟ ଲକ୍ଷ୍ମୀ ଉପାଖ୍ୟାନଟି ତିଆରି ହୋଇଥିଲା । ଭକ୍ତିର କି ମୋହିନୀ ଶକ୍ତି ! ଲକ୍ଷ୍ମୀ ଉପାଖ୍ୟାନଟିରେ ଆଦୌ ସତ୍ୟ ନାହିଁ । ମାଣିକ ଆଖ୍ୟାନଟି ଠିକ୍ ସେଇ ପରି । ପୁଣି ଭକ୍ତଙ୍କ ମନ ଗଢ଼ା ମିଥ୍ୟା । ହୁଏତ ମାଣିକ ସାହାଣୀ ବୋଲି ଝିଅଟିଏ ଆଗରୁ ଥିବ । କିଂବା ହୋଇଛି ମଧ୍ୟ ତିଆରି କଏ କହିବ ? ସେଦିନ ମୁଁ କେଶବ ମହାପାତ୍ର ନାମକ ସତ୍ୟବାଦୀର ଜଣେ ବରିଷ୍ଠ ସେବକଙ୍କୁ ପଚାରିଥିଲି । ସେ ମତେ ଲକ୍ଷ୍ମୀ ଉପାଖ୍ୟାନଟି ସତ୍ୟଥିବାର କହିଲେ; କହିଲେ, ଲକ୍ଷ୍ମୀ ହେଉଛି, କେଉଁ ମହାପାତ୍ରଙ୍କ ଝିଅ, ଦାଶରଥି ମହାପାତ୍ରଙ୍କ ଭଉଣୀ । ଦାଶରଥି ମହାପାତ୍ର ମଲାବେଳେ ପ୍ରାୟ ୪୦ ବର୍ଷ ହେବ । ମୋ ପିଲାଦିନେ ସେ ଥିଲେ । ଏଥିରେ ଭକ୍ତଙ୍କ କଥା ସଂପର୍କରୁ କି ତଥ୍ୟ ମିଳିବ ? ଏଥିରେ କେବଳ ଭ୍ରାନ୍ତିରୁ

Digitized by srujanika@gmail.com

ଭ୍ରାନ୍ତରେ ଗୃହବାଉ ସାର । ଦର୍ଶନଶାସ୍ତ୍ର ଏହାଙ୍କୁ ଲକ୍ଷ୍ୟକରି କହିଥିଲେ—

"ଅବିଦ୍ୟାୟାଂ ମନ୍ତରେ ବର୍ତ୍ତମାନାଃ
ସ୍ୱୟଂ ଧୀରାଃ ପଣ୍ଡିତଂ ମନ୍ୟମାନାଃ
ଜଂଘନ୍ୟମାନାଃ ପରିୟନ୍ତି ମୂଢ଼ାଃ
ଅନ୍ଧେନୈବ ନୀୟମାନା ଯଥାନ୍ଧାଃ"

ଅର୍ଥାତ୍, ଜ୍ଞାନ-ଓ ଶ୍ରଦ୍ଧା-ହୀନତାରେ ବୁଡ଼ି ରହିଥାନ୍ତି, ଅଥଚ ନିଜକୁ ସବୁଠୁ ବିବେକବନ୍ତ ଓ ଜାଣିମାର ବଗୁଣ ଅହଂକାରରେ ଅଭିଭୂତ ହୁଅନ୍ତି ଯେଉଁ ମୂଢ଼ ମାନେ ସେମାନେ ଅନ୍ଧ ବାଟ ଦେଖାଉଥିବା ଅନ୍ଧଙ୍କ ପରି ବାଟ ନ ଦେଖି ବୁଲି ଥାଆନ୍ତି ।

## ତେବେ ମାଣିକ ଗଉଡ଼ୁଣୀ କିଏ ଓ କଣ ?

ମାଣିକ ଗଉଡ଼ୁଣୀ ଅଖ୍ୟାନଟି ଗୋଟିଏ ଭକ୍ତଙ୍କ ମନଗଢ଼ା ମିଥ୍ୟା । ଏହା ଜଗମୋହନ କାନ୍ଥରେ କେବେ କିପରି ଖୋଦିତ ବା ଚିତ୍ରିତ ହୋଇଥିଲା, ତା କହି ହେବନାହିଁ । ପୁରୁଷୋତ୍ତମ ଭକ୍ତଙ୍କ କଥା ବା ଭକ୍ତ ଭାବରେ ଅନ୍ଧ ହୋଇ, କିଂବା ନିଜର ଚଳନ୍ତି ବିଶ୍ୱାସରେ ମୂଢ଼ ହୋଇ ଏହା କରାଇଥିବା କିଛି ନୁହେଁ । କିଂବା ଚଳନ୍ତି-ବିଶ୍ୱାସ ପରଂପରାଟି ଯେଉଁ ଅତୀତ ଅଶିକ୍ଷିତ ସେଥିରେ ସେତେବେଳେ ସମ୍ରାଟଙ୍କ କାଳିଆ ଧଳା ଘୋଡ଼ାରେ ଚଢ଼ି, ହୁଏତ ଚନ୍ଦ୍ର-ଦେବଙ୍କୁ ସଂଗେ ନେଇ ଯାଉଥିବା ସ୍ୱୟଂ ଅସୁରଙ୍କ (କାଞ୍ଚୀୟଙ୍କ) ଏଇଭଳି କୌଣସି ଆଖ୍ୟାନର ସଂପର୍କ ଥିବ ଓ ତାହାରି ଛାୟାରେ ଏ ଚିତ୍ରଟି ପୁରୁଷୋତ୍ତମ ଦେବଙ୍କ ପୂର୍ବରୁ ମନ୍ଦିର କାନ୍ଥରେ ଚିତ୍ରିତ ହୋଇଥିବ । ଗ୍ରୀକ୍-ରୋମାନ୍-ମିଶ୍ରମିଶ୍ର-ଭୂମିଜ ଆଖ୍ୟାନ ଅନୁକରଣରେ ରାଧାନାଥଙ୍କ 'କେଦାର ଗୌରୀ'

Digitized by srujanika@gmail.com

ଲେଖାପରେ ଏବେ ସଣ୍ଡାଏ ଯେପରି ଭୁବନେଶ୍ୱରସ୍ଥ କେଦାର-ନାଥଙ୍କ ପାଖେ କେଦାର ଓ ଗୌରୀଙ୍କ ଗୁପ୍ତ ପ୍ରେମ ସମ୍ଭାଷଣର କାହାଣୀ ଯାତ୍ରୀଙ୍କୁ ଦେଖାଉଥିଲେ(କହୁଥିଲେ ଉଚିତ ଦେଖାଉଥିଲେ, ଏବେ ହୁଏତ ବନ୍ଦ କଲେଣି ) ସେଇପରି ମନ୍ଦିର କାନ୍ଥରେ ଘୋଡ଼ାଚଢ଼ା ଗ୍ୱାଳଙ୍କ ଆଗେ ଦହି ମୁଣ୍ଡାଇଲାପରି ଅଟିକା ମୁଣ୍ଡାଇ ଠିଆ ହୋଇଥିବା ମାଇପିଟିର ଛବି ଦେଖି, ସେଇ ଅନୁକ୍ରମେ ଆଖ୍ୟାନଟିଏ ତିଆରି କରି, ଜଗନ୍ନାଥ ଭକ୍ତ ଓ ସେବକ ପୁରୁଷୋତ୍ତମ ଦେବଙ୍କ କାଂଚି ଅଭିଯାନ ସଙ୍ଗେ ଯୋଡ଼ି ଦେଇଥିବେ । ସାକ୍ଷି-ଗୋପାଳଙ୍କ ସମ୍ବନ୍ଧରେ ବଡ଼ଭାଇ ସାନଭାଇ କଥାଟି ସେଇପରି ଭକ୍ତଙ୍କର ମନଗଢ଼ା ଯୋଡ଼ା କଥା । ତାକୁ ପ୍ରସଂଗାଧୀନ କରି ଯୋଡ଼ି ଦେଇ, ବଳସ୍ଥର ସାକ୍ଷୀଙ୍କୁ କନ୍ୟାଦାନ ଓ କନ୍ୟାଗ୍ରହଣର ସାକ୍ଷୀ କରିଦିଆ ଯାଇଛି । ଏହା ସଂକ୍ଷେପରେ ଦିଆ ଯାଇଛି । ପୁଣି ଅନ୍ୟ ସଂପର୍କରେ କୁହାହେବ । ପ୍ରାଚୀନ ଯୁଗରେ ଧର୍ମଇ ଥିଲା, ମାନବର ସଭ୍ୟତା । ସେ କାଳର ମାନବ ସାହିତ୍ୟ ସେଇ-ପରି ଅଲୌକିକ କିମ୍ବା ଓ ମାନବର ଏକାନ୍ତ ଭୋଗ୍ୟ ଯୌନବର୍ଣ୍ଣରେ ପୂର୍ଣ୍ଣ । ତା ଭିତରେ ସତ୍ୟ ଖୋଜିବା ଓ ଦେଖିବା ବଡ଼ ଦୁରୂହ ।

## ମିଥ୍ୟାର ଐତିହ୍ୟ

ଅଟକଳ ୫୭୦୦ ରୁ ୪୯୦୦ ବର୍ଷତଳେ ଶାରୁକନ୍ (ସାର୍ଗନ୍) ବୋଲି ସୁମେରଅକ୍କାଡ଼ର ସମ୍ରାଟ୍ ଥିଲେ । ତାଂକ ଜନ୍ମଜାତକ ଉପାଖ୍ୟାନଟି ଠିକ୍ ଆମ ମହାଭାରତର କର୍ଣ୍ଣଙ୍କ ଉପାଖ୍ୟାନ ପରି । ପୃଥିବୀରେ ଅନ୍ୟାନ୍ୟ ଅଂଶରେ ଏଇଭଳି ଉପାଖ୍ୟାନ ଥିବାର ମଧ୍ୟ ଜଣା ଯାଇଛି । ପଣ୍ଡିତମାନେ ମନେ କରୁଛନ୍ତି, ବହୁ ପ୍ରାଚୀନ କାଳରୁ, ପ୍ରାଚୀନ ପ୍ରସ୍ତରଯୁଗରୁ, ଅର୍ଥାତ୍, ଅନ୍ୟୂନ ପ୍ରାୟ

Digitized by srujanika@gmail.com

ଚୋଡ଼ଏ ହଜାର ବର୍ଷ ହେଲା ଆଫ୍ରେସୀୟ (ଆଫ୍ରିକା ଓ ଏସିଆର) ଆଦ ସଭ୍ୟ ମାନବ ସମାଜରୁ ବାହାରି ଏଇସବୁ ଗଳ୍ପମାନ ସବୁଆଡ଼େ ବ୍ୟାପିଛି ଓ ମାନବ ସମାଜର ପୁରାଣ କିଂବଦନ୍ତୀରେ ସ୍ଥାନ ପାଇଛି । ଏଇସବୁ ଗୋଟିଏ କଥା ହେଉଛି କନା ବାପରେ ବା କନା ମାରେ ବିଶ୍ୱବାସୀ ମାନବର ମଂଗଳ ପାଇଁ ଈଶ୍ୱର ବା ତଦ୍‌ବଧ ପୁରୁଷ, ପିଲା ଜନ୍ମ କରିବା । ବ୍ରହ୍ମାଂକ ଜନ୍ମ କଥା ସମସ୍ତେ ଜାଣନ୍ତି । କ୍ଷୀରାର୍ଣ୍ଣବରେ ବିଷ୍ଣୁ ଶୋଇଚନ୍ତି; ଲକ୍ଷ୍ମୀ, ସରସ୍ୱତୀ ଦୁହେଁ ତାଂକ ପାଦ ମଂସ୍କୃତୁଚନ୍ତି । ଅଥଚ ବିଷ୍ଣୁ ନିଜ ନାଭିରୁ ଏକ ପଦ୍ମ ବାହାର କରି ସେଇବାଟେ ବ୍ରହ୍ମାଂକୁ ଜନ୍ମ କରିଥିଲେ । ତନ୍ତ୍ରରେ ନାଭିର ଜନନେନ୍ଦ୍ରିୟକୁ 'ପଦ୍ମ' କହନ୍ତି । ଏ ସେଇ ପଦ୍ମ କନା, ତା ଅନୁସନ୍ଧାନର ବିଷୟ । ପୁଣି ସେଇପରି ଶିବ ହେଉଛନ୍ତି, ସ୍ୱୟଂଭୂ— ଅର୍ଥାତ୍‌, ଆପେ ଆପେ ଜନ୍ମ ହୋଇଥିବା ପୁରୁଷ । ତାଂକ ପୁଅ ଗଣେଶ, କାର୍ତ୍ତିକେୟଂକ କଥା ମଧ୍ୟ କାହାକୁ ଅଜଣା ନାଇ । ସେ ଅନେକଂକନୁ କନା ବାପରେ ମାଆର ପୁଅ । 'ଇହିସ୍ୱା'ର ଇଷ୍ଟଦେବ ମାଥ୍ ଏଇପରି କନା ପୁରୁଷ ସଂଗରେ ପୁଅ ଜନ୍ମ କରିଥିଲେ । ସେମାଂକ ପୁତ୍ର ଯୀଶୁଖ୍ରୀଷ୍ଟଂକ କଥା ସମସ୍ତେ ଜାଣନ୍ତି । ଅଜି ମଧ୍ୟ ପୃଥିବୀରେ ସଂଖ୍ୟାଏ ଧାର୍ମିକଂମନ୍ୟ ଧର୍ମଧ୍ୱଜୀ ଅଛନ୍ତି, ଏଇ ଯୀଶୁ-ଜନ୍ମ କଥାରେ ସନ୍ଦେହ କଲେ, ସେମାନେ ଉପାସ୍ୟ ଯୀଶୁଂକ, ତଥା ତାଂକ ପ୍ରେରକ ଓ ବାପ ଈଶ୍ୱରଂକ ଇଜ୍ଜତ ରକ୍ଷା କରିବାରେ ସତ୍ୟ ଜରହତ୍ୟା କରିବାକୁ ପଛେଲେ କୁଣ୍ଠିତ ହେବେ ନାହିଁ । ସେଇ ଅନୁକରଣରେ ଏବେ ରାମକୃଷ୍ଣ ପରମହଂସଂକ ସମ୍ବନ୍ଧରେ ସେଇ କଥା ଲେଖା ହେଲାଣି । ବଂଗଳା ସାହିତ୍ୟର ଲଣ୍ଡା ମିଥ୍ୟା ଓ ଅଦ୍ଭୁତ କିମ୍ବା ବଖାଣର ପ୍ରତିସ୍ପର୍ଦ୍ଧାରେ ଏବେ ଓଡ଼ିଶାରେ ବାହାରିଲେଣି "ମହିମା-ଗୋସାଇଁ" । ତାଂକ ଜନ୍ମ ଯେ ଗାଲ୍ପ

Digitized by srujanika@gmail.com

ରହସ୍ୟମୟ, ସେତକ ନୁହେ, ଅଲୌକିକ କ୍ରିୟାରେ ସେ ବଂଗ ଦେଶର ସିଦ୍ଧମାନଂକୁ ବଳି ପାରନ୍ତି କି ନା, ସେ କଥା ତଦ୍-ଜନ୍ ଗବେଷକଂକ ତୁଳନାତ୍ମକ ଅନ୍ୱେଷଣର ଅପେକ୍ଷା ରଖେ। ହୁଏତ ବଂଗୀୟ 'ତଥା କଥିତ' ସାହିତ୍ୟକ ତା କେବେ ମାନିବେ ନାଇ। କଂକୁ ଅଲୌକିକ କ୍ରିୟାରେ ମହିମା ଗୋସାଇଁ ଯୀଶୁଖ୍ରୀଷ୍ଟଂକୁ ଯେ ବଳି ଯାଇଛନ୍ତି, ଏକଥା ସ୍ୱଚ୍ଛନ୍ଦ କୁହାଯାଇ ପାରେ। ଆମ ସାହିତ୍ୟର ଗତି ଏଇସବୁ ପ୍ରତି ସ୍ପର୍ଧାରେ କୁଣ୍ଠିତ ହୋଇ ଅସିଛି; ଏବେ ବି ହେଉଛି।

## ଶାରୁକନ ବା ସାର୍ଗନ

ସେ କଥା ଏବେ ଥାଉ। ପୁରୁଷୋତ୍ତମଦେବ ମାଣିକ ଅଖ୍ୟାନଟିର ତଳ ଜଳେ ମହର ବାକ୍ସରେ ଖୋଳାଇଥିଲେ କି ନା, ସେଇ ସଂବନ୍ଧରେ ସମ୍ରାଟ ଶାରୁକନ୍ଙ୍କ କଥା କୁହାଯାଉଥିଲା। ସେଇ ସମ୍ରାଟଙ୍କ ନିଜ ଆଦେଶରେ ନିଜ ମୂର୍ତ୍ତି ଗଢ଼ାଇ ସେଇ ମୂର୍ତ୍ତିରେ ଲିଖିତ ଲେଖରେ ଅଛି (ସେଥିରେ 'ମୁଁ' ବୋଲି ଉତ୍ତମ ପୁରୁଷ ଏକ ବଚନରେ ଲେଖାଅଛି )—

"ମୁଁ ଶାରୁକନ (ସାର୍ଗନ୍) ଅକ୍କାଡ଼ (ଅଗେଡ୍) ର ପ୍ରବଳ ପ୍ରତାପି ରାଜା। ମୋ ମାଆ ଦୂର୍ଗିଙ୍କ ଢଙ୍ଗରେ ଥିଲା ଶର କୁମାରୀ [Vestal priestess)। ମୋ ବାପ ଏ ଦେଶର ନୁହେ। ତାଙ୍କ ଲୋକେ ଥିଲେ ପାହାଡ଼ୀ। ମୁଁ ପେଟରେ ହୋଇ ଗଲାରୁ ମାଆ ଯାଇ ଇଉଫ୍ରେଟିସନଦୀ ପାଖେ ଗୋଟିଏ ଅଗମ୍ୟ ସ୍ଥାନରେ ଲୁଚିଲେ। ମତେ ଜନ୍ମ ଦେଲା ଓ ଜନ୍ମ ଦେଇସାରି ଗୋଟିଏ ପାସ (ବେତଭଳି) ଟୋକେଇରେ ପୁରାଇ, ତା ଢ଼ାଙ୍କୁଣିଟି ଅଲ୍-କାତରା Pitchରେ ବନ୍ଦକରି, ସେଇ ଟୋକେଇରେ ମତେ

ଇଲ୍‌ପ୍ରେଷ୍ଟିସ ନଈକୁ ଫିଙ୍ଗି ଦେଲା । ମୁଁ ବୁଡ଼ି ମଲି ନାହିଁ । ନଈ ମତେ ଉଠାଇ ନେଲା । ଅକ୍କି ବୋଲି ଗୋଟିଏ ପାଣି ଭାରୁଆ ମତେ ପାଣିରୁ କାଢ଼ି ଦେଖିଲା ଓ ନିଜ ପୁଅପରି ମତେ ପାଳିଲା; ପଢ଼ାଇ ଗଣିଷ କଲା, ଶେଷକୁ ମୋତେ ସେ ତା ବଗିଚାରେ ମାଳୀ କରିଦେଲା । ସେହି ଅବସ୍ଥାରେ ଦେବୀ ଇସ୍ତର ମୋଠି ଲେଖ ଏତେ ନିଜ ଘର ତା ସ୍ୱାମୀ କଲେ ।" (A. H. Sayce's English translation quobte in Ragozin's Story of Chaldea—pp. 205-6. Also Mackenzie's Myths of Babylonia p. 91) ଏହି ଦେବୀ ଇସ୍ତରଙ୍କ ଅନୁଗ୍ରହରେ ସାର୍ଗନ ରାଜ୍ୟ ଜିଣିଥିଲେ ଓ ସେକାଳେ ମଧ୍ୟ ପାରସ୍ୟ-ଉପସାଗରଠାରୁ ଭୂମଧ୍ୟ ସାଗର ପର୍ଯ୍ୟନ୍ତ ସମସ୍ତ ପଶ୍ଚିମ ଏସିଆ ଖଣ୍ଡରେ ଏକାଧିପତ୍ୟ କରି ପାରଥିଲେ ବୋଲି ଅନ୍ୟତ୍ର ଲେଖାରେ ଅଛି । କିନ୍ତୁ ପୁରାଣ-ତତ୍ତ୍ୱ-ଅନୁସନ୍ଧି ମାକେଞ୍ଜି ସାହେବ ନାନା ଦେଶରେ ଏହି ଆଖ୍ୟାନର ନାନା ପ୍ରକାର ପ୍ରକାଶ ପ୍ରତି ଲକ୍ଷ୍ୟ କରି କହନ୍ତି, ସାର୍ଗନ ଯେ ନିଜପାଇଁ ଏ ଅଖ୍ୟାୟିକାଟି ସୃଷ୍ଟି କରିଛନ୍ତି, ତା ମନେ ହେଉନାହିଁ । ଯଥାର୍ଥରେ ନୂଆ ରଚନାଟିଏ ଉପାଖ୍ୟାନଟିଏ ସାର୍ଗନଙ୍କ ନାମକୁ ସେତେ ପାଇ ନ ଥାନ୍ତା । କିଂବଦନ୍ତୀରେ ବହୁ ପ୍ରଚଳିତ ପୁରୁଣା ଅଖ୍ୟାନଟି ନିଜ ସମ୍ପର୍କରେ ଯୋଡ଼ି ଦେବାରେ ଲୋକଙ୍କ ମନକୁ ଯେପରି ଖେଳିବାର କଥା, ନୂଆ ରଚନାଟିରେ ତା ହେବା ସମ୍ଭବ ନୁହେଁ (Ibid p.91) । ପୁରୁଷୋତ୍ତମଦେବଙ୍କ ସଙ୍ଗେ ଜଗନ୍ନାଥ ବଳରାମ ଘୋଡ଼ାରେ ଚଢ଼ି ଯୁଦ୍ଧକୁ ଯିବାଠାରୁ ମାଣିକର ଅଖ୍ୟାନ ପର୍ଯ୍ୟନ୍ତ ସବୁଟି ହୁଏତ ସେହିକଥା କୁହାଯିବ । ସାର୍ଗନଙ୍କ ପରି ପୁରୁଷୋତ୍ତମ ନିଜେ ସେ ମୂର୍ତ୍ତିମାନ ଜଗମୋହନ କାନ୍ଥରେ ନିର୍ମାଣ କରାଇଥିବା ମଧ୍ୟ ବିଚିତ୍ର ନୁହେଁ । ପୁଣି ସାର୍ଗନଂଙ୍କ ସଙ୍ଗେ ପୁରୁଷୋତ୍ତମଂକର ଆଉ ଗୋଟିଏ ସାମ୍ୟ

Digitized by srujanika@gmail.com

ମଧ୍ୟ ଏଠି ଉଲ୍ଲେଖ କରିବାର ଅଛି । କପିଳ ପରମ ଶୈବ ହୋଇଥିଲେ, "ପରମ-ମାହେଶ୍ୱର-ଗଜପତି-ଗୌଡ଼େଶ୍ୱର-ନବକୋଟୀ-କର୍ଣ୍ଣାଟ-କଲବର୍ଗେଶ୍ୱର ପ୍ରତାପୀ ଶ୍ରୀ କପିଳେନ୍ଦ୍ରଦେବ ମହାରାଜ-ଭ୍ରମରବର-ସ୍ୱପ୍ନ ।" ତାଙ୍କ ସଂପର୍କରେ ବହୁତ ଗଳ୍ପ ଶୁଣା ଓ ଲେଖା ଅଛି । ସେ କୁଆଡ଼େ ଗୋଟିଏ ଖପରରୁ ଅଇଁଠା ଖୁଣ୍ଟି ଖାଉଥିଲେ । ଜଗନ୍ନାଥଙ୍କ ଅନୁଗ୍ରହରୁ ରଜା ହେଲେ ବୋଲି ଆଖ୍ୟାନ ତିଆରି ହୋଇଛି । ଅସଲ କଥା, ତାଙ୍କର ନିଜର କିଛି ଗୁଣ ଗୌରବ ନ ଥିଲା । ଖାଲି ଜଗନ୍ନାଥଙ୍କ ଯୋଗୁ ସେ ସବୁ କରି ପାରୁଥିଲେ ଓ କରି ପାରୁଥିଲେ । ସେ ମଧ୍ୟ ନିଜେ ସେହିପରି ଅନୁଭବ କରୁଥିଲେ ଓ ସେହି ଆତ୍ମବିଶ୍ୱାସରେ ତନ୍ମୟ ଥିଲେ । ସେ ବୁଝୁଥିଲେ, ରାଜ୍ୟ ଧନ ବିଜୟ ସୁଶାସନ ପ୍ରଭୃତି ସବୁ ଜଗନ୍ନାଥଙ୍କର, ତାଙ୍କ ନିଜର ସେ ସବୁରେ କିଛି ନାହିଁ । ଏହାର ପ୍ରମାଣ ହେଉଛି, ତାଙ୍କ ଶିଳା ଲେଖମାନ । ଜଗନ୍ନାଥ ତାଙ୍କୁ ସମ୍ରାଟ କରି ଦେଲେ । ସେଥିପାଇଁ ସେ ନିଜେ ଜଗନ୍ନାଥଙ୍କ ସେବାରେ 'ମାହାରି' ହେବା ସଂଗେ ସଂଗେ ଜଗନ୍ନାଥଙ୍କ ପାଖେ ନିତି ରାତିରେ ଯେ 'ମାହାରି'-ନାଚ ଚାଲୁଥିଲା, ତା ଓଡ଼ିଆ ଜୀବନର ଅନୁକୂଳ ନ ଥିଲେ ମଧ୍ୟ, ତାକୁ ଭାଙ୍ଗିଲେ ନାହିଁ—ବରଂ ପ୍ରତିଷ୍ଠିତ କରିଗଲେ (ଏଥିପାଇଁ ତାଙ୍କର ଶିଳା-ଲେଖ ଅଛି ।) ସେହିପରି ଜଗନ୍ନାଥଙ୍କ ହେତୁ ଶୌର୍ଯ୍ୟ ବିଜୟାଦି ଲାଭକରି ସେ ଯେପରିକି ସେଥିରୁ ଭାଜନ ହେବାପାଇଁ ଗଂଗ-ମାନଙ୍କ ଅନୁକରଣରେ ବହୁଦାନ ସମ୍ପାଦନ କରିଥିଲେ । ନିଜେ କ୍ଷତ୍ରିୟ ହେବାପାଇଁ ସେ ପ୍ରତିଷ୍ଠିତ ରଜା ସମ୍ରାଟମାନଙ୍କ କନ୍ୟା-ମାନଙ୍କୁ ବିଭା ହୋଇଥିଲେ । ମାତ୍ର ଏହା ଓଡ଼ିଆର ସାମାଜିକ ବିଧି ନୁହେ । ସେ ହୁଏତ ବୁଝିଥିଲେ, ଏହା ଜଗନ୍ନାଥଙ୍କ ଇଚ୍ଛା ।

Digitized by srujanika@gmail.com

କାହିଁକି ନା, ତାଙ୍କୁ ସମ୍ରାଟ କରିଛନ୍ତି, ଜଗନ୍ନାଥ । କେତେକହେଁ, ଏହି ରାଜକନ୍ୟାଙ୍କ ବିବାହ ପୂର୍ବରୁ, ତାଙ୍କର ଯେଉଁ 'ଓଢ଼ଣୀ' ବା ଗଡ଼ତୁଣ୍ଡୀ ସର୍ଯ୍ୟାଦି ଥିଲା, ଯାହାଙ୍କୁ ସେହି ରାଜକନ୍ୟା-ରାଣୀ-ମାନେ ଗୋଇଲ୍ (ଫୁଲ-ବିବାହ) ବୋଲି ମନୁଥିଲେ, ତାଙ୍କର ପୁଅ 'ପୁରିଆ' କୁ ଏକା ସାମ୍ରାଜ୍ୟର ଉତ୍ତରାଧିକାରୀ କରି ଦେଇ ଯିବାରୁ ଜଗନ୍ନାଥେ ତାଙ୍କୁ କହିଲେ ବୋଲି କିଂବଦନ୍ତୀ ଅଛି । ପ୍ରାଚୀନ ଲେଖରେ ଥିବା ସାର୍ଗନଙ୍କ ଉକ୍ତି ସଂଗେ ଏସବୁ ମିଳାଇ ଦେଖାଯାଇପାରେ । ପୁରୁଷୋତ୍ତମ ଦେବ ନିଜେ ବି ଉମ୍-ସାର୍ଗନ୍-କଳ୍ପ ନ ଥିଲେ । ସେ ନିଜକୁ ଯଥାର୍ଥରେ ଚଳନ୍ତି ବିଷ୍ଣୁ ବୋଲି ଅନୁଭବ କରୁଥିଲେ । ତାଙ୍କର ସମୟରେ ପରଂପରାକୁ ଧରି ମାଣିକ—ଆଖ୍ୟାୟିକାଟିର ମୂର୍ତ୍ତି ପର୍ଯ୍ୟନ୍ତ କରା ହୋଇଥିବା କେଣୁ ଅସଂଭବ ନୁହେ—ବରଂ ସଂଭବ । ପୁଣି ପଶ୍ଚିମ ଏସିଆର ସେହି ପ୍ରାଚୀନ ସଭ୍ୟ ଦେଶମାନଙ୍କରେ ପ୍ରଚଳିତ ପରଂପରା ଓଡ଼ିଶାରେ ବଂଶ ରହିଥିଲା ଓ ଓଡ଼ିଆ ସମାଜ ଓ ଜୀବନକୁ ପ୍ରଭାବିତ କରୁଥିଲା । ଏହା ମଧ୍ୟ ଦେଖିବାର କଥା । ଓଡ଼ିଆ ସଭ୍ୟତା ଓ ସାହିତ୍ୟର ସେ ପ୍ରଭାବର ସଂକେତ ଅହୁରି ଅନେକ ମିଳିବ । ପ୍ରସଙ୍ଗତଃ କେତେକ ମଧ୍ୟ କୁହା ହେବ ।

## ସ୍ୱୟଂ ସାରଳା ଦାସ

ଏଠି ମାତ୍ର ସାରଳା ଦାସଙ୍କ ନିଜ ଲେଖାରୁ ଟିକଏ ଲକ୍ଷ୍ୟ କରାଯାଉ । ଦେଖାଯିବ, ସତେ ଯେପରି ସାରଳା ଦାସ ନିଜର ପୂର୍ବ ଜନ୍ମାଦି ବୃତ୍ତାନ୍ତ ଲେଖିଲା ବେଳେ ପ୍ରାଚୀନ ପଶ୍ଚିମ ଦେଶର ଏହି ସାର୍ଗନ ପରଂପରାରେ ପୂର୍ଣ୍ଣ ପ୍ରଭାବିତ ରହିଚନ୍ତି । ସେ ନାମ ସଂବନ୍ଧରେ ଲେଖିଚନ୍ତି—

"କୈଳାସ ଦ୍ୱାରପାଳି ନାମ ମୋର ଜାଣି
ଶାସ୍ତ୍ରର ଆରମ୍ଭ ହର ଗଣେଶଙ୍କୁ ଦିନ ।

Digitized by srujanika@gmail.com

ଯେଉଁପରି ରତରସେ ସେ ମୋତେ ବୋଇଲେ
ମାତା ପିତାଙ୍କ ସଂଗ ବୋଲଣ କହିଲେ ।
ତାହା ଶୁଣି ବଦ୍ଧସଙ୍କ ଦେଲେ ମୋତେ ଶାପ
ତହିଁ ଦୋଷୀ ହୋଇଲି ମୁଁ ମନୁଷ୍ୟ ସ୍ୱରୂପ ।
ପ୍ରଥମ ଜନ୍ମରେ ମୁହିଁ ହେଲି ବାଳଦାସ
ଦ୍ୱିତୀୟ ଜନ୍ମରେ ମୁହିଁ ମହାବାଳ ଧ୍ୱଂସ ।
ତୃତୀୟ ଜନ୍ମରେ ମୁଁ ସାରଳା ଦାସ କବି
ଆଉ ଜନ୍ମେ ମୁହିଁ ମର୍ତ୍ତ୍ୟମଣ୍ଡଳେ ଜନ୍ମିବି ।
ପତ ଜନ୍ମେ ଗଦର ଲକ୍ଷ କଥା ମୁଁ ଶୁଣିବ
ବୃଦ୍ଧଜନ୍ମେ ଷାଠିଏ ଲକ୍ଷ୍ୟ କଥା ମୁଁ କହିବ ।
ଭବ୍ୟ କଥା କହିସାରି ଏ ମର୍ତ୍ତ ମଣ୍ଡଳ
ତେବେ ଯାଇ ହୋଇବି ମୁଁ ଶିବଦ୍ୱାର ପାଳ ।" (ଆଦିପର୍ବ)

ଅନ୍ୟ କୌଣସି ସାହିତ୍ୟରେ ଏ ଗ୍ରନ୍ଥିର ଲେଖା ଦେଖାଯାଏ ନାହିଁ । ବଙ୍ଗ ଦେଶର ତଥାକଥିତ ସିଦ୍ଧମାନଙ୍କ ଅଧ୍ୟାତ୍ମ ଜୀବନ-କିସ୍ତାରେ ଏଭଳି ଜାତି-ସ୍ୱରୂପ ନିଜ ମୁଖରେ ପ୍ରକାଶ ପାଇଛି ବୋଲି ମନେ ହେଉନାହିଁ । ଏଭଳି ଲେଖାର ପରଂପରା ଓଡ଼ିଶାରେ ଯେ ସ୍ୱତନ୍ତ୍ର ଭାବରେ ଥିଲା, ତା ଏବେ ବେଶ ଅନୁମାନ କରାଯାଇପାରେ । ଏହି କଥା ସେ ନାନା ସ୍ଥାନରେ ପ୍ରକାଶ କରିଛନ୍ତି । ପୁଣି ଚଣ୍ଡୀପୁରାଣ ଯଦି ତାଙ୍କର ଲେଖାହୁଏ, ସେଥିରେ ନିଜର ପୂର୍ବ ବୃତ୍ତାନ୍ତକୁ ସେ ସଂପୂର୍ଣ୍ଣ ଭିନ୍ନ ଭାବରେ କହି ଥିବାର ମଧ୍ୟ ଦେଖାଯାଏ । ସେଥିରେ ସେ ଠିକ୍ ସେହିପରି ଭାଷାରେ (ଉତ୍ତମ ପୁରୁଷ ଏକ ବଚନ 'ମୁଁ' ପ୍ରୟୋଗ କରି) ଲେଖିଛନ୍ତି, ସେ ଥିଲେ ଅଭିଶପ୍ତ ମନୁ ମହର୍ଷି ଓ ବଶିଷ୍ଠ ତାଙ୍କୁ ଶାପ ଦେଇଥିଲେ । କାହିଁକିନା, ସେ (ମନୁ), ବଶିଷ୍ଠଙ୍କ

Digitized by srujanika@gmail.com

ଦ୍ୱାରପାଳ ଜୟ ବିଜୟଙ୍କୁ ଶାପ ଦେଇଥିଲେ । ହୋଇ ପାରେ ଚଣ୍ଡୀପୁରାଣ, ସାରଳା ଦାସଙ୍କ ଲେଖା ନୁହେଁ । କିମ୍ବା ଏ ଅଂଶଟି ସେଥିରେ ପ୍ରକ୍ଷେପ । ହୁଏତ ଏ ପ୍ରକ୍ଷେପ ପରବର୍ତ୍ତୀ କୌଣସି ଶିବଦ୍ୱେଷୀ ବିଷ୍ଣୁଭକ୍ତଙ୍କ କୃତି । ତଥାପି ଯେ ପ୍ରକ୍ଷେପ କରନ୍ତୁ, ତାଙ୍କ ଉପରେ ଶାରୁକିନ୍-ପରଂପରା ଭଳି ପରଂପରାର ପ୍ରଭାବ, ଏକାନ୍ତ ପକ୍ଷରେ ତାଙ୍କର ସେ ଭଳି ପରଂପରାର ସ୍ମୃତି, ଥିବାର ଶଙ୍କା ଖୁବ୍ କରାଯାଇ ପାରେ ।

## ତାଙ୍କୁ ଦେବୀ ଏକା ମଣିଷ କଲେ

ପୁଣି ସେଇ ଶାରୁକିନ୍ ପରଂପରାର ଆଉ ଗୋଟିଏ ସ୍ପଷ୍ଟ ଆନୁଷଙ୍ଗିକ ସଙ୍କେତ ସାରଳାଦାସଙ୍କ ଲେଖାରୁ ଦେଖ । ସେଇ ପୂର୍ବଜନ୍ମ ବୃତ୍ତାନ୍ତ ଅନ୍ୟତ୍ର କହିବାକୁ ଯାଇ, ସେ କହୁଛନ୍ତି—

"ଶିବ ଦ୍ୱାରପାଳ ଅବସ୍ଥାରୁ ଦେଖା ଚଳ
ମନୁଷ୍ୟ ଯୋନିରେ ଜାତ ପ୍ରସନ୍ନ ମୋତେ ଦେବୀ" । (ମୂଷଳୀ-ପର୍ବ ।)

ଶାରୁକିନ ପ୍ରତିପତ୍ତି ପାଇଥିଲେ ଓ ସମ୍ରାଟ୍ ହୋଇଥିଲେ, ଦେବୀ 'ଇଷ୍ଟର'ଙ୍କ ଅନୁଗ୍ରହରେ । ଶାରଳାଦାସଙ୍କର ଠିକ୍ ସେଇ କଥା । ଏ କଥା ସାରଳାଦାସ ପୁଣି ଥରେ ଅଧେ ବା ଅବାନ୍ତର ଭାବରେ କହି ନାହାନ୍ତି । ଖୁବ୍ ବର୍ଣ୍ଣନାକରି କହିଛନ୍ତି ଯେ,

"ସେ ମହାମାୟା ଗର୍ଭରେ ଯାହା ମନେ କହୁ
ମୁହିଁ ସେ କଥା ଗୋଟିକୁ ଅଭ୍ୟାସ କରଇ ।
ପ୍ରସନ୍ନ ହୋଇଣ ମୋତେ କହନ୍ତି ସେ ବାଣୀ
ମୁଁ ତାହା ଲେଖି ପଢ଼ାଏ ପଦରେ ତକ୍ଷଣି ।
ଝଙ୍କଡ଼ପୁରରେ ରହି କହିବାକୁ ମୋତେ
ଲେଖନ ପତ୍ର ଆଣିଦେଲ୍ ଜାଣି ସ୍ନେହେ ।

Digitized by srujanika@gmail.com

ବୁଦ୍ଧ ପାବା ବହୁଦେଉ ମୂର୍ଦ୍ଧି ତା ଲେଖଇ
ସର୍ବଦା ସାରଳାଦାସ ମୂର୍ଖ ଅଟଇ ।"

ଇତ୍ୟାଦିରେ ଠିକ୍ ସେଇ ଶାସ୍ତ୍ରକାର୍-ଉକ୍ତିର ସମର୍ଥ ଜପର ପ୍ରତିଫଳିତ ହୋଇଛି ତା ଏଠି ଏକା ଦେଖିବାର ବିଷୟ । ଏହିକଥା ପୁଣି ସାରଳାଦାସ ବାରଂବାର କହିଚନ୍ତି ।

## ସାରଳାଦାସଙ୍କ ତନ୍ତ୍ର ସାଧନା

ପରଂତୁ ପୁଣି କହିଛି, ସାରଳା ଦାସ କେବଳ ତନ୍ତ୍ରସାଧକ ନୁହନ୍ତି, ଯୋଗିବି ଥିଲେ । ସେ ଦେବୀଙ୍କର ପରମ ଭକ୍ତ ଥିବା କଥାରେ ସନ୍ଦେହ କରିବାର କିଛି ନାହିଁ । କହନ୍ତି, ସେ ଯୋଗ-ବଳରେ ଇଚ୍ଛା କରି ଦେହତ୍ୟାଗ କରି ନିର୍ବାଣ ପାଇଥିଲେ । କିନ୍ତୁ ଏ ସମସ୍ତ ତନ୍ତ୍ର ସାଧନାରେ ବଙ୍ଗୀୟ ବଜ୍ରଯାନ ଓ ବୃହତ୍ତନ୍ତ୍ର ତଥା ଚୈତନ୍ୟଙ୍କ ପରଯୁଗରେ ବଙ୍ଗୀୟ ବ୍ରାହ୍ମଣଙ୍କ ଅନୁକରଣରେ ଓଡ଼ିଶାରେ ପଶି ଆସୁଥିବା ବ୍ରାହ୍ମଣଙ୍କ ଦେବୀପୂଜା ମୂଳକ ଉଦ୍ଧୃତେବାର୍ ତନ୍ତ୍ର କିଂବା ବଙ୍ଗ ଦେଶରେ ଯାଇ ସିଦ୍ଧ କରିଥିବା ଜହ୍ନୁଦ୍ୱୀପ ଗଚ୍ଛକେନ୍ୟା ଲକ୍ଷ୍ମୀଂକର ଓ ତାଙ୍କ ଭାଇ ଇନ୍ଦ୍ରଭୂତି ପ୍ରଭୃତିଙ୍କ ସୃଷ୍ଟିଲ ନିଗ୍ରହଙ୍କର ଦେହଧର୍ମର କୌଣସି ସମ୍ବନ୍ଧ ଥିଲାପରି ମନେ ହେଉନାହିଁ । ଉପରେ ଉଦ୍ଧାର କରା ଯାଇଥିବା ପଦଗୁଡ଼ିକର ପ୍ରାରମ୍ଭରେ ସାରଳାଦାସ କହୁଚନ୍ତି, ମୁଁ ଶିବ ପାର୍ବତୀଙ୍କ ଦ୍ୱାରପାଳ ନନ୍ଦୀ ଥିଲାବେଳେ ଶାସ୍ତ୍ରର 'ଆଗମ' ଶୁଣିଥିଲି, ଅର୍ଥାତ୍, 'ବାମମାର୍ଗୀ'-ତାନ୍ତ୍ରିକଙ୍କ ରହଣି ଅନୁସାରେ ହର-ଗୌରୀ ଯେଉଁପରି ରତି ରସରେ ଥାଆନ୍ତି, ତାଙ୍କୁ ସେଇପରି ('ଯୁଗନଦ୍ଧ' ଭାବରେ, କିଂବା ଅନ୍ୟ ଯୌନ ସଙ୍ଗମ-ବନ୍ଧରେ ଥିବା ପରି) ବନ୍ଦନା କରୁ ହର ଗୌରୀମତେ କହୁଲେ, ଏପରି ଯୌନ-

Digitized by srujanika@gmail.com

ବନ୍ଧ, ପିତା ମାତାଙ୍କ କର୍ମ, ଅର୍ଥାତ୍, ଏ ଭାବରେ ହର-ପାର୍ବତୀ-ଉପାସନା ଠିକ୍ ନୁହେଁ । ଗଣେଶ ଏକଥା ଶୁଣିପାରି ମନେ ଶାନ୍ତ ହେଲେ । ଏଥିରେ ମନେହୁଏ ସାରଳାଦାସଙ୍କର ଯୌନଚର୍ଯ୍ୟା-ଗ୍ରସ୍ତ ତଥା ଇନ୍ଦ୍ରିୟସେବା-ମୂଳକ ତନ୍ତ୍ର ପ୍ରତି ଜ୍ଞାତ ବା ଅଜ୍ଞାତ କଟାକ୍ଷ ବହୁତ । କାମନାର ଉଚ୍ଛେଦ ସାଧନ ପାଇଁ ସେଇ କାମନାର ନିୟନ୍ତ୍ରଣ ଓ ନିଃଶେଷ ପ୍ରଶସ୍ତ ହେବାର ସେହି ଅପଯୁକ୍ତି, ଅପଦର୍ଶନ ଓ ତନ୍ତ୍ର ସଂଗେ ଅପସାଧନା, ତନ୍ତ୍ର ନାମରେ ବଙ୍ଗ, ଆସାମ, କାଶ୍ମୀର, ତିବ୍ବତ, ନେପାଳ ପ୍ରଭୃତି ଭୂମିରେ ବ୍ୟାପ୍ତ ହୋଇଥିବା, ତା ସାରଳାଦାସଙ୍କ ଚେତନାକୁ ନାନା ରୂପରେ ନାନା ବାହାନାରେ ଉକ୍ତ ଦ୍ୱାରରେ ବାରମ୍ବାର ଧକ୍କା ଦେଉଥିଲା । 'ପଦ୍ମାବତୀ ଚରଣ-ଚାରଣ-ଚକ୍ରବର୍ତ୍ତୀ' ଜୟଦେବଙ୍କ, ଗୀତଗୋବିନ୍ଦ ଗାନ ଏକ ପ୍ରକାର ଆଦରରେ ଜଗନ୍ନାଥଙ୍କ ମନ୍ଦିରରେ ସ୍ଥାନ ପାଇଥିଲା । କିନ୍ତୁ, ମନେହୁଏ, ସରଳାସ୍ୱାଙ୍କୁ 'ଦେହି ପଦପଲ୍ଲବ ମୁଦାରଂ' ବୋଲି ଗାଇବାରେ ତାର ଉପଯୋଗ କିଛି ହୋଇ ନ ଥିଲା । ଯେଉଁ ମହାନ୍ତ ମୁଣ୍ଡିଆଙ୍କ କଥା କୁହାଯାଇଛି, ସେ ମଧ୍ୟ ସିଦ୍ଧାନ୍ତ କରନ୍ତି ଚୈତନ୍ୟଙ୍କ ପୂର୍ବରୁ ଓଡ଼ିଶାରେ 'ରାଧାଭକ୍ତି' ପରିପାଟି ନ ଥିଲା । (Vaisnavism in Orissa p.43 ) । ବଙ୍ଗ ସମ୍ରାଟଙ୍କ କାଳରେ ବହୁ ଦେଉଳରେ ଦାସୀ ପଶିଥିଲେ । ତଥାପି ଦକ୍ଷିଣରେ ହେଲପର 'ଦାସୀ' ଏଠି କୌଣସି ଅନୁଷ୍ଠାନରେ ସମ୍ପୃକ୍ତ ହୋଇ ପାରି ନ ଥିଲେ । ବରଂ, ଯେପରି କୁହାଯାଇଛି, ଦାସୀଏ ସଂଗୀତ ବୋଲିବାରୁ ଓଡ଼ିଆ ସମାଜ ଜୀବନରେ ସଂଗୀତ ପ୍ରେମ ସଙ୍କୁଚିତ ହୋଇ ଆସିଥିଲା । ଧର୍ମ ତଥା ସମାଜ ଜୀବନରେ ଏ ଉନ୍ନତର ସ୍ୱତନ୍ତ୍ରତା କିନ୍ତୁ କୌଣସି ଦାଶରେ ଖୁବ୍ ପଣି ଯାଉଥିଲା ।

Digitized by srujanika@gmail.com

ନେଇ ବାହାରି ହୋଇଛି ଓଡ଼ିଶାର ଶିଳ୍ପ । ଶିଳ୍ପର ସେତେବେଳେ କ ଅବସ୍ଥା ହୋଇ ଯାଇଥିଲା, ତା ଠିକ୍ କହି ହେଉ ନାହିଁ । ପରବର୍ତ୍ତୀ କାଳ ଶିଳ୍ପକାରମାନେ ଯେଉଁ ପରଂପରା ରଖି ଆସିଛନ୍ତି, ତହିଁରେ ସେ ଚିହ୍ନ ବିଶେଷ ନାହିଁ । ପରାଧୀନ ଓଡ଼ିଶାର ତଥାକଥିତ ରାଜା ଜମିଦାର ଶ୍ରେଣୀର ଲୋକେ ଶିଳ୍ପକାରଙ୍କ ବିଦ୍ୟାର ଯେ ଅପବ୍ୟବହାର କରାଇ ଥିଲେ, ଉପେନ୍ଦ୍ର ଭଂଜଙ୍କ ଲାବଣ୍ୟବତୀରେ, ଲାବଣ୍ୟବତୀର ମା ଝିଅକୁ ଯୁବତୀ ହେବାର ଦେଖି ସେ କପରି ଯୁବାଙ୍କୁ ବଶକରି ପାରିବ, ସେଥିପାଇଁ ତା ସଖୀମାନଙ୍କୁ ଉପଦେଶ ଦେବାରେ ଯେଉଁ 'ଚିତ୍ରପଟଳ-ଶିଳ୍ପକୁ ବ୍ୟବହାର'ର ଉପଦେଶ ଦେଇଛନ୍ତି, ସେ ସବୁ ସାରଳା ଦାସଙ୍କ ବେଳକୁ ଓଡ଼ିଆ ଶିଳ୍ପକାରଙ୍କୁ ଆଦୌ ସ୍ପର୍ଶ କରି ନ ଥିଲା । କଲିକତା କାଳୀଙ୍କ 'ପଟୁଆ'ଙ୍କ ଚିତ୍ରକଳା ପ୍ରକାଶରେ କାମାଖ୍ୟା ପରଂପରାରେ ଥିବା ସ୍ତନର ଭେଣ୍ଡାକୁ ଦାନରେ ପେଣ୍ଡା—କରି ରଖିବା ଭଳି ରଙ୍ଗଣୀର ଯେଉଁ ଚିତ୍ର ସବୁ ଦେଖିବାକୁ ମିଳେ, ଓଡ଼ିଶାର ଶିଳ୍ପକାରଙ୍କ ଶିଳ୍ପରେ ସେ ସବୁ ଏବେ ବି ପଶି ନାହିଁ । ମାତ୍ର ଓଡ଼ିଆ ମହାରଣାଏ ବହୁକାଳୁ, ନିଜର ମହିମା ହରାଇ ଅପବାଦ ହୋଇଛନ୍ତି । ସନେହୁଏ ଓଡ଼ିଶାର ବଜ୍ରଯାନୀ ସମ୍ରାଟ୍-ମାନେ ବିଶେଷତଃ ଗଂଗସମ୍ରାଟମାନେ ତାଙ୍କୁ ଧଡ଼ିମାରି ଏହା କରାଇଛନ୍ତି । 'ବାଉଣ ବଢେଇରେ ଦାସ୍ କି ପୁଅରେ ଦାସ ?' ଶୀର୍ଷକ ଲେଖାରେ ଏଇ ଘୋର ବାଧ୍ୟବାଧକତାର କଥା ସୂଚାଇ ଦିଆଯାଇଛି (ପୂର୍ବେ ୨୦ ପୃଷ୍ଠା ଦେଖ) । ତାଙ୍କର ଆଦେଶରେ ବରଂ ତାଙ୍କର ମୁଣ୍ଡକାଟ ଭୟରେ ନିର୍ମିତ ପୁରୀ, କୋଣାର୍କ ଦ୍ଭୁତର ପରଂପରା ଏବେ ଆମ ସ୍ଥପତିଙ୍କର ହୋଇଛି ଆଦର୍ଶ । ଜୈନଭୂମି ଓଡ଼ିଶାର ଶିଳ୍ପରେ ଏ 'ଅବିଦ୍ୟା' ପଶିବା ଆରମ୍ଭ ହୋଇଥିଲା,

Digitized by srujanika@gmail.com

୨ଟିଏ ଅଧେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରେ । ତାପରେ ରଚନା ଚୂଳିକା । ଉଦ୍ରଯନ୍ତ୍ର, ବିଶେଷତଃ ବାମେଦ୍ରଯନ୍ତ୍ର, ସେଥିରୁ ସନ୍ଦର୍ଭ ବୋଲି କହୁଥିଲେ ସପ୍ତମ-ଚକ୍ରକୁ ସ୍ୱର୍ଗ ଗୁଡ଼ ଦେଲେ, ନେତ୍ରଣିକ ତାକୁ ପ୍ରମାଣ କରିବା ପାଇଁ ତନ୍ତ୍ର ବ୍ୟାଖ୍ୟାନ ବହୁତ ମିଳେ । ଏବେ ହୁଏତ ଅବସ୍ଥା ସେଇଆ ହୋଇଛି । ସାରଳା ଦାସଙ୍କ ବେଳକୁ କୋଣାର୍କ ତିଆରି ସରି ଥିଲା । ମହାରଣା ବଂଶର ଶିଳ୍ପ ସାଧନାର ମୌଳିକତା ଅବସାନ ଆଡ଼କୁ ଅପଗତିର ପନ୍ଥା ଧରିଥିଲା । ଶିଳ୍ପ-ଶାସ୍ତ୍ର ଲେଖିବାରେ ମହାରଣା ପୁଅ ଗଠନ କଳା ପରଂପରା ପ୍ରତି-ଷ୍ଠାରେ ମନ୍ଦିର ପ୍ରାସାଦ ପ୍ରଭୃତିର ଅଂଶ ବିଶେଷମାନଙ୍କ ନିର୍ମାଣ ପାଇଁ ଆଙ୍କୁଡ଼ି ମାପ ଏବେ ଲେଖିବସିଲେ । ତା ସଙ୍ଗେ ଖୋଦନ କଳାର ତନ୍ତ୍ର ବ୍ୟାଖ୍ୟାକର କହିବାରେ ଲାଗିଲେ, କିପରି ରତିଚର୍ଯ୍ୟାର ଶିଳ୍ପରେ ଗଠନକୁ ମଣ୍ଡିତ କଲେ, ବକ୍ର ସଉର ନାଇ । ତଥାପି ସାରଳାଙ୍କ ବେଳକୁ ତା ସବୁ ଶିଳ୍ପ ସ୍ଥାପତ୍ୟଠାରୁ ଲିଖିତ ଓ କଥିତ ସାହିତ୍ୟ ପର୍ଯ୍ୟନ୍ତ ସବୁ ଓଡ଼ିଆ ସମାଜରେ ହତାଦରରେ ଥିଲା । ନିଜ ପୂର୍ବ ଜନ୍ମ ବୃତ୍ତାନ୍ତରେ ସେ ହର ପାର୍ବତୀଙ୍କୁ "ରତିରସ"ରେ ଥିବା ଅବସ୍ଥାରେ ବର୍ଣ୍ଣନ କରିବାରେ "ବିଦ୍ୟାସିଦ୍ଧି ପ୍ରଦ" ବିଦ୍ୟା-ଦେବ ଗଣେଶ ତାଙ୍କୁ ଅଭିଶାପ ଦେବା କଥାଟା ଏ କ୍ଷେତ୍ରରେ ଅତି ଅର୍ଥପୂର୍ଣ୍ଣ ।

## ପୁରୁଷୋତ୍ତମଦେବ ମାଣିକ ଶିଳ୍ପ କାନ୍ଥରେ କରାଇ ଥିଲେ କି ?

ତନ୍ତ୍ରସାଧନା କଥା ଏଠି ଏତିକି ଥାଉ । ଶାସ୍ତ୍ରକାରଙ୍କଠାରୁ ସାରଳାଦାସଙ୍କ ପାଏ ଯାହା ଦେଖାଗଲା, ତାର ମନୋବିଜ୍ଞାନ ପଥ ଆଲୋଚନା କରିବା ବଡ଼ ସୁଗମ ନୁହେଁ । ଆମେ ଦେଖିବାରେ

Digitized by srujanika@gmail.com

ମଧ୍ୟ ମହାତ୍ମାଗାନ୍ଧି ସେଇପରି କହୁଥିଲେ । "ହଁ, ହଁ, ଠିକ୍ କାରଣ କରିବାକୁ ହେବ ସେ କଥା ମୁଁ ଏବେ କହି ପାରୁ ନାହିଁ । ମୁଁ ଈଶ୍ୱରଙ୍କଠାରୁ କିଛିଏ ସୂଚନା ବା ଅନ୍ତଃସ୍ଥ ପାଇଁ (Premonition) ପାଉଛି, କିନ୍ତୁ ମୋ ଭିତରେ ତାଙ୍କର ସ୍ପଷ୍ଟ ବାଣୀ ( Inner voice ) ଶୁଣିଲେ ଏହା ମୁଁ କହିବି ।" ରାଜକୋଟରେ ମରଣାନ୍ତ ଉପାସ କରିବେ ବୋଲି ସଂକଳ୍ପ କରି ଯେତେବେଳେ ଛଅଦିନ ପରେ ତାକୁ ଭାଙ୍ଗିବାକୁ ବାଧ୍ୟ ହେଲେ, ସେତେବେଳେ ଲୋକଙ୍କୁ କହିଲେ ଓ ଲେଖିଲେ "ସଇତାନ ଈଶ୍ୱରଙ୍କ ସ୍ୱର ସରି ସ୍ୱର କରି ମତେ ଠକ କରି ଦେଇ ଦେଲା ।" କଥା ରୂପକ ( allegory ) ହିସାବରେ ଅବଶ୍ୟ ଏସବୁ ବୁଝିବାରେ କୌଣସି ଅସୁବିଧା ନାହିଁ । ଏହା କେବଳ କଥା ରୂପକ ନୁହେଁ । ବାଇବେଲରେ ଅଛି ମୂଷା (Mozes) ଜଳନ୍ତା ନିଆଁ ଭିତରେ ଥିବା ଈଶ୍ୱରଙ୍କଠାରୁ ଦଶ-ନିର୍ଦ୍ଦେଶ ଶୁଣିଥିଲେ । ଏପରି ପୁରାଣ କଥା ବହୁତ ଅଛି । ସେ ସବୁ କଥା ରୂପକ ହୋଇପାରେ, ମିଥ୍ୟା ରଚନା ବି ହୋଇପାରେ । କିନ୍ତୁ ସାର୍ଗନ୍ ନିଜେ ନିଜ କଥା କହୁଚନ୍ତି । ଯେମନ୍ତ ସାରଳାଦାସ, ସେମନ୍ତ ମହାତ୍ମାଗାନ୍ଧି ଓ ହେଗେଲ ଯେପରି । ସେମାନେ ନିଶ୍ଚୟ ଜାଣିକରି ମିଥ୍ୟା କହନ୍ତି ନାହିଁ । କିନ୍ତୁ ଅନେକ ଥର ବିଶ୍ୱାସକୁ ଅତ୍ୟନ୍ତ ଅଭ୍ୟାସ କଲେ ଆତ୍ମପ୍ରତାରଣାରେ ଏପରି ଏକ ମାନସିକ ଅବସ୍ଥାର ସୃଷ୍ଟି ହୁଏ । ଭକ୍ତି ଧର୍ମରେ ଅଭିଭୂତ ହେବାରୁ, ମାନବ ସେଥିରେ ଭୁଲେ । ଏହା ମଧ୍ୟ ଅନୁଭବ । ସର୍ବଶକ୍ତିମାନ୍ ଈଶ୍ୱର, ପୁଣି ସେଇ ଈଶ୍ୱରଙ୍କ ପାଖେ ଚୋଟିଏ ସଇତାନ । ଏଇପରି କଥାରେ ଭକ୍ତ-ମାନବ ଭୁଲି ଅଛି । ସେଠି ଯୁକ୍ତି ନାହିଁ । କିନ୍ତୁ ପୁରୁଷୋତ୍ତମ ଦେବ ନିଜେ ମାଣିକ ଉପାଖ୍ୟାନର ରାଜ ଭକ୍ତମୋହନ ବନ୍ଧୁରେ

Digitized by srujanika@gmail.com

ଫୁଟାଇ ଥିବାର ପ୍ରମାଣ କଅଣ ? ଲିଖିତ ସାହିତ୍ୟରୁ ପ୍ରମାଣ ସେଠି ହେଉଛି, ବଳରାମ ଦାସଙ୍କ ରଚିତ 'ବେଢ଼ା ପରିକ୍ରମା'।

## ବଳରାମଦାସ ତେବେ ଏଠି କିଏ ?

ମାତ୍ର ଏଥିରେ ପୁଣି ଗୋଟିଏ 'କିନ୍ତୁ' ଅଛି । ଅତଶୀଘ୍ର ଏ ଯାଏ ମୂର୍ତ୍ତି ତିଆରି ହୋଇ ପ୍ରାଚୀନ ହୋଇପିବା କଥାହିଁ ନୁହେଁ । ସାହି-ଗୋସାଇଁଙ୍କ ସ୍ୱୟଂ ମୂର୍ତ୍ତିର କଥା ସୁଲୁଇ ଦିଅ ପାଇଛି । ପୂର୍ବ ମନ୍ଦିର ଦକ୍ଷିଣ ଦ୍ୱାରର ତଥାକଥିତ ପ୍ରସ୍ତର ନିର୍ମିତ ହନୁମାନ ଅନେକେ ଦେଖିଥିବେ । ଲୁହାପାଏ, ଏ ବରିଷ୍ଠ ପାଷାଣ ମୂର୍ତ୍ତିଟି ଚିରନ୍ତନ । ଏ ଥିଲେ, ରାମଙ୍କ ଅନନ୍ୟଦାସ୍ୟରେ । ଅମର ହନୁମାନ ରାମଙ୍କ ସ୍ୱର୍ଗାରୋହଣପରେ ପାଷାଣରୂପ ଧରି ଏଇଠି ଜଗନ୍ନାଥଙ୍କ ଦାସ୍ୟରେ ବରାବର ରହିଛନ୍ତି । କିନ୍ତୁ ୧୮୯୯ରେ ସେକାଳର ବଙ୍ଗଲାଟ ସର୍ ଜନ୍ ଉଡ୍‌ବର୍ନ୍ ସାହେବ ପୁରୀକୁ ବୁଲି ଆସିଲେ ବେଳେ ଦକ୍ଷିଣ ଦ୍ୱାରରେ ଏହି ହନୁମାନଙ୍କ ଅଦ୍ଭୁତରୂପ ଦେଖିଥିଲେ । ଜୀର୍ଣ୍ଣ ଗଣ୍ଠିରେ କୁଟା ଜମାହୋଇ ସେଥିରେ ମେଞ୍ଚା ମେଞ୍ଚା ବାଦୁଅ ଲଦା ହୋଇ ତା ଶୁଖିଲେ ପୁଣି ଅଉ ଲଦା ହେଉଥିଲା । ଲାଟ ହାତୀ ଉପରେ ବସି ବୁଲୁଥିଲେ । 'ହନୁମାନ, ଦେଖି ବଡ଼ ଖୁସି ହେଲେ' ବୋଲି ଜେଜେ ପୁରୀବାଲଙ୍କ ହାତୀ ପଛେ ପଛେ ବୁଲୁଥାନ୍ତି । ଆମେ ପୁରୀପିଲାଏ ତାଙ୍କ ସଙ୍ଗେ ଥାଉ । ଲାଟ ସେ ବାଦୁଅ ଛଟା ଗଣ୍ଠି ଦେଖି ପଗ୍ଭୁଡ଼ି କାଟିଥିଲେଇ, ସେଠି ଗୋଟିଏ ମହାବୀର ମୂର୍ତ୍ତି ତିଆରି ହେଉଥିଲା । ସେ ମୂର୍ତ୍ତିଟି ପାଷାଣ ନୁହେଁ କି ଚିରନ୍ତନ ନୁହେଁ । କିଂତୁ ଏଇଆ ଅଙ୍କ କଏ ପ୍ରତେ ଯିବ ? କେଉଁ ହନୁମନ୍ତଙ୍କୁ ବା ଏହା ଆଙ୍କ ପହୁଁଚ ? ଏଯାଏ ଜଦାଜଣେଣର କୌଣସି ଉତ୍ତର ନାହିଁ ।

Digitized by srujanika@gmail.com

ସର୍ବତ୍ର ଭକ୍ତିଧର୍ମର ଏ ପ୍ରକାର ପ୍ରଭାବ ନ୍ୟୂନାଧିକ ସଂଭବ ହୋଇ ଆସିଛି ଓ ହେଉଛି । କିନ୍ତୁ ଏଇ ସୂତ୍ରର ଧାରା ଧରି ଜଗମୋହନର ମାଣିକ ଉପାଖ୍ୟାନ ମୂର୍ତ୍ତିକୁ ପୁରୁଷୋତ୍ତମଙ୍କ କୃତୀ ବୋଲି 'ବେଦାପଣରକିମାର' ଲେଖାକୁ ପ୍ରାମାଣ୍ୟ ବଚନ କରି ବସିଲେ ସାହିତ୍ୟର ଆଲୋଚନା ଚଳିବ ନାହିଁ—ବରଂ ଭ୍ରଷ୍ଟ ହେବ । ଏବେ ପୁରାଣ ଓ ଭକ୍ତି ଧର୍ମର ଅଳୀକ କଳ୍ପନାରେ ଆମ ସାହିତ୍ୟର ପ୍ରାଣ ପ୍ରକାଶ ଲୋପ ପାଇଲା ଭଳି । ତହିଁରେ ପୁଣି ସେଇ ଅଳୀକତାକୁ ନିର୍ବିଘ୍ନରେ ଗ୍ରହଣ କରିବାର ସହଜ ଧର୍ମ ନ ଛାଡ଼ିଲେ ସାହିତ୍ୟର ସତ୍ତା ବୁଝିବା ଛଡ଼ା ଆଉ କିଛି ଫଳ ନାହିଁ । ବଳରାମ ଦାସ ଗୋଟିଏ ନୁହନ୍ତି । ସତ୍ୟତାର ଧାର କ୍ଷୀଣ ହୋଇ ଆସିଲା ବେଳେ ପୂର୍ବପୁରୁଷଙ୍କ ନାମରେ ଅପର ଗ୍ରନ୍ଥ ଲେଖିବା ଓ ତାକୁ ବିଶ୍ୱାସ୍ୟ ବୋଲି ପ୍ରଚାର କରିବା ସାଧାରଣ କଥା । ଏ ଦେଶରେ 'ବ୍ୟାସ' ହୋଇଲେ ଯେ କୌଣସି ପୁରାଣ ଲେଖିବା ଲୋକ । ପୁଣି ଫଳିତ ଜ୍ୟୋତିଷ ଭଳି କୁସଂସ୍କାର ଜନିତ ଅପସାହିତ୍ୟ ଓ ଅବିଦ୍ୟାକୁ ବିଦ୍ୟା କରିବାପାଇଁ କେତେ ଗଣକ ବଂଶୀୟ 'ଗର୍ଗ' 'ପରାଶର' ବନିଛନ୍ତି, ତା ସଂଖ୍ୟା କରା ହେବ ନାହିଁ । ଖ୍ରୀଷ୍ଟ ସପ୍ତଦଶ ଶତକର ଗଣକ କାଳିଦାସ ଜଗତକୁ ଓ ଭାବୀ ବଂଶଧରମାନଙ୍କୁ ଠିକ୍ ନଜରରୁ ଅନ୍ଧ ବୋଲି ବିଚାରି 'କଟପାଧ୍ୟା' ଓ 'ଜ୍ୟୋତିର୍ବିଦାଭରଣ' ଭଳି ଗ୍ରନ୍ଥ ଲେଖି ସେଥିରେ ନିଜକୁ ରଘୁବଂଶ କର୍ତ୍ତା କାଳିଦାସ ବୋଲି ବର୍ଣ୍ଣନା କରି ଲେଖିଯାଇ ପାରନ୍ତି—

ଧନ୍ୱନ୍ତରି-କ୍ଷପଣକାମରସିଂହ-ଶଂକୁ
ବେତାଳଭଟ୍ଟ-ଘଟକର୍ପର-କାଳିଦାସାଃ
ଖ୍ୟାତୋ ବରାହମିହିରୋ ନୃପତେଃ ସଭାୟାଂ
ରତ୍ନାନି ବୈ ବରରୁଚିର୍ନବ ବିକ୍ରମସ୍ୟ ।

Digitized by srujanika@gmail.com

ଅର୍ଥାତ୍, ଧନ୍ୱନ୍ତରି, କ୍ଷପଣକ, ଅମରସିଂହ, ଶଙ୍କୁ, ବେତାଳ-ଭଟ୍ଟ, ଘଟକର୍ପର, କାଳିଦାସ, ଖ୍ୟାତ ବରାହମିହିର, ବରରୁଚି—ଏଇ ନଅ ଜଣ ବିକ୍ରମ ନୃପତିଙ୍କ ସଭାରେ ନବରତ୍ନ । ଯେ କେହି ଟିକିଏ ଚିନ୍ତା କରିଲେ, ଦେଖି ପାରିବେ—ଏ ଗାଲ୍‌ଗପରେ କୌଣସି ସତ୍ୟ ନାହିଁ; କିଂବା ସତ୍ୟ ଥିଲେ ବି ମୂଲ୍ୟ ନାହିଁ । ସତ୍ୟ ଥିଲେ ହୁଏତ ଏଥିରେ ଏତିକି ଥାଇ ପାରେ ଯେ ଏମାନେ ଆମ ଉପେନ୍ଦ୍ରଭଞ୍ଜ ବା ଅଚିର ପରବର୍ତ୍ତୀ କାଳର କୌଣସି ସ୍ୱଜ୍ଞାନଂମନ୍ୟ କ୍ଷୁଦ୍ର ଗଡ଼ଜାତ ରାଜା ବା ସାଂଜାମ ଜମିଦାରଙ୍କ ଦଣ୍ଡ କୃପାଧିରେ ପୁଷ୍ଟ ତଥାକଥିତ ପଣ୍ଡିତ ଦଳ ହୋଇ ପାରନ୍ତି । ତଥାପି ତା ହୋଇଥିବାର ମଧ୍ୟ କୌଣସି ପ୍ରମାଣ ନାହିଁ । ପୁଣି କାଳିଦାସ କେଉଁଠି, ବରାହମିହିର କେଉଁଠି ? ତାଙ୍କ ସାଙ୍ଗକୁ ପୁଣି ବରରୁଚି ! ଏ କେଉଁ ପ୍ରାକୃତ ବ୍ୟାକରଣକାର ବରରୁଚି ? ସ୍ୱାଙ୍କ ସାଙ୍ଗକୁ ପୁଣି ଅମରସିଂହ ? ଏଇ କଅଣ 'ଅମରକୋଷ'-କାର ? ଉପରେ ଯା ହେଉ ଏ ନାମ ଗୁଡ଼ିକର ମିଳନରେ କିଛି ହେଲେ ଗୌରବ ଅଛି ? ଏମାନେ ଭାରତ ସାହିତ୍ୟରେ ଏକ ପ୍ରକାର ନିଜ ନିଜ ବିଷୟରେ ଯୁଗପ୍ରବର୍ତ୍ତକ—ସେ ଯେଉଁ କାଳର ହୁଅନ୍ତୁ । ବାହୁଁକନା ଏବେ ପଣ୍ଡିତମାନେ ଅନୁସନ୍ଧାନ ଫଳରେ କହୁଛନ୍ତି, ବରରୁଚି ଅନ୍ତତଃ ଦୁଇ ହଜାର ବର୍ଷରୁ ଅଧିକ କାଳ ତଳେ ଥିଲେ । କାଳିଦାସ ୧୫୦୦ ବର୍ଷ ତଳର ଲୋକ । ବ୍ରହ୍ମଗୁପ୍ତ ଲେଖିଛନ୍ତି, "ନବାଧିକେ ପଞ୍ଚଶତେ ଶାକେ (ଶକାବ୍ଦ ୫୦୯ ବା ଖ୍ରୀ ୫୮୭ରେ) ବରାହମିହିରାଚାର୍ଯ୍ୟୋ ଦିବଂ ଗତଃ" ( ସ୍ୱର୍ଗକୁ ଯାଇଥିଲେ ) । ଅମରସିଂହ, ଅନେକ ପ୍ରାୟ ହଜାରେ ଏଗାରଶହ ବର୍ଷ ତଳର ଲୋକ । ସ୍ୱାଙ୍କ ସାଙ୍ଗକୁ ପୁଣି ଧନ୍ୱନ୍ତରି ! ପୁରାଣ କହନ୍ତି, ଏ ସମୁଦ୍ର ମନ୍ଥନରୁ ବାହାରିଥିଲେ ଓ ସଙ୍କେ-

Digitized by srujanika@gmail.com

ବାଣୀପତିଙ୍କ ପୃଷ୍ଠଭୂମେ ଜନ୍ମଲାଭ ଇନ୍ଦ୍ରଙ୍କଠୁ କବିରାଜ ଷଷ୍ଠ ଦେବ-
ନୈବେଦ୍ୟ ହୋଇଥିଲେ । ସେ ଯାହାହେଉ, ତାଙ୍କୁ କଏ ? ପଟ୍ଟନାୟକର
ହୋଇଥିଲେ କଥିଣ ? ଅଗଣିତ, ମଧ୍ୟଯୁଗର ତାଂତ୍ରିକଙ୍କ ସାଧାରଣ
ନାମ ଓ ବେତାଳ ଇଷ୍ଟ ହୋଇଲେ, ବୋଧହୁଏ, ହଟଚମତ୍
ଦେଖାଇବା ଲୋକ । ତଥାକଥିତ ତନ୍ତ୍ରସିଦ୍ଧି ଓ ବେତାଳ ସାଧନା
ସଂଗେ ବରରୁଚି କାଳିଦାସ ପ୍ରଭୃତିଙ୍କ ସଂବନ୍ଧ ପୁଣି କଣ ? ଏମାନେ
କୌଣସି ବିଷୟରେ ପୁଣି ଏକ-ବର୍ଗୀୟ ଆଦର ବା ସମ୍ମାନର
ପାତ୍ର ନୁହନ୍ତି । ତେବେ ଏଇ ସେଦିନର ବଡ଼ଖେମୁଣ୍ଡି ରାଜା
( ଜମିଦାର ) କୃପାମୟ ଦେବ ଜଣେ ସଂସ୍କୃତରେ, ଅନୁଷ୍ଟୁପ୍
ଶ୍ଳୋକ ଲେଖିପାରୁ ଥିବା ପଣ୍ଡିତଙ୍କଠୁ 'ଜିନାଥମେଳା'ର ପୂଜା ପାଠ
ଓ 'ସାଧନା'ର ମନ୍ତ୍ର ନେଇ, ତାଙ୍କ ହାତେ କଟକ ସଦନସ୍ଥଙ୍କ
ଉତ୍କଳବର ଓ ରଚିତ ଓଡ଼ିଆ ଜିନାଥମେଳା ପୁସ୍ତକକୁ ସଂସ୍କୃତରେ
ପୂର୍ଣାଂଶ ପଦ ଲେଖାଇ ଛପାଇ ନିଜ ଭଣିତାରେ ପ୍ରଚାର କରି,
ସେଇ ପଣ୍ଡିତଙ୍କୁ ସଂମାନ ଓ ପଦବୀରେ ଭୂଷିତ କରିଥିବା କଥା
ଏବେ ବି ଅନେକଙ୍କ ମନେଥିବ । ସେଇପରି ଦରସ୍ତୁ ଆମାନେ
ଫଳିତ ଜ୍ୟୋତିଷକୁ ବିଦ୍ୟା ବୋଲି ଧରି ସେଇଭଳି ରାଜାରାଜୁଡ଼ାଙ୍କ
ପାଖେ ବଡ଼ ପଣ୍ଡିତ ହେବାର ଗୋଟିଏ ଯୁଗ ଏ ଦେଶରେ ଚଳି-
ଗ୍ଲିଥିଲା । ଏ ଗଣକ କାଳିଦାସ ସେଇପରି ସମାଜ ତଥା ସାହିତ୍ୟର
ଅପଗତକାଳରେ ସେଇପରି କୌଣସି ମୂର୍ଖ ଅଥବା ଅଂଶୀ
ଧନାଧିପଙ୍କ ଆଶ୍ରୟରେ ଥାଇ ତାଙ୍କର ,ବିକ୍ରମ ନୃପତି ବା
ବିକ୍ରମାଦିତ୍ୟଙ୍କର ନାଁରେ କାଳିଦାସ ସାଜି ନିଜ ସଂଗକୁ କେଉଁ
[illegible], ... ବେତାଳ ଘଟକ, ଧ୍ରୁବ, ବଡ଼ ମିହିର ଉପଦେ-
ଶିଷ୍ୟତ ପଣ୍ଡିତଙ୍କ ସହ ଅଜ ଦେଶେ ଜଣ ପଣ୍ଡିତମାନଙ୍କୁ ଧନ୍ୱ-
ନ୍ତରି ଭାରତର ସୁଧୀ ପରଂପରାରେ ଜବରନ୍ ନାମ ଲେଖାଇଲେ । ସେ ପୁଣି

Digitized by srujanika@gmail.com

ବରାହମିହିରଙ୍କ କରଣାବ୍ଦ ( ୪୦୪ ଶକ ) ପର୍ଯ୍ୟନ୍ତ ନ ଯାଇଁ ମଧ୍ୟ ନିଜକୁ କାଳିଦାସ କହି ଶଙ୍କର ଲାଲ ପୁଣି ଏ ନବରତ୍ନଙ୍କ କାଳକୁ ଖ୍ରୀଷ୍ଟ ପୂର୍ବ ପ୍ରଥମଶତକ ବୋଲି ପ୍ରମାଣ କରିବା ପାଇଁ କଳିଯୁଗାବ୍ଦ ଗଣନାରେ ସେଇ ଜ୍ୟୋତିର୍ବିଦାଭରଣରେ ଶ୍ଳୋକ ଲେଖି ଯାଇଚନ୍ତି । ଅପର କେତେକ ପଣ୍ଡିତ ମଧ୍ୟ ସେଇ ଶ୍ଳୋକକୁ ଧରି, ବଂଗୀୟ ପଣ୍ଡିତ ଶଶିଭୂଷଣ ଦାସ ଗୁପ୍ତ ବଂଗ ଦେଶରେ ଓଡ଼ିଆ କୁଲିଙ୍କ ପ୍ରସ୍ତୁତ 'ହିନାଥ ମେଳା'କୁ ବଂଗର ବହୁ ପ୍ରାଚୀନ ଧର୍ମାନୁଷ୍ଠାନ ବୋଲି ତହିଁରୁ ସାହିତ୍ୟ ତତ୍ତ୍ୱ ବାହାର କଲାପରି, କାଳିଦାସ ଓ ତହିଁ ସଂଗେ 'ନବରତ୍ନ'ଙ୍କ ପ୍ରତିଷ୍ଠା ପ୍ରତିପତ୍ତି ଓ ଜନ୍ମ ଜାତକ ବାହାର କରୁଥିଲେ, ଏବେ ହୁଏତ କରନ୍ତି । ଦୀନ, ନିଜକୁ ଗୌରବାଢ୍ୟ ବୋଲି ଦେଖାଇ ହେବାରେ ଏ ମନୋବୃତ୍ତି ପ୍ରକାଶ ପାଏ । ଏହା ନିଜ ଗୌଣ-ମନୋବୃତ୍ତିର ଏକ ସ୍ୱାଭାବିକ ପ୍ରକାଶ । ଓଡ଼ିଆ ସାହିତ୍ୟ ବିଷୟରେ ଏଇ ମନୋବୃତ୍ତି ଏବେ ଖୁବ୍ ଦେଖା ଯାଉଛି । ଏ ଯେଉଁ ବଳରାମ-ଦାସଙ୍କ କଥାଟି କୁହାଯାଉଛି, ତାର ଆଲୋଚନାରେ ସେଇଆଇ ଦେଖାଯାଏ ଓ ସ୍ୱାଧୀନ ଓ ଅନାସକ୍ତ ବିଷୟରେ ତା ବୁଝି ସାହିତ୍ୟ ଆଲୋଚନାରେ ଯତ୍ନ କରିବାକୁ ହେବ । ବଳରାମ ଦାସେ 'ବେଦାସଞ୍ଜମା'ରେ ଜଗମୋହନରେ ମାଣିକ ଛନ୍ଦ କଥା ଲେଖିଛନ୍ତି । ଅତଏବ ପୁରୁଷୋତ୍ତମ ଦେବ ନିଜେ ତା ଜଗମୋହନ ଭାଗରେ ଖୋଲାଇଥିଲେ, ଏହା କହିବା ଅନେକଙ୍କ ପକ୍ଷରେ ବଡ଼ ସ୍ପୃହଣୀୟ ଓ ସ୍ୱାଦ୍ୟ ହୋଇ ପାରେ । ଭକ୍ତମାନେ ପୁଣି ଏଥିରେ କୃତକୃତ୍ୟ । କାହିଁ ନା, ତାଙ୍କ ବୁଦ୍ଧି ବିଶେଷ କେନ୍ଦ୍ରି ସେବକ । ଦେଶପ୍ରୀତି-ପରାୟଣ ଓଡ଼ିଆଙ୍କ କଥା ତ କହିବା ଦରକାର ନାଇଁ । କିନ୍ତୁ ଯଥାର୍ଥରେ ଏ ବଳରାମ କ'ଣ ସେଇ

Digitized by srujanika@gmail.com

ବଳରାମ ଯେ ଦାଣ୍ଡି ରାମାୟଣ ଲେଖିଥିଲେ ଓ ଚୈତନ୍ୟଙ୍କ ପଞ୍ଚସଖାଙ୍କ ଭିତରେ ଜଣେ ଥିଲେ ? ଏ କଥଣ ସେଇ ବଳରାମ ଯେ ସଂସ୍କୃତ ବା ଦର୍ଶନ କିଛି ନ ଜାଣି, କେବଳ କୃଷ୍ଣ ନାମ ବଳରେ ମୁକ୍ତିମଣ୍ଡପ ପଣ୍ଡିତଙ୍କ ଅଦ୍ୱ୍ୟାନ ମତେ ବେଦାନ୍ତ ଅର୍ଥକରି ସେଇ ଦର୍ପୀ ପଣ୍ଡିତମାନଙ୍କୁ ମୁଗ୍ଧ ଓ ସ୍ତବ୍ଧ କରିଥିଲେ ? ଯେ କୃଷ୍ଣ-ଜଗନ୍ନାଥଙ୍କ ସଂଗେ ରାତରେ ପଣସ ଚୋରି କରି ନିଜେ ଧରାପଡ଼ି, ସିଂହାସନରେ ଜଗନ୍ନାଥଙ୍କ ମୂର୍ତ୍ତି-ବିଗ୍ରହ ମୁଣ୍ଡରେ ବା ମୁହଁରେ ପଣସ ଅଠା ଦେଖାଇ ଚୋର ଧରିଥିବା ଲୋକଙ୍କୁ ଭକ୍ତ ବନାଇ ପାରିଥିଲେ ? ଏ କଥଣ ସେଇ ବଳରାମ ଯେ ଜଗନ୍ନାଥଙ୍କ ସଂଗେ ସ୍ୱପ୍ନରେ ଲଂକାଯାଇ ବିଭୀଷଣଙ୍କ ସାକ୍ଷାତ କରି ଲଂକାନଗରୀର ସ୍ୱର୍ଣ୍ଣ ପ୍ରାସାଦ ଶ୍ରେଣୀରେ ବୁଲି ଜଗନ୍ନାଥଙ୍କ ସଂଗେ ସେଠି ସେଦିନ ରହିଯାଇଥିଲେ ? ଏ କଥଣ ପୁଣି ଦାର୍ଢ୍ୟତାଭକ୍ତି ରସାମୃତର ସେଇ ବଳରାମ ଦାସ ଯେ ବାସି ଶେଜରୁ ଉଠି ସେଇ ତେଲ ହଳଦୀ ଘଷା ଲଟିଥିବା ଲୁଗାକେ ରଥକୁ ଚଢ଼ି ପଣ୍ଡାଙ୍କଠାରୁ ଗାଳି ଖାଇ ବାଙ୍କିମୁହାଣରେ ବାଲି ରଥ କରି ସେଥିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବସାଇ ରଥଯାତ୍ରା ବନ୍ଦ କରି ଦେଇଥିଲେ ଓ ପରେ ଜଗନ୍ନାଥଙ୍କ ହାତେ ରାଜାଙ୍କୁ ସତନାଇ ସେଇ ନିର୍ଦ୍ଦୋଷ ପଣ୍ଡାଙ୍କ ଉପରେ କ୍ରୂର ପ୍ରତିଶୋଧ ନେଇ ଏକାମାତ୍ରକେ ନିଜର ଭକ୍ତିତ୍ୱ ଓ ଜଗନ୍ନାଥଙ୍କ ଭକ୍ତ-ପକ୍ଷପାତିତା ପ୍ରମାଣ କରି ପ୍ରଚାର କରିଥିଲେ ? ଏଇ ବଳରାମ କଥଣ ବିଷ୍ଣୁଙ୍କ ଉପରେ କ୍ରୋଧ ଓ ପ୍ରତିଶୋଧ ଦେଖାଇବାପାଇଁ ଲକ୍ଷ୍ମୀଙ୍କୁ ଇତରନାରୀରୂପେ ଦେଖାଇ 'ଲକ୍ଷ୍ମୀ ପୁରାଣ' ଲେଖିଥିଲେ ? ଦାଣ୍ଡି ରାମାୟଣ ଲେଖିସାରି 'ଭକ୍ତ' ହେବାପରେ ଏଇ କବି 'ବ୍ରହ୍ମାଣ୍ଡ ଭୂଗୋଳ', 'ଗୁପ୍ତଗୀତା' ଠାରୁ 'ବେଢ଼ା ପରିକ୍ରମା', ପଣସ ଚୋରି ଓ ଲକ୍ଷ୍ମୀପୁରାଣ ପରି

Digitized by srujanika@gmail.com

ପୁସ୍ତକମାନ ଲେଖିଥିଲେ । ଗୁପ୍ତଗୀତାର ଶେଷାଂଶରେ ଲେଖିବାପାଇଁ ବଳରାମ ପୁଣି ଅବତାର ହୋଇଥିବା କଥାର ଅର୍ଥବ୍ୟାପ୍ତି କଅଣ ? ଏସବୁ ପ୍ରଶ୍ନର ସମାଧାନ କରିବା କଅଣ କଷ୍ଟ କଥା ? ହୋଇପାରେ, ପାଣ୍ଡିତ୍ୟାଭିମାନୀ ବଳରାମ ଦାସ, ଚୈତନ୍ୟ ଓ ତାଙ୍କ ସଂଗେ ଗୌଡ଼ୀୟ ବୈଷ୍ଣବଙ୍କ ଓଡ଼ିଶା ଆଗମନ ପରେ ବିଶେଷ ହୋଇ ଓଡ଼ିଶାର ପାରମ୍ପରିକ ଧର୍ମକୁ ଆଗରେ ଧର୍ମ ଓ ବୁଦ୍ଧ ଦେବଙ୍କୁ ଏକ ନୁହେଁ ବୋଲି ବ୍ୟାଖ୍ୟା କରି ବୁଝାଇବା ପାଇଁ 'ଅତିବଡ଼' ଜଗନ୍ନାଥ, ଦାସ 'ଭୁଲାଇଣା' ଓ ଅଚ୍ୟୁତାନନ୍ଦ ଦାସ, 'ପ୍ରେମ-ଭକ୍ତି-ବ୍ରହ୍ମ-ଗୀତା' ଲେଖିଲାପରେ ବ୍ରହ୍ମାଣ୍ଡ ଭୂଗୋଳ ଓ ଗୁପ୍ତଗୀତା ପରି ଗ୍ରନ୍ଥ ଅନେକ ପୁସ୍ତକ ଲେଖିଥିବେ । ରାଧା-ଭାବ-ସ୍ୱବଳିତ ବୈଷ୍ଣବ ଧର୍ମ ଓଡ଼ିଆ ସମାଜକୁ ଘୋଟି ଗଲାବେଳେ, ପୁଣି ପ୍ରତାପରୁଦ୍ରଙ୍କ ପରି ସମ୍ରାଟ ସେଥିରେ ଏକାନ୍ତ ପ୍ରୀତିରେ ବର୍ଦ୍ଧିତ ହେଉଥିବାବେଳେ, ବ୍ରହ୍ମଚର୍ଯ୍ୟମୂଳକ ଜାତୀୟ ସାଧନାକୁ ମନେ ପକାଇ ପାଦର୍ଶନିକ୍ଷେପ ସ୍ଥିତିଲାଭ, ଶେଷରେ ବୁଝି, ବୈଦେଶିକ ବା ନବୁଝି ସଂସାରରେ ଚାଲିଆସୁଥିବା ଏହା ଓ ସଂସ୍କାରର ପ୍ରେମଜନିତ, ଏପରି ଲେଖାମାନ ବାହାରିପଡ଼ିଥିବା ସ୍ୱାଭାବିକ । କିନ୍ତୁ, 'ଗଣେଶ ବିଭୂତି', 'ବିଚିତ୍ର ରାମାୟଣ', 'ଭାବ ସମୁଦ୍ର' ଏହି ଗ୍ରନ୍ଥମାନ ଯେ କଦାପି ସେହି ବଳରାମଦାସଙ୍କର ନୁହେଁ, ଏହା ସ୍ଥିର କରିବାକୁ କଣ ପାଣ୍ଡିତ୍ୟର ଦରକାର ଲୋଡ଼ା ? ଲେଖା-ସାହିତ୍ୟର ଧାରାବାହିକ ବସ୍ତୁରହିଲେ ଏଥିପାଇଁ ଯଥା ସ୍ଥାନରେ ପୁଣି ଲକ୍ଷ୍ୟ କରାଯିବ । ଏସବୁ ଭକ୍ତଙ୍କ କାମ । ବୃନ୍ଦାବନରୁ ଛଡ଼ାଇ ଛଡ଼ାଇ ଖଣ୍ଡିବାପାଇଁ ଯେପରି ସାକ୍ଷୀ ହୋଇ ଆସି ଥିଲେ ସାକ୍ଷିଗୋପାଳ, କେଉଁ ମହାପାତ୍ରଙ୍କ ଝିଅ ଲକ୍ଷ୍ମୀ ଯେପରି ଦେଉଳରେ ଯାଇ ରାଧା ରୂପ ଧରି ଠିଆ ହୋଇଗଲେ, ଏସବୁ

Digitized by srujanika@gmail.com

ନିଶ୍ଚୟ ସେଇଭଳି କଥା । କିନ୍ତୁ ପୁରୁଷୋତ୍ତମଙ୍କ କାଞ୍ଚି ଅଭିଯାନ ସଂପର୍କରେ ପ୍ରଚଳିତ ଯେଉଁ ମାଣିକ ଉପାଖ୍ୟାନ ଓ ତାର ଆନୁଷୋଡଶ ତତ୍ତ୍ୱ, ସେ କଥା ଘଟଣା ହିସାବରେ ମିଥ୍ୟା ହେଲେ ମଧ୍ୟ, ଠିକ୍ ଭକ୍ତର ସତ୍ୟ ଅନ୍ତରଙ୍ଗ ତତ୍ତ୍ୱ ହିସାବରେ ମିଛ ନ ହୋଇ ପାରେ । ତେଣୁ ଅତି ପ୍ରାଚୀନର 'ଆକ୍‌କାଡ୍ ସମ୍ରାଟ ସାର୍ଗନ୍‌ଙ୍କ ବାଲ୍ୟ ପରଂପରାରୁ ଧାର ଗ୍ରହଣ କରିବାରେ ପୁରୀ ମନ୍ଦିରରେ ମାଣିକ ସହିତ ପୁରୁଷୋତ୍ତମ ନିଜେ ଫୁଟାଇବା ଅସଂଭବ ନ ହେଲେ ମଧ୍ୟ, ସତ୍ୟବୋଲି ବହୁ ହେଉନାଇ । ପୁରୁଷୋତ୍ତମ ଯେବ ନିଜେ ଯୁଦ୍ଧ କରି, ଜଗନ୍ନାଥଙ୍କର ତଥା ଜଗନ୍ନାଥଙ୍କ ଦୈବୀଧର୍ମର ଇଜ୍ଜତକୁ କାର୍ଯ୍ୟରେ ରକ୍ଷା କରି ପାରି, ଜଗନ୍ନାଥ ଭାବରେ ଅଭିଭୂତ ହୋଇ, ପୁଣି ପ୍ରଚଳିତ ପୁରାଣ ପରଂପରାର ପ୍ରଭାବରେ ପଡ଼ି, ଏହା କରିଥାନ୍ତି, ତେବେ ଏହା ହେବ ଗୋଟିଏ 'ପୁରାଣ ମିଥ୍ୟା; ଭକ୍ତଙ୍କ ମିଥ୍ୟା ନୁହେ । ପିଲଙ୍କୁ ଲୋକେ ଦେଖି ଠକ୍ ଓ ସତ୍ୟବ୍ରତଙ୍କ ଗଳ୍ପ କହନ୍ତି । ସେଥିରେ ଯେଉଁ ପ୍ରଭେଦ, ପୁରାଣ ମିଥ୍ୟା ଓ ଭକ୍ତ-ମିଥ୍ୟା ଭିତରେ ସେଇ ପ୍ରଭେଦ । ନା; ପ୍ରକାରରେ ସେଇ ପ୍ରଭେଦ ହୋଇ ପାରେ; ମାତ୍ର ପରିମାଣରେ ଅନ୍ତତଃ ଏହା ତାହାର ଲକ୍ଷେ ଗୁଣ । ସେ କଥା ଭୁଲିବା ଯାଇନି ।

# ପ୍ରଥମ ଅଧ୍ୟାୟ

## ମିଥ୍ୟାରେ ସାହସିକତା—
## ପୌରାଣିକ ଓ ଷ୍କୃକ ମିଥ୍ୟା

### ପୁରାଣର ପ୍ରକାଶଧାରା

ପୁରାଣରେ ସବୁଠୁ ଅଦ୍ଭୁତ କିମ୍ବା ଥାଏ, ତା ସଂଗେ ମିଥ୍ୟା ବି ଥାଏ। ଭକ୍ତର ଆଉ ବିକାଶ ସେଥିରେ ମିଶିଥାଉ ନ ଥାଏ ବି ନୁହେଁ। ସମାଜ ଅତି ଶିଶୁ ଓ ବାଳୁତ ଥିଲାବେଳେ ପୁରାଣର ଆବିର୍ଭାବ। ପିଲାଏ ପଥର ସଂଗେ କଥାବାର୍ତ୍ତା ହୁଅନ୍ତି; କୁଣ୍ଢେଇ ଆଦର କରନ୍ତି, କୁଣ୍ଢେଇକୁ ଶୁଆନ୍ତି, ଶୁଅନ୍ତି; ନାଚ କରି, ମାଟି କୁଣ୍ଢେଇ ଗଢି ସେଥିରେ ତାକୁ ବୋଉଝିଅଳ କରି ବସାଇ ପଣି ଖାଉନ୍ତି ନାଳିକାଷ୍ଟି ତାକୁ ସେଥିରେ ବସାଇଲାବେଳେ ସେଇ କୁଣ୍ଢାଇ-ବୋଉଝିଅଙ୍କୁ କେତେ ଉପଦେଶ ପରାମର୍ଶ ଦିଅନ୍ତି, ସେ ନଗଲେ, କି ଅନ୍ୟବାଟ ଧରିଲେ, ତାକୁ ଗାଳି ଦିଅନ୍ତି, ମାରନ୍ତି। ସମାଜର ଶୈଶବରେ ଠିକ୍ ଏଇପରି ପୁରାଣ, ପ୍ରକାଶ ପାଏ। ସେଇ ଆଦିମମାନବମାନେ ଭୂମି, ସମୁଦ୍ର, ଆକାଶ, ପାହାଡ଼, ଗଛ, ଲତା, ନଈ—ସବୁଠି ନିଜ ପରି ଜୀବନ ଓ କର୍ମ ପ୍ରବଣତା ଦେଖନ୍ତି। ଆକାଶର ତାରା, ଚନ୍ଦ୍ର, ସୂର୍ଯ୍ୟ ତାଙ୍କ ପାଖେ ମନୁଷ୍ୟ—ଉପରେ ଥିବାରୁ, ଅପହଂଚ, ଦେବତା। ଏଇପରି ପ୍ରାଣବନ୍ତ କର୍ମମୟ ପ୍ରକୃତି ଭିତରେ ଆଦିମମାନବ ଆତଯତ ହୁଏ। ସୂର୍ଯ୍ୟ ଅସ୍ତଯାଏ ସାଗରରେ ସକାଳ ସଞ୍ଜ କରେ, ଫୁଲ ଫୁଟାଏ, ବସନ୍ତ ଶୀତ ଭରାଏ, କେବେଳେ ବେଳେ ଅତର୍କିତ ଅଶନି ଆଉ ବଜ୍ରପାତ ବି କରାଏ। ପ୍ରକୃତିରେ ମନୁଷ୍ୟର ମନଯୋଗ ସର୍ବଦା

Digitized by srujanika@gmail.com

ଏହି ଶକ୍ତିସମ୍ପନ୍ନ ପ୍ରକାଶ ବା ବ୍ୟକ୍ତିମାନେ ଈଶ୍ୱର କାର୍ଯ୍ୟ କରନ୍ତି ନାହିଁ । ସେହି ହେତୁରୁ ଭକ୍ତିରେ ପ୍ରାର୍ଥନା କରାଯାଏ । ମନୁଷ୍ୟଙ୍କ ଭିତରେ ମନୁ ପ୍ରଭୃତିଙ୍କ ପରି ଯେ ସାଧାରଣ ଜନଠାରୁ ଅଧିକ କ୍ଷମତା ପ୍ରୟୋଗ କରି ପାରନ୍ତି, ସେ ବି ଦେବତା ପରି ହୁଅନ୍ତି । କ୍ରମେ ତାଙ୍କ ସଂଗେ ଅଦ୍ଭୁତ କିସ୍ସାସବୁ ଲାଗିଯାଏ । ଦେବଦେବୀ ବାହାରନ୍ତି—କ୍ରମେ ପ୍ରକାର ପରିମାଣ ଓ ସଂଖ୍ୟାରେ ସେମାନେ ବଢ଼ନ୍ତି—ଦେବ ଦେବୀଙ୍କର ଆବିର୍ଭାବ ହୁଏ, ସେ ଆଗକୁ ଭବିଷ୍ୟ କହନ୍ତି । ଏଇପରି ପୁରାଣ ବା ପୌରାଣିକ ଆଖ୍ୟାନମାନଙ୍କର ପ୍ରକାଶ, ପ୍ରସାର ଓ ପ୍ରଚାର ହୁଏ । ପିଲାଙ୍କ ବାଲିଗେଡ଼ା ଖେଳ ଯେପରି ଉଚ୍ଚତର ବୟସର ତାସ ଗଞ୍ଜପାରେ ପରିଣତ ହୁଏ, ସେହି ପରି ପରିଣତ ସମାଜର ଦେବ ଦେବୀ ଓ ତାଙ୍କ ଅନୁଷ୍ଠାତୀଙ୍କ ଅଦ୍ଭୁତ କିସ୍ସା । କିନ୍ତୁ ତାସର ରଜା, ବବ ବା ଗଂଜପାର ରଜା-ମନ୍ତ୍ରୀଙ୍କୁ ଅଥବା ନ୍ୟାସ୍ତବଳରେ ସୈନିକଙ୍କୁ କେହି ମନୁଷ୍ୟ ବୋଲି ବିଶ୍ୱସନ୍ତି ନାହିଁ, କିମ୍ବା ତାଙ୍କ କାର୍ଯ୍ୟପାଇଁ ତାଙ୍କୁ ଦାୟୀ କରନ୍ତି ନାହିଁ । ପରିଣତ ସମାଜରେ ଦେବଭାବ ଓ ଈଶ୍ୱର ଭାବ କିନ୍ତୁ ସବୁବେଳେ ଠିକ୍ ସେପରି ହୁଏ ନାହିଁ । ପୁରାଣର ପ୍ରଗତିରେ ଯେଉଁ ମିଥ୍ୟା ଫୁଟେ ତା ସ୍ୱାଭାବିକ । ଅଦ୍ଭୁତ କିସ୍ସା ସେଥିରେ ଥାଏ । ମାନବର ନିଜ ଭାବ କିମ୍ବା ଅଭ୍ୟାସ ପ୍ରଭୃତି ସେଥିରେ ଆରୋପ କରାହୁଏ । କିନ୍ତୁ କ୍ରମେ ଯୁକ୍ତି ଓ ଦର୍ଶନ ଲବ୍‌ଧ ଜ୍ଞାନରେ ଏସବୁ ତୁଟି ଯାଏ । ପୁରାଣ ସଂସ୍କାର ବା ଅନ୍ଧ-କୁସଂସ୍କାରଗତ ଫଳିତ ଜ୍ୟୋତିଷ ଓ ଅନ୍ୟ ବୈଜ୍ଞାନିକ-ଜଗତରୁ ନିର୍ବାସିତ ହେଲାଣି । ସେଥିରେ ଏକାଳେ ପଦ 'କାଳିସୀ' ଲାଗନ୍ତି ଓ ଦେବୀ ଜାଗ୍ରତହୋଇ ହଇଜାରେ ଗଣିକରି ଏତେ ମୁଣ୍ଡ ଖାଆନ୍ତି, ଓ ସେଇପରି ଜଗନ୍ନାଥେ ରାତିରେ ବାଳଗ୍ରାମ

Digitized by srujanika@gmail.com

ଦାସଙ୍କ ହାତେ ନିଜର 'ଫଳ' ଦେଇ ତାଙ୍କୁ ପରୀକ୍ଷଣ ଦେଖାଇବା ପାଇଁ ପୁସ୍ତକ ଲଣ୍ଡନକୁ ଘେନି ଯାଇ ଥିଲା। ଫଳରେ ଦେଶକୁ ଫେରନ୍ତି ଓ ତାଙ୍କୁ ପୁଣି ପଦ . ଆମ ସାହିତ୍ୟିକମାନେ ଓଡ଼ିଆ ଉନ୍ନତ ଉନ୍ନତର କୃତିକୁ ଓ ତେଣୁ ଶ୍ରେଷ୍ଠ ଜାତୀୟ ସାହିତ୍ୟ ଓ ଜାତୀୟ ଚେତନାର ନିଦର୍ଶନ ବୋଲି ଶିକ୍ଷାର୍ଥୀଂକଠାରୁ ସମାଲୋଚକଙ୍କ ଯାଏ ସମସ୍ତଙ୍କ ଆଗେ ପ୍ରସ୍ତୁତ କରନ୍ତି, ତେବେ ତାହାର ଆଉ କ ଆଶା ଅଛି ? କ ଭବିଷ୍ୟତ ଅଛି ?

## ଏ କ୍ଷେତ୍ରରେ ଭାରତ ଓ ଓଡ଼ିଶା

ଏବେ ପଶ୍ଚିମ ପାକିସ୍ତାନରେ ସ୍ୱୟଂ ଖୋଦା ତେରଶହ ବା ଚଉଦଶହ ବର୍ଷ ତଳେ ମନୁଷ୍ୟ ସମାଜକୁ ଯେପରି ଚଳିବାକୁ ଓ ଯାହା କରିବାକୁ ଖବର ଦେଇ ମହମ୍ମଦଙ୍କୁ ପଠାଇ ଥିଲେ, ସେଇଥିରେ ସମାଜ ଗଢ଼ିବାର ଉଦ୍ୟମ ହେଉଛି । ତେଣେ ଦୂରରେ ଆମେରିକା ନିରୀଶ୍ୱର ଓ ଦର୍ଶନଜ୍ଞାନ ରୁଷିଆର ଉପରେ ବିଜ୍ଞାନ ଦମ୍ଭରେ ଲୁଣ୍ଠିଥିବା ଈଶ୍ୱରଙ୍କୁ ପୁଣି ସିଂହାସନରେ ବସାଇବାରେ ଲାଗି ଗଲଣି । ରୁଷିଆ ଓ ରୁଷିଅପନ୍ଥୀମାନେ ଈଶ୍ୱରଙ୍କୁ ସିଂହାସନରୁ ତଡ଼ିଦେଇ ମନୁଷ୍ୟକୁ ତା କର୍ମପାଇଁ କାହା ପାଖେ ଦାୟୀ କରିବେ, ତା ଦୃଷ୍ଟି ନପାଇ ମାନବ ବ୍ୟକ୍ତିକୁ ଆଦାନ-ପ୍ରଦାନ, ଆହରଣ-ଭୋଗ ତଥା ଉତ୍ପାଦନ ଓ ବ୍ୟୟର ଗୋଟିଏ ଗୋଟିଏ ଯନ୍ତ୍ରଚାଳିତ କଳରେ ପରିଣତ କରିବାକୁ ବସିଛନ୍ତି । ଭାରତ ଆଜି ସ୍ୱତନ୍ତ୍ର ପରାଧୀନତାର ଅବସାଦ ପରେ ମୁକ୍ତ ବାୟୁରେ ନିଶ୍ୱାସ ନେବ ଆଗେ ଟିଏ ହୋଇଛି । ମାନବ ସମାଜର ଯଥାର୍ଥ ପ୍ରଗତି ହେଉଛି, ପୁରାଣ ପରଂପରା ଓ ସଂସ୍କାରର ଶିଶ୍ନମୂଳର ଓ ଆଧୁନିକ-ବିଜ୍ଞାନୋପଯୋଗୀ ସବଳ

Digitized by srujanika@gmail.com

କଳ୍ପନାରୁ ଭିନ୍ନ ଦର୍ଶନ ଓ ସେହି ଦର୍ଶନରେ ପ୍ରତିଷ୍ଠିତ ବସ୍ତୁ-
ନୈତିକତା ବା ବସ୍ତୁମୈତ୍ରୀକୁ ଉଠିବା । ଈଶ୍ୱର ସ୍ୱତ, ଦେବଦେବୀ
କିଂବା ଉତ୍ପାଦନ ଦୃଷ୍ଟିରେ ଶ୍ରେୟ ଓ ଭୋଗ ଦୃଷ୍ଟିରେ ଉତ୍ପାଦନ-
କଳନା, ସେ ବସ୍ତୁ-କର୍ମମାତ୍ର ଫୁଟାଇ ପାରୁ ନାଇଁ; ପାରିବ ନାଇଁ ।
ମାନବର କର୍ମରେ ସେହି ମାନବକୁ ଦାୟିତ୍ୱ ଦେଇ ନ ପାରିଲେ,
ଶୀଳ ବା ଅସ୍ତିତ୍ୱର ସଙ୍ଗତ ଆଦର୍ଶ ନାଇଁ । ସେ ଆଦର୍ଶ ନ ବୁଝିଲେ,
ସମାଜ ପ୍ରଗତିର ପନ୍ଥା ଧରି ମାନବ ସାହିତ୍ୟ ଆଲୋଚନା କରିବାର
ଉପାୟ ନାଇଁ । ଜୈନଧର୍ମର କଥା ସୂଚନାରେ ଟିକଏ କୁହା-
ଯାଇଛି । ଈଶ୍ୱର, ଦେବଦେବୀ ଓ ସେମାନଙ୍କ ପ୍ରେରିତ ମନୁ-
ଗଂବର ପନ୍ଥାର ଅବଲଂବନ ହେଉଛି ମାନବ ସାହିତ୍ୟରେ
ସେମାନଙ୍କ ମତରେ 'ମିଥ୍ୟାଦର୍ଶନ' । ଏହାକୁ ପୁଣି 'ଶଲ୍ୟ' ବା
ମର୍ମଭେଦୀ ମାରଣାସ୍ତ୍ର ବୋଲି ସେମାନେ କହନ୍ତି । ପୁରାଣରେ
ତାଙ୍କର ଅଦ୍ଭୁତ ଘଟଣା ପୂର୍ଣ୍ଣ ରହିଛି; କିନ୍ତୁ ଦର୍ଶନରେ ନାଇଁ ।
ସମସ୍ତ କର୍ମ ପାଇଁ ଆତ୍ମା ଦାୟୀ । ସେହି ବୁଦ୍ଧିରେ ସମାଜ ଓ
ବ୍ୟକ୍ତି କର୍ମର ସମାଧାନ କରିବାକୁ ହେବ । ସମସ୍ତ ପୁରାଣ ଓ
ଅଦ୍ଭୁତ ଉକ୍ତିସବ ଗୁଡ଼ ଭାରତରେ ଜୈନ ସଂସର୍ଗ ଏହି
ଦର୍ଶନକୁ ଉଠିଥିଲା । ଆମ ସାଂଖ୍ୟ ଓ ବେଦାନ୍ତ, ଏହି ଜୈନ
ଦର୍ଶନର ସ୍ୱାଧୀନ ଚିନ୍ତାର ଓ ପରିଣତି । ନାନା ପୀଡ଼ାରେ ଭାରତ
ସାହିତ୍ୟରେ ଏହା ବଡ଼ କ୍ଷୀଣପ୍ରାଣ ଓ ପ୍ରାୟ ମଳିନ ହୋଇଥିଲା ।
ଓଡ଼ିଶା ଶେଷ ଜୈନ ଭୂମି । ଏଠାରେ ସେହି ଦର୍ଶନ
ସଙ୍କେତରେ ଜଗନ୍ନାଥର ବିକାଶ । ଶାସ୍ତ୍ରିକ ତଥା ଆଧ୍ୟାତ୍ମିକ
ପରାଧୀନତାର ନାନା ପୀଡ଼ା ଭିତରେ ଓଡ଼ିଶାରେ ତା ଏବେ ଅଛି ।
ଓଡ଼ିଆ ସାହିତ୍ୟରେ ତାର ରୂପ ଏବେ ବି ଖୋଜିଲେ ମିଳିବ ।
କପୁର ଉଡ଼ିଯାଇ କନା ଖଣ୍ଡ ହେଲେ ବି ପଡ଼ିଛି । ଓଡ଼ିଆ ସାହିତ୍ୟକୁ

Digitized by srujanika@gmail.com

କୁଷ୍ଠ ରୋଗ ଗ୍ରାସ କରିବା ସତ୍ୟ; ଅସ୍ପୃଶ୍ୟ-ଦର୍ଶନଜନିତ ମାନବ ସମାଜରେ ଭକ୍ତିର ସାହସିକତା ଯଦି ତାଙ୍କୁ ନିଜର ମୋହନ ପ୍ରଭାବରେ ଧ୍ୱଂସ କରିବାକୁ ବସିଲେ, ସେ ଦୁର୍ଗତି କେଉଁଠାର ତା ଏଠି ହୋଇଛି । କିନ୍ତୁ ଓଡ଼ିଆ ସମାଜର ଗଭୀରଧାରା ଓ ଅଦର୍ଶ ଦୃଷ୍ଟି ରଖି ସାହିତ୍ୟର ଆଲୋଚନା କଲେ, ବିଶ୍ୱସାହିତ୍ୟକୁ ପ୍ରଭାବିତ କରି ବିଶ୍ୱ ଇତିହାସରେ ସମାଧାନର ଯଥାର୍ଥ ସୂଚନା ଦେବାର ସାମଗ୍ରୀ ଆମ ସମାଜର ଧର୍ମ-ପ୍ରକାଶରେ ଥିଲା ଓ ସାହିତ୍ୟରେ ଅଛି । ଭକ୍ତି ଏକ ମହାମୋହକର ମାରଣାସ୍ତ୍ର । ଓଡ଼ିଆ ସାହିତ୍ୟ ଓ ସମାଜକୁ ମାରିବାରେ ତାକୁ ଅତି ସାହସିକ ମିଥ୍ୟାର ପ୍ରୟୋଗ ନ କଲେ ଚଳନ୍ତା ନାହିଁ । ତାହାହିଁ ହୋଇଛି । ସେପରିସ୍ଥଳେ ଆମେ ସେହି ମାରଣଗତିକୁ ଅନୁଧାବନ କରି 'ଦାର୍ଢ୍ୟଭକ୍ତି-ରସାମୃତ' ପୁସ୍ତକରୁ ପ୍ରମାଣ ଉଦ୍ଧାର କରି ସେହି ସମସ୍ତ ସାହସିକ ଅଭୂତ ନିଷ୍ଠା ଓ ମିଥ୍ୟାକୁ ଦେଖାଇ ଆଉ ସମସ୍ତଙ୍କ ଭକ୍ତଙ୍କଠାରୁ, ଏକଲବ୍ୟ, ଚାଣ୍ଡାଳ, ଗୋରଖନାଥ କାର୍ତ୍ତିକ, ଯୀଶୁ, ମୁଷାଙ୍କଠାରୁ ଆମଭକ୍ତ ବଡ଼ ବୋଲି ବଡ଼ାଇ କରି ବସିଛି ଫଳ ଯା ହେବ ତା କହିବା ଦରକାର ନାହିଁ । ଫଳ ଯା ହଉ, ସେପରି ଆଲୋଚନା ଓଡ଼ିଆ ସାହିତ୍ୟର ଆଲୋଚନା ନୁହେଁ । ତମ୍ପୁ କୁଣ୍ଠାରେ ଗୁଣିଲ ବାହାରେ ନାହିଁ, କି ତା କୌଣସି କୁଟିଳ ବାଟରେ ଗଣାହୁଏ ନାହିଁ । ଆମ ବଳରାମଦାସଙ୍କ ଲଙ୍କା ଯାତ୍ରା ଓ ଜଗନ୍ନାଥଙ୍କ ସଙ୍ଗେ ବିଭୀଷଣ ଦର୍ଶନ ଓ ବାଲିବଣରେ ଜଗନ୍ନାଥଙ୍କୁ ଅଟକାଇ ରଖି ସଣ୍ଢାଙ୍କ ଉପରେ ମାଡ ପ୍ରତିଶୋଧ ନେବାଭଳି ଜିନିଷ ସବୁ ଯେଣୁ ସାହିତ୍ୟ ନୁହେଁ—ତା କଦାପି ଓଡ଼ିଆ ସାହିତ୍ୟ ହୋଇ ନ ପାରେ । ଆଉ ବାହା ସାହିତ୍ୟରେ ୮୪ ଟିକିଏ ଅନ୍ୟଭୁକ୍ତ କିମ୍ବା ଅଚ୍ଛୁଟବାଲ୍ ଆମର ସ୍ପର୍ଦ୍ଧା କରି ଅଶିକ୍ଷିତ ଜଗନ୍ନାଥଦାସ ମାସରେ ସ୍ୱରଚନ

Digitized by srujanika@gmail.com

କଳ୍ପିତ ହୋଇଥିବା କଥାକୁ ପ୍ରମାଣ କରି ରଖିବା କେବଳ ଗ୍ଲାଷ୍ଟାଇନର ଅନୁକରଣ ନୁହେଁ—ଏହା ଜୀବନ୍ତ ପ୍ରବଞ୍ଚନା । ଅପ ସାହିତ୍ୟର ଆଲୋଚନା ସ୍ୱାଧୀନ ଓ ବସ୍ତୁସେବ୍ୟ ହେବା ଉଚିତ । ପୃଥିବୀର ସାହିତ୍ୟକୁ ଆମର ବହୁ ଦାନ ଥିଲା । ଭକ୍ତି ଧର୍ମ ଯେଉଁଠି ପଡ଼ି ତା ସେଠାରେ (ଖ୍ରୀଷ୍ଟଧର୍ମାନୁଷ୍ଠ ସମାଜମାନଙ୍କରେ) କଳଙ୍କିତ ହୋଇ ନଷ୍ଟ ହୋଇଛି । ପ୍ରତିକ୍ରିୟାରେ ପରାଧୀନ ଭାରତ ପ୍ରତିସ୍ପର୍ଧାରେ ଭ୍ରଷ୍ଟ ହୋଇଛି । ଓଡ଼ିଶା ବହୁକାଳ ସେ ଆଦର୍ଶ ଓ ସାଧନା ଧରି ରଖିଥିଲା । ଏବେ ବି ସାହିତ୍ୟର ଆଲୋଚନାରେ ପଦେ ପଦେ ତାର ସଙ୍କେତ ମିଳିବ । ସେ ଆଲୋଚନାର ବାଟ କଣ୍ଟକ ବହୁ ଦୁର୍ଗମ । ପୃଥିବୀରେ ଆଜି ଦର୍ଶନର ଅଭାବ । ଖାଲି ଦର୍ଶନର ଅଭାବ ନୁହେଁ—ଦର୍ଶନ ପ୍ରତି ଅଭିମୁଖ୍ୟର ଅଭାବ । ଭକ୍ତି ଧର୍ମର ସାହସିକ ମିଥ୍ୟାରଚନା ଓ ପଦ୍ଧତିର ନବୀକରଣ ଲାଗି ସେ ପ୍ରାଣ ଓ ପ୍ରେରଣା ଦରକାର, ଭାରତୀୟର ତା ଅଙ୍କ ଅଛି ବୋଲି ବନ୍ଧୁ ହେଉ ନାଇଁ । ତା ପୁଣି ଆଣିବାକୁ ହେବ ଓ ଜଗନ୍ନାଥ ଧର୍ମ-ମୂଳକ ଓଡ଼ିଆ ସାହିତ୍ୟର ଆଲୋଚନାରେ ଏହା ତା ଆସିବ । ସେଥି-ପାଇଁ ତା ବାଟ ପରିଷ୍କାର କରିବା ଉଦ୍ଦେଶ୍ୟରେ ଏଠି ଉଦାହରଣରେ ପୁରାଣର କଳ୍ପନା ଓ ଭକ୍ତିର ସାହସିକ ମିଥ୍ୟାର କେତେକ ଉଦାହରଣ ଦେଇ ଦେଖାଇ ଦେବାକୁ ହେବ । ବୁଝି ରଖିବା ଉଚିତ, ଶିଶୁର ସରଳ କଳ୍ପନା ଓ ଭାବନା ଯଦି ପ୍ରୌଢ଼କୁ ଅଭିଭୂତ କରେ ତେବେ ବ୍ୟକ୍ତିଭାବ ଯେ ପରିଣତ ହେବ, ପୁରାଣର କଳ୍ପ-ନାକୁ ଯଦି ବଢ଼ାଇ କରି ଭକ୍ତିରେ ସମାଜକୁ ବାନ୍ଧି ରଖିବାର ଉଦ୍ୟମ କରାଯାଏ, ତେବେ ସମାଜର ସେଇ ଗତି । ଭକ୍ତିର ମହା-ସମ୍ବର୍ଦ୍ଧନା ଶକ୍ତିରେ ଏସବୁ ପ୍ରଭାବିତ ହୋଇ ପୁରାଣ ବା ଅଜ ଏ ବିଜ୍ଞାନ-ଗ୍ରସ୍ତ ଅଶାନ୍ତ ମାନବ ସମାଜକୁ କେତେ କାଳ କପରି ଶାନ୍ତି

Digitized by srujanika@gmail.com

ଓ ସମାଧାନ ହେବ ? ପୁରାଣର ସରଳ କଳ୍ପନା ଓ ଭକ୍ତର ସାଂଦ୍ର-ସିକତାର କେତୋଟି ଉଦାହରଣ ଦେଖ ।

## ପୁରାଣ ମିଥ୍ୟା—'ସହସ୍ରାକ୍ଷ'

ପୁରାଣ-ମିଥ୍ୟା, ସଭ୍ୟତାର ସମାଜର ଭକ୍ତ-ମିଥ୍ୟାଠାରୁ ଭିନ୍ନ । ଦର୍ଶନ-ହୀନ ମାନବଂ ସମାଜର ପ୍ରଗତିରେ ପୁରାଣ ଓ ପୌରାଣିକ ମିଥ୍ୟା ବହୁ ଭାବରେ ସାହାଯ୍ୟ ମଧ୍ୟ କରେ; ସେ ସବୁ ପ୍ରଗତି ସଂସ୍କାରର ସେ ଅଗ୍ରଜ, ପୁରାଣ ହେଉଛି ତାର ଗୋଟିଏ ଅଜ୍ଞାତ ଓ ଅଲକ୍ଷିତ ଲିପିବଦ୍ଧ ଗ୍ରନ୍ଥସାର । ଏଇ ଦେଖ, ରାମାୟଣରେ ଅଛି, ଇନ୍ଦ୍ର, ଗୌତମଙ୍କ ଶିଷ୍ୟ ଥାଇ, ଗୌତମପତ୍ନୀ-ଅହଲ୍ୟାଙ୍କ ସଙ୍ଗେ ଗୁପ୍ତ ପ୍ରଣୟରେ ମାତିଲେ । ସେ ସେ କାର୍ଯ୍ୟ କରିବାରେ ଖୋଦ ଗୌତମଙ୍କ ହାତେ ଧରାପଡ଼ିଗଲେ । ଗୌତମ ସଙ୍ଗେ ସଙ୍ଗେ ରାଗରେ ଇନ୍ଦ୍ରଙ୍କ ଅଣ୍ଡକୋଷ କାଟି ଫିଙ୍ଗିଦେଲେ । ଦେବତାଙ୍କ ଭିତରେ ଚିନ୍ତା ପଡ଼ିଗଲା । ଧନ୍ୱନ୍ତରି ଡକାହୋଇ ଆସିଲେ ଓ ହଠାତ୍ ଗୋଟିଏ ମେଷର ଅଣ୍ଡକୋଷ କାଟିଆଣି ସେ ଇନ୍ଦ୍ରଙ୍କ କଟା ଥାନରେ ଲଗାଇ ନିଜ ଚିକିତ୍ସାରେ ସବୁ ଠିକ୍ କରିଦେଲେ । ଏବ ଲୋକଙ୍କ ପାଇଁ ହୁଏତ ଏଥିରେ ବିଶେଷ କିଛି ଆଶ୍ଚର୍ଯ୍ୟ କଥା ନାଇ । କାହିଁକନା, ମାନବର ଅଣ୍ଡକୋଷକୁ ଅନ୍ୟ ମନୁଷ୍ୟ ଦେହରେ ବସାଇ ଦିଆ ଯାଉଛି । ହୁଏତ ଅନ୍ୟ ପିଲାଏ କହିବେ, ମେଷର ଅଣ୍ଡକୋଷ ଶରୀର ତୁଳନାରେ ଖୁବ୍ ବଡ଼ ଥିବାରୁ ଧନ୍ୱନ୍ତରିଙ୍କ ଭଳି ସ୍ୱବୈଦ୍ୟ, ଇନ୍ଦ୍ରଙ୍କ ଭଳି ଅତି ପୁଂସ୍ତ୍ୱବାନ୍ ଶକ୍ତିମନ୍ତଙ୍କ ପାଇଁ ତାହାର ବ୍ୟବସ୍ଥା କରିଥିଲେ । ହେଲେହେଁ, ଏହା ସ୍ୱବୈଦ୍ୟଙ୍କ ଅଦ୍ଭୁତ ଅନୁମାନବତ କିମ୍ବାରୂପେ ପ୍ରଥମେ କଳ୍ପନା କରି ପାଉଥିଲା । ପରେ ପୁଣି ଏହାର ନାନା ବିକାଶ ହୋଇ, ଏବେ

Digitized by srujanika@gmail.com

ସମସ୍ତେ ଜାଣିବା ଭଳି ଆଖ୍ୟାନଟି ହେଉଛି, ଗୌତମ ନିଜର ଏକ ଯୋନଲୋଭ ଗ୍ରସ୍ତ ଶିଷ୍ୟଙ୍କୁ ଅଭିଶାପ ଦେଲେ, 'ତୋ ଦେହଯାକ ସହସ୍ର ( ବହୁସଂଖ୍ୟକ ) ଯୋନି ଫୁଟି ଉଠୁ'। ଇନ୍ଦ୍ରଙ୍କ ଅବସ୍ଥା ଶୋଚନୀୟ ହେଲା। ସେ ବହୁ ପ୍ରକାର ପ୍ରାର୍ଥନାରେ ଗୌତମଙ୍କୁ ସନ୍ତୋଷ କରି ନିଜର ସେ ଯୋନିଗୁଡ଼ିକ ଆଖିରେ ପାଲଟାଇ ନେଲେ। ତେଣୁ ତାଙ୍କ ନାମ ହେଲା, 'ସହସ୍ରାକ୍ଷ'। ପଣ୍ଡିତମାନେ ଏ କଥାଟିର ବହୁରୂପକ ଓ ତାତ୍ତ୍ୱିକ ବ୍ୟାଖ୍ୟା ଦିଅନ୍ତି, ଯଥା—ଇନ୍ଦ୍ର ହୋଇଛନ୍ତି, ଷ୍ୱଦେବ। ଆକାଶ ହେଉଛି, ତାଙ୍କ ଶରୀର ଓ ଅସଂଖ୍ୟ ତାରକା ହେଉଛି, ତାଙ୍କ ଶରୀରରେ ଆଖିପରି।

## ସ୍ୱର୍ଗଂଗା ଓ ଷଟ୍‌କୃତ୍ତିକା

ଏପରି ବହୁରୂପକ ଅତି ପ୍ରାଚୀନ କାଳରୁ ମାନବ ସଭ୍ୟତାର ବିଭିନ୍ନ ପରିଣତ ସଂଗେ ଧାରା ଧରି ପ୍ରକାଶ ପାଇ ଆସିଛି। ଧରୁ, ସପ୍ତର୍ଷି ଓ ଷଟ୍‌କୃତ୍ତିକାଙ୍କ ଆଖ୍ୟାନ। ଆଖ୍ୟାନଟି ହେଉଛି, ସପ୍ତର୍ଷି-ମଣ୍ଡଳର ପ୍ରତ୍ୟେକ ଋଷିଙ୍କ ପାଖେ ତାଙ୍କ ପତ୍ନୀ ଥିଲେ। ଏହି ପତ୍ନୀମାନେ ହେଉଛନ୍ତି, ପ୍ରତ୍ୟେକ ଋଷି-ତାରା ପାଖେ ଗୋଟିଏ ଗୋଟିଏ କ୍ଷୁଦ୍ରତାରା, ଯେପରିକି ବଶିଷ୍ଠ ତାରାପାଖେ ଏବେ ଥିବା ଅରୁନ୍ଧତୀ। ଏହି ଋଷିଏ କୁଆଡ଼େ ଦୂରକୁ ତପସ୍ୟା କରି ଯାଇଥିଲେ। ଦେବରାଜ ଇନ୍ଦ୍ର ଆସି ତାଙ୍କ ପତ୍ନୀମାନଙ୍କୁ ଭୁଲାଇ ଦେଲେ। ମାତ୍ର ଏକା ଅରୁନ୍ଧତୀ ଭଂଗିଲେ ନାହିଁ। ଋଷିମାନେ ଆସି ସବୁ ଜାଣି ପାରିଲେ ବଶିଷ୍ଠ ଅରୁନ୍ଧତୀଙ୍କୁ ରଖିଲେ। ବାକି ଛଅଋଷି ( ମରୀଚି, ଅତ୍ରି, ଅଂଗିରା, ପୁଲସ୍ତ୍ୟ, ପୁଲହ, କ୍ରତୁ ) ନିଜ ନିଜ ପତ୍ନୀମାନଙ୍କୁ ବାହାର କରିଦେଲେ। ସେ ଛଅଟିଯାକ, ଛଅ ଭଉଣୀ। ତାଙ୍କ ନାଆଁ, ଛଅ କୃତ୍ତିକା, ବା ଷଟ୍‌କୃତ୍ତିକା। ସେମାନେ ଯାଇ ଗଂଗା

Digitized by srujanika@gmail.com

ଚୂଲେ ( ଛାୟା-ପଥ ହେଉଛି, ଆମ ସ୍ୱର୍ଗର ଗଂଗା, ମନ୍ଦାକିନୀ ବା ସ୍ୱର୍ଗ ଗଂଗା । ଏଠି ମନେ ରଖିବାର ଅଛି, ଏଇ ଛାୟା-ପଥ ପୁଣି ହେଉଛି, ପ୍ରାଚୀନ ବାବିଲନରେ ତାଙ୍କ ସ୍ୱର୍ଗର ଇଉଫ୍ରେଟିସ୍ ଓ ପ୍ରାଚୀନ ଇଜିପ୍ତ ବା ମିଶରରେ ତାଙ୍କ ସ୍ୱର୍ଗର ନୀଳନଦୀ— Myths of Babyilonia—Mackenzie, p. 309 ) ଏହାଠି କୁଣ୍ଡଅ ବାଲ ରହିଲେ । ସେଠି ଛ ଜନା ପୁରୁଷ ସଙ୍ଗରେ ତାଙ୍କର ଗର୍ଭ ହୋଇଗଲା । କୁହାଯାଇଛି, ଏପରି ଛଜଣ ବାପଙ୍କର ମାଆ ଗର୍ଭରେ ପିଲା ହେବାର ଆଖ୍ୟାନ ଗୁଡ଼ିକ ଅତି ପ୍ରାଚୀନ କାଳରୁ ଅଙ୍କପାଏ ଚଳି ଆସୁଛି । ଏଠାରେ ପୁଣି ସେଇ ଗର୍ଭ ହେବା କଥାଟିକୁ ବ୍ୟାଖ୍ୟା କରାଯାଉଛି । ସେ ଅତି ଅଦ୍ଭୁତ କଥା, ଚହୁଦଏ ।

## କାର୍ତ୍ତିକେୟ ଜନ୍ମ

ଦେବାସୁରଙ୍କ ବିବାଦରେ, ଅସୁରମାନଙ୍କୁ ଦେବ ପାରନ୍ତି ନାଇ । ମହାଦେବ ଓ ବିଷ୍ଣୁ ସେଥିରେ ଏକା ଦେବତାଙ୍କ ସହାୟ । ବିଷ୍ଣୁ ସେଥିପାଇଁ ମତ୍ସ୍ୟ, ନୃସିଂହ, ବାମନ, ରାମ ପ୍ରଭୃତି ଅବତାର ହୋଇଥିବା କଥା ତାହାଙ୍କୁ ଅଜଣା ନାଇ । କିନ୍ତୁ ମହାଦେବ ନିଜେ ଅବତାର ହୁଅନ୍ତି ନାଇ । ତେଣୁ ମନେ ହୁଏ, ବିଷ୍ଣୁ କଳ୍ପନା-ଠାରୁ ମହାଦେବ କଳ୍ପନା ବେଶି ସ୍ୱାଭାବିକ ଓ ମାନବ ସମାଜର ବିକାଶରେ ଟିକିଏ ପ୍ରାଚୀନତର । ଏଠି କଥା ହେଉଛି, 'ତାରକା' ନାମକ ଅସୁର ଦେବତାଙ୍କୁ ଅସ୍ତ ବ୍ୟସ୍ତ କଲା, ବଡ଼ ହଇରାଣ କଲା । ମହାଦେବଙ୍କ ଔରସରେ ପୁଅ ଜନ୍ମ ହେବା ଦରକାର— ତାରକକୁ ମାରିବା ପାଇଁ । ମହାଦେବଙ୍କ ଉଗ୍ର ବୀର୍ଯ୍ୟ ପାର୍ବତୀ ଧାରଣ କରି ପାରିଲେ ନାଇ । ଅଗ୍ନି ତା ନିଜ ମୁଖରେ ଧାରଣ କଲେ

Digitized by srujanika@gmail.com

ଓ ଅଗ୍ନି ଗଂଗାରେ ତା ପକାଇ ଦେଲେ । ଗଂଗା ତାକୁ ନେଇ ଛ ଭାଗ କରି ଗାଧୋଉଥିବା ଛଅ କୃତ୍ତିକା ଭଗିଣୀଙ୍କ ଗର୍ଭରେ ଭର୍ତ୍ତି କରିଦେଲେ । ଛଅଟିଯାକ ଭଗିଣୀ ସ୍ୱର୍ଗ ବୈଦ୍ୟ ଧନ୍ୱ-ନ୍ତରିଙ୍କୁ ଡାକି ପେଟ ଭଙ୍ଗାଇଲେ । ଛଅଟି ମୁଣ୍ଡ ଖସି ପଡ଼ିଲା । କୃତ୍ତିକାଏ ଭଲ୍ଲ ବିଚାର କରି ସେଇ ଛଅଟି ଯାକ ମୁଣ୍ଡ ଗୋଟିଏ ଦେହ ବା କାଣ୍ଡ ଉପରେ ଲଗାଇ ହୋଇଥିବା ପେଟସବୁରେ ଭର୍ତ୍ତି କରି ତା ତାକୁ ଶିଶୁଟି ଅଠାଦେଇ ବୃକ୍ଷ ପେଟଗୋଟି ଗଂଗାକୁ ଫିଙ୍ଗି ଦେଲେ । ସେଠାରୁ ଗଂଗାରେ ଭାସିଯାଇ ତା ଗୋଟିଏ ଶର ବଣରେ ଲାଗିଲା । ତେଣୁ ସେଇ ସବୁ କାରଣରେ ହେଲା—'ଶରଜନ୍ମା', 'ଷଡ଼ାନନ', 'କାର୍ତ୍ତିକେୟ' ଙ୍କ ଜନ୍ମ । ଏବେ ସ୍ୱୟଂ ପାର୍ବତୀ ତାଙ୍କୁ ନିଜର ପୁତ୍ରରୂପେ ଗ୍ରହଣ କଲେ ଓ ପରେ ସେ ଦେବଙ୍କ ସେନାପତି ହୋଇ, ତାରକାସୁରକୁ ବିନାଶ କଲେ ।

## କର୍ଣ୍ଣ ଓ ସାର୍ଗନ ସଂଗେ ତୁଳନା

ସାର୍ଗନ୍‌ଙ୍କ ଜନ୍ମ ଓ ଜୀବନ ବୃତ୍ତାନ୍ତ ସଙ୍ଗେ ଏଇ କାର୍ତ୍ତି-କେୟ ଉପାଖ୍ୟାନଟି ମିଳାଇ ଦେଖିଲେ ଦେଖାଯିବ, ଏହା ଏକା ମୂଳ ଆଖ୍ୟାନର ଯେପରି କି ଭିନ୍ନ ଭିନ୍ନ ସଂସ୍କରଣ । ସାର୍ଗନ୍‌ଙ୍କ ବାପା କିଏ, ସେ କଥା ଭଲ ଜଣା ନ ଥିଲା, କିନ୍ତୁ କୌଣସି ଦେଶୀ ଲୋକ ବା ଅସଭ୍ୟ ଲୋକ ତାଙ୍କ ବାପ ଥିଲା । ଏଠି କାର୍ତ୍ତି-କେୟଙ୍କ ବାପ, 'ପଶୁପତି' ମହାଦେବ । ପାର୍ବତୀ ତାଙ୍କ ରତି ଶୀଘ୍ର ସହି ନ ପାରିବାରୁ ସେ ପୁଣି ଅଗ୍ନିଙ୍କ ମୁଖରେ ବୀର୍ଯ୍ୟ ଭର୍ତ୍ତି କରିଦେଲେ (କାଳିଦାସ, ମେଘ ଦୂତରେ ଏଇ କଥାକୁ ଲକ୍ଷ୍ୟ-କରି ଲେଖିଛନ୍ତି—'ହୁତବହ ମୁଖେ ସମ୍ଭୃତଂ ତଦ୍ଧି ତେଜଃ' ) । ଏଥିରେ ଅସଭ୍ୟତାର ସଙ୍କେତ ସ୍ପଷ୍ଟ ; ତା ପରେ ଶିଶୁକୁ ଦେବୀ

Digitized by srujanika@gmail.com

ଇନ୍ଦ୍ରର ସାର୍ଗନ୍‌ଙ୍କୁ ନିଜର କୋଳ ଆଦରରେ ଓ ତାର ଫଳରେ ସାର୍ଗନ୍ ହେଲେ, ସେ କାଳରେ ଶକ୍ତ ବିଜୟୀ ସମ୍ରାଟ । କାର୍ତ୍ତିକେୟଙ୍କ କଥାରେ ଦେଖ, ଦେବୀ ପାର୍ବତୀ ତାଙ୍କୁ ନିଜର କରିବା ପରେ ସେ ହେଲେ ତାରକ ହନ୍ତା 'କାର୍ତ୍ତିକେୟ' । ମହାଭାରତର କର୍ଣ୍ଣ କଥାଟି ଏ କ୍ଷେତ୍ରରେ ତୁଳନାରେ ଅଧିକ ସାଦୃଶ୍ୟଧର । ମାତ୍ର ସବୁ ଘଟଣାର ସାଦୃଶ୍ୟ ସବୁଥିରେ ନାହିଁ । ସାର୍ଗନଙ୍କ ମା ସୂର୍ଯ୍ୟଙ୍କ ଉପାସନାରେ କୁମାରୀ ରୂପେ ନିବଦ୍ଧ ଥାଇ, ମନେ ହୁଏ, କୌଣସି ପାର୍ବତ୍ୟ ଲୋକଙ୍କ ଯୋଗନରେ ଅଂଗଦାନ କରିଥିଲେ । କର୍ଣ୍ଣ ମାତା କୁନ୍ତୀ ସେହିପରି କୁମାରୀ ଥାଇ, ଉପାସ୍ୟ ସୂର୍ଯ୍ୟଙ୍କୁ ଅଂଗଦାନ କରିଥିଲେ । ସମସ୍ତେ ପିଲାକୁ ଜନ୍ମକରି ଟୋକେଇରେ ପୂରାଇ ନଈକି ଫିଙ୍ଗି ଦେଇଥିଲେ । ସାର୍ଗନ୍‌ଙ୍କୁ ଅକ୍କି ନାମକ ପାଣି ଭରୁଆ, କୃଷୀ ବା ମେଷପାଳ ନେଇ ପାଳିଲା ସବ କର୍ଣ୍ଣଙ୍କୁ ରାଧା ନାମକ ଜଣେ ରଥ ଚାଳକ ବା ଶଗଡିଆ ନେଇ ପାଳିଥିଲା । ଇନ୍ଦ୍ରର ସାର୍ଗନ୍‌କୁ କଲା ପରି ଦୁର୍ଯ୍ୟୋଧନ କର୍ଣ୍ଣଙ୍କୁ ରାଜା କରିଦେଇ ପ୍ରତିଷ୍ଠା ଓ ପ୍ରତିପତ୍ତିରେ ମଣ୍ଡିତ କରିଥିଲେ ।

## ଉପାଖ୍ୟାନଟିର ସଂକେତ

ଜଣାପଡ଼ୁଛି, ଏ ଉପାଖ୍ୟାନ ଗୁଡ଼ିକର ଯେ ମୂଳ, ତାହା ଭକ୍ତ ଧର୍ମର ମିଥ୍ୟା ଓ ଅଦ୍ଭୁତ ବିଶ୍ୱାସର କାହାକୁ ଭୁଲାଇ ମନାଇବା ଉଦ୍ଦେଶ୍ୟରେ ତିଆରି କରା ହୋଇ ନ ଥିଲା । ସମାଜ ପ୍ରଗତିର ସୋପାନ ଓ ସ୍ତରମାନ, ସେଥିରେ ପୁଣି ସମାଜ ବିଶେଷର ତତ୍କାଳୀନ ଆଦର୍ଶ ଓ ଆସ୍ଥା, ଏ ସବୁ ପୁରାଣ ଉପାଖ୍ୟାନରେ ଖୁବ୍ ଅନୁସନ୍ଧାନ କରିହେବ । ଆଖ୍ୟାନର ଏ ତନୋଟି ଯାକ ପ୍ରକାରକୁ ଜଣା ପଡ଼ୁଛି, ଏହା ଯେଉଁ ଯେଉଁ ସମାଜରେ ଚଳୁଥିଲା,

Digitized by srujanika@gmail.com

ସେଥିରେ ସେତେବେଳକୁ କୁମାରୀର ଯୌନ ଶୁଦ୍ଧି ଓ ପତ୍ନୀର ଯୌନ ଚର୍ଯ୍ୟାରେ ନିଜ ପତିଠାରେ ଏକନିଷ୍ଠତା ସମାଜରେ ପ୍ରତିଷ୍ଠିତ ହୋଇ ଯାଇଥିଲା । ଅଳ୍ପ ମଧ୍ୟ ମାଇପେ ବୈଧବିଧି ଜନ୍ମ କରି ସମାଜ ଉପରେ ଢାଙ୍କୋଟି ନିଜେ ଛପି ଯେପରି ମାଇ ପିଲାକୁ ଦଳ ଗଡ଼ିଆରେ ମାଡ଼ ଦେଉଛନ୍ତି, ସେତେବେଳକୁ ଅବସ୍ଥା ସେଭଳି ହୋଇ ଆସୁଥିଲା । କିନ୍ତୁ ଏହାପରି ପୂର୍ବରୁ ଅନୁସନ୍ଧାନ ପ୍ରଭୃତି ସେତେବେଳେ ନ ଥିଲା, ପିଲାର ଜୀବନ ମରଣରେ ମାଆର ସମ୍ପୂର୍ଣ୍ଣ ଅଧିକାର ଥିଲା । ସେଥିରେ ସମାଜର ବା ଆଉ କାହାରି କିଛି କହିବାର ନ ଥିଲା । କୁଆଁରୀମାନେ ନିଜ ପେଟ ଭଙ୍ଗିବାକୁ ବୈଦ୍ୟ ଡାକୁଥିଲେ । କିନ୍ତୁ ସାର୍ଗନ୍-ମା ବା କୁନ୍ତୀ ପିଲାଙ୍କୁ ଫିଙ୍ଗିବା ଯାଏ ସମାଜରେ ଲାଞ୍ଛିତ ହୋଇ ନ ଥିଲେ । ଏହା କୁମାରୀ ଓ ପତ୍ନୀ ଭିତରେ ପ୍ରଭେଦ ହୋଇ ପାରେ । ପ୍ରଥମତ କୁମାରୀର ତପସ୍ୟା, ପରେ ବଡ଼ ହୋଇ ପିଲାକୁ ଆଦର ଯାଉଥିଲା । ପତ୍ନୀର ସେ ସୁବିଧା ନ ଥିଲା । କିମ୍ବା ହୋଇପାରେ, ଏହା ପ୍ରଗ-ତିର ଭିନ୍ନ ଭିନ୍ନ ସ୍ତର ବା ସୋପାନର ସଙ୍କେତ । ସୂର୍ଯ୍ୟ ଦେବଙ୍କ ଉଦର୍ଥେ ରହୁଥିବା ଶର କୁମାରୀଏ ଲଗ୍ନର କରି ତଣ୍ଡୁଆ ଲୋକଙ୍କୁ ନିଜ ଶେଜକୁ ଡାକିବା ପୁଣି ଆଉ ଗୋଟିଏ ବର୍ଣ୍ଣ ଘଟନା । କୁନ୍ତୀଙ୍କ କଥାରେ ଅଜବ ଯୋଡ଼ାଇ କରି କୁହାଯାଇଛି, ସେ ସ୍ୱୟଂ ସୂର୍ଯ୍ୟଙ୍କ ଆଡ଼େ ଗର୍ଭ ହୋଇଥିଲେ । ଯୀଶୁଖ୍ରୀଷ୍ଟ ଓ ରାମକୃଷ୍ଣ ପରମହଂସଙ୍କ ସମ୍ବନ୍ଧରେ ଭକ୍ତମାନେ ଏବେ ମଧ୍ୟ ଏଇପରି କହୁଛନ୍ତି । ମାତ୍ର କୁନ୍ତୀଙ୍କ କଥାରେ ସେତେ ଭକ୍ତି-ଧର୍ମର ପ୍ରଭାବ ଥାଉ ନ ଥାଉ, ସେତେବେଳେ ମନୁଷ୍ୟକୁ ଦେବତାଙ୍କ ନାମରେ ଏଇପରି ଭୁଲାଇବାର ଉଦ୍ୟମ ହେଉଥିଲା । ଏହା ଭକ୍ତର ମିଥ୍ୟା ନ ହୋଇ ମାନବ ସମାଜର

Digitized by srujanika@gmail.com

ଅଙ୍କୁର ଆଦିମତର ଧାରଣାର ଫଳ ହୋଇପାରେ । ନୃତତ୍ତ୍ୱବିଦ୍ ମାନେ ଏବେ ସ୍ଥିର କରୁଛନ୍ତି, ମାନବ ସମାଜର ଅତି ଆଦିମ ଧାରଣାରେ ନରସଂଗମ, ନାରୀର ଗର୍ଭହେବାର ମୂଳରେ ଥାଏ ବୋଲି ଲୋକେ ବୁଝି ନଥିଲେ । ଏବେ ୮୦।୧୦୦ ବର୍ଷ ତଳ-ଯାଏ ପୃଥିବୀର ଅଗମ୍ୟ ସ୍ଥାନରେ ଏପରି ସମାଜ ଥିଲା, ଯେଉଁଠି ଧାରଣା ଥିଲା, ମଳ ମୂତ୍ର ତ୍ୟାଗ ପରେ ପ୍ରକୃତ ତାଡ଼ନା ଓ ପ୍ରକୃତ କ୍ରିୟାରେ ନରନାରୀ ସଂଗମ ହୋଇ ଯାଏ । କିନ୍ତୁ ମାଇପେ ବାଟରେ ଚାଲିଗଲାବେଳେ, ସେଇବାଟରେ କୌଣସି ବୃକ୍ଷ ବା ପଥରରେ, ବିଶେଷରେ ଦୋବାଟିଠାରେ, ପିତୃପୁରୁଷମାନଙ୍କ ଭୂତ ଠାବ ବସି ଥାନ୍ତି ; ସେଇମାନେ ପେଟରେ ପଶିଗଲେ ନାରୀର ଗର୍ଭ ହୁଏ । କୁନ୍ତୀଙ୍କ ସୂର୍ଯ୍ୟ ସଂଗମରେ ସେଇ ଧାରଣା ଓ ବିଶ୍ୱାସର ଛାୟା ହୁଏତ ଥିଲା । ବିଶେଷରେ ସାରଗଳକ ଅବ୍ୟାଡ଼ ଅଂଚଳରେ ନାରୀଙ୍କର ଅନଧୀନତା ଓ ସ୍ୱାତନ୍ତ୍ର୍ୟ ଟିକିଏ ବେଶିଥିବାର ସୂଚନା ସ୍ପଷ୍ଟ । ଦେବୀ ଇନ୍ଦ୍ରର ନିକଟେ ଆସି ନିଜପାଇଁ ପୁରୁଷଙ୍କୁ ମଂଗାଇ ବୁଲିଲାପରି କଥା ଭାରତର ପୁରାଣରେ କମ୍ ଦେଖାଯାଏ । ମହାଭାରତରେ ହିଡ଼ିମ୍ବା ଓ ଉଲୁପୀଙ୍କ ଉପାଖ୍ୟାନଟି ଏହାର ଟିକିଏ ଆଭାସ ଥିଲାପରି ଲାଗେ । କିନ୍ତୁ ସେ ସବୁଠି ପ୍ରବୃତ୍ତିର ପ୍ରେରଣା ଓ ଔଚିତ୍ୟର ସଂକେତ ଅନ୍ୟ ପ୍ରକାରର । ହିଡ଼ିମ୍ବା ଭୀମଙ୍କୁ ଖୋଜିପାଇ ନ ଥିଲେ, କି ଉଲୁପୀ ଅର୍ଜ୍ଜୁନଙ୍କୁ ଆଶାକରି ବସି ନଥିଲେ । ପୂର୍ବ-ଉତ୍ତର ଭାରତର ଐତିହାସିକ ପରିସ୍ଥିତିରେ ନାରୀଚରିତ୍ରର ପରଂପରା ପୁଣି ସମ୍ପୂର୍ଣ୍ଣ ଅନ୍ୟ ପ୍ରକାରର । ଉତ୍ତର କୁରୁର ନର ନାରୀ ସଂବନ୍ଧ କଥା ପୂର୍ବ ପ୍ରସଂଗା-ନ୍ତରରେ ଲକ୍ଷ୍ୟକରି କୁହା ଯାଇଛି ( ପୂର୍ବେ ପୃଷ୍ଠା ୧୦୧,୧୦୨ ଦେଖ ) । ପୁଣି ଏଇ ସଂପର୍କରେ କୁହାଯାଇପାରେ, ଅଜ୍ଞାତ ପ୍ରଭୃତି

Digitized by srujanika@gmail.com

ପଶ୍ଚିମ ଭୂମିରେ ନାରୀର ସ୍ୱାତନ୍ତ୍ର୍ୟ ଓ ସ୍ୱାଧୀନତାର ଯେଉଁ ପ୍ରାମାଣିକ ନିଦର୍ଶନମାନ ମିଳୁଛି, ସେ ଦୃଷ୍ଟିରେ ଦେଖାଯିବ ନାରୀ ସ୍ୱାଧୀନତା ସେ ଭୂମିରେ ଅତି ପ୍ରାଚୀନ କାଳରେ ସ୍ପଷ୍ଟ ପ୍ରକାଶ ପାଇଥିଲା । ପ୍ରାୟ ଚାରିହଜାର ବର୍ଷ ତଳର ବାବିଲନ୍ ସମ୍ରାଟ୍ ହାମୁରବି ଖୋଦ-ସୂର୍ଯ୍ୟଙ୍କଠାରୁ ପାଇଛନ୍ତି ବୋଲି ଯେଉଁ ସଂହିତା (Code ) ଶିଳା ଲେଖରେ ପ୍ରକାଶ କରିଛନ୍ତି; ସେଥିରୁ ଜଣାଯାଏ, ନାରୀର ସ୍ଥାନ ସେ ସମାଜରେ ଅତି ଉନ୍ନତ ଥିଲା । ବସ୍ତୁତଃ, ଅଧିକାର ଦୃଷ୍ଟିରେ ପୁରୁଷଠାରୁ ନାରୀ ଆଦୌ ଗୌଣ ନ ଥିଲା ।

## ସମାଜ ପ୍ରଗତିର ସ୍ତର ଓ ପ୍ରକାର

ପୁରାଣ ଓ ପରଂପରାରୁ ସମାଜର ଚଳଣି ସମ୍ବନ୍ଧରେ ଯାହା ମିଳୁଛି ସେଥିରେ ଏକା ପରଂପରା ଏକାଧିକ ଭିନ୍ନ ଭିନ୍ନ ପରିସ୍ଥିତିରେ ପଡ଼ି ଭିନ୍ନ ଭିନ୍ନ ପ୍ରକାରରେ ପ୍ରକାଶ ପାଇବାର ଦେଖାଯାଏ । ଏକା ଚଳଣି ମଧ୍ୟ ସମୟର ଖୁବ୍ ବ୍ୟବଧାନରେ ଏକାପରି ଥିବାର ଦେଖାଯାଏ । ସବୁଠାରେ ସମାଜର ପ୍ରଗତି ମଧ୍ୟ ଏକ ନିୟମରେ ଗତି କରେ ନାହିଁ । ନୃତତ୍ତ୍ୱବିତ୍‌ମାନଙ୍କ ଅନୁସନ୍ଧାନରେ ଏହି ସେଦିନ ମଧ୍ୟ ନାରୀ ନିଜ ଗର୍ଭର ପ୍ରକୃତ କାରଣ ଜାଣି ନ ଥିବା କଥାକୁ ଲକ୍ଷ୍ୟ କରାଯାଇଛି । ଏ ତ ସମୟରେ ଓ ସ୍ଥାନରେ ବହୁଦୂରର କଥା । କର୍ଣ୍ଣ କେବେ ଅଂଗଦେଶର ରାଜା ଥିଲେ । ତାଙ୍କର ମାତା କୁନ୍ତୀ । ତାଙ୍କ କାଳ ଶୁଣି ପରଂପରା ଅନୁସାରେ 'ସିଂହଳ-ବିଜୟୀ' ବୋଲି ସେହି ସିଂହଳ ପରଂପରାରେ କୁହାଯାଇଥିବା ବିଜୟସିଂହଙ୍କ କାଳର ବହୁ ପୂର୍ବରେ । କର୍ଣ୍ଣଙ୍କ ରାଜ୍ୟ ଅଂଗ ଓ ବିଜୟସିଂହଙ୍କ ପିତାମହଙ୍କ ରାଜ୍ୟ ବଂଗ, ଏ ଦୁଇ ଦେଶ ଲଗାଲଗି । ଅତି ପ୍ରାଚୀନ କାଳରୁ ଦୁହିଁଙ୍କ ଭିତରେ ବୈବାହିକ

Digitized by srujanika@gmail.com

ସଂସର୍ଗ ସର୍ବତ୍ର ନ ଥିଲା, ବାହ୍ମିକନା ସେଇ ବଙ୍ଗରାଜା, କଳିଙ୍ଗ ରାଜ କନ୍ୟାଙ୍କୁ ବିବାହୋଇଥିଲେ ଓ ବିଜୟସିଂହଙ୍କ ପିତାମହୀ ହେଉଛନ୍ତି, ସେଇ କଳିଂଗ ରାଜକନ୍ୟାଙ୍କ କନ୍ୟା । ତାଙ୍କ ନାମ, ସିଂହଳର ମହାବଂଶ ଅନୁସାରେ, ହେଉଛି, 'ସୁସୀମା' । ସେଇ ମହାବଂଶରେ ତାଙ୍କ ଚରିତ୍ରର ଯେଉଁ ବର୍ଣ୍ଣନା ମିଳେ, କୁନ୍ତୀଙ୍କ ବର୍ଣ୍ଣ-ମାତା ହେବା କଥା ସଂଗେ ତାର କି ପ୍ରକାର ସଂବନ୍ଧ ? କେଉଁଠି ତାହାର ନିଦାନ ? କୁନ୍ତୀ ନିଜ ଯୌନ ଦୁର୍ବଳତାକୁ ପ୍ରାଣପଣେ ଘୋଡ଼ାଇ, ତାକୁ ସୂର୍ଯ୍ୟଦେବଙ୍କ ଅଭିଳାଷର ଫଳ ବୋଲି ଲୋକରେ ଜଣାଇବାର ବ୍ୟବସ୍ଥା କରିବାରେ ଲାଗିଲେ । କିନ୍ତୁ ସୁସୀମା ? ସୁସୀମା ଯୁବତୀ ହେଲା ମାତ୍ରେ ନିଜ ଯୌନକାମନା ଚରିତାର୍ଥ କରିବାରେ ଯାଇଛି ତା ସଙ୍ଗେ ଗୋଡ଼ାଇଲେ । ସମସ୍ତେ ଜାଣିଲେ, କେହି କିଛି କହିଲେ ନାହିଁ । ଶେଷକୁ ସଂଖ୍ୟାଏ ଶଗଡ଼ିଆ ବେପାରୀଙ୍କ ସଙ୍ଗେ ସେ ଚାଲିଗଲେ । ତାଙ୍କୁ ସିଂହ ନେଇଗଲା । ସିଂହଔରସେ ତାଙ୍କ ପୁଅ ହେଲେ । ସେଇ ପୁଅହାତେ ସେ ସ୍ୱାମୀ-ସିଂହଙ୍କୁ ମରାଇଲେ । ତା ପରେ ପୁଅକୁ ଘେନି ବାପ ଘରକୁ ଆସି ସେଠି ରଜା ହୋଇଥିବା ନିଜ ମାମୁଁନାତି, ପୁତୁରାର ରାଣୀ ହେଲେ ଓ ପୁଅକୁ ସେ ରାଜ୍ୟରୁ ତଡ଼ିଦେଲେ । ସମାଜର ଏ ଦୁଇ ଅବସ୍ଥାର ପ୍ରକାର ମଧ୍ୟରେ ପ୍ରଭେଦ ବହୁତ ।

## ଓଡ଼ିଆ ସାହିତ୍ୟରେ ଦେଖ—ଶ୍ୱେତକଳ୍ପ କଥା

କିନ୍ତୁ ଆମର ଏଠି ଏସବୁ ଆଲୋଚନା କରିବାର ହେତୁ ହେଉଛି, ପୁରାଣରେ ବହୁକାଳ ନାନା ଅଦ୍ଭୁତ କିସ୍ମର ଉପାଖ୍ୟାନ ରଚିତ ହୋଇଛି । ସେ ସବୁ ପରଂପରାରେ ଚଳି ଆସୁଛି । ହେଲେହେଁ, ସେଥିରେ ସାମାଜିକ ଓ ପରିସ୍ଥିତିଗତ ସତ୍ୟ ଅଛି । ସମାଜର ପ୍ରଗତି ଓ ପ୍ରକାର ସେଥିରେ ପ୍ରକାଶ ପାଉଛି ।

Digitized by srujanika@gmail.com

ସମାଜ ଯେତେବେଳେ ଚଳୁଥିଲା. ଏସବୁ ସେତିକ ବେଳର କଥା । କ୍ରମେ ସେଥିରେ ନୂତନ ଆଦର୍ଶର ଛାପ ଓ ପ୍ରଭାବ ପଡ଼ୁଛି; ସେଥିରେ କ୍ରମେ ଶୃଙ୍ଖଳା ଓ ସଂଯମ ପ୍ରକାଶ ପାଉଛି । ସ୍ଥାନ-ବିଶେଷର ତତ୍‌କାଳୀନ ସ୍ଥିତିର ରଂଗ ମଧ୍ୟ ସେଥିରୁ ଜଣା ପଡ଼ୁଛି । ଏଇ ପୃଷ୍ଠ ପଟ ଉପରେ ଏବେ ସେଇ ସଂବଂଧୀୟ ଓଡ଼ିଆ ସାହିତ୍ୟର ଗତି ଟିକଏ ଫୁଟାଇ ଦେଖାଯାଉ । ସାରଳାଦାସଙ୍କ ଲେଖାରେ ଏଇ ସାହିତ୍ୟର ଦୃଷ୍ଟାନ୍ତ ବଡ଼ ସ୍ପଷ୍ଟ; ବଡ଼ ଶିକ୍ଷଣୀୟ । ସେଥିରେ ତାଲ୍‌କୃତ ସମାଜର ମିଥ୍ୟାଧାରଣା ଓ ଅଦ୍ଭୁତ କିସ୍ସାର ଆଦର ଓ ଅପୋଷ ଖୁବ୍ ଅଛି । କିନ୍ତୁ ଗୌଡ଼ୀୟ ଭକ୍ତଙ୍କ ରଚନା ର ପ୍ରଭୁର ସବୁ ଖାଲି ଭୁଲାଇବା ପାଇଁ ମିଥ୍ୟା ଓ ଅଦ୍ଭୁତ କିସ୍ସା ପୁଣି ଅଦ୍ଭୁତ କିସ୍ସାରେ ମନାଇବା ପାଇଁ ମିଥ୍ୟାର ଅନ୍ତ ସେମନ୍ତନ ନାଇ । ଉଦାହରଣ ସ୍ୱରୂପ 'ଶ୍ୱେତକଲ୍ପ' ଉପାଖ୍ୟାନଟି ଦେଖ । ଏହା ପ୍ରସଂଗାନ୍ତରରେ ଉଦ୍ଧାର କରାଯାଇଛି (ପ୍ରଥମଖଣ୍ଡ ପୃ ୭୬-୭୮ ଦେଖ ) । ଏଠାରେ ସୁବିଧାପାଇଁ କଥାର ସାରଟି ସୂଚାଇ ଦିଆଯାଉଛି । କୁରୁରବା ବଂଶରେ ଶ୍ୱେତକଲ୍ପ ବୋଲି ରାଜା ଥିଲେ । ସେ ଦାନରେ ଖୁବ୍ ପ୍ରସିଦ୍ଧ, ବଡ଼ ବିଚକ୍ଷଣ । ସେ ଅନେକ ଯାଗ ଯଜ୍ଞ କଲେ ଓ ବହୁତ ଗାଈ ଗୋରୁ ଘୋଡ଼ା ହାତୀ ଦାନ କଲେ । କିନ୍ତୁ କ୍ଷୁଧାତୁର ଟିକି ଅନ୍ନ ଦାନ କଲେ ନାଇ । ବହୁ ସହସ୍ର ବରଷ ବଂଚି ସେ ମଲେ । ଯମଦୂତେ ତା ପାଖେ ପଶି ପାରିଲେ ନାଇ । ଯମ ତାଙ୍କୁ ନିଜ ଆସ୍ଥାନରେ ବସାଇ ବହୁଧନ ରତ୍ନ ଅଳଂକାରରେ ମଣ୍ଡି ଦେଲେ । ରାଜା କ୍ଷୁଧାର୍ତ୍ତ ହେଲେ; ଖାଇବାକୁ 'ଅନ୍ନ ପାଣି' ମାଗିଲେ । 'ଯମରାଜ' କହିଲେ, "ତୁ ଅନ୍ନଦାନ କରି ନାହିଁ । ଏଠି ପାଇବୁ କୁଆଡ଼ୁ ? ଏବେ ଯା ଯେଉଁ ଶ୍ମଶାନରେ ତୁ ପୋଡ଼ା ହୋଇଥିଲୁ ସେଇଠି ପଡ଼ିଥିବା ତୋ ପିଞ୍ଜରା (ଦେହ)ର

Digitized by srujanika@gmail.com

ପାଞ୍ଜିଣ 'ଓ ମାଟି ଖଣ୍ଡ ବରଷ କାଳ ଖାଉଥା ।" ଖାଲି ଏଇ ଶ୍ୱେତକଳ୍କ କଥା ନୁହେଁ । ଏଇପରି ଘଟଣାମାନଙ୍କର ବର୍ଣ୍ଣନା ଓ ଉପାଖ୍ୟାନରେ ସାରଳା ଦାସଙ୍କ ଲେଖା ପୂର୍ଣ୍ଣ । ସାରଳାଦାସ ଦେବୀଙ୍କର ଭକ୍ତ ଥିଲେ । କୃଷ୍ଣଙ୍କୁ ସେ ଜଗନ୍ନାଥ ବୋଲି ବନ୍ଦୁଚନ୍ତି । ଆସ୍ତସରୁ ପୌରାଣିକ ଆଖ୍ୟାନରେ ଅଦ୍ଭୁତ କିମ୍ବା ଓ ଘଟଣାମାନ ଉଲ୍ଲେଖକର ସେ ବର୍ଣ୍ଣନା ମଧ୍ୟ କରିଚନ୍ତି । କିନ୍ତୁ ତାଙ୍କ ଉପାଖ୍ୟାନଗୁଡ଼ିକରେ ଉକ୍ତର ଅପଥ୍ୟ ମିଥ୍ୟା, ସାତ୍ତ୍ୱିକ ମିଥ୍ୟା ଓ କେବଳ ମିଥ୍ୟାପାଇଁ ମିଥ୍ୟା, ପୁଣି ଅଶ୍ଳୀଳ ମିଥ୍ୟା ନାଇ—ସମାଜକୁ ମାର୍ଗଭ୍ରଷ୍ଟ କରି ନାଶ କରିବା ପାଇ କୌଣସି ମିଥ୍ୟା ନାଇ । ଅବଶ୍ୟ ସ୍ୱୀକାର କରିବାକୁ ହେବ, ସାରଳା ଦାସଙ୍କ ବେଳକୁ ଜଗନ୍ନାଥଧର୍ମ ଓ ବିଶୁଦ୍ଧ ଲୋକାୟୁର-ନିବଦ୍ଧ ନିର୍ମଳ ଜୈନ ସଂସ୍କୃତ ହୋଇ ଏତ ନ ଥିଲା । କିନ୍ତୁ ତଥାପି ସବୁ ଅଦ୍ଭୁତ କଳ୍ପନା ସତ୍ତ୍ୱେ ଶ୍ୱେତକଳ୍କ ଉପାଖ୍ୟାନଟି କଅଣ ? ଏଥିରେ କର୍ମର ଫଳ ଭୋଗ ସ୍ପଷ୍ଟ । ସେଠି କୃଷ୍ଣ ନାହାନ୍ତି, କ ବିଷ୍ଣୁ ନାହାନ୍ତି । ବିଧାତା ( ବିଧନ୍ତା ) ଖାଲି କର୍ମ ସଂଗେ କର୍ମଫଳକୁ ଯୋଡ଼ିବାକୁ ବସିଚନ୍ତି । ଶ୍ୱେତକଳ୍କଙ୍କ ନିଜ କର୍ମର ଦାୟିତ୍ୱ ପୂରା ତାଙ୍କର । ସେ ଦାୟିତ୍ୱ ବହନ କରିବାରେ ଜନ୍ମାନ୍ତରର ନାହିଁ ସନ୍ଦେହ । ତାର ସଂକେତ ଠିକ୍ ଅଛି । ଅନ୍ନଦାନ ହେଉଛି, ଶ୍ରେଷ୍ଠ ଦାନ । ଅନ୍ନ ବୋଇଲେ ଦ୍ରବ୍ୟ । ଏଠି ବସ୍ତୁ ଭୋଗ—ଇନ୍ଦ୍ରିୟର ଭୋଗ । ସେହି ଅର୍ଥରେ ଉପନିଷଦ୍ କହନ୍ତି—

"ଆହାରଶୁଦ୍ଧୌ ସତ୍ତ୍ୱଶୁଦ୍ଧିଃ"

ଯେଉଁ ଆହାରକୁ ସଂଯତ ବା ନିୟମିତ କରେ ପୁରୁଷ ବା ଜୀବ, ପ୍ରକୃତ ବା ଅଜୀବ ସଂସର୍ଗକୁ ନିର୍ମଳ ଭାବରେ ବୁଝିପାରେ, ସେଇ ଅନ୍ନଦାନ ନ କରିବାରୁ ଶ୍ୱେତକଳ୍କ ଅନ୍ନ ପାଉନାହିଁ ନାଇ ।

Digitized by srujanika@gmail.com

ତାଙ୍କୁ ନିଜ ଶ୍ମଶାନର ମୂର୍ଦ୍ଦାର ଘୋଡ଼ା ଘାଣ୍ଟିଣ ଖାଇବାକୁ ଦିଆଗଲା । ପୁଣି ସେ ଶ୍ୱେତକଳ୍ପ ବହୁ ଯାଗ ଯଜ୍ଞ କରି ଅନେକ ଗାଈ ଘୋଡ଼ା ଦାନ କରିଥିଲେ । ଦାନଧର୍ମର ଏ ଦର୍ପ ତାଙ୍କର କୌଣସି ବିଶେଷ କାମରେ ଲାଗିଲା ନାହିଁ । ଏ କଥାର ସଂକେତ ମଧ୍ୟ ଏ ଉପାଖ୍ୟାନରେ ସ୍ପଷ୍ଟ । ମୁଁ ଆଢ୍ୟ, ମୁଁ ଧନବାନ, ମୋର ଅଛି, ମୁଁ ଦେବି, ମୁଁ ଯଜ୍ଞ କରିବି, ନାମ କହିଣ—ପ୍ରଭୃତିକୁ ଗୀତାର ଷୋଡ଼ଶ ଅଧ୍ୟାୟରେ 'ଆସୁରି' ସଂପଦ୍ ବୋଲି କୁହାଯାଇଛି । ଶ୍ୱେତକଳ୍ପଙ୍କ ଗୋରୁ ଘୋଡ଼ା ଦାନ ଓ ତାହା ସଂଗେ ଯାଗଯଜ୍ଞ ହେଉଛି, ସେହି ଅସୁର ଆସୁର ବୋଲି ଏଠି ସୂଚନା ଅଛି । ଆତ୍ମୌପମ୍ୟରେ ମନୁଷ୍ୟର ଅଭାବକୁ ବୁଝି ତାର ପ୍ରତିକାରରେ ମନଦେବା, ତା ପୂର୍ଣ୍ଣ ବସ୍ତୁମୈତ୍ରୀର ଭିତ୍ତିରେ କରିବା ହେଉଛି, ପୁରୁଷର ଯଥାର୍ଥ ନୈତିକ ଆସୁର ମୋର ଅଛି ବୋଲି ଲୋକଙ୍କୁ ଦେଇ ଦର୍ପ କରିବା ଓ ଦେଖାଇ ହବା ହେଉଛି, ଭକ୍ତଙ୍କ ଆଚରିତ 'ପତିତ ପାବନ' ଧର୍ମ । ଦବାର ଦର୍ପ ଓ ନବାର ଦୈନ୍ୟ ଭିତରେ ସେଠି ସମାଧାନ ନାହିଁ । ଜଣାଇଲେ ମୋର ଯେପରି କଷ୍ଟ ହୁଏ, ସେହି ଅନୁଭୂତିର କଳନାରେ ଅନ୍ୟକୁ ଦେଖି ଯେଉଁ ଦାନ କରାଯାଏ ତାହାହିଁ ହେଉଛି ଅନ୍ନଦାନ । ମୁଁ ଯାଗ କରୁଛି, ହୋମ କରୁଛି, ଆସ କାଂଗାଳେ ଖାଇଯାଅ, ଏହା ଅନ୍ନଦାନ ନୁହେଁ, କି କୌଣସି ଦାନ ନୁହେଁ । ସମାଜର ଏହି ଶୃଙ୍ଖଳାର ପ୍ରତି ଶ୍ୱେତକଳ୍ପ ଉପାଖ୍ୟାନରେ ସଂକେତ ସ୍ପଷ୍ଟ । ନ ହେଲେ ନିଜର ଏତେ ବିଭବ ଥାଇ ଯଜ୍ଞାଦରେ ଯେ ଧନ ରତ୍ନ ହାତୀ ଘୋଡ଼ା ଦାନ କରୁଥିଲା, ସେ ଅନ୍ନଦାନ କରି ନ ଥିଲା ବୋଲି ଶବଟା ଖାଉଁକି କହୁଲେ ? ଏହା ବୁଝିଲେ ଏବା ସାରଳାଦାସଙ୍କ ଓଡ଼ିଆ ସାହିତ୍ୟ ବୁଝାଯିବ ।

Digitized by srujanika@gmail.com

## କୁବେରଙ୍କ ଧନଦେବା କଥା

ଏ କଥାର ତଥ୍ୟ ଆଉରି ସ୍ପଷ୍ଟ ହେବ ସାରଳାଙ୍କ ଲିଖିତ ଆଉ ଗୋଟିଏ ଉପାଖ୍ୟାନରୁ । ଧନାଢ୍ୟ ବୋଇଲେ, ଆମ ପୁରାଣ ସଂସାରରେ କୁବେରଙ୍କଠାରୁ ବଡ଼ ଆଉ କେହି ନାହିଁ । କିନ୍ତୁ ସାରଳାଙ୍କ ବର୍ଣ୍ଣନାରେ ତାଙ୍କ ଦାନର ପ୍ରକାର ଦେଖ । ମୁଁ ପିଲାଦିନେ ସ୍କୁଲରେ ପଢ଼ିଲାବେଳେ ନନା (ବାପା) ଙ୍କ ସଂଗେ ଜଣକ ପିଣ୍ଡାକୁ ସାରଳା ମହାଭାରତ ଶୁଣିବାକୁ ଯାଉଥିଲି । ତାଳପତ୍ର ପୋଥିରୁ ସେଠି ମହାଭାରତ ପଢ଼ା ହେଉଥିଲା । ସେତିକି ବେଳେ ସେଇ ପୋଥିରୁ ଏ ଆଖ୍ୟାନଟି ପଢ଼ା ହେବାର ଶୁଣିଥିଲି । ସାରଳା ମହାଭାରତରେ କେଉଁ ପର୍ବରେ କେଉଁଠି ଅଛି, ତା ମୁଁ ମନେ ରଖିନାହିଁ । ଏବେ ଛପା ବହିରୁ ଯେତେ ପଢ଼ିଛି, ସେଥିରେ ପାଇନାହିଁ । ସେଥିପାଇଁ ଠିକ୍ ଜାଗା କହି ପାରୁ ନାହିଁ । ମାତ୍ର ଗଳ୍ପଟି ମୋର ବେଶ୍ ମନେ ଅଛି । ତା କହୁଛି । ଯୁଧିଷ୍ଠିରଙ୍କ ରାଜ୍ୟରେ ଥରେ ଅକାଳ ହୋଇ ଜମାରୁ ଧାନ ହେଲା ନାହିଁ । ଲକ୍ଷେ ଭରଣ ଧାନ ଆଣିବାପାଇଁ ଯୁଧିଷ୍ଠିର ଭୀମଙ୍କୁ ପଠାଇ ଦେଲେ—କୁବେରଙ୍କ ପାଖକୁ । ଭୀମ ବହୁତ ପର୍ବତ ପର୍ବତ ବଣ ପାହାଡ଼ କେତେ ଡେଇଁ କୁବେରଙ୍କ ଦ୍ୱାରରେ ଯାଇ ପହଞ୍ଚି ଦେଖିଲେ, ସେଠି ଗୋଟିଏ ବାଳିଆ ଅସୁନ୍ଦର ବୁଢ଼ା ଖଣ୍ଡେ ଗାମୁଛା ପିନ୍ଧି ଦାଣ୍ଡ ଦୁଆରର ଡାହାଣ ହାତରେ ବାଡ଼ୁଅ ଖଣ୍ଡିଏ ଧରି ତଳେ ଗୋଟି ଗୋଟି ହୋଇ ପଡ଼ିଥିବା ଧାନ ଉପରେ ସେ ଖଣ୍ଡିଟି ମାଡ଼ ମାଡ଼ ବାଁ ହାତରେ ସେ ଧାନ ଗୁଡ଼ିକ ଗୋଟିଏ ଝୋଲାଇରେ ଝାଡ଼ି ସଂଗ୍ରହ କରୁଛି । ଭୀମଙ୍କୁ ଦେଖି ସେ ପଚାରିଲେ, "ବାପା ତମେ କିଏ ? କୁଆଡ଼େ ଆସିଲ ?' ଭୀମ କହିଲେ, 'ମୁଁ ଯୁଧିଷ୍ଠିରଙ୍କ ଭାଇ, ଭୀମ । ଯୁଧିଷ୍ଠିର ମତେ ଗୋଟେ କାମରେ

Digitized by srujanika@gmail.com

କୁବେରଂକ ପାଖକୁ ପଠାଇଦିଅନ୍ତୁ।’ ବୃଦ୍ଧ କହିଲେ, ‘ହଜୁର, ତେବେ ଭାଇ କେଉଁଣ ପାଇଁ ପଠାଇଛନ୍ତି, କହ। ମୁଇ କୁବେର।’ ଭୀମ ସଙ୍ଗେ ଯେପରି ନ ଦେଖିଲ ଜସରୁ ତଳକୁ ଖସି ପଡ଼ିଲେ । ବସ୍ତିରଲେ, ସ୍ୱେତ ବାହୁଅ ବଣ୍ଡା ମଞ୍ଜାଇ ଝାଡ଼ ଝାଡ଼ ଟୋକାଇରେ ଗୋଟି ଗୋଟି କରି ଧାନ ଗୋଟାଉଛନ୍ତି, ଏଇ ପୁଣି ଭୀମଙ୍କି ଲକ୍ଷେ ଭରଣ ଧାନ ଦେବେ ! ହଜ, ଅସିଲ କହେଁ; କହିଲେ, ‘ଅପ ଭୀମଙ୍କ ରାଜ୍ୟରେ ଏ ବରଷ ଅକାଳ ହୋଇ ଯାଇଛି; ଚଳକୁ ଦାଆ ଯାଇ ନାଇ। ଲୋକଙ୍କର ଖାଇବାକୁ ନାଇ । ଭୀମ ସେଥିପାଇଁ ଲକ୍ଷେ ଭରଣ-ଧାନ ମଗାଇ ପଠାଇଛନ୍ତି।’ କୁବେର କହିଲେ, ‘ହଜ ତେବେ, ତମେ ଶଗଡ଼ ଆଣିବାର ବନ୍ଦୋବସ୍ତ କରିଛ, ନା ମୁଁ ଶଗଡ଼ କରି ପଠାଇବି ?’ ଭୀମ ଶଗଡ଼ ବନ୍ଦ କରି ନାହାନ୍ତି ବୋଲି କହିବାରୁ କୁବେର ସଅଳ ସାଆନ୍ତ ଶଗଡ଼ ଯୋଗାଡ଼ କରିବାର ବ୍ୟବସ୍ଥା କରି ଭୀମଙ୍କୁ କହିଲେ, ‘ବାପା, ତମେ ଆଗ ଶଗଡ଼ ସଙ୍ଗେ ବାଟ ଦେଖାଇ ଦେଖାଇ ଯାଅ, ମୁଁ ପଛକୁ ପଛ ଧାନ ଲଦି ଶଗଡ଼ମାନ ପଠାଇ ଦଉଛି।’ ତାପରେ ସାରଳା ଦାସ ଯାହା ଲେଖିଛନ୍ତି, ତା ଅତି ଚମତ୍କାର। ତା ଅଦ୍ଭୁତ, ପୁଣି ସାଧାରଣ। ସେ ଲେଖିଛନ୍ତି, ଦଣ୍ଡକାରେ ଶହେ ଶଗଡ଼ ଯାଉଛି, ହଜାର ଶଗଡ଼ ଗୁଳିବା ବନ୍ଦ ହୋଇଗଲା। କୁବେର ବ୍ୟସ୍ତ ହୋଇ ଲୋକ ପଠାଇ ବସିଲେ, ବାଟରେ ଦେଖି କଅଣ ହେଲା, ବୁଝିବାକୁ । ଏ ମଧ୍ୟରେ ଭୀମ ଫେରି ଆସି କହିଲେ, ‘ବାଟରେ ଭାରି ସଙ୍କଟ ପଡ଼ିଲା । ଶଗଡ଼ର ଚକ ବାଲିଅରେ ବୁଡ଼ି ଯାଉଛି; ବଳଦ ଆଉ ଟାଣି ପାରୁ ନାହାନ୍ତି । ସଙ୍କଟ ମୋଚନ ଦେବାକୁ ପାଖ ଆଖରେ ବାଲି ନାଇ କି ମାଟି ନାଇ । କୁଇପଟେ ଅଗମ୍ୟ ଘାଟ । କଅଣ କରାଯିବ ?’ କୁବେର ଚିନ୍ତା

Digitized by srujanika@gmail.com

ଚିନ୍ତିତ ହୋଇ ଭାବିଲେ, କହିଲେ, 'ଅଚ୍ଛା, ବାପା, ଗୋଟିଏ କଥା କର । ଏହି ଶଗଡ଼ଗୁଡ଼ିକର ଧାନ ସେଇ କାହୁଅରେ ଫକାଇ ଦିଅ । ନିଶ୍ଚୟ କାହୁଅରେ ଶଗଡ଼ ଖାଲି ହୋଇଯିବ । ଶଗଡ଼ ଗୁଡ଼ିକ ଫେରାଇ ଦେଉଥିବ, ମୁଁ ପୁଣି ସେଥିରେ ଧାନ ଭରି ପଠାଇ ଦେଉଥିବି ।' ସେଇଆ ହେଲା । ପ୍ରାୟ ପାଞ୍ଚ ହଜାର ଶଗଡ଼ ଧାନ କାହୁଅରେ ପଡ଼ିଗଲା, ଶଗଡ଼ ସବୁ ଖାଲିଗଲା । ଲକ୍ଷେ ଭରଣ ଧାନ ପାଇବାରୁ ଯୁଧିଷ୍ଠିରଙ୍କ ରାଜ୍ୟରେ ଲୋକେ ବଞ୍ଚିଗଲେ । କିନ୍ତୁ ଭୀମଙ୍କୁ ଏ କଥା ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ସାରଳା ଦାସ ଲେଖିଛନ୍ତି, ପରେ ଭୀମ ଯାଇ ଦିନେ କୁବେରଙ୍କ ଦ୍ୱାରରେ ପୁଣି ଅତିଥି ହେଲେ । ସେ କୁବେରଙ୍କୁ କଥାଟା ଖୋଲିକରି ପଚାରିଲେ; କହିଲେ, 'ଆପଣ ତ ଦୁଆରେ ଗୋଟି ଗୋଟି ଦର ଧାନ ଗଣୁଥିଲେ । ଆପଣ ପୁଣି ହଜାର ହଜାର ଶଗଡ଼ ଧାନ ପଙ୍କରେ ପକାଇ ଦେଲେ କିପରି ? ମତେ ଏ କଥା ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ମୁଁ ଖୋଦ ଆପଣଙ୍କୁ ପଚାରିବାକୁ ଆସିଛି ।' କୁବେର ଆଦୌ ଆଶ୍ଚର୍ଯ୍ୟ ନ ହୋଇ କହିଲେ, 'ବାପା ବୁଝିଲ ନାହିଁ, ଧନ ଶ୍ରେଷ୍ଠଗାର କରିପାଏ ବାହିଁକି, ଏଇପରି ଖର୍ଚ୍ଚ କରିବାପାଇଁ । ମୁଁ ଧାନଧର ବସି ଥାଆନ୍ତି, ତାଙ୍କ ରାଜ୍ୟରେ ଲୋକେ ଭୋକରେ ମରି ଯାଆନ୍ତେ । ତେବେ ଧାନ ରଖି ଲାଭ କଅଣ ?' ଶ୍ରେଷ୍ଠଲୋକଙ୍କ ଧନରକ୍ଷା ପଶ୍ଚାତ୍ ଦାନ ସଙ୍ଗେ ଏହାର ତୁଳନା କରିବାରେ ଅସୁବିଧା କିଛି ନାହିଁ । କୁବେର ଦେଖିଲେ—ଦର୍ପରେ ନୁହେଁ, କି ଦୟାରେ ନୁହେଁ । ମାନବର ଅଭାବ କଥା ଜାଣି ସେ ବିଶ୍ୱମୈତ୍ରୀର ବ୍ୟକ୍ତିର ସମାଜଧର୍ମ ପାଳନ କଲେ । ସେ ଜାଣୁ ନାହାନ୍ତି, ମୁଁ ଏତେ ବଡ଼ କାମଟାଏ କଲି । ଯୁଧିଷ୍ଠିରଙ୍କଠାରୁ ଗୋଟାଏ କୃତଜ୍ଞତାର ବାକ୍ୟ ଶୁଣିବା ମଧ୍ୟ ତାଙ୍କ କଳ୍ପନାରେ ନାହିଁ ।

Digitized by srujanika@gmail.com

କୁବେର ହେଲେ ବୋଲି ଯୁଧିଷ୍ଠିରମାନେ ଜାଣିଲେ କି ନା, ସେଥିପ୍ରତି ଦାତା କୁବେରଙ୍କର ଆଦୌ ଦୃଷ୍ଟି ନାହିଁ । ଭୀମଙ୍କୁ ଏତେ ବଡ ସତ୍ୟଟାଏ ଶିଖାଇବାରେ ମଧ୍ୟ ତାଙ୍କର ଟିକିଏ ହେଲେ ଅସ୍ମିତାର ଅହଂକାର ବା ଆତ୍ମପ୍ରତିଷ୍ଠାର ଦାମ୍ଭିକତା ନାହିଁ । ପତିତପାବନଙ୍କ କରୁଣା-ଧର୍ମର ଛାୟା ପର୍ଯ୍ୟନ୍ତ ଏଥିରେ ପଡ଼ିନାହିଁ । ଏହି ଭାବରେ ଏହା ଅଦ୍ଭୁତ କ୍ରିୟା । ଭକ୍ତଙ୍କ ପାଇଁ ଅବଶ୍ୟ ଅଦ୍ଭୁତ କିଛି ନାହିଁ । ସମାଜର ପ୍ରଗତି ସଙ୍ଗେ ପୁରାଣର ଅଦ୍ଭୁତ କ୍ରିୟା କିପରି ସଂଯତ ହୋଇ ଆସେ, ତାର ପୁଣି ଏ ଗୋଟିଏ ସ୍ପଷ୍ଟ ଉଦାହରଣ ।

## ଓଡ଼ିଆ ଜାତୀୟ ସାହିତ୍ୟ

ଓଡ଼ିଆ ଜାତୀୟ ସାହିତ୍ୟର ପ୍ରାଣ ପ୍ରକାଶ ଏଥିରେ ସ୍ପଷ୍ଟ । ଦୈନ୍ୟ-ଦର୍ପ-ସମ୍ବନ୍ଧ-ନିବଦ୍ଧ ତତ୍ତ୍ୱ ଏହା ନୁହେ । ବିଶ୍ୱମୈତ୍ରୀର ସ୍ୱତଃପ୍ରକାଶରେ ଏହା ହୋଇଛି, ପ୍ରାଣ-ପ୍ରାଚୁର୍ଯ୍ୟ । ଏକ ଦିଗରେ ଶ୍ୱେତକଳ୍ପ, ଅନ୍ୟ ଦିଗରେ କୁବେର । ସାରଳା ଦାସଙ୍କ ଏ କଳ୍ପନା ଓ ଏ ଚିତ୍ର ବଙ୍ଗ-ସାହିତ୍ୟରେ କାହିଁ ମିଳିବ ? ତା ପୁଣି ଗୌଡ଼ୀୟ ବୈଷ୍ଣବଙ୍କ ଭକ୍ତି ସାହିତ୍ୟରେ । ଓଡ଼ିଆ ସାହିତ୍ୟର ଆଲୋଚନାରେ ଏହି ତାତ୍ତ୍ୱିକ ଦୃଷ୍ଟି ଆଦୌ ଫୁଟିବା ଉଚିତ । ଚୈତନ୍ୟଙ୍କ ପରବର୍ତ୍ତୀ ଯୁଗରେ ଆମ ସାହିତ୍ୟରେ ଏ ଦୃଷ୍ଟି ଫିଟିବା ପାଇଁ ପରିସ୍ଥିତି ନ ଥିଲା । ସାରଳା ଦାସ, ଶ୍ୱେତକଳ୍ପଙ୍କୁ ଯମପୁରରେ ଉଣ୍ଡି ଧର୍ମ ଶିଖାଇଲେ । ସେଠି ଧନ ଦାନ ଓ ଅନ୍ନ ଦାନ ଭିତରେ ପ୍ରଭେଦ, ଖୁବ୍ ପ୍ରକଟିତ ହୋଇଛି । କିନ୍ତୁ ତାର ଦର୍ଶନଟି ସ୍ପଷ୍ଟ ନୁହେଁ । ସେପରି ଦର୍ଶନ ସ୍ପଷ୍ଟ କରି କହିବା ପୁରାଣ କଥାର ରୀତି ନୁହେଁ । ପୁଣି ଦେବ ଦେବୀଙ୍କ ସାଙ୍ଗେ ମନୁଷ୍ୟ ଯାହା, ସେଥିରେ ତତ୍ତ୍ୱର ଅବଭାସ ମିଶିକରି ଥାଏ ।

Digitized by srujanika@gmail.com

ସମାଜର ପ୍ରଗତି-ବିକାଶରେ ସେ ସବୁ ଉପାଖ୍ୟାନର ମର୍ମ ଲୋକ ଲୋଚନରେ ପ୍ରକାଶ ପାଏ। ସାରଳାଦାସ, କୁବେର ଉପାଖ୍ୟାନରେ ତାହାର ବର୍ଣ୍ଣିଛନ୍ତି। ସେ ଜାଣିକରି କହିଛନ୍ତି ବୋଲି କହିବା ଏଠି ଉଦ୍ଦେଶ୍ୟ ନୁହେଁ। ଜାତୀୟ ଜୀବନର ଭୂୟୋବିକାଶରେ ଯେଉଁ ପରିସ୍ଥିତି ଫୁଟିଥିଲା, ତାହାର ତାଙ୍କ ସାହିତ୍ୟରେ ପ୍ରକାଶ ସତ୍ତ୍ୱ ପାଇଛି। ଏହି ଭାବରେ ଏହା ଜାତୀୟ ସାହିତ୍ୟ। ପୁଣି ଦେଖ ଯୁଧିଷ୍ଠିରଙ୍କ ରାଜ୍ୟରେ ଲୋକେ ଧାନ ଖାଆନ୍ତି ନାହିଁ, ସେ କଥା କିଏ କହିବ ? ମାତ୍ର ତାଙ୍କ ଲୋକଙ୍କୁ ଅପାଳକ-ଜନିତ ଦୁର୍ଭିକ୍ଷରୁ ବଞ୍ଚାଇବାକୁ ଲକ୍ଷେ ଭରଣ ଧାନ ଦରକାର। ତା ପୁଣି ଆମର ଖଗଡ଼ପୁର ଖଗଡ଼ରେ ଲଦାଏ ବୋହିବେ। ସେଥିରେ ପୁଣି ଓଡ଼ିଶା ଉପକୂଳ ଅଂଚଳରେ ଧାନ ଅମଳ ବେଳେ ବାଟରେ ଉଡ଼ା ଖଗଡ଼ ଅଟକଲା ପର ଅଟକ ଗଲା। ଏ ସମସ୍ତ ଶବ୍ଦଟି ଉପକୂଳ ଓଡ଼ିଶା ବା ଓଡ଼ିଶାର୍ଦ୍ଧ ଶବ୍ଦ। ଧାନର ଟଙ୍କ ବୁଝାଇବାକୁ ଯୁଧିଷ୍ଠିର-କୁବେରଙ୍କ ରାଜ୍ୟକୁ ବଦଳରେ ଓଡ଼ିଶା କଥା ଆସିଯାଇଛି। ଓଡ଼ିଶାର ତଳଣିରେ ଓଡ଼ିଆ ସାହିତ୍ୟ ଲେଖିବାରେ ସାରଳାଦାସ, ମହାଭାରତ ନାମରେ ସବୁ ଚଳଣି ପରଂପରାକୁ ପ୍ରାଚୀନ ଓ ପୁରାଣ ବର୍ଣ୍ଣନ୍ତି ମାତ୍ର। ସଂସ୍କୃତ ମହାଭାରତ ଯେପରି ବୈଦିକ ଓ ବ୍ରାହ୍ମଣ୍ୟ ଭାବଧର ଜାତୀୟ ସାହିତ୍ୟ, ସାରଳା ମହାଭାରତ ସେହିପରି ମୈତ୍ରୀଧର୍ମୀ ଓଡ଼ିଆର ଜାତୀୟ ସାହିତ୍ୟ। ସମସ୍ତ ଲେଖା ଭିତରେ ସାରଳାଦାସ ଘୋର ଦେବୀଭକ୍ତ ଓ ତାନ୍ତ୍ରିକ ଥିବା କଥା ସ୍ପଷ୍ଟ। କିନ୍ତୁ ସେ ତନ୍ତ୍ର, ମନ୍ଦିର ଦେହରେ ଖୋଦନ କଳାରେ ପ୍ରକାଶ ପାଇଥିବା ତନ୍ତ୍ରଠାରୁ ଅପର ଭିନ୍ନ, ତା'ର ଉଦାହରଣ ଖୋଜିବାକୁ ହେବ ନାହିଁ। ଉତ୍ତର-ପୂର୍ବ ଭାରତରେ ଯେଉଁ ତନ୍ତ୍ର-ସାଧନା ବହୁ କାଳରୁ ପ୍ରତିଷ୍ଠିତ ଥିଲା, ସେ ତନ୍ତ୍ର ଓଡ଼ିଶାର ନିଜସ୍ୱ ସମ୍ପଦ ନୁହେଁ।

Digitized by srujanika@gmail.com

ଏହା ସୂଚନାରେ ବାରଂବାର କୁହା ହୋଇଛି । ତଥାପି ହଠ-ଯୋଗର ଏକ୍ଷେତ୍ର ସାରଳାଦାସଙ୍କ ବେଳକୁ ଲୋକରେ ଖୁବ ପ୍ରଚଳିତ ଥିଲା । ଅଦ୍ଭୁତ କିମ୍ବାର ଅଘୋର ଖୁବ୍ ଦେଖାଯାଏ । ସାରଳା-ଦାସଙ୍କ ବର୍ଣ୍ଣନା ଦେଖିଲେ ମନେ ହୁଏ, ଓଡ଼ିଶାର ଗୌରବ ଓ ଓଡ଼ିଶି ତୀର୍ଥ ତଥା ଏଣ୍ୟାତ ସ୍ଥାନମାନଙ୍କୁ ଘୋର ଯୌଗିଣୀଜତା ଓ ଦେବୀ ପ୍ରତିଷ୍ଠା ଦେବାକୁ ଯେପରିକ ସେ ଗ୍ରନ୍ଥଟି ଲେଖିଥିଲେ ।

## ଅଦ୍ଭୁତ କିଂବଦନ୍ତୀର ବିକାଶ-ପ୍ରକାର—ଆମ ହରଚଣ୍ଡୀ

ଏହାର ଗୋଟିଏ କାରଣ ନହୋଇଛି, ପ୍ରଚଳିତ ପରଂପରା ଓ କିଂବଦନ୍ତୀ ସବୁରେ ଉନୋଶତ ଅପ୍ରଦାନ । ଆଜି ମଧ୍ୟ ଯେ କୌଣସି ପଲ୍ଲୀରେ ଶୁଣିବ, ଖାଲି ଅଦ୍ଭୁତ କଥା । ପୂର୍ବ ପୁରୁଷମାନେ ଆମଠୁ ଶତ ଗୁଣ ସହସ୍ର ଗୁଣରେ ବଳକ୍ଷଣ ଓ ବଳ-ବିକ୍ରମ-ଶାଳୀ ଥିବା କଥା ଏବେ ମଧ୍ୟ ଏଇ ଓଡ଼ିଶାରେ କାହିଁକି, ପୃଥିବୀରେ ସର୍ବତ୍ର ପ୍ରାକୃତଜନଙ୍କର ଗୋଟିଏ ବଦ୍ଧମୂଳ ଧାରଣା । ପୁଣି ସର୍ବତ୍ର ଅତି-ମାନୁଷ କର୍ମମାନ ଯେପରିକ ସ୍ଥାନ ଓ ଅନୁଷ୍ଠାନମାନଙ୍କୁ ସବଳ କରି ରଖିଛି । ଆମରି ନିଜ ଗ୍ରାମରେ ସବୁ ଦିନମାନଙ୍କରେ ଉପାସ୍ୟା ଅଧି-ଷ୍ଠାତ୍ରୀ ଦେବୀ ହରଚଣ୍ଡୀ ଠାକୁରାଣୀ ବିମାନରେ ଥିଲନ୍ତି । ଆଜି ଅନୁ-ସଂଧାନ କରି ଦେଖିବାରେ ଦେଖା ଯାଉଛି, ସେ ଦେବୀ ମୂର୍ତ୍ତିଟି ହୋଇ ପାରେ ମଧ୍ୟଯୁଗୀୟ ତନ୍ତ୍ରର କୁରୁକୁଲ୍ଲା ଉପାସନାର ଗୋଟିଏ ବିକାଶ । କାରଣ, ସେ ମୂର୍ତ୍ତିଟି ଷଡ଼ଭୁଜା । ଷଡଭୁଜା ଦେବୀମୂର୍ତ୍ତି ଅନ୍ୟତ୍ର ଦେଖାଯାଏ ନାହିଁ । ବର୍ଣ୍ଣନାରେ କେବଳ ଷଡ଼ଭୁଜା କୁରୁକୁଲ୍ଲା ଦେଖିବାକୁ ମିଳେ । ( ସାଧନମାଳା, ୨ୟ ଖଣ୍ଡ—୩୭୯ ପୃଷ୍ଠାର ୧୮୨ ସଂଖ୍ୟକ ସାଧନ ଓ ତା'ର ପୂର୍ବସବ ସଗତମାନ ଦେଖ :— Gaekwards' Oriental Sereis ) । ଏହି କୁରୁକୁଲ୍ଲାଙ୍କୁ

Digitized by srujanika@gmail.com

ଗୋଟିଏ 'ଉଡ୍‌ଡିୟାନ୍ ଅନ୍ତର୍ଗତ' ବୋଲି କୁହା ଯାଇଛି । ଅନ୍ୟ କୌଣସିଠାରୁ ଅନ୍ତର୍ଗତ ବୋଲି ତନ୍ତ୍ର ସାଧନା-ମାନଙ୍କର ନାମ ଦେଖାଯାଏ ନାହିଁ । ବୌଦ୍ଧଧର୍ମ ନାମରେ ତନ୍ତ୍ର ହେଉଛି, ବଜ୍ରଯାନ । ସେଥି ମଧ୍ୟରୁ କେତେକଙ୍କୁ ଉଡ୍‌ଡିୟାନ୍ ଅନ୍ତର୍ଗତ ବୋଲି କହିବାର କି ଅର୍ଥ ବ୍ୟାପ୍ତି, ତା ପୂର୍ବେ ପ୍ରସଙ୍ଗାନ୍ତରରେ ଶଙ୍କା କରାଯାଇଛି । କିନ୍ତୁ ଏସବୁ ଶଙ୍କା ସମ୍ଭାବନା ତଥା ଏବେ ସ୍ପଷ୍ଟ ହେଲେ ମଧ୍ୟ ଗୋଟିଏ ସତ୍ୟର କୌଣସି ସନ୍ଦେହ ନାହିଁ । ତା ହେଉଛି, ଚୈତନ୍ୟଙ୍କ ପରବର୍ତ୍ତୀ କାଳରେ ପୁରୀ ଜଗନ୍ନାଥ ମନ୍ଦିରରେ ବିଶେଷତଃ, ଖୋରଧା ରାଜାଙ୍କ ଉପରେ ସଖୀସ୍ୱଧର୍ମୀ ବୈଷ୍ଣବ ସଂଗେ ବଙ୍ଗାଳୀ ବାମମାର୍ଗୀ 'କୌଳଧର୍ମୀ' କୁଳୀନ ବ୍ରାହ୍ମଣମାନଙ୍କ ପ୍ରଭାବ । ସେତେବେଳେ ଏହି ପରାଧୀନ ରାଜାମାନଙ୍କ ମଧ୍ୟରୁ ଜଣେ ବାମ-ମାର୍ଗ-ମୁଗ୍ଧ ରାଜା ନରସିଂହଦେବଙ୍କ (ଖ୍ରୀ ୧୭୨୦-୫୫) ସାମନ୍ତ ଭଟ୍ଟମିଶ୍ର ସୃଷ୍ଟି । ସୁଚଳିତ କିଂବଦନ୍ତୀଟି ସମସ୍ତେ ଜାଣନ୍ତି । ଷାଣ୍ଢ ନାମକ ଗ୍ରାମର ଜଣେ ବସ୍ତ୍ରସଙ୍ଗୋଜର ମହାପାତ୍ର ବ୍ରାହ୍ମଣ ନିଜର ତନ୍ତ୍ର ସାଧନା ବଳରେ ଦିନ ଦ୍ୱିପହରେ ଜିହ୍ୱାବରେ ଚିଆଁ ହୋଇଥିବା ବଅର ଭାତ ପିଠାମାନେ ହସୁଥିବାର ଓ ନାଚୁଥିବାର ରାଜାଙ୍କୁ ଦେଖାଇ ଦେଇଥିଲେ । ରାଜା ସେଥିରେ ମୁଗ୍ଧ ହୋଇ ତାଙ୍କୁ ପ୍ରଥମେ ଶ୍ରେଷ୍ଠ କୁଳୀନ ବା ସାମନ୍ତ ବ୍ରାହ୍ମଣ କରି 'ବୀର ନରସିଂହପୁର' ଶାସନରେ ଦାନାଧ୍ୟକ୍ଷ ଦେଇ ସେ ଶାସନଟି ବସାଇବାର ବ୍ୟବସ୍ଥା କରିଥିଲେ । ଓଡ଼ିଶାର ଏହି ଅନୁକୃତ କୌଳିନ୍ୟର ଯେ ଦୁର୍ଗତି ଓ ମିଥ୍ୟାଗୌରବର ସ୍ରୋତ ତାପରେ ଓଡ଼ିଆ ସମାଜରେ ଛୁଟିଥିଲା, ତା କହିବାର ଅବକାଶ ଏଠି ନାହିଁ । ମାତ୍ର ସେହି ସ୍ତରରେ ଲୋକଙ୍କର ସାଂସ୍କୃତିକ ପୌରାଣିକ 'ଜନନୀ' ଜନ୍ମଭୂମି ପ୍ରୀତି ନୂଆ ନୂଆ ଅଙ୍କୁର-

Digitized by srujanika@gmail.com

ଜିଲ୍ଲାର ଅଶ୍ରପୁରେ ପ୍ରକାଶ ପାଇଥିଲା । ଆମ ଗ୍ରାମର ଯେଉଁ ଚର୍ଚ୍ଚି-
କା ହରଚଣ୍ଡୀଙ୍କ କଥା କହୁଥିଲି, ତାଙ୍କୁ ପ୍ରତିଷ୍ଠିତ କରାଯାଇଛି, ଏହି ଶ୍ରୀନରସିଂହପୁର ଶାସନରେ ବ୍ରାହ୍ମଣ ବସାଇ ସେହି ବ୍ରାହ୍ମଣଙ୍କୁ ତାନ୍ତ୍ରିକ ବାମାସ୍ତୁରରେ ଭଜାଇବା ଓ ମନାଇବା ପରେ । ଏବେ ମଧ୍ୟ ସ୍ପଷ୍ଟ ଜଣାଯାଉଛି, ଆମଗ୍ରାମ ଶ୍ରୀରାମଚନ୍ଦ୍ରପୁର ଶାସନ ବସିବାର (ଖ୍ରୀ ୧୫୯୦-୯୨) ବହୁପରେ ଏହି ଚର୍ଚ୍ଚିକା ହରଚଣ୍ଡୀ ମୂର୍ତ୍ତି ପ୍ରତିଷ୍ଠିତ ହୋଇଅଛନ୍ତି । ଏବେ ମଧ୍ୟ ତାଙ୍କ ନିଜର କୌଣସି ବାସଭବନ ନାହିଁ । ତାଙ୍କୁ ରଖାଯାଇଛି, ଆଗରୁ ପ୍ରତିଷ୍ଠିତ ଚନ୍ଦ୍ରେଶ୍ୱର ମହାଦେବଙ୍କ ମନ୍ଦିର ମୁଖଶାଳାର ଗୋଟିଏ କାନ୍ଥକୁଣରେ । ଅଦ୍ଭୁତ କିଂବଦନ୍ତୀଟି ହେଉଛି, ବହୁ ପ୍ରାଚୀନ କାଳରେ ଏ ଦେବୀଙ୍କର ସ୍ଥାନ ନ ଥିଲା । ସେ ଦୁଇଜଣଙ୍କ କାନ୍ଧରେ ବୁହାହେଉଥିବା ଗୋଟିଏ 'ସରକଳା ଅର୍ଣ୍ଣବ' ଝାଣୁଆ ଛୋଟ ବାଉଁଶଟିଏ ବା ସେହିଭଳି କାଠ ଖଣ୍ଡିକ ଉପରେ ଛିଡ଼ାହୋଇ ଗ୍ରାମ ଭ୍ରମଣ କରୁଥିଲେ । ଥରେ ଦଶହରା ପର୍ବରେ ଗ୍ରାମଭିତରେ ହଠାତ୍ ସରକଳା ଉପରୁ ଡେଇଁପଡ଼ି ବ୍ୟସ୍ତ ହୋଇ ତଳେ ପଡ଼ିଗଲେ । ତା ପରେ ଭକ୍ତମାନେ ତାଙ୍କୁ ଥଣ୍ଡା କରିବାକୁ ଯାଇ ପଚାରିବାରୁ ସେ ନିଜ ଶରୀରଟି ଦେଖାଇଦେଲେ, ଶରୀର-
ଯାକ ସିଙ୍ଗି ଫୋଟକା ହୋଇଯାଇଛି । କହିଲେ ଅମୁକ ମହାପାତ୍ରଙ୍କ ମାଇପ ଚୁଲିଉପରେ ମହୁରହାଣ୍ଡିଟା ମୋ ଦେହରେ ପାଣି ଢାଳି ଦେଲା । ସତକୁ ସତ ଦେଖାଗଲା, ସେ 'ଚଣ୍ଡାଳୁଣୀ' କହୁ ଛାଣି ନପାରି ସେଇଆ କରିଦେଇଥିଲା । ସେହିଦିନଠାରୁ ଦେବୀ ମନୁଷ୍ୟରୂପରେ ଆସିବା ବନ୍ଦ କଲେ ଓ ସରକଳାରେ ଆସିଲେ କାଳେ ଖସିପଡ଼ିବେ ସେଥିଲାଗି ତାଙ୍କପାଇଁ ସ୍ଥାନର ବ୍ୟବସ୍ଥା ହେଲା । ଯେଉଁ ମହାପାତ୍ରଙ୍କ ମାଇପ ଏହା କରିଥିଲା, ତାଙ୍କ ବଂଶ,

Digitized by srujanika@gmail.com

ଜାତ, ଗୋତ୍ର, ସମସ୍ତେ ସେହିଦନଠାରୁ ଗ୍ରାମରେ ଅପାଂକ୍ତେୟ ହୋଇ ରହିଲେ (ସତକୁ ସତ ଗୋଟିଏ ମହାପାତ୍ର ଗୋଷ୍ଠୀ ସେ ଗ୍ରାମରେ ଅପାଂକ୍ତେୟ ଥିଲେ, ମାତ୍ର ଏବେ ସେମାନେ ସମସ୍ତଙ୍କ ସହ ଚଳୁଚନ୍ତି ।) ତଥାପି ହରଚଣ୍ଡୀଙ୍କ ମହିମାର ସୀମା ନାହିଁ । ତାଙ୍କର ପୀଠ ମଧ୍ୟ ଏହି ଅଳ୍ପ ୩୦୦ ବର୍ଷ ମଧ୍ୟରେ ଗ୍ରାମରେ କେତେ କିଂବଦନ୍ତୀ ଫୁଟିଛି, ଓ କେତେ ଅଦ୍ଭୁତ କିସ୍ସାରେ ଲୋକେ ବିଶ୍ୱାସ କରି ଆସୁଛନ୍ତି, ତା କହି ବସିଲେ ପୋଥି ହେବ, ସମ୍ଭବ ନାହିଁ । ଉଦାହରଣ ସ୍ୱରୂପ ମୋ ପିତାଙ୍କର ଜଣେ ବୃଦ୍ଧ ପିତୃବ୍ୟଙ୍କଠାରୁ ପିଲଦିନେ ମୁଁ ନିଜେ ଶୁଣିଛି, ପ୍ରତି ରାତିରେ ହରଚଣ୍ଡୀ ହାତରେ ଗୋଟିଏ ବଳିତାଧରି ଗ୍ରାମ ବୁଲୁଥିବାର । ସେ ରାତିରେ ଦୁଆର ଫିଟାଇ ପ୍ରସା କରି ଉଠିବା ବେଳକୁ ବହୁତ ଥର ଦେଖିଥିଲେ । ଶୁଣିଛି, ତାଙ୍କ ହରଚଣ୍ଡୀ ହେଉଛନ୍ତି, ଗୋଟିଏ ରଙ୍ଗଶାଢ଼ୀ ଓ ଚୂଡ଼ି ପିନ୍ଧିଥିବା ଓଡ଼ିଆଣୀ । ଚାଲିବାରେ ସେ ଗୋଡ଼ ଛାଡ଼ି ପକାନ୍ତି ନାହିଁ କିଂବା ତାଙ୍କ ଗୋଡ଼ ତଳେ ଲାଗେ ନାହିଁ । କେହି ଦୁଆର ଫିଟାଇ ବାହାରି ପଡ଼ିବାର ତାଙ୍କୁ ଜଣା ପଡ଼ିଗଲେ, ସେ ହଠାତ୍ ଫୁଙ୍କିକରି ଜଳୁଥିବା ବଳିତାଟି ଲିଭାଇ ଦିଅନ୍ତି । ତା ପରେ ଘରୁ ବାହାରିଥିବା ଲୋକଟି ପିଣ୍ଡାରେ ଚୁପ୍ ହୋଇ କେତେବେଳ ସମସ୍ତ ଛୁଡ଼ା ହୋଇ ଗଲାପରେ ସେ ଉଠିଥିବା ଲୋକର ଦୁଆର ଆଗରେ ଅଦୃଶ୍ୟ ହୋଇ ବୁଲିଯିବା ପରେ ପୁଣି ବଳିତା ଲଗାଇ ଦିନ ଧୂଳି ପୂର୍ଣ୍ଣରେ ଗଡ଼ ଭରନ୍ତି । ଏହିପରି ଆମ ପିତୃ-ପିତୃବ୍ୟ ଦେବୀଙ୍କର ଚାଲିଣି ଓ ଅଙ୍ଗ, ଖଞ୍ଜ ସବୁ ଦେଖିଛନ୍ତି । ଏକଥା ସେ ବାରଂବାର କହୁଥିଲେ ଓ ଗ୍ରାମର ବହୁ ଲୋକେ ମୁଗ୍ଧ ହୋଇ ବାରଂବାର ଶୁଣୁଥିବାର ମୋର ମନେ ଅଛି । ଏ ସବୁ ମାନସିକ ପ୍ରକୃତ ବା ବିକୃତ ମନୁଷ୍ୟର

Digitized by srujanika@gmail.com

ବଂଶ ବାହୁଙ୍କ ଦ୍ୱାରା କଥିତ ହୁଏ, ସମାଜର ସବିସ୍ତୃତ ଓ ପ୍ରଗତିରେ ଏହାର ସ୍ଥାନ କେଉଁଠି, ସେ ସବୁ ଗହନ କଥା ଏବେ ଥାଉ ।

## ସାରଳା ଦାସଙ୍କ ଦେଶ ପ୍ରୀତି

କୁହା ଯାଉଥିଲା, ଏହି ପ୍ରକୃତିର ପରାକ୍ରମ ଓ ଏହି ପ୍ରକୃତିର ପ୍ରେରଣାରେ ସାରଳା ଦାସ ନିଜେ ଜାଣିଥିବା ସମସ୍ତ ଆଖ୍ୟାନ ଓ କିଂବଦନ୍ତୀ, ବିଶେଷତଃ ତାଙ୍କ ଘରର ଆଖପାଖ ତଥା ଓଡ଼ିଶାରେ ସ୍ଥାନ ଓ ଅନୁଷ୍ଠାନମାନଙ୍କରେ ପ୍ରଚଳିତ ସମସ୍ତ ଗଳ୍ପ ଓ ଆଖ୍ୟାୟିକାକୁ ନିଜର ମହାଭାରତରେ ସ୍ଥାନ ଦେଇଛନ୍ତି । ସାରଳାଦାସଙ୍କ ଯେ କୌଣସି ସ୍ଥାନର ବର୍ଣ୍ଣନା ଏହାର ଉଦାହରଣ ସ୍ୱରୂପ ଦେଖା ଯାଇପାରେ । ଯଦି ତଥି ସେ ଜଙ୍ଗଲର ପ୍ରଧାନ ସ୍ଥାନମାନ ବର୍ଣ୍ଣନା କରି ସେ ସବୁ ନିଜ ମହାଭାରତର ପରିଧିରେ ମଣ୍ଡିତ କରିଛନ୍ତି । ଏପରିକି ପାଣ୍ଡବମାନେ ସ୍ୱର୍ଗାରୋହଣ କଲାବେଳେ ମଧ୍ୟ ତାଙ୍କୁ ପାଞ୍ଚପୁର ବାଟେ ଯିବାକୁ ହୋଇଛି ଓ ସେଠାରେ ସ୍ୱୟଂ ଯୁଧିଷ୍ଠିର ବର ସାହୁଙ୍କ ଝିଅ ସିଂଘାଣୀକୁ ବିଭା ହୋଇ ୭୩ ବର୍ଷ ଘରକରି ରହିଲେ । ଶେଷରେ ପୁଣି ଅର୍ଜ୍ଜୁନଙ୍କ ସ୍ତ୍ରୀ ସୁଭଦ୍ରା ଥିଲେ; ଦ୍ରୌପଦୀ ମଧ୍ୟ ସାଙ୍ଗେ ସାଙ୍ଗେ ସ୍ୱର୍ଗାରୋହଣ କରୁଥିଲେ । ପୁରୀ ଓ ଜଗନ୍ନାଥଙ୍କ କଥା ଗଡ଼ଗଡ଼ରେ ସାରଳାଦାସ ଯେପରିକି ବର୍ଣ୍ଣିଛନ୍ତି । ସାରଳା ଦାସଙ୍କ ସାହିତ୍ୟ ବିଶେଷ ଆଲୋଚନା ପ୍ରସଙ୍ଗରେ ଏ ସବୁ ପଢ଼ିବାର କଥା । ଏଠି କେବଳ ଏତିକି କୁହା ଯାଇପାରେ, ଏ ସବୁ ସ୍ଥାନର ପ୍ରତିଷ୍ଠା ଓ ତତ୍ସଂବନ୍ଧୀୟ ଅଦ୍ଭୁତ ଆଖ୍ୟାନମାନ ବର୍ଣ୍ଣନା କରିବାରେ ସାରଳାଦାସଙ୍କ ଲେଖାରେ ଜନ୍ମଭୂମି ପ୍ରୀତି ଖୁବ୍ ପ୍ରକାଶ ପାଇଛି ।

## ଏଥିରେ ପରଂପରା ଓ ପରିସ୍ଥିତିର ପ୍ରେରଣା

ସବୁ ପୁରାଣରେ ଏହି ସ୍ୱଭାବ କମ୍ ବେଶୀ ପାଏ । କିନ୍ତୁ ଏଠାରେ ଯାହା ମନେହେଉଛି, ସାରଳାଦାସଙ୍କ ଉଦ୍‌ବୋଧନ ମୂଳରେ

Digitized by srujanika@gmail.com

ଥିଲ, ଓଡ଼ିଆମାନଙ୍କୁ ଜଗାଇ ଦେଖାଇବା । ଏହା ଅଜ୍ଞାତ ହୋଇ-
ପାରେ । ଖୁବ୍ ସମ୍ଭବ ସାରଳାଦାସ ଜାଣିକରି ଏହା କରୁ ନ ଥିଲେ ।
ଅଭ୍ୟାସ ହେତୁ ସ୍ୱଭାବରେ ପଡ଼ିଯାଇଥିବା ଧାରଣା ଓ ପ୍ରବୃତ୍ତି
ଲେଖକର ଅଜ୍ଞାତ ଭାବରେ ପ୍ରକାଶ ପାଏ । ସେଥିରେ ଜାତି ଓ
ସମାଜର ସ୍ୱାଭାବିକ ଚିନ୍ତାଧାରା ଠିକ୍ ରହେ । ବସ୍ତୁତଃ
କୌଣସି ଆଦର୍ଶ ବା ଅନୁଷ୍ଠାନକୁ ସମାଜରେ ଉତ୍ତୋଳନ କରିବାକୁ,
ତାହାର ଗତି ବିକୃତ ହୁଏ । ସାରଳାଦାସ ତାହା କରିବାକୁ ଯାଇ
ନାହାନ୍ତି । ମାତ୍ର ଏ କଥା ସତ୍ୟ ଯେ ସାରଳାଦାସ ସେତେବେଳେ
ଓଡ଼ିଶାର ପ୍ରାଣ-ପ୍ରକାଶର ପ୍ରତୀକ ଥିଲେ । ତା ପୂର୍ବରୁ ଓଡ଼ିଶାର
ଐତିହ୍ୟ, ପ୍ରତିଷ୍ଠା ଓ ଗୌରବ ଜଗତରେ ଖୁବ୍ ବଢ଼ି ଯାଇଥିବାର
ସଙ୍କେତ ସାରଳା ଦାସଙ୍କ ଲେଖାରେ ସ୍ପଷ୍ଟ । ସେହି ସମୟରେ
ଜାତି ଯେପରିକି ଛଟପଟ ହେଉଥିଲା । ଶୈଳୋଦ୍ଭବ ରାଜାମାନଙ୍କ
ଯୁଗର ବହିର୍ବାଣିଜ୍ୟ ଓ ମହାସାଗରପାରେ ଓଡ଼ିଶାର ପ୍ରଭାବ,
ପ୍ରତିଷ୍ଠା ଓ ପ୍ରତିପତ୍ତି ଗଙ୍ଗଯୁଗରେ ଲୋପ ପାଇଥିଲା । ମୁସଲମାନଙ୍କ
ବିରୁଦ୍ଧ ନୌବାହିନୀ ପାଖେ ମୁଣ୍ଡ ଟେକି ଛିଡ଼ା ହେବାପାଇଁ ଗଙ୍ଗ-
ମାନେ କିଛି କରି ନ ଥିଲେ, ହୁଏତ କରି ପାରି ନ ଥିଲେ । ଅବସ୍ଥା
ଚକ୍ରରେ ପଡ଼ି ପ୍ରାଣର ଉଚ୍ଛଳତା ଓ ଭାବର ପ୍ରାଚୁର୍ଯ୍ୟ କମିଗଲେ ମଣିଷ
ଆପଣା ଘରଭିତରେ ଠେକି ହୋଇ ବସେ । ଗଙ୍ଗମାନଙ୍କର ସମସ୍ତ
ଦେବକାର୍ଯ୍ୟ, ଗଠନକଳାର ବିଶାଳତା ଓ ଖୋଦନ ଶିଳ୍ପର ସୂକ୍ଷ୍ମତା
ଭିତରେ ଯେ କୌଣସି ଅନୁସନ୍ଧିତ୍ସୁ ଏହା ଦେଖି ପାରିବେ । ଧର୍ମ-
ରାଜ୍ୟରେ ମଧ୍ୟ ନାନାଭାବରେ ଓଡ଼ିଆର ଜନ୍ମଗତ ନିର୍ଭୀକତା ଓ
ବ୍ରହ୍ମଚର୍ଯ୍ୟ ନିବନ୍ଧ ସାଧନାର ଅପଳାପ କାର୍ଯ୍ୟରେ ଦୂର ହୋଇ ଯାଇଥିଲା ।
ଅଭ୍ୟାସବଶତଃ ଜାତି, ତନ୍ତ୍ର ପ୍ରଭୃତିର ଅନେକ ଦୁର୍ବଳତା ହୁଏତ
ସେତେବେଳେକୁ ଏକପ୍ରକାର ଜାଗର କରୁଥିଲା । ସ୍ୱୟଂ

Digitized by srujanika@gmail.com

ସାରଳାଦାସ ମଧ୍ୟ ସେଥିରେ ପ୍ରଭାବିତ ହୋଇଥିବାର ଓ ତାଙ୍କ ଉପରେ ଏହାର ପ୍ରଭାବ ପଡ଼ିଥିବା କଥା ପ୍ରମାଣ କରିଥିବାର, ତାଙ୍କ ଲେଖାରୁ ସ୍ପଷ୍ଟ ଜଣାଯାଉଛି । ହେଲେହେଁ, ଓଡ଼ିଶାର ସ୍ଥାନ ଓ ଅନୁଷ୍ଠାନମାନ ବର୍ଣ୍ଣନା କରିବାରେ ତାଙ୍କର ଯେ ମମତା, ତା ଦେଖିଲେ, ସ୍ପଷ୍ଟ ମନେହୁଏ, ଏହା ଗୋଟିଏ ଉପଦ୍ରବଗ୍ରସ୍ତ ଜାତିର ଅନ୍ତଃକରଣର ଆତ୍ମପ୍ରକାଶ । ଆମର ପ୍ରାଚୀନ ପ୍ରତିଷ୍ଠାନକୁ କେହି ବୁଝୁନାହାନ୍ତି । ଆମର ପବିତ୍ର ସ୍ଥାନ ଓ ଅନୁଷ୍ଠାନ ସବୁର ଯଥାର୍ଥ ଆଦର ହେଉନାହିଁ—ଏ ସବୁ ଭାବ ଅଜ୍ଞାତ ଭାବରେ ସାରଳାଦାସଙ୍କ ସାହିତ୍ୟର ଭିତ୍ତି-ଭୂମି ଥିଲା ।

## ଉଦାହରଣରେ ସାରଳାଦାସଙ୍କ ନାରୀ ଓ ବ୍ରହ୍ମଚର୍ଯ୍ୟ

ସ୍ଥାନ ଓ ଅନୁଷ୍ଠାନମାନ, ଏଥିର ଦୃଷ୍ଟାନ୍ତପାଇଁ, ସାରଳାଦାସଙ୍କ ମହାଭାରତରେ ଯତ୍ର ତତ୍ର ଦେଖିହେବ । କିନ୍ତୁ ଜାତୀୟ ପ୍ରାଣ ପ୍ରକାଶ ପାଏ ବେଶି ଭାରତବର୍ଷର ସଂକେତରେ । ସେଥିରେ ପ୍ରକାଶର କୃତ୍ରିମତା ବା କୌଣସି ଉପଦ୍ରବ ବା ପରିଚ୍ଛଦରେ ପ୍ରତିବାଦପାଇଁ ସ୍ପଷ୍ଟ ପ୍ରଚେଷ୍ଟା ନ ଥାଏ । ଏଇ ସାରଳାଦାସଙ୍କ ସମ୍ବନ୍ଧରେ ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ ଯଥାର୍ଥ କହିଛନ୍ତି, "ନାରୀରୂପ ବର୍ଣ୍ଣନାରେ କବି ଖୁବ୍ ସଂଯତ ହୋଇଛନ୍ତି । ଶୃଙ୍ଗାର ସମ୍ଭୋଗର ବର୍ଣ୍ଣନା-ବାହୁଲ୍ୟ ନାହିଁ କହିଲେ ଚଳେ ।" (ଓଡ଼ିଆ ସାହିତ୍ୟର ପରିଚୟ, ପ୍ରଥମ ଭାଗ-୨ୟ ସଂସ୍କରଣ—ପୃଷ୍ଠା—୧୪୧ ) । ଏ ସଙ୍କେତ ଅଧିକ ସ୍ପଷ୍ଟ ହୋଇଛି, କବିଙ୍କ ନାରୀ ଚରିତ୍ର ଧାରଣାରେ । ବ୍ରହ୍ମଚର୍ଯ୍ୟର ସାଧନା ହେଉଛି ଓଡ଼ିଆର ଜାତୀୟ ସାଧନା । ସେଥିରେ ନାରୀର ସଙ୍ଗ ଏକା ବାହ୍ୟିକ, ନାରୀର ରୂପଦୃଷ୍ଟି ଓ ସ୍ପୃଷ୍ଟ ସମ୍ପୃକ୍ତ ଜଗତର କର୍ମ ତଳରେ କି ଘୋର ପ୍ରତ୍ୟବାୟ, ଏକ ପ୍ରଚାର କହିଲେ, ତାର ଶାସ୍ତ୍ର ହେଉଛି, ସାରଳାଦାସଙ୍କ ସାହିତ୍ୟ ।

Digitized by srujanika@gmail.com

## ଭୀଷ୍ମଙ୍କ ଶେଷଦଶା

ସାରାଜୀବନ ଧରି କୌମାର-ବ୍ରତ ସାଧନାରେ ଭୀଷଣ, ଭୀଷ୍ମ, ଅଷ୍ଟ-ନବତି ବୟସରେ, ଯୁଦ୍ଧକ୍ଷେତ୍ରରେ ପୃଷ୍ଠ ଦେଲେ, ଶିଖଣ୍ଡୀକୁ। ହଠାତ୍ ତାଙ୍କର ନିଜ ଯୌବନର ପ୍ରଣୟପ୍ରାର୍ଥିନୀ କାଶୀ ରାଜ-କନ୍ୟା ଅମ୍ବା କଥା ମନେ ପଡ଼ିଗଲା। କାହିଁକନା, ସେ ଜାଣିଥିଲେ, ସେହି ଅମ୍ବା, ପ୍ରଣୟର ପ୍ରତ୍ୟାଖ୍ୟାନରେ ପ୍ରତିଶୋଧ ନେବା ପାଇଁ ଶିଖଣ୍ଡୀ ରୂପେ ଜନ୍ମ ପାଇଥିଲା। ତେଣୁ ମହାଭାରତ ଯୁଦ୍ଧର ସେନାପତି ଥାଇ ମଧ୍ୟ ସେ ସେହି ଯୌବନର ଅମ୍ବା-ସ୍ମୃତିରେ ବିଚଳିତ ହୋଇଗଲେ। ତାଙ୍କର ଘୋର ମାନସପୀଡ଼ା ହେଲା; ରେତ ସ୍ଖଳନ ହେଲା। ସାରଳାଦାସ ଲେଖିଛନ୍ତି—

"ଭୀଷ୍ମଙ୍କ ଶରୀରେ ଥିଲା ଯେତେକ ରୋମାବଳୀ
ଶିଖଣ୍ଡୀର ଶରଘାତେ ଛନ୍ନ ରେତ ଗଲା।
ନବ ସପ୍ତ ବର୍ଷ ଯାହା ଅସ୍ଖଳିତ ହୁହୁଁ
ଅମ୍ବାର ଦର୍ଶନ ମାତ୍ରେ ଖସିଲା ସେ ବିନ୍ଦୁ।"
"ଦେହ ପ୍ରାଣୀ ହୋଇଲା, ଖସିବାରୁ ରେତ।"

ଅମ୍ବା ପୁଣି ଏଠି ସାକ୍ଷାତରେ ନୁହନ୍ତି—ସ୍ମୃତିରେ। ଏ ଗୋଟିଏ ବିଚିତ୍ର କଥା। ପୁଣି ଭୀଷ୍ମଙ୍କ ଭଳି ମହାସାଧକ 'ଦେବବ୍ରତ'ଙ୍କ ସମ୍ବନ୍ଧରେ ଏପରି, କଳ୍ପନାରେ ହୁଏତ ଘୋର ଅତିରଞ୍ଜନ ଅଛି। କିନ୍ତୁ ଏହା ସାରଳାଦାସଙ୍କର ଅଯଥା ଅତିଭାଷ୍ୟ କଳ୍ପନା ନୁହେଁ।

## ତା ଅର୍ଥବ୍ୟାପ୍ତି

ସେତେବେଳର ଓଡ଼ିଆଙ୍କ ଜାତୀୟ ମନୋଭାବର ଏହା ଏକ ସ୍ୱାଭାବିକ ଅଭିବ୍ୟକ୍ତି। ତାନ୍ତ୍ରିକ ଯୌନଚର୍ଯ୍ୟାର ଚରମ ଯୁଗରେ ସାରା ଗଂଗବାଟ ଧର୍ମ ଧର୍ମସ୍ଥାନ ମନ୍ଦିରମାନଙ୍କ ଚାରି

Digitized by srujanika@gmail.com

ଘୋର କଳଂକିତ ହୋଇ ସାରିଥିଲା । ଓଡ଼ିଆ ସଭ୍ୟତାର ପ୍ରାଣସ୍ୱରୂପ ଯେ ଶିଳ୍ପକଳା ସେ, ସେ ପ୍ରସ୍ତରରେ ଧର୍ମର ଶରୀରକୁ ଉତ୍କଟିତ କରି ଅବିଦ୍ୟାକୁ ବିଦ୍ୟା ବୋଲି ପ୍ରଚାର କରିବାରେ ଲାଗିଥିଲେ । କପିଳ-ଦେବଙ୍କ କାଳରୁ ପରବର୍ତ୍ତୀ କାଳର ଗଜପତିମାନଙ୍କ ପୂର୍ବପୁରୁଷମାନେ ସାମାଜିକ ଜଡ଼ତ୍ୱବାଦରେ ପର୍ଯ୍ୟନ୍ତ ବାତ୍ସ୍ୟାୟନ କାମକଳାକୁ ନାଗର-ସଭ୍ୟତାର ଆଦର୍ଶ ରୂପେ ଜ୍ଞାତ ଓ ଅଜ୍ଞାତ ଭାବରେ ପ୍ରତିଷ୍ଠା ଦେବାର ଆରମ୍ଭ କରି ସାରିଥିଲେ । ରାଜା ଓ ରାଜାନଂମନ୍ୟମାନେ ଯଥେଚ୍ଛା ପ୍ରକାରରେ ଓ ସଂଖ୍ୟାରେ ନାରୀ ଗ୍ରହଣ କରି, ଷୋଡ଼ଶୀ (ଫୁଲ-ବରାଙ୍ଗନା)ଠାରୁ ଅବରାଙ୍ଗନା ସାଧାରଣୀ ପର୍ଯ୍ୟନ୍ତ ସର୍ବସଂଭୋଗରେ ସମାଜର ଜାତ ବର୍ଗ ମଧ୍ୟରେ 'ଅନ୍ତର', 'ପ୍ରତ୍ୟନ୍ତର', 'ଦୁଷ୍ଟ', 'ଘାଣ' ପର୍ଯ୍ୟନ୍ତ ଅସବର୍ଣ୍ଣ ଶ୍ରେଣୀ ସୋପାନମାନ ସୃଷ୍ଟି କରି ଥିଲେ ଓ ଏଥିରେ ନାରୀ ପୁରୁଷର ସାମାଜିକ ସଂଯମ ନିବନ୍ଧ ଶିଷ୍ଟାଚାରରେ ବିଭ୍ରାଟ ପଶି ଥିଲା । ଫଳରେ ପୁରୁଷର ନିରଂକୁଶ ସ୍ୱେଚ୍ଛାଚାର ସଙ୍ଗେ ନାରୀ ଜାତିର ଅତି ଅସହ୍ୟ ସଙ୍କୋଚ ଓ ପରାଧୀନତା ସୃଷ୍ଟି ଘୋର ସାମାଜିକ ବିପର୍ଯ୍ୟୟର ସୂତ୍ରପାତ ହୋଇ ଆସୁଥିଲା । ଏ ସବୁର ପଛ-ପଟରେ ସାରଳା ଦାସ ଏଥିରେ କିପରି ଓଡ଼ିଆର ଜାଗ୍ରତ ପ୍ରାଣ-ପ୍ରକାଶ କରିଛନ୍ତି, ତା ସହଜରେ ବୋଧଗମ୍ୟ ହେବ । ଏହି ସ୍ତ୍ରୀଙ୍କ ମୃତ୍ୟୁ ବିବରଣ ଗୋଟିଏ ଦୃଷ୍ଟାନ୍ତ ନୁହେଁ । ସାରଳା-ସାହିତ୍ୟର ଏହି ଯୌନ ସଂଯମ ଓ ବ୍ରହ୍ମଚର୍ଯ୍ୟ ହେଉଛି, ଯେପରି କି ପ୍ରାଣ । ସମାଜରେ ଏହି ଉପଦ୍ରବର ତାଡ଼ନା ଓ ତତ୍ପ୍ରତି ପ୍ରତିକ୍ରିୟାର ଭାବ, ମନେହୁଏ, ପ୍ରତିଷ୍ଠିତ ଥିଲା ।

## ଚଣ୍ଡୀପୁରାଣ ଓ ବିଲଙ୍କା ରାମାୟଣ

ସାରଳା ଦାସଙ୍କ ନାମରେ 'ଚଣ୍ଡୀ ପୁରାଣ' ଓ 'ବିଲଂକା ରାମାୟଣ' ବୋଲି ଆଉ ଦୁଇଖଣ୍ଡି ପୁସ୍ତକ ପ୍ରକାଶ ପାଇଛି ।

Digitized by srujanika@gmail.com

ଏ ଦୁଇଟି ମୁଦ୍ରିତ ବଶେଷରେ ବିଲଙ୍କାରାମାୟଣଟି ଠିକ୍ ସାରଳା ଦାସଙ୍କର କି ନା, ତା କହିବା ଏବେ କଷ୍ଟ । କାରଣ, ଏବେ ମଧ୍ୟ କଟକ ମନମୋହନ ଗ୍ରନ୍ଥାଗାରର ପରିଚାଳକ ଶ୍ରୀ ବାସୁଦେବ ନାୟକ ନିଜ ଭଣ୍ଡାରରେ ଅତି ଅଳ୍ପ ଦିନ ହେଲା ରକ୍ଷିତ ବିଲଙ୍କା ରାମାୟଣର ଯେଉଁ 'ଉତ୍ତର ଖଣ୍ଡ' ପ୍ରକାଶ କରିଛନ୍ତି, ତାକୁ ଦେଖିଲେ, ଅନେକେ କହିବେ, ସାରଳା-ଦାସଙ୍କ କୃତୀ ବୋଲି ପ୍ରଚଳିତ ବିଲଙ୍କା ରାମାୟଣଟି ସାରଳାଙ୍କର ନିଜର ନୁହେଁ । ଏପରି ନିଜେ ଲେଖି ପ୍ରଧାନ ପୁରୁଷଙ୍କ ନାମ ଦେବା ପୃଥିବୀର ଅନ୍ୟତ୍ର ଯା ହେଉ, ଭାରତରେ ବଡ଼ ସାଧାରଣ । ପୂର୍ବେ ଗଣକ କାଳିଦାସଙ୍କ କଥା କୁହାଯାଇଛି । ବଳରାମଦାସଙ୍କ ନାମ ଗ୍ରହଣ କରି 'ଛତିଶ ଗୁପ୍ତ ଗୀତା'ର କବି ନିଜକୁ ସେହି ପ୍ରାଚୀନ ପଞ୍ଚସଖାର ବଳରାମଙ୍କ ଅବତାର ବୋଲି ପ୍ରଚାର କରି ଯାଇଥିବା କଥାଟି ମଧ୍ୟ ଜଣା ଶୁଣା । ମାତ୍ର ସେ ଯା ହେଉ, ବିଲଙ୍କାର ସହସ୍ର ମୁଖ ରାବଣ କଥାଟି ଏ ଦେଶରେ ପଲ୍ଲୀରେ ସୁପରିଚିତ ଓ ବିଲଙ୍କା ରାମାୟଣ ତଥା ଚଣ୍ଡୀ ପୁରାଣରେ ସାରଳା-ସାହିତ୍ୟର ପ୍ରକୃତ ଓ ଆଦର୍ଶ ଯେ ପୂର୍ଣ୍ଣ ପ୍ରକାଶ ପାଇଛି, ଏହା ଖୁବ୍ ପ୍ରମାଣ-ସିଦ୍ଧ । ହୁଏତ ଚଣ୍ଡୀ ପୁରାଣଟି ନିଶ୍ଚୟ ସାରଳାଦାସଙ୍କର । ବ୍ୟାସଙ୍କ ମହାଭାରତ ସଙ୍ଗେ ସାରଳା-ମହାଭାରତର ଯେ ସମ୍ପର୍କ ମାର୍କଣ୍ଡେୟପୁରାଣର 'ଚଣ୍ଡୀ' ସଂଗେ ସାରଳା ଦାସଙ୍କ ଚଣ୍ଡୀର ସେହି ସଂପର୍କ । ବରଂ କହିଲେ ହେବ ଏ ସମ୍ପର୍କ ସେତେଲେ ବି ନୁହେଁ । ଏସବୁ ଲେଖା ପୂର୍ଣ ଓଡ଼ିଶୀ ସଭ୍ୟତାର ପ୍ରକାଶମୟ ରୂପ । ଏ ଦୁଇଟି ଯାକ ଗ୍ରନ୍ଥରେ ଗୋଟିଏ କଥା ମୁଖ୍ୟ ଭାବରେ ଲକ୍ଷ୍ୟ କରିବାର ଅଛି । ସାରଳା ଦାସଙ୍କ କଳ୍ପନାରେ ରାମଙ୍କ ମୁଖରେ ଯେ ପାପ, ଯେ ଦୁର୍ବଳତା କାରଣରୁ ଯେ ପ୍ରକାଶ ପାଇଥିଲା, ତା

Digitized by srujanika@gmail.com

ଘୋର କର୍ତ୍ତବ୍ୟ-ବୁଦ୍ଧିରେ ଶିବ ଜୀବନ କାମ-ନିଷେଧରୁ ଅତନ୍ଦ୍ରିତ ସାଧନାରେ ଲାଗି ରହିଥିବା ପୁରୁଷର "ପ୍ରକୃତିଂ ଯାନ୍ତି ଭୂତାନି ନିଗ୍ରହଃ କିଂ କରିଷ୍ୟତି" ମତରେ ପ୍ରଶ୍ରିତ ପ୍ରକୃତିର ପ୍ରତିକ୍ରିୟା ବା ପ୍ରତିଶୋଧ ନୁହେଁ ।

## ଚଣ୍ଡୀଙ୍କ ମହିଷାସୁର ବଧ

ସେଥିପାଇଁ ଦେଖ 'ଚଣ୍ଡୀ ପୁରାଣ' । ମହିଷାସୁରର ଘୋର ଓ ଦୁର୍ଧର୍ଷ ପ୍ରତାପ ଆଗେ ଅତି ମୋହିନୀ, ଶୁଭ ରୂପବତୀ ଚଣ୍ଡୀ ନଗ୍ନ ଅବସ୍ଥାରେ ତା ଉପରେ ଠିଆ ହୋଇ ତାକୁ ନିଜର ମୁକ୍ତ ଯୋନି ଦେଖାଇ ଦେଲେ । ସେତିକିରେ ଅସୁରର ସମସ୍ତ ଦର୍ପ, ସମସ୍ତ ବିକ୍ରମ ଶେଷ । ସେ କାମ-କାମନାଗ୍ରସ୍ତ ହୋଇ ନାଶ ହେଲା । ପୁଣି ବିଲଙ୍କା ରାମାୟଣରେ କଣ ଦେଖିବ ?

## ସହସ୍ରମୁଖା ରାବଣ—ରାବଣ ନିଧନରେ ସୀତା

ବିଲଙ୍କା ରାମାୟଣରେ ପ୍ରକାଶ ପଡ଼ିଛି, ଅଦ୍ଭୁତ ଗୋଟିଏ ଅଧିକା କଥା । ତା ହେଉଛି, ପୁରୁଷର ଦୁର୍ବଳତା ସଙ୍ଗେ ନାରୀର ପୁରୁଷ ଶାସନରେ ଅସମ୍ମାନ । ଏଥିରେ ଯେପରି କି ନାରୀ ପୁରୁଷକୁ କହୁଛି, 'ହେ ପୁରୁଷ, ନାରୀକୁ ଭୋଗ୍ୟବସ୍ତୁ ବିଚାରି ତୁ ଏପରି ଅବାଟରେ ଯାଅନା । ଭୋଗ କରିବା ପାଇଁ ତୁ ନାରୀକୁ ଅସ୍ପୃଶ୍ୟ କର, ଅଧୀନ କର, ରଖ୍‌ନା । ନାରୀ ସେଥିରେ ପ୍ରତିଶୋଧ ନେଇ ବସିଲେ, ପୁରୁଷ କେତେ ମାନ୍ଦ ।' କାହିଁସ୍ତ ଓ ବଳବନ୍ତା କାଳୀଙ୍କ ସାଙ୍ଗେ'ଞ୍ଜାନ ଦେଇ ମାଳୁଣୀ', 'ଭେଣ୍ଡାକୁ ପେଣ୍ଡା କରି ରଖିବା'ର ପ୍ରବଚନ ଅଛି । ସେଇଥିର ଜନପଦ କାଳୀଙ୍କ ପାଖେ 'ପଞ୍ଚୁଆ' ମାନେ ବଳି ଦିଅନ୍ତି । ଏ କଥାକୁ ମଧ୍ୟ ସୂଚନାରେ ଲକ୍ଷ୍ୟ କରାଯାଇଛି । କିନ୍ତୁ ସେ ସବୁ ସ୍ଥଳରେ ସାଙ୍କେତିକ କ୍ରିୟାରେ ଅର୍ଥବ୍ୟାପ୍ତି ଭିନ୍ନ । ଏକାନ୍ତ-ନାରୀ-

Digitized by srujanika@gmail.com

ଯୋଗ-ନିଷ୍ଠିତ ସାଧନାକୁ ସୁଗମ କରିବାରେ ନାରୀ-ପ୍ରୀତି ଓ ନାରୀର ଆଧିକ୍ୟ ଦେଖାଇ ତାହିଁ ସାଧନ କରିବାର ସେ ଗୋଟିଏ ପଥ । ପୂର୍ବେ ଚତୁର୍ଥ ଅଧ୍ୟାୟ ପ୍ରାରମ୍ଭରେ ସହଜିଆ ବୈଷ୍ଣବଙ୍କ ଯେଉଁ ମତ, ବଙ୍ଗୀୟ ସାହିତ୍ୟିକ ଦୀନେଶଚନ୍ଦ୍ରଙ୍କ ଲେଖାରୁ ଉଦ୍ଧାର କରି ସୂଚନାଦେଇ ଦେଖାଇ ଦିଆ ଯାଇଛି ( ପୃ ୧୪୬, ୧୪୭ ଦେଖ ), ସେଇ ସାଧନା ତା ଅସ୍ତ-ସାଧନାର ପ୍ରୟୋଗ-କୌଶଳରେ ଏହା ଗୋଟିଏ ମୋହନୀ ଭଙ୍ଗୀ । ଏହାର ଧର୍ମାର୍ଥ ଗତରେ ବାହାରିଛି 'ପଦ୍ମାବତୀ ଚରଣ-ଚାରଣ-ଚକ୍ରବର୍ତ୍ତୀ' ସହଜିଆ ଜୟଦେବଙ୍କ 'ଦେହି ପଦ-ପଲ୍ଲବ ମୁଦାରଂ' । କିନ୍ତୁ ସାରଳାଦାସଙ୍କ ନଗ୍ନ ଚଣ୍ଡୀଙ୍କ ଯୋନି ଦୃଷ୍ଟିରେ ଭ୍ରାନ୍ତ ମହିଷାସୁର ଶବ ତା ନୁହେଁ । ପୁଣି ଲଙ୍କାର ସହସ୍ରାର୍ଜୁନଙ୍କୁ ସୀତା ଜାଣି ଶୁଣି ଗ୍ଲାନ-ବାଣୀ କହି ଦେଇ ଯେପରି ରାମଙ୍କର ସୁଖ-ଗରବ କରିଥିଲେ, ସେଥିରେ 'ବେଣ୍ଡାକୁ ମେଣ୍ଟ କରିବା'ର ସାଧନ ଗତି ବା ପରଂପରାର ଉଦାହରଣ ନାହିଁ । ସୀତାଙ୍କ ସତୀତ୍ୱ ରକ୍ଷା କରିବାରେ ରାମ ଅଦ୍ଭୁତ ମମତା, ଆଦର ଓ ଉଦ୍ୟମ ପ୍ରକାଶ କଲେ, ସତ । ମାତ୍ର ଶେଷକୁ ସନ୍ଦେହ ଓ ଅଗ୍ନି ପରୀକ୍ଷା । ସୀତାଙ୍କର ସେଥିରେ ଯେପରି କି ହେଲା, ନିଜର ଗୌଣତ୍ୱ-ବୁଦ୍ଧି । ଓଡ଼ିଆ ସମାଜରେ ନାରୀ ଏପରି ଗୌଣ ବସ୍ତୁ ନ ଥିଲା । 'ବସ୍ତ୍ର ହରଣ'ର ଲୀଳା-ଲଳିତ-ଭୋଗ-ସାମଗ୍ରୀ ସେ ନୁହେଁ । ରାବଣକୁ ମାରି ରାମ ଅଯୋଧ୍ୟାରେ ଟିକିଏ ସ୍ଥିତ ହେଲେ, ସନ୍ଦେହ ନାହିଁ । ସତୀକୁ ଏପରି ଅପମାନରୁ ଉଦ୍ଧାର କରିବାରେ ଯେ ଅବଶ୍ୟ କର୍ତ୍ତବ୍ୟ ଅଛି, ତା ବୋଧହୁଏ ରାମ ଭୁଲିଗଲେ ବୋଲି ଟିକିଏ ଶଙ୍କା ହେଲା । ଅନ୍ତତଃ ଏ ଶଙ୍କା ସୀତାଙ୍କର ହେଲା । କାରଣ, ସାରଳା ଦାସଙ୍କ ଶବ୍ଦରେ କୌଣସି ଦେବତା ବା କୌଣସି ପ୍ରତିଷ୍ଠିତ ମହାପୁରୁଷ [ସମାଜରେ ସାଧାରଣ

Digitized by srujanika@gmail.com

ମନୁଷ୍ୟଙ୍କୁ ଅଲଗା ନୁହନ୍ତି । ତାଙ୍କ ଧର୍ମପୁତ୍ର ଯୁଧିଷ୍ଠିର ମଧ୍ୟ ଦ୍ରବଳାଙ୍କ ହେଲେ, ବା ଲୋଭ ତନ୍ମୟ ହେଲେ, ନିଜ ସାନଭାଇ ଭୀମଙ୍କ ଗୋଡ଼ତଳେ ପଡ଼ନ୍ତି । ସ୍ୱୟଂ ଗାନ୍ଧାରୀ ଧୃତରାଷ୍ଟ୍ରଙ୍କୁ ବଶ୍ୟ ହୋଇ ନ ଥିଲେ; ହେତୁଏତ 'ଦୁଷ୍ଟିଅ' ହୋଇଥିଲେ । ସାରଳା ଦାସଙ୍କ ଗାନ୍ଧାରୀ ହେଉଛନ୍ତି, 'ଜଅଁସୀ ବନିଆ'—ବରମୁଣ୍ଡ ଖାଇ । ସେଥି-ପାଇଁ ସେ ଶହେ ଅଠର ସାହାଡ଼ା ଗଛକୁ ବଶ ହୋଇ ସାରି ଶେଷକୁ ଅନ୍ଧ ଧୃତରାଷ୍ଟ୍ରଙ୍କ ହାତ ଧରିଥିଲେ । ସାରଳା ଦାସ, ଅତି କୃଷ୍ଣଭକ୍ତ । କୃଷ୍ଣଙ୍କୁ ସେ ବିଷ୍ଣୁ ତଥା ଜଗନ୍ନାଥ ବୋଲି ବରାବର ବର୍ଣ୍ଣନା କରିଛନ୍ତି । ମାତ୍ର ସେଇ କୃଷ୍ଣଙ୍କୁ ପୃଷ୍ଠରେ ତଥା ବ୍ୟବ-ହାରରେ ଠିକ୍ ସାଧାରଣ ହିଂସା-ଦ୍ୱେଷ-ପର କୂଟ-ନୀତି-ଚଂଚଳ ମନୁଷ୍ୟଟିଏ କରି ସେ ସର୍ଜନ ଶିଳ୍ପ କରିଛନ୍ତି । ସେଇ ହେତୁରୁ ତାଙ୍କ ସୀତା ମଧ୍ୟ ହୋଇଛନ୍ତି, ସେ କାଳର ଶ୍ରେଷ୍ଠ ସାମାଜିକ ସ୍ୱାଧୀନ-ଚେତା ଓଡ଼ିଆ ନାରୀ—ସ୍ୱାଧୀନ ଧର୍ମା, ସହଧର୍ମିଣୀ, ଓଡ଼ିଆ ଗୃହିଣୀ । ସେ ଏବେ ରାମଙ୍କୁ କହିଲେ, 'ଦଶଶିର ଲଙ୍କାର ରାବଣକୁ ମାରି କ ଗୋଟାଏ ବିଜୟ ହେଲା ? ଲଙ୍କାରେ ସହସ୍ର ଶିର ରାବଣ ଅଛି । ତାକୁ ମାରନ୍ତି ।' ରାମ, ଅଭିଯାନ କଲେ, ସେଠି ବାରମ୍ବାର ପରାସ୍ତ ହୋଇ ବ୍ୟତିବ୍ୟସ୍ତ ହେଲେ । ସାହାଯ୍ୟ କରିବା ପାଇଁ ସୀତାଙ୍କୁ ଡାକ ପଡ଼ିଲା । ସୀତା ସୁନ୍ଦରୀ ଯୁବତୀ ରୂପରେ ବେଶ ଭୂଷାରେ ସଜ୍ଜିତ ହୋଇ ଯାଇ ସହସ୍ରଶିର ରାବଣ ଆଗେ ଠିଆ ହୋଇ-ଗଲେ । ଅସୁରକୁ କାମଚେଷ୍ଟା ଘାରିଲା । ସେ ହତବୀର୍ଯ୍ୟ ହେଲା । ଏତିକି ବେଳେ ରାମ ତାକୁ ସଂହାର କଲେ । ସାରଳା ଦାସ ବା ତାଙ୍କ ନାମରେ ଲେଖିଥିବା କବି, ସମାଜର ବେଶି ଅସୁରଙ୍କୁ ଅଜ୍ଞାତ ଇଙ୍ଗିତ କରି ଏହା ଲେଖିଥିଲେ, ତା ଅନୁମାନ କରିବା ଅସାଧ୍ୟ ନୁହେଁ ।

Digitized by srujanika@gmail.com

## ନର ଓ ନାରୀର ସାମାଜିକ ସଂବଂଧ

ଧାର୍ମିକ ହେଉ, ବୈଷ୍ଣବ ହେଉ, ସୃଷ୍ଟି-ସଂହାରକ ହେଉ, ବା ନିରୋଧୀ ବୁଦ୍ଧର ସ୍ତୁତି ଲବ୍ଧ ହେଉ, କାମଚେଷ୍ଟା ମାନବ ଜଗତରେ କି ବସ୍ତୁ, ତା ସାରଳା ଦାସଙ୍କ ସାହିତ୍ୟର ମେରୁଦଣ୍ଡ ରୂପେ ବିଦ୍ୟମାନ । ସେଥିରେ ପୁଣି ସମାଜରେ ନାରୀର ସ୍ଥାନ । ନାରୀ ଭୋଗ୍ୟ ବସ୍ତୁ ନୁହେ, କି ଅନୁଗ୍ରହର ସ୍ଥାନ ନୁହେ । ସ୍ମରଣ ବା 'ସ୍ୱର' କାମନାର ଅବକାଶ ଭଳି ନାରୀଠାରେ ଯେଉଁ ଆଦର, ସମ୍ମାନ ଓ ବହୁମାନ ଦର୍ଶାଏ, ଇଉରୋପରେ ମଧ୍ୟ-ଯୁଗରେ ଯାହା ଇତିହାସ ପ୍ରସିଦ୍ଧ, ସିଭାଲ୍‌ରି ବା ନାରୀ-ମାନ-ସଂରକ୍ଷଣର ସୂତ୍ରପାତ କରିଥିଲା, ଆଜି ମଧ୍ୟ ଇଉରୋପୀୟ ସମାଜରେ ଯଥାର୍ଥରେ ନାରୀ-ପ୍ରୀତି-ସମ୍ପନ୍ନ ପୁରୁଷ, ନାରୀକୁ ଉପଭୋଗ୍ୟ ଓ ଅବଳାର ମାନଦଣ୍ଡରେ ମାପି ପ୍ରତି ଯେଉଁଠାରେ ତାକୁ ସମାନ କହି-ବାକୁ କହୁ ଯେପରି ସମ୍ମାନରେ ଚେଷ୍ଟାକରେ, ଏଇ ଭାରତରେ ମଧ୍ୟ ସେଇ ଦୃଷ୍ଟିରେ ପୁଣି ରାଷ୍ଟ୍ର ଓ ସମାଜ ପ୍ରଗତି କଲେ ହିନ୍ଦୁଜନ-ଜନନୀଙ୍କୁ ଦେଖାଇ ନାରୀ ପ୍ରତି ସେଇ ଇଉରୋପୀୟ ଆଗ୍ରହର ଯେଉଁ ସ୍ପୃହା, ଅଥଚ ଅନ୍ଧ ଅନୁକରଣ ରୁଚିର, କବି ରାଧାନାଥଙ୍କ 'ଦରବାର'ର କୌତୁକ-ଭାଷାରେ:—

"ବସ୍ତୁ ନୁହଇଟି ଝିଅ ସେ ଧୂମ
ଅନ୍ୟ ନାମ ତାର ଆକାଶ-କୁସୁମ ।"

ସାରଳା ଦାସଙ୍କ ବର୍ଣ୍ଣିତ ସମାଜରେ ଅତି ବରଣୀୟ ଓ ସ୍ୱାଧୀନ ନାରୀ, ପୁଣି ଜାଗ୍ରତ ସମାଜର ଅଙ୍ଗମୂଲ୍ୟ ଓ ଅଗ୍ନିର ତଥା ନଜିକେ ସେଇ ନାରୀର ଅସ୍ମି-ପ୍ରତିଷ୍ଠା ସ୍ପୃହାର ସଙ୍ଗେ ଏ ଦେଶର ତୁଳନା ନାହିଁ; ହୋଇପାରେ ନା ।

Digitized by srujanika@gmail.com

## ସେଥିରେ ଧର୍ମ ଓ ଦର୍ଶନର ପ୍ରାବରଣ

ପୁଣି ଅନ୍ୟଥା ଘୋର ଜଘନ୍ୟ ଇନ୍ଦ୍ରିୟ ସେବାକୁ ଧର୍ମ ଓ ଦର୍ଶନର ପ୍ରାବରଣରେ ମଣ୍ଡିତ କରି ସହଜିଆ ଓ ତାଙ୍କ ପୂର୍ବ ସୂରି ତାନ୍ତ୍ରିକ ବଜ୍ରଯାନୀ ତଥା ତାଙ୍କ ଉତ୍ତରାଧିକାରୀ ଗୌଡ଼ୀୟବୈଷ୍ଣବମାନେ ନାରୀକି ଯେ ସ୍ୱାତନ୍ତ୍ର୍ୟ ଓ ସ୍ୱାଧୀନତା ଦେଇଥିଲେ, ସେ କଥା ନାନା ସନ୍ଦର୍ଭରେ ଥରକୁ ଥର କୁହାଯାଇଛି ଓ କୁହାଯିବ । ଗଳିତ-କୁଷ୍ଠ-ଗ୍ରସ୍ତ ଧନାଢ୍ୟ ପୁରୁଷକୁ କାଶ୍ମୀରୀ 'ଜାମେୱାର' ଯୋଡ଼ାଇ ଦର୍ଶନୀୟ କଲାପରି ଏଇ ପ୍ରାବରଣ ହେତୁ ନାରୀ ସତେ ଯେପରି ସମାଜରେ କେବଳ ଶ୍ରେଷ୍ଠତର ବା ଶ୍ଳାଘ୍ୟତର ନୁହେଁ, ବରଂ ସମାଜର ଏକାନ୍ତ ସ୍ୱରୂପ ରୂପେ ପ୍ରତିଷ୍ଠିତ ହୋଇଛି । ନାରୀ ତ ହିଁ ହେଉଛି 'ମହାମୁଦ୍ରା'—ମୁକ୍ତି ବା ନିର୍ବାଣର ଶ୍ରେଷ୍ଠ ସଙ୍କେତ । ତା ସଂଗେ ଯଥେଚ୍ଛା ସଙ୍ଗମର 'ମହାସୁଖ'ରେ ମାତିବା ହେଉଛି, ମହାମୁଦ୍ରା-ସାଧନା । ଏଥିରେ ନିର୍ବାଧ ଭାବରେ ମାତି ରହିପାରିଲେ, ସ୍ତ୍ରୀ, ପୁରୁଷ, ଦୁହିଁଙ୍କର ସିଦ୍ଧି ହୁଏ । ଏଇ ସିଦ୍ଧିରେ ଲୋକ ପରକାୟପ୍ରବେଶ ( ନିଜ ଶରୀରକୁ ଶବବତ୍ ଛାଡ଼ି ଦେଇ ଅନ୍ୟର ମୂର୍ଦ୍ଧାରେ ପଶିବା), ପାଣିରେ ଚାଲିବା, ପବନରେ ଉଡ଼ିବା, ଜାଦୁ ଲଗାଇବାଠାରୁ ବଶୀକରଣ (ଯାହାକୁ ଇଚ୍ଛା ତାକୁ—ବିଶେଷତଃ ଯେ କୌଣସି କାମ୍ୟ ନାରୀକୁ—ନିଜ ପାଖକୁ ଆଣି ଇଚ୍ଛା ମତେ କାମରେ ଲଗାଇବା ), ମାରଣ, ଯମପୁର-ଠାରୁ ଇନ୍ଦ୍ରଲୋକ ପର୍ଯ୍ୟନ୍ତ ଯାଥାଗମନ ପ୍ରଭୃତି ଯାବନ୍ତ ଅଦ୍ଭୁତ-କ୍ରିୟା ଅବଲୀଳା କ୍ରମେ ଘଟିପାରେ । ଏଇ 'ମହାମୁଦ୍ରା-ସାଧନା' ବା ଯଥେଚ୍ଛା ନାରୀସେବାର ପ୍ରକାର ବର୍ଣ୍ଣନ କରି ଜଣେ ସିଦ୍ଧ-କଳ୍ପ ବଜ୍ରଯାନୀ ପଦ୍ମବଜ୍ର ନିଜ 'ଗୁହ୍ୟସିଦ୍ଧି' ଗ୍ରନ୍ଥରେ କଣ ! କହୁଛନ୍ତି ଦେଖ:—

"ମହାମୁଦ୍ରାଂ ନିଷେବେତ ସ୍ୱଦେହୋପାସ୍ୟ ସଂଯୁତାଂ
ସ୍ୱସଂବେଦ୍ୟା ହି ସା ତଦ୍ୟା ମହାମୁଦ୍ରା ପରିସ୍ଫୁଟା ।"

ଅର୍ଥାତ୍, ନିଜ ଦେହରେ ଥିବା ଉପାସ୍ୟକୁ ଲଗାଇ ମହାମୁଦ୍ରାକୁ ସେବା କରିବ । ମହାମୁଦ୍ରା ହେଉଛି ପରମ ମଙ୍ଗଳମୟୀ । ସେ ଅଂଶୀର ସାଧନା ବିଦ୍ୟାକୁ ଆପେ ଜଣାଇଦିଏ । ହଠାତ୍ ଦେଖାଯାଉଛି, ନାରୀ ଏଥିରେ ଖାଲି ପୁରୁଷ ସଙ୍ଗେ ସମାନ ନୁହେଁ, ନାରୀର ମହତ୍ତ୍ୱ ବେଶି । 'ପରମମଙ୍ଗଳମୟୀ ମହାମୁଦ୍ରା'ର ସେବା ହେଉଛି, ସିଦ୍ଧିର ମୁକ୍ତି-ଦ୍ୱାର । ଏଇ ସାଧନା ଓ ସିଦ୍ଧିର ହିସାବରେ ପୁଣି ଏଇ ସାଧନା ପାଇଁ ଗୃହତ୍ୟାଗିନୀ ରାଜକନ୍ୟା ଓ ରାଣୀ ପୁଣି ତାନ୍ତ୍ରିକ ବୋଲି ପ୍ରଖ୍ୟାତ, ଲକ୍ଷ୍ମୀଙ୍କର ନିଜେ ଲେଖି ନିଜ ଶିଷ୍ୟ ଓ ସଙ୍ଗୀଙ୍କ ହାତେ ପ୍ରସ୍ତୁତ କରାଇ ଥିବା ସହଜ-ଯାନର ମୂଳ ଗ୍ରନ୍ଥ 'ଅଦ୍ୱୟ ସିଦ୍ଧି'ରେ କଣ କହୁଚନ୍ତି ଦେଖ:—

"ନ କଷ୍ଟ କଳ୍ପନାଂ କୁର୍ଯ୍ୟାତ୍ ନୋପବାସଂ ନଚକ୍ରିୟାଂ
ସ୍ନାନଂଶୌଚଂ ନଚୈବାତ୍ର ଗ୍ରାମଧର୍ମ-ବିବର୍ଜ୍ଜନଂ ।
ନଚାପି ବନ୍ଦୟେଦ୍ଦେବାନ୍ କାଷ୍ଠ ପାଷାଣ ମୃଣ୍ମୟାନ୍
ପୂଜା ମସ୍ୟୈବ କୁର୍ଯ୍ୟାତ୍ପସ୍ୟ କ୍ଲାନ୍ତିତ୍ରୟଂ ସମାହିତଃ ।"

× × × ×

"ଗମ୍ୟାଗମ୍ୟ ବିକଳ୍ପଂତୁ ଭକ୍ଷ୍ୟାଭକ୍ଷ୍ୟଂ ତଥୈବଚ
ପେୟାପେୟଂ ତଥାମନ୍ତ୍ରୀ କୁର୍ଯ୍ୟାନ୍ନୈବ ସମାହିତ ।
ସର୍ବ ବର୍ଣ୍ଣ ସମୁଦ୍ଭୂତାଃ ଜୁଗୁପ୍ସ୍ୟା ନୈବ ଯୋଷିତଃ
ସୈବ ଭଗବତୀ ପ୍ରଜ୍ଞା ସମ୍ବୃତ୍ୟା ରୂପମାଶ୍ରିତା ।"

ଏହାର ଅର୍ଥ ହେଉଛି, କଷ୍ଟକଳ୍ପନା ଦରକାର ନାହିଁ, ଉପାସନାଦି, କ୍ରିୟାକର୍ମ ନାହିଁ—ଦେବ ଦେବୀ କିଛି ଲୋଡ଼ା ନାହିଁ ।

Digitized by srujanika@gmail.com

ସ୍ନାନ, ଶୌଚ, ସମାଜର ଅସ୍ଥିର ସବୁ ଛାଡ଼୍ । ଦେବ ପୂଜା ଛାଡ଼୍ । ଦେବ ଦେବୀ ସବୁ କାଠ, ପଥର, ମାଟି । ସବୁବେଳେ ମନଦେଇ ଏଇ ଦେହର ପୂଜା କର୍ । ଗମ୍ୟାଗମ୍ୟ, ଭକ୍ଷାଭକ୍ଷ୍ୟ, ପେୟାପେୟ ଏସବୁ ଭେଦଭାବକୁ ସାଧକ ପ୍ରାଣପଣେ ଛାଡ଼ିବ । ଯେ କୌଣସି ଜାତିର ହେଉ, ମାଇକିନିଆକୁ ଘୃଣା କରିବ ନାହିଁ । 'ସେଇ ହେଉଛି ଭଗବତୀ ପ୍ରଜ୍ଞା, ଲକ୍ଷଣର ନାରୀ ଦେହ ଧରିଛି ।

## ଏ ପ୍ରାବରଣ କାଢ଼ି ଭିତର ଦେଖ

ମୋହନ ପ୍ରାବରଣ ବସ୍ତ୍ର କାଢ଼ି ଏ ସବୁକୁ ଦେଖି ବସିଲେ ଯଥାର୍ଥ ସତ୍ୟଟି ଦେଖିବା ଆଦୌ କଷ୍ଟ ନୁହେଁ । ଏ ସମସ୍ତ କ୍ରିୟା ଓ ଅଙ୍ଗର ପଛରେ ନାରୀକୁ ଯୌନ ବ୍ୟବହାରରେ ଭୋଗ୍ୟ-ବସ୍ତୁ ରୂପେ ବ୍ୟବହାର କରିବାର କଳ୍ପନା ବା ସୂଚନା ଛଡ଼ା ଆଉ କିଛି ନାହିଁ । ହୋଇପାରେ, ଇତସ୍ତତଃରେ ପିଣ୍ଡଙ୍କର ପୀଠରେ ଫୁଟିଥିବା ଆଚରଣ ଓ ସେଇ ସଂକେତ ବା ଅନୁଲକ୍ଷଣରେ ଏ ବେଶରେ ଫୁଟିଥିବା ନାରୀ ମର୍ଯ୍ୟାଦା ଓ ନାରୀ ସଂମାନର ଶିଳ୍ପୀଙ୍କରର ଏ କଳ୍ପନା ବା ସୂଚନା ଟିକିଏ ଦୂରରେ ଓ ପ୍ରଚ୍ଛନ୍ନ ରୂପେ ଅଛି; ମାତ୍ର ତାଂତ୍ରିକର 'ଭୈରବୀ ଚକ୍ର', ବଜ୍ରଯାନୀର 'ମହାମୁଦ୍ରା-ସାଧନା' ଓ ସହଜିଆର ଯଥେଚ୍ଛା ନରନାରୀ ମିଳନ ବା 'ନୈଶ ମିଳନ'ରେ ଏ କଳ୍ପନା, ଅତି ନିକଟରେ ଓ କ୍ରିୟା, ଘୋର ଅପ୍ରଚ୍ଛନ୍ନ । କିଂତୁ ତାତ୍ତ୍ୱିକ ପ୍ରଭେଦ କିଛି ନାହିଁ । ଯୌନ ଇନ୍ଦ୍ରିୟ ସେବାରେ ପୁରୁଷର ସାଧନ ହେଉଛି, ନାରୀ । ସେ ସ୍ୱାଦ୍ୟ-ସେବାର କଳ୍ପନା ପୁଣି ଟିକିଏ ଦୂରରେ ପ୍ରଚ୍ଛନ୍ନ ରହିଲେ ହୁଏ, କବିତା ଓ ତାହାର ସୂଚନା ହୁଏ, କାବ୍ୟକଳାର 'ଧ୍ୱନି' ବା ରୋମାଣ୍ଟିସିଜ୍ମ୍ (Romanticism) । ମାତ୍ର ଏ କାବ୍ୟରସ ଓ ଅଲଙ୍କାରିକ

Digitized by srujanika@gmail.com

ଶୃଙ୍ଗାରତତ୍ତ୍ୱ ଆଲୋଚନା ଏଠି ଥାଉ । କଥା ହେଉଛି, ଏହି ସ୍ତରରେ ନାରୀକୁ ପୁରୁଷ ହୃଦୟରେ ହେଉ ବା ନିକଟରେ ହେଉ, ପ୍ରଚ୍ଛନ୍ନରେ ହେଉ ବା ଅପ୍ରଚ୍ଛନ୍ନ ଭାବରେ ହେଉ, ଭୋଗ-ସଙ୍ଗିନୀସ୍ୱରୂପରେ କର୍ମସଙ୍ଗିନୀରୂପେ କଳ୍ପନାରେ ଧାରଣା କରୁଥିବାଯାଏ, ସମାଜରେ ଏହି ମାପରେ ନାରୀର ମୂଲ୍ୟବୋଧ ହେଉଥିବା ଯାଏ, ପୁରୁଷ ସଙ୍ଗେ ସମାନ ହୋଇ ଏକାପରି ଯଶଃ ସମ୍ମାନରେ ମଣ୍ଡିତ ହେବା କଥା ନାରୀ ଭାଗ୍ୟରେ ନାହିଁ । ବେଲଭଡାଙ୍କୁ ଘର ଛାଡ଼ିଦେବା, ଅସନ ଓ ବସନ ଛାଡ଼ିଦେଇ ଠିଆହେବାଠାରୁ ସହରେ ମହୋଦୟା ଓ ମହୋଦୟମାନେ ବୋଲି ସମ୍ବୋଧନ କରିବା ପର୍ଯ୍ୟନ୍ତ, କାହିଁବେ ନାରୀ, ଯଥାପ୍ରତିଷ୍ଠା ପାଇବ ନାହିଁ । ବୈଷ୍ଣବଙ୍କ ପରକୀୟାଙ୍କ କଥା ଏଠି ପଡ଼ିବ କାହିଁ ? ସେଇ ପ୍ରବନ୍ଧ 'ମାତା' ନାମକୁ କଳଙ୍କିତ କରି ସମାଜସ୍ଥାନା ସାଧାରଣୀ ହୋଇ ଖୋଦ ବଡ଼ଦାଣ୍ଡରେ ଠିଆହୋଇ ଚନ୍ତି । ଦାସୀ ପରିରେ ହେଲେ, ରମ୍ଭା, ଉର୍ବଶୀ, ମେନକା, ମିଶ୍ରକେଶୀଙ୍କ ପରମ୍ପରା ଅଛି, ତାଙ୍କ ଆଚରଣରେ କିଛି ହେଲେ ଦର୍ଶନ ଅଛି, ଗୃହସ୍ଥ ଚଳଣିରେ ପାଇଖାନାପରି ହେଲେ ବି ସମାଜରେ ତାଙ୍କର ସ୍ଥାନ ଅଛି, କିନ୍ତୁ ପରକୀୟା ବା ନାଥାକଥିତ ମାତା, ସମାଜରେ କେହି ନୁହେଁ, କାହାରି ନୁହେଁ ।

## ସେଥିରେ ପୁଣି ନାରୀର ବ୍ୟକ୍ତି-ଧର୍ମ

ଯୌନକ୍ରିୟା ହେଉଛି, ଜୀବଧର୍ମ । ଏହି ଜୀବଧର୍ମର ବ୍ୟକ୍ତି-କ୍ରିୟାରେ ମଧ୍ୟ ବୀଜ-ବପନ ଓ ଗର୍ଭ-ଧାରଣ ଏକା କଥା ନୁହେଁ । ଗୋଟିଏ ଆକ୍ରମଣ-ଶୀଳ ଓ ଦାନ-ବିସର୍ଜନ-ପ୍ରବଣ, ଅନ୍ୟଟି ଗ୍ରହଣ-ଶୀଳ ଓ ରକ୍ଷଣ-ପାଳନ-ପ୍ରବଣ । ଏହା ଜୀବଜଗତର ତଥା ବ୍ୟକ୍ତିଧର୍ମର ନିତ୍ୟ ନୀତି । ଫୁଲର ଗର୍ଭ-ପରାଗ-କେଶର-ସଙ୍ଗମଠାରୁ, ମାନବର ନାରୀ-ନର-ଯୌନ-ସମାଗମ ପର୍ଯ୍ୟନ୍ତ ସବୁଠି ଏହା ସମାନ ।

Digitized by srujanika@gmail.com

ନାରୀ ଓ ନର ଏଥିରେ ଏକ ନୁହନ୍ତି—ଏମାନେ ଦୁଇଟି ଜାତି । ସମାଜର ଗାର୍ହସ୍ଥ୍ୟ ଧର୍ମରେ ଦୁହେଁ, ଏକ ପ୍ରକାରରେ ଏକ ହେଲେ ମଧ୍ୟ କୌଣସି ପ୍ରଗତି-ପ୍ରକ୍ରିୟାରେ ପ୍ରକୃତିର ପୂର୍ଣ୍ଣ ପ୍ରତିରୋଧ ସମ୍ଭବ ନୁହେଁ; କିମ୍ବା ପ୍ରକୃତି କ୍ରିୟାର ଏକାନ୍ତ ବିପର୍ଯ୍ୟାସ ସମ୍ଭବ ନୁହେଁ । ଏ କ୍ଷେତ୍ରରେ ତା ଆଦୌ ନୁହେଁ । କାରଣ, ଯୌନ ଚର୍ଯ୍ୟାର ଉଦ୍ଦେଶ୍ୟ ପ୍ରଜନନ । ସେଥିରେ ନାରୀର ଦାୟିତ୍ୱ ସ୍ୱାଭାବିକ, ଅକାଟ୍ୟ, ଅବର୍ଜନୀୟ । ପୁରୁଷର ଦାୟିତ୍ୱ ଆଦୌ ନାହିଁ—ଥିଲେ, ତା ଆରୋପିତ ଓ କୃତ୍ରିମ । ନାରୀ ଯଦି ପୁରୁଷ ପରି ସ୍ୱାଧୀନ ହୁଏ, ତେବେ ସେ ହୁଏତ ଗଛମୂଳେ ଏକାକୀ ପିଲା ଜନ୍ମ କରି ନିଃସହାୟ ହୋଇ ବସିବ । ଅବସ୍ଥା କଣ ହେବ ? ଏହିପରି ଦାୟିତ୍ୱ ନ ଥିବାରୁ ପୁରୁଷ ଯୌନଚର୍ଯ୍ୟାରେ ଉଦ୍ଦାମ, ଉଦ୍‌ଭ୍ରାନ୍ତ ଓ ସମ୍ଭୋଗ-କାମୀ; ମାତ୍ର ନାରୀ ସ୍ୱଭାବତଃ ବ୍ରୀଡ଼ାବତୀ ଓ ସଂକୋଚ-ଶୀଳା । ଏ ପ୍ରାଣିତତ୍ତ୍ୱ ଓ ନୃତତ୍ତ୍ୱ ବିଦ୍ୟାରେ ଆଜ ବେଶି ଦୂର ନ ଯାଇ, ଏଠି ଦେଖାଯାଉ ସମାଜ ଶିଳ୍ପାଗ୍ରବରେ ଯଥାର୍ଥ ନର-ନାରୀ-ଚଳଣିର ପ୍ରକାଶ ଓ ପ୍ରଭାବ କିପରି ହେବା ଉଚିତ । ଦାୟିତ୍ୱହୀନ ପୁରୁଷର ଦର୍ପକୁ ଦୈନ୍ୟରେ ପରିଣତ କରିବାର ବ୍ରହ୍ମାସ୍ତ୍ର ନାରୀହାତେ ଅଛି, ଏକଥା ତତ୍ତ୍ୱରେ ବୁଝିଲେ ମଧ୍ୟ ସାମାଜିକ କାର୍ଯ୍ୟକଳନାରେ ଅନେକେ ସହଜରେ ବୁଝିବେ ନାହିଁ । ନାରୀକୁ ପୁରୁଷ ଯେପରି ଏବେ ମଧ୍ୟ ସମାଜରେ ସମାନ ଓ ସମାନତା ଦେଉଛି, ମଧ୍ୟ- ଓ ଆଦି-ଯୁଗରେ ଯେପରି ଆଦ୍ୟାଶକ୍ତି ଓ ମାତା ବୋଲି କହି ସହଜିଆଧର୍ମ ଓ ଅନ୍ୟାନ୍ୟ ହିନ୍ଦୁ- ଓ ବୌଦ୍ଧ-ତନ୍ତ୍ର ସାଧନାରେ ସିଦ୍ଧି ଓ ମୁକ୍ତି ଦେବା ଓ ନିଜେ ତା ଠାରୁ ସିଦ୍ଧି ଓ ମୁକ୍ତି ପାଇବାର ବାହାନା କରି ଜଗତକୁ କଥା ଦେଇ ନାରୀକୁ ଭୁଲାଇ ଆସିଛି, ସେଇଥିରୁ ନାରୀ ନିଜେ କେଉଁ ଲମ୍ପଟ ଦେଇ ନାରୀର

Digitized by srujanika@gmail.com

ଅନୁଭବ କରନ୍ତି, ଏପରିକି, ଯୌନ ଅନୁଭବର ପ୍ରଚାର କରନ୍ତି, ଦ୍ରାକ୍ଷା ନ ଦେଖିଲେ ଲୋକ ଦ୍ରାକ୍ଷାର ସ୍ୱାଦୁ ବର୍ଣ୍ଣନା କଲାପରି, ବର୍ଣ୍ଣନାକାରୀ ସେହି ପୁରୁଷ ଲେଖି ଆସିଛି । କେଉଁଠି ପଢ଼ିଥିଲି, ମନେ ନାହିଁ, କିନ୍ତୁ ପ୍ରବଚନଟିର ଶ୍ଳୋକେ ବଚନଟି ଜାଣନ୍ତୁ—

ଆହାରେ ଦ୍ୱିଗୁଣଃ ସ୍ତ୍ରୀଣା
ବୁଦ୍ଧିସ୍ତାସାଂ ଚତୁର୍ଗୁଣା
ଷଡ଼୍‌ଗୁଣୋ ବ୍ୟବସାୟଶ୍ଚ
କାମଶ୍ଚାଷ୍ଟଗୁଣଃ ସ୍ମୃତଃ ।

ସମାଜରେ ନାରୀପାଇଁ ଆହାର, ଆହରଣ କରେ ପୁରୁଷ । ବୁଦ୍ଧି ହୁଏତ ତାହାକୁ ଦେଖି ମାପି ହେବ । ଗୃହକର୍ମର ଅତନ୍ଦ୍ରତ ବ୍ୟବସାୟ କଥା ଛାଡ଼ । କିନ୍ତୁ ନାରୀର କାମଚେଷ୍ଟାଠୁ ଯେ ପୁରୁଷ କାମଚେଷ୍ଟାର ଅଠଗୁଣ, ଏହା ମପା ହେଲା କିପରି ? ଅନୁଭବରେ ନା ଅଙ୍କ କଷିକି ? ମାତ୍ର ଯଥାର୍ଥରେ ନାରୀର କାମଚେଷ୍ଟା ବହୁତ କମ୍ । କାହିଁକନା, ପ୍ରକୃତିର ସହସ୍ରକଳାରେ ଦାୟିତ୍ୱବତୀ ନାରୀର ତା ନିଷ୍ପ୍ରୟ କମ୍ ହେବାର କଥା—ଦାୟିତ୍ୱହୀନ ଷାଣ୍ଢ ଉପଯୋଗୀ ପୁରୁଷଠାରୁ ଏ ବିଷୟରେ ନାରୀର ତା ପୁଣି ଅଧିକ ହେବ ବା କିପରି ? ଜନ୍ତୁ ଜଗତରେ ଏହାର ମାପକାଠି ରୂପେ ନାରୀର ସଂଗମ ସମ୍ବନ୍ଧ ଅଛି । ଅଧମାଧମଙ୍କର ହୁଏତ ତା ଥିବ । ପୁରୁଷର ଆକ୍ରମଣ ଉପଦ୍ରବ ଓ ଅତ୍ୟାଚାରରେ ସଡ଼ ଦୀର୍ଘ ଦାରୁଣ ଅଭ୍ୟାସ ଫଳରେ ବହୁକାଳରେ ନାରୀର ଯେ କିଏ କାମ ପ୍ରବୃତ୍ତି କିମେ ପ୍ରକୃତିରେ ପରିଣତ ହୋଇ ଯାଇଛି । ଏହା ହେଉଛି, ମାନବ-ସମାଜରେ ପୁରୁଷର କୀର୍ତ୍ତି । ପ୍ରଗତ ବୃକ୍ଷରେ ଏ ଫଳ ବ ଫଳେ ଓ ଏ କ୍ଷେତ୍ରରେ ଫଳିଛି । କିନ୍ତୁ ଯେତେ ଅଭ୍ୟାସଗତ ପ୍ରକୃତିରେ ପଡ଼ିଯାଇଥିଲେ ମଧ୍ୟ, ନାରୀର କାମଚେଷ୍ଟା ପୁରୁଷଠାରୁ ବେଶି ବୋଲି କହିବାର

Digitized by srujanika@gmail.com

କୌଣସି କାରଣ ନାହିଁ । ମାତ୍ର ଶରତ୍‌ଚନ୍ଦ୍ର ଏ ବିଷୟରେ ଆକ୍ରମଣ-ଶୀଳ ପୁରୁଷ ପାଖେ, ନାରୀ, ହୁଏତ, ସବୁବେଳେ ନିଜ ଇଚ୍ଛାରେ ନୁହେଁ, ଆତ୍ମଦାନ କରି ଆସିଛି । ପୁରୁଷ ଏଥିରେ ନିଜର ସ୍ୱାର୍ଥ ଓ ସବଳ ମନୋଭାବର ଦର୍ପ କରୁଛି; ନାରୀ ତା ଭାଗ୍ୟରେ ସ୍ୱୀକାର କରି ଯାଉଛି ।

## ପୁରୁଷର ଏ କ୍ଷେତ୍ରରେ ଦୁର୍ବଳତା

ମାତ୍ର ଏସବୁ ସତ୍ତ୍ୱେ, କାମଚେଷ୍ଟାରେ ପୁରୁଷ ଘୋର ଦୁର୍ବଳ, ନାରୀ ସେପରି ନୁହେଁ । ନାରୀ ହୁଏତ ଶାନ୍ତ ସଂଯତ ସ୍ୱଭାବରେ ପ୍ରତୀକ୍ଷା କରେ । କିନ୍ତୁ ପୁରୁଷ ନାରୀ ଦେଖିଲେ, ଚଂଚଳ ଓ ଅଧୀର ହୋଇ ଉଠେ । ପୁରୁଷର ଏ ଦୈନ୍ୟ, ଏ ଦୁର୍ବଳତା, ନିଜ ବୀରତ୍ୱର ଶତଦର୍ପ ଭିତରେ ଏ ବୀର୍ଯ୍ୟହୀନତା ନାରୀ ଜାଣେ । ପୁରୁଷ ତା ବରଂ ଜାଣି ଜାଣିପାରେ ନାହିଁ ।

## ନାରୀର ସତୀତ୍ୱ

ଏ କାର୍ଯ୍ୟରେ ନିଜ ଆବେଗର ଅନଧୀନତା ସୃଷ୍ଟି କରି ସଂବେଗକୁ ଖାଦ୍ୟ କରିବାପାଇଁ ପୁରୁଷ ନାରୀକୁ ବନ୍ଦୀ କରି ରଖି ସମାଜରେ ଯେ କୁତ୍ସିତତାର ତାଣ୍ଡବ ଭିଆଇ ବସିଛି, ତାର ଉତ୍ତର, ତାର ଛୁଟକାର ହେଉଛି ସାରଳା ସାହିତ୍ୟର ନାରୀଶକ୍ତି । ସତୀତ୍ୱ ବୋଲି ଗୋଟାଏ ନାରୀର ସଦ୍‌ଗୁଣ ଓ ଧର୍ମଧାରଣା, ପୃଥିବୀର ମାନବ ସମାଜରେ ସାଧାରଣ । ପୁରୁଷର ଅସଂଯତ ସଂଭୋଗ-ସ୍ୱାର୍ଥ ନ ଥିଲେ ଏହା ନାରୀର ଗୋଟିଏ ମହତ୍-ଗୁଣ ବା ଧର୍ମ ସାଧନା ବୋଲି ପରିଗଣିତ ହୋଇ ନ ଥାନ୍ତା । ଅବଶ୍ୟ, ନାରୀର ଏହା ସାଧାରଣ ଧର୍ମ । ସେ ହିସାବରେ ଏହା ନାରୀଧର୍ମ— ନାରୀର ସ୍ୱଧର୍ମ । ତାହିଁକିନା, ସାମାଜିକ ନାରୀର ଏହା ଏକାନ୍ତ ଦରକାର । ପୁରୁଷ ଏ କ୍ଷେତ୍ରରେ ଦାୟିତ୍ୱହୀନ । ତେଣୁ ତାର

Digitized by srujanika@gmail.com

ସେପରି କିଛି ତଫାତ ନାହିଁ । ସତୀତ୍ୱ, କଣ ? ସନ୍ତାନର ପିତାକୁ ଚିହ୍ନିବାକୁ ଜଣାଇ ଦେବା ହେଉଛି, ନାରୀର ସତୀତ୍ୱ । ଅନ୍ୟର ପିଲାକୁ ଲୁଚାଇକରି ପେଟରେ ଧରି ଆଣି କୌଣସି ସତୀ ପୁରୁଷକୁ ସେହି ପୁରୁଷର ନିଜର ବୋଲି ଦେଖାଇ ଦେବାରେ ଅବଶ୍ୟ ବିଶ୍ୱାସଘାତ । କିନ୍ତୁ ତା ହେଉଛି, ଟ୍ରେଣ୍ଡ । ସାଧାରଣତଃ ନାରୀ ତା କରିବ କାହିଁ ? ପୁରୁଷ ବା କାହିଁକି ହୋଇ ଏପରି ସବୁ ଗୃହସ୍ଥଙ୍କ ଘରେ ନିଜ ପିଲା ଭର୍ତ୍ତି କରିବାର ଉଦ୍ୟମରେ ମାତିବ ବା କାହିଁ ? ଅନ୍ୟଥା ସେ ପୁଣି ଭାଡ଼ିକ ବା 'ଭାମିନ'ର ପିତା ହେବ ?

## ସାହିତ୍ୟରେ ସାରଳା ଦାସଙ୍କ ନାରୀ ଚରିତ୍ରର ଅର୍ଥ

ସମାଜ ଧର୍ମ କଣ ? ଦାୟିତ୍ୱସ୍ଥାନ ଇନ୍ଦ୍ରିୟ ସେବାରେ ସଂଯମ ହେଉଛି, ସମାଜଧର୍ମ । ପ୍ରକୃତି ପ୍ରେରଣାର ଯଥେଚ୍ଛା କ୍ରିୟା-ପ୍ରବାହ, ସମାଜଧର୍ମ ନୁହେ—ଏହା ସମାଜର ଦୁର୍ଭେଦ । ଏଥିରେ ହୁଏ, ସମାଜର ଅଧୋଗତି । ପ୍ରବୃତ୍ତି-ମାର୍ଗରେ ପ୍ରଶସ୍ତ ଦେବାଟାକୁ ଯଥାନିବୃତ୍ତିରେ ଶୃଙ୍ଖଳିତ କରିବାଇ ସଂଯମ । ନର-ନାରୀ ସମ୍ପର୍କରେ ଏଇ ସଂଯମକ୍ରିୟାରେ ନାରୀର ସ୍ଥାନ ଓ କର୍ମ କଣ ? ଏ କ୍ଷେତ୍ରରେ ତାକୁ କ ସ୍ୱଧର୍ମ ପାଳନ କରିବାକୁ ହେବ ? ବୁଝାଯାଇଛି, ପ୍ରଜନନ ଗୋଟିଏ ଶ୍ରେଷ୍ଠ ସାମାଜିକ କ୍ରିୟା । ସେଥିପାଇଁ କଶ୍ୟପାଏ ଯେଉଁ କାର୍ଯ୍ୟ, ଅର୍ଥାତ୍, ଯୌନ-ସଙ୍ଗମ, ସେଥିରେ ପୁରୁଷ ଅତି ଚଂଚଳ ଓ ଅତି ଦୁର୍ବଳ । ପ୍ରକୃତିର ପ୍ରେରଣାରେ ଜପଗ୍ରୋଗ୍ୟା ନାରୀ ଦାୟିତ୍ୱବତୀ ହେବାରୁ ସ୍ୱଭାବତଃ ସେସବୁ ଚଂଚଳ ନୁହେ, ବା ଦୁର୍ବଳ ନୁହେ । ଏଇ ସ୍ୱଭାବ ଓ ସ୍ୱଭାବ-ଶୃଙ୍ଖଳାର ଦର୍ଶନ ଉପରେ ପ୍ରତିଷ୍ଠିତ ଥିଲା, ବହୁବର୍ଷନିଷ୍ଠ ଓଡ଼ିଆ ସମାଜ । ତେଣୁ ପୁରୁଷକୁ ତାର ଏଇ ଯୌନ-ପ୍ରମତ୍ତତାରେ ଉଦ୍‌ଭ୍ରାନ୍ତ କରି

Digitized by srujanika@gmail.com

କବିତ୍ୱ କରିବାର ଯେ ଆଦର୍ଶ ସରଳା ଦାସଙ୍କ ସାହିତ୍ୟରେ ପ୍ରକାଶ ପାଇଛି, ତା ଜାତୀୟ ସାହିତ୍ୟର ପ୍ରେରଣା ଓ ପ୍ରକାଶ । ଯୌନଚର୍ଯ୍ୟାରେ ସ୍ୱଭାବ-ଦୁର୍ବଳ ଓ ଅତି ପ୍ରମାଦମୟ ପୁରୁଷଠାରୁ ନିଜେ ନାରୀ ସେଇ ଦୁର୍ବଳତାରେ ସଂଯତ ଭାବ ରଖିବା, ସମାଜ ପ୍ରଗତିରେ ଗୋଟିଏ ଶ୍ରେଷ୍ଠ ଉପାଦାନ ଓ ଅବଲମ୍ବନ । ଏଇ ଭିତ୍ତିରେ ସମାଜ ଓ ସାହିତ୍ୟରେ ଯେଉଁ ଚଳଣି ଓ ରୁଚିଶ୍ରୀ ଫୁଟିବ, ଏକ ପ୍ରକାର କହିବାକୁ ଗଲେ, ତାର ପଟାନ୍ତର ନାହିଁ । ମନେ ହେଉଛି, ଏଇ କିମ୍ବାଗତର ପ୍ରଗତିରେ ଓଡ଼ିଆ ସମାଜ, ସଂ-ସ୍ତରେ ଲୁଚିଥିଲା । ସରଳା ଦାସ ଉଚ୍ଚିତ ଭାବରେ ତାହାର ପ୍ରକାଶ କରିଥିଲେ । ନାରୀସ୍ୱାଧୀନତା,ନାରୀସାମ୍ୟ,ନାରୀଭରଣୀ ତଥା ନାରୀ-ସଂମାନର ଏ ରୂପ,ପୃଥିବୀର ସାହିତ୍ୟରେ ଦୁର୍ଲଭ । ଏହା ଅଦ୍ଭୁତ-କିମ୍ବା ପର ଲାଗିଲେ ମଧ୍ୟ ଅନାଗତ ନୁହେ, କି ଅସଂଗତ ନୁହେ ।

Digitized by srujanika@gmail.com

# ଷଷ୍ଠ ଅଧ୍ୟାୟ

## ପୌରାଣିକ ମିଥ୍ୟାର ବ୍ୟାପ୍ତି ଓ ପରିଣତ

### ପୌରାଣିକ ଓ ଭାକ୍ତିକ ମିଥ୍ୟାର ସଂବନ୍ଧ

ସାରଳାଙ୍କ ରଚିତ ସାହିତ୍ୟକୁ କେତେକ ସମାଜଧର୍ମ ମାନବ ବ୍ୟଂଜନାରେ ଦେଖାଇ, ପୌରାଣିକ ମିଥ୍ୟାକୁ ଧର୍ମ ଓ ଦର୍ଶନର ପ୍ରାବରଣ ବା ଘୋଡ଼ହେଲରେ ସଜାଡ଼ି ଦେଖାଇବାରେ ଯାହାଙ୍କଠୁ ଭକ୍ତିଧର୍ମର ସଂପର୍କ ଅଛି, ସେମାନଙ୍କ ମାନ ଟିକିଏ ଲକ୍ଷ୍ୟରେ ଲୁହା-ଯାଇଛି । ତେଣୁ ଓ ଗୌଡ଼ୀୟ ବୈଷ୍ଣବ ଭକ୍ତ ପନ୍ଥ ସେଥିରେ ଟିକିଏ ଲକ୍ଷ୍ୟ କଦାଚିତ କରା ହୋଇଛି, କିନ୍ତୁ ଦର୍ଶନ ଲଗାଇ ଏପରି ହଠକାରିତାକୁ ଧର୍ମ ନାମରେ ଲୋକଙ୍କୁ ଭୁଲାଇ ପ୍ରଚାର କରିବାରେ ସମାଜକୁ ଯେ ସର୍ବନାଶ କରାଯାଏ ଓ ସେଥିପାଇଁ ଅତି ସାହସିକ ଧର୍ମଧ୍ୱଜୀ ନେତାମାନେ ଯେପରି ପାଣ୍ଡିତ୍ୟ ପ୍ରକାଶକରି ଉପାସ୍ୟ ଓ ଉପାସକ ସମସ୍ତଙ୍କୁ ବିପଥଗାମୀ ପାଳିତ ପଶୁରେ ପରିଣତ କରି ସେଇ ଗତାନୁଗତିକ ପଶୁ ସମାଜରେ ରାଜତ୍ୱ କରନ୍ତି ତା ବୁଝାଇ କରି ଲୁହା ହୋଇ ନାଇ । ପୂର୍ବେ ପ୍ରସଙ୍ଗତଃ ଭକ୍ତ ବଳରାମଦାସ, ଉପାସ୍ୟ ଜଗନ୍ନାଥଙ୍କ ସଂଗେ ଭଗ୍ନୀଙ୍କୁ ଦେଖିବା ପାଇଁ ସ୍ୱତାଗତ ପୁରୀରୁ ଲଂକା ଯାଇ ଫେରିଥିବା, ଓ ସେଥିରେ ସ୍ୱୟଂ ଜଗନ୍ନାଥେ ବାଟରେ ପାଣିବ୍ୟବହାର କରିବା ପାଇଁ ଝରି (ହାତ)ରେ ପାଣି ଭର୍ତ୍ତିକରି ବଳରାମଙ୍କ ହାତେ ଦେଇ ଯାଇଥିଲେ ଓ ଫଗରେ ସେଇ ଝରିଟି ନେଇକରି ଆଣିବାକୁ ଭୁଲି ଯାଇ ଥିବାରୁ କଥାଟି ଧରାପଡ଼ି ଯାଇଥିବା ଓ ସେଇଭଳି କେତୋଟି କଥା ଛଡ଼ା

Digitized by srujanika@gmail.com

ଭକ୍ତି-ସଙ୍ଗତ, ଅଥଚ ଘୋର ଅସଂଗତ ଓ ସାହସିକ ମିଥ୍ୟାର ବିଶେଷ ଆଲୋଚନା କରା ହୋଇନାଇ । ଯଦି କାଂଶରୁ ତା କରା ହୋଇ ଥିଲେବେହେଁ ଓ ପ୍ରସଂଗତଃ ତଥାକଥିତ ଭକ୍ତକବି 'ସ୍ୱମଦାସ' ଓ ତାଙ୍କର ଅଧୁନିକ କୌଣସି କୌଣସି ସମାଲୋଚକଙ୍କ ପ୍ରତି ଟିକିଏ ଅବାନ୍ତର ଲକ୍ଷ୍ୟ ଛଡ଼ା ଆଉ କିଛି ବିଶେଷ କରା ହୋଇ ନାଇ । ମାତ୍ର ଓଡ଼ିଆ ସାହିତ୍ୟର ଆଧୁନିକ ଦୁର୍ଗତି ଓ ଅଧୋଗତିରେ ତାର ସ୍ଥାନ ଏତେ ବ୍ୟାପକ, ଗମ୍ଭୀର ଓ ଦୃଢ଼ ଯେ ସେଥିରେ ମତି-ମାନ୍ ଲୋକଙ୍କର ବି ମତିଭ୍ରଂଶ ହୋଇଛି ଓ ହେବାରେ ଲାଗିଛି । ଏପରିକି ସ୍ୱୟଂ ସ୍ୱର୍ଗତ ପଣ୍ଡିତ ଗୋପବନ୍ଧୁ ଦାସ ମଧ୍ୟ ସତ୍ୟ-ବାଦୀ ବା ସାକ୍ଷିଗୋପାଳଙ୍କ ଇତିହାସ ଲେଖିବାରେ ( ପ୍ରାଚୀନ 'ସତ୍ୟବାଦୀ ମାସିକ' ପତ୍ରର ପ୍ରଥମଠାରୁ ତୃତୀୟ ଭାଗ—୧୩୨୧-୨୩-ଖ୍ରୀ-୧୯୧୪-୧୭ ରେ ଦେଖ । ) ପ୍ରମାଣ ସଂଗ୍ରହପାଇଁ ପୂର୍ବୋକ୍ତ ଭକ୍ତଙ୍କ ଅତି ସାହସିକ ମିଥ୍ୟାଜପରେ ନିର୍ଭରକରି ନିଜର ଅନ୍ୟଥା ପବିତ୍ର ସାହିତ୍ୟକୁ କୁତ୍ସିତ ଓ କଳଙ୍କିତ କରି-ଛନ୍ତି । ଏପରିସ୍ଥଳେ ଜାତୀୟ ସଂସ୍କୃତିମୂଳକ ସାହିତ୍ୟ, ତଥା ସ୍ପଷ୍ଟତଃ ଲିଖିତ ସାହିତ୍ୟର ଗତି ପରିବର୍ତ୍ତନ ଓ ସ୍ୱାସ୍ଥ୍ୟାଧାନ କରି-ବାରେ ଏଇ ମିଥ୍ୟାଗୁରୁ ଓ କୁକ୍ରିୟାର ଘୋର, ବିଶିଷ୍ଟ ପୁଣି ସତ୍ୟ- ଓ ଆଦର୍ଶ-ନିବନ୍ଧ ପଥପ୍ରଦର୍ଶକ ସମାଲୋଚନା ହେବା ଦରକାର । ଆମ ସମାଜ ଓ ସାହିତ୍ୟର ଏ ଅତି ଜୀର୍ଣ୍ଣ ରୋଗ । ଅସହିଷ୍ଣୁତା ପୁଣି ଭକ୍ତିଧର୍ମର ନିତ୍ୟସଙ୍ଗୀ ଥିବାରୁ ଅନାସକ୍ତ ସମୀକ୍ଷାର ପ୍ରତୀକ୍ଷା ପର୍ଯ୍ୟନ୍ତ କରିବାର ଧୈର୍ଯ୍ୟ ଆମର ଅନେକ ତଥାକଥିତ ଭକ୍ତ ଓ ଭକ୍ତ ସାହିତ୍ୟିକଙ୍କର ନାଇ । ସେଇମାନଙ୍କ ପ୍ରଭାବର ଗତାନୁଗତିକ ଗତିରେ ପୁଣି ବିଶ୍ୱବିଦ୍ୟାଳୟ, ଶିକ୍ଷାବିଧାନ ଓ ଶିକ୍ଷା ବିଭାଗଠାରୁ ପୁସ୍ତକ ପତ୍ର ଓ ଉତ୍ସବ ଅନୁଷ୍ଠାନାଦି ପର୍ଯ୍ୟନ୍ତ ସବଂଶ ବାହୁଁ ବା

Digitized by srujanika@gmail.com

ସ୍ୱତଃ, କାହିଁ ବା ଆଧ୍ୟାତ୍ମିକ ଲକ୍ଷ୍ୟାନୁବର୍ତ୍ତିତା । ଅନ୍ତର ମଧ୍ୟ ସର୍ବାର୍ଥ ଲାଭ ପାଇଁ ଭକ୍ତିଧର୍ମ ଏତେ ସହଜ ଗ୍ରାହ୍ୟ, ତା ପରେ ପୁଣି ଆମ ଗ୍ରାମ ପାଖେ ଚରଣ ଦାସ, ଜଗମୋହନ, ଅଧମାଜା ପ୍ରଭୃତିଙ୍କ ଠାରୁ ପାଗଳା ବାବା, ଲଙ୍ଗଳା ବାବା, ନେପାଳି ବାବା, ଧ୍ରୁବ ବାବା ପ୍ରଭୃତିଙ୍କୁ ନେଇ ଯେଉଁ ସ୍ୱାଦୀ ଓ ଉପଭୋଗ୍ୟ ବାୟୁମଣ୍ଡଳର ନିତ୍ୟବସନ୍ତ ଲୀଳା ଲାଗିଛି, ସେଥିରେ ଏହାର ସଫଳ ପ୍ରତିକାର ପାଇଁ ଯେତେ ଅଡ଼୍ଡା, ଯେତେ ପ୍ରକାରରେ ଆଲୋଚନା ହେଲେ ବି, ହୁଏତ, ଯଥେଷ୍ଟ ହେବ ନାହିଁ । ବଚନ ଅଛି, "ଆବୃତ୍ତିଃ ସର୍ବ ଶାସ୍ତ୍ରାଣାଂ ବୋଧାଦପି ଗରୀୟସୀ," ଅର୍ଥାତ୍, ବୁଝି ନପାରିଲେ ମଧ୍ୟ ବାରମ୍ବାର ଆବୃତ୍ତି କଲେ, ସେଥିରେ କ୍ରମେ ଅବବୋଧ ଜାଗ୍ରତ ହୁଏ । ତେଣୁ ଓଡ଼ିଆ ସାହିତ୍ୟର ଆଲୋଚନାରେ ଭକ୍ତି ମିଥ୍ୟାର ବିଶେଷ ଆଲୋଚନା କରି ବାଟ ପରିଷ୍କାର କରିବା ଦରକାର । ସେଥିପାଇଁ ତା ଅନ୍ତର ଉଲଙ୍ଗ କରିବାକୁ ହେବ । ମାତ୍ର ମିଥ୍ୟା ଓ ମିଥ୍ୟାସ୍ତୁର ପ୍ରଚୁର ବନ୍ୟାବେଗରେ ପ୍ରତିସ୍ପର୍ଦ୍ଧୀ ହେଉଛି ଗୋଟିଏ ଅଲଂଘ୍ୟ ଉପସର୍ଗ । ବର୍ତ୍ତମାନ ପ୍ରମାଣ ହେଉଛି ସେଇ ଉପସର୍ଗର ଏକ ମୁଖ୍ୟ ଲକ୍ଷଣ । ଏ ସମ୍ବନ୍ଧରେ କେତେକ ସୂଚନା ଦିଆହୋଇଛି (ପୂର୍ବେ ୨୦୧ ପୃଷ୍ଠା ଦେଖ) । ପୁଣି ଦେଖ । ମୂଷା, ଜଳନ୍ତା ପାହାଡ଼ଟାରେ ଝାଡ଼ିମ ମହାଜ୍ୱାଳା ଭିତରେ ଠିଆ ହୋଇଥିବା ତାଙ୍କ ଈଶ୍ୱରଙ୍କଠାରୁ ଦଶନିଦେଶ ଶୁଣିଥିଲେ । କିନ୍ତୁ ଶଂଖାସୁର ଆମ ବେଦ ଚୋରାଇ ନେଲବେଳେ ଆମ ଈଶ୍ୱର ମାଛହୋଇ ମହାସମୁଦ୍ରର ସାତତାଳ ତଳ ବା ସମୁଦ୍ରପୃଷ୍ଠରୁ ପାତାଳ ପର୍ଯ୍ୟନ୍ତ ସପ୍ତତଳପାଏ—(ତଳ, ଅତଳ, ବିତଳ, ସୁତଳ, ତଳାତଳ, ମହାତଳ, ପାତାଳ) ପାଣି ତଳେ ବୁଡ଼ି ଶଂଖାସୁରକୁ ମାରି ବେଦ ଚୋଥିଯାକ ସବୁ ତାଠାରୁ ଛଡ଼ାଇ ଆଣି ( ଖରାରେ ଶୁଖାଇ ? ) ତା ପୁଣି ଆମକୁ ଦେଲେ । ଅଂଶରୁ

Digitized by srujanika@gmail.com

ଗଂଗା ପ୍ରବାହ, ଭୂମିରେ ପଡ଼ିଲା ବେଳକୁ ଶିବ ତାକୁ ଧରିବାକୁ ମୁଣ୍ଡ ଦେଖାଇ ଦେଲେ; କିଂତୁ ସେ ସମସ୍ତ ପ୍ରବାହ ବାହାରିଲା ବିଷ୍ଣୁଙ୍କ ଗୋଡ଼ ନଖ କୋଣରୁ । ରାମ-ଭକ୍ତ ହନୁମାନ ଗନ୍ଧମାର୍ଦନ ପାହାଡ଼କୁ ଉପାଡ଼ି ମୁଣ୍ଡାଇ ଆଣିଥିଲା । କିଂତୁ କୃଷ୍ଣ ଗୋବର୍ଧନ ପର୍ବତକୁ ବାଁହାତ ସାନି ଅଂଗୁଠି ଅଗରେ ଟେକିଦେଇ ସାତଦିନ ଧରି ଠିଆହେଲେ । ତା ଫଳେ ଗୋପୀ ଗୋପାଳଙ୍କୁ ବରଷା ହେଲାପରେ ଲାଗିଲା ନାହିଁ; ରନ୍ଧାବଢ଼ା ଗାଧୁଆ ଖିଆ ପିଆ ଶୁଆ ସବୁ ଚାଲିଥାଏ । 'ଗୋପୀଭାଷା' ରେ—

"ଇନ୍ଦ୍ର ସପତ ଦିନ ବୃଷ୍ଟି କଲେ
କୃଷ୍ଣ ଥିବାରୁ କିଛି ନ ନଟିଲେ ।" ଇତ୍ୟାଦି ।

ଏଇପରି ସ୍ପର୍ଦ୍ଧା-ଓ ଉପମାନ-ଗର୍ଭିତ ମିଥ୍ୟାମାନ ତଥ୍ୟର ଓ ଫୁର୍ତ୍ତିର କରି ଦେଇ ବୃଦ୍ଧି ଓ ବଳବତ୍ତର କରିବା ଭକ୍ତ ମୂର୍ଖମାନଙ୍କର ଯେପରି କି ନିତ୍ୟକର୍ମ । ସେଥିରେ ପ୍ରାକୃତ ମିଥ୍ୟାରେ ପୌରାଣିକ ମିଥ୍ୟା ମିଶିକରି ରହେ । ବରଂ ପୌରାଣିକ ଆଖ୍ୟାନ ଦେଖାଇ ସେଇ ପ୍ରମାଣରେ ପ୍ରାକୃତ ମିଥ୍ୟା ତିଆରି ହୁଏ । ମାତ୍ର ଯଥାର୍ଥରେ ସେ ଦୁହିଁଙ୍କ ପ୍ରକୃତି ଏକାନୁହେଁ । ସେ ଦୁଇଟିକୁ ବାରି ବାରି କରି ଦେଖିବା ଦରକାର । ସେଇ ଦୃଷ୍ଟିରେ ପୌରାଣିକ ମିଥ୍ୟାର ସମାଜରେ ବ୍ୟାପ୍ତି ଓ ପରିଣତି ଏବେ କଳନା କରାଯାଉ । ତାପରେ ପ୍ରାକୃତ ମିଥ୍ୟାର ପ୍ରସାର ଓ ତହିଁରେ ସମାଜ ଓ ସାହିତ୍ୟର କ୍ଷତି ବୁଝିବାକୁ ହେବ ।

## ପୁରାଣର ଇତିହାସ ଓ ତହିଁରେ ତା ଗତି

କୁହାଯାଉଛି, ପୁରାଣ ବାହାରିଛି, ଅତି ବାଳୁତ ବା ଶିଶୁ ଅବସ୍ଥାରେ ଥିବା ମାନବ ସମାଜର ବିଶ୍ୱବୋଧ ଓ ବିଶ୍ୱବ୍ୟାଖ୍ୟାରୁ ।

Digitized by srujanika@gmail.com

ଜୀବଜଗତର ସବୁକିଛି ତାଙ୍କୁ ଅଦ୍ଭୁତ । ଗଛରେ ପତ୍ର ଝଡ଼ି ଯାଉଛି, ସେଥିରୁ ପୁଣି ବର୍ଷା ଆସି ସବୁ ଥଣ୍ଡା କରି ଦେଉଛି, ନୂଆ କଅଁଳୁଛି, ଫୁଲ ଫଳ ହେଉଛି; ଶସ୍ୟ ହୁଏତ ପାଚୁଛି, ପୁଣି ଶସ୍ୟ ମରୁଛି, ଗଛରୁ ନୂଆ ଗଜା ଉଠୁଛି, ଶୁଖିଲାଟିଆ ହେଉଛି । ଏସବୁ ଅଦ୍ଭୁତ କିଛି । ସେତେବେଳେ ଲୋକେ ଭାବୁଥିଲେ, ଆମେ ଆମ କାମ କଲାପରି କିଏ ଏସବୁ କରୁଛି । ସେଇପରି ମନ ଓ ବ୍ୟକ୍ତି ଗଛରେ ଅଛି, ପର୍ବତରେ ଅଛି, ସବୁଠି ଅଛି । ସେମାନେ ଯାହା କରୁଛନ୍ତି ଆମେ କରିପାରୁ ନାହିଁ । ସେ ସବୁ ଅଦ୍ଭୁତ କିଛି । ଏପରିକି ସେତେବେଳେ ସମାଜ ଭିତରେ କେହି ବୁଦ୍ଧି ଲଗାଇ ଅନ୍ୟ-ଲୋକେ ପାରୁ ନ ଥିଲା ଭଳି କାମଟାଏ କଲେ, ତା ବି ଅଦ୍ଭୁତ ଲାଗେ । ପିଲାଟାଏ ଜନ୍ମ ହେଲେ, ସେ ବି ଏକ ଅଦ୍ଭୁତ ଘଟଣା । ଏଇସବୁ ସବୁରୁ ପୁରାଣର ଉତ୍ପତ୍ତି । ଏସବୁ ବହୁଯୁଗ ଧରି ପରମ୍ପରାରେ ଚାଲି ଆସିଛି । ଏବେ ଅନୁସନ୍ଧାନରେ ଜଣାଯାଏ; ଆଦିମ କାଳରୁ ମନୁଷ୍ୟସମାଜରେ ଏଇପରି ଯେଉଁସବୁ ପୁରାଣ ଉପାଖ୍ୟାନମାନ ପ୍ରକାଶ ପାଇଥିଲା, ତାସବୁ ବେଶ୍‌କମର ପ୍ରଭାବରେ ଓ କାଳରେ ଟିକିଏ ଟିକିଏ ଏପାଖ ସେପାଖ ହୋଇଯାଇ ପରିବର୍ତ୍ତିତ ଓ ପରିବର୍ଦ୍ଧିତ ହୋଇ ପୃଥିବୀର ବହୁ ଅଂଚଳରେ ଚଳୁଥିବାର ଦେଖାଯାଏ । ଏଥିରେ ପଣ୍ଡିତମାନଙ୍କର ପୁଣି ନାନା ମତ । କେହି କେହି କହନ୍ତି, ମାନବ କଳ୍ପନା ଏକପ୍ରକାର ଘଟନା ବା ଘଟନା-ଗୋଷ୍ଠୀମଧ୍ୟରେ ଯାଇ ଏକପ୍ରକାର ଆଖ୍ୟାନ ମାନ ଉଦ୍ଭାବନ କରେ । କିଏ କହେ, ପୃଥିବୀର ସର୍ବାଂଚଳରେ ଆଗେ ନାନା ବ୍ୟବସାୟ-ସୂତ୍ରରେ ଆଦାନ ପ୍ରଦାନ ଥିଲା । ସେଇ ମାର୍ଗରେ ଏକସ୍ଥାନ ବା ଜନ ଗୋଷ୍ଠୀର ପୁରାଣ ଅନ୍ୟଆଡ଼େ ପ୍ରସାରିତ ହୋଇ କ୍ରମେ ବେଶ୍‌କମର ପ୍ରଭାବ ଓ ଉପାଦାନ ଯୋଗ ଘଟିଛି । ପୁଣି କେହି

Digitized by srujanika@gmail.com

କେନ୍ଦ୍ର ପ୍ରମାଣ କରି ଦିଅନ୍ତି, ମାନବ ସମାଜ ଓ ସଭ୍ୟତାର ଆଦିସ୍ଥାନ ହୋଇଛି, ଗୋଟିଏ । ସେଇଠାରେ ଏହା ଆଦିମ ପୁରାଣ କଥାର ଆବିର୍ଭାବ । ସେଇ ଆଦିମ ମାନବ ଗୋଷ୍ଠୀର ଅଂଶମାନେ ସ୍ଥାନାନ୍ତରକୁ ଓ ଦେଶାନ୍ତରକୁ ଯାଇ ଉପନିବେଶ କରିବାରେ ଏହି ପୁରାଣ କଥାମାନ ସବୁଆଡ଼େ ବିସ୍ତୃତ ହୋଇଛି, ଇତ୍ୟାଦି । ଏସବୁ ମତାମତ ସଙ୍ଗେ ଆମର ଏଠି ବିଶେଷ ସଂପର୍କ ନାହିଁ । ହୁଏତ ଏ ସବୁ କାରଣ ଏହା ଭିତରେ ଅଛି—ପୁରାଣର ଇତିହାସ ଓ ତା ଗତିରେ ଅଦ୍ଭୁତ ଆଖ୍ୟାନମାନଙ୍କର ସ୍ୱତନ୍ତ୍ର ସ୍ଥାନୀୟ ଉଦ୍ଭାବନଠାରୁ ଆଦାନ ପ୍ରଦାନ ଓ ଉପନିବେଶ ଦ୍ୱାରା ବିସ୍ତାର ପର୍ଯ୍ୟନ୍ତ ସବୁ ମିଶିକରି ରହିଛି । କିନ୍ତୁ କେତେଗୁଡ଼ିଏ ଆଖ୍ୟାନ ଏବେ ମିଳୁଛି, ଯାହାକି ନିଃସନ୍ଦେହ ରୂପେ ଏକ ଆଖ୍ୟାନର ଭିନ୍ନ ଭିନ୍ନ ରୂପ ।

## ଏକ ପୁରାଣ ଆଖ୍ୟାନର ଭିନ୍ନଭିନ୍ନରୂପ

ଶାକୁନ୍ତଳ ବା ସାର୍‌ଗନ କଥାଟି କୁହାଯାଇଛି । ଏ ଦେଶର କର୍ଣ୍ଣ-କଥା ସଙ୍ଗେ ମିଳାଇ ଦେଖିଲେ, ସ୍ପଷ୍ଟ ଜଣାଯାଏ, ଏହା ଏକ ଆଖ୍ୟାନର ବିଭିନ୍ନ ରୂପ । କେବଳ ଦେଶକାଳ ଓ ପରିସ୍ଥିତି ଯେନ ସାମାନ୍ୟ ଭିନ୍ନ ଭିନ୍ନ ରୂପ ଧରିଛି । କାର୍ତ୍ତିକେୟ-ଜନ୍ମ-କଥା ସଙ୍ଗେ ପୁଣି ଏହାର ଏକମୂଳତ୍ୱ ପ୍ରତି ଲକ୍ଷ୍ୟ କରାଯାଇଛି । ଆଉ ଗୋଟିଏ ସ୍ପଷ୍ଟ ଦୃଷ୍ଟାନ୍ତ ହେଉଛି, ଶକୁନ୍ତଳା ଉପାଖ୍ୟାନ । ଆଜକୁ ପ୍ରାୟ ତିନିହଜାର ବର୍ଷ ପୂର୍ବର ଅସୁରଦେଶ ନାରୀସମ୍ରାଟ୍ ସମୁରମାତ୍ (ଗ୍ରୀକ୍—ସେମିରାମିସ୍)ଙ୍କ ସଂଗେ ଯେଉଁ ଜନ୍ମ ଓ ପାଳନ ବୃତ୍ତାନ୍ତ ପୁରାଣ ଓ ପରଂପରାରେ ଲଗାଇ ଦିଆଯାଇଛି, ତା ଠିକ୍ ଆମ ଶକୁନ୍ତଳାଙ୍କ ଜନ୍ମ ଓ ପାଳନ ବୃତ୍ତାନ୍ତ ପରି । ତେଣିକି ଦୁହିଁଙ୍କ ଜୀବନକର୍ମରେ ମଧ୍ୟ ସାମଂଜସ୍ୟ ସ୍ପଷ୍ଟ । ମାତ୍ର ଦେଶକାଳ ଭେଦରେ

Digitized by srujanika@gmail.com

ବିବାହ ପାଇଥିବା ପ୍ରଭେଦଟି ଦେଖ । ଦୁହିଁଙ୍କ ଜନ୍ମ କରି ବଣରେ ଫୋପାଡ଼ି ଦେଇ ଯାଇଥିଲେ, ସ୍ୱର୍ଗବେଶ୍ୟା ବା ସ୍ୱର୍ଗ-ଅପ୍ସରା— ମାନବୀ ନୁହନ୍ତି । ଦୁହିଁଙ୍କୁ ସେଇ ବଣରେ ହିଂସ୍ର ଜନ୍ତୁଙ୍କ ମୁହଁରୁ ରକ୍ଷା କରିଥିଲେ ପକ୍ଷୀମାନେ । ଦୁଇ ଶିଶୁଙ୍କୁ ପାଳିଥିଲେ, ଅବଶ୍ୟ ପାଇ ନେଇ ବଶିଷ୍ଠ ଲୋକେ । ଦୁହିଁଙ୍କ ନାଆଁ ମଧ୍ୟ ହୋଇଥିଲା ଏକା ପ୍ରକାରର । ସମ୍ମୁରମାତ୍ ହୋଇଲେ, ପକ୍ଷିକନ୍ୟା ବା କପୋତ-କନ୍ୟା ( ଆକ୍ଷରିକ ଅର୍ଥ ହେଉଛି, କପୋତରୂପିଣୀ ଦେବୀ ଯାହାଙ୍କୁ ସୁଖ ପାଆନ୍ତି ); ଶକୁନ୍ତଳା ହୋଇଲେ, ପକ୍ଷିକନ୍ୟା ( ଆକ୍ଷରିକ ଅର୍ଥ ହେଉଛି, ଚଢ଼େଇ ଘୋଡ଼େଇ ରଖିଥିଲେ ବା ସଂରକ୍ଷିତ ରଖିଥିଲେ ଯାହାଙ୍କୁ ) । ସୌନ୍ଦର୍ଯ୍ୟରେ ଅତି ମୋହନୀ, ସମ୍ମୁରମାତ୍ ନିଜର ବିବାହିତା ବର ଥାଇ ମଧ୍ୟ, ସେଠା ସମ୍ରାଟ୍‌ଙ୍କୁ ସେଇ ସୌନ୍ଦର୍ଯ୍ୟରେ ଆକର୍ଷଣ କରି ଆତ୍ମଦାନ କଲେ ଓ ରାଣୀ ହୋଇ ଅତି ଦୀର୍ଘକାଳ ଯାଏ ସାମ୍ରାଜ୍ୟ ଶାସନ କଲେ । ବିଧବା ହୋଇ ମଧ୍ୟ ରୂପସୀ ସେତେବେଳେ-ବି ଅହଙ୍କୃତ ଥିବାରୁ, ତାଙ୍କ କାର୍ଯ୍ୟଗତ ତାଙ୍କ ପୁଅକୁ ସୁଖ ଲାଗିଲା ନାହିଁ । ସେଠୁ ସେ ପୁଅକୁ ରାଜ୍ୟ ଦେଇ କପୋତ ରୂପ ଧରି ଉଡ଼ି ସ୍ୱର୍ଗକୁ ଚାଲିଗଲେ । ଶକୁନ୍ତଳା ମଧ୍ୟ ନିଜ ସୌନ୍ଦର୍ଯ୍ୟ ଗୁଣରେ ସମ୍ରାଟ୍ ଦୁଷ୍ମନ୍ତଙ୍କୁ ଆକର୍ଷଣ କରି ବଣ ଭିତରେ କେହି ନଜାଣି ଆତ୍ମଦାନ କରିଥିଲେ; ନିଜ ପୁତ୍ରପୌତ୍ରାଦି କ୍ରମେ ସମ୍ରାଟ୍ ବଂଶ ସୃଷ୍ଟି କରିଗଲେ । ସେଥିପାଇଁ ବଣର ଆଶ୍ରମରେ ଦୁଷ୍ମନ୍ତଙ୍କ ସଙ୍ଗେ ଗାନ୍ଧର୍ବ ବିବାହ ( ଗୁପ୍ତ ମିଳନ )ରେ ମିଳିତ ହେଲାବେଳେ ଶକୁନ୍ତଳା ଆଗ ଦୁଷ୍ମନ୍ତଙ୍କୁ ସତ୍ୟ କରାଇ ନେଇଥିଲେ ଯେ, ଦୁଷ୍ମନ୍ତଙ୍କର ତା ପୂର୍ବରୁ ଅନ୍ୟରାଣୀ ଓ ପୁତ୍ର ଥିଲେ ମଧ୍ୟ ସେଇ ଶକୁନ୍ତଳାଙ୍କ ପୁତ୍ର ଏକା ଦୁଷ୍ମନ୍ତଙ୍କ ପରେ ସମ୍ରାଟ ହେବେ । ଆଶ୍ରମରୁ ପୁତ୍ର ଘେନି ଦୁଷ୍ମନ୍ତଙ୍କ ରାଜଦରବାରରେ ଶକୁନ୍ତଳା ପହଞ୍ଚିଲା

Digitized by srujanika@gmail.com

ଦେଖିଲୁ ଦୁଷ୍ମନ୍ତ ତାଙ୍କୁ ପତ୍ନୀ ବା ପୁଅ ସର୍ବଦମନ ( ପରେ ଯେ ହେଲେ, ଭରତ, ଯାହାଙ୍କ ନାମରେ ଦେଶ ନାମ, ଭାରତ ) ଙ୍କୁ ନିଜର ବୋଲି ସ୍ୱୀକାର କଲେ ନାହିଁ, ସେତେବେଳେ ଶକୁନ୍ତଳା ରାଗ ଓ ଅପମାନରେ ନିଜେ ସବୁ ଛାଡ଼ି ସ୍ୱର୍ଗକୁ ଫେରିବାକୁ ବାହାରିଲେ । ରାମାୟଣରେ ସୀତାଙ୍କ ପାତାଳ ପ୍ରବେଶରେ ମଧ୍ୟ ଏହି ଅଂଶଟି ସଂଗେ ସଂବନ୍ଧ ଥିବାପରି ମନେ ହୁଏ । ଏହିପରି ଉପାଖ୍ୟାନର ଅଂଶମାନ ମଧ୍ୟ ଭିନ୍ନ ଭିନ୍ନ ଆଖ୍ୟାନର ଅଂଶରୂପେ ଥିବାର ଦେଖାଯାଏ । ଏହି କଥାଟିର ଗ୍ରଥପାଂଶ ପରି 'ବଣରେ ହଜି ଯାଇଥିବା ପିଲା' (Baby of the Woods) କଥାଟି ମଧ୍ୟ ଇଂରେଜୀରେ ଅନେକ ଦେଶରେ ଅଛି । ମାଏ ପିଲାଙ୍କୁ ତା କହନ୍ତି । ସେହିପରି ଗୀତା ଖେଳା ବା ପଶା ଧରି ବସି ଲେଖିଥିବା ଓ ମୃତବ୍ୟକ୍ତି ଉପସ୍ଥିତ ହେଲେ, ତା ଧର୍ମାଧର୍ମ ବିଚାର ପାଇଁ ସେମାନେ ପଢ଼ି ଶୁଣାଇଥିବା 'ଚିତ୍ରଗୁପ୍ତ'ଙ୍କ କଥାରୂପ ଛଥା ସୁମେର ଓ ଇଜିପ୍ଟରେ ଥିବାର ଦେଖାଯାଉଛି । ମାତୃଦେବୀ ବନା ବାପରେ ପୁଅଜନ୍ମ କରିବା କଥା ବହୁଦେଶରେ ଦେଖା-ଯାଏ । ତା କୁହା ଯାଇଛି । ଏଠାରେ ଏଥିରୁ ଅଧିକ ନ କହି ପୁରାଣ ତତ୍ତ୍ୱର ଡ. ଏ. ମାକ୍କେଞ୍ଜିଙ୍କ ଗୋଟିଏ ଅତି ସଂକ୍ଷିପ୍ତ ବର୍ଣ୍ଣନା ଦେବାର କହିଦେଲେ ଯଥେଷ୍ଟ ହେବ । ସେ କହନ୍ତି, ବାବିଲନର ପ୍ରାଚୀନ 'କୋଣ-ଶୀର୍ଷ' (Cuneiform) ଲିପି-ଲେଖାରୁ ସବୁ ଆଖ୍ୟାନ, ଅଦ୍ଭୁତ କଥା, ଧାର୍ମିକ ବିଶ୍ୱାସ ଓ ସାଂସ୍କୃତିକ ଆଚରଣ ପ୍ରଭୃତିର ଅଭ୍ୟାସ ମିଳୁଛି, ସେଥିରୁ ବହୁତ ତୁଳନାତ୍ମକ ତଥ୍ୟ ସଂଗ୍ରହ କରାଯାଇ ପାରେ । ସେଥିରେ ଭାରତୀୟ ଓ ବାବି-ଲନୀୟ ପୌରାଣିକ ଆଖ୍ୟାନମାନଙ୍କ ସମାନତା ବିଶେଷ ଦେଖି-ବାର ଜିନିଷ । ସେବାକ ବାବିଲନୀୟ ଗଳ୍ପରୁ ଯାହା ମିଳୁଛି, ତା

Digitized by srujanika@gmail.com

ସଂଗେ ଭାରତୀୟ ପୁରାଣ ଗଳ୍ପର ଭଣ୍ଡାର ସ୍ୱରୂପ ଯେଉଁ ମହାଭାରତ, ସେଥିରୁ ଅଖ୍ୟାୟିକାମାନ ତୁଳନାରେ ଦେଖାଯାଇପାରେ । ଉଦାହରଣ ସ୍ୱରୂପ, ଭାରତୀୟ ଗରୁଡ଼ ସଂଗେ ବାବିଲନୀୟ 'ଜୁ' ପକ୍ଷୀ ଓ 'ଇଟନା-ଇଗଲ' କଥା; କର୍ଣ୍ଣ ସଂଗେ ସାର୍ଗନ୍; ସମୁଦ୍ରମନ୍ଥନ ସଂଗେ ଶକୁନ୍ତଳା ପ୍ରଭୃତି ବେଶ୍ ତୁଳନା କରି ଦେଖାଯାଇ ପାରେ । ଭାରତୀୟ ବରୁଣ ଓ ସୁମେରୀୟ (ପ୍ରାଚୀନ ବାବିଲନର ଦକ୍ଷିଣାଂଶ ହେଉଛି, ସୁମେର) 'ଇଅ'—ଏ ଦୁହିଙ୍କ ମଧ୍ୟରେ ବହୁତ ସାମଂଜସ୍ୟ ଅଛି । ଭାରତ ପୁରାଣର ମନୁ-ମୀନ ଓ ପ୍ରଳୟ-ଆଖ୍ୟାନ, ତଥା କାଳର ଯୁଗ ବିଭାଗ ଓ ଯୁଗ ଗଣନା ସୁମେରରୁ ଭାରତ ପାଇଥିବା କଥାରେ ସଂଦେହ ଥିଲାପରି ମନେ ହେଉନାହିଁ । ମନେହୁଏ, ସୁମେରୀୟ ଗିଲ୍‌ଗାମେଶ୍-ପୁରାଣର କେତେକ ଅଂଶର ଅନୁରୂପ, ରାମାୟଣରେ ହନୁମାନର ସୀତାଙ୍କୁ ଖୋଜିବା ଘଟନା ଗୁଡ଼ିକରେ ସ୍ପଷ୍ଟ । ପୁଣି ଏଇପରି ଅନ୍ୟ ସଂକେତମାନ ମିଳୁଛି, ଯେଉଁଥିରୁ କି ଜଣା ପାଉଛି, ହନୁମାନ ଆଖ୍ୟାୟିକା ଓ ଗିଲଗାମେଶ୍ ଆଖ୍ୟାୟିକା, ଦୁଇଟିଯାକ ଆହୁରି ପ୍ରାଚୀନତର କୌଣସି ଲୋକ ପ୍ରଚଳିତ ପୁରାଣ କଥାରୁ ବାହାରିଛି । ଭାରତୀୟ ପୁରାଣରେ ପ୍ରଥମ ମାନବ, ଯମ, ପିତୃଲୋକକୁ ବାଟ ଦେଖାଇଥିଲେ ଓ ପରେ ସେହି ଲୋକରେ ସେ ଦେବ ରୂପେ ପ୍ରଧାନ ହେଲେ । ଏ ପୁରାଣ କଥାଟିରେ ମଧ୍ୟ ଗିଲ୍‌ଗାମେଶ୍‌ଙ୍କ ଛାୟାଂଶଟି ସୁନ୍ଦର ଫୁଟିଛି । ଅନ୍ୟାନ୍ୟ ବାବିଲନୀୟ ପୁରାଣ କାହାଣୀମାନଙ୍କର ସଂସ୍ପର୍ଶ ପୁଣି ଇଜିପ୍ଟ, ଗ୍ରୀସ, ନରୱେ, ସୁଇଡେନ, ଆଇସଲଣ୍ଡ, ଇଂଲଣ୍ଡ, ସ୍କଟଲଣ୍ଡ, ୱେଲ୍‌ସ, ଆୟାରଲଣ୍ଡ ପ୍ରଭୃତିର ପୁରାଣ କଥାମାନଙ୍କ ସଂଗେ ଖୁବ୍ ଦେଖାଯାଏ । ଯେଉଁ ବାବିଲନୀୟ ସାର୍ଗନ କଥାର ପ୍ରକାଶ ହେଉଛି, ଭାରତରେ କର୍ଣ୍ଣ ଓ କାର୍ତ୍ତିକେୟ ଉପାଖ୍ୟାନ-

Digitized by srujanika@gmail.com

ମାନ, ସ୍କଟଲଣ୍ଡ ଆୟାରଲଣ୍ଡର କେଲଟିକମାନଙ୍କ ଭିତରେ ବିଓ ଉଲ୍ଫ୍ (Beowulf) ନାମକ ପୁରାଣରେ ସ୍ଲୀଜ୍‌ଡ୍ ବା ସ୍ଲୀପ୍ ହେଉଛି ସେଇଭଳି କଥା । ପୁଣି ଏ ଦୁଇଟିର ଅନ୍ୟ ପ୍ରକାର ପ୍ରକାଶ ହେଉଛି ବାବିଲନର ଟାମୁଜ୍-ଅଡୋନିସ୍ ଉପାଖ୍ୟାନ । ଟାମୁଜ ମଧ୍ୟ କେଲଟିକ୍‌ଦେବ ଡିଆରମିଡ୍ ସଂଗେ ସମାନ । ଏଇ ସବୁର ବ୍ୟାଖ୍ୟା ଦେବାର ସଂକେତରେ ସେ ପୁଣି କହୁଚନ୍ତି, କଥର ଏବେ ତତ୍ତ୍ୱାନୁସଂଧିତ୍ସୁମାନେ ପ୍ରମାଣ କରିବାକୁ ଯାଉଚନ୍ତି ଯେ, ବାବିଲନର ସୁମେରୁସ୍, ଫ୍ରାଗୈଡିଅ ସିବ ଇଜିପ୍ଟସ୍, ନବପ୍ରସ୍ତର ଯୁଗର ଇଉରୋପୀୟ ଓ ଇନ୍ଦ୍ର ସଂଗେ ଦକ୍ଷିଣ ପାରସ୍ୟର ଓ ଭାରତୀୟ ବୈଦିକ ଆର୍ଯ୍ୟ, ଏ ସମସ୍ତଙ୍କ ଭିତରେ ଅତି ଦୂର ହେଲେହେଁ ସମ୍ପର୍କ ଅଛି । (Myths of Babylonia p p XXX ଓ XXXI ଦେଖ) । ସ୍ୱତନ୍ତ୍ରରେ ଅନୁସଂଧାନ କ-ଲ ମଧ୍ୟ, ଶୁଦ୍ଧ ପରେ ପୋଲକୁ ଖାଇବାକୁ ଦେବା ପ୍ରସ୍ତୁତିଠାରୁ ଘିତରେ ଛେପ ପକାଇ ଉପ ଛଡ଼ାଇବା ଓ ବନ୍ଧନ କଟା ପାଇସାକୁ କେଜଟ୍ରୀଏ ଛେପ ପକାଇ ରଖିବା ପର୍ଯ୍ୟନ୍ତ ବହୁତ କଥା, ଆଜି ମଧ୍ୟ ପୃଥିବୀର ବହୁ ଅଂଚଳରେ ସମାନ ।

## ବୋଉ ଓ ମା

ଆମେ ଓଡ଼ିଶାରେ ଜନ୍ମଦାତ୍ରୀ ମାତାକୁ 'ବୋଉ' ବୋଲି କହୁ । ଆଜି କେହି ଏପରି କହନ୍ତି ନାଇ । ସମସ୍ତେ 'ମା' ଓ ଦାକ୍ଷିଣାତ୍ୟରେ 'ଅମ୍ମା' ବୋଲି କହନ୍ତି । ଏସବୁ ଶବ୍ଦ କେହି ସଂସ୍କୃତ ନୁହନ୍ତି । ପ୍ରାୟ ସ୍ମୃତ, ୫୦ ହଜାର ବର୍ଷ ତଳେ ସୁମେରରେ ଜନ୍ମଦାତ୍ରୀ ଓ ମାତୃଦେବୀଙ୍କୁ 'ବୋଉ' ବୋଲି କହୁଥିଲେ । ସେଠାରୁ ସେ କେଇକାଳେ ଯାଇଥିଲେ, ଭୂମଧ୍ୟ ସାଗରକୂଳ

Digitized by srujanika@gmail.com

ପାଲେଷ୍ଟାଇନକୁ ଲାଗିଥିବା ଫିନିସିଆ ଓ ସେହି ଅଂଚଳଯାଏ । ସବଂଶ ତାଙ୍କ ନାମ—ବୋଲ୍ । ସ୍ମରଦଜାର ବର୍ଷ ତଳର ଲେଖ ସମ୍ଭୂତ 'ମା'ଙ୍କ ନାମ ମଧ୍ୟ ଏସିଆ ମାଇନରରେ ଏବେ ମିଳୁଛି । ତାଙ୍କୁ ମଧ୍ୟ ବୋଲ୍, ମା ଓ ଅମ୍ମା ବୋଲି ସେଠି କହୁଥିବାର ପ୍ରମାଣ ମିଳୁଛି । ସଂସ୍କୃତର 'ଅମ୍ବା' ଓ 'ଉମା', ଏହି ଦୁଇଟି ଶବ୍ଦ ସେଇଥିରୁ ଗୃହୀତ ବୋଲି ପଣ୍ଡିତମାନେ କହନ୍ତି ( ଉକ୍ତ ଗ୍ରନ୍ଥ ପୃଷ୍ଠା, ୧୦୦, ୧୧୪, ୧୧୫, ୧୧୬, ୧୨୨, ୧୨୭, ୧୫୦, ୪୨୮, ୪୩୭, ଦେଖ । Story of nations series ପୁସ୍ତକମାନଙ୍କରେ Phoenicia ପ୍ରଭୃତି ଗ୍ରନ୍ଥ ଦେଖ )। ଅତି ପ୍ରାଚୀନ କାଳରୁ ଏହି ମାତୃଦେବୀଙ୍କ ପୂଜା ସେ କାଳର ସବୁ ସଭ୍ୟଦେଶରେ ବ୍ୟାପିଥିଲା । ସେହି ପ୍ରାଗୈତିହାସିକ ପ୍ରସ୍ତର-ଯୁଗରୁ ଏହା କ୍ରମେ ସବୁ ଅଞ୍ଚଳ ବ୍ୟାପିଛି । ମନେହୁଏ, ସେସବୁ ଅଂଚଳରେ ଏହି 'ବୋଲ୍', 'ମା', ଅମା ପ୍ରଭୃତି ନାମ ଗୁଡ଼ିକ ଜନ୍ମଦାତ୍ରୀ ମାତାନାମ ଓ ତେଣୁ ମାତୃଦେବୀଙ୍କ ନାମରୂପେ ବ୍ୟବହୃତ ହେଉଥିଲା ।

## ଶବଦାହ ଓ ସେଥିରେ ଗତି

ଶବଦାହ ଏ ଦେଶକୁ କେବେ କୁଆଡ଼ୁ କପର ଆସିଲା, ଠିକ୍ ଜାଣି ହେଉନାହିଁ । ଇଜିପ୍ଟ, ସୁମେର, ଓ ପ୍ରାଗ୍‌ବୈଦିକ ଅର୍ଯ୍ୟଙ୍କ ଭିତରେ ଏ ପ୍ରଥା ନଥିଲା । କିନ୍ତୁ ବେଦ କାଳରୁ ଏହା କ୍ରମେ ଚଳି ଯାଇଥିଲା—ତାପୁଣି ସମସ୍ତଙ୍କ ଭିତରେ ନୁହେଁ । କେତେକଙ୍କ ଭିତରେ କବର ଦେବା ଚଳୁଥିଲା । ତଥାପି ବେଦ-କାଳରୁ ଏପର୍ଯ୍ୟନ୍ତ ଏହି ଦେଶରେ, ଆର୍ଯ୍ୟ ଓ ଅର୍ଯ୍ୟ-ପ୍ରଭାବିତଙ୍କ ଭିତରେ ଏହି ଶବଦାହ ସମ୍ବନ୍ଧରେ ଗୋଟିଏ ବୈଦିକ ଓ ଶାସ୍ତ୍ରୀୟ ଧାରଣା ବଦ୍ଧମୂଳ ହୋଇ ଯାଇଛି । ଶ୍ରୀମଦ୍‌ଭଗବଦ୍ ଗୀତାରେ

Digitized by srujanika@gmail.com

ଏ ପବିତ୍ର ପ୍ରସଙ୍ଗାଧୀନ କରି ତାର ଉଲ୍ଲେଖ କରିବାର ଦେଖାଯାଏ । ( ଗୀତା ୮ମ ଅଧ୍ୟାୟ, ୨୪-୨୬ ଶ୍ଳୋକ ଦେଖ ) । ସେଥିରେ ପ୍ରଧାନ କଥାଟି ହେଉଛି, ଶବକୁ ଦାହ କଲାବେଳେ ଯେବେ ଜଳନ୍ତ ଶିଖାରେ ଅଗ୍ନି ହୁତ ହୁତ ହୋଇ ଜଳେ ଓ ସେ ଲୋକ ଦିନ ଉତ୍ତରାୟଣ କାଳରେ ମରିଥାଏ, ତେବେ ତାର ଉଦ୍‌ଗତି ହୁଏ । ନ ହେଲେ, ଦାହ ବେଳେ ଧୂଆଁ ହେଲେ ଓ ଲୋକଟି ଦକ୍ଷିଣାୟନରେ ମଲେ ତାର ସଦ୍‌ଗତି ହୁଏନାହିଁ । ସେତେବେଳେ ବସନ୍ତଠାରୁ ଶରତ ଯାଏ ଥିଲା ଉତ୍ତରାୟଣ ଓ ଶରତ୍‌ଠାରୁ ବସନ୍ତଯାଏ ଦକ୍ଷିଣାୟନ, ଏଣୁ ପରେ ଆକାଶର ବାସନ୍ତ ବିନ୍ଦୁଠାରୁ ଶାରଦ ବିନ୍ଦୁଯାଏ, ଓ ଶାରଦରୁ ବାସନ୍ତ ବିନ୍ଦୁଯାଏ ଦକ୍ଷିଣ-ଅୟନ ଗଣାହେଉଥିଲା । ଏବେ ଅନୁସନ୍ଧାନରେ ଦେଖାଯାଉଛି, ପଶ୍ଚିମୋତ୍ତର ମଂଗୋଲିଆରେ 'ବୁରିଆଟ୍' ବୋଲି ଗୋଟିଏ ଜାତି ଅଛନ୍ତି, ସେମାନେ ଶବ ଦାହ କରନ୍ତି । ଶୀତଦିନେ ତାଙ୍କ ଭୂମିରେ ବରଫ ପଡ଼େ; ତାଙ୍କୁ ପୋଡ଼ିବାକୁ କାଠ ମିଳେନାହିଁ । ସେଥିପାଇଁ ଶୀତ ଛଅମାସ ଭିତରେ କେହି ମଲେ, ସେମାନେ ମୁର୍ଦାରଙ୍କୁ ନ ପୋଡ଼ି ଗୋଟିଏ ଘରେ ଜମାଇ ରଖନ୍ତି । ବସନ୍ତାରମ୍ଭରେ ବରଫ ତରଳି ବାୟୁମଣ୍ଡଳ ସଫା ହୋଇଗଲେ, ଶୀତ କାଳରେ ଜମାହୋଇଥିବା ମୁର୍ଦାରଯାକ ଏକାଠି ପୋଡ଼ି ଦିଅନ୍ତି । ମାତ୍ର ବସନ୍ତଠାରୁ ଶରତ୍‌କାଳ ଭିତରେ ଖରାଦିନେ ଯେ ମରନ୍ତି, ତାଙ୍କୁ ମରିବା ସଙ୍ଗେ ସଙ୍ଗେ ପୋଡ଼ିଦିଅନ୍ତି । ତାଙ୍କର ଧାରଣା, ଶୀତଦିନେ ମଲେ, ସଦ୍‌ଗତି ହୁଏନାହିଁ । ଖରାଦିନେ ମଲେ, ସଦ୍‌ଗତି ହୁଏ । ଏ ରୀତି ଓ ଏ ଧାରଣା ସେମାନଙ୍କ ମଧ୍ୟରେ ଅତି ପ୍ରାଚୀନ କାଳରୁ ( କେତେହଜାର ବର୍ଷ, କିଏ କହିବ ? ) ଚାଲି ଆସିଛି । ଏ ରୀତି ଓ ଧାରଣା କେବେ କପରି ବୈଦିକ ବା ପ୍ରାକ୍‌ବୈଦିକମାନଙ୍କ ଭିତରେ ଏଦେଶରେ ପଶିଥିଲା,

Digitized by srujanika@gmail.com

ତା ଜଣା ଯାଇନାହିଁ । କିନ୍ତୁ ପୁରାଣ ପରଂପରାରେ ଏହା ସ୍ୱତନ୍ତ୍ର ।

## ପୁରାଣ, ଲୋକ-କଥା ଓ ଲୋକଗୀତ

ଏଠି କହିବାର କଥା, ଏଇସବୁ ନାନା ଘଟଣା ଓ ଦେଶମାନରେ ପଡ଼ ଅତିପ୍ରାଚୀନ କାଳରୁ ପୁରାଣ ଗୀତ, ପୁରାଣ-ଧାରଣା ଓ ପୁରାଣ-ଆଖ୍ୟାନମାନ ପୃଥିବୀରେ ଚାଲି ଆସିଛି । କେତେ ବି ନୂଆ ନୂଆ ଗଳ୍ପ ବିକାଶ ପାଇଥିବ ଓ ଏବେ ବଢ଼ୁଛି ପାଉଥିବ । ସେ ସବୁ ଲୋକ କଥାରେ ଥାଏ ଓ ସେଇ ଭାବରେ ତାର ପ୍ରସାର ଓ ପ୍ରଚାର ଚାଲେ । ଲେଖା ସାହିତ୍ୟ ପ୍ରକାଶ ପାଇଲେ ସେସବୁ ଲେଖା ବି ହୁଏ । ଆମ ଦେଶରେ ରାମାୟଣ, ମହାଭାରତ ଓ ଅନ୍ୟାନ୍ୟ ପୁରାଣ, କଥା କାହାଣୀ ସବୁ ଏଇପରି । ରାମାୟଣରେ ଅଛି, ଏହା ଲେଖାହେବା ପୂର୍ବରୁ ଯୋଗି-ଗୀତପରି ବୋଲା ହେଉଥିଲା । ବାଲ୍ମୀକି କୁଶ ଲବଙ୍କୁ ତା ଶିଖାଇ ବୋଲାଇ ବୋଲାଇ ବୁଲୁଥିଲେ । ଅନ୍ୟାନ୍ୟ ପୁରାଣ ଓ ଆଖ୍ୟାୟିକାମାନ ସବୁ ସେଇପରି ଲୋକକଥାରେ ଚାଲିଥାଏ । ଆମ ଦେଶରେ ସଂସ୍କୃତରେ ଶ୍ଳୋକରେ ତା ରଚିତ ହୋଇ ବହୁକାଳରୁ ଲିଖିତ ସାହିତ୍ୟରେ ପ୍ରବେଶ କରିଛି । ମହାଭାରତ ଏଇପରି ଗୋଟିଏ ବିରାଟ ଆଖ୍ୟାୟିକା ସଂଗ୍ରହ । ଖଣ୍ଡିଏ ଗ୍ରନ୍ଥପରି ଏହା ଲେଖାହୋଇ ଥିଲେ ମଧ୍ୟ, କୁରୁପାଣ୍ଡବ ଯୁଦ୍ଧ ସମ୍ପର୍କରେ ଏହା ଏକ ସୂତ୍ରରେ ଗୁନ୍ଥା ହେଲାପରି ଜଣାପଡ଼ୁ ଥିଲେ ମଧ୍ୟ, ଏହା ଲୋକ-ପ୍ରଚଳିତ କଥାର ଗୋଟିଏ ବିରାଟ ସଂଗ୍ରହ । ସବୁ ପୁରାଣଯାକ ସେଇଆ । ରାମାୟଣ ସେଇଆ । 'କଥା ସରିତ ସାଗର' ବୋଲି ଗୋଟିଏ ଗ୍ରନ୍ଥ ଅଛି । ତନ୍ତ୍ରମନ୍ତ୍ର ସବୁ ପ୍ରକାର ଓ ପଞ୍ଚତନ୍ତ୍ରର ଗଳ୍ପ ଜାତର ସେଥିରେ ଏକ ସୂତ୍ରରେ ଗୁନ୍ଥା ହୋଇଛି, ତା ଦେଖିଲେ ବିସ୍ମିତ ହେବାକୁ ହୁଏ । ପଞ୍ଚତନ୍ତ୍ରର ପାଞ୍ଚୋଟି ଯାକ ତନ୍ତ୍ର ବା ଶୃଂଖଳିତ ହୋଇ ତିଆରି ହୋଇଥିବା

Digitized by srujanika@gmail.com

କଥା ବା ଗଳ୍ପ ଯେପରି ହୋଇଛି, କଥା-ସରିତ୍-ସାଗରକୁ ସେଇ ସ୍ତରର ଗୋଟିଏ ମହାପ୍ରବାହ ବୋଲି କୁହାଯାଇ ପାରେ । କଥା-ସରିତ-ସାଗର ଓ ପଞ୍ଚତନ୍ତ୍ର ପ୍ରଭୃତିରେ ସବୁ କଥା ଗୁଡ଼ାକ ଗୋଟାଏ କହିବାର ଯେ ଉଦ୍ୟମ ସେଇଟା ବେଶ ଜଣାପଡ଼େ—ସଙ୍କଳନରେ କୃତ୍ରିମତା ଦେଖା ପଡ଼ଯାଏ । କିନ୍ତୁ ମହାଭାରତରେ ଯେଉଁ ପୁରାଣସ୍ରୋତ ଅବଲମ୍ବିତ ତା ସ୍ୱାଭାବିକ ଓ ଜୀବନ୍ତ । ଏସବୁ ସଂଗୀତ, ପୁରାଣ ସମେତ ସବୁ, ଭାସ୍ୱ ସମାପ୍ତଶୀଳର ଗୀତ । ଏହା ଲୋକ-ଗୀତିଗୁଚ୍ଛରେ ରଚିତ ହୋଇଥିଲା ଓ ପରେ ସେଇ ଭାବରେ ଲିଖିତ ହେଲା । ବୌଦ୍ଧ ଜାତକ ଗଳ୍ପସବୁ ଲୋକ ଭାଷାରେ ଲେଖା ହୋଇଛି । କିନ୍ତୁ ତା ଗୀତ ନୁହେଁ କି, ସଂସ୍କୃତ ନୁହେଁ । ଲୋକଙ୍କ ଭିତରେ ଯେ ଭାଷାରେ ଯେପରି ତା ପ୍ରଚଳିତ ଥିଲା, ତା ସେଇପରି ସଂଗୃହୀତ ହୋଇଥିଲା । ସେଥିରେ ସଙ୍ଗୃହୀତ ଗଳ୍ପମାନଙ୍କ ଭିତରେ ଏକ ସୂତ୍ରଦେବାପାଇଁ ବୁଦ୍ଧଙ୍କ ଜନ୍ମଜନ୍ମାନ୍ତର ବୃତ୍ତାନ୍ତ ମାନ ସବୁ ଗଳ୍ପର ଆରମ୍ଭ ଭୂମିକା ଯୋଡ଼ି ଦିଆଯାଇଥିଲା । କିନ୍ତୁ ଏସବୁ ସ୍ରୋତ ଭିତରେ ଶ୍ରେଷ୍ଠ ହେଉଛି ଆମ ପୁରାଣ ସ୍ରୋତ । ଜାତୀୟ ଜୀବନ ତଥା ସାହିତ୍ୟର ସ୍ଥିତି, ଗତି ଓ ପରିଧିର ଦେଖାଇବାରେ ତା ଅତି ଏକାନ୍ତ ଆବଶ୍ୟକ । ମହାଭାରତରେ ସେ ସ୍ରୋତ ସବୁଠୁ ବେଶି ସୁନ୍ଦର ଓ ଚମତ୍କାର ଭାବରେ ପ୍ରକାଶ ପାଇଛି । ଜାତୀୟ ଜୀବନର ସର୍ବବିଧ ବିକାଶ, ବିଶ୍ୱାସ, ଆଶା, ଆଦର୍ଶ, ପ୍ରତିଷ୍ଠା, ପ୍ରେରଣା ପ୍ରଭୃତି ମହାଭାରତରେ ଯେପରିକି ଗୋଟିଏ ମୂର୍ତ୍ତିଧରି ନିତ୍ୟ ସଙ୍କେତରେ ଜୀବନ୍ତ ହୋଇ ରହିଛି ।

### ମହାଭାରତ ଲେଖାର ପରଂପରା

ଲୋକେ କହନ୍ତି, 'ଯାହା ନାହିଁ ଭାରତେ, ତା ନାହିଁ ଭାରତେ' । ଭାରତ ବୋଇଲେ, ଏଠି ମହାଭାରତ, ପୁଣି ଭାରତବର୍ଷ ।

Digitized by srujanika@gmail.com

ମହାଭାରତର ବିଷୟ ସଂଗ୍ରହ ଓ ଏହାର ପ୍ରାଚୀନ ରୂପ ରଚନା ଗୋଟିଏରୁ ବେଶି ପରଂପରା ଅଛି । ପ୍ରସଂଗାନ୍ତରରେ ଗୋଟିଏ ପରଂପରା ପ୍ରତି ସୂଚନା ଦିଆଯାଇଛି । ସେହି ଅନୁସାରେ ଏହାର ମୂଳ ହେଉଛି 'ଜୟ' ବୋଲି ଗୋଟିଏ ବ୍ୟାସକୃତ କାବ୍ୟ । ସବୁ ପୁରାଣ ପାଠ ଆଦ୍ୟରେ—ଏପରିକି ସାରଳାଦାସଙ୍କ ଓଡ଼ିଆ ମହାଭାରତାଦି ପଢ଼ିବା ଆରଂଭ କଲାବେଳେ—ପାଠକ ନମସ୍କାର ଆରଂଭ କରନ୍ତିଃ—

"ନାରାୟଣଂ ନମସ୍କୃତ୍ୟ ନରଂଚୈବ ନରୋତ୍ତମଂ
ଦେବୀଂ ସରସ୍ୱତୀଂ ଚୈବ ତତୋଜୟ ମୁଦୀରୟେତ୍ ।"

ଏଠାରେ 'ଜୟ' ପାଠ ଆରଂଭ କରିବ ବୋଲି ଯା କୁହାଯାଇଛି, ତା ଏବେ ସବୁ ପୁରାଣ ଅର୍ଥରେ ଚଳେ । କିନ୍ତୁ ଏହା ପ୍ରଥମେ ଏହା ସେହି ଆଦିମ ମହାଭାରତ 'ଜୟ' ଅର୍ଥରେ ପ୍ରଯୁକ୍ତ ହୋଇଥିଲା । କଥା ଅଛି, କୁରୁ ପାଣ୍ଡବଙ୍କ ଯୁଦ୍ଧପରେ ପାଣ୍ଡବଙ୍କ ଜୟ କୀର୍ତ୍ତନ କରି ବ୍ୟାସ ପ୍ରଥମେ ଏହି ଜୟ କାବ୍ୟଟି ଲେଖିଥିଲେ । ତାପରେ ଶିଷ୍ୟମାନଙ୍କୁ ପଢ଼ାଇବାପାଇଁ ତା କିଛିଏ ପରିମାର୍ଜିତ ହୋଇ ହେଲା ଭାରତ । ପରେ ଆଉରି ବଢ଼ାଇ ପରଂପରାର ଯାବତୀୟ ଆଖ୍ୟାନ ସଂଗ୍ରହ କରି ତାକୁ ଛଅରୁ କରିବା ପାଇଁ ଶୁକ, ସୁମନ୍ତୁ, ପୈଲ, ଜୈମିନି, ବୈଶଂପାୟନ, ଏହି ପଞ୍ଚ ଶିଷ୍ୟଙ୍କୁ ଦେଲେ । ତାପରେ ନିଜେ ପୁଣି ତାର ସଂସ୍କରଣ କଲାବେଳେ ବୈଶଂପାୟନଙ୍କ ସ[illegible]ର ପର୍ବ ଓ ଜୈମିନିଙ୍କ ଅଶ୍ୱମେଧ ପର୍ବର ସଂକଳନ ଉତ୍ତାରେ ଏହି ପ୍ରଚଳିତ ଗ୍ରନ୍ଥଟି ପ୍ରକାଶ କଲେ । ସୌତି, ମହାଭାରତ ଆଦ୍ୟରେ କହୁଛନ୍ତି, ପୂର୍ବକାଳେ ଦେବତାମାନେ ତୁଳା ଦଣ୍ଡରେ ଓଜନ କରି ଦେଖିଲେ ଯେ, ଉପନିଷଦ୍ ସହ ଚାରି ବେଦର ତୁଳନାରେ ଏହି ଗ୍ରନ୍ଥ, ମହତ୍ତ୍ୱରେ

Digitized by srujanika@gmail.com

ଓ ଓଜନରେ ଅଧିକ ହେଲା । ତେଣୁ ଏହାର ନାମ ହେଲା ମହାଭାରତ । ଏଇସବୁ ଭାରତ ସମାଜରେ ଯେତେ ଜନଶ୍ରୁତି ଇତସ୍ତତ ପ୍ରଚଳିତ ଥିଲା, ସବୁ ଏଥିରେ ଏକ ଆଦର୍ଶ ଓ ଏକ ସୂତ୍ରରେ ସଙ୍କଳିତ ହୋଇ ରହିଛି । ସେଇ ସୌତି ପୁଣି ବର୍ଣ୍ଣନା କରି କହନ୍ତି, ଏଇ ଷଷ୍ଠ ଗ୍ରନ୍ଥ, ଷାଠିଏ ଲକ୍ଷ ଶ୍ଳୋକରେ ସଙ୍କଳିତ ହୋଇଥିଲା । ସେଥିରୁ ଏବେ ତିରିଶ ଲକ୍ଷ ଶ୍ଳୋକ ଦେବଲୋକରେ, ପନ୍ଦର ଲକ୍ଷ ଶ୍ଳୋକ ପିତୃଲୋକରେ, ଚଉଦ ଲକ୍ଷ ଶ୍ଳୋକ ଗନ୍ଧର୍ବ ଲୋକରେ ଅଛି । ବାକି ମନୁଷ୍ୟ ଲୋକରେ ପ୍ରଚଳିତ ଲକ୍ଷେକ ଶ୍ଳୋକ ହେଉଛି, ଆମର ଏଇ ମହାଭାରତ । ଅତି ପ୍ରାଚୀନ କାଳରୁ ପୃଥିବୀରେ ଏଇସବୁ ପୁରାଣ କଥାମାନ ଚଳି ଆସୁଥିଲା । ତହିଁରୁ ସାମାନ୍ୟ ଅଂଶମାତ୍ର ଭାରତବର୍ଷର ଜନ ସମାଜରେ ଚଳୁଥିଲା ଓ ତାକୁଇ ସଂସ୍କାର କରି 'ଜୟ' ଗ୍ରନ୍ଥଟିକୁ ବଢ଼ାଇ ମହାଭାରତ କରା ଯାଇଥିବା କଥାର ସଂକେତ ଯେ ଏଇ କିଂବଦନ୍ତୀରେ ନାଇ, ତା କିଏ କହିବ ? ଅବଶ୍ୟ ବ୍ୟାସ ବୋଲି ଜଣେ କେହି ଏହା କରିଥିଲେ କି ନା, ଓ ତାଙ୍କରି ଜୀବଦ୍ଦଶାରେ ଏସବୁ ଥରକୁ ଥର ସଂସ୍କରଣ ଓ ସମ୍ପାଦନା ହୋଇଥିଲା କି ନା, ସେ ସବୁ କଥାର ଐତିହାସିକ ସତ୍ୟ ବାହାର କରିବା ସ୍ୱତନ୍ତ୍ର ସାଧନା । ତା ଏଠି ଦରକାର ନାଇ । କିନ୍ତୁ ଏବେ ଅନୁମାନ ହେଉଛି, ଜୟନାମକ ଆଦ୍ୟ ଗ୍ରନ୍ଥ ଥରକୁ ଥର ସଙ୍କଳନ, ସଂସ୍କରଣ ଓ ସମ୍ପାଦନରେ ବଢ଼ି ବଢ଼ି ଏବର ମହାଭାରତ ହୋଇଛି । ପଣ୍ଡିତମାନେ ପ୍ରମାଣ ଦେଇ କହନ୍ତି, ଆଜକୁ ଅନ୍ତତଃ ଦେଢ଼ହଜାର ବର୍ଷ ତଳ ପର୍ଯ୍ୟନ୍ତ, ଏହା ବରାବର ବଢ଼ିବାରେ ଲାଗିଥିଲା । ସେଥିପାଇଁ ଏବେ ପଣ୍ଡିତମାନେ ଏହାକୁ ଭାରତ ସଭ୍ୟତା ଓ ଭାରତୀୟ ପରଂପରାର ବିଶ୍ୱକୋଷ ବୋଲି କହନ୍ତି । ଯେତେ ମିଳିଲା

Digitized by srujanika@gmail.com

ସେତେ ସାମୟିକ ଘଟଣାର ଉଲ୍ଲେଖଠାରୁ ପ୍ରଚଳିତ, ଐତିହାସିକ, ପ୍ରାଗ୍‌ଐତିହାସିକ, ପ୍ରାକୃତ, ଅତିପ୍ରାକୃତ, ଅଧିଭୌତିକ, ଅଧିଦୈବିକ ଓ ଆଧ୍ୟାତ୍ମିକ ପୁରାଣକଥା, ଆଖ୍ୟାୟିକା ଓ କିଂବଦନ୍ତୀମାନ କ୍ରମେ ଏଥିରେ ସଂଗ୍ରହ କରାଯାଇ ବ୍ୟାଖ୍ୟା ମଧ୍ୟ କରାଯାଇଛି । ସବୁ ଲେଖାର ଗୋଟିଏ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଥିଲା । ତା ହେଉଛି, ବୈଦିକ ଓ ବ୍ରାହ୍ମଣିକ ଧର୍ମର ପ୍ରତିଷ୍ଠା, ପ୍ରଚାର, ପ୍ରସାର ଓ ସେଥିସଙ୍ଗେ ଜୈନ ଓ ବୌଦ୍ଧଧର୍ମଠାରୁ ଗ୍ରାମ୍ୟଧର୍ମ ପର୍ଯ୍ୟନ୍ତ ସବୁଧର୍ମକୁ ମାନବୀୟ ପ୍ରାଣ ପ୍ରାଚୁର୍ଯ୍ୟରେ ଏକ କରିଦେବାର ସାଧନା ଓ ସେଥିରେ ପୁଣି ବର୍ଣ୍ଣାଶ୍ରମଧର୍ମ ଓ ଜାତିଭେଦର ପୀଠ ଉପରେ ସମସ୍ତ ଭାରତୀୟ ସମାଜ ଓ ସାହିତ୍ୟକୁ ଏକ ପ୍ରାଣବନ୍ତ ବ୍ୟକ୍ତିତ୍ୱର ଆତ୍ମପ୍ରକାଶ ରୂପେ ପ୍ରତିଷ୍ଠିତ କରିବାର ପ୍ରୟତ୍ନ । ତା ସଫଳ ହୋଇଛି ।

## ସାରଳା ମହାଭାରତ

ପୁରାଣ ଓ ଉପନିଷଦରେ ମହାଭାରତର ଉତ୍ପତ୍ତି, ଗଠନ ଓ ବ୍ୟାପ୍ତି ସମ୍ବନ୍ଧରେ ଏତେ କଥା ଏଠି କୁହାଗଲା, କେବଳ ସାରଳା ଦାସ ମହାଭାରତକୁ କି ଦୃଷ୍ଟିରେ ଦେଖିବାକୁ ହେବ, ସେଇ କଥାଟି ସୂଚନାରେ ବୁଝାଇବାପାଇଁ । ଭାରତର ପ୍ରଦେଶ ଓ ଅଂଚଳମାନଙ୍କରେ ଭିନ୍ନ ଭିନ୍ନ ଭାଷାରେ ରାମାୟଣ, ମହାଭାରତ ଓ ପୁରାଣମାନ ଲେଖା ହୋଇଛି । ସଂସ୍କୃତଭାଷା ଭାରତ ସମାଜ ଓ ଭାରତୀ ସାହିତ୍ୟର ଭାଷାହୋଇ ରହିଥିଲା, ବହୁକାଳ—ମନୁ ସଂହିତା ଲେଖାହେଲା କାଳରୁ ବା ବହୁ ପୂର୍ବରୁ ସଂସ୍କୃତ ଥିଲା ଭାରତର ଜାତୀୟ ଭାଷା । ସମଗ୍ର ଭାରତ ଗୋଟିଏ ସାମ୍ରାଜ୍ୟ କେବେ ଥିବାର ପ୍ରମାଣ ନାହିଁ । ରାଜନୀତିକ ସୂତ୍ରରେ ଭାରତ କେବେ ଏକ ହୋଇ ନଥିଲେ ମଧ୍ୟ, ଭାରତ ସାରା ଗୋଟିଏ ସଂସ୍କୃତି ଓ

Digitized by srujanika@gmail.com

ସାହିତ୍ୟର ବିକାଶ ସମ୍ଭବ ଓ ସ୍ଥାୟୀ ହୋଇଥିଲା, ସଂସ୍କୃତ ଭାଷା ଓ ସାହିତ୍ୟରେ । ସେଥିପାଇଁ ଭାରତ ସାରା ତୀର୍ଥ ଅଛି, ଅନ୍ୟାନ୍ୟ ଧାର୍ମିକ ବା ସାମାଜିକ ଅନୁଷ୍ଠାନମାନଙ୍କର ସ୍ଥାନ ଅଛି । ଏହି ସାମାଜିକ ଓ ଧାର୍ମିକ ବନ୍ଧନରେ ବ୍ୟକ୍ତି-ସମାଜର ସମ୍ବନ୍ଧ ନିୟମିତ ହୋଇ ସାରା ଭାରତର ଜନଗୋଷ୍ଠୀ ଏକ ସମାଜରେ ପରିଣତ ହୋଇଥିଲା । ସଂସ୍କୃତ ସାହିତ୍ୟ ପୀଠରେ ଏହି ବନ୍ଧନର ବିକାଶ-ଧାରା ଏବେ ବି ପୁରାପୁରି ବିଲୋପ ପାଇ ନାହିଁ । ହେଲେହେଁ ନାନା କାରଣରୁ ଏଥିରେ ବହୁଜାତି ଆଞ୍ଚଳିକତା ପଶି ଥିଲା । ପ୍ରଥମେ ନିଜ ଆଞ୍ଚଳିକ ଚିନ୍ତାଧାରା ଓ ଚଳଣିକୁ ମହାଭାରତୀୟ କରିବାର ଉଦ୍ୟମରେ ଏହାର ସୂତ୍ରପାତ ହୋଇଥିଲା । ଏହାର ଦୃଷ୍ଟାନ୍ତ ହେଉଛି, ମୁସଲମାନୀ ପୀରପୂଜାକୁ ସ୍କନ୍ଦପୁରାଣ ତଥା ବ୍ରହ୍ମବୈବର୍ତ୍ତ ପୁରାଣରେ ସତ୍ୟନାରାୟଣ ପୂଜା କରି ଭର୍ତ୍ତି କରିବା । ସ୍କନ୍ଦପୁରାଣର 'ଉତ୍କଳଖଣ୍ଡ', ଏହିଭଳି ଅନ୍ୟାନ୍ୟ ଖଣ୍ଡମାନ, କପିଳ ସଂହିତା ଓ ପୁରାଣମାନଙ୍କରେ ନାନା ତୀର୍ଥ ଓ ଗୟାଦି ପିଣ୍ଡଦାନ କ୍ଷେତ୍ରମାନଙ୍କର ପ୍ରକ୍ଷେପ ହୁଏତ ଟିକିଏ ପ୍ରାଚୀନ-ତର । ମହାଭାରତକୁ ଏକ କରିବାର ଏ ଉଦ୍ୟମ ଭିନ୍ନ ପ୍ରକାରର । ଏହା ବରଂ ମହାଭାରତର ପରମ୍ପରା ସମ୍ବନ୍ଧ ଧାରାର ଯଥାର୍ଥ ଲୁପ୍ତୋ-ବିକାଶ । ରାମ-ଓ କୃଷ୍ଣ-ନିବଦ୍ଧ ବୈଷ୍ଣବଧର୍ମ ଓ କାଶ୍ମୀର, ନେପାଳ, ବଙ୍ଗ, ଆସାମର ହିନ୍ଦୁ ଓ ବୌଦ୍ଧତନ୍ତ୍ରରେ ସ୍ଥାନୀୟ ପ୍ରାକୃତ ଭାଷାର ପ୍ରୟୋଗ ଓ ବହୁବ୍ୟବହାର ସଙ୍ଗେ କ୍ରମେ ସ୍ପଷ୍ଟ-ଭାବରେ ଏଥିରେ ଆଞ୍ଚଳିକତା ପଶି ଥିଲା । ମୁସଲମାନ ରାଜତ୍ୱ ପ୍ରାରମ୍ଭରୁ ଏହି ଆଞ୍ଚଳିକତାରେ ପଶିଲା [ଆଞ୍ଚଳିକ ଭେଦ । ଚାନ୍ଦ କବିଙ୍କ 'ପୃଥ୍ୱୀରାଜ ରାସୋ' ପରି କାବ୍ୟମାନ କ୍ୱଚିତ୍ ଦେଖା-ଯାଏ । ସଂସ୍କୃତ ପୁରାଣ—ବିଶେଷରେ ମହାଭାରତ ଓ ରାମାୟଣକୁ

Digitized by srujanika@gmail.com

ଆଦର୍ଶ କରି ପ୍ରକାଶ ପାଇଲା ପୁରାଣ ଓ ପୁରାଣର ଅର୍ଥମାନ । 'ରାମ ଚରିତ-ମାନସ' ବା 'ତୁଳସୀ-ରାମାୟଣ' ସଂସ୍କୃତ 'ଅଧ୍ୟାତ୍ମ ରାମାୟଣ'ଉପରେ ଲେଖା ହୋଇଛି । ଓଡ଼ିଶାର ପଞ୍ଚସଖାସାହିତ୍ୟରେ ବଳରାମ ଦାସ ଏଇ ଧାର ଶରୀରସାଧନା ଯୋଗ ପ୍ରୟୋଗର ପ୍ରଭାବମାନ ଭାଗବତ ଦଶମସ୍କନ୍ଧର ଅର୍ଥ ପ୍ରକାଶ ବୋଲି ଦେଖାଇବାର ଉଦ୍ୟମ ଠଧ ଜନ୍ କର ନାହାନ୍ତି । ମାତ୍ର ସ୍ପଷ୍ଟ ସ୍ଥାନୀୟ ଜନଶ୍ରୁତିର ଆଖ୍ୟାନ-ମାନ ଗ୍ରନ୍ଥି ପ୍ରାକୃତରେ ପୁରାଣ ପ୍ରକାଶ କରିବାର ଶ୍ରେଷ୍ଠ ଉଦ୍ୟମ—ସମ୍ଭବତଃ ଆଦ୍ୟ ଉଦ୍ୟମ—ହେଉଛି, ସାରଳା ଦାସଙ୍କ ମହାଭାରତ । ଏଥିରେ ଓଡ଼ିଶାର ସମଗ୍ର ଚଳଣି, ଆଚାର ଓ ସଂସ୍କାର ସଂଗେ ଓଡ଼ିଶାର ସ୍ଥାନମାନଙ୍କ ଆଦର ଓ ସମ୍ମାନ ଦେବାର ଅଭିପ୍ରାୟ ଏ ଆଭିମୁଖ୍ୟ ସ୍ପଷ୍ଟ । ସାରଳାଦାସଙ୍କ ସାହିତ୍ୟର ମୁଖ୍ୟ ଓ ଅବାନ୍ତର ଭାବରେ ଯାହା କିଛି ସମାଲୋଚନା ହୋଇଛି, ସେଥିରେ ସଂସ୍କୃତ ମହାଭାରତ ସଂଗେ କେଉଁଠାରେ କେତେ ସାମ୍ୟ ଓ ବୈଷମ୍ୟ ଅଛି, ସେଇକଥା ବେଶି ବହୁତ ଲେଖା ହୋଇଛି । ମାତ୍ର ସାରଳା-ସାହିତ୍ୟକୁ ମାପି ବୁଝିବାରେ ଏ ପ୍ରକାର ପ୍ରାଚୀନ ସମାଲୋଚନାର ସ୍ଥାନ ଏତେ ବଡ଼ ନୁହେଁ । ଯଥାର୍ଥରେ କହିଲେ, କୁହାଯିବ, ସଂସ୍କୃତ ମହାଭାରତରେ ଯାହା ଅଛି, ତାକୁ ପ୍ରଚୁର କରିବା ପାଇଁ ସାରଳାଦାସ ନିଜ ମହାଭାରତ ଲେଖି ନାହାନ୍ତି । ତେଣୁ ସେଥର ସାହିତ୍ୟର ବା ସଂସ୍କୃତିର ସମ୍ପର୍କ ଏ ଦୁହିଁଙ୍କ ଭିତରେ ଅଟେଦୀ ନାଇ, କହିଲେ ଚଳେ ।

## ସଂସ୍କୃତ ମହାଭାରତ ସଂଗେ ସଂବନ୍ଧ

କୁହା ଯାଇଛି, 'ଜୟ' ବୋଲି ପାଣ୍ଡବଙ୍କ ବିଜୟଗାଥା ଭାବରେ ବା ଲୋକେ ବୋଲି, ସହଜରେ ମନେ ରଖିବା ପାଇଁ ଗୀତରେ ଲେଖା ହୋଇଥିଲା । ସେଥିରେ ଅବଶ୍ୟ ଧର୍ମର ଜୟ, ପାପ ବା

Digitized by srujanika@gmail.com

ସାହିତ୍ୟର ବିକାଶ ସମ୍ଭବ ଓ ସ୍ଥାୟୀ ହୋଇଥିଲା, ସଂସ୍କୃତ ଭାଷା ଓ ସାହିତ୍ୟରେ । ସେଥିପାଇଁ ଭାରତ ସାରା ତୀର୍ଥ ଅଛି, ଅନ୍ୟାନ୍ୟ ଧାର୍ମିକ ବା ସାମାଜିକ ଅନୁଷ୍ଠାନମାନଙ୍କର ସ୍ଥାନ ଅଛି । ଏଇ ସାମାଜିକ ଓ ଧାର୍ମିକ ବନ୍ଧନରେ ବ୍ୟକ୍ତି-ସମଷ୍ଟିର ସମ୍ବନ୍ଧ ନିୟମିତ ହୋଇ ସାରାଭାରତ ଜନଗୋଷ୍ଠୀ ଏକ ସମାଜରେ ପରିଣତ ହୋଇଥିଲା । ସଂସ୍କୃତ ସାହିତ୍ୟ ଗଠିରେ ଏଇ ବନ୍ଧନର ବିକାଶ-ଧାରା ଏବେ ବି ପୁରାପୁରି ବିଲୋପ ପାଇ ନାହିଁ । ତେବେହେଁ ନାନା କାରଣରୁ ଏଥିରେ ବହୁକାଳରୁ ଆଂଚଳିକତା ପଶି ଥିଲା ! ପ୍ରଥମେ ନିଜ ଆଂଚଳିକ ଶାନ୍ତାଧାଶ୍ୱ ଓ ରୀତିନୀତିକୁ ମହାଭାରତୀୟ କରିବାର ଉଦ୍ୟମରେ ଏହାର ସୂତ୍ରପାତ ହୋଇଥିଲା । ଏହାର ଦୃଷ୍ଟାନ୍ତ ହେଉଛି, ମୁସଲମାନ ପୀରପୂଜାକୁ ସ୍କନ୍ଦପୁରାଣ ତଥା ବ୍ରହ୍ମବୈବର୍ତ୍ତ ପୁରାଣରେ ସତ୍ୟନାରାୟଣ ପୂଜା କରି ଭର୍ତ୍ତି କରିବା । ସ୍କନ୍ଦପୁରାଣର 'ଉତ୍କଳଖଣ୍ଡ', ଏଇଭଳି ଅନ୍ୟାନ୍ୟ ଖଣ୍ଡମାନ, କପିଳ ସଂହିତା ଓ ପୁରାଣମାନଙ୍କରେ ନାନା ତୀର୍ଥ ଓ ଗୟାଦି ପିଣ୍ଡଦାନ କ୍ଷେତ୍ରମାନଙ୍କର ପ୍ରକ୍ଷେପ ହୁଏତ ଟିକିଏ ପ୍ରାଚୀନ-ତର । ମହାଭାରତକୁ ଏକ କରିବାର ଏ ଉଦ୍ୟମ ଭଲ ପ୍ରକାରର । ଏହା ବରଂ ମହାଭାରତର ପରଂପରା ସମୃଦ୍ଧ ଧାରାର ଯଥାର୍ଥ ଭୂୟୋ-ବିକାଶ । ରାମ-ଓ କୃଷ୍ଣ-ନିବଦ୍ଧ ବୈଷ୍ଣବଧର୍ମ ଓ କାଶ୍ମୀର, ନେପାଳ, ବଂଗ, ଆସାମର ହିନ୍ଦୁ ଓ ବୌଦ୍ଧତନ୍ତ୍ରରେ ସ୍ଥାନୀୟ ପ୍ରାକୃତ ଭାଷାର ପ୍ରୟୋଗ ଓ ବହୁବ୍ୟବହାର ସଙ୍ଗେ କ୍ରମେ ସ୍ପଷ୍ଟ-ଭାବରେ ଏଥିରେ ଆଂଚଳିକତା ପଶି ଥିଲା । ମୁସଲମାନ ରାଜତ୍ୱ ପାବଂଇରୁ ଏଇ ଆଂଚଳିକତାରେ ପଶିଲା [ଆଂଚଳିକ ଭେଦ । ଚାନ୍ଦ ବରଦଇଙ୍କ 'ପୃଥିରାଜ ରାସୋ' ପରି କାବ୍ୟମାନ କ୍ୱଚିତ୍ ଦେଖା-ଯାଏ । ସଂସ୍କୃତ ପୁରାଣ—ବିଶେଷରେ ମହାଭାରତ ଓ ରାମାୟଣକୁ

Digitized by srujanika@gmail.com

ଆଦର୍ଶ କରି ପ୍ରକାଶ ପାଇଲା ପୁରାଣ ଓ ପୁରାଣର ଅର୍ଥମାନ । 'ରାମ ଚରିତ-ମାନସ' ବା 'ତୁଳସୀ-ରାମାୟଣ' ସଂସ୍କୃତ 'ଅଧ୍ୟାତ୍ମ ରାମାୟଣ'ଭିତ୍ତିରେ ଲେଖା ହୋଇଛି । ଓଡ଼ିଶାର ପଞ୍ଚସଖାସାହିତ୍ୟରେ ବଳରାମ ଦାସ ଏଇ ଧାରେ ଶରୀରସାଧନା ଯୋଗ ପ୍ରୟୋଗର ପ୍ରଚାରମାନ ଭାଗବତ ଦଶମସ୍କନ୍ଧର ଅର୍ଥ ପ୍ରକାଶ କରି ଦେଖାଇବାର ଉଦ୍ୟମ ମଧ୍ୟ କମ୍ କରି ନାହାନ୍ତି । ମାତ୍ର ସ୍ପଷ୍ଟ ସ୍ଥାନୀୟ ଜନଶ୍ରୁତିର ଆଖ୍ୟାନମାନ ଗ୍ରନ୍ଥ ପ୍ରାକୃତରେ ପୁରାଣ ପ୍ରକାଶ କରିବାର ଶ୍ରେଷ୍ଠ ଉଦ୍ୟମ—ସମ୍ଭବତଃ ଆଦ୍ୟଉଦ୍ୟମ—ହେଉଛି, ସାରଳା ଦାସଙ୍କ ମହାଭାରତ । ଏଥିରେ ଓଡ଼ିଶାର ସମାଜ ଚଳଣି, ଆଚାର ଓ ସଂସ୍କାର ସଙ୍ଗେ ଓଡ଼ିଶାର ସ୍ଥାନମାନଙ୍କ ଆଦର ଓ ସମ୍ମାନ ଦେବାର ଅଭିପ୍ରାୟ ଏ ଅଭିମୁଖ୍ୟ ସ୍ପଷ୍ଟ । ସାରଳାଦାସଙ୍କ ସାହିତ୍ୟର ମୁଖ୍ୟ ଓ ଅବାନ୍ତର ଭାବରେ ଯାହା କିଛି ସମାଲୋଚନା ହୋଇଛି, ସେଥିରେ ସଂସ୍କୃତ ମହାଭାରତ ସଙ୍ଗେ କେଉଁଠାରେ କେତେ ସାମ୍ୟ ଓ ବୈଷମ୍ୟ ଅଛି, ସେଇକଥା ଯେନ ବହୁତ ଲେଖା ହୋଇଛି । ମାତ୍ର ସାରଳା-ସାହିତ୍ୟକୁ ମାପି ବୁଝିବାରେ ଏ ପ୍ରକାର ପ୍ରାଚୀନ ସମାଲୋଚନାର ସ୍ଥାନ ଏକଡ଼ ବଡ଼ ନୁହେଁ । ଯଥାର୍ଥରେ କହିଲେ, କୁହାଯିବ, ସଂସ୍କୃତ ମହାଭାରତରେ ଯାହା ଅଛି, ତାକୁ ପ୍ରଚାର କରିବା ପାଇଁ ସାରଳାଦାସ ନିଜ ମହାଭାରତ ଲେଖି ନାହାନ୍ତି । ତେଣୁ ସେଥିର ସାହିତ୍ୟର ବା ସଂସ୍କୃତିର ସମ୍ପର୍କ ଏ ଦୁହିଁଙ୍କ ଭିତରେ ଆଦୌ ନାହିଁ, କହିଲେ ହୁଏ ।

## ସଂସ୍କୃତ ମହାଭାରତ ସଂଗେ ସଂବଂଧ

କୁହାଯାଇଛି,'ଜୟ'ବୋଲି ପାଣ୍ଡବଙ୍କ ବିଜୟଗାଥା ବ୍ୟାସଙ୍କର ବା ଶ୍ଳୋକରେ ବୋଲି, ମହାଭାରତରେ ମନେ ରଖିବା ପାଇଁ ଗୀତରେ ଲେଖା ହୋଇଥିଲା । ସେଥିରେ ଅବଶ୍ୟ ଧର୍ମର ଜୟ, ପାପ ବା

Digitized by srujanika@gmail.com

ଅଧର୍ମର ଜୟ ଦେଖାଇବା କାବ୍ୟର ଉଦ୍ଦେଶ୍ୟ ଥିବ । ସେଇ ସୂତ୍ରରେ ସାମାଜିକ ଧର୍ମାଧର୍ମ ଜ୍ଞାନ ସେଥିରେ ହୁଏତ ପ୍ରକାଶ କରି- ବାର ଉଦ୍ୟମ କରି କରିଥିବେ । କିନ୍ତୁ ତା ଅତି ସାଧାରଣ । ଲୋକଙ୍କରେ ଭ୍ରାଇକ ଭାଗ ନ ଦବା, ପୁଣି ସେ କାରଣରେ ଏ ପକ୍ଷ ବା ସେ ପକ୍ଷ ଧରି ଲୋକେ ଲଢ଼ିବା ମାନବ ସମାଜରେ ସାଧାରଣ କଥା । ଏଇ 'ଜୟ' ଗ୍ରନ୍ଥରେ ମଧ୍ୟ ସାମାଜିକ ଅସ୍ତିର ଅତି ଅଭୁତ ଭାବରେ ପ୍ରକାଶ କରିବାର ଅବକାଶ ଖୋଜା ହୋଇ ବ୍ୟବହାର କରା ଯାଇଥିଲା । କିନ୍ତୁ ସେତିକି ଯଥେଷ୍ଟ ବୋଲି ବିବେଚିତ ହେଲା ନାଇ । ଜନଶ୍ରୁତିର କଥାମାନ, କଥାରେ, ଗୀତରେ ଓ ଅନ୍ୟ ସବୁମନ୍ତ୍ରେ ଲୋକରେ ପ୍ରଚଳିତ ଥିଲା ଓ ଲୋକ-ଚରିଣିକୁ ପ୍ରଭାବିତ କରୁଥିଲା । ଜାତୀୟ ସଂସ୍କୃତିକୁ ଅସ୍ତିରରେ ଏକମୁଖ କରିବା ପାଇଁ ସମାଜର ଶିଷ୍ଟଙ୍କ ପ୍ରତିଷ୍ଠିତ ଓ ଅଦ୍ଭୁତ ଭଂଗୀରେ ପ୍ରକାଶ କରିବା ଦରକାର । ସେଥିପାଇଁ ମହାଭାରତର ଏତେ ସଂସ୍କରଣ । ସେଇଥି- ପାଇଁ ମଧ୍ୟ ସବୁ ପୁରାଣ ବ୍ୟାସଙ୍କ ନାମରେ । ଏ ଦେଶରେ ଲୋକେ ସଂସ୍କୃତରେ ନିଜ ବ୍ୟକ୍ତିବୋଧକୁ ସମାଜ ସଙ୍ଗେ ଏତେ ଏକ କରି ଦେଇଥିଲେ ଯେ, ସେଇ ସଂସ୍କୃତର ସଙ୍କେତ ସ୍ୱରୂପ ଗୋଟିଏ ଗୋଟିଏ ମହା ବଦାନ୍ୟ ପୁରୁଷଙ୍କ ନାମରେ ନିଜର କୃତି ପ୍ରଚାର କରୁଥିଲେ । ଅନ୍ୟ ସବୁ ବିଦ୍ୟା ଓ କିମ୍ବାରେ ଏହାର ଉଦାହରଣ ଯଥେଷ୍ଟ ମିଳିବ । ଏଥିପାଇଁ କୀର୍ତ୍ତିରେ ମଧ୍ୟ ସଂକେତ ସ୍ୱରୂପ ଇନ୍ଦ୍ର- ଦ୍ୟୁମ୍ନଙ୍କ ବରମଗା ଉପାଖ୍ୟାନଟି ଅଛି (ପ୍ରଥମଭାଗ—ପୃ° ୨ଦେଖ)। ତେଣୁ ସମସ୍ତ ପୁରାଣ ତଥା ମହାଭାରତ ବ୍ୟାସଙ୍କ ନାମରେ । ଅଥଚ, ଯଥାର୍ଥରେ ଶିରକାଳ ଏଥିରେ—ବିଶେଷତଃ ମହାଭାରତ ପରି 'ଭାରତ ପର୍ଯ୍ୟନ୍ତର ବର୍ଣ୍ଣକୋଷ'ରେ ସଂସ୍କରଣ ଓ ପରିବର୍ଦ୍ଧନ ଚାଲିଛି । ପରେ ପ୍ରାକୃତ ଭାଷାମାନଙ୍କରେ ମଧ୍ୟ ସେଇ ଧାରାରେ

ମହାଭାରତୀୟ ସଂସ୍କୃତିରେ ନିଜ ନିଜର ଭାବଧାରା ମିଶାଇବା ଉଦ୍ଦେଶ୍ୟରେ, ନିଜ ନିଜର ସ୍ଥାନୀୟ ଜନଶ୍ରୁତି ଓ ଜନଶ୍ରୁତିରେ ସ୍ଥାନୀୟ ରଙ୍ଗ ପ୍ରକାଶ କରି ନାନା ପୁରାଣ, ମାହାତ୍ମ୍ୟ, ବ୍ରତ କଥା, ତୀର୍ଥ ପ୍ରଭୃତିର ବିସ୍ତୃତ ସାହିତ୍ୟ ପ୍ରକାଶ ପାଇଥିଲା । ଠିକ ତାହାଲେ ବୁଝାଯିବ, ଏ ସବୁ ପ୍ରଥମେ ସଂସ୍କୃତରେ ପୁରାଣ ଓ ପୁରାଣାଂଶ ରୂପେ ମଧ୍ୟ ପ୍ରକାଶ ପାଇ ଆସୁଥିଲା । ପରେ ସ୍ପଷ୍ଟ ଓ ନିରାଲଂବ ସ୍ଥାନୀୟ ଆଂଚଳିକ ପ୍ରାକୃତରେ ପ୍ରକାଶ ପାଇଲା । ସାରଳା ମହାଭାରତ ସେଇ ପରି ଏକ ଉଦ୍ୟମ । ଏ ଏକ ବିରାଟ ଉଦ୍ୟମ । ଏହା ଏଅନ୍ୟ ଉଦ୍ୟମ ଭିତରେ ଅତି ପ୍ରାଚୀନ । ସଂଭବତଃ ଏହା ପ୍ରାଚୀନତମ ପ୍ରାକୃତ ମହାଭାରତ । ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ ଯଥାର୍ଥ ଲେଖିଛନ୍ତି, "ସାରଳାଦାସଙ୍କ ପୂର୍ବରୁ, ଅର୍ଥାତ୍, ପଞ୍ଚଦଶ ଶତାବ୍ଦୀ ପୂର୍ବରୁ ଉତ୍କଳ, ବଙ୍ଗ, ମଗଧ, କିଂବା ପ୍ରାଚୀନ ଭାରତର କୌଣସି ଭାଷାରେ ଏତେ ବଡ ମୌଳିକ ଗ୍ରନ୍ଥ ଏତେ ସୁନ୍ଦର ଭାବରେ ଲେଖା ହୋଇନାହିଁ । ସାରଳାଦାସଙ୍କ ମହାଭାରତ କେବଳ ଓଡ଼ିଶାର ନୁହେଁ, ସମଗ୍ର ଭାରତର ଏକ ବିଶିଷ୍ଟ ଆଦରଣୀୟ ଗ୍ରନ୍ଥ ।" ଏହା 'ଜୟ' ପୀଠରେ ଲିଖିତ । କୁରୁ ପାଣ୍ଡବ ଯୁଦ୍ଧରେ ପାଣ୍ଡବଙ୍କ ଜୟରେ ଧର୍ମର ବିଜୟ ଦେଖାଇବା ଛଡ଼ା ଏଥିରେ ବ୍ୟାସଙ୍କ ମହାଭାରତର ଆଉ ବିଶେଷ ସଂବନ୍ଧ ନାହିଁ । ଅତଏବ ସଂସ୍କୃତ ମହାଭାରତର ବିଷୟ ବିନ୍ୟାସ, କିଂବଦନ୍ତୀ ସଂଗ୍ରହ, ବା ସେହି କିଂବଦନ୍ତୀମାନଙ୍କର ପ୍ରକାଶ-ପ୍ରଣାଳୀ ଓ ପ୍ରକାର ସଂଗେ ସାରଳା ମହାଭାରତର ସେଇ ସେଇ ବିଷୟ ଓ ବିଷୟାଂଶମାନ ତୁଳନା କରି ଦେଖାଇ ସତ୍ୟାସତ୍ୟ ନିରୂପଣ କରିବାର ଅର୍ଥ କିଛି ନାହିଁ । 'ଶ୍ୱେତ' କେବେ ମଲେ, ଭୀଷ୍ମ କେଉଁଦିନ କଅଣ କଲେ, କେତେଦିନ ଯୁଦ୍ଧ କଲେ, ଅଶ୍ୱାତ୍ଥାମା ଶେଷ ରାତିରେ ସେନାପତି ହୋଇ କି କି କର୍ମରେ ମାତିଲେ

Digitized by srujanika@gmail.com

ସ୍ବତନ୍ତ୍ର ନିରର୍ଥକ ଆଲୋଚନା ଆମ ସାହିତ୍ୟ ବିଶ୍ବରରେ ବିଶେଷ ଦରକାର ନାଇ । ସଂସ୍କୃତ ମହାଭାରତର ବିଷୟ ଓ ଆଖ୍ୟାନ-ମାନଙ୍କର ବିନ୍ୟାସ ଭଙ୍ଗୀ ଓ ସେ ସବୁର ଅଭିମୁଖ୍ୟ ଓ ଉଦ୍ଦେଶ୍ୟ ସଂଗେ ସାରଳା ମହାଭାରତ ଲେଖାର ବିଷୟ, ବିଷୟାଂଶ ଓ ସଂଗୃହୀତ ଆଖ୍ୟାନ ସବୁର ଭଂଗୀ, ଅଭିମୁଖ୍ୟ, ଉଦ୍ଦେଶ୍ୟ ଓ ସେ ଦୁଇ ଲେଖାରେ ଲେଖକ ରଚଣି ତଥା ପ୍ରତିଷ୍ଠିତ ଅଗ୍ରହର ଯେ ଅର୍ଥବ୍ୟାପ୍ତି ଓ ପ୍ରାଣ ପ୍ରକାଶ ପାଇଛି, ତାହାହିଁ ଏଠା ସାହିତ୍ୟିକ ଆଲୋଚନାର ପ୍ରଧାନ ଉପାଦାନ । ସେଇଥିରେ ଓଡ଼ିଆ ସାହିତ୍ୟର ବଶିଷ୍ଟତା କିଛି ପ୍ରକାଶ ପଡ଼ିଲେ, ତା ଦେଖି ଦେଖାଇ, ପ୍ରାକୃତ ଓଡ଼ିଆ ସାହିତ୍ୟର ଧାରା ଧରି ନେବାକୁ ହେବ । ଏଇ ହିସାବରେ ସାରଳା ମହାଭାରତ ତଥା ତାଙ୍କ ଅନ୍ୟ ଲେଖା ହେଉଛି ଓଡ଼ିଆ ସାହିତ୍ୟର ବିଶ୍ବକୋଷ । ସଂସ୍କୃତ ମହାଭାରତକୁ ପଦେ ପଦେ ଧରି ସେ ସେଇସବୁଇ କଥାକୁ ସେଇପରି ଭାବରେ ପ୍ରକାଶ କରିବାକୁ ଯାଇ ନାହାନ୍ତି । ବୁଝି ରଖିବା ଉଚିତ, ଏହା ଓଡ଼ିଆ ମହାଭାରତ; ସଂସ୍କୃତ ମହାଭାରତ ଆଦୌ ନୁହେଁ ।

## ସାରଳାଦାସଙ୍କ ଲେଖାର ସ୍ଥିତି ଓ ପରିସର

ଯେତେଦୂର ଜଣାଯାଏ, ଏବର ଓଡ଼ିଆ ଅକ୍ଷର ପୂର୍ଣ୍ଣ ପ୍ରକାଶ ପାଇଥିଲା, ସାରଳା ଦାସଙ୍କ ସମୟରେ । କପିଳେନ୍ଦ୍ର ଦେବଙ୍କ ପୂର୍ବରୁ ଓଡ଼ିଆ ଅକ୍ଷର ଏପରି ଗୋଲ ଗୋଲ ହୋଇ ସମାନ ବର୍ତ୍ତୁଳାକାର ପାଇ ନ ଥିଲା । ଏଥିରୁ ମନେ ହେଉଛି, ଗଂଗସମ୍ରାଟ-ମାନଙ୍କ ପରେ କପିଳେନ୍ଦ୍ର ଦେବଙ୍କ ସ୍ଥିତି କାଳରେ ଓଡ଼ିଆ ଭାଷାରେ ତାଳପତ୍ର ଲେଖାର ସ୍ରୋତ ପ୍ରବଳ ଭାବରେ ଛୁଟିଥିଲା । ଓଡ଼ିଆ ଜୀବନରେ ଏହା ଗୋଟାଏ ଅଭ୍ୟୁଦୟ-ଯୁଗ । ସବୁଠାରେ

Digitized by srujanika@gmail.com

ଯେପରି, ଏଠାରେ ସେଇପରି ଏ ଚତୁର୍ଦ୍ଦଶ ଶତକରେ ଷୋଡ଼ଶ ଶତକରେ କାଳି ଅନ୍ଧାର ପରି ଜାତୀୟ ଜୀବନରେ ଗୋଟାଏ 'ଅନ୍ଧକାରର କାଳିମା ଘୋଟିଥିଲା । ସେଇ ଅନ୍ଧକାର ଖୋଳିବାକୁ ଦେଲେ ସମାଜ ଉପରେ ଗଂଗକାଳର ବୈଷ୍ଣବ ଓ ଦେବୀଭକ୍ତି ଓ ତା ପୂର୍ବର କୋଶଳ କେଶରୀମାନଙ୍କ କାଳର ଶୈବ ପ୍ରଭାବର ପରଂପରା ମନକୁ ଆସେ । ସାରଳା ଦାସ ହେଉଚନ୍ତି ଦେବୀଙ୍କର ଦାସାନୁଦାସଭକ୍ତ, ପୁଣି ଜଗନ୍ନାଥଙ୍କୁ ସେ ବୁଦ୍ଧଙ୍କର ଦେହ ସମସ୍ତ ମହାଭାରତରେ ଏବଂ ଜଗନ୍ନାଥଙ୍କ ଧର୍ମ-ପରଂପରା ବୋଲି ଦେଖାଇଚନ୍ତି । ପୁଣି ଯେ କୌଣସି ଦେବଦେବୀଙ୍କ ନାମ ଯେ କୌଣସି ପ୍ରସଙ୍ଗରେ ପଡ଼ିଗଲେ, କାବ୍ୟ ସଙ୍ଗତ ଭୁଲି ସେ ସେଇଠାରେ ସ୍ତୁତିରେ ମାତି ଯିବାର ବହୁବାର ଦେଖାଯାଏ । ସେଥିରେ ପୁଣି ସେଇ ଦେବଦେବୀଙ୍କ ସମ୍ପର୍କରେ ଥିବା ଯାବନ୍ତ ପୁରାଣ କଥାର ସଙ୍କେତ, ସେ ସ୍ତୁତିମାନଙ୍କରେ ପୂର୍ଣ୍ଣ ରହୁଥାଏ । ପ୍ରତି ସ୍ତୁତିରେ ନୂଆ ନୂଆ ପୁରାଣକଥାକୁ ଲକ୍ଷ୍ୟ କରି କହିବାର ଉଦ୍ୟମ ମଧ୍ୟ ବେଶ୍ ବାରି ହୁଏ । ସେ ନିଜକୁ ଯେତେ ମୂର୍ଖ ଓ ଶୂଦ୍ର ବୋଲି କହି ଦୀନତା ପ୍ରକାଶ କଲେ ମଧ୍ୟ ପୁରାଣ ପ୍ରବଚନରେ ତାଙ୍କର ଅସାଧାରଣ ଜ୍ଞାନ ଥିଲା । ସେ କାଳରେ ଶୂଦ୍ର, ଅର୍ଥାତ୍, ଦେଶର 'ସାଧବ' ଜନଙ୍କ ଭିତରେ ଏଇ ପୁରାଣ କହିବା ଓ ପୁରାଣ ଶୁଣିବାର ସମାଜର ଏକମାତ୍ର ଶିକ୍ଷା ଓ ସାହିତ୍ୟ ସାଧନା ଥିବାର ଅନୁମାନ ହୁଏ । ହଠାତ୍ କହିଁକି ପ୍ରାକୃତ ଜନର ଏଇ ସାଧନାର ମହାକାବ୍ୟ ଏଡ଼େ ଛୁଟିଲା ଯେ, ଘରେ ଘରେ ଯେପଟକୁ ଖେଦା ଲେଖା ଗଲା, ଅକ୍ଷର ଗୋଲ ହୋଇ ବସିଗଲା । କଥାଭାଷା ଲେଖାକୁ ଆସିଲେ, ସେଥିରେ କ୍ରମେ ସାର୍ବକାଳିକତା ଓ ସାର୍ବଜନୀନତା ପୂରିବା ସ୍ୱାଭାବିକ । ଅକ୍ଷର ବସିଯିବା ସଙ୍ଗେ ସଙ୍ଗେ, ଭାଷା ମାର୍ଜିତ ହେବାର ଆରମ୍ଭ ହେଲା ।

Digitized by srujanika@gmail.com

ବାଲେଶ୍ୱର, ମେଦିନୀପୁରର ଭାଷା ଓ ପୁରୀ, ଗଂଜାମର ଭାଷାରେ ଭେଦ ଲୁଚିଗଲା । ସେତିକବେଳକୁ କପିଳେନ୍ଦ୍ରଙ୍କ ବିରାଟ ସାମ୍ରାଜ୍ୟ—ମଧ୍ୟରେ ପୁଣି ସେ ଶିଳାରେ ଲେଖି ସର୍ବ ସମକ୍ଷରେ ପ୍ରଚାର କରୁଛନ୍ତି, "ଶ୍ରୀ ଜଗନ୍ନାଥ ମୋହର ରାଜ୍ୟ ଅଭ୍ୟନ୍ତର କାଣ୍ଡ, ମୋହର ଯେତେ ରତ୍ନ ପଦାର୍ଥ ଅଛି ସେ ତୋହର XXX ଏ ଭୂମିଖଣ୍ଡ ଓ ନାହାକୁ (?) ଅନୁଗ୍ରହ କରିଥା ମୋହର ସେ କେବେ ନୁହେ ।" ଏଇ ସ୍ଥିତି ଓ ପ୍ରାଣପ୍ରବାହର ଏଇ ପରିସର ଭିତରେ ଫୁଟିଥିଲା ସାରଳା ଦାସଙ୍କ ଲେଖା ।

## ସେକାଳ ଓଡ଼ିଆ ଗଦ୍ୟ—ନରସିଂହଦେବଙ୍କ ଶିଳାଲିପି

ଛନ୍ଦ କଥା ପୂର୍ବ କୁହାଯାଇଛି (ପୂର୍ବେ ପୃ ୯୪-୯୫ ଦେଖ)। ସାରଳା ଦାସଙ୍କ ବେଳକୁ ଓଡ଼ିଆ ଗଦ୍ୟ ପରିପୁଷ୍ଟ ହୋଇ ଯାଇଥିଲା । ଗଂଗସମ୍ରାଟ୍ ନରସିଂହଦେବ ( ଖ୍ରୀ ୧୨୩୮-୧୨୬୪ )ଙ୍କ ଶିଳାଲିପିରେ ସେକାଳ ତେଲୁଗୁ ସଂଗେ (ସଂଭବତଃ ତାକୁ ଓଡ଼ିଆଙ୍କ ଜାଣିବା ନିମନ୍ତେ ତାର ଅନୁବାଦ ଦେବାରେ) ଯେଉଁ ଓଡ଼ିଆ ଦାନପତ୍ରଟି ମିଳୁଛି, ତାକୁ ଦେଖି ମୋର ଗୋଟିଏ କଥା ମନେ ପଡ଼ୁଥିଲା । ପ୍ରାୟ ପଚିଶ ବର୍ଷ ତଳେ 'ସାକ୍ଷୀଗୋପାଳ' ରେଳ ଷ୍ଟେସନରେ ସାଇନ ବୋର୍ଡପଟାରେ 'ସାକ୍ଷୀଗୋପାଳ' ନାମଟି ଓଡ଼ିଆରେ ଲେଖିବାର ବ୍ୟବସ୍ଥା ହୋଇଥିଲା । ସେତେବେଳେ ଖଡ୍ଗପୁରଠାରୁ ବିଶାଖାପଟ୍ଟଣା ବା ୱାଲଟେଆର ଯାଏ ରେଲ ବାଟ ଚଳାଉଥିଲେ, ଇଷ୍ଟକୋଷ୍ଟ କଂପାନୀ ବୋଲି ଗୋଟିଏ ନୂଆ କଂପାନୀ । ପରେ ସେ ବେଙ୍ଗଲନାଗପୁର କଂପାନୀକୁ ତା ବିକିଦେଇ ଯାଇଥିଲେ । ସେଇ ଇଷ୍ଟକୋଷ୍ଟ କଂପାନୀର କୁଲି କର୍ମସ୍ଥ କାରିଗର ସମସ୍ତେ ଥିଲେ, ତେଲୁଗୁ ଓ କେତେକ ସାମାନ୍ୟ

Digitized by srujanika@gmail.com

କର୍ମଚାରୀ ମାତ୍ର ଥିଲେ, ବଙ୍ଗାଳୀ। 'ସ୍ୟାଣ୍ଡଗାପ୍ୟାଲ' ଏଇ କେତୋଟା ଅକ୍ଷର ଓ ମାଙ୍ଗା କାଗଜରେ ଲେଖା ହୋଇ ଆସିଥାଏ ଓ ଗୋଟାଏ ବଡ଼ କାଗଜରେ ମୋଟା ମୋଟା ଅକ୍ଷରରେ 'ସ୍ୟାଣ୍ଡଗାପ୍ୟାଲ' ଶବ୍ଦଟି ଲେଖାହୋଇ ଆସିଥାଏ। ଦୁଇଦିନ ବାଦ କର୍ମଚାରୀମାନେ ଷ୍ଟେସନ ପ୍ଲାଟଫର୍ମରେ ପଟାଗୁଡ଼ିକରେ ତାକୁ ଯୋଡ଼ଯୋଡ଼ କରିବାର ଫଳରେ 'ମ୍ୟାଣ୍ଡଗେପ୍ୟାଲ'। ତାହାର ସାଇନ୍ ବୋର୍ଡ଼ରେ ଖୋଲାଇ ଦିଆ ହୋଇଥିଲା। ଅଥଚ ସେ ଲେଖାରେ ଅକ୍ଷରର କୌଣସି ବର୍ଗ ବା ସମ୍ବନ୍ଧ ଜ୍ଞାନ ନ ଥିଲା। ସେଇପରି 'ଖୁରଦ୍ଧ୍ୟାରୋଡ୍' 'ଭୁବନେଶ୍ୱର' ପ୍ରଭୃତି ଓ ଅନ୍ୟାନ୍ୟ ଅନେକ ଷ୍ଟେସନରେ ଓଡ଼ିଆ ଲେଖା ପୂର୍ବେ ଯେ ଦେଖିଥିବେ ତାଙ୍କ ମନେ ଥିବ। ସବୁଠାରେ ଇଂରାଜୀ ସୁନ୍ଦର ଅକ୍ଷରରେ ସୁନ୍ଦର ଭାବରେ ସେଇ ନାମଗୁଡ଼ିକ ତେଲଗୁ ଓ ବଙ୍ଗଳାରେ ଲେଖା ଥାଏ। ନରସିଂହ ଦେବଙ୍କ ଦାନପତ୍ରର ଓଡ଼ିଆ ଲେଖାଟି ଠିକ୍ ସେଇ ଧରଣର। ଲେଖିବା ଲୋକ ଓଡ଼ିଆ ଲେଖି ଜାଣି ନ ଥିଲା, କି, ହୁଏତ ଓଡ଼ିଆ ତା ମାତୃଭାଷା ନ ଥିଲା। ତଥାପି ଲିପିଟି ଯାହା ପଢ଼ା ହୋଇଛି, ତାକୁଇ ଦେଖିଲେ ମଧ୍ୟ ଜଣାଯାଏ, ଓଡ଼ିଆ ଗଦ୍ୟ ସେତେବେଳକୁ ପରିସ୍ଫୁଟ ହୋଇଯାଇଛି।

## ମାଦଳା ପାଞ୍ଜିରେ ନରସିଂହ ଦେବ

ସମସ୍ତ ପ୍ରସ୍ତାବ ବୋଲି ମାଦଳା ପାଞ୍ଜିରୁ ଯେଉଁ ଅଂଶ ଉଦ୍ଧାର କରା ଯାଇଛି (ଦେଖ ଓଡ଼ିଆ ସାହିତ୍ୟର ପରିଚୟ ପୃ ୬୦, ୭୧), ତା ଭିତରୁ ନରସିଂହ ଦେବଙ୍କ ସମ୍ପର୍କରେ ଲେଖା ନୁହେଁ। ଉଦ୍ଧୃତାଂଶରେ ଅଛି—"ଏ ମହାରାଜାଙ୍କ ଦ୍ୱିତୀୟ ଅଙ୍କେ ଜଗନ୍ନାଥ ଦେଉଳ ଶୁଭ ଦେଲେ। × × × ଜଣେ ବୃଦ୍ଧ ଶିବାଇ ସାନ୍ତ-ରାଙ୍କୁ ବୋଇଲେ ବାବୁ ଠାକୁରାଣୀଙ୍କ ପ୍ରସାଦରୁ ଜନ୍ମି ପାଇବ କି?

Digitized by srujanika@gmail.com

ଏ ବୋଇଲେ ଦଅ । ସେଠାରୁ ସେ ଖିର ଘଡ଼ରେ ଦେଲେ । ଏ ଖିର ମଝିରୁ ହାତ ପୂରେଇ ଖାଇଲା ବେଳକୁ ହାତ ପୋଡ଼ିଲା । ଏଥିପାଇଁ ସେ ବୃଦ୍ଧ କହିଲେ ଶିବାଇ ସାଅନ୍ତରା ଦେଉଳ ଢୋଳା ସବୁ କଲେ । ସେ ବୋଇଲେ ଶିବାଇ ସାଅନ୍ତରା କପର ଦେଉଳ ଢୋଳାଇଲା କ ? ତହିଁକି ସେ ବୋଇଲେ ପଥର ଗଣ୍ଡ ମଝିରୁ ପକାଇବାରୁ ସପର ଗିଡ୍ଡ ଅଛି । ଏ ପଥର ସ୍ଥିର ପାଖରୁ ପକାଇ ମୁଦଗେ ଏ ଦେଉଳ ହୋଇବ । ଏହା ଶୁଣି ଶିବାଇ ସାନ୍ତରା ଏହି ପ୍ରକାର ସ୍ଥିର ଖାଗିରୁ ମୁଦ ଏତ ଟବ ଭଦ୍ର ଦେଉଳ କଲେ । ମୃଗଶାଳୀ କଲେ । ଏ ରଜାଙ୍କ ୨୨ ଅଙ୍କ ମକର ପଞ୍ଚମୀ ଶୁକ୍ଳପକ୍ଷ ଗୁରୁବାର ଦିନ ଦେଉଳ ପ୍ରତିଷ୍ଠା କଲେ ।” ଏ କଥା ଅନ୍ୟ ପ୍ରକାରରେ ଦେଖିଲେ ମଧ୍ୟ ଏତେ ପ୍ରାଚୀନ ନ ଥିବାର ବହୁତ କାରଣ ଅଛି । କପିଳେନ୍ଦ୍ରଙ୍କ ଶିଳାଲିପି ତଥା ପୁରୁଷୋତ୍ତମ ଦେବ, ପୋତେଶ୍ୱର ଭଟ୍ଟଙ୍କୁ ଦେଇଥିବା ଦାନ ଲିପିରୁ ଏହା ଅର୍ବାଚୀନ । ମାନ ବିରୁଦ୍ଧଧାରାକୁ ସେତେ ହିରକୁ ନ ଆଣି କୁହାଯାଇ ପାରେ, ଏ ଲେଖାଟି ବୌଦ୍ଧ ଜାତକର ଗୋଟିଏ ଗଳ୍ପର ଅନୁକରଣ । ରଜା ଯୁଦ୍ଧରେ ଶତ୍ରୁଠାରୁ ପରାଜିତ ହୋଇ ଲୁଚି ଲୁଚି ପଲ୍ଲୀ ଗୃହସ୍ଥଘରେ ପିଠା ବା କିଛି ସେବନ କାର୍ଯ୍ୟ କରିବା ବେଳେ ମଝିରୁ ପିଠାଧରି ଭାଙ୍ଗିଖାଇ ଟେକିବାରେ ହାତ ପୋଡ଼ି ଯିବାରୁ ଗୃହସ୍ଥଘର ବୁଢ଼ୀ ରଜାଙ୍କୁ ଏଇପରି କହିଥିଲେ, ‘ଆପଣଙ୍କ ମଝିରୁ ପଶି ଶତ୍ରୁ ସୈନ୍ୟଙ୍କୁ ଆକ୍ରମଣ କଲାପରି ଏ କାହିଁକି କରୁଛ, ବାବୁ ?’ ରଜା ସେଇଥିରୁ ସଙ୍କେତ ପାଇ ପୁଣି ଯୁଦ୍ଧକୁ ଗଲେ ଓ ଗୋଟିଏ ପାଖୁ ଆକ୍ରମଣକରି ଜିତିଲେ । ଏକଥା ସ୍କୁଲ ପିଲାଙ୍କ ପାଠରେ ଅଛି । ସେମାନେ ପୁରସ୍କାର ବଣ୍ଟନ ସମୟରେ ଅଭିନୟ କରୁଥାନ୍ତି । ଏହା ପୁଣି ସେପଟେ ଭାରତୀୟ କଥା ନୁହେଁ—ଇଉରୋପୀୟ ପ୍ରାଚୀନ ଆଖ୍ୟାୟିକା ।

Digitized by srujanika@gmail.com

ପୃଥିବୀର ସେଇ ପ୍ରାଚୀନ ଗଳ୍ପଟି ଶିବେଇସାଆନ୍ତରାଙ୍କ ଜାତି ଓଡ଼ିଆର
ଲଗାଇ ଦିଆ ହୋଇଛି । ଏ ଗଳ୍ପଟି ପୁଣି ଲୋକରେ ପ୍ରଚଳିତ ।
ସେଥିରେ ପୁଣି ଠାକୁରାଣୀ ନାହାନ୍ତି, କି ତାଙ୍କ ବୁଢ଼ା ପୂଜାରୀ ନାଇ ।
ଠାକୁରାଣୀଙ୍କୁ ଭୋଗ ଲାଗିଥିବା ଖାଜା ବା ଦହି ଥିବ କିଆଁ ?
ପ୍ରଚଳିତ କିଂବଦନ୍ତୀରେ ତା ହେଉଛି, ମନ୍ଦିର ଶୁଭଦେବାଙ୍କ
ଅକୃତ ଦର୍ଶନିହାଇ ବାସ୍ତୁସର ଭୋକ ଶୋଷ ନମାନି ବୁଲୁଥିବା
ଶିବେଇସାଆନ୍ତରା ଭୋକିଲା ହୋଇ ହଠାତ୍ ଯାଇ ଖାଜା ବାନ୍ଧୁଥିବା
ଗୋଟିଏ ବୁଢ଼ୀକୁ ଖାଇବାକୁ ମାଗିବାରୁ ସେ ଅବଜ୍ଞାରେ ମୋଡ଼ା ଖଣ୍ଡ
ପକାଇ ଦେଇ ଚୁଲିପଟେ ଥିବା ଖାଜାରୁ ସବୁରେ ବାଡ଼ିଦେଲା ।
ଏପରି ଏକାପରି ଘଟନା ସବୁଆଡ଼େ—ଏପରିକି ଆମ ପ୍ରତ୍ୟେକଙ୍କ
ଗାଁଆରେ—ଘଟିଥିବାର କିଂବଦନ୍ତୀ ଅନେକ ଅଛି ।

**ଏବ ମାଦଳା ପାଞ୍ଜି ସେଇ ଅଂଶରୁ ପ୍ରାଚୀନ ନୁହେଁ**

ଏଇ ଶିବେଇ ସାଆନ୍ତରାଙ୍କ ଖାଜାଖାଇ ବୁଝିଥିବା ଅଂଶଟିରୁ
ଅନ୍ତତଃ ଜଣାଯାଏ ଲେଖାଟି ଘଟନାର ସମସାମୟିକ ନୁହେଁ ।
ପୁଣି କୋଣାର୍କ ମନ୍ଦିର ତୋଳିପାରିବା ଭଳି ଗଠନ କଳାପ୍ରବୀଣ
ବ୍ୟକ୍ତି ପକ୍ଷରେ ଏପରି ଗୋଟିଏ ଜାନପଦ-ସୁଲଭ କଳ୍ପନା ଖାଲି
କଳ୍ପନା ଛଡ଼ା ଅନ୍ୟ କିଛି ହୋଇ ନ ପାରେ । ମାଦଳାପାଞ୍ଜିର
ସେକାଳ ଘଟନାର ଉଲ୍ଲେଖମାନ ନାନାଆଡ଼ୁ ବିଚାର କରି
ପଣ୍ଡିତମାନେ ସେଥିପାଇଁ ଠିକ୍ କହୁଛନ୍ତି, ଏବେ ମିଳୁଥିବା
ମାଦଳାପାଞ୍ଜିର କୌଣସି ଲେଖା ଭୋଇବଂଶ ପ୍ରଥମ ରାମଚନ୍ଦ୍ର ଦେବ
( ଖ୍ରୀ ୧୫୯୨—୧୬୦୭ )ଙ୍କ କାଳରୁ ପ୍ରାଚୀନ ନୁହେଁ ।

**ଚଇନିଙ୍କ ଚକଡ଼ା**

ଏଇସବୁ ବିଷୟ ଓ ସିଦ୍ଧାନ୍ତର ଅନ୍ୟ ଗୋଟିଏ ଦୃଷ୍ଟାନ୍ତ
ଦେଖ । ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ ଏଣେ ନିଜ ଓଡ଼ିଆ ସାହିତ୍ୟର

Digitized by srujanika@gmail.com

ସତ୍ୟବାଦୀ ପୁସ୍ତକ (ପ୍ରଥମ ଭାଗ) ୨ୟ ( ୨ୟ ସଂସ୍କରଣ ପୃ-୧୬୨ ଠାରୁ ଦେଖ ।)'ରଘୁନାଥ ଚକଡ଼ା'ବୋଲି ଏକ ପ୍ରାଚୀନ ତାଳପତ୍ର ଲେଖା ପୁସ୍ତକରୁ କେତେକାଂଶ ଉଦ୍ଧାର କରିଅଛନ୍ତି । ସେ କହନ୍ତି, ସେ ପୁସ୍ତକଟି ସୂର୍ଯ୍ୟବଂଶୀ ପୁରୁଷୋତ୍ତମ ଦେବଙ୍କ କାଳର । ମାତ୍ର ତା ନୁହେଁ; ହୋଇ ନ ପାରେ । ଏହାର ପ୍ରମାଣ ସେଇ ଉଦ୍ଧୃତାଂଶ ଭିତରେ ମଧ୍ୟ ରହିଛି । "ଶ୍ରୀପୁରୁଷୋତ୍ତମପୁର ଦୁର୍ଗଖଣ୍ଡି ଦକ୍ଷିଣ ପାଖ ଖୋଡ଼ରମଲ୍ଲ ସାହି" (ଏଜନ ପୃ. ୧୬୭ ) ଭଳି ନାମାଦର ପ୍ରୟୋଗରୁ ଜଣାଯାଏ ଏହା ପ୍ରଥମ ରାମଚନ୍ଦ୍ର ଦେବଙ୍କ ପୂର୍ବ ଲେଖା ନୁହେ । ଶାସନର ଖଣ୍ଡି ଓ ଖଣ୍ଡିର ଦକ୍ଷିଣ, ଉତ୍ତର ସାହି ଏଇ ରାମଚନ୍ଦ୍ର ଦେବଙ୍କ ପୂର୍ବରୁ ନ ଥିଲା । ପୁଣି ଏଇ ରାମଚନ୍ଦ୍ରଙ୍କ ସମସାମୟିକ ଖୋଡ଼ରମଲ୍ଲଙ୍କ ଛଡ଼ା ଆଉ କେଉଁ ଖୋଡ଼ରମଲ୍ଲଙ୍କ ନାମ ଏଠି ଲକ୍ଷିତ, ତା ବି ଅନୁସନ୍ଧେୟ । ହଁସା, ଜିମା, ମାଫିକେ, ଜମା ପ୍ରଭୃତି ଅଣଓଡ଼ିଆ ଶବ୍ଦ ସେତେବେଳକୁ ଚଳିଯାଇଥିଲା ବୋଲି କହିବାରେ 'ପ୍ରମାଣ ବୋଲି ଧରିନେବା ବସ୍ତୁକୁ ପ୍ରମାଣ ବୋଲି ବାଢ଼ିବା'ର ସ୍ୱକ୍ତଦୋଷ ହୁଏତ ଅଛି । ରଘୁନାଥ ରଘୁନା ଯେ ହୁଅନ୍ତୁ ସମ୍ଭବତଃ ସେ ଥିଲେ ଏକ ବଦାନ୍ୟାଗ୍ରଗଣ୍ୟ ଇଚ୍ଛାଗ୍ରଣୀ । "ଲିଖିତଂ" ( ଏଜନ ପୃ. ୧୭୦, ମଧ୍ୟାଂଶ ) ପ୍ରୟୋଗଟି ଏଥିପାଇଁ ଦେଖ । ଉକ୍ତ "ଖୋଡ଼ଂମଲ୍ଲ ସାହି ନିବାସୀ ବାମଦେବ ପାଣି ଆଗ ଦୁଆରେ ଜଟାଧର ଦୀକ୍ଷିତଙ୍କ ସଙ୍ଗେ କଳିକରି ଘରକୁ ପଶିଗଲା ବେଳକୁ ଦୁଆର ବନ୍ଧରେ ମୁଣ୍ଡ ବାଜିବାରୁ କହିଲେ,'ପୋଡ଼ପାଞ୍ଜ' । ସଙ୍ଗେ ସଙ୍ଗେ ଦୁଆରବନ୍ଧ ଜଳିଗଲା । ମାଇପ ଗାଳି ଦବାରୁ ପୁଣି ସେ କହିଲେ 'ଲିବଵ'; ନିଆଁ ଲିଭିଗଲା ।"

ଜାତିସ୍ମରତ୍ୱ

ପୁରୁଷୋତ୍ତମ ଦେବ ନିଜେ 'ଜାତିସ୍ମର' ବୋଲି ନିଜକୁ ଚିତ୍ରିତ କରି ପୂର୍ବଜନ୍ମରେ କଅଣ 'ଲେଖିତ' ବଢିଥିଲେ,

Digitized by srujanika@gmail.com

ବହୁଯାଜଚନ୍ଦ୍ର ( ଏକନ ପୃ. ୧୫୬), "ଅମ୍ଭେ ପୂର୍ବ ଜନ୍ମରେ କଳ୍ପିତ କରିଅଛୁ ଏତେ କଥା । ରାଜା ହୋଇବୁ ବୋଲି କଳ୍ପିତ କରିଥିଲୁ । ଶ୍ରୀଦେବଙ୍କ ଆଜ୍ଞାରୁ ରାଜା ହେଉଛୁଁ । ଆଉ ଆଜ ଛନଗୋଟି କଥା ।...ଛଅଣ ସ୍ତ୍ରୀଗର୍ଭର ଶାସନ ବସାଇବା । ପଦ୍ମେ ସ୍ୱର୍ଣ୍ଣର କଷ୍ଟାଇବା । ଲକ୍ଷ (?) ସ୍ତ୍ରୀ ହରିବା । ଏ ସମେ ଏ ଗୁହ-କଥା କଳ୍ପିତ ହୋଇଥିଲୁ ।" ଏ ଲେଖାର କେଉଁ ସୂଚନାଟି ସୂର୍ଯ୍ୟ-ବଂଶୀ ପୁରୁଷୋତ୍ତମ ଦେବଙ୍କର ? ଏ ନିଶ୍ଚୟ ବହୁ ପର କାଳର— ଭୋଇବଂଶୀ ନରସିଂହଙ୍କ ଭଳି କୌଣସି ତାଂତ୍ରିକ-ବାମାଚାର-ପନ୍ଥୀର-ଗ୍ରସ୍ତଙ୍କ କାଳର ଲେଖା । ଏଇସବୁ ଶାସନ ବସାଇବା, ଦେଉଳ ତୋଳାଇବା ଓ ପରବର୍ତ୍ତୀ କୌଣସି କୌଣସି ଛତ୍ରରାଜା ଓ ରାଜାନାମୀ ଜମିଦାରଙ୍କ ପରି କୁତ୍ସିତ ତାମାଚ୍ଛରଙ୍କ ଉପଦେଶ ମନ୍ତ୍ରେ ମୁକ୍ତି ପାଇବାର ସାଧନ ରୂପେ ଲକ୍ଷେ ସ୍ତ୍ରୀ ହରିବା, ହରି-ହର ଚତୁରଂଗ ଖେଳିବା ଗୋଦାବର ମହାପାତ୍ରଙ୍କ ପରି ଅଷ୍ଟ-ଅଷ୍ଟାରେଶ୍ୱରୀଙ୍କ ଠାରେ ବିଧି ଓ ସେନା ବନ୍ୟାଧ କୌଶଳରେ ଭଟେଶଙ୍ଖମାନଙ୍କୁ ସଂଗେ ଦେଇ କାଂଚି ଜିଣିଥିବା ପୁରୁଷୋତ୍ତମ ଦେବଙ୍କ କାର୍ଯ୍ୟ ହୋଇ ନ ପାରେ । ପୁଣି ସେଇ ପୂର୍ବ ଜନ୍ମ 'କଳ୍ପିତ' ଅନୁସାରେ ଶ୍ରୀଲକ୍ଷ୍ମୀ ନୃସିଂହଙ୍କୁ କାଞ୍ଚିରେ (କି ?) ଆଣି ଶାସନରେ ବସେଇ ବସାଇବେ । ( ଏ କେଉଁ ଶାସନ ? ଖୋଜିବା ଦରକାର । ଏ ଲେଖାଟି ସେଇ ଶାସନ ଲେଖକର ହୋଇ ପାରେ ) । ତାପରେ 'ଡଳ ଓଛ' (ନିଯୋଗ)ଙ୍କ ହାତେ ଜଗନ୍ନାଥେ ଯୁଦ୍ଧରୁ କାଂଚି ଯିବାର ନିର୍ଭର ଉପାୟ ଅଣାଇ ଯାଇ କାଂଚି ଜିଣି ପଦ୍ମାଙ୍କୁ ଆଣିବା । ଏ ମଧ୍ୟ ସମସାମୟିକ ଲେଖା ହୋଇ ନ ପାରେ । ପଦ୍ମା ସ୍ତ୍ରୀ (ପଦ୍ମାବତୀ ?)ଙ୍କୁ ଆଣି ହାଣ୍ଡିକ ଦେବାପାଇଁ କାହିଁକି କଳ୍ପିତ କଲେ, ତା ଲେଖା ନାହିଁ । ମାତ୍ର ତା ବଳେ ଓ ସେଥିପାଇଁ

Digitized by srujanika@gmail.com

ମନ୍ତ୍ରୀକି ଦେଲେ । "ଯଉଁ ହାଡ଼ିକି ଯୋଗ୍ୟ ସେ ହାଡ଼ିକି ଦଇ" ବୋଲି କହି, ଛେଳି ସହର କଲାବେଳେ ମନ୍ତ୍ରୀ, ପୁରୁଷୋତ୍ତମ-ଦେବଙ୍କୁ ସେ କନ୍ୟାକୁ ଦେଲେ । ଏଭଳି କଥାଟି ନିଶ୍ଚୟ କୌଣସି କବିଙ୍କ କଳ୍ପନା—ଶୁର୍ ସଭିଁ ବହୁପରେ ଲେଖା ହୋଇଥିବା 'କାଂଚି କାବେରୀ' କାବ୍ୟ କବିଙ୍କ କଳ୍ପନା । ଏହା ସମସାମୟିକ ଲେଖା ନୁହେ । ସେଇ 'ଚଇତା'ରେ ଥିବା ମହାଶୟ ( ମହାରାଜାଙ୍କ) 'ଖିସା' ବା ଅଟଳି ଗଳ୍ପସବୁ ମଧ୍ୟ କାଳ୍ପନିକ । 'ଅଣକଅି' କଥାଟି ମଧ୍ୟ ଆମ ଗାଁଅରେ ଘଟିଥିଲା ବୋଲି ଅନେକ ଗ୍ରାମର ଲୋକେ ଏବେ ବି କହନ୍ତି । କେବଳ ପୁରୀ ଜିଲାରେ ନୁହେ, କେନ୍ଦୁଝରରେ ମଧ୍ୟ ଧନଞ୍ଜୟ ଭଞ୍ଜ ରାଜାଙ୍କୁ ନେଇ ଏ କଥା କେଉଁଠାରେ ଏକାଧିକ ଗ୍ରାମରେ ଶୁଣାଯାଏ । ପୁଣି ସେ ସବୁ ଗଳ୍ପରୁ ଜଣାପଡ଼ୁଛି, ରାଜା ଓ ରାଜ ଦରବାର ସେତେବେଳେ କି ଜଞ୍ଜାଳ ଥିଲା । ବିଦ୍ୟା, ଶାସନ, ସାମ୍ରାଜ୍ୟ ସଞ୍ଚାଳନା ଭଳି ବସ୍ତୁ ସେ ବାୟୁମଣ୍ଡଳରେ ଥିବାର ବା ଉଦ୍ଧିବାର କୌଣସି ସଙ୍କେତ ନାହିଁ । ଏଇ ସେ ଦିନର ରାଜାମାନଙ୍କ ଚରିତ୍ରର ତଥା କଥିତ ଇଂଲଣ୍ଡ-ରାଜଙ୍କ ଭରଦ-ମିଳ ଓ ଗଂଗାଧର ପ୍ରଭୃତିର ଜମିଦାରଙ୍କ ଭିତରେ ଅନେକ ରାଜାନଂମନ୍ୟଙ୍କ ତଥାକଥିତ ରାଜ ଦରବାରର ଅଭିନୟ ଏଇପରି ଥିବାର ଅନେକଙ୍କ ମନେ ଥିବ । ଏ ସବୁ ତଥ୍ୟମଧ୍ୟେ ଅନୁସନ୍ଧାନ ନ କରି ହଠାତ୍ ନାମ ସଂଯୋଗ ଦେଖି ଲେଖାର କାଳ ନିର୍ଣ୍ଣୟ କରି କୌଣସି ସାହିତ୍ୟିକ ସିଦ୍ଧାନ୍ତରେ ପହଂଚିବା ବଡ଼ ବିପଦଜନକ । ଏଠି କହିବାର କଥା, ଶିଳାଲେଖ ଛଡ଼ା, ସାରଳା-ଦାସଙ୍କ କାଳର ଗଦ୍ୟ ମିଳି ନାହିଁ । ତଥାପି ସେଇଠିକୁ ଆଗ୍ରସ ମିଳେ, ଗଦ୍ୟ ସେତେବେଳକୁ ଅସ୍ପୃଷ୍ଟ ନୁହେ । ମାତ୍ର ସେତେ-ବେଳର ତା ସମାଜଗତ-ପ୍ରକାଶର କେତେ ବହୁନସ୍ପମ, ସେ କଥା

Digitized by srujanika@gmail.com

ଜାଣି ହେଉ ନାହିଁ । ପଣ୍ଡିତ ବିନାୟକ ମିଶ୍ର ଠିକ କହନ୍ତି, ମାର୍ଜିତ ପଦ୍ୟ, ଗଦ୍ୟ ଅପେକ୍ଷା ପ୍ରକାଶ ପାଇବାର କଥା । ଓଡ଼ିଶାରେ ତା ହୋଇଥିଲା । ଏଇ ସାରଳା ଦାସଙ୍କ ସାହିତ୍ୟରେ ସେଇ କଥା, କଅଣ କପର ହୋଇଥିଲା, ଦେଖାଯାଉ ।

## ସାରଳାଦାସଙ୍କ ଦାଣ୍ଡିବୃତ୍ତ

ଓଡ଼ିଶା ସଭ୍ୟତାର ଏଇ ଅଜ୍ଞାତ ବିଦ୍ରୋହ ଓ ପୁଷ୍କଳ ପ୍ରକାଶ ବେଳେ ଗଦ୍ୟ ପ୍ରକାଶର ପ୍ରଭାବରେ ଗୋଟିଏ ପ୍ରକାର ପଦ୍ୟ ବା ପଦ୍ୟ ଭିତରେ ଗଦ୍ୟ ସୃଷ୍ଟି ହୋଇଥିଲା । ତାର ନାମ ହେଉଛି, ଦାଣ୍ଡି-ବୃତ୍ତ । ଛନ୍ଦ କଥା କୁହା ଯାଇଛି ( ପୂର୍ବେ ୯୪ ପୃଷ୍ଠାଠୁ ଦେଖ ) । ଗଂଗଯାନଙ୍କ କାଳରେ କର୍ଣାଟୀ ସଂଗୀତକୁ ଧରି ଓଡ଼ିଆଏ ଯେ ଛନ୍ଦ ସବୁ ବାହାର କରିଥିଲେ, ତା ପ୍ରାକୃତ ସାହିତ୍ୟରେ ଏକ ଅଦ୍ଭୁତ ଶାସ୍ତ୍ର କୃତ, ସତ । ମାତ୍ର ସେଥିରେ ସ୍ୱର ଓ ଅକ୍ଷର ନିୟମର କୃତ୍ରିମ ମାପର ଯେ କୌଶଳ ଓ ଚାତୁର୍ଯ୍ୟ ଅନ୍ତର୍ନିହିତ ଥିଲା, ସେଥିରେ ଜାତୀୟଭାବ ଧାରାର ଯଥେଷ୍ଟ ପ୍ରକାଶ ଅବରୁଦ୍ଧ ଓ ସୀମା-ବଦ୍ଧ ହେବାର କଥା । କପିଳେନ୍ଦ୍ର ଯୁଗବେଳକୁ ଭାବ ପ୍ରକାଶରେ ଏ ପରାଧୀନତା ଆଉ ସମ୍ଭବ ହେଲା ନାହିଁ । କ୍ରମେ ସଂଗୀତ ଓ ତା ସଂଗେ ଛନ୍ଦରୁ ଛୁଟି ଦୂରେଇ ଛାଡ଼ିଆସିଲା । ପୁଣି ପ୍ରାୟ ଶହେବର୍ଷ ପରେ ସାହିତ୍ୟରେ ପରାଧୀନତା ପଶିବାପାଏ ତା ଆଉ ମୁଣ୍ଡ ଟେକ ପାରି ନାହିଁ । ପାଠଶୁଦ୍ଧିଆ ଲୋକେ ପୁଣି ଗଦ୍ୟକୁ ବା ପଦ୍ୟକୁ ପ୍ରକୃତ ସାହିତ୍ୟ ପ୍ରକାଶକ୍ଷମ ରୂପ ଦେବାରେ ମନ ଦେଲେ ନାହିଁ, କି ମମତା ଦେଖାଇଲେ ନାହିଁ । ଜଗନ୍ନାଥସେବକ ଗଜପତି କପି-ଳେନ୍ଦ୍ର ଭ୍ରମରବରଙ୍କ କାଳର ଲୋକ-ସାହିତ୍ୟର ପ୍ରସାର ସାଧୁ-ନତାର ଚୈତନ୍ୟଙ୍କ ପୂର୍ବପୁରୁଷ ଉପେନ୍ଦ୍ର ମିଶ୍ରଙ୍କ ସଂଗେ ବ୍ରାହ୍ମଣ-ମାନେ ଯାଜପୁର ଛାଡ଼ି, ସେକାଳର ପ୍ରସିଦ୍ଧ ହୁନ୍ଦୁ-ଭନ୍ତ-ଓ ଚୌଦ୍ଧ

Digitized by srujanika@gmail.com

ଜନ୍ମ-ଭୂମି 'ଶ୍ରୀକ୍ଷେତ୍ର' ବା ଏକ ପିଲେଟ୍‌କୁ ପଚାଇ ପାଇଥିବା କଥାଟି ମଧ୍ୟ ସ୍ମରଣୀୟ । ଏତେକବେଳେ ଲେଖକଙ୍କ ଭିତରେ ଗଦ୍ୟକୁ ପଦ୍ୟ କରି ଗଦ୍ୟ ପରି ପଢ଼ିବା ଓ ସେଇପରି ଗାଇବାର ଗୋଟିଏ ଧାରଣା ସୃଷ୍ଟି ହୋଇଛି । ତା ହେଉଛି ଆମ ଦାଣ୍ଡିବୃତ୍ତ । ଏହା ଚଉଦ ଅକ୍ଷର ପାଦରେ ନିଯୁକ୍ତ ହୋଇଥିବ ହେଲେହେଁ, ଭାବ ଉଚ୍ଛ୍ୱାସର ସ୍ୱାଭାବିକ ଅଭିବ୍ୟକ୍ତି ପ୍ରକାରରେ ମଝିରେ ମଝିରେ କୌଣସି ଅକ୍ଷର-ନିର୍ଦ୍ଧ-ମାତ୍ରା-ନିୟମରେ ଆବଦ୍ଧ ହୋଇ ରହେ ନାହିଁ; ସ୍ୱରରେ ଚଉଦ-ମାତ୍ରା ସବୁବେଳେ ଥିଲେହେଁ, ଚଉଦଟି ଅକ୍ଷର ବା ଅକ୍ଷର ସମ୍ବନ୍ଧୀ ମାତ୍ରାରେ ଏ ବୃତ୍ତ ଗତି କରେ ନାହିଁ । କବୀନ୍ଦ୍ର ଜଗନ୍ନାଥଦାସଙ୍କ ଭାଗବତ ବୃତ୍ତ ବାନ୍ଧିବା ପାଏ, ପରବର୍ତ୍ତୀକାଳ 'ଚଉପଦୀ'ର ଚଉଦ ଅକ୍ଷରୀ ପାଦ ମାପକୁ ସ୍ୱରରେ ମାନି ଭାବ ପ୍ରକାଶର ଗତି ସଙ୍ଗେ ପ୍ରକାଶକରୁ ଏଇ ଦାଣ୍ଡିବୃତ୍ତ ସୃଷ୍ଟିଥିଲ; ଅଥଚ, ଚଉଦ ଅକ୍ଷରରେ ତା ସବୁବେଳେ ବନ୍ଧୁମତେ ଧରି ନ ଥିଲା । ଚଉଦ ଅକ୍ଷରରେ ତା ପାଦକୁ ବରାବର ନିର୍ଦ୍ଦିଷ୍ଟକରି ବାନ୍ଧିଦେଲେ, ଭାବ ପ୍ରକାଶରେ ଯେ ବାଧୋଷ ଓ ବେସୁରଙ୍ଗ ହେବ, ତା ଦାଣ୍ଡିବୃତ୍ତ ବୋଲହେବା ନ ଶୁଣିବା ଲୋକକୁ ବୁଝାଇବା ସହଜ ନୁହେଁ । ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ 'ରୁଦ୍ରସୁଧାନିଧି' ପରି ଗଦ୍ୟମିଶା ଗ୍ରନ୍ଥମଧ୍ୟ ସେଇକାଳର ସେଇପରି ଏକ ପ୍ରକାର ଗଦ୍ୟରେ ପଦ୍ୟ ପ୍ରକାଶ କରିବା ଉଦ୍ୟମ । ଦାଣ୍ଡିବୃତ୍ତ ସଙ୍ଗେ ତାର ସ୍ୱର-ଭଙ୍ଗୀ-ସମ୍ବନ୍ଧ ଯେ କୌଣସି ଦାଣ୍ଡିବୃତ୍ତ ଜାଣିଥିବା ବା ଶୁଣିଥିବା ଲୋକ ବୁଝି ପାରିବେ । ସାରଳା ଦାସଙ୍କ ମହାଭାରତ ଦାଣ୍ଡିବୃତ୍ତରେ ଲେଖା ।

## ଆମ ଛନ୍ଦ ଓ ଛାନ୍ଦ ନିୟମରେ ଦାଣ୍ଡି ବୃତ୍ତର ପ୍ରଭାବ

ପ୍ରାକୃତ ବା ଦେଶୀଭାଷାର ସାହିତ୍ୟରେ ଛନ୍ଦ ଯେପରି ଓଡ଼ିଆର ଅନନ୍ୟସାଧାରଣ ବୈଶିଷ୍ଟ୍ୟ, ଦାଣ୍ଡିବୃତ୍ତ ମଧ୍ୟ ସେଇପରି ।

Digitized by srujanika@gmail.com

ଅଲବାଲ୍ ଏ ଦାଣ୍ଡି ବୃତ୍ତରେ କେହୁ ଲେଖୁ ନାହାନ୍ତି, କି କେହୁ ଦାଣ୍ଡି ବୃତ୍ତରେ ପଢ଼ୁ ନାହାନ୍ତି । ସାରଳାମହାଭାରତ ଓ ବଳରାମ ଦାସଙ୍କ ଜଗମୋହନ ରାମାୟଣ ବା ଦାଣ୍ଡିରାମାୟଣ ତାଳପତ୍ର ପୋଥିରେ ପଢ଼ାହେବା ବନ୍ଦ ହେଲା ଦିନୁ ଓ ଛାପାଖାନାରୁ ବହିର-ଅକ୍ଷର ବେଶପିନ୍ଧି ବାହାରିଲା ଦିନୁ ଅବସ୍ଥା ବଦଳି ଯାଇଛି । ମାତ୍ର ସମସ୍ତ ଛନ୍ଦ ଓ ଗୀତ ଲେଖା ଓ ରଚନାରେ ଦାଣ୍ଡିବୃତ୍ତର ଛାପ ରହିଯାଇଛି । ଆମ ଛନ୍ଦମାନଙ୍କରେ ରଚନା ବା ଲେଖାରେ ସ୍ୱରପାତ ସଙ୍ଗେ ଅକ୍ଷର ବିନ୍ୟାସ ଠିକ୍ ନାହିଁ । ସମସ୍ତ ଛନ୍ଦରେ ମୌଳିକ ପାଦନିୟମ ହେଉଛି, ଦୁଇ ଅକ୍ଷର; ତିନିଅକ୍ଷର ବା ଦୁଇଯୁକ୍ତ ଦୁଇ, ଗୁରୁଅକ୍ଷର । ସମସ୍ତ ସଂସ୍କୃତ ମୂଳକ ଓ ସେଇ ମୂଳରେ ପ୍ରସ୍ତୁତ ଭାଷାରେ ଏଇଆ । ଏହା ବହୁବ୍ୟାପକ । ଇଂରାଜୀରେ, ତଥା ଅନ୍ୟାନ୍ୟ ଆର୍ଯ୍ୟ ଭାଷା ମୂଳକ ଭାଷାରେ ଏଇ ନିୟମ ଲକ୍ଷ୍ୟ କରାଯାଇ ପାରେ ।

## ସଂସ୍କୃତ ବୃତ୍ତ

ସଂସ୍କୃତ ବୃତ୍ତରେ ମଧ୍ୟ ସେଇ ନିୟମ ।

"ମସ୍ତ୍ରିଗୁରୁସ୍ତ୍ରିଲଘୁଶ୍ଚ ନ କାରଃ
ଭାଦିଗୁରୁଃ ପୁନରାଦିଲଘୁର୍ୟଃ
ଜୋଗୁରୁମଧ୍ୟଗତୋ ରଲମଧ୍ୟଃ
ସୋଽନ୍ତଗୁରୁଃ କଥିତୋଽନ୍ତଲଘୁସ୍ତଃ
ଗୁରୁରେକୋ ଗକାରସ୍ତୁ ଲକାରୋ ଲଘୁରେକକଃ"

—ଛନ୍ଦୋମଞ୍ଜରୀ

ଅର୍ଥାତ୍, ମ=ତିନୋଟିଯାକ ଗୁରୁବର୍ଣ୍ଣ; ନ=ତିନୋଟିଯାକ ଲଘୁବର୍ଣ୍ଣ;
ଭ = ଆଦିଗୁରୁ; ଯ = ଆଦିଲଘୁ ;

Digitized by srujanika@gmail.com

ଜ= ମଧ୍ୟଗୁରୁ; ର = ମଧ୍ୟଲଘୁ ;
ସ= ଅନ୍ତଗୁରୁ; ତ = ଅନ୍ତଲଘୁ ;
ଗ = ଗୋଟିଏ ଗୁରୁବର୍ଣ୍ଣ; ଲ = ଗୋଟିଏ ଲଘୁ ବର୍ଣ୍ଣ।

ଉଦାହରଣରେ 'ଇନ୍ଦ୍ରବଜ୍ରା' ବୃତ୍ତ

ସୂତ୍ର—"ସ୍ୟାଦିନ୍ଦ୍ରବଜ୍ରା ତତଜାସ୍ତତୋଗୌ"।

ଏଇ ସୂତ୍ରଟି ମଧ୍ୟ ଇନ୍ଦ୍ରବଜ୍ରା ବୃତ୍ତରେ। ଏଥି ଦେଖନ୍ତି, 'ତ ତ ଜ ଗ ଗ' =ଗୁରୁ ଗୁରୁ ଲଘୁ (ତ); ଗୁରୁ ଗୁରୁ ଲଘୁ (ତ); ଲଘୁ ଗୁରୁ ଗୁରୁ (ଜ); ଗୁରୁ (ଗ); ଗୁରୁ (ଗ)। ଏହାର ଯତି ଦେଖନ୍ତି, ସ୍ୟାଦ | ନ୍ଦ୍ର ବଜ୍ରା | ତ ତ ଜାଃ / ତତୋ ଗୌ।
—ଦୁଇ ବା ତିନିରେ ହୋଇଥିବା ପାଦର ସମବାୟ। ସଂସ୍କୃତରେ ସବୁ ଶ୍ଳୋକ ବୃତ୍ତ ଏଇପରି ଦୁଇ ବା ତିନି ଅକ୍ଷରର ପାଦର ସମବାୟ। ଏକାକ୍ଷର ପାଦ ମଧ୍ୟ ଥାଏ। ତା ତିନି ଅକ୍ଷରର ପାଦରେ ମିଶି, ଚତୁଃ-ଅକ୍ଷରର ପାଦ ସୃଷ୍ଟି କରେ। ଏହା ପୁଣି ଦୁଇ ଦୁଇ ଅକ୍ଷରରେ ଉଚ୍ଚାରଣରେ ବିଭକ୍ତ ହୋଇଯାଏ। ଯଥାଃ—

ରଜନୀ | ତମିସ୍ର / ବଗୁଂଠିତେ / ( ବଗୁଂ / ଠିତେ )।

ଇଂରେଜୀରେ ଏଇ ସବୁ ଦୁଇ ତିନି ଓ ଏକ ଅକ୍ଷରର ମୂଳ ପାଦ-ମାନଙ୍କର ବିଭିନ୍ନ ସମବାୟରେ ବୃତ୍ତମାନ ତିଆରି ହୁଏ। ସଂସ୍କୃତରେ ପୁଣି ଗୁରୁ ଲଘୁ ସବୁ ବର୍ଣ୍ଣକୁ ସମାନ କରି, ଗୁରୁକୁ ଦ୍ୱିମାତ୍ରିକ ବର୍ଣ୍ଣ ଓ ଲଘୁକୁ ଏକମାତ୍ରିକ ବର୍ଣ୍ଣ ବୋଲି ସ୍ୱର ମାପରେ ଧରି 'ତାଳ' ବୋଲି ଏକ ପ୍ରକାର ଛନ୍ଦ ବାହାର କରାଯାଇଥିଲା। ଏହା ଦ୍ରାବିଡ଼ ଭାଷା ପ୍ରଭାବରେ ଓ ବୈଦିକ ଗାନ ସଙ୍କେତରେ ବାହାରି ଥିଲା। ଏଇ 'ତାଳ' ଉପରେ ବଙ୍ଗଳା, ଓଡ଼ିଆ ପ୍ରଭୃତିର ଛନ୍ଦ ଓ ବୃତ୍ତ ସୃଷ୍ଟି। ସାନୁସ୍ୱାର, ବିସର୍ଗୀ, ଦୀର୍ଘ ଓ ଯୁକ୍ତ ବର୍ଣ୍ଣର ପୂର୍ବ ବା ହଲନ୍ତ

Digitized by srujanika@gmail.com

ଯୁକ୍ତସ୍ୱର ସଂସ୍କୃତରେ ଗୁରୁ ଉଚ୍ଚାରଣ ପାଏ । ଯଥା—'ବନ୍ଧନ' ଶବ୍ଦରେ ମୂଳ 'ବ'ଟି ବନ୍ ବା ବଂ; ଦୁଃଖରେ 'ଦୁଃ'; ଭାନୁ ଶବ୍ଦରେ 'ଭା'; ଏଗୁଡ଼ିକ ଗୁରୁ । ଏହି ଗୁରୁଗୁଡ଼ିକ ଛାନ୍ଦରେ ଦ୍ୱି-ମାତ୍ରିକ ବା ଯୋଡ଼ିଏ ଲଘୁ ବର୍ଣ୍ଣର ଉଚ୍ଚାରଣ ସଙ୍ଗେ ସମାନ । ଯଥା—"ବନ୍ଧରଣ | ହର ରହ | ସରସବ | ସ—ଚନ୍ଦ୍ର—।"; ସଂସ୍କୃତରେ ଏହା ଷୋଡ଼ଶ-ମାତ୍ରା-ଯୁକ୍ତ—ସ୍ୱର ଗୁରୁ ମାତ୍ରିକ ଗ୍ରେଷ୍ଠ ପାଦ ଛନ୍ଦିଷ୍ଟ ଗୀତା ପାଦ । ପ୍ରତ୍ୟେକ ଚତୁରକ୍ଷର ପାଦକୁ ଦୁଇ ଦୁଇ ଅକ୍ଷରରେ ବାଣ୍ଟିହେବ ।

## ଓଡ଼ିଆ ପଦ୍ୟରେ ବର୍ଣ୍ଣୋଚ୍ଚାରଣ

ଦ୍ରାବିଡ଼ ଭାଷାମାନଙ୍କରେ ସବୁ ବର୍ଣ୍ଣ ଉଚ୍ଚାରଣରେ ଏକ ମାତ୍ରିକ । ବର୍ଣ୍ଣ ପ୍ରୟୋଗରେ ଦୀର୍ଘ କରିବା ବା ଜୋର ପକାଇବା ଏଥିରେ ସାଧାରଣତଃ ନାହିଁ । ଅବଶ୍ୟ ଆହ୍ୱାନ, ଗାନ, ରୋଦନ ପ୍ରଭୃତିରେ ଦୀର୍ଘ ଉଚ୍ଚାରଣ ଓ କ୍ରୋଧ ଉତ୍ପାଦନରେ ଜୋର ପକାଇବା କଥା ଭିନ୍ନ । ତା ମାନବ ଭାଷାରେ ସର୍ବତ୍ର ରହିବାର କଥା; ଥିବ । ଓଡ଼ିଆର ବର୍ଣ୍ଣୋଚ୍ଚାରଣ ହେଉଛି, ଦ୍ରାବିଡ଼ । ଅନ୍ଧାର ଶବ୍ଦକୁ ଆମେ ତିନୋଟିମାତ୍ରାରେ କହୁ । ଅଧାର, ଅଂଧାର ଉଭୟରେ ଉଚ୍ଚାରଣ କାଳ ବା ଭଂଗୀରେ ଆମର ଭେଦ ନାହିଁ । ଅବଶ୍ୟ ପ୍ରୟୋଜନ ଓ ପରିସ୍ଥିତି ଭେଦରେ ଦୀର୍ଘ ଓ ଗୁରୁବର୍ଣ୍ଣ ଓଡ଼ିଆପଦ୍ୟରେ ବରାବର ପ୍ରକାଶ ନ ପାଏ, ନୁହେଁ । ସ୍ୱଭାବ-କବିତା ଓ ମୌଳିକ-ପଦ୍ୟ-ପ୍ରକାଶରେ ଦେଖ । :—

"କୁ—ଞ୍ଜ, କାହ୍ନୁ ଅଜଳ"
( ଏଠାରେ ଉଚ୍ଚାରଣରେ 'କୁଞ୍ଜ' ଏହି ଦୁଇ ଅକ୍ଷର,
'ଅଜଳ' ଏହି ତିନି ଅକ୍ଷର ସଙ୍ଗେ ସମାନ )।

Digitized by srujanika@gmail.com

"ତୁ ଯେତେ—ପାଟିବୁ ମା—ନ୍
ମୁଁ ସେଇ ଦରପୋଡ଼ା ଭା—ତ୍"

ମାତ୍ର ଏସବୁ ଓଡ଼ିଆ ଭାଷାରେ ନିୟମ ନୁହେଁ, ନିପାତନ । ବଙ୍ଗଳା ଓ ଆସାମିଆରେ ସେଇସବୁ ଉଚ୍ଚାରଣରେ ଦ୍ରାବିଡ଼ ଏକମାତ୍ରା ବର୍ଣ୍ଣ । ମାତ୍ର ଓଡ଼ିଆର ଭଙ୍ଗୀରେ ପଶ୍ଚିମ ବଙ୍ଗରେ ବହୁକାଳରୁ ବର୍ଣ୍ଣର ଜୋର ଦେବା ଅନୁସାରେ, ତାଙ୍କ ଭାଷାରେ ବହୁ ହଲନ୍ତ ପ୍ରକାଶ ପାଉ-ଥାଇଛି ଓ ସେଇ ହେତୁରୁ ଅଉ—ଔ, ଅଇ—ଐ ରୂପ ଗଢ଼ ପୁଣି ଜାତ ହୋଇ ଆସି ଅଉ—ଔ ପରି ଉଚ୍ଚାରଣ ପାଇଲେଣି । ସେମାନେ ଏବେ କହନ୍ତି, ଦେଖ୍, ରଥ୍ ; ଆମେ କହୁ ଦେଖ, ରଥ । ସେମାନେ କହନ୍ତି ଝାଡ଼୍ଗ୍ରାମ୍, ବର୍ଦ୍ଧମାନ୍, ଆମେ କହୁଁ ନୂଆଗାଆଁ, ପୁରସ୍ତମ । ସେମାନେ କହନ୍ତି ମୟୂରଭଂଜ୍; ଆମେ କହୁ ମୟୂରଭଂଜ । ଲକ୍ଷ୍ୟ କରିବାର ଅଛି, ଏବେ ପ୍ରାୟ ୩୦ ୪୦ ବର୍ଷ ହେଲା, ଜୀବନଗତ ଟିକିଏ ବଂଗଳ ହୋଇ ଆସିବାରୁ ଆମେ ବି ଶବ୍ଦର ବର୍ଣ୍ଣରେ ଯଥା ଜୋର ଦେଇ କ୍ରମେ ଗୁରୁ-ଦୀର୍ଘ ବର୍ଣ୍ଣ ଖୁବ ବ୍ୟବହାର କଲୁଣି । ତା କିଂତୁ ହୁଏତ ବଙ୍ଗାନୁକରଣ ନୁହେଁ । ଆମେ କହୁଲୁଣି ବଗ୍ୟାନ୍ଟ୍ ଲେକ୍, କହୁଛ ଏଥା । ବଂଗଳାରେ ଅନେକେ ଶବ୍ଦର ଶେଷବର୍ଣ୍ଣ ହଲନ୍ତ ହୁଏ ନାଇ—ହୋଇ ନାଇ । ଏଇଠାରେ ଟିକିଏ ଅବାନ୍ତର ହେଲେ ମଧ୍ୟ ସୂଚାଇ ଦିଆ-ଯାଇ ପାରେ, ମହାମନୀଷୀ ଓ ମହା ପଣ୍ଡିତ ସ୍ୱର୍ଗତ ରବୀନ୍ଦ୍ରନାଥ ଠାକୁର ବଙ୍ଗ ଭାଷା ଉଚ୍ଚାରଣର ଏଇ ସ୍ପଷ୍ଟ ଭଂଗୀ ଦେଖି ବୁଝି ତାର ଅବଲମ୍ବନରେ କବିତା ଲେଖିଲେ । ପୂର୍ବେ ସେ ଭାଷାରେ ଯୁକ୍ତପୂର୍ବ ବର୍ଣ୍ଣକୁ ଗୁରୁ କରି ଅନ୍ତତଃ ଭାରତଚନ୍ଦ୍ରଙ୍କ କାଳରୁ ଲୋକେ ଲେଖୁଥିଲେ ଓ 'ହଇଲ', 'ଗାଇଲ' ପ୍ରଭୃତିକୁ ଦୁଇ ଅକ୍ଷର କରି କାଶୀରାମ, କୃତ୍ତିବାସ କାଳରୁ ମଧ୍ୟ ବ୍ୟବହାର କରୁଥିଲେ ।

Digitized by srujanika@gmail.com

ବୌଦ୍ଧଗାନ ଓ ଦୋହାରେ ଏକମାତ୍ରିକ ଉଚ୍ଚାରଣ ଅଡ଼କୁ ଯିବାର ଯେ ରୀତି ଦେଖାଯାଏ, ବଙ୍ଗଳାରେ ଉତ୍ତର-ଭାରତ ପ୍ରଭା-ବରେ କ୍ରମେ ତା ଗତି ବଦଳି ଯାଉଥିଲା । ଐ, ଔ, ପୁଣି ଯୁକ୍ତ ବର୍ଣ୍ଣର ପୂର୍ବ ଓ ହଲନ୍ତ ସ୍ୱରକୁ ମାତ୍ର ଦ୍ୱିମାତ୍ରିକ ଧରି ବିଜ୍ଞାନ-ସମ୍ମତ ଶୃଙ୍ଖଳା ଧରି ରବୀନ୍ଦ୍ରନାଥ ଓ ତାଙ୍କ ଶିଷ୍ୟ ଧରି ଅନ୍ୟ କବିଏ ବଙ୍ଗଳାରେ କିପରି ନୂତନ ଛନ୍ଦର ପ୍ରଚଳନ କଲେ । ଏବେ କେତେ ଜାଣି ନ ବୁଝି ବିଶୃଙ୍ଖଳ ଯୋଜନାରେ ଅନୁକରଣ କରିବାର ପ୍ରାୟ ପଚାଶବର୍ଷରୁ ଅଧିକ କାଳ ହେଲା ମାତ୍ର କେତେକ ଜଣ ନବୀନ କବି ଓଡ଼ିଆରେ ତାଙ୍କୁ ନିପୁଣ ଅନୁକରଣ କରୁଛନ୍ତି । ଆକାର ପ୍ରକାରରେ ତା ନିପୁଣ ଦେଖାଗଲେ ମଧ୍ୟ ଭାଷାର ବ୍ୟକ୍ତିକ ସ୍ୱଧର୍ମ ପ୍ରକାଶ କରିବାରେ ତା ଏବେ ମଧ୍ୟ କେତେ ଉପଯୋଗିତା ଲାଭ କରିଛି, କହି ହେଉ ନାହିଁ । ତାହା କିନା, ନୂତନ ଯୁବକ ପଦ୍ୟ ଲେଖକମାନେ ଏବେ ବି ଶ୍ରେଷ୍ଠ ଅନ୍ୟର ଦୌଡ଼୍ ଅନୁକରଣ କରୁଛନ୍ତି, ତାର ଅନଭ୍ୟସ୍ତ, ଅନଭିଜ୍ଞ ଓ ଖଣ୍ଡିତ ଅନୁକରଣ କରୁଛନ୍ତି । ମନେ ହେଉଛି, ଭାଷାକୁ ଯେ ରୀତି ଧରିଲେ ମଧ୍ୟ, ଭାଷା ସେ ରୀତିକୁ ଧରିପାରୁ ନାହିଁ । ଅଭ୍ୟାସ ହେତୁ ପ୍ରକୃତିରେ ପରିଣତ ହେବାପାଇଁ ଆଜି କିଛି ସମୟ ଲାଗିପାରେ ।

## ବୃତ୍ତ ଓ ବାଣୀ—ବୃତ୍ତ

ବୃତ୍ତ କଥାଟି ସଂସ୍କୃତ । ଏହା ଅକ୍ଷର-ବା ବର୍ଣ୍ଣ-ନିୟମାନୁଗ ଛନ୍ଦ । ଛନ୍ଦ ଠାରୁ ଏହା ଭିନ୍ନ । ଛନ୍ଦ କଥା ଲୁହାପାଇଛି [ହ୍ରେଷେ-ଷଠର ପୂର୍ବେ ୧୪ ପୃଷ୍ଠାଠାରୁ ଦେଖ] । ଓଡ଼ିଆରେ ଏହା ଅଦ୍ୱି-ତୀୟ । ହେଲେହେଁ ସାହିତ୍ୟର ଯୁକ୍ତ ପ୍ରକାଶ ସେଥିରେ ହେବାର ନୁହେଁ, ତା ହେଲ ନାହିଁ । ସ୍ୱାଧୀନ ଜୀବନ ପ୍ରକାଶରେ ପୁଣି

Digitized by srujanika@gmail.com

ପୁରାଣ ପରଂପରାରେ ଆସୁର ବସୁର ସେନ ଜାତିଙ୍କର ଅବଦ୍ଦଙ୍କ ଅମ୍ଳା ଯେପରି କଳ୍ପବ ଓ କର୍ମରେ ଫିଟି ଉଡୁଥିଲା । ସେଥିପାଇଁ ଜନସାଧାରଣର ଯେଉଁ କାବ୍ୟ ରଚନା ଦରକାର, ସ୍ଥଳରେ ତା ମୁଣ୍ଡ ଟେକିବ କୁଆଡ଼ୁ ! ସ୍ଥଳ ମଧ୍ୟ ନିଜ ବିକାଶରେ ତାକୁ ସମ୍ଭାଳି ପାରିଲା ନାହିଁ । ମାଗଧୀ ପ୍ରାକୃତ ମୂଳକ ଭାଷାମାନଙ୍କରେ ଯେଉଁ ଚରଣ ଅକ୍ଷର ଛନ୍ଦ ବା ବୃତ୍ତ ସ୍ୱାଭାବିକ ଭାବରେ ଫୁଟୁଥିଲା, ଯାହାର ଆଦିମ ବିକାଶ ବୌଦ୍ଧଗାନ ଓ ଦୋହାରେ ସ୍ପଷ୍ଟ, ଉତ୍କଳ ଭାବରେ ସେହି ଛନ୍ଦ ବା ବୃତ୍ତ ଗଦ୍ୟରେ ସତ୍ୟ ରୂପେ ଫୁଟି ଉଠିଲା । ଏହା ଅକ୍ଷର ନିୟମରେ ସ୍ୱତଃ ନିର୍ଦ୍ଦିଷ୍ଟ ହେଲେହେଁ ବର୍ଣ୍ଣତଃ ଏଥିରେ କିଛି ସ୍ୱାଧୀନତା ରହିଗଲା । ରାଜ ଦରବାର ବା ସେଇ ସମ୍ପର୍କ ଓ ସମ୍ପର୍କୀ ଶିଷ୍ଟ ପଣ୍ଡିତମାନେ ସ୍ୱର ଓ ବର୍ଣ୍ଣ ବିଜ୍ଞାନ ଧରି ଏହାର ମାତ୍ରା ଠିକ କରି ଦେବାରେ ମନ ଦେଲେ ନାହିଁ । ଏହାକୁ ଗାଇବାର ନିୟମ ଓ ମାପ ସବୁ ଥିଲା, ଗାୟକର ସ୍ୱର-ଯନ୍ତ୍ରରେ । ଏହାହିଁ ହେଲା ଦାଣ୍ଡି ଧରି ବୋଲି ଯିବା ଛନ୍ଦ ବା ଦାଣ୍ଡିବୃତ୍ତ । ଏଇଥିରୁ ବୃତ୍ତଟିର ନାମ । ଦଣ୍ଡିରେ ପଦ୍ଧତି ବା ବିଶ୍ରାମ ନ ଥାଏ ଏବଂ ବେଦରେ ଶେଷ ଅକ୍ଷରରେ ବିରାମ ପଡୁଥିବା 'ଦଣ୍ଡକ' ନାମକ ୨୭ ଅକ୍ଷର ସଂସ୍କୃତବୃତ୍ତ ଅଛି । ସେ ବୃତ୍ତକୁ ବୋଲିବାର ପ୍ରଣାଳୀ, ଆମ ଦାଣ୍ଡିବୃତ୍ତ ପରି ଥିବାର ଅନୁମାନ ହୁଏ । ସେଇ ଦଣ୍ଡକରୁ 'ଦାଣ୍ଡି' କଥାଟି ବାହାରିଛି ବୋଲି କେହି କେହି କହନ୍ତି । ତା ହୋଇ ପାରେ । ବୋଧହୁଏ, ସେଠି ବି ଅର୍ଥଟି ହେଉଛି, ଯାହାକୁ ଦଣ୍ଡ ବା ଉକ୍ତ ଯଷ୍ଟି ପରି ଏକା ଟାଣରେ ବୋଲି ଯିବାକୁ ହୁଏ । ସେ ଯା ହେଉ, ବୃତ୍ତ ନାମଟିର ଅର୍ଥ ହେଉଛି, ବର୍ଣ୍ଣ ବା ଅକ୍ଷରମିତ ଛନ୍ଦ । ଦାଣ୍ଡିରେ ବୋଲା ନହେବା ଭଳି ବର୍ଣ୍ଣମିତ ଛନ୍ଦମାନ ପରେ ବାହାରି ଥିଲା । ତାର ମଧ୍ୟ ସେଇ ବୃତ୍ତ ନାମ । ଯଥାଃ—

Digitized by srujanika@gmail.com

ନନ୍ଦବାଣୀ ବୃତ୍ତ—ଜହ୍ନିକ | ଚଳେ | ବିଳାସ | ଦୀର୍ଘିକା
ମଣ୍ଡଳ | ମାଳିନୀ | ନିଜାମ୍ବୁ | ଶଲ୍ଲକୀ ଇତ୍ୟାଦି ।
ଗୋପୀଭୂଷାବୃତ୍ତ—ଇନ୍ଦ୍ର | ସଅଳ | ଧନବୃ | ଶ୍ଚି ଭଲ
ବୃନ୍ଦ | ଥିଲକ୍ଷୁ | କନ୍ଥୁନ | ବାଧୂଳି | ଇତ୍ୟାଦି ।
ସମଭେଦ୍ୟ ବୃତ୍ତ—ଜଗତର | ସିନ୍ଧୁ | ଦୂଅରେ
ଜ୍ଞାନ | ଅର୍ଣ୍ଣବ | ଝୀରେ
ଖଞ୍ଜନର | ଚନ୍ଦ୍ର | ଭେଦକା
ଠର୍କି | ସ୍ତଟଙ୍କର | ଶରେ
ଭାଗବତ ବୃତ୍ତ—ସକଳ | ବେଦ | ଦ୍ୱୋଇବୃକ୍ଷେ
ଫଳଫ | ଲଭେ | ଅନ୍ତସ୍ଥେ
ଭେଦେଭେଦ୍ଧେ | ଧନେ | ପାର ଛଭେ
ବୃକ୍ଷଂ ସ | ଝଲେ | ବାୟୁବଳେ
କିଂବା, ଶେଷ ଏକ ବର୍ଣ୍ଣକୁ ଅଲଗା ପାଦ କରି,
ସକଳ | ବେଦ | ଦ୍ୱୋଇବୃ | କ୍ଷେ
ଫଳଫ | ଲଭେ | ଅନ୍ତସ୍ଥ | ଷେ ଇତ୍ୟାଦି ।

ତାଳକଟମ ଗ୍ରନ୍ଥ ସାହିତ୍ୟ ସଂଗେ ମିଶାଇ ଏଇ ବୃତ୍ତମାନଙ୍କୁ ସଂଗୀତର ରାଗମାନ ଧରି ରାଗ ଚୋଲି ନାମମାନ ଦିଆଗଲା । ଯଥା :—ରାଗ ଧନାଶ୍ରୀ;ରାଗ ମାଳବ ଗୌଡ଼ା;ରାଗ କନଡ଼ା ଇତ୍ୟାଦି ।

## ବାଣୀ ଓ ରାଗ

ଯେତେବେଳେ ଅକ୍ଷର ନିୟମକୁ ସ୍ୱରସଙ୍ଗେ ମିଳାଇ ଠିକ ମାତ୍ରାରେ ସମସ୍ତେ ନିର୍ଦ୍ଦିଷ୍ଟ କରିପାରି ନ ଥିଲେ, ସେତେବେଳେ ବାଣୀ ବା ବୋଲିବାର ଭଙ୍ଗୀକୁ ଧରି କବିମାନେ କବିତା ଲେଖୁଥିଲେ । ସେଇଥିପାଇଁ ସମବନ୍ଧ ଚମ୍ପୂର ବାଣୀରେ ଗାଇବ, ବା ସ୍ପଷ୍ଟକର ପ୍ରଥମ ଧାଡ଼ିର ଦେଖାଇ କୁହାଯାଏ, 'ମଣୋହ୍ର ଏଅଇ ଜନକ-

Digitized by srujanika@gmail.com

ସ୍ୱୟଂ ବାଣୀରେ ଗାଇବ । କିଂବା ବୃତ୍ତ ବା ରାଗ ଜଣାଥିଲେ, କୁହାଯାଏ, ଗୋପୀଭାଷା ବୃତ୍ତ, ରାମକେରୀ ୭ମ ଛାନ୍ଦ ବାଣୀରେ ଗାଇବ, ଅଥବା ରାଗ ଚକ୍ରକେଳି, ମଣୋହି ଭଆଇ ଜନକ ସ୍ୱୟଂ ବାଣୀରେ ଗାଇବ । 'ବୃତ୍ତ', ପାଦବିନ୍ୟାସ ଅନୁସାରେ ଅକ୍ଷର ନିୟମରେ ଧରା ଥାଏ; ରାଗ ସଂଗୀତ ସ୍ୱରକୁ ଧରି ସେଇସବୁ ଅକ୍ଷର ନିୟମରେ ଧରାଥାଏ । ମାତ୍ର ବାଣୀ ହେଉଛି, ଏକ ବୃତ୍ତ ବା ରାଗର ବୋଲ୍‌-ବାର ସ୍ୱତନ୍ତ୍ର ଢଙ୍ଗ ବା ଭଂଗୀ । ଏକ, ଦୁଇ, ତିନି ବା ଚାରି ବର୍ଣ୍ଣିତ ଯେଉଁ ମୌଳିକ ବୃତ୍ତ-ବା ଛନ୍ଦ-ପାଦ କଥା କୁହାଯାଉଛି, ତା ରାଗରେ ଥାଏ; ବାଣୀରେ ବି ଥାଏ । କୌଣସି ପଦ୍ୟରେ ତା ନ ରହିବାକୁ ଚାରା ନାହିଁ । ମାତ୍ର ଏକ ବୃତ୍ତକୁ ଭିନ୍ନ ଭିନ୍ନ ବାଣୀରେ ଭିନ୍ନ ଭିନ୍ନ କରି ବୋଲାଯାଇପାରେ ଓ ସେଥିରେ ବୋଲିବାର ଢଙ୍ଗକୁ ଧରି ବୃତ୍ତର ମୌଳିକ ପାଦ ସବୁ ଅଦଳ ବଦଳ ହୋଇ ଯାଇ-ପାରେ । ଉଦାହରଣ ସ୍ୱରୂପ, "ମଣୋହି ଭଆଇ ଜନକ ସ୍ୱୟଂ" 'ରାମକେରୀ' ୭ମଛାନ୍ଦବାଣୀ ସଂଗେ ସେଇ ଏକାଦଶାକ୍ଷର, ଗୋପୀଭାଷା ବୃତ୍ତ ଓ ଚକ୍ରକେଳି ରାଗକୁ ମିଳାଇ ଦେଖାଯାଇପାରେ । ପରବର୍ତ୍ତୀ କାଳରେ, ସ୍ୱର ବିଜ୍ଞାନ ଧରି, ହୁଏତ ଏକବୃତ୍ତକୁ ଭିନ୍ନ ଭିନ୍ନ ରାଗରେ ଗଢାଇ ଥିଲେ । ତାହିଁକି ନା, ବାଣୀ ଗୋଟିଏ ରାଗ । ରାଗହିଁ ନିର୍ଦ୍ଦେଶ କରି ନପାରି ଅମୁକ ବାଣୀ ବୋଲି ଚିହ୍ନାଇ ଦଆ ଯାଉଥିଲା । ଏକ ସଂଗୀତ ରାଗକୁ ହୁଏତ ଭିନ୍ନ ଭିନ୍ନ ବୃତ୍ତ ବାହାରି ପାରେ । ପରେ ସେଥିପାଇଁ ପଦ୍ୟ ବା ଛାନ୍ଦ ଲେଖକମାନେ ବୃତ୍ତ-ରାଗ ଓ ବାଣୀରେ ବୁଝି ଲେଖିଲାଭଳି ପ୍ରଭେଦ ରଖିଲେ ନାହିଁ । ହୁଏତ, ଅନେକେ ଆଦୌ ପ୍ରଭେଦ ନ ବୁଝି ଶିରୋନାମାରେ ବୃତ୍ତ, ରାଗ, ବାଣୀ—ସବୁ କଥାକୁ କେବଳ ଗୋଟିଏ ଅଳଂକାର ପରି ଲେଖିଲେ । ବାଣୀକୁ ବୃତ୍ତ ବୋଲି ଲେଖିଲେ; ଓ ରାଗ ବୋଲି

Digitized by srujanika@gmail.com

ମଧ୍ୟ ଲେଖିଲେ । 'କଳସା' ମୂଳତଃ ଗୋଟିଏ ବାଣୀ । ଅନେକ ସ୍ଥଳରେ କଳସା ଗୀତ ବୋଲି ମଧ୍ୟ ଲେଖାଅଛି । ସବିଶେଷ ଆଲୋଚନା ବିନା ଏ ସବୁ ଶିରୋନାମା-ସଂକେତରେ ଭୁଲ ଠିକ୍ ବାର ଦେଖାଇବା ସହଜ ନୁହେଁ ।

## କଳସାବାଣୀ

ନିକଟରେ ଅଧ୍ୟାପକ ବଂଶୀଧର ମହାନ୍ତି, ଏହି ସମ୍ବନ୍ଧରେ ବହୁତ ଅନୁସନ୍ଧାନ କରି ପ୍ରବନ୍ଧ ପ୍ରକାଶ କରିଛନ୍ତି (ସଙ୍କାର, ୦ଅ ଭାଗ ୭ମ ସଂଖ୍ୟା, ପୃଷ୍ଠା ୭୧୧ ଠାରୁ ଦେଖ ) । ସେନେଇଁ, କଳସା ବାଣୀରେ ଦାଣ୍ଡି ବୃତ୍ତର ଅକ୍ଷର ନିୟମରେ ଗାଇବା ଆରମ୍ଭ ହୋଇଥିଲା । ପଣ୍ଡିତ ସୂର୍ଯ୍ୟନାରାୟଣ ସାରଳା-ମହାଭାରତର ଏକ ଉକ୍ତିରୁ ଉଦ୍ଧାର କରିଚନ୍ତି—

"ଜରଦମନ୍ତ ଯୁଗରେ ସେ ପଢ଼ନ୍ତି କଳସା
ବଶିଷ୍ଠ ମାର୍କଣ୍ଡ ଆବର ଦୁର୍ବାସା ।"
—(ଓଡ଼ିଆ ସାହିତ୍ୟ ଇତିହାସ, ୧ମ ଭାଗ, ପୃ ୭୨ )

ଏଥିରେ ପ୍ରକରଣ-ବା ପୂର୍ବାପର-ସଙ୍ଗତ ବୁଝିବାର ସାଧନ କିଛି ନିର୍ଦ୍ଦେଶ କରଯାଇ ନାହିଁ । ମାତ୍ର ଏହା ସଂସ୍କରଣକାରଙ୍କର ପ୍ରକ୍ଷେପ ହୋଇଥିଲେ ମଧ୍ୟ, ଦୂର ଅର୍ବାଚୀନ ନୁହେଁ, ନ ଏକ ପ୍ରକାଶିତ ପୁସ୍ତକମାନଙ୍କରୁ ଏହା ଅପେକ୍ଷା ବେଶୀ ପ୍ରାମାଣ୍ୟ ଉକ୍ତି ମିଳିବା ସମ୍ଭବ ନୁହେଁ । ଏଠାରେ 'ପଢ଼ନ୍ତି କଳସା' କଥାଟିକୁ ଲକ୍ଷ୍ୟ କରିବାର ଅଛି । ବଳା ଦାସଙ୍କ 'କଳସା ଚଉତିଶା'ର ଶେଷପଦରୁ ଦୁଇଟି ଦେଖନ୍ତୁ—

"ଛିଡ଼ପଣ ଠାକୁର ଯେ କପିଳାସେ ସ୍ଥିତ
କ୍ଷୁଦ୍ରବୁଦ୍ଧି ବଳାଦାସ କଳସା ପଢ଼ନ୍ତି ।"

Digitized by srujanika@gmail.com

କପିଳାସଙ୍କୁ କଇଳାସ କରି କହିବା କଥାଟି ସାରଳା ଦାସଙ୍କଠାରୁ ନିଆ ହୋଇଛି । ଏଠାରେ ମଧ୍ୟ 'କଳସା ପଢ଼ିବା' କଥାଟି ଅଛି । ମନେ ହେଉଛି, କଳସାରେ ଗାଇବାଠାରୁ ପଢ଼ିବା କଥାଟା ସେକାଳେ ବେଶୀ ପ୍ରଚଳିତ ଥିଲା । ବିବାହରେ 'ଆଶୀର୍ବାଦ-ମନ୍ତ୍ର' ବା 'ଫଳମନ୍ତ୍ର'ରେ ପଢ଼ାହେବା ବେଦମନ୍ତ୍ର, ଶ୍ଳୋକ, ଛନ୍ଦ ଓ ସଂସ୍କୃତ ବା ଛନ୍ଦରେ ରଚିତ ହୋଇଥିବା କବିତାର ପାଠ, ଏବେ ଚଳିତ କି ନାଁ, କହି ହେଉନାହିଁ । ଚାଳିଶ, ପଚାଶ ବର୍ଷ ତଳ ପର୍ଯ୍ୟନ୍ତ ଏହା ସାଧାରଣ କଥା ଥିଲା । ଏଥିରେ ରଚିତ ଶ୍ଳୋକ, ଛନ୍ଦ ପ୍ରଭୃତିରେ ବିବାହସଜ୍ଜା, ବିବାହ ମଣ୍ଡପ, ବରକନ୍ୟା ଓ ବିବାହକର୍ମ ପ୍ରଭୃତି ବର୍ଣ୍ଣନା ଦେଇ ଶ୍ଳୋକ, ଛନ୍ଦମାନ କେହି କେହି ରଚନା କରି ସଭାରେ ଦେଉଥିଲେ । ଲୋକେ ଏଥିପାଇଁ ପୂର୍ବରୁ ଚେନାଦ ଶିଷ୍ଟ ସେଇଭଳି ସଭାକୁ ପ୍ରସ୍ତୁତ ହେଉଥିଲେ । ଏହି ସଭା ବିବାହର ପରେ ହେଉଥିଲା ଓ ତା ଉଦ୍ୟାପନର ଓ ବିଦ୍ୟା ଦେଖାଇ ହେବାର ଗୋଟିଏ ସ୍ଥାନ ଥିଲା । କନ୍ୟାପକ୍ଷ ଲୋକେ ବରକୁ ବୁଢ଼ା, ଅସୁନ୍ଦର, ଦୁର୍ବେଶ ପ୍ରଭୃତି କହି ଥଟ୍ଟା କରିବାଟା ଏଥିରେ ସାଧାରଣ କଥା । ବର ବର୍ଣ୍ଣ-ନାରେ ଏହା ମଧ୍ୟ ରହିବା ସ୍ୱାଭାବିକ । ଯେଉଁମାନଙ୍କ ଘରର ଯୁବତୀ ବିବାହ ଚଳୁଥିଲା—ଏହାର ଓଡ଼ିଶାରେ 'ସାଧବ' ଜନତାର ସ୍ଥିତି ଥିଲା—ଚକଟି, ସାତପଙ୍ଗଲାରେ ସେମାନଙ୍କର ଏହିପରି ସମ୍ଭବପି ଖଦ୍ୟା ଚର୍ଚ୍ଚା ହେଉଥିଲା । ମନେହେଉଛି, ଏ କଳସା ପଢ଼ିବା କଥାଟି ଖେଇଥା । ବେଦ, ମନ୍ତ୍ର ଯୁଗରେ ଅର୍ଥାତ୍ ବେଦ ମନ୍ତ୍ରାଦି ସଙ୍ଗେ 'କଳସା' ଅର୍ଥାତ୍ କଳସା ପ୍ରକାରରେ ଲେଖା ହୋଇଥିବା କବିତା ହେଉଥିଲେ ଓ ତାହାର ଚର୍ଚ୍ଚା ମଧ୍ୟ ହେଉଥିଲା ।

**କଳସାର ସଂପର୍କ**

କଳସା ବୋଲି ଜନଶ୍ରୁତି ଅଛି । ଏହା କେତେକ ଜାତିର କହି ହେଉନାହିଁ । ଏହାକୁ ଏବେ 'ଝାମୁ' ବା 'ପାଠୁଆନାଟ'

Digitized by srujanika@gmail.com

ବୋଲି କହନ୍ତି । ଏଥିରେ 'ପାଟଭଗତା' ଗୋଟିଏ କଳସ ମୁଣ୍ଡାଇ ଥାଏ । ଏ ଯାତ୍ରା ଶିବଙ୍କ ସନ୍ଦର୍ଭରେ ହୁଏ । ଆଉ ଜଣେ 'ଭଂଗଡା' ଶିବଙ୍କ ପାଟଛିକୁ ମୁଣ୍ଡାଇକରି 'ପାଟଭଗତା' ସଙ୍ଗେ ସଙ୍ଗେ ଥାଏ । ଏ ଯାତ୍ରାଟି ପଣା ସଂକ୍ରାନ୍ତିକୁ ହୁଏ ଓ ତାର ୭,୯ ବା ୨୧ ଦିନ ପୂର୍ବରୁ ଆରମ୍ଭ ହୋଇ ବରାବର ଚାଲିଥାଏ । ଏହା କଳସ ସଂକେତରେ ଏକ ସଂପ୍ରଦାୟ ହୁଏ । 'କଳସ' ଏଥିରେ ଦେବତା ରୂପେ ପୂଜାପାଏ । ଏଥିପାଇଁ ଶିଷ୍ଟ, ପଣ୍ଡିତ ଓ ଯୋଗ୍ୟ ଲୋକମାନେ ଗୀତ ଲେଖନ୍ତି, ସେ ଗୀତ ବଙ୍ଗଶଙ୍କରର ୧୦ ଅକ୍ଷର ଭଜପଦୀ ପଦ । ମନେ ହେଉଛି, ଛନ୍ଦର ଖଣ୍ଡିକ ପୂର୍ବରୁ ତା ବରାବର ୧୦ ଅକ୍ଷର ଥିଲା । ଏଇ 'କଳସା' ନାମକ 'କତୁରୁ', 'କଡ଼ଖା', 'କଳସିଆ' ପ୍ରଭୃତି ନାମରେ ବଙ୍ଗଦେଶ ଓ ଅନ୍ୟତ୍ର ଚଳେ ବୋଲି ଅଧ୍ୟାପକ ମହାନ୍ତି କହନ୍ତି । 'ସ୍କନ୍ଦକ' ବୋଲି ଗୋଟିଏ ପ୍ରାକୃତ ଛନ୍ଦରୁ ଏହାର ବିକାଶ ହୋଇଥିବା କଥା ଅସମ୍ଭବ ନୁହେଁ । 'ବୌଦ୍ଧଗାନ ଓ ଦୋହା'ରେ ଛନ୍ଦକ ଶବ୍ଦ ଅଛି । ତାକୁ ଛନ୍ଦ ଅର୍ଥରେ ନିଆଯାଇ-ପାରେ । ଅଧ୍ୟାପକ ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ ଏଇ 'ଚର୍ଯ୍ୟାପଦ'ରେ ବ୍ୟବହୃତ ହୋଇଥିବା ସ୍କନ୍ଧ, ସ୍କନ୍ଧକ ବା ଛନ୍ଦକ ଶବ୍ଦରୁ ଆମ ଛାନ୍ଦ ଶବ୍ଦ ହୋଇଛି ବୋଲି କହନ୍ତି । ସେଠାରେ ସ୍କନ୍ଧ ବା ସ୍କନ୍ଧକର ଅର୍ଥ ସେ କରନ୍ତି, ଭାଗ, ବର୍ଗ ବା ଅଧ୍ୟାୟ । ଏଇଥିରୁ ଆମ କାବ୍ୟ-ମାନଙ୍କର ସର୍ଗର ନାମ 'ଛାନ୍ଦ' ହୋଇଛି ବୋଲି ତାଙ୍କ ମତ । ପଣି ସ୍କନ୍ଧ ସଂଗେ ଏହାର ସଂପର୍କ । ସେସବୁ ଯାହା ହେଉ, 'କଳସା' ବିବାହ ସନ୍ଧରେ ବିବାହକର୍ମ ସମାପନ ପରେ ଗବା ହେଉଥିବାରେ ସନ୍ଦେହ ନାଇ ।

## ଏବ ଓଡ଼ିଆରେ 'କଳସା' ଶବ୍ଦ

ଏଇ କଳସା କଥାଟିର ଅର୍ଥ ଯାହା ହେଉ, ଦାଣ୍ଡିବୃତ୍ତକୁ ଅକ୍ଷର ନିୟମରେ ବାନ୍ଧି ପ୍ରଥମେ ଓଡ଼ିଆଗୀତ ଲେଖିବା ବିଦ୍ୟାରେ

Digitized by srujanika@gmail.com

ତା ସେଇସର ଲେଖା ଓଞ୍ଚଟୀକରେ ଏହି ନାମର ପ୍ରୟୋଗ ହୋଇଥିଲା । ଏବେ ମଧ୍ୟ ଦୁଇଖଣ୍ଡ ପଠାକୁ ଭଲକରି ସଫା କରି ନେଇ ଦେବାରେ କିମ୍ବା ଜାତୀୟତା, ଅଲଙ୍କାରାଦି ଉଣ୍ଡାମାରି ସଂସ୍କାର କରିବାରେ ଓଡ଼ିଆରେ 'କଳସା' ଶବ୍ଦ ବ୍ୟବହାର କରାଯାଏ । 'ଦାଣ୍ଡିବୃତ୍ତ'ର ସ୍ୱରଭଙ୍ଗୀରେ ବିଚ୍ଛିନ୍ନ ଥିବା ପଦମାନଙ୍କୁ ବର୍ଣ୍ଣ-ଅକ୍ଷର-ମାତ୍ରା ହିସାବରେ ମାପି ଯୋଡ଼ି ତିଆରି କରିବା କଥା ସଙ୍ଗେ ଏଇ ପ୍ରଚଳିତ ଜାତ 'କଳସା'ର ସମ୍ପର୍କ ଥିବାର ଅନୁମାନ ହୁଏ । ଏହି ଚଉଦଅକ୍ଷର ପଦ ଓଡ଼ିଆ, ବଙ୍ଗଳା, ଆସାମିଆ ପ୍ରଭୃତି ପ୍ରାଚୀନ ପ୍ରାକୃତ ଓ ଅପଭ୍ରଂଶମାନଙ୍କରେ ବହୁକାଳରୁ ପ୍ରକାଶ ପାଇ ଆସୁଥିଲା । ଦାଣ୍ଡି-ବୃତ୍ତରେ ଏଇ ଚଉଦଅକ୍ଷର ଛନ୍ଦର ପ୍ରବାହକୁ ଗାୟକମାନେ ସ୍ୱତଃ ବ୍ୟବହାର କରୁଥିଲେ । ତାକୁ ମାଜି, ଅକ୍ଷର-ମିତ ପାଦ-ମାନଙ୍କରେ ଯୋଡ଼ି, ବିଶେଷରେ ଅଷ୍ଟମ ଓ ଚତୁର୍ଦ୍ଦଶାକ୍ଷରରେ ପଦ ଠିକ୍ କରି ଦାଣ୍ଡିବୃତ୍ତକୁ କଳସାରେ ପରିଣତ କରାଯାଇଥିଲା । ପ୍ରକାଶିତ ଚଉତିଶା ମଧ୍ୟରେ ଏହାର ଆଦ୍ୟ ଉଦ୍ୟମ ହେଉଛି, ବଚ୍ଛା-ଦାସଙ୍କ କଳସା ଚଉତିଶା । ଏହା ସାରଳା ଦାସଙ୍କ ଦାଣ୍ଡି ବୃତ୍ତଠାରୁ ପ୍ରାଚୀନ ବୋଲି କହିବାର କାରଣ ନାଇ । ଅଧ୍ୟାପକ ମହାନ୍ତି ମହା-ଶୟ ପ୍ରବନ୍ଧରେ କଳସା ଚଉତିଶା ଓ ସାରଳାଙ୍କ ମଧ୍ୟ ଓ ବନପର୍ବ ଦୁଇଟିରୁ ଉଦ୍ଧାର କରି ଯେଉଁ ତୁଳନାତ୍ମକ ପଂକ୍ତିଗୁଡ଼ିକ ଦେଇଛନ୍ତି, ସେଥିରୁ ବରଂ ବୁଝାପଡୁଛି, ବଚ୍ଛା ଦାସଙ୍କ କଳସା ଚଉତିଶା ସାରଳାଙ୍କ ମହାଭାରତଠାରୁ ଅର୍ବାଚୀନ ଓ ସେଥିରୁ ଗୃହୀତ; ସମ-ସାମୟିକ ହୋଇପାରେ, ପ୍ରାଚୀନତର ବୋଲି ମନେ ହେଉନାଇ ।

## କଳସାର ଭିତ୍ତି

କୁହାଯାଇଛି, ଆମ ଭାଷାରେ ବର୍ଣ୍ଣର ଗୁରୁଲଘୁ ମାତ୍ରା-ଭେଦ ନାଇ । ଆମ ଉଚ୍ଚାରଣ ଦ୍ରାବିଡ଼-ମୂଳକ ଥିବାରୁ ତା ହୁଏତ ପ୍ରାକୃତ

Digitized by srujanika@gmail.com

ବା ଅପଭ୍ରଂଶ କାଳରୁ କେବେ ନ ଥିଲା । ଅତି ପ୍ରାଚୀନ କାଳରୁ ଗୁରୁକୁ ଦ୍ୱିମାତ୍ରିକ ଓ ଲଘୁକୁ ଏକମାତ୍ରିକ ଧରି ସଂସ୍କୃତ ଛନ୍ଦର ବୃତ୍ତଠାରୁ ଭିନ୍ନ ଆର୍ଯ୍ୟାପର 'ଜାତି' ମାନ ଏହି ଦ୍ରାବିଡ଼ ଭାଷା ପ୍ରଭାବରେ ବାହାରି ଥିଲା । ପରେ ଶଙ୍କରାଚାର୍ଯ୍ୟ ଠାକୁର ମଧ୍ୟ ତା 'ଚର୍ପଟି' ମୋହମୁଦ୍ଗର ପ୍ରଭୃତି ଲେଖିଥିଲେ । ସେହି ଯୁଗର ଶ୍ରେଷ୍ଠ ବୃତ୍ତ ହେଉଛି, ଜୟଦେବଙ୍କ ଗୀତଗୋବିନ୍ଦ । ଏହାରି ଆଲୋଚନାରୁ ବା ଏହାରି ମୂଳରୁ ବାହାରି ଥିଲା, ଆମ ଚୌପଦୀର ଚଉଦ ଅକ୍ଷରିଆ ପାଦ । ଏହି ପଦ ହେଉଛି 'କଳସା' ରୀତି; ଅବଶ୍ୟ ତା ଅମାର୍ଜିତ ଭାବରେ ତାହାର ଦାଣ୍ଡି ବୃତ୍ତ । ଉଦାହରଣରେ ଦେଖ,

"ଚନ୍ଦନେ | ହରିବନ୍ଦ | ସରସଳ | ସନ୍ଦେ"—ଗୀତଗୋବିନ୍ଦ
"କୁଳମୂଳ | ଗୋତ୍ରଅଧ | ନାହିଁ ଜଣା | ତାର"—କଳସା ଚଉତିଶା

ଏ ଦୁହିଙ୍କ ସ୍ୱରବିନ୍ୟାସର ଶୈଳୀ ଏକାପରି (ଏ ବିଷୟରେ ସବିଶେଷ ଜାଣିବା ପାଇଁ ଡକ୍ଟର ସୁନୀତିକୁମାର ଚାଟୁର୍ଜିଙ୍କ 'Origin and Development of the Bengali Language' p. 285 ଦେଖ) । ଏହାପରେ ଦାଣ୍ଡିବୃତ୍ତକୁ ମାତ୍ର 'କଳସା'ବାଣୀ ବାହାର କରା ହୋଇଥିଲା । ଏହି ବାଣୀରେ 'ବତ୍ସାଦାସ' 'କଳସାଚଉତିଶା' ଲେଖିଥିଲେ । କିନ୍ତୁ ସାରଳାଦାସଙ୍କ ଅନୁକରଣରେ ଦାଣ୍ଡିବୃତ୍ତ ବହୁକାଳ ଚାଲି ଥିଲା । ତାହାର ଉଦାହରଣ ହେଉଛି, ବଳରାମ ଦାସଙ୍କ ଜଗମୋହନ ରାମାୟଣ । ଖୁବ୍ ସମ୍ଭବ ସଙ୍ଗୀତ, ଗଦ୍ୟ ଓ ସଂସ୍କୃତରେ ଅନଭିଜ୍ଞମାନେ 'କଳସା'ରେ ପ୍ରଥମେ ପ୍ରଥମେ ଲେଖି ପାରୁ ନ ଥିଲେ । ସ୍ୱରର ଧାରା ଲହରୀରେ ସୁଶ୍ରାବ୍ୟ ଓ ସ୍ୱାଭାବିକ ଭାବତରଙ୍ଗରେ ଅତ୍ୟନ୍ତ ରୁଚିକର ଓ ସୁବୋଧ ଦାଣ୍ଡି ବୃତ୍ତ

Digitized by srujanika@gmail.com

ଜନସାଧାରଣର ଚେତନା ଥିଲା । 'ଶୂଦ୍ରମୁନି' ସାରଳା ଦାସ ଓ 'ଶୂଦ୍ର' ବଳରାମଦାସ ଏହାକୁଇ ଅବଲମ୍ବନ କରି ନିଜର ବିରାଟ ପୁରାଣ-ମାନ ଲେଖି ଅତି ସହଜରେ ପ୍ରଚାର କରି ପାରିଥିଲେ ।

## ଓଡ଼ିଆ ବୃତ୍ତ ଓ ଛନ୍ଦରେ ଶବ୍ଦ—ବଚ୍ଛାଦାସ

ତାଣ୍ଡିରେ ବୋଲି ଗିବାକେ ଓଡ଼ିଆ ଭାଷାର ସ୍ୱାଭାବିକ ଶବ୍ଦ ବନ୍ଧନ ଧରି ଗୀତର ଛନ୍ଦ ଗଢ଼ା ହୋଇନାହିଁ । ଶ୍ରବର ଉଦଗଂଠନ ଶବ୍ଦଗତ ସ୍ୱରକୁ ଦୀର୍ଘ, ହ୍ରସ୍ୱ, ଲମ୍ବ, ଶ୍ଳେଷ କରିବାରେ ବେସରୁକୁ ପଡ଼େଛିଲା ଭଙ୍ଗି ଦେବାକୁ ପଡ଼େ । ଛନ୍ଦର ଛନ୍ଦକଥା ଏ ସମ୍ପର୍କରେ କହିବା ଦରକାର ନାହିଁ । ଛନ୍ଦ ହେଉଛି, ନିବନ୍ଧ ସ୍ୱରଶିଳ୍ପ ଉପରେ ପ୍ରତିଷ୍ଠିତ । ସଙ୍ଗୀତ ହେଲା, ଏହାର ଜୀବ ଓ ପ୍ରାଣ । ତେଣୁ ଛନ୍ଦରେ ପ୍ରାଣର ଭାବ ପ୍ରକାଶ କରିବାରେ ଶବ୍ଦ-ପ୍ରୟୋଗ-ଶିଳ୍ପ ପ୍ରତି ଦୃଷ୍ଟି ଦେବା ମୁଖ୍ୟ ସାଧନା ନୁହେଁ । ଦେଖ—

କାମୋଦୀ—ଦେଖିନ । ରଖା । ଲଭା । ବକାଳି । ଦାମା । ଲଭା
ଆଲଭା । ଲଭା । ଭାନ୍ତ । ମୂଳ
ଘୋଡ଼ୁଦା । ଝଙ୍କୁ । ସାର । ଶନ୍ତେ ଘ । ଝଙ୍କୁ । ସାର
ପିକଢା । ଭକ୍ତୁ । ଶୁଣି । ପେନ୍ଥ

—ଲାବଣ୍ୟବତୀ

ତାଣ୍ଡି ବୃତ୍ତକୁ କଳାପି 'ବାଣୀ'ରେ ସଜାଇବାରେ ଭାବ ପ୍ରକାଶ ସଙ୍ଗେ ଶବ୍ଦ ଯୋଜନା ଓ ସେଇ ସେଇ ଶବ୍ଦ ଭିତରେ ପୁଣି ବର୍ଣ୍ଣ ବିନ୍ୟାସର ଯତି ବା ସ୍ୱର-ଭଙ୍ଗ, ଅର୍ଥାତ୍, ସ୍ୱର-ବିରାମ ପ୍ରତି ଦୃଷ୍ଟି ଦିଆଗଲା । ବଚ୍ଛା ଦାସଙ୍କ କଳସା ଚଉତିଶାରେ ଏହା ପ୍ରଥମେ ହୋଇଥିଲା । ସେଥିରେ ପ୍ରଧାନ ଯତିପାତ ସ୍ଥାନ ଉପରେ ଗୁରୁ ଦୃଷ୍ଟି ଦିଆ ଯାଇଛି । ଅ୦ ଅକ୍ଷର ଉପରେ 'ଚରଣ'ର ଯତି

Digitized by srujanika@gmail.com

ସବାଧି ଶବ୍ଦ ଯୋଜନା କରିବାରେ ପ୍ରାୟ ଭୁଲ ହୋଇନାହିଁ । ଆଠ ଅକ୍ଷରଠାରେ ମୁଖ୍ୟ ଯତିପାତ କରି ପଢ଼ିଲେ, ଶବ୍ଦକୁ ଏଥିରେ ପ୍ରାୟ ଭାଙ୍ଗିବାକୁ ପଡ଼େ ନାହିଁ । ତଥା ବନ୍ଧରେ ଲେଖନକାର ଦୋଷରୁ କେତେକ ଯତି ଭଙ୍ଗ ପ୍ରକାଶ ପାଇଛି । ତଥାପି ଲେଖାର ଅନ୍ତ୍ୟବର୍ଣ୍ଣ ପ୍ରୟୋଗ କଳାରେ ବୁଦ୍ଧିମତା ହେତୁ ସେ ଯତି ଦୋଷରେ ଉଦ୍ଧାରର ସାହାଯ୍ୟ କରିଥିବ । କିନ୍ତୁ ଭାବ ପ୍ରକାଶ ଏଥିରେ ଅତି ରମଣୀୟ । ଦାଣ୍ଡି ବୃତ୍ତର ବ୍ୟକ୍ତି-ରୁଚି- ଓ ବ୍ୟକ୍ତି-ଶକ୍ତି-ନିରପେକ୍ଷ ଭାବ ପ୍ରକାଶକୁ ଯତିମିତ ବାଣୀରେ ଏପରି ସାର୍ବଜନୀନ ଭାବରେ ପ୍ରକାଶ କରିବାର ମନୀଷା ଏଥିରେ ସ୍ପଷ୍ଟ । ଓଡ଼ିଆ ସମାଜର ଚଳଣି-ଚଳନ ମଧ୍ୟ ଏଥିରେ ଦୀପ୍ତିମନ୍ତ ।

## କଳସା ଚଉତିଶାର ପରମ୍ପରା

ଅର୍ଜୁନ ଦାସଙ୍କ ରାମବିଭା ଏଇପରି ଗୋଟିଏ ଚଉତିଶାର 'କଳସା' ଭାବରେ ଲେଖା ହୋଇଥିଲା ପରି ମନେ ହୁଏ । ଛାନ୍ଦର ଅକ୍ଷର ମାପରେ ବାଣୀ ତାହାର କବିତା ଏଥିରେ ଆଦର ବଢ଼ି ଯାଇଛି । ବତ୍ସାଦାସ ଓ ଅର୍ଜୁନ ଦାସ ଦୁହେଁ ପ୍ରାଚୀନ ବାଣୀର ପ୍ରବର୍ତ୍ତକ ରୂପେ, ବିଶେଷ ଭାବରେ ପରିଚିତ । ତାଙ୍କପରେ ଆଉ ଜଣେ 'ରସାଭିଳାସ' କବି, ଶିଶୁଶଙ୍କର ଦାସ । ବତ୍ସାଦାସ ଦାଣ୍ଡି-ବୃତ୍ତକୁ ବାଛି ଦେଇଥିଲେ । ପରେ ସେଇ ଅନୁକ୍ରମେ ଛାନ୍ଦର ସଙ୍ଗୀତ-ନିବଦ୍ଧ ସ୍ୱର-ଭଙ୍ଗୀକୁ ଅର୍ଜୁନ ଦାସ ପ୍ରଥମେ ଓଡ଼ିଆ ପୁରାଣ କଥାରେ ଯୋଗ କଲେ । ତାର ବହୁ ପରେ ଶିଶୁଶଙ୍କର ସେଥିରେ ମଧ୍ୟଯୁଗର ମାଧୁର୍ଯ୍ୟ କଳା ପୂରାଇଥିଲେ । ଉପସ୍ଥିତ ପ୍ରକାଶିତ କାବ୍ୟରୁ ଏହାହିଁ ମନେ ହୁଏ । ଉଦ୍ୟରେ ଛାନ୍ଦର ପ୍ରଭାବ କଥା ପରେ କୁହା-ଯାଉଛି । ମାତ୍ର ଏତିକି ଏଠି କୁହା ଯାଇପାରେ ଶିବ-ଚରିତ୍ର ଓ ରାମଚରିତ୍ର ବର୍ଣ୍ଣନା କରି ଏଇ ସ୍ୱାଭାବିକ କବିତା ଲେଖା ହୋଇଥିଲା,

Digitized by srujanika@gmail.com

ସାରଳାଙ୍କ ପରେ ଓ ପଞ୍ଚ ସଖାଙ୍କ ପୂର୍ବରୁ । ମାର୍କଣ୍ଡ ଦାସଙ୍କ କେଶବ କୋଇଲି ଜଗନ୍ନାଥ ଦାସଙ୍କ ସମସାମୟିକ । ଏହା ଚୈତନ୍ୟଙ୍କ ପୂର୍ବବର୍ତ୍ତୀ ହୋଇ ନ ପାରେ ।

**ମାର୍କଣ୍ଡଦାସଙ୍କ କେଶବକୋଇଲି**

ନାରାୟଣାନନ୍ଦ ଅବଧୂତ ସ୍ୱାମୀ ଆଉ ଗୋଟିଏ ପ୍ରକାରରେ ଦାଣ୍ଡିବୃତ୍ତ ବା ଗଦ୍ୟକୁ ପଦ୍ୟପରି କହିବାର ଶୈଳୀ ବାହାର କରିବାର ଉଦ୍ୟମ କରିଥିଲେ । ସଂସ୍କୃତ ପ୍ରେମୀ ପଣ୍ଡିତମାନେ ଶୂଦ୍ର ବା ଜନ ସାଧାରଣଙ୍କ ଭାଷା ସାହିତ୍ୟ ପ୍ରକାଶରେ ପୁଷ୍ଟଲତା ଓ ସାମର୍ଥ୍ୟ ଦେଖି, ତାଙ୍କର ଯେ ଭୀତି ହୋଇଥିବ, ଏହା ସେଇଥିରୁ ବାହାର ଶ୍ଳେଷରୁ ମନେ ହୁଏ । ଏହାର କ୍ଷୀଣ ପରଂପରା ବୋଧହୁଏ ବଞ୍ଚିଥିଲା । କାହୁଁକିନା, ପରେ ବ୍ରଜନାଥ ବଡ଼ଜେନାଙ୍କ 'ଚତୁର ବିନୋଦ' ଓ ବଳଦେବ ରଥ କବିସୂର୍ଯ୍ୟଙ୍କ 'ହାସ୍ୟ କଲ୍ଲୋଳ' ଏଇ ଛନ୍ଦରେ ଲେଖା ହୋଇଛି । ମାତ୍ର ଏହା ବହୁକାଳରୁ ଚତୁରଂଗର ବିନୋଦ ଓ ହାସ୍ୟର କଲ୍ଲୋଳ ଉଠାଇବାରେ ନିମିତ୍ତ ହୋଇଥିଲା । କିନ୍ତୁ ଦାଣ୍ଡି ବୃତ୍ତିକୁ କଳାପି 'ବାଣୀ'ରେ ପଶାଇବା ଧାରାରେ ଆଉ ଗୋଟିଏ ବିଚକ୍ଷଣତାର ଉଦାହରଣ ହେଉଛି, ମାର୍କଣ୍ଡଦାସଙ୍କ 'କେଶବ କୋଇଲି' । ଏହା ଚତୁର୍ଦ୍ଦଶାକ୍ଷର ପଦରେ ନିବଦ୍ଧ । ମାତ୍ର ଦୁଇପଦୀ ନୁହେଁ, କି ଚଉପଦୀ ନୁହେଁ । ଶେଷରେ ସ୍ୱରଭଂଗୀ ବିସ୍ତାରରେ 'କେ କୋଇଲି' ଏଇ ଗୁଡ଼ିଏ ଅକ୍ଷରକି ପ୍ରଥମ ପଦର ଆଦ୍ୟ ଭାଗରୁ ଅବୃତ୍ତି କରି, କବି ଏଥିରେ ଅତି ଅଦ୍ଭୁତ ଭାବରେ ଦୁଇ ପଦୀକୁ ଚଉପଦୀରେ ପରିଣତ କରି ଅଛନ୍ତି । ଦାଣ୍ଡି ବୃତ୍ତିର କଳାପରେ ଏଇଠାରେ ଛନ୍ଦର ସଙ୍ଗୀତ କଳା ପଶିଛି । କର୍ଣ୍ଣାଟୀ ସଙ୍ଗୀତର ବିଖ୍ୟାତ ବଂଗଳାକ୍ଷୀ ରାଗରୁ ବାହାରିଥିବା ପ୍ରାକୃତ 'ତ୍ରିପଦୀ'କୁ ଏଇପରି

Digitized by srujanika@gmail.com

ବ୍ୟବହାର କରି ଓଡ଼ିଆରେ ଅସଂଖ୍ୟ ଗୀତ-ଗୀତ ବାହାର କରି-ଯାଇଛି । ବୈଧନାଥ ଗୁପ୍ତଙ୍କ 'ବର୍ଷା'ର ଗୀତଠାରୁ 'ଅବଗ୍ରୀଧ ଶନ୍ଧାମଣି'ର "ଶ୍ରୀରାଧା ବାଉରୀ ପ୍ରେମରସ ଡୁଲି"ର ଗୀତ ପର୍ଯ୍ୟନ୍ତ ପ୍ରାୟତଃ ଶତ ସଂଖ୍ୟାରେ ଏଇ ଛନ୍ଦ-ଗୀତମାନ ଅନୁସନ୍ଧାନ କରାଯାଇ ପାରେ । ତା ଠାରୁ ସଂଖ୍ୟାରେ କମ ହେଲେ ମଧ୍ୟ ଦେଇପାରି ଚଉଦ ଅକ୍ଷର ଦାଣ୍ଡି ବୃତ୍ତର 'କଳସା' ବାଣୀର ପ୍ରସାର ବହୁ ପ୍ରକାର । ମଂଗଳ ଗୀତଠାରୁ ସଂକୀର୍ତ୍ତନ ଓ ଅବଧୂତଧଳମଣିର 'ଧୀରେ ରାଧା ଚାଲି ଯାଉ'ଛ କଳକ ବାମୋଦୀ-ନାମ-ଜାସିତ ଗୀତ ପର୍ଯ୍ୟନ୍ତ ଅନେକ ଛନ୍ଦରେ ଏହା ଦେଖାଯାଏ ଦେଖି ହେବ । (ଏଇ ଅଧ୍ୟାୟର 'ପରିଶିଷ୍ଟ' ଦେଖ ) ।

## 'ଛାନ୍ଦ'ର କ୍ରିୟା ଓ କରଣୀ

ସଙ୍ଗୀତ 'ଛାନ୍ଦ'ରେ ଷୋଡଶ-ମାତ୍ରା-ନିବଦ୍ଧ 'ପଦାକୁଳକ' ବୃତ୍ତପରି ହୋଇଛି, ଅମଦାଣ୍ଡି ବୃତ୍ତର ଚତୁର୍ଦ୍ଦଶାକ୍ଷରୀ ଶୈଳୀ (ଉପରେ ଦୃଷ୍ଟାନ୍ତ ହୋଇଥିବା ସୁନ୍ଦର କୁମାର ଗୃହସ୍ଥିଙ୍କ ଗୀତାଂଶ ଦେଖ) । ଏହାଇ ଆମ କଳସା ପଦବୃତ୍ତ ଓ ପରେ ପ୍ରକାଶ ପାଇ-ଥିବା ଶୈଳୀ ପଦୀର ପ୍ରାଣ । ବଳ୍ଲଭଦାସଙ୍କ କଳସାରେ ତା ଖୁବ ମାର୍ଜିତ ହେବା ବାଟରେ ପଡ଼ିଥିଲେ ମଧ୍ୟ, ସେ ମାର୍ଜନାର ଯଥାର୍ଥ ବିକାଶ ହେଲା ନାଇ । ଗୃହପତି ଯେପରି ଜ ଅତିକ୍ରମଣ କରିବା ପାଇଁ ଗୃହି ବସିଥିଲା, ଶିଷ୍ଟ ଦରିଦ୍ରମାନଙ୍କ ମୋହନ ଛନ୍ଦର ଗୀତ ଓ ଛନ୍ଦ ଗତ । ମୂନି ହେଲେ ମଧ୍ୟ ଶୂଦ୍ର ସାରଳାଦାସ ସେଥିରେ ଛିଦ୍ର ପାଇଲେ ନାଇ । କପିଳେନ୍ଦ୍ର ଦେବଙ୍କ ପରେ ପରେ ଜାତିର ଜନ ସାଧାରଣଙ୍କ ଜିଦ୍‌ବୋଧ କ୍ରମେ ମଉଳି ଆସିଲା । ପରେ ପେଞ୍ଜିମାନେ ଭଜନ ବାଣୀରେ ଲେଖିଲେ ଯେ ଦାଣ୍ଡି ବୃତ୍ତର କଳସା ବାଣୀ ଉପରେ ଅଣ ସେତେ ଜୋର ଦେଲେ ନାଇ । ଛନ୍ଦ ସାହିତ୍ୟ

Digitized by srujanika@gmail.com

ପ୍ରଭାବରେ ସେ ପଦ-ବୃତ୍ତ ତଥା ଅନ୍ୟାନ୍ୟ ବୃତ୍ତର ଶବ୍ଦ ଯୋଜନାରେ ଅଳ୍ପ ଯତିର ଇଙ୍ଗିତ ଦେଉନ୍ଥିଲେ ନାହିଁ। କେତେକ ଗୁଡ଼ିଏ ଛନ୍ଦର ବୋଲିବା ପ୍ରଭାବକୁ କବିମାନେ 'ବାଣୀ' ବୋଲି କହୁ ନିଜ ଲେଖାରେ ସେଇ ଛନ୍ଦ ବା ସେଇ ଲେଖା (ଚଉତିଶାଦି) ଅଥବା ତହିଁରେ—ପ୍ରଥମ ଧାଡ଼ିକୁ ଦେଖାଇ ସେଇପରି ଗାଇବ ବୋଲି ନିର୍ଦ୍ଦେଶ ଦେଲେ। ଏଇସବୁ କାରଣରୁ ଆମ ସାହିତ୍ୟରେ ସ୍ୱାଭାବିକ କାବ୍ୟଛନ୍ଦ କେବେ ସ୍ପଷ୍ଟ ପ୍ରକାଶ ପାଇନାହିଁ। ସେଥିପ୍ରତି ଦୃଷ୍ଟି ଦିଆ ହୋଇ ନାହିଁ। ବିଶେଷତଃ ପରାଧୀନ ଓଡ଼ିଶାରେ ଯେଉଁ ବିକଟ ସାହିତ୍ୟ ପରାଧୀନତା ପ୍ରକଟିଲା ଓ ସେଥିରେ ପ୍ରାଣର ଭାବ ଖେଳାଇ ଫୁଟାଇବାରେ ଯେପରି ଅତି ସ୍ୱାଦ୍ୟ ଓ ମୋହନତର ଯୌନ ରସକୁ ଅବଲମ୍ବନ କରାଗଲା, ସେଥିନେର ସ୍ୱାଭାବିକ କାବ୍ୟ ଶିଳ୍ପର କରଣୀରେ ଭାବ ଓ ଭାଷାର ସାମଞ୍ଜସ୍ୟ ଲୋଡ଼ା ପଡ଼ୁନ୍ଥିଲା ନାହିଁ। ତେଣୁ ଶବ୍ଦର ଗଠନ ଓ ଯୋଜନା ପ୍ରତି ଦୃଷ୍ଟି ନ ଦେଇ ଅକ୍ଷର ଗଣି ଛନ୍ଦ ବା ଛନ୍ଦର ପଦ ପାଦକୁ ବିଦ୍ୟାସ୍ଥାନ ଭାବରେ ଅନୁକରଣ କରିବା ଆମ କାବ୍ୟ ସାହିତ୍ୟରେ ବରାବର ଦେଖାଯାଏ। ଦେଖ, ଭଞ୍ଜସାକୁ ରାଗ ବୋଲି ଲେଖି, କେଉଁ 'ବନବାସ ଚଉତିଶା'କୁ ଏଥିରେ ବୃତ୍ତ ବୋଲି ନିର୍ଦ୍ଦେଶ କରି, 'ମଥୁରାମଙ୍ଗଳ', ୨୪ ଛନ୍ଦରେ ଭକ୍ତଚରଣ ଦାସ ଲେଖି ଯାଇଛନ୍ତିଃ—

ଯେଉଁ ଗୋପୀମାନଙ୍କୁ ଖ | ବନ୍ତି ସୁରମୁନି
ଯକ୍ଷ, ରକ୍ଷ, ଗନ୍ଧର୍ବ, ଣ | ଙ୍କର ପଦ୍ମଯୋନି |୨୦|
ହର ଲକ୍ଷ୍ମୀ ନାରାୟଣ ଯା | ହାଙ୍କ ପାଦରଜ।
ତାଙ୍କୁ ସଙ୍ଖୋଳିବାକୁ ଯେ | ଛିନ୍ନ ଦେବରାଜ |୩୧|

Digitized by srujanika@gmail.com

ଏ ଯୁଗରେ ପର୍ଯ୍ୟନ୍ତ ରାଧାନାଥ 'ବେଣୀସଂହାର'ରେ ଲେଖି ଯାଇଛନ୍ତି:—

"ବାନ୍ଧବଙ୍କୁ ଭେଟିବେ ନେ | ରଜ ପ୍ରେତପୁର"
"ଛାଡ଼ି ଥିଲ ଧର୍ମରେ କ | ଷ୍ଟ ସ ଶା ବେଳେ"
"ଛାଳଣ୍ଡ ଯାହେନ ବୁ | କାଉବେନ ତୋକା"
"ନାଗଲୋକ ଭ୍ରମିରେ ସ୍ତ୍ରୀ | ମର ମୂର୍ତ୍ତି ଗୁଡ଼ି"
"ଏ ସମସ୍ତେ କଣ୍ଠରେ ଧ୍ୱ | ନିଲ କୋଲାହଳ ।"
"ଏତଣରେ ସ୍ତମ୍ଭର ବ | ହିଲ ଧନୁର୍ଗୁଣ"
ବାଣଦ୍ୱରଣରେ:—
"ତୁମ୍ଭସଙ୍ଗେ ମନ୍ତ୍ରଣା ଚ | ଳିବ କାହିଁ ପାଇଁ"

ରାଧାନାଥ ଯେ ଇଚ୍ଛା କରିଥିଲେ ଏ ଦୋଷ ନ ରଖି ଲେଖି ପାରି ନ ଥାନ୍ତେ ତା ଅବଶ୍ୟ କେହି ମନେ କରିବେ ନାହିଁ । ସେ ଯେ ଛନ୍ଦର ବର୍ଣ୍ଣ-ବିନ୍ୟାସରେ କୁଶଳ ବା ଯତ୍ନଶୀଳ ନ ଥିଲେ ତା ବି ନୁହେଁ । ମନେ ହୁଏ, ସ୍ୱତନ୍ତ୍ରବ୍ୟଂଜନ-ସଙ୍କୁଳ ଓଡ଼ିଆ ଛନ୍ଦର ଅନ୍ତ୍ୟ ମିଳନରେ ଅତ୍ୟନ୍ତ ଅନାଦରଣୀୟ ଉପଧାମିଳନକୁ ବଙ୍ଗଳାରୁ ଅନୁକରଣ କରି ତାଙ୍କୁ ମିତ୍ରାକ୍ଷରର ପ୍ରାଣ ବୋଲି ଠିକ୍ କଲା ପରେ ଶିକ୍ଷା ବିଭାଗର କର୍ତ୍ତୃପକ୍ଷେ ସ୍କୁଲ ଅବସ୍ଥାରେ ଆମକୁ 'ଦୁଷ୍ଟ ମିତ୍ରାକ୍ଷର' ଓ 'ଅପୂର୍ଣ୍ଣ ମିତ୍ରାକ୍ଷର' ବୋଲି ଛନ୍ଦ-ଦୋଷମାନ ଶିକ୍ଷକଙ୍କ ହାତରେ ପଢ଼ାଇ ପରୀକ୍ଷାରେ ଉଦାହରଣ ସହିତ ଉତ୍ତର ଦେବାପାଇଁ ପ୍ରଶ୍ନ ପଚାରୁଥିଲେ । 'କବିତାବଳୀ,'ରୁ ଉଦାହରଣ ଦେଇ ମୁଁ ପରୀକ୍ଷାରେ ଉତ୍ତର ଦେଇଥିବାର ମୋ ମନେ ପଡ଼ୁଛି ।

ଦୁଷ୍ଟମିତ୍ରାକ୍ଷର:—

ଅଶ୍ୱ ଅର୍ଥେ ମଗ୍ନ ହେଲେ ସଗରଙ୍କ ପୁଏ
ଖୋଳୁ ଖୋଳୁ ହେଲେ ଖେଳା ସାଗର ବୋଲାଏ ।
—ମଧୁସୂଦନ ରାଓଙ୍କ ଅଯୋଧ୍ୟା ପ୍ରତ୍ୟାଗମନ

Digitized by srujanika@gmail.com

ଅସମ୍ପୂର୍ଣ୍ଣ ମିତ୍ରାକ୍ଷର—

"ସନ୍ଧ୍ୟା କାଳି ଦୁଇଦଳ ଗଲେ ନିଜସ୍ଥାନ
ମହାସୁଖେ ଏକ, ପୁଣି ମହାଶୋକେ ଆନ ।"
—ବେଣୀସଂହାର ।

'ପୂର୍ବ'ର 'କ୍ଷୀଣ' ସଙ୍ଗେ 'ଚୋଳାଏ'ର 'ଆଏ' ପଢ଼ିବା 'ଦୁଷ୍ଟ ମିତ୍ରାକ୍ଷର' । ସ୍ଥାନର ବ୍ୟଞ୍ଜନଯୁକ୍ତ 'ଆନ' ସଙ୍ଗେ ନିର୍ବ୍ୟଞ୍ଜନ 'ଆନ' ପଢ଼ିବା 'ଅପୂର୍ଣ୍ଣ ମିତ୍ରାକ୍ଷର' । ବଂଗଳାରେ ଏହା ହେଲେ ମଧ୍ୟ, ଓଡ଼ିଆରେ ଏ ଦୁଇଟିଯାକ ନିର୍ଦ୍ଦୋଷ ମିତ୍ରାକ୍ଷର ଓ ପୂର୍ଣ୍ଣ-ମିତ୍ରାକ୍ଷର । ମିତ୍ରାକ୍ଷରର ଅନ୍ତ୍ୟମିଳନ ପାଇଁ ବଂଗଳା ଓ ଓଡ଼ିଆ ଦୁଇ ଥିରେ ଆବଶ୍ୟକ ହେଉଛି, ଦୁଇପାଦ ଶେଷର ସବ୍ୟଞ୍ଜନ ସ୍ୱର ବା ଏକାକୀ ସ୍ୱରଟି ଏକ ହେବା । ବଂଗଳାରେ ଉଦାହରଣ ହେଉଛି, 'ଦେଶ୍' ଡେଣୁ ଶେଷ ସ୍ୱରୋଚ୍ଚାରିତ ବର୍ଣ୍ଣଟି 'ଏଶ୍', ଶ (ଶ୍+ଅ)ନୁହେ । ଅତଏବ ତାର ସମବର୍ଣ୍ଣ ହେବ କେଶ-ର ଏଶ୍ । ଓଡ଼ିଆରେ ବାସ ସଙ୍ଗେ ମେଷ ରେଖିଲେ ଭୁଲ ହେବ ନାହିଁ । ଅନ୍ତ୍ୟ-ମିଳନର ଉପାଦାନ ହେଉଛି, ଶେଷସ୍ୱରଟି ବା ଶେଷ ବ୍ୟଞ୍ଜନମିଶ୍ରିତ ସ୍ୱରଟି । ବଂଗଳାରୁ ଉପଧା ମିଳନ ଅନୁକରଣ କରିବା ପୂର୍ବରୁ ଓଡ଼ିଆରେ ଉପଧାମିଳନକୁ 'ଅନ୍ତ୍ୟାନୁପ୍ରାସ' ଅଳଂକାର ବୋଲି କହୁଥିଲେ । ଦିପୁରବଦାସ ନିଜ "ରାମ-କୃଷ୍ଣ-କେଳି-କଲ୍ଲୋଳ"କୁ ଏଇ ଅନ୍ତ୍ୟାନୁ-ପ୍ରାସରେ ଲେଖିଥିଲେ । ଏଇପରି 'ଉପଧାମିଳନ'ର ବ୍ୟବହାର ଥିଲେ ମଧ୍ୟ ଏହା ଓଡ଼ିଆ ପଦ୍ୟର ଅବଶ୍ୟକ ଅଂଗ ବୋଲି ବିବେଚିତ ହେଉ ନ ଥିଲା । ଏହାଥିଲା, ଚୋଟିଏ ଅଳଙ୍କାର । ଏହା ରାଧାନାଥ ବା ରାଧାନାଥ-ପନ୍ଥୀ ପଦ୍ୟ ଲେଖକେ ଅବଶ୍ୟ ବୁଝି ନ ଥିଲେ । ତଥାପି ଏହି ଅଯଥା ଅନୁକୃତିରେ ମଧ୍ୟ ଗ୍ଧଦର

Digitized by srujanika@gmail.com

ସ୍ୱର ଶୈଳୀଗତ ଗଢ଼-ଓ ବର୍ଣ୍ଣ-ବିନ୍ୟାସ ପାଇଁ ରାଧାନାଥ କେତେ ସାବଧାନ ଥିଲେ, ତା ଏଥିରୁ ବୁଝାଯାଉଛି । ମାତ୍ର ଛନ୍ଦ ସଂସ୍କାର ପ୍ରଭାବହେତୁ ଓଡ଼ିଆ ପଦ୍ୟ ଲେଖିବାରେ ସେ ବିନ୍ୟାସଗତ ପଦ-ଘାତ ଏବେ ବି ଅନେକେ ବୁଝନ୍ତି ନାହିଁ । ଚତୁର୍ଦ୍ଦଶାକ୍ଷରୀ ବୃତ୍ତର ପ୍ରାଣ ହେଉଛି ଯେଉଁ ଦ୍ୱ୍ୟକ୍ଷର ବା ତ୍ର୍ୟକ୍ଷରସମ୍ପୃକ୍ତ ପାଦ ଯତି, ତା ବଙ୍ଗଳାରେ ବି ଅଛି । କିନ୍ତୁ ଅନୁକରଣରେ ମଧ୍ୟ ଏବେ ଆମ ଲେଖକେ ସେ ପ୍ରତି ପୂର୍ବପୂର ଅବହିତ ନୁହନ୍ତି । ଏହି ଚତୁର୍ଦ୍ଦଶାକ୍ଷରୀ ପାଦ ବୃତ୍ତର ସ୍ପଷ୍ଟ ଯତି ନିୟମରେ ପ୍ରଥମ ଆଠ ଅକ୍ଷର, ବର୍ଣ୍ଣ ବିନ୍ୟାସରେ ହେବ, ୨ + ୨ + ୨ + ୨ ; ୪ + ୪ ; ୩ + ୩ + ୨ । ଏହା ୨ + ୩ + ୩ ବା ୩ + ୨ + ୩ ହେବନାହିଁ । ହେଲେ ଉପ-ପଦ ଭଙ୍ଗ ହେବ । ଅମିତ୍ରାକ୍ଷରରେ ବି ସେହି ନିୟମ । ଏକଥା ଆମ କବିଏ ବଙ୍ଗଳାରୁ ଗ୍ରହଣ କରିବା ପୂର୍ବରୁ ବୁଝିଥିଲେ ବୋଲି କହିବାର ପ୍ରମାଣ ନାହିଁ । ଛନ୍ଦ ବଡ଼ ମୁଗ୍ଧକର । କିନ୍ତୁ ଭାଷାରେ ଭାବଦ୍ୟୋତକ ସରଳ ଓ ସ୍ୱଚ୍ଛନ୍ଦ ଛନ୍ଦଶୈଳୀ ଫୁଟାଇବାରେ ତା କପର ପ୍ରତ୍ୟବାୟ, ତା ନେଣ୍ ବୁଝାଯାଉଛି । ମଧୁସୂଦନ ରାଓ ମଧ୍ୟ ଲେଖିଛନ୍ତି:—

"ଭୁଦ୍ର । ମାଳ । ନମ । ଭୂମି
ପଦ୍ମ । ଫକ୍କ । ରତ୍ନ । ଭୂମି" ଇତ୍ୟାଦି

ଏଥିର ମୋହନ ସଂଗୀତରେ ପିଲା ଭୁଲ୍ ପାଇ ପାରେ । ଯଥାଅଛି, ସାପ ବି ସଂଗୀତରେ ଭୁଲେ । କିନ୍ତୁ ଏ କବିତାର କେବଳ ଅବୃତ୍ତିରେ ପିଲାର ଦେହ-ପ୍ରାଣକୁ କେତେ ଫୁଟି ଉଠିବ, ତା ମାପିବାର ଉପାୟ ଥିଲେ, କହାଯାଇଥାନ୍ତା । ଏ ଓ ବେଷ୍ଟନୀ ଧରି ସଂଗୀତର ଅନୁସ୍ୱାସ କହନ୍ତୁ ଏ । ନେଇଥର ଛନ୍ଦର ସ୍ୱରବୋହେବ । ଏହା ନ ହୁଏ ବୋଲି ବୁଝାଯାଏ ନାହିଁ । କିନ୍ତୁ ଯେ କୌଣସି ଉପର ଭାବ ଏଥିରେ ଉଠାଇବା ପଦ ବୃତ୍ତରେ

Digitized by srujanika@gmail.com

ତେଲୁଗୁର ଏଥିରେ ଦେବା ସହଜ ନୁହେ । ସ୍ୱର ଅନୁସାରେ ବୃତ୍ତର ବାଣୀ ଦେବା କାବ୍ୟସାହିତ୍ୟରେ ଗୋଟିଏ ବିଶେଷ ଅଂଗ । ଛନ୍ଦ ତା ସେତେ କରିପାରେ ନାଇ; ମାତ୍ର ଅନ୍ୟଥା ମୁକ୍ତି କରେ । ଆଧୁନିକ ସାହିତ୍ୟରେ ସେଥିପାଇଁ ଛନ୍ଦର ପ୍ରସାର କବିତାରେ ସଂକୁଚିତ ହୋଇ ଯାଉଛି । ଲକ୍ଷ୍ୟ କରିବାର ଅଛି, ସଂଗୀତର ପ୍ରସାର କିଂତୁ କମୁନାଇ । ଅଉରି ଏକ କଥା, ଓଡ଼ିଆର ସ୍ୱାଭାବିକ ବୃତ୍ତ ଓ ବାଣୀର ଛନ୍ଦ ପ୍ରକାଶ କରିବାରେ ଛନ୍ଦ ଏକ ପ୍ରକାର ପ୍ରତ୍ୟବାୟ ମଧ୍ୟ ହୋଇ ଅଛି । ବିଶେଷରେ ଏହା ଥିଲା ପଣ୍ଡିତଙ୍କ ସାଧନା ଓ ଅ-ଶୂଦ୍ରଙ୍କ କାବ୍ୟ ବିଳାସ । ହୋଇଂକାର ଏହାର ବିଳାସ ସଂଗୀ । ଝିଙ୍କାର ଏଥିରେ ଗତାନୁଗତିକ-ନିୟମ-ଚକ୍ର ।

## ଜଗନ୍ନାଥ ଦାସ ଓ ଭାଗବତ ବୃତ୍ତ

ସ୍ୱାଭାବିକ ବୃତ୍ତକୁ ବାଣୀର ବିବିଧ ଭଂଗୀରେ ସଜାଇ ହୋଇଯାଇ ପାରେ; ନବାକ୍ଷର ଭାଗବତ ବୃତ୍ତରେ ଏହା ଏକ ଅନନ୍ୟ ସାଧାରଣ ଅଦ୍ଭୁତ କୀର୍ତ୍ତି । ଜଗନ୍ନାଥ ଦାସଙ୍କ ପୂର୍ବରୁ ଏହା ଥିଲା କି ନାଇ, କହୁ ହେଉ ନାଇ । ଯଦି ଥିଲେ ଏହା ଥିବ ସ୍ୱର ପ୍ରକାଶର ଗୋଟିଏ ଅଚର୍ଚ୍ଚିତ ଆଙ୍ଗିକ ଭଂଗୀମାତ୍ର । ଜଗନ୍ନାଥ ଦାସ ଏହାକୁ ଦେଇଥିଲେ, ସ୍ୱବିକଶିତ-ସଂଗତ ସାର୍ବଜନୀନ ରୂପ । ଦରିଦ୍ର ଶୂଦ୍ରଙ୍କର । ସେଥିରେ ବାଣୀ-ବିଳାସ, ଛନ୍ଦ-ପୀଡ଼ାରେ ଭ୍ରଷ୍ଟ । ଜନ୍ମତଃ 'ଶୂଦ୍ର' ନ ଥାଇ, କର୍ମରେ 'ଶୂଦ୍ର' ବା ସାଧକ ଜନ ଥିଲେ, ଜଗନ୍ନାଥଦାସ । ଭାଗବତ ବୃତ୍ତରେ ଓଡ଼ିଆ ପଦ୍ୟକୁ ସେ ଯେଉଁ ସଂପଦ ଦେଇଗଲେ, ସେଥିରେ ଏକ ଦିଗରେ ଦାରିଦ୍ର୍ୟ ବୃତ୍ତର ପରିସମାପ୍ତି ଓ ଛନ୍ଦର ବାଣୀ-ବିଳାସ, ପ୍ରବେଶରେ ନିର୍ବାଣ । ଏହା ସାଧାରଣ ଜନ-ବୃତ୍ତ, ଅଥଚ ବାଣୀ-ଭଙ୍ଗୀରେ

Digitized by srujanika@gmail.com

ଏକ ପ୍ରକାର ସଙ୍କେତା ମୁଖ ଓ ଅନନ୍ତ । ଏଇ ଛନ୍ଦରେ ଭାଗବତ ପାଠ କି ବସ୍ତୁ, ଅନୁଭବ ବିନା ତାର ବର୍ଣ୍ଣନା ଅସମ୍ଭବ । ଦୋଳିଗା ଲୋକର ବାଣୀସ୍ବରୂପ ଏଥିରେ ଯେପରିକି ସ୍ବାଧୀନତାର-ପ୍ରମତ୍ତ । ଦାଣ୍ଡିବୃତ୍ତପରି ଏହା ସରଳ ଓ ସ୍ବଚ୍ଛନ୍ଦ; କିନ୍ତୁ ବଂକ୍ତଣ୍ଡର ଏକାନ୍ତ ଅପେକ୍ଷା ରଖେ ନାହିଁ । ସାହିତ୍ୟର ଘୋର ପରାଧୀନତାର ପ୍ରାକ୍କାଳରେ ଏହା ଓଡ଼ିଆ ସାହିତ୍ୟର ଗୋଟିଏ ଅପୂର୍ବ ସମ୍ପଦ । ଏଥିରେ ବୃତ୍ତ ନର୍ତ୍ତକୀ, ବାଣୀ ବହୁମୁଖୀ; ଛନ୍ଦର ସଙ୍ଗୀତ-ଦର୍ପ ଏହା ପ୍ରାଣେ ପ୍ରଶସ୍ତ ଓ ଅପ୍ରମତ୍ତ । ଏହାଇ ଅତିଦୁର୍ଦ୍ଦିନରେ ଓଡ଼ିଆ-ସାହିତ୍ୟକୁ ବଞ୍ଚାଇ ରଖିଛି, କହିଲେ ଚଳେ । ସ୍ବାଧୀନ, ସ୍ବାଭାବିକ, ସରଳ, ସ୍ବଚ୍ଛନ୍ଦ ସାହିତ୍ୟ, ଓଡ଼ିଆ ପଦ୍ୟରେ ଆରମ୍ଭ ହୋଇଥିଲା, ସାରଳା ଦାସରେ । ଏ ପରଣତ ଛନ୍ଦ ଗୀତାକୁ ତାଙ୍କୁ ବଂଶଇ-ରକ୍ଷିବାରେ ଦାୟାଦ ପରି ହେଲେହେଁ, ସାରଳାଦାସଙ୍କ ସାହିତ୍ୟରେ ଜାତୀୟ ଯେ ପୁଷ୍ଟ ଜୀବନ ପ୍ରମାଣ ପାଇଛି, ତାକୁ ପ୍ରସାର ଓ ପ୍ରସ୍ଥରେ ବର୍ଦ୍ଧନ କରିବାକୁ ଏ ବୃତ୍ତକୁ ଅବକାଶ ବା ବେଶମା ମିଳି ନାହିଁ । ତେଣୁ ସାରଳା ସାହିତ୍ୟକୁ ଏହା ଠିକଣା କରି ଦେଖିଲେ ଆମ ସାହିତ୍ୟର ଯଥାର୍ଥ ଗତି ଓ ପଦ୍ଧତି ଭଲ ବୁଝିହେବ ।

Digitized by srujanika@gmail.com

# ଷଷ୍ଠ ଅଧ୍ୟାୟର ପରିଶିଷ୍ଟ

## ଗୀତ, ପ୍ରବନ୍ଧ ଓ ଛାନ୍ଦ

### କଳସା ଓ ମଂଗଳ

କଳସା ବାଣୀକୁ ଯେଉଁ ବୃତ୍ତରେ ପ୍ରୟୋଗ କରାଯାଏ, ସେଇ ବୃତ୍ତକୁ ରାଗ ନାମରେ 'ମଂଗଳ' ବୋଲି ସାଧାରଣତଃ କୁହାଯାଇ ଥାଏ। (ଛଦଗ୍ରଚନ୍ଦ୍ରାମଣିର ପ୍ରଥମଛନ୍ଦ—ମଂଗଳ; ଷଷ୍ଠ ଓ ଷଂଛନ୍ଦ—କଳସା; ଏ ଦୁହିଁକୁ ତୁଳନା କରି ଦେଖ ) ଛଦଗ୍ର-ଚନ୍ଦ୍ରାମଣିର "ପ୍ରଥମ ଛନ୍ଦଟି ସଂଗୀତ ଶାସ୍ତ୍ର ପ୍ରସିଦ୍ଧ 'ମାତୃକା' ପ୍ରବନ୍ଧ। ଇଷ୍ଟଦେବ ସ୍ତୁତିରୂପ ମଂଗଳକୁ କବି 'ମଙ୍ଗଳ-ରାଗ'ରେ ଲେଖିଛନ୍ତି।" (ନବଭାରତ, ମୀନ, ୧୩୫୫—ପୃ. ୧୫୯ରେ ପଣ୍ଡିତ ବାନାଂବର ଆଚାର୍ଯ୍ୟଙ୍କ 'ଛନ୍ଦ ଶବ୍ଦର ଉତ୍ପତ୍ତି' ପ୍ରବନ୍ଧ ଦେଖ )। କଳସା ବାଣୀ ଓ 'ମଂଗଳ ରାଗ'ର ସାହିତ୍ୟିକ ସଂବନ୍ଧ ଯା ହେଉ, ସାମାଜିକ ଚଳଣିରେ ଥିବା ସଂବନ୍ଧ, ଏଥିରୁ ଅନୁମାନ କରାଯାଇ ପାରେ। ଗୀତର ସ୍ୱର ଲୟରେ ମଧ୍ୟ ସଂବନ୍ଧ ଅଛି। ହୁଏତ ଏଠାରେ ମଂଗଳ ରାଗଟି ଦୁଇ ପାଦଯୁକ୍ତ ହେବାରୁ ଗୀତବେଳେ ପ୍ରଥମ ପାଦଟି 'ଦୋହଡ଼'(ସଂ:ର: ଅ.୪ । ୩୦୯) ତା ଦୋହଡ଼ ବୋଲିବାକୁ ହେବ ବା ଅନ୍ୟପ୍ରକାରେ ଶେଷର ହେ—କୁ ଲମ୍ବାଇ ତାରେ ସ୍ୱରତରଂଗ ଛୁଣ୍ଡାଇବାକୁ ହେବ। କଳସାକୁ ରାଗ ବୋଲି କହିବା କଥା ପୁଣି କୁହା ଯାଇଛି। ମଂଗଳ-ଗୁଚ୍ଛରୁ ଦ୍ରୁତ ପଦ ନାମଗୁଡ଼ିକ ହୁଏତ ମଂଗଳ ବା କଳସା ଭିତରେ ପ୍ରତିଷ୍ଠିତ ଥିଲେହେଁ ସଂଗୀତର ଅନ୍ୟରାଗ ସଂଗେ ସେମାନଙ୍କର ସଂବନ୍ଧ ଥିବ। ମାଙ୍ଗ ଯାତ୍ରା ଓ ବିବାହାଦି ମଂଗଳ କାର୍ଯ୍ୟମାନଙ୍କରେ କିଂବା ଅନ୍ୟଥା ମଂଗଳ ସୂଚକ ପର୍ବରେ ତଥା ସେଇସବୁ 'କଳସା' ସଂପର୍କରେ

Digitized by srujanika@gmail.com

ଲେଖାହୋଇ ଚୋଲହେବା ଓ ପଢ଼ା ହେବା ସଂଗେ ଏଇ ସଂଗୀତ ଓ ଭଲସା ନାମର ସଂସର୍ଗ ଥିବା ଅସମ୍ଭବ ନୁହେଁ । ମାତ୍ର ଏଇ-ସବୁ ସଂକେତ ଓ ବର୍ଣ୍ଣନାରୁ ଅନୁମାନକରି ଓଡ଼ିଶାର ପ୍ରାକୃତ ରୀତି ଓ ଅନନ୍ୟସାଧାରଣ ତଥା ବିଶାଳ ଛାନ୍ଦ ସାହିତ୍ୟର ବିସ୍ତାର କଥା ହେବ ନାହିଁ । ତେଣୁ କର୍ଣ୍ଣାଟୀ ସଂଗୀତର ମୂଳ ପୁଣି ତା ପ୍ରସାର ଓ ବର୍ଣ୍ଣନରେ (୧) ଓଡ଼ିଶା ସଂଗୀତ ଓ (୨) ଛାନ୍ଦର ଉଦ୍-ଭବ, ପ୍ରକାଶ ଓ ବିସ୍ତାର ସଂବନ୍ଧୀୟ ଆଲୋଚନା ହେଲା, ଏସବୁ ସ୍ୱର-ବ୍ୟଞ୍ଜନ-ଗତ ସାହିତ୍ୟ-ବିଷୟରେ ଅନୁମାନ-ମୂଳକ ମତ ସର୍ବଦା ଯେ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତର ଅପେକ୍ଷାରେ କୁହାହେବ, ଏହା ଅବୋଧୀ ଚେତାଇ ରଖିବା ଉଚିତ । ଏ ଆଲୋଚନାରେ ମାତ୍ର ଦୁଇ ଦେଖିବାକୁ ସଂକ୍ଷିପ୍ତ ସ୍ୱରୂପ କେତେକ ସଂବାଦ ଓ ସୂଚନା ଦିଆ ହେଉଛି । ତହିଁ ସଂଗେ କେଶବ କୋଇଲିର କାଳନିର୍ଣ୍ଣୟ ଉଦ୍ଧାର ମଧ୍ୟ ପ୍ରାସଂଗିକତା ଏଠାରେ ଅଛି ।

## ଛାନ୍ଦ ବିକାଶର ଆଲୋଚନା

ଏଂଗ କାଳଠାରୁ 'ଛାନ୍ଦ'ର ବିକାଶ ସଂଗେ ଆମ ପୂର୍ବସୂରି-ମାନେ ଏଇ ସ୍ୱର ବିଜ୍ଞାନଗତ ଆଲୋଚନା କରି ନ ଥିଲେ, ନୁହେଁ । ଦଣ୍ଡିବୃତ୍ତ ଓ ଅନ୍ୟାନ୍ୟ ଅନେକ ବୃତ୍ତ ପରି ଛାନ୍ଦ ବୃତ୍ତମାନ ସ୍ୱାଭାବିକ ଭାବ-ତରଂଗ ଜନିତ ସ୍ୱର 'ରାଗ'ବା ସ୍ୱରଭଂଗୀରୁ ବାହାରି ନ ଥିଲା । ସ୍ୱର-ସଂଗୀତର ବିଜ୍ଞାନ ନିପୁଣ ଦେଂଗୀ ସଂଗେ ଛାନ୍ଦ-ବୃତ୍ତ ଓ ଛାନ୍ଦ-ରାଗର ଘନିଷ୍ଠ ସଂବନ୍ଧ ଯେ ଥିଲା, ଏଥିରେ ଦ୍ୱିଧା ରହିବାର କିଛି ନାହିଁ । 'ରାଗ' ହେଉଛି ମୂଳତଃ ସଂଗୀତର ସାମଗ୍ରୀ । ଛାନ୍ଦରେ ତାର ପ୍ରୟୋଗ ନିରର୍ଥକ ନୁହେଁ । ଦଣ୍ଡିବୃତ୍ତ ଓ ଭାଗବତ ବୃତ୍ତରେ 'ବାଣୀ'ର ବିକାଶ ହୋଇଛି । କିନ୍ତୁ 'ରାଗ'ର ସାଥିରେ ସଂପର୍କ

Digitized by srujanika@gmail.com

ସେଥିରେ ନାଇ । 'ଉଡଢ଼ଂସ କେଦାର' କୁ ବୃତ୍ତ କହୁଲେ ମଧ୍ୟ ତା ବୃତ୍ତନୁହେଁ । ଉଡଢ଼ଂସ ନାମକ ବୃତ୍ତକୁ ସଂଗୀତର 'କେଦାର' ରାଗରେ ବୋଲିବାକୁ ଏହା ବାହାରେ ।

ପ୍ରବନ୍ଧ

ଲୋକ ଗୀତକୁ ସଂଗୀତର ତାଳ ଲୟରେ ଗଳାଇବାକୁ ବାହାରେ, ଛନ୍ଦ । ପଦାବଳୀ, ଅର୍ଥୀତ, ଅର୍ଥଯୁକ୍ତ ପରସ୍ପର ଅନ୍ୱିତ ଶବ୍ଦାବଳୀ, ରାଗାଦିରେ ବନ୍ଧା ହେଲେ, ହୁଏ ଗୀତ । ଏଇ ଗୀତର ଆଲୋଚନାକୁ ଶାସ୍ତ୍ରୀୟ ପରିଭାଷାରେ କହନ୍ତି ପ୍ରବନ୍ଧ । ପଦରେ ବନ୍ଧା ନ ହୋଇ ଖାଲି ସ୍ୱର ମାତ୍ରର 'ଆଳାପ' ବି ଏକ ପ୍ରକାର ଗୀତହୁଏ । ତାକୁ ସଂଗୀତ ଶାସ୍ତ୍ରରେ କହନ୍ତି,ଅ-ନିବଦ୍ଧ ଗୀତ ଓ ତାର ଆଲୋଚନାକୁ ଅନିବଦ୍ଧ ପ୍ରବଂଧ । କେବଳ ରାଗର 'ଗମକ' ବା ସ୍ୱର କଂପ ଛଡ଼ା ସେଥିରେ ଆଉକିଛି ନଥାଏ—ଭାଷା ସଂଗେ ତାର କୌଣସି ସଂପର୍କ ନ ଥାଏ । ଅନ୍ୟଟି ବା ଭାଷାସଂଗେ ସଂପର୍କ ଥିବା ଗୀତଟି ହେଉଛି, 'ନିବଦ୍ଧ' ଗୀତ । ସଂଗୀତ ଶାସ୍ତ୍ରରେ ଏଇ ନିବଦ୍ଧ-ଗୀତର ଆଲୋଚନା ହେଉଛି, 'ନିବଦ୍ଧ ପ୍ରବନ୍ଧ' । ଏଠି ଆମେ ଏଇ ନିବଦ୍ଧ ପ୍ରବଂଧକୁ କହୁଛୁ, 'ପ୍ରବଂଧ' । ସଂଗୀତ ଶାସ୍ତ୍ରମାନଙ୍କରେ ଏଇ 'ପ୍ରବନ୍ଧ' ର ଆଲୋଚନା ଖୁବ୍ ଅଛି । ଗଂଗ ସାମ୍ରାଜ୍ୟ କାଳରୁ କର୍ଣ୍ଣାଟୀ ସଂଗୀତ ସଂଗେ ଏଇ 'ପ୍ରବନ୍ଧ'ର ବିଶେଷ ଆଲୋଚନା ଓଡ଼ିଶାରେ ହୋଇଥିଲା । ସେଇ ଆଲୋଚନାର ଫଳ ହେଉଛି ଆମ ଛନ୍ଦ ସାହିତ୍ୟ । ଛନ୍ଦର ନବନବୋନ୍ମେଷ ହୁଏତ ସପ୍ତଦଶ ବର୍ଷ ଡେଇଁଯାଏ ଶେଷ ପାଇ ନ ଥିଲା । ତେଣୁ 'ପ୍ରବନ୍ଧ' ବିଷୟର ଗୋଟିଏ ସ୍ୱସ୍ଥ ପରଂପରା ମଧ୍ୟ ଓଡ଼ିଶାରେ ଥିଲା । ଅନେକ ସଂଗୀତଜ୍ଞ ଓ ଛନ୍ଦ-ସ୍ରଷ୍ଟା ଏଥିରେ ମନ ଦେଇ ନୂଆ ନୂଆ ଗ୍ରନ୍ଥମାନ ଲେଖିଥିଲେ ।

Digitized by srujanika@gmail.com

ପ୍ରାୟ ସାଈଁବର୍ଷ ତଳେ ଅଧ୍ୟାପକ ବାନାମ୍ବର ଆଚାର୍ଯ୍ୟ, ଛାନ୍ଦ ଗୀତର
ଉତ୍ପତ୍ତି ବିଷୟରେ ଅନୁଶୀଳନ କରି 'ନବଭାରତ'ରେ ପ୍ରବନ୍ଧ ଲେଖି
ଥିଲେ । ସେହି ସଂପର୍କରେ ସେ ନିଜେ ସଂଗ୍ରହ କରିଥିବା
'ପ୍ରଭାବତୀ-ପ୍ରବନ୍ଧ' ନାମକ ଗୋଟିଏ ପୁସ୍ତକ ଆଲୋଚନା କରୁ-
ଥିଲେ । ମୋତେ ସେ ଆଲୋଚନାରେ ଭାଗୀ କରିବା ପାଇଁ ସେ
ପୁସ୍ତକଟି ସେ ମୋତେ ଆଣି ଦେଇଥିଲେ । ଏହା ଗୋଟିଏ ତାଳ-
ପତ୍ର ପୋଥିରୁ କାଗଜରେ ଉଦ୍ଧୃତ ହୋଇଥିବା ଖାତାଟିଏ ।
ଦୁଃଖର କଥା, ତା ମୋ ପାଖରେ ମିଳୁ ନାହିଁ । ତାଳପତ୍ର ପୋଥିଟି
ମଧ୍ୟ ଏବେ ପଣ୍ଡିତଙ୍କର ଦୁଷ୍ପ୍ରାପ୍ୟ । ମନେହୁଏ, ଓଡ଼ିଶାରେ ଏହି
ଭଳି ସଂଗୀତ ସାଗରର ଛାନ୍ଦ ବସ୍ତୁର କହିବାର 'ପ୍ରବନ୍ଧ'-ପୁସ୍ତକ-
ମାନ ଅନେକଙ୍କର ଥିବ । ହୁଏତ 'ସଂଗୀତ ସାଗରୁ ଛାନ୍ଦ ବାହାର
କରିବା ସ୍ଥିତ ତଥା ସିଦ୍ଧାନ୍ତରେ ଅନ୍ତତଃ କିଛି ମତଭେଦ ଥିବ ।

## ପ୍ରଭାବତୀ ପ୍ରବନ୍ଧରୁ ରାଗ

ନବଭାରତ ମାସିକର ୧୩୪୫ କଙ୍କଡ଼ା (ପୃଷ୍ଠା ୫୦୧ ଠାରୁ
ଦେଖ)ରେ ପଣ୍ଡିତ ବାନାମ୍ବର ସେହି 'ପ୍ରଭାବତୀ ପ୍ରବନ୍ଧ'ଆଲୋ-
ଚନାରୁ ନିମ୍ନଲିଖିତ ମତ ପ୍ରକାଶ କରନ୍ତି:—

"ପ୍ରଥମାବସ୍ଥାରେ ସ୍କନ୍ଧ (ଓଡ଼ିଆରେ 'ଛାନ୍ଦ'), କଠିନ ଗୁମ୍ଫନା
ସାହାଯ୍ୟରେ ଗ୍ରାମ୍ୟ-ଶୃଙ୍ଗାର ଭାବକୁ ଗୂଢ଼ଭାବରେ ପ୍ରକାଶ
କରୁଥିଲା । ଏକଥା ଜୟମଙ୍ଗଳଙ୍କ ଉକ୍ତିରୁ ଜଣା ପଡ଼ୁଛି । କିନ୍ତୁ
ତାହା ପରିବର୍ତ୍ତିତ ହୋଇ ବ୍ୟାପକ ଭାବେ ସର୍ବପ୍ରକାର ଅର୍ଥ ବା
ଭାବକୁ ନିଜ କୋଡ଼କୁ ଟାଣିନେଲା । ସଂଗୀତ ସାହିତ୍ୟର ଅଭିବୃଦ୍ଧି
ସଙ୍ଗେ ସଙ୍ଗେ ଏହା [ଏହି 'ଛାନ୍ଦ'] କ୍ରମଶଃ ସଂଗୀତମୟ ହୋଇ
ଉଠିଲା । କିନ୍ତୁ ସଂଗୀତ ଶାସ୍ତ୍ରର ନିୟମକୁ ସମ୍ପୂର୍ଣ୍ଣ ରୂପେ ଅନୁବର୍ତ୍ତନ

Digitized by srujanika@gmail.com

କଳ୍ପନାଇ । ପ୍ରାଚୀନ 'ପ୍ରସ୍ତାରବତୀ-ପ୍ରବନ୍ଧ' ନାମକ ଅପ୍ରକାଶିତ ପୁସ୍ତକରୁ ନିମ୍ନରେ ପ୍ରଦତ୍ତ ଉଦାହରଣ ଦେଖିଲେ, ଏହା ସ୍ପଷ୍ଟରୂପେ ପ୍ରତୀତ ହେବ ।

*ଯଥା—ରାଗ—କଲ୍ୟାଣ, ତାଳ ଝଂପା ।

ତାଳାଂକ ଦନ୍ତ ହେ ପ୍ରସ୍ତାରବନ୍ତ କର ତୁ ମୋତେ ଦାସୀ
ତାଂକରୁ ମଧ୍ୟ ଜାଣି ତା ମେଧା ରଖିଲ ଯାଣେ ଟୋକି ।

*ଉତ୍କଳାଗ୍ରଜ୍ୟ ଗୁରୁପୁତ୍ର ହରିଚନ୍ଦନଙ୍କ ରଚିତ ସଂଗୀତ ମୁକ୍ତାବଳୀରେ (ଅପ୍ରକାଶିତ) ଲେଖାଅଛି—

ସଂଯାତ୍ତ ତାଳୟୋ ବଂଧୋ ମାତ୍ରାଭି ର୍ଦଶଭି ର୍ଭବେତ୍
କୁତ୍ରାପି ପଞ୍ଚଦଶଭି ରୁନବିଂଶତିଭିଃ କ୍ୱଚିତ
ସର୍ବନ୍ନିବନ୍ଧ ପଞ୍ଚମ୍ୟାଂ ପଞ୍ଚମ୍ୟାଂ ଭଂଗୋସ୍ୱରତା (ଭଂଗି ସ୍ୱରତା ?)

"ଅର୍ଥାତ ଝଂପା ଓ ଅଷ୍ଟ ତାଳରେ ରଚିତ ଛନ୍ଦରେ ଦଶମାତ୍ରା ରହିବ । କୌଣସି କୌଣସି ଠାରେ ପନ୍ଦର ବା ଊଣେଇଶ ମାତ୍ରା ହୋଇ ପାରେ । ପ୍ରତି ପଞ୍ଚମ ମାତ୍ରାରେ ଭଙ୍ଗି (ଯତିପାତ) ହେବ ।

"ଉଲ୍ଲିଖିତ ଉଦାହରଣରେ ପ୍ରତ୍ୟେକେ ୧୭ଟି ଅକ୍ଷର ଅଛି । ପ୍ରତି ପାଞ୍ଚ ଅକ୍ଷରରେ ଯତିପାତ ପୂର୍ବକ ପଢ଼ିଲ ପରେ ଶେଷ ଦୁଇ ଅକ୍ଷରକୁ ଗୁରୁବର୍ଣ୍ଣ ରୂପେ (ଦ୍ୱିମାତ୍ର) ଉଚ୍ଚାରଣ କରିବାକୁ ପଡ଼ୁଛି । ତା ନ ହେଲେ ଲକ୍ଷଣରେ ଥିବା ଊଣେଇଶ ମାତ୍ର ଲବ୍ଧ ହେଉ-ନାହିଁ । ଏ ଉଦାହରଣରେ ଆଉ ଗୋଟିଏ ଲକ୍ଷ୍ୟ କରିବାର ବିଷୟ ଏହି ଯେ, ପ୍ରତିପାଦର ଶେଷ ଅକ୍ଷର ଯୋଡ଼ିକ (ଦାସୀ ଓ ଟୋକି ପଦ ଦ୍ୱୟ) ଗୁରୁବର୍ଣ୍ଣ ଓ ଗୁରୁରୂପେ ଉଚ୍ଚାରିତ ହେଉଛି । କିନ୍ତୁ ତାଳସ୍ୱଦନ୍ତ ପ୍ରସ୍ତାର ପଦର ଗୁରୁବର୍ଣ୍ଣଗୁଡ଼ିକୁ ମଧ୍ୟ ଲଘୁରୂପେ ଉଚ୍ଚାରଣ କରି ଯାଉଛି । ତା ନ ହେଲେ ପଞ୍ଚମ ମାତ୍ରାରେ ଭଂଗୀ (ଯତିପାତ) ହୋଇ ପାରିବ ନାହିଁ । ଏ ରାଗ ଆମ ଛାନ୍ଦ-ସାହିତ୍ୟରେ ଝାଳି ନାମରେ ପରିଚିତ ।

Digitized by srujanika@gmail.com

"ବସନ୍ତ ରାଗ—ଝଂପା ତାଳର ଉଦାହରଣ ମଧ୍ୟ ଟିତ୍ ତାଲସରୁ ।

"ଯଥା—ନସବୁ ଯଞ୍ଚ ନାଶିବା ଅଞ୍ଚ ବଜ୍ରଲୁ ମୁଁ ତସ୍ଥରେ, ଇତ୍ୟାଦ । ପୋକ୍ତ ହରିଚନ୍ଦନ,ସାଷ୍ଟାଙ୍ଗୀ ନାମକ ଗୀତ ଆମଦେଶରେ ପ୍ରଚଳିତ ଥିବାର ଲେଖି ଅଛନ୍ତି । ତାହାର ଲକ୍ଷଣ, ଅଟ ବର୍ଣ୍ଣ ପଦଯୁକ୍ତ ଗୀତ । ଏହା ଗ୍ରନ୍ଥ ସାହିତ୍ୟର ଅନୁରୂପ ଅଟେ ।

"ଗ୍ରନ୍ଥ-କର୍ତ୍ତାମାନେ ନିଜ ରଚନାରେ ରାଗମାନଙ୍କର ନାମ ଉଲ୍ଲେଖ କରି ଅଛନ୍ତି । ତାହା ସ୍ଥାନେ ସ୍ଥାନେ ସଂଗୀତ-ଶାସ୍ତ୍ର-ସମ୍ମତ ଓ ସ୍ଥାନେ ସ୍ଥାନେ ସ୍ୱତନ୍ତ୍ର । ସ୍ୱତନ୍ତ୍ର ରାଗମାନଙ୍କ ମଧ୍ୟରୁ ଚାଳି ଓ ଚୋଖିର ନାମ ଉଲ୍ଲେଖ ଯୋଗ୍ୟ । ସଂଗୀତ ଶାସ୍ତ୍ରରେ ଏଭଳି ରାଗର ନାମ ଦେଖାଯାଏ ନାହିଁ । ପଶ୍ଚାଦ୍‌ବର୍ତ୍ତୀ ପ୍ରବନ୍ଧରେ କେଦାର ରାଗ—ସଖିମାନର ଯେଉଁ ଉଦାହରଣ ଅଛି, ତାହା ପ୍ରଚଳିତ ଚୋଖି-ରାଗ । ସେହିପରି ଚୋଖିରାଗ—ଷଡ଼ ତାଳର ଉଦାହରଣ, କଳହଂସ କେଦାର; କୌଶିକ ରାଗ—ସରିମାନର ଉଦାହରଣ, ପଞ୍ଚମବରାଡ଼ି; ମାଳଶ୍ରୀରାଗ—ରୂପକତାଳର ଉଦାହରଣ, ଚକ୍ରକେଳି ।

"ସଂଗୀତଜ୍ଞ ନାରାୟଣ ବ୍ରହ୍ମା (ଅଂଶକା-ବିଳାସ-କର୍ତ୍ତା ବଳଭଦ୍ର ଭଞ୍ଜଙ୍କ ଗୁରୁ) ସଂଗୀତ ରତ୍ନ ନାମକ ନିଜ ରଚିତ ଗ୍ରନ୍ଥରେ ଲେଖି ଅଛନ୍ତି:—

"ରାଗା ବହୁବିଧା ସନ୍ତି ଦେଶେ ଦେଶେ ଚ ତେଽନ୍ୟଥା
"ତେଦ୍‌ଗାନ ତାଳନିୟମୋ ଲକ୍ଷଣଂ ସ୍ଥିନ୍ୟଥାଭବେତ୍ ।

"ଅର୍ଥାତ୍ ଅନେକ ପ୍ରକାର ରାଗ ଅଛି । ଭିନ୍ନ ଭିନ୍ନ ଦେଶରେ ସେମାନଙ୍କର ନାମ, ଗାନ-ତାଳ ଓ ଲକ୍ଷଣ ଭିନ୍ନ ଭିନ୍ନ ହୁଏ ।

Digitized by srujanika@gmail.com

"ଏସବୁ ଦେଖି ମନେହୁଏ, ପ୍ରାଚୀନ କବିମାନେ ସଙ୍ଗୀତ ଶାସ୍ତ୍ରକୁ ଅବିକୃତ ଭାବେ ଅନୁକରଣ ନକରି ରାଗନିର୍ଣ୍ଣୟ ବିଷୟରେ ନିଜର ମୌଳିକ ଗବେଷଣା ପ୍ରବୃତ୍ତି ଦେଖାଇ ଅଛନ୍ତି ।"

ଯଥାର୍ଥକଥା, ଓଡ଼ିଆ ଏ ଅନ୍ୟ ସଙ୍ଗୀତଜ୍ଞଙ୍କ ଲିଖିତ ପ୍ରବନ୍ଧକୁ ଅନୁକରଣ ମାତ୍ର କରି ନ ଥିଲେ । ତାଙ୍କର ଏଇ ଛନ୍ଦ ବାହାର କରିବା ତତ୍ତ୍ୱରେ ଅନନ୍ୟ ସୁଲଭ ମୌଳିକତା ଥିଲା । ତା ନ ହେଲେ ଓଡ଼ିଆ ପ୍ରାକୃତରେ ଏପରି ଗୋଟିଏ ଅଦ୍ୱିତୀୟ କଳା ଫୁଟି ପାରି ନ ଥାନ୍ତା । ଆଜି ଓଡ଼ିଆଙ୍କର ସାହିତ୍ୟ ଓ କାବ୍ୟର ଛନ୍ଦଗତସମେତ ନାନା କ୍ଷେତ୍ରରେ ଅସମୀଚୀନ ଓ ଅବାଂଛିତ ଅନୁକରଣ ଦେଖିଲେ, ଅନେକଙ୍କର ସ୍ୱତଃ ମନେ ହେବ, ଆମ ଛନ୍ଦ ବିଳାସ ମଧ୍ୟ ପୂର୍ବ-ଯୁଗର ଗୋଟିଏ ଅନୁକରଣ । କିନ୍ତୁ ତା ନୁହେଁ । ଆମ ପ୍ରବନ୍ଧ ଅନ୍ୟଦେଶୀ ପ୍ରବନ୍ଧରୁ ଭିନ୍ନ ଓ ଆମ ପ୍ରବନ୍ଧରେ ବହୁ ବିଶେଷତ୍ୱ ଅଛି । ସ୍ୱରମାନଙ୍କ ସଙ୍ଗ-ଭଂଗରେ ଆମ ଛନ୍ଦର ଆଲୋଚନାପାଇଁ ସେ ସବୁ ପ୍ରବନ୍ଧ ପୁସ୍ତକ ନିତାନ୍ତ ଆବଶ୍ୟକ । ପ୍ରାଚୀନ ତାଳପତ୍ର ପୋଥିମାନଙ୍କରେ ସେସବୁ ଏବେ ବି କୌଣସି କୌଣସିଠାରେ ମିଳିପାରେ । ଏ ସବୁର ଶୀଘ୍ର ଅନୁସନ୍ଧାନ ଓ ସଂଗ୍ରହ ବାଂଛନୀୟ ।

## କୋଇଲି ଓ କେଶବ କୋଇଲି

ଓଡ଼ିଆଗୀତ-କଳାରେ ଏଇ ଛନ୍ଦ କେବେ ଆରମ୍ଭ ହୋଇ-ଥିଲା, ଠିକ୍ କହି ହେଉନାହିଁ । ଗଂଗବାଜିର ସଙ୍ଗୀତ ଚର୍ଚ୍ଚା ହେଉଛି, ଏହାର ମୂଳରେ । ସଙ୍ଗୀତ ତତ୍ତ୍ୱର ପ୍ରବନ୍ଧ ବା ନିବଦ୍ଧଗୀତ ଚର୍ଚ୍ଚାରୁ ଏହାର ଆରମ୍ଭ । ଏଇ ପ୍ରବନ୍ଧର ମୂଳ, ଭାରତୀୟ ସଙ୍ଗୀତ ଶାସ୍ତ୍ରରେ ବହୁ ପ୍ରାଚୀନ । ଓଡ଼ିଆମାନେ ଏଥିରେ ଖୁବ୍ କୃତିତ୍ୱ ଦେଖାଇ ଥିଲେ । ପ୍ରତିଦିନର ସର୍ବତ୍ର ଲୋକ-ଗୀତକୁ ସଙ୍ଗୀତ ନିୟମଧରି ବ୍ୟାଖ୍ୟା କରି ଯାଇଛି । ମାତ୍ର ଓଡ଼ିଶାରେ

Digitized by srujanika@gmail.com

ସେଇ ସ୍ୱରକମ୍ପନର ବିନ୍ୟାସକୁ ଉତ୍ତୀର୍ଣ୍ଣ କରି ତାକୁ କାବ୍ୟସାହିତ୍ୟର ଗୋଟିଏ ଅବିଚ୍ଛେଦ୍ୟ ଅଂଗରେ ପରିଣତ କରଯାଇଛି । ଲୋକ ଗୀତକୁ ଏପରି କରିବାର ପ୍ରଥମ ସଫଳ ଉଦ୍ୟମ ହେଉଛି, କୋଇଲି ଚଉତିଶା । କେଶବ କୋଇଲି ଆଗରୁ ଏଇ କୋଇଲି ଚଉତିଶା ବା ସେଇପରି କିଛି ଥିଲା କି ନା, ଜଣାନାଇ । ବଚ୍ଛାଦାସଙ୍କ କଳସା, ଗୋଟିଏ ଚଉତିଶା । କିନ୍ତୁ ତା' ଏ ଜାତିର ନୁହେଁ । ଲୋକ ଗୀତର, ଅତିସାଧାରଣ ଗୀତର ସ୍ୱରଭଂଗୀକୁ ମାର୍ଜି ସଫା କରି ଦେବାର ଚେଷ୍ଟା ଚଉତିଶାରେ ପ୍ରକାଶ ପାଇଥିଲା । ମାତ୍ର ପରେ ହୁଏ, ସଂଗୀତ ଶାସ୍ତ୍ରର ପ୍ରବନ୍ଧ ଆଲୋଚନାରେ କୋଇଲି ଚଉତିଶାର ସ୍ଥାନ କେବଳ ଅଧମ ନୁହେଁ, ଏହା ଏକପ୍ରକାର ଉପେକ୍ଷିତ । ତେଣୁ ସେ କଥା ଆଲୋଚନା ପୂର୍ବରୁ ଆମର ଏବେ ମିଳୁଥିବା ଅଧମ କୋଇଲି ଚଉତିଶା, କେଶବ କୋଇଲିର କାଳ ନିରୂପଣ କରଯାଉ ।

## କେଶବ କୋଇଲିର କାଳ

ସେଇ ପଣ୍ଡିତ ବାନାଂବରଙ୍କ ସଂଗେ ସେଦିନ ଏଇ ସଂପର୍କରେ 'କେଶବ କୋଇଲି' ବିଷୟରେ ଆଲୋଚନା ହେଉଥିଲା । ମୁଁ କହିଲି, ଏହା ଚୈତନ୍ୟଙ୍କ ଆଗମନ ପୂର୍ବରୁ ଲେଖାହୋଇ ନାଇ । କେବଳ ଭାଷା ଅତି ମାର୍ଜିତ ଥିବା ହେତୁରୁ ଏକଥା କୁହାଯାଉନାଇ । ଯଶୋଦାଙ୍କ ବାତ୍ସଲ୍ୟ ଏଥିରେ ପ୍ରକାଶ ପାଇଛି, ସତ । ମାତ୍ର ଗୋପୀ-ପ୍ରୀତି, ବିଶେଷରେ ରାଧା-ପ୍ରୀତିରେ ମଜ୍ଜିଥିବା ଗୋପର ବା ବୃନ୍ଦାବନର କୃଷ୍ଣଙ୍କୁ ଓଡ଼ିଆ ସାଧବ-ସାଧାରଣଙ୍କ ଭିତରେ ଭକ୍ତି କରିବା ଉଦ୍ୟମର ଏହା ସ୍ପଷ୍ଟ ମନ୍ଥନ ପୂର୍ବରଂଗ ମାତ୍ର । ଚୈତନ୍ୟ ନିଜେ ବଂଗଳାର ଥିଲେ ମଧ୍ୟ, ଓଡ଼ିଆ ସମାଜ ଚଳଣିରେ ବଢ଼ିଥିଲେ । ତାଙ୍କ ଘର କୁଟୁମ୍ବ ବନ୍ଧୁ ବାନ୍ଧବ ସମସ୍ତେ ସାମାଜିକ ସ୍ୱଭାବରେ,

Digitized by srujanika@gmail.com

ଓଡ଼ିଆ ଥିଲେ । ତେଣୁ ଜଗନ୍ନାଥଙ୍କୁ ପ୍ରଥମ 'ଦର୍ଶନ'ରେ ସ୍ମୃଦ୍ଧିଦେଖା ବେଳେ ସେ ରତ୍ନ-ସିଂହାସନରେ ସଙ୍ଗୀତଭାସ୍ୱ ଯୁବକ ଯମୁନା କୂଳେ ବଂଶୀଧର ଗଜଗାମିନୀ ଯୁବତୀଙ୍କ ପଛେ ଗୋଡ଼ାଇ ଗୋଡ଼ାଇ ତାଙ୍କୁ ଧରି ତାଙ୍କ ମୂର୍ଦ୍ଧରେ ଚୁମ୍ବ ଦେଇଦେଇ ବୁଲୁବାର ଛବି ଦେଖିଲେ ମଧ୍ୟ, ବ୍ୟକ୍ତିଗତ ଭାବରେ ଗୌଡ଼ୀୟ ବା ସହଜିଆ ବୈଷ୍ଣବଙ୍କ ବୈଷ୍ଣବୀ-ଭଜନ ବା ପରକୀୟା-ସଂଗକୁ ସୁଖ ପାଉ ନଥିଲେ । ଏପରିକି ଚୈତନ୍ୟଙ୍କୁ ଦେଖିବା ଆଗରୁ ରାଧା-କୃଷ୍ଣ ଭକ୍ତ ରାଜମହେନ୍ଦ୍ରୀର ନାଏବ ସମ୍ରାଟ ଦକ୍ଷିଣି ଦାସୀଙ୍କୁ 'ଖଟଣି'ରେ ଲଗାଇ କୃଷ୍ଣ ସେବା କରୁଥିଲେ । ଅନେକେ ଜାଣିଥିବେ, ଚୈତନ୍ୟ-ପ୍ରଭାବରେ ପଡ଼ି, ସେ ତା ଛାଡ଼ି, ତା ବଦଳରେ 'ଗୋଟିପୋ' ନାଚ ସୃଷ୍ଟିକରି ନିଜର କୃଷ୍ଣ-ସେବା-ଧର୍ମ ପାଳନ କରୁଥିଲେ । ଅବୋଧ ନାବାଳକ ଅଣ୍ଡ୍ରୀର ପିଲାକୁ ଦକ୍ଷିଣି ଦାସୀ-ବେଶ କରି ଏବେ ଯେଉଁ 'ଗୋଟିପୋ'-ନାଚ ବା 'ଅଖେଡ଼ାପିଲା' ନାଚ କରାହୁଏ, ତାହାର ମୂଳ ସେଇଠାରେ । ଏଇପରି ଆଉ ଗୋଟିଏ କଥା ହେଉଛି, ଛୋଟହରି ଦାସ ଓ ମାଧବୀ ଦାସୀଙ୍କ ଚରିତ । ଛୋଟ ହରିଦାସ ଶିଷ୍ୟରୂପେ ଚୈତନ୍ୟଙ୍କ ସଂଗେ ଆସିଥିଲେ । ପୁରୀଠାରେ ଜଣେ ଶିଷ୍ୟ ହୋଇ ଥିଲେ, ଶିଖି ମହାନ୍ତି । ତାଙ୍କ ବିଧବା ଭଉଣୀ, ମାଧବୀ ମଧ୍ୟ ସେଇ ଶିଷ୍ୟଙ୍କ ଭିତରୁ ଜଣେ । ତାଙ୍କ ନାମ ହୋଇଥିଲା 'ମାଧବୀ ଦାସୀ' । ଏଇ ମାଧବୀଦାସୀଙ୍କ ସଂଗେ ଛୋଟ ହରିଦାସଙ୍କ ସଂଭାଷଣ ଓ ତଜ୍ଜନିତ ଦୁର୍ନାମ କଥା ଗୌଡ଼ୀୟ ବୈଷ୍ଣବ ମାନେ ଜାଣନ୍ତି । ରାଗାନୁଗା ଗୌଡ଼ୀୟ ଦୃଷ୍ଟିରେ ଏ ସଂଭାଷଣ ସାଧୁ । ମାତ୍ର ଚୈତନ୍ୟ ଏଥିପାଇଁ ଏ ଦୁହିଁଙ୍କୁ ପରିତ୍ୟାଗ କରିଥିଲେ । ଫଳରେ ହରିଦାସ ଦେଶକୁ ଫେରିଯାଇ ସେଠି ଗଂଗାରେ ଝାସ ଦେଲେ । ମାଧବୀ ଦାସୀ ନିଜେ ଗାଉଛନ୍ତି:—

Digitized by srujanika@gmail.com

"ଯେ ପ୍ରେମ୍‌ଭକ୍ତ ଗୋଷ୍ଠୀମଣ୍ଡଳ ସେଇ ପ୍ରେମେ ଭାସେ
ମାଧବୀ ବଚନ୍ତି ତାହାର ଜାତି ଧର୍ମ ଦୋଷେ।"

Quoted in P.Mukherj's 'The History of Mediaval Vaisnavism in Orissa' P.127—note.)। ଚୈତନ୍ୟଙ୍କର ଏହି ବ୍ୟକ୍ତିଗତ ଅଭ୍ରୁତ ଉପ୍ସରେ ଜନସାହିତ୍ୟରେ ବୃନ୍ଦାବନ-ବନରେ ସୌନ୍ଦର୍ଯ୍ୟରସ ଚୈତନ୍ୟଙ୍କ ସଙ୍ଗେ ସଙ୍ଗେ ଓଡ଼ିଶାରେ ପଶିପାରି ନ ଥିଲା। ଏଣେ ପୁଣି ଜଗନ୍ନାଥ ଦାସ ପ୍ରଭୃତି ସଖୀ ଶିଷ୍ୟାଦ ସହିତ ଓଡ଼ିଆ ପରିଂପରାର ବ୍ରହ୍ମଚର୍ଯ୍ୟନିଷ୍ଠ ଯୋଗ ବା ଈଶ୍ୱରସାଧନାକୁ ଧରି ବହୁକୁ ବ୍ୟାଖ୍ୟାରେ ସମ୍ମିଳିବାର ନିଷ୍ଠା ଉଦ୍ୟମରେ ଛାଃପଃ ହେଉଥିଲେ। ଏତଦବେଳେ ଉଭୟ ଉଭୟ ସ୍ୱଗାନୁଗା ଭକ୍ତିର ଜଗତ ବା ଅନ୍ତହିତ ସର ବାହାର ଥିଲା 'ବୈଷ୍ଣବ ବୋଇନ୍‌'ର ବାତ୍ସଲ୍ୟରସ। ଏହା ପ୍ରକାଶ ପାଇଲାପରି ଆଗ ତମକ ପଡ଼ିଲେ, ଜଗନ୍ନାଥ ଦାସ। ଏହାର ସେ ଦେଲେ, ଏକ ଜୀବାତ୍ମା-ଜୀବ-ତତ୍ତ୍ୱ-ସଂବଳିତ ବ୍ୟାଖ୍ୟା। ଜଗନ୍ନାଥ ଦାସ ଓ ତାଙ୍କ ସଖୀମାନଙ୍କ ଜାତୀୟଧର୍ମ ଓ ସଂସ୍କୃତି ସଂରକ୍ଷଣ ରକ୍ଷିବାର ଶେଷ ଉଦ୍ୟମ ହେଉଛି, ଏହି ବ୍ୟାଖ୍ୟା। 'ଭାଗବତ', 'ଗୀତା', 'ସଂହିତା' ପ୍ରଭୃତି ସମସ୍ତ ପଞ୍ଚସଖା ସାହିତ୍ୟକୁ ଏହି ବ୍ୟାଖ୍ୟା ସାହିତ୍ୟ ବୋଲି କୁହାଯାଇ ପାରେ। ସେଇଠାରୁ ସଂକେତରେ ତତ୍ତ୍ୱ-ଚତୁର୍ଦ୍ଧା-ସାହିତ୍ୟର ପ୍ରସାର। ଏବେ ମଧ୍ୟ କିଛି ନବୁଝି ଯେଉଁ ସଂକେତ ନିର୍ଦ୍ଦେଶରେ 'ଭାଗବତ', 'ଗୀତା', 'ମାଳିକା', 'ଚୈତାବନୀ'ମାନ ଲେଖି ଲୋକେ ଚତୁର ଓଡ଼ିଆ ମହାପୁରୁଷ ସାଜି ବହୁତ ଦେଖାଇଯାଉଛନ୍ତି ଅଛନ୍ତି। ଏହି ବ୍ୟାଖ୍ୟା ବା ସଂକେତ-ସାହିତ୍ୟର ଗୋଟିଏ ଅଦମ ଗ୍ରନ୍ଥ ହେଉଛି, 'ଅର୍ଥକୋଇଲ୍'। ଭାଗବତର ଉପାଖ୍ୟାନମାନଙ୍କର ଏଇପରି ଅର୍ଥ ପାଇଁ ବଳରାମ-ଦାସଙ୍କ ବ୍ରହ୍ମାଣ୍ଡ ଭୂଗୋଳ ଯେ କେହି ଦେଖି ପାରନ୍ତି। ସେଥିରେ

Digitized by srujanika@gmail.com

ସବୁ ଜଗନ୍ନାଥ ଦାସଙ୍କ ଭାଗବତ ପଦମାନଙ୍କୁ ଅର୍ଥ ବ୍ୟାଖ୍ୟା କରି ହୋଇଛି । ଅଳ୍ପବେ ଠିକ୍ ଠିକ୍ ଲେଖା ହୋଇଥିଲେ ମଧ୍ୟ ଏହାକୁ ଜଗନ୍ନାଥ ଦାସଙ୍କ ଭାଗବତର 'ଅର୍ଥ-ଭାଗବତ' ବୋଲି କୁହାଯାଇ ପାରେ । ସେଇପରି ଜଣେ ବୈଷ୍ଣବ ଭକ୍ତ ମାର୍କଣ୍ଡଦାସ 'କେଶବ କୋଇଲି' ଲେଖି ଦେଇଛନ୍ତି ଜଗନ୍ନାଥ ଦାସ ତାର ବ୍ୟାଖ୍ୟା, 'ଅର୍ଥକୋଇଲି'ରେ ସ୍ପଷ୍ଟ କହିଦେଲେ ଯେ, ଏହା କୃଷ୍ଣ ବଂଶର କଥା ନୁହେଁ; ଏହା ଜୀବ-ଅଜୀବ ସଂବନ୍ଧୀୟ କଥା ।

## ଲୋକ ଗୀତ ଓ ପ୍ରବନ୍ଧ

'କୋଇଲି ଚଉତିଶା', ଅର୍ବାଚୀନ । ଜଗନ୍ନାଥ ଦାସ 'ଅର୍ଥ-କୋଇଲି' ଲେଖିଛନ୍ତି । ତେଣୁ ତା ଜଗନ୍ନାଥ ଦାସଙ୍କ କାଳର ଅନ୍ତତଃ ଶହେ ବର୍ଷ ଆଗର ହୋଇଥିବ ବୋଲି ବେଳେବେଳେ ଯୁକ୍ତି କରାଯାଏ । ଅନେକେ ମଧ୍ୟ ମାର୍କିତ ଓଡ଼ିଆର ପ୍ରାଚୀନତା ତାକୁ ସତେ ଯେପରି ଉତ୍ତରରେ ପ୍ରମାଣ କରୁଛନ୍ତି, ଏଇ ଯୁକ୍ତିରେ ସାହିତ୍ୟ ଆଲୋଚନା କରନ୍ତି । ତେଣୁ 'କେଶବକୋଇଲି'ର କାଳ ନିରୂପଣ କରିବାଟା ଏଠି ଟିକିଏ ଅବାନ୍ତର ହେଲେହେଁ ତାକୁ ପ୍ରାସଂଗିକ କରି କୁହା ହେଲା । ମାର୍କଣ୍ଡ କେଶବ କୋଇଲି, ପରବର୍ତ୍ତୀ କାଳର ବହୁଛନ୍ଦ ସାହିତ୍ୟ ପରି, ଲୋକ ଗୀତରୁ ଦୂରରେ ନୁହେଁ । ହୁଏତ ସବୁ ଛନ୍ଦ ସଂଗେ ଲୋକ-ଗୀତର ନିକଟ ଓ ଦୂର ସଂପର୍କ ଅଛି । ମାତ୍ର ଚଉତିଶା ଓ ଚଉପଦୀ ସଂଗେ 'ପ୍ରବନ୍ଧ'ରେ ଲୋକ-ଗୀତର ଛନ୍ଦ ଆଲୋଚନା ଓଡ଼ିଶାରେ ବହୁତ ପ୍ରାଚୀନ । ମନେହୁଏ, ସମସ୍ତ ଛନ୍ଦ ସାହିତ୍ୟର ମୂଳ ଏଇଠାରେ । ବହୁଛନ୍ଦ ରାଗ-ତାଳାଦି-ନିବଦ୍ଧ ସ୍ୱର ସଂଗୀତରୁ ବିକାଶ ପାଇଥିବା ଜଟିଳ ଛନ୍ଦମାନଙ୍କର ବିକାଶ ଏଇ ମୂଳରୁ ବାହାରି ନ ଥିଲେ, ଲୋକରେ ଏହାର ଏତେ ପ୍ରସିଦ୍ଧ ହୋଇପାରି ନ ଥାନ୍ତା ।

Digitized by srujanika@gmail.com

## ବାଦୀପାଲା

ଏବେ ଅନେକେ ଜାଣିନ୍ତି, ଆମ ବାଦୀପାଲାମାନଙ୍କର ଛନ୍ଦ ଜଟିଳ ଛନ୍ଦସ୍ୱରର ମୂଳକ ପୁରାଣ ଆଲୋଚନା ସଂଗେ ଛନ୍ଦ ସାହିତ୍ୟର ଲୋକ ରୁଚିର ବ୍ୟବହାର ଅତି ମୁଗ୍ଧକର । ଏହା ବାହାରିଛି 'କଳସୀ' ବା କଳସ ପୂଜା ମୂଳକ ଲୋକ ନୃତ୍ୟରୁ । ଏବେ ମଧ୍ୟ ଏହି କଳସ-ବା ଘଟ-ପୂଜା ଆମ ଗ୍ରାମ ଯାତରେ ଚଳେ । ସେହି ଯାତର ନୃତ୍ୟରେ ସରଳ ଲୋକ ଗୀତଠାରୁ ଜଟିଳ ଛନ୍ଦମାନ ଓ ଅର୍ଥ ପର୍ଯ୍ୟନ୍ତ ସବୁ ଶୁଣାଯାଏ (ଅଧ୍ୟାପକ ପଣ୍ଡିତ କୁଞ୍ଜବିହାରୀ ଦାସଙ୍କ A Study of Orissan folk-lore ପୁସ୍ତକରେ XI ପାହୁଆ ପାଲା, —'ସତ ବଦଳ' ଓ 'ଅର୍ଥ ବଦଳ' ଦେଖ—P. 81) । ବାଉଁଶ, ବୋଉଲ୍-ଡଗଡ଼ଗାଠାରୁ ଶ୍ରେଣୀ, ସାହାଡ଼ିଆ ବେଦାର ପର୍ଯ୍ୟନ୍ତ, ଆମ ଛନ୍ଦମାନଙ୍କର ବିଜ୍ଞାନ-ସଂମତ ବିଶ୍ଳେଷ ଓ ଆଲୋଚନାର ବିଶାଳ ସଂସ୍ଥାନାର୍ଥ ଇତିହାସ ଅଛି । ସେ ସବୁ ପ୍ରବନ୍ଧ, ଲୋକଗୀତ ସଂପର୍କରେ ଓ ଲୋକ ଗୀତରୁ କପର ଛନ୍ଦ ଗାଇ କାଳରେ ଗତି କରିଛି, ଓଡ଼ିଆ ସାହିତ୍ୟିକମାନଙ୍କର ତା ଅବଶ୍ୟ ବିସ୍ମୃତି । ସ୍ୱର୍ଗୀୟ ଶ୍ୟାମ ସୁନ୍ଦର ରାଜଗୁରୁ ଏ ବିଷୟର ଆରମ୍ଭ କରିଥିଲେ । ଲୋକ କଥାର ପ୍ରଚଳନ ମୂଳକ ଛନ୍ଦକୁ ପ୍ରାକୃତରେ ଚଳୁଥିବା ଛନ୍ଦ ସଙ୍ଗେ ମିଶାଇ, ସେ ଏକ ପ୍ରକାର ବିଜ୍ଞାନ-ସଂମତ ଆଲୋଚନାର ସୂତ୍ର ପାଇଁ ବାଟ ସଫାକରି ଆସୁଥିଲେ । ହୁଏତ ନମେ ଦେଖିବୁ ଯେ ସଙ୍ଗୀତର 'ପ୍ରଚନ୍ଦ' ସୂକ୍ଷ୍ମ ଧର ଆଲୋଚନା କରିବା ଅଳ୍ପ ଅସିଥାନ୍ତେ । ତାଙ୍କ ମୌଳିକ ଦୃଷ୍ଟିରୁ ଏହା ବେଶ୍ ଜାଣି ହେଉଛି । (ତାଙ୍କ ପ୍ରବନ୍ଧାବଳୀ—ଅଦ୍ୟପ୍ରବନ୍ଧ—ଓଡ଼ିଆ ଛନ୍ଦ—ଦେଖ) । ମନେହୁଏ, ସେ କେବଳ ଓଡ଼ିଆ ଛନ୍ଦ ଆଲୋଚନା କରି ଅସୁଥିଲେ, 'ଛନ୍ଦ'ର ଆଲୋଚନା ଅଡ଼କୁ ଯାଇ ନାହାନ୍ତି । କିନ୍ତୁ ଲୋକ

Digitized by srujanika@gmail.com

ଗୀତରୁ ଯେ ସ୍ପନ୍ଦ ବାହାରି ଥିଲା ତାହାର ଆଲୋଚନା ଓଡ଼ିଶାରେ ବହୁ ପ୍ରାଚୀନ ।

## ଶାର୍ଙ୍ଗଦେବଙ୍କ 'ସଂଗୀତ ରତ୍ନାକର'

'ସଙ୍ଗୀତ ରତ୍ନାକର,' ସଙ୍ଗୀତଶାସ୍ତ୍ର ଆଲୋଚନାର ଏକ ଶ୍ରେଷ୍ଠ ଗ୍ରନ୍ଥ । ଏହା ୧୮୯୨ ଖ୍ରୀଷ୍ଟାବ୍ଦରେ ପୁନାରେ ଛପା ହୋଇଥିବା ଆନନ୍ଦାଶ୍ରମ ଗ୍ରନ୍ଥାବଳୀର ନଂ ୩୫ ବର ଗ୍ରନ୍ଥ—ସୁପର୍ ରୟାଲ ଅଠ-ପେଜି (ପୃଷ୍ଠାର ମାପ ୧୦ ଇଂଚ×୭୳ଇଂଚ, ୧୦୦୦ ହଜାରେ ପୃଷ୍ଠାରୁ ଦୁଇଖଣ୍ଡ ।) ଗ୍ରନ୍ଥଟି ସଂସ୍କୃତରେ ଲେଖା ଓ ସେଥିରେ ଚତୁର କଲ୍ଲିନାଥଙ୍କ 'କଳାନିଧି' ନାମକ ସଂସ୍କୃତ ଟୀକା ଅଛି । ଏହାର ପ୍ରତି ଅଧ୍ୟାୟ ଶେଷରେ ଅଛି—

"ଇତି ଶ୍ରୀମଦନବଦ୍ୟବିଦ୍ୟ-ବିନୋଦ-ଶ୍ରୀ କରଣାଧିପତି-ଶ୍ରୀ ସୋଢ଼ଲ ଦେବ-ନନ୍ଦନ ନିଃଶଂକ-ଶ୍ରୀ ଶାର୍ଙ୍ଗଦେବ-ବିରଚିତେ ସଙ୍ଗୀତ ରତ୍ନାକରେ [ଅମୁକ] ଅଧ୍ୟାୟଃ ସମାପ୍ତଃ ।"

ଏଥିରୁ ଜଣାପଡ଼ୁଛି, ଗ୍ରନ୍ଥକାରଙ୍କ ନାମ, 'ନିଃଶଂକଶାର୍ଙ୍ଗ-ଦେବ'; ତାଙ୍କ ପିତାଙ୍କ ନାମ, 'ସୋଢ଼ଲ ଦେବ'; ତାଙ୍କ ଉପାଧି 'ଶ୍ରୀ କରଣାଧିପତି' ।

## ଗ୍ରନ୍ଥକାରଙ୍କ ପରିଚୟ

ଗ୍ରନ୍ଥାରମ୍ଭରେ ଅଛି:—

'ଅସ୍ତି ସ୍ୱସ୍ତିଗୃହଂ ବଂଶଃ ଶ୍ରୀମାନ୍ କାଶ୍ମୀର ସମ୍ଭବଃ ।
ଋଷେର୍ବୃଷଗଣାଜ୍ଜାତଃ କୀର୍ତ୍ତିକ୍ଷାଳିତ ଦିଙ୍ମୁଖଃ ॥
ଯସ୍ମିନ୍ନଭୂତ୍ ମନୀଷୀ ଧୁର୍ଯ୍ୟୈର୍ବେଦସାଗର ପାରଗୈଃ ।
ଯୋ ଦ୍ୱିଜେନ୍ଦ୍ରୈର୍ବନ୍ଦିତଂ ଚକ୍ରେ ବନ୍ଧୁରଂ ଭୂର୍ଗତୈରିବଃ ॥

Digitized by srujanika@gmail.com

ତସ୍ମାଭୂଦ୍‌ଭାସ୍କର ପ୍ରଖ୍ୟା ଭାସ୍କରସ୍ତେଜସାଂନିଧିଃ ।
ଅଲଂକର୍ତ୍ତୁଂ ଦକ୍ଷିଣାଶାଂ ଯସ୍ତେଜେ ଦକ୍ଷିଣାୟନଂ ॥
ତସ୍ୟାଭୂତ୍ତନୟଃ ପ୍ରଭୂତବିନୟଃ ଶ୍ରୀସୋଢଲ ପ୍ରୌଢ଼ଧୀଃ ।
ଯେନ ଶ୍ରୀ କରଣ-ପ୍ରବନ୍ଧ-ବିଭବଂ ଭୂବଲ୍ଲଭଂ ଭିଲ୍ଲମଂ ।
ଆରାଧ୍ୟାଖିଳଲୋକଶୋକଶମନୀ କୀର୍ତ୍ତିଃ ସମାସାଦିତା
ନୈବେ ନୈକପଦଂ ନ୍ୟଧାୟି ମହତୀ ଶ୍ରୀସିଂଘଣେ ଶ୍ରୀରପି ॥
ଏତଃସ୍ମାଦକଲସ୍ତେ କ୍ଷିତୀଶ୍ୱରମିଳନ୍ ମୌଳିଭ୍ରମୀଚାଦଳ-
ପ୍ରୋଦଂଚଦ୍ ଦ୍ୟୁତି ଶବଳିତାଂଘ୍ରି କମଳୋରିଶ୍ରେଣିର୍ଗୁଣାଗ୍ରଣୀଃ
ଶ୍ରୀମତ୍ ସିଂଘଣ ଦେବ ଏବ ଜଗତୀ ଯସ୍ୟ ପ୍ରସାଦାନଲୋ
ବିଶ୍ୱ ବ୍ୟାପ୍ୟପି ଦଂଦହୀତି ହୃଦୟାନ୍ୟେବ ଦ୍ୱିଷାମୁଚ୍ଚକୈଃ ॥
ତଂ ପ୍ରସାଦ୍ୟ ସୁଧୀର୍ଧୁର୍ଯୋ ଗୁଣିନଂ ଗୁଣବର୍ଗିଣଂ ।
ଗୁଣଗ୍ରାମେଣ ଯୋ ବିଦ୍ୟାନୁପକାରୈ ରତୀତୃପତ୍ ॥
ଦଦୌ ନକିଂ କଂ ଯଜ୍ଞୌ ନ ଦଧୌ ଧାଂତସଂପଦଂ ।
କଂଧର୍ମଂ ବିତଧୌ ନୈଷ ନ ଦଦ୍ୱୌ କୈର୍ଗୁଣୈର୍ବୃତଂ ॥
ତସ୍ମାଦ୍ ଦୁଗ୍ଧାମ୍ବୁଧେର୍ଜାତଃ ସାକ୍ଷାଦେବ ସୁଧାକରଃ ।
ଜୟସ୍ପର୍ଦ୍ଧର ସଦାନ୍ୟଃ ସଦୋଦାରଃ ସ୍ମ ରତ୍ ଭରଃ ॥
କୃତଗୁରୁପଦ ସେବଃ ପ୍ରୀଣିତାଶେଷଦେବଃ
କଳିତସକଳଶାସ୍ତ୍ରଃ ତୃପ୍ତିତାଶେଷପାତ୍ରଃ ।
ଜଗତ ବିତତ କୀର୍ତ୍ତିର୍ମନ୍ମଥୋଦାର ମୂର୍ତ୍ତିଃ
ପ୍ରଚୁରବିଭବ ବିବେକଃ ଶାଂଗଦେବୋଽସ୍ତ୍ୟେକଃ ॥

× × × × ×

ଅବଷ୍ଟେଶ୍ୱର ସଂଗୀତ ରତ୍ନାକର ମୁଦାଽରଧୀଃ ॥[୨୦]

ଏଥିରୁ ଜଣାପଡ଼ୁଛି କାଶ୍ମୀର ବ୍ରାହ୍ମଣ ବଂଶରେ ଭାସ୍କର ନାମକ ଜଣେ ଥିଲେ । ବୃଷଗଣ ବା ବୃଷଭଦେବଙ୍କ ଗଣରେ ଥିବା ବସିଷ୍ଠ

Digitized by srujanika@gmail.com

ଠାରୁ ସେ ବଂଶର ଉଦ୍ଭବ । ସେଇ ଭାସ୍କର ଦକ୍ଷିଣ ଅଞ୍ଚଳକୁ ଚାଲି ଯାଇଥିଲେ । ତାଙ୍କ ପୁଅ, ଅତି ବିଦ୍ୟାବନ୍ତ ଓ ପୌଢ଼ଧୀ ସୋଢ଼ଲ-ଦେବ ଶ୍ରୀକର ଉପାଧିଧାରୀ ମନ୍ତ୍ରୀ ବା ମନ୍ତ୍ରୀମାନଙ୍କ ସେବା ଓ ପରାମର୍ଶରେ ପ୍ରଖ୍ୟାତ ( ଶ୍ରୀକରଣ-ପ୍ରବନ୍ଧ-ବଦ୍ଧ ) ଭିଲ୍ଲମ [ରାଜା] ଓ ତାଙ୍କପରେ [ତାଙ୍କ ପୁଅ ବା ଉତ୍ତରାଧିକାରୀ] ମହା ପ୍ରତାପ ଚକ୍ରବର୍ତ୍ତୀ ସିଂଘଣ ଦେବଙ୍କୁ ଭଜି ନିଜେ ଦାନଶୀଳ ଓ ବିଦ୍ୟାବନ୍ତ ବୋଲି ପ୍ରସିଦ୍ଧି ଲଭିଥିଲେ । ସେଇ ସୋଢ଼ଲଦେବଙ୍କ ଅତି ଯଶସ୍ୱୀ କୃତୀ ପୁତ୍ର ହେମଚନ୍ଦ୍ର, ଏଇ ସଂଗୀତ ରତ୍ନାକର କର୍ତ୍ତା ଶାର୍ଙ୍ଗଦେବ ।

## ଏ ଶାର୍ଙ୍ଗଦେବ ଓଡ଼ିଆ ?

ଏ ଶାର୍ଙ୍ଗଦେବଙ୍କ ସ୍ଥାନ, କାଳ, ପରିଚୟାଦି ସଂବଂଧରେ ଏତିକି କଥା ଆଜି କହୁ ଏବେ ଜଣା ପଡ଼ୁଛି । ଜଣାପଡ଼ୁଛି, ସେ କାଶ୍ମୀର ବା ଏବେ ଯାହାକୁ ସାରସ୍ୱତ କହନ୍ତି, ସେଇ ବ୍ରାହ୍ମଣ କୁଳରେ ଜନ୍ମିଥିଲେ । ତାଙ୍କ କୁଳରେ ଜୈନ ସଂସ୍କାର ଥିଲା । କାହିଁକନା, ସେ ଜୈନଙ୍କ ଆଦିତୀର୍ଥଙ୍କର ଋଷଭନାଥଙ୍କ 'ଗଣ'ରେ ଥିବା କୌଣସି ଋଷିଙ୍କଠାରୁ ନିଜ ବଂଶ ବାହାରିଛି ବୋଲି ବିଶ୍ୱାସ କରୁଥିଲେ । ଶାର୍ଙ୍ଗଦେବଙ୍କ ପିତାମହ, ଭାସ୍କର, ଖୁବ୍ ସମ୍ଭବ ଜୀବିକା ଖୋଜି, ଦକ୍ଷିଣ ଅଞ୍ଚଳକୁ ଚାଲି ଯାଇଥିଲେ ଓ ଦାନାଦ ପାଇ ରାଜା-ଶ୍ରୟରେ ରହିଥିଲେ । ସେଇ ଭାସ୍କରଙ୍କ ପୁତ୍ର 'ସୋଢ଼ଲଦେବ' । ସେ ରାଜଦ୍ୱାରରେ ଖୁବ୍ ପ୍ରତିଷ୍ଠା, ସମ୍ଭବତଃ ମନ୍ତ୍ରୀପଦ, ପାଇ-ଥିଲେ । ସେ ରାଜାଙ୍କ ନାମ ଥିଲା, 'ଭିଲ୍ଲମ' ଓ ତାଙ୍କ ମନ୍ତ୍ରୀମାନଙ୍କ ଭିତରେ ପ୍ରଧାନମାନଙ୍କ ଉପାଧି ଥିଲା, 'ଶ୍ରୀକରଣ' । ସେଇ ଭିଲ୍ଲ-ମଙ୍କ ପୁଅ ବା ଉତ୍ତରାଧିକାରୀ ଥିଲେ ସିଂଘଣ । ଏଇ ସିଂଘଣ ଚତୁର୍ଦ୍ଦିଗରେ ରାଜ୍ୟମାନ ଜୟକରି ଚକ୍ରବର୍ତ୍ତୀ ହୋଇଥିଲେ । ଏଇ

Digitized by srujanika@gmail.com

ସୋଢ଼ଙ୍ଗଦେବଙ୍କ ପୁତ୍ର, ଶାର୍ଙ୍ଗଦେବ । ଏହାଙ୍କ ନାମ ପୁଣି ଥିଲା, ନିଃଶଙ୍କ ଶାର୍ଙ୍ଗଦେବ ଓ ସ୍ୱଜ ଦରବାରରେ ଥିଲେ, ଶ୍ରୀକରଣାଧିପତି ବା ଶ୍ରୀକରଣମାନଙ୍କ ଭିତରେ ଶ୍ରେଷ୍ଠ—ତ୍ୱେର୍ ସଂଭବ, ପ୍ରଧାନ ସଚୀବ । ମାତ୍ର ହୋଇପାରେ, ଶ୍ରୀକରଣାଧିପତି ହେଉଛି, ଗୋଟିଏ ଉପାଧି । ଓଡ଼ିଶାର ଗଂଗ ବଂଶ ରାଜତ୍ୱ ବେଳେ ଏପରି ଶ୍ରୀକରଣ, ବଡ଼ ଶ୍ରୀକରଣ, ସାନ୍ଧିବିଗ୍ରହିକ, ମହାପାତ୍ର, ଅଙ୍କୁମପତି ପ୍ରଭୃତି ଉପାଧି-ମାନ ଜୁବ୍ ରହୁଥିବାର ଲେଖମାନଙ୍କରୁ ମିଳେ । ବିଶେଷରେ ମନ୍ତ୍ରୀ ଓ ବଡ଼ ବଡ଼ ରାଜ କର୍ମଚାରୀଙ୍କୁ ଏ ସବୁ ଉପାଧି ଦିଆ ଯାଉ-ଥିଲା । ମନେ ହୁଏ, ଏହା ପ୍ରଥମେ କର୍ମର ପଦ ଥିଲା । ଯଥାଃ—ଶ୍ରୀକରଣ ହୋଇଲେ ଏବେର ପିରସ୍ତାଦାର ବା ଅର୍ଥସଚୀବ—ଗୋପାଳ ଦାସ ବାନର୍ଜି କହନ୍ତି Private Secretary ବା 'ଗ ଚ' History of Orissa Vol.I P. 274); ଶ୍ରୀକରଣାଧିପତି ହୋଇଲେ ପ୍ରଧାନ ସଚୀବ; ସାନ୍ଧିବିଗ୍ରହିକ ହୋଇଲେ, ବୈଦେଶିକ ବିଭାଗ ମନ୍ତ୍ରୀ—ଇତ୍ୟାଦି । ଶ୍ରୀକରଣ ଉପାଧିଟି ଅଧମ ଗଂଗରାଜାଙ୍କରୁ ରହୁଥିବାର ଦେଖାଯାଏ

## ଚୁଡ଼ଂଗ ଓ ସାରଂଗ

ଶାରଙ୍ଗ ଓ ଶାର୍ଙ୍ଗ, ଏକା କଥା । ଓଡ଼ିଆରେ ଚୋଡ଼ଗଂଗ ନ କହି କହୁଥିଲେ, ଚୁଡ଼ଙ୍ଗ । ଦ୍ରାବିଡ଼ରେ ଶାରଙ୍ଗ ଜଳାକଣ ହେଉଛି ଚୁଡ଼ଙ୍ଗ । ଓଡ଼ିଆରେ ପୁରୀର ଚୁଡ଼ଙ୍ଗ ସାହି; ବାଲେଶ୍ୱରରେ ଚୁଡ଼ଙ୍ଗ ପୋଖରୀ ଅଛି । ଚୋଡ଼ଗଙ୍ଗଙ୍କ ନାମ ଯାଇ । ବାରଙ୍ଗ ଷ୍ଟେସନ ପାଖେ ଥିବା ଚୁଡ଼ଙ୍ଗ ଗଡ଼ର ଅନ୍ୟନାମ ଶାରଙ୍ଗ ଗଡ଼ ଓ କେତେ ମଧ୍ୟ ଶାରଙ୍ଗଗଡ଼ର ଭଗ୍ନାବଶେଷ ଓ ନାମ ଅଛି । କାରଣ ଚୋଡ଼ଗଂଗ ଦେବ ନିଜର କୌଣସି ବସ୍ତୁ ପ୍ରତିନିଧି ସ୍ଥାନ 'ହ...ମା...ସ୍ୱ'

Digitized by srujanika@gmail.com

ନାମକ ବଂଶର ପୁଅଙ୍କୁ ଗ୍ଲେଡ଼ଗଂଗ ବା ଚୁଡ଼ଙ୍ଗ ( ଶାର୍ଙ୍ଗ ) ବୋଲି ଡାକୁଥିଲେ । ତାଙ୍କୁ ସେ ଗୋଟିଏ ଗ୍ରାମଦାନ କରିଥିବାର ଲେଖ ମିଳୁଛି (Ibid. P. 250 ) ।

## ଅନ୍ୟାନ୍ୟ ନାମ

'ସୋଢ଼ଲ ଦେବ' ନାମଟି ପ୍ରତି ଲକ୍ଷ କରିବାର ଅଛି । ଏହା ଗୋଟିଏ ଡାକନାମ । ବାମଣ୍ଡାର ରାଜାଙ୍କ ଦୁଇଟି ଡାକନାମ ଥିଲା, ଗୋଟିଏ 'ସୁଢ଼ଲ ଦେବ' । ଭୀଷ୍ମ ଓ ସିଧଣ, ସେମାନଙ୍କ ଦୁଇଟି ଡାକନାମ । ଏହା କୌଣସି ରାଜା ବା ସମ୍ରାଟଙ୍କ ପ୍ରକାଶିତ ନାମ ଅବଶ୍ୟ ନୁହେ । ଏହା କହିବା ଦରକାର ନାହିଁ । ଭୌମ ବଂଶ ଡାଇଲୁ ଓଡ଼ିଶା ଓ କଳିଂଗ ରାଜାଙ୍କର ଏଇପରି ଡାକନାମ-ମାନ ଥିବାର ଦେଖାଯାଏ । ଗଂଗମାନଙ୍କର ଏଇପରି ଡାକନାମମାନ ଥିଲା । ଏବେ ମଧ୍ୟ ଓଡ଼ିଶା ଓ ବଂଗରେ ଏପରି ନାମ ଖୁବ୍ ଚଳେ । ସମସ୍ତେ କହନ୍ତି, ବିଶ୍ୱନାଥ ମହାପାତ୍ର; କିନ୍ତୁ ତାଙ୍କ ଡାକନାମ 'ଭୁନା' ବା ଭୁନା ମହାପାତ୍ର । କର୍ଣ୍ଣାଟ ଓ ତେଲଙ୍ଗରେ ଏଇପରି ନାମ ଏବେ ବି କୌଣସିଠାରେ ଥିବାର ମୁଁ ଜାଣେ । ଗଂଗ ବଂଶରେ ଲକ୍ଷ୍ମୀ ବୋଲି ରାଣୀଙ୍କର ନାମ ଥିଲା । କିଏ ଜାଣେ, ଚଡ଼ଙ୍ଗ ଦେବ ବା ବିଶେଷତଃ ଲଙ୍ଗୁଳା ନରସିଂହ ଦେବଙ୍କୁ 'ସିଂହର୍ଣ୍ଣ' ବୋଲି କହୁ ନ ଥିଲେ ? ଏହି ନରସିଂହଙ୍କ ରାଜ ଦରବାର ପଣ୍ଡିତମାନଙ୍କ ପାଖିରେ ସେଂକ୍ତୁ ଥିଲା କହୁଲେ, ଚଳେ । ଏକାବଳୀକାର ବିଦ୍ୟାଧରଙ୍କ ପରି ଅଳଂକାରିକ କବି ସମୟରେ କମ୍ କଳିଚନ୍ତି । ସେ ଥିଲେ, ନରସିଂହଦେବଙ୍କ ସଭାସଦ୍ । ଶାର୍ଙ୍ଗଦେବଙ୍କ ପରି ସଂଗୀତ ବିଜ୍ଞାନରେ ମହାପଣ୍ଡିତ ଓ ବିଶେଷଜ୍ଞ ସେଇ ସଭାରେ ଥିବା ଅସଂଭବ ନୁହେ । ପୁଣି ଅନ୍ୟ ଗୋଟିଏ

Digitized by srujanika@gmail.com

କଥା ହେଉଛି, 'ନିଃଶଙ୍କ' । ଗଂଗ ବଂଶରେ କୀର୍ତ୍ତି ଅର୍ଥରେ ଏହି ନାମ-ବିଶେଷଣ ଥିବାର ପ୍ରମାଣ ଅଛି । ନିଃଶଙ୍କ-ଭାନୁଦେବଙ୍କ କଥାଟି ଜଣାଶୁଣା । ସେ ନାମଟିର ପରଂପରା ଗଂଗବଂଶରେ ଓ ଗଂଗବଂଶ କାଳରେ ଥିବା ସଂଭବ ।

## ପାରିଭାଷିକ ଶବ୍ଦାଦି

ପ୍ରାକୃତ ଭାଷାମାନଙ୍କର ନାମ ଦେବାରେ ଶାର୍ଙ୍ଗଦେବ 'କର୍ଣ୍ଣାଟ ଭାଷାୟାଂ,' 'ଲାଟଭାଷାୟାଂ' ଏପରି ନାମମାନ ଉଲ୍ଲେଖ କରିଚନ୍ତି । ଏଥିରୁ ଜଣାଯାଉଛି, ସେ ଦକ୍ଷିଣ ଭାରତର ବହୁ ପ୍ରାକୃତ ଭାଷା ଜାଣିଥିଲେ । ମାତ୍ର ଖାଲି 'ପ୍ରାକୃତ' ବା ଦେଶଭାଷା ବୋଲି କହିଲାବେଳେ ଓଡ଼ିଆ ଓ କଳିଂଗ ଭାଷାକୁ ଲକ୍ଷ୍ୟ କରୁଥିବାର ମନେ ହେଉଛି । ଦୃଷ୍ଟାନ୍ତ ସ୍ୱରୂପ, ରାଗର ସ୍ୱରକଂପ କଥା କହିଲା-ବେଳେ ସେ କହିଚନ୍ତି, "ବାଗୋ ଗମକ ଉଚ୍ୟତେ ।" ଅର୍ଥାତ୍, ସ୍ୱରକମ୍ପ ବା 'ବାଗ'କୁ ସଂସ୍କୃତରେ 'ଗମକ' ବୋଲି କହନ୍ତି । ଟୀକାକାର ବୁଝାଇଚନ୍ତି, "ଗମକ ଏବ ଦେଶଭାଷୟା ବାଗ ଇତ୍ୟୁଚ୍ୟତ ଇତ୍ୟର୍ଥଃ" । ଅର୍ଥାତ୍ ଗମକକୁ ଏକା ଦେଶଭାଷାରେ 'ବାଗ'ବୋଲି କହନ୍ତି । ଏବେ ବି ଓଡ଼ିଆରେ ଏହାକୁ 'ବାଗ' କହନ୍ତି । ଏହିଭଳି ଅର୍ଥରେ ଶିଷ୍ଟପର ମାଇସେ 'ଭଙ୍ଗ' ଶବ୍ଦ ମଧ୍ୟ ବ୍ୟବହାର କରନ୍ତି । ଯଥାଃ—ଏଗୀତ ବୋଲିବାର ବାଗଟା କିଅଣ ? ମତେ ଏ ଗୀତର 'ଭଙ୍ଗ'ଟା ଜଣାନାହିଁ—ଇତ୍ୟାଦି । 'ସ୍ଥାୟୀ' ବା ସ୍ୱରାବସ୍ଥାମାନଙ୍କ ଭିତରେ ସେ 'ଶ୍ରେଷ୍ଠ' ବୋଲି ଗୋଟିଏ ସ୍ଥାୟୀର ନାମ ଗଣିଚନ୍ତି । ଯଥାଃ—"କୋମଳଃ ପ୍ରସୃତଃ ସ୍ନିଗ୍ଧଃ ଶ୍ଲେଷୋଽତ୍ର ସୁଦେଶିକାଃ" ( ୩ୟ ଅଧ୍ୟାୟ, ଶ୍ଳୋକ ୧୦୦ ) ।

Digitized by srujanika@gmail.com

## ଚର୍ଚ୍ଚରୀ

ପ୍ରବନ୍ଧ ଅଧ୍ୟାୟରେ ଚର୍ଚ୍ଚରୀ (ଏବଂ ଓଡ଼ିଆ,ଝୁମରୀ) ସମ୍ବନ୍ଧରେ ବହୁଳଭାବରେ ସେ କହୁଛନ୍ତିଃ—

"ରଗୋ ହ୍ରଦୋଲକସ୍ତାଳସ୍ତଚ୍ଚରୀ ବହୁବୋଦ୍ଧ୍ୟଂସ୍ମୃତଃ ।
ଯସ୍ୟାଂ ଷୋଡ଼ଶମାତ୍ରାଃ ସ୍ୟୁଃ ଦ୍ୱେଧୀ କଂଦ୍ୱୀ ଚ ପ୍ରାସ ସଂଯୁତୌ ॥
୨୯୨ ॥

ସାବସନ୍ତୋତ୍ସବେ ଗେୟା ଚର୍ଚ୍ଚରୀ ପ୍ରାକୃତୈଃ ପଦୈଃ ।
ଚର୍ଚ୍ଚରୀ ଛନ୍ଦସେତ୍ୟନ୍ୟେ କ୍ରୀଡ଼ା ତାଳେନ କେଚ୍ୟପି ।
ଦ୍ରୁତଦ ଛନ୍ଦସା ବାଂସ୍ୟ ଛନ୍ଦୋଲକ୍ଷ୍ମୋଦନ୍ତା ଉଦାଃ ॥୨୯୩॥

ପ୍ରାକୃତ ପଦରେ ଏ ଚର୍ଚ୍ଚରୀ ବସନ୍ତୋତ୍ସବରେ ଗାନ କରାହୁଏ ବୋଲି କହୁଛନ୍ତି । ଶ୍ରୀହର୍ଷଙ୍କ ରତ୍ନାବଳୀ ପ୍ରଥମ ଅଙ୍କ ୩ୟ ପଦରେ ବସନ୍ତୋତ୍ସବକୁ ଦେଖାଇ ରାଜା କହୁଛନ୍ତି—"ବିହ୍ୱଳଣି, ଚର୍ଚ୍ଚରୀ ପ୍ରକଟ ଭଟଟିବ," ଅର୍ଥାତ୍ ରାଜଧାନୀରେ ଚର୍ଚ୍ଚରୀ ଗାନ ଓ ସେଇ ଛନ୍ଦରେ ନୃତ୍ୟାଦି କ୍ରୀଡ଼ା ପ୍ରକଟ ହେଲାଣି । ଅମର ଏବେ ମଧ୍ୟ ହୋଲି ପୂର୍ଣ୍ଣିମାରେ ବୃନ୍ଦାବନରେ 'ଝୁମେର-ଚର୍ଚ୍ଚରୀ' ହୁଏ ।

## ଚର୍ଯ୍ୟା

"ପଦ୍ଧଡ଼ୀ ପ୍ରଭୃତି ଛନ୍ଦଃ ପାଦାନ୍ତ ପ୍ରାସ ଶୋଭିତାଃ ।
ଅଧ୍ୟାତ୍ମଗୋଚରା ଚର୍ଯ୍ୟା ସ୍ୟାଦ୍ଦ୍ୱିତୀୟାଦି ତାଳତଃ ॥୨୯୪॥

ମାତ୍ରା ମିଳନ ଥାଇ ପଦ୍ଧଡ଼ୀ ପ୍ରଭୃତି ଛନ୍ଦରେ ଅଧ୍ୟାତ୍ମ ବିଷୟ ପ୍ରକାଶ କଲେ ତାକୁ ଚର୍ଯ୍ୟା କହନ୍ତି । ବୌଦ୍ଧମାନଙ୍କ ଚର୍ଯ୍ୟାପଦ ତଥା ସମସ୍ତେ ଜାଣନ୍ତି । ଏହା ଦେଶୀ ଶ୍ରେଣୀର ଗୀତ । ଏଇ ଚର୍ଯ୍ୟା ପୁଣି ସମଗ୍ରତା ଓ ଅସମ ପ୍ରବୃତ୍ତି ଭେଦରେ ଦ୍ୱିଧା ବୋଲି ଶାର୍ଙ୍ଗଦେବ

Digitized by srujanika@gmail.com

ବର୍ଣ୍ଣନ କରିଅଛନ୍ତି । ସମଧ୍ରୁବା = ଯହିଁରେ ଘୋଷା ପଦଟି ଅନ୍ୟ ପଦର ମାତ୍ରା ସଂଗେ ସମାନ । ବିଷମଧ୍ରୁବା = ଯହିଁରେ ଧ୍ରୁବ ବା ଘୋଷା-ମାତ୍ରା ଅନ୍ୟ ପଦର ମାତ୍ରା ସଂଗେ ସମାନ ନୁହେଁ ।

## ଗୁଲ ଓ ଗୁଲ ବଡ

ଦେଶୀ ଲାସ୍ୟାଙ୍ଗ ଲକ୍ଷଣରେ ୬ମ ଅଧ୍ୟାୟ ଶ୍ଳୋକ ୧୨୧୫— ୧୨୧୮ରେ 'ଗୁଲ' ଓ 'ଗୁଲବଡ଼' ପ୍ରଭୃତି ନାମର ଉଲ୍ଲେଖ ଦଶେ-ଷରେ ଲକ୍ଷ୍ୟ କରିବାର ଅଛି । ଲାସ୍ୟ=ନାସ୍ତ୍ରିନୃତ୍ୟ ।

## କୋଇଲ ଚଉତିଶାର ଆଦିମ ରୂପ—ଓୱୀ, ଢେଲୀ

ସେହି ଚତୁର୍ଥ ଅଧ୍ୟାୟ ବା ପ୍ରବନ୍ଧାଧ୍ୟାୟରେ ଶାର୍ଙ୍ଗଦେବ ଓୱୀ (ଓୱୀ—ଦକ୍ଷିଣୀୟ ଅଞ୍ଚଳୀୟ ବା) ଢେଲ୍ଲୀ ନାମକ ଦୁଇଟି ଦେଶ ଭାଷା-ଗୀତର ଉଲ୍ଲେଖ କରିଛନ୍ତି । ତାହା ମଧ୍ୟ ଚଉତିଶାର ଲେଖକ ବୋଲିଥିଲେ । ତାହାର ଆମ କୋଇଲି ଚଉତିଶାର ଆଦ୍ୟ । ସେ କହନ୍ତି:—

'ଦେଶଭାଷା'ର ଗୀତରେ ଅନ୍ତ୍ୟମିଳନ ( 'ପ୍ରାସ' ) ସହିତ ଗୀତଟି କଳ ଖଣ୍ଡରେ ରଚିତ ଥାଇ ଶେଷରେ 'ଓୱୀ' ପଦ ରହିଲେ, ସେ ଗୀତକୁ 'ଓୱୀ' କହନ୍ତି ।

"ଖଣ୍ଡବନ୍ଧଂ ପ୍ରାସଯୁକ୍ତଂ
ଗୀୟତେ ଦେଶ ଭାଷୟା ।
ଓୱୀ ପଦଂ ଭବେଦନ୍ତେ
ଓୱୀ ତତ୍କୀର୍ତ୍ତିତା ବୁଧୈଃ" ॥ [illegible] ॥

ପୁଣି କହନ୍ତି,

"ଢେଙ୍କାଣୀ ଚଉଶୀନଂ ସ୍ତୁୟଃ
ଏକାଦଶ ବୃଦ୍ଧିତୋ ଭିଦାଃ

Digitized by srujanika@gmail.com

ଆଦିମଧ୍ୟାନ୍ତଗୈଃ ପ୍ରାସୈଃ
ଅକାରୈର୍ଯ୍ୟସ୍ତୁ ପଦେ ପଦେ ।” ।୩୦୭।

ଅର୍ଥାତ୍, ଏକ ଅଦ୍ୟପଦର ଅବୃତ୍ତିରେ ଭଲ ହୁଏ, ତିନି ଚରଣ; କିମ୍ବା, ଦୋଇପଦରେ ପ୍ରତ୍ୟେକ ଚରଣର ଅବୃତ୍ତିରେ ଏହା ଭଲ ଭଲ ରୂପ ଧରେ । ଆଦି, ମଧ୍ୟ ଓ ଅନ୍ତରେ ଅନୁପ୍ରାସ ବା ଏକାକ୍ଷର ଥାଏ; ପୁଣି ପ୍ରତି ପଦରେ ଅ, କ ପ୍ରଭୃତି ଅଦ୍ୟରେ ଥାଏ ।

“ଛନ୍ଦୋଭିର୍ବହୁଭିର୍ଗେୟା
ଓଡ୍ରୋଜନ ମନୋହରାଃ
ସାନୁ ପ୍ରାସୈସ୍ତ୍ରିଭିଃ ଖଣ୍ଡୈଃ
ମଣ୍ଡିତା ପ୍ରାକୃତୈଃ ପଦୈଃ ।
ପ୍ରାନ୍ତେ ଲେଲୀ ପଦୋପେତା
ଲେଲ୍ଲା ଗେୟା ଵିଚକ୍ଷଣୈଃ ।” । ୩୦୮ ।

ଅର୍ଥାତ୍, ‘ଓଡ୍ରା’ ବହୁ ପ୍ରକାର ଛନ୍ଦରେ ଗାନ କରାହୁଏ ଓ ଲୋକଙ୍କର ବଡ଼ ଶୃଙ୍ଖଳପ୍ରିୟ ହୁଏ । [ଏହି ହିସାବରେ ] ତିନି ଖଣ୍ଡରେ ବିଭକ୍ତ, ଅନ୍ତ୍ୟାନୁପ୍ରାସଯୁକ୍ତ, ପ୍ରାକୃତ ପଦମାନଙ୍କରେ ମଣ୍ଡିତ ହୋଇ ଶେଷରେ ‘ଲେଲୀ’ ପଦ ବସାଇ ଜାଣିବା ଲୋକେ ‘ଲେଲୀ’ ଗାନ କରନ୍ତୁ । ‘ଓଡ୍ରା’ ଓ ‘ଲେଲ୍ଲା’ କୌଣସି ଭାଷାର ଅର୍ଥବଦ୍ ପଦ ନୁହେ—ସ୍ୱରସମାଧାନ ପାଇଁ ବ୍ୟବହୃତ ହେଉଥିବା ଶବ୍ଦ । କେତେକ୍ରିଆ ଗୀତର ଅନ୍ତ୍ୟମିଳନ ରଖି ଅଦ୍ୟରୁ ପଦେ ଶେଷରେ ଅବୃତ୍ତ କରି ଦେଶଭାଷା ବା ପ୍ରାକୃତରେ ଗୀତ ରଚନା କରାଯାଉଥିବା କଥା ଏଥିରୁ ଜଣାପଡ଼ୁଛି । ଈ-ପ୍ରଭୃତି ସ୍ୱରବର୍ଣ୍ଣ ବା କ-ପ୍ରଭୃତି ବ୍ୟଞ୍ଜନବର୍ଣ୍ଣ, ପ୍ରତି ପଦର ଅଦ୍ୟରେ ରଖା ହେଉଥିଲା । କ-ପ୍ରଭୃତି ରହିଲେ,

Digitized by srujanika@gmail.com

ଏହା ହେଲା, ଆମ ଚଉତିଶା । ଗାନରେ ପଦା ଶେଷରେ 'ଓଲି' ଦେଲେ ଗୀତର ନାମ ହେଉଥିଲା, 'ଓଲି' ଗୀତ; 'ଲୋଲି' ଜମ୍ମା 'ଓଲି-ଲୋଲି' ବା 'ଓ-ଲୋଲି-ଲି' ଅଥବା 'ଲୋ ଓ ଇଲି' ପଦା ଶେଷରେ ଯୋଡ଼ି ଗାଇଲେ, ଏହାକୁ କହୁଥିଲେ 'ଲୋଲି'-ଗୀତ । ଏଇ ଅନୁକ୍ରମେ 'ଲୋ' କୋଇଲି ମୂଳରୁ ଅବୃତ୍ତିବନ୍ଧ ଶେଷରେ ଯୋଡ଼ି ଚଉତିଶରେ 'କୋଇଲି-ଗୀତ' ଲେଖିବା ଓ ଗାଇବା ଆରମ୍ଭ ହୋଇଥିଲା ବୋଲି ଅନୁମାନ କରାଯାଇ ପାରେ । ଏଥି ସଂଗେ ବୁଝା ଯାଇପାରେ କର୍ଣାଟୀ ସଂଗୀତକୁ ଦେଶଭାଷାର ଲୋକ ମୁଖର ବାଣୀ ସଂଗେ ମିଶାଇ କପର ଆମ 'ଛାନ୍ଦ' ବାହାରୁ ଥିଲା ଓ କ୍ରମେ ସେଇ ସଂଗୀତ ସ୍ୱରକୁ ଧରି ଏଇ ଛାନ୍ଦ-ସାହିତ୍ୟ ବିସ୍ତାର ଲାଭ କରିଥିଲା ।

## କୋଇଲି ଲୋ

ଅନେକେ ମନେ କରନ୍ତି 'ମେଘଦୂତ', 'ହଂସଦୂତ', ପ୍ରଭୃତିରେ ଭଳି ମେଘ ଓ ହଂସକୁ କହିଲା ପରି 'କୋଇଲି ଗୀତ'ରେ କୋଇଲି ବା କୋକିଳକୁ ନିଜର ଦୁଃଖ ବା ମନ କଥା କୁହାଯାଏ । କିନ୍ତୁ ଉପର ଉଦ୍ଧୃତିରୁ ମନେ ହେଉଛି, କଥାଟି ତା ନୁହେଁ । ଗୀତର ସ୍ୱରସମାଧାନ କ୍ରମରେ ବା ଗାନରେ ସ୍ୱର ଛିଣ୍ଡାଇବା ପାଇଁ, ପ୍ରଥମ ପଦର ଅବୃତ୍ତିରେ 'ଓଲି', 'ଲୋଲି' ବା 'ଓଲି—ଲୋଲି' ପରି ସ୍ୱରଭଙ୍ଗୀ ଲଗାଇ "ଦେଶ-ଭାଷା"ରେ "ପ୍ରାକୃତ-ପଦ-ମଣ୍ଡିତ" ଗୋଟିଏ ପ୍ରକାର ଗୀତ ବା ଗୀତ ପ୍ରକାର-ମାନ ଥିଲା । ତାହା ଛନ୍ଦଶାସ୍ତ୍ର ଓ ତା ବହୁ ପ୍ରକାର ସ୍ୱରରେ 'ଓଲି' ଲଗାଇ ସ୍ୱର ଛିଣ୍ଡାଇ ବୋଲା ଯାଉଥିଲା । 'ଓଲି' ସଂଗେ, 'ଲୋଲି' ବା 'ଲୋ ଓ ଇଲି' ଲଗାଇ ଲୋକେ 'ଲୋଲି' ନାମକ ଗୀତ ବୋଲୁଥିଲେ । ହୋଇପାରେ, ଟେନି ଷଣ୍ଡରେ ଥିବା ଅନ୍ତ୍ୟମିଳନ (ପ୍ରାସ)ର ଛନ୍ଦା

Digitized by srujanika@gmail.com

ଯାଉଥିବା ଚରଣ ଚତୋଷ୍ଟିକୁ ଏକାଦ୍ୟାବୃତ୍ତିଃ (ପ୍ରଥମ ଖଣ୍ଡର ଆଦ୍ୟ ପଦକୁ ଆବୃତ୍ତି କରିବାରେ) ଅଲଗା ଅଲଗା ଏଥି ସ୍ୱର ଛିଣ୍ଡାଇବା ନିମନ୍ତେ 'ଓକୀ-ନେଲ୍ଲି' ବା 'ନେ ଓ ନେ'ଲ୍ଲି' ଏଥି 'ଲୋ କୋଇଲି' ଲଗାଇ ବୋଲିବାରୁ କ୍ରମେ କୋଇଲିଗୀତ ବିକାଶ ଲାଭିଥିଲା । ପ୍ରଥମ ଖଣ୍ଡର ପ୍ରଥମ ପଦକୁ ଶେଷରେ ଆବୃତ୍ତି କରିବାରେ ସ୍ୱରକୁ ଅର୍ଥରତ୍ ଭାବ କାବ୍ୟ ଭିତରା ଗାଇଁ ପ୍ରଥମରୁ 'କୋଇଲି ଲୋ' ପଦ ଲଗାଇବାର ପଦ୍ଧତି ପଡ଼ିଯାଇ ଥିଲା । କୋଇଲି ଗୀତର ଖଣ୍ଡଦ୍ୱୟ ଓ ଏକାଦ୍ୟାବୃତ୍ତିଃ—

(୧) କୋଇଲି ଲୋ ଘର—ଚୋ—ଲି ।

(୨) ନ ମଣନ୍ତି ନ—ଦ ।

(୩) ଘଷଣ ନ ଦେଖେ ପୁର ନଥିଲେ ଗୋବିନ୍ଦ ।

(ଏକାଦ୍ୟାବୃତ୍ତି) ଲୋ—କୋଇ—ଲି ।

ଏଥିରେ (୨) ଓ (୩) ରେ ଅନ୍ତ୍ୟମିଳନ ('ପ୍ରାସ') ଅଛି । ବୋଧହୁଏ ଏହିପରି ଗୀତମାନଙ୍କରେ ଲୋକ ଗୀତରେ କେବେ କେବେ ତିନି ପାଦର ଅନ୍ତ୍ୟମିଳନ ଥିଲା । ଅନ୍ତ୍ୟମିଳନ ଲୋକର ଲୋକ ଗୀତର ଗୋଟିଏ ଅବିଚ୍ଛେଦ୍ୟ ଅଂଶ । ସେଥିରେ ପୁଣି ଶେଷ ଚରଣଟି ଦାଣ୍ଡି ବୃତ୍ତ ସବୁ ଗୋଟିଏ ଟାଣରେ ବୋଲାହୁଏ । ଦେଖ—

ଅନ୍ଧୁଁ ଏକେ ।

ପାଣି ପଡ଼ିଲେ ତୁ ନୋହୁ ଲେଜେ ।

ଶେଷଧାଡ଼ି ମଝିରେ ପଡ଼ିଯାଉ ନାଇ । ଏହାର ଆଦ୍ୟ ଚରଣ ଓ ଦ୍ୱିତୀୟ ଚରଣର ଶେଷଟି, ଉପରେ ଦିଆଯାଇଥିବା କାଳୀସ୍ରଗର ପ୍ରଥମ ତିନିଚରଣର ପ୍ରତ୍ୟେକ ଚରଣ ସଙ୍ଗେ ସମାନ । ଏହାକୁଇ ସଙ୍ଗୀତ ସ୍ୱର ସାହାଯ୍ୟରେ ଛନ୍ଦ-ଗୀତ କରି ଶେଷରେ ଦୁଇଟି ଅକ୍ଷର ଲଗାଇ ତାକୁ ଦୀର୍ଘ କରି ବୋଲିବାରେ ପ୍ରଥମ ତିନି ଖଣ୍ଡ,

Digitized by srujanika@gmail.com

ଲେ ଚରଣ ଓ ଶେଷଟି ହେଉଛି, ଓଲି ବା ଲୋଳି ପଦ ସ୍ୱରସମା-
ଧାନର ଚରଣ । ସେଥିରେ 'ପ୍ରାସ'କି ଏବେ ପ୍ରାୟ ପ୍ରଥମ ଦୁଇ
ଚରଣରେ ପଡ଼ୁଛି (ପୂର୍ବେ ୩୦୨ ପୃଷ୍ଠାରେ ଉଦାହରଣ ଦେଖ) । ମାତ୍ର
ଅଧିକ ସୁନ୍ଦର, ସୁଶ୍ରାବ୍ୟ ଓ ଜନ ମନୋହର କରିବା ପାଇଁ ବେଳେ
ବେଳେ ତିନି ଚରଣଯାକ ପ୍ରାସ ଯୁକ୍ତ ହୁଏ । ଯଥାଃ—

“ଖୋଜି ମୁଁ ନାହିଁ | ମୁକୁତା ପାଇଁ | ଥିଲି ମୁଁ ଯାଇ | ଏ—ବା” ;
“ଦେଖିଛ କଣ୍ଠା | ଦବ ମୁକୁତା | ଭେଣ୍ଡି ବନତା | ବ—ଟେ” ।

ଅଜର ଜନପ୍ରିୟ କବିତାକୁ ମଧ୍ୟ ତୃତୀୟ ଚରଣରେ ପ୍ରାସଦେଇ
କରାଯାଇ ପାରେ—

ଖୋଜି ମୁଁ ନାହିଁ | ମୁକୁତା ପାଇଁ | ଗିରି ମୁଁ ଯାଇଁ | ପାଇଁ ।

ମାତ୍ର ପ୍ରାକୃତ ଲୋକ ମୁଖରେ ଥିବା ଗୀତରେ 'ପ୍ରାସ' ଯେପରି
ଯେତେ ଦରକାର ହୁଏ, ସଙ୍ଗୀତର ସ୍ୱର ବନ୍ଧନ୍‌ଗତ ଶିଳ୍ପରେ
ସଜାଇଲେ, ତା ସେପରି ସେତେ ଦରକାର ନ ହେବାର କଥା ।
କାହିଁକି ନା, ବିଶୁଦ୍ଧ ସ୍ୱର-ଶିଳ୍ପ-ମୂଳକ ସଙ୍ଗୀତରେ (“ଅନିବଦ୍ଧ
ପ୍ରବନ୍ଧ”ରେ ସଂଗୀତ ରତ୍ନାକର ପୃ ୨୭୧, ୪ର୍ଥ ଅଧ୍ୟାୟ) 'ପ୍ରାସ'
ଆଦୌ ଲୋଡ଼ା ହୁଏ ନାଇ । ସେଥିରେ କେବଳ ସ୍ୱର ତରଂଗ
ଉଠାଇ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ତାକୁ ସ୍ୱରରେ ନେଇ, ସ୍ୱରରେ
ଶେଷ କରି ଦେବାକୁ ହୁଏ । ସେଥିପାଇଁ ଲୋକ ଗୀତକୁ ସ୍ୱର-
ଶିଳ୍ପରେ ମିଶାଇ 'ଛନ୍ଦ' କରିବାରେ ପ୍ରାକୃତ ଗୀତର 'ପ୍ରାସ' ଲିଭି-
ଯାଇପାରେ, ବଦଳି ଯାଇପାରେ । 'ଲୋଳି'ରେ 'ଲୋଳିର'
ଶେଷ 'ଳି'ସଙ୍ଗେ ତାହାର 'ପ୍ରାସ' ନ ଥିଲା । 'ଲେ ବୋଇଲି'
ସମ୍ବନ୍ଧରେ ମଧ୍ୟ ସେଇ କଥା ।

ମନେ ହେଉଛି, ଏଇ 'ଲୋଳି' ବା 'ବୋଇଲି' ଗୀତର
ସଙ୍ଗତ ଧରି ଆମ ଛନ୍ଦମାନଙ୍କର ବିକାଶ ହୋଇଛି । ପ୍ରାକୃତ

Digitized by srujanika@gmail.com

'ପଦାକୁଳକ' ବା ଦାଣ୍ଡିବୃତ୍ତର ଚଉଦ ଅକ୍ଷର ପାଦରେ ସଙ୍ଗୀତ ସ୍ୱରର ତାଳ ପ୍ରକୃତିକୁ ଧରି ଏଇପରି ଓଡ଼ିଆ, କେଳାପରି ପଦ ଲଗାଇ ତାକୁ ଅର୍ଥରେ ମିଶାଇ ଏପରି ସ୍ପନ୍ଦନ ଶଂକରାଭରଣ ଓ ସାରଙ୍ଗ କରି ଯାଇଛନ୍ତି, ଯେପରିଃ—

**ଶଂକରାଭରଣ**

"ଯେତେ ଦୂରେ ସଜ ପଡ଼ି ଥିଲେ ବେ ନବୀନା,
ଛନ୍ଦାକ ନ ଯାଏ କେବେ ବୃଷନାମ ଛନା ?
ସଖି—ତେମନ୍ତେ ମୁଁ ତୋର,
ଯେତେଣ ଥିଲେ ବୋଲନ୍ତି ହୃଦଯ ଚୋରି।"
— ପ୍ରେମ ସୁଧାନିଧି

**ଶାରଙ୍ଗ**

ଭୃଙ୍ଗବର ଧରି ହରି ତୋଳଲେ କଂସାରି,
ମିତ୍ରଙ୍କୁ ଅପିଥିଲ ଗଲ କି ପାସୋରି ?
ହୃଦ ଗୋ—କହନ୍ତୁ ବନ୍ଧୁ,
କ ଦେଶରେ ପିଙ୍ଗି ଦେଲ ମଦନ ସିଂଧୁକୁ ?
—ବଳଦେବ ଚନ୍ଦ୍ରାମଣି

**ତାଳ ଓ ଛାନ୍ଦ**

ମୃଦଙ୍ଗର ଓ ତାନ ଅକ୍ଷରଙ୍କ ପାଦକୁ ଧରି ଏଥିରେ 'ତାଳ' ଅନୁସାରେ ପଦର ଅର୍ଥକୁ ଦେଖି ଏ ସବୁଥିରେ ସ୍ୱର ଉଚ୍ଚାର କରିବାକୁ ହୁଏ। ତେଣୁ ଏ ସବୁରେ ଛନ୍ଦୋଭଂଗଜ ପଦାର୍ଥ ନଷ୍ଟ ହେବା କମ ଦେଖାଯାଏ। ଚଉଦ ଅକ୍ଷରିଆ ବୃତ୍ତ, ମୃଦଙ୍ଗ ଷୋଳମାତ୍ରିକ ଥିଲା। ତା ପରେ ଚଉଦ ଅକ୍ଷରରେ ବାଣ୍ଟି ହୋଇ ହେଇ ଷୋଳ-ମାତ୍ରିକ ହେଲା, କୌଣସିଠାରେ ଦୁଇଟି ବର୍ଣ୍ଣକୁ ଟାଣିବାରେ ଲଂବା କରି ସ୍ୱର ମିଶାଇ ବୋଲିବାରେ। ମାତ୍ର ଅକ୍ଷର ନିୟମରେ ତା ହେଲ ୮+୬=୧୪ ବା ଚଉଥି ଛନ୍ଦରେ ୬+୨+୬ । ଏଇ ୬

Digitized by srujanika@gmail.com

ହେଲା ସ୍ୱରବର୍ଣ୍ଣରେ ଦୁଇ ପ୍ରକାର; ୪+୩ ବା ୨+୨+୨ । ସେଇ ପାଦକୁ ୩, ୨ ମାତ୍ରାର ସମବାୟ ଭଳିକରି ୫,୬, ୯ମାତ୍ରାର ଚରଣାଂଶ ଯେଉଁ କେତେକ କାମୋଦୀ, କାଫି ଓ ଶ୍ୟାମକେଶୀ ଛନ୍ଦର ରାଗ ଛଡ଼ା, ଅପର ପ୍ରାୟ ଅନ୍ୟ ସବୁ ରାଗ ଏଇ ଛନ୍ଦ-ଅନ୍ତର । ସେଇ ଗୀତରେ ପାଦମାତ୍ରଙ୍କୁ ବାଣ୍ଟି, ତାର ସମବାୟ-ଭେଦରେ ରାଗମାନଙ୍କର ଭିନ୍ନଭିନ୍ନ ନାମ ଲଗାଇ ବାହାର କରାଯାଇଛି । ଲୋକ-ଗୀତରେ ଅନ୍ୟ ଗୋଟିଏ ଛନ୍ଦ ହେଉଛି, ନିରଦା । ଯଥା :—

ଲୁହାଯାକ ଥାଇ ଥିନା
ଭୁହାଇ ଭୁହାଇ ପୁଷ୍ଟ ଦେଉଥିଲେ
ଲୁହା କି ହୋଇବ ସୁନା ?

ଏହା ମୂଳତଃ ସେଇ ୬ ଓ ୮ ମାତ୍ରିକ ପାଦର ଭିନ୍ନ ସମବାୟ ହେଲେହେଁ, ଏହାର ପ୍ରତ୍ୟେକ ଛନ୍ଦ ସାହିତ୍ୟରେ ବଙ୍କଚୌମୁଖୀ ବୋଲି କହିଲେ ହୁଏ । ବୋଲିବାର ରାଗକୁ ଧରି ଚତୁର୍ବିଂଶାକ୍ଷର-ଠାରୁ ସପ୍ତଦଶାକ୍ଷର ପର୍ଯ୍ୟନ୍ତ ଏହାକୁ ମୂଳତଃ ଆଠ ପ୍ରକାର କରା-ହୋଇଛି ।

### ଚତୁର୍ବିଂଶାକ୍ଷରିକେ ଛାନ୍ଦର ଗତି

ଏହା ଲୋକ ମୁଖର 'ପୋଇବାଣୀ' । ନାନାପ୍ରକାରରେ ଏହାର ନାନାରୂପ । ତେଣୁ ଅନେକ ରାଗରେ ଏହା ବୋଲାହୁଏ । ଯଥା:—ଭୂପାଳ, କେଦାର କାମୋଦୀ, କଳହଂସ କେଦାର, ବଙ୍ଗଶ ଗୁର୍ଜ୍ଜରୀ ଇତ୍ୟାଦି । ଏହି 'ନଷ୍ଟବାଣୀ' (ସଂଭବତଃ, ନାଟ କଲବେଳେ ସେଥିର ସମାନ ପାଦ ଯୋଗାଇବାକୁ ହୁଏ, ସେଇ ବାଣୀ, ନାଂଗୀ ବା ଭଙ୍ଗୀ ।) ରେ ରାଧାନାଥ, 'ଛଲିକା' ଆରଂଭ କରିଛନ୍ତି । ଯଥା: —

Digitized by srujanika@gmail.com

ଜହ୍ନଚ | ଜମଳା | ବଳାସ | ଦୀର୍ଘିକା
ମଗ୍ନଚ | ମାଳମୀ | ମୀଚାମ୍ବୁ ଶଲ୍ଭା

ଲୋପରେ ଅନ୍ୟରୂପ ହୋଇ ଯାଇଛି

ଜହ୍ନଚର | ତ୍ରିହୃ | ସ୍ବୃକ୍ଷ ପଙ୍କ | ଜାର

ପୁଣି ନଷ୍ଟବାଣୀ

ଜହ୍ନଳ | ଭୁବନେ | ଶୋଷ୍ମର | ଉଣ୍ଡାର

ସ୍ୱର ବ୍ୟଞ୍ଜନ ଲଗାଇ ଛନ୍ଦର ନିଦାନ ଟିକକୁ ଜାଣିଥିଲେ, ସୁଧାନାଥଙ୍କ ଭଳି ଭାଷାର ପଦ-ପଦାର୍ଥ-ଶକ୍ତିରେ ଅଭିଜ୍ଞ ପଣ୍ଡିତଙ୍କର ଏ ଭ୍ରାନ୍ତି ହୋଇ ନ ଥାନ୍ତା। ପୁରୁଣା ଛନ୍ଦ ଲେଖକଙ୍କର ଏପରି ଭ୍ରାନ୍ତି ଯେପରି କି ନଥ୍ୟ। ମାତ୍ର ତାଙ୍କ ଉତ୍ତରୁ ଯେଉଁମାନେ ଟା 'ନବଦ୍ଧ-ପ୍ରବନ୍ଧ'ର ସ୍ୱର-ବ୍ୟଞ୍ଜନ ଜାଣିଥିଲେ, ସେମାନଙ୍କର ଭାଷାର ପଦ-ପଦାର୍ଥ ଜନିତ ଶକ୍ତିରେ ଜ୍ଞାନ ଅଦୌ ନ ଥିଲା। ତେଣୁ ସେମାନେ ବାକ୍ୟର ପଦାନ୍ୱୟ-ସଙ୍ଗତି ପ୍ରତି ଦୃଷ୍ଟି ଦେଉ ନ ଥିଲେ। ବିଶ୍ୱନାଥ ଖୁଣ୍ଟିଆ ଓ ଅଭିମନ୍ୟୁ ସାମନ୍ତସିଂହାର ବେଳେ ବେଳେ ଛନ୍ଦରେ ଏଇ ପଦାର୍ଥ-ଶକ୍ତି ପ୍ରଭାବ କଥା ଖୁବ ଜାଣିଲାପରି ଲେଖିଚନ୍ତି। ଅନ୍ତୁର ମଧ୍ୟ ୩+୩ କୁ ୨+୪ ବା ୨+୨+୨ ରେ ଭାଙ୍ଗି ସ୍ୱରସଙ୍ଗ ଭିନ୍ନଭିନ୍ନ କରିଯାଇ ପାରେ। ତଥାପି ମୋଟାମୋଟି ଆମ ଛନ୍ଦ-ରଚକମାନେ ଯତିରେ ଅର୍ଥର ସାମଞ୍ଜସ୍ୟ ପ୍ରତି ଜାଣିକରି ଧ୍ୟାନ ଦେବାର ମନେ ହେଉ ନାଇ। ସେମାନେ ବୁଝିଚନ୍ତି, ସ୍ୱରଗତିକୁ। ଶବ୍ଦ ଓ ଭାବ ବିକାଶକୁ ବୁଝିଁ 'ବାକ୍ୟ'କୁ 'ରସାତ୍ମକ' କରି କାବ୍ୟ ବା କାବ୍ୟ-ଧ୍ୱନି ଫୁଟାଇବାରେ ସେମାନେ ମନ ଦେଇ ନାହାନ୍ତି। ସୂଚନାରେ କୁହାଯାଇଛି, ତେଣୁ ଶବ୍ଦାଳଙ୍କାରରେ ଲଭିବ ଫୁଟିଉ; ଅର୍ଥାଳଙ୍କାର ବସିବ ଗତାନୁଗତିକ ହୋଇ ସବୁଠି। ଯେ କଥା ଛତ। ଏବେ ଦେଖ, ସେଥିରୁ ଭିନ୍ନଭିନ୍ନ ଭାଗରେ

Digitized by srujanika@gmail.com

କପର ଖାଲି ଅକ୍ଷର ଗଣି ଗଣି ସ୍ୱର ତରଙ୍ଗକୁ ସମାଧାନରେ ମିଳାଇ, ସ୍ୱତନ୍ତ୍ର ଛନ୍ଦମାନ ବାହାର କରିପାରନ୍ତି । ଏଥିରୁ ଅନେକଙ୍କର ଲୋକ-ଗୀତ ଓ ଲୋକ-ନୃତ୍ୟ ସଙ୍ଗେ ସମ୍ବନ୍ଧ ଅଛି; ସେତେବେଳେ ଛନ୍ଦ ଏବେ ବି ଲୋକ-ଗୀତ ଓ ପ୍ରଚଳିତ ଛନ୍ଦ, ଛନ୍ଦ ରୂପ ଧରି ନାହିଁ ।

୨୩ ଅକ୍ଷର—

ଏ ଦେବା | ତଟିନୀ | ଯାବନ୍ତ | ବନ୍ଧୁର
ଯାବତ | ଏ ଚିର | ଚୈତନ୍ୟ | —ଶିବ

ତାପରେ ଭାଙ୍ଗରେ ପଦାର୍ଥ ଢଂଗ—

ଭୂମ୍ୟ ସ୍ତ | କ୍ଷେପଣ | ଛାଡ଼ତ | ଭବୁବ
ମରୁ ଅ | ମରତା | ଜଳୁ ମ | —ଶ୍ରୀର

'ଶିବାଜୀଙ୍କ ଜନ୍ମୋତ୍ସବ ବାର୍ତ୍ତା'—ରାଧାନାଥ

୧୨ ଅକ୍ଷର—

ଏ ଜଗ | ତୁ ଧୀରେ | ଶୁଣ ହେ | ସୁଧୀରେ
ଚଲୁର | ବଧୂରେ | ଅନନ୍ଦ— | ରେ—
ଦୋବନ | ଜଉର | ଭରନ୍ତୁ | କାତର
ଦ୍ୱୋଇଣ | ମିଳବ | ପୁବତ— | ରେ—

'ବଦଗୁରମନ୍ତ୍ରାମଣି'—ଦ୍ୱା.ଦକ୍ଷ ଛନ୍ଦ ।

( ସାମନ୍ତନ୍ତ ଦ୍ୱାର ଏହାକୁ 'ଦାନ ଭୂପାଳ' କହନ୍ତି । )

୨୧ ଅକ୍ଷର— ଏଥିପରେ ଛନ୍ଦର ବାଗ ପ୍ରକାଶ ପାଇ ନାହିଁ । 'ଶଂଖଚକ୍ର ଭରଣ', 'ସାରଙ୍ଗ' ପ୍ରଭୃତିରେ ପାଦ ଲଗାଇ 'ଲୋଲି' ଓ ବୋଉଲି ପରି ଭଙ୍ଗ ଦେବାରେ ଏହାର ବ୍ୟବହାର ଅଛି । ମାତ୍ର ସ୍ୱତନ୍ତ୍ର ୨୧ ମାତ୍ରାର ହିସାବରେ ଛନ୍ଦ ଥିବାର ଜଣା ନାହିଁ । କିନ୍ତୁ ଲୋକ-ଗୀତରେ ତା ଅଛି । ଲୋକ-ନୃତ୍ୟରେ ତାର ଯଥେଷ୍ଟ ଥିଲେ

Digitized by srujanika@gmail.com

ମଧ୍ୟ, ତା ସ୍ୱର-ଗଣରେ ଯେତେ ନିବଦ୍ଧ, ପଦାକ୍ଷରରେ ସେତେ ନିବଦ୍ଧ ନୁହେଁ। ସେଥିରେ ଦାଣ୍ଡିରେ ବୋଲି ଗିବାର ଢ଼ଂଗୀ ରହିଛି। ଯଥାଃ—

ଷୀରରେ ଧୋଇଲେ | ଖଣ୍ଡରେ ମୋହିଁଲେ |
ନିମ୍ବ କି ମଧୁର ହୋଇବ ।
ଯେତେ ପରକାରେ ବୁଝାଇ କହିଲେ |
ପରକି ଆପଣା ହୋଇବ |—ଜଗ

'ଲୋଳି' ସ୍ୱରର ସଙ୍କେତ ଦେବାପାଇଁ ପଧ ଉପ ଅଛି । ଦେଖଃ—

**କଥିତ**

ଚଇତ ମାସର ନୁଆ ଗୁଡ଼ ଖାଇ
ବଣ୍ଡୁ କୁଣ୍ଡାଇଲେ ଯିଅତ ।

ଏହାଛଡ଼ା ପୁଣି ସେଇ 'ଲୋଳି'-ସ୍ୱରଧର ଛାନ୍ଦବାଗରେ କପଦ ପକାଇ ଦଅ ଯାଇଛି, ଦେଖ :—

"ଗନ୍ଧର୍ବ ଶ୍ରେଣୀ ଦମ୍ଭ ଅଚଳେମି କନ୍ୟାସଛ ଭାଳ ହୋଇଲା ।
ବିଶ୍ୱକର୍ମା ସିଦ୍ଧି ପାଇଁ ରସନିଧି ମୂର୍ତ୍ତି ମଦନ ସଜାଡ଼ିଲା ।
କୁମାରୀ ।
ପ୍ରୀତି ସୁଲୁପାଶ୍ୱ ତେଜିଲା ।
ପରିହାସୀ ସମବୟସୀ ରଥିବା ଆସି ମାନସରେ ମିଶିଲା" ।
—ବିଦଗ୍ଧଚିନ୍ତାମଣି ୪।୧୦

୨୦ ଅକ୍ଷର— ଏ ଛନ୍ଦର ଉଦାହରଣ ଦେବା ଦରକାର ନାହିଁ। ଜଗ ଓ ଲୋକଗୀତାଦିରେ ଏହାର ସ୍ଥାନ ବଡ଼ ପ୍ରଶସ୍ତ । ଏହାର ନାନା ପ୍ରକାର ଭଙ୍ଗ ଓ 'ଲୋଳି' ଆଦିରେ ଅନ୍ୟ ଛନ୍ଦ-ସାହିତ୍ୟ,ପୂର୍ଣ୍ଣ । 'ଲୋଳି'ସ୍ୱରରେ ଏହାର ଗୋଟିଏ ଭଙ୍ଗ ଦେଖଃ—

Digitized by srujanika@gmail.com

ଏବେ କେତେବେଳେ ଚାଲି ଚାଲି ବାଧୁଛନ୍ତି ଜଳଧି ଉପରେ ପ୍ରତିମା ।
ମୋହନ ମନ୍ତ୍ରରେ ଅଙ୍ଗନ୍ୟାସ କରି ଭୂଷିତ କଲା ରଂଗିମା—ଘୋଷା ।
ଦୁଃଖ ଜଳଧି ମାଧୁରୀ ଶ୍ରୀ । ଗୋ—ସ୍ତବ ।
ହେଲା ଗୁଣନିଧି ଭବେ ଠାବ । ଗୋ—ସ୍ତବ ।
ମାତ୍ର ଦେବାର୍ଚ୍ଚନ ଦେବ ହେବ । ଗୋ—ସ୍ତବ ।

୧୯ଅକ୍ଷର—ଏ ଛନ୍ଦ, ଛନ୍ଦରେ ନାହିଁ, କି ଲୋକ-ଗୀତରେ ନାହିଁ । ମଝିରେ ୩+୨ ପାଦକୁ ମିଶାଇ ୧୯ ଅକ୍ଷରିଆ ଗୀତ ଅଛି ଓ ସେଥିରୁ ଛନ୍ଦ ବ ହୋଇପାରେ । କିନ୍ତୁ ତା ଠିକ୍ ଏ ପ୍ରକାର ନୁହେ । ଦେଖ:—

ସ୍ତୁତି ପଥରେ ଅଧୁଆ ହେଇ
ସେଇ ହେଇ ବହଳିଆ ।
ପଇତା ପଥରେ ସନ୍ତୁଆ ହେଇ
ଲଗା ହେଇ ଚଉରିଆ । —ଭଗ

୧୮ଅକ୍ଷର—
ଇ-ସ୍ୱର୍ଣ୍ଣାନୁପ୍ରାସ ଦୀର୍ଘ ହ୍ରସ୍ୱ ବେଣୀ
ନିଷ୍ପମ—ଏ ଛନ୍ଦ ।
ଇଚ୍ଛା କରି ଧୀରେ ପ୍ରସଂଗ ବଧରେ
ବଢିବ—ଆନନ୍ଦ ।
—'ବଦଗ୍ଧ ଚିନ୍ତାମଣି', ୭ । ୧

୧୭ ଅକ୍ଷର—(ଠିକ୍ ଅଠର ଅକ୍ଷରିଆ ପରି)
ଶାଳ୍ମଳୀ ଶଇଳ୍ ତଳ ସ୍ଥାନେ ତଳ
ଚଞ୍ଚିମା—ଝରେ ।
ଲଂଘି ନାନା ବନ ଜନପଦ ମିଶେ
ବଂଗସା—ଗରେ ।—ସୁଧାନାଥ, 'ଢ଼ଷା', ୧୨ ପଦ

Digitized by srujanika@gmail.com

କେବଳ କେତେବେଳେ ସଙ୍କେତ ଦିଆଯାଏ । ଏହି ସଙ୍କେତରେ ଗୋଷ୍ଠୀ ବିଭାଗ କରି ଛାନ୍ଦର ରାଗ ଓ ବିଭାଗ ଆଲୋଚନା କରାଯାଇପାରେ । ମାତ୍ର ଏଇସବୁ ଲୋକଗୀତ ବା ଲୋକମୁଖର ଢଗ ପ୍ରଭୃତିରୁ ସଙ୍କେତ ଧରି ଗୋଷ୍ଠୀ ବିଭାଗ କରି ‘ପ୍ରବନ୍ଧ’ ବିସ୍ତର କରିବା ଏକ କଥା । ମାତ୍ର ସଙ୍ଗୀତର ତାଳ, ମାନ ପ୍ରଭୃତି ଧରି ଛାନ୍ଦ ଓ ତା ବୋଲିବା ରୀତି ଠିକ୍ କରିବା ଅନ୍ୟ କଥା । ଦ୍ୱିତୀୟ ପ୍ରକାର ଆଲୋଚନା ପାଇଁ ଲୋକ-ଗୀତ ସଙ୍ଗେ ସଙ୍ଗୀତ ଶାସ୍ତ୍ରର ବିଶେଷ ଜ୍ଞାନ ଦରକାର । ଯେଉଁମାନେ ଛାନ୍ଦ ନାମ ଦେଇଛନ୍ତି, ସେମାନେ ତା ସବୁ ନିଜେ କଳ୍ପିତ ମନେ ହେଉନାହିଁ । ‘ବାଣୀ’ର ସଙ୍କେତ ଦେଇ ସମସ୍ତେ ପ୍ରାୟ ଛାଡ଼ିଯାଇଛନ୍ତି । ସେ ସବୁ ‘ବାଣୀ’ ମଧ୍ୟ ଗାଇବାରେ ଅଜ୍ଞାନ କଣ ? ତାର ବିସ୍ତର ଦରକାର । କେଣେ କୌଣସି ଉତ୍ସବରେ ‘ବାଣୀ’ଟିଏ ବ୍ୟବହାର କରିଥିଲେ । ତାଙ୍କଠାରେ ସମସ୍ତେ ଯେ ସେଇଥିରୁ ସେଇ ବାଣୀରେ ନଗବର ବୋଲି ଆସୁଛନ୍ତି, ତାର କି ସନ୍ଦେହ ଅଛି ? ସେଥିପାଇଁ ଓଡ଼ିଆ ଛାନ୍ଦର ଆଲୋଚନା ବଡ଼ ବିଶାଳ ଓ ବଡ଼ ଜଟିଳ । ଷିପ୍ରେନାମାଭଳି ଦିଆ ହୋଇଥିବା ଛାନ୍ଦର ନାମ ଓ ବାଣୀ ଦେଖି ବୁଝିବାର ବାଟ ମଧ୍ୟ ସୁଗମ ନୁହେଁ ।

---

Digitized by srujanika@gmail.com

# ସପ୍ତମ ଅଧ୍ୟାୟ

## ସାରଳାସାହିତ୍ୟ ଓ ପୌରାଣିକ ମିଥ୍ୟା

### ସାରଳାମହାଭାରତର ଏତେ ଆଲୋଚନା କାହିଁକି ?

ଅବଶ୍ୟ ଲେଖକମାନଙ୍କୁ ଓ ତାଙ୍କ କୃତିକୁ ଗୋଟି ଗୋଟି କରି ତନଖିକରି ସବୁ ଦଗରୁ ଦୋଷଗୁଣ ଦେଖାଇ ତାଙ୍କ ଲେଖାର ଇତିହାସ, ପ୍ରଗତି ଓ ନିୟତି ଦୃଷ୍ଟିରେ ବଣିଷ୍ଠ ସମାଲୋଚନା କରିବା ପାଇଁ ଏଠି ଅବକାଶ ନାଇ । ସଂସ୍କୃତର ପ୍ରକାଶ-ପ୍ରକାର,ସମ୍ଭବର ଓ ଗତି ଦେଖାଇବାରେ ଲିଖିତ ସାହିତ୍ୟର ଯେତିକି ପ୍ରୟୋଜନ,ସେତିକି କହିବାର କଥା । କିନ୍ତୁ ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଧି-କ୍ଷଣରେ ପ୍ରସୀଡ଼ିତ ଜାତୀୟ ସଂସ୍କୃତିର ବିଦ୍ରୋହମୂଳକ ଅଭ୍ୟୁଦୟ ବେଳେ ସାରଳା ଦାସଙ୍କ ସାହିତ୍ୟର ଆବିର୍ଭାବ । ସେଥିପାଇଁ ସେଇ ସଂପର୍କରେ ଏତେ ଆଲୋଚନା ଦରକାର ପଡ଼ୁଛି । କିନ୍ତୁ ସାରଳା ଦାସ, ବଳରାମ-ଦାସଙ୍କ ଭଳି ମନୀଷିମାନେ ପୁଣି ନିଜକୁ ଶୂଦ୍ରମୁନି ଓ ଶୂଦ୍ର ବୋଲି କହିବାର ତାତ୍ପର୍ଯ୍ୟ କାଇ, ବୁଝେ । ସମାଜର ଶିଷ୍ଟ ବଶିଷ୍ଟ ତଥା ପଣ୍ଡିତ ବା ଅ-ଶୂଦ୍ରମାନେ ତାଙ୍କୁ ଯେ ଆଦର କରୁ ନ ଥିଲେ, ଏହା ଏକପ୍ରକାର ସତ୍ୟ । ସାରଳା ଦାସଙ୍କ ସଂପର୍କରେ ନିଶ୍ଚିନ୍ତ ଭାବରେ କୁହାଯାଇ ପାରେ, ସେ ବ୍ୟାସଙ୍କ ମହାଭାରତ ପ୍ରଚାର କରିବା ଉଦ୍ଦେଶ୍ୟରେ ପୁରାଣ ଲେଖୁ ନ ଥିଲେ । 'ଜୟ' ଘଟନାଟି ଉପରେ ମାତ୍ର ଲୋକ-କଥାର ଏକ ବିରାଟ ଅଭିନବ ସଂଗ୍ରହ ହେଉଛି, ତାଙ୍କ ମହାଭାରତ । ଏ ଲୋକ କଥାରେ ତାଙ୍କ ନିଜ ଲୋକଙ୍କ ଭାବଧାରା ଜ୍ଞାତ ଓ ଅଜ୍ଞାତ ଭାବରେ ପୂର୍ଣ୍ଣ ପ୍ରକଟିତ ହୋଇଥିଲା । ତେଣୁ

Digitized by srujanika@gmail.com

ଓଡ଼ିଆ ସାହିତ୍ୟକୁ ଏଇଥିରୁ ଯଥାର୍ଥରେ ଚିହ୍ନି ତାର ଗତି-ନିର୍ଣ୍ଣୟ ବି ଦିଗ୍‌ଦର୍ଶନରେ ଏହି ବିବେଚନାକୁ ଲଗାଇବାର କଥା ।

## ଜୈନ ସଭ୍ୟତା,ସାହିତ୍ୟ ଓ ତହିଁରେ ବିକ୍ଷୋଭର ଫଳ

ଭାରତର ମୌଳିକ ସାହିତ୍ୟ ହେଉଛି, ଜୈନ ସଭ୍ୟତା । ବୈଦିକ ସଭ୍ୟତାର ଦେବପୂଜା, ଯଜ୍ଞ ଓ ବିଶେଷରେ ବର୍ଣ୍ଣଧର୍ମ ଓ ବ୍ରାହ୍ମଣର ପ୍ରତିଷ୍ଠା ବା ମୋଟ କଥାରେ ବ୍ରାହ୍ମଣିକ ସଭ୍ୟତା ଓ ଧର୍ମର ପ୍ରଭାବରେ ଜୈନସାଧନା ଆତ୍ମଦାନ କରି ନିଜର ସ୍ୱାତନ୍ତ୍ର୍ୟ ହରାଇବାର ଇତିହାସହିଁ ପ୍ରାଚୀନ ଭାରତ ସାହିତ୍ୟର ଇତିହାସ । ଜୈନ ସଭ୍ୟତା କାଳରେ ଏକ ଦିଗରେ ଯୋଗୀ-ମୁନିର ଅତି କୃଚ୍ଛ୍ର ବ୍ରତ ସାଧନା, ଜୀବେ ମୈତ୍ରୀ ବା ଅହିଂସାର ଘୋର ଅତ୍ୟନ୍ତ ଆଗ୍ରହ ଓ ତପସ୍ୟାଦିରେ; ପୁଣି ଅନ୍ୟ ଦିଗରେ 'ଲୋକାୟତ'ର ସ୍ୱଚ୍ଛନ୍ଦ-ଇନ୍ଦ୍ରିୟ ସେବା ଜନିତ ତୃପ୍ତିରେ; କାମନା-ବା ତୃଷ୍ଣା-ନିବୃତ୍ତିର ବାଟ ଧରି ଭ୍ରଷ୍ଟ ହୋଇଥିଲା । ତାର ଶେଷ ଲୀଳାକ୍ଷେତ୍ର ପୂର୍ବୋତ୍ତର ଭାରତରେ ପାର୍ଶ୍ୱନାଥ ଓ ତାପରେ ବର୍ଦ୍ଧମାନ ମହାବୀର,ସିଦ୍ଧଯୋଗୀ ବା ମୁନିର ତପସ୍ୟା-ମାର୍ଗରେ, ପୁଣି ଶାକ୍ୟମୁନି ସିଦ୍ଧାର୍ଥ 'ମଧ୍ୟ ପନ୍ଥା'ର 'ଶୀଳ'-ମାର୍ଗରେ ତାର ସଂସ୍କାର କରିବାର ଉଦ୍ୟମ କରି ନିଷ୍ଫଳ ହୋଇଥିଲେ । ମାତ୍ର କଳିଙ୍ଗର ଜଗନ୍ନାଥ ଉପାସନାରେ ଦାର୍ଶନିକ ଜୈନଧର୍ମ, ନାନା ଭାବରେ ମହାଯାନର ଭକ୍ତି ଧର୍ମ ଓ ବୈଷ୍ଣବବାଦ ବ୍ରାହ୍ମଣିକ ଧର୍ମରେ ପ୍ରଭାବିତ ହୋଇ ମଧ୍ୟ, ବ୍ରହ୍ମଚର୍ଯ୍ୟମୂଳକ ଜୈନର ସମାଜ-ସାଧନା ଏକ ପ୍ରକାର ଜୀବନ୍ତ ରହିଥିଲା । ଗଙ୍ଗ-କାଳରେ ସେଇ ସମାଜ ସାଧନା ଉପରେ ଘୋର ପୀଡ଼ା । କପିଳେନ୍ଦ୍ରଙ୍କ କାଳରେ ତାର ପ୍ରତିକ୍ରିୟାରେ ନୂତନ ଅଭ୍ୟୁଦୟ । ସାରଳା ସାହିତ୍ୟରେ ଏହା କିପରି ପ୍ରକାଶ ପାଇଛି, ତାହାହିଁ ଦେଖିବାର

Digitized by srujanika@gmail.com

ଲଥା । ପୁଣି ଜୈନମାନଙ୍କ ଭିତରେ ବର୍ଣ୍ଣଭେଦ ନ ଥିଲା । ଜନସାଧାରଣ ଥିଲେ, 'ଶ୍ରାବକ'; ବିଶିଷ୍ଟମାନେ 'ସାଧକ'; ଓ ଜନପଦବାସୀ ବିଶିଷ୍ଟ ବା ଗ୍ରାମ ସଭାର ସଦସ୍ୟମାନେ ଥିଲେ, 'ମହାଜନ ।' ଏମାନଙ୍କ ଚଳଣି ବ୍ରହ୍ମଚର୍ଯ୍ୟ ଓ ପରାର୍ଥପରତାର ଆଦର୍ଶରେ ନିୟମିତ ଥିଲେହେଁ, ବ୍ରାହ୍ମଣିକ ସମାଜର ଆଶ୍ରୟରୁ ଭିନ୍ନ ଥିଲା । 'ଶୂଦ୍ର-ମୁନି' ଆଖ୍ୟାଟି କେବଳ ଓଡ଼ିଆ ସମାଜରେ ସମ୍ଭବ ଥିଲା । ବାହ୍ମିକ ନା, ମୁନି ଶବ୍ଦଟି ପରେ ବ୍ରାହ୍ମଣିକ ଧର୍ମସୂତ୍ର ସଂବଂଧରେ ପ୍ରମାଣ ପାଇଥିଲେ ମଧ୍ୟ, ଏହା ମୂଳତଃ ବୁଦ୍ଧ ହେବାପାଇଁ ଯତ୍ନମାନ ଥିବା ଜୈନ ଯୋଗୀ । ସେପରି ସିଦ୍ଧକାମୀ ମୁନି, ଶୂଦ୍ରହୋଇ ପାରେ । ଏଇପରି ଶାସ୍ତ୍ରୀୟ-ଅସ୍ତ୍ର-ନିରଙ୍କ ବ୍ରାହ୍ମଣିକ ଧର୍ମ ଓ ସମାଜ ସାଧନା ଦୃଷ୍ଟିରେ ଓଡ଼ିଆ ସମାଜର ଚଳଣି କି ପ୍ରକାରର ଥିଲା ଓ ସେଥିରେ କି ବିଶେଷ ଥିଲା, ତା ମଧ୍ୟ କପିଳେନ୍ଦ୍ରଙ୍କ କାଳର ଅଭ୍ୟୁଦୟ ବେଳେ ସାରଳା ସାହିତ୍ୟରେ ଖୋଜି ଦେଖିବାର କଥା ।

## ତା ଦେଖିବାରେ ଅସୁବିଧା

କିନ୍ତୁ ସାରଳା ଦାସଙ୍କ ଲେଖା ଓ ତତ୍‌ବିଧ ଲେଖାରେ ଯଥାର୍ଥ ଲୋକ-ସାହିତ୍ୟ ଦେଖିବାରେ ଘୋର ଅସୁବିଧା ଅଛି । ଏକେ ଭକ୍ତି ଧର୍ମର ପ୍ରଭାବଜନିତ ଅତି ମୂଢ଼ତା ଓ ଅତ୍ୟଦ୍ଭୁତ ଘଟନାର ସମାବେଶରେ ସାରଳା ସାହିତ୍ୟର ସ୍ୱାଭାବିକ ରୂପ, ବିକୃତ ହୋଇଛି । ଏହାଛଡ଼ା, ସରଳା ଦାସ ମନୀଷା-ସଂପନ୍ନ ବ୍ୟକ୍ତି ଓ ନୂତନ ଉଦ୍‌ବୋଧନରେ ପ୍ରାଣବନ୍ତ ହେଲେହେଁ, ଯୋଗର ହଠବାଦିତାରେ ତାଙ୍କର ବିଶ୍ୱାସ ଯେପରିକି ପ୍ରତିଷ୍ଠିତ ହୋଇଯାଇଥିଲା । ପୁଣି କର୍ମ ଫଳରେ ପୁନର୍ଜନ୍ମ ଓ ଫଳ ଭୋଗରେ ଅନ୍ତରାତ୍ମ-କାଳ-କଳ୍ପନା ଓ ଏହି ଉପରେ ପୁଣି ଅତି ସାମାନ୍ୟ ଜନର ପାରଂପରିକ

Digitized by srujanika@gmail.com

ବିଶ୍ୱାସମୂଳକ ଫଳିତ ଜ୍ୟୋତିଷର ଅଯଥା ବର୍ଣ୍ଣନାର ନିତ୍ୟ-ବୀଭତ୍ସତା ଭିତରୁ ସତ୍ୟ ବାଛିବା ବେଳେ ବେଳେ ଦୁରୂହ । ସତ୍ୟର ଅନୁସନ୍ଧାନରେ ମଧ୍ୟ ଏ ସବୁର ପ୍ରାମାଦିକ ସୌନ୍ଦର୍ଯ୍ୟ, ସାଧାରଣ ସମାଲୋଚକର ଚିତ୍ତ୍‌ମୋଦ ଜନ୍ମାଇବାରେ ସମ୍-ସମର୍ଥ ନୁହନ୍ତି । ସର୍ବୋପରି ବିପତ୍ତି ହେଉଛି ଅଙ୍କମାନଙ୍କ ସଂସ୍କରଣ ଓ ଲିପିରେ ପ୍ରକ୍ଷେପାଦି ।

## ଅଙ୍କମାନଙ୍କ ସଂସ୍କରଣ

ମହାଭାରତାଦି ଲେଖା ହୋଇଥିଲା ତାଳ ପତ୍ରରେ ! ସେଥିରେ ଜଣେ ପୁସ୍ତକ ଅଳ ଜଣେ ଉତ୍ତର ନାଏ । ଲୋକେ ମଧ୍ୟ ଖେଦାରେ ଉତ୍ତର ବନ୍ଦି କରୁଥିଲେ । ଏଇପରି ପୋଥିଲେଖି ବିକା ଏ ଦେଶରେ କେତେ ଲୋକଙ୍କର ଗୋଟିଏ ଜୀବିକା ଥିଲା । ଏଇପରି ସେକାଳେ ଲେଖାର ପ୍ରଚୁର ହେଉଥିଲା । ଯାହା ଲୋକଙ୍କ ମନକୁ ଯେତେ ବେଶୀ ପାଉଥିଲା, ତାର ପ୍ରଚୁର ସେତିକି ଶୀଘ୍ର ହେଉଥିଲା ଓ ସେତେ ବେଶି ହେଉଥିଲା । ମୋ ମନେ ଅଛି, ମୋ ପିଲାଦିନେ ଆମ ଗ୍ରାମରେ ଠାଏ ଯେତେବେଳେ ସାରଳା ମହାଭାରତ ପଢ଼ା ହେଉଥିଲା, ସେତେବେଳେ ଗାଆଁସାରା, ଗଂଜପା ଖେଳଠୋକ ବିଲ ବାଡ଼ି ପର୍ଯ୍ୟନ୍ତ ସବୁଠି ଦଳପାଞ୍ଚ ଜାଲି କଥୋପକଥନ ଓ ଗଳ୍ପରେ ସେଇକଥା । ଭୀମ କପରି ଗଛଉପାଡ଼ି ବୁଲାଇ କେତେ ମରୁଦ ସେନାଙ୍କୁ ଏକାବେଳକେ ଛତୁ କରି-ଦେଲା ? ଘଟୋତ୍କଚ କେତେ ଯୋଜନ ମାଡ଼ି ପଡ଼ିଲା ? ସେ ତାର ଯୋଜନକୁ ହେଲା ୪୮ କୋଶ; ଦୀର୍ଘରେ ଅଠରଲକ୍ଷ କୋଶକୁ ପ୍ରସ୍ଥରେ ଅଠରଲକ୍ଷ କୋଶ; ସେଥିରେ ଅନାଇ କେତେ ସେନା, ରଥ, ଗଜ, ଘୋଡ଼ା, ପାଇକ ଚପି ହୋଇ ମରି ଯାଇଥିବେ ! ଯୁଧିଷ୍ଠିର ହେବବା ରାଜ୍ୟ କଲା ବେଳକୁ ତାଙ୍କ ଅୟୁଷ କେତେ

Digitized by srujanika@gmail.com

ହଜାର ବର୍ଷ ହୋଇଥିଲା ? ସହଦେବଙ୍କ ଭୀଷ୍ମ ମହାଭାରତର ସୁଁ
ଭିତରେ କଳା ଅଗ୍ନି ପ୍ରବେଶ ହୋଇ ଯିବାରୁ ଯୁଦ୍ଧଶେଷ ଯାଏ
ତାକୁ ବ.ଷ୍ଣ ରଖି ଦେଇଥିଲେ ? ଯୁଧିଷ୍ଠିରଙ୍କ ରାଜ୍ୟକୁ କୁବେର
ଧାନ ପଠାଉଥିବାଟର ଶଗଡ଼ କମିଣ୍ଡ ପଥରେ ପଳାଇଗଲା ? କେତେ
ଶଗଡ ଧାନ ବାଡୁଅନ୍ତର ସଢ଼ୁଥିଲା ? ଗ୍ରାମ କପର ଦୁର୍ଗା ? କୁଷ୍ଣ
କପର ରତ୍ନର ? ଇତ୍ୟାଦି ଯାବନ୍ତ କଥା ହୋଇଥାଏ ଗ୍ରାମଧର୍ମର
ଯଥାର୍ଥ ଅଲୋଚ୍ୟ ବିଷୟ । ମହାଭାରତରେ ସ୍ପଷ୍ଟରେ ଯାହା ସତ୍ୟ
ହୋଇଥାଏ ବା ଶୁଣା ହୋଇ ଥାଏ, ସେଠାରେ ସେଥିରେ ନ ଥାଏ,
ସେଥିରେ ବୃଦ୍ଧି କ୍ଷୟ ବିବର୍ତ୍ତନ ପରିଣାମ ଯଥେଷ୍ଟ ଥାଏ । ଦେବତା ବ
ଜନ୍ମ ନ ଥାଏ । କପର ସତ୍ୟଯୁଗରେ ଶ୍ୱେତରାଜାଙ୍କ ଯଜ୍ଞରେ ଅବର୍ତ୍ତକ,
ସମ୍ବର୍ତ୍ତକ ମେଘମାନେ ଜଗତକୁ ଅନ୍ଧାର କରିଦେଇ ଘୃତସମୁଦ୍ରରୁ
ଘୃତ ଆଣି ଅବିରତ ଶୁଣ୍ଡରୁ ସ୍ରୁବମାନଙ୍କରେ ପ୍ରଳୟ ମେଘ-
ବର୍ଷାପରି ଢାଳି ଅଛାଡ଼ିଲେ; ସେ ଯଜ୍ଞ କୁଣ୍ଡ ପୂର୍ଣ୍ଣ କ ହେଲା ? ଶହ-
ଶହ ବର୍ଷ ଯଜ୍ଞ ଚାଲିଲା । ଲୋକରେ ପଢ଼ ଅଗ୍ନି ସବୁ ଘିଅଯାକ
ପିଇଲେ । ସେଥିରେ ତାଙ୍କର 'ଲଦୁବ୍ରୁଦୁ' ବ୍ୟାଧି ହୋଇଗଲା ।
ତାପରେ ବୁଲିବୁଲି ତାଙ୍କୁ ଔଷଧ ମିଳିଲା ନାହିଁ । ଶେଷକୁ
ଅର୍ଜୁନଙ୍କୁ ମାଗି ସତ୍ୟ କରାଇ ପୋଡ଼ିଲେ, ଖାଣ୍ଡବ ବନ । ଗଂଜପା
ଟେଲ ସାଙ୍ଗେ ସେ କି ବର୍ଣ୍ଣନା ! ସତେ ଯେପରି କଥକ ଇନ୍ଦ୍ର-
ଅର୍ଜୁନଙ୍କ ଯୁଦ୍ଧ ଦେଖୁଛନ୍ତି । ତେଣେ ପ୍ରଳୟର ଶିଳା ଶାଳ ବୃଷ୍ଟି
ହେଉଛି ଏଣେ ଅର୍ଜୁନ ସରଜାଲ ଶରରେ ସବୁ ଗୁଣ୍ଡା ସରି ଉଡ଼ାଇ
ଦେଉଛନ୍ତି; ତେଣେ କୋପର ପ୍ରକମ୍ପ, ଏଣେ ମୋହନାସ୍ତ୍ରରେ
ସମସ୍ତଙ୍କୁ ନିଦ୍ରା; ଅଦ୍ଭୁତର ବର୍ଣ୍ଣନା କ ହରିଣ, କି ରସୁଆଳ, କି
ଜୀବନ୍ତପୂର୍ଣ୍ଣ ? ପୁଣି ଗୋଟିଏ ଲକ୍ଷଣ ଦେବତା କଥା କହୁଛି—
ଉରୁଭଙ୍ଗରେ ପଡ଼ିଥିଲାବେଳେ ମାନଗୋବିନ୍ଦ ଅଶ୍ୱତ୍ଥାମାଙ୍କୁ

Digitized by srujanika@gmail.com

ସେନାପତି ପଦରେ ଅଭିଷିକ୍ତ କରି ପଠାଇଥିଲେ । ଅଶ୍ୱତ୍ଥାମା ପ୍ରତିଜ୍ଞା କରିଥିଲେ, ସେ ପାଣ୍ଡବ ପାଞ୍ଚଭାଇଙ୍କ ମୁଣ୍ଡ ଆଣି ସେଇ ଗର୍ତ୍ତରେ ଦେବେ । ଅଶ୍ୱତ୍ଥାମା ଯାଇ ଦ୍ୱାରପାଳ ମହାଦେବଙ୍କୁ ତୋଷ କରି, ଭିତରେ ପଶି ଶୋଇଥିବା ଧୃଷ୍ଟଦ୍ୟୁମ୍ନଙ୍କୁ ମାରି ପିତୃଋଣ ଶୁଝିଲେ । ସେଇ ଦୁର୍ଗର ଦ୍ରୌପଦୀଙ୍କ ପାଞ୍ଚପୁଅ ଶୋଇଥିଲେ । ଅଶ୍ୱତ୍ଥାମା ତାଙ୍କୁ ପଞ୍ଚ ପାଣ୍ଡବ ବୋଲି ବିଚାରି ତାଙ୍କ ମୁଣ୍ଡପାଞ୍ଚ କାଟି ଏକାଠି ଗୁଡ଼ୁଲା କରି ବାନ୍ଧି, ଯାଇ ଦୁର୍ଯ୍ୟୋଧନ ପାଖେ ପହଞ୍ଚି ସେଇ ଗର୍ତ୍ତରେ ଦେଲେ । ଦୁର୍ଯ୍ୟୋଧନ ବହୁଆନନ୍ଦରେ ତାକୁ ଧରି ଦାନ୍ତରେ ଚିପି ରଗଡ଼ି ଦେଲେ । ମୁଣ୍ଡଗୁଡ଼ିକ ଭାଙ୍ଗି ଛତୁ ହୋଇଗଲା । ହଠାତ୍ ଚାହିଁ, ବାହି କହି ଉଠିଲେ, "ଅଶ୍ୱତ୍ଥାମା, ତୁ କଲୁ କଣ ? ଶେଷକୁ କୁଳ ବୁଡ଼ାଇ ଦେଲୁ । ଆଉ ଅମର କିଏ ଅଛି ? କୁଳଦୀପ ହୋଇ ଏଇ ପାଞ୍ଚଜଣ ପିଲା ଥିଲେ । ସେମାନଙ୍କୁ ମାରିବାକୁ ମୁଁ ତତେ ସେନାପତି କରିଥିଲି ?" ମନେ ଅଛି, ଏହା ବର୍ଣ୍ଣନା କରି ଜଣେ ବୁଢ଼ା ଗାଁଙ୍କ ଗାଁ ଖେଳ ଦେଇଁ କହୁଥିଲବେଳେ, ସମସ୍ତଙ୍କ ଆଖି ଛଳ ଛଳ ହୋଇଗଲା । ଏଇପରି କେତେ କଥା ସେକାଳେ ଗ୍ରାମର ବାୟୁମଣ୍ଡଳରେ ଖେଳୁଥାଏ । ଦକ୍ଷ ଯଜ୍ଞରେ ସତୀ ଝୁଣ୍ଟି କରି ଯଜ୍ଞ କୁଣ୍ଡକୁ ଡେଇଁ ପଡ଼ିବା ପରେ ମହାଦେବ କ୍ରୋଧରେ କପିଳ ଶାସ୍ତ୍ରଙ୍କ ଅର୍ଦ୍ଧ୍ୟ ବନାବନାକୁ ନିଜର ଲିଙ୍ଗ ଦେଖାଇ ଦେଲେ ଓ ସେଇ ଅଭିଶାପରେ ଲିଙ୍ଗରୂପ ଧରେ ଜଗତରେ ପୂଜା ପାଇଲେ, ଜରାସନ୍ଧସଂଗେ ଭୀମ ନଖାଇ ନପିଇ ଦିନପରେ ଦିନ ଲଢ଼ି କ୍ଲାନ୍ତ ହେଲାବେଳେ କୃଷ୍ଣ କପଟ କୁଶଖଣ୍ଡେ ଧରି ଅତର୍କିତ ଭାବରେ ଦିଫାଳ କରି ଚିରି ଦେଇ ଜରାସନ୍ଧଙ୍କୁ ଦିଫାଳ କରି ଶବ ଦେବାପାଇଁ ସଙ୍କେତ କଲେ; ଗଦାଯୁଦ୍ଧବେଳେ କପଟ ନିଜ ଜଂଘରେ ଫୋଡ଼ିବାମାତ୍ର ଯେଉଁ ଜଙ୍ଘକୁ ଲଗା ବାଡ଼ି ଦୁର୍ଯ୍ୟୋଧନ

Digitized by srujanika@gmail.com

ଦ୍ରୌପଦୀଙ୍କୁ ବହ୍‌ବୋଲ୍ ସଂକେତ କରିଥିଲା ସେଇ ଉରୁଭଂଗ କରିବାକୁ ଭୀମଙ୍କୁ ଚେତାଇ ଦେଲେ; କୁନ୍ତୀ ବାଳିକା ଥିବାରୁ ସୂର୍ଯ୍ୟ କପଟ ତାଂକ କାନବାଟେ କର୍ଣ୍ଣଙ୍କୁ ଜନ୍ମ କରାଇଥିଲେ-ଏଭଳିକର ଗପ ଏବେ ମୋ ମନକୁ ପାଇନାଇ । ଭୀଷ୍ମଙ୍କ ପରେ ସେନାପତି କରି ବାଛିବାରୁ ଅଶ୍ୱତ୍ଥାମା କପଟ ମାନଗୋବିନ୍ଦଙ୍କୁ ଟିଙ୍ଗାରିଲେ, “ଯେଉଁ ବୁଢ଼ାଟାର ଆଖିରୁ ଲେଣ୍ଡେଗ ବୋହୁଛି, ଅଙ୍ଗୁଠି ଲଗାଇ ଲୁହ ନ ପୋଛିଲେ ଯାହାକୁ ଦିଶୁଣ ପାଉନାଇ, ଯେ ଜୀବନରେ ‘ରଜାଘର ଧର୍ମ’ କଣ, ତା ଜାଣେ ନାଇ, ସେନାପତିଙ୍କର ତାର ମୁଣ୍ଡରେ ପାଗ ବାନ୍ଧ ଦେଲ ! ମତେ ସେନାପତି କରିଥିଲେ, ଦେଖିଥାନ୍ତୁ, ଏକା ଦିନକେ ମୁଁ ପାଣ୍ଡବଙ୍କୁ ନିପାତ କରି ଦେଇ ଥାନ୍ତି ।” ସେଥିକୁ ମାନଗୋବିନ୍ଦ କପଟ ଉତ୍ତର ଦେଲେ, “ତୁ ତ ମୃତ୍ୟୁକୁ ଜିଣିକରି ଅମର ହେବାକୁ ବର ମାଗିଛୁ, ତେବେ କଅଁର ମୁଁ ଆଗ ସେନାପତି କରନ୍ତି !” ଏଇସବୁ ଉକ୍ତି ପ୍ରତ୍ୟୁକ୍ତି,ଯୁକ୍ତି,କବିତା କୌତୁକ ସଙ୍କେତ ଓ କଥା ସୂତ୍ରଗୁ, ତା ସଙ୍ଗେ ନାନା କଥା କିଂବଦନ୍ତୀମାନ ସେକାଳେ ପଲ୍ଲୀର ବାୟୁମଣ୍ଡଳରେ ଖେଳୁଥିଲା ।

## ଖେଦା ଲେଖାର ସଂଭାବ୍ୟ କରଣୀ

ସାରଳାଦାସଙ୍କକାଳରେ ଏହାର ଖୁବ୍ ପ୍ରସାର ଓ ପ୍ରତିପତ୍ତି ଥିଲା, ସନ୍ଦେହ ନାଇ । ଖେଦାରୁ ଖେଦାକୁ ଉତ୍ସ ହେଉଥିବେ ଲେଖକମାନେ, ବିଶେଷରେ ଖେଦାବିକଳ୍ପୀ ବ୍ୟବସାୟୀମାନେ ଏଇସବୁ ବର୍ଣ୍ଣନାର ଅଯଥା ଅତି ବିସ୍ତାର ସଙ୍ଗେ ନୂଆ ପ୍ରକାର ଓ ନୂତନ ଆଖ୍ୟାନମାନ ନିରବର ନିଜ କୃତିତ୍ୱର ଅଂଗରୂପେ ପ୍ରକାଶ କରି ଓ ସେ ସବୁକୁ ନିଜ ଲିଖିତ ପୁସ୍ତକର ବିଶେଷତ୍ୱରୂପେ ସ୍ୱୀକାର କରି ଲାଭବାନ୍ ହେଉଥିଲେ । ଏଇସବୁ ଅତି ବର୍ଣ୍ଣନ ଓ ପ୍ରକ୍ଷେପର ସୀମା ନାଇ । ବର୍ଣ୍ଣନାରେ ଅତି-ସାଧାରଣ ଅତି-ବିସ୍ତାରର

Digitized by srujanika@gmail.com

ଦୃଷ୍ଟାନ୍ତ ଦେଖ—ଖାଣ୍ଡବ ପୋଡ଼ ପୂର୍ବରୁ ଅଗ୍ନି, ବରୁଣଙ୍କଠାରୁ ଅର୍ଜୁନଙ୍କ ପାଇଁ ଗାଣ୍ଡୀବ ଧନୁ, ଅକ୍ଷୟ ତୂଣୀର, କପିଧ୍ୱଜରଥ ଓ କୃଷ୍ଣଙ୍କ ପାଇଁ ଗୋଟିଏ ଚକ୍ର ଓ କୌମୋଦକୀ-ଗଦା ଆଣି ଦେଇଥିବାକଥା ସଂସ୍କୃତ ମହାଭାରତରେ ଅଛି । ସାରଳାଦାସ ସେତିକ ବା ସେଇସବୁ କଥା ଲେଖିଥିବା ସମ୍ଭବ । କିନ୍ତୁ କ୍ରମେ ଖେଦାରୁ ଖେଦାକୁ ସମ୍ବରଣ କରିବାରେ ଅଗ୍ନି, ଶସ୍ତ୍ର ମାଗିଆଣି ଦେବାରେ କୌଣସି ଦେବତାଙ୍କୁ ବାଦ ଦେଇଲେ ନାଇ । ଏପରିକି ସେଇ ବର୍ଣ୍ଣନା ବିସ୍ତାରରେ ଯେଉଁ ଇନ୍ଦ୍ର, କେଉଁ ଅଗ୍ନିଙ୍କୁ ପୃଚ୍ଛାକରି ତାଙ୍କ 'ଲହୁବୁହୁ' ବ୍ୟାଧିର ଔଷଧ ଦେଇ ନ ଥିଲେ, କି ଦଆଇ ଦେଇ ନ ଥିଲେ, ତାଙ୍କରଠାରୁ ପଥ ତାଙ୍କର ଅତିପ୍ରିୟ ଖାଣ୍ଡବ ବନ ପୋଡ଼ିବାରେ ଲାଗିବ ବୋଲି ବଜ୍ର ଆଣି ଅର୍ଜୁନଙ୍କୁ ଦେଲେ । ଅଗ୍ନିଙ୍କର ପୁଣି ସେଇ ଅସ୍ତ୍ର ମାଗି ବୁଲିବା ଏକ ଅତି ଅରସ ଓ ନୀରସ ବର୍ଣ୍ଣନା । ସେଥିରେ ବୈଶିଷ୍ଟ୍ୟ ନାଇ, କି କବିତା ନାଇ । ଅନ୍ୟଟାଏ ଦେଖ । ଯୁଦ୍ଧାରମ୍ଭର ଠିକ୍ ପୂର୍ବରୁ ଯୁଧିଷ୍ଠିର ଶିଷ୍ଟାଚାର ରକ୍ଷି ଗୁରୁମାନଙ୍କୁ ବନ୍ଦନା କରି କାର୍ଯ୍ୟାରମ୍ଭ କରିବା ପାଇଁ ଅସ୍ତ୍ର ଶସ୍ତ୍ର ଛାଡ଼ି ଖାଲି ଗୋଡ଼ରେ ଶତ୍ରୁପକ୍ଷକୁ ଯାଇ ଭୀଷ୍ମ, ଦ୍ରୋଣ ଓ ତହିଁ ସଙ୍ଗେ କୃପ ଓ ଶଲ୍ୟଙ୍କୁ ବନ୍ଦନକରି ଆଶୀର୍ବାଦ ନେଇ ଆସିବା କଥା ଓ ସେତିକବେଳେ ଦୁର୍ଯ୍ୟୋଧନ ଭାଇ ଯୁଯୁତ୍ସୁ ତାଙ୍କସଙ୍ଗେ ଆସି ପାଣ୍ଡବ ପକ୍ଷରେ ଯୋଗ ଦେବାକଥା ସଂସ୍କୃତ ମହାଭାରତରେ ଅଛି । କିନ୍ତୁ ଏବେ ସାରଳାମହାଭାରତରେ ସେ କଥାଟି ଯେପରି ଅସଙ୍ଗତ ଭାବରେ ବିସ୍ତାର କରାଯାଇଛି, ତା ଆଦୌ ସାରଳାଦାସଙ୍କର ନ ହୋଇ ପାରେ । ସେପରି ଗୋଟିଏ ଶିଷ୍ଟାଚାରକୁ ବିସ୍ତାର କରି ଯୁଧିଷ୍ଠିରଙ୍କୁ ଭୀଷ୍ମଙ୍କଠାରୁ ଭୂବଣବା, ତୃତୀୟରେ ଶଲ୍ୟ, ଚତୁର୍ଥରେ ଦ୍ରୋଣ, ସେଠୁ ଅଶ୍ୱତ୍ଥାମା, ତାପରେ କୃପ ଓ ଶେଷରୁ

Digitized by srujanika@gmail.com

ବର୍ଣ୍ଣ ତାଙ୍କୁ ନେଇ—ସମସ୍ତଙ୍କ ଗୋଡ଼ତଳେ ପକାଇ, ସତ୍ୟ ଶେଷକୁ ମାନଗୋବିନ୍ଦ (ଦୁର୍ଯୋଧନ) ପାଦେ ପୁଣି ପାଞ୍ଚଣ୍ଡେଙ୍କୁ ଖସି ଖସି ଶେଷକୁ ଗଳଣ୍ଡ ପର୍ଯ୍ୟନ୍ତ ସତ୍ତା ମଗାଇବାବେ, ପୁଣି ଯୁଯୁତ୍ସୁ (ଦୁର୍ଦ୍ଦକ୍ଷ) ପାଣ୍ଡବପକ୍ଷକୁ ଅପିଲବେଳେ କୁରୁପକ୍ଷର ସମସ୍ତେ ତାଙ୍କୁ ପ୍ରାଣପଣେ ମାଡ଼ ଗୋଡ଼ାଇବାରେ କ ଯୁକ୍ତିଯୁକ୍ତତା ଅଛି ? ଲେଖନକାର ତା ଛପାପାଇଁ ସଂସ୍କରଣକାରଙ୍କ ଏ ଜରଣୀର ଅନ୍ୟ ସାହିତ୍ୟିକ ମୂଲ୍ୟ ଥାଉପାରେ, କିନ୍ତୁ ଏହା ହୁଏତ ଶୁଦ୍ଧ ସାରଳାସାହିତ୍ୟ ନୁହେଁ । ତେବେ ପରିବର୍ତ୍ତନ, ପ୍ରକ୍ଷେପାଦି ସବୁ ଯାଉଥିଲା ସାରଳାଦାସଙ୍କ ନାମରେ । ଏଥିରେ ଓଡ଼ିଆ ଜୀବନର ଭାବଧାରା ଓ ପରମ୍ପରା ତେ ବସ୍ତୁର ନୂତନ ନୂତନ ଆକାରରେ ପଶି ଯାଉଥିଲା, ଏହା ବୁଝିବାରେ ଅସୁବିଧା କିଛି ନାହିଁ । ଏଇ ନୂତନତାର କ୍ରମରେ ସ୍ତର ପିଣ୍ଡ ଦେଖିବା ହେଉଛି, ଓଡ଼ିଆ ସାହିତ୍ୟର ଯଥାର୍ଥ ଆଲୋଚନା । ଏଇ ସ୍ତର ପିଣ୍ଡାଇ ଦେଖିବା ପରେ ପରବର୍ତ୍ତୀ ଯୁଗର ସାହିତ୍ୟ-କ୍ରମକୁ ମିଳାଇ ଦେଖିଲେ ଆଲୋଚନା ସୁଗମ ହେବ । ମାତ୍ର ଏ କ୍ଷେତ୍ରରେ ପୁଣି ଗୋଟିଏ ଘୋର ବିଭ୍ରାଟ ପ୍ରତି ଲକ୍ଷ୍ୟ କରିବା ନିତାନ୍ତ ପ୍ରୟୋଜନ । ତା ହେଉଛି ଏଇ ସାହିତ୍ୟ ଉପରେ ମୁଦ୍ରାଯନ୍ତ୍ର-ପ୍ରକାଶ-ବ୍ୟବସାୟୀଙ୍କ ବଳାତ୍କାର ।

## ଲେଖା ପୋଥି ଓ ଛାପାବହି

ଗତ ହଜାରେ ବା ପନ୍ଦର ଶହ ବର୍ଷତଳ ପର୍ଯ୍ୟନ୍ତ ସଂସ୍କୃତ ମହାଭାରତ ଯାହା ହୋଇଥିଲା, ଓଡ଼ିଶାରେ ସାରଳାଦାସଙ୍କ ମହାଭାରତ ପ୍ରାୟ ଗତ ପାଞ୍ଚଶହ ବର୍ଷ ଭିତରେ ସେଇପରି ଲେଖା ପୋଥିରେ ନାନା ରୂପ ଧରି ଓଡ଼ିଶାସାରା ବଞ୍ଚି ହୋଇ ରହିଥିଲା । ସାରଳାଦାସଙ୍କ ପ୍ରାୟ ଶହେ ବର୍ଷ ପରେ ଓଡ଼ିଆ ସାହିତ୍ୟରେ ଓ

Digitized by srujanika@gmail.com

ରାଜମାତାଙ୍କ ସ୍ତବରେ ଏକାନ୍ତ ସ୍ୱାଧୀନତାପ୍ରିୟ ଓଡ଼ିଆଙ୍କ ଭିତରେ ପଶିଥିଲା ପୁଣି ଚୈତନ୍ୟଙ୍କ ପରବର୍ତ୍ତୀଯୁଗର ଭକ୍ତିଧର୍ମ ଓ ତତ୍‌ସଙ୍ଗେ ଉତ୍କଳୀୟ ଅଦ୍ଭୁତ କିସ୍ତାର କଳ୍ପନା; ପୁଣି ବ୍ୟକ୍ତିକର୍ମରେ ତଥା ସମାଜ ଚଳଣିରେ କୃଷ୍ଣଙ୍କ ଉପରେ ଘୋର ନିର୍ଭରଶୀଳତା ଓ ସଙ୍ଗୀନୁଗା ବୃତ୍ତିର ସ୍ୱାଭାବିକତା । ଏ ସବୁର ଛାପ ଓ ଛାପ-ଚିହ୍ନମାନ ସାରଳାଦାସ-ସାହିତ୍ୟରେ ନିଶ୍ଚୟ ଦେଖା ଦେଇଛି । ସେଥିପାଇଁକି ଛାପାରେ ପୋଥି ପ୍ରକାଶ କରୁଥିବା ତଥାକଥିତ ପଣ୍ଡିତ ଓ ବିଜ୍ଞ-ମାନଙ୍କ କରଣୀ । ଯେତେଦୂର ଜଣାଯାଏ, ପ୍ରାୟ ତିରିଶ ବର୍ଷ ତଳେ ସାରଳାଦାସଙ୍କ ମହାଭାରତ ପ୍ରଥମ ଛପା ପୂର୍ଣ୍ଣ ହୋଇଥିଲା । ସେ ସଂସ୍କରଣରେ 'ଶୁଦ୍ରମୁନି' ସାରଳାଦାସଙ୍କ ଗ୍ରନ୍ଥକୁ ପ୍ରକାଶକ-ମାନେ ଟଙ୍କା ଖର୍ଚ୍ଚ କରି, ପଣ୍ଡିତ ଲଗାଇ, ତୁଏନ୍ତ ଗ୍ରାମ୍ୟ ପ୍ରଚଳିତ ବା ତାଙ୍କ ମତରେ ଗ୍ରାମ୍ୟ ଭାଷାକୁ ଯଥାସାଧ୍ୟ ଓ ଯଥାସମ୍ଭବ ସାଧୁ ଭାଷାରେ ପରିଣତ କଲେ । ଅବଶ୍ୟ ଜଣା ନ ପଡ଼ିବା ଭଳି ସେ ତା କରିଥିବେ । ମାତ୍ର ତାଙ୍କ ବଡ଼ ଅଜ୍ଞାତ ଦୁଷ୍କର୍ମଟି ହେଉଛି, ସେମାନେ 'ଦାଣ୍ଡି ବୃତ୍ତ'କୁ ଅକ୍ଷର ଯୋଡ଼ ଭାଙ୍ଗି, ଚଉଦ ଅକ୍ଷର ଧାଡ଼ିମାନଙ୍କରେ ପରିଣତ କରି ଦେଲେ । ଦାଣ୍ଡିବୃତ୍ତକୁ କଳସା ବାହାର କରିବା ଏକ କଥା । ଏପରି ଚଉଦ ଅକ୍ଷର ପଦ ତିଆରି କରିବା ଆଉ ଏକ କଥା । ଯେଉଁ ପ୍ରାଣବନ୍ତ ଓ ଭାବ ତରଙ୍ଗରେ ଦାଣ୍ଡିବୃତ୍ତ ଲେଖା ହୋଇଥିଲା, ତା ଏଥିରେ କ୍ଷୁଣ୍ଣ ହେବା ସ୍ୱାଭା-ବିକ; କ୍ଷୁଣ୍ଣ ହୋଇଥିଲା । ସେ ସଂସ୍କରଣ କଟକରେ ମିଳୁନାଇ । ପୁଣି ତା ବଡ଼ ଜଗୁପ କାଗଜରେ ଛପା ହୋଇଥିବାରୁ ପ୍ରାୟ ନଷ୍ଟ ହୋଇ ଯାଇଛି । ଏବେ ନୂଆହୋଇ ପୁଣି ଛପା ହୋଇଛି ।

Digitized by srujanika@gmail.com

## ଏକ ଛାପା ମହାଭାରତ

ଏକ ଛପା ଗ୍ରନ୍ଥଟି ମନେ ହେଉଛି, ଅଜ ସଂସ୍କରଣ ନୁହେଁ । ଏହା ଯେପରି ଏ ଖ୍ରୀଷ୍ଟୀୟ ବିଂଶ ଶତାବ୍ଦୀର ଗୋଟିଏ ନୂଆ ଓଡ଼ିଆ ମହାଭାରତ । ବଜାରରୁ ବ୍ୟବହାର କରିବା ପାଇଁ କିଣି ଆଣି ଦେଖୁ ଦେଖୁ ଭୀଷ୍ମ ପର୍ବଟି ଉପରେ ଆଖି ପଡ଼ିଲା । ମେଳାଇ ଦେଖୁ ଦେଖୁ ଶ୍ରୀମଦ୍‌ଭଗବଦ୍ ଗୀତାର ପ୍ରଥମ 'ଅର୍ଜୁନ ବିଷାଦ-ଯୋଗ' ଠାରୁ ଅଷ୍ଟାଦଶ 'ମୋକ୍ଷଯୋଗ' ଯାଏ ଅଧ୍ୟାୟ-ନାମଗୁଡ଼ିକ କ୍ରମାନ୍ୱୟରେ ଶିରୋନାମାରୂପେ ଦିଆହୋଇ ଅଠରଟି ଭିନ୍ନ ଭିନ୍ନ ଅଧ୍ୟାୟ । ପଢ଼ିବାରେ ଦେଖାଗଲା, ସେଗୁଡ଼ିକ ବଙ୍ଗଳାର ଗୀତାର ଏକ ପ୍ରକାର ଅକ୍ଷରିକ ଅନୁବାଦ । ଅନୁବାଦଟି ଏକକ । ହେଲେ ବି, ସେଥିରେ ସାରଳା ଦାସଙ୍କ ଠାଣିଟା ଦେବାପାଇଁ ନିଷ୍ଫଳ ପ୍ରଯତ୍ନଟାଏ ହୋଇଛି । ଅନ୍ତର୍ପଟ ଓଲଟିଲି । ଏ କ'ଣ ସାରଳା ଦାସଙ୍କ ମହାଭାରତ ? ଉପରେ ତ ଲେଖା ଅଛି, ଶୂଦ୍ରମୁନି ସଂରେ ଏଇ ଭାବରେ ମଇଲା ଚନ୍ଦ୍ରବିନ୍ଦୁ ଯୁକ୍ତ ସାରଳା ଦାସଙ୍କ କୃତ ମହାଭାରତ ବୋଲି । କ୍ରମେ ଦେଖାଗଲା, ଏ ଗୋଟିଏ ନୂତନ ଗ୍ରନ୍ଥ । ତାଲି ଗୀତାଟି ଯେ ଅନୁବାଦ କରି ଯୋଡ଼ା ହୋଇଛି, ସେତିକି ନୁହେଁ । ସାରଳା ଦାସଙ୍କ ମୂଳ ମହାଭାରତରେ ଗୀତାଟି ଅତି ସଂକ୍ଷେପରେ ଶ୍ଳୋକାଧ୍ୟାନ ଭାବରେ ଦିଆଯାଇଥିବା କଥା ସମସ୍ତେ ଜାଣନ୍ତି । ପୁଣି ଗୀତାବର୍ଣ୍ଣିତ ଦର୍ଶନ ଯୋଗ-ତତ୍ତ୍ୱ ପ୍ରଚାର ପାଇଁ ସାରଳାଦାସଙ୍କ ମହାଭାରତ ଯେ ଲେଖା ହୋଇ ନ ଥିଲା, ଏହା କହିବା ମଧ୍ୟ ନିଷ୍ପ୍ରୟୋଜନ ।

## 'ରଜାଘର କାମ' ଓ ଅମରବର ମାଗିବାର କଥା

ଏଇପରି ସଂଶୋଧନ ଓ ପରିବର୍ତ୍ତନର ଦୃଷ୍ଟାନ୍ତ ଦେଖ । 'ରଜାଘର କର୍ମ' ( ପୂର୍ବେ ପୃ ୩୩୫ ଦେଖ ) କଥାଟି ଏବେ ବୁଝିବା ଅନେକେ ବୁଝି ପାରିବେ ନାହିଁ । ମାତ୍ର ପ୍ରାପ୍ୟ ଛାପା ବର୍ତ୍ତମାନ ଯାଏ

Digitized by srujanika@gmail.com

ସୁସ୍ଥ ଭାରତ ଶିଷ୍ୟମାନଙ୍କ ଭିତରେ ଏହା ଗୋଟିଏ ଉଦ୍ରେକକୋଟିକ ଚଳନ୍ତି କଥା ଥିଲା । ଏହା ଗୋଟିଏ ବଂଶ୍ୟ ଓଡ଼ିଆ କଥା । ନୈଷ୍ଠିକ ସାଧକ ବ୍ରହ୍ମଚର ସ୍ତ୍ରୀଦାର-ସଂଗମ ଅର୍ଥରେ ଏହି କଥାଟି ଚଳୁଥିଲା । କଥାଟିର ଅର୍ଥବ୍ୟାପ୍ତି (ଏକ୍ସଟେନସନ୍) ପରେ ପ୍ରଜାଙ୍କ ପାଇଁ ରଜାଙ୍କର ଦରବାର, ସେହି ପ୍ରକାର ଅଭିବୃଦ୍ଧି ପରଂପରା ରକ୍ଷିବା ପାଇଁ, ଅର୍ଥାତ୍, ସନ୍ତାନ ଜନ୍ମ କରି ପ୍ରଜାବୃଦ୍ଧି କରିବା ପାଇଁ, ଯେଉଁ କର୍ମ କରିବାକୁ ହୁଏ ବା କରାଯାଏ । ଏଥିରୁ କଥାଟିର ଅର୍ଥ ଓ ବ୍ୟବହାର ଏବେ ସ୍କୁଲ ପଢ଼ୁଆ ବା ଇଂରେଜି ପଢ଼ୁଆ ବୁଝିବେ କିପରି ? ଏଇଭଳି ଗତ-ଲକ୍ଷ୍ୟରେ ଓଡ଼ିଆର ଯଥାର୍ଥ ପ୍ରାଣପୀଡ଼ା ପ୍ରକାଶ କରି ଓଡ଼ିଆ ମନୀଷୀ ଫକୀର ମୋହନ, ପଦ୍ୟରେ ଉପଧା-ମିଳନ ରଖି ମଧ୍ୟ କହିଥିଲେ—

“ଚାକୁପାକ ସବୁ ହେଲେ ଇଂରେଜୀ ପଢୁଆ
ଓଡ଼ିଆ କହନ୍ତେ ତାକୁ ଲାଗିବ ଅଡୁଆ ।”

ଆଜି କାବ୍ୟନାମରେ, ଅସଂସ୍କୃତ ଓ ଅନାବୃତ (କୌଣସି ସମାଜ ବା ଗାର୍ହସ୍ଥ୍ୟ ନୀତି କିଂବା ଅଭିଜ୍ଞତାଭାବରୂପ ପରିଚୟ ବା ଆବରଣବର୍ଜିତ) ଶୋଭା ନେଇ ଯୌନବର୍ଣ୍ଣା ସଂବର୍ଦ୍ଧିତ ଛନ୍ଦ, ଅଥବା ସିନେମା-ଦୃଶ୍ୟରେ ସୌଖୀନ ଯୁବକ ଓ ନଗ୍ନକଳ୍ପ ଯୁବତୀଙ୍କ ଚୁମ୍ବନ, ଆଲିଂଗନାଦିରେ ଦର୍ଶକର ତୀବ୍ର ଆକର୍ଷଣ ଓ 'ପ୍ରଗତିପର'ର ମନୋଜ୍ଞବେଶ ଯେଉଁମାନଙ୍କ 'ସଂସ୍କୃତ' ସମାଜର ଶାଦ୍ୱଳ ସାହିତ୍ୟ, ପୁଣି ଏହି ଲୁବ୍ଧ-ଗତ ପ୍ରେରଣା ଦେଇ ସମସ୍ତ ମେରୁଦଣ୍ଡହୀନ ଅନୁକରଣକୁ ଅନୁସରଣ ନାମ ଦେଇ ଯେଉଁମାନେ ସାହିତ୍ୟରେ ନୂତନ ବୈଚିତ୍ର୍ୟ ସୃଷ୍ଟି କରିପାରିବାର ଉଚ୍ଚାଭିଳାଷରେ ଉନ୍ମତ୍ତ, ସେମାନେ ଏଭଳି ଦେଶୀ ଭାଷାର ଅବଦାନକୁ ମଧ୍ୟ ବିଦାୟ ଦେଉଛନ୍ତି । ସେଇ ଭଳି କାରଣରୁ ହୁଏତ ଏଇ ଶବ୍ଦ ବା ଏଇ ଭଳି ଶବ୍ଦ,

Digitized by srujanika@gmail.com

ସ୍ୱପାଠେଭାଷବାର ସ୍ୱର୍ଗତ ପ୍ରଦସ୍ୱଜଙ୍କ ଅଖିରେ ପଡ଼ୁ ଥାଇ ଜାଣ । ପୁଣି ସ୍ୱର୍ଗତ ମଧୁସୂଦନ ରାଓ, ନିଜଗୁରୁ ସ୍ୱର୍ଗତ ରାଧାନାଥରାୟଙ୍କ ସାହଚର୍ଯ୍ୟ ଓ ପ୍ରୋତ୍ସାହନାରେ, ସ୍ୱର୍ଗତ ଗୋବିନ୍ଦରଥଙ୍କ ପରି ମନସ୍ୱୀଙ୍କୁ ବାଟରୁ ସମ୍ପାଦକ ଓ ସ୍ୱର୍ଗତ ଫକୀର ମୋହନଙ୍କ ପରି ମନୀଷୀଙ୍କ ଅନୁଗ୍ରହ ଦେଖାଇ ଉତ୍କଳରେ ପ୍ରବର୍ତ୍ତିତ କରି, ନିଜେ ସ୍କୁଲପିଲାଙ୍କୁ ପଢ଼ାଇବା ପାଇଁ ଅନୁବାଦମାନଙ୍କରେ ଓଡ଼ିଆ ଗଦ୍ୟଲେଖି, ସେଥିରେ 'ଅଜବ' ଅର୍ଥରେ 'ଏବଂ', 'ତେଣୁ' ଅର୍ଥରେ 'ସୁତରାଂ' ପ୍ରଭୃତିପର ଅତ୍ୟନ୍ତ ଅଚ୍ଛାଂସ୍କୃତ ଅନୁକରଣ ଉର୍ଦ୍ଧ କରିବା ସଙ୍ଗେ ସଂଗେ ସମସ୍ତ ଚଳିତ ଭାଷାଟାକୁ ଗ୍ରାମ୍ୟ ମନେ କରି ତାକୁ ନୂଆକରି ସଂସ୍କୃତ ଶବ୍ଦ ଓ ବ୍ୟାକରଣ ତଥା ଅର୍ଦ୍ଧ-ଓଡ଼ିଆ ପ୍ରକାଶଭଂଗୀରେ ବାନ୍ଧି-ଦେଇ ଆମ 'ସାଧୁ-ଭାଷା' ବା ସାଧବଙ୍କ ଭାଷାକୁ ଶବ୍ଦିତ କରି କୃତ୍ରିମ ପରଂପରା ସୃଷ୍ଟି କଲ କାଳରୁ ଅବସ୍ଥା ଯା ହୋଇଛି, ତା ଏଠି କହିବାର ଅବକାଶ ନାହିଁ । ମାତ୍ର ପୁରୀର 'ସାଧବ' ଓ 'ମହାଜନ'ଙ୍କ ଭିତରେ ଏଇ 'ରଜାଘର କର୍ମ' କଥାଟି ଖୁବ୍ ପ୍ରଚଳିତ ଥିବାର ମୁଁ ଜାଣେ । ନିଷ୍ଠାପର ଲୋକେ ବେଳ କାଳ ଦେଖି ଏକ ସର୍ବାଙ୍ଗରେ ମିଳିତ ହେଉଥିଲେ ଓ ତାକୁଇ 'ରଜାଘର କର୍ମ' ବୋଲି କହୁ-ଥିଲେ । ରୋଗ-ନିଦାନ କଲା କଲାବେଳେ ବୈଦ୍ୟଙ୍କୁ ପୂର୍ବର ପଥ୍ୟାପଥ୍ୟ ବର୍ଣ୍ଣନା କରି କହିବାର ମୁଁ ଶୁଣିଛି, "ମୁଁ କାଲି ରାତିରେ ପଖାଳ ଖାଇସାରି ଶୋଇଥିଲି, ସେଇଥିରେ 'ରଜାଘର କର୍ମ' କଲି; ତା ପରେ ମତେ ଅସ୍ୱସ୍ତ ଲାଗିଲା; ସକାଳକୁ ଜର ହେଲା ।" ସାରଳାଦାସଙ୍କ ମହାଭାରତରେ ସେଇ କଥା । ଶଲ୍ୟଙ୍କୁ ସେନାପତି କରିବାବେଳେ ଅଶ୍ୱତ୍ଥାମା, ଦୁର୍ଯ୍ୟୋଧନକୁ ଝିଙ୍ଗାସି କହୁଛି, ଯେଉଁ ଲୋକ ଜୀବନରେ 'ରଜାଘର କର୍ମ' କରି ନାହିଁ, ଅର୍ଥାତ୍, ପୁତ୍ରାଦିଙ୍କରୁ କରି ପ୍ରଜାବୃଦ୍ଧି କରି ନାହିଁ, ତାକୁ ସେନାପତି କଲ ?' ସେଇ କଥାକୁ ଏକ ଛଟା ମହାଭାରତରେ ଅଛି—

Digitized by srujanika@gmail.com

"ଭୀଷ୍ମ ଅପ୍ରତିହ ତାଙ୍କୁ ବରଣ କରିଲି ।
ମର୍ତ୍ତ୍ୟ ଜନ୍ମହୋଇ ଯାର ସ୍ପର୍ଦ୍ଧା ପୂରନାହିଁ
ପ୍ରସ୍ତୁତ ସମୟେ ତାର ମୃତ୍ୟୁକୁ ନ ଗ୍ରହି ।
ପ୍ରଥମେ ମୁକୁଟ କର୍ଷା ଦେଲି ମୁଁ ତାହାଙ୍କୁ
ମରଣକୁ ଭୟନାହିଁ ଅପ୍ରତିହ ଦୋଷେ
ରଣଯାଗ କରିବ ସେ ମନର ହରଷେ ।"

ଭୀଷ୍ମପର୍ବ—ପୃ.୨ ।

ଏଠାରେ 'ରଜାଘର ଚର୍ମ' କଥାଟିର ଖୁବ୍ ସଂଶୋଧନ କରା ହୋଇଛି । ପୁଣି ବୃଦ୍ଧ ଭୀଷ୍ମଙ୍କ ଅଣିରୁ ଲେଲେଇ ବୋହିବା ଓ ସେ ଅଙ୍ଗୁଠିରେ ପତାଟେକ ଗ୍ରହିବା ପ୍ରଭୃତି ସବୁ ସଂଶୋଧନରେ ବାଦ୍ ପଡ଼ିଛି । ଅଜବ ମଧ୍ୟ ଅଶ୍ୱତ୍ଥାମାଙ୍କୁ ଦୁର୍ଯ୍ୟୋଧନ ଫିଙ୍ଗାପି ଜବାବ ଦେବାରେ ଯେ କହୁଥିଲେ, 'ତୁ ମୃତ୍ୟୁକୁ ଡର ଅମର ବର ମାଗିଚୁ, ଯେଉଁ ଭୀଷ୍ମଙ୍କର ଇଚ୍ଛାମୃତ୍ୟୁ, ତାଙ୍କ ସଙ୍ଗେ ତୋର କ ତୁଳନା (କମ୍ପାରିଜନ୍ ମନେ ନାଇ) ?' ସେଥିରୁ ଏବ ଗ୍ଳପା ବହୁରେ ଅଛି—

"ଶୁଣି ପ୍ରତିବାକ୍ୟ ଦେଲ ସେ ମାନଗୋବନ
ଅହେ ଅଶ୍ୱତ୍ଥାମା ତୁହି କହୁ କର୍ଷା ମନ ।
ଶାନ୍ତନୁଙ୍କ ସୁତ ଗଙ୍ଗା ଯାହାଙ୍କର ମାଏ
ଇଚ୍ଛାମୃତ୍ୟୁ ଯାହାଙ୍କର ଯମକୁ ନିର୍ଭୟେ ।
ତାହାଙ୍କୁ କପାଇଁ ତୁମ୍ଭେ ନିନ୍ଦା କରୁ ଦ୍ରୋଣି
ବ୍ରାହ୍ମଣ ହୋଇ ତୁ ଏତେ ଅମହତ ପ୍ରାଣୀ ।"

—ଏଜନ

ଏ ସଂଶୋଧନରେ ପ୍ରତିବାକ୍ୟର ଗରିମା ନାହିଁ କି କାବ୍ୟ-ଚାତୁରୀ ମହତ୍ତ୍ୱ ନାହିଁ । ମାତ୍ର ମରଣକୁ ଡରି ଅମରବର ମାଗିବା କଥାଟି ପୁଣି ଏବ ଗ୍ଳପା ମହାଭାରତରେ ନାଇ, ନୁହେ । ପୂର୍ବରୁ ମନ୍ତ୍ରୀ

Digitized by srujanika@gmail.com

ସହଦେବ ଯୁଧିଷ୍ଠିରଙ୍କୁ ଏହା କହୁଛନ୍ତି । ଯୁଧିଷ୍ଠିର ମନ୍ତ୍ରୀ ସହଦେବଙ୍କୁ ପଚାରୁଥିଲେ, ମାନଗୋବିନ୍ଦ କାହିଁକି ଆଗ ଅଶ୍ୱତ୍ଥାମାଙ୍କୁ ସେନାପତି ନ କଲେ । ତୁମତ ଅଭିପ୍ରାୟ ହେଉଛି, ସେତ ଅମର; ସେନାପତି ହୋଇଥିଲେ ଭଲ ହୋଇଥାନ୍ତା । ସେଥିକୁ

"ମନ୍ତ୍ରୀ ବୋଲେ ଅଶ୍ୱତ୍ଥାମା ମନ୍ଦକର୍ମ କଲେ
ଷଣ୍ଢୀ ହୋଇ ଶରଜାଗୀ ବର ସେ ମାଗିଲେ ।"
— ଏକନ, ପୃ-୨୦

ମାତ୍ର ଦୁର୍ଯ୍ୟୋଧନର ପ୍ରତିବାକ୍ୟରେ ଦଆ ନ ହୋଇ, ପରେ ତା ସେହିଠାରେ ତା ଦଆ ହୋଇଛି, ତୀ ସଂଗତିହୀନ ଓ ଅସୁନ୍ଦର । ପୂର୍ବରୁ ଯଥାସ୍ଥାନରେ ଥାଇ ତୁମତ ଏଠି ଅବତାରଣ ହୋଇଥିଲେ ସଂଗତ ହୋଇଥାନ୍ତା । ଯୁଧିଷ୍ଠିର ଯୁଦ୍ଧ ପୂର୍ବରୁ ଅଶ୍ୱତ୍ଥାମାଙ୍କୁ ଆଶୀର୍ବାଦ ମାଗିବାକୁ ଗଲାବେଳେ ଅଶ୍ୱତ୍ଥାମା ଦୁର୍ଯ୍ୟୋଧନ ପକ୍ଷରେ ଥାଇ ମଧ୍ୟ ଭୀଷ୍ମଙ୍କୁ ସେନାପତି କରୁଥିବାରୁ ଅସୂୟା ପ୍ରକାଶ କରି ଯୁଧିଷ୍ଠିରଙ୍କ ଆଗେ କହୁଛନ୍ତି—

"ବାଛିଥାନ୍ତା ଯେବେ ଶିରେ ମୁକୁଟ ସେ ମୋର
କୃଷ୍ଣାଦିଭୂମ୍ୟଙ୍କୁ ଦେଖିଥାନ୍ତି ଯମ ଘର ।
ଦୁର୍ଯ୍ୟୋଧନ ହୋଇଲା ତୁ ମରଣେ ଭରିଲୁ
ଷଣ୍ଢୀ ହୋଇଣ ନିଜାଗୀ ବର ତୁ ମାଗିଲୁ" । ଏକନ୍, ପୃ.୬୨

ଏଠାରେ ଏହା କପରି କେତେ ସଂଗତ ଓ ଚରିତ୍ର-ଚିତ୍ରଣରେ କେତେ ଉପଯୋଗୀ, ତା ବୁଝି ଦେଖାଇବା ପାଇଁ ଏଠି ତୁଳନା-ଯୋଗ୍ୟ ସାଧନ ନାହିଁ; ଅନ୍ୟଥା ମଧ୍ୟ ନାନା ପରିବର୍ତ୍ତନ ଓ ପ୍ରକ୍ଷେପ ଭିତରେ ସତ୍ୟ ଦେଖିବା ବଡ଼ କଷ୍ଟ ।

**ଅନାନ୍ୟ ସ୍ପଷ୍ଟ ଅପକୃତିର ଦୃଷ୍ଟାନ୍ତ**

(୧) ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ ଓ ସ୍ୱର୍ଗତ ଶ୍ୟାମ ସୁନ୍ଦର ରାଜଗୁରୁ, ମଧ୍ୟ ପର୍ବରୁ ଉଦ୍ଧାର କରିଛନ୍ତି—

Digitized by srujanika@gmail.com

"ନ ପଢ଼ିଲି ଅକ୍ଷର ମୁଁ ନୁହେ ଶାସ୍ତ୍ରବାଦୀ
ପଣ୍ଡିତଙ୍କ ସଙ୍ଗେ ବସି ନ କଲି ସମାଧି ।
କୁସ୍ଥାନେ ବସିଲି ନ ବସିଲି ବିପ୍ରଗୋଷ୍ଠୀ
ଶିଶୁ ବୁଦ୍ଧି ମୋହର ବୟସ ଅଳପଟି" ।

(ପ୍ରବନ୍ଧାବଳୀ, ପୃ ୭୭; ଓ ଓଡ଼ିଆ ସାହିତ୍ୟର ପରିଚୟ, ୧ମଭାଗ, ପୃ ୯୦ )

'ରାଧାରମଣ' ଛାପା ବହିରେ

"ନ ପଢ଼ିଲି ଅକ୍ଷରେ ମୁଁ ନୁହେ ଶାସ୍ତ୍ରବାଦୀ
ନ ବସିଲି ପଣ୍ଡିତଙ୍କ ସଙ୍ଗେ ମୁଁ ସମ୍ବାଦ ।
କୁସ୍ଥାନ ବାସୀ ହୋଇ ନ ପାଇ ବିପ୍ରଗୋଷ୍ଠୀ
ଅଳପ ମତି ମୋହର ବାଳ୍ୟ ବୁଦ୍ଧି ଗୋଟି ।"

—ମଧ୍ୟ ପର୍ବ, ପୃ. ୫

"ମୂଢ଼ଁ ସେ ଦେବୀ ଅଭୟ ମୃଦୁ ପାଦ ପଦ୍ମେ
ମନରଖି ଅଦୃଶ୍ୟକୁ ଲେଖେ ତା ପ୍ରସାଦେ ।
ଅଦ୍ୟାପି ଲେଖଇ (ଖେଳଇ, ନୁହେ) ସେହୁ ବାଳରୂପ ଧରୁ
ତପେ ବଳ ଦିଅଇ ସେ କୃଷ୍ଣ ଭରେ ପାରୁ ।"

—ଏକନ ପୃ:୧୦

ପୁଣି ସେହି ନୂଆ ଛାପା ବହିରେ ଦେଖ—

"ବୃଦ୍ଧ କାଳରେ ଲଭିଲ ଶ୍ରୀ ସାରଳାଦାସ"

—ଏକନ, ଗ୍ରୀଷ୍ମପର୍ବ, ପୃ.୬୫ ।

ପଣ୍ଡିତ ସୂର୍ଯ୍ୟ ନାରାୟଣ ଯେଉଁ ପୋଥିରୁ ଉଦ୍ଧାର କରିଛନ୍ତି, ସେଥିରେ 'ଶିଶୁବୁଦ୍ଧି' କଥାଟିକୁ ବାଳବୁଦ୍ଧି ବା ଅଳ୍ପବୁଦ୍ଧି ବୋଲି ଅର୍ଥ କରିବାର ଉପାୟ ନାହିଁ । 'ବୟସ ଅଳପଟି' କହୁଛନ୍ତି ତା ଲୁଚାଇ ଦେଇ ନାହିଁ । କିନ୍ତୁ ସେହି ସ୍ଥଳରେ ଚରଣ ନୂଆ ଛାପା ବହିରେ ଯେ

Digitized by srujanika@gmail.com

ଏପରି ଅବାନ୍ତର ଧାରଣା, ତା ବୁଝିବା ଅନାବଶ୍ୟକ । ଦ୍ୱିତୀୟ ଉଦ୍ଧୃତାଂଶରେ 'ବାଳରୂପଧର' ପଦର ଯେତେ ବହୁ ଅର୍ଥ ଥାଏ, ତା ମଧ୍ୟରୁ ଅଳ୍ପ ବୟସରୁ ବୁଝାଉଛି । ମାତ୍ର ଗ୍ରନ୍ଥସବୁରେ 'ବୃଦ୍ଧ କାଳରେ' ବୋଲି ଲେଖିବାର ତାତ୍ପର୍ଯ୍ୟ କଣ ? ମଧ୍ୟପର୍ବଠାରୁ ଗ୍ରନ୍ଥ ସବୁ ଲେଖିବା ଭିତରେ କିଶୋର ବା ତରୁଣ ସାରଳାଦାସ କଣ ବୃଦ୍ଧ ହୋଇ ଯାଇଥିଲେ ? ଏଥିରେ ସାହିତ୍ୟ ଆଲୋଚନାର ଗତି କଣ ହେବ ?

(୨) ସାରଳାଦାସ ଯେଉଁଭଳି ପରିସ୍ଥିତିରେ ସ୍ପଷ୍ଟ ଭାବେ ଲେଖିଥିଲେ, ସେଥିରେ ସେ ପ୍ରାଚୀନ କାଳର ସାନ୍ତ୍ୱନା ( ପୂର୍ବେ ପୃଷ୍ଠା ୧୭୮ ଠାରୁ ଦେଖ ) ନିଜର କଳ୍ପିତ କଥା ଭଣି ଲେଖିସାରି, ଭାରତ—ବିଶେଷରେ ଓଡ଼ିଶା—ସଂସାରକୁ ଧରି ଜାତିସ୍ମର ହୋଇ ପୂର୍ବଜନ୍ମ କଥା ଲେଖିହେବା ସମ୍ଭାବିତ ନ ହୋଇ ପାରେ । ଏ ସନ୍ଦର୍ଭରେ ବ୍ରାହ୍ମଣିକ ପ୍ରଭାବର କଥା କୁହାଯାଇଛି । ପରବର୍ତ୍ତୀ ଜଗନ୍ନାଥ ଦାସ ମଧ୍ୟ ପ୍ରାକୃତ ଲୋକଙ୍କୁ ପ୍ରାକୃତରେ ଧର୍ମ ଦେଲେ ବୋଲି ନିଜ ଭାଗବତରେ ବହୁ ମିନତି କରିଛନ୍ତି । ପୁରୀଅଞ୍ଚଳର ବ୍ରାହ୍ମଣ ଶାସନମାନଙ୍କରେ ଏବେ ବି ଓଡ଼ିଆ ଭାଗବତ ପଢ଼ା ହୁଏ ନାହିଁ । 'ଶୂଦ୍ର' ବଳରାମଦାସ ମୁକ୍ତି ମଣ୍ଡପରେ ଅଜ୍ଞ ବୋଲି ଘୃଣିତ ହୋଇ ବେଦାନ୍ତ ପରୀକ୍ଷା ଦେବା ଓ କୃଷ୍ଣଙ୍କ ମହିମାରୁ ସେଥିରେ ଅଦ୍ଭୁତ ଭାବରେ ଉତ୍ତୀର୍ଣ୍ଣ ହେବା କଥା ଭକ୍ତମାନେ ଲେଖି ବଳରାମଙ୍କ ନିଜ ଲେଖା ବୋଲି ପ୍ରଚାର କରିଛନ୍ତି ଓ ତା ଏବେ ତାଙ୍କ ନିଜ ଲେଖା ବୋଲି ଚଳୁଛି । ତା ଉପରେ ପୁଣି ଭକ୍ତିଧର୍ମର ସାକ୍ଷାତ୍ ଓ ଅବାନ୍ତର ପ୍ରଭାବରେ ସାରଳାମହାଭାରତର ଶରୀର କି ପ୍ରକ୍ଷେପ ଓ ସମ୍ପ୍ରସାରଣରେ ପୁଷ୍ଟ ଓ ପୂର୍ଣ୍ଣ ହୋଇଛି, ତା କପଟ ଏତେ ସହଜରେ କହି ହେବ ? ହୁଏତ ଏହି 'କାଳଅବୋଧା'ର 'ସାରଳାବାଦା' ରଥରେ ବସିଗଲେ,

Digitized by srujanika@gmail.com

ରଥ ମନକୁ ସ୍ବଭାବ ଧରି ଦେବା ସାରଳା ଦାସଙ୍କ ସବୁ ବିଚାର ଦେଉଥିଲେ, ଓ ନିଜ ପୂର୍ବଜନ୍ମ କଥା କହି ସେ 'ଶୂଦ୍ର' ହେଲେ ମଧ୍ୟ ନିଜ 'ମୁନିତ୍ୱ' ପ୍ରକଟ କରୁଥିଲେ । ଏପରି ଅନେକ କଳ୍ପନା କରାଯାଇ ପାରେ । ଏସମସ୍ତ କଳ୍ପନା ଭିତରେ ତାତ୍କାଳିକ ବେଷ୍ଟନୀ ଦୃଷ୍ଟିରେ ସତ୍ୟରେ ସନ୍ଦେହ କରିବାର ବହୁ ଉପାଦାନ ମିଳିବ । ସାରଳା ଦାସଙ୍କ ଲେଖାରେ ଥାନେ ଥାନେ ସଂହିତା ଜ୍ୟୋତିଷର ଅଯଥା ଓ ନିତାନ୍ତ ଅଙ୍କସ୍ଥଳରେ ଅବୃତର କଥା କୁହା ଯାଇଛି (ବିଶେଷରେ, ପ୍ରଥମ ଭାଗ ୪୨ ପୃଷ୍ଠା ଠାରୁ ଦେଖ) । ଏ ସବୁ ଫଳିତ ଜ୍ୟୋତିଷ ବିଶ୍ୱାସ ପୃଥିବୀର ସଭ୍ୟତାରେ ବହୁ ଆଦିମ । ଅନ୍ତତଃ ଗାଥିକକାଳ ବର୍ଷରୁ ଅଧିକ କାଳ ତଳେ ସୁମେରରେ ଏହାର ଆରମ୍ଭ ବୋଲି ମନେ ହୁଏ । ମୁଖ୍ୟତଃ ସେଇ ଅଞ୍ଚଳ ଏହା 'ସପ୍ତ ବାର' ଓ 'ଦ୍ୱାଦଶ ରାଶି' ସଂଗେ ଭାରତକୁ ଆସିଥିଲା । ପରେ ଗ୍ରୀକ୍‌ମାନଙ୍କ ସମ୍ପର୍କରେ ଏହି କୁସଂସ୍କାର ଖୁବ୍ ପ୍ରସିଦ୍ଧି ଲାଭ କରିଥିଲା । ପାରସ୍ୟକ 'ମିହିର'-ବଂଶୀୟ ବ୍ରାହ୍ମଣ 'ବରାହ ମିହିର' ନିଜ 'ବୃହତ୍ ସଂହିତା'ରେ ଏହାକୁ ଶୃଂଖଳିତ ଓ ବିଧିବଦ୍ଧ ଭାବରେ ଶାସ୍ତ୍ରୀୟ ଶ୍ରେଣୀରେ ପରିଣତ କରିଥିଲେ ବୋଲି ମନେ ହୁଏ । ପୂର୍ବରୁ ଅବଶ୍ୟ ପରାଶର ପଣ୍ଡିତଙ୍କ ନାମରେ ସଂହିତା ଥିଲା ବୋଲି କୁହାଯାଏ । ମାତ୍ର ଏ ସବୁ ସାମୁଦ୍ରିକ ଓ କର-କପାଳ-ଜନ୍ମ-କାତକ ପ୍ରଭୃତି ବିଶେଷ ପ୍ରତିଷ୍ଠା ପାଇଥିଲା, ମୁସଲମାନ ସଂସର୍ଗ ପରେ ଓ ମୁସଲମାନ ପ୍ରଭାବରେ । ମୋଟକଥା, ମୌଳିକ ବିଦ୍ୟାର ଅପଗତି ଓ ସ୍ମୃତି-ସଂଗ୍ରହ, ଟୀକା, ଅଳଂକାର ଶାସ୍ତ୍ରର ଚର୍ଚ୍ଚା ବା ରୋମନ୍ଥନ ସଙ୍ଗେ ଏଇ ସବୁ ଫଳିତ ଶାସ୍ତ୍ର ଘରେ ଘରେ ପଶି ଯାଇଥିଲା । ଭକ୍ତିଧର୍ମର କର୍ମରେ ଅସ୍ୱାଧୀନବୁଦ୍ଧିହୀନତା ଓ ତଦ୍‌ଗତ ଆତ୍ମନାଶ ଭିତରେ କର୍ମ-ଫଳର ସରଂଧର ଏଇ ବିକୃତ ରୂପ ଧରି ଚଳିବେ ପୁଣି ସାହାଯ୍ୟ କରିଥିଲା ।

Digitized by srujanika@gmail.com

ଗାଂଗକାଳରେ ଏ ସବୁ ରୋଗ ସମାଜରେ ଖୁବ୍ ପ୍ରକାଶ ପାଇ-ଥିଲା, ସନ୍ଦେହ ନାହିଁ । କପିଳେନ୍ଦ୍ର ତଥା ସାରଳା ଦାସ ଏ କୁସଂସ୍କାର ଏଡ଼ି ଚଳିବାର ସଂକେତ ଦିଅନ୍ତି ନାହିଁ । ତେଣୁ ନିଜର ପୂର୍ବଜନ୍ମ ଓ ଜାତିସ୍ମରତ୍ୱ ସଂଗ୍ରେ ସଂହିତା ଜ୍ୟୋତିଷର ଏସବୁ ଅବାଂଛିତ ବ୍ୟବହାର ସାରଳା ଦାସ ନିଜ ଲେଖାରେ ବସବର କରିନଥିବେ ବୋଲି ଚିହ୍ନହେଉ ନାହିଁ । ମାତ୍ର ସାରଳା ଦାସଙ୍କ ପରେ ଓଡ଼ିଆ, ସ୍ୱାଧୀନ ଶକ୍ତି ଓ ଚଳଣି ଫୁଟାଇବାକୁ ବେଳ ପାଇ ନାହିଁ । ସେଇ ଭ୍ରାନ୍ତ ଫଳିତ ଜ୍ୟୋତିଷ ଓ ସାମୁଦ୍ରିକାଦିପର ଅବିଦ୍ୟା, ବିଦ୍ୟା ହୋଇ ଉଚ୍ଚଶ୍ରେଣୀଙ୍କ ଜନତାରେ ସମାଜରେ ଶିକଡ଼ଜମାଇ ବ୍ୟାପିବାରେ ଲାଗିଲା । ସେଦିନ ଯାଏ ପୁରୀର ଶାସନୀ ବ୍ରାହ୍ମଣେ ବିବାହ-ସମ୍ବନ୍ଧରେ ଜାତକ ଦେଖାକୁ ଘୃଣା କରୁଥିଲେ । ସାମନ୍ତ ଭଟ୍ଟମିଶ୍ରଙ୍କ ଘରେ ଏବେ ବି ବିବାହରେ ଜାତକ ଦେଖା ହୁଏ ନାହିଁ । ମାତ୍ର ବରପଣ ସଙ୍ଗେ ଜାତକ-ଦେଖା ଆଜି ସେଇ-ମାନଙ୍କ ଭିତରେ ପୁଣି ଗୋଟିଏ ଶୁଦ୍ଧ ଶିଷ୍ଟାଗ୍ରହ ହୋଇ ଉଠୁଛି । ଏଇ କେତେବର୍ଷ ତଳେ 'ଜଗନ୍ନାଥ ସାହିତ୍ୟ ସମାଜ'ର ସାଂସ୍କୃତିକ ଅନୁଷ୍ଠାନରେ ଜଣେ ଅତି ଅଳ୍ପବିଦ୍ୟ ଓ ଗଣିତରେ ଏକାନ୍ତ ଅନ-ଭିଜ୍ଞ ଜାତକଫଳ କୁହା, ତଥାକଥିତ ଭବିଷ୍ୟଦ୍ ବକ୍ତା 'ଜଇତଷ'ଙ୍କୁ 'ଜ୍ୟୋତିଷରତ୍ନ' ଉପାଧିରେ ମଣ୍ଡିତ କରା ଯାଇଥିଲା । ଅଭିଜ୍ଞକର୍ମୀ ଗୁରୁ, ବାବା, ମାତାଦିଙ୍କ କବୁଲିତରେ ଆମ ଶିକ୍ଷିତ ବଣିକ୍‌ମାନଙ୍କ ଆତ୍ମନାଶ ଦେଖିଲେ ଆଜି ବସ୍ତୁସ୍ତର ଲଜ୍ଜା ଓ ନୈରାଶ୍ୟ ଆସେ । ଫଳ କୁହାରେ ହେଲେ, କର୍ମରେ ବ୍ୟକ୍ତିର ଦାୟିତ୍ୱ ଓ ତହିଁ ସଂଗେ କର୍ମଫଳର ଆକ୍ଷେପ ଓ ସ୍ପୃହା ଅଛି । କବୁଲିତରେ ତା ମଧ୍ୟ ନାହିଁ । ଏଥିରେ ସବୁ ହେଜିଚି ଉପାସ୍ୟ ଈଶ୍ୱରଙ୍କ ମହିମା ଓ ସେଇ ମହି-ମାରେ ଜ୍ୟୋତିଷନ୍ତ୍ର 'ବାବା' ଓ 'ମାତା'ଙ୍କଠାରେ ପ୍ରତିବିମ୍ବିତ ମହିମା ।

Digitized by srujanika@gmail.com

ସେହି ଅର୍ଥକୁ ବାଛି ଦେଖାଇ ସମ୍ବ ଭକ୍ତକବି ଦୀନ କୃଷ୍ଣ ଗାଇଚନ୍ତି—

"କୃଷ୍ଣ ନାମରେ ପାପ କ୍ଷୟ ଯେତେ ।
କରି ନ ପାରେ ପାପୀ ପାପ ସେତେ ।"—ରସକଲ୍ଲୋଳ ।

ଏଠାରେ ସ୍ମରଣ ଦେବାର ଅଛି, ସେହି 'ମହିମା' ଶବ୍ଦଟି ଧରି ଓଡ଼ିଆ ସାହିତ୍ୟରେ ଏବେ ପ୍ରାୟ ଶହେ ବର୍ଷ ହେଲା ସୃଷ୍ଟିତ, 'ମହିମା ଧର୍ମ ।' ଭକ୍ତ ଯାଜ୍ଞ ଚାର୍ଲିବ ଓ ଗୋବର୍ଦ୍ଧନ ଅଦ୍ଭୁତକର୍ମା ତଥାକଥିତ ସିଦ୍ଧଙ୍କ ସ୍ପର୍ଦ୍ଧାରେ ଅନୁକରଣ କରି ଏ ଧର୍ମର ମହିମା ଗୋସେଇଁଙ୍କ କିଂବଦନ୍ତୀ ଓ ପରଂପରାଟି ତିଆରି କରାଯାଇଛି । ପରେ ସ୍ୱଭାବ ମିଥ୍ୟା ପ୍ରସଂଗରେ ଏ କଥା ଆଉ ଟିକିଏ ବୁଝା ହେବ । ସେ କଥା ଏବେ ଥାଉ । ସାରଳା ଦାସଙ୍କ ଦେବୀ-ଭକ୍ତିର ଫଳ ସେଇସବୁ ଢବାଲି ବାରଂବାର ଲେଖା ହୋଇଛି । ହେଲେହେଁ, ପୂର୍ବଜନ୍ମ କଥାଟି ସେଥିରେ ଯୋଡ଼ି ଅଦ୍ଭୁତ ଶକ୍ତି ପାଇବା ସଂଗେ ଟିକିଏ ପୂର୍ବଜନ୍ମ-କର୍ମର ସୂଚନାରେ ତାକୁ ରସାଣି ଦିଆ ଯାଇଛି । ସଂକ୍ଷେପରେ ହୁଏତ ବୁଝା ଯାଇଛି, ତାଙ୍କ ଅଦ୍ଭୁତ ଶକ୍ତି କେବଳ ଇଷ୍ଟଜନ୍ମରେ ଭକ୍ତିର ଆତ୍ମସମର୍ପଣରୁ ହୋଇନାହିଁ । ତଥାପି ଏ ସବୁରେ ବାରଂବାର ଜୈବିକ ସଂସ୍କାର ଓ ତଦ୍‌ଗତ ପ୍ରକ୍ଷେପରେ କୌଣସି ହୋଇ ଥାଇପାରେ, ତାର ଦୃଷ୍ଟାନ୍ତ ଦେଖ । ତାଙ୍କ ପୂର୍ବ ଜନ୍ମ କଥାରେ ମହାଭାରତରେ ଅଛି, ସେ ଥିଲେ ଶିବ ଦ୍ୱାରପାଳ, ନନ୍ଦୀ । ଗଣେଶଙ୍କ ଅଭିଶାପରେ ସେ 'କାଳିଦାସ' ହୋଇଥିଲେ; ତା ପରେ ହେଲେ, କୌଣସି ଅଜ୍ଞାତ-ନାମା, 'ମହାକାଳ ଧ୍ୱଂସ' । ଏବେ ହୋଇଚନ୍ତି, 'ସାରଳାଦାସ' । ଏଇ କଥାଟି ପୁଣି 'ଚଣ୍ଡୀ-ପୁରାଣ'ରେ ଅନ୍ୟ ପ୍ରକାରେ ଅଛି । ସେଠାରେ ନନ୍ଦୀ ନ ଥାଇ ସେ ଥିଲେ, ବ୍ରହ୍ମାଙ୍କ ପୁତ୍ର, ମନୁ । ଦକ୍ଷ କ୍ରୁଦ୍ଧ ହୋଇ ତାଙ୍କୁ ଶାପ ଦେଲେ । ଉତ୍ପତ୍ତି ମଧ୍ୟ ସେଠି ସଂପୂର୍ଣ୍ଣ

Digitized by srujanika@gmail.com

ଭଳି (ସୂର୍ଯ୍ୟ ନାରାୟଣ—ଓଡ଼ିଆ ସାହିତ୍ୟର ପରିଚୟ, ୧ମ ଭାଗ, ୯୭ ପୃଷ୍ଠାଠାରୁ ଦେଖ )। ଏ ଦୁଇଟି ଯାକ ହୋଇପାରେ, ସୁଦ୍ଧ ଲେଖକ-ବାର-ବୃଦ୍ଧା। ଅନ୍ତତଃ ଏଥିରୁ ଗୋଟିଏ ନିଶ୍ଚିତ ପ୍ରକ୍ଷେପ। ସେହି ସଂପର୍କରେ କ୍ଷୁଦ୍ର ଉଦ୍ଧୃତାଂଶମାନ ଦେଖ—

"ଶିବ ଦ୍ୱାରପାଳ ଅଭିସାରିଆ (ଅଭିଶାପିତା ! ) ଭବ
ମନୁଷ୍ୟ ଯୋନିରେ ଜାତ ପ୍ରସନ୍ନ ଭାବ୍ୟଦେବ।"

—ଏକନ, ପୃ ୯୭।

ସେହି କଥା ନୂଆ ଭାଷା ବହିରେ—

"ମୁହିଁ ତାଙ୍କ ଦ୍ୱାରପାଳ ଜନ୍ମ ହେଲି ଭବ
ଜନ୍ମେ ଜନ୍ମେ ସୁପ୍ରସନ୍ନ ମୋତେ ଭାବ୍ୟଦେବ।"

—ସଂସାରମଣ୍ଡଳ—ମୁଷଳୀ ପର୍ବ, ପୃ ୩୭।

ପୁଣି ଦେଖ—

"ସଦାଶିବ ଦ୍ୱାରେ ଦ୍ୱାରପାଳ ପୂର୍ବେ
ବିଂଶତି ଶାପେ ମୁଁ ମନୁଷ୍ୟ ଯୋନି ଏବେ।"

ସୂର୍ଯ୍ୟ ନାରାୟଣ—ପୃ ୯୭।

ନୂଆ ଭାଷା ବହିରେ

"ଅଟେ ଦେବ ଗଣନାଥ ଦୟା ଭଳ ଏବେ
ତୁମ୍ଭର ଅଜ୍ଞାରେ ମୁହିଁ ନରଯୋନି ଜାତ।"

—ବନପର୍ବ, ପୃ. ୧୪।

ଏହା ସାଙ୍ଗକୁ ପୁଣି ଦେଖ, ଅଛି ବାଳଦାସ ଓ ମହାଭାଳ ନାଙ୍କ ନାଇ,

"ଚଣ୍ଡୀ ଶାରଳା ଚରଣେ ଶରଣ ଯେ ମନ
ଜନ୍ମେ ଜନ୍ମେ ଯେ ଶାରଳା ଦାସ ମୋର ନାମ।"

—ଏକନ୍, ମଧ୍ୟପର୍ବ ପୃ-୧୦୮।

Digitized by srujanika@gmail.com

(୩)ପଣ୍ଡିତ ସୂର୍ଯ୍ୟନାରାୟଣ,ମନେହୁଏ, ପୁରୁଣା ତାଳପତ୍ର ପୋଥିରୁ ଉଦ୍ଧାର କରିଛନ୍ତି । ଉକ୍ତ ଅଂଶରେ ପାଦ କଷ୍ଟ ହୋଇଥିଲେ, ଲେଖକ ଯୋଗେଶବାବୁଙ୍କର ସ୍କୁଲପାଠ୍ୟ କବିତାବଳୀରେ ଥିବା ବଙ୍ଗଳା କାଶୀରାମ ମହାଭାରତରୁ ଅନୁବାଦିତ 'ନବଣୀ ସଂହାର' ଓ 'ସଂସ୍କୃତ ରଘୁବଂଶରୁ ଅନୁବାଦିତ' ବୋଲି ଲେଖାଥିବା ଅଯୋଧ୍ୟା ପ୍ରତ୍ୟାଗମନ'ର ଉକ୍ତ ଅଂଶ ଦୃଷ୍ଟାନ୍ତ ସହିତରେ ପଢ଼ିପିବେ ବୋଲି । ସଙ୍ଗେ ସଙ୍ଗେ ସେଥିରେ ତଥାକଥିତ 'ସାଧୁ ଭାଷା' ପଶି ଥିଲା । ଏବ ସ୍ଥପା ମହାଭାରତରେ ବଙ୍ଗଳା କାଶୀରାମ ଦାସ ମହା-ଭାରତର ଗୋଟିଏ ଉତ୍କୃଷ୍ଟ ଅନୁକରଣ ଦେଖ—

“କାଶୀରାମ ଦାସ କହେ ଶୁନେ ପୁଣ୍ୟବାନ୍
ମହାଭାରତେର କଥା ଅମୃତ ସମାନ ।”

—କାଶୀରାମ ଦାସ

“ପୁଣ୍ୟ କଥା ଭାରତର ଶୁଣେ ପୁଣ୍ୟବାନ
ଭୁଞ୍ଜିବାରେ ସୁଖ ନାହିଁ ଏହାର ସମାନ ।”

—ବନପର୍ବ, ପୃ. ୨୬୯ ।

(୪)ଇନ୍ଦ୍ର ନିଜ ପୁତ୍ର ଅର୍ଜ୍ଜୁନଙ୍କୁ ଖାଣ୍ଡବ ବନର ଔଷଧ ବୃକ୍ଷମାନ ଦେଖାଇଲା ବେଳେ କହୁଛନ୍ତି—

“ବାବୁ ରତ ଧାରଣୋଟି ଏହିବୃକ୍ଷ ଗୋଟି
ଶିକଡ଼ ଖଣ୍ଡିଏ ଏଥୁ ବାନ୍ଧିବ ଯେ କଟି ।
ସହସ୍ର ଯୁବତୀ ସଙ୍ଗ ଦିନେ ଭଳପିବ
ସେ ପୁରୁଷ ତନୁଁ ତଳେ ବିନ୍ଦୁ ନ ଖସିବ ।”

ନୂଆ—ମଧ୍ୟପର୍ବ—ପୃ. ୩୧ ।

ଏଥିରେ ବଙ୍ଗଦେଶରେ ପ୍ରଚଳିତ ତାନ୍ତ୍ରିକମାନଙ୍କ ବୀର୍ଯ୍ୟ-ସ୍ତମ୍ଭନର ଜଡ଼ିବୁଟୀର ଛାପ ସ୍ପଷ୍ଟ । ବିଶେଷତଃ 'ଶିକଡ଼'-ଶବ୍ଦଟି ବଙ୍ଗଳା;

Digitized by srujanika@gmail.com

ଓଡ଼ିଆରେ, ଏହା, 'ଚେର'। ଦ୍ରାବିଡ଼ଙ୍କର ମୂଳ ପ୍ରାଚୀନ ତାମିଲ୍ 'କଡ଼ଙ୍ଗୁ' ହେଲେହେଁ, ଓଡ଼ିଆରେ ଶିକଡ଼ ହୁଏ ନାଇ।

ପୁଣି—

"ଯାଅ ଲୁହ ଘରଖାର ଛୋଡ଼ି ଥାଅ ଗୋପ୍ୟ :"

—ଏକନ, ପୃ. ୩୨।

'ଘରଖାର' ଶବ୍ଦ, ଓଡ଼ିଆରେ 'ନାରଖାର'। ଏବେ ମାତ୍ର କେତେ ବର୍ଷ ହେଲା ଆମ ଦୈନିକ କାଗଜମାନେ ବଙ୍ଗଳାରୁ ଅନୁବାଦ କରିବାରେ 'ନାରଖାର' ସ୍ଥଳେ 'ଘରଖାରି' ଓଡ଼ିଆରେ ପଶି ଯାଇଛି।

(୫) ଯୁଗ କାଳ ଦେଖ—

"ସତ୍ୟ ସତାଇଶ ଲକ୍ଷ ଅଠାଶୀ ସହସ୍ର
ପାର କରି ନ ପାରିଲ୍ ପୃଥ୍ୱୀ ରୋଗ ଲେଶ
ତ୍ରେତା ଯୁଗ ଛୟାଣୋଇ ସହସ୍ର ବରଷ
ଦ୍ୱାପର ଯେ ଅଠଲକ୍ଷ ଚୌଷଠି ସହସ୍ର।"

—ଏକନ—ପୃ. ୨୪।

"ଏହୁ ପରବାରେ ସତ୍ୟଯୁଗ ବହି ଗଲା
ସତର ଲକ୍ଷ ଅଠାଶୀ ସହସ୍ର ବରଷେ।"

—ଏକନ୍, ଆଦ୍ୟପର୍ବ—ପୃ.୭।

ଏସବୁ ଉଦ୍ଧରଣରେ ଯେ କୌଣସିମତେ, ଯେ କୌଣସି ପ୍ରକାରେ, ଯାଇଛି ତା କେଉଁ ଛପାଇ ବଦଳାଇ ଦେଉଛି ଉଦ୍ଦେଶ୍ୟ। ସାହିତ୍ୟ ଚର୍ଚ୍ଚାରେ ଏହାର ଉପଯୋଗିତା ଆଦୌ ନାଇ।

(୬) 'ଅଜଗା' ମନ୍ତ୍ର ତଥା ଯନ୍ତ୍ର ତନ୍ତ୍ର କିଛି ନ ବୁଝିଲେ ପର କୁହାଯାଇଛି। ବେଦ ମନ୍ତ୍ର ସଙ୍ଗେ ବି ଏହାକୁ କେବେକେବେ ସମାନ କୋଟିରେ ଗଣା ଯାଇଛି। ଓଡ଼ିଶାର ଶବରଚରିତ ଜୈନ-ଯୋଗ ବା

Digitized by srujanika@gmail.com

ଈଶ୍ୱର-ସାଧନା-ଯୋଗ ଜାଣି ନଥିବା ଲୋକ କେବଳ ଏପରି କହି-ପାରେ। ତେଣୁ ଖୁବ୍ ସରଳ ଏହା ସାରଳା ଦାସଙ୍କ ଲେଖା ନୁହେ। ଯେଉଁଠି ଠିକ୍ ଅର୍ଥରେ ବ୍ୟବହୃତ ହୋଇଥିବ, ତାହାର ଏକା ସାରଳା ଦାସଙ୍କର ବୋଲି ଅନୁମାନ କରାଯାଇପାରେ। ମାତ୍ର ଗ୍ରନ୍ଥାବଳୀର ପାଠଗୋଷ୍ଠୀ ଭିତରେ ଏପରି ଅଗମୂଳ ବାଛିବା ଦୁର୍ଘଟ।

(୭) ଗୋଟିଏ ପୂର୍ବ ଅଧ୍ୟାୟ ପ୍ରକ୍ଷେପର ଉଦାହରଣ ଦେଉଛି, ମଧ୍ୟପର୍ବର 'ପୃଥ୍ୱୀବିକ୍ଷେପ ଓ କାମାକ୍ଷୀବ୍ରତ ବର୍ଦ୍ଧ' (ପୃ.୧୮୯ ଠାରୁ)। ନୂଆ ଛପାବହିରୁ ଅତି ଅର୍ବାଚୀନ ଭାଷାସବୁ ଉଦ୍ଧାର କରି ଆଉ ପ୍ରମାଣ ଦେଇ କହିବା ଲୋଡ଼ ନାହିଁ। 'ପିଙ୍ଗଳ ନାସିକା ସବୁ ଚମାଷା ମୂର୍ତ୍ତି' 'ମୂର୍ତ୍ତି ଗୋଟିକେ ଲକ୍ଷେକ ଗ୍ଲାସ ଦେବ ଦେବୀ', 'ଅଙ୍ଗେ ଅନୁଭବି' 'ଅପଣାର ବର୍ଣ୍ଣ ଏକ ସ୍ୱରୂପ ରୂପାସି' 'ଦାନ କରିବ' ପ୍ରଭୃତି ଷୋଳ ଦିନଅ ଦେବୀପୂଜା ବିଧାନ ସବୁ ଯାହା ନାରଦ, ଦେବୀଙ୍କୁ ବତାଇଛନ୍ତି, ତାହା ଯଥାର୍ଥରେ କାମାକ୍ଷ୍ୟାଙ୍କର ଏକ ବ୍ରତ— ଯେଉଁ କାମାକ୍ଷ୍ୟାଙ୍କ କାହିଁସି ପୂଜାଧ୍ୱଣୀଏ ପୁରୁଷଙ୍କୁ ଦିନରେ ମେଣ୍ଢା ଓ ଛେଳି ଭେଣ୍ଡା କରନ୍ତି ବୋଲି ପରଂପରା ଅଛି। ଏହା ଓଡ଼ିଆଣୀଙ୍କ ବ୍ରତ କୁହାପି ବା କଦାପି ନୁହେ।

(୮) ଦେଖାଯାଉଛି, ଦେବଦେବୀଙ୍କ ନାଆଁ ପଢ଼ିଲେ, ସାରଳା ଦାସ ଭକ୍ତିରେ ବିହ୍ୱଳ ହୋଇ ଲେଖି ଯାଇଛନ୍ତି। ପୁଣି କୁହାଯାଇଛି, ସାରଳା ଦାସ ପୂର୍ବଜନ୍ମରେ ନନ୍ଦୀ ବା 'ମନୁ' ଥାଇ, ମର୍ତ୍ତ୍ୟରେ ଜନ୍ମକୁ ଜନ୍ମ କବି ହେବା କଥା। ଅଉଣ୍ଡ ମଧ୍ୟ ଦେବୀଙ୍କ ଅତି ଅନୁଗୃହୀତ ଥିବାରୁ ଦେବୀ, ତାଙ୍କୁ ଲେଖାର ଧର ପର୍ଯ୍ୟନ୍ତ ବତାଇ ଦେଉଥିଲେ। କେବଳ ନୁହେ, ଦେବୀ ନିଜେ ଗୋଟିଏ 'ଲେଖନ' ଆଣି ଦେବାରୁ ସେଇ ଲେଖନକୁ ଧରି, ମୂର୍ଖ ହେଲେହେଁ, ତାଙ୍କ ହାତେ ମନକୁ ସବୁ ଠିକ୍ ଠିକ୍ ଲେଖି ହୋଇ

Digitized by srujanika@gmail.com

ଯାଉଥିଲା । ତତ୍କାଳର ସାମାନ୍ୟ କେତୋଟା ଭଜନସ୍ତ ବଚନକୁ ଧରି ଏ ସବୁ ଯାକ ପ୍ରକ୍ଷେପ ବୋଲି ମନେ ହୁଏ । ଆଜିର ମଧ୍ୟ ଚୈତନ୍ୟଙ୍କ ପରଯୁଗରେ ଭକ୍ତିଧର୍ମୀମାନଙ୍କର ଏପରିର ଚଢ଼ଚଢ଼ଣ ମିଛସବୁ ସମାଜରେ ଧର୍ମ କଥା, ସତକଥା ଓ ସାହିତ୍ୟ ବୋଲି ପ୍ରଚଳିତ ହେବାର ଗୋଟାଏ ପ୍ରତିଷ୍ଠାବନ୍ତ ସ୍ରୋତ ବହୁପାଉଥିଲା । ସାକ୍ଷିଗୋପାଳଙ୍କ ପାଷାଣମୂର୍ତ୍ତି, ଭକ୍ତର ସେବା କରିବା ପାଇଁ ବୃନ୍ଦାବନରୁ ଗୋଡରେ ଢୁଂଢୁର ପିନ୍ଧି ଚାଲି ଆସିବା କଥା ଓ ମନ୍ଦିର ପର ଏଇ ସେପରି ସେବକପାଇ ଟେକି ମହାପ୍ରଭୁଙ୍କ ଝିଅଙ୍କ ସେଇଙ୍କୁ ଗୋପନରେ ଅସି ଧରି ପକାଇବା ପ୍ରଭୃତି କଥା ଶୁଣାଯାଉଛି । ଏପରି ଭ୍ରାନ୍ତ ମିଥ୍ୟାର ବେଷ୍ଟନୀରେ ଗଲା ପାଞ୍ଚଶ ବର୍ଷ ଭିତରେ ପ୍ରକ୍ଷେପ ସଂଶୋଧନାଦିରେ କଣ ଯେ ନ ହୋଇଥିବ, ତା କିଏ କହିବ ? ତେଣୁ କବିଙ୍କର ଲୁହାଯାଉଛି, କାଳୀପୁ ଜୀବନର ଗତି-ଧାରାକୁ ଠିକ୍ କରି କଳ-ନାରେ ନ ଆଣିଲେ, ଏବା ସାରଳା ସାହିତ୍ୟ ବାନ୍ଧିବ, ଓଡ଼ିଶାର ସାହିତ୍ୟ ଆଲୋଚନା, ଅଥଚ ଦେଶପ୍ରୀତିର ବନରରେ ଯେତେ ଜଳ୍ ଜଳ୍ କରାହେଲେ ମଧ୍ୟ, ଯଥାର୍ଥତା ବା ସତ୍ୟ ଉପରେ ତା ପ୍ରତିଷ୍ଠିତ ହେବ ନାହିଁ । ଏଇ ସବୁଥିରେ ଅନ୍ଧାର ଘରର ଦ୍ୱାରୋଦ୍-ଘାଟନକର ସତ୍ୟ ଦେଖିବାର ନିର୍ଦ୍ଦିଷ୍ଟ ଉପାୟନ ସ୍ୱରୂପ ଗୋଟିଏ କିଂବଦନ୍ତୀ କଥା କୁହ ଯାଉଛି । ସ୍ୱର୍ଗତ ମୃତ୍ୟୁଞ୍ଜୟ ରଥ, ନିଜ ଲିଖିତ 'ସାରଳା ଚରିତ'ରେ କିଂବଦନ୍ତୀଟିର ଉଲ୍ଲେଖ କରିଛନ୍ତି । ତାହା ଏହି:—

"ସାରଳାଦାସ ପୂର୍ବସର ଗୋଟିଏ ଖଳରେ ହଳ କରୁ-ଥିଲେ । ହଳ କର୍ମରେ କ୍ଲାନ୍ତ ବୋଧ ହେଲାବେଳେ, ନିଜର ଏବଂ ଗୋରୁ ଦୁଇଟିର ଉତ୍ସାହ ନିମିତ୍ତ ନିଜର ପ୍ରିୟତମ ଚଉତିଶା ଗୀତ ଉଚ୍ଚ ସ୍ୱରରେ ଗାଇବାକୁ ଲାଗିଲେ । ସେଦିନ ଅତ୍ୟଧିକ ଶ୍ରାନ୍ତ-

Digitized by srujanika@gmail.com

ବଶତଃ ଗୀତ ବେ.ଲ ବୋଲି ମଧ୍ୟେ ମଧ୍ୟେ ପଦେ ପଦେ ମନେ ପଡ଼ୁଲା ନାହିଁ, ସେତେବେଳେ ସେ ଅଗତ୍ୟା ଗୀତ ରସରୁ ବଞ୍ଚିତ ହୋଇ ଇଷ୍ଟଦେବୀଙ୍କଠାରେ ଧ୍ୟାନ କରିଲେ । କଥିତ ଅଛି, ଏହି ଗୀତ ବନ୍ଦ କରନ୍ତେ ହଠାତ୍ ଏକ ନାରୀମୂର୍ତ୍ତି ସେଠାରେ ଆବିର୍ଭୂତ ହୋଇ ତାହାଙ୍କୁ ସମ୍ବୋଧନ କରି କହିଲେ—'ଗୀତ ବନ୍ଦ କଲୁ କାହିଁକି ? ବୋଲ, ଆପଣି ବ ଯେ, ତୋ ଗୀତ ମୋତେ ବଡ ଭଲ ଲାଗେ । ମୋର ଇଚ୍ଛା, ତୁ ଯେପରି ମହାଭାରତ ରଚନା କରିବୁ ।' ଏହା କହି ସେ ମୂର୍ତ୍ତି ଅନ୍ତର୍ହିତ ହେଲେ । ଦାସେ ବିସ୍ମିତ ହୋଇ ପୁନର୍ବାର ଗୀତ ଆରମ୍ଭ କରି ସଫଳକାମ ହେଲେ ।”

(ଓଡ଼ିଆ ସାହିତ୍ୟର ପରିଚୟ,·୧ମଭାଗ·ଦ୍ୱିତୀୟ ସଂସ୍କରଣ—୯୧ପୃଷ୍ଠାରେ ଉଦ୍ଧୃତ)

ଆଉ ଗୋଟିଏ କିଂବଦନ୍ତୀ, 'ପୁରାଣ ପ୍ରବେଶିକା କଂପାନୀ'ଙ୍କ ମହାଭାରତ ମୁଖବନ୍ଧ (ଖ୍ରୀ୧୮୯୮)ରୁ ଉଦ୍ଧୃତ—

"ସଙ୍କେତ ପ୍ରଗନାସ୍ଥ ମହାମାୟା ସାରଳା ଦେବୀଙ୍କ ପୀଠ ନିକଟରେ କୌଣସି ଏକ ଶୂଦ୍ରର ବସତି ଥିଲା । ତାଙ୍କର ଅନେକ ଗୁଡ଼ିଏ ସନ୍ତାନ ଥିଲେ । ପିତା ପୁତ୍ରମାନଙ୍କ ସମ୍ମୁଖରେ ମହାଭାରତ ବିଷୟ ଗଳ୍ପ କରନ୍ତି । ସମୟ ସମୟରେ ପୁତ୍ରମାନଙ୍କୁ ବର୍ଣ୍ଣିତ ବିଷୟ ମନେ ଅଛି କି ନାହିଁ ବୋଲି ପଚାରନ୍ତେ ସମସ୍ତେ କିଛି କିଛି କହନ୍ତି । କିଂନ୍ତୁ ସିଦ୍ଧେଶ୍ୱର ନାମଧେୟ କନିଷ୍ଠ ପୁତ୍ର କିଛି କହି ପାରନ୍ତି ନାହିଁ । ତେଣୁ ପିତା ତାହାଙ୍କୁ ବଡ଼ କଟୂ ଭାଷଣ କରନ୍ତି । ଏହି ହେତୁ ସିଦ୍ଧେଶ୍ୱର କ୍ଷୁଭିତ ହୋଇ ଜଗଦମ୍ବା ସାରଳା ଦେବୀଙ୍କ ନିକଟରେ ଅଧା ପଡ଼ିଲେ । କିଛିଦିନ ପରେ ଦେବୀ ପ୍ରସନ୍ନ ହୋଇ ବର ଯାଚନ୍ତେ ସିଦ୍ଧେଶ୍ୱର ପ୍ରାର୍ଥନା କଲେ, "ମୁଁ ମହାଭାରତ ରଚନା କରି ପାରିବି ଏଇ ବର ପ୍ରଦାନ କର ।"

Digitized by srujanika@gmail.com

ତାହାଠାରେ ଦେବୀ ସନ୍ତୁଷ୍ଟ ହୋଇ ଆଜ୍ଞା ଦେଲେ ଯେ, 'ତୁମେ ହାଲେଖନ ଯୋଗ କଳ୍ପ ବଟ ମୂଳରେ ବସ, ଯାହା କହିବୁ ଶୁଣିବ ଲେଖ ।' ସିଦ୍ଧେଶ୍ୱର ତଦନୁସାରେ କଳ୍ପବଟ ମୂଳରେ ବସିଲେ ଏବଂ ଯାହା ଶୁଣୁଥାଏ, ତାହା ଲେଖୁଥାନ୍ତି । ଏହା ମହାଭାରତ ଅଟେ । ସିଦ୍ଧେଶ୍ୱର ସ୍ୱୟଂ ସାରଳା ଦେବୀଙ୍କର ଦାସ (ସେବକର) ନାମ ଧାରଣ କଲେ, ତେଣୁ କରି ତାଙ୍କ ନାମ ସାରଳା ଦାସ ହୋଇ ଲୋକରେ ପରିଚିତ ହେଲା ।"

(ଏକଳ ପୃ-୨୦-୨୧) ।

ଏଇସବୁ ଭ୍ରାନ୍ତ-ମିଥ୍ୟା-ଜଡ଼ିତ କିଂବଦନ୍ତୀମାନ ଫୁଟି ଉଠିଛି । ଆଉ ଗୋଟିଏ କଥା ଦେଖ । ଏହା ତ କିଂବଦନ୍ତୀ ନୁହେଁ; ସତ୍ୟ ଘଟଣା ପରି ଲେଖା ହୋଇଛି । ଶ୍ରିଏ ତାଳପତ୍ର ଲିଖିତ ସାରଳା ମହାଭାରତ ପୋଥିର ପ୍ରାରମ୍ଭରେ ଥିବା ଲେଖାରୁ ସ୍ୱର୍ଗତ ଗବେଷକ ପଣ୍ଡିତ ଶ୍ୟାମସୁନ୍ଦର ରାଜଗୁରୁ ଉଦ୍ଧାର କରିଛନ୍ତି—

"କେଳି ଛାଦ ବାଦୀ ସେ (ସାରଳା ଦାସ) ରୂପରେ ଅବତାର,
ମର୍ତ୍ତ୍ୟ ହୋଇ ଜନ୍ମ ହେଲା ଶୂଦ୍ର ଘର ।
ଝାରଳା ମଣ୍ଡଳେ ଦେଖେ କୃଷି କରୁଥାଇ,
ଏକଦିନେ ପଦେ ସେ ଟେକିଲା ଗୀତ ଗାଇ ।
ପଦକୁ ଶୁଣିଲୁ ଆମ୍ଭେ (ସାରଳା ଦେବୀ) ବୃଦ୍ଧାସ୍ତ୍ରୀ ରୂପ,
ତେଣୁ ଘର ଗୀତ ପଦ କହଇ ସେ ଲୋକ ।
ଉତ୍ତର ଝଲଝାଡ଼ ଦକ୍ଷିଣ ଭୂମି ଚଷି,
ପୁଣିହିଁ ତମାଳ ଗୀତ ଗାଇଲା ପଦେ ହସି ।
ଅତିବୃଦ୍ଧ ଅବସ୍ଥା ହୋଇଣ ଆମ୍ଭେ ଗଲୁଁ,
ସେ କୃଷିବାର ପାଖେ ପ୍ରବେଶ ହୋଇଲୁଁ ।
ସୁଲତାନ୍ତ୍ର ଇଙ୍ଗବଙ୍ଗ ସେ ଛୁଡ଼ା ଧୋତି କଟି,



Digitized by srujanika@gmail.com

ସେ ଭୂମିର ତୃଷା ନ ପାରଲିଁ ସହି ।
ଥରହର ହୋଇ ଭୂମିରେ ପଡ଼ିବା ଦେଖି,
କୃଷିକାର ଦେଖି ଧାଇଁଲା ତତ୍କାଳେ
ଚେନା ଭରେ ମତେ ଚୋଳାଗ୍ରତ କରି,
ଘରର ଭିତ ନେଇ ବସାଇଲା ଧରି ।
କାହାଁର ମାତା ତୁ ଗୋ କେବଣ ଦେଶେ ଯାଉ,
ସଙ୍ଗେ କେହୁ ନାହୁଁ, ଏକା ତ ଅଇଲୁ କାହୁଁ ।
ମୁଁ ବୋଇଲି ଆରେ ବନ୍ଧୁବର୍ଗ ମୋର ନାହିଁ,
ତେଣୁ ଏକା ହୋଇ ଅଇଲି ଏଥେ ମୁହିଁ ।
ଯଜପୁର ଶାସନ ଅଟଇ ମୋର ବାସ,
ବଣା ହୋଇ ଅଇଲି ନ ଜାଣି କେଉଁ ପାଶ ।
ମୁଁ ବୃଦ୍ଧା ମତେ ଗଂଗା ପାରି କରି ଦିଅ,
ଅମ୍ଭର ଅପୂ ଦୋଷ ଅପଣେ ବର୍ଜି ଥାଅ ।
ମୁହିଁ ବୃଦ୍ଧାସ୍ତ୍ରୀ ଯେ ଦେହରେ ସୁସ୍ଥ ନାହିଁ,
ଜଳ ସ୍ପର୍ଶରେ ଲାଗିଲେ ବାଧା ଯେ ବଳଇ ।
ଏ ନଦୀ ପାରି ମତେ ଦିଅ ହେ କୃଷିକାର,
ଭୁଞ୍ଜିତେ ଯିବି ମୁଁ ମୋର ଯଜପୁର ।
ଶୁଣି ମହାକାଳ ହଳ ଛାଡ଼ି ଦେଲା,
ମତେ ନେଇ ନେ କାନ୍ଧରେ ବସାଇଲା ।
ବୃଦ୍ଧ ଗଂଗା ତୀରେ ହୋଇଲା ପ୍ରବେଶ,
ଦେଖିଣ ତାହାର ଯେ ଜନ୍ମିଲା ସାହସ ।
ମନେ ଭାବୁଥିଲା ପ୍ରଖର ନଦୀଜଳ,
କେମନ୍ତେ କରି ଏଥି ପାଇବି ଥଳ କୂଳ
ଅମ୍ଭେ ବୋଇଲୁଁ କାବୁରେ ବହନ ପାରିକର,

Digitized by srujanika@gmail.com

ତୁରିତେ ଯିବ ମୁଁ ମୋହର ଉତ୍ତର ।
ଶୁଣିବାରୁ ଜଳରେ ପଶିଲା ଧସାଇ,
ବାମ କାଖ ଉପରେ ମତେ ସେ ବସାଇ ।
ଡାହାଣ କରେ ସେ ଧରନ୍ତି ହଳ ବାଡ଼ି,
ସ୍ଥିର ସ୍ଥିର କରି ଚରଣ ସେ ଗାଡ଼ି ।
ଚରଣ ବୁଡ଼ ଜାନୁ ବୁଡ଼ିଲା ତାର ସେ କଟି,
କାଖ ଉପରୁ ପୁଣି ଅମ୍ଭଙ୍କୁ ଦେଲା ଟେକି।
ସ୍କନ୍ଧ ଉପରେ ନେଇ ବସାଇଲା ତୁରିତ,
ପୁଣି ସ୍କନ୍ଧରୁ ଜଳ ଟେକିଲା ଅପ୍ରଚିତ ।

× × × ×

ପୁଣି ମାପ୍ତାରେ ଜଳ ସ୍କନ୍ଧକୁ ଲାଗଲା,
ମସ୍ତକ ଉପରେ ବେଗେ ନେଇ ବସାଇଲା ।
ଅମ୍ଭେ ଜାଣିଲୁଁ ତାର ହୃଦର ବେଦନା,
ବୋଇଲୁଁ ବାବୁ ଗୀତ ପଦେ ଗାଇନା ।
ବଚନେ କହିଲା ମାଗୋ ମୂର୍ଖ ମୋର ମତି,
ବସନ୍ତ ଭାର (?) ପଦ କେମନ୍ତେ କରିବ ଜବତ ।
ଅମ୍ଭେ ବସୁଛିଲୁଁ ରେ ହୋଇଲା ତୋର ଜ୍ଞାନ,
ଶ୍ରୀମହାଭାରତ ଏବେ କର ତୁ ଲେଖନ ।"

( ଉପରେ ଦେଖ, ମହାଭାଳ=ସାରଳା ଦାସ )

ରାଜଗୁରୁ ମହାଶୟ କହନ୍ତି, "ଏହା ଶାରଳା ଦେବୀ, ବ୍ରାହ୍ମଣମାନଙ୍କୁ ସ୍ୱପ୍ନରେ କହୁଥିଲେ ବୋଲି ଲେଖାଅଛି । ଏହାର ଭାଷା ଦେଖିଲେ, ଶାରଳା ଦାସଙ୍କର ବୋଲି ବୋଧହୁଏ ନାହିଁ । ପ୍ରାୟ ୧୨୦ ବର୍ଷ-ତଳେ ଲେଖା ହୋଇଥିବା ପୁସ୍ତକ ମୁଁ ଦେଖି ଥିଲି, ତହିଁରେ ମଧ୍ୟ ଏହା ନାହିଁ । ସମ୍ଭବତଃ କୌଣସି ସାହିତ୍ୟଶଠ ଏହା ପରେ ମିଶାଇ ଅଛି ।"            —ପ୍ରବନ୍ଧାବଳୀ, ପୃ.୫୩-୫୫ ।

Digitized by srujanika@gmail.com

## ପୁରୁଣା ଛାପା ବହି ଓ ନୂଆ ଛାପା ବହି

ପ୍ରାୟ ସତୁରି ପଚସ୍ତରି ବର୍ଷ ତଳର ପୁରୁଣା ଛାପା ବହି ଓ ନୂଆ ଛାପା ବହିରେ ଏବେ ଭିନ୍ନତା ଦେଖ । ଅବଶ୍ୟ ନୂଆ କରି ସାବଧା-ନତାପୂର୍ବକ ଛପାଇଲା ବେଳେ ବଜାରର ପୁରୁଣା ଛପା ଗ୍ରନ୍ଥଗୁଡ଼ିକ ନିଷ୍ପ୍ରଭ ଆଗରେ ପଡ଼ିଥିବ । ତଥାପି ସଂଶୋଧନର ପ୍ରକାର ଓ ଗତି ଦେଖିଲେ ପ୍ରାଚୀନ ଓଡ଼ିଆ ସାହିତ୍ୟ ଆଲୋଚନାରେ ଅଜସ୍ର ଚିନ୍ତା ଆସିବାର କଥା । ଯେଉଁ ଉପାଖ୍ୟାନଟି ତୁଳନା ପାଇଁ ଉଦ୍ଧାର କରାଯାଉଛି, ଖୁବ୍ ସମ୍ଭବ, ସେଥିରେ 'ସହଜ ଯାନ'ର 'ଯୌନଚର୍ଯ୍ୟା'କୁ କଟାଣ କରାଯାଇଥିଲା । ପୁରୁଣାଛପା ବହିରୁ ମୁଁ ପ୍ରଥମ ଭାଗରେ ତା ଉଦ୍ଧାର କରି ଥିଲି ( ପୃ ୧୨– ୮ ଦେଖ ) । ସୁବିଧା ପାଇଁ ଏଠି ତା ପୁଣି ଦଉଛି—

"ମେରୁମଧ୍ୟ ଖଣ୍ଡ ମଦ୍ର ବୋଲି ଏକ ଗ୍ରାମ ।
ତହିଁ ଥାଏ ବୈଶ୍ୟ ଏକ ବୈଶ୍ୱାନର ନାମ ॥
ତାହାର ଭାରିଜା ନାମ ଅଟେ କାଳାବତୀ ।
ଅତ୍ୟନ୍ତ ସୁନ୍ଦରୀ ସେ ଯେ ସ୍ୱାମୀରେ ଭକତି ।
ସେହି ବୈଶ୍ୟ ଭାରିଜା ଯେ ପାକଶୁଦ୍ଧିବେଳେ ।
ସ୍ନାନ ନିମନ୍ତେ ଗଲା ପଦ୍ମତୋଳା ଜଳେ ॥
ସ୍ନାନକୁ ସାରିଣ କାଳୀ କାହୁଁ ଆସଇ ।
ବେଳ ଅବସାନ ହୋଇ ସଂଧ୍ୟା ପ୍ରସରଇ ॥
ସେଇ ପଦ୍ମ ତୋଳା କୂଳେ ସହଜ ବନରେ ।
ତହିଁର ଭିତରେ କାଳୀ ଯାଏ ଏକାକୀରେ ॥
ବସନ୍ତସେନ ବୋଲିଣ ଯେ ଏକ ଶୂଦ୍ର ଜାତି ।
ସେ କନ୍ୟାକୁ ବଳାତ୍କାରେ ଧରେ ପାପ ମତି ॥

Digitized by srujanika@gmail.com

ଋଷ୍ୱକ୍‌ସେନ ଶୂଦ୍ରଙ୍କୁ ବନେ ଧରି ଆଣି ।
ବୋଇଲା ମଦନଘରେ ମୁହିଁ ଯେ ଅଛମି ॥”

ନୂଆ ଛାପା ପୁସ୍ତକରେ ଏହା ନିମ୍ନ ପ୍ରକାଶ ଅଛି ।

“ମେରୁନାଭି ଖଣ୍ଡରେ ସେହି ସୁମନ୍ଦର ଗ୍ରାମ
ତହିଁଥାଏ ବୈଶ୍ୟ ଏକ ବୈଶ୍ୱାନର ନାମ ।
ତାର ଭାରିଯାର ନାମ ଅଟଇ ମାଳତୀ
ଅତ୍ୟନ୍ତ ସୁନ୍ଦରୀ ସେହୁ ସ୍ୱାମୀରେ ଭକତି ।
ସେହୁ ବୈଶ୍ୟର ଭାରିଯା ପାତାପୂର୍ଣ୍ଣ କାଳେ
ସ୍ନାନ ହେତୁ ଗଲା ଚନ୍ଦ୍ରଭାଗା ନଦୀକୂଳେ ।
ସ୍ନାନ ସାରି କାଳାମଣି ବାହୁଡ଼ି ଆସନ୍ତେ
ସୂର୍ଯ୍ୟ ଉଦୟ ହୋଇଲେ ରାତ୍ର ଶେଷ ହୁନ୍ତେ
ସେ ନଦୀ ପାଶେ ସହଜ ନାମେ ଅଛି ବନ
ତହିଁ ମଧ୍ୟେ ଏକା ନାରୀ କରଇ ଗମନ ।
ଋଷିକେତନ ଦେଖିଲେ ଏକ ଶୂଦ୍ରଜାତି ।
ବଳାତ୍କାରେ ସେ ନାରୀକୁ ଧରେ ପାପମତି ।
ପେଲି ଡକାଇ ତାହାକୁ ବୋଇଲା ମାଳତୀ
ଶୁଣ ରାଜା ରାଜ୍ୟେ ହୋଇ ଏତେକ ଅନୀତି ।
କୋପଭରେ କନ୍ୟାକୁ କହିଲା ଏସନ
ତୁହି ମୋତେ ଧରନାହିଁ ଶୁଦ୍ରଙ୍କ ଘେଣ ।
ଶୁଣି ସେ ଋଷିକେତନ ଚଳେ ଧରି ଅଣି
ବୋଲେ ମଦନ ଅଟନ୍ତି ବଣ ସଙ୍ଗାତୁଣୀ ।”

—ରାଧାରମଣ ଫସ୍ତରଣ, ଶ୍ରୀକୃଷ୍ଣପର୍ବ—ପୃ. ୮୨ ।

ଏ ଦୁଇଟି ଯାକ ଦେଖିଣ ଏହା ପୁସ୍ତକର, ଗୋଟାଏ ହାତରେ ଲେଖା ? ବିଶେଷରେ 'ସହଜ ବନ ପାଖ ଗ୍ରାମ ନାମକୁ 'ମଦ' ନ

କରି 'ସୁନ୍ଦର' କରିବା ଓ ସହଜ ଧର୍ମରେ ବଳାତ୍କାରକୁ ବିଶେଷ ପ୍ରକଟିତ କରିବା ପ୍ରକ୍ଷେପର ପ୍ରକ୍ରମ ଅନୁସନ୍ଧାନ କରିବାର ସଂକେତ ଓ ଉପାଦାନ ଏଠି ଲକ୍ଷ୍ୟ କରିବାର କଥା । ସେ ଯା ହେଉ, ଏପରି ସ୍ଥଳେ ସାରଳାଦାସଙ୍କର ବୋଲି ମିଳୁଥିବା ବିସ୍ତୃତ ଲେଖା ସାହିତ୍ୟକୁ କିପରି ସମାଲୋଚନା କରିବାକୁ ହେବ, ତା ବହୁ ବିଚାର୍ଯ୍ୟ ।

## ପୌରାଣିକ ମିଥ୍ୟାରେ ସତ୍ୟର ପ୍ରକାଶ

ଏପରି ଅବସ୍ଥାରେ ଛାପାରେ ପ୍ରକାଶିତ ସାରଳାଦାସ ମହାଭାରତ ଉପରେ ନିର୍ଭର କରି ଆଉ ବେଶି ଦୂରକୁ ଯିବା ସଙ୍ଗତ ହେବ ନାହିଁ । ଓଡ଼ିଶାର ବିଭିନ୍ନ ଅଂଚଳରୁ ବିଭିନ୍ନ ସମୟରେ ଲିଖିତ ତାଳପତ୍ର ପୋଥି ସଂଗ୍ରହ କରି ଯଥା ସମୀକ୍ଷାରେ ସେ ମହାଭାରତର ପ୍ରକାଶ କରିବା ଦରକାର । ସାରଳାଦାସଙ୍କ ମହାଭାରତ ପୂର୍ବେ, ବୋଧହୁଏ କାଶୀରାମଦାସଙ୍କ ପୂର୍ବରୁ, ବଙ୍ଗଦେଶରେ ଚଳୁଥିଲା । ସେଥିରୁ ବଙ୍ଗାକ୍ଷରରେ ଲେଖା କେତେକ ଅଂଶ ସଂଗୃହୀତ ହୋଇ ବଙ୍ଗୀୟସାହିତ୍ୟପରିଷଦ ବା ସେଇପରି ଅନ୍ୟତ୍ର ରଖା ହୋଇଛି । ସ୍ୱର୍ଗତ ଦୀନେଶଚନ୍ଦ୍ର ନିଜ "ବଙ୍ଗଭାଷା ସାହିତ୍ୟ" ପୁସ୍ତକରେ ସେଥିରୁ ସାମାନ୍ୟ ଉଦ୍ଧାର କରିଛନ୍ତି । ତା ମଧ୍ୟ ଏଠି ଦେଖି ବିଚାରରେ ଆଣିବାକୁ ହେବ । ଏଇପରି ପ୍ରକ୍ଷେପ ଓ ପରିବର୍ତ୍ତନମାନ ବିଚାର କରି ସତ୍ୟତାର ଗତିରେ ସ୍ଥିର ନିର୍ଦ୍ଦେଶ କରିବାକୁ ହେବ । ତା ନ ହେଲେ ସେ ସବୁ ପୁରାଣ କଥା ଓ ଅଗ୍ରର ପରଂପରାର ସତ୍ୟ ବାହାର କରିବା ସୁଗମ ନୁହେଁ ।ମାତ୍ର ଏତକ ମାତ୍ର ମନେରଖିବାର ଅଛି ପୁରାଣର ଅତିକାୟ କଳ୍ପନା, ଭକ୍ତିର ମିଥ୍ୟାପରି ନୁହେଁ । କଥା ଅଛି, କୁସଂସ୍କାର ମଞ୍ଜାରେ ମଧ୍ୟ ସତ୍ୟ ନିହିତ ଅଛି । ଶ୍ୱେତକଳ୍ପ ଲକ୍ଷ ଲକ୍ଷ କୋଟି କୋଟି ବର୍ଷଧରି କର୍ମଫଳ ଭୋଗକରୁଥିଲେ

Digitized by srujanika@gmail.com

(ପ୍ରଥମ ଭାଗ ପୃ-୭୨ ଠାରୁ ଦେଖ); ମହାଭାରତ ଯୁଦ୍ଧରେ ଯେଉଁ ତାଗ୍ରୁଷି ପକ୍ଷୀର ଡିମ୍ବକୁ ଦନ୍ତୀ ଅଦୃଶ୍ୟ ଭାବରେ ଘଣ୍ଟ ଘୋଡ଼ାଇ ରଖିଥିଲେ, ଓ ସେଇ ତାଗ୍ରୁଷି ଯେଉଁ ପେଟରେ ଡିମ୍ବଥିବ ଯୁଗକୁ-ଯୁଗ ସତ୍ୟଠାରୁ ଦ୍ୱାପର ଯାଏ ରୁହି ବସିଥିଲା (ଭାଗବତ),ସେଥିରେ ମଧ୍ୟ ସେଇପରି ସତ୍ୟ ଅଛି । 'ଓଡ଼ିଆ ସାହିତ୍ୟକୁ ଶଙ୍କରବାଦ ଦର୍ଶନ' ଅଧ୍ୟାୟ (ପ୍ରଥମ ଭାଗ ପୃ. ୨୪୦ରୁ)ରେ ଏହାର ସୂଚନା ଦିଆଯାଇଛି । ଜୈନ ସାହିତ୍ୟର 'ପୁନର୍ଜନ୍ମ' ଓ 'କର୍ମଫଳଭୋଗ'କୁ ପଲ୍ଲବ ଓ ପ୍ରତିଷ୍ଠିତ କରିବାରେ ସେତେବେଳେ—ସେତେବେଳେ ଏହା ଥାଉଁକି ? କାଳେ କାଳେ—ଏହା ସମାଜର ଏକମାତ୍ର ସାଧନ ଥିଲା । ଏହା ଭିତରେ ସତ୍ୟ ହେଉଛି, ଶ୍ରେଷ୍ଠ ସମାଜ ଦର୍ଶନ— ଅଜୀବର ସର୍ବେଉତ୍ୟାଗ ଓ ଜୀବର ସିଦ୍ଧି ବା ନିର୍ବାଣ । ଏହି ମାର୍ଗରେ ହଠଯୋଗ ଗୋଟିଏ ବତ୍ପାତ ହେଲେହେଁ, ସମାଜ ସାଧନାର ଗୌଣ ଫଳରୂପେ ଏହା ଗୋଟିଏ ସତ୍ୟ । ଦେବତା-ମାନଙ୍କ ନାନା ରୂପ ଧରିବା, ଦେବତା ଓ ଋଷିମାନଙ୍କର ମନ ଜାଣିବା ଓ ମନଗତିରେ ଯିବା ଆସିବା କରିବା ପ୍ରଭୃତିରେ ଏଇ-କଥା ଅଛି । ପୁଣି ଗାରେଡ଼ୀ, କୁଳିକ ବିଦ୍ୟା ପ୍ରଭୃତି,ଶାବରୀ ବିଦ୍ୟା । ଓଡ଼ିଶା ମୂଳତଃ ଶବର ଭୂମି । ଏ ସବୁ ସଙ୍ଗେ ଗଳ୍ପ, ଭବିଷ୍ୟତ ବାଣୀ, ଆକାଶବାଣୀ ଫଳିତ ଜ୍ୟୋତିଷ ପ୍ରଭୃତି ଯାବନ୍ତ କୁସଂସ୍କାର । ପାରଳା ସାହିତ୍ୟରେ ତାର ବ୍ୟବହାର ଓ ସ୍ଥାନ ଖୁବ ଦେଖାଯାଏ । ପୁଣି ସୂଚନା ଦିଆଯାଇଛି, ଦିନ ତିଥି ବାର, ତିଥି, ନକ୍ଷତ୍ର, ଯୋଗ, କରଣ ପ୍ରଭୃତି ଜ୍ୟୋତିଷ-ସଂହିତାର ପ୍ରୟୋଗ କରିବାରେ ଦେଖାଯାଏ, ସାରଳା ଦାସ, ଅଚ୍ୟୁତ ବଳାସୀ, ଅର୍ଜ୍ଜୁଣ୍ୟ, ମୂର୍ଖ ମୁସଲମାନ ନବାବ୍, ତଥା ତାଙ୍କ ପ୍ରଭାବରେ ବଢିଥିବା ମଧ୍ୟ-ଯୁଗର ହିନ୍ଦୁରାଜା ଓ ରାଜନାମୀଙ୍କ ସଭାର 'ରସବିନୋଦ' ଉପାଧିପ୍ରାପ୍ତ

Digitized by srujanika@gmail.com

ଜଉଡ଼ିଷ ଗଣକଙ୍କୁ ବଳି ଯାଇଚନ୍ତି । ଥାଉ ଅଥାଉ ସର୍ବଥ ସାରଳାଦାସଙ୍କ ଲେଖାରେ ସେଗୁଡ଼ାକ ଦେଖିଲେ ଜାଣିବା ଲୋକର ଯଥାର୍ଥରେ ଅଲ୍ଲୁତ ହେବ । ପୁଣି ସେଇପର ଅଭିଶାପ ଓ ଆଶୀ-ବାଦର ଫଳ । ଅବଶ୍ୟ ଫଳିତ ଜ୍ୟୋତିଷର ବାର ଯୋଗ କରଣ ସବୁ ସମାଜ ସାଧନାର ଦର୍ଶନ-ବ୍ୟାପ୍ତି ଓ ପ୍ରୟୋଗରେ ଏହା ଏକାନ୍ତ ନିରର୍ଥକ ନ ହୋଇପାରେ । ଏହା ଅଭିଜ୍ଞ କ୍ରିୟାର ପ୍ରସାର ହେଲେହେଁ, ବ୍ୟକ୍ତି-ଦାୟିତ୍ୱ ଉପରେ କର୍ମ ଓ ତାର ଅବାଞ୍ଛ୍ୟ ଫଳ ସଂଗେ ଏହାର ସଂପର୍କ ଅଛି । ତଥାପି ଏ ସବୁ ଯେ ସମାଜର ରୋଗଲକ୍ଷଣ, ଏଥିରେ ସନ୍ଦେହ ନାଇ । ଏ ସବୁ ହେଲେହେଁ ବଜ୍ରଯାନୀ ବା ଗୋରକ୍ଷ ତନ୍ତ୍ରୀ ସିଦ୍ଧମାନଙ୍କର୍ ପର ଭ୍ରାନ୍ତିକ ମିଥ୍ୟାର ସ୍ୱାବସ୍ଥ ଲୀଳା ସାରଳା ସାହିତ୍ୟକୁ ବହୁତ ଜରରେ ଚଳକ୍ଷିତ କରିନାଇ ।

## ଆଉ ଗୋଟିଏ ପ୍ରକାର କଳ୍ପନା

ଆଉ ଗୋଟିଏ ଅତିକାୟ, ଅପ୍ରାକୃତ କଳ୍ପନାର ସ୍ଥାନ ହେଉଛି, ପ୍ରାକୃତିକ ବସ୍ତୁ ଓ ଘଟଣାମାନଙ୍କର ବ୍ୟାଖ୍ୟା । ଯଥାର୍ଥ କାର୍ଯ୍ୟ-କାରଣ-ସଂପର୍କିତ ବିଜ୍ଞାନର ବିକାଶ ଓ ପ୍ରତିଷ୍ଠା ପୂର୍ବରୁ ମାନବ ସମାଜରେ ଏହା ଫୁଟିବା ସ୍ୱାଭାବିକ; ଓ ଏହା ଫୁଟିଥିଲା । ପୃଥିବୀ ଏପରି ସମୁଦ୍ରବକ୍ଷରେ ଶୃଙ୍ଖଳ ହୋଇ ଅଛି; କପରି ? ସେଥିରେ ଶିଶୁସମାଜର କଳ୍ପନାକୁ ବାହାରିଥିଲେ, ବାସୁକୀ ଓ କୁଳାଚଳ ପ୍ରଭୃତି; ପୁଣି ପରେ କୂର୍ମ, ବରାହ ଆଦ ଭିନ୍ନର ଅବତାରମାନେ । ଏସବୁଥିରେ ସତ୍ୟଅଛି । ସେଇ ସତ୍ୟ ପୀଠରେ ସେମାନଙ୍କର ବିକାଶ, ପୁଣି ଅନ୍ୟତ୍ରକାର ବସ୍ତୁର ହେଲେ, ଏ ସବୁ ଅତିକାୟ କଳ୍ପନା ଓ ପୌରାଣିକ ମିଥ୍ୟାରେ ଅସ୍ୱାଭାବିକ କିଛି ନାଇ । ସମାଜରେ ଜ୍ଞାନର ସ୍ଫୂର୍ତ୍ତି ଓ ବିଜ୍ଞାନର ରଚନା ଯେତେ ପଶ୍ଚାତ, ଏହା ସେତେ ଛୁଟି

Digitized by srujanika@gmail.com

ଯାଜନ୍ତି । ଏହା ଯେତେ ବ୍ୟାପୃତ, ସମାଜର ସେତେ ଅଧୋଗତି ହେଲବୋଲି ଜଣା ପଡ଼ୁଛି । ବର୍ତ୍ତମାନର ଦୃଷ୍ଟିରେ ଓ ବ୍ୟବହାରରେ ଏହା ସମାଜ ପ୍ରଗତିର ଏକ ମାପ ଯନ୍ତ୍ର । ଏ ମିଥ୍ୟା ନରଅହଂକାର । ବାସୁକୀ ବଡ଼ ଲେଜକାଟାଇବାରୁ ଭୂମିକମ୍ପ ହେଉଛି ବୋଲି ନ ମାନିଲେ, ତାହାକୁ କେହୁ ବଦ୍ବେଷ କରୁନାହିଁ । ବରଂ ସେଥିପାଇଁ ଲୋକଙ୍କୁ ଲୋକେ ସଂମାନ କରନ୍ତି ଓ ସେଇ ସଂମାନ ସୋପାନରେ ପ୍ରଗତି ଘଟେ । ଅସହିଷ୍ଣୁ ଭକ୍ତର ମୋହକର ମିଥ୍ୟା କଂଚୁଉଳ ଜିନିଷ । ତାହାର ବ୍ୟାପ୍ତିରେ ସତ୍ୟର ସ୍ଥାନ ନାହିଁ । ଯଥାର୍ଥରେ ତା ହେଉଛି, ସମାଜର ଏକ କ୍ଷୟରୋଗ ।

ସାରଳା ସାହିତ୍ୟରେ ସେଇ ସତ୍ୟର ପ୍ରାଣ ପ୍ରତିଷ୍ଠା

ପୁରାଣ ମିଥ୍ୟାରେ ଅସହିଷ୍ଣୁତା ଜାଗ୍ରତ ହୁଏ ନାହିଁ । କାରଣ ସେ ସବୁ ସତ୍ୟର ଖୋଳପର ରହେ । ଲୋକ ଚଳଣିରେ ତାର ଯାହା ବା ପ୍ରଭାବ ରହେ, ସେଥିରେ ପ୍ରଗତି ବିଶେଷ ଅବରୁଦ୍ଧ ହୁଏ ନାହିଁ । ଶ୍ୱେତକଲ୍ପ ଉପାଖ୍ୟାନରେ ଦାନର, ତଥା ଅନ୍ନ ଦାନର, ଯାହା ମୂଲ୍ୟ, ପୁଣି କର୍ମ ଫଳ ଭୋଗର ଯାହା ଅର୍ଥ, ସେତକ ମାତ୍ର, ଚଳଣିରେ ପ୍ରଭାବ ପକାଇଲା । ସେଟି କଳ୍ପିତ ଲକ୍ଷ ଲକ୍ଷ ବରଷର ଚଳଣିରେ କିଛି ମୂଲ୍ୟ ରହୁନାହିଁ । ଦାନ ଓ ଅନ୍ନ ଦାନ ପ୍ରମାଣ ପାଇଲା, କୁବେରଙ୍କ ଧ୍ୟାନ ଦେବାରେ । ସେ କଥା କୁହାଯାଉଛି । କର୍ମର ଫଳ ସମ୍ବନ୍ଧ ସବୁ ଘଟନାରେ ମହାଭାରତଯାକ ଖୋଜି ଦେଖି ହେବ । ପୁଣି ଏଠି ପ୍ରଧାନ ଦେଖିବାର କଥା, ଦେବତାଙ୍କଠାରୁ ମନୁଷ୍ୟଙ୍କ ଯାଏ ସମସ୍ତେ ଏଇ ମହାଭାରତରେ ସାଧାରଣ ସାମାଜିକ ମନୁଷ୍ୟ । ସବୁ ଉପାଖ୍ୟାନ ଓ ଗଳ୍ପାଂଶଗୁଡ଼ିକ ମୂଳ ଗ୍ରନ୍ଥରେ ନ ଥାଇ ପାରେ । ମାତ୍ର ପ୍ରକ୍ଷେପ ଓ ବର୍ଣ୍ଣନା ବିସ୍ତାରରେ ପର୍ଯ୍ୟନ୍ତ, ନିତ୍ୟ ହେଉ ବା ପ୍ରଗତିର ପ୍ରବଲୋଦରେ ହେଉ, ଚଳଣିର ଏ

ସତ୍ୟ ଖୋଜିଲେ ମିଳିବ । ଭୀମ ବନବାସ ମଧ୍ୟରେ ଲୋଭରେ ପଡ଼ି ଷିର୍ବପୁରରେ ରଜାହୋଇ ସବୁ ଭୁଲି ଯାଉଛି; ଯୁଧିଷ୍ଠିର ନିଜେ ଗାଣ୍ଡିଲି ବିବାଦରେ ଦୋଷ ଛଡ଼ାଇ ହେଲା ପରେ ଯୁଦ୍ଧଭୂମିରେ କୁନ୍ତି ପକ୍ଷରୁ ଯାଇ ପାଞ୍ଚଖଣ୍ଡଠାରୁ ଖଣ୍ଡିକ ଯାଏ ପଡ଼ା ଦୁର୍ଯ୍ୟୋଧନଙ୍କୁ ମାଗୁଛନ୍ତି । ଦୁର୍ଯ୍ୟୋଧନ ଖଣ୍ଡେ ହେଲେ ପଡ଼ା ଦେବନାଇଠାରୁ ଖସି ଖସି ଛୁଂଚି ମୁନରେ ଟିକିଏ ହେଲେ ମାଟି ଦେବନାଇ ବୋଲି କହୁବାଯାଏ ଅପୂର । ସେଇଠି ପୁଣି ବଡ଼ ଭାଇ, ସାନ-ଭାଇକୁ ଡାକିବା ପରେ ଯୁଧିଷ୍ଠିର ତାଙ୍କୁ ନ ଡାକିବାର ଗ୍ଲାନି ନାହାନ୍ତି । ସେଇଠି ପୁଣି ସେଇ ସହଜ କର୍ମବଶ ଫେରିଲା ବେଳକୁ କୌରବ-ଭାଇ ଦୁର୍ଦ୍ଦଷ ଧର୍ମ ପକ୍ଷ ବୋଲି ଯୁଧିଷ୍ଠିରଙ୍କ ସଙ୍ଗେ ଆସିବାରୁ କୌରବଙ୍କର ନିରସ୍ତ୍ର ଯୁଧିଷ୍ଠିରଙ୍କୁ ମାରି ପକାଇବାର ଉଦ୍ୟମ ଓ ସେଇଠାରେ ଦୁଇପକ୍ଷର ଯୁଦ୍ଧ—ପ୍ରକୃତ ସ୍ୱାଭାବିକ ଚଳଣି ଓ ଭାବ ପ୍ରକାଶର ବହୁ ଦୃଷ୍ଟାନ୍ତ ଦିଆ ଯାଇପାରେ । ପୁରାଣର ମିଥ୍ୟାରେ ଏସବୁର ସ୍ୱାଭାବିକ କ୍ରମବିକାଶ ଅବରୁଦ୍ଧ ହୋଇ ନାହିଁ । ଏବ ଛପା ମହାଭାରତରୁ ଆଉ ବେଶି ଉଦାହରଣ ନ ଦେଇ, ୫ବର୍ଷ ତଳେ (ଖ୍ରୀ ୧୭-୨-୪୮ରେ) ବେତାର ଭାଷଣରେ ଦେଇଥିବା ମୋ ନିଜର 'ସାରଳା ଦାସ' ଶୀର୍ଷକ ଲେଖାଟି ଏ ଅଧ୍ୟାୟର ପରିଶିଷ୍ଟ-ରୂପେ ଦିଆଗଲା ।

## ବର୍ଣ୍ଣିକ୍‌ସେନଙ୍କ ସହଜ ଧର୍ମ

ମାତ୍ର ସାରଳା ସାହିତ୍ୟରେ ପୁରାଣ ମିଥ୍ୟା ଭିତରେ ଓ ପୁରାଣ ମିଥ୍ୟା ସତ୍ତ୍ୱେ ସ୍ୱାଭାବିକ ସମାଜ ଚଳଣି ଆଲୋଚନା କଲାବେଳେ ପ୍ରତ୍ୟେକ ବାରମ୍ବାରରେ ଗୋଟିଏ ସାବଧାନତା ନିତାନ୍ତ ଆବଶ୍ୟକ । ସେଥିରେ ଏହି ସାମାଜିକ ପରିସ୍ଥିତିରେ ନ ଭୁଲି ସାରଳାଦାସଙ୍କ ବେଳର ପରିସ୍ଥିତି ଓ ସାମାଜିକ ବେଷ୍ଟନୀ ପ୍ରତି ଖୁବ୍ ଧ୍ୟାନ ଦେବାକୁ

Digitized by srujanika@gmail.com

ହେବ । ଉଦାହରଣ ସ୍ୱରୂପ, ଉପରେ ଯେଉଁ ବିଶ୍ୱକ୍‌ସେନ-ବାଳାବତୀ ଉପାଖ୍ୟାନ ଉଦ୍ଧାର କରାଯାଇଛି, ତା ଘଟିଛି, 'ସହଜବନ'ରେ—ଅର୍ଥାତ୍, ସହଜଧର୍ମ ବା ସହଜିଆ କିମ୍ବା ଚଳୁଥିବା ଜାଗାରେ ଓ 'ମନ'ଗ୍ରାମରେ । ସହଜିଆ କିମ୍ବାରେ ବଳାତ୍‌କାର ନାଇ—'ସନ୍ତରେ ଭଗତ' ନାଇ । ତେଣୁ ବିଶ୍ୱକ୍‌ସେନ, ସହଜ ବନରେ ମଧ୍ୟ ଗୋଟାଏ ସତୀକୁ ବଳାତ୍କାର କରିବା କଥାଟା ମନେ ହେଉଛି, ଓଡ଼ିଆ ଚଳଣିର ପ୍ରଭାବ । ବିଶ୍ୱକ୍‌ସେନର ଏତେ ପ୍ରାର୍ଥନାରେ କିଂତୁ ବଳାତ୍କାର ନାଇ । ମାତ୍ର 'ଶୁକ୍ର' ରାଜାଙ୍କ ଉଗ୍ରତାଡ଼ନାରେ ବିଶ୍ୱକ୍‌ସେନଙ୍କୁ କର୍ମଫଳ ଭୋଗ କରିବାକୁ ହୋଇଛି । ଏହା 'ଶୁକ୍ର' ରାଜାଙ୍କ "ତେରଲକ୍ଷ ପଞ୍ଚିଶ ଅଂକେ" ଘଟିଥିଲା—ରାଜଧାନୀରୁ "ଗ୍ଳଣ ସତ୍ର" ଯୋଜନ ଦୂରରେ । ତଥାପି—

"ଭୋଜନ ବେଳରେ ରାଜା ପେଟେ ଖର ଗୋଟି
ଯେ'ବେଳେ ହରୁଛି ତାର ଅଣ୍ଡ ପଡ଼ା କାଟି ।
ଗ୍ଳଣ ସତ୍ର ଯୋଜନେ ପଡ଼ିଲା ସେ ବାଣ
ସେ ବଶିବେଶନ ଅଣ୍ଡ କାଟିଲା ବହନ ।"

—ଏକନ ।

ଅହଲ୍ୟା- ହରଣର ଦଣ୍ଡରୂପେ ଇନ୍ଦ୍ରଙ୍କୁ ଗୌତମ ଏଇ ଦଣ୍ଡ ଦେଇଥିବା କଥା ରାମାୟଣରେ ଅଛି ( ପୂର୍ବେ ୨୦୩ ପୃଷ୍ଠା ଦେଖ ) । ଯେ ସ୍ତ୍ରୀଚୂଡ଼ା ପାଇଲା, ତା ଶାପୁଲି କାଟି ଦିଅ; ଯେ କାମୁଡ଼ିଦେଲା, ତା ଦାନ୍ତ ଭାଙ୍ଗି ଦିଅ—ପ୍ରକୃତ ସାକ୍ଷାତ୍ ପ୍ରତିଶୋଧ ମୂଳକ ଦଣ୍ଡ ଧାରଣା ମାନବ ସମାଜରେ ଅତି ଆଦିମ । ଏଠି ତାହାର ପ୍ରତିବିଂବ ସ୍ପଷ୍ଟ । ହେଲେହେଁ ସହଜିଆଙ୍କ କାର୍ଯ୍ୟ ଯେ ଦଣ୍ଡନୀୟ ଓ ତାହା ଘୋର କାମୁକତା—ଧର୍ମ ନୁହେଁ ଓ ଅସ୍ଥିର ବିରୋଧୀ ତା ଏଠି ଅବାନ୍ତର ଭାବରେ ହେଲେ ମଧ୍ୟ, କୁହା ଯାଇଛି । କିଂତୁ ଯେଉଁ ସାରଳାଦାସ ନିଜେ-

Digitized by srujanika@gmail.com

ନନ୍ଦୀଆର ଶିବ-ପାର୍ବତୀଙ୍କ ସଙ୍ଗମ ଦେଖିବା ଦୋଷରେ ମାତ୍ର ଅଭିଶାପ ପାଇ ସ୍ୱର୍ଗଭ୍ରଷ୍ଟ ହୋଇଥିଲେ ( ପୂର୍ବ ୧୮୧, ୧୮୨ ଓ ୧୮୪ଠାରୁ ଦେଖ ), ଯେ ଅମ୍ବା-ସ୍ତୁତି ମାନଙ୍କରେ ଶ୍ରୀକୃଷ୍ଣଙ୍କ ପରି ମହାସାଧକଙ୍କ ସର୍ବନାଶ କଳ୍ପନା କରିଛନ୍ତି, ( ପୂର୍ବ ପୃ: ୨୨୭ଠାରୁ-ଦେଖ ), ସେଇ ସାରଳାଦାସଙ୍କର ଋଷଭ୍‌ସେନଙ୍କ ପ୍ରତି ଏପରି କଦୁଦଣ୍ଡ କଳ୍ପନାରେ, ଏହା ପ୍ରକ୍ଷେପ ବୋଲି ସନ୍ଦେହ ହେଉଛି ।

## ତାରାକ୍ଷି ପକ୍ଷୀ କଥା

ଏଇ ଶୁକଶର୍ମାଙ୍କୁ ପୁଣି ଅତିଥିମାନେ ସ୍ୱର ପୁତ୍ରଙ୍କ ମାଂସ ମାଗିବାରେ, ଶୁକ ଦେବାକୁ ରାଜି ହେବାରୁ ପୁତ୍ରମାନେ ବିଦ୍ରୋହୀ ହୋଇଥିଲେ; ପୁଣି ବିଦ୍ରୋହୀ ହେବାରୁ ଅଭିଶାପ ପାଇ ସେଇ କର୍ମର ଘୋର ଫଳ ଭୋଗ କରିଥିଲେ । ସାରଳା ମହାଭାରତରେ ସ୍ପଷ୍ଟ ପ୍ରକ୍ଷିପ୍ତ କର୍ଣ୍ଣଙ୍କର ଅତିଥିଙ୍କୁ ପୁତ୍ର ମାଂସରେ ଭୋଜନ ଦେବା ସଙ୍ଗେ ଏହାର କି ସମ୍ପର୍କ ? ଅଜର ବ ପୁତ୍ରଙ୍କ ଏଇ ଅବାଧ୍ୟତାରୁ ନିଜ ସାଧ୍ୱୀ ପତ୍ନୀର ସତୀତ୍ୱରେ ସନ୍ଦେହ କରି ତାଙ୍କୁ ଘୋର ଅଭିଶାପଦେଇ, ସେଥିରେ ଭାଗୀ କରିବାରେ କି ଯୁକ୍ତି ଯୁକ୍ତତା ଅଛି ? ସେଇହେଲା, 'ତାରାକ୍ଷି ପକ୍ଷୀ'; ସେଇ ବିଦ୍ରୋହୀ ପୁଅମାନେହିଁ ହେଲେ, ତା ପେଟରେ ଡିମ୍ବ । ଏ ସବୁ ଉପାଖ୍ୟାନ ହୁଏତ ବସ୍ବବର ପ୍ରକ୍ଷିପ୍ତ ନ ହେଲେ ମଧ୍ୟ ଏଥିରେ ଆଂଶିକ ପ୍ରକ୍ଷେପ ଓ ଭାବଗତ ଦୃଷ୍ଟିରେ ମାର୍ଜନା ମୂଳକ ପରିବର୍ତ୍ତନ ଅଛି—ଖୁବ୍ ଅଛି । ହୁଏତ ତାରାକ୍ଷି ପକ୍ଷୀର ଡିମ୍ବଗୁଡ଼ିକୁ 'ଘଣ୍ଟ ଘୋଡ଼ାଇ ରଖିବା' କଥାଟି ଅର୍ବାଚୀନ ନହୋଇ ପାରେ । ମାତ୍ର ପୁତ୍ରଙ୍କ ଅବାଧ୍ୟତାରୁ ନିଜ ସାଧ୍ୱୀପତ୍ନୀର ସତୀତ୍ୱରେ ସଂଦେହ କରି ସେଥିପାଇଁ ତାଙ୍କୁ ଏପରି ଘୋର ଦଣ୍ଡ ଦେବା, ଖାଣ୍ଟି ସାରଳା ସାହିତ୍ୟ କି ନା; ତା ବିଚାର୍ଯ୍ୟ ।

Digitized by srujanika@gmail.com

## ଅଗ୍ନିକ ଋଷିଙ୍କ କଥା

ଏଇଠାରେ ମିଶା ମିଶି ପ୍ରସଙ୍ଗର ଆଉ ଗୋଟିଏ ଦୃଷ୍ଟାନ୍ତର ଉଦାହରଣ ଦେବାର ସଂସ୍କୃତ ମହାଭାରତରେ ଥିବା ଅଗ୍ନିକ ଋଷିଙ୍କ କଳ୍ପିତ ପୂର୍ବ କଥା । ପ୍ରକ୍ଷେପ ଓ ମାର୍ଜନାର ନାମିକ ଗଠନରେ ଏହା ଗୋଟିଏ ସ୍ପଷ୍ଟ ଅଙ୍କ । କୁଶଦ୍ୱୀପ ରାଜା, ଅନଂଗସେନର ଭାର୍ଯ୍ୟା ରତ୍ନାବତୀ । ଅନଂଗସେନ, ଏକ-ପତ୍ନୀ-ବ୍ରତ; ହେଲେହେଁ, ରାଣୀ ରତ୍ନାବତୀ ଅତ୍ୟନ୍ତ ଦୋଶ୍ଚରିଣୀ । ସ୍ୱାମୀ ଯେତେ ଭଦ୍ରଲୋକ ଓ ଶାସ୍ତ୍ରଜ୍ଞ ପଣ୍ଡିତଙ୍କୁ ଡାକି ଯେତେ ବୁଝାଇଲେ ମଧ୍ୟ, ସେ କାହାର କଥା ନ ମାନି, ଯା ଇଚ୍ଛା ତା ସଂଗେ ମାତିବାରେ ଲାଗିଲା । ସେଇ ଅବସରରେ ସେ ପୁଣି ସମସ୍ତଙ୍କ ଆଗେ ମକରସ୍ନାନ ମେଳା ଭିତରେ ଅଗ୍ନିକ ଋଷିଙ୍କି ରତି ପ୍ରାର୍ଥନା କରି ତାଙ୍କୁ କୁଣ୍ଢାଇ ଡାଣ୍ଡରେ ଗଡ଼ିଲା; କଦାପି ଛାଡ଼ିଲା ନାହିଁ । ଋଷି ଘାଣ୍ଟିକା ହୋଇ ବ୍ୟାକୁଳରେ "ଅନଂଗସେନ ରକ୍ଷାକର" ବୋଲି ଡାକ ପକାଇଲେ । ଅନଂଗସେନ ସେଠି ପହଁଚି ରାଣୀକୁ ଚୁଟି ଧରି ଋଷିଙ୍କ ଉପରୁ ଘୋସାରି ନେଇ ମୁଣ୍ଡ ହାଣି ଦେଲେ । ତେଣୁ,

> "ସଞ୍ଜୀବନୀ ପୁରେ ତାର ବିଗ୍ରହ ହୋଇଲା
> ପାପ ହୋଇଲା ଏ ରାଜା ସ୍ତ୍ରିର ହତ୍ୟା କଲା ।
> ହତ୍ୟାଭାଗୀ ହୋଇଲେ ଏ ଅଗ୍ନିକ ମହର୍ଷି
> ଦୁହେଁ ବସ୍ତ୍ରରେ ହୋଇଲେ ସ୍ତ୍ରୀହତ୍ୟା ଦୋଷୀ ।"
>
> — ଏଜନ ଆଦ୍ୟପର୍ବ, ପୃ ୫୧-୫୨ ।

ଏହା ଓଡ଼ିଶାର କେଉଁ ସମାଜ ପରିସ୍ଥିତିର ଉପରେ ଗଢ଼ିଛି ତା ବୁଝା-ଯାଉ ନାହିଁ । ପ୍ରସିଦ୍ଧ ବଂଗ-ସାହିତ୍ୟିକ ସ୍ୱର୍ଗତ ଦୀନେଶଚନ୍ଦ୍ର ସେନଙ୍କ ଭାଷାରେ, "ସ୍ୱାମୀକୁ ବନ୍ଧୁ ପୋଷ୍ଟ ପ୍ରଣୟୀ ସଂଗରେ ପିହାର ଦୁର୍ଦାନ୍ତ ସ୍ୱାଧୀନତା ବଂଗାଳୀ ଛଡ଼ା ଆଉ କଏ କଳ୍ପନା କରୁ.

Digitized by srujanika@gmail.com

ପାରୁଛି [1*] (ପୂର୍ବେ ପୃଷ୍ଠା ୧୪୭ ଦେଖ), ଭଳି ପରସ୍ଥିତିରୁ ଏହା ବଳି ଯାଉଛି । ହୋଇପାରେ, ଏହା ସେହି ପରିସ୍ଥିତିର ସ୍ପର୍ଦ୍ଧାରେ, ଅପର ସେଥିରୁ ବଳି ଗୃହସ୍ତ୍ରୀର ଯୌନ ସ୍ୱାଧୀନତା ଥିଲା ବୋଲି କଳ୍ପନା କରି, ପ୍ରକ୍ଷିପ୍ତ କରାଯାଇଛି । ତା ପୁଣି ସୂର୍ଯ୍ୟ ଶାସନ ମାନ-ଙ୍କରେ ସାମନ୍ତ 'ଭଟ୍ଟମିଶ୍ର' ସୃଷ୍ଟି ପରେ, ଅର୍ଥାତ୍, ଖ୍ରୀ.୧୬୩୦ ପରେ । ଭଟ୍ଟ ଥିଲେ, ମିଶ୍ର ଥିଲେ; କିନ୍ତୁ ଭଟ୍ଟମିଶ୍ର ନଥିଲେ । ଶ୍ରୀଇ-ଙ୍କଣ ନରସିଂହଦେବ ପ୍ରଥମେ ଭଟ୍ଟମିଶ୍ର ଶବ୍ଦ ସୃଷ୍ଟି କରିଥିଲେ । ସେ ଶବ୍ଦ ଏବେ ବି ପୁରୀଜିଲ୍ଲା ଓ କେତେକ ଗଡ଼ଜାତ ଛଡ଼ା ଅନ୍ୟତ୍ର ଚଳେ ନାଇ । ସର୍ବତ୍ର ଲୋକେ ହୁଏତ ଏହାର ଅର୍ଥ ଜାଣନ୍ତି ନାଇ । କିନ୍ତୁ ପାଠରେ ଅଛି, ଯଥା

"ତାକୁ ତଥାରଇ ଭଟ୍ଟମିଶ୍ରଙ୍କୁ ବସାଇ
ଅସତୀ ସ୍ତ୍ରୀରଙ୍କୁ ଗତ ମୁକତି ଯେ ନାହିଁ ।"

—ଏକନ ପୃ.୫୧ ।

## କର୍ଣ୍ଣ ପୁଅକୁ ହାଣି ବ୍ରାହ୍ମଣଙ୍କୁ ଖାଇବାକୁ ଦେବା କଥା

ସେଇପରି, ଦେଖ, ଆଉ ଗୋଟିଏ ପ୍ରକ୍ଷେପ ହୋଇଛି, କର୍ଣ୍ଣ ଦାତା ବୋଲାଇବା ପାଇଁ ପୁଅକୁ ନିଜେ ହାଣି ନିଜ ଭାର୍ଯ୍ୟାଦ୍ୱାରେ ରନ୍ଧାଇ ବ୍ରାହ୍ମଣଙ୍କୁ ଭୋଜନ ଦେବା କଥା । ଏହା ବଙ୍ଗାଳ—ଭକ୍ତି-ଧର୍ମର ଉପାସ୍ୟଙ୍କ ଅଦ୍ଭୁତ କ୍ରିୟାର ଏକ ଉଦାହରଣ । ଓଡ଼ିଶାର ଧର୍ମ ବା ସଂସ୍କୃତିରେ ଏହାର ସମ୍ପର୍କ ନାଇ । ସାରଳା ଦାସଙ୍କ ଲେଖାର ମେରୁଦଣ୍ଡ ହୋଇଛି, କର୍ମଫଳ । ଏ କର୍ଣ୍ଣ କଥାରେ ସେ କର୍ମଫଳ ଓ ତତ୍ସଙ୍ଗେ ବ୍ୟକ୍ତି କର୍ମରେ ବ୍ୟକ୍ତି-ଦାୟିତ୍ୱର କଳ୍ପନା ପର୍ଯ୍ୟନ୍ତ ନାଇ । ଭକ୍ତକୁ ଦେଖି ବହୁ ଥାନ୍ତି; ମାତ୍ର ସବୁ କର୍ମ ଓ ଦୁଷ୍କର୍ମକୁ ନିଷ୍ଠେ ଉଦ୍ଧାର କରନ୍ତି । ଏଭଳି ଫଳସ୍ତୁତ

Digitized by srujanika@gmail.com

ବିଶ୍ୱାସ ଥିଲା । ଏ ସବୁ ଅଦ୍ଭୁତ ଉପାଖ୍ୟାନର ମୂଲ୍ୟ କିଛି ନାଇ । ଏଥିରେ କଳ୍ପନାର ସଙ୍ଗତ ନାଇ, କି କର୍ମରେ ସ୍ୱାଭାବିକ କାର୍ଯ୍ୟ-କାରଣ-ଗତିକୁ ଅପେକ୍ଷା କରିବାର ସମୟ ନାଇ । ( 'ପ୍ରଥମ ଭାଗ ପୃ.୧୨୫ ପାଖୁ ଦେଖ ) । ଠିକ୍ ଏଇଭଳି ନିଜ ମାଂସ ଖାଇବାକୁ ଦେବାଠାରୁ ପୁତ୍ରଙ୍କ ମାଂସ ମାଗିବାରେ ଅତିଥିଙ୍କୁ ଖାଇବାକୁ ଦେବାର ପରଂପରା ସାରଳାଦାସଙ୍କ ଶ୍ରୀବ ଉପାଖ୍ୟାନରେ ଥିବା କଥା 'ତାମ୍ରଷି ପକ୍ଷୀ କଥା'ରେ ଅଛି । ପୁଣି ତ ଏମନ (ପୃ, ୨୨୨ ଦେଖ) । ସେଠାରେ ପୁତ୍ରମାନେ ବାପଙ୍କର ଏ ଅତିଥି ସେବା-ବୁଦ୍ଧିରେ ବିଦ୍ରୋହ କରିଚନ୍ତି ଓ ଶେଷରେ ସମସ୍ତେ ନିଜ ନିଜ କର୍ମଫଳ ଭୋଗ କରିଚନ୍ତି । ଏଇ ଦୃଷ୍ଟିରେ ସଙ୍ଗତ ବିଗ୍ନର କଲେ ସାରଳା ମହାଭାରତରେ ଏଇ ଦାତା-କର୍ଣ୍ଣ-କଥାଟି ଗୋଟିଏ ନିରୁତା ପ୍ରକ୍ଷେପ । ଦେଖ, ଏଇ ଉପାଖ୍ୟାନରେ ସ୍ୱୟଂ କୃଷ୍ଣ କର୍ଣ୍ଣଙ୍କୁ ପରଖି ଦେଖିବାକୁ କହୁଥୋଛି ଯାଉଚନ୍ତି, ସୂର୍ଯ୍ୟ ନାଇ କଲେ ସୁଦ୍ଧା ଅଭେଦ୍ୟ କବଚ ଓ ଅମୃତ କୁଣ୍ଡଳ କର୍ଣ୍ଣ, ଦାନ କରିବେ କି ନା । ସେ ବେଶରେ ରୁଦ୍ରାକ୍ଷ ସଙ୍ଗେ 'ତୁଳସୀମାଳ' ପକାଇଚନ୍ତି । ଗୁରୁ ବେଦ ବୋଲିବା ସଂଗେ, ଗାୟତ୍ରୀ ଓ ତହିଁ ସଂଗେ 'ଅଜପା' ମନ୍ତ୍ର ଜପୁଚନ୍ତି । ତାଙ୍କ ଦେହରେ 'ଶ୍ରୀବତ୍ସ-ଲାଂଛନ' ଦେଖା ପଡ଼ୁଛି । କର୍ଣ୍ଣଙ୍କ ଅଂଗଦେଶଟା ପୁଣି ବୈତରଣୀକୂଳେ । 'ପଣ୍ଡା'-ଏ, ଅମିଷ ଭୋଜନ କରିବେ ଶୁଣି କର୍ଣ୍ଣ ଅପତ୍ତି କରି—

"କର୍ଣ୍ଣ ବୋଇଲା ପଣ୍ଡାହେ କହନି ଏ ଥର
ତୁମ୍ଭ ନାମ ପିତା ନାମ କେଉଁ ଦେଶେ ଘର ।"

ସୁଧାକରମଣି ବନ୍ଧୁ, ବନପର୍ବ—ପୃ.୬୯ ।

ଅତିଥି ପଣ୍ଡାଏ ଉତ୍ତରରେ କହିଲେ, ତାଙ୍କ ଘର 'ନଷାଟ' ଗ୍ରାମ; ସେଠି ଗଉଡ଼ ଓ ଅନ୍ୟ ଜାତଏ ମିଶାମିଶି ହୋଇ ଥାଆନ୍ତି; ତାଙ୍କ

Digitized by srujanika@gmail.com

ବାପଙ୍କ ନାମ, 'ବସୁଦେବ ପଣ୍ଡା'; ମାଅଙ୍କ ନାମ, 'ଦଇବକୀ'; ନିଜନାମ, 'କହ୍ନାଇ ପଣ୍ଡା ବା କାହ୍ନୁ ପଣ୍ଡା—

"ଚଇତନ କାଣ୍ଡୁଶାଖା ଅଟେ ଅମୃଧର୍ମ"

—ଏଜନ।

ଅର୍ଥାତ୍, ଅମୃଧର୍ମ ହେଉଛି, ଚୈତନ୍ୟ-ଧର୍ମର ଏକ ଶାଖା । ରାମଦାସଙ୍କ 'ଦାର୍ଢ୍ୟତାଭକ୍ତି-ରସାମୃତ'ରେ ମନ ଚୈତନ୍ୟଙ୍କୁ କହୁଲା ସବୁ ଏଠି ମଧ୍ୟ ସମ୍ପର୍କ-ଶୂନ୍ୟ-ଭାବରେ ଅଛି—

"ଅଟେ ଚଇତନ ସ୍ୱଣ ନାରାୟଣ ମାୟା
ନାନା·ଚରିତ୍ରକେ ହୁଅନ୍ତି ନାନାରୂପ କାୟା ।"

—ଏଜନ, ପୃ.୭୭।

ନରମାଂସ ଖାଇବାକୁ କହିବାରେ କଣ କହିଲେ, "ଦ୍ୱିଜ ହୋଇ ନର ମାଂସ ଭୁଞ୍ଜିବ କେମନ୍ତେ" —ଏଜନ.୭୯ । ପଣ୍ଡାଏ ରାଗିଯାଇ କହିଲେ, "ନରସିଂହ ହିରଣ୍ୟ ମାରିଲେ ; ବକ୍ଷସ୍ଥଳ ବିଦାରିଣ ରକତ ପିଇଲେ ।" ଏହାକହି 'କୋପାନଳ ମୂର୍ତ୍ତି' ହେଲେ । ତା ପରେ ପଣ୍ଡାଏ ମାୟା କଲେ; ଅଜ କେହି ( ଅଛଥି ? ) ଦୃଶ୍ୟ ହେଲେ ନାଇ । ତା ପରେ କପର, କେତାଣି,

"ବ୍ରାହ୍ମଣ ବୋଇଲେ ଆମ୍ଭେ ଅଛୁ ସ୍ୱଜନ

× × × ×

ତୋର ଏହି ପୁତ୍ର ଯୋଡ଼ି ମାର ଦଅ କଣ୍ଠ ।
ଏହାର ମାଂସରେ ପୂର୍ଣ୍ଣ ହେବ ମନ ବାଂଛା
ଶୁଣି କର୍ଣ୍ଣ ସପ୍ତ ପଡ଼ ହୋଇ ଗଲେ ମୂର୍ଚ୍ଛା ।
କୋଳ କରିଣ କୁମର ପିତା ଧରେ ତୋଳି
କମଣ୍ଡଳରୁ ସିଂଚିଲେ ଜଳ ବନମାଳୀ ।

Digitized by srujanika@gmail.com

ସାଷ୍ଟାଙ୍ଗ ହୋଇଣ କର୍ଣ୍ଣ କହେ ତାଙ୍କୁ ବାଣୀ
ଅହୋ ଜଙ୍ଘା ପଣ୍ଡା ତୁହି ଏତେ ଦୁଷ୍ଟ ଲୋକ ।
ବ୍ରାହ୍ମଣ ହୋଇ ତୁ ଅଟୁ ଦୈତ୍ୟର ସଦୃଶ
ସର୍ମଂବେଦୀ ଦ୍ୱିଜ ହୋଇ ଲୋକକୁ ତୁ ଅମିଷ ।
ବେଦବନ୍ତ ଅଶ୍ୱସ୍ତୁ ଏତେ ବଡ଼ ଲୋଭୀ
ତୋ ପାଇଁ କେମନ୍ତେ ମୁହିଁ ପୁତ୍ରକୁ ମାରିବି ।

ଏଜନ, ପୃ, ୭୯-୮୦

ତାପରେ ପଣ୍ଡାଙ୍କ ରାଗ ଓ ହିଂସା । ପୁତ୍ର ବୃଷିକେଶନ ପଣ୍ଡାଙ୍କୁ ଧରି ବୋଧ କଲେ; ବାପକୁ ବୁଝାଇଲେ, ବ୍ରାହ୍ମଣକୁ ତୃପ୍ତ କଲେ, 'ପାଇବା କାରଣ' । ଶେଷକୁ—

"କୁମର ବୋଇଲା ପିତା ଦ୍ୱିଜେ କର୍ପା କାନ୍ଦୁ
ସତ୍ୟ ଉଚ୍ଚାରଣ କରି ଏବେ କର୍ପା କାନ୍ଦୁ ।"

ଏରୂପରେ ବୁଝାଇ ସେ ନିଜେ ହଣା ହେବା ପାଇଁ କୁମ୍ଭାଜନ ପଡ଼ାଇ ପୂର୍ବ ମୁଖ ହୋଇ ହରିକ ସ୍ମରି ହାସ୍ୟୋପବେଶନ କରି ବସି ରହିଲା, ଇତ୍ୟାଦି ।

ବଂଗ ଦେଶରେ ଚଳିଥିବା ଭକ୍ତିଧର୍ମର ଏଇ ଉପାଖ୍ୟାନଟିକୁ ଚୈତନ୍ୟଙ୍କ ପରେ ସାରଳା-ମହାଭାରତରେ ପ୍ରକ୍ଷେପ କରାଯାଇଛି । ଖାଇବା ଦେଇଛି ପୁଅଟି ପୁଣି ବଂଶବାର କଳ୍ପନାଟି ଏଥିରେ ଭକ୍ତିରେ ଲୋକଙ୍କୁ ଭୁଲାଇବାର ମୂଳ ମନ୍ତ୍ର । କିନ୍ତୁ କର୍ଣ୍ଣଙ୍କୁ ଏଥିରେ ଯାହା କରି ବର୍ଣ୍ଣନା କରାଯାଇଛି, ସେଥିରେ ନା ଅଛି ଅଭିଥେୟତା, ନା ଅଛି ଶାକ୍ତକୀ ପ୍ରଚେତନା ? ଓଡ଼ିଆରେ ଏହା ଅନୁକରଣ ନୁହେଁ, ବଙ୍ଗଳା ।

**ଅନ୍ୟାନ୍ୟ ସାଧାରଣ ପ୍ରକ୍ଷେପର ଉଦାହରଣ**

'ପ୍ରହ୍ଲାଦ ଚରିତ' ରେ ଅଛି, ହିରଣ୍ୟକଶିପୁର ଉପଦ୍ରବ୍ୟରେ ଦେବତାମାନେ ସ୍ୱର୍ଗରେ ରହି ନ ପାରି ଯାଇ ବ୍ରହ୍ମାଙ୍କୁ ଧଇଲେ ।

Digitized by srujanika@gmail.com

ବ୍ରହ୍ମା ସମସ୍ତଙ୍କୁ ସଙ୍ଗେ ନେଇ ନାରାୟଣଙ୍କ ପାଖେ ଯାଇ ସ୍ତୁତିକରି ତାଙ୍କୁ ସନ୍ତୋଷ କଲେ । ନାରାୟଣ ହିରଣ୍ୟକଶିପୁକୁ ନାଶ କରି ଦେବଲୋକକୁ ରକ୍ଷାକରି ଶାନ୍ତି ଆଣିବେ ବୋଲି ଅଙ୍ଗୀକାର କରି, ବାମଦେବଙ୍କୁ କହିଲେ, ହିରଣ୍ୟକଶିପୁର ପୁଅ ରୂପେ ପ୍ରହ୍ଲାଦ ହୋଇ ଜନ୍ମ ହୁଅ । ପ୍ରହ୍ଲାଦ ସେହି ନାରାୟଣଙ୍କୁ ଭକ୍ତି କରିବାରୁ, ବାପ, ହିରଣ୍ୟକଶିପୁ ତା ଉପରେ ନାନା ଅତ୍ୟାଚାର କଲା । ଶେଷକୁ ନାରାୟଣ ରାଗି ଯାଇ ଅତି ଭୀଷଣ ନରସିଂହ ରୂପେ ସ୍ତମ୍ଭରୁ ବାହାରି, ହିରଣ୍ୟକୁ ବିଦାରି ତା ରକ୍ତ ମାଂସ ଖାଇସାରି, କ୍ଷୁଧା ସମ୍ଭାଳି ନ ପାରି, ନବଦ୍ୱୀପା ପୃଥ୍ୱୀ ସାରା ସବୁ ଖାଇଗଲେ । ତା ପରେ

"ମର୍ତ୍ତ୍ୟ ସମସ୍ତଙ୍କୁ ଭକ୍ଷି ନ ଲଭଇ ଶାନ୍ତି
ଦେବତାଙ୍କୁ ଖାଇବାକୁ ବଳାଇଲେ ମତି ।"

—ଏକନ, ସ୍ତମ୍ଭପର୍ବ—ପୃ.୧୦ ।

ସେଠାରୁ ଉପରର ଦେବମାନେ ଛଅଲକ୍ଷ ଯୋଜନ ଦୂରକୁ ପଳା-ଇଲେ, ଓ ବ୍ରହ୍ମାଙ୍କଠାରୁ ଖବର ଗଲା । ସେଠାରୁ

"ନୃସିଂହ କବଚ ବୋଲି ଏକ ମହାମନ୍ତ୍ର
ତାହା ପଢ଼ିଲେକ ଧାତା ଶାନ୍ତିର କାମିକି ।"

—ଏକନ, ପୃ. ୧୧ ।

ତହୁଁ ଏବେ ଏବେ ସର୍ବ ଦେବମାନେ ସେହି ନୃସିଂହ କବଚ ପଢ଼ିଲେ । ତଥାପି ହେଲା ନାହିଁ । ଶେଷକୁ କହେ ପିତାମହ,

"କମଳାଙ୍କ ପୁରେ ଯାଇ ହୋଇଲେ ପ୍ରବେଶ
ତାଙ୍କୁ ସବୁ ଜଣାଇଣ କହିଲେ ଏ ଦୋଷ ।
ତୁମ୍ଭେ ମାତ ଯାଅ ତାଙ୍କ ଆଗେ ହୁଅ ଉଭା
ତୁମ୍ଭକୁ ଦେଖିଲେ ଶାନ୍ତ ହୋଇବେ ସେ ଅବା ।"

Digitized by srujanika@gmail.com

ଯାହାଙ୍କ ବଚନେ ତାସ୍ୱନିଧିର ଦୁଲଣୀ
ଜଗତ ଜନମୋହିନୀ ତାଙ୍କ ପାଟଣେ ମିଳା।
ଯାହୁଁ ଦେଖିଲେ ସେ ପଦ୍ମ ଅସମାର ରୂପ
ତହୁଁ ଖାନ୍ତି କ ଭଜିଲେ ସୁଢ଼ ମନୁ ଭୋଗ।"

—ଏକନ।

ନାସପୁଣିଙ୍କର ଏ ଅସଂଗତ କଳ୍ପନା ଉକ୍ତିର ନୁହେଁ, କ ଭଦ୍ରର ନୁହେଁ। ଖାଲି ଲେଖନକାର ବା ଛାପାକାରର ଅଯଥା ସ୍ବେଚ୍ଛା ଛଡ଼ା ଏ ଅନ୍ୟ କିଛି ନୁହେଁ।

## ଖଣକାର ଜନ୍ମ ବୃତ୍ତାନ୍ତ—ସିଂଧୁ ଓ ପରଦାର

'ସ୍ୱଧାରମଣ' ଗ୍ରନ୍ଥ ମହାଭାରତ ଆଦିପର୍ବ ୧୫୦ ପୃଷ୍ଠାଠାରୁ 'ଖଣକାର ଜନ୍ମବୃତ୍ତାନ୍ତ' ଦେଖ। 'ସୂଚୀପତ୍ର'ରେ ଖଣକାର ନ ହୋଇ, ହୋଇଛି, 'ଖଳ୍ୟକାର'। ମଝିରେ ମଝିରେ ଖଳ୍ୟକାର ବୋଲି ମଧ୍ୟ ଲେଖାଅଛି। ଅନେକଠାରେ ପଦ-ପଦାର୍ଥ-ସଙ୍ଗତି କିଛି ଧରି ହେଉ ନାହିଁ। ଏ ପୁସ୍ତକରେ ବହୁସ୍ଥଳରେ ଏପରି ଅସଙ୍ଗତ ପୁସ୍ତ ରହିଛି। ତଥାପି ଏ ଉପାଖ୍ୟାନଟି ପୁରା ପ୍ରକ୍ଷେପ ବୋଲି କହିବା ଠିକ୍ ହେବ ନାହିଁ। ଦାର୍ଢ୍ୟକ ନା, ବିଦୁରଙ୍କ କଥାରେ ଯତୁଗୃହରୁ ବାହାରକୁ ବାଟ କରିବା ପାଇଁ ଖନକ ବୋଲି ଜଣେ ବାହ୍ମଣାବନ୍ତକୁ ଯୁଧିଷ୍ଠିରଙ୍କ ପାଖକୁ ପଠାହୋଇଥିଲା। ସେହି ଲୋକ ଯତୁଗୃହରୁ ପାଣ୍ଡୁଭାଇମାନ ମା କୁନ୍ତୀଙ୍କୁ ନେଇ ବାହାରିଯିବା ପାଇଁ ଗୁପ୍ତ ସୁଡଙ୍ଗ ତିଆରି କରିଥିଲା। ଏହିକି ପତ୍ୟ ଉପରେ ସାରଳାଦାସ କ'ଣ ଲେଖିଥିଲେ କେଜାଣି ? ମାତ୍ର ଅଧ୍ୟାୟଟିରେ କୃଷ୍ଣଙ୍କ କାମାନ୍ଧତା ଓ ପରଦାର ଉପରେ ଅତ୍ୟାଗ୍ରହ, ସିଦ୍ଧକର ଅତି ସାବଧାନ ହୋଇ ଶୋଇଥିବା ଚନ୍ଦ୍ରସେଣାକୁ ଅଜ୍ଞାନ କରି ସେହି ଘରେ, ହୁଏତ, ତାଙ୍କ

Digitized by srujanika@gmail.com

ବେକ ଉପରେ, ତାର ସ୍ତ୍ରୀ ରାଧାଙ୍କ ସଙ୍ଗେ ଯଥେଚ୍ଛା ବ୍ୟବହାରରେ ରାତି କଟାଇବା, ଯମୁନାକୂଳେ କଦମ୍ବ ଗଛ ମୂଳେ ଗୋଟାଏ ପ୍ରୌଢ଼ା ମାଇକିନିଆ (ଦୂତୀ)କୁ ନ ରଖି, ରାତିରେ ଏକୁଟିଆ ଅଛିଥିବାର ବାଟ ତା ଉପରେ ଯଥେଚ୍ଛା ଅତ୍ୟାଚାର କରିସାରି, ପରେ ସେ ରାଧା ନୁହେ ବୋଲି ଜାଣି, ବିମର୍ଷ ଓ ଲଜ୍ଜିତ ହେବା ଓ ତାଠାରୁ ଜନ୍ମ ହେବା ନିଜର ପୁଅ ଖଳକାରକୁ ପରେ ସିନ୍ଧ କାଠି ଦେଇ 'ତସ୍କର' ବ୍ୟବସାୟ କରାଇବା ପ୍ରଭୃତି ପଢ଼ିଲେ ବିସ୍ମୟ, ବିରାଗ ଓ ଘୋର ଅନାଦର ଯେ କୌଣସି ଲୋକର ପ୍ରାଣରେ ସ୍ୱତଃ ଜାଗ୍ରତ ହେବ । ସଙ୍ଗେ ସଙ୍ଗେ ସାରଳାଦାସଙ୍କ ମୁହଁରେ ଦିଆଯାଇଛି, କାମାନ୍ଧତା ଓ ପରଦାର ସଙ୍ଗରେ ଅଧର୍ମ । ଏପରି କି, ସାରଳାଦାସଙ୍କର ନିଜେ ସେପରି କିଛି ମତି ନ ହେଉ ବୋଲି ଦେବୀଙ୍କଠାରେ ପ୍ରାର୍ଥନା ମଧ୍ୟ ଏଠି ଦେଖିବାର କଥା । ସମସ୍ତ ଅଧ୍ୟାୟଟି ଯେ କେହି ଏଥିପାଇଁ ପଢ଼ି ପାରନ୍ତି । ପାଠ ଦେଖ:—

"ଗୋପପୁରେ ଜନ୍ମ ହେଲେ ଦେବ ବନମାଳୀ
ରଙ୍ଗା (?) ଅବତାରେ ବଳସିଲେ ବ୍ରଜବାଳୀ ।
ହରି ରାଧାର ହୋଇଲେ ଅନେକ ପୀରତି
ଚନ୍ଦ୍ରସେଣା ଗଜକୁ ତା ନ ଛାଡ଼ଇ କତି ।
ରାତିରେ ଶୁଆଏ ନେଇ ଗମ୍ଭିରୀ ଭିତରେ
ଅନେକ ଯତ୍ନେ କବାଟ କିଳି ବସେ ଦ୍ୱାରେ ।
ମଦନ ଆରତ ହୋଇ ଦେବ ବନମାଳୀ
ରାଧା ନିମନ୍ତେ ଭ୍ରମନ୍ତି ରାତିରେ ଗଳି ଗଳି ।
ସାତ କବାଟ କିଳିଣ ଚନ୍ଦ୍ରସେଣା ଘେନି
ରାଧା ଅଛନ୍ତି ଘ ପାଇଲେ ବାଟ ନେତ ସ୍ୱାମୀ ।

Digitized by srujanika@gmail.com

ଅସମ୍ଭାଳ ହୋଇ ସ୍ୱାମୀଁ ସଦନ ଆବତେ
ସଗେ କବାଟ ଦେଲନ୍ତି ହର ଶକ୍ତ ମାଥେ ।
ଲବାଟ ଭଣ୍ଡା ବାଜିଲା ଲଗାଲେ ତାଙ୍କର
ମର୍ଣ୍ଣେଗୋଟି ଫୁଟିବାରୁ ବହିଲ ରୁଧିର ।
ଧାତାର ମନେ ବହୁତ ଶଙ୍କା ଉପୁଜିଲା
ହୃଦୟ ମଧ୍ୟରେ ଗୁଣି ଚଞ୍ଚଳ ହୋଇଲା ।
ନାରଦଙ୍କୁ ପ୍ରସନ୍ନ ହେଲେ ପିତାମହ
ରୁଧିର ପୋଛି ଏକାନ୍ତ ନନ୍ଦ ଗଙ୍ଗା ପୁଅ ।
ନାରଦ ରୁଧିରକୁ ଗ୍ରହି ବେଦପତି
ଚଟାଣି ମନ୍ତ୍ରେ ଧାଆ ଫୁଙ୍କି ଝାଡ଼ ଦ୍ୟନ୍ତି ।
ସେ ନାରଦ ପାଇଲ୍ଲ ତାମେ ଏ ଅବସ୍ଥା
ନସେଥିଲ ଚନ୍ଦ୍ରସେଣା ଗୃହେ ଏ ବନିତା ।
ଲକ୍ଷ୍ମଣସ୍ତେ ଦେଖଅନ୍ତୁ ଝୋଟେ ବନମାଳୀ
ଏହା ପେଣ ଭିତରେ ତୁ ପଶ ଚାନ୍ଦୁ ଖେଳି ।"

× × × ×

ବେଦପତି ତାଙ୍କୁ ପୁଣି ଅଂଜନ ଦେଇଥିଲେ, ତାକୁ ଲଗାଇବାରୁ ଅନ୍ଧାର ଘରେ ସବୁ ଦିଶିଗଲା । ତା ସଂଗେ ପୁଡ଼ାଏ ନିଦ୍ରା ଧୂଳି ମଧ୍ୟ ଦେଇଥିଲେ ।

''ତାହା'କୁ ପକାଇ ଦେଲେ ଗୋପାଳ ଉପରେ
ଅଚେତନ ହୋଇ ନିଦ୍ରାଗଲେ ସେ ଶେଜରେ ।"

ପୁଣି, ତାହାପରେ ସ୍ୱଧାର ପୀରତି ନ ପାଇବାରୁ କୃଷ୍ଣ ଗୋଟିଏ 'ସ୍ୱର୍ଗସ୍ପନ୍ଦନ' ଦୂତୀକୁ ଅଣିଲେ ।

"ସ୍ତମ୍ଭନ ମୋହନ ଆଜ ବଶ୍ୟ ଉଚ୍ଚାଟନ
ବୁଝିବା ଅଞ୍ଜନ ଆଦ ଧରଣ ଧାରଣ ।

Digitized by srujanika@gmail.com

ସର୍ବବିଦ୍ୟା ଜାଣଇ ସେ ସ୍ୱରଗ ସୁନ୍ଦରୀ
ତା ଭାବ ରସ ବଚନେ ପାଷାଣ ତରଳ ।
କୃଷ୍ଣ ତାକୁ ପଠାଇଲେ ରାଧିକା ନିମନ୍ତେ
ପ୍ରବେଶି ରାଧାକୁ ବଶ କଲା ସେ ଜୁବତେ ।
ନନ୍ଦ ପୁଅ ବୋଲି ଗୋପୀ ନିନ୍ଦା କରୁଥିଲେ
ସ୍ୱରଗ ସୁନ୍ଦରୀ ବାକ୍ୟେ ସର୍ବେ ବଶ ହେଲେ"।

ତା ପରେ କୃଷ୍ଣ ସେଇ ସ୍ୱରଗ ସୁନ୍ଦରୀ ଦୂତୀକୁ ରାତିରେ ରାଧାଙ୍କୁ ଯମୁନା କୂଳକୁ ଆଣିବାକୁ ପଠାଇ ଦେଇ ନିଜେ କଦମ୍ବ ଗଛ ଉପରେ ବସିଥିଲେ । ସେହି ଦୂତୀକୁ ରାଧା ପୁଣି ସେଇ ରାତିରେ କୃଷ୍ଣଙ୍କ ପାଖକୁ ଫେରାଇ ଦେଲେ । ସେଥିରେ କ'ଣ ଲେଖା ହୋଇଛି, ଦେଖ—

"ଯମୁନାତୀରେ କଦମ୍ବ ବୃକ୍ଷେ ପୁଣି ଉଠି
ପରଦାର ଅର୍ଥେ ହୁଅ ଏସନତ କଷ୍ଟୀ ।
ଏମନ୍ତ ପଥ ଉଦ୍ଦେଶ୍ୟ କରୁ ଜଗନ୍ନାଥ
ଧ୍ୱନି ଶେଧ ଶୁଣିଲେ ଗମନକ ପଥ ।
ହେଉଁ ପଡ଼ିଲେ କ ହୁଅ କଦମ୍ବର ଡାଳୁ ।"

× × × ×

"ରାଧା ବୋଲି ଦୂତୀକି ସେ କୃଷ୍ଣ ବୋଲକର
ମଦନ ଆରତେ କିଛୁ ବିଗୁର ନ ପାରେ ।
ଦୂତୀ ପିନ୍ଧିବା ବସନ ପକାଇଲେ କାଢ଼ି
ଅନ୍ଧକାରେ ଦେବ କିଛି ନ ପାରିଲେ ବାରି ।"

× × × ×

"ରାଧିକା ବୋଲି ଶୃଙ୍ଗାର କଲେ ସେ ଦୂତୀକ ।
ଅବଶେଷେ ଜାଣିଲେ ସେ ନୁହଇ ଏ ରାଧା.

Digitized by srujanika@gmail.com

ହସ୍ତୀଗା ଅଙ୍ଗ ଛୁଇଁଲି ଯାଇ କାମ ବାଧା ।"

X X X X

"ଅସମ୍ଭାଳ ହୋଇ ହସ୍ତୀ ଉଦ୍ଧୁଂ ପଳାଇଲ ।"

X X X X

"ଭାସ ନ ପିନ୍ଧନ୍ତୁ ହର ନ ବାନ୍ଧନ୍ତୁ ବେଣ
ହସ୍ତୀ ଅଙ୍ଗ ଛୁଇଁବାକୁ ମନରେ ବହ୍ନସ
ଦେଖ ଦେଖ ଏହୁ ପାପୀ କାମର ପମାଭ
ମୋହୁ ଭ ଲ ଲୋକଙ୍କୁ ଏ ଦେଲ ଏତେ ଶାସ୍ତି ।
ଏହାର ବଳେ ଭଲ ମୁଁ ଏତେ ବଡ଼ କଥା
ମାନବମାନଙ୍କୁ ଦେବ ଏସନ ଅବସ୍ଥା
ମୁହିଁ ଯାହା କଲି ତାହା କହୁବ ସଂସାରେ
ଗୁରୁ ଗୌରବ ନ ମାନି ପିଚେ ଖରଦାରେ ।"

X X X X

"ଛେଛେ କାଇ ବୁଦ୍ଧା ପୁଣି କୁହୁଟ୍ଟୀ ଏ ଗୋଠା
ଢାହାଠାରେ କାମ ମୋର କଳାଇଲ ଚେଷ୍ଟା ।
ନ ପୂଣ ସ୍ୱଥା ଗ୍ରାମୂରେ ହସ୍ତୀ ବଦ୍ଧେ ଯାଇ ।"

X X X X

"ଏସନ ଅବସ୍ଥା ମୋତେ ଦେଲୁ ରେ ଅନଙ୍ଗ
ଜଗବନ୍ଧୁ ପୁରୁଷଙ୍କୁ କଲୁ ଏତେ ରଙ୍ଗ ।"

X X X X

"ନାରୀସୁଦ୍ଧା ହିଁ ଷରସ ହୋଇଲେ ଏସନେ
ପରସ୍ତ୍ରୀ ସ୍ୱ ହରଣରେ ନ ଏଣିତେଦ ଜଣେ ।"

X X X X

Digitized by srujanika@gmail.com

କବି ବତ୍ସଚନ୍ଦ୍ରଃ—

"କମଳା ପିଙ୍ଗଳା ମାଳା ଶବଳା ବହୁଳା
ସରଳା ତରଳା କଳା କମଳା ଶାରଳା ।
କାମାକ୍ଷୀ ସୁମରି ନରେ କାମଧେନୁ ପିଠୁ
ପରଦାରକୁ ସଂହର ସଂସାର ନ ଛୁଟୁ ।"

× × × ×

"ଭ୍ରମିଲି ଜଗମୋହନ ପୁରୁଷର ଦର୍ପ
ଚପୁଜଇ ପରଦାର କଲେ ସର୍ବ ପାପ ।
କ୍ଷଣିକ ସୁଖ ସେ ପରଦାର ରସ ସଂଗ
କ୍ଷଣକ ଭିତରେ ସର୍ବ ବପୁ ହୋଏ ଭଙ୍ଗ ।"

× × × ×

"ନ କରୁ ମୋ ଶତ୍ରୁ ପରଦାର ସଙ୍ଗ ପ୍ରତି ।
ପରଦାର ସଙ୍ଗ କଷ୍ଟ ଅଟଇ ଏମନ୍ତ
ସର୍ବଦା କାତର ଶତ୍ରୁ ଦୁଃଖ ଏହୁ ମାନ ।
ତୋହର ଅଙ୍ଗରେ ଏହା ଲୁହୁ ଯେ କହିଲୁଁ
ପରଦାର ମହାଗ୍ନିର ବୋଲିଣ ଦୋଇଲୁ ।
ଶୁଦ୍ର ମୁନି ସିଦ୍ଧେଶ୍ୱର ଦାସ ଦେଲୁ ନାମ
ଏ କଥାରେ ମୋହର ନ କର ମତିଭ୍ରମ ।"

ପୁଣି, ଏହୁ ହିନ୍ଦୁଅଳ ଶ୍ରେରମାନଙ୍କ ସିଦ୍ଧକାଠି [ବା 'ଲକ୍ଷଣା' ଭଆର କହିବା କାଳ ବୋଲି ଲେଖାଅଛି:—

"ଛୁଳମାସ ଅମାବୈକ (ଅମାବସ୍ୟା ?) ଚଣ୍ଡୀପୂଜା ଦନେ ।"

ସେ ଚଣ୍ଡୀଙ୍କ ସନ୍ତୁଷ୍ଟ କରିବା ପାଇଁ:—

"ସର୍ବ ଜନ ପ୍ରହରରେ କୃଷ୍ଣ ଛାଗ ନେଇ
ଚଣ୍ଡୀ ଦେବୀଙ୍କ ରକତ ସ୍ନାତ ବଳି ଦେଇ ।"

Digitized by srujanika@gmail.com

ତା ପରେ ପ୍ରସୂତୀକୁ ଲହାଖଣ୍ଡେ ଛୁଆଇଁ ତାକୁ ନେଇ ସେଥିରେ ପିଣ୍ଡକାଠି ତିଆର କରନ୍ତି । ଏ ବ୍ୟତୀତ, କାର୍ତ୍ତିକ ଅମାବାସ୍ୟା କାଳୀପୂଜା ବା ଶ୍ୟାମା ପୂଜାର ବ୍ରତ । ଏ ପୂଜା ଓଡ଼ିଶାରେ ଏବେ ବି ପରିନାହିଁ । ଏ ପହାକାଠିକରେ ଓଡ଼ିଶାରେ ବଳି ପଡ଼ିବା ମନା, (ପ୍ରଥମ ଖଣ୍ଡ ପୃ. ୧୧୧-୧୨ ଦେଖ) । ଏ ସଂପର୍କରେ ହୁଡୀ ଫେରିବାକୁ ରାଧା କିଂଣ ପଗ୍ରୁଛନ୍ତି ଦେଖ:—

"ଅଲେଖ ଭଳକ ହୋଇ ରାଧା ବନ୍ଧ ଭାବ
ସ୍ମରଇ ମନ ଏକ କରି ବାସୁଦେବ ।
ରାମୂରେ ପ୍ରବେଶ ହେଲା ସହଜ ସୁନ୍ଦରୀ ।"

× × × ×

ସହଜ ସୁନ୍ଦରୀ କି ଯେ ପଗ୍ରୁରେ ରାଧିକା
କେଶବଙ୍କୁ ନ ଆଣିଲୁ ଅଇଲୁ ତୁ ଏକା ।"

## ଅଲେଖ ଓ ସହଜଧର୍ମ, ଧନ ପୋତିବା

ଏଠାରେ 'ଅଲେଖ ଭଳକ ହୋଇ' ଅର୍ଥାତ୍, ଅଲେଖପନ୍ଥୀ ଭଳକ କାହିଁ ରାଧା ନିଜ ହୁଡୀ 'ସହଜ ସୁନ୍ଦରୀ'ଙ୍କୁ ପଗ୍ରୁଛନ୍ତି— ଏକଥାକୁ ମଧ୍ୟ ଲକ୍ଷ୍ୟ କରିବାର ଅଛି । ତାହାପରେ ଅଜ କେବେ ଚୌର୍ଯବୃତ୍ତି ନ କରିବୁ ବୋଲି ବିଦୁର ସେଇ ତସ୍କରଙ୍କୁ ଭଣ୍ଡାରକୁ 'ଅପାର ପାଣିଦ୍ରବ୍ୟ' ଦେବାକୁ:—

"ଧନ ପୋତିଲା ସେ ନେଇ ଆପଣା ମନ୍ଦିରେ ।"

ପୁଣି ସେଇ ବିଦୁର, ପାଣ୍ଡବଙ୍କୁ ଗଙ୍ଗାରେ ପାର କରିଥିବା କେଉଟଙ୍କୁ :—

"ଭଣ୍ଡାର ଫେଡ଼ି ଅପାର ଦ୍ରବ୍ୟ ତାଙ୍କୁ ଦେଲେ
ଆପଣାର ଘରେ ନେଇ ପୋତ ଯା ବୋଇଲେ ।"

Digitized by srujanika@gmail.com

ଓଡ଼ିଆଏ ଧନ ଗୋଟିବା କେବଳ କଥା ? ସେ କାଳକୁ ଓଡ଼ିଶାର ଏପରି ଅବସ୍ଥା ହୋଇଥିବାର କୌଣସି ପ୍ରମାଣ ନାହିଁ— ବରଂ ବିରୁଦ୍ଧରେ ପ୍ରମାଣ ଅଛି । ଖ୍ରୀଷ୍ଟାବ୍ଦ ୧୫୭୨ରେ ଦୁର୍ବୋସା ନାମକ ପର୍ତ୍ତୁଗୀଜ ପର୍ଯ୍ୟଟକ ଭାରତକୁ ବୁଲି ଆସିଲାବେଳେ ଓଡ଼ିଶାକୁ ଆସିଥିଲେ । ସେ ଲେଖିଛନ୍ତି, 'ବଣିକମାନେ ଧନ ଦ୍ରବ୍ୟ ଘେନି ଓଡ଼ିଶାରେ ସ୍ଥାନରୁ ସ୍ଥାନାନ୍ତର ଯିବାରେ କୌଣସି ଭୟ, ବାଧା ନ ଥିଲା ।' ତେଲଙ୍ଗା ମୁକୁନ୍ଦଦେବଙ୍କ ପରେ ଏ ବିଷୟରେ କିଛିଏ ଶଙ୍କା ଉଦ୍ରେକ ଆସୁଥିବାର ସେ ଉଲ୍ଲେଖ କରିଛନ୍ତି । ପୂର୍ବେ ପୃ.୩ ଦେଖ । ଏପରି ଧନ ଗୋଟିବା ଓଡ଼ିଶାରେ ୧୫୬୮ ପରେ ଆରମ୍ଭ ହୋଇ ମୁସଲମାନ ରାଜତ୍ୱ କାଳରେ ବୃଦ୍ଧି ପାଇଥିଲା । ଇଂରେଜ ରାଜତ୍ୱ ପର୍ଯ୍ୟନ୍ତ ଏହି ଚାଲିଥିଲା । ପୁଣି, ବିଦୁର ନିଜେ କୌରବଙ୍କର ରାଜ୍ୟର ଭଣ୍ଡାରରକ୍ଷକ ଓ ଧନାଧିକାରୀ ଥିଲେ । ତାଙ୍କଠାରୁ ଧନ ନେଇ କେବେ ଗୋଟିବେ କାହିଁକି ? ତା ପୁଣି କହିବାକୁ ନିଜେ ବିଦୁର କହିବେ କାହିଁ ?

## ଏ ପରଦାର ଓ ରାଧାପ୍ରୀତି କଥା କେବଳ ଲେଖା ?

ଦେଖ, ଏବେ ରାଧାଭାବ ଚୈତନ୍ୟଙ୍କ ବେଳକୁ ମଧ୍ୟ 'ଗୀତ-ଗୋବିନ୍ଦ' ସତ୍ତ୍ୱେ ଓଡ଼ିଶାରେ ପ୍ରତିଷ୍ଠା ପାଇ ନ ଥିଲା (The History of Medeaval Vashnabism in Orissa by P. MukharjeeP. 71) ।ପୁଣି ବିଦଗ୍ଧ ଚିନ୍ତାମଣିର ୨୧ଶ ଛାନ୍ଦ ଦେଖ । ସେଥିରେ ରାଧାଙ୍କ ସଖୀ ଚନ୍ଦ୍ରାବଳୀକୁ କୃଷ୍ଣ ସମ୍ଭୋଗ କରିଥିବାର ଗୋଟିଏ ସାଉନ୍ତ ବର୍ଣ୍ଣନା ଦିଆଯାଇଛି । ହେଲେହେଁ, ସେଥିରେ କାମାତୁରତା ଥିଲେ ମଧ୍ୟ ତାହା ଏତେ ବୀଭତ୍ସ ନୁହେଁ । ପୁଣି ପରକୀୟା ଏତେ ବଡ଼ ଅପରାଧ ବୋଲି ଶୁଦ୍ଧ ଗୌଡ଼ୀୟ ବୈଷ୍ଣବ କେବେ କହିବେ

Digitized by srujanika@gmail.com

ନାହିଁ । ସାମନ୍ତ ସିଂହାରଙ୍କ କଳ୍ପନାରେ ମଧ୍ୟ ତାହା ନାହିଁ । ମାତ୍ର ସାରଳାଦାସଙ୍କ ଲେଖାରେ ଏହା ଯେ ସ୍ପଷ୍ଟ, ସେଥିରୁ ଜଣାଯାଏ, କେତେକ ଲେଖକ ଗୌଡ଼ୀୟ ବୈଷ୍ଣବର ପ୍ରଭାବରେ ନାରାୟଣ କୃଷ୍ଣଙ୍କୁ କାମବହୁଳ ଓ ପରଦାରାସକ୍ତ ଓ ସେଥିପାଇଁ ସିଦ୍ଧ ଅଳ, ତତ୍ପର ବୋଲି ବର୍ଣ୍ଣନା କଲେ ମଧ୍ୟ ଏ ସବୁକୁ ଭକ୍ତ ସନ୍ଥ ଓ ସାମାଜିକ ଶିଷ୍ଟାଚାର ବୋଲି ମନେ କରି ପାରୁନାହାନ୍ତି । ସାରଳା-ଦାସଙ୍କ ପୁରୁଣା ଛପା ମହାଭାରତରେ ମଧ୍ୟ ଏକ ସ୍ତ୍ରୀରେ ନିଷ୍ଠାକୁ ପ୍ରଶଂସା ଓ ପରଦାରାରେ ଅପରାଧ ବହୁତ ସ୍ଥାନରେ ଅଛି । ଦେଖ—

"କଳିକେ ଅଯୁ ଛୁଟଇ କଲେ କେନ ଭାର୍ଯ୍ୟା
ସତ ଜାତି ବହଇଁ କଲେ ଏକ ଭାର୍ଯ୍ୟା ।"

ଏ ସମ୍ପର୍କରେ ଚୈତନ୍ୟ, ପରକୀୟା ପ୍ରେମରେ ଏକନିଷ୍ଠତା ଶୋଭିଣ ରାଜମହେନ୍ଦ୍ରୀରେ ଯାଇ ରାୟରାମାନନ୍ଦଙ୍କଠାରୁ 'ଗୀତ ଗୋବିନ୍ଦ'ରେ ଏହାର ପ୍ରମାଣ ପାଇ ଅତି ସନ୍ତୁଷ୍ଟ ହୋଇଥିବାର ଯେ ଉପାଖ୍ୟାନଟି ଅଛି, ତା ପ୍ରତି ଲକ୍ଷ୍ୟ କରାଯାଇ ପାରେ । (୮ମ ଅଧ୍ୟାୟର ପରିଶିଷ୍ଟରେ ଦେଖ) । ଏ ସବୁର ତାତ୍ତ୍ୱିକ ବିଷୟରେ ଯଥାସମୀକ୍ଷା-ସର ହୋଇ ସାରଳାଦାସ ବିଷୟ ନ କଲେ ଓଡ଼ିଆ ସାହିତ୍ୟ ବିଷୟ କେବଳ ହେବ ନାହିଁ ନୁହେଁ, ଏହା ଭ୍ରଷ୍ଟ ଓ ଅତ୍ୟନ୍ତ ଅସଙ୍ଗତ ହେବ ।

## ସାରଳାଦାସଙ୍କ ଧର୍ମ

କେତେ କେତେ ଦେବୀ, ସୂର୍ଯ୍ୟ, ଗଣେଶ, ଶିବ ଓ ବିଷ୍ଣୁ— ଏହି ପଞ୍ଚଦେବତାଙ୍କୁ ସ୍ତୁତି କରିଥିବାର ପଦମାନ ସାରଳାଙ୍କ ଲେଖାରୁ ବାଛି ବ୍ରାହ୍ମଣଙ୍କ ପଞ୍ଚଦେବତା ଉପାସନା ସଙ୍ଗେ ତାକୁ ମିଳାଇ ତାଙ୍କ ଧର୍ମ ବିଷୟ କହି ବସନ୍ତି । ଏ ବିଷୟରେ ମଧ୍ୟ ଘୋର ଭ୍ରାନ୍ତିର ଆଶଙ୍କା ରହିଛି । ବ୍ରାହ୍ମଣଙ୍କ ପଞ୍ଚ ଦେବତା ଉପାସନା

Digitized by srujanika@gmail.com

କେତେ କପରି ପ୍ରକାଶ ପାଇଥିଲା, ତା ଲୋକସମାଜରେ କେତେ ବା ବ୍ୟାପିଥିଲା, ତା ବୁଝି ଦେଖିବାର ଅଛି । ସାରଳା ଲେଖା ଯାହା ମିଳୁଛି, ସେଥିରେ କୌଣସି ଦେବତାର ନାମ ପଡ଼ିଗଲେ, ଠାଏ ଠାଏ ସେହି ଦେବତାଙ୍କ ଉମସ୍ତ ପୁରାଣ-ପରଂପରାକୁ ଧରି ସ୍ତୁତି ବର୍ଣ୍ଣିତହୋଇଛି । ଦେବୀଙ୍କର ମଧ୍ୟ ହିଙ୍ଗୁଳା, ପିଙ୍ଗୁଳା, ମଙ୍ଗଳା, ଶବଳା, ସାରଳାଦିଠାରୁ ବାରାହୀ, ଚାମୁଣ୍ଡୀ, ଜାଙ୍ଗୁଳୀ, ଲଙ୍ଗୁଳୀ, ମାଣ୍ଡରୀ, ଅଗ୍ନିଗ୍ନା ପ୍ରଭୃତି ଗ୍ରାମ ଦେବତାଙ୍କ ବହୁ ସଂସ୍କୃତ ଓ ଅସଂସ୍କୃତ ନାମର ସୀମା ନାହିଁ । ବୌଦ୍ଧ, ବ୍ରାହ୍ମଣ ତାନ୍ତ୍ରିକମାନେ ମଧ୍ୟଯୁଗରେ ଏହିପରି ନିଜର ସ୍ୱଚ୍ଛନ୍ଦ ଇଚ୍ଛାର ସେବାରେ ଲୋକଙ୍କୁ ଭାଗୀ କରିବାପାଇଁ ଯେ କୌଣସି ଗ୍ରାମ ଦେବତାଙ୍କୁ ନିଜର ତାନ୍ତ୍ରିକ ପୂଜାରେ ମଣ୍ଡିତ କରୁଥିଲେ । ଏଠି ମନେ ରଖିବାର ଅଛି, ଗ୍ରାମଦେବତା ଓ ବଣ ଦେବୀମାନେ ବୌଦ୍ଧ ଓ ବ୍ରାହ୍ମଣ୍ୟ ତନ୍ତ୍ରରୁ ବାହାରି ନାହାନ୍ତି । ଏମାନେ ଚିରକାଳ ଗ୍ରାମ ଓ ବନରେ ଥିଲେ, ପୁଣି ଅଛନ୍ତି । ଜଙ୍ଗଲର ସର୍ପଦେବୀଙ୍କୁ ଜାଙ୍ଗୁଳୀ, କୌଣସି ଟାଁ ମୁଣ୍ଡର ମହି-ଷେଇକୁ ମାଉଲି, ବରେହିକୁ ବାରାହି, ପର୍ଣ୍ଣଶୌବରୀକୁ ପର୍ଣ୍ଣ ଶବରୀ, କଳକଳା ବା ସେହିଭଳି କିଛି ନାମକୁ କରୁକୁଲ୍ଲା ପ୍ରଭୃତି ନାମରେ ତନ୍ତ୍ରରେ ବ୍ୟବହାର କରିବାର ଦୃଷ୍ଟାନ୍ତ ବହୁତ ମିଳିବ । ସାରଳାଦାସ ଯେ ସବୁ ଦେବଦେବୀଙ୍କର ଉକ୍ତି-ସ୍ତୋତ୍ର କେତେ ଓ କପରି ଭାବରେ ବର୍ଣ୍ଣନା କରିଥିଲେ, ତାହା ମଧ୍ୟ ଖୋଜି ବାହିରିବାକୁ ହେବ । ଜଗନ୍ନାଥ ସରଦାର କଥାର କାହାଣୀରୁ ମନେହୁଏ, ଏହା ସାରଳାଙ୍କ ବହୁ ପରର କଥା । ବ୍ରାହ୍ମଣ ଯୁବତୀକୁ ଦାଣ୍ଡ ମୁକୁନ୍ଦପୁର ପୋଖରୀରେ ଗାଧୋଇବାର ଦେଖି ସୁବାଦାର ଲାଲବେଗ ଯାହା କରି ଭକ୍ତ ସାଲବେଗଙ୍କର ଦାସ ହୋଇଥିଲେ, ତାହା 'ଦାର୍ଢ୍ୟତା ଭକ୍ତି ରସାମୃତ'ରେ ବର୍ଣ୍ଣିତ

Digitized by srujanika@gmail.com

ହୋଇଛି (ସପ୍ତବିଂଶ ଅଧ୍ୟାୟ ଦେଖ) । ଉପରେ ବର୍ଣ୍ଣିତ ହୋଇଥିବା କୃଷ୍ଣଙ୍କ 'ସହଜ ସୁନ୍ଦରୀ'-ସଂଯୋଗ ଓ ଫଳରେ ଉକ୍ତ ଗଳ୍ପକାର-ତ୍ରୟଙ୍କର ଜନ୍ମରେ ସେଇ ବା ସେଇଭଳି କର୍ମର ଛାପ୍ପା ଦେଖାଯାଉ ନାହିଁ କି ? ସେ କାଳରେ ଏପରି ଘଟନାର ଅଭାବ ନ ଥିଲା । ଏ ବିଷୟ ସାରଳା ଗ୍ରନ୍ଥରୁ ଅନ୍ତତଃ ଦୁଇ ତୃତୀୟାଂଶ ଏହିପରି ବିଷ-ୟରେ ବାଦ ଦେଇ ଏବେ ସାରଳା ସାହିତ୍ୟର ଆଲୋଚନା କରିବା ଉଚିତ ବୋଲି ମନେ ହୁଏ ।

## ଅନ୍ୟମାନଙ୍କ ଚରିତ୍ର ଓ ଚଳଣି

ଗାନ୍ଧାରୀ, କୁନ୍ତୀ, ଧୃତରାଷ୍ଟ୍ର, ବିଦୁର, ଭୀମ, ଯୁଧିଷ୍ଠିର, ସହଦେବ, ଅର୍ଜୁନ, କୃଷ୍ଣ, ବଳରାମ ପ୍ରଭୃତିଙ୍କର ଯେ ସାମାଜିକ ଓ ବ୍ୟକ୍ତି ଚରିତ୍ର, ସାରଳା ମହାଭାରତରେ ଦେଖାଯାଏ, ତାର ମଧ୍ୟ ବିଶେଷ ବିଚାର ପ୍ରୟୋଜନ । ଭୀମ ହୁଣ୍ଡା, କୃଷ୍ଣ କୁଟ-କପଟିଆ, ଯୁଧିଷ୍ଠିର ସାଧୁ ହେଲେ ହେଁ ଅତି ଦୁର୍ବଳ, ଧୃତରାଷ୍ଟ୍ର ଅସୂୟାପର ପ୍ରଭୃତି ସାରଳାଦାସ ଯାହା ବର୍ଣ୍ଣନ କରିଛନ୍ତି, ତା ସେତେବେଳର ଓଡ଼ିଆ ସମାଜର ଲୋକ ଚରିତ୍ରରୁ ପୂରାପୂରି ନିଆ ଯାଇଛି, ନା ଭାରତୀୟ ଅନ୍ୟାନ୍ୟ ଅଂଚଳର ଲୋକ-କଥା ଓ ଲିଖିତ ସାହିତ୍ୟରେ ତା ପ୍ରକାଶ ପାଇଥିଲା, ଓ ସେଇ ପ୍ରଭାବ ସାରଳାଦାସଙ୍କ ଉପରେ ପଡ଼ିଛି, ତା ମଧ୍ୟ ଦେଖିବାକୁ ହେବ । ଦୃଷ୍ଟାନ୍ତ ସ୍ୱରୂପ, ଦେଖ, 'ବେଣୀସଂହାର' ନାଟକରେ ଭୀମ ସହଦେବଙ୍କୁ କହୁଛନ୍ତି—

"ମଥ୍ନାମି କୌରବ ଶତଂ ସମରେ ନ କୋପାତ୍
ଦୁଃଶାସନସ୍ୟ ରୁଧିରଂ ନ ପିବାମ୍ୟୁରସ୍ତଃ
ସଂଚୂର୍ଣ୍ଣୟାମି ଗଦୟା ନ ସୁଯୋଧନୋରୂ
ସଂଧିଂ କରୋତୁ ଭବତାଂ ନୃପତିଃ ପଣେନ ।"

Digitized by srujanika@gmail.com

ଭ୍ରମର ଏ ଦୁର୍ଗାମି ଓ ବୈକୁଣ୍ଠର ଓ ବେଦର ? ସାରଳା ସାହିତ୍ୟର ଆଲୋଚନାରେ ଏଭଳି ବସ୍ତୁର ସ୍ଥାନ ଖୁବ୍ ଅଳ୍ପ ।

## ସାରଳା ସାହିତ୍ୟ ଏକା ଓଡ଼ିଆ ସାହିତ୍ୟର ଦର୍ପଣ

ଏହିଭାବରେ ଦେଖିଲେ, ଓ ସମାହିତ ଭାବରେ ଆଲୋଚନା କଲେ, ଏକ ସାରଳା ସାହିତ୍ୟରେ କେବଳ ସାରଳା ସାହିତ୍ୟକୁ ଦେଖିବା ହେବ ନାହିଁ । ସାରଳାଙ୍କ ଲେଖା ଠାରୁ 'ରାଧାରମଣ ପୁସ୍ତକାଳୟ'ର ଗ୍ରନ୍ଥ ପ୍ରକାଶ ପର୍ଯ୍ୟନ୍ତ, ଦୀର୍ଘ ପଞ୍ଚଶତାଧିକ ବର୍ଷର ଓଡ଼ିଆ ସାହିତ୍ୟର କ୍ରମିକ ପରିଣାମ ବୃଦ୍ଧି ଦେଖିବାର ଉପାଦାନ ସାରଳା ସାହିତ୍ୟରୁ ମିଳିବ । ପରବର୍ତ୍ତୀକାଳର ପ୍ରସ୍ଥ ବୈଷ୍ଣବ ସାହିତ୍ୟ ଓ ଅଚେତ ଲିଖିତ ଓଡ଼ିଶାର ତନ୍ତ୍ର ବା କାୟସାଧନା ସାହିତ୍ୟ ଖୋଜିଲେ ଯାହା ମିଳିବ, ସେଥିରେ ବୈଷ୍ଣବ ଆଦର୍ଶର କୃଷ୍ଣମତା ଓ ଗୌଡ ଗୋସାଇଁମାନଙ୍କର ଅବୁଝା ଅନୁକରଣର ଭ୍ରଷ୍ଟତା ଭିତରେ ସାହିତ୍ୟର ରୂପ ଦେଖିବା ବରଂ କଷ୍ଟ । କିନ୍ତୁ ସାରଳା ସାହିତ୍ୟର ତାତ୍ତ୍ୱିକ ଆଲୋଚନାରେ ଓଡ଼ିଆ ସାହିତ୍ୟର ପ୍ରକୃତ ରୂପ ବରଂ ସ୍ପଷ୍ଟତର ଓ ସୁନ୍ଦରତର ଭାବରେ ପ୍ରକାଶିତ ହେବ ।

## ସପ୍ତମ ଅଧ୍ୟାୟର ପରିଶିଷ୍ଟ

### ସାରଳା ଦାସ *

ସାରଳା ଦାସ ପାଞ୍ଚଶ ବର୍ଷ ତଳ ଲୋକ । କପିଳେନ୍ଦ୍ର ଦେବ ସେତେବେଳେ ଓଡ଼ିଶାର ସମ୍ରାଟ । ତାଙ୍କ ସାମ୍ରାଜ୍ୟ କାଳ ଖ୍ରୀଷ୍ଟାବ୍ଦ ୧୪୩୫ ରୁ ୧୪୬୭ । ମନେହୁଏ, ଏଇ ୧୫ ଶ ଶତାବ୍ଦୀର ଆଦ୍ୟଭାଗରେ ସାରଳା ଦାସଙ୍କ ଜନ୍ମ—ଶତାବ୍ଦୀ ପୂରିବା ପୂର୍ବରୁ ତାଙ୍କ ତିରୋଧାନ । କଟକ ଜିଲ୍ଲାର ସାରଳା ଦେବୀ-ପୀଠ ଝଙ୍କଡ଼ ହେଉଛି, ତାଙ୍କ ସ୍ଥାନ । ସାରଳା ଦେବୀଙ୍କ ଭକ୍ତ ବୋଲି ନାମଟି ସାରଳା ଦାସ । ତାଙ୍କ ନିଜ ନାମ, ସିଦ୍ଧେଶ୍ୱର ପରିଡ଼ା । ସେ ନିଜକୁ ଶୂଦ୍ର, ବୋଲି କହୁଚନ୍ତି । ତାଙ୍କ କୁଳବେଉସା ଥିଲା, 'ଚାଷ' । ତେଣୁ ସେ ହେଉଚନ୍ତି, ଅସଲ ଖାଣ୍ଟି ଓଡ଼ିଆ । ଜଣାପଡ଼ିବା ଭଳି ଆନ କୁଆଡ଼ୁ ଓଡ଼ିଶାକୁ ଆସିଥିବା ଲୋକ ବା ସେଭଳି ଲୋକଙ୍କ ବଂଶର ସେ ନୁହନ୍ତି ।

ସେ ହେଉଚନ୍ତି, ଓଡ଼ିଆରେ ମହାଭାରତ—ରଚନାରେ, ଓଡ଼ିଶାର ବ୍ୟାସଦେବ । ଓଡ଼ିଆ ମହାଭାରତ, ଓଡ଼ିଆ ଚଣ୍ଡୀ ପୁରାଣ ଓ ବିଲଙ୍କା ରାମାୟଣ—ଏଇ ତିନିଖଣ୍ଡି ଜଣାଶୁଣା ତାଙ୍କ ନିଜ ରଚିତ କାବ୍ୟ । ତାଙ୍କ ମହାଭାରତଟି ଗୋଟିଏ ବିରାଟ ମହାକାବ୍ୟ । ସଂସ୍କୃତରେ ମହାଭାରତ-ଅଛି, ଚଣ୍ଡୀ ପୁରାଣ ବି ଅଛି । କିନ୍ତୁ ଓଡ଼ିଆ ଚଣ୍ଡୀ ପୁରାଣ, ଠିକ୍ ସଂସ୍କୃତ ଚଣ୍ଡୀ ପୁରାଣ ପରି ନୁହେଁ । ସାରଳା

* (୧୭-୨-୧୯୬୮ ରେ କଟକ ବେତାର କେନ୍ଦ୍ରରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଭାଷଣ ।

Digitized by srujanika@gmail.com

ମହାଭାରତ, ସଂସ୍କୃତ ମହାଭାରତର ଅନୁବାଦ ତ ନୁହେଁ; ଅନୁଧାବନ ବି ନୁହେଁ । ଏହା ଓଡ଼ିଆ ସଭ୍ୟତା ଓ ସାହିତ୍ୟର ଗୋଟିଏ ଯଥାର୍ଥ 'ବିଶ୍ୱକୋଷ' ।

ଭୀମ, ଦୁର୍ଯ୍ୟୋଧନଙ୍କ 'ହିମିଷ୍ଟ' ବା 'ଅଡାଲି' ଖେଳରୁ ଏ ମହାଭାରତ ହୋଇଛି । ଯୁଧିଷ୍ଠିରଙ୍କ ରାଜ୍ୟରେ ମହର୍ଗ ପଡିବାରୁ କୁବେରଙ୍କ ଘରୁ ଲକ୍ଷେ ଶଗଡ଼ ଧାନ ମଗା ହୋଇ ଅସୁଛି । ବାଟ ନଈରେ ପଟ ପଡ଼ିବାରୁ ହଡ଼ାଏ ପୁଣି ସେ ଧାନ ଶଗଡ଼ ଗୁଡ଼ାକ ଘୋସାରି ଯାଉ ନାହାନ୍ତି । ଲୋକଙ୍କୁ ଆଉ ଦାନା ଦେବାକୁ ହେବ । ସେଥିପାଇଁ ପଟରେ ଧାନ ଅଜାଡ଼ି ବାଟ କରା ହେଉଛି । ଏ ମହାଭାରତରେ ପୁଣି ଲକ୍ଷ୍ମୀ, ପାର୍ବତୀଙ୍କଠାରୁ ଗାନ୍ଧାରୀ କୁନ୍ତୀଙ୍କ ପର୍ଯ୍ୟନ୍ତ, ସମସ୍ତେ ସତେ ଅବା ଓଡ଼ିଆ ଘରଣୀ । ସେମାନେ ଠିକ୍ ଆମର ମାଇପଙ୍କ ପରି ଈର୍ଷା କରୁଛନ୍ତି, କଳି ବି କରୁଛନ୍ତି । ନିବନ୍ଧ ବେଳକୁ ବରଗୁଡ଼ାକ ମରି ଯାଇଥିବାରୁ ଗାନ୍ଧାରୀ, ଆଉ ସାହାଡ଼ା ଗଛକୁ ଭଅ ହୋଇସାରି, ପରେ ଧୃତରାଷ୍ଟ୍ରଙ୍କୁ ଦୁତୀୟ ହୋଇ ସାଧ୍ୱୀ ଗୃହିଣୀ ପରି ଘର କରନ୍ତି । ହିଡ଼ିମ୍ବା ଆଉ ଦ୍ରୌପଦୀଙ୍କ ଭିତରେ ସଉତୁଣୀଦ୍ୱନ୍ଦ୍ୱ ଲାଗିଛି ।

ଉଦାହରଣ ସରିବ ନାହିଁ । ଓଡ଼ିଆ ସାହିତ୍ୟର ଏ ପ୍ରକାଶ କହି ବୁଝାଇବା ଜିନିଷ ନୁହେଁ । ଓଡ଼ିଆ ସମାଜର ନିତ୍ୟ ଚଳଣି, ଓଡ଼ିଆ ଜୀବନର ନିତ୍ୟ ଅନୁଭବ, ଏଥିରେ ଯେପରି କି ଜୀବନ୍ୟାସ ପାଇ ଫୁଟିଉଠିଛି । ଏସବୁ ଯଥାର୍ଥ ଓଡ଼ିଆ କବିତା । ଓଡ଼ିଆର ପ୍ରାଣ-ପ୍ରବାହ ଏଥିରେ ସ୍ୱଚ୍ଛନ୍ଦ ଓ ନିର୍ମଳ । ଓଡ଼ିଆ ଲୋକ-ବ୍ୟବହାର ଏଥିରେ ସରସ ଓ ପ୍ରାଣବନ୍ତ ।

ଆଦର୍ଶ-ପ୍ରକାଶରେ ମଧ୍ୟ ସାରଳା ଦାସଙ୍କ ସାମ୍ୟଭାବ ଓ ନିର୍ଭୀକତା ଅତୁଳନୀୟ । ଓଡ୍ରରାଷ୍ଟ୍ର ବର୍ଣ୍ଣନାରେ 'ସସାଗର ପୃଥିବୀ'ର

Digitized by srujanika@gmail.com

ଯୋଗାଇ ବା ଗଜପତି ନୃପତି 'ମଲ୍ଲଧ୍ୱଜ'ଙ୍କ କଥା ସେ ଲେଖିଛନ୍ତି । ପୃଥକ ଥାଇ 'ମଲ୍ଲଧ୍ୱଜ' ପୃଥିବୀକୁ 'ନବଖଣ୍ଡ' କଲେ । ତାଙ୍କ 'ଓଡ଼ଣୀ' ଭାର୍ଯ୍ୟାଙ୍କ ପୁଅ, 'ପୂରୁ' । ସେଇ ପୂରୁଙ୍କ ସ୍ୱଗରେ ସେ ଦେଲେ, 'ଓଡ୍ରବଂଶ' । ନୁହେଁ କି ? ଏଇ ଗଜପତି ନୃପତି ଦେହଜଚନ୍ଦ୍ର, ସମ୍ରାଟ୍ କପିଳେନ୍ଦ୍ର ଦେବ । ଯଥାର୍ଥରେ କପିଳେନ୍ଦ୍ର ଥିଲେ, 'କପିଳା ଗଜପତି' । ତାଙ୍କର 'ନବକୋଟି' କର୍ଣ୍ଣାଟ କଲବର୍ଗାଦି ସମେତ ସାମ୍ରାଜ୍ୟର କେନ୍ଦ୍ର ଓ ପ୍ରଧାନ କ୍ଷେତ୍ର ହେଉଛି 'ଓଡ୍ରବଂଶ' । ସମସ୍ତେ ଜାଣନ୍ତି, ସତରେ ସେ ରାଜ୍ୟକୁ ଟେ ଦେଇ ଯାଇଥିଲେ, 'ସୋଇଲ ପୁଅ ପୁରୁଆ'କୁ । ଯେଉଁ ରାଜକନ୍ୟାଏ ପରେ କପିଳେନ୍ଦ୍ର ଦେବଙ୍କ ରାଣୀ ହୋଇଥିଲେ, ତାଙ୍କ ପୁଅମାନଙ୍କୁ ସେ ଟା ଦେଇ ନ ଥିଲେ । 'ପୁରୁଆ' ଏବା ହୋଇଥିଲା, 'ପୁରୁଷୋତ୍ତମଦେବ' । ହୁଏତ ସମ୍ରାଟ୍ ହେବାପୂର୍ବରୁ କପିଳେନ୍ଦ୍ରଙ୍କର ଯେଉଁ ଗଜକୁଣୀ ଭାର୍ଯ୍ୟା ଥିଲା, ତାକୁଇ ରାଣୀ ଓ ରାଣୀପୁଏ 'ସୋଇଲ' ବୋଲି କହୁଥିଲେ । ସେଇ ଏକା ସାରଳା ଦାସଙ୍କ 'ଓଡ଼ଣୀ' । ସେଇ ଓଡ଼ଣୀ ପୁଅ 'ପୁରୁଆ' ହେଉଛି, ସାରଳା ଦାସଙ୍କ 'ପୂରୁ' । କପିଳେନ୍ଦ୍ର ଦେବ ଥିଲେ, ପ୍ରବଳପ୍ରତାପ ସମ୍ରାଟ୍ । ପୁରୁଷୋତ୍ତମ ଦେବ ବି କିଛି କମ୍ ନ ଥିଲେ । ମାତ୍ର ଲୋକେ ଏବେ ବି ନାମ ମନେ ରଖିଛନ୍ତି, 'କପିଳା ଗଜପତି', 'ସୋଇଲ ପୁଅ ପୁରୁଆ' । ସିଧୁଆ, କବି ଓ ସାଧକ ହୋଇ ହୋଇଥିଲେ,'ସିଦ୍ଧ-ସାରଳାଦାସ' । ହେଇ ସିଦ୍ଧ ପୁଣି ସମ୍ରାଟ୍ କପିଳା ଓ ପୁରୁଆଙ୍କୁ ଏପରି ଲେଖିଯାଉରେ । ଏଥିରୁ ସହଜରେ ବେଶ୍ ଜଣା ପଡ଼ୁଛି, ସାରଳାଦାସଙ୍କ କାଳର ଓଡ଼ିଆ ସମାଜ, ସାମ୍ୟ ଓ ଲୋକ ସ୍ୱାଧୀନତାର କି ପରଂପରା ଓ କି ଚଳଣିରେ କେତେ ପ୍ରାଣବନ୍ତ ଥିଲା । ରାଜ୍ୟର ଭୟ ବା କ୍ଷମତାର ବନ୍ଧନ ସାରଳା ଦାସଙ୍କୁ ଛୁଇଁ ନ ଥିଲା । ଏଇ ସଂପର୍କରେ ପୁଣି

Digitized by srujanika@gmail.com

‘କାଞ୍ଚିଆ-କପିଳା’ର କିଂବଦନ୍ତୀଟି ମଧ୍ୟ ସ୍ମରଣୀୟ । କପିଳା ଗଜପତିର ପିଲାଦିନ ନାଗ ‘କାଞ୍ଚିଆ ବ୍ରାହ୍ମଣ’, ସମ୍ରାଟ୍ କପିଳେନ୍ଦ୍ର ଦେବଙ୍କୁ କେହି ମଧ୍ୟ କହୁଥିଲେ, ‘କାଞ୍ଚିଆ-କପିଳାର ଆଜ କି ହେଉ ?’ ସମ୍ରାଟ୍‌ଙ୍କଠାରୁ ସାମାନ୍ୟ ସବଳ ଗୃହସ୍ଥ ପର୍ଯ୍ୟନ୍ତ, ଓଡ଼ିଆ ସମାଜରେ ଚଳଣିରେ ସମସ୍ତେ ସମାନ ଥିଲେ; ସ୍ୱାଧୀନ ଥିଲେ । ଏହାହିଁ ଜଗନ୍ନାଥଙ୍କ ମୈତ୍ରୀ-ଧର୍ମ । ଏହାହିଁ ସାରଳା ଦାସଙ୍କ କାବ୍ୟର ଅନ୍ତରାତ୍ମା । ଏହାହିଁ ପ୍ରକାଶିଛି ସେ କାବ୍ୟର ଯଥାର୍ଥ ରସ । ଏହି ରସାସ୍ୱାଦ ଯେ ପାଇବ, ଏହି ଆତ୍ମା ଯେ ଦେଖିବ, ସେହି ଏକା ସାରଳା ଦାସଙ୍କୁ ଦେଖିବ ।

ସଙ୍ଗେ ସଙ୍ଗେ ସାରଳାଦାସଙ୍କ ସ୍ୱକ୍ଷେତ୍ରପ୍ରୀତି ଓ ଦେଶାତ୍ମତା ମଧ୍ୟ ଦେଖିବାର କଥା । ଓଡ୍ରରାଷ୍ଟ୍ରହିଁ ତାଙ୍କର ଉପାସ୍ୟ, ତାଙ୍କର ସବୁ । ଏହି ଭୂମିରେ ପୁଣି ସବୁ ଦେବତା । ଏହି ଭୂମିରେ ସବୁ ତୀର୍ଥ । ଏହି ଭୂମିର ଗ୍ରାମ, ବଣ, ଏପରିକି, ମାଟି, ବାଲି ପର୍ଯ୍ୟନ୍ତ, ତାଙ୍କ ପାଖେ ପବିତ୍ର ଓ ଚିରସ୍ମରଣୀୟ । ଏହି ଓଡ୍ରରାଷ୍ଟ୍ର ‘କପିଳାସ’ ଏକା ହର ପାର୍ବତୀଙ୍କ ‘କୈଳାସ’ । ସୂର୍ଯ୍ୟ ଆସି ଏହି ଓଡ୍ରରାଷ୍ଟ୍ରର ଉପକୂଳରେ ଅର୍କ ଦୈତ୍ୟକୁ ମାରି ତୀର୍ଥଟିକୁ ‘କୋଣାର୍କ’ କରିଥିଲେ । ଏହି ଓଡ୍ରରାଷ୍ଟ୍ରର ଏକାମ୍ର କାନନରେ ବନବାସବେଳେ ଅର୍ଜୁନଙ୍କ ବିହାର । ଏହି ଓଡ୍ରରାଷ୍ଟ୍ର ମହୋଦଧିତୀରେ ଶ୍ରୀକୃଷ୍ଣଙ୍କ ଶବସଂସ୍କାର । ନିଜ କ୍ଷୁତ୍‌ବେଗ ନାଶ ପାଇଁ ଏହି ଓଡ୍ରରାଷ୍ଟ୍ରର ଚନ୍ଦ୍ରଭାଗା ଠାରେ କୃଷ୍ଣପୁତ୍ର ଶାମ୍ବଙ୍କ ତପସ୍ୟା । ସ୍ୱର୍ଗାରୋହଣବାଟରେ ଏହିଠାରେ ରହିଯାଇ ଦେବସାଜ ଝିଅ ସିଂଘାଣୀଙ୍କ ସଙ୍ଗେ ଯୁଧିଷ୍ଠିରଙ୍କ ବିବାହ ଓ ଗୃହସ୍ଥତା । ଏହି ଭୂମିର ପୁଣ୍ୟକ୍ଷେତ୍ର ‘ମାଛଗୋହି’ରେ ପରେ ପୂଜା ପାଇବେ ବୋଲି ମରିବା ପୂର୍ବରୁ ଶ୍ରୀକୃଷ୍ଣ ନିଜେ ଅର୍ଜୁନଙ୍କୁ କହିଗଲେ । ଏହି ଦେଶର ଶବରଙ୍କ ଲକ୍ଷ୍ୟରେ କାବ୍ୟଶବରର ‘ପ୍ରଶଂସା ଓ

Digitized by srujanika@gmail.com

ଜଗନ୍ନାଥଙ୍କ ଗୀତ, ଦସ୍ୟିତାଙ୍କ ପୂର୍ବକଥା । ଏଇପରି ଏଇସବୁ ଅସରନ୍ତି ବର୍ଣ୍ଣନା ହୋଇଛି, ସାରଳା ମହାଭାରତର ସ୍ୱରୂପ । ଏଇପରି ଯେତେ ତତ୍ତ୍ୱ ପ୍ରଦେଶ, ପ୍ରଦେଶର ସ୍ଥାନମାନ, ପ୍ରଦେଶର ଲୋକ ଓ ଚଳଣି, ପରମ୍ପରା ଆଣିବା ପୁଣ୍ୟ ସଙ୍କେତରେ ପ୍ରକାଶ କରିବା, ସାରଳା-ଦାସଙ୍କ ମହାଭାରତରେ ସବୁଦିନ ମିଳେ । ଏଇ ପ୍ରଦେଶଇ ତାଙ୍କର ସେଇ ଓଡ଼୍ରଦେଶ, ସେଇ ଶବର ଦେଶ, ସେଇ ଓଡ଼୍ର-ଜାତି ଓ ଶବରଦେବତା—ସ୍ୱାଧୀନ ବସୁନ୍ଧରାର ଜୀବନ୍ତ ଦେବତା—ଜଗନ୍ନାଥଙ୍କ ଦେଶ ।

ପୁଣି ସାରଳାଦାସଙ୍କ 'ବିଲଙ୍କା-ରାମାୟଣ' । ଏଥିରେ ଓଡ଼ିଆ ନାରୀର ଯଥାର୍ଥ ପ୍ରାଣ ପ୍ରତିଷ୍ଠା । ନାରୀ, ପୁରୁଷ ପାଖେ କେବଳ ଆଦର ଓ ଯତ୍ନରେ ସମାନ ନୁହେଁ, ସେ କାଳି ଗୃହସ୍ଥରେ ଶୁଦ୍ଧ ସହଧର୍ମିଣୀ ନୁହେଁ; ଓଡ଼ିଆ ସାଧବାଣୀ ଓ ସାଧବ ବୋହୂ କିଅଣ ଥିଲା, ଓଡ଼ିଆ କଳ୍ପନା ଓ ସମାଜ ଗଠନରେ ସେ କ ଜନନୀ ଥିଲା, 'ବିଲଙ୍କାରାମାୟଣ'ରେ ମନସ୍ୱୀ କବି ସାରଳା ଦାସ ତା ଫିଟାଇ ଦେଖାଇ ଦେଇଛନ୍ତି । ରାମଙ୍କ ରାବଣ ମାରିବାଟାକୁ ସୀତା ଖାତିର କଲେ ନାଇଁ; କହିଲେ, 'ଲଙ୍କାର ଦଶଶିର ରାବଣକୁ ମାରି କି ଯଶ? ବିଲଙ୍କାର ସହସ୍ରଶିର ରାବଣକୁ ମାର ଦେଖି !' ରାମ, ଗଲେ, ଯୁଝିଲେ, ହାରିଲେ । ତାଙ୍କ ପଛେ ସୀତାଙ୍କୁ । ସେନାର ନାୟୀକରେ ଏଠି ନାରୀ । ସେ ନାରୀ ପୁଣି କିଏ ? ସେ କେଶ-ଚନ୍ଦ୍ର, ରାବଣ-ଲକ୍ଷ୍ମୀତା ସୀତା । ବିଜୟ ହେଲା, ତାଙ୍କରି । ଏବେ ଇତିହାସକୁ ମିଳୁଛି ଉତ୍କଳର ନାରୀମାନେ ବାରମ୍ବାର ଦରବାର କଲେ ସମ୍ରାଟ ପାଦରେ ବସାଇବାଇ ଦକ୍ଷତାରେ ସାମ୍ରାଜ୍ୟ ଚଳାଇଥିଲେ । ଭୌମବଂଶର ଗୋସ୍ୱାମିନୀ, ତ୍ରିଭୁବନ ମହାଦେବୀ, ଗୌରୀ ମହାଦେବୀ ତଥା ଦଣ୍ଡୀ ମହାଦେବୀଙ୍କ ପରି ବଡ଼ତା ଓ

Digitized by srujanika@gmail.com

କୁମାରୀ ନାରୀ-ସମ୍ରାଟମାନେ ପୃଥିବୀର ଇତିହାସରେ ଦୁର୍ଲଭ । ଓଡ଼ିଆର କାବ୍ୟ ସାହିତ୍ୟକୁ ଛାନ୍ଦ ଚଉପଦୀରେ ଏବେ ବି ଜୀବନ୍ତ ରଖିଛନ୍ତି, ଶିଷ୍ଟ ଓଡ଼ିଆଙ୍କ ଭାଷାଏ । ହାଡ଼ି ଦାସଙ୍କ କାବ୍ୟ-ସାହିତ୍ୟରେ ଏଇ ଓଡ଼ିଆ ଭାଷାର ଯେ ଜୀବନ୍ତ ଶବ୍ଦ ଭଣ୍ଡାର ପ୍ରତିଷ୍ଠିତ, ତାର ଦୃଷ୍ଟାନ୍ତର ନାହିଁ । ସ୍ୱତନ୍ତ୍ର ଭାବରେ ତାଙ୍କ ଚଣ୍ଡୀପୁରାଣ କଥା କହିବା ଅଉ ଦରକାର କ'ଣ ?

ବ୍ରହ୍ମଚର୍ଯ୍ୟ ଓ ତନ୍ତ୍ରରେ ନିଷ୍ଠ ଯୌନ ସଂଯମ ହେଉଛି, ଓଡ଼ିଆ ସାଧନାର ପ୍ରାଣ । ଭାରତରେ ଏହା ଅଦ୍ୱିତୀୟ କହିଲେ ଚଳେ । ଦକ୍ଷିଣରେ ଦେବଦାସୀ, ତଥା ବଙ୍ଗ ଦେଶର ବଜ୍ରଯାନ, ସହଜଯାନ ଓ ତନ୍ତ୍ର-ପ୍ରଭାବ ଭିତରେ ଓଡ଼ିଆର ବିଶେଷ ଏଇଠାରେ । ଖାଲି ବିଶେଷ ନୁହେଁ, ଏଇ ସବୁ ପ୍ରଭାବର ଜ୍ଞାତ, ଅଜ୍ଞାତ ତଥା ପ୍ରାଣବନ୍ତ ପ୍ରତିବାଦ ଓ ପ୍ରତିରୋଧରେ ଅନୁପ୍ରତିଷ୍ଠା ହେଉଛି, ଓଡ଼ିଆ ସଂସ୍କୃତି, ଓଡ଼ିଆ ସାହିତ୍ୟ, ପୁଣି ଓଡ଼ିଆ ସଭ୍ୟତାର ଅନ୍ତରାତ୍ମା । ସାରଳା ଦାସଙ୍କ ସୀତା, ଲଙ୍କାର ସହସ୍ରାର୍ଜୁନଙ୍କୁ ଜିଣିଲେ । ମାତ୍ର ଜିଣିଲେ କିପରି ? ସୁନ୍ଦରୀ ଯୁବତୀ ସୀତାଙ୍କୁ ଦେଖି ସହସ୍ରାର୍ଜୁନ ଅଗ ଭାଗ ପୀଢ଼ାରେ ହତବୀର୍ଯ୍ୟ ହୋଇ ପଡ଼ିଲେ । ମହାଭାରତରେ ଭୀଷ୍ମ ମଧ୍ୟ ଶିଖଣ୍ଡୀଙ୍କୁ ଦେଖି ଅମ୍ବାଙ୍କୁ ମନେ ପକାଇ ହତ ଦଶା ଭଜିଥିଲେ । ଚଣ୍ଡୀ ପୁଣି ମହିଷାସୁରକୁ ସେଇପରି ଲିଙ୍ଗ ସଂହାର କରିଥିଲେ । ଏ ସବୁଥିରେ ଓଡ଼ିଆ ଲୋକ-ସାହିତ୍ୟର ବଳିଷ୍ଠ ପ୍ରକାଶ ସ୍ପଷ୍ଟ । ସେଥି ସଙ୍ଗେ ସଂକେତରେ ତୁଳି ଦେଖିବାର ଅଛି, ଦ୍ରାବିଡ଼ ଦେବଦାସୀ ପ୍ରଥା ଓ ବଙ୍ଗୀୟ ତାନ୍ତ୍ରିକର ବିରୁଦ୍ଧରେ ଓଡ଼ିଆର ସମାଜସାଧନା କି ଧାରାରେ ଗତି କରି ଆସିଛି ।

Digitized by srujanika@gmail.com

ଭାରତରେ ଓଡ଼ିଆ ସାହିତ୍ୟ ତଥା ସମାଜ ଅତି ଅଦମ୍ୟ । ଏହା ସମାନ ଧାରା ଧରି ଚାଲି ଆସିଛି । ଏଥିରେ ପ୍ରଚଣ୍ଡ ବହିଃସ୍-କ୍ରମଣ, ସମାଜ ଓ ସାମ୍ରାଜ୍ୟ ସୂତ୍ରରେ ବାରମ୍ବାର ଧକ୍କା ଦେଇଛି । ଜଗନ୍ନାଥର ମୈତ୍ରୀ ଧର୍ମ ଉପରେ ସେ ଧକ୍କା କମ ବାଜି ନାହିଁ । ମହାଯାନ ବୌଦ୍ଧମାନେ ଉତ୍କଳୀ ଥାଇ ମଧ୍ୟ ମଗଧ ଓ ବଙ୍ଗର ଆକ୍ରମଣରେ ଉତ୍କ୍ରାନ୍ତ ହୋଇଛନ୍ତି । ସଂସ୍କୃତ ସାହିତ୍ୟକୁ ଧରି ସେଥିରେ ନୈଷଧୀୟ ପରମ୍ପରା ଫୁଟାଇଛନ୍ତି । ସ୍ମାର୍ତ୍ତ ଟୀକାକାର-ମାନେ ମାଳବ ଆଉ ଶୈବଙ୍କୁ ଆଣି ତାଙ୍କ ସଙ୍ଗେ ଶକ୍ତିଙ୍କ ପାଇଁ ବାଟ ଫିଟାଇଛନ୍ତି । କର୍ଣ୍ଣାଟ ଓ ତେଲିଙ୍ଗି ଅର୍ଦ୍ଧ ସ୍ମାର୍ତ୍ତ, ଅର୍ଦ୍ଧ ବୈଷ୍ଣବ ଗଙ୍ଗମାନଙ୍କ ଦେବଦାସୀଙ୍କ ସେବା ଦେଇ ଜୟଦେବଙ୍କ ରାଧା କୃଷ୍ଣ ଲୀଳା, ଏ ଭୂମିର ସଭ୍ୟତାକୁ ବୁଝାଇ ଦେବାର ଚେଷ୍ଟା କରିଛି । ଓଡ଼ିଆ ସମାଜ ଓ ସାହିତ୍ୟ ବାରମ୍ବାର ଅସ୍ପଷ୍ଟ ଓ ସ୍ପଷ୍ଟ ବିଦ୍ରୋହରେ ଉଠିଛି । ଜଗନ୍ନାଥର ମୈତ୍ରୀ ଧର୍ମ ତଥା ଓଡ଼ିଆର ସମାଜ ଓ ସାହିତ୍ୟ ମରି ନାଇ । ସାରଳା ଦାସ ଏଇ ବିଦ୍ରୋହର ଗୋଟିଏ ପୁଷ୍ପ, ପ୍ରଚଣ୍ଡ ସ୍ଫୁରଣର ସ୍ପଷ୍ଟ ପ୍ରତୀକ । ଗଙ୍ଗଙ୍କ ସାମ୍ରାଜ୍ୟର ନକ୍ଷେପଣ ପରେ ଲୋକେ ସମ୍ରାଟ୍ ବସି ବାଛିଲେ, କପିଳ ଗଜପତିଙ୍କୁ । ଏଣେ ଓଡ଼ିଆଙ୍କୁ ମହାଭାରତ ପ୍ରୀତି ଦେଖାଇ ଦେଲେ, ଶୂଦ୍ର ସିଦ୍ଧ, ସାରଳାଦାସ । କପିଳେନ୍ଦ୍ର ଦେବ ଥିଲେ, ସାମ୍ରାଜ୍ୟରେ ତଥା ସାହିତ୍ୟରେ, ଓଡ଼ିଶାର 'ବିକ୍ରମାଦିତ୍ୟ' । ତାଙ୍କ ଜଗନ୍ନାଥଙ୍କ ଧର୍ମର ଦୀପ୍ତିରେ ଚୈତନ୍ୟଙ୍କ ପୂର୍ବ ପୁରୁଷଙ୍କ ବ୍ରାହ୍ମଣମାନେ ଯାଜପୁର ଛାଡ଼ି, ପୂର୍ବ ଭାରତର ତନ୍ତ୍ର-କେନ୍ଦ୍ର ସିଲେଟକୁ ପଳାଇ ଯାଇଥିଲେ । ସାରଳା ଦାସ ଥିଲେ, ଓଡ଼ିଶାର ଏତକ ବେଳର ମହାକବି । ତାଙ୍କ ଲେଖାରେ ଓଡ଼ିଆର ଯେ ପ୍ରାଣ ପ୍ରକାଶ ପାଇଛି, ତା ଏକାବେଳକେ ନାହିଁ ନ ଥିଲା । ସେ ଅନୁଭବୀ—ବର୍ଣ୍ଣନାରେ ଆଜି ତା ବୁଝାଇ ହେବ ନାଇ ।

Digitized by srujanika@gmail.com

ଆଉ ଗୋଟିଏ କଥା—ଓଡ଼ିଆ ଲିପି । ଏହା ଏବେପରି ସ୍ପଷ୍ଟ ସୁଗଠିତ ଓ ବର୍ତ୍ତୁଳ ନ ଥିଲା । ସାରଳା ଦାସଙ୍କ ବାଳ ଲେଖନୀ ଘର୍ଷଣରେ ଲେଖାଗୁଡ଼ା କେତେକରେ ବ୍ୟାପିଗଲା । ସମସ୍ତେ ଲେଖନ ଧରି ତାଳପତ୍ର ଲେଖିଲେ । ଅତି ଅଳ୍ପ କାଳରେ ଏଠାର ଓଡ଼ିଆ ଲିପି ବଦଳି ପଡ଼ିଲା । ପୁରୁଷୋତ୍ତମ ଦେବଙ୍କ ପ୍ରସିଦ୍ଧ ଫାର୍ସୀମୁଣ୍ଡା-ଶାସନ-ଲେଖ, ଏହାର ପ୍ରମାଣ ।

ଏ ଗଳ୍ପ ସୂଚନାରେ ଓଡ଼ିଆର ଜାତୀୟ ସାହିତ୍ୟରେ ମହା-କବି ସାରଳା ଦାସଙ୍କ କଥା । ଏହାଛଡ଼ା କେତେ ତାଙ୍କ ଜନ୍ମ, ଦ୍ରମ୍ମନ ଓ ତାଙ୍କ ଦେବୀ ସେବା ପୁଣି ସେହି ସମ୍ପର୍କରେ ତାଙ୍କ ଯୋଗ-ସାଧନା ଓ ସିଦ୍ଧି ଯେଉଁ ବହୁ କଥା ଓ କିଂବଦନ୍ତୀ ଲୋକରେ ପ୍ରଚଳିତ ଅଛି । ଏମନ୍ତ କିଂବଦନ୍ତୀରେ ଶିଷ୍ୟ ଓ ଭକ୍ତଙ୍କ କଳ୍ପନା ମିଶିଥାଏ । ସେଥିରୁ ସତ୍ୟ କାଢ଼ି ଦେଖାଇବାର ସୁଯୋଗ ଆଜି ନାହିଁ । ଏଥିପାଇଁ ଓଡ଼ିଆର ଯୁଗ ଯୁଗାନ୍ତ ସାଧନ-ବେଂଶର ଫେଡ଼ା-କାଡ଼ା ହେବ; ଓଡ଼ିଆର ବିଶୁଦ୍ଧ ତନ୍ତ୍ର ଯୋଗ ଓ ମୌଳିକ ନିର୍ବାଣ ସାଧନାର ଇତିହାସ ଦେଖି ଦେଖାଇବାକୁ ହେବ । ତଥାପି ଏଠିମାତ୍ର ଏତିକି ସଂକ୍ଷେପରେ କୁହାଯାଇ ପାରେ ଯେ, ସାରଳା ଦାସ, ଯୋଗସିଦ୍ଧ ଥିଲେ । ସେ ଇଚ୍ଛା କରି ପ୍ରସ୍ତୁତ ହୋଇ ନିର୍ବାଣଲାଭ କରିଥିଲେ । ବ୍ରହ୍ମଚର୍ଯ୍ୟର ଦୀପ୍ତିରେ ତାଙ୍କ ଶରୀର, ଶୁଦ୍ଧ ଓ ସ୍ୱାଧୀନ ଥିଲା । ନିରହଂକାର ବିଶ୍ୱମୈତ୍ରୀ ତାଙ୍କ ଚରିତ୍ରର ପରମ ଗଢ଼ିଥିଲା । ଦେହରେ ଓ କାର୍ଯ୍ୟରେ ସେ ପୁରୁଷପ୍ରବର ଜଗନ୍ନାଥ ଧର୍ମୀ ଓଡ଼ିଆ ଥିଲେ

—–—

Digitized by srujanika@gmail.com

# ଅଷ୍ଟମ ଅଧ୍ୟାୟ

## ବୈଷ୍ଣବ-ସାହିତ୍ୟ ଓ ଭକ୍ତିର ମିଥ୍ୟା

### ଭାରତର ଦାର୍ଶନିକ ଧର୍ମ

ପ୍ରସଙ୍ଗ କ୍ରମେ ଓଡ଼ିଶାର ଏଇ ବୈଷ୍ଣବ ସାହିତ୍ୟ ଓ ଭକ୍ତିର ମିଥ୍ୟା କଥା ବହୁତ କୁହା ହୋଇଛି । ଫଳେତ ଦେଖା ଯାଉଛି, ଏହା ଯଥାର୍ଥ ଓଡ଼ିଆ ସାହିତ୍ୟ ନୁହେ । ମାନବ-ବିକାଶର ପ୍ରକାଶ ହେଉଛି, ସାହିତ୍ୟ । ସେ ବିକାଶର ଧାରା ଛିନ୍ନ ହେଲେ ସାହିତ୍ୟ ଲୋପ ହୁଏ । ସେଥିରେ ସଂସ୍କୃତିର ଧାରା ଭ୍ରଷ୍ଟ ହୋଇ ତା ଅନ୍ୟ ପ୍ରକାର ହୋଇ ଯାଏ । ପୃଥିବୀରେ ବହୁସମାଜରେ ଭକ୍ତିଧର୍ମର ଅନ୍ଧ ପରଂପରା ପଶ୍ଚି ଫଳ ସେଇଆ ହୋଇଛି । ଅବଶ୍ୟ ଭକ୍ତିଧର୍ମ, ମାନବର ଆଦିଧର୍ମ— ଯଥାର୍ଥ ଦର୍ଶନଜ୍ଞାନ ମାନବର ଏହାଇ ଧର୍ମ ବା ସମାଜ ଚଳଣିର ନିଷ୍ଠାତ୍ମକ ଆଦର୍ଶ । ସବୁ ସମାଜର ନିମ୍ନସ୍ତରରେ ପୁଣି ଭକ୍ତିଧର୍ମ ଥାଏ । ପ୍ରାକୃତ ମାନବର ଏହା ନିତ୍ୟଧର୍ମ । ତଥାପି ସମାଜ ବିଶେଷରେ ଏଇ ପ୍ରାକୃତ ଭକ୍ତି ଧର୍ମର ସଂସ୍କାର, ଚଳଣିର ଦାର୍ଶନିକ ଆଦର୍ଶରେ ପ୍ରଭାବିତ ହୋଇଥାଏ । ଏହାଇ ହେଲେ ଥିଲା, ଭାରତର ଜୈନ ଧର୍ମ । ଏଇ ଜୈନ ଧର୍ମରେ ମାନବର କର୍ମ ପାଇଁ ମାନବ ନିଜେ ଦାୟୀ । କର୍ମ ଓ କର୍ମର ଫଳ ହେଉଛି, ଏହାର ଭିତ୍ତି । ଭକ୍ତି ଧର୍ମରର ବ୍ୟକ୍ତି ବା ପୁରୁଷର ଏ ଦାୟିତ୍ୱ ନାହିଁ । ଏହାଇ ମୂଳତଃ ଦୁଇଟି ମତରେ ଭେଦ । ଏଇ ଜୈନଧର୍ମ ହେଲେ ମହାଭାରତୀୟ ଧର୍ମର ଆଦର୍ଶ ଥିଲେହେଁ, ଓଡ଼ିଆଙ୍କ ସଂସ୍କୃତି ଓ ସାହିତ୍ୟରେ ଏହା ବର୍ବରର ଚିହ୍ନ ଆସିଛି । ଏଇ ମହାଭାରତୀୟ ଆଦର୍ଶ ବୈଦିକ ଦର୍ଶନ

Digitized by srujanika@gmail.com

ଓ ପରବର୍ତ୍ତୀ ବ୍ରାହ୍ମଣିକ ଧର୍ମର ଆଦର୍ଶ, ସନ୍ଦେହ ନାହିଁ । କିନ୍ତୁ ଭକ୍ତିଧର୍ମ, ମହାଭାରତୀୟ ନାରାୟଣୀୟ ଧର୍ମ କାଳରୁ ସେଥିରେ ସ୍ପଷ୍ଟ ପ୍ରଭାବ ପକାଇ ଆସିଛି; ଦାର୍ଶନିକ ଭାରତୀୟ ଧର୍ମ, ଅର୍ଥାତ୍, ନିର୍ମଳ ଜୈନ ଧର୍ମ ନାନା ଭାବରେ ଅନୁରକ୍ଷା କରି ଦେଇଛି । ସବୁଠାରେ ଏହାର ବିଶେଷ ଅବଦାନ କହିଛି । ଓଡ଼ିଶାରେ ସେହି ଜୈନ ସଂସ୍କୃତିର ପ୍ରତୀକ ଜଗନ୍ନାଥ-ପୁରୁଷୋତ୍ତମ ପ୍ରତିଷ୍ଠିତ ଥିବାରୁ ଓଡ଼ିଶା, ଭକ୍ତି ଧର୍ମର ସ୍ରୋତରେ ପୂର୍ବାପର ଅବଦାନ କରି ନାହିଁ । ଏହି ଅନୁରକ୍ଷାର ଚେଷ୍ଟାରେ ଭକ୍ତିଧର୍ମର ଦାର୍ଶନିକ ବ୍ୟାଖ୍ୟା କରିବା ଦେଖାଯାଏ, ଗୋଟିଏ ଉପାଦାନ । ଶୈବଧର୍ମ ଗୋଟିଏ ଭକ୍ତି ଧର୍ମ । ଶଙ୍କରାଚାର୍ଯ୍ୟ-ସନ୍ନ୍ୟାସୀମାନେ ଶିବ ଭକ୍ତ ହୋଇ ସେହି ଶିବଙ୍କ 'ମାନସ ପୂଜା'ରେ କହନ୍ତି ଉପାସନା କରନ୍ତୁ ଦେଖ—

"ଆତ୍ମାତ୍ୱଂ, ଗିରିଜାପତେ, ସହଚରାଃ ପ୍ରାଣାଃ, ଶରୀରଂ ଗୃହଂ,
ପୂଜାତେ ବିଷୟୋପଭୋଗ-ରଚନା, ନିଦ୍ରା ସମାଧିସ୍ଥିତିଃ,
ସଞ୍ଚାରଃ ପଦୟୋଃ ପ୍ରଦକ୍ଷିଣ-ବିଧିଃ, ସ୍ତୋତ୍ରାଣି ସର୍ବାଗିରଃ ।
ଯଦ୍ୟତ୍ କର୍ମ କରୋମି ତତ୍ତଦଖିଳଂ ଶମ୍ଭୋତବାରାଧନଂ ।

ଅର୍ଥାତ୍, ହେ ଗିରିଜାପତି, ତୁମେ ମୋ ଆତ୍ମା, ମୋ ପ୍ରାଣମାନେ (ପଞ୍ଚପ୍ରାଣ) ତମ ସହଚର, ମୋ ଶରୀର ତମ ଘର, ମୋ ବିଷୟ-ଭୋଗ-ରଚନା ତମ ପୂଜା, ମୋ ନିଦ୍ରା ତମ ସମାଧି-ସ୍ଥିତି, ମୋ ପାଦ ଚାଳନା ତମର ପ୍ରଦକ୍ଷିଣ-ବିଧି, ମୋ କଥାଯାକ ସବୁ ତମ ସ୍ତୋତ୍ର, ହେ ଶମ୍ଭୁ, ମୁଁ ଯାହା ଯାହା କର୍ମ କରୁଛି, ସେ ସବୁଯାକ ହେଉଛି, ତମର ଆରାଧନା ।

## ଶୈବ ଧର୍ମ

ଭାରତର ଦାର୍ଶନିକ ଧର୍ମ ବହୁ ପ୍ରାଚୀନ କାଳରୁ ଏହି ଶୈବ ଧର୍ମରେ ପରିଣତ ହୋଇଥିଲା । ପଶୁପତି ଶିବ ହେଉଛନ୍ତି, ପ୍ରାଗ୍-

Digitized by srujanika@gmail.com

ବୈଦିକ ଭାରତୀୟ ପ୍ରାକୃତ ଜନର ଉପାସ୍ୟ । ଏହା ଇତିହାସର ସତ୍ୟ ( Sir John Marshall's Indus Culture ଦେଖ ) । ଦାର୍ଶନିକ ଜୈନଧର୍ମ ସେଇ କାଳର ସଂସ୍କୃତି ଓ ସମାଜଚେତନାର ନିସ୍ତ୍ରାମକ । ଏବେ ମଧ୍ୟ ଶାସ୍ତ୍ର ଓ ଚରିତ୍ରରେ ଶୈବମାନେ ବ୍ରାହ୍ମଣିକ ଧର୍ମର ନାନା ସଂସ୍କାର, କୁସଂସ୍କାର, ଆଗ୍ରହ, କଦାଗ୍ରହ ମଧ୍ୟରେ ଭାରତୀୟ ଦର୍ଶନକୁ ଜୀବନ୍ତ ରଖିଚନ୍ତି । ସେଥିରେ ପୁଣି ଏଇସବୁ ବ୍ୟାଖ୍ୟାର ସୀମା ନାହିଁ । ସୋଽହଂବାଦୀ ଶଙ୍କରାଚାର୍ଯ୍ୟ ନିଜେ ଶୈବ ଥିବାର ପରଂପରା ଅଛି । ଭକ୍ତିରେ ଏଇ ଶୈବଧର୍ମ ପୁରାପୁରି ଭ୍ରଷ୍ଟ ହୋଇ ନାହିଁ ।

## ସେଥିରେ ପୌରାଣିକ ମିଥ୍ୟା

ପୌରାଣିକ ମିଥ୍ୟା ସେଥିରେ ଖୁବ୍ ପଶିଛି । ଅବଶ୍ୟ ବହୁକାଳରୁ ପୌରାଣିକ ମିଥ୍ୟା ଭକ୍ତିର ବଂଶର ସମ୍ପର୍କରେ ବାହାରି ଥିଲା । ତା ଏଥିରେ ଖୋଜିଲେ ଦେଖି ହେବ । ଉଦାହରଣ ସ୍ୱରୂପ, ଶିବ ପୁରାଣ ଅନ୍ତର୍ଗତ 'ବିଦ୍ୟେଶ୍ୱରସଂହିତା' ଦେଖ । ବ୍ରହ୍ମା, ବିଷ୍ଣୁ ଦୁହେଁ ଅପଣା ଅପଣା ଭିତରେ କିଏ ବଡ଼ ବୋଲି କଳି କରୁ କରୁ ହାତ ଉଠାଉଠି ହୋଇ ଘୋର ଯୁଦ୍ଧ ଆରମ୍ଭ କଲେ । ଦୁହିଁଙ୍କୁ ଅଲଗା କରି ଥଣ୍ଡା କରିବା ପାଇଁ ବିରାଟ 'ଲିଂଗ' ଦୁହିଁଙ୍କ ମଝିରେ ବାହାରି ପଡ଼ିଲେ । ଦୁହେଁ ତାର ମୂଳ ଓ ଅଗ ଦେଖି ଜାଣିବା ପାଇଁ, ବିଷ୍ଣୁ ବରାହରୂପ ଧରି, ସେ ଲିଂଗର ମୂଳ ଦେଖିବାକୁ ଦାନ୍ତରେ ମାଟି ଖୋଳି ଖୋଳି ଭୂଗର୍ଭରେ ପଶିଲେ; ବ୍ରହ୍ମା ହଂସ ରୂପଧରି ଉଡ଼ି ଉଡ଼ି ଅଗ ଦେଖିବାକୁ ଉପରକୁ ଉଠିଲେ । ଦଶହଜାର ବର୍ଷ ଉଡ଼ିଲାପରେ ବ୍ରହ୍ମା ଦେଖିଲେ, ଗୋଟିଏ କେତକୀ ଉପରୁ ଖସି ପଡ଼ୁଛି । ସେଇଟିକୁ ବ୍ରହ୍ମା ଧଇଲେ । ସେଇଟି ଶୁଖି ଯାଇଥିଲା ।

Digitized by srujanika@gmail.com

ତାଙ୍କୁ ପଚାରନ୍ତେ, 'ତୁ କେତେଟା ଅଛୁ ?' ସେ କହିଲା, 'ମୁଁ ଏହି ଲିଙ୍ଗ ମୁଣ୍ଡରୁ ଖସି ପଡ଼ୁଛି ।' 'କେବେଠୁଁ ?' ସେ କହିଲା, 'ଦଶହଜାର ବର୍ଷ ହେଲାଣି ।' ବ୍ରହ୍ମା ଦେଖିଲେ ଆଉ ଛୁଟି ପାରିବେ ନାହିଁ । ତହୁଁ ସେ କେତକୀକୁ ଶିଖାଇଲେ ମିଛ । କହିଲେ, 'ମୁଁ ତତେ ସାଙ୍ଗରେ ନେଇ ତଳକୁ ଯିବି । ତୁ କହିବୁ, ମୁଁ ତତେ ଲିଙ୍ଗ ମୁଣ୍ଡରୁ ଘେନିକରି ଗଲି ।' ତେଣେ ବିଷ୍ଣୁ ଦଶହଜାରେ ବର୍ଷ ଖୋଜି ଖୋଜି ମୂଳ ନ ପାଇ ଫେରିଥାନ୍ତି । ବ୍ରହ୍ମା ଓ କେତକୀଙ୍କ ମିଥ୍ୟା ବ୍ୟବହାରରେ ବିଷ୍ଣୁ ଭୁଲିଗଲେ । ମାତ୍ର ମହାଦେବ ଟିକଏ ହସୁଥାନ୍ତି, ତାଙ୍କୁ ସବୁ ଜଣା । ସେ ବ୍ରହ୍ମା ଓ କେତକୀଙ୍କୁ ଧରି ପକାଇଲେ; ଗାଳି ଦେଲେ— ଅଭିଶାପ ଦେଲେ ।

## ଦେବୀ-ଧର୍ମ

ଏ ପୌରାଣିକ ମିଥ୍ୟାରେ ଶିବଭକ୍ତିର ମାତ୍ରା ଖୁବ୍ ଅଛି । ସବୁ ପୌରାଣିକ ମିଥ୍ୟାରେ ଖୋଜିଲେ ଏହିପରି ଭକ୍ତିର ମାତ୍ରା ଇତର ବିଶେଷ ମିଳିପାରେ । କିନ୍ତୁ ବୈଷ୍ଣବବାଦ ଭକ୍ତିଧର୍ମର ପ୍ରଚାର କଲା । ସେଥିରେ ଦର୍ଶନ ବା କର୍ମରେ ବ୍ୟକ୍ତି ସାନ୍ନିଧ୍ୟର ସମ୍ପର୍କ ନ ଥାଏ । 'ଭାଗ୍ୟପୂର୍ଣ୍ଣ' ପୁରସ୍କୃତ ନିଗ୍ରହାନୁଗ୍ରହ-ସମର୍ଥ । ତେଣୁ ସେ ଧର୍ମରେ ଭକ୍ତିର ମିଥ୍ୟା କେବଳ ପରିମାଣରେ ନୁହେଁ, ପ୍ରକାରରେ ମଧ୍ୟ ପୌରାଣିକ ମିଥ୍ୟାଠାରୁ ଭିନ୍ନ । ସେଥିରେ ବଲ୍ଲୁ ଟାଳି ସ୍ତୁତି ଓ ଆତ୍ମସମର୍ପଣରେ ପ୍ରୀତ ହୋଇ କିମ୍ବା ସ୍ତୁତି ବା ଆତ୍ମସମର୍ପଣ ପାଇବା ପାଇଁ ବିଷ୍ଣୁ, ବିଶାଳ ଅଦ୍ଭୁତ କ୍ରିୟାରେ ଲାଗିଥାନ୍ତି । ଅତି ଶ୍ରେଷ୍ଠ କାମ କରିବାରେ ମଧ୍ୟ ସେହି ଅଦ୍ଭୁତ କ୍ରିୟା ପ୍ରୟୋଗ କରନ୍ତି ବୋଲି ଭକ୍ତମାନେ ବର୍ଣ୍ଣନ କରନ୍ତି । ଭିନ୍ନ ଭିନ୍ନ ପ୍ରସଙ୍ଗରେ ଏକଥା କୁହାଯାଇଥିଲେ ମଧ୍ୟ ଏ ଅଧ୍ୟାୟରେ ବିଷୟଟି ଉଦାହରଣରେ ବିଶଦ କରିବା ପାଇଁ ଆଉ କେତେକ କଥା କୁହାଯିବ । ଏହା କହିବା

Digitized by srujanika@gmail.com

ପୂର୍ବରୁ ଅଛି ଏକପ୍ରକାର ଅଭ୍ରାନ୍ତ କ୍ରିୟାର ମିଥ୍ୟାଗୁରୁ ସ୍ପଷ୍ଟ ଏଟି ଲକ୍ଷ୍ୟ କରିବାର ଅଛି । ଓଡ଼ିଆ ସାହିତ୍ୟରେ ତା'ର ପ୍ରଚାର ମଧ୍ୟ ଦେଖାଯାଏ । ଏହା ହେଉଛି, ଦେବୀଧର୍ମ ବା ତନ୍ତ୍ର । ତନ୍ତ୍ର, ମୂଳତଃ ଦେବୀଧର୍ମ ନ ଥିଲ । ତନ୍ତ୍ର ଥିଲା, ଶରୀର-ସାଧନା-ଯୋଗରେ ନିର୍ବାଣ ଲାଭର ପ୍ରଚେଷ୍ଟା । ନିଜକୁ କେଉଁଥିରେ ବାଂକ୍ରା କର୍ମରେ ତା ନିଜର ଦାୟିତ୍ୱ କୌଣସି ଦେବୀଙ୍କପରେ ପ୍ରଭାବ ଦେବାର କଳ୍ପନା ନ ଥିଲା । ତେଣୁ ମୂଳତଃ ତନ୍ତ୍ରରେ ଭକ୍ତି ନ ଥିଲା । ଲିଂଗ ରୂପୀ, ଶିବଙ୍କର ଯୋନି-ରୂପେ ଦେବୀଙ୍କ କଳ୍ପନା ହେଉଛି ପ୍ରାକୃତ ବିଶ୍ୱଦର୍ଶନ । ଏହା ଅତି ପ୍ରାଚୀନ । ବିଶ୍ୱଜନୟିତ୍ରୀ ଓ ବିଶ୍ୱ-ସଂହାରିଣୀ ଦେବୀ ପୃଥିବୀରେ ଅଦ୍ୟା । ତାପରେ ଅବଶ୍ୟ ପ୍ରଜନନ ବା ସୃଷ୍ଟିର ଅପର ଅଂଗ ବା କାରଣ ରୂପେ ଲିଂଗରୂପୀଙ୍କ କଳ୍ପନା । ସେ ହେଲେ, ପଶୁପତି ମହାଦେବ । ସୁତରାଂ ଦାର୍ଶନିକ ସ୍ତରରେ ଏଇ ଦେବୀଙ୍କୁ ବିଶ୍ୱଶକ୍ତିର ଶକ୍ତିରୂପେ ବର୍ଣ୍ଣନା କରାଯାଇଛି । ମାନନ୍ତୁକା ପରି ଏହା ମଧ୍ୟ ଶଙ୍କରା-ଚାର୍ଯ୍ୟଙ୍କର 'ଆନନ୍ଦ ଲହରୀ'ର ପ୍ରଥମରୁ ଅଛି—

"ଶିବଃ ଶକ୍ତ୍ୟାଯୁକ୍ତୋ ଯଦି ଭବତି ଶକ୍ତଃ ପ୍ରଭବିତୁଂ
ନଚେଦେବଂ ଦେବଃ ନ ଖଲୁ କୁଶଳଃ ସ୍ପନ୍ଦିତୁମପି ।"

ଅର୍ଥାତ୍, ଶକ୍ତିଯୁକ୍ତ ହେଲେ ଏକା ଏ ଶିବ ବିଶ୍ୱ ପ୍ରକାଶ କରିବାରେ ସମର୍ଥ ହୁଅନ୍ତି । ନଚେତ୍ ଶକ୍ତି ହୀନ ହୋଇ ଏ ଦେବ ନିଜେ ହଲିବାକୁ ମଧ୍ୟ ସମର୍ଥ ନୁହନ୍ତି । ତଥାପି ଏଠାରେ ସବୁ ଦାର୍ଶନିକତା ସତ୍ତ୍ୱେ ସୃଷ୍ଟି ବା ପ୍ରଜନନରେ ଯୌନକ୍ରିୟା ତଥା, ଯୌନରତିର ଅନ୍ତତଃ କାବ୍ୟ କଳ୍ପନା ଯେ ଅଛି ତା ସ୍ପଷ୍ଟ । ତଥାପି ଓଡ଼ିଆ ସଂସ୍କୃତିର ଇତିହାସରେ ଦେଖିବାର କଥା, ଶିବଙ୍କ ସଙ୍ଗେ ସଂପୃକ୍ତ ଦେବଙ୍କ ତାନ୍ତ୍ରିକ ସାଧନା ଓଡ଼ିଶାରେ ପଶିଥିବାର ପ୍ରମାଣ ନାହିଁ । ଭୌମ-କେଶରୀମାନଙ୍କ କାଳରେ ଶୈବଧର୍ମର

Digitized by srujanika@gmail.com

ବିଶେଷ ପ୍ରାଦୁର୍ଭାବ ଓ ପ୍ରତିଷ୍ଠା । ଭୁବନେଶ୍ୱରରେ ପାର୍ବତୀ ମନ୍ଦିର ଓ ପାର୍ବତୀ ଅଛନ୍ତି । ଯେ ଲିଙ୍ଗରାଜଙ୍କର ଠିକ୍ ସମସାମୟିକ କି ନା, ତା କହିବାର କିଛି ବିଶେଷ ନିର୍ଦ୍ଦିଷ୍ଟ ସାଧନ ନାହିଁ । ପୁଣି ସମସାମୟିକ ହେଲେହେଁ, ଲିଙ୍ଗରାଜଙ୍କ ମନ୍ଦିର ବେଢ଼ା ଭିତରେ ପ୍ରତିଷ୍ଠିତ ଥିବା ପାର୍ବତୀ, ଉନ୍ନତ ଦେବୀ ନୁହନ୍ତି । ଅନ୍ୟତ୍ର, ପରଶୁରାମେଶ୍ୱର, ମୁକ୍ତେଶ୍ୱର ପ୍ରଭୃତିରେ କୌଣସି ପ୍ରକାର ଦେବୀ ନାହାନ୍ତି । ସେଇ ସମୟରେ ପ୍ରତିଷ୍ଠିତ ପୁରୀ ଜିଲ୍ଲାରେ ଭେଟେକ-ଠାରେ 'କୋଶଳେଶ୍ୱର' ମହାଦେବ ଅଛନ୍ତି । ଆଜିର ମଧ୍ୟ ସେଇ କୋଶଳ କେଶରୀଙ୍କ ପ୍ରତିଷ୍ଠିତ 'ବରଳ ବାଲୁକେଶ୍ୱର' ଆଦି ଅଷ୍ଟ ଶମ୍ଭୁ ଅଛନ୍ତି । ସେ ସବୁଠାରେ ଦେବୀର ସମ୍ପର୍କ ନାହିଁ । କୋଶଳ କେଶରୀଙ୍କ କାଳର ମନ୍ଦିରମାନଙ୍କ ଦେହର ଖୋଦନ-କଳାରେ ମଧ୍ୟ ପରବର୍ତ୍ତୀ କାଳର ଯୌନ ବା ଯୌନଚର୍ଯ୍ୟାର ଚିହ୍ନ ନାହିଁ । କେବଳ ଲିଙ୍ଗରାଜଙ୍କ 'ବିମାନ'ରେ ଠାଏ ଅଧେମାନ ଏହା ଥିବାର ଦେଖାଯାଏ । ଅଥଚ ପର୍ଶୁରାମେଶ୍ୱର, ମୁକ୍ତେଶ୍ୱର ମନ୍ଦିରରେ ବଣୁଆ ଲୋକଙ୍କ ନର ନାରୀର ଏକାଠି ନୃତ୍ୟ ଖୋଦିତ ହୋଇଥିଲେ ମଧ୍ୟ ରାଜାରାଣୀ ମନ୍ଦିରରେ ଥିଲା ପରି ଯୌନ ଚିତ୍ରର ଚିହ୍ନ ପର୍ଯ୍ୟନ୍ତ ସେଥିରେ ନାହିଁ । ଖୁବ୍ ସମ୍ଭବ, ଉତ୍ତରେ 'ଆନନ୍ଦଲହରୀ'କୁ ଉଦ୍ଧାର କରାଯାଇ ଥିବା ଶିବ-ଶକ୍ତି-ଦର୍ଶନ, ପ୍ରଥମେ ଯାହାର ଥିଲା ଦ୍ରାବିଡ଼ର ଜୈନଧର୍ମ ଉପରେ ଆଦିମ ପ୍ରାକୃତଙ୍କ ଉପାସ୍ୟ ଶିବ ଓ ଶକ୍ତିରେ 'ମା' ବା ଦେବୀଙ୍କ ପ୍ରଭାବକୁ ବା ପରସ୍ପର ସମ୍ପର୍କ-ସମାଧାନ ଦେଲା ।

## ତନ୍ତ୍ର ଓ ଦେବୀ

ଏଇ ଶିବ-ଶକ୍ତି-ଦର୍ଶନର ପଛରେ ଯେ ପ୍ରାକୃତ କଳ୍ପନା ବା ଭାବଟା ଥିଲା, ସେଥିରେ ସୃଷ୍ଟିକୁ ବୁଝିବାରେ ଜନ୍ମ ଦେଇ ମାନବର

Digitized by srujanika@gmail.com

ଯୌନ କ୍ରିୟା ସଙ୍ଗେ ପ୍ରଜନନର ସମ୍ପର୍କ ଜଡ଼ିତ ରହିଛି । ଅନ୍ୟ ଦିଗରେ,ଜୈନର ଜୀବାଜୀବ-ସମ୍ପର୍କିତ କୈବଲ୍ୟ ସାଧନା,ଅର୍ଥାତ୍, ଜୀବକୁ ଅଜୀବରୁ ଅଲଗା କରି କେବଳ ଜୀବ ହେବାର ସାଧନା-ଧାରା ପୁଣି ଏହି ଦର୍ଶନରେ ପ୍ରକାଶ ପାଇଛି । ସେହି ଶଙ୍କରାଚାର୍ଯ୍ୟଙ୍କର ବା ଶଂକରପନ୍ଥୀଙ୍କ 'ଚିଦାନନ୍ଦ ରୂପଃ ଶିବୋଽହଂ' ବା 'ଶିବଃ କେବଳୋଽହଂ' ସ୍ତୋତ୍ର ଅନେକଙ୍କୁ ଜଣା ଥିବ । ଏଥିରେ ନିଜକୁ ଶିବ ବା କେବଳ ଜୀବ ବୋଲି ଭାବିବାକୁ ହୁଏ । ତେଣୁ 'ଶକ୍ତି' ବା ଦେବୀ ହେଉଛି, ଅଜୀବ । ଜୀବ ସଙ୍ଗେ ତାର ସମ୍ପର୍କ ହେଉଛି, ପ୍ରକାଶ ବା ସୃଷ୍ଟି । ସାଧନାରେ ଏହି ଅଜୀବ ବା ବ୍ୟକ୍ତି ସଂସର୍ଗରେ ଥିବା ଦେହକୁ ଜୀବରୁ ଅଲଗା କରି ଦେଲେ, ହେଲା କୈବଲ୍ୟ-ସିଦ୍ଧି । ଏହାହିଁ ଜୈନର 'ନିର୍ବାଣ' । ଏହି ସାଧନା ହେଉଛି, ଶରୀର-ସାଧନା, ଦେହ-ସାଧନା ବା କାୟା-ସାଧନା । ଜୈନ ଧର୍ମରେ ଅତି ପ୍ରାଚୀନ କାଳରୁ ଏହି କାୟା-ସାଧନାର ଯୋଗ ପ୍ରକାଶ ପାଇଥିଲା । ଏହି ସାଧନା ବା ଯୋଗର ବିଧି-ବଦ୍ଧ, ଶୃଂଖଳିତ କ୍ରିୟାଗୁଡ଼ିକର ଆଦିମ ନାମ ହେଉଛି, ତନ୍ତ୍ର । ଏହି ତନ୍ତ୍ର ହେଲା, କାୟାକୁ ସାଧିବାର ଧର୍ମ;ତେଣୁ, ପରେ ହେଲା ଦେବୀଧର୍ମ ।

## ଦେବୀଧର୍ମ ଓ ଭକ୍ତି—ଉଡ଼ୀୟାନ ଓ ଓଡ଼ିଶା

ସେହି ତନ୍ତ୍ର, ଉତ୍ତର କୁରୁ, ଖୋଟନ୍ ଲଗାଏତ ବଙ୍ଗ, ଆସାମ ପ୍ରଭୃତିରେ ବହୁକାଳରୁ ନର-ନାରୀର ଯୌନ ସମ୍ଭୋଗରେ ସମ୍ପୃକ୍ତ ହୋଇ ଶରୀର ସାଧନା ଅଭ୍ୟାସକୁ ନିଜର କରିବାରେ ପ୍ରକାଶ ପାଇଥିଲା ଓ ରହିଥିଲା । ଏପରି ଦେବୀଧର୍ମ ସଂଗେ ଏହି ଉଦ୍‌ଧୃତସେବାକୁ ଯୋଡ଼ିବାର ବହୁ ପୁରାତନ କାରଣ ଅଛି । ପ୍ରାଚୀନ ସଭ୍ୟ ଜଗତରେ ଥିବା ଗୋଟିଏ ବହୁ ବ୍ୟାପକ ଅନୁଷ୍ଠାନରୁ ଏହା ବାହାରିଛି । ସେଥିପାଇଁ 'ପରିଶିଷ୍ଟ (୧)' ଦେଖ ।

Digitized by srujanika@gmail.com

ଏଇ ଦେବୀଧର୍ମରେ କାଂଳୁ ମୂଳରୁ ଦେବୀପ୍ରତି ଭକ୍ତି ଥିଲା । ତେବେହେଁ, ଭାରତର ଦାର୍ଶନିକ ଚିନ୍ତାଧାରରେ ଏହା ସମ୍ପୂର୍ଣ୍ଣ ଭକ୍ତିଧର୍ମରୂପେ ପ୍ରତିଷ୍ଠା ଲାଭ କରି ପାରି ନ ଥିଲା । ଦେବୀ ସବୁ କରି ପାରନ୍ତି ସତ, କିନ୍ତୁ ଦେବୀ ଯାହା କରନ୍ତି, ସେ ସବୁ ମନୁଷ୍ୟଙ୍କର ସାଧନାର ଫଳ । ଭକ୍ତିଧର୍ମର ଏ ଗୋଟିଏ ବଡ଼ ଭେଦ । ଏଇଥିରୁ ବାହାରି ଥିଲ, ସିଦ୍ଧମାନଙ୍କର ଅଦ୍ଭୁତ କ୍ରିୟା ଓ ଦେବୀଙ୍କ ଅନୁଗ୍ରହରେ ଅଦ୍ଭୁତ ଶକ୍ତି ଓ ଭକ୍ତି-ସାଧକଠାରେ ବିଭୂତିର ପ୍ରକାଶ । ଯୋଗ-ସାଧନାରେ ଆସନ କୁମ୍ଭକ ଓ ଶାବରୀ ବିଦ୍ୟାର ପ୍ରଭାବରେ ହଠ ଯୋଗ ବୋଲି କେତେ ଗୁଡ଼ିଏ ଅଦ୍ଭୁତ କ୍ରିୟା ମଧ୍ୟ ପ୍ରକାଶ ପାଉଥିଲା । ଏଇ ଦେବୀଧର୍ମରେ ଯେତେବେଳେ ତନ୍ତ୍ର ମିଶିଲା, ସେତେବେଳେ ଏଇ ହଠ ଯୋଗର ଏହି ଅଦ୍ଭୁତ କ୍ରିୟା ଅତି-କାୟ ରୂପ ଧାରଣ କଲା । ହିନ୍ଦୁତନ୍ତ୍ର, ବୌଦ୍ଧତନ୍ତ୍ର ବା ବଜ୍ରଯାନ ତନ୍ତ୍ର ଏଇଥିରୁ ବାହାରିଥିଲା । ଓଡ଼ିଶାର ତନ୍ତ୍ର-ସାଧନାରେ ମୂଳରୁ ଦେବୀର ସମ୍ପର୍କ ଥିଲା କି ନାହିଁ, ଥିଲେ ବା ତା କେତେଦୂର ଥିଲା, ସେ କଥା ଅତଣ୍ୟ ଠିକ କରି କହି ହେଉନାଇ । ମାତ୍ର ଯେତେଦୂର ମନେହୁଏ, ବୌଦ୍ଧମାନଙ୍କ 'ଯାନ' ବୋଲି ସାଧନ ମାର୍ଗ ନ ଦେ-ଶରେ (ମନ୍ତ୍ରଯାନ, ତନ୍ତ୍ରଯାନ, ଜ୍ଞାନଯାନ, ମହାଯାନ, ସହଜଯାନ ତନ୍ତ୍ରଯାନ ପ୍ରଭୃତି ) ଓଡ଼ିଶାରେ ଚଳୁଥିବା ସାଧନ-ମାର୍ଗକୁ ଗୋଟିଏ ବିଶେଷ ମାର୍ଗ ବୋଲି ସେ କାଳ ଲୋକେ ଉଡ୍ଡୀୟାନ ( ଓଡ଼ିଶିମାର୍ଗ ) ବୋଲି ନାମ ଦେଇଥିଲେ । ଜଣା-ଯାଉଛି, ଏଇ ଉଡ୍ଡୀୟାନରେ ମୂଳରୁ ଇନ୍ଦ୍ରିୟ ସେବାର ସମ୍ପର୍କ ନ ଥିଲ । ଏହା ଥିଲା, ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟର ନିର୍ବାଣ ସାଧନା । ଏଥିରେ ଶରୀର ସାଧନା, ଅର୍ଥାତ୍, ଅଙ୍ଗ ପ୍ରତ୍ୟଙ୍ଗମାନଙ୍କର ପ୍ରାଣ ବା ଜୀବନୀ ଶକ୍ତି ଅଥବା ଜୀବ ସମ୍ପର୍କରୁ ସେଇ ଅଙ୍ଗ ପ୍ରତ୍ୟଙ୍ଗମାନଙ୍କରୁ

Digitized by srujanika@gmail.com

ଅଲଗା ତତ୍ତ୍ୱ ନୈବିଦ୍ୟ ବା ସିଦ୍ଧି ଲାଭ କରିବାର ସାଧନା, ଗୋଟିଏ ତନ୍ତ୍ର ରୂପେ ବହୁକାଳରୁ ବିକାଶ ପାଇଥିଲା । ପରବର୍ତ୍ତୀ କାଳରେ ଉତ୍ତରଭାରତ ପ୍ରଭୃତିରେ ବୌଦ୍ଧଧର୍ମର ଏବଂ ସେଥିରୁ ବିକାଶ ପାଇଥିବା ବଙ୍ଗ, ନେପାଳ, ଭୋଟ ଦେଶ ପ୍ରଭୃତିର ଇନ୍ଦ୍ରିୟ-ସେବା-ନିର୍ଭର ବିକୃତ ତନ୍ତ୍ର-ସାଧନାକୁ 'ଉଡ୍ଡୀୟାନ ବିନିର୍ଗତ ସାଧନା' ବୋଲି କହି ପ୍ରତିଷ୍ଠା ଦେବାର ଖୁବ୍ ଉଦ୍ୟମ ହୋଇଥିଲା ଓ ଉତ୍କଳ କୋଶଳର କୌଣସି କୌଣସି ଅଞ୍ଚଳରେ ଏହି ସୂତ୍ରରେ ସେଇ ଇନ୍ଦ୍ରିୟ-ସେବା-ସକ୍ତ ତନ୍ତ୍ରର ପ୍ରଭାବ ଖୁବ୍ ପ୍ରବେଶ କରିଥିଲା । ସେଇ ସୂତ୍ରରେ ଅମର ଖୋଦନ ଶିଳ୍ପ ଭୂଷଣ ଭାବରେ ପରବର୍ତ୍ତୀ କାଳରେ ପ୍ରସାରିତ ହୋଇଥିଲା । ଏହି ଦିଗରେ ଏକାନ୍ତ ପ୍ରମାଣ ହେଉଛି, ବଙ୍ଗ ପ୍ରଭୃତିର ବଜ୍ରଯାନ ତନ୍ତ୍ର ସାଧନାରେ ଉଡ୍ଡୀୟାନ ତନ୍ତ୍ରର ସ୍ଥାନ ( ସେ ସ୍ଥାନଟି କୁଆଡ଼େ ଥିଲା, ଜଣା ଯାଇ ନାହିଁ । ଖୁବ୍ ସମ୍ଭବ, ଏହା ଯାଜପୁରଠାରୁ ସମ୍ବଲପୁର ମଧ୍ୟରେ କୌଣସି ସ୍ଥାନରେ ଥିବାର ଅନୁମାନ ହୁଏ । ବାସ୍ତୁକନା, ଏହି ତନ୍ତ୍ରର ସିଦ୍ଧମାନଙ୍କ ଭିତରେ ଥିବା ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କରା, ଏହି ଭୂମିର ଲୋକବୋଲି ପ୍ରମାଣିତ ହୋଇଛି) ହେଉଛି ଆଦ୍ୟସ୍ଥାନ । ସେ କାଳେ, ପୂର୍ଣ୍ଣଗିରି ଶ୍ରୀହଟ୍ଟ, କାମାଖ୍ୟା ବୋଲି ଆଉ ତିନୋଟି ପୀଠ ସ୍ଥାନ, ଏଇ ଉଡ୍ଡୀୟାନକୁ ବାହାରିଥିଲା ବୋଲି ସର୍ବଜ୍ଞ କୁହାଯାଇଛି । ବିକୃତ ତନ୍ତ୍ର-ସାଧନାକୁ ବ୍ରହ୍ମଚର୍ଯ୍ୟ ମୂଳକ ଯଥାର୍ଥ ଶାସ୍ତ୍ରସାଧନାର ସମକକ୍ଷ ତା ସଙ୍ଗେ ଏକରୂପ ବୋଲି କହି ପ୍ରଥମେ ପ୍ରଚାର କରିବାର ଉଦ୍ୟମ କରାଯାଇଥିବା କଥା ଏଥିରୁ ସ୍ପଷ୍ଟ ଜଣାଯାଏ । ଅନ୍ୟଥା, ବଙ୍ଗ ପ୍ରଭୃତିର ବିକୃତ ତନ୍ତ୍ର ସାଧନା ଯଥାର୍ଥରେ ଓଡ଼ିଶାରେ ଚୈତନ୍ୟଯୁଗ ପୂର୍ବରୁ ବ୍ୟାପକଭାବରେ ସ୍ଥାନ ପାଇଥିବାର କୌଣସି ପ୍ରମାଣ ନାହିଁ ।

Digitized by srujanika@gmail.com

ଜୈନ-ଧର୍ମରେ ମଧ୍ୟ ଓଡ଼ିଶାରେ ତା ନିଜସ୍ୱ ପ୍ରତିଷ୍ଠା ପାଇ ନାହିଁ, ('ପରିଶିଷ୍ଟ (୧)' ଦେଖ) । କେବଳ ମନ୍ଦିରଗାତ୍ର ଛବି ଛଡ଼ା ଅନ୍ୟତ୍ର ସାହିତ୍ୟରେ ଗତ ଦୁଇ ତିନି ଶହ ବର୍ଷ ପର୍ଯ୍ୟନ୍ତ ଏହାର ବିଶେଷ ସଙ୍କେତ ନାହିଁ । ପରାଧୀନ ଓଡ଼ିଶାର କେତେକ ଶାକ୍ତ ବ୍ରାହ୍ମଣଙ୍କ ଭିତରେ ଏହା କଥଞ୍ଚିତ ପ୍ରକାଶ ପାଇଛି, ସତ । କିନ୍ତୁ ତା ଚୈତନ୍ୟ ଯୁଗ ଭିତରେ ଅବୈଷ୍ଣବ ତାନ୍ତ୍ରିକ ବଙ୍ଗାଳୀଙ୍କ ଅନୁକରଣ କରିବାରୁ ବାହାରିଥିବା ସ୍ପଷ୍ଟ । ଓଡ଼ିଆ ଲେଖକଙ୍କ ଭିତରେ ଏହା ଏବେ ବି ନାହିଁ । ପୁଣି ଚୈତନ୍ୟଙ୍କ ପରବର୍ତ୍ତୀ ଯୁଗରେ ଓଡ଼ିଶାରେ ଯେଉଁ ଭକ୍ତି ସାହିତ୍ୟ ପ୍ରକାଶ ପାଇଥିଲା, ସେଥିରେ ବଙ୍ଗଳାର ତନ୍ତ୍ର ପ୍ରଭାବରୁ ଜାତ ସହଜିଯାମି ବା ସହଜିଆଙ୍କ ଇନ୍ଦ୍ରିୟ-ସେବା-ନିରତ ଧର୍ମ ଗୁରୁ ଫୁଟି ଉଠିଥିଲେ ମଧ୍ୟ ସେଇ ବୈଷ୍ଣବଙ୍କ ଲେଖାରେ ମଧ୍ୟେ ମଧ୍ୟେ ନିପାତନ ପରେ ଓଡ଼ିଶାର ଯଥାର୍ଥ ଶରୀର-ସାଧନାର ତତ୍ତ୍ୱ ଅତି ଅତର୍କିତ ଭାବରେ ଫୁଟି ପଡ଼ୁଥିବାର ଦେଖାଯାଏ । 'ମଥୁରା ମଙ୍ଗଳ'ର କବି ଭକ୍ତଚରଣ ଦାସ 'ମନବୋଧ ଚଉତିଶା' ଲେଖିଛନ୍ତି ବୋଲି କୁହାଯାଏ । 'ମନବୋଧ ଚଉତିଶା'ରେ କୃଷ୍ଣ ଭକ୍ତିରେ ସବୁ ସିଦ୍ଧି ଓ ମୁକ୍ତି ମିଳିବ ବୋଲି କୁହାଗଲେ ମଧ୍ୟ ଲେଖା ଯାଇଛି—

"ଶଣ ଟୁଟିମା ପ୍ରାପ୍ତ ଦଶ ଦ୍ୱାରର
ଶରୀ ଭିତର ଦେଖ କ ନାରିଖାର ।
ଚର୍ମ ବେଢ଼ିଛନ୍ତି ସିନା ଚଉରାଶିକ
ଶରୀ ତ୍ରୁ ଦଶ ମଣିଗିରିବାସୀ କ"

ଏ କଥାଟି ଓଡ଼ିଶାର ଜୈନ ଶରୀର-ସାଧନା ଯୋଗ ପରଂପରାର ଅଜ୍ଞାତ ଅଭିବ୍ୟକ୍ତି । ଏହାର ଯଥାର୍ଥ ଅର୍ଥ ବ୍ୟାପ୍ତି ନିମନ୍ତେ 'ପରିଶିଷ୍ଟ (୨)' ଦେଖ । ଏହା ଛଡ଼ା ଚୈତନ୍ୟ ଯୁଗଠାରୁ ଓଡ଼ିଆ ଲିଖିତ ସାହିତ୍ୟରେ ବୈଷ୍ଣବ ଭକ୍ତିରୁ ଓଡ଼ିଆ ତନ୍ତ୍ର ସାଧନା

Digitized by srujanika@gmail.com

ବୋଲି ଅର୍ଥ କରବା ଓ ବସ୍ତୁକୁ ଅର୍ଥରେ ଯୋଡାଇ ରଖିବାର ଚେଷ୍ଟା, ଜଗନ୍ନାଥ ଦାସଙ୍କ 'ଅର୍ଥ ବୋଇଲି' ଠାରୁ ବଳରାମ ଦାସଙ୍କ 'ବ୍ରହ୍ମାଣ୍ଡ ଭୂଗୋଳ' ପର୍ଯ୍ୟନ୍ତରେ ପ୍ରକାଶ ପାଇଥିବା କଥା କୁହାଯାଇଛି (ପ୍ରଥମଖଣ୍ଡର ୧୦୩ପୃଷ୍ଠା ଠାରୁ ଓ ପୂର୍ବେ ୩୦୭-୩୦୮ ପୃଷ୍ଠା ଦେଖ) । ଏହାଛଡ଼ା ଓଡ଼ିଶାର ଗାଦିମାନଙ୍କରେ ଓଡ଼ିଆ ପ୍ରାଚୀନ ସାଧନାର ଧାରା ଏହିସହି ନାନା ସମ୍ପ୍ରଦାୟଭୁକ୍ତରେ ଓ ସ୍ଥାନେ ସ୍ଥାନେ ପ୍ରକାଶ୍ୟ ଭାବରେ ଲେଖା ଓ ଭଜନମାନଙ୍କରେ ସ୍ପଷ୍ଟ ବାରି ହେଉଥିଲା ଏବେ ବି ରହିଛି (ପ୍ରଥମ ଖଣ୍ଡ ପୃଷ୍ଠା ୧୦୩ ଠାରୁ ଓ ୧୦୩ ପୃଷ୍ଠାଠାରୁ ଦେଖ) ।

## ଏଇ ଅର୍ଥ କରିବାର ପ୍ରକାର ଓ ପରଂପରା

ମନେ ହୁଏ, 'ଜୈନ ତନ୍ତ୍ର ଯୋଗର ପ୍ରଧାନ ଅବଲଂବନ ଥିଲା, ଭାଷାର ବ୍ୟାଖ୍ୟା ନୁହେଁ, ସାଧନାର ସଂକେତ । ସେଥିରେ ଶିଷ୍ୟ ବାଛି, ସଂକେତରେ ତାଙ୍କୁ ସାଧନା ପ୍ରଣାଳୀ ବତାଇ ଦିଆ ଯାଉଥିଲା । ହ୍ରୀଂ, କ୍ଲୀଂ ପ୍ରଭୃତି ମଂତ୍ର ଓ 'ତରକଥିବୁ ଦେଏରକୁ' (ଇଡ଼ା, ପିଙ୍ଗଳା, ସୁଷୁମ୍ନା—ଏଇ ତିନି ଏକରେ ବା 'ତ୍ରିକୁଟ'ରେ ରହିବା ଅବସ୍ଥାକୁ ଡକାଇ ଥିବୁ) ପ୍ରଭୃତିରୁ ଏହା ଜଣାପଡୁଛି । ଏଇ ମୂଳରୁ ହୁଏତ ବଙ୍ଗ, ନେପାଳ ପ୍ରଭୃତିର ଦ୍ୱି-ଅର୍ଥକ ଭାଷା ବାହାରି ଥିଲା (ପ୍ରଥମ ଖଣ୍ଡ-ର ୧୪୧-୧୫୩ରେ ସନ୍ଧ୍ୟାଭାଷା ଓ ତା ପ୍ରୟୋଗ ଓ ବ୍ୟାଖ୍ୟା ଦେଖ) । ଜଗନ୍ନାଥଦାସ ପ୍ରଭୃତି ତୁଳାଭିଣା, ବ୍ରହ୍ମାଣ୍ଡ ଭୂଗୋଳ ଓ ଗୀତାମାନଙ୍କରେ ଓଡ଼ିଆ ପ୍ରକାରରେ ବ୍ୟାଖ୍ୟା କରିବାକୁ ଯାଇ ନିଜେ ବଙ୍ଗୀୟ ପ୍ରଭାବରେ ପଡ଼ି 'ଅର୍ଥବୋଇଲି'ର ପ୍ରକାରକୁ ହୁଏତ ଆଣିଥିଲେ । କିଂତୁ ବଙ୍ଗୀୟ ବୈଷ୍ଣବଙ୍କ ପ୍ରଭାବରେ କେବଳ ଭାଷା-ସଂଗ

Digitized by srujanika@gmail.com

ଓ ଯୋଗୀ-ସେବା ଛଡ଼ା ଏସବୁ ସଂକେତରେ ଆଉ କିଛି ପ୍ରକାଶ ପାଏଁ ନାହିଁ । ଉଦାହରଣ ସ୍ୱରୂପ ଦେଖ, ଉପରେ କୁହାଯାଇ ଥିବା "ଚର୍ମ ବେଢ଼ିଛି ପିଣ୍ଡ ତନୁ ଗଣିତ, ଖଣ୍ଡ ରୁ ଦଅ ମାଳଗିର ବାସୀକ" ଇଲ କଥାଟି ସହଜିଆ ବୈଷ୍ଣବମାନେ କପରି ଅର୍ଥ କରିବେ । ସେମାନଙ୍କ ଧର୍ମଗ୍ରନ୍ଥ ନିତ୍ୟାମୃତ ଶାସ୍ତ୍ରମାନଙ୍କରେ ଅଛି, "ପରକୀୟା ନାୟିକାଙ୍କ ଦେହକୁ ଶ୍ରୀ ବୃନ୍ଦାବନ ବୋଲି ବିଶ୍ୱାସ କରି" ତାଙ୍କ ସେବା କରିବାକୁ ହୁଏ; ସେଇ ପ୍ରେମ ଧନ। "ବ୍ରଜେନ୍ଦ୍ରନନ୍ଦନଙ୍କ ପ୍ରାପ୍ତି ଦୁର୍ଲଭ"; "ପରକୀୟା ନାୟିକ ସଙ୍ଗେ ତାଙ୍କ ଦେହ ବୃନ୍ଦା-ବନରେ ଉଚରଣ କରି, ଭକ୍ତ ବୃନ୍ଦାବନରେ ନିଜର ଜୀବନ, ଯୌବନ ଓ ଦେହ ଅର୍ପଣ ଓ ତାଙ୍କ ରତିରେ ନିଜ ରତି ମିଶାଇ ଭାବ ଓ ପ୍ରେମକୁ ଏକ କରି, କାମବୀଜ କାମ-ଗାୟତ୍ରୀ ଦ୍ୱାରା ସେଇ କାମିନୀଙ୍କ କାମରତିକୁ ଉତ୍ତେଜିତ କରି ତାଙ୍କ ଅଧରାମୃତ ପାନକରି ସାଧକ ଓ ପରକୀୟା ଦୁହେଁ ଶ୍ରୀକୃଷ୍ଣଙ୍କୁ ଲାଭ କରିବେ । × × × ଭଜନ ସାଧନ କରିବାକୁ ହେଲେ, ପ୍ରଥମତଃ ଗୋଟିଏ ସୁନ୍ଦରୀ, ନବଯୌବନସମ୍ପନ୍ନା ପରକୀୟା ରସିକା ରମଣୀ ଲୋଡ଼ା"— ଇତ୍ୟାଦି (ପ୍ରଥମ ଖଣ୍ଡ, ପୃ. ୨୪୧, ୨୪୨ ଦେଖ—କାମଗାୟତ୍ରୀ ପାଇଁ ଏଜନ ପୃ. ୧୯୧ ଦେଖ) । ଚଉରାଅଶି ଅଂଗୁଳ ଶରୀର ଓ ସେଇ ଚଉରାଅଶି ନରକ ପ୍ରଭୃତି ସଙ୍କେତକୁ ବୁଝାଇବା ପାଇଁ ସେମାନେ କହନ୍ତି, ନାରୀର ଚଉରାଅଶି ଅଂଗୁଳ ଦେହ ହେଉଛି, ଚଉରାଅଶି କୋଶ ବୃନ୍ଦାବନ; ତା ଭିତରେ ତା ଗୁହ୍ୟ ଅଙ୍ଗ ଛ ଯୋନି ହେଉଛି, ଷୋଳ କୋଶ 'ଗୁପ୍ତ ବୃନ୍ଦାବନ' । ସମସ୍ତ ବୃନ୍ଦା-ବନରେ ବିହାର କରି ସେଇ ଗୁପ୍ତ ବୃନ୍ଦାବନରେ ଭଜନ କଲେ ସାକ୍ଷାତ କୃଷ୍ଣ ପ୍ରାପ୍ତି ହୁଏ । ଧର୍ମ ତଥା ସାଧନ, ଭଜନ ଓ ଧର୍ମଗ୍ରନ୍ଥ ନାମରେ ଏସବୁ ବୀଭତ୍ସତା ଅତସ୍ମାଦ୍ୟ ହେଲେହେଁ, ଓଡ଼ିଆଙ୍କ

Digitized by srujanika@gmail.com

ଭାବରେ ପ୍ରସାରିବା କ କଷ୍ଟ, ତା ଚଳଣି ନ ଦେଖି ଖାଲି ଅନୁମାନ ମଧ୍ୟ କରାଯାଇ ପାରେ । ଓଡ଼ିଆର ଅଗ୍ରଭାଗରେ ଏ ସନ୍ଦେଶ ନାହିଁ ।

ଇଂଳ ସାହିତ୍ୟରେ ପ୍ରଭାବାଦ

ଏଥିପାଇଁ ପ୍ରକୃତି ଅଭାବ ହେଉ, ଜାତ ହେଉ, ଗୌଣଭାବ ମନୋବୃତ୍ତି ଧର୍ମ ଅର୍ଥ ଏବଂ ଓ ଗାଦମାନଙ୍କଠାରେ ଉଦ୍ଭବ କହିଲେ ବ୍ୟାଖ୍ୟା ଗ୍ରନ୍ଥ ପାର୍ଶ୍ୱରେ ସଂକେତରେ 'ସଂଧ୍ୟାଭାଷା'ର ଶୈଳୀ ଅନୁକରଣ କରିବା ଗ୍ରନ୍ଥ, ଓଡ଼ିଆ ସାହିତ୍ୟ ପ୍ରମାଣ କରିବ ଏକ ବିଶେଷ ଯୌନ-ସାହିତ୍ୟର ଧାରା । ସେଥିରେ ଧର୍ମ-ସାଧନାର ସଂପର୍କ ନାହିଁ ବା ଉଦ୍ଦେଶ୍ୟର ଆଦର ନାହିଁ । ମାତ୍ର ମନର ଯୌନ-କ୍ଷୁଧା ଚରିତାର୍ଥ କରିବାର ଅନୁସ୍ୱାଦ୍ୟ କାବ୍ୟକଳା । ସେଥିରେ ଯେପରିକି ମୁକ୍ତ-ମନ ପ୍ରତିବାଦ ରୂପେ ଫୁଟି ପଡ଼ୁଛି । ଏହାକୁ ଏକ କଥାରେ କହିଲେ, ଅପ ଭଂଜୀୟ ସାହିତ୍ୟ । ଭଂଜଙ୍କ 'ବୈଦେହୀଶ-ବିଳାସ'ର ଅଳଂକାର—ନବଙ୍କ ପଣ୍ଡିତଙ୍କ କାବ୍ୟଠାରୁ 'ଚକାଡ଼-ବୋଲି' ପରି ଇତର ଜନର ଅତି ଗ୍ରାମ୍ୟ ଲେଖା ପର୍ଯ୍ୟନ୍ତ ସବୁ ଏହାର ଅନ୍ତର୍ଭୁକ୍ତ । ଏଇପରି ଓଡ଼ିଆ ସାହିତ୍ୟର ସଙ୍କଟବେଳେ ଆତ୍ମ୍ୟନ୍ତରୀଣ ନିର୍ଦ୍ଦେଶରେ ବାହାରିଥିବା ଭଂଜ-ସାହିତ୍ୟର ପ୍ରକାର ନାମକେ 'ପରିଶିଷ୍ଟ (ଗ)' ଦେଖ ।

ଭକ୍ତିକ ମିଥ୍ୟାର ପ୍ରସାର—ଉଦାହରଣ

ବୁଝାଗଲା, ଅପ 'କାବ୍ୟ-ସାହିତ୍ୟ' ଓ ଅପ 'ବୈଷ୍ଣବ-ସାହିତ୍ୟ' ବୋଲି ଯେଉଁମାନେ କାମ ଓ ପ୍ରେମ ନାମରେ ବୁଝାଇ ଓ ଉତ୍ତମ ପୁରୁଷାର୍ଥର ନାନା ବ୍ୟବଚ୍ଛେଦ ଓ ବର୍ଣ୍ଣନାରେ ମାତି ଯାଇଥିବା ଅସ୍ମାଶ୍ଲାଘାରେ ଗର୍ବିତ ହୁଅନ୍ତି, ସେମାନେ ହୁଏତ ଗ୍ରନ୍ଥ, କ୍ଷୁଦ୍ର ସମ୍ଭବ, ତାଂର ଆଲୋଚନାରେ ସାହିତ୍ୟର ସ୍ୱରୂପରୁ ଦେଶ-ପ୍ରୀତିର ପ୍ରଭାବ ଦେଖି । ଏ ଦେଶପ୍ରୀତିରେ ପୁଣି ପ୍ରୟୋଗକୁ ଅସିଦ୍ଧତା

Digitized by srujanika@gmail.com

ଜାତୀୟତାର ଅଂଶ କେତେ ଓ ପରାଧୀନ ଗୌଣତ୍ୱ ମନୋବୃତ୍ତିର ପ୍ରଭାବ କେତେ, ସେ କଥା ବାରି ଦେଖାଇବା ଦରକାର ନାଇ । ଆମ ପକ୍ଷରେ ଗୌଣତ୍ୱ ମନୋବୃତ୍ତିହିଁ ଏଥିରେ ମୁଖ୍ୟ ଉପାଦାନରୂପେ ରହିଛି । ହେଲେହେଁ, ସେ ସବୁ କଥା, ଯାହାକୁ ଆମ ବୈଷ୍ଣବ-ସାହିତ୍ୟ ବୋଲି କହନ୍ତି, ସେଥିରେ ସ୍ୱକୀୟ ମିଥ୍ୟା ମୂଳରୁ ପ୍ରବେଶ କରି ଯେଉଁ ନବବର୍ଦ୍ଧମାନ ସ୍ରୋତରେ ଚାଲିଥିଲା, ଓ ତା'ର ଯେ ପ୍ରଭାବ ଓ ପ୍ରକ୍ରିୟା ଏବେ ମଧ୍ୟ ଆମ ସମାଜ ଓ ସାହିତ୍ୟକୁ ପାଣ୍ଡୁର ଓ ଅମଳ ବାଟ ଦେଖାଇ ନ ଦେବାର ଗୋଟିଏ ଘୋର ପ୍ରତିବନ୍ଧକ ହୋଇ ରହିଛି, ସେ କଥା ବିଶେଷଭାବରେ ବୁଝି ରଖିବାର ଅଛି । ତା'ର ଗୋଟିଏ ସ୍ପଷ୍ଟ ଦୃଷ୍ଟାନ୍ତ ସମ୍ପ୍ରଦାୟର 'ଦାର୍ଢ୍ୟତାଭକ୍ତି ରସାମୃତ' । ପୂର୍ବେ ସାକ୍ଷିଗୋପାଳଙ୍କ ସମ୍ପର୍କରେ ଏ କଥା ସ୍ପଷ୍ଟ ଲକ୍ଷ୍ୟ କରାଯାଇଛି (ପୂର୍ବେ ୧୦୩ ପୃଷ୍ଠାଠାରୁ ଦେଖ) । ଏ ପୁସ୍ତକକୁ ଯେଣୁ ଓଡ଼ିଆ ଭକ୍ତଙ୍କ କଥା ଛାଡ଼ି ଦେଉ, କୌଣସି କୌଣସି ଓଡ଼ିଆ ସାହିତ୍ୟିକ ମଧ୍ୟ ଅସ୍ପର୍ଦ୍ଧାରେ ଗର୍ବ କରି ଏଥିରୁ ଐତିହାସିକ ପ୍ରମାଣ ରୂପେ ବିଷୟ ଗ୍ରହଣ କରିବାର ମଧ୍ୟ ଦେଖାଗଲାଣି । ( ଉଦାହରଣ ସ୍ୱରୂପ, ଶ୍ରୀ ପ୍ରଭାତ ମୁଖର୍ଜିଙ୍କ 'The History of Medieval Vaisnavism in Orissa' ପୃଷ୍ଠା ୪୦—ଫୋଟ ଦେଖ ) । ମାତ୍ର ଏଭଳି ଗ୍ରନ୍ଥ ଯଦି ଓଡ଼ିଶାରେ ଓଡ଼ିଆଙ୍କ ଭିତରେ ଏଇପରି ଚଳିଯାଏ ଓ ଶରନ୍ତନ ଆଦର ପାଇବା ଅବସ୍ଥାକୁ ଚାଲିଯାଏ, ତେବେ ଓଡ଼ିଆର ବିଦ୍ୟା, ସଂସ୍କୃତି, ସାହିତ୍ୟ, ସାମାଜିକ ବ୍ୟକ୍ତିତ୍ୱ, ଧର୍ମ, ଜଗନ୍ନାଥ—ସବୁ ଲୋପ-ପାଇଯିବ । ଅନ୍ୟାନ୍ୟ କୁହାଯାଇଛି, 'ଦାର୍ଢ୍ୟତାଭକ୍ତି—ଓଡ଼ିଆରେ ଲେଖା ବଙ୍ଗଳା ସାହିତ୍ୟ,' ଅର୍ଥାତ୍, ଭାଷାଟି ଓଡ଼ିଆ ହେଲେ ମଧ୍ୟ ସାହିତ୍ୟ ହିସାବରେ ଏ ପୁସ୍ତକଟି ହେଉଛି, ବଙ୍ଗଳା ବୈଷ୍ଣବ-

Digitized by srujanika@gmail.com

ସାହିତ୍ୟ ( ୧ମ ଭାଗ ପୃ: ୨୧୭ ଦେଖ ) । ତାପରେ ସେଠାରେ ଯେଉଁ ପୁସ୍ତକରୁ 'ରଘୁ ଅରକ୍ଷିତ କଥା'; 'ଦାତାକର୍ଣ୍ଣ କଥା' ( ୧ମ ଭାଗ ପୃ ୨୨୩ ଦେଖ ) ଆଲୋଚନାରେ ବି ଦିଆଯାଇଛି । ଏଥିରେ ଉପାଖ୍ୟାନମାନଙ୍କର ଆଲୋଚନାମାନ ମଧ୍ୟ ଦିଆଯାଇଛି । ଏଥିରେ ସବୁ ଉପାଖ୍ୟାନର ଉତ୍ସ ଏବେ ବା କେବେ ଘଟିଥିବା ଘଟଣା ଉପରେ ଆଦୌ ପ୍ରତିଷ୍ଠିତ ନୁହେଁ । ଅଧିକାଂଶ ଉପାଖ୍ୟାନର ପ୍ରାୟଶଃ କୌଣସି କିଂବଦନ୍ତୀ ସଙ୍ଗେ ବି କିଛି ସମ୍ବନ୍ଧ ବା ସମ୍ଭବ ନାହିଁ । ବରଂ ଭୂଗୋଳ-ଜ୍ଞାନ-ଶୂନ୍ୟ ଲୋକେ ମିଥ୍ୟା ଉପରେ ଭର କରି ତାକୁ କିଂବଦନ୍ତୀର ସତ୍ୟ ଘଟଣା ପରି ପ୍ରସ୍ତୁତ କରାଯାଇଛି । ଲୋକେ ପୁଣି ମନେ କରନ୍ତି, ଏସବୁ ଉପାଖ୍ୟାନ ବହୁ ଦିନର କଥା; କିନ୍ତୁ ତା ଆଦୌ ନୁହେଁ । ଏବେ ସେ ସବୁ ଲେଖା, ଅତି ଅଳ୍ପ ଦିନର, ପୁଣି ରାମଦାସଙ୍କ ପରେ ରାମଦାସଙ୍କ ନାମରେଇ ସେଇଠେ ଲେଖା ହୋଇଛି । ପୁସ୍ତକର ମୂଳଟି କେଉଁ କାଳର ଓ ତା କି ପ୍ରକାରର, ତା ଦେଖ ।

'ଦାର୍ଢ୍ୟତାଭକ୍ତି ରସାମୃତ'ର କାଳ ଓ ପ୍ରକାର

ପୁସ୍ତକରେ ପଞ୍ଚବିଂଶ ଅଧ୍ୟାୟ ବା ପଞ୍ଚବିଂଶ ଉପାଖ୍ୟାନର ଶେଷକୁ ଅଛି :—

'ଏ ଖାର ବୈଷ୍ଣବ ଦେବଙ୍କ, ସମ୍ପୂର୍ଣ୍ଣ 'ବସ୍ତ୍ରାକର୍ଷଣ ଅଙ୍କ'

× × × ×

'ଏମନ୍ତ ଶୁଭ ଅନୁକୂଳେ, ରାଣୀଙ୍କ ଶ୍ରବଣ ମଙ୍ଗଳେ
ସମ୍ପୂର୍ଣ୍ଣ ହେଲା ଏ ଚରିତ, ବଦଇ ଜଗମନ ସୁତ ।'

ହିସାବରେ ଏହା ହେଉଛି, ଖ୍ରୀ ୧୭୬୫-୬୬ । ତା ପରେ ଅଛି ୨୬ ଅଧ୍ୟାୟରେ ଶେଷ—ଅର୍ଥାତ, ଷଡ଼ବିଂଶତମ ଅଧ୍ୟାୟ ବା ଉପାଖ୍ୟାନ ଶେଷରେ ଅଛି—

Digitized by srujanika@gmail.com

"ଶ୍ରୀ ଚୈତନ୍ୟ ଦେବଙ୍କର, ସମ୍ପୂର୍ଣ୍ଣ ଚେଷ୍ଟିତ ଅଙ୍କ

× × × ×

ପ୍ରଥମ ପ୍ରବନ୍ଧ ଷଷ୍ଠ, ଅଧ୍ୟାୟରେ ହୋଇଥିଲା ଶେଷ
ତହିଁ ବଢ଼ଶ ସମସ୍ତର, ଉତ୍କଳ ସାଧୁମାନଙ୍କର,
କୃପାରୁ ପୁଣି ପଞ୍ଚତ୍ରିଂଶ, ଅଧ୍ୟାୟେ ଦାର୍ଢ୍ୟ ଭକ୍ତରସ
ଦୁଇ ପ୍ରବନ୍ଧ ମିଶିବାରେ, ସମ୍ପୂର୍ଣ୍ଣ ଷଷ୍ଠାଧ ଅଧ୍ୟାୟରେ।"

ହିସାବରେ ଏହା ହେଉଛି (ଖ୍ରୀ୧୬୯୭-୯୮) । ଏଇପରି ଦୁଇଟି ଖଣ୍ଡ (ପ୍ରବନ୍ଧ)ରେ, ଷଷ୍ଠ,' ଷଷ୍ଠି—ଷଷ୍ଠଣ ଅଧ୍ୟାୟରେ ଈଶ୍ୱରଦାସ ଏ ଗ୍ରନ୍ଥଟି ସମ୍ପୂର୍ଣ୍ଣ କରିଥିଲେ, ପ୍ରଥମ ଷଷ୍ଠ ଅଧ୍ୟାୟ ସେ କେତେ ବର୍ଷରେ ଲେଖିଥିଲେ । କହି ହେଉ ନାହିଁ । ମାତ୍ର ଦ୍ୱିତୀୟ ଷଷ୍ଠ ଅଧ୍ୟାୟ ଲେଖିବାକୁ ତାଙ୍କୁ ବାରଣ ବର୍ଷ ଲାଗିଥିଲା । ସେ ନିଜେ ପାଠ ସାଠ ବିଶେଷ କିଛି ଜାଣି ନ ଥିଲେ । ଅକ୍ଷର ଚିହ୍ନି ଓଡ଼ିଆ ଭାଗବତ ପଢ଼ିବା ଓ ଯେବା ଲେଖିବା ଛଡ଼ା ଆଉ କିଛି ପଢ଼ା ଲେଖା ତାଙ୍କର ଥିଲା ପରି ଲାଗୁନାହିଁ । ବ୍ରାହ୍ମଣ ହୋଇ ମଧ୍ୟ ସାଧାରଣ ସନ୍ଧ୍ୟା ବନ୍ଦନାଦିର ସଂସ୍କୃତ-ପରିଚିତତା ତାଙ୍କର ନ ଥିଲା । 'ଦାର୍ଢ୍ୟଭକ୍ତି' ଖଣ୍ଡଟିରୁ ଏହା ବେଶ୍ ଜଣା ପଡ଼ୁଛି । କୌଣସି ଶାସ୍ତ୍ର ଇତିହାସ ପୁରାଣ ପ୍ରଭୃତି ସେ ଭଲ କରି ଜାଣି-ଥିବାର ମଧ୍ୟ କୌଣସି ଲକ୍ଷଣ ତାଙ୍କ ପୁସ୍ତକରେ ଦେଖାଯାଏ ନାହିଁ । ତାଙ୍କ ଉପାଖ୍ୟାନଗୁଡ଼ିକ ପ୍ରାୟ ଏକା ପ୍ରକାରର; ଗୋଟିଏ ପ୍ରକାର ଛାଞ୍ଚପର ସେମନ୍ତନ ବୋଲି କହିଲେ ଚଳେ । ତାଙ୍କ ଦୃଷ୍ଟି, ଗୌଡ଼ୀୟ ଭକ୍ତଙ୍କ ଦୃଷ୍ଟି । ସେ ଦୃଷ୍ଟି ହେଉଛନ୍ତି, ଭକ୍ତ ପ୍ରତି ଏକାନ୍ତ ପକ୍ଷପାତୀ । ଭକ୍ତ ପାଇଁ ସେ ସବୁ କରି ପାରନ୍ତି; ମିଛ କହନ୍ତି; ଠକନ୍ତି; ଅଦ୍ଭୁତ ଅମାନୁଷ ଓ ଅତିମାନୁଷ କ୍ରିୟା ଦେଖାଉ ଥାନ୍ତି । ସେ ପୁଣି ସବୁ ବେଳେ ଭକ୍ତକୁ ବଞ୍ଚାଆନ୍ତି,

Digitized by srujanika@gmail.com

ଭକ୍ତ ଅଛୁ କ ନାଇ ବୋଲି ପରଖୁଥାନ୍ତି । ଭକ୍ତମନ ଜାଣି ସେ କାର୍ଯ୍ୟ କରୁଥାନ୍ତି ସତ, କିନ୍ତୁ ପରଖିଲା ବେଳେ ସେ ଅନ୍ତର୍ଯାମୀ ନୁହନ୍ତି । କୃଷ୍ଣ ନାମଧାରୀ ରଟାକାଟ ହୋଇ କୌପୁନ ଧାରଣକରି ଥିବା ସାଧୁନାମୀଙ୍କୁ ଖାଇବାକୁ ଦେଲେ, ସବୁ ହେଲା । ଗୃହସ୍ଥ ବୈଷ୍ଣବର ତାହାଇ ଏକମାତ୍ର ଧର୍ମ । ସେଥିପାଇଁ ନିଜ ପତ୍ନୀର ସତୀତ୍ୱ ମଧ୍ୟ ଭକ୍ତ ବଳୁନ୍ତେ ଓ ଦେଇଚନ୍ତି; ପୁଣି ସତୀତ୍ୱ ଶକଠାରେ ନାରୀ ଧନ ପାଇଥିବା ବିଟକୁ ଆଲିଂଗନ ଦେଇଦେବାକୁ କହେ କୃଷ୍ଣ ତାଙ୍କୁ ସତ୍ୱର ଅଜ୍ଞାତରେ ଆସି ସେଇ ଶେଯରେ ସେଇ ନାରୀକୁ କୋଳରେ ବସାଇ ବିଟ ପୁରୁଷକୁ ଶଂଖଚକ୍ର ଗଦା ପଦ୍ମ ଦେଖାଇ ଦେଇଚନ୍ତି । ଏହା ଅବଶ୍ୟ ଓଡ଼ିଆ ରଚଣିରେ ନାରୀ-ବ୍ୟକ୍ତିତ୍ୱର ସହ୍ୟ ନପାରିବା ସ୍ୱଭର ଅଜ୍ଞାତ ପ୍ରମାଣ । ମାତ୍ର ସେ ଯା ହେଉ, ସବୁ ଅଦ୍ଭୁତ କିମ୍ବାରେ ହୋଇ ଯାଉଛି । କୃଷ୍ଣ ଯେପରିକ ଖାଲି ଭକ୍ତ ସଂଗ୍ରହକରି, ତାଙ୍କୁ ଠିକ୍ ରଖିବାରେ ଲାଗିଛନ୍ତି । ଗ୍ରନ୍ଥଟିରେ—ଅନ୍ତତଃ ରାମ ଦାସଙ୍କ ଲିଖିତ ଗ୍ରନ୍ଥଟିରେ—ବାଦୀବୋଲି କିଛି ନାଇ; ଲିଖିତ ବ୍ୟକ୍ତିଙ୍କର 'ଚରିତ୍ର' ବୋଲି କିଛି ନାଇ; ଘଟନା-ମାନଙ୍କର ଶୃଙ୍ଖଳିତ ଯୋଜନା ବୋଲି କିଛି ନାଇ; ବର୍ଣ୍ଣନାର ସ୍ୱରୁଚି ନାଇ, କି ଭାଷାର ମାଧୁର୍ଯ୍ୟ ନାଇ—ପାଣ୍ଡିତ୍ୟ, ବିଚକ୍ଷଣତା ପ୍ରଭୃତିର କଥା ଏଠି କହିବା ଦରକାର ନାଇ । ଜଣେ ଭଦ୍ର ବସିଲେ ପଦେ ପଦେ ପଢ଼ିବାରେ ଅରୁଚି ଓ ଅନାଦର ହେବ । ବଙ୍ଗାଳିରୁ ବହୁଖଣ୍ଡେ କିଣି ଅର୍ଥ ଓ ସମୟ ନଷ୍ଟକଲି ଯେ କେହି ପଢ଼ି ପାରନ୍ତି । ସତ୍ୟ ବୋଲି ପୁଣି ଏଥିରେ କିଛି ନାଇ । ପୁଣି ବିଶେଷ ଦେଖିବାର କଥା, ଖାଲି ଅନ୍ଧକାରୁ ମିଥ୍ୟାଚାରିତା ଗୌଡ଼ୀୟ ବୈଷ୍ଣବଙ୍କର ପ୍ରେମ ଓ ପରକୀୟା ପ୍ରଭୃତି ଦେଇ ଯେଉଁ ସବୁ ଅପାତ ମୋହନ ଓ ମୋହକର ତତ୍ତ୍ୱାଭାସ ଅଛି, ସେ ସବୁର ବର୍ଣ୍ଣ

Digitized by srujanika@gmail.com

ଗନ୍ଧ ଯେନ୍ତି ମଧ୍ୟ ଏଥିରେ କିଛି ନାହିଁ । ଏପରି ଉଦ୍ୟାନସ୍ଥାନ, ମେଲ୍ଲଦଣ୍ଡସ୍ଥାନ, ଦର୍ଶନ ସ୍ଥାନ, ସ୍ତବ ସ୍ଥାନ ରଚନା ପୃଥିସ୍ଥରେ ଆଉ ଅଛି ବୋଲି ମନେ ହେଉନାହିଁ । ଏଥିରେ ଅନେକ ଉପାଖ୍ୟାନ ତ ପୁଷ୍ପ ମନାଗତ । ହରିଶ୍ଚନ୍ଦ୍ର ପରି ଯାହା•ନା ଗୋଟାଏ ଅଧେ ଶୁଣା କଥା ଅଛି, ସେଥିରେ ମଧ୍ୟ ଖାଲି ଅଦ୍ଭୁତ କିମ୍ବା ଖଂକରା ଛଡ଼ା ଆଉକିଛି ବିଶେଷ ନାହିଁ । ନାମର ମହିମା ବୃତ୍ତାନ୍ତ ସ୍ତବରେ ଦେଖାଇବା ପାଇଁ 'ଅଜାମିଳ' ପଣ୍ଡା କଥାଟି ଭାଗବତ ଓ ପୁରାଣରେ ଅଛି । ସବୁ ବ୍ୟଭିଚାରୀ ଓ ଅନାଚାରୀ ଯୋଡ଼ାଇବା ପାଇଁ ଗୌଡ଼ୀୟ ବୈଷ୍ଣବଙ୍କର ଏହା ଗୋଟିଏ ବ୍ରହ୍ମାସ୍ତ୍ର ରୂପେ ଏପରି ପ୍ରଚଳିତ । ଓଡ଼ିଆଙ୍କ ଅସ୍ତ୍ର ବା ଧର୍ମଗ୍ରନ୍ଥରେ ତାର କୌଣସି ଉଲ୍ଲେଖ ନାହିଁ । ତଥାପି ଯମୁନାରେ ନଗ୍ନ ହୋଇ ଉପରେ ସ୍ନାନକରୁଥିବା ବସ୍ତ୍ର ହରଣକୁ ପରକୀୟା ପ୍ରେମୋନ୍ମାଦ ଅଭ୍ୟାସ କରିବାରେ ସବଙ୍କ ଉଦ ଓ ଅନୁଧ୍ୟାନ କଲାପରି, ଅଜାମିଳ ପଣ୍ଡା ଚରିତରେ ନାମ ମହିମା ଦେଖାଇବା ପାଇଁ ରାମ ଦାସେ ତାର ମାରିଅ ଚର୍ବିତଚର୍ବଣ କରିବାରେ ଲାଗିଛନ୍ତି ।

### ଦ୍ୱିତୀୟ ଭାଗ

ବର୍ଷ ବର୍ଷ ଧରି ରାମଦାସେ ଖାଲି ଗୋଟିଏ ଗୋଟିଏ ଏଇପରି ଅତି ସାଧାରଣ ଉପାଖ୍ୟାନ ଗଢ଼ି ଗଢ଼ି ଲେଖୁଥାନ୍ତି । ଦ୍ୱିତୀୟ ଭାଗଟି ଲେଖିବାକୁ ଲାଗିଲା, ବତିଶବର୍ଷ । ପ୍ରଥମ ଭାଗଟିକୁ ଗଢ଼ିବାରେ କେତେ ବରଷରୁ ବେଶି ଲାଗିଥିବ । ଜାଣୁଁ ନା, ସେତେବେଳେ ସେ ପ୍ରଥମେ ପ୍ରଥମେ ମିଥ୍ୟା ଗଢ଼ିବାରେ ହାତ ଚଳାଉଥିଲେ । ଖ୍ରୀଷ୍ଟାବ୍ଦ ୧୮୦୦ ପରେ ରାମଦାସେ, ମରିଥିବେ । ସେତେବେଳକୁ ତାଙ୍କୁ ନିଶ୍ଚୟ ୮୦ରୁ ବେଶି ବରଷ ବୟସ ହୋଇଥିବ । କିନ୍ତୁ ଏଠି ବିଶେଷ ଦେଖିବାର କଥା,ରାମଦାସଙ୍କ ଏଇ ପୁସ୍ତକଟିର

Digitized by srujanika@gmail.com

ଲେଖା ଏବେ ମଧ୍ୟ ଶେଷହୋଇଛି କି ନା, ସନ୍ଦେହ । ଏବେ ବଜାରରେ ଯେଉଁ ପୁସ୍ତକଟି ମିଳୁଛି, ସେଥିରେ ଏଇ ଦ୍ୱିତୀୟ ଭାଗଟି ୨୫ରୁ ୩୦ ଅଧ୍ୟାୟ । ଏଇ ଅଧିକା ପାଞ୍ଚ ଅଧ୍ୟାୟରେ ପୁଣି ଶେଷ ତିନି ଅଧ୍ୟାୟ ହେଉଛି 'ରତ ବସ୍ତୁ ଶ୍ଳୋକ ରତ୍ନ ଚରିତ' (ସାକ୍ଷିଗୋପାଳଙ୍କ କଥା), 'ବିଲ୍ୱମଂଗଳ ଚରିତ' ଓ 'ଜୟଦେବ ଚରିତ' । ସାକ୍ଷିଗୋପାଳ କଥା ଯେ ୧୮୬୨ ଖ୍ରୀଷ୍ଟାବ୍ଦ ପରେ ଲେଖା ହୋଇଛି— ଏଥିରେ ସନ୍ଦେହ ନାହିଁ । ସେଥିରେ ଅଛି, ରାଜେ ପୁରୁଷୋତ୍ତମଦେବ,

"ଗୋପାଳ ପାଇଁ ଏକ ପତ୍ର, ନିର୍ମାଣ କଲେ ଚମତ୍କାର ।
ସେ ସତ୍ୟବାଦୀ ନାମ ଗ୍ରାମେ, ଶ୍ରୀକ୍ଷେତ୍ର ନିଦର ସ୍ଥପମେ ।"

ଏଥିରେ ନାଁ ଅଛି କାଳଜ୍ଞାନ, ନାଁ ଅଛି କାଣ୍ଡଜ୍ଞାନ । ତାପରେ ଏଇଠାରୁ ଦର୍ଶନ କେବଳ ସାକ୍ଷୀଙ୍କଠୁ ଗୋପାଳ ନାଚଣୀ ମାଗି ପିଣ୍ଡାରେ ଚକୁଳ କାମ୍ଭଲ୍ୟରସ ଆରମ୍ଭ ହୋଇ 'ବିଲ୍ୱମଂଗଳ'ରେ ପରକୀୟା ନାମରେ ବେଶ୍ୟାସଂଗ ଓ 'ଜୟଦେବ ଚରିତ'ରେ ମାତାଙ୍କୁ ଯେନ ବାବାଙ୍କ ବୃଦ୍ଧତା ପ୍ରଭୃତିର ମୋହ ଗଣ୍ଠି ସଂଗେ ଅନ୍ତବାସ୍ୟ ଅଦ୍ଭୁତ କିମ୍ବାର ଖେଚଡ଼ି ତିଆରି ହେଉଛି । ପୂର୍ବେ ସାରଳା ମହାଭାରତର ଆଲୋଚନା ପ୍ରସଙ୍ଗରେ ସୂଚାଇ ଦିଆ ହୋଇଛି, ଏଇପରି ଆଲୋଚନାମାନ ଖାଲି ଓଡ଼ିଆ ସାହିତ୍ୟରେ, ବିଶେଷରେ ଘୋର ଗୌଡ଼ୀୟ ପ୍ରଭାବରେ ପ୍ରଭାବିତ ଯୁଗରେ, ପ୍ରକ୍ଷେପର କାଳ ଓ ପ୍ରଚାର ବାଢ଼ିବା ବେଳେ ବଣ୍ଡ ଓ ଟଙ୍କେ ଦରବାର— ତା ପୁଣି ବ୍ରମଦାସଙ୍କ ଭଳି ମୂର୍ଖ ଖେଦାଲେଖକଙ୍କ ଲେଖାରେ । ଏ ସମସ୍ତ ଉପରେ ପୁଣି ଛାତ୍ରଙ୍କ ମିଥ୍ୟାରେ ସେବକଙ୍କୁ ଭୁଲାଇ ଏହା କରି ବସିଲେ, ସତ୍ୟ ଖୋଜିବା ଖାଲି ଦୁରୂହ ନୁହେଁ, ଅସମ୍ଭବ

Digitized by srujanika@gmail.com

କହିଲେ ହୁଏ । ତଥାପି ରାମଦାସେ ନିଜେ କହିବା ଅନୁସାରେ ତାଙ୍କ ଦ୍ୱିତୀୟ ସ୍ତରର ସରଣ ଅଧାପୃଷ୍ଠି ଗୀତ ଯୋଉ ଯୋଉ ଲେଖି-ବାକୁ ତାଙ୍କୁ ଲାଗିଲା ବାରଣ ବର୍ଷ ।

## ରାମଦାସଙ୍କ କର୍ମ

ଭକ୍ତର ଭଗବାନ୍ ଓ 'ଅଲୌକିକ' ମହାପୁରୁଷମାନେ, ମନୁଷ୍ୟକୁ ବଡ଼ ସହଜରେ ଅଭୁତ ଭାବରେ ଧନ ନାରୀପ୍ରେମାନ ସବୁ ଦଅନ୍ତି; ଭକ୍ତ ରାଗିଗଲେ ସହଜ ସଂହାରନ୍ତି । ସେଥିର ନ ଭକ୍ତ-ଅଡ଼ିଲେ ତାଙ୍କ ସଂଗ୍ରହ ସବୁଲ । ଏଥିରେଇ ସାମାନ୍ୟ ଜନ ମୋହରେ ପଡ଼େ । ସମାଜର ଗତ ଏଥିରେ ଯା ହେଉ, ଲୋକର ଏଥିରେ ପ୍ରମାଦ ଓ ଅପ୍ରନାଶ ହୁଏ ସତ, ତଥାପି ଲୋକଙ୍କୁ ଏଇ ପ୍ରତାରଣା ଓ ଆତ୍ମପ୍ରତାରଣା ବଡ଼ ସୁଆଦ ଲାଗେ । ଏ 'ଦାର୍ଢ୍ୟତା' ଭକ୍ତ ପୁଣି କେଡ଼େ ସୁଲଭ । ସବୁ ଦୁଷ୍କୃତ କର ମଧ୍ୟ କୃଷ୍ଣବୋଲି 'ନାମ'ଟି ଉଚ୍ଚାରଣ କଲେ, ଭକ୍ତ-ଲୋଲୁପ କୃଷ୍ଣ ଆସି ହାଜର ହୋଇ ଯିବେ ଓ ଯାହା ଦରକାର ତା ଦେବେ ଓ ବର ଦେବେ । ଏଥିକେ କଏ ନ ଭୁଲେ ? ଏଇ ପନ୍ଥାରେ ଶନ୍ତା ଚଳାଇବାର ଲୋକ ନ ବହୁନ ବାହାରିଲେ, ଭକ୍ତ ସାଜି ରାମଦାସଙ୍କ 'ଧର୍ମ କଥା' ବା 'ରସାମୃତ' ତଅରବର ବାଣ୍ଟିବାରେ ଲାଗିଲେ । ଓଡ଼ିଆ ସମାଜ ଓ ସାହିତ୍ୟର ମେରୁଦଣ୍ଡରେ କ୍ରମେ ଏଇ କ୍ଷୟରୋଗ ବ୍ୟାପିଲା ! ଗୋଟିଏ ଐତିହାସିକ ଓ ଭୌଗୋଳିକ ସତ୍ୟ ପ୍ରତି ଏଠାରେ ସଙ୍କେତ କରାଯାଇ ପାରେ ।

## 'ଭକ୍ତେର ଜୟ'

ରାମ ଦାସଙ୍କ ଘର ଗଂଜାମ । ତା ବଂଗଳାରୁ ବହୁଦୂର । 'ଦାର୍ଢ୍ୟତା ଭକ୍ତି' ଭଳି ଅପୂର୍ବ ନାମରେ କଦାଚିତ୍ ଓ ସାପାସ୍କରେ

ସ୍ଥାନ ଓ ପୂଣ୍ୟ ଅଛି, ବଙ୍ଗ ସାହିତ୍ୟରେ କି ଏପରି ଏକକ ହୋଇ-
ଗ୍ରନ୍ଥ ନାମ ଧରିଥିବାର ଜଣା ନାହିଁ; ସମ୍ପ୍ରତି ‘ଭକ୍ତ ମାଳା’ ବୋଲି
ଗ୍ରନ୍ଥଟିଏ ମିଳେ । ତା ଏଇପରି ହେଲେ ମଧ୍ୟ, ଜନସମାଜରେ
ନୁହେ । ତା ପ୍ରାୟ ଏଇ ରାମ ଦାସଙ୍କ କାଳର ବା ଟିକିଏ ପୂର୍ବର
ହେବ । ପ୍ରାୟ ଷାଠିଏ ସତୁରି ବର୍ଷ ତଳେ ଜଣେ ବିଶ୍ୱବିଦ୍ୟାଳୟର
ଉପାଧିଧାରୀ, ‘ଭକ୍ତ’ ବୋଲି ପରିଚିତ ବୈଷ୍ଣବ ବଙ୍ଗାଳୀ ଏଇ ରାମ-
ଦାସଙ୍କ ଗ୍ରନ୍ଥର ଗୋଟିଏ ବଙ୍ଗାନୁବାଦ ସେ କାଳ ବଙ୍ଗବାସୀ ଛାପା-
ଖାନାରୁ ବାହାର କରିଥିଲେ । ସେ ପୁସ୍ତକଟି ଦୁଷ୍ପ୍ରାପ୍ୟ; ତା ନାମ
‘ଭକ୍ତେର ଜୟ’ । ଏ ପୁସ୍ତକର ମୁଖବନ୍ଧରେ ପୁଣି ତା ପୂର୍ବରୁ
ଏ ପୁସ୍ତକ ସାପ୍ତାହିକ ପତ୍ରିକାରେ ପ୍ରକାଶିତ ହେଉଥିଲାବେଳେ ଗ୍ରନ୍ଥକାର
ଓ ସମ୍ପାଦକ ରାମଦାସଙ୍କୁ ଓ ଓଡ଼ିଆ ଭକ୍ତଙ୍କୁ ଯେ ପ୍ରଶଂସା କରି-
ଥିଲେ, ତାର ପଶ୍ଚାନ୍ତର ଏ ମର୍ତ୍ତ୍ୟଲୋକରେ କେଉଁ କହିଲେ, ହୁଏ ।
ଓଡ଼ିଆଏ ତା ପଢ଼ି ଯେ କ୍ଷୁଂଗ ଆତ୍ମଶ୍ଲାଘା ଅନୁଭବ କରିଥିଲେ;
ତାର ସାମୟିକ ଅପସ୍ମାର ଓଡ଼ିଆ ସାହିତ୍ୟର ବିଶୃଙ୍ଖଳତାକୁ
ଏପରି ଦ୍ରୁତ ଓ ବିକୃତ କରି ଦେଲା ଯେ, ଏବେ ମଧ୍ୟ ଅଧ୍ୟାପକ,
ଛାତ୍ରଙ୍କୁ କହିବାର ଶୁଣାଯାଏ, ଓଡ଼ିଆ ମାନେ ଦାର୍ଢ୍ୟତାଭକ୍ତ ଶୁଦ୍
ପଢ଼ନ୍ତି; କାରଣ, ସେଥିରେ ଭକ୍ତଙ୍କ ଚରିତ୍ର ତଥ୍ୟ ସଙ୍ଗେ ନାସ୍ତିର
ଦୃଢ଼ତା, ପୁଣି ନାସ୍ତିର ବୈଷ୍ଣବ ପ୍ରୀତି ସଙ୍ଗେ ସନ୍ନୀର ଆସ୍ଥାର, ଅତି ଜଣାଥ
ଆଦର୍ଶ ଓ ଚଳଣିରେ ପ୍ରକଟିତ ହୋଇଛି; ଓଡ଼ିଶା, ଭକ୍ତିର ଦେଶ;
ତହିଁରେ ପୁଣି ଦାର୍ଢ୍ୟତାଭକ୍ତି ଅତି ଜଳନ୍ତ ଓ ମହନୀୟ ଭକ୍ତିଗ୍ରନ୍ଥ ।
ବଙ୍ଗଳା ସାହିତ୍ୟରେ ମଧ୍ୟ ଏପରି ଗ୍ରନ୍ଥ, ଅଲଭ୍ୟ ବୋଲି କହି,
‘ଭକ୍ତେରଜୟ’ ନାମକ ଗ୍ରନ୍ଥର ବଙ୍ଗାଳୀ ଅନୁବାଦକଙ୍କୁ ପ୍ରାମାଣ୍ୟ-
ରୂପେ ଉଲ୍ଲେଖ କରନ୍ତିଏ । ପରାଧୀନର ଏ ଭାବ-ଦାରିଦ୍ର୍ୟ କଥା
ଆଉ ଗୁଡ଼ାଏ ବଖାଣିବା ଦରକାର ନାହିଁ । ମନେ ରଖିବାର ଅଛି,

Digitized by srujanika@gmail.com

'ଭକ୍ତିର ଜୟ' ପ୍ରକାଶିତ ହେବାଥା ଓଡ଼ିଆ ସାହିତ୍ୟକୁ ସମାଲୋଚନା କରି କସ୍ତୁର କରିବାର ଏକ ପ୍ରକାର ଅଧିକାର । ଗୌଣଙ୍କ ମନୋବୃତ୍ତିର ଏହି ଅଜ୍ଞାତ ପ୍ରତିକ୍ରିୟା ଫଳରେ ଏହିସବୁ ଅସ୍ପୃ-ଶ୍ୟତା ଓ ଅପପ୍ରଚାରର ଯେ ଦ୍ରବମାନ 'ଜୟ' ପତ୍ର' ଗଢ଼ିଛି, ତା ଓଡ଼ିଆ ସାହିତ୍ୟ କସ୍ତୁରଧାରାକୁ ଏବେ ବି ସ୍ୱାଧୀନତାର ଦେଇ ନାହିଁ ।

## ଜୟଦେବ ଓ ପଦକର୍ତ୍ତା

ଏହି ଅସ୍ପୃଶ୍ୟତାର କସ୍ତୁରରେ ପୁଣି ଏବେ ଲଟିଛି ଏକ ନୂଆ ସ୍ପର୍ଦ୍ଧା ଓ ପ୍ରତିସ୍ପର୍ଦ୍ଧା । ଯଥାର୍ଥରେ 'ଦାର୍ଢ୍ୟତାଭକ୍ତି' ପୁସ୍ତକକୁ ବଂଗାଳୀ ଅପୂର୍ବ ଗ୍ରନ୍ଥ ବୋଲି ଅନୁବାଦ କରିବାରେ ଓଡ଼ିଆଙ୍କର ଯେ ଅସ୍ପୃଶ୍ୟତା ଫୁଟିଲା, ତହିଁର ଭିନ୍ନ ଭିନ୍ନ ପ୍ରକାଶ ଦେଖିଲେ, କନ୍ଧୁର ସଂକୋଚ ଆସେ । ଏହି ଗୌଣଙ୍କ ମନୋଭାବ ଓ ତଜ୍ଜ-ନିତ ସ୍ପର୍ଦ୍ଧାର କଥା ପ୍ରସଂଗାନ୍ତରରେ ସୂଚିତ ହୋଇଛି ( ପୂର୍ବ ପୃ. ୯୯ ଠାରୁ ଦେଖ) । ଏହି ଅସ୍ପୃଶ୍ୟତାର ପ୍ରକାର ପ୍ରକାଶରେ ମତ ଲଟିଛି, ଜୟଦେବ ଥିଲେ ଓଡ଼ିଆ । ହୋଇପାରେ, ଜୟଦେବ ଜୁଏକ ଓଡ଼ିଆ ଘରେ ଜନ୍ମିଥିଲେ ଓ ଓଡ଼ିଆ-ପ୍ରାକୃତ-ସ୍ୱରଧର ସଂସ୍କୃତରେ କାନ୍ତ-କୋମଳ ସଂଗୀତ ଲେଖିଥିଲେ । ମାତ୍ର ତାଙ୍କ ବୈଷ୍ଣବୀ ( ମାତା ) ପଦ୍ମାବତୀ ଓଡ଼ିଆ ଥିବାଥା କଦାପି ତାଙ୍କ ନିଜ-ଓଡ଼ିଆତ୍ୱର ପ୍ରମାଣ ହୋଇ ନ ପାରେ । ପୁଣି ଲେଖନ ଶୈଳୀରେ ଯେତେ ଓଡ଼ିଆ ହେଲେ ବି, ଗୀତ ଗୋବିନ୍ଦର ରାଧାକୃଷ୍ଣ ପ୍ରୀତିଜନିତ ଲଳିତ ରସ ମାଧୁର୍ଯ୍ୟ ଯେ କଦାପି ଓଡ଼ିଆ ହୋଇ ନ ପାରେ, ଏହା ଛନ୍ଦା ଓ କସ୍ତୁର କହିବାର ଅବକାଶ ଖୋଜିବା ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ କସ୍ତୁରଙ୍କୁ ଦମ୍ଭ ନାହିଁ । ରାଧାକୃଷ୍ଣଙ୍କ ପରକୀୟା-ରତିରଂଗ ଯେତେ ରସୁଆଳ ହେଲେ ମଧ୍ୟ, ତା କଦାପି ବ୍ରହ୍ମଚର୍ଯ୍ୟ-ନିଷ୍ଠ ଓଡ଼ିଆ ସାହିତ୍ୟର ପ୍ରାଣ-ପ୍ରକାଶ କରୁ ନାହିଁ । ଏହା ଏକାବେଳକେ

Digitized by srujanika@gmail.com

ଅଗନୁବ ଓ ଓଡ଼ିଆ ସାହିତ୍ୟରେ ଭ୍ରଷ୍ଟାଗୁର । ସେଇପରି ପୁଣି ଅନେକ ପୂର୍ବକାଳର ଇନ୍ଦ୍ରଭୂତି ଓ ତାଙ୍କ ଭଗିନୀ ଲକ୍ଷ୍ମୀଙ୍କର ଓ ସେଥି ସାଂଗକୁ ଲୁଇପା, ଶବରିପା, କାହ୍ନୁପା ପ୍ରଭୃତି ପରବର୍ତ୍ତୀ ଓ ସିଦ୍ଧାଚାର୍ଯ୍ୟଙ୍କ ସମଗ୍ର ପୂର୍ବୋତ୍ତର ଭାରତ ବ୍ୟାପୀ ଅଘଟନ-ଘଟନ-ଘଟଣା । ବଂଗୀୟ ପଣ୍ଡିତବର ସ୍ୱର୍ଗତ ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ନେପାଳରୁ କେତେକ ହାତଲେଖା ପୁସ୍ତକ ପାଇ ସେଥିରୁ ଯେଉଁ ଦେଖାଇ ଦେଲେ, ଏଇ ପରବର୍ତ୍ତୀ ସିଦ୍ଧାଚାର୍ଯ୍ୟଙ୍କ ଲେଖାରେ ହୁଏତ ସେକାଳ ଓଡ଼ିଆର ରୂପ ଅଛି ଓ ସେମାନଙ୍କ ମଧ୍ୟରେ କେହି କେହି ଓଡ଼ିଆ ଥିଲେ । ଫଳେ ଫଳେ କେତେ ଓଡ଼ିଆ ସାହିତ୍ୟିକଙ୍କ ଗ୍ରନ୍ଥ ଆତ୍ମ-ଶ୍ଳାଘାରେ ଫୁଲି କୁଣ୍ଡେମାଛ ହୋଇଗଲେ । ଏବେ କଥାଟା ଉଦ-ଭାସ୍ୱରୂପ ଧାରଣ କରି ଶେଷକୁ ହେଲା, ସେ ସବୁ ପରବର୍ତ୍ତୀ ଓ ସିଦ୍ଧାଚାର୍ଯ୍ୟପାଦ ଯେ ଥିଲେ, ସମସ୍ତେ ଓଡ଼ିଆ—ବ୍ରାହ୍ମଣୀ, ଡାକ-ଅଣିଙ୍କ ଠାରୁ ନିଜ ମା, ଝିଅ, ଭଉଣୀ ପର୍ଯ୍ୟନ୍ତଙ୍କୁ ଧରି ସ୍ୱଚ୍ଛନ୍ଦ ମୈଥୁନରେ ତଥା ଅଭକ୍ଷ ଭକ୍ଷଣାଦିରେ ବଜ୍ରଯାନ ଓ ସହଜଯାନର ଯେଉଁ ତଥାକଥିତ 'ବିଭୂତି'ମୟ ସାଧନା ସେକାଳେ ଓଡ଼ିଶା, ନେପାଳ, ବଂଗ, ଆସାମ ପ୍ରଭୃତି ଅଂଚଳରେ ପ୍ରକାଶ ପାଇଥିଲା, ସେ ସବୁର ମୂଳ ଓ ଆଦ୍ୟ ବିକାଶ ହୋଇଛି, ଓଡ଼ିଶାରେ ଓ ଓଡ଼ିଆ ସଂସ୍କୃତିରେ । ଏଇ ଭ୍ରଷ୍ଟାଗୁର ଓ ତଦ୍‌ଗତ ବିଭୂତିକୁ ପୁଣି ନିଜର କରିବା ପାଇଁ ବଂଗାଳୀଙ୍କ ସଙ୍ଗେ ଛଡ଼ା ଛଡ଼ି । ସେତେବେଳେ ଓଡ଼ିଆ ଓ ପଶ୍ଚିମ ବଂଗର ଭାଷା ପ୍ରାୟ ଏକାପରି ଥିଲା । ଆସାମ ଓ ପୂର୍ବୋତ୍ତର ବଂଗର ସେକାଳ ଭାଷାଠାରୁ ପୁଣି ତାକୁ ବାରିବା ଏତେ ସହଜକାମ ନୁହେ । ଉଦାହରଣ ସ୍ୱରୂପ, ପାଟେଲ (ପାଶିଲ) ଓ ମାକଡ଼ ଏବେ ସ୍ୱତନ୍ତ୍ର ଓଡ଼ିଆ ଶବ୍ଦ ହେଲେହେଁ, ପ୍ରାଚୀନ ହାତ-ଲେଖା ଚଣ୍ଡୀଦାସଙ୍କ 'ଶ୍ରୀକୃଷ୍ଣ କୀର୍ତ୍ତନ' ଗ୍ରନ୍ଥରେ ନାରଦଙ୍କ ବର୍ଣ୍ଣନାରେ

Digitized by srujanika@gmail.com

ଅଛି, "ଗାଛର ଡାଳି, ମାଛର ତେଲ" (ବଙ୍ଗୀୟ ସାହିତ୍ୟ ପରିଷଦ୍ ପ୍ରକାଶିତ, ବସନ୍ତରଞ୍ଜନ ରାୟ ସମ୍ପାଦିତ ପୁସ୍ତକ ଦେଖ )। ଏବେ ବଙ୍ଗଳାରେ ଏହା ହୁଅନ୍ତା—'ଗାଛ ଡାଳ ମାଛର ତେଲ'। 'ମାଛଭାଜି' କଥାଟି ଏବେ ବି ବଙ୍ଗଳା। ଏସବୁ ସ୍ଥଳେ ସେକାଳ ବଙ୍ଗଳା, ଓଡ଼ିଆ ଭାବଧାରରେ ଗଢ଼ ପରିଣାମ ତତ୍ତ୍ୱର ବସ୍ତୁର ବେଢ଼େ କଥା, ତା ଅନେକେ ବୁଝନ୍ତି ବୋଲି ମନେ ହେଉନାହିଁ। 'ଚର୍ଯ୍ୟା'ନ ଲେଖି, 'ଚର' ଲେଖିଛନ୍ତି, ଅତଏବ ଓଡ଼ିଆ—ଏପରି ସିଦ୍ଧାନ୍ତ, ଏ କ୍ଷେତ୍ରରେ ଆଦୌ ଯୁକ୍ତିସଙ୍ଗତ ନୁହେ। ପୁଣି ଭିକ୍ଷାବୃତ୍ତିର ଅଗାଧ ସ୍ୱାଦୋନ୍ମାଦରେ ମାତି, ହୁଏତ କାହାର ଇନ୍ଦ୍ରିୟ-ସେବା-ଧର୍ମକୁ ଦେଖି ସାଧନାର କଳଙ୍କ ଦେବାପାଇଁ ଜୈନ-ପରଂପରା-ପ୍ରସିଦ୍ଧ 'ଇନ୍ଦ୍ରଭୂତି' ନାମଧାରୀ ଓ ତାଙ୍କ ଭଗିନୀ ଲକ୍ଷ୍ମୀଂକରଙ୍କୁ ରାଜ-ଭବନକୁ ଛାଡ଼ି ସଙ୍ଗେ ଦେଇ ସେକାଳର 'ସମ୍ଭଳ'' (ସମ୍ବଲପୁର ?) ଓ "ଜାହୋର" (କେନ୍ଦୁଝର ?)ର ଦୁଇଜଣ, ଆଜ କେତୋଟା ସଂସ୍କୃତ ସମ୍ପୃକ୍ତ ରାଜ-ସମ୍ପର୍କ ଅଥବା ଜାତିପାଙ୍କ ସହ ତଥାକଥିତ ଅଭ୍ରକର୍ମୀ ଅବକାହାଙ୍କୁ ଗହଣରେ ଧରି 'ବଜ୍ରଯାନ'ର 'ମହାସୁଖ' ସାଧନା କରିବାକୁ ସେଇ ଆଡ଼କୁ ଚାଲିଯାଇଥିଲେ। କିଂବା 'ଲଇପା', 'ଡାଉପା'ଙ୍କ ପରି କେହି କେହି ସିଦ୍ଧ-ନାମୀ ଭିକ୍ଷାଚାରୀ, ଜନ୍ମତଃ ଓଡ଼ିଶାର କୌଣସି ଅଂଚଳର ଥିଲେ ବା ଉଡ୍ଡିୟାନକୁ ଏହି ସାଧନାର ଅନ୍ତର୍ଭୁକ୍ତ ବୋଲି ଦେଖାଇବା ପାଇଁ ସେଇକାଳ ଲେଖା ବା କିଂବଦନ୍ତୀରେ ଏ ଉପାଖ୍ୟାନ ତିଆରି ହୋଇଥିବ। ଏଥି ପାଇଁ ସମସ୍ତ 'ବଜ୍ରଯାନ' ବା 'ସହଜଯାନ'କୁ ଓଡ଼ିଆ ସାହିତ୍ୟ, ସଭ୍ୟତା ଓ ସଂସ୍କୃତିର ଜାତିବୋଲି ଗର୍ଜନ କରି ବାହାସ୍ଫୋଟ କରିବାର କି କାରଣ ଅଛି ? ଏହିପରି ମନୋବୃତ୍ତି କେବଳ ପରାଧୀନତ ଅନ୍ତର୍ନିହିତ ଦୋଷ

Digitized by srujanika@gmail.com

ଗୌଣତ୍ୱ-ଜନିତ ସ୍ପର୍ଦ୍ଧା ଛଡ଼ା ଆଉ କିଛି ନୁହେଁ। 'ଉଦ୍ବୋଧନ'ରେ ବଙ୍ଗାଳୀଙ୍କ ପ୍ରଶଂସିତ ଆମ 'ଦାର୍ଢ୍ୟତା' ସ୍ତୁତିକର ଉକ୍ତିମାନେ ବଙ୍ଗାଳୀ ଭକ୍ତଙ୍କୁ ବଳି ଭକ୍ତି; ସେ ଭକ୍ତି ଧର୍ମ ଓ ଅବତାରବାଦ ଅଦ୍ଭୁତ କିମ୍ବା ମୂଳତଃ ଆମର । ସେଇପରି ସହଜିଆଧର୍ମ ଓ ଅସ୍ତୁର, ଆମର । ବଙ୍ଗାଳୀ ଏସବୁ ଆମକୁ ଦେଖି ଅନୁକରଣ କରିଚନ୍ତି— ଏଇ ଭଳି ସ୍ୱୀନସ୍ୱତ୍ତ୍ୱ ଏବେ ଓଡ଼ିଆସାହିତ୍ୟ ଆଲୋଚନାରେ ଖୁବ୍ ଦେଖାଯାଏ । ସ୍ୱତ୍ତ୍ୱର ମିଥ୍ୟାରେ ଏ ସ୍ୱତ୍ତ୍ୱ ବି ଏକ ମିଥ୍ୟା ଓ ଆତ୍ମପ୍ରବଞ୍ଚନା । ବାହୁଁଦନା, ଅପଥା ଓ ବୃଥା ଆତ୍ମଶ୍ଳାଘା, ବସ୍ତୁତଃ ଆତ୍ମପ୍ରବଂଚନା ଛଡ଼ା ଆଉ କିଛି ନୁହେଁ ।

## ଏକ ଚଳଣିରେ ଦୃଷ୍ଟାନ୍ତ

ଏଇ ଦେଖ, ଚଣ୍ଡୀପାଠ ଓ ଆଶ୍ୱିନର ଷୋଳଦିନ ଦେବୀପୂଜା ଓ ପର୍ବ ସଂଗେ ଓଡ଼ିଆର ଏବେ ବି କୌଣସି ସାମାଜିକ ଚଳଣିର ସଂପର୍କ ନାହିଁ । କେବଳ ପରାଧୀନ ଓଡ଼ିଶାରେ ବଙ୍ଗ ସମାଜର 'କୁଳୀନ'ଅନୁକରଣରେ ସାମନ୍ତ ବ୍ରାହ୍ମଣ ସୃଷ୍ଟି କରି, ଖୋରଧାରାଜା ଏ ବ୍ରାହ୍ମଣଙ୍କୁ ଯେଉଁ ଶାସନମାନ ଦେଇଥିଲେ, ରାଜାଙ୍କ ପାଖେ ବଙ୍ଗୀୟ ତାଂତ୍ରିକଙ୍କ ପ୍ରଭାବ ହେତୁ, ସେଇ ପରାଧୀନ ରାଜାର ମନ ଯୋଗାଉ-ଥିବା ସେଇ ବ୍ରାହ୍ମଣ ବା ସେଇ ପନ୍ଥକ୍ରମେ ଗଢ଼ାହୋଇଥିବା ଶାସନର ବ୍ରାହ୍ମଣମାନଙ୍କ ଛଡ଼ା ଅନ୍ୟକ ଓଡ଼ିଆର ଦେବୀ ପୂଜା ବା ପର୍ବ ନାହିଁ । ଆମର ଅଛି 'ଦଶହରା' ଓ 'କୁମାର ପୂର୍ଣ୍ଣିମା' । ଓଡ଼ିଆଏ ଦଶହରାକୁ ଅସ୍ତ୍ରଶସ୍ତ୍ର ପୂଜାକରିସାରି ନିଜ ନିଜର ସ୍ୱକର୍ମ ଆରମ୍ଭ କରନ୍ତି ଓ କୁମାର ପୂର୍ଣ୍ଣମୀକୁ ନୂଆଲୁଗା ପିନ୍ଧନ୍ତି; ଦେବୀପୂଜା କରନ୍ତି ନାହିଁ, କି 'ପୂଜା'କୁ ଲୁଗା ପିନ୍ଧନ୍ତି ନାହିଁ । ବଙ୍ଗଳାରେ ଗ୍ରାମେ ଗ୍ରାମେ, ଏପରିକି ନମଃଶୂଦ୍ରଗ୍ରାମରେ ମଧ୍ୟ, ମୃଣ୍ମୟୀ (ମାଟିଗଢ଼ା)

Digitized by srujanika@gmail.com

ଦେବୀ ବରିହୋଇ ପୂଜିତ ହୁଅନ୍ତି; ତାଙ୍କୁ ଜନୁବଳ ଓ ସୁରିଭୋଗ ଦିଆହୁଏ; ସମସ୍ତେ ସେଇପ୍ରସାଦ ଗ୍ରହଣରେ ମାତନ୍ତି; ନୂଆଲୁଗା ପିନ୍ଧି ଦଶହରାରେ 'ଭୋଜାକୁଳ' (କୁଣ୍ଡି ଅକୁଣ୍ଡି) ହୁଅନ୍ତି; ଶେଷକୁ ସେଇ ମୂର୍ତ୍ତିକୁ ସମାରୋହରେ ନେଇ ପାଣିରେ ପକାନ୍ତି । ଏପରି ବର୍ଷକୁ ବର୍ଷ ମୃଣ୍ମୟୀ ଦେବୀମୂର୍ତ୍ତିକୁ ପାଣିରେ ପକାଇବା ଭାରତରେ ଅନ୍ୟତ୍ର ନାହିଁ । ଓଡ଼ିଶାରେ ପ୍ରାୟ ଶହେ ବର୍ଷ ଭିତରେ ଏହା ପୁରୀରେ ମାତ୍ର ଆରମ୍ଭ ହୋଇଥିଲା । ମାତ୍ର ଇଂରେଜ ଅମଳରେ ଏହା କଟକ, ବାଲେଶ୍ୱର ଓ ଶେଷକୁ ବ୍ରହ୍ମପୁର ପରି ସହରରେ ମାତ୍ର ଆରମ୍ଭ ହୋଇ ବଢ଼ିଲା । ଅବଶ୍ୟ ଓଡ଼ିଶାରେ ଯେଉଁଠି ବଙ୍ଗାଳୀ ବସତି ଅଛି, ସେଠା କଥା ସ୍ୱତନ୍ତ୍ର ( ପ୍ରଥମଭାଗ ୧୧୦ ପୃଷ୍ଠାଠାରୁ ଦେଖ ) । ବ୍ରହ୍ମପୁରରେ ଆଇନ୍ ବ୍ୟବସାୟ କରିବାକୁ ଆସିଥିବା ଜଣେ ବଙ୍ଗାଳୀ ଓକିଲ ପ୍ରାୟ ୫୦ । ୬୦ ବର୍ଷତଳେ ସେଠିଏ ମୃଣ୍ମୟୀ ମୂର୍ତ୍ତି ଓ ପର୍ବ ଆରମ୍ଭ କରିଥିଲେ । ଖ୍ରୀ ୧୯୪୫ର 'ଶଂଖ' ନାମକ ମାସିକରେ ସ୍ୱର୍ଗତ କବି ରାଧାନାଥରାୟଙ୍କ ପୁତ୍ର ଶ୍ରୀ ଶଶିଭୂଷଣ ରାୟ ଲେଖିଥିଲେ, 'ତାଙ୍କ ପିଲାଦିନେ ସମସ୍ତ କଟକରେ ମୋଟେ ଦୁଇଟି ମାତ୍ର 'ଦେବୀ-ମେଢ଼' ( ସାଜ ସଜ୍ଜା ସହିତ ଦୁର୍ଗାର ମୃଣ୍ମୟୀ ଦେବୀଙ୍କୁ କଟକରେ ଏହି ନାମରେ କହନ୍ତି ) ହେଉଥିଲା । ହେଲେହେଁ, ଓଡ଼ିଶାରେ ଏହା ପୁରୀପୁର ପଶିବା ବଡ଼ କଷ୍ଟ ହୋଇଥିଲା । ପୁରୀରେ ମଧ୍ୟ ସେ କାଳର ରାଜ-ତାଂତ୍ରିକଙ୍କ ପ୍ରଭାବ ବେଳେ ମୃଣ୍ମୟୀ ଦେବୀଙ୍କ ଆଗେ ପୁରୀଲୋକେ ବଳି ପକାଇ ଦେଉ ନ ଥିଲେ । ସେଥିପାଇଁ ତାନ୍ତ୍ରିକ-ମାନେ ନିଜର 'ପ୍ରଜ୍ଞା' ପ୍ରୟୋଗ କରି ପଶୁ ପରିବର୍ତ୍ତରେ କଦଳି, କାକୁଡ଼ି, କଖାରୁ ପ୍ରଭୃତିର ଶସ୍ୟ ନେଇ ଆପାତ ଧର୍ମ ସମାଧାନ କରିଥିଲେ । ଏବେ କାଳକ୍ରମେ ପଶୁବଳି ହୁଏତ ପଶିଲା । ଧର୍ମକୁ

Digitized by srujanika@gmail.com

ପାଣି କର ଧର ଇନ୍ଦ୍ରିୟ ସେବାର ଯଥେଷ୍ଟ ସୁବିଧା ମିଳୁ ଥିଲ ବେଳେ ସଂଯମ କେତେ ଦୂର ବା ରହେ ? ତେଣୁ ଏପର୍ବ ପ୍ରସଙ୍ଗରେ ପ୍ରଚାର ହେଲ ମୃଣ୍ମୟୀ ଦେବୀମାନଙ୍କର 'ଜଗିଶାଳ,' 'ଚାଲୁଣ୍ଡ ଖାଇ' ପ୍ରଭୃତି ନାମମାନ ବର୍ତ୍ତମାନ ଅଛି ଓ ସେହିସବୁର କଥା ଲଶି ସମ୍ପର୍କରେ ଗୋଷ୍ଠୀ ଜଣେ ଓ ଦଳପତି ସେଠି ଦଶ ପଡ଼ୁଛି । ଏ ସବୁ ସଙ୍ଗେ ମୃଣ୍ମୟୀ ଦେବୀ ପୂଜାର ପଦ୍ଧା ଓ ରୀତି ସଙ୍ଗେ ଓଡ଼ିଆ 'ବୃହସ୍ପତି'ଙ୍କ 'ରଜ-ନାହି ଦେଇ'ଙ୍କୁ ବ ଦାଇ 'ଗ୍ରହ'-ଙ୍କ ଭଳିରେ ମୃଣ୍ମୟୀ ସରସ୍ୱତୀ ପ୍ରଭୃତିଙ୍କର ତାହାର ଅନୁକରଣ ଦାବାଗ୍ନି ପରି ବ୍ୟାପି ଯାଇଛି । ମୃଣ୍ମୟୀ ଦେବୀ ସମ୍ପର୍କରେ ମଦ୍ୟ ମୈଥୁନର ସେବା ଖୁବ୍ ଗଭି ଅସୁଥିଲ । ଏବେ ତେଣୁ ମଦମୈଥୁନରେ ଆଉ ପୂର୍ବର ଅବ୍ୟବସ୍ଥା ଅଣମିଳିବା ପାଇବା ପର ଦେବସମ୍ପର୍କ ବା ଧର୍ମ ସମ୍ପର୍କ ସେଥିରେ ଦରକାର ହେଉ ନାହିଁ । ସମାଜ-ସାଧନାରେ ସେ ସବୁ ସଂଯମର ଶୃଙ୍ଖଳା ଥିଲ ହୋଇ ଯାଇଛି । ଅଧିକ କଣ ଦେଖାଇ ପ୍ରୋହିବିସନ୍ ( Prohibition ) ବା ସମ୍ପୂର୍ଣ୍ଣ ମଦ ନିଷେଧ ଓ ନିଶାନିବାରଣର ପ୍ରଚେଷ୍ଟା ହେଉଛି ସାମାଜିକ ଅସ୍ଥିର ଭାବରେ ସଂଯମ ଆଉ ଲୋକଙ୍କ ଭିତରେ ନାହିଁ । ଅନ୍ୟପକ୍ଷରେ ସେଇସବୁ ସ୍ୱଭାବ ସ୍ୱଦେଶ ତଥା ଭାରତୀୟର ସ୍ୱୈର ସଂସ୍କରଣ-ଗତ ଓ-ସ୍ୱଭାବରେ ଅଧିକାରର ଏକାନ୍ତ ଅନଧିକାର ଓ ଅଂଶୁରର ଅଧିକ ପ୍ରଚାରର ମୁଖ୍ୟ ଉପାଦାନ ବୋଲି ବିବେଚିତ ହେବାରୁ ସେ କ୍ଷେତ୍ର-ରେ ମଧ୍ୟ ସାମାଜିକ ସଂଯମ ଓ ନୈତିକ ଅଧିକାର ଆଉ ସେ ଭଳିକ ରହୁନାହିଁ । ଏସବୁ ଗୁଡ଼ ଦେଖିଲେ ମଧ୍ୟ 'ଦେଶୀ ମେଳ' ଯେ ଓଡ଼ିଆର ଅପଥ୍ୟ ଓ ଅଜ୍ଞାତ ପାଶ୍ଚାତ୍ୟର ଅନୁକରଣ, ଏହା ବୁଝିବାରେ ଅସୁବିଧା ହେଉ ନାହିଁ ।

Digitized by srujanika@gmail.com

## 'ଦାର୍ଢ୍ୟତା'ରେ ସଂକୋଚ ଓ ନାମ-ମହିମାର ସୂଚନା

ପରକୀୟା-ପ୍ରେମ-ନିବଦ୍ଧ ବୈଷ୍ଣବ ଧର୍ମରେ ଅତିମାତ୍ର ଭକ୍ତିର ମିଥ୍ୟାର ଅଭାବ ନାହିଁ । ଗୋବର୍ଦ୍ଧନ ଗିରି ୭ଦିନ ଟେକିଧରି ପ୍ରଳୟ ବୃଷ୍ଟିରୁ ଗୋପ-ଗୋପୀଙ୍କୁ ରକ୍ଷା କରିବାଠାରୁ ଏକାବେଳେକେ ଷୋଳ ସହସ୍ର ଗୋପୀଙ୍କୁ ରମଣ କରି ତୃପ୍ତ କରିବା ପର୍ଯ୍ୟନ୍ତ, କୋପପୂରପାତ ସବୁ ଗୋପୀଙ୍କ ଶେଯରେ ଏକ ସମୟରେ ଶୋଇବାଠାରୁ ଶିଶୁ ଓ ବାଳକ ଅବସ୍ଥାରେ 'ଗୋପୀଙ୍କ କୋଳରେ ଖେଳୁଥିଲାବେଳେ ହଠାତ୍ ନାରୀ-ସଂଗମ-କ୍ଷମ ଯୁବକ ହୋଇଯାଇ ପୁଣି ଶିଶୁ ହୋଇ ଯିବା ପର୍ଯ୍ୟନ୍ତ ସବୁ ଭକ୍ତିର ମିଥ୍ୟା । କିନ୍ତୁ ଏ ସବୁ ସେତେ ତୀବ୍ର ନୁହେଁ, କି ସେତେ ବେଶି ନୁହେଁ । ପୁଣି ଯୋନି-ଲିଙ୍ଗାଦିର ପ୍ରେରଣା ଥିଲେ, ଜଂଘାସ୍ୟରେ ଅଭୂତ କିମ୍ବା ସେତେ ଦରକାର ନାହିଁ । ଅନ୍ୟ ଗୋଟିଏ କଥା । ସହଜିଆ ଧର୍ମ ତଥା ତନ୍ତ୍ରରେ ଥିଲା 'ଋଦ୍ଧି' 'ସିଦ୍ଧି'ର ଐଶ୍ୱର୍ଯ୍ୟ-ମୋହ । ମାତ୍ର ଏସବୁର ମୂଳରେ ଅତି ଦୂର ସମ୍ପର୍କରେ ହେଲେହେଁ, ଥିଲା, ଜୈନ-ଯୋଗର ଶରୀର-ସାଧନା । ଯୋଗସିଦ୍ଧିରେ ଯେଉଁ ନିର୍ବାଣ ଲାଭହୁଏ, ଯତି-ସୁଗତର 'ମହାସୁଖ'ରେ ଅନ୍ତତଃ ତାର ଟିକିଏ ହେଲେ ଆଭାସ ଥିଲା । ସେହି ନିର୍ବାଣ ବା ସିଦ୍ଧିରେ କେବଳତ, ବ୍ୟକ୍ତି କର୍ମର ସମାପ୍ତି ଓ ଫଳାଫଳର ଏକାନ୍ତ ଅବସାନ । ତେଣୁ ସେହି ସାଦୃଶ୍ୟରେ ଉପାସନାରେ ସଂପୂର୍ଣ୍ଣ ଆତ୍ମ ସମର୍ପଣ କରିବାରେ ସେହି କଥା । ଏହା ସତ୍ୟ ନ ହେଲେ ମଧ୍ୟ ସୃଷ୍ଟିର କଳ୍ପନାରେ ହେଲେ ରହିଥିଲା । ପୁଣି ଯୋନି, ଲିଙ୍ଗାଦିର ଅଧାର ସଂବେଗ ପାଇଁ ନିଜର ଉଠବାହିତା ଦରକାର ହେଲେ ମଧ୍ୟ, ଉପାସ୍ୟର ବିଶେଷ ବିଭୂତି ସେ ଦିଗରେ ଦରକାର ନାହିଁ । କିନ୍ତୁ କାମସମ୍ଭୋଗ-ସୁଖର ଅଧାନ ସାଇଁତଥା ସେହି

Digitized by srujanika@gmail.com

ଅସ୍ପୃଶ୍ୟମାନେ ସ୍ୱର୍ଗୀୟ ଭୋଗ ପାଇଁ ଉଲ୍ଲଙ୍ଘନ ନିଗ୍ରହାନୁଗ୍ରହ-ସାମର୍ଥ୍ୟରେ ବଳରେ ପ୍ରୟୋଜନ । ଏହି ସୂତ୍ରରେ ଓ ଏଥିପାଇଁ ପୃଥିବୀ ସିଦ୍ଧ ଭକ୍ତିଧର୍ମରେ ଶକ୍ତି ମିଶେ । ସେହି ଶକ୍ତିର ସ୍ପର୍ଶରେ ସେ ଅନୁଚରଣମାନେ ହୋଇଛି, 'ଦାର୍ଢ୍ୟତାଭକ୍ତିରସାମୃତ' ସେହି ଶକ୍ତି-ଗତ ମିଥ୍ୟାରେ ପୂର୍ଣ୍ଣ । ଏସବୁ ସତ୍ତ୍ୱେ ସ୍ୱଚ୍ଛନ୍ଦ ଲେଖନ୍ତି ସେଠାରେ ସଂକୋଚ ବିନା 'ଦାର୍ଢ୍ୟତା' ପୁସ୍ତକରେ ବର୍ବରର ପ୍ରକାଶ ପାଇଛି । ବଜ୍ରଯାନ କାଳରୁ ସେଇଥିପାଇଁ ସଂଧ୍ୟାଭାଷା ପ୍ରକାଶ ପାଇଥିଲା ; ତନ୍ତ୍ରରେ ମଧ୍ୟ ମହାଦେବ ପାର୍ବତୀଙ୍କୁ ଏଇସାଧନାର କଥା କହିଲା-ବେଳେ ଏସବୁ କ୍ରିୟାକୁ ଲୁଚାଇ କରି କରିବାକୁ ଦୃଢ଼ ଗୋପ୍ୟ ନିର୍ଦ୍ଦେଶ ଦେଇଛନ୍ତି—

"ଗୋପନୀୟଂ ଗୋପନୀୟଂ ପ୍ରଯୋଜନେନ ପାର୍ବତି"

ଅର୍ଥାତ୍, ଏ ତନ୍ତ୍ର ସାଧନା କଥା ନିଜ ପୋନକୁ ଅନ୍ୟଠାରୁ ଲୁଚାଇ ରଖିଲାପରି ଲୁଚାଇ ରଖିବ । ମାତ୍ର 'ଦାର୍ଢ୍ୟତା'ର ସଂକୋଚ କେବଳ ଏସବୁ ସାମାଜିକ ଶିଷ୍ଟାଚାର ନୁହେଁ । ଏଥିରେ ଇନ୍ଦ୍ରିୟଧର୍ମକୁ ସ୍ପଷ୍ଟ ଘୃଣା କରାଯାଇଛି । ଅନ୍ୟଦିଗରେ ନାମର ମହିମାକୁ ଅତିକାୟ କରି ଭକ୍ତିକ ମିଥ୍ୟାକୁ ସତ୍ୟ କରିବାର ଉଦ୍ୟମ ହୋଇଛି । ସେଥିପାଇଁ ଉଦାହରଣ ସ୍ୱରୂପ 'ଅଜାମିଳ' ଉପାଖ୍ୟାନଟି ଦେଖିଲେ ହେବ । ଏହା ଶ୍ୟାମଦାସଙ୍କ ଲିଖିତ ପୁସ୍ତକର ଶେଷ ଉପାଖ୍ୟାନ । 'ଦାର୍ଢ୍ୟତାଭକ୍ତି ରସାମୃତ'ର ଶେଷ ଅଧ୍ୟାୟ

ଦେଶର ସାହିତ୍ୟ ଓ ସଭ୍ୟତାକୁ ଧ୍ୱଂସ କରିବାର ବହୁ ଅଜ୍ଞାତ ଉଦ୍ୟମ ସତ୍ତ୍ୱେ ଶ୍ୟାମ ଦାସଙ୍କ ଉପାଖ୍ୟାନ ଗୁଡ଼ିକରେ ତଥାପି ଓଡ଼ିଆ ସାହିତ୍ୟର ପ୍ରାଣ ଧୁକ୍ ଧୁକ୍ ହେଉଛି । ସହଜିଆଙ୍କ ଭକ୍ଷ୍ୟା-ଭକ୍ଷ୍ୟ, ଗମ୍ୟାଗମ୍ୟକୁ ସେ ଭେଦ କରି ପାରି ନାହାନ୍ତି । 'ସଙ୍କୀର୍ଣ୍ଣ ପ୍ରେମର 'ଜହ୍ନିଶାର' ରାମାନନ୍ଦ ରାୟ ଚୈତନ୍ୟଙ୍କୁ ଦେଖାଇ ମୁଗ୍ଧ

Digitized by srujanika@gmail.com

ଦାନ କରିଥିଲେ । କିନ୍ତୁ ଓଡ଼ିଶାର ବାୟୁ ମଣ୍ଡଳରେ ତା ଧାର୍ମିକ ନୁହେଁ—କି ସାମାଜିକ ନୁହେଁ । ତେଣୁ ତା କୌଣସି ଭାବରେ ପଶି ପାରିନାହିଁ । ସେହି ଚୈତନ୍ୟଙ୍କ ସହଜିଆ-ସହଚର ବାସୁଦେବ ଘୋଷ ପ୍ରଭାବରେ ଭକ୍ତ ଶିଖି ମହାନ୍ତିଙ୍କ ଭଉଣୀ ଏବଂ ଭକ୍ତଗତ-ପ୍ରାଣା ପଣ୍ଡିତା ମାଧବୀଦାସୀଙ୍କ ସଙ୍ଗେ ପରକୀୟା-ପ୍ରେମ-ରସସାଧନର ଅପବାଦ ଲେଉଡ଼ ଜଡ଼ିତ ଓ ପରିତ୍ୟକ୍ତ ହୋଇଛନ୍ତି ଓ ସେଥିପାଇଁ ଚୈତନ୍ୟ ମାଧବୀଙ୍କ ମୁହଁ ଚାହୁଁ ନାହାନ୍ତି । ଏଠେ ଚୈତନ୍ୟ ଦେବ ସାମାଜିକ ଭାବରେ ଓଡ଼ିଆ ଘର ପୁଅ । ତା ପରେ ପୁଣି ପୁରୀର ଜଗନ୍ନାଥ ଧର୍ମର ବାୟୁମଣ୍ଡଳ ତାଙ୍କୁ ବ୍ୟକ୍ତିଗତ ଭାବରେ ବହୁତ ପ୍ରଭାବିତ କରିଥିଲା । ତେଣେ ବଙ୍ଗଳାର ଜନସାଧାରଣଙ୍କ-ସହଜିଆ 'ନେଡ଼ା ନେଡ଼ୀ', 'ବାଉଲ' ପ୍ରଭୃତିଙ୍କ ବୈଷ୍ଣବ ଯୌନା-ଚାର କିମ୍ବା କାଣ୍ଡ ବଡ ପ୍ରବଳ ଥିଲା । ସେମାନେ ବଡ଼ ହେୟ-ଜ ଥିଲେ । ସମାଜର ନିମ୍ନ ଶ୍ରେଣୀ ଜାତିର ସନ୍ତାନଙ୍କର ପୂର୍ଣ୍ଣ ଥିଲା । ସମାଜର ଶିଷ୍ଟ ଗୋଷ୍ଠୀର ହିନ୍ଦୁମାନେ ଏମାନଙ୍କୁ ଘୃଣା କରୁଥିଲେ । ଏମାନଙ୍କ ମଧ୍ୟରୁ ଅନେକ ମୁସଲମାନ ହୋଇଛନ୍ତି । ଚୈତନ୍ୟଙ୍କ ସାଥୀ ନିତ୍ୟାନନ୍ଦ ଓ ସେହି ନିତ୍ୟାନନ୍ଦଙ୍କ ପୁଅ ବୀରଭଦ୍ର ଏମାନଙ୍କୁ 'ଭେକ' ଦେବାରେ ଖୁବ୍ ଉଦ୍ୟମ କରିଥିଲେ । ବୀରଭଦ୍ର ଖଡ଼ଦହରେ ଏକାବେଳକେ ୧୨୦୦ 'ନେଡ଼ା' ଓ ୧୩୦୦ 'ନେଡ଼ୀ'ଙ୍କୁ ଭେକ ଦେଇଥିଲେ । ସ୍ୱର୍ଗତ ଦୀନେଶଚନ୍ଦ୍ର ସେନ କହନ୍ତି, ଏହି ବୌଦ୍ଧ ସଂଘରେ 'ନବ ନବ ସଂସ୍କରଣ ଏଖନଓ ଗ୍ରାମେ ଗ୍ରାମେ ଉତ୍ପନ୍ନ ହୋଇ ସେଇ ଅଶ୍ୱତ୍ଥ ବଟ ବଅଇ-ତାଣୀ ବଂଶଧାରା ଉଜ୍ଜୀବ ରଖିଛି । ଘୋଷପାଡ଼ା ପଲ୍ଲୀ ଶତ ଶତ ସମାଜର ଶାନ୍ତିର ଝଙ୍କାରରେ ଅର୍ଗଳ ବନ୍ଦ ଘରେ ନବ ନାଗର ଅବାଧ ଧର୍ମାନୁଶୀଳନ ଏବେ ବି ଚଳିଛି' (ବୃହତ୍‌ବଙ୍ଗ—ଖ୍ରୀ ୧୦୩୭).

Digitized by srujanika@gmail.com

(ପୃଷ୍ଠା ୭୭୨) । ପରକୀୟା-ପ୍ରେମ-ନବୀନ-ଧର୍ମର ଉକ୍ତ ହେଉଛି,
ଏଇଠାରେ । ଯେବେ ଯେଉଁ ପ୍ରେମରେ ଭଗବତ-ପ୍ରେମର
'ରସସାର' ଓ ଲୀଳାକଥିତ ତାତ୍ତ୍ୱିକ ଅନୁଭୂତି ମିଳେ, ତା
ସାଧାରଣୀର, ସ୍ୱକୀୟାର ପ୍ରେମରେ ହେବ ନାଇ । ଲୌକିକନାରୀ
ସହଜିଆ ନେତା ନେତୀଙ୍କ ସ୍ୱେଚ୍ଛାଚାରଠାରୁ ଏହାର ପ୍ରଭେଦ
ଏଇଠି । ଗୃହସ୍ଥର ତଥା ସମାଜର ଭୟ ଥାଇ, ତା ନ ମାନି ଲୋକ-
ଲାଜ କୌଣସି ଗୃହସ୍ଥର ସ୍ୱକୀୟାକୁ ନେଇ ପରକୀୟା ଭାବ ସାଧ-
ନରେ ମିଳନ ଅନୁଭବ କରିବାକୁ ହେବ । ତେଣୁ 'ପରକୀୟା-
ପ୍ରେମସାଧନ' ସମାଜ ବନ୍ଧନ ଓ ଗୃହସ୍ଥ ଲୋକ । ହେଲେହେଁ,
ଭାରତରେ ସହଜିଆ ତଥା ଗୌଡ଼ୀୟ ବୈଷ୍ଣବଙ୍କ ଭିତରେ ଏ
ହୋଇନାଇ । ବୃନ୍ଦାବନ ନବଦ୍ୱୀପାଦି ସ୍ଥାନର ବୈଷ୍ଣବ ବୈଷ୍ଣ-
ବଙ୍କ ଭିତରେ ଭାରତରେ ଯାହା ଦେଖାଯାଏ, ତହିଁରେ କେବଳ
ଯୌନ-ସ୍ୱେଚ୍ଛାଚାରର ଛଡ଼ା ଅନ୍ୟ ବିଶେଷ କିଛି ନାଇ । ଓଡ଼ିଶାରେ
ତାହାର ସଂସ୍କରଣ ହେଉଛି ବାବାଜୀ ମାନେ । ମାତ୍ର ଓଡ଼ିଶାରେ
ଏହାର ପ୍ରଚାର ଓ ପ୍ରଚଳନ ବିଶେଷ ନାଇ । ଚୈତନ୍ୟ [illegible]
ତେଣୁ ଏହା ପ୍ରସାର କରୁ ନଥିଲେ । । ଫଳରେ ସମ୍ପ୍ରଦାୟଙ୍କ ଉପା-
ସ୍ୟାନ ଗୁରୁଙ୍କରେ ମଧ୍ୟ ଅଦ୍ଭୁତ କିଛି ଏହା ପରିବାର ଦୁଷ୍ଟ
ଧର୍ମ୍ମ; ଗୃହସ୍ଥତା ଓ ସତୀତ୍ୱର ପ୍ରତିଷ୍ଠା କରିଛି ତଥା ଚୈତ-
ସମ୍ପ୍ରଦାୟର ଲେଖାରେ ଦେଖାଯାଏ ନାଇ । ତାନ୍ତ୍ରିକ ଓ ସହଜିଆଙ୍କ
ଜାତିବର୍ଣ୍ଣ ଭେଦରେ ଅଗମ୍ୟାଗମନ ଓ ହତ୍ୟାର ପରଦ୍ରବ୍ୟା-
ହରଣ ସେ ପସନ୍ଦ କରି ନାହାନ୍ତି । ଉଦାହରଣ ସ୍ୱରୂପ 'ଲକ୍ଷ୍ମୀ-
ଅରକ୍ଷିତ' ଉପାଖ୍ୟାନରେ ନାୟକ ସତୀଙ୍କୁ ଛାଡ଼ ପରେ ଦୃଷ୍ଟି
ଦେଇ ରକ୍ଷା କରିବା ହୋଇଛି, କୃଷ୍ଣଙ୍କ କାର୍ଯ୍ୟ । ପରକୀୟା ପ୍ରେମର
ଛଳ ସେ ହେଇ ନାହାନ୍ତି— ତାଙ୍କୁ ତା ଭକ୍ତ ମାର୍ଗ ଠୋକି ଉଦେଶ

Digitized by srujanika@gmail.com

ଯାଇ ନାଇ । ବିଶେଷରେ ଶେଷ ଅଧ୍ୟାୟରେ ସେ ଯେଉଁ 'ଅଜାମିଳ ପଣ୍ଡା' ଚରିତ ଦେଇଛନ୍ତି, ସେଥିରେ 'ନାମ'ର ମହିମା କୀର୍ତ୍ତନ କରିବାକୁ ଯାଇ ଭକ୍ଷ୍ୟାଭକ୍ଷ୍ୟ ଓ ଗମ୍ୟାଗମ୍ୟ ବିଚାର ତୁଟାଇ ଦେବାଟାକୁ ମହାପାପ ଓ ବୈଷ୍ଣବର ପଥ ପାଶୋରୁଂ ବୋଲି ସେ ଗଣି ନାହାନ୍ତି । ସେ କହନ୍ତି ଅଜାମିଳ ପଣ୍ଡା—

"ଶବର ନାରୀ ଗୋଟି ଧରି । ବନେ ରହିଲା ଗୃହ କରି ॥
ଯାହା ବୋଲଇ ସେହି ନାରୀ । ସେ କଥା ଶିରଧରି କରି ॥
ସେ ଯାହା ମାଗେ ଯେତେବେଳେ । ଆଣି ଥୋଇ ପଦତଳେ ॥
ଗୋ ମାଂସ କୁକ୍କୁଟ ପ୍ରଭୃତି । ଭୁଞ୍ଜଇ ସୁରା ସଂଗେ ରତି ॥
ଏକାନ୍ତେ ଦେଖି ପର ନାରୀ । ବଳେ ରମଇ ତାକୁ ଧରି" ॥

ଏଥିରେ ତାନ୍ତ୍ରିକ ଓ ସହଜିଆଙ୍କ ସାଧନାକୁ ପାପ ବୋଲି ଇଙ୍ଗିତ ଭାବରେ ସମଦାୟ ଇଷ୍ଟା କରିଛନ୍ତି ଓ ପରେ କହିଛନ୍ତି, ସେହି ଅଜାମିଳ ପଣ୍ଡାର ଗୃହରେ ପୁଅ ହେଲେ । ନାରାୟଣ, ରାମ, ହରି, ଏପରି ସେ ପୁଅଙ୍କ ନାମ ଦେଲା । ସେ ମରିଗଲା ବେଳେ ଯମଦୂତେ ଆସି ତା ଗଳାରେ ଫାଶି ପକାଇ ଟାଣିଲେ । ସେ ବ୍ୟାକୁଳ ହୋଇ 'ହେ ନାରାୟଣ, ହେ ରାମ, ହେ ହରି ଦୌଡ଼ି ଆସ, ମତେ ଏ ଯମଙ୍କ ଫାସରୁ ରକ୍ଷାକର' ବୋଲି ଡାକ ପକାଇଲା । ଏତିକିରେ ବିଷ୍ଣୁ ଦୂତେ ଆସି ପହଞ୍ଚି ଗଲେ ।

"ହସ୍ତରେ ଦେଇ ଚକ୍ର ପେନି । ବଜାଇ ଜୟ ଶଙ୍ଖ ଧ୍ୱନି ।
ଜୟ ଶବ୍ଦ ତୁଣ୍ଡେ ଧରି । ସେ ଅଜାମିଳ ଭୁଜ ଧରି ।
ଆନନ୍ଦ ହରିବୋଲ ଦେଇ । ରଥେ ବସାଇଲେ ନେଇ ।
ଯମଦୂତଙ୍କ ବିଷ୍ଣୁ ଦୂତେ । ଭର୍ତ୍ସନା କଲେ ନାନାମତେ ।
ବୋଇଲେ ଶୁଣ ଅରେ ଦୂତେ । ତମ୍ଭେ ମରିବ ସମସ୍ତେ ।
ବିଷ୍ଣୁ ଭକତ ଗଳେ ଫାଶ । ଲଗାଅ ଏତେବଡ଼ ସାହସ ।

Digitized by srujanika@gmail.com

ଏମନ୍ତ ବୋଲି ତାଙ୍କୁ ଧରି । ବନ୍ଧ ମଠେ ମାଡ଼ ମାରି ।
ବୋଇଲେ ପଳାଅରେ ବେଗେ । କହ ତୁମ୍ଭର ସଙ୍ଗ ଅଗ୍ରେ ।
ସେଠାରୁ ଯାଅ ଦୂର କରି । ପଳାଇ ଗଲେ ବେଗ କରି ।
ଏଣେ ସେ ବୈଷ୍ଣବମାନେ । ବସାଇ ତାହାଙ୍କୁ ସମ୍ମାନେ ।
ମୁଖରେ ଜୟ ଜୟ କରି । ଯେଝା ଗଲେ ବସ୍ତ୍ର ପୁରି ।"

ଏଥିରେ ଭକ୍ତର କଥା ମିଥ୍ୟାଚାର, ମିଥ୍ୟା ପ୍ରଚାର, ପ୍ରବଞ୍ଚନା ପ୍ରଭୃତି ନିନ୍ଦିତ ଅଛି । [illegible] କଥା । କିନ୍ତୁ ବର୍ଣ୍ଣାଶ୍ରମ ବହିର ଓ ବେଦାନୁମୋଦିତ ପ୍ରକୃତ ସମାଜ ସାଧନାର ଆଦର୍ଶ ଦୃଷ୍ଟିରେ ମହାପ୍ରଭୁଏ, ଓଡ଼ିଶାରେ ବଙ୍ଗ ସଦ୍‌ଗୁରୁ ଓ ସଦ୍‌ଭକ୍ତ ବୈଷ୍ଣବଙ୍କ ଆଚରଣ ଅତ୍ୟନ୍ତ ଅନାଦୃତ ଥିଲା । ବୋଧହୁଏ, ନିଜ ପତ୍ନୀ ଗୌଡ଼ୀୟଙ୍କ ଉତ୍ସବ, ଏଇବେବି ଅନାଚାର ଦେଖି ଓ ଶୁଣି ସେ ବକ୍ତି ଥିଲେ, ଏ ସବୁ ତାଙ୍କ ଓ ଜୀବନସାରା ଏଇ ସବୁ ସାଧାରଣରେ ମାତି ରହିଥିଲେ ମଧ୍ୟ ଭୁଲରେ ହେଉ ପଛକେ ଥରେ ମୁଁ ନିଜ 'କୃଷ୍ଣ' ବା ନାରାୟଣ ବୋଲି ନାମ ଡାକାଇଗଲେ, ସେ ସବୁ ପାପ [illegible] । ମଧ୍ୟରେ ବୈଷ୍ଣବମାନେ ଏହି ସେ ଲୋକଙ୍କୁ [illegible] ; [illegible] ପ୍ରଚାରରେ ନାହିଁ । ଏ ସମ୍ବନ୍ଧରେ ଜଣେ ଭକ୍ତଙ୍କ ଅନୁଭବରୁ କଥାଟିଏ ଏଠି ପ୍ରାସଙ୍ଗିକ ହେବ । କଥାଟି ଏଇ—

'କୁଞ୍ଜବାସୀ'

ଗଂଜାମସ୍ଥ ଶିକିଲି ଗ୍ରାମର ରାଧାକାନ୍ତ ପଣ୍ଡା ବି.ଏ ଗୌଡ଼ୀୟ ବୈଷ୍ଣବ ହୋଇ ଯାଇଥିଲେ । ସେ ପ୍ରଥମେ ବୈଷ୍ଣବ ହୋଇ ଘରୁ ପିଲାମାନଙ୍କୁ ଛାଡ଼ି ବୃନ୍ଦାବନ ପାଇଁ ସେଇ ଗ୍ରାମବାସୀ [illegible] ଖେଳି ଯାଇଥିଲେ । ସେ ଯାଇ ବୃନ୍ଦାବନରେ ଜଣେ ବାବାଜୀଙ୍କ ପାଖେ

Digitized by srujanika@gmail.com

ରହୁଥିଲେ । 'କୁଂଜବାସୀ' ବୋଲି ଲକ୍ଷିତ ସେଠା ବାବାଙ୍କ ଭିତରେ ଗୋଟିଏ ଦଳ ଅଛନ୍ତି । ଏହି କୁଂଜବାସୀଙ୍କର କଣ୍ଠେ ମାଳା ନ ଥାଏ । ପ୍ରତି ସନ୍ଧ୍ୟାରେ କୁଂଜବାସୀ ବାବାଜୀ ଗୋଟିଏ ନୂଆମାଳା ଆଣି, ତା ଆଗେ ସେ ରାତି ଯାପନ କରନ୍ତି । ଦରବାରର ସଙ୍ଗୀତଜ୍ଞ ଯାହାଙ୍କପାଖେ ଥିଲେ, ସେ କୁଂଜବାସୀଙ୍କି ପ୍ରତିଦିନ ଏକତ୍ର "ରାଧା-କୃଷ୍ଣ ଲୀଳା" କହୁଥିବାର ଦେଖି, ଦରବାରର ବାବୁ ପଚାରିଲେ, "ମହାଶୟ, ଗୋସାଇଁ-ସଂନ୍ୟାସୀ ହୋଇ ଆପଣ ଏବେ ସାଙ୍ଗ ଭାଗିରେ ମାତ୍ର ରାଧାଚନ୍ଦ୍ର କାହିଁକି ?" ସେଠାରୁ ଉତ୍ତରରେ କୁଂଜବାସୀ ଗୋସାଇଁଙ୍କ ନିର୍ଭିକ ସ୍ୱରରେ କୁହାଇ ଦେଲେ, କହିଲେ, "ବାବୁ ମହାଶୟ, ପାପ ବୋଲି ଆପଣ କଣ କହୁଚନ୍ତି ? ଏ ଗୋଷ୍ଠୀ କ ପାପ ? ଆପଣ 'ନାମ'ର ମହିମା ଜାଣନ୍ତି ନାହିଁ । ସେଥିପାଇଁ ଏହା କହୁଚନ୍ତି । ଶୁଣନ୍ତୁ । ସାହୁ ହଜାର ପାପ ଜନ୍ମ ହୋଇଥିବ । ଜାଣିକରି ହଉ, ଅଜାଣ ହଉ, ଥରେ ମାତ୍ର 'କୃଷ୍ଣ' ବୋଲି ନାମ ଉଚ୍ଚାରଣ କରି ଦିଅ । ସାହାଡ଼ା ଉଚ୍ଚ ଜମା ହୋଇଥିବା ତୁଳାରେ ଗୋଟିଏ ନିଆଁ ଗୁଣ୍ଡ ବା ଫୁଲ ପଡ଼ିଲେ, ଯେପରି ସେ ତୁଳା ପାହାଡ଼ଟି ପୋଡ଼ି ପାଉଁଶ ହୋଇ ଯାଏ, ଏ ଗୋଟିଏ 'ନାମ'ରେ ସେ ସବୁ ପାପ ପାହାଡ଼ଟି ସେହିପରି ପୋଡ଼ି ଧ୍ୱଂସ ହୋଇଯିବ । ଆପଣମାନେ ସବୁକୁ ଶୋଇବା ଯାଏଁ ଯାହା କିଛି କହନ୍ତି, 'ନାମ' ନ ନେଇ ଶୋଇଯାଆନ୍ତି । ତେବେ ଅଞ୍ଚ ପାପ କଥା କହୁଚନ୍ତି କଣ !" ରାମଦାସଙ୍କ ଅନୁମତି ସତ୍ତା ଉପାଖ୍ୟାନରେ ଏହି କୁଂଜବାସୀଙ୍କର ଯେ ମତ ଓ କର୍ମ, ତେଣୁ ସଂସାର ପ୍ରଭାବ ପଡ଼ିଛି । ଏଥିରୁ ଏକ ପ୍ରକାର ବୈଷ୍ଣବର ହୃଦୟକୁ ପ୍ରକାଶ ଦେଖା ଯାଉଛି—ହୃଦୟ ନ ଜାଣି ତା ସମ୍ପ୍ରଦାୟ କହୁଚନ୍ତି । ତଥାପି ଏତେବୁ ଦୂରରୁ ଯେ ରାମଦାସଙ୍କର ନ ଥିଲା ଓ ସେ ସେ

Digitized by srujanika@gmail.com

ଏ ସବୁରୁ ବୈଷ୍ଣବଠାରେ ପ୍ରସଙ୍ଗ ଭକ୍ତ ନ ଥିଲେ, ଓ କେବଳ ନାମର ମହିମାକୁ ଉତ୍କଟ ଦେଖାଇବାକୁ ଲେଖିଥିଲେ, ତା ସ୍ପଷ୍ଟ ଜଣା ପଡ଼ୁଛି । ବିଶେଷରେ ସଲୋକ୍ୟ ସଙ୍ଗେ ରସ ଭଜିବାରେ କୃଷ୍ଣ ଭଜନର 'ରସସାର' ଅନୁଭବ କରିବାର ମହାଧାର୍ମିକତା ରାମଦାସ ଲେଖା ଭଳି ନାହାନ୍ତି ।

## ନାମେ ଭକ୍ତର ଶୂନ୍ୟବାଦ୍

ଏକାଧିକ କଥାନ୍ତି ଭାଗବତରେ ଅଛି । ରାମଦାସେ କହୁଛନ୍ତି, ଏକାଦିଶ ଦଣ୍ଡୀ । ନ ହେଲେ, ନାମର ମହିମା ସର୍ବେ କହିବା ହେଉଛି, ସପ୍ତଦଶରେ ଏ ଉପାଖ୍ୟାନର ଉଦ୍ଦେଶ୍ୟ । ଏହି ନାମ ତତ୍ତ୍ୱ ଜୈନ ନିର୍ବାଣ-ସାଧନାକୁ ବାଦ ଦେଇ ଥିଲା । ଜୈନର ନିର୍ବାଣ ହେଉଛି, ଅଗାଧର ସର୍ବ ତ୍ୟାଗ କରି ଶୂନ୍ୟକୁ କେବଳ ଭାବ କହିବା । ବହୁ ପ୍ରାଚୀନ ଧାରାରୁ କେତେକ ଦାର୍ଶନିକ ଠିକ କହିଥିଲେ, ଶୂନ୍ୟ ବୋଲି କିଛି ନାହିଁ । ଇନ୍ଦ୍ରିୟର ଅନୁଭବ ବା ଚିନ୍ତାରେ ମାତ୍ର ବ୍ୟକ୍ତିର ବିକାଶ । ଦୃଷ୍ଟାଗୁଡ଼ାକ କେବଳ ବାହ୍ୟହୋଇ ରୋଗୀ ଏ ଗଣ୍ଡି ବା ଗ୍ରନ୍ଥିରେ ବ୍ୟକ୍ତିରୂପ ଧରିଛି । ଏହି ଦୃଷ୍ଟା ଗଣ୍ଡି ଫିଟି ଗଲେ, ସବୁ ଶୂନ୍ୟ ହୋଇଯିବ—ଆଉ କିଛି ରହିବ ନାହିଁ । 'ନିର୍ଗ୍ରନ୍ଥ' ବା ଗ୍ରନ୍ଥିହୀନ ହେଲେ, ବ୍ୟକ୍ତି ହେଲା, ଶୂନ୍ୟ । ଏହି ଶୂନ୍ୟରେ ଗ୍ରନ୍ଥି ହେତୁରୁ ଯେଉଁ ବ୍ୟକ୍ତି ବା ବ୍ୟକ୍ତିରୂପ ଦେଖାଯାଉ ଥିଲା, ତା କେବଳ 'ନାମ'—ଆଉ କିଛି ନୁହେ । ବ୍ୟକ୍ତି ମାତ୍ରେ ଏହି ନାମଟି ଦେଇଛନ୍ତି ପୂରଣେଓ'' (ପ୍ରଥମ ଭାଗ ପୃ.୩୨ ଓ ୧୬୦-୧୬୫ ଦେଖ ) । ତେଣୁ ଜୀବାତ୍ମା ପୁଣି ପରମାତ୍ମାର ନାମ ହେବନ, ଓଁ । କୃଷ୍ଣ ରାମ ପ୍ରଭୃତି ସେହି ପରମାତ୍ମାର ସ୍ୱରୂପ । ତେଣୁ ଉପାସ୍ୟର ଦେବତ୍ୱ ହେଉଛି, କୃଷ୍ଣ, ରାମ ପ୍ରଭୃତି ନାମ । ସେହି ନାମ ଭାଗବତେ ଭକ୍ତ ପାଖେ ଏପରି ଅଦ୍ଭୁତ ରୂପ ଧରିଛି । ସମସ୍ତ

Digitized by srujanika@gmail.com

ଭକ୍ତ ଧର୍ମରେ ଏହା ନ୍ୟୂନାଧିକ ଅଛି । ମୂଳତଃ ଜୈନ ଧର୍ମ ଖ୍ରୀଷ୍ଟଧର୍ମକୁ ପ୍ରଭାବିତ କରିଥିଲା । ମୁସଲମାନଧର୍ମ, ଖ୍ରୀଷ୍ଟଧର୍ମର ପରଂପରାରୁ ଅଲଗା ନୁହେଁ । ନାମ ଜପ ଏସବୁ ଧର୍ମରେ ଅଛି । କିନ୍ତୁ ଗୌଡ଼ୀୟ ବୈଷ୍ଣବ ଧର୍ମରେ ଏହାର ପ୍ରତିଷ୍ଠା ଅତ୍ୟନ୍ତ ବେଶୀ । ବର୍ତ୍ତମାନ ଶୂନ୍ୟବାଦୀର ନିର୍ବାଣ ତତ୍ତ୍ୱ ସଙ୍ଗେ ଏହାର ସଂବନ୍ଧ ନାହିଁ । ଏହା ଏକ ପ୍ରକାଣ୍ଡ ଭକ୍ତିକ ମିଥ୍ୟା । ଓଡ଼ିଆ ସାହିତ୍ୟରେ ଏହା ଖୁବ୍ ପ୍ରବେଶ କରିଛି । ମନ୍ତ୍ରପଢ଼ା, ମନ୍ତ୍ରଦିଅବା କ୍ରିୟାସଂଗେ ଏହାର ଘନିଷ୍ଠସଂପର୍କ ( ପୂର୍ବେ ପୃ ୩୪୮ରେ ଦୀନକୃଷ୍ଣଦାସଙ୍କ ରସକଲ୍ଲୋଳରୁ ଉଦ୍ଧୃତ ପଦଟି ଦେଖ ) ।

## ଯୌନ ସଂକେତ ଓ ସାହିତ୍ୟ

ତଂତ୍ର ଓ ସହଜିଆ ତଥା ଗୌଡ଼ୀୟ ବୈଷ୍ଣବଙ୍କ ଭିତରେ ଯେଉଁ ଯୌନଧର୍ମ ପ୍ରବୃତ୍ତି ସାଜଥିଲା, ତାର ମୂଳ ହେଉଛି, ପ୍ରକୃତିର ପ୍ରେରଣା । ପ୍ରେମ ଓ ହେଉଛି ସବଙ୍କ ଏଇ ପ୍ରବୃତ୍ତି ଉପରେ ଏକ ସଂଯମର ଶୃଂଖଳାର ପରଂପରା । ତେଣୁ ଏ ସବୁ ପ୍ରବୃତ୍ତି କ୍ରିୟାରେ ସମାଜର ଶିଷ୍ୟମାନଙ୍କ ପାଇଁ ନ୍ୟୂନାଧିକ ସଂକୋଚ ସ୍ୱାଭାବିକ । ସ୍ୱାଧୀନ ନିର୍ବନ୍ଧ ମାନବ ସମାଜରେ ଏହା ବାରି ଦେଖି ହେବ । ବୈଷ୍ଣବ ଓ ତାନ୍ତ୍ରିକ ଏତେ ବଡ଼ ମୁକ୍ତ ଧର୍ମ ହେଲେ ଏ ସବୁ ଇନ୍ଦ୍ରିୟ ଧର୍ମରେ ମାତିଥିଲେ ଓ ମଜାଇ ଥିଲେ । ତଥାପି ସଙ୍କୋଚର ବାହକ ଥିଲା, ସଂଧ୍ୟାଭାଷା । ପୁଣି ଏସବୁ ମତାର ସେବା ସମାଜରେ କୌଣସିଠାରେ ତେବେ ସାଧାରଣ ହୋଇ ନାହିଁ । ବିଶେଷରେ ମନ୍ଦିରାଦ୍ୱାରା ନାହିଁ । ଏତେ ଧାର୍ମିକ ହେଲେ ପ୍ରଖ୍ୟାତ ଚଣ୍ଡୀଦାସ, କୌଣସି ମୁସଲମାନ ରାଣୀ ପ୍ରୀତିରେ ପଡ଼ି ସେ କାଳ ବଙ୍ଗ ସୁଲତାନ୍ (ଜଲ୍ଲାଲୁଦ୍ଦିନ ?) ଙ୍କ ହାତରେ ପ୍ରାଣ ଦଣ୍ଡ ପାଇଥିଲେ । ହାତୀ ପିଠିରେ ବସାଇ ତାଙ୍କୁ କଦର୍ଯ୍ୟ ଭାବରେ ଏ ପ୍ରାଣ-

Digitized by srujanika@gmail.com

ଦଣ୍ଡ ଦିଆଯାଉ ଥିଲା । ତଥାପି ଯୌନ ସଂକେତର ସ୍ୱରଗୁଡ଼ି ଜନ-ନୃତ୍ୟ ଓ ଲୋକ-ଗୀତଠାରୁ ଅଛି, ରହସ୍ୟ ପର୍ଯ୍ୟନ୍ତ ସଙ୍କେ ପ୍ରାକୃତ ରଚଣିରେ ବରାବର ଦେଖାଯାଏ । ଖାଲି-ଉତ୍ତୋଳ, ଦଅର-ସ୍ୱରକ' ପ୍ରଭୃତିଙ୍କ ଅଷ୍ଟା ଏସବୁ ଯାଏ ଶିଳ୍ପ ପରିବର୍ତ୍ତରେ ପର୍ଯ୍ୟନ୍ତ ଖୁବ୍ ଚଳୁ ଥିଲା । ଏବେ ବି ଲୋକଙ୍କ ଭିତରେ ଚଳେ । ସାଧାରଣ ଲୋକଙ୍କ କଥାବାର୍ତ୍ତା ଓ ବାକ୍ୟରେ ସେଇ ସଂକେତ-ବରାବର ଚଳେ। ସଂଧ୍ୟା ଭାଷାର ଅଦମ ମୂଳ ହୁଏତ ସେଇଠାରେ। ଆମ 'ଯଦୁମଣି ରହସ୍ୟ' କଥା ଅନେକେ ଜାଣି ଥିବେ । ସେବ ସଗା-ଦଣ୍ଡପାଟ ରଜାଙ୍କ ଅତିଥ୍ୟରେ ଥିଲାବେଳେ, ଯେଉ ଅବସ୍ଥାକୁ ବର୍ଣ୍ଣନା-କରି ରଜାଙ୍କୁ ଲେଖି ପଠାଇ ଥିଲେ—

"ଯେଉଁଦିନୁ ଅମ୍ଭେ ଏଠାକୁ ଅଇଲୁଁ
ସେଇଦିନୁ ହେଲୁ ଖଜା,
କମଳା ଲେମ୍ବୁ ର ହାନ୍ତ ନ ପଡ଼ଲା
ଖାଉ ଖିଅ ନଡ଼ିଆ ଛଡ଼ା,
ଅଳ୍ପ ଅଦର୍କୁ କ ମୁଖ ମିଳାଇ
ହେତ ଲୁଚାଇଲେ ସାଥୀ
ତୋଳେ ଯଦୁମଣି ଭରମଂଗା ହେଲା
କହୁ ରୁଚେ କା ପଥି ।"

( ଏ ଦଣ୍ଡନାର ଯୋଡ଼ିକ ପାଦ ଅର୍ଥ ସ୍ପଷ୍ଟ )

ସଭ୍ୟଜଗତର ମାର୍ଜିତ ଦେବ ସଂସ୍କୃ, ପ୍ରାୟ ୨୫୦୦ ବର୍ଷରୁ ଅଧିକ କାଳ ହେବ, ଏଇ ଯୌନ ଦେବତା ଉପରେ ନିଷ୍ଠିତ । ଗ୍ରୀସର କାମ-ଓ ମଦ୍ୟ-ଦେବ (Bacous ବା Dyoniseus) ଙ୍କ ପୂଜାବେଳେ ଉତ୍ସବରୁ ଜନମ ଗ୍ରୀକ୍ ନାଟକ ଓ ସେଇ ନାଟକରେ ଏହା ଆଜି ପୃଥିବୀର ଶ୍ରେଷ୍ଠ ସାହିତ୍ୟମାନଙ୍କରେ ପ୍ରସିଦ୍ଧି ଲାଭ କରିଛି ।

Digitized by srujanika@gmail.com

ସେକ୍ସପିଅରଙ୍କଠାରୁ କାଳିଦାସଙ୍କ ଯାଏ ସମସ୍ତେ ସାକ୍ଷାତ୍ ଭାବରେ ଏହି ପ୍ରସଙ୍ଗରେ କବିତା ଲେଖିଛନ୍ତି । ତେଣୁ ମୁସଲମାନ ଯୁଗର ପରିଣତରେ ଓ ବିଶେଷତଃ ଇଂରେଜ ଯୁଗରେ ଗୌଡ଼ୀୟ ବୈଷ୍ଣବ-ଧର୍ମ, ସମସ୍ତ କିଛିର ପ୍ରକାଶ୍ୟ ବୀଭତ୍ସତା ଘଟ ଜନ୍ମେ କେବଳ ରାଧାଙ୍କ ମାତା ଓ କେତେକ ମହାପୁରୁଷଙ୍କ ଗୁପ୍ତଲୀଳା ଛଡ଼ା ଅନ୍ୟଥା ସମାଜ ସଂକୋଚରେ କେବଳ ବର୍ଜନ, କଦାଚିତ୍ ଅଶ୍ରୁ ଭରି ରହିଲା । ଓଡ଼ିଶାର ଛନ୍ଦ-ସାହିତ୍ୟ, ତାହାର ବର୍ଣ୍ଣନାରେ ପୂର୍ଣ୍ଣ ହୋଇଗଲା । ସେଥିରେ ନାନାବିଧ ନାୟକ ନାୟିକାଠାରୁ ଅଷ୍ଟ ସଖୀ ପ୍ରକାର ପର୍ଯ୍ୟନ୍ତ ଅଂଗ ଓ ସାତ୍ତ୍ୱିକମାନେ କବିର ଉପ ଖାଲି ଯୌନସଂପର୍କର କାବ୍ୟ-ଅନୁଭବରେ ତୃପ୍ତି ଖୋଜିବାରେ ଲାଗିଛନ୍ତି । ଭକ୍ତ ସାମନ୍ତ ସିଂହାରଙ୍କ 'ବିଦଗ୍ଧ ଚିନ୍ତାମଣି'କୁ ଅମୂଳ-ଚୂଳ ଏହି ଭଙ୍ଗିରେ ରସ ଆସ୍ୱାଦନ କରିବାର ଗୋଟିଏ ଖଣ୍ଡ ବଢ଼ିଲେ ଚାଲେ । କେବଳ ଏ ରସକୁ ସ୍ପର୍ଶ କରେ ଶବ୍ଦାଳଙ୍କାରର ଯେତିକି ଚାହାଣି ଅଛି, ସେତିକି ଯାହା ଏଥିରେ ନିଶ୍ୱାସ ମାରିବାର ବାଟ । ଏଥିପାଇଁ ବିଶେଷତଃ ୨୧ଶ ଛାନ୍ଦ 'ଚନ୍ଦ୍ରାବଳୀ ସମ୍ଭୋଗ', ୮୨ଶ ଛାନ୍ଦ 'ଷୋଡ଼ଶ ଅଭିସାର', ୮୫ଶ ଛାନ୍ଦ 'ନାଗି ସମ୍ଭୋଗ ପରେ ବାହୁଡ଼ା' ପ୍ରଭୃତି ବିଶେଷ ଭାବରେ ଯେ କେହି ଦେଖି ପାରନ୍ତି । ତା ପରେ 'ରତି ଲେଖା', 'ବୃନ୍ଦାବାଣୀ', 'ମାନ ଓ ମୁଗ୍ଧା ଲକ୍ଷଣମାନ' ପ୍ରଭୃତିରେ ଏ ଭାବ୍ୟଟି ପୂର୍ଣ୍ଣ । ଶେଷକୁ ବାତ, ବଜାରରେ ବାରାଙ୍ଗନାଙ୍କ ସଂଗତ ବାତ୍ସ୍ୟାୟନ-ସମ୍ମତ ନାଟକର କଥା-ବାର୍ତ୍ତା ପାଇଁ ୯୬ଶ ଛାନ୍ଦ ଦେଖ । ଖୁବ୍ ସଂଭବ, ଏହି ଛାନ୍ଦକୁ ଧରି ଲେଖାର ଢଙ୍ଗ ଗ୍ରହଣ ଧରି କୌଣସି ବଜାର ନାଗର 'ବଜାର ବୋଲି' ଲେଖିଛନ୍ତି । କିନ୍ତୁ ଏ ସବୁ ଯାହା ହେଉ, ଏବେ ଲେଖା ସାହିତ୍ୟରେ ମଧ୍ୟ ଏ ନଗ୍ନ ଯୌନଲୀଳା ଓ ଯୌନ

Digitized by srujanika@gmail.com

ସଂଗଠିତ ଧର୍ମ ପ୍ରାପ୍ତ ନାହିଁ । ଏ ସବୁର ସମ୍ମିଳିତ ବିଶ୍ୱାସ ସମାଜ ଜୀବନର ସଂକୋଚରେ ଲୀନ ହୋଇ ଯାଇଛି, କହୁଲେ ଚଳେ । "ଏହି ସଂକୋଚର ସର୍ବାଂଶ ପୁରୀଶ୍ରୀର ସାହିତ୍ୟରେ ସ୍ପଷ୍ଟ ଅଛି । ଏହି ସଂକୋଚ ଫଳରେ ଏବେ ପୌରାଣିକ ମିଥ୍ୟା ସବୁ ବଙ୍ଗ-ସାହିତ୍ୟ ଓ ସେହି ଅନୁକରଣରେ ଓଡ଼ିଆ ସାହିତ୍ୟରେ ସତ୍ୟର ମିଥ୍ୟାରେ ପରିଣତ ହୋଇ ଅତି ଶୀଘ୍ର ରୂପ ଧାରଣ କରିବାରେ ଲାଗିଲା । ହେଉଥିରେ ଅଦ୍ଭୁତ କିମ୍ବା ସଂସାର ମହାପୁରୁଷର ସୀମା ନାହିଁ । ଅଳ୍ପ ମଧ୍ୟ ଅର୍ଦ୍ଧ ପଣ୍ଡିତ ଓ ଧାର୍ମିକ ମାନେ ଚୈତନ୍ୟଙ୍କ ଗୋସ୍ୱାମୀଙ୍କ ସଂସର୍ଗରେ କଥା ଦିନ ସବୁ ଛପାଇ କରି ଅଦ୍ଭୁତ କିମ୍ବାର କଳ୍ପନାକୁ ସତ୍ୟ ବୋଲି ପ୍ରଚାର କରିବାରେ ଲାଗିଲେ । ସାହିତ୍ୟ ଓ ଧର୍ମରେ ହାସ୍ୟକର ସଂକୋଚ ହେତୁ ଯୌନ ଧର୍ମର ପ୍ରତିଷ୍ଠା କରିବାଇ ଏହି ଅଦ୍ଭୁତ କିମ୍ବା ଛପାଇ କରି ପ୍ରଚାର କରି-ବାର ସୁବିଧାରୁ ଅଳ୍ପ ଧାର୍ମିକଙ୍କ ସମାଜରେ ସଙ୍କଟ ହୋଇ ଲୋକ-ସାହିତ୍ୟ ଓ ଲୋକ-ଚରିତ୍ରର ମର୍ଯ୍ୟାଦା ଧ୍ୱଂସ କରିବାରେ ଲାଗିଲା । ସେହି ସମ୍ବନ୍ଧରେ କଣ୍ଟକ ବହୁ ଗ୍ରନ୍ଥର ଏ ସ୍ଥଳ ଶେଷ କରିବାକୁ ହେବ ।

## ସାମାଜିକ ସଂକୋଚ—ସିଂହାବଲୋକନ

ପ୍ରଥମରୁ ଶେଷ ଓ ସହଜିଆ ବୈଷ୍ଣବ ସାଧନାର ଇତିହାସ ଗତିକୁ ଦେଖି ଏଠାରେ ତୁଳନା କରିବା ପାଇଁ ଟିକିଏ ସିଂହାବଲୋ-କନ ଦରକାର । ରାମଦାସଙ୍କ 'ଅଜାମିଳ' ଉପାଖ୍ୟାନର ସଂସ୍କରଣ ଓ ତାଙ୍କ ଅନ୍ୟାନ୍ୟ ସ୍ୱରଚିତ କଥାମାନଙ୍କରୁ ଜଣା ପଡ଼ୁଛି, ମାଂସ, ମଦ୍ୟ ମୈଥୁନାଦି ମକାର ସେବା ଯେଉଁ ମୂଳରୁ ସହଜିଆ ଗୌଡ଼ୀୟ ବୈଷ୍ଣବ ଧର୍ମ ଏ ଜଗତରେ ଅବତୀର୍ଣ୍ଣ ହୋଇଥିଲେ ମଧ୍ୟ ଓ ସେହି ଭିତରେ ନିଜର ପରକୀୟା-ପ୍ରେମ-ଧର୍ମ ପ୍ରତିଷ୍ଠିତ କରିଥିଲେ ମଧ୍ୟ,

Digitized by srujanika@gmail.com

ତନ୍ତ୍ର ଓ ସହଜିଆଙ୍କ ପରି ସମ୍ପ୍ରଦାୟର 'ଗୋପ୍ୟତା' ଏଇ ସବୁ ଅନୁଷ୍ଠା-ନକୁ ଶୁଦ୍ଧ ଓ ସହଜ ବୋଲି ନିରାଲମ୍ବ ପ୍ରଚାର କରୁ ନ ଥିଲା। ହିନ୍ଦୁମାନଙ୍କ ସଂଯମମୂଳକ ଅସ୍ତିତ୍ୱକୁ ଭୟ ଓ ଭକ୍ତି କରି ଗୌଡ଼ୀୟ ଓ ସହଜିଆ ବୈଷ୍ଣବମାନେ ମିଥ୍ୟାଚରଣର ଆବରଣରେ ନିଜ ବାମାଚାରକୁ ଘୋଡ଼ାଇବାରେ ଲାଗିଥିଲେ। ତାନ୍ତ୍ରିକମାନେ ମୂଳରୁ ଯେଉଁ 'ଭୈରବୀଚକ୍ର' ସଭ୍ୟତାର କଳଙ୍କ ଅଧିକାରୀ ଥିଲେ, ତା ଆଜି ଲୁପ୍ତ ହୋଇ ନାହିଁ। ବଙ୍ଗ ପରଂପରାରୁ ଯାହା ଜଣାପଡ଼େ; ସେଥିରୁ ମିଳିଥିବା ସିଂହଳ-ଭଟ୍ଟାରୀ ବିଜୟସିଂହଙ୍କ ପିତାମହୀ, ବଙ୍ଗ ରାଜ-କନ୍ୟାଙ୍କ ସ୍ୱଚ୍ଛନ୍ଦ ଓ ସ୍ୱୈରିଣୀ-ସୁଲଭ କାର୍ଯ୍ୟକଳାପ ସେକାଳ ବଙ୍ଗ ସମାଜରେ ନିନ୍ଦିତ ନ ଥିଲା ( ପୂର୍ବ ପୃ ୨୧୧ ଦେଖ )। ପରବର୍ତ୍ତୀ ବଜ୍ରଯାନ-ତାନ୍ତ୍ରିକ ଓ ତଦୁଦ୍‌ଗତ ସହଜିଆମାନଙ୍କ ଭିତରେ ଚାର ଓ ପାରଂପରିକ ପ୍ରଥାର ବେଳେ ଥିଲା; ତାହା ମଧ୍ୟ ଏବେ ଅନୁସନ୍ଧାନର ବିଷୟ। କିନ୍ତୁ ଏହା ସତ୍ୟ ଯେ, ଐତିହାସିକ ଭାବରେ ଅନ୍ତତଃ ପ୍ରାୟ ଅଶୋକଙ୍କ ପରବର୍ତ୍ତୀ କାଳରୁ 'ଏକାଉତ୍ପାୟୀ' ଓ 'ଗୁହ୍ୟ ସମାଜ' ଦଳର ବୋଲାଉଥିବା ସାଧକମାନେ ନିଜ ବାମା-ଚାର କିମ୍ବା ଲମ୍ପଟ କର୍ମ କରିବା ଆରମ୍ଭ କରିଥିଲେ। ମାତ୍ର ସୂଚନା ଦିଆ ଯାଇଛି, ସେଥିପାଇଁ ପରେ ତାନ୍ତ୍ରିକ ଓ ବଜ୍ରଯାନ ବେଳକୁ ବାହାରି ଥିଲା, ସଂଖ୍ୟା ଅଳ୍ପ। ବାହାରେ 'ଋଦ୍ଧି' ବା 'ସିଦ୍ଧି' 'ଐଶ୍ୱର୍ଯ୍ୟ' ବା ଅଲୌକିକ ଶକ୍ତି, ମୁକ୍ତି, ନିର୍ବାଣ 'ନୈରାତ୍ମ୍ୟ' 'ଶୂନ୍ୟତା'ର ଦର୍ଶନ ସଙ୍ଗେ 'ପଞ୍ଚ' 'ମକାର' ପ୍ରଭୃତିର ସାଧନା ବଖାଣ କରି ବାମାଚାରରେ ମାତିବାର ସୁବିଧା ପାଇଁ କରି ହୋଇ-ଥିଲା ଏଇ ସଂଖ୍ୟା ଅଧିକ। ଏଥିରେ ଶିକ୍ଷିତ ସମାଜର ଭୟ ଖୁବ୍ ଥିଲା, ସନ୍ଦେହ ନାହିଁ। ମାତ୍ର ସେ କଥନ ସହଜଯାନ ବା ସହଜିଆ ଧର୍ମରେ ବିଶେଷ କାର୍ଯ୍ୟକର ହୋଇ ନାହିଁ; ଲୁଚିଗଲା। ମତାର

Digitized by srujanika@gmail.com

ସେବାର ଭକ୍ଷ୍ୟାଭକ୍ଷ୍ୟ ବସ୍ତୁର ଓ ଅସ୍ତୁର ଏକାବେଳକେ ଭୁକ୍ତିଯିବାକୁ ବସିଲେ; ବଜ୍ରଯୁଗ୍ମରାଜଶୀଳ 'ଆନନ୍ଦ' ଓ 'ମହାସୁଖ', ଏତ ଯୋଗିବାର ସିଦ୍ଧି ସଙ୍ଗେ ମିଶି କ୍ରମେ ସମାଜର ରନ୍ଧ୍ରେ ରନ୍ଧ୍ରେ ଅଶ୍ଳୀଳ ଓ ଅନାଚାର ବ୍ୟବହାରରେ ନରନାରୀ ମାନେ ସମସ୍ତ ମାନବ ମାନବ ଭିତରେ ସମଭାବ ସୃଷ୍ଟି ପିଣ୍ଡ ଶ୍ରେଷ୍ଠ ଧର୍ମ ରୂପେ ସମାଜରେ ମୁଣ୍ଡ ଟେକି ଉଠିଲା । ଶିଷ୍ଟ ତ୍ରୁଟି ସଙ୍କୋଚ ଏଥିରେ ରହିବାର କୁହେ; ରହିଲା ନାଇ ।

**ସେହି ସଙ୍କୋଚର ବିପାକ**

ଏଇଥିରୁ ଏକଅଙ୍ଗେ ବାହାରିଲା, ସହଜିଆ ବୈଷ୍ଣବ ଧର୍ମ । ଏହାର ସଂସ୍କରଣ ହେଉଛି, ଗୌଡ଼ୀୟ ବୈଷ୍ଣବ ଧର୍ମ । ଅନ୍ୟ ଅଙ୍ଗେ ବଜ୍ରଯାନକୁ ବାହାରୁଥିବା ହିନ୍ଦୁଜିଆ ଧାରାଟି ସେପରି ଥିଲା, ସେଇପରି ରହିଲା । ସମାଜରେ ସିଦ୍ଧମାନଙ୍କ ପାଖେ ସାଧାରଣଙ୍କ ସଙ୍କୋଚର ପ୍ରତିଷ୍ଠା କରିବା ପାଇଁ ଅଣା ଯାଇଥିଲା, କାନ୍ୟକୁବ୍ଜରୁ ବ୍ରାହ୍ମଣଙ୍କୁ । ସେମାନେ ଏକ ଅଙ୍ଗେ ସହଜିଆ ବୈଷ୍ଣବଙ୍କୁ ଓ ଅନ୍ୟ ଅଙ୍ଗେ 'କାୟା ସାଧନା' ନାମରେ ଅପକ୍ରିୟା-ପରାୟଣ ସହଜିଆଙ୍କୁ ଭଣ୍ଡ ଭୁଙ୍ଗ କହି ପଦ ମଣ୍ଡିରେ ଟିଆ ହେଲେ ସତ, କିନ୍ତୁ ସାର୍ବପାର୍ଶ୍ୱିକ ସଙ୍କୋଚ ଓ ତଥାକଥିତ 'ସିଦ୍ଧି'ର ମୋହରେ ପଡ଼ି ନିଜେ ସମାଜରେ ଭୁଙ୍କ ଆଦର୍ଶ ଠିକ କରି ରଖିପାରିଲେ ନାଇ । ସେମାନେ ହେଲେ ନାମରେ 'କୁଳୀନ' । ଏଇ କୁଳୀନ ସଙ୍ଗେ ବଜ୍ରଯାନ ତନ୍ତ୍ରର ଧାମୀବୃନ୍ଦ 'କୁଳ'ର ସମ୍ପର୍କ ( ପ୍ରଥମ ଖଣ୍ଡ—ପୃ ୧୫ ଦେଖ ) । ତନ୍ତ୍ର ନାମରେ ଏଇ କୁଳୀନମାନେ ସମସ୍ତ ବଜ୍ରଯାନ ସାଧନାକୁ ଆପଣାର କଲେ । ତା ଛଡ଼ା ତାଙ୍କ ଭିତରେ ଯେଉଁ ବହୁ ବିବାହ ପ୍ରକାଶ ପାଇଲା, ତାର ବୀଭତ୍ସତା ଅବର୍ଣ୍ଣନୀୟ । ସେଥିରେ ଅତ୍ୟନ୍ତ କେତେକଙ୍କ ଛଡ଼ା ସମାଜରେ କୌଣସି ବିବାହିତ ବା ଅବିବାହିତ

Digitized by srujanika@gmail.com

ତାଙ୍କୁ ସଙ୍ଗ ହୋଇ ବଢ଼ିବାର ସୁବିଧା ଦିଆଗଲା ନାହିଁ, ରହିଲେ ବୁଦ୍ଧ ।

## ସହଜିଆ ବୈଷ୍ଣବ ଓ ତାନ୍ତ୍ରିକ

ଏଇସବୁ ବଜ୍ରଯାନର 'ଚାପ୍ୟାସାଧନା' ବା ଇନ୍ଦ୍ରିୟ ସେବା ସମାଜରେ ଦୁଇ ଧାରାର ସ୍ଥାପନା ବୃତ୍ତି ସୃଷ୍ଟି କରିଦେଲା । ପ୍ରଥମଟି ହେଉଛି, ବଜ୍ରଯାନର ସୃଷ୍ଟ ଉତ୍ତରାଧିକାରୀ ସହଜଯାନ ବା ସହଜିଆଙ୍କ ଗୁପ୍ତ ଇନ୍ଦ୍ରିୟ ସେବା । ବଜ୍ରଯାନୀମାନେ ନିଜ ଧର୍ମକୁ ବୌଦ୍ଧ-ଧର୍ମ ବୋଲି କହୁଥିଲେ ; ଯଥାର୍ଥରେ ବୌଦ୍ଧଧର୍ମର ଏ ବିକୃତ ପରିଣାମ ହୋଇଥିଲା । ବ୍ରାହ୍ମଣମାନେ ଅତି କୁତ୍ସିତ ବୋଲି ବହୁ ଦେବ ଓ ଶାକ୍ତ ଭିତରେ ଇନ୍ଦ୍ରିୟ ଧର୍ମ ଲୁଚାଇ ରଖିଥିଲେ ସତ୍ୟ, ତଥାପି ବୌଦ୍ଧ ବୋଲି ସହଜିଆମାନେ ସମାଜରେ ଅତି ଘୃଣିତ ହେଲେ ଓ ସେଥିପାଇଁ ସେମାନେ ଅତି ଗୋପନରେ ଯୌନ-ମିଳନ-ମାଧ୍ୟମରେ ମାତ୍ର ତାକୁ ଆଧ୍ୟାତ୍ମିକ ସାଧନା ବୋଲି ତାହାରେ ପ୍ରବୃତ୍ତ ହେଲେ । ସ୍ୱର୍ଗୀୟ ଘନଶ୍ୟାମ ଦାସ ସେନ କହନ୍ତି, "ଏହି ସହଜ ପ୍ରେମ ତାଙ୍କ ନିଜ ବ୍ୟାଖ୍ୟା ଅନୁସାରେ ଏତେ ନିର୍ମଳ, ତ୍ୟାଗପୂର୍ଣ୍ଣ ଓ ସଂଯମାତ୍ମକ ଯେ, ଯେଉଁମାନେ ସେମାନଙ୍କ ମତ ସବୁ ପୁଙ୍ଖାନୁପୁଙ୍ଖ ଜାଣନ୍ତି, ସେଇମାନେ ଏହା ବୁଝି ପାରିବେ ଯେ, ଏହି ଯୌନ ମିଳନ ଆଧ୍ୟାତ୍ମିକ ଗୌରବମଣ୍ଡିତ । ହେଲେହେଁ, ଏହି ଆଦର୍ଶ, ବ୍ୟଭିଚାରର ହାତରେ ଏପରି ଦୁର୍ଗତି ପାଇଥିଲା ଓ ଏତେ ଘୃଣ୍ୟ ମନେ କରି ହେଉଥିଲା ଯେ, ଏଥିପାଇଁ ସହଜିଆଏ ନିଜମତ ଅତି ଗୋପନରେ ପ୍ରଚାର କରି ଆସିଛନ୍ତି ।" ( ବୃହତ୍ ବଙ୍ଗ—ପୃଷ୍ଠା ୬୯ ) । ଏଇସବୁ ଗୋପନରେ ଯୌନମିଳନ ଆଚରଣରେ ମାତିବାରେ, ସେମାନେ ସମାଜକୁ ଏତେ ବୀଭତ୍ସ ଓ ଦୂଷିତ କଲେ ଯେ, ଶେଷକୁ ଅବାଧ ଭୋଗ ନରନାରୀ ମିଳନରେ

Digitized by srujanika@gmail.com

ଯେଉଁ ସାମାଜିକ ଅନୁଷ୍ଠାନଟି ଅଛି, ତାକୁ ପର୍ଯ୍ୟନ୍ତ ତୁଟାଇ ଦେଇ ସେମାନେ ସ୍ତ୍ରୀ ପୁରୁଷ ସମସ୍ତେ ବୌଦ୍ଧ ବୋଲି ବୌଦ୍ଧ ଭିକ୍ଷୁ, ଭିକ୍ଷୁଣୀଙ୍କ ପରି ମୁଣ୍ଡ ଲଣ୍ଡାକରି ଦଳ ଦଳ ହୋଇ ସର୍ବାଙ୍ଗ ସାଙ୍ଗ ନିଜକୁ ବୁଝାଇ ଦେଲେ । ତାଙ୍କର ନାମ ହେଉଛି ନେଡ଼ା ନେଡ଼ୀ ( ଲଣ୍ଡା ଲଣ୍ଡୀ ) । ତାଙ୍କ ଜାରଜ ସନ୍ତାନମାନେ ମଧ୍ୟ ମୂଳରୁ ହେଲେ, 'ନେଡ଼ା ନେଡ଼ୀ' । ଏଇପରି ବୌଦ୍ଧ ଧର୍ମର ପଷଣ୍ଡ ନାମରେ ଛନା,ଛବାଢରେ ସ୍ୱଚ୍ଛନ୍ଦ ଯୌନ ମିଳନ ବ୍ୟାପିଗଲା । ବ୍ରାହ୍ମଣ ଓ ବ୍ରାହ୍ମଣ କଳ୍ପିତ ଅସ୍ପୃଶ୍ୟ-ବନ୍ଧନ ବା ଅସ୍ପୃଶ୍ୟତା ଘୃଣା ମାନୁଛି କିଏ ? ମାନିବେ ବା କିପରି ? ଅବଶ୍ୟ ଏ ନେଡ଼ା ନେଡ଼ୀ ଗୃହ ତନ୍ତ୍ର ଭାଙ୍ଗି ଦାଣ୍ଡକୁ ବାହାରି ପଡ଼ିଲେ । କିନ୍ତୁ ସ୍ୱାଦ୍ୟ ଇନ୍ଦ୍ରିୟ ସେବା ସ୍ୱେଚ୍ଛାରେ ଅବାଧ ରହିବାର ନୁହେଁ, ତା ରହିଲା ନାହିଁ । କେବଳ ତାନ୍ତ୍ରିକ କୁଳୀନ ଓ କୁଳୀନ-ଗୃହସ୍ଥଙ୍କୁ ଛାଡ଼ିଦେଲେ, ସମାଜର ପଛିରେ ପଛିରେ ଗୋପନରେ ସହଜିଆ ଯୌନମିଳନ ଚଳଚଳ ଚାଲିଲା । ଦୀନେଶ ବାବୁ ଲେଖିଛନ୍ତି, "ଏବେ ବି ଶତ ଶତ ସହଜିଆ ଦଳବଦ୍ଧ ସ୍ତ୍ରୀ-ପୁରୁଷ ଏକତ୍ର ହୋଇ ବଙ୍ଗର ବହୁ ପଲ୍ଲୀରେ ଗୋପନ ଭଜନ ସାଧନ କରନ୍ତି," (ବୃହତ୍ ବଙ୍ଗ—ପୃଃ ୨୨; ପ୍ରଥମ ଖଣ୍ଡ ୨୪୪ ପୃଷ୍ଠାଠାରୁ ବି ଦେଖ ) । ଏକାଳେ ଯେତେ-ବେଳେ ସ୍ୱା, ସେତାବେଳେ କଣ ହୋଇଥିବ କଳ୍ପନା କରି ହେଉଛି ନାହିଁ । ହିନ୍ଦୁତନ୍ତ୍ରରେ ବ୍ରାହ୍ମଣ ଛଡ଼ା ଅନ୍ୟ କେହୁ ସହଜରେ ପଶିଲେ ନାହିଁ । କିନ୍ତୁ ସମାଜର ଘୃଣା ଏଡ଼ି ଉଠିଯାକୁ ହେବ । ଏବେ ଇନ୍ଦ୍ରିୟ ସେବା ଛାଡ଼ିବା ଏତେ ସହଜ ନୁହେଁ; ସେଥିରେ ପୁଣି ଛାଡ଼ିବାର ଅସ୍ପୃଶ ବା ବାଧ୍ୟବନ୍ଧକ ନାହିଁ । ତାନ୍ତ୍ରିକଙ୍କ ଥିଲା, ଦେବୀ ଉପାସନା ଓ ସେଥିରେ ଲୁଚି ତାଣ୍ଡବତାର ଆଚରଣ ସଙ୍ଗେ ଛାପ୍ପ ଲଦି ଓ ଗରୁଡ଼ର ଆକର୍ଷଣ । ସେଇ ଅନୁକ୍ରମେ ବାହାରିଲେ,

Digitized by srujanika@gmail.com

ସହଜିଆଙ୍କ ଭିତରେ ବୈଷ୍ଣବ ବା ସହଜିଆ ବୈଷ୍ଣବ । ପ୍ରଥମେ ପ୍ରଥମେ ବୌଦ୍ଧ ସହଜିଆଙ୍କଠାରୁ ଏମାନଙ୍କର ବିଶେଷ ପ୍ରଭେଦ ନ ଥିଲା । ଦୀନେଶ ବାବୁ କହନ୍ତି ଏଇ "ସହଜିଆ ସାହିତ୍ୟରେ ଲୁପ୍ତ ବା ପ୍ରେମବାଦ ଅତ୍ୟଳ୍ପ—ସବୁ ଦେହତତ୍ତ୍ୱର କଥା" (ବୃହତ୍ ବଙ୍ଗ-ପୃ୭୭୧) । ଅର୍ଥାତ୍, ସେଇ 'କାୟା ସାଧନା' ବା ଇନ୍ଦ୍ରିୟ ସେବାର କଥା । ଖାଲି ସେଇ ଇନ୍ଦ୍ରିୟ-ସେବାରେ 'ଗୋପୀ-ରମଣ' କୃଷ୍ଣଙ୍କୁ ଉଦାହାର ଟୋଟିଏ ବାହାନା; ଅର୍ଥାତ୍, କୃଷ୍ଣ ଗୋପୀଙ୍କୁ ଧରି ଏଇସବୁ କର୍ମ କରୁଥିଲେ, ଅତଏବ ଆମେ ଏଇ କର୍ମରେ ସେଇ କୃଷ୍ଣଙ୍କ କର୍ମ କରୁଛୁ—ଏଇ ସୂଚନା । କବି ଉଦ୍ଭ-ଭାବ ଅଛି, ଭାଗବତ ଦଶମସ୍କନ୍ଧର ଗୋପଲୀଳାରୁ ଅନ୍ୟାନ୍ୟ ଅନ୍ୟ ସନ୍ଦର୍ଭରେ ସୁଧା କଥାଟି ସେତେବେଳକୁ ପ୍ରକାଶ ପାଇ ସାରିଥିଲା । ମାତ୍ର ସ୍ପଷ୍ଟ ଭାବରେ ପରକୀୟା-ପ୍ରେମ ଏବଂ ରାଧାଙ୍କୁ ଯୋଡ଼ି ଭାବ ଓ ଦର୍ଶନର ପରମ୍ପରା ପିଠାଇବା ଏକା ଗୌଡ଼ୀୟ ବୈଷ୍ଣବଙ୍କ କାମ । ମୁଖ୍ୟତଃ ଜୟଦେବ ଏହାର ପ୍ରତିଷ୍ଠାତା । ଜୟ-ଦେବଙ୍କ ପରେ ଚଣ୍ଡୀଦାସ । ତାଙ୍କ ବୈଷ୍ଣବ ଭାବ, ବୌଦ୍ଧ ସହ-ଜିଆଙ୍କ ଭାବରୁ ବେଶୀ ଦୂରକୁ ଯାଇନାହିଁ । ମାତ୍ର ବ୍ରାହ୍ମଣ-ପ୍ରଭାବିତ ଜାତି କୁଳର ଉପ୍ର ତାଙ୍କର ଖୁବ୍ ପ୍ରକାଶ ପାଇଛି । ବିଶେଷରେ ସେ ନିଜେ ବ୍ରାହ୍ମଣ ଥିଲେ; କିନ୍ତୁ କୁଳୀନ ନ ଥିଲେ । 'ରମୀ-ଧୋବଣୀ'ର 'ପିରତି' ରେ ମଜ୍ଜି ରହି ସେଇଥିରେ ସେ କୃଷ୍ଣଙ୍କ ରାଧା-ପ୍ରୀତିର 'ରସସାର' ପାନ କରୁଥିଲେ । "କହେ ଚଣ୍ଡିଦାସ କାହ୍ନୁର ପିରତି —ଜାତି କୁଳ ଶୀଳ ଛାଡ଼ି ।" (ବୃହତ ବଂଗ—ପୃ. ୭୯୦) । କିଂତୁ ସେ 'ପିରତି' କେବଳ ସହଜିଆଙ୍କ ଦୈହିକ ମିଳନ । ସେ କହନ୍ତି—"ନିଜ ଦେହ ଦିଆ ଭଜାଇତେ ପାରେ, ସହଜ ଭଜନ କରିବ ତାରେ ।" (ଏଗ୍ରନ୍ଥ ପୃ. ୭୭୧) । ସେଇପରେ ସେଇ

Digitized by srujanika@gmail.com

ସମ୍ପର୍କରେ ଦିନେଶ ବାବୁ କହନ୍ତି, "ମହାପ୍ରଭୁ (ଚୈତନ୍ୟ) ସଙ୍ଗ-ଶକ୍ତି ସାତ୍ତ୍ୱିକ ବିକାର ଅଥବା ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ, ମାଧୁର୍ଯ୍ୟ, ଏହି ପଞ୍ଚ ଅବସ୍ଥା ସମ୍ବନ୍ଧରେ ସହଜିଆ ସମ୍ପ୍ରଦାୟରେ ଯଥେଷ୍ଟ ଉଲ୍ଲେଖ ଦେଖାଯାଏ ନାହିଁ" (ବଙ୍ଗଳା)। ଏଥିରୁ ଦେବଙ୍କୁ ସ୍ୱୀକାର ଧର୍ମ ସ୍ୱକୀୟତାର ଗୋଟାଏ ମହା ଅଭ୍ୟୁତ ବର୍ଣ୍ଣନାର ପ୍ରବାହ ଲୁଚିବା ଅସମ୍ଭବ ହେବ।

## ପ୍ରାଚୀନ ଓଡ଼ିଶାର ଭୂମିକା ଓ ତହିଁରେ ବଜ୍ରଯାନ

ଏ ସମ୍ବାଦ ଦେଖିଲେ, ଭାରତର ମୁସଲମାନ ବିଜୟ। ଏହା ଓଡ଼ିଶାକୁ ଅଧିକାର ପ୍ରାପ୍ତ ହେବାର ଅଧି ୨ ବର୍ଷ ପୂର୍ବରୁ ବୌଦ୍ଧ ପୂର୍ବବଙ୍ଗ ଭାରତରେ ପ୍ରତିଷ୍ଠିତ ହୋଇ ସାରିଥିଲା। ତଥାପି ଏ ମଧ୍ୟରେ ଓଡ଼ିଶାର ଅବସ୍ଥା କିପରି ଥିଲା, ତତ୍ପ୍ରତି କିଞ୍ଚିତ ସଂକ୍ଷିପ୍ତ-ଭାବନାର ଦୃଷ୍ଟି ଏଠାରେ ଦେବା ଦରକାର। ବୁଦ୍ଧ-ଧର୍ମ, ବ୍ରହ୍ମଚର୍ଯ୍ୟ ମୂଳକ ଶୀଳ-ଶାନ୍ତି-ସାଧନାର ଜୈନ-ଯୋଗ-ତନ୍ତ୍ର ଓଡ଼ିଶାରେ ବହୁ ପ୍ରାଚୀନ କାଳରୁ ପ୍ରତିଷ୍ଠିତ ଥିଲା। ଅଶୋକଙ୍କ ସମୟରେ ଏହା ଥିଲା, କଳିଙ୍ଗରେ ଓ ପରେ ବଙ୍ଗଦେଶର ଜନ୍ମଭୂମି ହୋଇ ଥିଲା ସେହି ତନ୍ତ୍ରର କେନ୍ଦ୍ର। ଜଗନ୍ନାଥ ଦେବତାନ୍ତ୍ରୀ, ସେହି ତନ୍ତ୍ର-ସାଧନାର ପ୍ରାକୃତ ଜନସେବ୍ୟ ଉପାସ୍ୟ ରୂପ। ପରେ ଜଗନ୍ନାଥ-ଧର୍ମ ତଥା ବିଶେଷ ଭାବରେ ବହୁବାର ଅବକାଶ ଆସିଲେ, ବିଶେଷ ପରିପୁଷ୍ଟ ହୋଇଥିଲା। ଏବେ ଏଠାରେ ବହୁବାର ଉକ୍ତ ଜଗ-ବନ୍ଧୁଙ୍କ କାଳରୁ ଆଜିକାଲିର ଓଡ଼ିଶା ସଂସ୍କୃତି ଓ ସାଧନା ପ୍ରଧାନରେ ପୂର୍ବ ସଙ୍ଗରେ ଜଡ଼ିତ ହୋଇଯାଇଥିଲା। କଳିଙ୍ଗର ଉତ୍ତର ଭାଗ, ଅର୍ଥାତ୍, ବୈତରଣୀର ଉତ୍ତରତୀରରୁ ଗଙ୍ଗାନଦୀ ମୁହାଣ ଯାଏ ହୋଇଯାଇଥିଲା ଉତ୍କଳ ଭୂମି। ଅଶୋକଙ୍କ ବିଜୟ ଓ ଖାରବେଳଙ୍କ ରାଜ୍ୟ ପରେ ଠିକ୍ କେବେ ଏହା ହୋଇଥିଲା,

Digitized by srujanika@gmail.com

ତାହା କହି ହେଉ ନାହିଁ । ଖୁବ୍ ସମ୍ଭବ କାଳିଦାସଙ୍କ ବେଳକୁ ଅର୍ଥାତ୍, ଯେଉଁ ହରି ସେନଙ୍କ ଲିଖିତ ସମୁଦ୍ର ଗୁପ୍ତଙ୍କ ଦିଗ୍‌ବିଜୟ ସମୟରେ କାଳିଦାସଙ୍କ 'ରଘୁ ଦିଗ୍‌ବିଜୟ' ଲେଖାହୋଇଛି, ସେତେବେଳକୁ ମେଦିନୀପୁର-କପିଶା ନଦୀ ପର୍ଯ୍ୟନ୍ତ ଉତ୍କଳମାନେ ମାଡ଼ି ଆସିଥିଲେ । ପ୍ରଥମରୁ ଉତ୍କଳମାନେ ଉପକୂଳ ଭୂମିରେ ନ ଥିଲେ ଓ ପରେ ସ୍ୱତନ୍ତ୍ର ପଶ୍ଚିମ ପାଖରୁ ଏମାନେ କଳିଙ୍ଗର ଉପକଣ୍ଠ ଅଧିକାର କରିଥିବା କଥା ଏଠାରେ ଉଲ୍ଲେଖଯୋଗ୍ୟ । ଅର୍ଥ ହୁଏତ ପ୍ରାଚୀନ କୌଣସି ଭୂମିର ଯେଉଁ ଜଙ୍ଗଲାସ୍ଥ ଅଂଶମାନ ଅଧିକାର କରୁଥିଲ, ସେହି ଅଂଶମାନ ସେଇଠା ଲୋକମାନଙ୍କ ନାମ ର 'ଖଣ୍ଡ', ଲଣ୍ଡ ବା ଖଣ୍ଡ ବୋଲି ନାମ ଦିଆ ଯାଉଥିବାର ଅନୁମାନ ହୁଏ । ଏଇପରି କଳିଙ୍ଗକୁ ଲାଗିଥିବା ସିଂହଭୂମି, ମୟୂରଭଞ୍ଜ, ଧଳଭୂମ ଠାରୁ ଗୟା ପର୍ଯ୍ୟନ୍ତ ଅଂଚଳରେ ପ୍ରାଚୀନ, 'ଉତ୍କଳ'ମାନେ ଥିଲେ । ସେଇମାନଙ୍କ ନାମ ଅନୁସାରେ ଭୂମିଟିର ନାମଥିଲା 'ଉତ୍କଳ'ଖଣ୍ଡ । କାଳକ୍ରମେ ଏହା 'ଉତ୍କଳ' ଓ ଖଣ୍ଡ ବା ଖଣ୍ଡ, ଏହି ଦୁଇଟି ଭାଗରେ ବିଭକ୍ତ ହୋଇଯାଇଥିଲା । ଏଇ ଅନୁମାନର ପ୍ରଧାନ କାରଣ ହେଉଛି, କଳିଂଗମାନଙ୍କ, ବ୍ରହ୍ମ ଦେଶର ଉପକୂଳ ଉପନିବେଶ । ଗ୍ରୀକ୍ ଭୌଗୋଳିକ ଟଲେମିଙ୍କ ଲିଖିତ ସେକାଳର ଭୂଗୋଳ ଉପରେ ଅଧ୍ୟାପକ ଜେରିନି ସାହେବଙ୍କର ଗୋଟିଏ ବିସ୍ତୃତ ଅନୁସନ୍ଧାନ-ସଂବଳିତ ଟୀକା ଅଛି । ସେଥିରେ ସେ ଲେଖିଛନ୍ତି— ଖ୍ରୀଷ୍ଟପୂର୍ବ ୭ମ ଶତାବ୍ଦୀରେ ଭାରତ ପୂର୍ବ ଉପକୂଳର କଳିଙ୍ଗମାନେ ଜାହାଜରେ ଯାଇ ବ୍ରହ୍ମଦେଶ ଉପକୂଳରେ 'କଳିଙ୍ଗ' ବୋଲି ଗୋଟିଏ ଉପନିବେଶ ସ୍ଥାପନ କରିଥିଲେ । ତାକୁ ଲାଗିକରି ଦେଶ ଭିତରକୁ ଯେଉଁ ରାଜ୍ୟଟି ଥିଲା ତା'ର ନାମ ଥିଲା ଉତ୍କଳ । ସ୍ୱର୍ଗତ ଅଧ୍ୟାପକ ବିଜୟ ଚନ୍ଦ୍ର ମଜୁମଦାର, କଳିଙ୍ଗମାନେ ପାଖରୁ ଲାଗିଥିବା ଉତ୍କଳ

Digitized by srujanika@gmail.com

ଜାତିମାନଙ୍କୁ ଘୃଣା କରୁଥିବା ଉଦାହରଣ ଦେଇ ଏଇ କଥାଟି ମଧ୍ୟ ଉଲ୍ଲେଖ କରିଛନ୍ତି । ଏଥିରେ ବ୍ରହ୍ମଦେଶ ଉପକୂଳର ଜଣଙ୍କୁ ସେ କହୁଛନ୍ତି, 'କଳିଙ୍ଗ ଗ୍ରୁଟ' । ଯେହେତୁ ଏ, ପ୍ରାଚୀନ ଉତ୍କ-ଟିଅ ନାମ ମଧ୍ୟ ଥିଲା ଉତ୍କଳ ଗ୍ରୁଟ । ( B. C. Majumdar, Orissa in the Making PP. 17, 18 ) ଏଇ ଉତ୍କଳର ଦକ୍ଷିଣ-ପଶ୍ଚିମକୁ କଳିଙ୍ଗ ଦକ୍ଷିଣ-କୋଶଳ ଓ କଳିଙ୍ଗ ମଧ୍ୟରେ 'ଓଡ୍ର' ଥିବାର ମଜୁମଦାର କହନ୍ତି । ( Ibid P. 16 ) । ଏଇ ଉତ୍କଳମାନେ ଉପକୂଳକୁ ଅଧିକାର କରି କାଳକ୍ରମେ ଦକ୍ଷିଣକୁ ମାଡ଼ି ଯାଇଥିଲେ । ତାହାର ଏବେ ଅସଲ, ଐତିହାସିକ ଉତ୍କଳ । ଓଡ୍ର ବା ଓଡ୍ରମାନେ କଳିଙ୍ଗର ଯେଉଁ ଅଂଶରେ ମାଡ଼ି ଯାଇଥିଲେ, ସେଇ ଭୂଖଣ୍ଡର ନାମ ହେଉଛି, 'କଳିଙ୍ଗୋଡ୍ର' କଳିଙ୍ଗୋଡ଼, ବା କଙ୍ଗୋଦ । ଏଇ କଙ୍ଗୋଦକୁ ଅଶୋକ ଖାରବେଳ ପ୍ରଭୃତିଙ୍କ କାଳର କଳିଙ୍ଗଟି ସଙ୍କୁଚିତ ହୋଇ ଦକ୍ଷିଣରେ ବଂଶଧାରା ନଦୀ କୂଳକୁ ନିଜର ଅସ୍ଥାନ କରିଥିଲା । ଉତ୍ତରକୁ ସ୍ୱେତକ ( ଶକଟି ) ପର୍ଯ୍ୟନ୍ତ ଏହା ବ୍ୟାପୀ ଥିବାର ଦେଖାଯାଏ । ଏଇପରି ଓଡ୍ର ଓ କଳିଙ୍ଗ, ଉତ୍କଳଠାରୁ ଭିନ୍ନ ହୋଇ ରହିଥିଲା । ପୁଷ୍ପଗିରି ବିହାରଟି ମୂଳତଃ ଯେଉଁ ରାଜ୍ୟରେ ଅବସ୍ଥିତ ଥାଉନା କାହିଁକି, ଭୌମମାନଙ୍କ ବେଳକୁ ଅର୍ଥାତ୍, ଖ୍ରୀ ୭ମ ଶତାବ୍ଦୀ ବେଳକୁ ନିଶ୍ଚିତରେ ଏହା ଥିଲା—ଉତ୍କଳରେ । କାହିଁକି ନା, ବୈତରଣୀର ବାମ କୂଳରେ, ଗୁହେଶ୍ୱର ପାଟକରେ ରାଜଧାନୀର ଅଧିଷ୍ଠାନ କରିଥିବା ଭୌମ ସମ୍ରାଟମାନେ ନିଜକୁ ଉତ୍କଳକୂଳର ବୋଲି ପରିଚୟ ଦେଇଥିବାର ଭୌମ ଲେଖମାନଙ୍କରୁ ପ୍ରକଟ । ସେଇ ଭୌମ ସମ୍ରାଟ ଶାନ୍ତିକର ଦେବ ଯେଉଁ ପୁସ୍ତକଟି ତାଙ୍କର ଲେଖି ଚୀନ ସମ୍ରାଟଙ୍କ ପାଖକୁ ପଠାଇଥିଲେ, ତାହା ହେଉଛି, ଗୋଟିଏ ବଜ୍ରଯାନଗ୍ରନ୍ଥ । ପ୍ରାୟ ସେଇସମୟରେ କାହ୍ନୋର(କେନ୍ଦୁଝର)

Digitized by srujanika@gmail.com

ଓ ତାଙ୍କ ଭଉଣୀ 'ସମ୍ଭଳ' (ସମ୍ବଲପୁର ?)ର ଲକ୍ଷ୍ମୀଂକରାଙ୍କୁ ଯୋଗ-ସିଦ୍ଧି ବଳରେ ପାଇ ବଜ୍ରଯାନ ଓ ସହଜଯାନର 'ପଦ ଚର୍ଯ୍ୟା' ଦେଇଥିଲେ । ସେଇ ସମ୍ପର୍କରେ ମଧ୍ୟ ଲଙ୍କା ନାମକଟିର ନାମ ପ୍ରକାଶ ପାଏ । ଏହି ଲଙ୍କା ହେଉଛି, ମହାନଦୀ ଓ ତେଲ ନଦୀ ସଙ୍ଗମରେ ଥିବା 'ଦ୍ୱୀପ' (ଭୂଖଣ୍ଡ) । ଏଥିରୁ ବେଶ୍ ଜଣା ପଡ଼ୁଛି, ବୈତରଣୀର ବାମ ତୀରଠାରୁ କୋଶଳ ରାଜ୍ୟକୁ ଧରି ଏବ ଓଡ଼ିଶାର ଗୋଟିଏ ଅଂଶ, ବଜ୍ର ଯାନିକ ତନ୍ତ୍ରର ଯୌନ ସାଧନାରେ ବିଶେଷ ଭାବରେ ପ୍ରଭାବିତ ହୋଇଥିଲା । ଅନ୍ତର ଗାର୍ହସ୍ଥ୍ୟ ଓ ସାମାଜିକ ଅନୁଷ୍ଠାନରେ ଏହାର ଲକ୍ଷଣ ମଧ୍ୟ ଖୁବ୍ ଅନୁସନ୍ଧାନ କରି ଯାଇପାରେ । ଖୁବ୍ ସଂଭବ ଏହି କାରଣରୁ ଓଡ଼ିଶାର ଅଦ ଭୂତପୀଠ, ତାରକା ପୀଠ । ସେହି କାଳରୁ ମଧ୍ୟ ସାମ୍ରାଜ୍ୟ ପ୍ରଶ୍ରୟରେ ଓଡ଼ିଶାର ଶିଳ୍ପୀମାନେ ଭାସ୍କର୍ଯ୍ୟ ହାତ ଧରିଥିଲେ । ତାହାଙ୍କ ନା, ପୂର୍ବେ କୁହାଯାଇଛି, ସାମ୍ରାଜ୍ୟ ସଂଗେ ତଥ୍ୟ 'ଶିଖର'ର ରେଖ-ବିମାନ-ମାନ, ପ୍ରଥମେ ଭୁବନେଶ୍ୱରରେ ଲିଙ୍ଗରାଜ, ତା ପରେ ପୁରୀର ଜଗନ୍ନାଥ ଓ କୋଣାର୍କର ସୂର୍ଯ୍ୟମନ୍ଦିରମାନଙ୍କରେ ମୂର୍ତ୍ତ ହୋଇଥିଲା । ସେ ସବୁର ଶିଳ୍ପ ଓ ଶିଳ୍ପୀ ଯେ ସ୍ୱାଧୀନ ନ ଥିଲା, ସେ କଥା ମଧ୍ୟ ପୂର୍ବେ କୁହାଯାଇ ଦିଆ ଯାଇଛି (ପୂର୍ବେ ୨୪ ପୃଷ୍ଠାଠାରୁ ଦେଖ) । ଗଙ୍ଗ-ସମ୍ରାଟମାନଙ୍କ ମଧ୍ୟରେ ଇନ୍ଦ୍ରିୟ-ସେବାର ଚିହ୍ନ, ପ୍ରଭାବ ବିସ୍ତାର ହେବାର ଅବକାଶ ମିଳେ । ଏଇ ସୂତ୍ରରେ ମଧ୍ୟ ସେବାଇ କୁଳରେ ହିନ୍ଦୁମାନଙ୍କ ଭିତରେ, ବିଶେଷତଃ, ବ୍ରାହ୍ମଣମାନଙ୍କ ଭିତରେ ବହୁ ଜାତି ସଙ୍କରତ୍ୱ ଓ ବହୁ ନାରୀ ସଂସର୍ଗ ଆସରରେ ପ୍ରଚଳିତ ହୋଇଥିଲା ସବୁ ମନେ ହେଉଛି । ବୈତରଣୀ ଏ ପାଖ ଓଡ଼ିଶାରେ, ବିଶେଷତଃ ବ୍ରାହ୍ମଣମାନଙ୍କ ଭିତରେ ଏହା ଏବେ ମଧ୍ୟ ପ୍ରବେଶ କରି ନାହିଁ ।

Digitized by srujanika@gmail.com

### ଭରଦା ଚରିତ

ଏ ସମ୍ପର୍କରେ କଥା ହେଉଛି ଯେ, ଅଧ୍ୟାପକ ପଣ୍ଡିତ ଓଡ଼ିଶା-ଭର କର 'ସାରଳା ମହାଭାରତ'ର 'ଭରଦା ଚରିତ' (ଗ୍ରୀଧାରମଣ ପ୍ରସ୍ତୁତ—ଉଦ୍ୟୋଗ ପର୍ବ—ପୃ ୯୮୦ରୁ) ପ୍ରତି ମୋର ଦୃଷ୍ଟି ଆକର୍ଷଣ କଲେ । ମୋ ହେତୁରୁ ଅନୁମାନ ହେଉଛି, 'ଭରଦା ଚରିତ'ଟି ମୋଟା ମୋଟି ପ୍ରକ୍ଷେପ ନୁହେଁ । 'ଭରଦା' କଥାଟି ଖାଣ୍ଟି ଓଡ଼ିଆ । ଭରଦାର ଅର୍ଥ, ଯେ ନିଜ ପତ୍ନୀକୁ ଅନ୍ୟକୁ ଦେଇ ଜୀବିକା କରେ । ବୈତରଣୀର ଉତ୍ତର ତୀର ଯାଜପୁରରୁ ଏଭଳି ଗୋଟିଏ ଭରଦାକୁ ଗ୍ରାମ ଅତି ରୁକ୍ଷ ଭାବରେ ଚୁଟିଧରି ଟାଣି ନେଇ ଥିଲେ । ସେ ଖଣ୍ଡ ସମ୍ପର୍କ ଧର୍ମ ଧ୍ୱଜୀ ଭରଦା ଦୃଷ୍ଟି କରୁଥିଲେ ମଧ୍ୟ ସାରଳା ଦାସଙ୍କ ତରଫ ଚଳଣରୁ ଜଣାଯାଏ ସେ ଏସବୁ କାର୍ଯ୍ୟକୁ ମହାପାପ ବୋଲି ମନେ କରୁଥିଲେ । ତଥାପି ବୈତରଣୀର ଉତ୍ତର ତୀରରେ, ଓଡ଼ିଶାରେ ଏଭଳି ଗୋଟିଏ ଛନ୍ଦ ଦେଖାଦେବ ମନେ ହୁଏ, ଏହିଭଳି କୌଣସି ଆଗ୍ରହର ସ୍ଥଳୀ ହୁଏତ ସେତେବେଳେ ସେଇଆଡ଼ ଭୂମିରେ ଥିଲା ଓ ସାରଳା ଦାସ ସେଥିପ୍ରତି ପ୍ରାସଙ୍ଗିକ କଟାକ୍ଷ କରିଛନ୍ତି । ସେଇପରି ଆଉ ଗୋଟିଏ କଥା ହେଉଛି, ସୁଧର୍ମିଙ୍କ ସ୍ୱୟଂବରଣ ବାଟରେ ଭୁଲି ଯାଇ ଯାଜପୁର ଦେଇ ରୂପ ଦୁଇଟି ଅଛି ଧରି ଘର କଲି ରହିବା କଥା । ଏ ସବୁରୁ ସତ୍ୟ ବାହାର କରିବା କଷ୍ଟ ହେଲେ ମଧ୍ୟ ସଂପୂର୍ଣ୍ଣ ଏକାନ୍ତ ଅଗ୍ରାହ୍ୟ ନୁହେଁ ।

### ଭାଷାରେ ଭୂମିଭାଗ ଓ ତଥ୍ୟ କଳନା

ଏହା ଛଡ଼ା ଭାଷା । ଭାଷା ଏ କ୍ଷେତ୍ରରେ ସ୍ପଷ୍ଟ ସଙ୍କେତ ଦେଉଛି । ଯାଜପୁରଠାରୁ ସୁବର୍ଣ୍ଣରେଖା ଯାଏ ଭାଷାରେ ବର୍ଣ୍ଣିତ ଉଦାହରଣ ହେଉଛି ପୂର୍ବପୂର୍ବ ମାଗଧୀ । ଏହା ଠିକ୍ ବଙ୍ଗଳା, ମଗହୀ, ମୈଥିଳୀ

Digitized by srujanika@gmail.com

ପର । କିନ୍ତୁ ବୈତରଣୀଠାରୁ ଦକ୍ଷିଣକୁ ଉଚ୍ଚାରଣ ପଦ୍ଧତିର ଭିନ୍ନ । ଉଦାହରଣ - ସ୍ୱରୂପ, ଦକ୍ଷିଣୀଏ କହନ୍ତି, 'ଚସା ଚାସ କର' । ବୈତରଣୀର ଉତ୍ତରକୁ କହନ୍ତି, 'ଚଶା ଚାଶ କର' । ଏ ସବୁର ସ୍ୱର-ବ୍ୟଞ୍ଜନଗତ ଆଲୋଚନା କରିବା ପାଇଁ ଅବକାଶ ଏଠି ନାହିଁ । ମାତ୍ର ଅସ୍ୱୀକାର କରି ହେବନାହିଁ ଯେ, ପୂର୍ବ ଭାରତର ବଜ୍ରଯାନ ଓ ହିନ୍ଦୁ ତନ୍ତ୍ରର ପ୍ରଭାବରେ ଏବଂ ଓଡ଼ିଶାର କୋଶଳ ଓ ଉତ୍କଳ ଭୂମି ଦ୍ୱୟ ପ୍ରଭାବିତ ହୋଇଥିଲା । କିନ୍ତୁ ବଙ୍ଗଳାର ସହଜିଆ ଧର୍ମ ଓ ତନ୍ତ୍ରରୁ ବାହାରିଥିବା, 'ବାଉଲ୍‌', 'ଅଉଲ୍‌' 'ବଳରାମୀ', 'ସ୍ପଷ୍ଟଦାୟୀ' 'କର୍ତ୍ତାଭଜା' ପ୍ରଭୃତିଙ୍କର ସଞ୍ଚାର ଓଡ଼ିଶାରେ କୁତ୍ରାପି ନାହିଁ । ସହଜିଆ ବୈଷ୍ଣବଙ୍କ ସଂବନ୍ଧରେ ମଧ୍ୟ ସେଇକଥା କୁହାଯିବ । ପୂର୍ବ ମନ୍ଦିରରେ ଗୀତ ଗୋବିନ୍ଦ ବୋଲା ହେଉଥିଲା ସତ୍ୟ, ଗଂଗସମ୍ରାଟ୍‌ମାନେ ତା ପୂଜୁଥିଲେ । କିନ୍ତୁ ମହାପ୍ରଭୁଙ୍କ ପୂର୍ବ ତା' ଓଡ଼ିଆ ସାହିତ୍ୟରେ ଚୈତନ୍ୟଙ୍କ ଯୁଗଯାଏ ଗୋଟିଏ ନିଗାତନ ହୋଇ ରହିଥିଲା । ଗୋରଖନାଥ ପ୍ରଭୃତିଙ୍କ ପ୍ରଭାବ ଓଡ଼ିଆ ପୀଠ-ମାନଙ୍କରେ କେତେ ଦୂର ପଶିଥିଲା, ତା କହୁ ହେବନାହିଁ । କିନ୍ତୁ ମନେ ହୁଏ, ନାଥପନ୍ଥୀ ତାନ୍ତ୍ରିକ ମୂଳତଃ ହେଉଛନ୍ତି ଓଡ଼ିଆ । ଉଦୟ-ନାଥ, ପାର୍ଶ୍ୱନାଥ ପ୍ରଭୃତିଠାରୁ ଜଗନ୍ନାଥ ନାମ ପର୍ଯ୍ୟନ୍ତ ଏଥିରେ ସାକ୍ଷୀ । ହେଲେହେଁ, ବଙ୍ଗଦେଶ ଓ ଉତ୍ତର ପ୍ରଦେଶରେ ଗୋରଖନାଥ-ଙ୍କର ଯେଉଁ ଅଦ୍ଭୁତ ଦିଗ୍‌ବିମାନ ପ୍ରଚାର ପାଇଥିଲା, ତାହା ଓଡ଼ିଶାରେ ପ୍ରଚାର ପାଇଥିଲା କି ନା? ପାଇଥିଲେ ତା କେବେ, କେଉଁଠି, କିପରି ପ୍ରଚାର ପାଇଥିଲା, ତା ଅନୁସନ୍ଧାନର ବିଷୟ । ଗତ ତିନିଶ ବର୍ଷ ଗୌଡ଼ୀୟ ବୈଷ୍ଣବ ଓ ବଙ୍ଗୀୟ ତାନ୍ତ୍ରିକଙ୍କ ପ୍ରଭାବଭିତରେ ସେହିପରି ଅନୁସନ୍ଧାନ ମଧ୍ୟ ବଡ଼ କଷ୍ଟ । ତାପରେ ପୁଣି ଅସ୍ପର୍ଦ୍ଧା, ପ୍ରତିସ୍ପର୍ଦ୍ଧାର ମୋହ ଭିତରେ ସତ୍ୟର ଅନୁସନ୍ଧାନ ଦୁର୍ଘଟ ଓ ଦୁଷ୍କର ।

Digitized by srujanika@gmail.com

## ଆଗନ୍ତୁକ ମୁସଲମାନ ଧର୍ମ

ମୁସଲମାନ୍ ରାଜତ୍ୱ ଫଳସ୍ୱରୂପ ବିପ୍ଳବ କଥା କୁହା ଯାଇଥିଲା । ଭାରତ ସାହିତ୍ୟ ଓ ସଂସ୍କୃତିରେ ଏ ବିପ୍ଳବ କେବେ ଦେଖା ନ ଥିଲା । ଏ ବିପ୍ଳବ କେବଳ ସାମ୍ରାଜ୍ୟରେ ନୁହେଁ, ଧର୍ମ ଦେଇ ଏହା ମୂଳରୁ ଆରମ୍ଭ ହୋଇଥିଲା । ସମସ୍ତ ଯୌନ ଭୋଗ, ଲୁଣ୍ଠନ, ନରହତ୍ୟା, ଏଥିରେ ମୂଳରୁ ଲଗ୍ନ ହୋଇଥିଲା ଧର୍ମ ନାମରେ । ଖାଣ୍ଟି ଧର୍ମ ହିସା-ବରେ ଏହା ସେତେ ଭଲ ସଂଗଠିତ ସ୍ୱରୂପରେ ଥିଲା । ହିନ୍ଦୁ ସଭ୍ୟତା କ'ଣ, ସେଥିରୁ କ'ଣ ନେବାର ଅଛି, ସେ ସବୁ ପ୍ରତି ଯେଉଁ ମୁସଲ-ମାନମାନଙ୍କର ଟିକିଏ ଜିଜ୍ଞାସା ଥିଲା । ଗଜନୀର ମାହମୁଦ୍‌ଙ୍କ ପାଳରେ ମଧ୍ୟ ଅଲ୍ ବିରୁନୀଙ୍କ ପରି ପଣ୍ଡିତ ଓ ସାହିତ୍ୟ-ସାଧକମାନେ ବାହାରି ଥିଲେ । କିନ୍ତୁ ସାମ୍ରାଜ୍ୟ ସଂଗେ ପଶିଥିବା ସ୍ୱରୂପର ଚେହେରା ଗୌଣେଭ୍ ମନୋଭାବ । ମହମ୍ମଦ୍‌ଙ୍କ ଧର୍ମର ପୂର୍ବସୂରୀ ହୋଇଛନ୍ତି ଯୀଶୁ, ମୂଷା ପ୍ରଭୃତି ଈଶ୍ୱରଙ୍କ ପୁତ୍ର ଓ ଦୂତ-ମାନେ । ମହମ୍ମଦ ନିଜେ ହୋଇଛନ୍ତି ଈଶ୍ୱରଙ୍କ ପୟଗମ୍ବର ବା ଦୂତ । ଈଶ୍ୱର ମହମ୍ମଦ୍‌ଙ୍କ ହାତେ ଯାହା କହି ପଠାଇଛନ୍ତି ତାହା ମହାପୁରୁଷ ବା ପୀରମାନେ ସେଇ କଥାକୁ ଯେପରି ପ୍ରଚାର କରୁଛନ୍ତି, ତାହାର ହେବାର ବରଣୀୟ, ତାହାହିଁ ହେଉଛି ଧର୍ମ । ତାକୁଇ ମାନୁଛୁ ବୋଲି କହି ଦେଲେ, ହେଲା । ବ୍ୟକ୍ତି-ଧର୍ମର ବ୍ୟକ୍ତି-ଦାୟିତ୍ୱ ଏଥିରେ ଆଦୌ ନାହିଁ । ବ୍ୟକ୍ତି-ଧର୍ମର ଦାୟିତ୍ୱ ରଖି ସେଇ ଭାବରେ ଚାଲିଲେ ସେ ହେଲା ବିଧର୍ମୀ ବା କାଫେର୍ । ତାର ଏ ଜଗତରେ ଧନ ଜୀବନ ଓ ନାରୀ ରଖିବାରେ ଅଧିକାର ନାହିଁ । ପୁଣି କାଫେର୍-ନାଶର ସ୍ୱାଦ୍ୟ ଦଂଭୋଗ ଏଥିରେ ଗୋଟିଏ ଅତି ମହତ୍ତ୍ୱର କାର୍ଯ୍ୟ । ସେଇ ସୂତ୍ରରେ କାଫେର୍‌କୁ ମୁସଲମାନ କରିବା ଓ ଜଗତରେ ମୁସଲମାନର ସଂଖ୍ୟା ବୃଦ୍ଧି କରିବା ହେଉଛି ଧର୍ମ ସୂତ୍ର

Digitized by srujanika@gmail.com

ମଧ୍ୟ ଏଥିରେ ଲଗି ରହିଲା । ଆମର ବିଦେଶାଗତ ଓ ଉଚ୍ଚଚରଣ-ପନ୍ଥୀଙ୍କ ନାସ୍ତିପ୍ରଣୀତ ଧର୍ମରେ ଏ ଭାବ ନ ଥିଲା, ନୁହେଁ । ଆମର ଅବତାର ମଧ୍ୟ ବାହାର ଥିଲେ । କିନ୍ତୁ ଏ ପୀର ପଇଗମ୍ବର ଉପାସନା ସେ ସବୁକୁ ବଳିଗଲା ।

## ପୀର—ସନ୍ଥ—ସତ୍ୟନାରାୟଣ

'ପୀର'ର ଅର୍ଥ ହେଉଛି ପାରସିକ ଭାଷାରେ ଅବତାର ବା ମହାପୁରୁଷ । ଭାରତର ହିନ୍ଦୁ ସମାଜରେ ବାହାର କଲା 'ପୀର'। ଜାଣିବା କଲା ଆମର ପ୍ରଥମ ପୀର ହେଉଛନ୍ତି 'କବୀର'। ତା ପରେ ପରେ ସେହିପରି ନାମମାନଙ୍କର ସୀମା ନାହିଁ । ଅନେକେ ମନେ କରନ୍ତି, ହିନ୍ଦୁ ମୁସଲମାନଙ୍କୁ ଏକ କରିବା ପାଇଁ ଏହି ପୀର ବା ସନ୍ଥମାନେ ବାହାରି ଥିଲେ । କିନ୍ତୁ ସମାଜର ବାୟୁମଣ୍ଡଳରେ ଠିକ୍ ଏହି ରାଜନୈତିକ ପ୍ରେରଣା ସେତେବେଳେ ଥିଲା ବୋଲି କହି ହେବ ନାହିଁ । ସେତେବେଳର ପ୍ରେରଣା ହେଉଛି, ଦର୍ଶନଧର୍ମୀ ହିନ୍ଦୁର ପ୍ରାଣପୀଡାରେ ଆତ୍ମରକ୍ଷାର ଆର୍ତ୍ତନାଦ । ସେହି ଆର୍ତ୍ତନାଦର ମୂର୍ତ୍ତିମନ୍ତ ସ୍ୱରୂପ ହେଉଛନ୍ତି, ଆମର ମହାପୁରୁଷ ସନ୍ଥମାନେ ।

ଅନେକ ହେଉ ସନ୍ଥ-କୀର୍ତ୍ତନମାନଙ୍କରୁ ନାନା ଦର୍ଶନର ତତ୍ତ୍ୱ ବାହାର କରି ଦ୍ୱୈତବାଦ, ଅ-ଦ୍ୱୈତବାଦ, ଦ୍ୱୈତାଦ୍ୱୈତବାଦମାନ ସେଥିରୁ ଅର୍ଥ କରି ସର୍ବ ଧର୍ମର ସମନ୍ୱୟ ଦେଖନ୍ତି ଓ ଦେଖାନ୍ତି । ମାତ୍ର ଏ ସବୁ ଭ୍ରାନ୍ତ । ଭାରତ ଧର୍ମରେ ସର୍ବ ଧର୍ମର ସମନ୍ୱୟ ଅଜଣା କଥା ନୁହେଁ, ଗୀତାରେ ମଧ୍ୟ ଅଛି:—

ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହଂ ।
ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ।—୪ । ୧୧

Digitized by srujanika@gmail.com

ଅର୍ଥାତ୍, ଯେ ଯେପରି ବା ଯେଉଁଥିପାଇଁ ମତେ ଆଶ୍ରା କରନ୍ତି, ମୁଁ ତାଙ୍କୁ ସେହିପରି ବା ସେଇଥିରେ ମିଳେ। ଗୀତା ଏହାକୁ ଦାର୍ଶନିକ ତତ୍ତ୍ୱରେ ପ୍ରତିଷ୍ଠା ଦେଇଛନ୍ତି। ମାତ୍ର ଏହା ର ମୂଳସ୍ୱାଦ୍ ଅନୁସନ୍ଧାନ କଲେ ଦେଖାଯାଏ, ଏ ଉକ୍ତି ଯଥାର୍ଥରେ ଦାର୍ଶନିକ ନୁହେଁ। ମହାଭାରତରେ ଅଛି ନାରାୟଣୀୟ ଭକ୍ତିଧର୍ମଟି ନାରଦ ଶ୍ୱେତଦ୍ୱୀପ ବା ପାରସ୍ୟରୁ ଶିଖି ଆସି ଭାରତରେ ପ୍ରଚାର କରିଥିଲେ। ମନେ ହୁଏ, ପାରସ୍ୟ ଜାରଥୁଷ୍ଟ୍ର ଖ୍ରୀଷ୍ଟୀୟ ଧର୍ମର ଅନୁକରଣରେ ଭାରତରେ ବାସୁଦେବ କୃଷ୍ଣଙ୍କ ଭକ୍ତିଧର୍ମ ବା ନାରାୟଣୀୟ ଧର୍ମ ପ୍ରଚାରିତ ହୋଇଥିଲା। ସେଇଥିରୁ ଅବତାରମାନେ ବାହାରିଥିଲେ। ପରେ ଗୀତାରେ ଏହି ଦାର୍ଶନିକ ପ୍ରତିଷ୍ଠା ଦିଆଯାଇଥିଲା। କିନ୍ତୁ ଏବେ ଯେଉଁ ମୁସଲମାନି ଧର୍ମ ଆସିଲା ସେଥିରେ ଆଉ ସର୍ବଧର୍ମ-ସମନ୍ୱୟ ଭଳି କଥାର ଚିହ୍ନ ମାତ୍ର ନ ଥିଲା। ଆମ ସନ୍ଥମାନେ ଯେଉଁ ମତାନ୍ଧତାର ପ୍ରତିରୋଧପାଇଁ ଭାରତୀୟ ଦାର୍ଶନିକ ବାୟୁମଣ୍ଡଳରୁ ସ୍ୱଣୋଥକଣା ତଥା ଅନୁଭୂତି କରୁଥିଲେ ମାତ୍ର। ତା'ର କିଛି ବିଶେଷ ଅର୍ଥ ନାହିଁ—ଫଳ ବି ହୋଇ ନ ଥିଲା। ଯଥାର୍ଥରେ ସେମାନେ ପୀରମାନଙ୍କ ପର ପ୍ରକୃତ କରିଥିଲେ, ଈଶ୍ୱରଙ୍କ ଅବତାର ଓ ପ୍ରେରିତମାନଙ୍କଠାରେ ସମ୍ପୂର୍ଣ୍ଣ ଆତ୍ମ ସମର୍ପଣ ଓ ସଙ୍ଗେ ସଙ୍ଗେ ସେହି ପୀରମାନଙ୍କ ଅଘଟଣ-ଘଟଣ-ପଟୁତା ଓ ଅଦ୍ଭୁତ କ୍ରିୟା। ସେହି ପୀର-ଉପାସନା ସତ୍ୟ ନାରାୟଣ ପୂଜା ନାମରେ ଆମ ପୁରାଣମାନଙ୍କରେ ଭର୍ତ୍ତି ହୋଇଥିଲା ଓ ପରେ ସତ୍ୟପୀର ପୂଜା ଭଙ୍ଗୀରେ ଶିରଣୀର ମହାତ୍ମ୍ୟ ନାମରେ ଘରୁ ପ୍ରଚାର ଲଭିଥିଲା। ସେ କଥା କୁହାସାରିଛି।

## ମୁସଲମାନ ପ୍ରଭାବରେ ଧର୍ମର ଗତି

ଏହି ପରିସ୍ଥିତିରେ ବଙ୍ଗଳାର ସହଜିଆ ଓ ବାଉଲ ପ୍ରଭୃତି ଧର୍ମଗୁରୁ ଓ ପନ୍ଥୀ ସଙ୍ଗେ ସହଜିଆ ବୈଷ୍ଣବଧର୍ମର ଗତ ଭଣ

Digitized by srujanika@gmail.com

ହେଲା, ତା ହିଁ କଣ ଦେଖାଯାଉ । ନେଡ଼ା ନେଡ଼ୀ ପ୍ରଭୃତି ଇତ୍ୟ-ଦେବୀମାନେ ସମାଜରେ ଘୃଣିତ ଓ ପତିତ ହୋଇଥିଲେ । ସେମାନେ ନିଜ ମର୍ଯ୍ୟାଦା ରକ୍ଷା ପାଇଁ ବହୁ ସଂଖ୍ୟାରେ ମୁସଲମାନ ହେବାରେ ଲାଗିଲେ । ତାନ୍ତ୍ରିକମାନଙ୍କର ଧର୍ମନାମରେ ଯୌନ-ସେବା କିମ୍ବା ମୁସଲମାନ ଯୁଗରେ ପ୍ରତିଷ୍ଠା ହରାଇଲା । ସହଜିଆ ବୈଷ୍ଣବଙ୍କ ଅବସ୍ଥା ମଧ୍ୟ ବିଶେଷ ଭଲ ହେଲା ନାହିଁ । ମୁସଲମାନ ପ୍ରଭାବରେ ଯୌନ ସମ୍ଭୋଗ ନିମନ୍ତେ ଧର୍ମ ସାଧନାର ସମ୍ପର୍କ କଥା କହୁଥିବାର ଦରକାର ପଡ଼ିଲା ନାହିଁ । ତେଣୁ କେବଳ ମହାପୁରୁଷ ଓ ତାଙ୍କର ଅଦ୍ଭୁତ କ୍ରିୟାହିଁ ଏକା ହେଲା ଧର୍ମର ମୁଖ୍ୟ ଅଙ୍ଗ । ଗୌଡ଼ୀୟ ବୈଷ୍ଣବଙ୍କ ଛଡ଼ା ବଙ୍ଗଳାରେ ଅନ୍ୟ ଧର୍ମ ଓ ସାଧନସବୁ ସଙ୍କୁଚିତ ହୋଇଗଲା । ତାନ୍ତ୍ରିକମାନଙ୍କ ସୁଫିସନ୍ତ ବା 'ପିର'ମାନଙ୍କଠାରେ କିମ୍ବା ଅତି ଅଦ୍ଭୁତ କ୍ରିୟା ଓ ଉପାଖ୍ୟାନମାନ ସୃଷ୍ଟି ଉଠିଲା ଓ ନୂଆ ନୂଆ ମହାପୁରୁଷମାନେ ତାହାର ପ୍ରତିଦ୍ୱନ୍ଦ୍ୱୀ ସବଙ୍କ ଖାଲି ଅଦ୍ଭୁତ କ୍ରିୟା ଦେଖାଇବା ଓ ଓ ସେହି ଅଦ୍ଭୁତ କ୍ରିୟାରେ ସମାଜରେ ଈଶ୍ୱରଙ୍କ ମହିମା ପ୍ରଚାର କରିବାରେ ଲାଗିଗଲେ । ଏବେ ବଙ୍ଗଳାରେ ଏ ସବୁର ଉଦା-ହରଣ ଦେବା ଦରକାର ନାହିଁ । ଓଡ଼ିଶାରୁ ବଙ୍ଗଳାକୁ ଚୈତନ୍ୟଙ୍କ ପରେ କମ୍ ମହାପୁରୁଷ ଆସି ନାହାନ୍ତି । ସେ ଦିନ ପର୍ଯ୍ୟନ୍ତ ଚରଣ ଦାସ, ନିଗମାନନ୍ଦ ପ୍ରଭୃତି ମହାପୁରୁଷମାନ ଓଡ଼ିଶାରେ ଆସି ଶିଷ୍ୟ ଯୋଗାଉ ଥିଲେ । ତାଙ୍କର ମେଳା ମହୋତ୍ସବରେ ଏବେ ମଧ୍ୟ ଠାଏ ଠାଏ ଓଡ଼ିଆ ଜନତା ଉଦ୍‌ଭ୍ରାନ୍ତ ହୋଇ 'ନାମ' ମାଡ଼ରେ ନିଜ ସ୍ୱତ୍ତ୍ୱ ହାରଇ ବୁଦ୍ଧି ଖାଇ ଯାଉଥିବା କଥା କାହାରିକୁ ଅଜଣା ନାହିଁ ।

**ସେଥିରେ ସନ୍ତଙ୍କ ମିଥ୍ୟାର ଦୃଷ୍ଟାନ୍ତ**

ଏଇସବୁ କେବଳ ଯୁକ୍ତିହୀନ ବିଶ୍ୱାସରେ ମନୁଷ୍ୟ ମତାନ୍ଧ ହୁଏ, ପରବଶ ହୁଏ । ତା ଛଡ଼ା ବିଶ୍ୱାସ, ତା ଉପରେ କୁହୁକ ବା ଯାଦୁବିଦ୍ୟା

Digitized by srujanika@gmail.com

ପର ଭାଗବତରେ । ସେଥିରେ ସେ ନିଜ ବିଶ୍ୱାସକୁ ସତ୍ୟଭାବେ ଦେଖେ । ଯେଉଁ ଜଗମୋହନଙ୍କ କଥା କୁହାଗଲା, ତାଙ୍କ ଶିଷ୍ୟଙ୍କ ଭିତରୁ ଜଣେ ଲୋକ—ସେ ଜଣେ ଶିକ୍ଷିତ ଓଡ଼ିଆ ସ୍ୱକର୍ମସ୍ୱର୍ଗ—ଖବରଦନ ତପଦ୍ୱରେ ନିଜ ଭାଟବନ୍ଧା ଜଗମୋହନ ଫଟୋରୁ ଫୁଲ ବୋହୁଥିବା ଦେଖି ସେଇ ଫଟୋକୁ ବାନ୍ଧିଥାନ୍ତି । ଏବେ ସେଦିନ 'ଅଦମାନ' ବୋଲି ଜଣେ ବଗାକୁଣ୍ଡୀ ଆସି ଅନେକ ଶିକ୍ଷିତ ଜଗଦପ୍ରସ୍ଥ ଲୋକଙ୍କର ଦେହେ ତଳେ ମନ ଭାବନା ସିଦ୍ଧ ବାଦ ସ୍ୱଳ୍ପ ଯାଉଥିବାର ଶୁଣାଯାଉଛି । ଶୁଣାଯାଏ, ସେ କୁଆଡ଼େ ଜଣେ ପଣ୍ଡିତ-ପୁତ୍ର ପଣ୍ଡିତଙ୍କର ମୃତ ପୁତ୍ରକୁ ଯମଦ୍ୱାରରୁ ଆଣିଦେବେ ବୋଲି ଆଶ୍ୱାସଦେଇ ତାଙ୍କୁ ଅତଭକ୍ତିରେ ପରିଣତ କରିଥିଲେ । ଅନ୍ଧବିଶ୍ୱାସର କୁହୁକରେ ଏମାନଙ୍କର ଯେ ଆତ୍ମନାଶ ହେଉଛି, ତାହା ଦେଖିଲେ ପ୍ରାଣରେ ପୀଡ଼ା ହୁଏ ।

## ଚୈତନ୍ୟ ମହାପ୍ରଭୁ

ଚୈତନ୍ୟଙ୍କ କଥା ଦେଖ । ତାଙ୍କ ଶିଷ୍ୟ ଶ୍ରେଷ୍ଠ ହରିଦାସ ପୁରୀରୁ ବାହାରିଯାଇ ତ୍ରିବେଣୀଠାରେ ଗଙ୍ଗାରେ ଝାସ ଦେଲାବେଳେ ତାଙ୍କ କ୍ଷମା ପ୍ରାର୍ଥନାଟା ଚୈତନ୍ୟ ଯେ ପୁରୀ ସମୁଦ୍ରକୂଳେ ସ୍ପଷ୍ଟ ଶୁଣିପାରିଥିଲେ, ସେକାଳେ ଶିଷ୍ୟମାନେ ତାହା ଲେଖିଯାଇଛନ୍ତି । ପୁରୀରେ ଶିଷ୍ୟମାନଙ୍କୁ ସେଇ ପୁଣି ନିଜର ଛଅ-ହାତିଆ ମୂର୍ତ୍ତି ଦେଖାଇ ଥିଲେ । ସେଇ ଷଡ୍‌ଭୁଜ ମୂର୍ତ୍ତି ଏବେ ପୁରୀ ଦକ୍ଷିଣ ଦ୍ୱାର ପାଖ ବାହାର ବେଢ଼ାରେ ଅଛି । ଭନ ଗୁଡ଼ ବର୍ଷ ତଳେ 'ଚୈତନ୍ୟ ମହାପ୍ରଭୁ' ବୋଲି କଲିକତା ଗୌଡ଼ୀୟ ମଠରୁ ଖଣ୍ଡେ ବହି ପ୍ରକାଶିତ ହୋଇଛି । ଲେଖାଟି ଇଂରେଜୀ । ଗ୍ରନ୍ଥକାର ହେଜଚନ୍ଦ୍ର, ଗୌଡ଼ୀୟ ମଠର ଜଣେ ମହାପଣ୍ଡିତ, ନେତା । ସେ ପୁଣି ଅମେରିକା ପ୍ରଭୃତିରେ ସୁପରିଚିତ । ତାଙ୍କ ପରିଚିତ

Digitized by srujanika@gmail.com

ନାମ ଦେଇଛନ୍ତି, 'ବୈଦଣ୍ଡୀ-ଭକ୍ତ-ତତ୍ତ୍ୱପ୍ରକାଶ-ଗ୍ରନ୍ଥ' । ଜାଣି ଶୁଣି ମିଥ୍ୟା ତଥ୍ୟକୁ ଲେଖି ସତ୍ୟ ବନାଇବାର ଗୋଟିଏ ଅଚାଟ୍ୟ ଉଦାହରଣ ଦେଇଛନ୍ତି, ଏହି ଗ୍ରନ୍ଥଟି । ବେଶୀ ଉଦାହରଣ ଦେଲେ, ପାଠକଙ୍କର ଧୈର୍ଯ୍ୟ ବିଚ୍ୟୁତ ଘଟି ପାରେ । ଏତ ଗ୍ରନ୍ଥିରୁ ଗୋଟିଏ ଛପିଲ ତଥ ମୁଁ ଏଠି ଗୋଟିଏ ମାତ୍ର ଉଦାହରଣ ଦେଉଛି । ତାହା ଏହି—ଲେଖାଅଛି, ଚୈତନ୍ୟ ଜନ୍ମହେଲା ମାତ୍ରେ, ନିଜ ମାଆଙ୍କୁ ଶଙ୍ଖ, ଚକ୍ର, ଗଦା, ପଦ୍ମ, ଧରିଥିବା ନିଜର ଚତୁର୍ଭୁଜ-ବିଷ୍ଣୁ ରୂପ ଦେଖାଇ ଦେଲେ । ଚୈତନ୍ୟ ନିଶ୍ଚୟ ଗୋଟାଏ ପିଲାଟିଏ ଥିବେ । ବିଷ୍ଣୁ ତ ନା । ଚତୁର୍ଭୁଜ ରୂପ ଦେଖାଇଲା ବେଳେ ସେ ନିଶ୍ଚୟ ବଡ଼ ହୋଇ ଯାଇଥିବେ । କିନ୍ତୁ ସେ କଥା ଲେଖା ନାହିଁ । ସାରା ଜୀବନଯାକ ଦରକାର ଅନୁସାରେ ସେ ସଙ୍ଗୀ, ଶିଷ୍ୟ, ସମସ୍ତଙ୍କୁ ଏଇପରି ଚତୁର୍ଭୁଜ ବିଷ୍ଣୁ ରୂପ ଥରକୁଥର ଦେଖାଇବା କଥା ସେ ପୁସ୍ତକରେ ଅଛି । ମାଆ ସେ ରୂପ ଦେଖି ମଧ୍ୟ ସଙ୍ଗେ ସଙ୍ଗେ ପୁଅର ଦାଣ୍ଡରେ ଦଣ୍ଡେ ବିଳମ୍ବ ହୋଇଗଲେ କାନ୍ଦି ବସୁଛି । ସାଙ୍ଗ ସୁଖକୁ ମଧ୍ୟ ସେଇପରି ଥରେ ଚତୁର୍ଭୁଜ ରୂପ ଦେଖାଇଲେ, ଅଉଥରେ ଦେଖାଇବା ଦରକାର ପଡ଼ୁଛି । ପୁସ୍ତକଟି ପଢ଼ିଲେ ମନେ ହେଉଛି, ଚୈତନ୍ୟଙ୍କର ଏଇପରି ଅଦ୍ଭୁତ କିମ୍ବା ଓ ରୂପ ଦେଖାଇ ମନାଇବା ଛଡ଼ା ଯେପରି କି ଅନ୍ୟ କୌଣସି ଜ୍ଞାନ ବା ଗୁଣ ନାହିଁ । ସେତିକି ନ ଦେଖାଇ ଥିଲେ, ଯେପରିକି, ଚୈତନ୍ୟଙ୍କୁ କେହି ଖାତିର କରି ନ ଥାନ୍ତେ—ମାନିବା, ଭକ୍ତି କରିବା ତ ଦୂରର କଥା । ଭଲ ଏଠି ଯେ କୌଣସି ଲୋକ ତ ପଚାରିପାରେ—'ବୈଦଣ୍ଡୀ-ଭକ୍ତ-ତତ୍ତ୍ୱ-ପ୍ରକାଶ-ଗ୍ରନ୍ଥ'ର ଅଜ୍ଞାତ ଲେଖକ, ସେ ଚୈତନ୍ୟଙ୍କ ସଂବନ୍ଧରେ ଏସବୁ 'ତଥ୍ୟ' ପାଇଲେ କୁଆଡ଼ୁ ? କିନ୍ତୁ କିଛି ଉଠାଇ ଘର ଲେଖିବା ଛଡ଼ା ଏ କ୍ଷେତ୍ରରେ ତାଙ୍କର ଆଉ କ'ଣ

Digitized by srujanika@gmail.com

ସାଧନ ପନ୍ଥା ? ସମସ୍ତ ତତ୍ତ୍ୱ ସ୍ୱୀକାର କରି ଓ ସମସ୍ତ ନସ୍ୟ କରି-
ପାଞ୍ଚହେବୁ ଅଧିକ ପୃଷ୍ଠା ବ୍ୟାପୀ ସେ ପ୍ରସ୍ତାବଟି ମୁଁ ପଢ଼ିଥିଲି ।
ପରିବାର ଅନୁସନ୍ଧାନରେ ଜାଣିଲି, ପ୍ରସ୍ତାବ ପ୍ରଣେତା 'ନିଦଣ୍ଡୀ-
ଭକ୍ତ-ଭକ୍ତି-ଚୈତନ୍ୟ-ତୀର୍ଥ' ପ୍ରଭୁ ଗୌଡ଼ୀୟ ମଠର ଅଧିପତି ।
କୌତୂହଳଗ୍ରସ୍ତ ହୋଇ ମୁଁ ତାଙ୍କୁ ଥରେ ଦେଖିବାକୁ ଗଲି ।
ବାଟରେ ତାଙ୍କର ଜଣେ ଶିଷ୍ୟଙ୍କୁ ଅକସ୍ମାତ୍ ଦେଖି ପଚାରି
ଜାଣିଲି, ସେ ଭୁବନେଶ୍ୱର ଠାରୁ କଲିକତା ଫେରିଯାଉଛନ୍ତି ।
ଶିଷ୍ୟଟି ମୋ ଉଦ୍ଦେଶ୍ୟ ଜାଣିଲେ ଓ ସନ୍ଦେହ ମୋଚନ
କରିବାକୁ ପ୍ରସ୍ତୁତ ହେଲେ । ମନେ ହେଲା, ମୋ ଭଳି ଗୋଟିଏ
ଲୋକକୁ ଓଡ଼ିଶାରେ ଗୌଡ଼ୀୟ ବୈଷ୍ଣବ କରିବାର ଆଶା ତାଙ୍କୁ
ଉତ୍ସାହିତ କରିଥିଲା । ବାର୍ତ୍ତାଳାପ, ଜଣାଗଲା ତାଙ୍କ ମତ ନୈଷ୍ଠିକ,
'ଚୈତନ୍ୟ ମହାପ୍ରଭୁ' ପ୍ରସ୍ତାବ ପଢ଼ି, ପୁଣି ତତ୍ପରେ ପ୍ରଣେତାଙ୍କ
ପରିଚୟ ପାଇ, ଶିଷ୍ୟ ନ ହୋଇ ଆଉ କଏ ବା କହିପାରେ ?
ମାତ୍ର ଗୋଟିଏ କଥା ସବୁଙ୍କୁ ସବୁଙ୍କୁ 'ତତ୍ତ୍ୱେପି ସନ୍ତୁଷ୍ଟ,' ବୋଲି
କହିହେଉଥିବା ବୈଷ୍ଣବଙ୍କ ନିଜ ମତାବଲମ୍ବୀର ଶ୍ରେଷ୍ଠତ୍ୱ
ପ୍ରକଟ କଲେ; ଶେଷକୁ ମୋ ପ୍ରଭୃତି ଜଣଙ୍କ 'ଅର୍ଜିତ' ବଂଶଧାର
ଅବିଶ୍ୱାସୀ ଧର୍ମଦ୍ରୋହୀ ପ୍ରଭୃତି ସମ୍ମାନ ପ୍ରତିଯୋଗ କରିବାର
ଅବସ୍ଥାକୁ ଗଲେ । କହିଲେ, ନିଦଣ୍ଡୀ...ତୀର୍ଥଙ୍କ ପ୍ରସ୍ତାବ ବାଟରୁ
ତାହାରୁ ଅନେକଙ୍କାରେ ଲକ୍ଷ ଲକ୍ଷ ବଙ୍ଗୀ ହୋଇ ଗଲେଣି । ଏ ଦେଶ
ଲୋକେ ଧର୍ମଜ୍ଞାନ ହରାଇ ସାରିଲେଣି । ଦେଶ ସ୍ୱାଧୀନ ହୋଇ
ଆଉ ଲାଭ କଣ ? ଇତ୍ୟାଦି । ଏଇଭଳି ଗୌଡ଼ୀୟ ବୈଷ୍ଣବଙ୍କ
ସଦ୍ୟ ଉପଯୁକ୍ତ ଦୃଷ୍ଟାନ୍ତ ପାଇଁ ଓଡ଼ିଆ ସାହିତ୍ୟର ଜନ୍ମଜିଜ୍ଞାସା
ପ୍ରଥମ ଭାଗ ପୃଷ୍ଠା ୨୧୮-୨୧୯ ଦେଖ । 'ଦାର୍ଢ୍ୟତା ଭକ୍ତି'
ହେତୁର, ଓଡ଼ିଆରେ ଗୌଡ଼ୀୟ ବୈଷ୍ଣବ ଗ୍ରନ୍ଥ—ଏହା ଏକପକ୍ଷ

Digitized by srujanika@gmail.com

ଦୃଷ୍ଟାନ୍ତରେ ପୂର୍ଣ୍ଣ (ଜଳ୍ପ ପ୍ରଥମ ଖଣ୍ଡ, ପୃଷ୍ଠା ୨୨୨ ଠାରୁ ଦେଖ)। ଏଠାରେ କହିବାର ଅଛି, ଏଇ 'ଚୈତନ୍ୟ ମହାପ୍ରଭୁ'ଙ୍କୁ ପୁସ୍ତକଟି ରେଭେନ୍‌ସା କଲେଜର ଜଣେ ଭଲ ଛାତ୍ରଙ୍କୁ ପୁରସ୍କାର ଦିଆ ହୋଇଥିଲା। ମୁଁ ପୁରସ୍କାର ବାଣ୍ଟିଲି ବେଳେ ସେଇ ପୁସ୍ତକଟି ଉପରେ ମୋ ଆଖି ପଡ଼ିଥିବାରୁ ମୁଁ ତାକୁ ଆଣି ପଢ଼ିଥିଲି। ପଢ଼ି ଜାଣି ଦୁଃଖିତ ହେଲି, ବେଚେଇ ଛାତ୍ରଙ୍କ ଭିତରେ ଏହା ଶାସ୍ତ୍ର ସବୁ ପଢ଼ିକି ପାଉଥିଲା!

ପାଲା

ସ୍ୱାଧୀନ ଓଡ଼ିଶାରେ, ଅର୍ଥାତ୍, ଚୈତନ୍ୟଙ୍କ ପର ଓଡ଼ିଶାରେ, ସହଜିଆ ବୈଷ୍ଣବଙ୍କ ଯୌନ-ସାଧନାର ପ୍ରଚାର ଓ ପଞ୍ଚସଖା ଯାହା-ହେଉ, ଜଣା ଓ ଶୁଣନରେ ଏକାନ୍ତ ଅମିଶା ନାମ ଓ ଭକ୍ତି-ଧର୍ମର ଏଇ ଅଦ୍ଭୁତ କିମ୍ବା ଖ୍ରାପଣ ପ୍ରଭାବ ବିସ୍ତାର କରିଛି। ଏଇ ପ୍ରଭାବର ଫଳସ୍ୱରୂପ 'ଦାର୍ଢ୍ୟତା ଭକ୍ତି' କଥା କୁହାଯାଇଛି। ତାପରେ, 'ପାଲା'। ପାଲାକଥା କହିବା ଦରକାର ନାହିଁ। ଏଥିରେ ସତ୍ୟପୀର ଶିରିଣି ଟିକଏ ଖାଇବା ପାଇଁ ଖାଲି ବୁଲୁଥାନ୍ତି। ସେଇଟିକୁ ନ ପାଇଲେ ଓ କେହି ସେ ଶିରିଣିକୁ ଅବମାନନା କଲେ ସବୁ ସରିଲା। ଲୋକର ଧନ ଧ୍ୱଂସ ହୁଏ, ରାଜ୍ୟ ଯାଏ, ପୁଅ ଝିଅ ମରିଯାନ୍ତି, ରାଜାରାଣୀ ମଧ୍ୟ ଖାଇବାକୁ ନ ପାଇ ଦାଣ୍ଡରେ ବୁଲନ୍ତି। ସେମାନେ ପୁଣି ଜାଣି ନ ଥାନ୍ତି, ଶିରିଣି ନ ମାନିବାରୁ 'ଏହା ହୋଇଛି' ବୋଲି ଜଣେ ସତ୍ୟପୀର ଆସି ସେ କଥା କହି ଦିଅନ୍ତି। ତା ଉତ୍ତାରୁ ଶିରିଣି ମାନି ଗଲେ, ସମସ୍ତ ପୁଣି ହୋଇଯାଏ, ବିଭବ ସମୃଦ୍ଧିରେ ଭରିଯାଏ। ମଲା ପୁଅଝିଏ ପୁଣି ବଞ୍ଚି ଉଠି ଫେରି ଆସନ୍ତି। ଏକଥା ବେଶି ଆଉ ବର୍ଣ୍ଣନା କରିବା ଦରକାର ନାହିଁ। ଓଡ଼ିଶାରେ ଏଇ ପାଲା ପ୍ରାୟ ଘରେ ଘରେ ପଢ଼ାଯାଉଛି। ପିଲଙ୍କ ପାଇଁ

Digitized by srujanika@gmail.com

ଏକ ଗାଳଠାରୁ ଷୋଳ ଗାଳ ପର୍ଯ୍ୟନ୍ତ ମାନସ କରିବା ଶିଷ୍ୟମାନଙ୍କ ଭିତରେ ବି ଚଳୁଛି। ଏଇ ଗାଳକୁ ଧରି ପୁଣି ପୂର୍ବେ ସ୍ୱାମୀ ମାନ ଓ କଳସା ଗୀତରେ ଚଳୁଥିବା ଗାନ୍ଧିଆ ଗୀତ ଅନୁକ୍ରମେ ଚିତ୍ରଗାଳ, ଢାଙ୍ଗୀଗାଳ ପ୍ରଭୃତି ରେଖାଏ ପ୍ରକାରରେ ଆମ ଗ୍ରାମ୍ୟ ସାହିତ୍ୟ ଓ ପୁରାଣ ପଦ୍ଧତିକୁ ବଂଶୀଭ ରଖିଛି ବୋଲି ମଧ୍ୟ କୁହା ଯାଇ ପାରେ।

## ଜିନାଥ ମେଳା

ତା ପରେ ଏଇଭଳି ମାନସ କରି ଉଛବା ଦର୍ଶମାନ ନୂଆ-ନୂଆ ନାଚ ବାହାରୁଛନ୍ତି। ଏଇପରି ଛଟକର ବହୁ-ଦୋକାନୀ ଖଦନ ସାହୁଙ୍କ ଏକର (ଖ୍ରୀ. ୧୯୦୨—୦୩ରେ ଲେଖା) ଜଦ୍ଲାବଦନ୍ଧ ଜିନାଥ ମେଳା ଟେଭ ଖେମୁଣ୍ଡିର ସ୍ୱର୍ଗତ କୃଷ୍ଣାମସ୍ତୁ ଦେବ, ସ୍ୱର୍ଗତ ପଣ୍ଡିତ ସୁଦର୍ଶନ ମିଶ୍ରଙ୍କୁ ଲଗାଇ ସଂସ୍କୃତ ଅନୁବାଦ କରି (ଖ୍ରୀ. ୧୯୧୩ ରେ) ପ୍ରାଚୀନ ପୁରାଣ ରୂପରେ ଛପାଇ ଥିବା କଥା ଅନେକେ ଜାଣିଥିବେ। ଏଇ ଜିନାଥ ମେଳାକୁ କୁଲି-ମାନେ ବଙ୍ଗଳାର ମୟମନ୍ସିଂ, ରଙ୍ଗପୁର ଓ ରେଙ୍ଗୁନ୍ ପର୍ଯ୍ୟନ୍ତ ମଧ୍ୟ ପ୍ରଚାର କରିଛନ୍ତି। ତାକୁଇ ଦେଖି ପଣ୍ଡିତ ଶଶୀ ଭୂଷଣଦାସ ଗୁପ୍ତ ବଙ୍ଗଳାର ନାଥ ଧର୍ମର ଗୋଟିଏ ଅତି ପ୍ରାଚୀନ ପ୍ରକାଶ ବୋଲି ନିଜ ଗବେଷଣାର ଫଳରୂପେ ପ୍ରମାଣିକ ଗ୍ରନ୍ଥରେ ପ୍ରକାଶ କରିଛନ୍ତି। ( 'Obscure Religious Cults' by Sasibhusan Dasgupta, P. 231.—Note. 1 )

## ଅଦ୍ଭୁତଗାଛି

ଏବେ ଖ୍ରୀ. ୧୯୫୦ରେ ଉଦ୍ରଗର 'ଗୋପିନାଥଚୈଦ'କୁ 'ଅଦ୍ଭୁତଗାଛ' ବୋଲି ଖଣ୍ଡେ ପୁସ୍ତକ ବାହାରିଛି। ମତେ ସେଇ ପୁସ୍ତକ ଖଣ୍ଡେ ମିଳିଛି, ସେଥିରେ ପ୍ରଥମ ମଲାଟ ଉପରେ ନାଇଁ।

Digitized by srujanika@gmail.com

ତେଣୁ ସେଥିରେ ଲେଖକଙ୍କ ନାମଟି ନାଇ । ଏ ପୁସ୍ତକର ପ୍ରକାଶକ ହେମଚନ୍ଦ୍ର, ଏନ୍, ମହାପାତ୍ର ( N. Mahapatra ) । ଏ ଗ୍ରନ୍ଥ, 'ଗାଲ୍', 'ଜିନାଥମେଳା', ଏପରି କି, 'ଚୈତନ୍ୟ ମହାପ୍ରଭୁ' ପୁସ୍ତକ-ମାନଙ୍କୁ ବଳି ଯାଇଛି । ଗାନ୍ଧିଜୀ (ମୋହନଦାସ କରମ୍‌ଚନ୍ଦ ଗାନ୍ଧି) ଥରେ ଦକ୍ଷିଣ ଅଫ୍ରିକାର ଗୋଟିଏ ରାଜ୍ୟର ଲୋକଙ୍କୁ ସ୍ୱାଧୀନ କରି ଦେଇ ଯିବାକୁ ଅନୁରୁଦ୍ଧ ହେବାରୁ, ତାଙ୍କୁ କହିଲେ, 'ତମେ ସବୁ ରାଜ୍ୟ ଛାଡ଼ି ଦେଇ, ସମୁଦ୍ର ଭିତରେ ଅମୁକ ଦ୍ୱୀପକୁ ଚାଲିଯାଅ' । ସେମାନେ ଯିବେ କିପରି ? ସେଠାରୁ ଗାନ୍ଧିଜୀ ଗୋଟିଏ ବାଘ ହୋଇଗଲେ । ଲୋକେ ଚାଲିଗଲା ପରେ ପୁଣି ସେ ମନୁଷ୍ୟ ହୋଇଯାଇ, ତାଙ୍କ ରାଜାଙ୍କୁ ଡକାଇ ସେ ରାଜ୍ୟକୁ ସ୍ୱାଧୀନ କଲେ । ତା ପରେ ଠାଏ ଗାନ୍ଧିଙ୍କ ନାମରେ ମନୁଷ୍ୟ ଘୁଷୁରି ପାଲ-ଟିଲା; ଗାନ୍ଧିଙ୍କ ନାମରେ କାଲରୁ ଯୋକ ଛାଡ଼ିଲା; ଗାନ୍ଧିଙ୍କ ନାମରେ କଲତରେ ଆମ୍ବଗଛ ହୋଇ, ସେଥିରେ ଆମ୍ବ ଫଳିଲା; ଗାନ୍ଧିଙ୍କ ନାମରେ ଚୋରି ଜିନିଷ ଫେରି ଆସିଲା; ଗାନ୍ଧିଙ୍କ ଫଟୋ ନାଆଁରେ ଘୋଡ଼ଲ ନାଇ; ଗାନ୍ଧିଙ୍କୁ 'ଶିରଣି' ଯାଚି ବିପଦରୁ ମୁକ୍ତି ପାଇଲା ଓ ଶିରଣି ଭୋଗ ଦେଲା; ଗାନ୍ଧିଙ୍କ ନାମରେ ଅପୁତ୍ରିକର ପୁତ୍ର ପ୍ରାପ୍ତି; ଗାନ୍ଧିଙ୍କ ନାମରେ ହଜିଲା ବଳଦ ମିଳିଲା; ଗାନ୍ଧିଙ୍କ ନାମରେ ମଲା ଛେଳି ବଞ୍ଚିଲା ପ୍ରଭୃତି ଗଳ୍ପମାନ ଏଥିରେ ସତ୍ୟ ବୋଲି ପ୍ରମାଣ ସହ ଲେଖା ହୋଇଛି । ହୁଏତ ଏଇ ଭଳି ଗାଁଆମାନଙ୍କରେ କୁଆଡ଼େ ଗାନ୍ଧିଙ୍କୁ ଏଇପରି 'ଶିରଣି' ମାନସ କରା ହେଉଥିବ ।

ସେବକ 'ସାଂକାର' ନାମକ ବଲାଙ୍ଗିର ପୃଥ୍ୱୀରାଜ ହାଇସ୍କୁଲରୁ ପ୍ରକାଶିତ ମାସିକର ପ୍ରଥମ ବର୍ଷ, ଦ୍ୱିତୀୟ ସଂଖ୍ୟା, (୧୯୫୨ ମାର୍ଗଶିର)ରେ ପ୍ରଥମ ପ୍ରବନ୍ଧଟି ହେଉଛି, 'ଗାନ୍ଧି ଓ କୃଷ୍ଣ' । ସେଥିରେ ଗାନ୍ଧିଙ୍କୁ କୃଷ୍ଣଙ୍କ ପରି ଏକ ଅବତାର ବୋଲି ପ୍ରମାଣ କରା ଯାଇଛି ।

Digitized by srujanika@gmail.com

ସେ ସବୁର ଉଜ୍ଜ୍ୱଳଧାରକ ଓ ସମ୍ପାଦକମାନେ ପୁଣି ହେଉଛନ୍ତି, ହାଇସ୍କୁଲ ଶିକ୍ଷକ, M.A., D Ed ଓ B.A., D. Edମାନେ ।

ଓଡ଼ିଆଙ୍କ ଭିତରେ ଅବତାର

ସ୍ୱଳ୍ପଶିକ୍ଷିତ ଘୋର ସମ୍ପ୍ରଧାୟିକତାର ଏ ଶେଷଗ୍ରସ୍ତ ଓଡ଼ିଶାରେ ଶୁଦ୍ଧ ଦେଖା ଦେଇଛି । କେବଳ ବାହାରୁ ଅବତାର ଓ ମହାପୁରୁଷ ଆସି ଶିକ୍ଷାର ଆତ୍ମସମର୍ପଣରେ 'ଗୁରୁ'ର ଦରବାରରେ ଯେ ଗ୍ରହଣ କରୁଛନ୍ତି, ସେତିକି ନୁହେଁ । ପ୍ରାୟ କୋଡ଼ିଏବର୍ଷ ହେଲା ଅନୁକୂଳର 'ରତ୍ନଚେଇନ୍'ରେ ନେପାଳ ବାବା ବାହାରି ସାରା ଭାରତରେ ଚମକ ଓ ଓଡ଼ିଶାରେ ମହାମାୟା ସଜାଇ ଦେଇଥିଲେ । ଏବେ ସେ ଦଳ 'ଧ୍ରୁବବାବା' ବୋଲି ଜଣେ ପୁଅ ଜନ୍ମାଇ ନାନା ସ୍ଥାନରେ ଯଜ୍ଞ ସାରି କଟକର ଗୋପାଳଜୀ ମଠରେ କୁଆଡ଼େ 'ମୁକ୍ତିର ମାର୍ଗ' ବିଷୟରେ ବକ୍ତୃତା ଦେବେ ବୋଲି ବିଜ୍ଞାପନ ବାହାରିଥିଲା । ଓଡ଼ିଶାର ପତ୍ରିକାମାନଙ୍କରେ ଏଇସବୁ ଦେଖିବେ ମିଳିବେ । କଳା ଦର୍ପଣରେ ଛାଇମ ଲଗାଇ ଭକ୍ତ ଭୁଲାଇଥିବା 'ବାବା'ଙ୍କ କଥା ଲୁହା ଯାଇଛି । ସେ ଏବେ କଣ୍ଠିଚନ୍ତି କି ନା, ମୁଁ କହି ପାରିବି ନାହିଁ । କିନ୍ତୁ ତାଙ୍କ ସଂଗୀ, ଶିଷ୍ୟାଦି ଏବେ, କଟକ ସହର ପାଖ 'କାଳିଆବୋଦା'ରେ ସେଇଭଳି କାମରେ ଲାଗିଚନ୍ତି । ମୋର ଜଣେ ଭାଇବନ୍ଧୁ ସମସ୍ତ ସମାଜ ସଂସ୍କାର କାର୍ଯ୍ୟଠାରୁ, କଂଗ୍ରେସରୁ ସ୍ୱାଧୀନତା ଲଢ଼େଇରେ ପର୍ଯ୍ୟନ୍ତ ମୋ ସମଦର୍ଶୀ ଓ ସହଚର, ସେଇ ଗୁରୁ ବା ଅବତାରମାନଙ୍କ ପାଖକୁ ଗୋଟାଏ ବେଳେ ଶୁଖୁଆ 'ଦର୍ଶନ'ଦେଇ ଶିଷ୍ୟ କରିବାକୁ ଯାଉଥିଲେ । ମତେ ଦେଖି ସେ ଅବଶ୍ୟ ଟିକିଏ ସଙ୍କୁଚିତ ହୋଇଗଲେ । କିନ୍ତୁ ପରେ ମୁଁ ଶୁଣିଲି, ହୁଏତ ମତେ ଶୁଣାଇ କହିଲାଇବା ଆଶା ଓ ଉଦ୍ଦେଶ୍ୟରେ ସେ କହୁଥିଲେ, "ଅମୁକ ଡାକ୍ତର, ଅମୁକ ଓକିଲ,

Digitized by srujanika@gmail.com

(ଏହିପରି ଶତାଧିକ ଶିଷ୍ୟ ପ୍ରତିଷ୍ଠିତ ଲୋକଙ୍କ ନାମଧରି ସେ କହନ୍ତି) ପ୍ରକୃତ ଏମାନେ କଅଣ ବୁଝିପାରୁ ନାହାନ୍ତି ? ଏମାନେ ଏଇ 'ବାବାଙ୍କୁ' ଭକ୍ତି ଘରଦ୍ୱାର ପିଲାମାଇପ, ଏ ସବୁକ, ରୋଜଗାର ସମ୍ପତ୍ତି ସବୁ ଛାଡ଼ି ଦେଇଛନ୍ତି । ଏଇବର୍ଷ ରଥ ଯାତ୍ରା ବେଳେ ମୁଁ ନିଜେ ଦେଖିଛି । ଶିଷ୍ୟଙ୍କ ଭିତରେ ଜଣେ ରଜାଙ୍କୁ ବନ୍ଦି ହୋଇ-ଥିଲା, ସେ ଅଛି 'ହେଜ୍ୱପଦସ' କଲେ, 'ବାବା' ରଥରୁ 'ପହଣ୍ଡି ବିଜେ' ହେବେ । ସ୍ୱଳ-ଶିଷ୍ୟଙ୍କର ଅସିବାରେ ଜ୍ଜୁର ଚଢ଼ିଲ । ବାବା କୋଧରେ ଜଳିଗଲେ, ତାଙ୍କ ଅଖିରୁ ଗାଲି ନିଅାଁ ବାହାରିଲା । ହେ ସ୍ୱଳ-ଶିଷ୍ୟଙ୍କର କଅଣ ହୋଇଥାନ୍ତା କେଜାଣି ? ସେତିକି ବେଳକୁ ସେ କୁଅଡ଼ୁ ଅସି ସର୍ବଶରୀର ସାଷ୍ଟାଂଗହୋଇ ବାବାଙ୍କ ପାଦତଳେ ପଡ଼ିଗଲେ । ବାବା ସେଠାରୁ ତାଙ୍କୁ ଅଳ୍ପକରୁ ନ ଦେଖି, ପହଣ୍ଡିବିଜେ ହେବାକୁ ଅପେକ୍ଷା ନ କରି ଡଗ ଡଗ ହୋଇ ଚାଲିଗଲେ, ରଥରେ ବସିଲେ । ରଥ ମନକୁ ଚାଲିଲା, କେହି ଟାଣି ନାହାନ୍ତି; ଖାଲି କେତେ ଜଣ ଭଗତ ରଥ ଦଉଡ଼ି ଛୁଇଁ ସାଙ୍ଗେ ସାଙ୍ଗେ ଚାଲି ଥାଅନ୍ତି ମାତ୍ର । ଏ ମହିମା ଯେ ଦେଖିଛି, ସେ ଜାଣେ । ଏପରି ସ୍ଥଳରେ ଅଉ ଉତ୍ତର କଅଣ ଅଛି ?

ପାଦ୍ରୀ ସାହିତ୍ୟ

ଏ ମଧ୍ୟରେ ଇଉରୋପୀୟମାନଙ୍କ ଖ୍ରୀଷ୍ଟାନ ସାହିତ୍ୟର କଥା କିଛି ବିଶାଳ ସୃଷ୍ଟି ହୋଇ ଯାଇଛି । ଖ୍ରୀଷ୍ଟ ପଞ୍ଚଦଶ ଶତକ ଆରମ୍ଭରୁ, ପର୍ତ୍ତୁଗୀଜମାନଙ୍କ ଆଗମନ କାଳରୁ, ଏହା ଭାରତ ଦ୍ୱାରରେ ଧକ୍କା ଦେଇଛି ଓ ଅଳ୍ପାଏ ଭାରତ ସାହିତ୍ୟଙ୍କରେ ଏହାର ସଂସ୍ପର୍ଶ ଲାଗି ରହିଛି । ପ୍ରଥମେ ପଶ୍ଚିମଭାରତରେ କେଣ୍ଡ୍ରା ମୁହାଁରେ ଓ ଆପର ଯୁଗରେ ବଂଗ, ମାନ୍ଦ୍ରାଜ ପ୍ରଭୃତିରେ ନାନା ପ୍ରକାରରେ ଚାଲିଲା, ସବୁ ସାହିତ୍ୟରେ ଖ୍ରୀଷ୍ଟାନ ପ୍ରଭୁ ଯିଶୁଙ୍କର ଖବର

Digitized by srujanika@gmail.com

ଉଦ୍ୟମ କରି ଯାଇଛି । ପଶ୍ଚିମରେ ଭାରତ ସାହିତ୍ୟକୁ ପରିଚିତ କରାଇବାରେ ଇଂରେଜମାନେ ବାଟ ଫିଟାଇ ଥିଲେ ଓ ସେତେବେଳେ ପାଶ୍ଚାତ୍ୟଜଗତରେ କଲ୍‌ବ୍ରୁକ ଏବଂ କଟେଲଙ୍କ ପରି ମହାମନସ୍ୱୀମାନେ ଭାରତ ସାହିତ୍ୟର ଅନନ୍ୟସାଧାରଣ ସେବା କରିଛନ୍ତି । ଏ ସବୁ ସତ୍ତ୍ୱେ ଭାରତ ସାହିତ୍ୟରେ ସ୍ପଷ୍ଟ ଜଣା ପଡ଼ିବାଭଳି ଖ୍ରୀଷ୍ଟଭକ୍ତିର ସ୍ତର ଫିଟି ନାଇ । ଏହାର ଅନେକ କାରଣ ଥାଇପାରେ । ପ୍ରଥମ କଥା, ଇଂରେଜମାନେ ଭାରତରେ ସାମ୍ରାଜ୍ୟବାଦ ଭାରତ ଭିତରେ ପଶି ପ୍ରଥମେ ଇହୁଦୀମାନେ ହିଦେନ ବା ଇହୁଦୀତରମାନଙ୍କୁ ଘୃଣା କଲାପରି ଭାରତୀୟଙ୍କୁ ଘୃଣା କରୁଥିଲେ । ଏପରି କି, କଳା, ଗୋରା ପାଦ୍ରୀଙ୍କ ଭିତରେ ବି ସାଧାରଣତଃ ଏଇ ପ୍ରବୃତ୍ତି ଥିଲା । ପାଦ୍ରୀମାନେ ଇଢର ବିଶେଷ ଗୋରା ଶାସକଙ୍କ ପାର୍ଶ୍ୱବର୍ତ୍ତୀ ଥିଲେ ଓ ତାଙ୍କ ପ୍ରଭାବରେ ପ୍ରଭାବାନ୍ୱିତ ଥିଲେ । ପୁଣି ପାଦ୍ରୀଙ୍କ ଚାଲିଚଳଣିରେ ଏଦେଶୀ ଲୋକଙ୍କୁ ଚମକାଇ ଦେବାଭଳି ତ୍ୟାଗ ବା ତପସ୍ୟା ଦେବାଭଳି ମହାନତା ନ ଥିଲା । ଅ[illegible] ମୁଖ୍ୟ ଉଚ୍ଚଶ୍ରେଣୀୟଙ୍କର ଭାରତ ସାହିତ୍ୟ ପ୍ରତି ଶ୍ରଦ୍ଧା ଓ ସମ୍ମାନ; ଉଚ୍ଚଶ୍ରେଣୀୟ ଜାତୀୟତାର ପ୍ରଭାବରେ ଭାରତୀୟର ଉଦ୍‌ବୋଧନ ଓ ସ୍ଫୂର୍ତ୍ତି; ତା ଉପରେ ଧର୍ମରେ ମଧ୍ୟ ଦୟାନନ୍ଦ ଓ ରାମମୋହନ ପ୍ରଭୃତିଙ୍କ ଆବିର୍ଭାବ ଓ ଧର୍ମଭାବରେ ଦେଶୀ ଚୈତନ୍ୟଙ୍କ ଉଦ୍ରେକ; ସେଥିରେ ଇଂରେଜଙ୍କ ସଂକୋଚ ଓ ଦମନ ପ୍ରଭୃତି ନାନା କାରଣରୁ ଏ ଦେଶରେ ପାଦ୍ରୀ-ସାହିତ୍ୟ ବୋଲି ସ୍ୱତନ୍ତ୍ର ଲୋକସାହିତ୍ୟ ସୃଷ୍ଟି ନ ଥିଲା । ଏ ଦେଶକୁ ଛାପାଖାନା ଆଣି ସେ ସୂତ୍ରରେ ସାହିତ୍ୟ ପ୍ରସ୍ତୁତ କରିଥିଲେ, ପାଦ୍ରୀମାନେ; ଦେଶୀ ଭାଷାର ବ୍ୟାକରଣ ଓ ପ୍ରଥମ ପାଠ୍ୟ ପୁସ୍ତକ ଲେଖିଥିଲେ ସେଇମାନେ, ପ୍ରଥମରୁ ଶିକ୍ଷା ଅଭ୍ୟାସ ସେଇମାନଙ୍କ ପୃଷ୍ଠପୋଷକତାରେ ବଢ଼ିଥିଲା । କିନ୍ତୁ ଏଥିରୁ

Digitized by srujanika@gmail.com

ସଙ୍ଘ ପ୍ରତ୍ୟାଶିତ ଫଳଟି ଫଳି ନ ଥିଲା । ସାଧୁ ସୁନ୍ଦର ଦାସଙ୍କ କଥା ଶୁଣାଯାଏ । ଓଡ଼ିଶାର ପ୍ରଥମ ଇଂରେଜ ଯୁଗରେ ସେ କଟକପାଖ 'କୁଜବର' ( ଚଉଦ୍ୱାର ) ର ଜଣେ ସାଧକ-ସାଧୁ ଥିଲେ ଓ ଖ୍ରୀଷ୍ଟ-ଧର୍ମକୁ ଢେର୍ ଆଦର ଓ ସମ୍ମାନ ଦେଖାଉ ଥିଲେ ବୋଲି ଶୁଣାଯାଏ । ମାତ୍ର ସୁନ୍ଦର ଦାସଙ୍କ ପ୍ରକାଶିତ ଜୀବନୀରୁ ଜଣାଯାଏ, ଏକଆଡ଼େ ସେ ଓଡ଼ିଶାର ଚିରନ୍ତନ ସଂସ୍କୃତିକୁ ଦୃଢ଼ଭାବରେ ଧରି ରହି ନ ଥିଲେ, ଅନ୍ୟଆଡ଼େ ଗୋରା ପାଦ୍ରୀମାନେ ତାଙ୍କୁ ଯଥା ସମ୍ମାନରେ ଗ୍ରହଣ ନ କରି, ବଡ଼ ସାନକୁ ଚିଠି ଗୁଡ଼ାଇଲା ପରି ଟିକିଏ ଅନୁଗ୍ରହ ଦେଖାଇବାର ଭାବ ଦେଖାଉ ଥିଲେ । ଏ ସବୁର କାରଣ ଅନୁ-ସଂଧାନ ଓ ବିସ୍ତର କହିବାର ଅବକାଶ ଏଠି ନାହିଁ । ଏତକ କହି-ବାର କଥା, ପାଦ୍ରୀ-ସାହିତ୍ୟର କୌଣସି ସ୍ପଷ୍ଟ ଛାପ ହେବା ଭଳି କିଛି ଓଡ଼ିଆ ସାହିତ୍ୟ ବା ସଂସ୍କୃତିରେ ପଡ଼ିନାହିଁ । ଅବଶ୍ୟ ଇଂରେଜ ଯୁଗରେ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ ସ୍ୱତନ୍ତ୍ର କଥା । ତା ଏଠି ବିଚାର କରାଯାଉ ନାହିଁ । ହେଲେହେଁ ଏହି ଇଂରେଜ କାଳ ଭିତରେ ଧର୍ମର ଗୋଟିଏ ପ୍ରକାର ପ୍ରକାଶ ଓ ତାର ପ୍ରଭାବ କହି ଏ ଭାଗ ଶେଷ କରାଯିବ ।

## ମହିମାଧର୍ମ

ଏହା ହେଉଛି, ମହିମା ଧର୍ମ । ପ୍ରସଂଗାନ୍ତରରେ, ଏହା ସୂଚିତ ହୋଇଛି ( ପୂର୍ବେ ପୃଷ୍ଠା ୩୬୮ ଦେଖ ) । ଏଠି ପୂର୍ବାପର ସଂଗତ ସଂକ୍ଷେପରେ ତାର ଭକ୍ତିର ମିଥ୍ୟା ପ୍ରଚାରଟି କହି ଦେବାକୁ ହେବ । ବିଂଶତ ସିଂହାବଲୋକନରେ ଏଟି ଦେଖି ନେବାର ଅଛି, ବୈଦିକଯୁଗ ପର୍ଯ୍ୟନ୍ତ ଓଡ଼ିଶାର ସଂସ୍କୃତି ନିଜର ବ୍ରହ୍ମଚର୍ଯ୍ୟ ମୂଳକ ସାଧନା ଓ ଜଗନ୍ନାଥ-ନିବନ୍ଧ ବିଶ୍ୱର ବିଶାଳ ଧାରଣା ଓ ଧର୍ମ ଦୃଷ୍ଟିରେ ଟିକି ଥିଲା । ଅନ୍ତତଃ ଟିକି ନ ଥିବାର ଅନୁମାନ କରିବା ଭଳି କୌଣସି ପ୍ରମାଣ ନାହିଁ । ଆଜି ଗୋଟିଏ ଐତିହାସିକ ଉପା-ଦାନ ଏଠାରେ ହେଉଛି, ଓଡ଼ିଶାର ସମୁଦ୍ରପାରରେ ସୁବିଶାଳ

Digitized by srujanika@gmail.com

ସଂସର୍ଗ । ସେ ଅଧ୍ୟାୟଟି ଆମ ସଂସ୍କୃତି-ବିସ୍ତାରକୁ ଆସି ନାହିଁ । କିନ୍ତୁ ସେ ସବୁର ସଂକେତ ଓ ସାଧନ ଖୋଜି ତାଙ୍କୁ ସଂସ୍କୃତି-ବିସ୍ତାରକୁ ଆଣିବାକୁ ହେବ । ଏଠି ଏତିକି କୁହାଯାଇପାରେ, ସେ ଭଣାଇ ଆଦାନ ପ୍ରଦାନର ମାନବ ସଂସର୍ଗ ପରେ ଓଡ଼ିଆର ଭାବରାଜ୍ୟରେ ସଂକୋଚ ଆସିଥିବ । ତାପରେ କୋଣକ କେଶରୀଙ୍କ ଶୈବଧର୍ମ । ଏଥିରେ ସ୍ପଷ୍ଟ ଭାବରେ ଦେଖା ପଡ଼ି ନାହାନ୍ତି । ମାତ୍ର ବଙ୍ଗଆଡ଼ୁ ସଂସ୍କୃତିର ଧାରା ଅନ୍ୟ ଭାବରେ ବହୁଥିବାର ନିଦର୍ଶନ ମିଳେ । ଭୌମବଂଶ ଓ ଲେଖମାନଙ୍କର କାବ୍ୟ-କଳା ଦେଖିଲେ ମନେହୁଏ, ଗୌଡ଼ୀୟ ରୀତିର ପ୍ରଭାବ ସେଥିରେ ଖୁବ୍ ପଡ଼ିଥିଲା । ତେଣୁ ହୁଏତ କୋଣକ କେଶରୀଙ୍କ ଶେଷ ଅବଧି କିଂବା ଦେବ-ଦାସୀ ଓ ବହୁ-ଦାସ-ସେବିତ ଗଙ୍ଗସମ୍ରାଟମାନଙ୍କ କାଳରୁ ଜଗନ୍ନାଥର ନିର୍ମଳ ସଂସ୍କୃତିରେ ଲାଗିଛି ମିଥ୍ୟାର ପୀଡ଼ା । ଏତକ-ବେଳେ ସଂସ୍କୃତ ଅଳଙ୍କାର ଶାସ୍ତ୍ରର ଅତିପ୍ରକାଶ ଓ ତାହାଁ ସଙ୍ଗେ କର୍ଣ୍ଣାଟୀ ସଙ୍ଗୀତକୁ ଧରି ହୋଇଥିଲା, ଘନ ସାହିତ୍ୟର ଅଦ ବକାଶ । କପିଳେନ୍ଦ୍ରଙ୍କ ସମୟରେ ଏହି ପୀଡ଼ାର ଶାକ୍ତପ୍ରାବଲ୍ୟ ସେ ଅନୁଷ୍ଠାନର ମହାପ୍ରକାଶମୟ ଉଦ୍ଭେଦ । ତାହା କେବଳ ଶିଳ୍ପରେ ଫୁଟିଥିଲା; ଅନ୍ୟଥା ଜଗନ୍ନାଥ ଧର୍ମକୁ ଏହା ବିଶେଷ କଳଙ୍କିତ କରି ନ ଥିଲା । ଶ୍ରୀବୈଷ୍ଣବର 'ପ୍ରପତ୍ତି' ବା 'ଉପାସ୍ୟେ ପରାନୁରକ୍ତିଃ' ଅଥବା କୃଷ୍ଣଙ୍କଠାରେ ସଂପୂର୍ଣ୍ଣ ଆତ୍ମଦାନ ଓ ତା ସଂଗେ ସଂଗେ ସହଜିଆ ଜୟଦେବଙ୍କ 'ଗୀତଗୋବିନ୍ଦ'ର 'ମାହାରୀ-ଗୀତ', ଓଡ଼ିଆ ସାହିତ୍ୟକୁ ସ୍ପଷ୍ଟ ପ୍ରଭାବିତ କରିବା ଭଳି ଶକ୍ତିକୁ ଅସ୍ୱୀକାର ନ ଥିଲା । ସାରଳା ସାହିତ୍ୟର ନବ ଜାଗରଣ ପରେ ବର୍ଣ୍ଣ ପର୍ଯ୍ୟବସିତ ଯାଇଛି କି ନାଇ, ଚୈତନ୍ୟ ଆସି ସମସ୍ତ ସାମ୍ରାଜ୍ୟ ଓ ସାହିତ୍ୟକୁ ଗୌଡ଼ୀୟ ବୈଷ୍ଣବଙ୍କ 'ଅନୁରାଗ-ରସ'ରେ ଭସାଇ

Digitized by srujanika@gmail.com

ଦେଲେ । ଏତିକବେଳେ ଓଡ଼ିଆ ପଞ୍ଚସଖା ଓ ତାଂକ ସଂଗୀ, ସହଚରମାନେ ବ୍ରତୀ ହେଇ ଓଡ଼ିଆଙ୍କ ନିଜ ଧର୍ମ, ଚୈତନ୍ୟ ଧର୍ମର ଯଥାର୍ଥ ପ୍ରକାଶ ବୋଲି ଅର୍ଥ କରି, ସନ୍ଧ୍ୟାରୁ ଅର୍ଥରେ ଲଗାଇବାର ଘୋର ଉଦ୍ୟମ କଲେ । ଜଗନ୍ନାଥଙ୍କରେ ଚୈତନ୍ୟ ଦେଖିଲେ, ଅଭିରମାନଙ୍କ ସ୍ନେହବନ ଦେଉଥିବା କୃଷ୍ଣ । ପଞ୍ଚସଖା କହିଲେ,'ନା, ତାହା ନୁହେଁ । ହେବ ନୁହେ—ରାଧାକୃଷ୍ଣ ଗୋଟିଏ । ଜଗନ୍ନାଥଙ୍କୁ ଦେଖିଲେ,ଦେଖାପାଇବ,ଏଗ ଶୀ ବା ରାଧ କୃଷ୍ଣ । ରାଧା ହେଉଚନ୍ତି, ଶୂନ୍ୟ ବା ବ୍ରହ୍ମର ପ୍ରକାଶମୟ ଶକ୍ତିରୂପ ।' ଏସବୁ ଅର୍ଥ, କବୀର ପ୍ରଭୃତିଙ୍କ ବଚନରେ ଆମ ଦେଶ ପଣ୍ଡିତମାନେ ଝୁରି ଖୋଜି ବାହସ୍ଫୋଟ ମଧ୍ୟ କରନ୍ତି । କିଂନ୍ତୁ ପଥାର୍ଥରେ ଏଥିରେ ବାହସ୍ଫୋଟ କରିବାର କିଛି ନାଇ । ଏ ହେଉଛି, ଜଗତର ଅଖାଡୋଣି । ଭାରତ ବାୟୁମଣ୍ଡଳରେ ଦର୍ଶନତତ୍ତ୍ୱର କଥାଗୁଡ଼ାକ ଉଡ଼ୁଥିଲା । ସେଥିରୁ ବୁଝି, ଅବୁଝି ଦୁଇଟା କଥା କହି ଈଶ୍ୱରଙ୍କ ଭକ୍ତ ଜଣାଇ ସନ୍ଥ ବା ସଖା ହେବାରେ ଜଗତସୁ ଜୀବନ-ବିକାଶ ଓ ସ୍ଫୂର୍ତ୍ତି ପ୍ରକାଶ ପାଇ ନାଇ । କେହୁ ଯଦ କହିଲେ, 'ମୋ ଉଦରେ କୃଷ୍ଣ, ମୋ ବାହାରେ ରାଧା', ଅଉ କେହୁ ପଛ କହିଲେ, 'ମୁଁ ରାଧାରୂପ ଧରି କୃଷ୍ଣଙ୍କୁ ପାଇବ ବୋଲି କହିଛି'—ତିଂକ ଶବ୍ଦକୁ ତାହା ବଦଳିବ, ସେ ତା କହିଲାପରି ଏହିଭଳି କଥାମାନଙ୍କୁ ଧରି ଯେ କୌଣସି ବୁଦ୍ଧିଆ ଲୋକ ଗୀତାର 'ଅଶୋଚ୍ୟାନନ୍ୱଶୋଚସ୍ତ୍ୱଂ'(ଗୀତା ୨ । ୧୧) ଠାରୁ 'ନାସତୋ ବିଦ୍ୟତେ ଭାବୋ' ( ବା ମାଧ୍ୱାସ୍ୱାମୀଙ୍କ ମତରେ 'ଵିଦ୍ୟତେଽଭାବୋ'—୨।୧୬) ତାଠୁ 'ଅବ୍ୟକ୍ତାଦୀନି ଭୂତାନି' (୨।୨୮) ପର୍ଯ୍ୟନ୍ତ ସବୁ ଅର୍ଥ ବ୍ୟାଖ୍ୟା କରିପାରନ୍ତି ! ଯେ କୌଣସି ଭଗତ ଲୋକ ବ ଏଠିବ ମଧ୍ୟ ଭାରତର ସଂସ୍କୃତ ବାୟୁମଣ୍ଡଳରେ ପ୍ରଭାବିତ ହୋଇ ଏଇପରି ଦୁଇ ଗୁଟିଏ କଥା ଖୁବ୍ ବ୍ୟବହାର

Digitized by srujanika@gmail.com

କରିଥାନ୍ତି । ପାଗଳାବାବା, ବ୍ରହ୍ମବାବାଙ୍କପରି ଲୋକ ବି ଓଡ଼ିଶାର ସଂସ୍କୃତିକୁ ଧରି ବାଉଡାଙ୍କ ଭଜନ ବା ଭୀମାଭୋଇଙ୍କ 'ସ୍ତୁତି-ଚିନ୍ତାମଣି'ର ଅଳଗା, ହଂସ ଓ ଶୂନ୍ୟପୁରୁଷ ପଖ ବେଣ୍ଟ ହୁଇ ସୃଷ୍ଟିଟା କଥା କହୁ ଥାଆନ୍ତି । ସବୁବେଳେ ସେ ତାହା ବୁଝିବେ କହୁଚନ୍ତି ବୋଲି ଅର୍ଥ କରିବା ଠିକ୍ ନୁହେଁ । ମାତ୍ର ଏ ସବୁ ଜଣାଇ ଦେଉଛି, ପରଂପରା,ପ୍ରଚଳିତ ଧର୍ମରେ ସନାତନ । ଓଡ଼ିଆର ବ୍ରହ୍ମଚର୍ଯ୍ୟ-ପର ସାଧନା ଓ ଚଳଣିଧାରା ଉପରେ ମଉ ନାହିଁ । ଏଥିପୂର୍ବେ 'ମନବୋଧ ଚଉତିଶା'ରୁ ଅନ୍ୟ ପ୍ରସଙ୍ଗରେ 'ଟଁ' ଗୀତିଟି ଉଦ୍ଧାର କରାଯାଇଛି (ପୂର୍ବେ ପୃ. ୪୦୨)। ଏହି ଗ୍ରନ୍ଥର ପ୍ରଥମ ଭାଗରେ ଗାଉମାନଙ୍କର ଲେଖାରେ ଓଡ଼ିଶାର ଏଇ ସାଧନା ଓ ସଂସ୍କୃତି ନିଗୂଢ଼ ଆତ୍ମପ୍ରକାଶ କରିଥିବା କଥା ଖୁବ୍ ଉଦାହରଣ ଦେଇ ବୁଝାଯାଇଛି । ଇଂରେଜ ଯୁଗରେ ଓଡ଼ିଆ ସଂସ୍କୃତିର ସେଇ ସ୍ୱାପ୍ନୀଳିକ ଆତ୍ମପ୍ରକାଶ କରିଛି, ମହିମାଧର୍ମରେ ।

**ଏ ଧର୍ମଟି କ'ଣ ?**

ବହୁ ଦିନ ପୂର୍ବେ, ଯେତେବେଳେ ମୁଁ ଏ ଧର୍ମର ପ୍ରଥମ ପରିଚୟ ପାଇଲି, ସେତେବେଳେ ମୁଁ ଭାବୁଥିଲି, ସନାତନ ଓଡ଼ିଆ ସଂସ୍କୃତିର ଏହା ଗୋଟିଏ ନିର୍ମଳ ଆତ୍ମ ପ୍ରକାଶ । ଭୀମାଭୋଇଙ୍କ 'ସ୍ତୁତିଚିନ୍ତାମଣି' ପ୍ରଭୃତି ଗ୍ରନ୍ଥକୁ ଅଣି, ପୁଣି ରାତ୍ରିରେ ଗତରେ ନ ଖାଇବା, ନାରୀକୁ ସାଧୁମାନଙ୍କ ସଂଘ ବା ସଂହତିରେ ସ୍ଥାନ ନ ଦେବା, କୌଣସି ପ୍ରକାରେ ଜୀବକୁ କଷ୍ଟ ନ ଦେବା ପ୍ରଭୃତି ଦେଖି ମୁଁ ହଠାତ୍ ଏହି ମତ ଧରିଥିଲି । କିନ୍ତୁ ପରେ 'ମହିମାଧର୍ମ ପ୍ରତିପାଦକ' ଗ୍ରନ୍ଥଟି ଆମ୍ଭକରୁ ପଢ଼ିଲି । ସେଥିରେ ନିର୍ମଳ ଜୈନ ପଦ୍ଧତିର ଧାରଣା ଓ ବସ୍ତୁ-ଧାରା ରହି ନାହିଁ । ଗୌଣବୃଦ୍ଧ ମନୋବୃତ୍ତିର ବୈଦିକ ଓ ବ୍ରାହ୍ମଣିକ ଧର୍ମର ଦର୍ଶନ ଓ

Digitized by srujanika@gmail.com

ସାଧନ-ସଂକେତମାନ ସେଥିରେ ଥିବାର ଖୁବ୍ ଅର୍ଥ କରାଯାଇଛି । ହେଲେହେଁ, ସେଥିରେ ବିଶେଷ କ୍ଷତି ହୁଅନ୍ତା ନାହିଁ । ଶେଷକୁ ପଢ଼ିଲି ମହିମା ଗୋସେଇଁଙ୍କ ଚରିତ୍ର । ସେ କି ପାଷଣ୍ଡ, କି ବୀଭତ୍ସ ! ସତ୍ୟଗୀରଙ୍କର ଏପରି ଅମାର୍ଜିତ ସଂସ୍କରଣ କଳ୍ପନା କରିବା ଦୁର୍ଘଟ । ଯାହାହେଉ, ଆଜ ସଂକ୍ଷେପରେ ବିଶେଷ କିଛି ନ କହି ଏତିକି କୁହାଯାଇପାରେ, ଉକ୍ତ ସଂବଧରେ ମୁନଙ୍କୁ ନିଷ୍କଳଂକ କରି ଏଇ ମହିମାଧର୍ମର ନିରପେକ୍ଷ ଆଲୋଚନା କଲେ ସନାତନ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ବହୁତତ୍ତ୍ୱର ସ୍ପଷ୍ଟ ଅବଶେଷ ସେଥିରେ ମିଳିବ । ସେଥିରୁ ଜଣାଯିବ, ଓଡ଼ିଆ ସାହିତ୍ୟର ବଳିଷ୍ଠ ସନାତନଧାରା ମରିନାହିଁ, ମରିବାର ନୁହେ । ଯୁଗ ଯୁଗ ବ୍ୟାପୀ ସମସ୍ତ ସ୍ପର୍ଦ୍ଧା ଓ ଅନୁକରଣ ଭିତରେ ଏହାର ନିର୍ମଳଧାରକୁ ଦେଖି, ନୂତନ ଚଳଣିରେ ବିଶ୍ୱ ସଂସ୍କୃତିକୁ ବାଟ ଦେଖାଇବାର ଅଧିକାର ଏବେ ବି ଓଡ଼ିଆର ଅଛି । ଆଜି ଓଡ଼ିଶା ଆଉ ଶରୀରରେ ପରାଧୀନ ନୁହେ । ଚିନ୍ତା ଓ ଚରିତ୍ରରେ ସ୍ୱାଧୀନ ହେବାର ଦିନ ଆସିଛି । ଉଠ, ଜାଗ୍ରତ ହୁଅ, ଜ୍ଞାନ ଓ କର୍ମରେ, ଦର୍ଶନ ଓ ଚରିତ୍ରରେ ଜଗତ ଉଦ୍ଭାସିତ କର ।

Digitized by srujanika@gmail.com

## ଅଷ୍ଟମ ଅଧ୍ୟାୟର ପରିଶିଷ୍ଟ

### ଦେବୀପୂଜା *

ପୃଥିବୀର ପୁରାଣ ପରଂପରାରୁ ଜଣାଯାଏ, ଦେବୀ ହେଉଛନ୍ତି, ପୃଥିବୀରେ ଆଦ୍ୟା । ଦେବଙ୍କର ବହୁକାଳ ଆଗରୁ ଦେବୀ । ଦେବ-ଦେବୀର ଧାରଣା ପୃଥିବୀରେ ସାଧାରଣ । ମାନବ ସମାଜର ଏ କଳ୍ପନା ନ ଥାଇ କୌଣସି ସମସ୍ତ ଥିବାର ସ୍ପଷ୍ଟ ଜଣାଯାଇ ନାଇ । କିନ୍ତୁ ଏଥିରେ ଦେବୀର ଧାରଣା ଆଗ ଓ ଦେବର ଧାରଣା ବହୁପରେ ।

ବିନା ଦେବରେ ଦେବୀ ସବୁ ସର୍ଜନା କରିଥିବା ଧାରଣାଟି ମଧ୍ୟ ବଡ଼ ମୌଳିକ । ଏବେ ମଧ୍ୟ ନୃତତ୍ତ୍ୱବିଦ୍‌ମାନେ ଲେଖିଛନ୍ତି, ବହୁକାଳଯାଏ ପୃଥିବୀର ଅଜ୍ଞାତ ସ୍ଥାନମାନଙ୍କରେ ଏପରି ଆଦିମମାନେ ଥିଲେ, ଯାହାଙ୍କର କି ପ୍ରଜନନର ସ୍ପଷ୍ଟ ଧାରଣା ନ ଥିଲା । ନାରୀର ନର-ସଂଗମରେ ଯେ ଗର୍ଭ ଓ ସନ୍ତାନ ହୁଏ, ଏହା ସେମାନେ ଧାରଣା କରି ନ ଥିଲେ । ସେମାନଙ୍କର ଧାରଣା ଥିଲା, ଅନ୍ୟାନ୍ୟ ଇନ୍ଦ୍ରିୟ କିମ୍ବା ପର— ଅର୍ଥାତ୍‌, ଖାଇବା, ନିଃଶ୍ୱାସ ଛାଡ଼ିବା, ମୁତିବା, ହଗିବା ପ୍ରଭୃତି ପରି—ନର ନାରୀ ସଂଗମ ହୋଇଯାଏ । ସେଥିରେ ଅଙ୍କ ଅଧିକା କିଛି ହୁଏ ନାଇ । ମାତ୍ର ନାରୀ ବାଟରେ ଯାଉଥିବା ବେଳେ ଜଳସ୍ରୋତରେ ବା ଗଛରେ ଥିବା ପୂର୍ବ ପୁରୁଷଙ୍କର ଭୂତମାନେ ନାରୀ-ଗର୍ଭରେ ପ୍ରବେଶ କରନ୍ତି । ସେଇଥିରୁ ଗର୍ଭ ଓ ସନ୍ତାନ ହୁଏ । ସେଇଥିପାଇଁ ବିନା ବାପରେ ମହାପୁରୁଷମାନେ ଜନ୍ମ ହୋଇଥିବାର ଧାରଣା ପୃଥିବୀରେ ଚଳି ଆସିଛି । ଉତ୍ତର ଆଫ୍ରିକାର

* 'ମାତୃଭୂମି'ର ୧୯୫୨ ମସିହାର 'ପୂଜାସଂଖ୍ୟା'ରେ ପ୍ରକାଶିତ ପ୍ରବନ୍ଧ । ଲେଖକ— ପଣ୍ଡିତ ନୀଳକଣ୍ଠ ଦାସ ।

Digitized by srujanika@gmail.com

ଈଡସ୍ପା ନାମକ ଅଞ୍ଚଳରେ ଅତି ପ୍ରାଚୀନ କାଳରେ ମାଠ୍ ବୋଲି ମାତୃଦେବୀ ପ୍ରତିଷ୍ଠିତ ଥିଲେ । ବିନା ବାପରେ ତାଙ୍କଠାରୁ ଜନ୍ମ ହୋଇଥିବା ଗୋଟିଏ ଦେବୀ-ପୁତ୍ର ମଧ୍ୟ ତାଙ୍କ ସଙ୍ଗେ ପୂଜା ପାଉଥିଲେ । ଠିକ୍ ସେଇ ଧାରଣାକି ପରବର୍ତ୍ତୀ କାଳରେ ଈଶ୍ୱର ପୁତ୍ର ଯୀଶୁଙ୍କୁ ନେଇ ପ୍ରକାଶ ପାଇଛି । ଅନ୍ୟାନ୍ୟ ଭକ୍ତିଧର୍ମରେ ଏହି ଧାରଣାର ଅବତାରଣା ଏବେ ମଧ୍ୟ ଭିନ୍ନ ଭିନ୍ନ ପ୍ରକାରରେ ଦେଖାଯାଏ । ରାମକୃଷ୍ଣ ପରମହଂସଙ୍କ ମାଙ୍କ ସ୍ୱପ୍ନରେ ଜଟାଜୁଟଧାରୀ ପୁରୁଷ ( ମହାଦେବ )ଙ୍କୁ ଦେଖି ତାଙ୍କଠାରୁ ସନ୍ତାନ ପ୍ରସବର କରିବା ବର ସଙ୍ଗେ ଶାରଦ ଦେଉଳିକି ଯାଇ ନୃତ୍ୟରଙ୍ଗ ପରେ ତାଙ୍କର କୋଳରେ ରାମକୃଷ୍ଣ ଗର୍ଭସ୍ଥ ହୋଇଥିଲେ ବୋଲି ଭକ୍ତମାନେ ରାମକୃଷ୍ଣ ଜୀବନୀରେ ଲେଖିଛନ୍ତି ।

ବସ୍ତୁତଃ, ଦେବୀ ହେଉଛନ୍ତି ଏ ବିଶ୍ୱର ଆଦ୍ୟଶକ୍ତି । ଆଜକୁ ଦଶହଜାର ବର୍ଷରୁ ଅଧିକକାଳ ତଳେ—କୌଣସି କୌଣସି ପଣ୍ଡିତଙ୍କ କଳ୍ପିତ ଗଣନାରେ ଆଜକୁ ପ୍ରାୟ ୨୦ ହଜାର ବର୍ଷ ତଳରୁ, ଅର୍ଥାତ୍, ଯାହାକୁ ମାନବର ଆଦ୍ୟ ପ୍ରସ୍ତର ଯୁଗ ବୋଲି କହନ୍ତି, ସେହି କାଳରୁ, ଦେବୀ ଓ ଦେବୀପୂଜା, ମାନବ ସମାଜରେ ପ୍ରତିଷ୍ଠିତ ଅଛି । ଯେତେବେଳେ ପୁରୁଷ-ସଙ୍ଗ ସର୍ଜନାର କାରଣ ବୋଲି ଆଦିମ କାଳର ସଭ୍ୟସମାଜରେ ଜଣା ପଡ଼ିଲା, ସେତେବେଳେ ଏ ଦେବୀଙ୍କ ପ୍ରଜନନ ଓ ସେଥିସଙ୍ଗେ ପୁରୁଷ ସଙ୍ଗର ଏକମାର୍ଗ କ୍ରିୟା ଥିଲା । ସେହି ଆଦିମ କାଳର ଗୋଟିଏ ଖଚିତ ଛବି ସ୍ପେନର କୋଗୁଲ୍ ନାମକ ସ୍ଥାନରେ ଗୋଟିଏ ଗୁମ୍ଫାରୁ ମିଳିଛି । ସେଥିରେ ସିଂହକଟୀ ( ଇଂରେଜୀରେ କହନ୍ତି ବରୁଡ଼ ପରି ଅଣ୍ଟା, Wasp-waist ) ନାରୀମାନେ ଗୋଟିଏ ଲଙ୍ଗଳା ପୁରୁଷ ଚାରିପଟେ ନାଚୁଛନ୍ତି । ପଣ୍ଡିତମାନେ କହନ୍ତି, ଏହା ସେକାଳ ଦେବୀଙ୍କ କ୍ରିୟାର ଅନୁଷ୍ଠାନରେ

Digitized by srujanika@gmail.com

ବୃକ୍ଷମାନଙ୍କର ଶିର । ଏଇଥି ସଙ୍ଗେ ମଧ୍ୟ ସେହି ଦେବୀମାନଙ୍କ ସହିତ ଲିଙ୍ଗର ଶିର ମିଳୁଛି । ଆମର ଏବେ ବିଶ୍ୱଦେବ ମହାଦେବଙ୍କୁ ଯୋନିପୀଠ ଉପରେ ଲିଙ୍ଗ ରୂପେ ଯେଉଁ ପୂଜା କରାଯାଏ, ତାହାର ଅଭିଜାତ୍ୟର ମୂଳ ଏହିଠାରେ । ଏ ଧାରଣାଟି ସଭ୍ୟତାର ଆଦିମ ଉଦ୍‌ଗମ ସଙ୍ଗେ ମନୁଷ୍ୟର ଜାଗ୍ରତ ହୋଇଥିଲା । ନାନା ଉପାସନା ଓ ଦର୍ଶନ ସମ୍ପର୍କରେ ଅଦ୍ୟ ତାହା ଏ ଦେଶରେ ପ୍ରତିଷ୍ଠିତ ରହିଛି ।

ଭାରତରେ ଏଇ ଦେବୀପୂଜା ଓ ତହିଁ ସଙ୍ଗେ ଲିଙ୍ଗର ଉପାସନା ପ୍ରାଗ୍‌ବୈଦିକ ବ୍ୟବସ୍ଥା ସଭ୍ୟତାରେ ପ୍ରଚଳିତ ଥିଲା । ପଣ୍ଡିତମାନେ କହୁଚନ୍ତି, ସେ ସବୁରୁ ଯାହା ସଙ୍କେତ ମିଳୁଛି, ତାହା ଅନ୍ତତଃ ୪ ହଜାର ବର୍ଷରୁ କମ୍ କାଳର ନୁହେଁ । ସେହି କାଳରୁ ଏହି ଭାରତଠାରୁ ପୂର୍ବ-ଭୂମଧ୍ୟସାଗରର କ୍ରୀଟ୍ ଦ୍ୱୀପ ପର୍ଯ୍ୟନ୍ତ ସମସ୍ତ ଅଞ୍ଚଳରେ ଦେବୀ ପୂଜା ଅତି ସୁପ୍ରତିଷ୍ଠିତ ଥିଲା । ଗ୍ରୀସ ଦକ୍ଷିଣକୁ ଥିବା କ୍ରୀଟ୍ ଦ୍ୱୀପରେ ଏବେ ଖୋଳା ହୋଇ ନେଭାଳ ସଭ୍ୟତାର ଯେଉଁ ସଙ୍କେତମାନ ମିଳୁଛି, ସେଥିରେ ଦେବୀଙ୍କ ଦ୍ୱାରରେ ଦୁଇଟି ଖୋଦିତ ସୁନ୍ଦର ସିଂହ ଥିବାର ଦେଖାଯାଏ । ପୁଣି ଏସିଆ ମାଇନରର ସେକାଳ ହିଟାଇଟମାନଙ୍କ ଅଞ୍ଚଳରେ ଦେବୀ, ସିଂହବାହିନୀ, ସିଂହ ଉପରେ ବସିଥିବା ଦେବୀ-ମୂର୍ତ୍ତି ମିଳୁଛି । ଏହି ଦେବୀ ହେଉଛନ୍ତି ପୁଣି ପାର୍ବତୀ । ତାଙ୍କର ମୂର୍ତ୍ତି ପର୍ବତ ଉପରେ ସାଧାରଣତଃ ମିଳେ । ସେହି କାଳ୍ପ ତାଙ୍କ ମୁଣ୍ଡରେ ଚନ୍ଦ୍ରଲେଖା । କୌଣସି କାରଣରୁ ସେକାଳ ନେଇ ଦେବୀଙ୍କ ମୁଣ୍ଡରେ ବୃଷଭର ଯୋଡ଼ା ଶିଙ୍ଗ ମଧ୍ୟ ଦିଆଯାଉଥିଲା । ସେହି ଶିଙ୍ଗ କାଳକ୍ରମେ ଚନ୍ଦ୍ରଲେଖାରେ ପରିଣତ ହୋଇଥିବାର ଅନୁମାନ ହୁଏ । ମହେଞ୍ଜୋଦାରୋରେ ଯୋଗାସନରେ ବସିଥିବା ଶିବମୂର୍ତ୍ତିର ମୁଣ୍ଡରେ ଏହିପରି ଦୁଇଟି

Digitized by srujanika@gmail.com

ଶିଙ୍ଗ, ଚନ୍ଦ୍ରକଳାପରି ଅଙ୍କିତ ଥିବାର ଦେଖାଯାଏ । ସେହିକାଳରୁ ସଂହାରିଣୀ ଦେବୀଙ୍କର ତୃତୀୟ ନେତ୍ର ମଧ୍ୟ ଥିଲା ।

ଏହି ଦେବୀ ପୁଣି ଥିଲେ ଶସ୍ୟସହାରିଣୀ । ଶସ୍ୟସଂହାରିଣୀ ରୂପରେ ଏହାଙ୍କୁ ସନ୍ତୁଷ୍ଟ ରଖିବା ପାଇଁ ବଳିଦେବାର ପ୍ରଥା ଅତି ପ୍ରାଚୀନ କାଳରେ ଚଳୁଥିଲା । ଦେବୀଙ୍କ ପ୍ରତି ଘୋର ଭୟ ଆଦିମ ସମାଜରେ ଗୋଟିଏ ସାଧାରଣ କଥା । ଏହି ଭୟ ରୂପିଣୀ ଦେବୀ ସେହିକାଳରୁ ସର୍ବତ୍ର ଥିଲେ,ବର୍ଣ୍ଣରେ ଅତି କଳା । କ୍ରିଟର ଇଜିପ୍ଟସରେ କାଳୀ ଅନ୍ ( ବ୍ଲାକ୍ ଅନାଟ୍ )ଙ୍କ ପରଂପରା ବହୁକାଳ ଜୀବିତ ଥିଲା । ଜଣେ କବି ତାଙ୍କର ବର୍ଣ୍ଣନା କରି ଯାହା ଲେଖିଚନ୍ତି,ତାହାର ଓଡ଼ିଆ ହେବ—

କହନ୍ତି, ଭୀଷଣ ସେ ଯେ କାଳିକା ମୂରତି
ତରଳ ବିକଟ ନେତ୍ର, ଗୁହାଁଲେ ସେ ନେତ୍ରେ,
ଥରି ଉଠେ ମାନବାତ୍ମା ଅତି ଅନ୍ତରରେ,
ସିକ୍ତ ଶୋଣ ହସ୍ତ ପଦ କ୍ଲିନ୍ନ ନରମେଦେ,
ସର୍ବାଙ୍ଗେ ଫୁଟଇ ମସୀ-ବିବର୍ଣ୍ଣ କାଳିମା
ଅଶ୍ଳୀଳ ସେ କଟିଶ୍ରୁଗେ ଅବଶିଷ୍ଟ ବେଶ
ମୁଣ୍ଡହୀନ ମାନବର ସଦ୍ୟ-ଚର୍ମ-ଅଙ୍ଗ
× × × ×
ଅଙ୍ଗାର ସମ ତା ମୁଖ ଫୁଟଇ ବଦନେ,
ଗଳଙ୍କ ବନ୍ଧନେ ଦୋଳେ ଦନ୍ତ-ଅସ୍ଥିମାଳା
ଭୟାଳେ ବିଗଳେ ଚକ୍ଷୁ, ସୁଗଭୀର ଗର୍ତ୍ତେ ,
ତୃଷ୍ଣାତୁରା ତଳେ ଜିହ୍ବା ରକ୍ତିମ ଛଟାରେ ।

( Myths of Greece & PreHellenic Europe— by D.A. Mackenjie,Page 63)

Digitized by srujanika@gmail.com

ସଭ୍ୟତାର ବୃଦ୍ଧି ସଙ୍ଗେ ଓ ଏହି ଆଦିମାତାଙ୍କର ଭିନ୍ନ ଭିନ୍ନ ପ୍ରକାର ପୂଜା ଉପାସନା ଏବଂ ଦେବୀଙ୍କ ଭିନ୍ନ ଭିନ୍ନ ରୂପ ପ୍ରକାଶ ରୂପେ ସେକାଳେ ମଧ୍ୟ ଲୋକ ଧର୍ମରେ ଫୁଟିଥିଲା । ସେମାନଙ୍କ ଲେଖଚିହ୍ନ—ଭାରତରେ ସେହିସବୁ ଶକ୍ତି ରୂପ ପ୍ରକାଶ ପାଇଛି । ଏବେ ମଧ୍ୟ ଲୋକଧର୍ମରେ ସ୍ପଷ୍ଟ ଦେଖାଯାଏ, କାଳୀ ରୂପରେ ସେ ନାଚୁଛନ୍ତି । ସେହି ନୃତ୍ୟ ହେଉଛି, ସର୍ଜନା ବା ଶସ୍ୟୋତ୍ପାଦନର ନୃତ୍ୟ । ଏହା ସେହି କାଳର ସେହି ଆଦିମ କାଳର ମାନବ ଭିତରେ ମଧ୍ୟ ପ୍ରକାଶ ପାଇଥିଲା । ତାଙ୍କର ତୃତୀୟ ନେତ୍ର ମଧ୍ୟ ସେହି ଯୁଗର । ଏବେ ମଧ୍ୟ ଭାରତରେ ସେହିକାଳୀ ଗଳାରେ ଅସୁର ବା ନରମୁଣ୍ଡର ମାଳା ଓଢାଇଥାନ୍ତି । ତାଙ୍କ ଅଣ୍ଟାରେ ମନୁଷ୍ୟର ହାତ ଓ ମେଦଚର୍ମର ମେଖଳା । ତାଙ୍କ ଜିହ୍ୱା ଓ ଦାନ୍ତରେ ରକ୍ତ । ସେ ହେଉଛନ୍ତି, ସର୍ବପ୍ରସବିନୀ ଓ ସର୍ବସଂହାରିଣୀ ପୃଥିବୀ, ସ୍ୱର୍ଣ୍ଣ ଶସ୍ୟର ଉତ୍ପାଦନକାରିଣୀ, ସେହି ହେଉଛନ୍ତି ଭାରତରେ କାତ୍ରିଦ୍ ଗୌରୀ । ସେହି ହେଉଛନ୍ତି, ପ୍ରୀତି ଓ ସମ୍ପଦର ପ୍ରତିମା ଲକ୍ଷ୍ମୀ, ମା; ପୁଣି ଶ୍ରୀ । ସେହି ପୁଣି ହେଉଛନ୍ତି ସଙ୍ଗରମୟୀ ବିଶ୍ୱବିକାଶର ପ୍ରତୀକ ସଂଗ୍ରାମ ଦେବୀ, ଦୁର୍ଗା । ପ୍ରାଚୀନ ଗ୍ରୀସ୍‌ରେ ସେହି-ଥିରେ କାଛୀ ଡମିଠର । ପୂର୍ବେ ତାଙ୍କର କାଳୀ ପ୍ରତିମା ସେ ଦେଶରେ ପ୍ରତିଷ୍ଠିତ ଥିଲା ।

ଭାରତୀୟ ବୈଦିକ ସାହିତ୍ୟରେ କେନୋପନିଷଦର 'ହୈମବତୀ' 'ଉମା'ରେ ଏହି ଦେବୀଙ୍କର ପ୍ରଥମ ପରିଚୟ ମିଳେ ( କେନୋପନିଷଦ୍ ତୃତୀୟ ଭାଗ ) । ସେଠାରେ ଅଛି, ଅଗ୍ନି, ବାୟୁ, ଇନ୍ଦ୍ର—କେହି ବ୍ରହ୍ମଙ୍କୁ ଚିହ୍ନି ପାରିଲେ ନାହିଁ । ଶେଷକୁ ବ୍ରହ୍ମ ଅନ୍ତର୍ଧାନ ହେଲେ ଓ ସେ ଉତ୍ଥାନରେ ହୈମବତୀ (ହିମାଳୟ ବାସିନୀ ବା ହିମାଳୟ କନ୍ୟା) ଉମା (ମା, ମାତୃଦେବୀ) ଆବିର୍ଭୂତ ହେଲେ ।

Digitized by srujanika@gmail.com

ସେହି ଏକା ଦେବମାନଙ୍କୁ ବୃଦ୍ଧ ବନାଇ ଦେଲେ । ଏହି ମାତୃ-ଦେବୀଙ୍କର ପ୍ରକାଶ ଦାର୍ଶନିକ ଭାରତରେ ସେହିକାଳୁ ପ୍ରତିଷ୍ଠା ପାଇଛି । ଅନୁମାନ ହୁଏ, ତାର ବହୁକାଳ ପୂର୍ବରୁ ଏ ଭୂମିରେ ଦେବୀ, ବିଶ୍ୱଦର୍ଶନର ପ୍ରତୀକ ରୂପେ ପ୍ରକାଶ ପାଇଥିଲେ । ଏବେ ମଧ୍ୟ ଭାରତରେ ସେହି ହେଉଛନ୍ତି ନୃମୁଣ୍ଡମାଳିନୀ ବିଶ୍ୱ-ସଂହାରିଣୀ ସଂହାର-ନୃତ୍ୟରତା କାଳୀ । ସେହି ହୋଇଛନ୍ତି ଅସୁରମର୍ଦ୍ଦିନୀ-ଦୁର୍ଗତି-ନାଶିନୀ ଦୁର୍ଗା । ସେହି ପୁଣି ହେଉଛନ୍ତି, ବିଶ୍ୱ ପ୍ରସବିନୀ, ଭବ-କାରୁଣ୍ୟ-ସମ୍ପନ୍ନା ଗୌରୀ । ସେହି ପୁଣି ଏକା ହେଉଛନ୍ତି, ବିଶ୍ୱ-ଧାତ୍ରୀ, ବିଶ୍ୱ-ମୋହିନୀ, ବିଶ୍ୱଶାସନରତା ଜଗଦ୍ଧାତ୍ରୀ ଭୁବନେଶ୍ୱରୀ ।

ସେକାଳ ଲେଖମାନଙ୍କରୁ ଯେଉଁ ସ୍ତୁତି-ଗୀତ ସବୁ ଇଂରେଜୀରେ ଅନୁବାଦ କରାଯାଇଛି, ସେଥିରେ ଅଛି— "The amorous Queen of Heaven sits as one in darkness" ଅର୍ଥାତ୍, ଏ ବିଧ କାମୋନ୍ମତ୍ତା ସ୍ୱର୍ଗରାଣୀ ଏଠାରେ ଅନ୍ଧକାରରେ ବସିଲା ପରି ବସିଛନ୍ତି । ଜାକ୍ସୋ ସାହେବ ନିଜର ପୁସ୍ତକର ବ୍ୟାଖ୍ୟାରେ କହନ୍ତି—'ସେ ହେଉଛନ୍ତି ମାନବର ଯୌନ-କାମନାର ପ୍ରତୀକ-ରୂପିଣୀ ଦେବୀ । ବାବିଲୋନୀୟ ବୀର 'ଗିଲମାମେସ୍'ଙ୍କୁ ସେହି ଦେବୀ ପତିରୂପେ ବରଣ କରିବାକୁ ଚାହିଁବାରେ ସେ ଗାଳି ଦେଇ-ଛନ୍ତି—ପୁରୁଷକୁ ଏହିପରି ହାତ କରି କିଛିକାଳ ସଙ୍ଗମ ପରେ ତୁ ବର୍ବର ତ୍ୟାଗ କରୁଛୁ । ସେହି ପୁଣି କହନ୍ତି, ଇସ୍ତରଙ୍କ ମନ୍ଦିରରେ ସାଧାରଣ ଅଙ୍ଗନାମାନେ କଦବର ପୁରୁଷ ଦେଖି ସଙ୍ଗମ କରି ଧନ ଦେଉଥିଲେ । ଏହି ପୁରୁଷମାନଙ୍କ ପାଖେ ନିଜେ ଇସ୍ତର ଦେବୀ ତାଙ୍କୁ ଭେଟାଉଥିଲେ । ଖ୍ରୀ: ପୂ: ୪ର୍ଥ, ୫ମ ଶତାବ୍ଦୀର ଗ୍ରୀକ୍ ଐତିହାସିକ ହେରୋଡୋଟସ୍ ମଧ୍ୟ ଠିକ୍ ସେହି କଥା କହନ୍ତି ।

Digitized by srujanika@gmail.com

ପ୍ରାଚୀନ ବାବିଲୋନ୍‌ରେ ଏଇ ମାତୃଦେବୀ ବା ମାଆଙ୍କର ନାନା ରୂପ ଓ ନାମ ଥିଲା । ସେଠାରେ ଏହି ମାତୃଦେବୀଙ୍କର ପ୍ରଧାନ କର୍ମ ଥିଲା, ଯୌନଚର୍ଯ୍ୟା ଓ ସେଥିରେ ସ୍ୱୈରଗ୍ରହ । ବାବିଲନର ଇସ୍ତର୍, ଦେବ ଓ ମନୁଷ୍ୟ ଉଭୟରେ ସୁନ୍ଦର ପୁରୁଷ ଦେଖି ଯାହାକୁ ଇଚ୍ଛା ତାକୁ ଅଙ୍ଗଦାନ କରିବାରେ ଲାଗିଥିଲେ । ଇଜିପ୍ଟରେ ଇସିସ୍ ଠିକ୍ ଏହିପରି । ଏହାଙ୍କୁ କୁହାଯାଉଛି, ବାଟ-ଟେମୀପ୍ସ ଇସ୍ତରଙ୍କ କନ୍ୟା । ଇଜିପ୍ଟର ସ୍ତୁତିଗୀତମାନଙ୍କରେ ତାଙ୍କୁ ପୁଣି କୁହାଯାଇଛି ଓସିରିସଙ୍କ ମାଆ, ଭାର୍ଯ୍ୟା, ଭଉଣୀ ଓ କନ୍ୟା । ଓସିରିସ ମଲାବେଳେ ସେ ଏହି ବିଳାପ କରୁଛନ୍ତି—"ଆସ ମୋ ସ୍ୱାମୀ, ମୋ ହୃଦୟଭାବରେ ଉଦୀର୍ଣ୍ଣ ହେଉଛି । ମୁଁ ତୋର ଭାର୍ଯ୍ୟା, ହେଲେହେଁ ତୋର ଭଗିନୀ । ତୁ ମୋ ପୁଅ, ମୋ ବାପ, ମୋ ପାଖକୁ ଚାଲିଆ । ହେ ପିତା, ହେ ଓସିରିସ୍ !"

ଏସବୁ ଖାଲି ପୁରାଣର କଳ୍ପନା ନୁହେଁ । ଏ ସବୁ କୌଣସି ପ୍ରତିଷ୍ଠିତ ସମାଜର ଯଥାର୍ଥ ଚିତ୍ର । ଭାରତରେ ଏହି ଢଙ୍ଗରେ ରଞ୍ଜିତ ଦେବୀ କଳ୍ପନାର ଅଭାବ ନାହିଁ । ଉମା-ହୈମବତୀ ବ୍ରହ୍ମଜ୍ଞାନ-ସମ୍ପନ୍ନା ହେଲେ ମଧ୍ୟ, ପରବର୍ତ୍ତୀ କାଳରେ କାଶ୍ମୀରଠାରୁ ନେପାଳ, ତିବ୍ବତ, ବଙ୍ଗ, ଆସାମ୍, ପ୍ରାଚୀନ କଳିଙ୍ଗର କୁଳ ଓ ଓଡ୍ର ଦେଶ ପ୍ରଭାବିତ ପୂର୍ବାଞ୍ଚଳ ଭାରତରେ ଜୈନ ଓ ବୌଦ୍ଧ ପ୍ରଭାବ ସତ୍ତ୍ୱେ ତା ଭିତରେ ପଞ୍ଚମକାର ସେବାସେବନ ଯୋଗେ ଘନସାଧନା ପ୍ରଚାର ପାଇଥିଲା, ଯାହାର ଉଗ୍ର ସେତେବେଳର ଅପ୍ରସିଦ୍ଧ ସନ୍ଧ୍ୟାଭାବେ ଓ ଥିଲାବେଳ ବନ୍ଧ ହୋଇନାହିଁ । ସେଇ ସବୁ ଭୂମିରେ ଅଳ୍ପ ନାନା ଦାର୍ଶନିକ ବ୍ୟାଖ୍ୟା ମଧ୍ୟରେ ନାନାଭାବରେ ଦେବୀପୂଜା ପ୍ରତିଷ୍ଠିତ ରହିଛି ।

ବିଶେଷରେ ଭାରତର ସେହିସବୁ ଭୂମିରେ ଏହି ଦେବୀ ହେଉଛନ୍ତି ଶସ୍ୟପ୍ରସବିନୀ, ପୃଥିବୀ । ଇଜିପ୍ଟ ଓ ବାବିଲନ୍ ଭଳି

Digitized by srujanika@gmail.com

ଚୀନ୍, ଜାପାନ, ଇଣ୍ଡୋନେସିଆ ପ୍ରଭୃତିରେ ମଧ୍ୟ ସେମାନେ ଠିକ୍ ସେଇଆ ଥିଲେ । ଶସ୍ୟର ପ୍ରତୀକରୂପେ ସିଂହବାହିନୀର ପୂଜା ସେ ସବୁ ଦେଶରେ ପ୍ରସିଦ୍ଧ ଥିଲା । ତାର ପ୍ରଧାନ ସଙ୍କେତ ହେଉଛି, ଏବେ ବଙ୍ଗଳାର ମୃଣ୍ମୟୀ ଦେବୀ । ବର୍ଷକୁବର୍ଷ ଶସ୍ୟ ସଂଗ୍ରହ ବେଳକୁ ମାଟିରେ ମୂର୍ତ୍ତି ଗଢି ପ୍ରାଣ ପ୍ରତିଷ୍ଠାକରି ତା ଆଗେ ବଳିଦେଇ ନାନାସ୍ତବରେ ତାର ପୂଜା ଉତ୍ସବ କରି ତାକୁ ପୁଣି ଜଳରେ ବିସର୍ଜନ କରିବା, ଏବେ ଆମ ଦେଶର ବଙ୍ଗ ପ୍ରଭୃତି . ତନ୍ତ୍ରଭୂମି ଛଡ଼ା ଅନ୍ୟତ୍ର ଦେଖାଯାଏ ନାହିଁ । ଏହା ବହୁ ଆଦିମ ଓ ବହୁ ପ୍ରାଚୀନ । ପୃଥିବୀର କୃଷିପ୍ରଧାନ ଦେଶମାନଙ୍କର ସଭ୍ୟତାର ଶିର ସଞ୍ଚିତ ସଙ୍କେତ ରୂପେ ଏବେ ବି ବର୍ତ୍ତମାନ ଅଛି ।

ଓଡ଼ିଶାରେ ଏହି ଦେବୀପୂଜା ଯେଉଁ ଏବେ ବହୁ ଘଟା ଓ ଛୁଟି ପର୍ଯ୍ୟନ୍ତ ହେଉଛି । ବରଂ ସ୍ପଷ୍ଟ କହିଦେଲେ କୁହାଯିବ, ଏହା ଓଡ଼ିଶୀ ସଭ୍ୟତାର ଧର୍ମ ନୁହେଁ, କି ଅନୁଷ୍ଠାନ ନୁହେ । ମୃଣ୍ମୟୀ ଦେବୀ ପୂଜା ଓଡ଼ିଶାରେ କେତୋଟି ସହର ଛଡ଼ା ଅନ୍ୟତ୍ର ଏବେ ବି ନାହିଁ । କେତୋଟି ସହରରେ ଗଲା କେତେବର୍ଷ ଭିତରେ ମାତ୍ର ଅନୁକରଣରେ ତାହା ପ୍ରକାଶ ପାଇଛି ।

ଆଦିମ କାଳରେ ଓଡ଼ିଶାରେ ଦେବୀପୂଜା ନ ଥିଲା, ନୁହେଁ । ବଣଦେବୀ ଓ ଗ୍ରାମଦେବତୀ ଏବେବି ସବୁଠାରେ ଯେପରି, ଓଡ଼ିଶାରେ ସେହିପରି ସର୍ବତ୍ର ଅଛନ୍ତି । ସେମାନଙ୍କ ଭିତରେ ଶକ୍ତିପ୍ରତିଷ୍ଠାରେ ମଣିନାଗ ଦୁର୍ଗା ଓ ତାରତାରିଣୀ ମଧ୍ୟ ପ୍ରକାଶ ପାଇଛନ୍ତି । ପୁରୀର ବାଲିସାହିରେ ବାରାହୀ ତଥା ମନ୍ଦିର ଭିତରେ ବିମଳା କେବେ କିପରି ପ୍ରତିଷ୍ଠା ପାଇଲେ, ତାର ଅନୁସନ୍ଧାନ କରାଯାଇ ନାହିଁ । କିନ୍ତୁ ମନେହୁଏ, ସେମାନେ ଖୁବ୍ ପ୍ରାଚୀନ ନୁହନ୍ତି । ଯାଜପୁର ବିରଜା ପୀଠ ଅବଶ୍ୟ କିଛିଏ ପ୍ରାଚୀନ । ବହୁ ପୂର୍ବରୁ ବଜ୍ରଯାନ ତନ୍ତ୍ରର ପ୍ରଭାବ

Digitized by srujanika@gmail.com

ଏଠି ପଡ଼ିଥିଲା । ସେହି ତନ୍ତ୍ରର ମୂଳମନ୍ତ୍ରରେ କୁହାଯାଇଥିଲା, 'ବିରଜା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବଃ ।' ମାତ୍ର ପରେ ହୁଏ, ଜଗନ୍ନାଥଙ୍କୁ, ଭୈରବ କରି ବିରଜାଙ୍କୁ ତାଙ୍କ ପାଖକୁ ନେଇ ନ ପାରି ସେହି ବିରଜା ଅର୍ଥବୋଧକ 'ବିମଳା'ଙ୍କୁ ମନ୍ଦିର ଭିତରେ ଆଣି ଭୈରବୀ ରୂପରେ ସ୍ଥାନ ଦେଲେ ।

ଏହାର କାରଣ ହେଉଛି, ଓଡ଼ିଶା ବିଶ୍ୱର ଥିଲା ବୁଦ୍ଧ, ଜୈନ ଭୂମି । ଶ୍ରାବକ, ଶ୍ରମଣ ଓ ଗଣଧରମାନଙ୍କର ପଦସ୍ପର୍ଶ ଏଠି ଭରି ପ୍ରସିଦ୍ଧ । ବଜ୍ରଯାନୀମାନେ ଜଗନ୍ନାଥଙ୍କୁ ଯେତେ ନିଜର କଲେ ମଧ୍ୟ ଜଗନ୍ନାଥ ବହୁଚନ୍ଦ୍ର, ବୁଦ୍ଧ ଓ ଜୈନଦେବ । ବଜ୍ରଯାନର ସମ୍ପ୍ରଚାର ତାଙ୍କୁ ନାନାଭାବରେ ଗ୍ରାସ କରି ମଧ୍ୟ ବଶ କରିନାଇ । ବ୍ରହ୍ମଚର୍ଯ୍ୟରେ ପ୍ରତିଷ୍ଠିତ ବୁଦ୍ଧ ଜୈନଧର୍ମ ଜଗନ୍ନାଥଙ୍କୁ ନେଇ ଏବେ ମଧ୍ୟ ଓଡ଼ିଆଙ୍କର ଆସ୍ଥା ଓ ଉପାସନାକୁ ପ୍ରାଣବନ୍ତ କରି ରଖିଛି ।

ତନ୍ତ୍ର ଓଡ଼ିଶାରେ ପ୍ରକାଶ ପାଇ ନ ଥିଲା ନୁହେଁ । ଏହା ବରଂ ଅତି ପ୍ରସିଦ୍ଧ ମାନବସାଧନା ରୂପେ ଏଠି ପ୍ରକାଶ ପାଇଥିଲା । ତନ୍ତ୍ରଶବ୍ଦର ମୌଳିକ ଅର୍ଥ ହେଉଛି, ବିଶ୍ୱ ବିସ୍ତାର, 'ବିସର୍ଗ' ବା 'ସର୍ଜନା' କିମ୍ବା ଶୃଙ୍ଖଳାବଦ୍ଧ ସାଧନ ପ୍ରଣାଳୀ । ବେଦରେ ତାକୁଇ କହନ୍ତି, "ଏକୋଽହଂ ବହୁସ୍ୟାମ୍" (ମୁଁ ଏକ ଅଛି ବହୁ ହୁଏ) ବ୍ରହ୍ମାଙ୍କର ଏହି ତପସ୍ୟା । ବ୍ୟକ୍ତିର ଇନ୍ଦ୍ରିୟଲବ୍ଧ ବିଶ୍ୱକୁ ନିର୍ବାଣଦେବୀମାନେ ଏହି ସାଧନାରେ ନିଦର୍ଶି ବ୍ୟକ୍ତିବିଶ୍ୱର ସମ୍ବନ୍ଧ ଠିକ୍ ରଖୁଥିଲେ । ପ୍ରଜନନ-ସମ୍ପୃକ୍ତ ଓ ପ୍ରଜନନର ପ୍ରତୀକ ଦେବୀଙ୍କ ସଙ୍ଗ ନେଇଣ ଏ ତନ୍ତ୍ର ସମ୍ବନ୍ଧ ନିତ୍ୟ କହୁଥିଲେ ହୁଏ । କିନ୍ତୁ ଓଡ଼ିଶାର ଜୈନସାଧନାରେ ଏ ତନ୍ତ୍ର ବ୍ରହ୍ମଚର୍ଯ୍ୟ ଗୁଢ଼ ଇନ୍ଦ୍ରିୟ ସେବାର ମାର୍ଗ ଧରିନାଇ । କୌଣସି ବା ଏ ମହାପ୍ରସାଦ ଖୁଆଇ ବ୍ରତୀନ୍ଦ୍ର ଚୂଡ଼ାକୁ ମହାପ୍ରସାଦ କଳ୍ପତରୁ ଜଗନ୍ନାଥଙ୍କୁ ଭୈରବ ମନାଇ ପୁଣି ଜଗନ୍ନାଥଙ୍କୁ ପ୍ରଣିପାତ କରି ଇନ୍ଦ୍ରଭୂତି, ନିଜ

Digitized by srujanika@gmail.com

'ଜ୍ଞାନସିଦ୍ଧି' ପରି ସାରସ୍ୱତ ବଜ୍ରଯାନଗ୍ରନ୍ଥ ଆରମ୍ଭ କରିବାରେ ସମସ୍ତ ବଜ୍ରଯାନକୁ ଜଗନ୍ନାଥସେବାର ରୂପ ଦେବାର ଚେଷ୍ଟା କରାଯାଇଛି ଓ ସେହି ବଜ୍ରଯାନ ତନ୍ତ୍ର ସାଧନାରେ ତନ୍ତ୍ରର ଉଡ଼ୀୟାନ (ବଜ୍ରମାର୍ଗ)କୁ ମୂଳ କରି କାମାକ୍ଷା, ପୂର୍ଣ୍ଣଗିରି ଓ ଶ୍ରୀହଟ୍ଟର ପଞ୍ଚମକାର-ପୀଠ-ମାନଙ୍କୁ ପବିତ୍ର ନିର୍ବାଣ ସାଧନାର ଧର୍ମ ବୋଲି ପ୍ରଚାର କରିବାର ଉଦ୍ୟମ କରାଯାଇଛି ସତ, ତଥାପି ଜଗନ୍ନାଥ ସେ ତନ୍ତ୍ରର ଭୈରବ ହୋଇନାହାନ୍ତି କିମ୍ବା ଓଡ଼ିଶାର ତନ୍ତ୍ର ବା ଯୋଗସାଧନ ବ୍ରହ୍ମଚର୍ଯ୍ୟକୁ ଛାଡ଼ିନାହିଁ । ଏ ସବୁ କଥା ଏଠାରେ ବିଶେଷରେ ପ୍ରଣିଧାନ ଯୋଗ୍ୟ । ଆମ୍ଭେମାନେ ଦେଖାଉଛୁ କି କଲବେଳେ ଅମର ଜୈନସାଧନା ଓ ଜଗନ୍ନାଥ ଧର୍ମକୁ ମନେରଖି ସେଇ ଇତିହାସ ଓ ଆସ୍ଥାରରେ ପ୍ରସ୍ତୁତ ହୋଇ ଆଜି ଏକା ଭାରତରେ ନାହିଁ, ସମଗ୍ର ପୃଥିବୀରେ ଯଥାର୍ଥ ସତ୍ୟଧର୍ମ ସାଧନାର ପନ୍ଥା ଦେଖାଇ ଦେବ । ଭାରତ ଆଜି ସ୍ୱାଧୀନ, ଆମେ ଆଜି ସ୍ୱାଧୀନ । ଯାହା ଯେଉଁଠାରେ ସତ୍ୟ ଓ ସୁନ୍ଦର ଅଛି, ଯଥାର୍ଥ ଦାର୍ଶନିକ ଭାବର ଯେଉଁଠାରେ ଯାହା ଲୁପ୍ତ ସମ୍ପଦ ଅଛି, ତାହା ଆଜି ବିଶ୍ୱ ସାହିତ୍ୟ ଆଗେ ଦେଖାଇ ପକାଇ ଦେବାକୁ ହେବ । ଆମର ଆଜି ସେ ଦିନ ଆସିଛି । ଆମେ ଜାଗ୍ରତ ହେଲେ ଏ ନୂତନ ଧର୍ମ ପୃଥିବୀର ମାନବ ସମାଜକୁ ଆଲୋକ ଦେବ, ଶାନ୍ତି ଦେବ, ଯଥାର୍ଥ ମୁକ୍ତି ଦେବ ।

ଏତକ କହୁ ରହିବାର ଅଛି, ମହାଷ୍ଟମୀ ପର୍ଯ୍ୟନ୍ତ କେବଳ ଓଡ଼ିଶାର ନୁହେ । କିନ୍ତୁ ଦଶହରା ଓଡ଼ିଶାର, କାରଣ ଖୋଜିବାକୁ ଦିବା ଦରକାର ନାଇ । ବଢ଼େଇ, କମାର, କୁମ୍ଭାରଠାରୁ ଆରମ୍ଭ କରି ସମସ୍ତ କାରିଗର ପାଇକ ଏଥିରେ ନିଜ ନିଜର ଯନ୍ତ୍ର ପୂଜା କରନ୍ତି ଓ ପୂଜା କରିସାରି ବର୍ଷର କାର୍ଯ୍ୟ ଆରମ୍ଭ କରନ୍ତି । ଚଷା ଚନ୍ଦ୍ରାପୂର୍ଣ୍ଣିମାରେ ହଳଦ ପୂଜା କରିସାରିଛି । କିନ୍ତୁ ଚଷା ତଥା ଖଣ୍ଡାୟତମାନେ

Digitized by srujanika@gmail.com

ଘରେ କଳଙ୍କିତ ଖଣ୍ଡା ବା ଛୁରୀ ଖଣ୍ଡକୁ ଏଥିରେ ଦେଇ ଭକ୍ତ ଓ ସ୍ୱାଧ୍ୟାୟପର ବ୍ରାହ୍ମଣ, ସ୍ତବ ଏଥିରେ ଯୁକ୍ତ ପୂଜା କରେ ।

ପୁଣି ପୂଜାରେ ଆମ ଲୋକେ, ଆମ ପିଲାଏ, ଉତ୍ସବ ପାଇଁ ନୂଆ ଲୁଗା, ନୂଆ ପୋଷାକ ପିନ୍ଧି ବାହାରନ୍ତି ନାହିଁ । ଓଡ଼ିଶାର ସେ ଦିନଟି ହେଉଛି କୁମାର ପୂର୍ଣ୍ଣିମା—ସର୍ବତ୍ର ସେଦିନ ନୂଆଲୁଗା ପିନ୍ଧି ଖଡ଼ଯାତ କାଗଜ ଉଡ଼ାନ୍ତି ଓ ଖେଳନ୍ତି । ଏହା ମଧ୍ୟ ଆମ ଜାତୀୟପୂଜା ପର୍ବର ଗୋଟିଏ ସଂକେତ ।

ଅତଏବ ଦେବୀପୂଜାକୁ ମହାଶକ୍ତିପୂଜା କହିବାରେ ଉଦ୍ୟମ କମ ହୋଇନାହିଁ । ସେ ଉଦ୍ୟମ ପୁଣି ଏବେ ହୁଏତ ଖୁବ୍ ଜୋରରେ ଚାଲିଛି । ଏପରି ଗୋଟିଏ ପର୍ବକୁ ମହାଶକ୍ତିପୂଜା କହି-ବାରେ ଆମର କିଛି ଆପତ୍ତି ହୋଇ ନ ପାରେ । କିନ୍ତୁ ପରମ୍ପରାରେ ଏହି ପର୍ବଟି ସହିତ ଯେଉଁ ମାନସ ଓ ଶାସ୍ତ୍ରର ସମ୍ପର୍କ ଜଡ଼ିତ ରହିଛି, ତାକୁ ଛାଡ଼ିଦେଇ ସଂଶୋଧିତ ଭାବରେ ଏ ପର୍ବରେ ଯଥାର୍ଥ ଅର୍ଥ ନ ପୂରିଲେ ଜନେ ଏ ଉତ୍ସବକୁ ଭାରତ ଧର୍ମର ଯେ ପ୍ରକାର ଓ ପ୍ରକୃତ ଶକ୍ତାଶୀଳ ଜଗତରେ ପ୍ରକାଶ ପାଇବ, ତାହାର ପ୍ରଭାବ ଓ ପ୍ରତିଷ୍ଠା ଜନିତ ମାନବ ସମାଜର ସ୍ୱାଦ୍ୟ ନ ହୋଇପାରେ । ଯହିଁରେ ଅନ୍ତର୍ଗତ ଦାର୍ଶନିକତା ନାହିଁ, ଦର୍ଶକର ଅବସ୍ଥାପ କରି ତାକୁ ବୁଝାଇବାର ଧନ ବୋଧହୁଏ ଅଜୀତ ହୋଇ ନାହିଁ—ଏହା ମଧ୍ୟ ମନେ ରଖିବା ଉଚିତ ।

Digitized by srujanika@gmail.com

## ଅଷ୍ଟମ ଅଧ୍ୟାୟର ପରିଶିଷ୍ଟ—୨

### "ଚର୍ମ ବେଢିତ ସିନା ଚଉରାଶିକି
### ଚତ୍ର ଭୁ ଦର୍ଥ ନୀଳଗିରିବାସୀଙ୍କି" ※

"ଚେତଇ ମନ ଅରେ ମୋବୋଲ କର" ବୋଲି ଆରମ୍ଭ ହୋଇଥିବା ଚଉତିଶାଟିକୁ 'ମନବୋଧ ଚଉତିଶା' କହନ୍ତି । ସେହି ଚଉତିଶାର 'ଚ' ଅକ୍ଷର ମୂଳରେ ଥିବା ଧାଡ଼ି ଦ୍ୱୟଟିରୁ ଶେଷଃ ଧାଡ଼ି ଦଉଟି ଏହି ଲେଖାର ଶିରୋନାମା ରୂପେ ଉପରେ ଦିଆ ଯାଇଛି ।

ଚଉତିଶାଟିର ଠିକ୍ କାଳ ନିର୍ଣ୍ଣୟ କରିବା ଦୁଃସାଧ୍ୟ । ହେଲେହେଁ, ଏହା ଚୈତନ୍ୟ-ପରବର୍ତ୍ତୀ ଯୁଗର ଲେଖା । ଚୈତନ୍ୟଙ୍କ ଓଡ଼ିଶା ଆଗମନ ପରେ ଓଡ଼ିଶାର ବହୁ କଷ୍ଟରକ୍ଷିତ ସ୍ୱାଧୀନତା ଲୋପ ପାଇ ଥିଲା; ଓ ଓଡ଼ିଆ ସାହିତ୍ୟ ତଥା ସଂସ୍କୃତିର ଧାରା କ୍ରମେ ଅତ୍ୟନ୍ତ କଳୁଷିତ ହୋଇ ଅନୁକରଣରେ ପ୍ରାୟ ଲୁପ୍ତ ହେଲା । ଏହା ଅନେକେ ଆଜି ବୁଝନ୍ତି ନାହିଁ, ନୁହେ—ବୁଝିବାକୁ କୁଣ୍ଠିତ । ଏ କୁଣ୍ଠାର କାରଣ ଖୋଜିବା ଦରକାର ନାହିଁ ।

ଯଥାର୍ଥ ଆଲୋଚନାରେ ଦେଖାଯାଏ, ଓଡ଼ିଶାରେ ଚୈତନ୍ୟ-ପ୍ରେରିତ ଗୌଡ଼ୀୟ ବୈଷ୍ଣବ ଯୁଗଟି କେବଳ ଓଡ଼ିଆ ସ୍ୱାଧୀନତା ଓ ସ୍ୱତନ୍ତ୍ରତାରେ ନୁହେଁ, ଓଡ଼ିଆ ସାହିତ୍ୟ ଓ ସଂସ୍କୃତିରେ ମଧ୍ୟ ଘୋର ଅପଗତିର କାଳ—ଅତି ଦୁଃଖର । ଇଦ୍ୟୁପେବା ସହଜ-

※ 'ଚନ୍ଦ୍ରଭା' ୧ମ ବର୍ଷ ୮ମ ସଂଖ୍ୟାରେ ପ୍ରକାଶିତ—ଲେଖକ ପଣ୍ଡିତ ମାର୍କଣ୍ଡ ଦାସ ।

Digitized by srujanika@gmail.com

ସ୍ୱାଦ୍ୟ । ଧର୍ମନାମରେ ପୁଣି ଆଦର୍ଶସାଧନାରୂପେ ତା ସ୍ୱଚ୍ଛନ୍ଦ ପ୍ରଶ୍ରୟ ପାଇଲେ, ହୁଏ ଅତ୍ୟନ୍ତ ମୋହକର । ଖ୍ରୀଷ୍ଟ ୭ମ ୮ମ ଶତକରୁ ଇନ୍ଦ୍ରଭୂତି, ଲକ୍ଷ୍ମୀଂକରାଙ୍କ ଭଳି ଉଡ୍ଡୀ ରାଜା ଓ ରାଜକନ୍ୟା ଏଥିରେ ଭଲ୍ ବଂଗ ଓ ନେପାଳକୁ ଯାଇ ବଜ୍ରଯାନ ଓ ସହଜଯାନର ପ୍ରବ-ର୍ତ୍ତୀ ହୋଇ ଥିଲେ । ହୁଏତ ଏହି ଲୁଚାଇବାର ଇଚ୍ଛାବୃତ୍ତି ବା ଅଜ୍ଞାତ ସାଧନ ରୂପେ ଜୈନ ସାଧନାର ଉତ୍ତ୍ରମାର୍ଗ ବା ଉଡ୍ଡୟାନ ତନ୍ତ୍ର ବଂଗଦେଶର ସମସ୍ତ ବଜ୍ରଯାନ ପୀଠମାନଙ୍କର ଆଦପ୍ରେରଣା ବୋଲି ପ୍ରଚାର କରାଯାଇ ଥିଲା ଓ ଜଗନ୍ନାଥଙ୍କୁ ଜଗତର ପ୍ରଭୁ ବା ସ୍ୱାମୀ ରୂପ ଦେଇ ଶ୍ରେଷ୍ଠ ଜିନ ବା ବୁଦ୍ଧଙ୍କ ଅବତାର ବୋଲି ପ୍ରଚାର କରାଯାଇ ଥିଲା (ଅନଂଗ ବଜ୍ରଙ୍କ 'ପ୍ରଜ୍ଞୋପାୟ-ବିନିଶ୍ଚୟ ସିଦ୍ଧି' ଓ ଇନ୍ଦ୍ରଭୂତିଙ୍କ 'ଜ୍ଞାନସିଦ୍ଧି' ଦେଖ) ।

ତାର ପ୍ରାୟ ଦୁଇଶହ ବର୍ଷ ଭିତରେ ଇନ୍ଦ୍ରିୟ ଚାଂଚଲ୍ୟର ସେଇ ମୋହନ ଫାନ୍ଦରେ ପଡ଼ି ବିଜେତା କୋଶଳ-କେଶରୀ ଓ ବଂଶଧରେ ଗଂଗସମ୍ରାଟମାନଙ୍କ ସାମ୍ରାଜ୍ୟ-ସେବାର ସଙ୍କେତ ସ୍ୱରୂପ ବିଶାଳ ଓ ବିରାଟ ଗଠନ-ସ୍ଥାପତ୍ୟର ଅଳଂକାର ରୂପେ ଓଡ଼ିଶାର ପଥର ଓ ସ୍ୱାଭାବିକ ପାରଂପାରିକ ଖୋଦନ-କଳା, କ୍ରମେ ସେଇ ତଥାକଥିତ ଧର୍ମ-ସମ୍ମତ ଯୌନଚର୍ଯାର ମୂର୍ତ୍ତିମନ୍ତ ଶରୀରେ ବିକଟ ଓ ବୀଭତ୍ସ ହେବାର ବାଟ ଧରିଥିଲା । ଏଥି ମଧ୍ୟରେ ଦ୍ୱୈତ ଧର୍ମର 'ସ୍ୱପକ୍ଷ'-ପରିପୂର୍ଣ ଦେବଦାସୀସେବିତ ଓ ବହୁଦାରରତ ଅଳଙ୍କାର ତନ୍ତ୍ରୀ ସେଇ ଗଂଗ ସମ୍ରାଟମାନଙ୍କ କାଳରେ ଆସିଲେ, ସହଜିଆଧର୍ମୀ, ପରକୀୟାପ୍ରେମୀ 'ଜୟଦେବ' । ଓଡ଼ିଆଶିଳ୍ପୀମାନଙ୍କ ମଧ୍ୟରେ, ବିଶେଷତଃ ରାଜା ଓ ଅନ୍ତଃପୁରରେ ରାଜାଙ୍କୁ ଅନୁକରଣ କରୁଥିବା ଲୋକଙ୍କ ଭିତରେ ବହୁବିବାହ ଓ ବହୁନାରୀ ଭୋଗ ସଙ୍ଗେ ଗୋପୀ-କୃଷ୍ଣ ଓ ରାଧାକୃଷ୍ଣ ନାମ ଧରି ଏଇ ପରକୀୟା-ପ୍ରେମ-ଧର୍ମ ପଶିଥିଲା ।

Digitized by srujanika@gmail.com

କପିଳେନ୍ଦ୍ରଦେବଙ୍କ ଭାରତ ବର୍ଷ ସାହିତ୍ୟର ଓ ସଂସ୍କୃତିର ପୁନରଭ୍ୟୁଦୟ ବେଳେ, ଜଗନ୍ନାଥଧର୍ମର ପୂଣ୍ୟ ପ୍ରଭାବରେ ଏହି ଅତି-ପ୍ରାକୃତ ଧର୍ମ କିପରି ଦୁର୍ବଳ ମଳିନ ହୋଇ ଅସିଥିଲା । ଏହିପରି ବେଳକୁ ଯୁଣି ଆସିଲେ ଚୈତନ୍ୟ ।

ଚୈତନ୍ୟ ହେଉଛନ୍ତି, ଭକ୍ତଙ୍କର ସାକ୍ଷାତ ଭଗବାନ୍ । ଅସହିଷ୍ଣୁତା ହେଉଛି, ଭକ୍ତିଧର୍ମର ନିତ୍ୟ ସହଚର ଓ ସଙ୍କେତ । ଚୈତନ୍ୟଙ୍କ ପରକୀୟା-ପ୍ରେମଧର୍ମ ଓ ତହିଁ ସଙ୍ଗ କେତେକ ଓଡ଼ିଆ ଶିଷ୍ୟଙ୍କର ତାଙ୍କ ପ୍ରତି ଭଲ ବିଷୟର ହୋଇ ରହିଥିବା ସେଇ ଅଭୂମଣ୍ୟ ଓ ଅପରେଶ କଥା କହୁଥିଲେ, ଅନେକେ ଚୈତନ୍ୟଙ୍କ ବ୍ୟକ୍ତି-ଗତ ଚରିତ୍ରକୁ ଦେଖାଇ ଘୃଷଣ ବାଦ ଉଠାନ୍ତି । ହୋଇପରେ, କୁଳ ଏକ ଅଗ୍ରହରେ ଅତ୍ୟନ୍ତ ଯାଜପୁରବାସୀ ଜଂସେନ୍ଦ୍ର ମିଶ୍ରଙ୍କ ସନାତନ ବିଶ୍ୱମ୍ଭର ମିଶ୍ର (ଏହାଙ୍କର ନାମ ପରେ ହୋଇଥିଲା, ଚୈତନ୍ୟ) ବ୍ୟକ୍ତିଗତ ଆଚରଣରେ ବଡ଼ ନିଷ୍ଠାପର ଥିଲେ । ମାତ୍ର ଧର୍ମମତ ଓ ତଦ୍‌ଗତ ଆଚରଣପ୍ରବର୍ତ୍ତନରେ ସେ କିପରି ଥିଲେ, ଗୋଟିଏ ଦର୍ଶନ ସାମାନ୍ୟ ଦୃଷ୍ଟାନ୍ତରେ ମାତ୍ର ତା ବୁଝାଯାଉଛି ।

ପୁରୀ ମନ୍ଦିରରେ ଜଗନ୍ନାଥଙ୍କୁ ପ୍ରଥମେ 'ଦର୍ଶନ' କରିବା ମାତ୍ରେ ଚୈତନ୍ୟ ନିଜର ଚାରିପାଖରେ କରତାରେ ଯେଉଁ ଜଗନ୍ନାଥା-ଷ୍ଟକଟି ବୋଲି ଯାଇଥିଲେ, ତାର ପ୍ରଥମ ଧାଡ଼ି ଦର୍ଶନଟି ହେଉଛି,

"କଦାଚିତ୍ କାଳନ୍ଦୀ-ତଟ-ବିପିନ-ସଙ୍ଗୀତକ-ରବେ
ମୁଦାଭୀରୀ-ନାରୀ-ବଦନ-କମଳାସ୍ୱାଦ-ମଧୁପଃ ।"

ଅର୍ଥାତ୍, [ଜଗନ୍ନାଥ ତାଙ୍କୁ ଦଶିଲେ] ଯମୁନାକୂଳରେ ସଂଗୀତ କରି କରି ଗଉଡୁଣୀଙ୍କ ମୁହଁରେ ରସିକତାର ଆମୋଦରେ ଚୁମ୍ବନ ଦେଇ ଦେଇ ବୁଲୁଥିବା ଗୋଟାଏ ଚୋରା ସର । ଏଥିରୁ ସ୍ପଷ୍ଟ ହେଉଛି, ସେ ଯଥାର୍ଥ ଜଗନ୍ନାଥଙ୍କୁ 'ଦର୍ଶନ' କରିବାର ଶକ୍ତି ହରାଇ ଥିଲେ ।

Digitized by srujanika@gmail.com

ସହଜିଆ ବୈଷ୍ଣବ ଜୟଦେବଙ୍କ "ପୀନ-ପୟୋଧର-ପରସର-ମର୍ଦନ-ଚଂଚଳ-କରଯୁଗଶାଳୀ" "ବନମାଳୀ"ଙ୍କ ଛଡା ଅନ୍ୟ କିଛି ଦେଖିବାର ଅଧିକାର ବା ଅଭିରୁଚି ତାଙ୍କର ଲୋପ ପାଇଥିଲା । ସମାଜ ଓ ସାହିତ୍ୟର ଶ୍ରେଷ୍ଠ ପ୍ରକାଶ ହେଉଛି, ଧର୍ମ । ସେଥିରେ ସଂଯମ ବା ବ୍ରହ୍ମଚର୍ଯ୍ୟର ଯଥାର୍ଥ ଦର୍ଶନ ତାଙ୍କର ନ ଥିଲା ।

ଅନ୍ୟ ଗୋଟିଏ ଦୃଷ୍ଟାନ୍ତ ଦେଖ । ସେଥିରୁ ତାଙ୍କ ଧର୍ମଭାବ ସ୍ପଷ୍ଟ ହେବ । ଗୋଦାବରୀ କୂଳ ରାଜମହେନ୍ଦ୍ରୀରେ ଥିବା ଜାଏର ସମ୍ରାଟ ରାୟ ରାମାନନ୍ଦ ବା ରାମାନନ୍ଦ ପଟ୍ଟନାୟକଙ୍କୁ ସେ ଭେଟିଥିଲେ । ରାମାନନ୍ଦ ଦକ୍ଷିଣୀ ଦେବଦାସୀ ବା ଦାସୀଙ୍କ ନାଚଯୋଗ ସହଜିଆଙ୍କ କୃଷ୍ଣ ଭଜନରେ ମାତି ରହୁଥିଲେ । ଚୈତନ୍ୟଙ୍କ ସଂଗେ ତାଙ୍କର ଧର୍ମଚର୍ଚ୍ଚା ଆରମ୍ଭ ହେଲା । ଧର୍ମ ଚର୍ଚ୍ଚା ହୋଇଲେ, ପରକୀୟା ନାରୀ ସଂଗେ ରତିରସରେ ମାତିବାର 'ତତ୍ତ୍ୱ'-ଚର୍ଚ୍ଚା । ରାମାନନ୍ଦଙ୍କ ସଙ୍ଗେ ଚୈତନ୍ୟଙ୍କ ଏଇ ଧର୍ମ-ଚର୍ଚ୍ଚାରେ କଥା ଉଠିଲା, କୃଷ୍ଣ ତ ସମସ୍ତ ଗୋପୀଙ୍କ ସଂଗେ ମାତି ରହୁଥିଲେ, ତେବେ ତାଙ୍କ ପ୍ରେମର କ'ଣ ମୂଲ୍ୟ ? ସେଥିରେ ଏକ ନିଷ୍ଠା କାହିଁ ? ଏଇ ରାଧା ଗୋପୀଙ୍କ ସଙ୍ଗେ କୃଷ୍ଣଙ୍କର ପରକୀୟା ପ୍ରେମରେ କିଛି ଏକନିଷ୍ଠା ଦେଖାଇ ପାରିବ କି, ବୋଲି ଚୈତନ୍ୟ ପଚାରିଲେ । ରାମାନନ୍ଦ ସେଠୁ ଗୀତଗୋବିନ୍ଦରୁ ଉଦ୍ଧାର କରିଦେଲେ—

"କଂସାରିରପି ସଂସାର-ବାସନା-ବଦ୍ଧ-ଶୃଂଖଳାଂ
ରାଧାମାଧାୟ ହୃଦୟେ ତତ୍ୟାଜ ବ୍ରଜସୁନ୍ଦରୀଃ"

ଏହାର ମର୍ମ ହେଉଛି, କୃଷ୍ଣ ଅନ୍ୟ ଗୋପୀଙ୍କ ସଂଗେ ରାସରେ ମାତିବାର ଦେଖି ରାଧା ମାନ କରି ଅଲଗା ହେଲେ । ସେଠୁ କୃଷ୍ଣ ଜାଣିପାରି ଏକା ରାଧାଙ୍କୁ ହୃଦୟରେ ଧରି ଅନ୍ୟସବୁ ବ୍ରଜ ସୁନ୍ଦରୀଙ୍କୁ ଛାଡ଼ି ଚାଲିଗଲେ । ଏତିକିରେ ଚୈତନ୍ୟ ମୁଗ୍ଧ । ରାମାନନ୍ଦ

Digitized by srujanika@gmail.com

ଚୈତନ୍ୟଙ୍କର ସେଇଠାରୁ ଅଭେଦ ପ୍ରୀତି ହୋଇଗଲା । ଏହି ହେଲା ଚୈତନ୍ୟଧର୍ମର ପ୍ରତିଷ୍ଠା । ଏହାପରେ ଯୌନଚର୍ଯ୍ୟା ହେଲା କ୍ରମେ ଓଡ଼ିଶାରେ ଚୈତନ୍ୟଧର୍ମର ଏକପ୍ରକାର ଏକମାତ୍ର ଅବଲମ୍ବନ । ବଙ୍ଗ ଆଡ଼ୁ ଏହି ଗୌଡ଼ୀୟ ଧର୍ମର ଧ୍ବଜାବାହୀ·ବନ୍ୟା ଛୁଟିଲା, ଚୈତନ୍ୟଙ୍କ ପରବର୍ତ୍ତୀ ଯୁଗରେ । ସ୍ୱାଧୀନ ଓଡ଼ିଆଏ କ୍ରମେ ଅଭିଭୂତ ହେବାକୁ ବସିଲେ ।

ତେଣୁ ଓଡ଼ିଆର ଯଥାର୍ଥ ପ୍ରାଣ ପ୍ରକାଶ ବନ୍ଦ ହୋଇ ଆସିଗଲା । ଓଡ଼ିଆ ସାହିତ୍ୟର ଗତି ଅନୁକରଣରେ କୃତ୍ରିମତାରେ ବିକୃତ ହେଲା; ନଚେତ୍ ସ୍ପର୍ଦ୍ଧାର ପ୍ରତିକ୍ରିୟାରେ ଭ୍ରଷ୍ଟ ହେଲା । ଧର୍ମକଥା ପୁଣି ଧର୍ମଚର୍ଯ୍ୟା ନାମରେ ଜ୍ଞାନ-ଓ ଦର୍ଶନ-ହୀନ 'ଦାର୍ଢ୍ୟତା' ଓ 'ଦମ୍ଭ·ଅବକାଶ ସହ ଜନମୋହକର ମିଥ୍ୟାର ତାଣ୍ଡବଲୀଳା; 'ଧାର୍ମିକ'ର ପରକୀୟା ସଙ୍ଗେ ଶ୍ରେଷ୍ଠ ଗୃହସ୍ଥର ସ୍ୱକୀୟା ରତି ତଥା ସବୁ ଯୌନ ଅଭିଳାଷ ଓ ଆଚରଣର ବୀଭତ୍ସ, ବିକଟ ବିଶିଷ୍ଟ ବର୍ଣ୍ଣନା ଓ ଅଭିବ୍ୟକ୍ତିରେ କୃତ୍ରିମ ପ୍ରାକୃତ କାମନାର ରସୋନ୍ମାଦ; ତନ୍ମଧ୍ୟରେ ପୁଣି ବେଳେ ବେଳେ କାବ୍ୟକଳା ନାମରେ ମଧ୍ୟଯୁଗୀୟ ସଂସ୍କୃତ ଅଳଙ୍କାର ପ୍ରୟୋଗର ଅଯଥା ସମ୍ମନ୍ଥନ ଭିତରେ ଜଟିଳାନ୍ତ ଶବ୍ଦାଳଙ୍କାର ରଚନାରେ ବିକୃତ ଓ ଅଯାଚିତ ପାଣ୍ଡିତ୍ୟ ପ୍ରକାଶ—ଏହାହିଁ ତେଣୁ ମୋଟାମୋଟି ହେଉଛି, ଏ ଯୁଗର ସାହିତ୍ୟ । ମଧ୍ୟେ ମଧ୍ୟେ ଭାଷାର ସାରଲ୍ୟ, ଛନ୍ଦର ଲାଳିତ୍ୟ, ଜାତୀୟ ଦର୍ଶନ ଆସ୍ଥାର ତଥା ଅଭ୍ୟସ୍ତ-ସାଧନ ପରମ୍ପରାର ସ୍ରୋତ ମଧ୍ୟର ଆତ୍ମପ୍ରକାଶ ପ୍ରଭୃତି ଯାହା ଅବାନ୍ତର ନୁହେଁ, ବରଂ ନିଷ୍କାଶନ । ଜାତପ୍ରୀତିରେ ଉଦ୍‌ବୁଦ୍ଧ ନ ହେଲେ, ସେ ସବୁ ନିଷ୍କାଶନ ପୁଣି ଖୋଜି ପାଇବା ଦୁରୂହ ।

'ମନବୋଧ ଚଉତିଶା'ର ସରଳ ଛନ୍ଦଗତ ଭିତରେ ସେହିପରି କୋଟିଏ ଅଭ୍ୟସ୍ତ ସାଧନ ପରମ୍ପରାର ସ୍ରୋତ-ମଧ୍ୟର ଆତ୍ମ-

Digitized by srujanika@gmail.com

ପ୍ରକାଶ ହେଉଛି, ଏହି ଲେଖାର ଶିରୋନାମାରେ ଥିବା ଚଉଣ ଦର୍ଶନ୍ତି । ଏହା ସେହି ନିପାତନରୁ ଗୋଟିଏ । ଚଉରାଶିକ୍ ଚର୍ମ ବେଢ଼ିଛି; ଏହାର ଅର୍ଥ ହେଉଛି, ଚଉରାଅଶି ଅଂଗୁଳ ପରିମିତ ଶରୀରକୁ ଚର୍ମ ବେଢ଼ିଛି । ଏହି ଚଉରାଅଶି ଅଂଗୁଳ ଦେହ ହେଉଛି, ପୁରୁଣ ପରଂପରାର ଚଉରାଅଶି ନର ୮ । ଏହି ଚଉରାଅଶି କଥାଟି ପୁରୁତ୍ତ୍ୱସି ଜୈନ । ଏବେ ମଧ୍ୟ ଜୈନମାନଙ୍କ ଶାସ୍ତ୍ର ସଂଖ୍ୟା ହେଉଛି, ଚଉରାଅଶି (୬୧ ସୂତ୍ର + ୭୦ ଟୀକା, ପ୍ରକୀର୍ଣ୍ଣ + ୧୨ ନିର୍ଯୁକ୍ତି + ୧ ମହାଭାଷ୍ୟ); ଜୀବ ୮୪ ଲକ୍ଷ ଯୋନିରେ ଜନ୍ମପାଇ ବୁଲେ; ତୀର୍ଥଙ୍କରମାନଙ୍କ ମଧ୍ୟରେ ପ୍ରଥମ ଆଦିନାଥ ବା ଋଷଭ ବଞ୍ଚିଥିଲେ, ୮୪ ଲକ୍ଷ ପୂର୍ବ (ସାଗରଠାରୁ ଅଧିକ ଅତି ବଡ଼ ଏକ ଗଣନାର ସଂଖ୍ୟା); ତାଙ୍କର ଗଣଧରଙ୍କ ସଂଖ୍ୟା ୮୪; ଏକାଦଶ ତୀର୍ଥଂକର, ଶ୍ରେୟାଂସନାଥ ଥିଲେ, ୮୪ ଲକ୍ଷ ବର୍ଷ; ଅଷ୍ଟାଦଶ ତୀର୍ଥଂକର ଅମରନାଥ, ୮୪ ହଜାର ବର୍ଷ । ନାଥଯୋଗୀଙ୍କର ତଥା ଅନ୍ୟମାନଙ୍କର ଯେଉଁ ୮୪ ସିଦ୍ଧଙ୍କ ପରଂପରା ଅଛି, ତାର ମୂଳ ମଧ୍ୟ ଏଇଠାରେ ।

"ଏହି ୮୪ ସଂଖ୍ୟାଟି ଭାରତ, ବିଶେଷତଃ ପୂର୍ବ ଭାରତ ଧର୍ମ-ମାନଙ୍କରେ କ୍ରମେ ଗୋଟିଏ ରହସ୍ୟମୟ ସଂଖ୍ୟାରେ ପରିଣତ ହୋଇ ଯାଇଛି—ଯେପରିକି ଏହି ୮୪ ସଂଖ୍ୟାରେ ଗୋଟିଏ କିଛି ଗୂଢ଼ ଧର୍ମତତ୍ତ୍ୱ ନିହିତ ଅଛି, ସେଇପରି ମନେ ହେଉଛି । ଜୈନର ଆଜୀବକ ସଂପ୍ରଦାୟଠାରୁ ମୈତ୍ରାୟଣୀ ଉପନିଷଦ ପର୍ଯ୍ୟନ୍ତ ୮୦ ଲକ୍ଷ ଠାରୁ ୮୪ ହଜାର ପର୍ଯ୍ୟନ୍ତ ଯୋନିରେ ଜୀବ ଭ୍ରମଣ କରନ୍ତି ବୋଲି କୁହାଯାଏ । ତନ୍ତ୍ର ଓ ପୁରାଣ ସେଇକଥା କହନ୍ତି । ବୌଦ୍ଧଙ୍କ ଧର୍ମସ୍କନ୍ଧ (ଧମ୍ମଖନ୍ଧ) ୮୦, ପୁଣି ଚୌଣସି ଚୌଣସି ଠାରୁ ୮୦ ହଜାର ବୋଲି କୁହାଯାଏ । ପାଲି ଟଙ୍କବଂଶ ଗ୍ରନ୍ଥରେ ଅଛି, ଏହି ୮୪ ହଜାର ଧର୍ମ ସ୍କନ୍ଧରେ ଶୀଘ୍ର ଲେଖିଲେ, ୮୪ ହଜାର ସ୍ତୂପ ସ୍ଥାପନ

Digitized by srujanika@gmail.com

କରିବା, ବା ୮୪ ହଜାର ବୁଦ୍ଧମୂର୍ତ୍ତି ବସାଇବା, ଅଥବା ୮୪ ହଜାର ସଂଘାରାମ ପ୍ରତିଷ୍ଠା କରିବାର ଫଳ ହୁଏ । ବୁଦ୍ଧ-କଥା ସଂଗ୍ରହ କଲେ, କରାଇଲେ, ଲେଖିଲେ ଲେଖାଇଲେ, କିଂବା ସେଥିରେ ଅନ୍ୟକୁ ସାହାଯ୍ୟ କଲେ, କରାଇଲେ ମଧ୍ୟ ୮୦ ହଜାର ସ୍ତୂପ ବା ୮୦ ହଜାର ସଂଘାରାମ ପ୍ରତିଷ୍ଠା କରିବାର ଫଳ ହୁଏ ବୋଲି ମଧ୍ୟ କୁହା ଯାଇଛି । ଅନାଗତ ବଂଶ ନାମକ ପାଲି ଗ୍ରନ୍ଥରେ ଅଛି, ଭବିଷ୍ୟତରେ ଯେଉଁ ମୈତ୍ରେୟ ବୁଦ୍ଧ ହେବେ, ୮୦ ହଜାର ବନ୍ଧୁଜାତ ଓ ରାଜକନ୍ୟା ତାଙ୍କ ଶିଷ୍ୟତ୍ୱ ଗ୍ରହଣ କରିବେ, ପୁଣି ୮୪ ହଜାର ବେଦଜ୍ଞ ବ୍ରାହ୍ମଣ ତାଙ୍କ ଶରଣରେ ରହିବେ । ଯୋଗୀଙ୍କ ଆସନ ୮୪ ବୋଲି ତନ୍ତ୍ରରେ ଅଛି । କେହି କେହି କହନ୍ତି, ଏହା ୮୪ ନିୟୁତ, ବାହ୍ଲିକ ନା ୮୪ ନିୟୁତ ଅବସ୍ଥା ଭେଦିଲେ ଏହା ଜୀବର ମୁକ୍ତି ହୁଏ; ମାତ୍ର ସେଥିରୁ ଠିକେ ଠିକେ, ୮୪ଟିମାତ୍ର ଆସନ ବର୍ଣନା କରାଯାଏ । ଏହା କୁହାଗଲେ ମଧ୍ୟ ୮୪ଟା ଆସନର ବର୍ଣନା କୁତ୍ରାପି ନାହିଁ । ତନ୍ତ୍ରରେ ମାତ୍ର କେତୋଟି ଆସନର ବର୍ଣନା ଅଛି । କାନଫଟ୍ ଯୋଗୀଙ୍କ ଭିତରେ କେତେ କେତେ ୮୪ ସମ୍ମିତ ମାଳାରେ ଜପ କରା ହୁଏ । ଶିବ ପୁରାଣରେ ୮୪ଟି ପ୍ରକାର ଲିଙ୍ଗ ବର୍ଣନା କରି ୮୪ଟି ଅଧ୍ୟାୟ ଅଛି ।" (‘Obscure Religious Cults’ by S. B. Das Gupta, pp. 234-236) ।

ଜୈନ ଧର୍ମର ଶରୀର ସାଧନାରେ ‘ଜୀବ’କୁ ‘ଅଜୀବ’ରୁ ଅଲଗା କରି କେବଳ ଜୀବ ହେବାକୁ ହୁଏ । ଏହି ‘କେବଳ ଜୀବ’ ହେଉଛି, ‘କେବଳୀ’ । ଏହି କେବଳୀର ଅବସ୍ଥା ହେଉଛି ‘କୈବଲ୍ୟ’ । ଏହି କୈବଲ୍ୟ ପ୍ରାପ୍ତି ହେଲେ ଜୀବ ହୁଏ ସିଦ୍ଧ । ଏହି ସିଦ୍ଧାବସ୍ଥା ବା ସିଦ୍ଧି ହେଉଛି ନିର୍ବାଣ ବା ମୁକ୍ତି । ଜୀବ ଓ ଅଜୀବର ସମ୍ପର୍କରେ ଯେଉଁ ପ୍ରକାଶ ଧର୍ମ, ତାହାହିଁ ମୂଳତଃ ତନ୍ତ୍ର । ତେଣୁ ଏହି ଅଜୀବକୁ

Digitized by srujanika@gmail.com

ଜୀବନରୁ ଅଲଗା କରି କୈବଲ୍ୟ ଲାଭର ସାଧନା ହେଉଛି, ତନ୍ତ୍ର-ସାଧନା। ତନ୍ତ୍ର ସାଧନା ଅର୍ଥରେ ଖାଲି ତନ୍ତ୍ର କଥାଟି ମଧ୍ୟ ବ୍ୟବହାର କରାହୁଏ।

ତନ୍ତ୍ର କହିଲେ କାଶ୍ମୀର, ନେପାଳ ପ୍ରଭୃତିର ଦେବୀ-ତନ୍ତ୍ର ଓ ପୂର୍ବ-ଉତ୍ତର ଭାରତର ତଥାକଥିତ ବୌଦ୍ଧ ତନ୍ତ୍ରକୁ ବୁଝନ୍ତି। କିନ୍ତୁ ଏ ସବୁ ତନ୍ତ୍ର ନୁହେଁ, ତନ୍ତ୍ର ନାମର ଅପଗ୍ରହ ଓ ତନ୍ତ୍ର ସାଧନା ନାମରେ ଭ୍ରଷ୍ଟାଗ୍ରହ। ଓଡ଼ିଶା ବା ଉତ୍କଳଭୂମିରେ ଏଇ କୌଳିକ ପରଂପରାର ତନ୍ତ୍ର ସାଧନା ବିଶୁଦ୍ଧ ଭାବରେ ବରାବର ଚାଲି ଆସୁଥିଲା। ଏବେ ମଧ୍ୟ ତାର ଅଭ୍ୟାସ ସ୍ପଷ୍ଟ ରହିଛି। ବ୍ରହ୍ମଚର୍ଯ୍ୟ ଓ କାଯ୍ୟା-ସଂଯମ ଏବେ ମଧ୍ୟ ଓଡ଼ିଆର ସମସ୍ତ ଧର୍ମ ଓ ସମାଜ ସାଧନାର ମେରୁଦଣ୍ଡ ରୂପେ ରହିଛି। ଗୌଡ଼ୀୟ ବୈଷ୍ଣବଙ୍କ ମାନବ ପ୍ରଭାବ ସତ୍ତ୍ୱେ ତା ଏବେ ବି ବେଶ୍ ଚୋରହେବ। ସୂଚନାରେ କୁହାଯାଇଛି, ଏଇ ପରମ ଉଡ୍ଡିୟାନ ବା ଓଡ୍ରଯାନ ତନ୍ତ୍ରର ନାମଧରି, 'ଉଡ୍ଡିୟାନ-ବିନିର୍ଗତ' ବୋଲି କହି ପରବର୍ତ୍ତୀ କାଳରେ କାମାଖ୍ୟା, ଶ୍ରୀହଟ୍ଟ ଓ ପୂର୍ଣ୍ଣଗିରିରେ ବୀଭତ୍ସ ଇନ୍ଦ୍ରିୟ-ସେବାର ସାଧନାକୁ 'ବଜ୍ରଯାନ ତନ୍ତ୍ର' ବୋଲି ଆଖ୍ୟା ଦେଇ ତଥାକଥିତ ସିଦ୍ଧ ଓ ସିଦ୍ଧାମୀ-ମାନେ ଧର୍ମ ନାମରେ ଯେ ଉତ୍କଟ ତାଣ୍ଡବ ଲୀଳାର ମହାପ୍ଲାବନ ବନ୍ୟାରେ ଉତ୍କଳଠାରୁ ବଙ୍ଗ, ନେପାଳ, ତିବ୍ବତ ପର୍ଯ୍ୟନ୍ତ ଭସାଇ ଦେଇଥିଲେ, ତାହା ଇତିହାସ ପ୍ରସିଦ୍ଧ। ଶାସ୍ତ୍ରମାନଙ୍କୁ ଭୁଲାଇବା ପାଇଁ ଉଡ୍ଡିୟାନରୁ ଏ ସାଧନା ଆସିଛି ବୋଲି କୁହାଯାଇଥିଲା ମାତ୍ର। ଉତ୍କଳରେ ମଧ୍ୟ ତାର ପ୍ରତିକ୍ରିୟା ପଡ଼ି ନ ଥିଲା, ନୁହେଁ, ମାତ୍ର ସେ କଥା ଏଠି ଏକାନ୍ତରେ ଥାଉ।

ଏଇ ଚଉରାଅଶି ଅଂଗୁଳ ଶରୀର ହେଉଛି, ଜୀବରେ ଅଜୀବର ସଂପର୍କ। ଏଇ ଚଉରାଅଶି 'ନରକ'ରୁ ଉଦ୍ଧାର ପାଇଲେ ଏବା

Digitized by srujanika@gmail.com

କୈବଲ୍ୟ ପ୍ରାପ୍ତି । ଜଗନ୍ନାଥ ବା ଜଗତ୍ ସ୍ୱରୂପ ପୁରୁଷଙ୍କୁ ଧ୍ୟାନରେ ସ୍ଥିର ରଖି ଵସ୍ତୁ ମୈତ୍ରୀରେ ତନ୍ମୟ ହୋଇ ପାରିଲେ, ବ୍ରହ୍ମା, ଖା ଜୀବର ଅଜୀବ ସଂଯୋଗ ଯେଉଁ ବନ୍ଧନ-ଗ୍ରନ୍ଥି, ତା ଛିଡ଼ିଯିବ; ପୁରୁଷ 'ନିର୍ଗ୍ରନ୍ଥ' ହୋଇଯିବ ଓ କୈବଲ୍ୟ ପାଇ ଜିନ ହେବ । 'ନୀଳଗିରି-ବାସୀ' ଏଥିରିର ମୌଳିକ ଅର୍ଥ ହେଉ; 'ନୀଳ-ମା-ଧବ' ନାମକ କଳା ପଥର ସଂକେତରେ ପ୍ରତିଷ୍ଠିତ ଥିବା ସେହି 'ଜଗନ୍ନାଥ' ବା ଜଗତ୍ ରୂପୀ ପୁରୁଷ; ପୁରୁଷୋତ୍ତମ । ସେ କଥା କୁହାଯାଉଛି ।

ପୁରୁଷ କଥାଟି ମଧ୍ୟ ଜୈନ । ଏହି ଜୀବ ଓ ଅଜୀବ, ପରେ ସାଂଖ୍ୟ ଓ ବେଦାନ୍ତ ଦର୍ଶନର ପୁରୁଷ ଓ ପ୍ରକୃତି ହୋଇଥିଲେ । ଏହି ପ୍ରକୃତି ବା ମାୟାର ଗୁଣ-ଆବରଣୀରେ ଵସ୍ତୁର ବିକାଶ ବୋଲି ପରବର୍ତ୍ତୀ ଦର୍ଶନମାନେ କହନ୍ତି ।

ଏହି ଜୀବ ହେଉଛି, ପୁରୁଷ । ଏହାର ତୃଷ୍ଣାର ତୃପ୍ତି ସାଧନ ବା ଭୋଗ ପାଇଁ ଅଜୀବ ବା ପ୍ରକୃତିର ପ୍ରୟୋଜନ । ଏହି ତୃଷ୍ଣାର ଗଣ୍ଠି ଛିଣ୍ଡାଇବାକୁ ହେବ । କିପରି ? ଅନ୍ୟର ଭୋଗାଧାନକୁ ଖୋଜିଲେ ନିଜର ତୃଷ୍ଣା ବିସ୍ତୀର୍ଣ୍ଣ ହୋଇ କ୍ରମେ ଛିଡ଼ିଯାଏ । ଏହାହିଁ ଜୀବର ଅନୁଭବ । ସେଥିରେ ମୈତ୍ରୀ ବା ଅନ୍ୟାଶ୍ରିତ ସମ୍ବନ୍ଧ ହୁଏ; ଏହାହିଁ ପୁରୁଷର ବିସ୍ତାର ଓ ତୃଷ୍ଣା ଛିଣ୍ଡାଇବା ଜୈନ-ଗତି । ଦେଖ, ମୋ ଆତ୍ମାପୁରୁଷର ତୃପ୍ତି ପାଇଁ ମୁଁ ଭୋଗ ଖୋଜେ । ମାତ୍ର ପରିବାରର ଭୋଗରେ ମୋର ଆତ୍ମା ତୃପ୍ତ ହୁଏ । ପରିବାର ସୁଖୀ ହେଲେ, ମୋ ଦୁଃଖ ମତେ ବାଧେ ନାହିଁ—ମୁଁ ସୁଖୀହୁଏ । ଏଥିରେ ପରିବାର-ପୁରୁଷର ମୁଁ ଉପାସନା କରେ— ଅର୍ଥାତ୍, ତାଙ୍କର ଅଙ୍ଗରେ ରହି ସେଥିରେ ତନ୍ମୟ ହୋଇଯାଏ । ଏହାହିଁ ଉପାସନା । ସେହିପରି ଦେଶବାସୀଙ୍କ ସୁଖକୁ ଅଙ୍ଗରେ ରଖି ବା ଧ୍ୟାନରେ ସେହି ଦେଶ-ପୁରୁଷ ସଂଗେ ତନ୍ମୟ ହୋଇ ମୁଁ ଦେଶପାଇଁ ଜେଲ ଯାଏ, ଫାସୀ

Digitized by srujanika@gmail.com

ଯାଏ । ସେଥିରେ ମୋର ଅମ୍ମା-ପୁରୁଷ,ଦେଶରେ ବ୍ୟାପ୍ତ ହୋଇଯାଏ । ଏହା ଦେଶପ୍ରେମୀ, ଅଧିକ ବିସ୍ତୀର୍ଣ ହେଲେ, ସାରା ଜଗତର ମଂଗଳ ହେଲେ, ମୋ ଅମ୍ମାର ତୃପ୍ତି । ଏହାକୁ ଜଗତପୁରୁଷ ବା ଜଗନ୍ନାଥଙ୍କ ଉପାସନା । ଏଇ ଜଗତ ପୁରୁଷଙ୍କ ସବୁ ପୁରୁଷଠାରୁ ବଡ଼— ପୁରୁଷୋତ୍ତମ । ଏଇ ପୁରୁଷୋତ୍ତମଙ୍କର ତନ୍ମୟ ହୋଇ ପାରିଲେ, ମନୁଷ୍ୟର ସବୁ ତୃଷ୍ଣାର ଗଣ୍ଠି ଖୋଲି ଯାଏ । ତାର ସବୁ ତୃଷ୍ଣାର ନିର୍ବାଣ ଘଟିଲା, ଏଇଠାରେ । ସେତିକିବେଳେ ଜୀବର ଦେହ-ସମ୍ପର୍କ ବା ଅଜୀବ ସମ୍ପର୍କ ତୁଟିଗଲା । ଏଇ ଜଗତ ପୁରୁଷ ହେଉଛି, ଜଗନ୍ନାଥ । ଶ୍ରେଷ୍ଠ ପୁରୁଷମାନଙ୍କୁ— ଉପାସ୍ୟ ପୁରୁଷ ମାନଙ୍କୁ ଜୈନ ମାନେ 'ନାଥ' ବୋଲି କହନ୍ତି; ଯଥା—ଋଷଭ— ଋଷଭନାଥ, ପାର୍ଶ୍ୱ—ପାର୍ଶ୍ୱନାଥ, ନେମି—ନେମିନାଥ । ସେଇପରି, ଜଗତ—ଜଗନ୍ନାଥ । ଜଗତର ନାଥ ବା ପ୍ରଭୁ,ଏପରି ଅର୍ଥ ନୁହେ । ଏ ଅର୍ଥଟି ଭକ୍ତମାନଙ୍କର କଦର୍ଥ । ଯେତେଦୂର ଜଣାଯାଏ,ବଜ୍ରଯାନୀ-ତାନ୍ତ୍ରିକମାନେ ପ୍ରଥମେ ଯୌନଚର୍ଯାରେ ପୁରୁଷ ସଙ୍ଗୀ, ବା ସ୍ତ୍ରୀର ସ୍ୱାମୀ ଅର୍ଥରେ ଓ ପରେ ସେଇ ବଜ୍ରଯାନୀ ଅନଂଗ ବଜ୍ର ଓ ଇନ୍ଦ୍ର-ଭୂତି,ଜଗନ୍ନାଥ ଶବ୍ଦକୁ ଜଗତର ସ୍ୱାମୀ ଅର୍ଥରେ ବ୍ୟବହାର ଆରମ୍ଭ କରିଥିଲେ । ମାତ୍ର ତା 'ଜଗନ୍ନାଥ' ଶବ୍ଦର ମୌଳିକ ବା ତାତ୍ତ୍ୱିକ ଅର୍ଥ ନୁହେ ।

ମନୁଷ୍ୟର ଅନୁଭବ ଅନୁଯାୟୀ ଉପାସ୍ୟ ପୁରୁଷ ବା ପୁରୁଷୋତ୍ତମ ଜଗନ୍ନାଥ କଥା କୁହାହେଲା । ତାର ଅନ୍ୟ ଦିଗଟି ହେଉଛି, ଶୁଦ୍ଧ ଦାର୍ଶନିକ ଦିଗ । ତାତ୍ତ୍ୱିକ ସ୍ତରରେ ଦେଖିଲେ, ଜୀବ ବା ପୁରୁଷର ଧୀଠ ହେଉଛି, ନିରାଲଂବ ସ୍ଥିତି । ଏହାକୁ ମାନବ ଧାରଣାରେ ଶୂନ୍ୟ—ମହାଶୂନ୍ୟ । ଅଜୀବ-ସଂସର୍ଗରେ ଦେଖିଲେ, ତାହାକୁ ମୋକ୍ଷ । ଏଇ ବ୍ୟକ୍ତି-ଚେତନାର ମୂଳ ହେଉଛି, ତୃଷ୍ଣା ବା କାମନା । ଜୀବ, ତୃଷ୍ଣା ସଂସର୍ଗ ଯୋଗ ହୋଇଛି, ପ୍ରକାଶିତ ପୁରୁଷ

Digitized by srujanika@gmail.com

ବା ବ୍ୟକ୍ତ । ସେଇ-ଅନୁକ୍ରମେ ଜଗତ୍-ପୁରୁଷ ବା ଜଗନ୍ନାଥଙ୍କ ଧାରଣା । ସ୍ଥୂଳ ପ୍ରକାର ବର୍ଣ୍ଣିତ ତ୍ରିଭଙ୍ଗୀ ବା ଚତୁର୍ଦ୍ଧା ମୂର୍ତ୍ତିରେ ଏଇ ଜଗନ୍ନାଥଙ୍କୁ ଦେଖିବାକୁ ବା ବୁଝିବାକୁ ହୁଏ । ଏକ—ମହା-ଶୂନ୍ୟ, ସୁଦର୍ଶନ; ଦୁଇ—ଚେତନ ଶୂନ୍ୟ, ଜଗନ୍ନାଥ; ତିନ—ବାମ, ଯୋଗମାୟା, ସୋମଦ୍ରା, ସୁଭଦ୍ରା; ସ୍ଥୂଳ—ଶେଷ, ଅନନ୍ତ, ବଡ଼-ଠାକୁର, ବଳଭଦ୍ର, ପ୍ରକାଶିତ ବିଶ୍ୱ ! ବୁଝିରଖିବାର ଅଛି, ଏହା ଜଗନ୍ନାଥର ସ୍ଥୂଳ ମୂର୍ତ୍ତି ନୁହେ; ଏହା ଚତୁର୍ଦ୍ଧା ବା ସ୍ଥୂଳପ୍ରକାର ମୂର୍ତ୍ତି । ଅର୍ଥାତ୍, ଏକ ବିଶ୍ୱପୁରୁଷଙ୍କୁ ଏଇ ସ୍ଥୂଳ ପ୍ରକାରରେ ଧାରଣା କରାଯାଏ । ଯଶୋବନ୍ତ ଦାସ ନିଜର 'ପ୍ରେମ-ଭକ୍ତି-ବ୍ରହ୍ମଗୀତା'ରେ ଏହାକୁ ଭଲକରି ବୁଝାଇଛନ୍ତି ।

ଏଇ ପୁରୁଷଙ୍କୁ ପୁଣି ଶୂନ୍ୟର ପ୍ରକାଶ ବୋଲି ନ କହି, ଜୀବ ବା ସତ୍ତ୍ୱର ପ୍ରକାଶ ବୋଲି ବୁଝାଇବାରେ ୧୫ଶ ଅଧ୍ୟାୟରେ ଶ୍ରୀମଦ୍ ଭଗବଦ୍-ଗୀତା ଯାହା କହିଛନ୍ତି, ସେଥିରେ ପୁରୁଷୋତ୍ତମ ବୋଲି ଏଇ ଜଗନ୍ନାଥଙ୍କୁ ବୁଝାଇଛନ୍ତି । ସେଠାରେ ସ୍ପଷ୍ଟ କହି କହିଛନ୍ତି, ଏକ ଆଡ଼ୁ ଦେଖିଲେ, ଏଇ ପୁରୁଷୋତ୍ତମ ହେଉଛନ୍ତି, ପ୍ରକାଶମୟ କ୍ଷର ପୁରୁଷ, ନିତ୍ୟ କ୍ଷୟ ବା ବିକାରରେ ଗୁଳିଥିବା ବିଶ୍ୱ; ଅନ୍ୟଆଡ଼ୁ ଏଇ କ୍ଷୟର ପରମଗୀତ ରୂପ ଦେଖିଲେ, ଏ ହେଉଛନ୍ତି, ନିତ୍ୟସତ୍ତ୍ୱ ରୂପୀ ବିକାର ହୀନ ଅକ୍ଷର ପୁରୁଷ । ଏ ଦୁଇଟିଙ୍କୁ ଏକ-ଭରେ ଧାରଣା କଲେ, ବୁଝାଯିବ ଏହା ପୁରୁଷୋତ୍ତମ । ଗୀତା ସ୍ପଷ୍ଟ କହିଛନ୍ତି, ବେଦରେ, ଅର୍ଥାତ୍, ବେଦାନ୍ତରେ ଏହାଇ ପୁରୁଷୋତ୍ତମ । ବ୍ୟକ୍ତ, ନିଜର ପୁରୁଷ ଉପାସନାରେ ଏଇ ପୁରୁଷଙ୍କ ଅନୁସ୍ୟୂତ ବା ଏକ ହୋଇଯାଏ ( ପରବର୍ତ୍ତୀ କାଳରେ, ଏହାଇ ଶଙ୍କରାଚାର୍ଯ୍ୟଙ୍କ 'ସୋଽହଂ' ); ପୁଣି ଲୋକରେ ପ୍ରତିଷ୍ଠିତ ଏହାଇ ଉପାସ୍ୟ ଦେବ, ପୁରୁଷୋତ୍ତମ ( ଗୀତା-୧୫ଶ ଅଧ୍ୟାୟ ୧୮ଶ ଶ୍ଳୋକ ) ।

Digitized by srujanika@gmail.com

ମାଗଶିରବାସୀ ବା ଉଜ୍ଜୟିନୀ ଉପରେ ସଂକେତରେ ଯେଉଁ ତତ୍ତ୍ୱ କଥିତ ଥିଲା, ସେ ହେଉଛି, ଏଇ ପୁରୁଷୋତ୍ତମ । ଏହାର ସାଂକେତିକ ନାମ ଥିଲା, ନୀଳ-ମା-ଧବ । 'ନୀଳମାଧବ' ଗୋଟିଏ ପ୍ରାଚୀନ ପ୍ରାଗ୍ବୈଦିକ ନାମ । ନୀଳ=ବର୍ଣ୍ଣ ( ଶୂନ୍ୟ ); ମା= ଯୋଗମାୟା ( ଇଚ୍ଛା ବା କାମନା ); ଧବ=ଧର୍ମ ( ପ୍ରକାଶ ରୂପ, କଲ୍ପ ଋଷି ) । ଏଇ ସଂକେତରେ ପଦ୍ମର ଗର୍ଭ ନୀଳ ବା ଇନ୍ଦ୍ର ପଥର ରୂପରେ ଜଗନ୍ନାଥ ପୁରୁଷୋତ୍ତମଙ୍କ ଉପାସନା ପ୍ରତିଷ୍ଠିତ ଥିଲା । ତେଣୁ ଜଗନ୍ନାଥ ଓଡ଼ିଶାରୁ ମାଗଶିରବାସୀ ବା ଉଜ୍ଜୟିନୀ ପରେ ଉପରେ ରହିଥିବା ପରମ୍ପରା । ଜଗନ୍ନାଥ-ପୁରୁଷୋତ୍ତମର ଏଇ ତାନ୍ତ୍ରିକ ( ବେଦ ବା ଜ୍ଞାନଗତ ) ଓ ଲୌକିକ (ଲୋକ ଉପାସନା-ରେ ପ୍ରତିଷ୍ଠିତ ) ଧାରଣାଟି ପୃଥିବୀର ସର୍ବୋତ୍ତରେ ଅତି ପ୍ରାଚୀନ । ଏହା ମନୁଷ୍ୟର ଦାର୍ଶନିକ ଧର୍ମ—ପ୍ରାକୃତ ଭକ୍ତିଧର୍ମରୁ ଭିନ୍ନ । ଅନେକ ଗୁରୁବଚନ ବର୍ଷରୁ ଅଧିକ କାଳ ତଳେ ସେ କାଳର ସୁମେର-ବାବିଲନ୍ ( ଏବର ଇରାକ୍ )ରେ ଏହା ପ୍ରକାଶ ପାଇଥିବାର ପ୍ରମାଣ ମିଳେ । ୮୪ ଅଂଗୁଳ ଈଶ୍ୱର ହେଉଛି, ସାତ ଗୁଣନ୍ତ । ଏଇ ସାତ ସଂଖ୍ୟାକୁ ସେଠାରେ ପ୍ରଥମେ ସାତବାର ( ରବିବାର, ସୋମବାର ପ୍ରଭୃତି ) ପ୍ରକାଶ ପାଇଥିବାର ମନେ ହୁଏ । ଏଇ 'ଗୁଣନ୍ତ' ଦୁଇଟି ହେଉଛି ବାର ଅଂଗୁଳ । ଏହାର ଅର୍ଥ,ଛଅ ଅଂଗୁଳ ବା ଦଣ୍ଡି । ବୈଦିକ ଦଣ୍ଡି ସବୁକାଳରେ ଭୂମି ମାପ ଏବେ ପର୍ଯ୍ୟନ୍ତ, ଶୋରଧାରେ ପ୍ରତିଷ୍ଠିତ ଅଛି । ପ୍ରାଚୀନ ବାବିଲନ୍ରେ ସମୟ ଭାଗ, ଓ ସଂଖ୍ୟାଗଣନାରେ ଏଇ ୬ ଓ ୧୨ର ରୂପ୍ ପ୍ରତିଷ୍ଠିତ ଥିଲା । ସେଇ-ଠାରୁ ଆସିଥିବା ଆମ ସମୟଭାଗ, ଗ୍ରହିଚକ୍ର ଓ ଯୁଗକାଳ ଗଣନାର ମୂଳରେ ହେଇ ୬ ଓ ୧୨ ଥିବାର ଦେଖାଯାଏ । ସେ ସବୁ ଏଠି ଥାଉ ।

Digitized by srujanika@gmail.com

୮୪ ଅଂଗୁଳ ପରିମିତ ଶରୀରକୁ ଚର୍ମ ବେଢ଼ିଛି । ଏହି ଶରୀର ହେଉଛି, ଜୀବରେ ଅଜୀବର ସଂସର୍ଗ । ଏହାହି ୮୪ ନରକ । ନୀଳଗିରିବାସୀ ବା ଜଗନ୍ନାଥ ପୁରୁଷୋତ୍ତମରେ ମନ ଦେଲେ, ବସ୍ତୁନୈର୍ଦ୍ଦେଶରେ ତନ୍ମୟ ହେଲେ, ଏଇ ଚର୍ମ ବେଢ଼ିଥିବା ବା ଚର୍ମ ବେଢ଼ି ପ୍ରେମ୍ବର ଭୂମି ହୋଇଥିବା ଚଉରାଅଶିରୁ ଖାଡ଼ ମିଳିବ । ଏହାହି ଏ ଲେଖାର ଶିରୋନାମା । ଏହାହି ଓଡ଼ିଆ ଧର୍ମ ତଥା ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତସାର ।

---

## ଅଷ୍ଟମ ଅଧ୍ୟାୟର ପରିଶିଷ୍ଟ—୩

## ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ଉପଲକ୍ଷେ *

### ଉପେନ୍ଦ୍ରଙ୍କ ଉପଯୋଗିତା—

ଏବେ ଉପେନ୍ଦ୍ର ଭଂଜଙ୍କ ଜୟନ୍ତୀ ଯେନ ଉତ୍ସବ ହୋଇ ଯାଉଛି । କଟକରେ ସାହିତ୍ୟିକ ଓ ସାହିତ୍ୟସେବୀମାନେ ଏହା ପାଳିଥିଲେ । ଏହା ଯେନ ଗଲା ୧୪ ତାରିଖ ଦିନ ଟାଉନ ହଲରେ ଉପେନ୍ଦ୍ର ଭଂଜଙ୍କ "ବ୍ୟାଖ୍ୟା ମୂଳକ ଆଲୋଚନା-ସଭା" ହୋଇଥିଲା । ଉପେନ୍ଦ୍ର ଭଂଜଙ୍କ କାବ୍ୟ ଓ ତତ୍ସଙ୍ଗେ ସେଇ ସ୍ତର ଓ ଭଂଗୀରେ ଲେଖା ହୋଇଥିବା ଓଡ଼ିଆ ଛାନ୍ଦ କାବ୍ୟ ଯେନ ଅଶ୍ଳୀଳ ବୋଲି ଗୋଟିଏ ଓଡ଼ିଆ ସାହିତ୍ୟିକ ଦଳ ଖୁବ୍ ଆଲୋଚନା ଚଳାଇଛନ୍ତି । ସୁଖର କଥା । ଓଡ଼ିଆର ଏଡ଼େ ଦୁର୍ଦ୍ଦିନ ଓ ଓଡ଼ିଆ ଜୀବନର-

---

* 'ନବଭାରତ' ନୂଆ ପ୍ରସ୍ଥ, ୨ୟ ବର୍ଷ, ୮ମ ସଂଖ୍ୟା, ମେଷ ୧୩୫୭, ଏପ୍ରିଲ ୧୯୫୦—ଆଲୋଚନା—ଲେଖକ: ପଣ୍ଡିତ ନୀଳକଣ୍ଠ ଦାସ ।

Digitized by srujanika@gmail.com

ଏହି ଦୁର୍ଦ୍ଧର୍ଷ ପରିସ୍ଥିତିରେ ଉପେନ୍ଦ୍ର ନିଜର କାବ୍ୟ ଲେଖନୀ ଧରିଥିଲେ । ପରାଧୀନ ଓଡ଼ିଶାରେ ଭକ୍ତିଧର୍ମ ନାମରେ ସ୍ରୋତ-ବହିଲେ ଚୈତନ୍ୟଙ୍କ ପ୍ରାନ୍ତ ପରେ ଦେଶ ସାରା 'ଜଗନ୍ନାଥ'ର ସାମ୍ୟ-ସଂସ୍କୃତିକୁ କଳୁଷ ପଙ୍କରେ ବୁଡ଼ାଇ, ପୋଛି ଦେଇ, ବୃନ୍ଦାବନର ରାଧାକୃଷ୍ଣସେବୀ ଗୌଡ଼ୀୟ ବୈଷ୍ଣବମାନେ ଲଗି ପଡ଼ି, ଓଡ଼ିଆଙ୍କୁ 'ମନ୍ତ୍ରଜପ'ର ସହଜ ସମ୍ଭୋଗଜନିତ 'ମହାସୁଖ' ତଥା 'ପରକୀୟା' ରତିରେ ସେହି ମହାସୁଖର ଆସ୍ୱାଦନ କରାଇ ଶୃଙ୍ଗାରରତ ଯୌନ-ବ୍ରହ୍ମଚର୍ଯ୍ୟ-ନିଷ୍ଠ ଓଡ଼ିଆର ସମାଜ ସାଧନାକୁ ଭ୍ରଷ୍ଟ ଓ ନଷ୍ଟ କରିବାରେ ଲାଗିଥିଲେ, ବଙ୍ଗଳାରୁ ଆସିଥିବା ମୁସଲମାନ-ଶକ୍ତିର ଓ ବିଧ୍ୱଂସରେ କାତର ଓ ମ୍ରିୟମାଣ ହୋଇ ଯେତେବେଳେ ପର-ପଦାନତ କ୍ଷୀଣବଳ 'ଗଜପତି'ମାନେ ବଙ୍ଗଳାର ତନ୍ତ୍ର ସାଧନା ଓ 'ପଞ୍ଚମକାର'ଠାରୁ କୃଷ୍ଣଙ୍କ ଗୋପୀବସ୍ତ୍ରହରଣ ଓ ଗୋପୀରମଣ ସଙ୍ଗେ ଚଣ୍ଡୀଦାସ, ଜୟଦେବଙ୍କ ଆଚରିତ ଓ ପ୍ରଚାରିତ ସହଜିଆ ବୈଷ୍ଣବର ପରଦାର-ମାଂସ-ସେବା ଓ ଜଳବର୍ଣ୍ଣଙ୍କ ପାଳର ଧର୍ମ ଓ ସଭ୍ୟତା ଦେଶରେ ତଥା ସମାଜରେ ଭର୍ତ୍ତି କରିବାରେ ନିଜର କୃତିତ୍ୱ ଦେଖୁଥିଲେ, ସେତିକିବେଳେ ଲଜ୍ଜାହୀନ ପୁଙ୍ଖପୁଙ୍ଖ ଉପେନ୍ଦ୍ର ହିଁ ଏତ ଅନୁମାନର ଅନୁଭବରେ ଶତ ଶତ ପୋଇଲି-ପରଦାରା-ସେବିତ ରାଜପୁତ୍ରର ଏକାନ୍ତ ଯୌନବିଳାସ ସାମଗ୍ରୀ ସ୍ୱକନ୍ୟା ଓ ଗଣିକାମାନଙ୍କୁ କଳ୍ପନା କରି କାବ୍ୟମାନ ଲେଖି, ସେ ମହା ବନ୍ୟାରେ ଏକ ପ୍ରବଳ ପ୍ରତିବନ୍ଧ ସୃଷ୍ଟି କରିଥିଲେ । ଏକ କଥାରେ କହିଲେ, କୁହାଯିବ, ଉପେନ୍ଦ୍ର ସେପରି ନିଜ ସାହିତ୍ୟ ସାଧନାରେ ଜାତିକୁ କହୁଥିଲେ—"ଆରେ ଓଡ଼ିଆ, ଧର୍ମ ନାମରେ ପର ଜାତି ପଶିଆସି ମାରୁ—ପର ଘର ଭାଙ୍ଗି ନାହିଁ—ନିଜ ଘରେ ଶୃଙ୍ଗାର, ଉପାନ୍ତ ସୃଷ୍ଟି କର ନାହିଁ । ଏହା ଓଡ଼ିଆ ଧର୍ମ ନୁହେଁ । ଯୌନଚର୍ଯ୍ୟାର ବିଳାସ

Digitized by srujanika@gmail.com

ଯେବେ ସ୍ତୁତି, ତେବେ ଧର୍ମ ନାମରେ, କୃଷ୍ଣଙ୍କ ନାମରେ, ଏକଥା ଚାଲିବ ? ପୂର୍ଣ୍ଣ ସାମାଜିକ ଓ ଗାର୍ହସ୍ଥ୍ୟ ସମୟରେ ବହୁ ପରେ ମଧ୍ୟ ସେ ସୁବିଧା କରିପାରି ପାରେ । ଏଇ ଆମ ରଜା ରାଜୁଡ଼ା ଟିକିଲୋକଙ୍କ ଘର ଦେଖ ।" ଏକାପ ଅବଶ୍ୟ ସ୍ଥାନ ଲୋକଙ୍କ କାର୍ଯ୍ୟ ନୁହେଁ । ସମାଜର ଶିକ୍ଷାଗୁରୁ ବଡ଼ଲୋକଙ୍କୁ ଯେନ ପ୍ରକାର ପାଇଥାଏ । ପୁଣି ଉପେନ୍ଦ୍ରଙ୍କୁ ତ ଏତ ଜନସାଧାରଣଙ୍କ ଘର ଚଳଣି ସେତେ ପ୍ରଭାବିତ ଓ ପ୍ରାଣିତ କରି ନ ଥିଲା ।

## ଉପେନ୍ଦ୍ର ସାହିତ୍ୟର ଫଳ

ସେ ଯା ହେଉ, ଉପେନ୍ଦ୍ର ସାହିତ୍ୟର ଫଳ ହୋଇଛି, ଅଦ୍ଭୁତ ଓ ଅନନ୍ୟସାଧାରଣ । ଓଡ଼ିଆ ଜନତାରେ ଉପେନ୍ଦ୍ର ନାମରେ ପଶିଗଲେ କୃଷ୍ଣଙ୍କ ଗୋପ-ଭ୍ରମଣରେ 'ବଜାରବୋଲି'ର ଅବ-ଧର୍ମ ହୋଇ ମଧ୍ୟ ଅଭିମନ୍ୟୁ ସେତେ ପଶି ପାରି ନାହାନ୍ତି । ରାଧାଙ୍କୁ 'ଜୟଦେବ'ରେ ଉଦ୍‌ଭ୍ରାନ୍ତ କରାଇ ମଧ୍ୟ ବଳଦେବ ବ୍ରହ୍ମା, ବିପସନ୍ନ ରତିରେ ଏକାନ୍ତ ପରାଙ୍‌ମୁଖୀ ଲାବଣ୍ୟବତୀଙ୍କୁ ହଟାଇ ପାରି ନାହାନ୍ତି । ଓଡ଼ିଆ ସମାଜରେ ସହଜିଆ-ବୈଷ୍ଣବ-ଲୀଳା ପଶିନାଇଁ, 'କଣୋରି-ଦୁଜା' ଓ ଭୈରବୀ ଚକ୍ର ପ୍ରଭୃତିର ସଂସ୍ପର୍ଶ ପର୍ଯ୍ୟନ୍ତ ଓଡ଼ିଆ କେବେ ଦେଖି ନାହାନ୍ତି । ଗୌଡ଼ୀୟ ବୈଷ୍ଣବମାନେ କେବେ କେବେ ନିଜ ଭକ୍ତମାନଙ୍କ ସଙ୍ଗେ ଭକ୍ତାଙ୍କ ସେବା ମଧ୍ୟ ଗ୍ରହଣ କରନ୍ତି; ସେଇ ବୈଷ୍ଣବମାନେ କଦାଚିତ୍ ବୈଷ୍ଣବୀ ଖୋଜି ମାତା କରି ନଅନ୍ତି । ପୁଣି ଏବେ ବୈଷ୍ଣବୀ ଓ ମାତାମାନେ ଆସି ଅଦ୍ଭୁତ କିମ୍ବା ଦେଖାଇ ଶିଷ୍ୟଙ୍କ ସଂଗେ ନାନା ଲୀଳା ଲଗାଉଛନ୍ତି । ତଥାପି ଓଡ଼ିଆ ସାମାଜିକ ଭାବରେ ଅମ୍ଲାନ ହରାଇ ନାଇ ।

## ଏହାର ପ୍ରକାର

ଏ ସବୁରେ ଭକ୍ତ ଓ ଭକ୍ତପତ୍ନୀଙ୍କ ପ୍ରଭାବ କେତେ ଅଛି ଓ

Digitized by srujanika@gmail.com

କଷ୍ଟର କାର୍ଯ୍ୟ କରନ୍ତି, କି ନିରାଶ୍ରୟ ପରିସ୍ଥିତିରେ ତା ଓଡ଼ିଆଙ୍କୁ କଠୋର ଓ ମହତ୍ତ୍ୱ ଦେଇଛି, ତା ଦେଖି ଫେଡ଼ ଦେଖାଇବାର ଅଛି । ଏ ସ୍ୱଭାବ ଓ ଏ ପ୍ରତିକ୍ରିୟା ମାନବ ପ୍ରକୃତିର ଧାରାରେ ଗୋଟିଏ ଗଠନାତ୍ମକ ସଂକେତ । ଏହା ପୁଣି ସଂଯମନୀତି ଓ ଏପରିକି ସ୍ୱୈରାଚାର-ରେ ନିଷେଧର ତୀବ୍ର ଅଂକୁଶ ହେଲେ ମଧ୍ୟ, ଏଥିରେ କ୍ରିୟାର ନିଷେଧ ନାହିଁ—ଏହା ଆକାରରେ ନିଷେଧାତ୍ମକ ( Negative ) ନୁହେ । ଏହା ସ୍ପଷ୍ଟ କ୍ରିୟାବାଚକ (Positive) । ପ୍ରକୃତର ଚରିତାର୍ଥତା ଓ ପ୍ରଶ୍ରୟରେ ଏହା ସଂଯମର ସମାଧାନ ।

### ଏହାର ଯଥାର୍ଥତା

ଏ ସ୍ତରରେ ଭଂଜ ସାହିତ୍ୟକୁ ଦେଖିଲେ, ବିଶ୍ୱମାନବ ସାହିତ୍ୟରେ ଏହାର ସ୍ଥାନ ସ୍ପଷ୍ଟ, ଏହାର ଯଥାର୍ଥ୍ୟ ଓ ଉପଯୋଗିତା ମାନବ ପ୍ରକୃତିର ଚାହିଦା ପ୍ରାଣପ୍ରକାଶ କରୁଛି ବୋଲି କହିଲେ ହୁଏ ।

### ଛାନ୍ଦ ସାହିତ୍ୟ ଓ ଭଂଜ

ସେହି ହିସାବରେ ତାଙ୍କ କାବ୍ୟ କଳାକୁ ମଧ୍ୟ ବ୍ୟାଖ୍ୟା ଓ ଆଲୋଚନା କରାଯାଇ ପାରେ । ତାଙ୍କ କାବ୍ୟର ନାମ ଛାନ୍ଦ । ଏ ଛାନ୍ଦ ଶଂଳୁ ଭଂଜଙ୍କ ଉଦ୍ଭାବନ ନୁହେ । ଭଂଜଙ୍କ ବହୁ ପୂର୍ବରୁ ଗଂଗ-ସାମ୍ରାଜ୍ୟ କାଳରେ ଏହା ଉଦ୍ଭାବିତ ଓ ପ୍ରଚଳିତ ହୋଇଥିଲା । ଉପେନ୍ଦ୍ରଙ୍କ ପୂର୍ବରୁ ମଧ୍ୟ ବହୁ ଓଡ଼ିଆ କାମ-ଗାୟତ୍ରୀ-ମନ୍ତ୍ର-ସେବୀ ସହଜିଆ ଗୌଡ଼ୀୟ ବୈଷ୍ଣବଙ୍କ ମତ ଧରି ଛାନ୍ଦରେ-'ରସ-କଲ୍ଲୋଳ' ଭଳି ଲୋକରୋଚକ ଛାନ୍ଦ-କାବ୍ୟମାନ ଲେଖିଥିଲେ । ଛାନ୍ଦ କାବ୍ୟ ପୁଣି ଓଡ଼ିଆର ଏକ ଅନନ୍ୟସାଧାରଣ ବିଶେଷତ୍ୱ । ଯୌନ, ବାତ୍ସଲ୍ୟ, କାରୁଣ୍ୟ, ରୌଦ୍ର ପ୍ରଭୃତି ଭିନ୍ନ ଭିନ୍ନ ଭାବ ପ୍ରକାଶ କରିବାରେ ଭିନ୍ନ ଭିନ୍ନ ଛାନ୍ଦର ଉପଯୋଗିତା ଖୁବ୍ ଅଛି ।

Digitized by srujanika@gmail.com

ଯେଉଁମାନେ କର୍ଣ୍ଣାଟୀ ଓ ସେଇ ସୂତ୍ରରେ ଫିଟିଥିବା ଓଡ଼ଶୀ ସଂଗୀତର ସ୍ୱର ଶିଳ୍ପର ତରଂଗ ଧରି କବିତାର ଏଇ ଛାନ୍ଦକଳା ଫୁଟାଇଥିଲେ, ସେମାନେ ମୂଳତଃ ସେଇ ସୂକ୍ଷ୍ମ ତରଙ୍ଗରେ ଭାବର ପ୍ରକାଶ ଦେଇ ଭିନ ଭିନ ଛାନ୍ଦର ଉଦ୍‌ଭାବନ କରିଥିଲେ । ତା ସବୁ ଆମ ସାହିତ୍ୟ-ସେବୀମାନେ ଆଲୋଚନା କରି ବିଚାର କରନ୍ତୁ । ମାତ୍ର ମୋଟାମୋଟି ଏହା ଠିକ୍ ଯେ, ଉପେନ୍ଦ୍ରଙ୍କ ବେଳକୁ ଦୀନକୃଷ୍ଣ ଭଳି ଅନେକ କୃଷ୍ଣ-ଗୋପୀ-ଲୀଳା-ଶ୍ରୃଙ୍ଗାରିତ ବୈଷ୍ଣବ ଏଇ ଛାନ୍ଦର ମଧୁର, ସରସ ଓ ସ୍ୱାଦ୍ୟ ବ୍ୟବହାରରେ ଲାଗି ପାରିଥିଲେ । ତେଣୁ ସେଇ ଧାରା ଧରି ଉପେନ୍ଦ୍ର ନିଜର ପ୍ରବୃତ୍ତିପର ପ୍ରତିବାଦ ମୂଳକ ସାହିତ୍ୟର ଧାରା ଠିଆଇବାରେ ଲାଗିଗଲେ; ଓ ସେଥିରେ ବିଶେଷ ଭାବରେ ଗୌଡ଼ୀ ବା ବୈଦର୍ଭୀ ରୀତି ଓ ଅଳଂକାର ଛଟା ଦେଖାଇଥିଲେ । କାବ୍ୟିକତା, କାବ୍ୟ କଳାର ବ୍ୟାଖ୍ୟା ଓ ଅଳଂକାର ଛଟା, ଖୋଦନ ଶିଳ୍ପ ପରି ଓଡ଼ିଆର ଥିଲା ଶାସ୍ତ୍ରୀୟ ପରଂପରା । ଶ୍ଳେଷାଦି ଶବ୍ଦାଳଙ୍କାର ମଧ୍ୟ ଭୌମକାଳରୁ ଲେଖମାନଙ୍କରେ ଦେଖାଯାଏ । ଏଇ ସବୁ ପଦ୍ଧତି ରୀତି ଓ ଅଳଂକାରାଦିରେ ଅତି ପୁଷ୍ଟଳ ଭଂଜ ସାହିତ୍ୟ ସମସ୍ତ ବୈଷ୍ଣବ ସାହିତ୍ୟକୁ ବୁଡ଼ାଇ ଦେଶରେ ବ୍ୟାପିଗଲା । ପରଂପରାର ଏପରି ଜ୍ଞାନ, ପରିସ୍ଥିତିର ଏପରି କଳ୍ପନାରେ କାବ୍ୟର ପ୍ରୟୋଗ-ବିଜ୍ଞାନକୁ କାର୍ଯ୍ୟରେ ଅନୁବର୍ତ୍ତନ କରିବା ଉପେନ୍ଦ୍ର ସାହିତ୍ୟର ବିଶେଷତ୍ୱ । ଭଂଜ-ଭକ୍ତମାନେ ନାନା ଦିଗରୁ ନାନା ଭାବରେ ଏ ବିଶେଷତ୍ୱ ଫେଡ଼ି ଲୋକଙ୍କ ଆଗେ ପକାଇ ଦିଅନ୍ତୁ । ବିଶ୍ୱସାହିତ୍ୟରେ ଏହାର ଆଦର ଅଛି ଓ ସ୍ଥାନ ଅଛି ।

ଭଂଜ ସାହିତ୍ୟର ଆଉ ଗୋଟିଏ ଦିଗ

ଏଇ ସଂପର୍କରେ ପୁଣି ଏଇ 'ବ୍ୟାଖ୍ୟା-ଆଲୋଚନା'ର ଆଉ ଗୋଟିଏ ଦିଗ ପ୍ରତି ଲକ୍ଷ୍ୟ କରିବାର ଅଛି । ଅନୁସନ୍ଧାନକ

Digitized by srujanika@gmail.com

ହେଉଛି, କର୍ମରେ ଗୋଟିଏ ଶ୍ଳାଘ୍ୟ କୁଶଳତା; ପୁଣି ସୀମା ଲଂଘନ କଲେ, କଥା ଅଛି—'ଅତି ସର୍ବତ୍ର ବର୍ଜୟେତ୍' (ଅତିମାତ୍ରାରେ କଲେ, ସବୁ ବିଗିଡ଼ି ଯାଏ)। ଆମ କାର୍ଯ୍ୟରେ ଯେପରି ଏହି ଅତି ମାତ୍ରା ନ ଫୁଟେ, ସେଥିପ୍ରତି ସାବଧାନ ହେବାର ଅଛି।

## ଶବ୍ଦାଳଂକାର ଓ ଶବ୍ଦଚୟ

ମନେ ହେଉଛି, ଇଂଜ-ଇତ୍ୟାରେ ପ୍ରାଣିତ ହୋଇ କେତେକ ସାହିତ୍ୟିକ ଇଂରେଜ ସାହିତ୍ୟର ଲୁପ୍ତୋଦ୍ଧାର ଓ ଅନ୍ତର୍ଗତ ପ୍ରତିଷ୍ଠା ଫୁଟାଇବା ପାଇଁ ଶ୍ଳେଷ ଯମକାଦି ଶବ୍ଦାଳଂକାର ଯେମିତି ପୁଣି ଛନ୍ଦ ଯତିରେ ସେ ସବୁର ସ୍ୱଲ୍ପତା ବସ୍ତୁର କଥା, ସେ ସବୁ ନବ ଓଡ଼ିଆ ସାହିତ୍ୟରେ ଫୁଟାଇବାର ପ୍ରଯତ୍ନ କରୁଛନ୍ତି। ଏଥିରେ ସଂଶୟ, ପରସ୍ପରିତ ତଥା ପୂର୍ବୋକ୍ତିର ପ୍ରେରଣା କେତେ ଦୂର ଅଛି, ତା ଏବେ ଚିନ୍ତା କରିବାର କଥା। ଏପରି କହିବାର ଶୁଣା-ଯାଉଛି ଯେ, ଏଇସବୁ ମୁଖ୍ୟତଃ ବୈଦେଶିକମୟ ଇଂଜାସ୍ କାବ୍ୟ-ସାହିତ୍ୟ ପୃଥିବୀର ଶ୍ରେଷ୍ଠ ସାହିତ୍ୟ ବୋଲି ଗଣା ହେବା ଉଚିତ। ମାତ୍ର ଇଂଜ ସାହିତ୍ୟର ଏ ଦାବୀ କେତେ ଦୂର ବସ୍ତୁଗତ, ତାର ଯଥାର୍ଥ ନିରପେକ୍ଷ ଓ ଅନାସକ୍ତ କଳନା ଲୋଡ଼ା। ଅନ୍ୟର ଅବ-ହେଳା ଓ ଆବୁ କରି ଆମକୁ ରଖିଥିବା ଲୋକର ପ୍ରପୀଡ଼ନ, ଆମ ପରଂପରାରେ କମ୍ ଘଟିନାଇ। ତେଣୁ ବଡ଼ ବୋଲି ଦେଖାଇ ହେବା ଆମ ପକ୍ଷରେ ନିତାନ୍ତ ଅସ୍ୱାଭାବିକ ନୁହେଁ। ଆଲୋଚନା ବେଳେ ଏହା ମଧ୍ୟ ମନେ ରଖିବାର ଅଛି।

## ସମାଲୋଚନା ମୂଳକ ବ୍ୟାଖ୍ୟାର ସୂଚନା

କାବ୍ୟର ପ୍ରାଣ, ରସ। ଅଳଂକାରରେ କାବ୍ୟର ଯାହା ଅପେକ୍ଷିତ ତା ଏହା ଅର୍ଥାଳଂକାରରେ—ଶବ୍ଦାଳଂକାରରେ ନୁହେଁ, କହିଲେ ଚଳେ। ଇଂଜାସ୍ କାବ୍ୟରେ ସେ ସବୁର ବ୍ୟାପ୍ତି ଓ

Digitized by srujanika@gmail.com

ସଂକେତ ପ୍ରଭୃତି ବିଶେଷ ବସ୍ତୁର ବିସ୍ତାରିତ ବୋଲି ମନେ ହେଉନାହିଁ । କିନ୍ତୁ ଆଉ ନହେଉଥିବେ . ସେଦିନ (୧୪-୫-୧୯୫୦) 'ଜୟନ୍ତୀ' ସଭାରେ ଜଣେ ବକ୍ତା ଏହି ବିଷୟରେ ଗୋଟିଏ ସୂଚନା-ଗର୍ଭିତ ବକ୍ତୃତା ଦେଇଥିଲେ । ସେ ଯାହା କହୁଥିଲେ, ସେଥିରୁ କେତେକାଂଶ ଧରି ଏ କ୍ଷେତ୍ରରେ ସମାଲୋଚନାମୂଳକ ପନ୍ଥା ସୂଚାଇ ଦେବା ପାଇଁ ଲେଖାଯାଉଛି ।

## ସାହିତ୍ୟ ମୀମାଂସାର ମତ

ସେ କହିଲେ, ଖାଲି ଉପେନ୍ଦ୍ରଭଞ୍ଜଙ୍କ ବାଲ୍ମୀକି, ମାଘ, ଭାରବି ପ୍ରଭୃତି ସଂସ୍କୃତ ଭାଷାର ପ୍ରଖ୍ୟାତ କବିମାନଙ୍କ ମଧ୍ୟ ପୁରସ୍କାର ଓ ତିରସ୍କାର ଦୁଇ କଥା ମିଳେ ।

ମଧ୍ୟଯୁଗରେ ଭାରତର ବିଶେଷତ୍ୱ ହେଉଛି, ସାହିତ୍ୟ ଓ ଅଳଂକାର ଶାସ୍ତ୍ରରେ ରସ ଓ ଅଳଂକାରାଦିର ତାତ୍ତ୍ୱିକ ଆଲୋଚନା । ଏହି ଆଲୋଚନାରେ ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ କରି ବିସ୍ତୃତ କରିବାରେ ପୁଣି ଓଡ଼ିଆଏ ପ୍ରସିଦ୍ଧି ଲଭିଥିଲେ । ଅଳଂକାରିକ 'ମଂଖକ' ନିଜ 'ସାହିତ୍ୟ ମୀମାଂସା'ରେ ଲେଖିଥିଲେ:—

୧ । ବୈଦର୍ଭୀ ରୀତି

"ଗୁଣ-ପ୍ରଧାନାଂ ଯୋ ରୀତିଂ
ବୈଦର୍ଭୀଂ ପ୍ରତିପଦ୍ୟତେ
ବର୍ଣ୍ଣ-ସ୍ୱର-ସୌଭାଗ୍ୟଂ
ସ କବିଃ ପ୍ରଥମଃ ସ୍ମୃତଃ ।"

ଅର୍ଥାତ୍, ବୈଦର୍ଭୀ ରୀତି ହେଉଛି, ବର୍ଣ୍ଣସ୍ୱରଙ୍କର ସୁଲଳିତ ଓ ମାଧୁର୍ଯ୍ୟାଦି ଗୁଣର ଦ୍ୟୋତକ । ସେହି ରୀତିକୁ ଯେଉଁ କବି ଅବଲମ୍ବନ କରେ, ସେହି ଏକା ପ୍ରଥମ ଶ୍ରେଣୀର କବି । ଏଥିରେ ବାଲ୍ମୀକି ଓ କାଳିଦାସଙ୍କୁ ସେ ଦୃଷ୍ଟାନ୍ତ ଦେଇଛନ୍ତି ।

Digitized by srujanika@gmail.com

ଏଠାରେ କହି ଦେବାର ଅଛି, ଆଗେ କାବ୍ୟ ବା କବିତାରେ ମାଧୁର୍ଯ୍ୟାଦି ଗୁଣମାନଙ୍କର ବିସ୍ତୃତ ଲକ୍ଷ ଯାଉଥିଲା । ପରେ ଏହି ଗୁଣର ଦ୍ୟୋତନାରୁ ବିଶ୍ଳେଷଣରେ ଅନ୍ତର ଦୂରକୁ ଯାଇ ଅଲଂକାରିକ-ମାନେ 'ରସ' ଓ 'ଧ୍ୱନି' ବାହାର କରିଥିଲେ ।

୨ । ବୈଦଗ୍ଧୀ ରୀତି

ଦ୍ୱିତୀୟ ଶ୍ରେଣୀର କବିଙ୍କୁ ମଂଖକ ନାମ ଦେଇଛନ୍ତି, 'ବିଦଗ୍ଧ' ।—

"ଯୋ ବକ୍ରୋକ୍ତି-ପ୍ରଧାନଃ ସ୍ୟାତ୍
ସ ବିଦଗ୍ଧ ଇତୀର୍ଯ୍ୟତେ ।"

ଅର୍ଥାତ୍, ଯାହାଙ୍କ କାବ୍ୟ ବା କବିତାରେ ବକ୍ରୋକ୍ତି ବେଶି ତାଙ୍କୁ ବିଦଗ୍ଧ କୁହାଯାଏ । ଏହି ବକ୍ରୋକ୍ତି ଯେନ ପରବର୍ତ୍ତୀ କାଳରେ ବହୁ ବିସ୍ତୃତ ବିଶ୍ଳେଷଣ କରାଯାଇଛି । ସ୍ପଷ୍ଟ ଜଣା ଯାଉଛି, କାବ୍ୟ ଧାରା କ୍ରମେ କୃତ୍ରିମ ହେବାରେ ଗୁଣ-ପ୍ରଧାନ ବର୍ଣ୍ଣୀ-ସୌନ୍ଦର୍ଯ୍ୟ-ଯୁକ୍ତ ସରଳ ବୈଦର୍ଭୀ ରୀତିର କାବ୍ୟରୁ ରୁଚି ବକ୍ରୋକ୍ତିକୁ ଖସି ଆସିଛି । ଏଥିରେ ମଂଖକ, ବ୍ୟାସ ଓ ବାଣଙ୍କୁ ଦୃଷ୍ଟାନ୍ତ ଦେଇଛନ୍ତି । ବାଲ୍ମୀକିରୁ ବ୍ୟାସ ଓ କାଳିଦାସଙ୍କ ହାତରେ କାବ୍ୟ ବା କବିତାର ଯେ ଗତି ହୋଇଛି, ତା ବିସ୍ତାର କଲେ ବୈଦର୍ଭୀରୁ ବକ୍ରୋକ୍ତିକୁ ଗତି ବେଶ ଧରାଯିବ ।

୩ । ଆରୋଚକୀ ରୀତି—ଅର୍ଥାଲଂକାର ନିବନ୍ଧ ।

ତୃତୀୟ ଶ୍ରେଣୀର କବିଙ୍କୁ ମଂଖକ ନାମ ଦେଇଛନ୍ତି, 'ଅରୋଚକ,' ଅର୍ଥାତ୍, ଯାହାଙ୍କୁ ସହଜରେ କିଛି ରୁଚେ ନାହିଁ—ଝୁଣ୍ଟି ଝୁଣ୍ଟିଆ—ଇଂରେଜୀରେ ଯାହାକୁ କହନ୍ତି—Fastidious

"ଅର୍ଥାଲଂକାରନିଷ୍ଠୋ ଯୋ ଜ୍ଞେୟଃ କବିରରୋଚକଃ"

Digitized by srujanika@gmail.com

ଅର୍ଥାତ୍, ଉପମା, ଉତ୍ପ୍ରେକ୍ଷା, ରୂପକ ପ୍ରଭୃତି ଅର୍ଥାଳଂକାରରେ ଯେଉଁ କବିଙ୍କର ନିଷ୍ଠା, ତାଙ୍କୁଇ ଅର୍ଥ୍ୟେକ ବୋଲି ଜାଣ ।

ଏହାର ଉଦାହରଣରେ ସେ ନାମ କରନ୍ତି, 'ମାଘ' ଅଉ 'ଭାରବି' । ବ୍ୟାସଙ୍କଠୁ ଭାରବିଙ୍କ ଅବଧି ତଥା ବାଲ୍ମିକିଠୁ ମାଘଙ୍କ ଅବଧି ବୃଦ୍ଧିମତାର ଗତି ମଧ୍ୟ ଏଟି ଲକ୍ଷ୍ୟ କରିବାର ଅଛି ।

୪ । ଗୌଡ଼ୀରୀତି—ଶବ୍ଦାଳଂକାର ପରମା

ଚତୁର୍ଥ ବା ଅନ୍ତ ନିମ୍ନଶ୍ରେଣୀର କବିଙ୍କୁ ସେ ନାମ ଦେଇଛନ୍ତି, ସର୍ବ୍ବଣାଭ୍ୟବହାରକ, ଅର୍ଥାତ୍, କୁଞ୍ଚାଭାଟି ଭଳି ନବାଛି ଯେ ସବୁ ଖାଇଯାଏ—ସର୍ବ୍ବଭକ୍ଷୀ ।

"ଯଃ ଶ୍ଳେଷ-ଖଣ୍ଡ-ଯମକ-ନିବନ୍ଧ-ସ୍ତୋମ ଭୂୟସୀଂ
ଗୌଡ଼ୀଂଚ ଶ୍ଲାଘତେ ସସ୍ୟାତ୍ ସର୍ବ୍ବଣାଭ୍ୟବହାରକଃ ।"

ଅର୍ଥାତ୍, ଯେଉଁ କବି ଶ୍ଳେଷ ଖଣ୍ଡ ଯମକ ପ୍ରଭୃତି ନିବନ୍ଧମାନ ଭର୍ତ୍ତି ହୋଇଥିବା ଗୌଡ଼ୀ ଶୈଳୀରେ କାବ୍ୟ ବା କବିତା ଲେଖି ଭଲ ବୋଲି ହେଣ୍ଡିମାରେ, ସେଇ କବିଙ୍କୁ ଏବା ସର୍ବ୍ବଣାଭ୍ୟବହାରକ ବୋଲି କୁହାଯାଏ ।

ଉଦାହରଣରେ 'ନୈଷଧ' ଓ ଭୌମ ଲେଖ

'ହରି ଭଟ୍ଟ' ପ୍ରଭୃତି ଏଇ ଶ୍ରେଣୀର କବି ହୋଇ ମଂଖକ ଉଦାହରଣ ଦେଇଛନ୍ତି । ମଂଖକଙ୍କ ବେଳକୁ ଶ୍ରୀହର୍ଷ ନୈଷଧ ଲେଖି ନ ଥିଲେ । ହେଲେହେଁ ଗୌଡ଼ୀଶୈଳୀ ସମ୍ବଳିତ କାବ୍ୟର ଭଲ ଉଦାହରଣ ନୈଷଧ ବା ନୈଷଧୀୟ-ଚରିତ୍ରରେ ଏବେ ମିଳିବ । ଓଡ଼ିଶାର ଭୌମ ସମ୍ରାଟମାନଙ୍କ ଶିଳାଲେଖମାନଙ୍କରେ ଥିବା କାବ୍ୟରେ ମଧ୍ୟ ଏଇ ଗୌଡ଼ୀଶୈଳୀର ପ୍ରାଚୁର୍ଯ୍ୟ ଦେଖାଯାଏ । ଉଂକୀୟ କାବ୍ୟକଳା ଏକ ଦିଗରେ ନୈଷଧୀୟ ଓ ଅନ୍ୟ ଦିଗରେ ଭୌମଯୁଗୀୟ ଶୈଳୀର ପ୍ରଚୁର ପ୍ରକାଶ, କହିଲେ ହୁଏ । ନୈଷଧରୁ

Digitized by srujanika@gmail.com

ଧାଡ଼ି ଓ ଶ୍ଳୋକ ସବୁ ଉପେନ୍ଦ୍ର ଭଞ୍ଜ ଅନୁବାଦ ଓ ବ୍ୟାଖ୍ୟା କରିଥିବାର ଗୁରୁ ଦେଖାଇ ଦିଆଯାଇ ପାରେ । ତେଣୁ ଶାସନ ଲେଖାରେ ଥିବା ଶ୍ଳେଷ ଓ ଶବ୍ଦଶ୍ଳେଷ ସମ୍ବଳିତ ପୂର୍ଣ୍ଣୋପମା ସବୁ ଠିକ୍ ଉପେନ୍ଦ୍ର ଭଞ୍ଜଙ୍କ ଲେଖାର ପୂର୍ବସାଧନା ବା 'ହାତବଳା' ପରି ମନେ ହୁଏ ।

## ଶ୍ଳେଷ ଓ ଶ୍ଳେଷର କାବ୍ୟତ୍ୱ

ସଂସ୍କୃତ 'ଅଭ୍ରଣାଭ୍ୟବହାରକ' ବା ସମୀକ୍ଷକ କବିଙ୍କ ଲକ୍ଷଣ-ରେ ଯେଉଁ 'ଶ୍ଳେଷ' କଥା ଲେଖିଛନ୍ତି, ସେ ଶ୍ଳେଷ ଅର୍ଥ ହେଉଛି, ଏକାଧିକ ଅର୍ଥବୋଧକ ଶବ୍ଦ ପ୍ରୟୋଗ କରି ସେଇଠାରେ ତାକୁ ଭିନ୍ନ ଭିନ୍ନ ଅର୍ଥ ପାଇଁ ବ୍ୟବହାର କରିବା, କିମ୍ବା ଏକ ଶବ୍ଦକୁ ଅକ୍ଷର ଧରି ଭିନ୍ନ ଭିନ୍ନ ପ୍ରକାରରେ ବାଣ୍ଟି ବିଭିନ୍ନ ଅର୍ଥ ପ୍ରକାଶ ପାଇଁ ଖଞ୍ଜିବା । ସମସ୍ତଙ୍କୁ ଜଣାଥିବ 'ବୈଦେହୀଶ ବିଳାସ'ରେ ସୂର୍ପଣଖାଙ୍କ ନାକ-କାନ କାଟିବା ପାଇଁ, କପଟ ସ୍ୱମ, ଲକ୍ଷ୍ମଣଙ୍କୁ କହୁଚନ୍ତି ।

"ନାରୀ ନାକ ଶିର ଦାନ ଯୋଗ୍ୟ ତୋ ପାଖୁ ।
ସତ୍ୱର ଭାଜନ କର ଅଲିଙ୍ଗନକୁ ॥"

ଏଠାରେ ନାକ ( ନାସିକା ଓ ସ୍ୱର୍ଗ ), ଦାନ ( ଛେଦନ ଓ ଦେବା ) ଓ ସତ୍ୱର ( କାଟିଦିଅ ଓ ଶୀଘ୍ର କର ) —ପଦମାନଙ୍କରେ ଦୁଇ ଦୁଇ ଅର୍ଥ ଥିବାରୁ ଅଭଙ୍ଗ ଶ୍ଳେଷ, ପୁଣି 'ଭାଜନ କର' ଏହି ବାକ୍ୟାଂଶରେ (ସତ୍ୱର) ଭାଜ ନ କର ଓ (ସତ୍ୱର) ଭାଜନ କର—ଏଇପରି ନ ଭାବକୁ କାଟି ଏଣେ ତେଣେ ଯୋଡ଼ିବାରେ ସଭଙ୍ଗ ଶ୍ଳେଷ ଅଛି । ଥିଲେବି ଏପରି ଶବ୍ଦାଳଙ୍କାରରେ କ କାବ୍ୟ ବା କବିତା ପ୍ରକାଶ ପାଉଛି, ତା ବିଶ୍ୱନାଥ କବିରାଜଙ୍କ, ପରେ ବ ଅଳଙ୍କାରବିଧାନଙ୍କର ହୁଏତ ଅନୁସନ୍ଧାନର ବିଷୟ

Digitized by srujanika@gmail.com

ଅବଶ୍ୟ ପୂର୍ବଲେଖାକୁ ଲକ୍ଷ୍ୟ କରି ସମ ସଙ୍କେତରେ ଲକ୍ଷ୍ମଣଙ୍କ, କହୁଚନ୍ତି ବୋଲି ଏଠି ହୁଏତ କେହୁ ଏଥିରେ ଟାଣି ଓଟାଣି ଧ୍ୱନିର ସଞ୍ଚାର ଦେଖାଇ କାବ୍ୟର ଯଥାର୍ଥତା ଅନ୍ୱେଷଣ କରିବାର ଉଦ୍ୟମ କରି ପାରନ୍ତି । ମାତ୍ର ସବୁଠି ଏ ଅନ୍ୱେଷଣ ଚଳିବ ନାହିଁ । ଉପେନ୍ଦ୍ରଭଞ୍ଜ ଓ ଭଞ୍ଜଯୁଗ କାବ୍ୟରେ ପୂରି ରହିଥିବା ସଂଭଙ୍ଗ ଅଭଙ୍ଗ ଓ ଭଙ୍ଗାଭଙ୍ଗାଦି ଶ୍ଳେଷ ତଥା ଅନ୍ୟାନ୍ୟ ବହୁବିଧ ଶବ୍ଦାଳଙ୍କାରକୁ ଏହି ଦୃଷ୍ଟିରେ ଯେ କେହି ଆଲୋଚନା କରି ପାରନ୍ତି ।

ଚିତ୍ର-କାବ୍ୟ

ସେଇପରି ପୁଣି 'ଚିତ୍ର' । ଆଳଙ୍କାରିକ ଆନନ୍ଦ-ବର୍ଦ୍ଧନ 'ଧ୍ୱନ୍ୟାଲୋକ' ରେ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାରମୟ ସମସ୍ତ କାବ୍ୟକୁ 'ଚିତ୍ର-କାବ୍ୟ' ବୋଲି କହୁଚନ୍ତି । ତଥାପି ଏହି 'ଚିତ୍ର-କାବ୍ୟ' ସର୍ବନିମ୍ନ ଶ୍ରେଣୀର କାବ୍ୟ ବୋଲି ତାଙ୍କର ମତ । ଉପମାଦି ଅର୍ଥାଳଙ୍କାରକୁ ଚିତ୍ର କାବ୍ୟରେ ଗଣନା କଲେ ଯେବେ ଆନନ୍ଦ-ବର୍ଦ୍ଧନ, ଚିତ୍ର-କାବ୍ୟକୁ ସର୍ବ ନିମ୍ନ ଶ୍ରେଣୀର କାବ୍ୟ ବୋଲି ଠିକ୍ କଲେ, ତେବେ ସେ ଉପେନ୍ଦ୍ର ଭଞ୍ଜଙ୍କ ଚିତ୍ର-କାବ୍ୟ-ବନ୍ଧୋଦୟକୁ କେଉଁ ସ୍ଥାନ ଦିଅନ୍ତେ ? ଆନନ୍ଦ-ବର୍ଦ୍ଧନ ଖ୍ରୀଷ୍ଟ ୯ମ ଶତକର ଲୋକ । ଉପେନ୍ଦ୍ର ଭଞ୍ଜ ତାଙ୍କର ୯୦୦ ବର୍ଷ ପରର ଲୋକ । ଏହି ୯୦୦ ବର୍ଷ ଭିତରେ ପରାଧୀନ ଭାରତରେ କାବ୍ୟର କୃତ୍ରିମତା ଓ ଆଳଙ୍କାରର ପରିସ୍ଥିତିରେ ଓଡ଼ିଆଙ୍କ ଗୌଡ଼ୀୟରୀତିର ଚିତ୍ରାଣ-ସାହିତ୍ୟ-ଇତିହାସବେତ୍ତାଙ୍କର ଦୃଷ୍ଟି ପ୍ରଣିଧାନ ଓ ଆଲୋଚନାର ବିଷୟ । ଉପେନ୍ଦ୍ର ଭଞ୍ଜଙ୍କ 'ଚିତ୍ର-କାବ୍ୟ-ବନ୍ଧୋଦୟ' ଯେ ପଢ଼ିଥିବେ ଓ ତହିଁସଙ୍ଗେ ଭଞ୍ଜ ଓ ଭଞ୍ଜଯୁଗ ଚିତ୍ର-କାବ୍ୟ-ଚିନ୍ତା ଅନୁଧାବନ କରିଥିବେ, ସେ ବେଶ୍ ବୁଝିପାରିଥିବେ, କିପରି ଆନନ୍ଦ ବର୍ଦ୍ଧନଙ୍କ କାଳର ଚିତ୍ର-କାବ୍ୟକୁ 'ଚକିଟି ଶବ୍ଦ ଗୁଣି' ଉପେନ୍ଦ୍ର ନିଜର

Digitized by srujanika@gmail.com

'ଚିତ୍ର-କାବ୍ୟ-ବନ୍ଧୋଦୟ' ଓ ଅନ୍ୟାନ୍ୟ ଚିତ୍ର-କାବ୍ୟ-କଳା ପ୍ରକାଶ କରିଥିଲେ ।

**ଭଂଜଙ୍କ ଅର୍ଥାଳଂକାର**

ଆନନ୍ଦବର୍ଦ୍ଧନ ଅର୍ଥାଳଂକାରକୁ ଉଚ୍ଚକାବ୍ୟରେ ସ୍ଥାନ ଦେଇଛନ୍ତି । କିନ୍ତୁ ଉପେନ୍ଦ୍ରଙ୍କ ଅର୍ଥାଳଂକାର ମଧ୍ୟ ଶବ୍ଦାଳଂକାର ସ୍ତରର ଯେଉଁ ପ୍ରକାଶ ପାଏ । ବର୍ଷାକାଳକୁ ବାଧକ ବୋଲି ବର୍ଣ୍ଣନା କରୁଁ କରୁଁ ପୂର୍ଣ୍ଣୋପମାକୁ ପରିପୂର୍ଣ୍ଣ କରିବାକୁ ଯାଇ ସେ କହନ୍ତି—

"ବୃଷ ପତ୍ର ଲୀନ । ଅଗତେ ସେ ଗିଳିଦେଲା ଧନ" ।

ବର୍ଷାର ମେଘରେ ବୃଷପତ୍ର ହୋଇଲେ, ତାରାମାନେ ଲୀନ ହେଲେ, କି ଲକ୍ଷଗଣରେ । ପୁଣି ବାଧ ଅର୍ଥରେ, ବୃଷ ପତ୍ର କି ସ୍ୱଳ୍ପମାନେ ବାଧ ଅସିବାରୁ ଲୁଚିଗଲେ । ବର୍ଷାରେ ସ୍ୱଳ୍ପ ବି ବାହାରନ୍ତି ନାହିଁ । ପୁଣି ସେ ବର୍ଷାକାଳ, ଅଗ ତରି ଧନ ହୋଇଲେ, ଅନେକଙ୍କୁ ଗିଳିଦେଲା—ସୂର୍ଯ୍ୟଙ୍କୁ ମେଘରେ ଘୋଡ଼ାଇଦେଲା । ବାଧ ହୋଇ ଥିବାରୁ ଦୀନ ହୋଇଥିଲେ, ଧୂର୍ତ୍ତଙ୍କୁ ଚିଲିଦେଲା । ବର୍ଷାକାଳରେ ଦୀନ ବା ଦୁଃଖୀ ଲୋକମାନେ ମୂଲ ଲାଗି ବା ଭିକ ମାଗି ବାହାରି ପାରନ୍ତି ନାହିଁ । ଏହା ଶବ୍ଦାଳଂକାର; ଅନ୍ତତଃ ଅର୍ଥାଳଂକାରକୁ ପଛକୁ ପକାଇ ଶ୍ଳେଷ ଶୁଦ୍ଧତା ଦେଖାଇବାର ଉଦ୍ୟମ ଏଠି ସ୍ପଷ୍ଟ ।

**ସଂଗତି—**

ପୁଣି ଭଂଜ ଓ ଭଂଜପୂର୍ବ ଅର୍ଥାଳଂକାର ତଥା ଅନ୍ୟାନ୍ୟ ଅନେକ ଗ୍ରନ୍ଥ ପ୍ରକାଶମାନ ମାଇପଙ୍କ ଯୋଡ଼ି ମୁଦ୍ରଣରେ ଚିତ୍ର ହୋଇଥିବା ପଶୁ, ପକ୍ଷୀ, ଚନ୍ଦ୍ର, କୋଟି, ନାଆ, ହାତୀ, ଘୋଡ଼ା ପ୍ରଭୃତି ସବୁ ଅଳଂକାର ଶାସ୍ତ୍ର ବର୍ଣ୍ଣନାର 'ସଂକେତ (Convention) ର ପ୍ରଭାବରେ କେତେ ଓ କିପରି ପ୍ରଭାବିତ ତା ବିଚାରି ଦେଖିବାର ଅଛି ।

Digitized by srujanika@gmail.com

ପରମ୍ପରାର ସଙ୍ଗୀତରେ ଏପରି ଅର୍ଥାଳଂକାର ପ୍ରୟୋଗମାନ ସାଧାରଣତଃ ଥାଏ । ଆମ କାବ୍ୟ-କବିତାରେ ତା ଖୁବ୍ ଅଛି । ଉଦାହରଣ ସ୍ୱରୂପ କୀର୍ତ୍ତି ଓ ହାସ୍ୟକୁ ଧଳା ବୋଲି କହିବା ଓ ଧଳାଟିର ଉପମା ଦେବା । ଖଳକୁ ସାପର ଦ୍ୱିଜିହ୍ୱ ଜନ୍ତୁ ବୋଲି କହିବା ଇତ୍ୟାଦି । ଶଂଭୁ ଉପେନ୍ଦ୍ର ଓ ଭଞ୍ଜୀପ୍ରମୁଖମାନେ ଏଇ ସଂଗୀତମାନ ବ୍ୟବହାର କରିଛନ୍ତି, ଓ ସଂଗୀତମାନଙ୍କ ବ୍ୟବହାରରୁ ତାଙ୍କ ଲେଖା ବାନ୍ଧାଇବା—ଏହା ଭାବିବା, ବେଳେ ବେଳେ କଷ୍ଟ ହୁଏ । ଛନ୍ଦବିଦ୍ମାନେ ଏହା ଖୁବ୍ ଜାଣନ୍ତି ।

## ଭଞ୍ଜୀୟଙ୍କ ଚିତ୍ରକାବ୍ୟ—

ମନେ ହୁଏ, ଏଇ ସଙ୍ଗୀତ ବାଟେ ଯାଇ ଯାଇ ଭଞ୍ଜ ଓ ଭଞ୍ଜୀପ୍ରମୁଖମାନେ ଚିତ୍ରକାବ୍ୟ ବୋଲି ବିଶ୍ୱନାଥ କବିରାଜଙ୍କ ସାହିତ୍ୟ ଦର୍ପଣର 'ଖଡ୍ଗାଦ୍ୟାକାର' ଚିତ୍ରମାନ ପ୍ରୟୋଗରେ ବେଶି ଲାଗିଛନ୍ତି । ଗୋମୂତ୍ର ବନ୍ଧ, ପଦ୍ମ ବନ୍ଧ, ଚକ୍ର ବନ୍ଧ, ଛତ୍ର ବନ୍ଧ, ଅଷ୍ଟାଳୀ ବନ୍ଧ ଓ ସେଇ ଅନୁକ୍ରମେ ଏବେ ସେ ଦିନର ଗ୍ରନ୍ଥ-ଅଭ୍ୟାସୀମାନଙ୍କ ହାତଖୋ ବନ୍ଧ, ପଶାପାଳି ବନ୍ଧ, ଫରୁଆ ବନ୍ଧ, ଚଟୁଆ ବନ୍ଧ, ହଳଦୀ ଲାଡୁଆ ବନ୍ଧ, ଚୂଡ଼ୀ ବନ୍ଧ ପ୍ରଭୃତି କେଉଁ ଭାବ୍ୟରେ ଯିବ, ତା ହୁଏତ କହିବା କଷ୍ଟ । କାହିଁକନା, ବିଶେଷରେ ସେଇ ବିଶ୍ୱନାଥ କବିରାଜ ପୁଣି ସେଇ 'ସାହିତ୍ୟ ଦର୍ପଣ'ରେ କାବ୍ୟର ସଂଜ୍ଞା ଦେଇଛନ୍ତି, 'ରସାତ୍ମକ ବାକ୍ୟ' । ଏ ଚିତ୍ରକାବ୍ୟରେ କେଉଁଣି ମିଶାଇ ଛେଚି, ଶବ୍ଦୁ ଫଲେ, କେଉଁଠି କ ରସ ବାହାରିବ, ତା ଦେଖାଇ ଦେବାର ଅଛି । ପୁଣି ଅନ୍ୟ ଲୋକ ମଧ୍ୟ କାବ୍ୟର ପ୍ରାଣ ଦେଖିଛନ୍ତି, ଧ୍ୱନି ବା ବ୍ୟଞ୍ଜନାରେ । ସେ ମଧ୍ୟ କହନ୍ତି ଚିତ୍ର-କାବ୍ୟରେ 'ଧ୍ୱନି'ର ସମ୍ପର୍କ ନାହିଁ । ତାଙ୍କ ଚିତ୍ର-

Digitized by srujanika@gmail.com

ତାତ୍ପର୍ଯ୍ୟ ପୁଣି ଖାଲି ଶବ୍ଦାଳଂକାର ସମ୍ପର୍କିତ ନୁହେଁ; ସେଥିରେ ଅର୍ଥାଳଂକାର ବି ଅଛି ।

ଅନୁଲିପି ବହୁଲିପି

ଅନୁଲିପି ବହୁଲିପି ପ୍ରଭୃତି ପୁଣି ଉଂରାଜୀଙ୍କ ଶବ୍ଦ-ତାତ୍ପର୍ଯ୍ୟର ଗୋଟିଏ ଅଙ୍ଗ । ସେଥିରେ ଯେ ପରଂପରା ଥାଇ,ସେ ଉଚ୍ଚ ସ୍ତରୀୟକୁ କାବ୍ୟ ନାମ ଦେଇ ବୁଝାଇ ହେବାରେ ସାମାଜିକ ମାନବ ଶବ୍ଦ-ଚତୁରତାର କେଉଁ ସ୍ତର ବା ପୀଠରେ ରହୁଛ, ତା ମଧ୍ୟ ବୁଝିବ ରଖିବାର ଅଛି । ଏବେ ପିଲାଙ୍କ ଶବ୍ଦ ତଆର (Word building) ଠଣ ସଂବେଦନକୁ ରୂପ ତଆର ପ୍ରଭୃତି କାହିଁକି, ବୋମ୍ବେର ଟାଇମସ୍ ଅଫ ଇଣ୍ଡିଆ ସାପ୍ତାହିକ (Times of India Weekly)ରେ ବାହାରୁଥିବା ଶବ୍ଦ ନିର୍ମାଣ ପ୍ରହେଳିକା (Cross word puzzle)କୁ ମଧ୍ୟ କାବ୍ୟ ବୋଲି କେହି କହୁନେ ନାହିଁ । ଏପରି ଅବସ୍ଥାରେ ଓଡ଼ିଆ ଅନୁଲିପି ବହୁଲିପିର କି ଗତି ?

ଯମକ—

ତାପରେ ଯମକ । ଶବ୍ଦରେ ବୋଲି କହିବା ବରଂ ଭଲ ହେବ—ବର୍ଣ୍ଣରେ ଏହାର ଗତି । ଅଶକ୍ତିତ କବି ସ୍ତୁତିରକ୍ଷୁ ପଲ୍ଲବରେ ଯମକୁଡ଼ି ଓ ବସ୍ତୁହୃତ ନେବାପାଇଁ ଭଲ ବଲ୍ଲଭର ଯମକକୁ ଧ୍ୱର ଶିଳ୍ପ କେବ, କି ଶବ୍ଦ-କାବ୍ୟ କେବ, ସେ ଭଲ ଛୁଣ୍ଡାଇବା ତୁଚ୍ଛ ବ୍ୟାପାର । ହେଲେହେଁ ରସ ବା ଧ୍ୱନିର ସ୍ଥାନ ଏଥିରେ ଅଛି କି ନାଇ, ଥିଲେ କପରି ଭେଦେ ଅଛି, ତା ମଧ୍ୟ ଆଲୋଚନାରେ ବ୍ୟାଖ୍ୟା କରି ଦେଖାଇ ଦେବା ଉଚିତ ।

ଗୌଡ଼ୀରୀତି ଓ ମତାନ୍ଧତା—

ଏ ସବୁ ଦେଖାଇ ନ'ପାରିଲେ, ଅଙ୍କ ବଂଶ ଶତାବ୍ଦୀର ଅର୍ଦ୍ଧପଥରେ ଠିଆ ହୋଇଥିବା ବଦାନ୍ୟମାନ ସାହିତ୍ୟିକମାନେ ମାନବେ

Digitized by srujanika@gmail.com

ନାହିଁ । ମମ୍ମଟ ଯେ ଗୌଡ଼ୀରୀତିର ଲକ୍ଷଣ ବୁଝାଇଲା ବେଳେ କହିଛନ୍ତି, 'ଶ୍ରାଘତେ' ଅର୍ଥାତ୍, [ଏକ ପ୍ରକାର ଲବ] ଅଟେ ଲେଖି ଲେଖି ଭଲ କବିତା ହୋଇଛି ବୋଲି ଅଯଥା ବାହାସ୍ଫୋଟ କରନ୍ତି, ସେହି ଅବସ୍ଥାକୁ ଯିବା ଠିକ ନୁହେଁ । ବିଶେଷ କଥା, ପୁଣି ଅଛି ଓ ମମ୍ମଟଙ୍କ ଭଳି ପୂର୍ବ ସୂରିମାନେ ବି ଲକ୍ଷ୍ୟକରି କହି ଯାଇଛନ୍ତି ଯେ, ବୈଦର୍ଭୀ ବା ଗୌଡ଼ୀରୀତିର କାବ୍ୟରେ ଏହିପରି ଅସ୍ପଷ୍ଟତା ଓ ଅବହେଳାର ପ୍ରକାଶ ଦେଖାଯାଇଥାଏ । ଏଥିରୁ ବସ୍ତୁରରେ ମହାନତା ଅଟେ । ଅତଏବ, ଏପରି ମହାନତା ଡଆଧ କରିବା ଆଲୋଚନାର ଠିକ ବାଟ ନୁହେଁ ।

### ଭଂଜଙ୍କ ଦେଜକ ପ୍ରତିଷ୍ଠାର ପନ୍ଥା ବିଚାର୍ଯ୍ୟ

ଶବ୍ଦ ବିନ୍ୟାସ ରୀତିରୁ ଆନନ୍ଦ ପାଇବାକୁ ସାହିତ୍ୟିକ ନାହାନ୍ତି ବୋଲି ଆମେ କହୁ ନାହିଁ । ଅଛନ୍ତି । ମାତ୍ର ସେ ରୀତିକ ଯଦି ଆମ ଜାତୀୟ କବିଙ୍କର ବିଶେଷତ୍ୱ ହୁଏ, ତେବେ ଜଗତରେ ପ୍ରତିଷ୍ଠା ପାଇବାରେ ତା ଆମକୁ କଥଧ କେତେ ସାହାଯ୍ୟ କରିବ, ଏହା ଏକାନ୍ତ ବିଚାର୍ଯ୍ୟ ।

Digitized by srujanika@gmail.com